ଓଡ଼ିଆ ସାହିତ୍ୟର ଇତିହାସ

ଚତୁର୍ଥ ଭାଗ

ଓଡ଼ିଆ ସାହିତ୍ୟର ଇତିହାସ

ତୃତୀୟ ଭାଗ

ଲେଖକ :
ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ, ଏମ୍. ଏ.

ଗ୍ରନ୍ଥମନ୍ଦିର
କଟକ : ବ୍ରହ୍ମପୁର

ପ୍ରକାଶକ
ଅଭିରାମ ମହାପାତ୍ର
ଗ୍ରନ୍ଥ ମନ୍ଦିର
କଟକ : ବ୍ରହ୍ମପୁର

ପ୍ରଥମ ମୁଦ୍ରଣ
ଫେବୃଆରୀ, ୧୯୭୭

ମୁଦ୍ରାକର
ଜୟରାମ ମହାପାତ୍ର
ଗ୍ରନ୍ଥ ପ୍ରକାଶିନୀ
କଟକ-୧

ସାଦା ବନ୍ଧେଇ ଟ୧୪.୦୦
ବୋର୍ଡ଼ ବନ୍ଧେଇ ଟ୧୬.୦୦

History of Oriya Literature
Vol. III

Author
Pandit S. N. Das, M. A.

Published by:
Grantha Mandir.
Cuttack-2 : Berhampur.

Printed at
Grantha Prakasini
Cuttack-1
1966

Price
Rs. 16·00

लेखक
पंडित एस्. एन्. दाश, एम्. ए.

प्रकाशक :
ग्रन्थ मन्दिर
कटक—२ : ब्रह्मपुर

मुद्रक :
ग्रन्थ प्रकाशिनी
कटक—१

मूल्य :
१६=००

ओड़िआ साहित्यर इतिहास
तृतीय भाग

ଧପଦ

ମୋର ଶାରୀରିକ ଅସୁସ୍ଥତା ପୂର୍ବବତ୍ ରହିଛି । ଏ ଭାଗଟିକୁ ସର୍ବାଙ୍ଗସୁନ୍ଦର କରିବା ପାଇଁ କଳ୍ପନା କରିଥିଲେ ମଧ୍ୟ ଏହି କାରଣରୁ ତାହା କରି ପାରିନାହିଁ । ତେବେ, ଆଲୋଚନାର ସ୍ୱତରେ କୌଣସି ତ୍ରୁଟି ଘଟିନାହିଁ ।

ଏହି ଭାଗରେ ମରହଟ୍ଟାଯୁଗ ଶେଷ କରିବା ଇଚ୍ଛା ଥିଲା । କିନ୍ତୁ ଗ୍ରନ୍ଥର କଳେବର ଅତି ପ୍ରକାଣ୍ଡ ହୋଇଯିବା ଆଶଙ୍କାରେ ଏତିକରେ ଏ ଭାଗକୁ ଶେଷ କଲି । ସ୍ୱାସ୍ଥ୍ୟ ଭଲ ରହିଲେ ଅନ୍ୟ ଭାଗରେ ଆଧୁନିକ ଯୁଗ ପର୍ଯ୍ୟନ୍ତ ବିଷୟ ପ୍ରକାଶ କରିବା ଆଶା ରହିଛି ।

ମୋ ସ୍ୱାସ୍ଥ୍ୟ ଅବନତି-ଜନିତ ଅସୁବିଧା ସତ୍ତ୍ୱେ ଗ୍ରନ୍ଥମନ୍ଦିରର ମାଲିକ ବନ୍ଧୁ ଶ୍ରୀ ଶ୍ରୀଧର ମହାପାତ୍ର ଓ ତାଙ୍କ ପୁତ୍ର ଗ୍ରନ୍ଥ ପ୍ରକାଶିନୀ ପ୍ରେସର ମାନେଜର ଶ୍ରୀ ଜୟରାମ ମହାପାତ୍ର ବହୁ ଶ୍ରମସ୍ୱୀକାର କରି ଏହି ଗ୍ରନ୍ଥ ପ୍ରକାଶ କରି ପାରିଛନ୍ତି । ତେଣୁ ମୁଁ ସେମାନଙ୍କଠାରେ ଋଣୀ ।

ମୋର କନିଷ୍ଠଭ୍ରାତା ଶ୍ରୀ ରାଧାକୃଷ୍ଣ ଦାଶ ଗ୍ରନ୍ଥ ଯୋଜନା ଓ ବିଷୟ ସଂଗ୍ରହରେ ବହୁବିଧ ସାହାଯ୍ୟ କରିଥିବାରୁ ମୋର ଆଶୀର୍ବାଦ ଜଣାଉଅଛି !

ସୂର୍ଯ୍ୟନାରାୟଣ ଦାଶ
ଲଣ୍ଡା ଦେଉଳ
କଟକ-୨

ସୂଚୀପତ୍ର

ପ୍ରଥମ ଅଧ୍ୟାୟ

ମୁସଲମାନ ଯୁଗ (ଖ) ଦିବ୍ୟସିଂହ ଯୁଗ
ବା ଉପେନ୍ଦ୍ର ଯୁଗ ବା କାବ୍ୟଯୁଗ

ପ୍ରଥମ ପରିଚ୍ଛେଦ—

ଉପେନ୍ଦ୍ର ଭଞ୍ଜ—(୧) ଶୋଭାବତୀ—(୨) ଛାନ୍ଦ ଭୂଷଣ—(୩) କଳା-କଉତୁକ—(୪) ସୁଭଦ୍ରା ପରିଣୟ—(୫) ଅବନା ରସତରଙ୍ଗ—(୬) ରାମଲୀଳାମୃତ—(୭) ପ୍ରେମସୁଧାନିଧି—(୮) ରସିକ ହାରାବଳୀ—(୯) ସୁବର୍ଣ୍ଣରେଖା— (୧୦) ରସପଞ୍ଚକ—(୧୧) ଗୀତାଭିଧାନ—(୧୨) ଚିତ୍ରକାବ୍ୟ ବନ୍ଧୋଦୟ—(୧୩) ଲାବଣ୍ୟବତୀ—(୧୪) କ୍ଷୁଦ୍ର କବିତା—(୧୫) ଉପସଂହାର ପୃ: ୧—୨୮୨

ଦ୍ୱିତୀୟ ପରିଚ୍ଛେଦ—

ବିଶ୍ୱନାଥ ଖୁଣ୍ଟିଆ ପୃ: ୨୮୩—୨୯୮

ଦ୍ୱିତୀୟ ଅଧ୍ୟାୟ

ମରହଟ୍ଟା ଯୁଗ ବା ଉପେନ୍ଦ୍ର ଯୁଗ

ପ୍ରଥମ ପରିଚ୍ଛେଦ—

ଯୁଗ ପରିଚୟ ପୃ: ୨୯୯—୩୦୯

ଦ୍ୱିତୀୟ ପରିଚ୍ଛେଦ—

ବୈଷ୍ଣବ କବି ବନମାଳୀ ଦାସ—(୧) ଗୂଢ଼ ଇଚ୍ଛାବତୀ ପୃ: ୩୧୦—୩୨୪

ତୃତୀୟ ପରିଚ୍ଛେଦ—

ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା— (୧) ଲଳିତ ଲୋଚନା—(୨) ମୋହନ କଳ୍ପଲତା—(୩ ଯୁଗଳରସାମୃତ ଲହରୀ—(୪) ଯୁଗଳ ରସାମୃତ ଭଉଁରୀ—(୫) ପ୍ରେମ ତରଙ୍ଗିଣୀ—(୬) ପ୍ରେମ କଳ୍ପଲତା—

(୭) ବ୍ରଜଲୀଳାମୃତ ସମୁଦ୍ର— (୮) ନାମ ଚିନ୍ତାମଣି— (୯) ନିସ୍ତାର ନୀଳମଣି— (୧୦) ଚୌର ଚିନ୍ତାମଣି ପୃ: ୩୬୫—୫୧୯

ଚତୁର୍ଥ ପରିଚ୍ଛେଦ—

ବୈଷ୍ଣବ କବି ଦାଶରଥି ଦାସ ପୃ: ୫୨୦ – ୫୩୭

ପଞ୍ଚମ ପରିଚ୍ଛେଦ—

ରଘୁନାଥ ଭଞ୍ଜ ପୃ: ୫୩୮ – ୫୬୩

ଷଷ୍ଠ ପରିଚ୍ଛେଦ—

ରାଜା ପଦ୍ମନାଭ ଶ୍ରୀଚନ୍ଦନ ପୃ: ୫୬୪ – ୫୯୫

ସପ୍ତମ ପରିଚ୍ଛେଦ—

ରାଜା ତ୍ରିବିକ୍ରମ ଭଞ୍ଜ ପୃ: ୫୯୬—୬୧୨

ଅଷ୍ଟମ ପରିଚ୍ଛେଦ—

କୃପାସିନ୍ଧୁ ଦାସାଦି କେତେକ କବି— (୧) କୃପାସିନ୍ଧୁ ଦାସ— (୨) ରାଜା ପୁରୁଷୋତ୍ତମ ମାନଧାତା— (୩) କବି ଲକ୍ଷ୍ମଣ— (୪) ତ୍ରିପୁରାରି ଦାସ— (୫) ରତ୍ନାକର ଦାସ— (୬) ଚନ୍ଦ୍ରମଣି ଦାସ— (୭) ଚୈତନ୍ୟ ଦାସ ପୃ: ୬୧୩ – ୬୩୫

ନବମ ପରିଚ୍ଛେଦ—

ରାଜା ନାରାୟଣ ଦେବ ପୃ: ୬୩୬—୬୪୪

ଦଶମ ପରିଚ୍ଛେଦ—

ପୀତାମ୍ବର ଦାସ ପୃ: ୬୪୫ – ୬୮୦

ଏକାଦଶ ପରିଚ୍ଛେଦ—

ରାଜକବି କୃଷ୍ଣଚନ୍ଦ୍ର ସିଂହ ପୃ: ୬୮୧ – ୬୯୭

ଦ୍ୱାଦଶ ପରିଚ୍ଛେଦ—

ନାରାୟଣ ଦାସ : ମହାଦେବ ଦାସ : ରାମଦାସାଦି କବି— (୧) ନାରାୟଣ ଦାସ— (୨) ମହାଦେବ ଦାସ—(୩) ରାମ ଦାସ—(୪) ନୀଳାମ୍ବର ଦାସ— ପୃ: ୬୯୮ – ୭୨୨

ପ୍ରଥମ ଅଧ୍ୟାୟ

ମୁସଲମାନ ଯୁଗ (ଖ)

ଧନଞ୍ଜୟ ଯୁଗ ବା ଉପେନ୍ଦ୍ର ଯୁଗ ବା କାବ୍ୟ ଯୁଗ

ପ୍ରଥମ ପରିଚ୍ଛେଦ

ଉପେନ୍ଦ୍ର ଭଞ୍ଜ

(ଦ୍ୱିତୀୟ ଭାଗ, ତୃତୀୟ ଅଧ୍ୟାୟ, ଅଷ୍ଟମ ପରିଚ୍ଛେଦ ପରେ)

ଲାବଣ୍ୟବତୀ

ସାରକଥା—୧ମ ଛାନ୍ଦ—କବି ସୀତା, ରାମ ଓ ଶିବଙ୍କୁ ବନ୍ଦନା କରି କାବ୍ୟର କଥାବସ୍ତୁ ଆରମ୍ଭ କରିଛନ୍ତି । କେରଳ ଦେଶର ରାଜା କୁସୁମଶର, ରାଣୀ ପଦ୍ମାବତୀ ଓ କନ୍ୟା ଲାବଣ୍ୟବତୀ । କନ୍ୟା ଅପୂର୍ବ ସୁନ୍ଦରୀ । ଯୌବନାବସ୍ଥା ପ୍ରାପ୍ତହେବା ପରେ ତାର ବିବାହର ବ୍ୟବସ୍ଥା କରିବା ପାଇଁ ପିତା ଉଦ୍‌ବିଗ୍ନ ହେଲେ । ସିଂହଳ ଦେଶର ରାଜା ମଧୁକର ଓ ରାଣୀ ଚନ୍ଦ୍ରାବତୀ, କୁମର ରାଜକୁମାରର ବିବାହ ନିମନ୍ତେ ରାଜା ଚିତ୍ରପଟସହ ବିଭିନ୍ନ ଦେଶକୁ ଦୂତ ପଠାଇଲେ । ଦୂତମାନେ କେରଳରେ ପ୍ରବେଶ ହେଲେ । କେରଳରାଜା, ମନ୍ତ୍ରୀ ଓ ଜେମା କୁମାରର ଚିତ୍ରପଟ ଦେଖି ହରଷିତ ହେଲେ । ରାଜା ଲାବଣ୍ୟବତୀ ସହିତ କୁମାରଙ୍କ ବିବାହ ପ୍ରସ୍ତାବ ଦେଇ ସିଂହଳକୁ ଦୂତ ପଠାଇଲେ ।

୨ୟ ଛାନ୍ଦ — ମାଳିନୀ କୁମାରର ଚିତ୍ରପଟକୁ ଲୁଗାରେ ଗୁଡ଼େଇ କାଖରେ ଲୁଚାଇ ରଖିଥିଲି । ସଖୀମାନେ ପରିହାସରେ ଚିତ୍ରକୁ ଛଡ଼ାଇନେଇ ଦେଖିଲେ ଏବଂ କୁମାରର ଅପୂର୍ବ ଶୋଭାକୁ ପ୍ରଶଂସା କଲେ । କେମା ସେହି ଚିତ୍ରପଟ ଦେଖି ସନ୍ତୋଷ ଲାଭକଲା ଏବଂ କୁମାର ପ୍ରତି ତାର ପ୍ରେମ ଜାତ ହେଲା । କ୍ରମେ ସେ ବିରହରେ କାତର ହେଲା । ସଖୀମାନଙ୍କଠାରୁ କୁମାର ସହିତ ବିବାହ ପ୍ରସ୍ତାବ ପିତା କେରଳକୁ ପଠାଇଥିବା ଶୁଣି କେମା ଆଶ୍ୱସ୍ତ ହେଲା ।

୩ୟ ଛାନ୍ଦ — ଚିତ୍ରପଟରେ ରାଜକୁମାରୀର ଅପୂର୍ବ ଶୋଭା ଦେଖି ନାୟକ ମୋହିତ ହେଲା । ନାୟିକା ସହିତ ନାୟକର ବିବାହ ଓ ମଧୁଶଯ୍ୟା । କନ୍ୟାକୁ ସଙ୍ଗରେ ନେଇ ବର କେରଳ ତ୍ୟାଗକରି ସ୍ୱପୁରରେ ପ୍ରବେଶ ହେଲା । ବହୁତ କାଳ ଦାମ୍ପତ୍ୟ ସୁଖ ଭୋଗ କଲେ । କେତେ କାଳପରେ ପିତୃଶ୍ରାଦ୍ଧ ଦିବସ ଉପସ୍ଥିତ ହେବାରୁ ପିତାଙ୍କ ନିର୍ଦ୍ଦେଶରେ ନାୟକ ମୃଗ ମାରିବାକୁ ସସୈନ୍ୟ ବନକୁ ଗଲା । ସେଠାରେ ଜଣେ ଅସୁରତନୟା କୁମାରର ଅପୂର୍ବ ଶୋଭାରେ ମୋହିତ ହୋଇ ତାକୁ ହରିନେଲା । ଏ ସମ୍ବାଦ ପାଇବାମାତ୍ରେ ରାଜା ଅତ୍ୟନ୍ତ ଦୁଃଖିତ ହୋଇ କାଳଯାପନ କଲେ । ନୃପନନ୍ଦନ ଓ ନାୟିକା ଉଭୟେ ବିରହକାତର ହୋଇ ପଡ଼ିଲେ ।

୪ର୍ଥ ଛାନ୍ଦ — ବର୍ଷାଋତୁ ଆଗମନ । ବର୍ଷାଋତୁରେ ଧରଣୀର ଅବସ୍ଥା, ବିରହୀର ଅବସ୍ଥା, କୁମାରର ବିରହ, ଭାର୍ଯ୍ୟାର ଗୁଣାବଳୀ ଓ ପିତାମାତାଙ୍କର ପ୍ରେମାନୁଭୂତି ସ୍ମରଣ କରି କୁମାରର ଦୁଃଖାନୁଚିନ୍ତା ।

୫ମ ଛାନ୍ଦ — କେତେବେଳେ କୁସୁମଲତିକା ଉପରେ ମଧୁପକୁ ଗୁଞ୍ଜି କୁମାର ତାକୁ ସମ୍ବୋଧନ କରି ନିଜର ବିରହାନୁଚିନ୍ତା ବ୍ୟକ୍ତ କଲା ।

୬ଷ୍ଠ ଛାନ୍ଦ — ନାୟିକାର ବିରହ, ବିରହପୀଡ଼ା । ସଖୀମାନଙ୍କର ଉପଚାର । ନାୟିକାର ଜୀବ ଯିବା ଯିବା ଅବସ୍ଥା । ସମସ୍ତଙ୍କର ଉଦ୍‌ବେଗ । ଏହି ସମୟରେ ଜଣେ ମୁନିଙ୍କର ପ୍ରବେଶ । ରାଜା ତାଙ୍କୁ ଯଥୋଚିତ ମାନ୍ୟ କରି ନିଜ କୁମରର ନିରୁଦ୍ଦେଶ ଅବସ୍ଥା ବର୍ଣ୍ଣନା କଲେ । ମୁନି ସେ ଦିନ ରାଜରେ ରାକ୍ଷସ

ପୁରରେ ପ୍ରବେଶ ହେଲେ । କୁମାରର ନିଦ୍ରିତ ଅବସ୍ଥାରେ ଯୋଗବଳରେ ମୁନି ତାଙ୍କୁ ହରଣ କରି କୁମାରର ସ୍ୱପୁରକୁ ନେଇ ଆସିଲେ । କୁମାରର ପ୍ରତ୍ୟାଗମନରେ ସମସ୍ତଙ୍କର ଆନନ୍ଦ ।

୭ମ ଛାନ୍ଦ – ବିରହିଣୀ ନାୟିକାର ବିରହାବସ୍ଥା ଦେଖି ନାୟକ ଅତ୍ୟନ୍ତ କାତରିଁ ହେଲା ଏବଂ ମୃଦୁବାଣୀ କହି ବିରହିଣୀର ମନକୁ ସନ୍ତୁଷ୍ଟ କଲା । ପତି ପତ୍ନୀକୁ ନିଜର ଦୁଃଖ କାହାଣୀ ଜଣାଇଲା, ପୁଣି ନିୟମ କଲା, "ବିରି ନିତମ୍ବିନୀ ଜୀବ ଥିବାଯାକେ ନୋହିବ ଲବେ ଅନ୍ତର ।" ବହୁକାଳ ପୁରୁଷ ସ୍ତ୍ରୀ ଏହିପରି ସୁଖରେ ଦାମ୍ପତ୍ୟଜୀବନ ଯାପନ କଲେ ।

ବିଶେଷତ୍ୱ—(୧) ଏହି କାବ୍ୟଟିରେ କବିଙ୍କ 'ମଙ୍ଗରାଜ' ଉପାଧି ଥିବା ଜଣା ଯାଉଛି । କାବ୍ୟଟି କବିଙ୍କର ପ୍ରାଥମିକ ଅବସ୍ଥାର ରଚନା ହୋଇଥିବାରୁ ଉପେନ୍ଦ୍ରଙ୍କର ଏହି ଉପାଧିଟି ସେହିକାଳର ହେବା ସମ୍ଭବ । ଏହି ପଦବୀଟି କବିଙ୍କ କେତେକ ଚଉପଦୀ ପ୍ରଭୃତିରେ ମଧ୍ୟ ଦେଖାଯାଉ ଥିବାରୁ ଏଗୁଡ଼ିକ ମଧ୍ୟ ପ୍ରାଥମିକ ଅବସ୍ଥାର ରଚନା ବୋଲି ମନେହୁଏ ।

(୨) କବିଙ୍କର ପ୍ରାଥମିକ ଅବସ୍ଥାର ଏ କ୍ଷୁଦ୍ର କାବ୍ୟଟି ସରଳ ଭାଷାରେ ରଚିତ ହୋଇଛି ଏବଂ ଏହି ଭାଷା କବିଙ୍କ ଲେଖନୀର ଆକାଂକ୍ଷା ସେବକରୂପେ ପ୍ରକାଶ ଲାଭ କରିଛି ।

(୩) କାବ୍ୟର ନାୟକ ଶୈଳଦେଶ ରାଜକୁମାର । ନାୟକର ପିତାମାତାଙ୍କ ନାମ କବି ଦେଇଛନ୍ତି, କିନ୍ତୁ ନାୟକର ନାମ ଉଲ୍ଲେଖ କରି ନାହାନ୍ତି । ନାୟିକାର ନାମୋଲ୍ଲେଖ ଅଛି । ଏଥିରୁ ଅନୁମିତ ହୁଏ, କବି ନାୟକର ନାମ ଅପେକ୍ଷା ନାୟିକାର ନାମକୁ ବିଶେଷ ମୂଲ୍ୟବାନ ମନେ କରିଛନ୍ତି; କାରଣ, ନାୟିକାର ନାମାନୁସାରେ ଉପେନ୍ଦ୍ର ତାଙ୍କର ପ୍ରାୟ ସବୁ କାବ୍ୟର ନାମକରଣ କରିଛନ୍ତି । ନାୟିକାର ନାମ ନ ଦେବା ଏକ

ଅସମ୍ପୂର୍ଣ୍ଣ ଲକ୍ଷଣ ଭିତରେ ଗୃହୀତ ହେବା ପାଠକ ପକ୍ଷରେ ସମ୍ଭବ, ତେଣୁ ରସାନୁଭୂତିରେ କିଞ୍ଚିତ୍ ବ୍ୟାଘାତ ଘଟିବା ମଧ୍ୟ ସମ୍ଭବ ।

(୩) ବିରହାନୁଚିନ୍ତାରେ କେବଳ ବର୍ଷା ଋତୁର ଅନୁଚିନ୍ତା ଅଛି । ଦାମ୍ପତ୍ୟଜୀବନ ଏହି ଋତୁକାଳ ମଧ୍ୟରେ କେବଳ କେତେଦିନ ପାଇଁ ବିଚ୍ଛିନ୍ନ ହୋଇ ଯାଇଥିବାରୁ ଅନ୍ୟଋତୁରେ ବିରହାନୁଚିନ୍ତାର ଅବକାଶ ନଥିଲା ।

(୪) ଅଳଙ୍କାରର ବିଶେଷ ପ୍ରୟୋଗ ନଥିଲେ ମଧ୍ୟ ସ୍ୱାଭାବିକ ବର୍ଣ୍ଣନା ଅତି ସୁନ୍ଦର ହୋଇଛି । ବର୍ଷାକାଳୀନ ପ୍ରାକୃତିକ ଦୃଶ୍ୟ ନିସର୍ଗ ଶୋଭାରେ ମଣ୍ଡିତ ହୋଇଛି । ବର୍ଣ୍ଣନାଟି ବିବର୍ଣ୍ଣାତ୍ମକ ହୋଇଛି; ଉପମାଦିର ପ୍ରୟୋଗ ହୋଇନାହିଁ ।

(୫) କାବ୍ୟଟିର କଳେବର କ୍ଷୁଦ୍ର ଥିବାରୁ କବିଙ୍କର ବୃହତ୍ କାବ୍ୟମାନଙ୍କର ସମସ୍ତ ଲକ୍ଷଣ ଏଥିରେ ପ୍ରକାଶ ପାଇନାହିଁ । ଋତୁ, ନଦୀ, ନଗର, ବନ, ଉପବନ, ସରୋବର ପ୍ରଭୃତି ପ୍ରାକୃତିକ ଦୃଶ୍ୟ, ନାୟକନାୟିକାଙ୍କ ଶୋଭା, ବିବାହାଦି ସାମାଜିକ ବିଧିବିଧାନ ପ୍ରଭୃତିର ସମୁଚିତ ବର୍ଣ୍ଣନା ଏବଂ ନାନାବିଧ ଅଳଙ୍କାର ପ୍ରୟୋଗ ଏଥିରେ ପୁଷ୍କଳତା ଲାଭ କରିନାହିଁ; ନଗର, ବିବାହାଦି କେତୋଟିର ସୂଚନା ଛଡ଼ା ବର୍ଣ୍ଣନା ନାହିଁ ।

(୬) ଉପଧାମିଳନ—ଚତୁର୍ଥ ଛାନ୍ଦଟିର ବିଦ୍ୟୁଳିଗଟିଯାକ ପଦ ଉପଧାମିଳନର ଦୃଷ୍ଟାନ୍ତ; ଏହା ଯମକର ଅନ୍ତର୍ଗତ ହେଲେ ମଧ୍ୟ ଏହି ଛାନ୍ଦସାରିର ପଦ ।

ହେଲା ବରଷାକାଳ ସୁରଞ୍ଜନ, ନଭ ଲେପିଦେଲା ପ୍ରାୟେ ଅଞ୍ଜନ ।
ଆସି ଆକାଶ ଯେ ଘନ ଘୋଡ଼ାଇ, ଗିରି ଗିଳି ଦେଖାଇଲା ବଢ଼ାଇ । ୧ ।

(୭) କାବ୍ୟଟିରେ ନାୟକ ଓ ନାୟିକାଙ୍କ ବିବାହପୂର୍ବ ବିରହ, ବିବାହମିଳନ, ନାୟକର ପ୍ରବାସ ଯୋଗୁ ଉଭୟଙ୍କ ବିରହାଦି ବର୍ଣ୍ଣନା ମୁଖ୍ୟ ଥିବାରୁ ଚରିତ୍ରଚିତ୍ରଣର ବିକାଶ ହୋଇନାହିଁ କହିଲେ ଅଯୁକ୍ତ ହେବ ନାହିଁ । କାବ୍ୟଟି ଆଦିରସାତ୍ମକ; ଅନ୍ୟ ରସର ସଞ୍ଚାର କ୍ଷୀଣ ଓ ନଗଣ୍ୟ ।

(୮) କଥାବସ୍ତୁର କ୍ରମବର୍ଦ୍ଧମାନ ଗଠରେ ମାଲିନୀର ଭୂମିକା ବିଶେଷ ଭାବରେ ଲକ୍ଷ୍ୟ କରିବାର କଥା । କବିଙ୍କର ପରବର୍ତ୍ତୀ ବୃହତ୍ ପ୍ରେମ କାବ୍ୟମାନଙ୍କରେ, ବିଶେଷତଃ ଲାବଣ୍ୟବତୀରେ ଏହା ପୂର୍ଣ୍ଣବିକାଶ ଲାଭ କରିଛି ।

କେତେକ ଅମୃତପଦାବଳୀ ଓ ଉକ୍ତି—

(୧) ବାଲ୍ୟ ଅବସ୍ଥାରେ ମହାଋଷିମାନେ ଦେଖି
ଆଖିରେ ତାହାର ଶୋଭା ଲେଖାନେଲେ ଲେଖି ଯେ । ୧୩ ।
(୧ମ ଛାନ୍ଦ)

(୨) (ବିଧାତା) ଅନେକ କ୍ରିୟିମେ ପୁତ୍ରୀ ତା ସମେ ନିର୍ମିଣି
ବୁଝିବାକୁ କେମା ଖେଳିବାକୁ ଦିଏ ପୁଣି ଯେ । ୧୭ । (୧ମ ଛାନ୍ଦ)

(୩) ଯାହାର ଯୁବା ବୟସେ, ମନର ଯୁବତୀ ପାଶେ
ନାହିଁ ତାହା ଜୀଇଁବାର କି ପ୍ରୟୋଜନ,
ମାରଦଣ୍ଡ ପରି ହୋଇ ତ୍ରିଭୁବନେ କଷ୍ଟ ନାହିଁ
ତାପ ନାହିଁ ଏକା ହୋଇ ନେବାରୁ ଦିନ ।
କର୍ଣ୍ଣକର ତାକୁ ନ ଗଣି,
ଯେ ତରୁଣୀ ରସଗର୍ଭ ବାଣୀ ନ ଶୁଣି । ୫ ।

ଅଧର ବିମ୍ବ ସମାନ, ହାସରେ କରାଇ ପାନ
ସଧୀରେ କର ଗଗନ ପାଶେ ମିଳିବ,
ନେତ୍ରଖଞ୍ଜନ ଦେନାଇ ନାସିକାପୁଟ ଫୁଲାଇ
ଟେହ୍ଲାଇ ବକ୍ରବଚନ ପ୍ରକାଶୁଥିବ ।
ଦେଖି ଯେଉଁ ସୁଖ ଜନ୍ମିବ,
ତେତେବେଳେ ଇନ୍ଦ୍ର ସୁଖ ନିକ ଲେଖୁଛିବ । ୬ । (୩ୟ ଛାନ୍ଦ)

(୪) ନୃପତି ରାଜ୍ୟବିହୀନ, ମନୁଷ୍ୟ ହୀନ-ନୟନ
ଯୁବତୀ ବିହୀନ ଯୁବା ତନ ସମାନ । × × । ୯ । (୩ୟ ଛାନ୍ଦ)

(୫) × × ମୋହ ଆଗମ ଦୃଷ୍ଟି ପରଶରୁ,
ଛୁଟି ଆସଇ ଉଭା ସେ ରମ୍ଭୋରୁ ।
ଚିବୁକେ ତର୍ଜନୀ ଦେଇ ପାଦାଙ୍ଗୁଳି
ମହୀରେ ଘଷେ ଭାବରୁ ହେ ମଧୁପ । ୨ ।

ଖସି ପଡୁଥାଇ ପୀୟୂଷରାଶି,
ଯେ ବଦନ-ଶଶି ପୋତିବାରୁ
ଏହି ପ୍ରତୀତ ହୁଏ ହସିବାରୁ,
ହାତ ଧରି କୋଳେ ବସାଇଲେ ତଳେ
ଖସି ବସଇ ସ୍ନେହରୁ ହେ ମଧୁପ ! × × । ୩ ।

(୬) ଦିନେ ଯେ ସୁନ୍ଦରୀ ନେଇ ଚୁମ୍ବନେ ମୋ ଓଷ୍ଠେ ଲାଗିଥିଲା ଅଞ୍ଜନ
ଜାଣିନଥିଲି ପ୍ରାତଃ ଆବେଦନ ।
ସଖୀ ସଙ୍ଗେ ଥାଇ ନିଜ ଓଷ୍ଠ ପୋଛି ପାରିଲା ଜୀବଧନ ହେ ମଧୁପ !
ଜାଣି ପୋଛିଲି ଅନାଇଁ ହସିଲା,
ହୋଇ ଯାଇ ସେ ମନ୍ଦିରେ ପଶିଲା,
ସେ ଭାବ ସେ ଶୋଭା ମନୁ ଛାଡ଼ି, ନାହିଁ
ବିଜୁଳି ପ୍ରାୟେ ଦିଶିଲା ହେ ମଧୁପ ! ୬ । (୫ମ ଛାନ୍ଦ)

(୭) ଫାଟି ଯା ଫାଟି ଯା ବୋଇଲେ
ନ ଯାଇ ହେଲା କି ହୃଦୟ ପାଷାଣ
କାହିଁ ପାଇଁ ରହିଅଛୁ ପରାଣ
ଦଇବେ ଭେଟ ହୋଇଲେ ନୟାନିଧି ପାଞ୍ଚିବ ଏହି ଦାରୁଣ ହେ, ମଧୁପ ।

ଜୀବଗଲେ ତ ତାଙ୍କୁ ନପାଇବି, ମୋର ଦୁଃଖ କାହାକୁ ଜଣାଇବି
ଉଭୟ ସଂଶୟ ବଶେ ପଡ଼ିଅଛି
କହ କେମନ୍ତ କରିବି ହେ, ମଧୁପ । ୧୧ । (୫ମ ଛାନ୍ଦ)

(˜) ମନର ଯୁବତୀ ବିଚ୍ଛେଦ ହେବାରୁ ଆଉ ବିପଦ ଅଛି କାହିଁ
ପ୍ରୀତିଠାରୁ ପରମ ସୁଖ ନାହିଁ,
ଯୁବା ବୟସରେ ଏକା ଜଣି ନେବା
କାହିଁକି ବିହୂଳ ବିଧି ହେ, ମଧୁପ ।
କାମ କାଣ୍ଡ ହୋଇ କଥାଏ, ଏଥୁ ବଡ଼ ହୋଇ ନାହିଁ ବ୍ୟଥାଏ
ନବଯୁବତୀ ରତି ସବୁ ସମ୍ପତ୍ତି
ଆଉ ଯେ ସୁଖ ବୃଥାଏ ହେ, ମଧୁପ । ୧୨ । (୫ମ ଛାନ୍ଦ)

କାବ୍ୟର ସମୟ—କବି ଛନ୍ଦକାବ୍ୟ ବିନ୍ଦୋଦୟର ପ୍ରଥମ ଛାନ୍ଦରେ କାବ୍ୟମାନଙ୍କର ଯେଉଁ ତାଲିକା ଦେଇଛନ୍ତି, ସେଥିରୁ ଜଣାଯାଉଛି ଯେ ଅଶେଷ ଗୀତ, ଚଉତିଶା, ଚଉପଦୀ, ଗାହା, ଦୋହା, ପୋଇ ପ୍ରଭୃତି କବିତା ରଚନା କରିଛନ୍ତି । କାବ୍ୟମାନଙ୍କର ନାମୋଲ୍ଲେଖ କ୍ରମରୁ ଜଣାଯାଉଛି ଯେ ଲାବଣ୍ୟବତୀ ପୂର୍ବରୁ କବି ଚନ୍ଦ୍ରକଳା, ହେମମଞ୍ଜରୀ, ରସଲେଖା, କାମକଳା, ମନୋରମା, ପ୍ରେମଲତାର ନାମ ଦେଇଛନ୍ତି । ଏହାକୁ କାବ୍ୟରଚନା ସମୟର କ୍ରମ ବୋଲି ଧରିଲେ ଲାବଣ୍ୟବତୀ ସପ୍ତମ କାବ୍ୟ । ପୂର୍ବରଚିତ କାବ୍ୟମାନଙ୍କ ଭିତରୁ କେବଳ 'ରସଲେଖା'ଟି ମୁଦ୍ରିତ ହୋଇଅଛି ଏବଂ ଅନ୍ୟ କାବ୍ୟଗୁଡ଼ିକର ସନ୍ଧାନ ମିଳିନାହିଁ । 'ରସଲେଖା' ଖ୍ରୀ: ୧୭୧୦ (ଦିବ୍ୟସିଂହ ଗଜପତିଙ୍କ ସପ୍ତବଂଶ ଅଙ୍କ)ରେ ରଚିତ ହୋଇଥିବା ସେହି କାବ୍ୟରୁ ଜଣାଯାଏ । ଅତଏବ, ଲାବଣ୍ୟବତୀ ଖ୍ରୀ: ୧୭୧୦ ପରେ ରଚିତ ହୋଇଥିବା ଅନୁମାନ କରାଯାଇପାରେ । କବିପ୍ରଦତ୍ତ ତାଲିକାରେ ଲାବଣ୍ୟବତୀ ପରେ ମୁକ୍ତାବତୀ, ଛାନ୍ଦଭୂଷଣ, କଳାକଉତୁକ, ଶୁଭଦ୍ରା ପରିଣୟ, ବୈଦେହୀଶ ବିଳାସାଦି ଅନ୍ୟାନ୍ୟ କାବ୍ୟର ନାମୋଲ୍ଲେଖ ହୋଇଛି ।

ଛାନ୍ଦ ଭୂଷଣ

'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ୩୪ଟି ବର୍ଣ୍ଣକୁ ବର୍ଣ୍ଣାଦ୍ୟ କରି ୩୪ଟି ବିଭିନ୍ନ ଛାନ୍ଦ କବି ରଚନା କରି କୃଷ୍ଣଲୀଳା ଗାୟନ କରିଛନ୍ତି । କବି ଏ ରୀତିର ଛାନ୍ଦକୁ 'ବର୍ଣ୍ଣୋଦୟ ଛାନ୍ଦ' ବୋଲି ନାମକରଣ କରିଛନ୍ତି । ଅନ୍ୟ ସ୍ଥାନମାନଙ୍କରେ 'ବର୍ଣ୍ଣାଦ୍ୟ' ଛାନ୍ଦ ବୋଲି ମଧ୍ୟ କହିଛନ୍ତି ।

ଏହି କାବ୍ୟଟି ଶ୍ରେଷ୍ଠ ହେଲେ ମଧ୍ୟ ଏହାର ପ୍ରାଧାନ୍ୟ ବିଶେଷ ଭାବରେ ଲକ୍ଷ୍ୟ କରିବାର କଥା । ପ୍ରତ୍ୟେକ ଛାନ୍ଦରେ ୨୦ଟି ଲେଖାଏଁ ପଦ ଥିବା ଜଣାଯାଉଥିଲେ ମଧ୍ୟ ଛାପା ବହିରେ ୧୩ଶ ରେ ୧୯ପଦ, ୧୪ଶ ରେ ୧୮ପଦ ଥିବା ଦେଖା ଯାଉଛି ।

(୧) ଏହା ଏକ କୃଷ୍ଣଲୀଳାବିଷୟକ ଭକ୍ତି କାବ୍ୟ ।

(୨) କାବ୍ୟରେ କବି ନିଜର ବଂଶ ପରିଚୟ ସମ୍ବନ୍ଧରେ କେତେକ ବିଶିଷ୍ଟ ତଥ୍ୟ ପ୍ରକାଶ କରିଛନ୍ତି ।

(୩) ଛାନ୍ଦଭୂଷଣର ଭାଷା ସରଳ ଓ ଲଳିତ ; ଭାବଗାମ୍ଭୀର୍ଯ୍ୟ, କଳ୍ପନା-ଗୁରୁତ୍ୱ, କୋମଳଲଳିତ ପଦ୍ୟାବଳୀ ପ୍ରଭୃତିରେ ଏଥିର କେତୋଟି ଛାନ୍ଦ ଦୀନକୃଷ୍ଣଙ୍କ ରସକଲ୍ଲୋଳ ସହିତ ତୁଳନୀୟ ।

(୪) ଏହି କ୍ଷୁଦ୍ର କାବ୍ୟଟିରେ ଅଳଙ୍କାର ପ୍ରୟୋଗର ବହୁଳତା ନାହିଁ ।

(୫) ବହୁ ସଂଖ୍ୟକ ଓଡ଼ିଆ ଶବ୍ଦର ପ୍ରୟୋଗ ରହିଛି ।

(୬) ପ୍ରସଙ୍ଗ ବର୍ଣ୍ଣନା ପ୍ରାକୃତିକ ବର୍ଣ୍ଣନା ତୁଳନାରେ ଅଳ୍ପ ସ୍ଥାନ ଅଧିକାର କରିଛି ।

ଉପେନ୍ଦ୍ର କୃଷ୍ଣଲୀଳା ବିଷୟକ କାବ୍ୟରଚନାର କାରଣ ସମ୍ବନ୍ଧରେ ପ୍ରଥମ ଛାନ୍ଦରେ ପ୍ରାର୍ଥନାନ୍ତେ ଜଣାଇଛନ୍ତି—

କବି ସ୍ତୁତି ଅନ୍ତରେ ଯେ ଏମନ୍ତ ଭାବିତ
କଲି କାମିନୀ ବର୍ଣ୍ଣନା କରି ବହୁ ଗୀତ ।

କେଉଁ କାର୍ଯ୍ୟ ଅଛୁ ତହିଁ କୃଷ୍ଣ କଥା ଥାଉଁ
କଳ୍ପୁଛୁ ଯାହା ଅବଧେ ସମାପତ ହେଉ ।

ଏଥିରୁ ଅନୁମିତହେଉଛୁ ଯେ ଛାନ୍ଦଭୂଷଣ ରଚନା କରିବା ପୂର୍ବରୁ କବି 'କାମିନୀ ବର୍ଣ୍ଣନା' କରି 'ବନ୍ଧୁ' 'ଗୀତ' ରଚନା କରି ସାରିଥିଲେ । 'ବନ୍ଧୁ ଗୀତ' ଭିତରେ କାଳ୍ପନିକ କାବ୍ୟ ମଧ୍ୟ ଅନ୍ତର୍ଭୁକ୍ତ ।

କବିଙ୍କ କୃଷ୍ଣଭକ୍ତି ଏଥିରୁ ସୂଚିତ ହେଉଛୁ । ସେ ମୁଖ୍ୟତଃ ରାମଭକ୍ତ । ନିତ୍ୟବୈକୁଣ୍ଠ ଶଙ୍ଖକ୍ଷେତ୍ର ବା ନୀଳାଚଳରେ ନିତ୍ୟବିଷ୍ଣୁ ଜଗନ୍ନାଥ ରାମରୂପରେ ଅବତୀର୍ଣ୍ଣ ହୋଇଥିଲେ । ଦ୍ୱାପର ଯୁଗରେ ରାମଚନ୍ଦ୍ର କୃଷ୍ଣ ଅବତାର ଗ୍ରହଣ କଲେ । ରାମଚନ୍ଦ୍ର ଓ କୃଷ୍ଣ ବିଷ୍ଣୁଙ୍କ ଅବତାର ଥିବାରୁ କବି ତାଙ୍କର ଭକ୍ତି ନିବେଦନ କରିଛନ୍ତି—

କମ୍ବୁ କଟକରେ ଯେହୁ ଦାରୁରୂପଧାରୀ,
କାଳେ କାଳେ ଶ୍ୱେତଦ୍ୱୀପ ମଧ୍ୟେ ସେ ବିହରି ।
କମଳବନ୍ଧୁ ବଂଶେ ଯେ ଥିଲେ ଅବତରି
କର୍ଣ୍ଣୀରବି ତନୁ ଯେ ପୂର୍ବରେ ଥିଲେ ଧରି ।
କୁତୁକେ ଯେ ବିଧୂଜାତ ଦେବକୀ ଉଦର
କମଳଧିରୁ ପ୍ରକାଶ ରାକା ଆକାଶର । × × (୧ମ ଛାନ୍ଦ)

କାବ୍ୟର ନାମ—କାବ୍ୟର 'ଛାନ୍ଦଭୂଷଣ' ନାମ ସହିତ କଥାବସ୍ତୁର କୌଣସି ସମ୍ପର୍କ ନାହିଁ, କେବଳ କକାରାଦି ୩୪ଶ ବର୍ଣ୍ଣକୁ ଆଦ୍ୟରେ ରଖି ଏକ ଏକ ଛାନ୍ଦ ରଚନା କରି କବି ତାଙ୍କ ପାଣ୍ଡିତ୍ୟ ଓ କବିପ୍ରତିଭା ପ୍ରକାଶ କରିଥିବାରୁ କବି ଏପରି ନାମକରଣ କରିଛନ୍ତି । ମାତ୍ର ଗୋପୀକୃଷ୍ଣଙ୍କ ଲୀଳାର ଆଭାସ ଏହି ନାମରୁ ମଧ୍ୟ ମିଳୁନାହିଁ ।

ଛାନ୍ଦଭୂଷଣ କୃଷ୍ଣଲୀଳା ବିଷୟକ ଏକ କାବ୍ୟ, କେତେକ ଛାନ୍ଦର ସମାହାର ନୁହେଁ ।

କଥାବସ୍ତୁ—କୃଷ୍ଣଙ୍କ ଜନ୍ମ, ଗୋପପୁରରେ ଲାଳନପାଳନ, ଶୋଭା (୧ମ ଛାନ୍ଦ) । ଖିଳ ବ୍ରହ୍ମାଣ୍ଡନାଥଙ୍କ ପ୍ରକାଶ ଜାଣିପାରି ଅସୁରମଣି କଂସ ଖେଦ ଜଳରେ ବୁଡ଼ିଗଲା ଏବଂ ଗୋପନଗରରେ ଯେତେ ଶିଶୁ ଅଛନ୍ତି ସେମାନଙ୍କୁ ନାଶ କରିବା ପାଇଁ ପୂତନାକୁ ଆଦେଶ ଦେଲା । ପୂତନା ବଧ । ଶକଟାସୁର ଓ ତୃଣାସୁର ବଧ (୨ୟ ଛାନ୍ଦ) । ଗୋପପୁରର ଶୋଭା । ଗାର୍ଗମୁନି କୃଷ୍ଣ ବଳରାମଙ୍କ ନାମକରଣ କଲେ (୩ୟ ଛାନ୍ଦ) । ଶିଶୁଦ୍ୱୟଙ୍କ ବେଶ, ବାଲ୍ୟଲୀଳା, କୃଷ୍ଣଙ୍କ ମାଟିଖିଆ, କୃଷ୍ଣଙ୍କ ଉଦରରେ ଯଶୋଦାଙ୍କ ଚତୁର୍ଦ୍ଦଶ ଭୁବନ ଦର୍ଶନ (୪ର୍ଥ ଛାନ୍ଦ) । ଯଶୋଦାଙ୍କ ଦଧିମନ୍ଥନ । ଯଶୋଦାଙ୍କଠାରୁ କୃଷ୍ଣଙ୍କ ସ୍ତନପାନ, ଦଧିଭାଣ୍ଡ ଭଙ୍ଗ, କୃଷ୍ଣ ମାତାଙ୍କ ଦଣ୍ଡ ଭୟରେ ଲୁଚିଲେ, ଯଶୋଦା ଘରେ ଘରେ ଖୋଜିଲେ । ଯାମଳାର୍ଜ୍ଜୁନ ମୋକ୍ଷ (୫ମ ଛାନ୍ଦ) । ଗୋବତ୍ସାଚରଣ, ବନର ଶୋଭା, ବକାସୁରବଧ ଓ ବତ୍ସାସୁର ବଧ (୬ଷ୍ଠ ଛାନ୍ଦ) । କୃଷ୍ଣଙ୍କ ପ୍ରତି ଗୋପୀମାନଙ୍କର ଆସକ୍ତି, ଗୋପୀମାନେ କୁଳମର୍ଯ୍ୟାଦା ତ୍ୟାଗ କରି କୃଷ୍ଣ ପ୍ରେମର ଆକାଙ୍‌କ୍ଷୀ ହେଲେ, ଗୋପୀମାନଙ୍କର କାମଭାବଭଙ୍ଗୀ, ବିରହ ଦଶା, ବିରହ ଭାବନା (୭ମ ଛାନ୍ଦ) । ଗୋପୀଯୁବତୀମାନଙ୍କର ସ୍ନାନ ନିମନ୍ତେ ଯମୁନାଯାତ୍ରା, କୃଷ୍ଣଙ୍କ ରୂପଗୁଣ ସ୍ମରଣ କରି ପରସ୍ପର ମଧ୍ୟରେ ହାସ ପରିହାସ ଛଳରେ ପ୍ରଚ୍ଛନ୍ନ କାମପୀଡ଼ାର ଅଭିବ୍ୟକ୍ତି ।

"ଜାଲି ଦେଇ ସଙ୍କୀର୍ତ୍ତି ପୀରତି ଯୁବତୀ ମତି ଶ୍ୟାମେ ।"
"ଜାର ଭାବରେ ଭାବଗ୍ରାହୀଠାବରେ ବଶ ହୋଇବାରେ ଭାବିତା ।"

"ଯାନ୍ତି ଜଳ ଆଣି ବନେ ବହୁତ × × ।" (୮ମ ଛାନ୍ଦ)
"ଝଟିତି ଗ୍ରୀଷମ ହେଲା ମାଧବର ଶେଷେ ।"

ଗ୍ରୀଷ୍ମର ବର୍ଣ୍ଣନା, କୃଷ୍ଣ ଓ ଗୋପବାଳକମାନଙ୍କ ବନବିହାର ବେଶ । ବନଗମନ, ଯମୁନାଦୃଶ୍ୟ, ଗୋପବାଳକମାନଙ୍କ ବେଶ, ଖେଳ ଓ ନୃତ୍ୟ, ଅଘାସୁର ବଧ (୯ମ ଛାନ୍ଦ) । କୃଷ୍ଣ ଗୋପବାଳକମାନଙ୍କ ମେଳରେ ସେମାନଙ୍କ ଉଚ୍ଛିଷ୍ଟ ଭୋଜନ କରୁଥିବା ଦେଖି ବ୍ରହ୍ମା କ୍ରୋଧ

କଲେ ଏବଂ କୃଷ୍ଣ ବିଷ୍ଣୁ ନୁହନ୍ତି ବୋଲି ସନ୍ଦେହ କଲେ । ବ୍ରହ୍ମା ମାୟାକରି ଗୋପବାଳକ ଓ ଗୋବତ୍ସାଦିଙ୍କୁ ହରଣ କରିନେଇ କମଣ୍ଡଳୁରେ ପୂର୍ଣ୍ଣ ଏକବର୍ଷକାଳ ଲୁଚାଇ ରଖିଲେ । କୃଷ୍ଣ ଏହା ଜାଣିପାରି ସମସ୍ତଙ୍କ ଅଗୋଚରରେ ନୂତନ ଗୋପବାଳକ ଓ ଗୋବତ୍ସାଦି ସର୍ଜନା କଲେ । ବ୍ରହ୍ମା ନିଜ ଭ୍ରମ ବୁଝିପାରି କୃଷ୍ଣଙ୍କୁ ସ୍ତୁତି କଲେ । କୃଷ୍ଣ ଯୋଗମାୟାକୁ ପ୍ରତ୍ୟାହାର କରିନେଲେ । ବ୍ରହ୍ମା ଗୋପବାଳକ, ଗୋବତ୍ସାଦିଙ୍କୁ ଛାଡ଼ି ଦେଲେ (୧୦ମ ଛାନ୍ଦ) ।

କୃଷ୍ଣାଦି ବୃନ୍ଦାବନରେ ଗୋଚାରଣ କରୁଥିବା ସମୟରେ କଂସ ଦ୍ୱାରା ପ୍ରେରିତ ହୋଇ ଧେନୁକାସୁରର ଆଗମନ । ଧେନୁକାସୁର ବଧ (୧୧ଶ ଛାନ୍ଦ) । ଯମୁନା କୂଳରେ କାଳୀୟ ବିଷ ଦ୍ୱାରା ଦୂଷିତ ଯମୁନା ଜଳ ପାନ କରି ଗୋପ ବାଳକଙ୍କ ମୋହ । କୃଷ୍ଣଙ୍କ ଦ୍ୱାରା ବିଷହରଣ । କାଳୀୟ ସର୍ପକୁ ଦଳନ କରିବା ନିମନ୍ତେ କୃଷ୍ଣଙ୍କ ଉଦ୍ୟମ (୧୨ଶ ଛାନ୍ଦ) । କାଳୀୟ ଦମନ (୧୩ଶ ଛାନ୍ଦ) । ବର୍ଷାଋତୁ । ବୃନ୍ଦାବନରେ ରମଣୀମାନଙ୍କ ଖେଳ ରଚନା । ପ୍ରଲମ୍ବାସୁର ବଧ (୧୪ଶ ଛାନ୍ଦ) । ଗୋପ ଯୁବତୀଙ୍କ ଶୋଭା, ବନବିହାର । କୃଷ୍ଣଙ୍କ ପ୍ରତି ଆସକ୍ତି, ବରରୂପେ ପାଇବା ବାସନା (୧୫ଶ ଛାନ୍ଦ) । କୃଷ୍ଣଙ୍କ ଗୋପୀବସ୍ତ୍ର ହରଣ ଲୀଳା । ଗୋପୀଭକ୍ତି (୧୬ଶ ଛାନ୍ଦ) । ବ୍ରାହ୍ମଣୀଙ୍କ କୃଷ୍ଣଭକ୍ତି (୧୭ଶ ଛାନ୍ଦ) । ଗୋବର୍ଦ୍ଧନ ପୂଜା, ଇନ୍ଦ୍ରଙ୍କ କୋପ । ବୃଷ୍ଟି । କୃଷ୍ଣଙ୍କ ଗୋବର୍ଦ୍ଧନ ଧାରଣ । ଇନ୍ଦ୍ରଙ୍କ ଦର୍ପଭଙ୍ଗ, କ୍ଷମା ଭିକ୍ଷା । ନନ୍ଦଙ୍କୁ ଅଜଗର ମୁଖରୁ ଓ କୁମ୍ଭୀର ମୁଖରୁ ଉଦ୍ଧାର (୧୮ଶ ଛାନ୍ଦ) । କୃଷ୍ଣଙ୍କ ବେଣୁବାଦନ, ବେଣୁ ସ୍ୱରର ପ୍ରଭାବ । ଗୋପୀମାନଙ୍କ ଉପରେ ଏହାର ପ୍ରଭାବ । ଗୋପୀଭକ୍ତି (୧୯ଶ ଛାନ୍ଦ) । ଗୋପୀମାନେ କୃଷ୍ଣଙ୍କ ବେଣୁନାଦ ଶ୍ରବଣ କରି ତାଙ୍କୁ ଘେରିଗଲେ । ବିଭିନ୍ନ ଗୋପୀର ମନର ଚିନ୍ତା—ଏକାକୀ କୃଷ୍ଣଙ୍କୁ ପାଇବା ଏକାନ୍ତ ଇଚ୍ଛା । ଗୋପୀଙ୍କ ଶୁଦ୍ଧଚିତ୍ତ ଜାଣି କୃଷ୍ଣଙ୍କ ଆନନ୍ଦ (୨୦ଶ ଛାନ୍ଦ) ।

ଗୋପୀମାନଙ୍କ କୁଞ୍ଜ ରଚନା । କୃଷ୍ଣ ପ୍ରତି ରାଗପୂର୍ଣ୍ଣ ମନୋଭାବ ଓ ରାଗରଞ୍ଜିତ ଶୋଭା । କୃଷ୍ଣଙ୍କ ସହିତ ଗୋପୀମାନଙ୍କ ରାସକ୍ରୀଡ଼ା (୨୧ଶ ଛାନ୍ଦ) । ରାସକ୍ରୀଡ଼ା (୨୨ଶ ଛାନ୍ଦ) । ବିଚ୍ଛେଦ ରସ ଜାତ କରିବା

ମନାସି କୃଷ୍ଣ ବୃନ୍ଦାବତୀଙ୍କୁ ଗୋପନରେ ନେଇ ବନର ଅନ୍ୟ ସ୍ଥାନକୁ ପ୍ରସ୍ଥାନ କଲେ । କୃଷ୍ଣଙ୍କୁ ନିଜ ମେଳରେ ନଦେଖି ଗୋପୀମାନଙ୍କ ମନୋଦୁଃଖ ଓ ଭାବନା, ଗୋପୀଙ୍କର ବିଭିନ୍ନ ଭାବନା ଓ ସମ୍ମିଳିତ ବିଚାର । କୃଷ୍ଣଙ୍କୁ ଅନ୍ୱେଷଣ କରିବା ସିଦ୍ଧାନ୍ତ (୨୩ଶ ଛାନ୍ଦ) । ଗୋପୀନାଥଙ୍କୁ ଉଦ୍ଦେଶ୍ୟ କରି ବିରହୀ ଗୋପୀମାନଙ୍କ ବିଭିନ୍ନ ଉକ୍ତି (୨୪ଶ ଛାନ୍ଦ) । ବୃନ୍ଦାବତୀଙ୍କ ସହିତ ବିହାର, ବୃନ୍ଦାବତୀଙ୍କ ଗର୍ବ । କୃଷ୍ଣଙ୍କ ସ୍କନ୍ଧରେ ଆରୋହଣ କରି ମନରେ ଗର୍ବ କଲେ ।" କୃଷ୍ଣ ଏହା ଜାଣିପାରି ତାଙ୍କୁ ତଳେ ଫୋପାଡ଼ି ଦେଇ ପଳାୟନ କଲେ । ବୃନ୍ଦାବତୀଙ୍କ ଶୋକ ଓ କୃଷ୍ଣଙ୍କ ପ୍ରତି ଭର୍ତ୍ସନା । ଗୋପୀମାନେ କୃଷ୍ଣଙ୍କୁ ଖୋଜୁଥିବା ବେଳେ ତାଙ୍କ ପଦଚିହ୍ନ ଦେଖି ଆନନ୍ଦିତ ହେଲେ । କୃଷ୍ଣଙ୍କୁ ଦେଖି ଦୁଃଖ ପାସୋର ଦେଲେ, କୃଷ୍ଣ ମିତ୍ରପ୍ରାୟ ହୋଇ ସ୍ନେହ ବଚନରେ ସେମାନଙ୍କୁ ଶାନ୍ତ କଲେ (୨୫ଶ ଛାନ୍ଦ) । ଯମୁନା-ତୀରରେ ଗୋପୀମାନଙ୍କ ସହ କୃଷ୍ଣଙ୍କ କ୍ରୀଡ଼ା (୨୬ଶ ଛାନ୍ଦ) । ଗୋପୀଙ୍କ ସହ କୃଷ୍ଣଙ୍କ କ୍ରୀଡ଼ା । କ୍ରୀଡ଼ାତତ୍ତ୍ୱ । (୨୭ଶ ଛାନ୍ଦ) ମାର୍ଜାର, ରମଣୀ, ଘାଟିଆଳ, କାଚରା, ଗାରୁଡ଼ିମନ୍ତ୍ରବେତ୍ତା, ପୂଜକ, ଭୂତବିଦ୍ୟାବେତ୍ତା ପ୍ରଭୃତି ମାୟାରୂପରେ କୃଷ୍ଣଙ୍କ ଗୋପୀଙ୍କ ସହ ଗୋପନ କ୍ରୀଡା (୨୮ଶ ଛାନ୍ଦ) । କଂସର କ୍ରୋଧ । କୃଷ୍ଣଙ୍କୁ ବଧ କରିବା ପାଇଁ ଅସୁରମାନଙ୍କୁ ପ୍ରେରଣ; ଷଣ୍ଢାସୁର, ବତ୍ସାସୁର ପ୍ରଭୃତି ବଧ । କଂସର ଅନ୍ୟ ଉପାୟ । ଧେନୁଯାତ୍ରାକୁ କୃଷ୍ଣବଳରାମଙ୍କୁ ନିମନ୍ତ୍ରଣ କରିବା ପାଇଁ ଅକ୍ରୂରଙ୍କୁ ପ୍ରେରଣ (୨୯ଶ ଛାନ୍ଦ) । କୃଷ୍ଣ ମଥୁରାକୁ ଯିବା ସ୍ଥିର କରିଥିବା ଶୁଣି ଗୋପୀମାନଙ୍କ ଦୁଃଖ ଓ ବିଳାପ । କୃଷ୍ଣଙ୍କ ସାନ୍ତ୍ୱନା । ମଥୁରା ଯାତ୍ରା (୩୦ଶ ଛାନ୍ଦ) । ଅକ୍ରୂରଙ୍କ ସଙ୍ଗେ ରଥରେ ବସି ମଥୁରାକୁ ଗମନ । ମଧୁବନର ଶୋଭା, ପଥରେ ଦ୍ୱିଜମାନଙ୍କର ପୂଜା (୩୧ଶ ଛାନ୍ଦ) । ମଥୁରା ବାଟରେ ରଜକକୁ ହତ୍ୟା କରି ତାହାର ବସ୍ତ୍ର ନେଇ କୃଷ୍ଣବଳରାମ ଓ ଗୋପ ବାଳକଙ୍କ ବେଶ । କୁବ୍ଜା ଉଦ୍ଧାର । ମଥୁରା ନଗରରେ ପ୍ରବେଶ । କୃଷ୍ଣଙ୍କ ଧନୁ ଆକର୍ଷଣ । ଧନୁ ଘୋଷରେ କଂସର ଭୀତି । କଂସର ମଲ୍ଲ ଓ ହସ୍ତୀଙ୍କ ଦ୍ୱାରା କୃଷ୍ଣଙ୍କୁ ବଧ କରିବା କଳ୍ପନା (୩୨ଶ ଛାନ୍ଦ) । ସୂର୍ଯ୍ୟୋଦୟ ହେବାରୁ କଂସ ଶଯ୍ୟା ତ୍ୟାଗ କଲା କଂସର ସିଂହଦ୍ୱାରଠାରେ ହସ୍ତୀ, ମଲ୍ଲ

ପ୍ରଭୃତିଙ୍କ ଦ୍ୱାରା କୃଷ୍ଣ ବଳରାମଙ୍କୁ ବଧ କରିବା ପାଇଁ । ବଳରାମକୃଷ୍ଣ ହସ୍ତୀ, ମଲ୍ଲ ପ୍ରଭୃତିଙ୍କୁ ବଧ କଲେ । କଂସର ଭୟ । କଂସ କ୍ରୋଧରେ ହସ୍ତରେ ଖଡ୍‌ଗ ଧାରଣ କରି ବାଳକୃଷ୍ଣଙ୍କୁ ଆକ୍ରମଣ । କଂସ ମଞ୍ଚାରୁ ତଳକୁ ଡେଇଁ ପଡ଼ିବାରୁ କୃଷ୍ଣ ତାଙ୍କୁ ଧରି ବଧ କଲେ । ଦେବକୀ ପ୍ରଭୃତିଙ୍କ ରୋଦନ । କୃଷ୍ଣଙ୍କ ପ୍ରବୋଧ । କୃଷ୍ଣ ଉଗ୍ରସେନଙ୍କୁ ମଥୁରାର ରାଜା କଲେ (୩୩ଶ ଛାନ୍ଦ) । କୁବ୍‌ଜାରମଣ, ଯମଠାରୁ ଗୁରୁପୁତ୍ର ଆନୟନ, ରୁକ୍‌ମଣୀ ହରଣ, ଜରାସନ୍ଧ ବଧ, ସମନ୍ତକମଣି ହରଣ, ଶିଶୁପାଳ ବଧ, ଶାଲୁ ବଧ, ଦନ୍ତବକ୍ର ବଧ, ରୁକ୍ମଣ ବଧ, ବଜ୍ରନାଭ ବଧ, ଯୋଜନବାହୁ ବଧ, ପାରିଜାତକ ହରଣ, କୌରବପକ୍ଷ ଧ୍ୱଂସ ପ୍ରଭୃତି ଚରିତ (୩୪ଶ ଛାନ୍ଦ) ।

ବର୍ଣ୍ଣନା ଚାତୁରୀ—ବାତ୍ସଲ୍ୟ ରସର ଚିତ୍ର ଭିତରେ କୃଷ୍ଣଙ୍କ ବାଲ୍ୟଲୀଳା ଅତି ଉଚ୍ଚସ୍ଥାନ ଅଧିକାର କରିଛି । ଛାନ୍ଦଭୂଷଣରେ କୃଷ୍ଣଙ୍କ ବାଲ୍ୟଲୀଳା ପ୍ରସଙ୍ଗଟି ରସପୂର୍ଣ୍ଣ ଓ ରମଣୀୟ ହୋଇଛି ।

ଘେନି ବଳାକ୍ଷପକ୍ଷ ଲକ୍ଷ ଚନ୍ଦ୍ରକୁ ହନୁ ହନୁ ବୃଦ୍ଧି କ୍ରମରି
ଘନ ସୁଖଦ ଜନନୀ ନଳିନୀର ପାଦ କଢ଼ିବାରେ ପ୍ରଚୁରି ।
ଘୋର ତମସ, ଘନେ ତାରି ସେ ନାଶ ପାଇ
ଘନରସସୁତ ସଦ୍ଗୁଣ ସଦ୍ଗୁଣୀ ହୃଦଚନ୍ଦ୍ର କାନ୍ତି ଦ୍ରବାଇ । ୧ ।

ଘଣ୍ଟି ପାଟଚ୍ଛୁମ୍ପୀ ମୋତି ଗୁମ୍ଫା ଗୁମ୍ଫା ପ୍ରବାଳ ବଉଳରେ ରୁଚି
ଘାତକେଶରି କରି ଖୁର ଗୃଣିକରି ଖଟଦୋଳି ପରେ ଝକୁଚି ।
ଘନଶ୍ୟାମଙ୍କୁ, ଘରି ତମୋଦରେ ଶୁଆଇ
ଘଟସ୍ତନୀଏ ଲାଳିତ କରିବାରେ ବଞ୍ଚିଲେ କେତେଦିନ ତହିଁ । ୨ ।

ଘୋଷା କରି ଗୀତ କୋକିଳ ପ୍ରାକୃତେ ନାମକୁ ଗାଇ ତୋଷମନ
ଘେନି ସୁବର୍ଣ୍ଣ ସାମୁକ କ୍ଷୀର ଭରି ଜାନୁରେ କରାଇ ଶୟନ ।
ଘନଶ୍ୟାମଙ୍କୁ, ଘନ ଘନପାନ କରାଇ
ଘୋଷ କାମିନୀଏ ରସରେ ବଶରେ ଶେଷ କଲେ କେତେ ଦିନହିଁ । ୩ ।

ଘେନବା ତାହାରୁ କୋଳେ ଖେଳେ ଭଲେ ନ ଗ୍ରୁଣ୍ଡି କେତେ ଧନ ନେଇ
ଘର ଭିତ୍ତିଚିନ୍ନ ଚନ୍ଦ୍ରଙ୍କୁ ଦେଖାଇ କେତେ କାଳ ନେଲେ ଖେଳାଇ ।
ଘନଶ୍ୟାମଙ୍କୁ, ଘେର ବାଲ୍ଲୁଖିଏ ଭୁଲାଇ
ଘସ୍ର କେତେ ନେଲେ ସ୍ୱକର ଧରାଇ ଚଲାଇ ବୁଲାଇ ଝୁଲାଇ । ୪ ।
ଘାଗୁଡ଼ି ନୂପୁର ଖଞ୍ଜି କଟି ପଦେ ବେଣୀ ରଞ୍ଜି ଫୁଲ ଲମ୍ବାଇ
ଘଟଣ କପାଳେ ଦେଇ ଫଗୁ ଟେପି ଗୋପୀ କରତାଳି ବଜାଇ ।
ଘନଶ୍ୟାମଙ୍କୁ, ଘୋଷେ ଥୋଇ ଥୋଇ ନଗ୍ନରେ
ଘଟ କର ଦୁଃଖ ଲଭି ମହାସୁଖ ନେଲେ କେତେକାଳ ବଞ୍ଚାଇ । ୫ ।
(୪ର୍ଥ ଛାନ୍ଦ)

ବାଳକୃଷ୍ଣଙ୍କର କ୍ରମବର୍ଦ୍ଧମାନ ଶାରୀରିକ ଶୋଭା, ବାଲ୍ୟ ଚପଳତା, କୌତୁକ ପ୍ରଭୃତି ବିଷୟ କବି ଅତି ସୁନ୍ଦର ଭାବରେ ଚିତ୍ରଣ କରି ପାରିଛନ୍ତି । ବାତ୍ସଲ୍ୟ ରସର ଏ ଚଉତିଶି ସାହିତ୍ୟରେ ଏକ ଅମୂଲ୍ୟ ରତ୍ନ । ଉପେନ୍ଦ୍ର, ପ୍ରେମଚିତ୍ର ଅଙ୍କନ କରିବାରେ ଯେପରି ଦକ୍ଷ ସେହିପରି ବାତ୍ସଲ୍ୟ ରସ ପ୍ରସଙ୍ଗ ବର୍ଣ୍ଣନା କରିବାରେ ସେପରି ଦକ୍ଷ, ଏହା ଏହି ଚଉତିଶିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ।

ଯଶୋଦାଙ୍କ ପୁତ୍ରସ୍ନେହ ବାତ୍ସଲ୍ୟ ରସର ଏକ ସୁନ୍ଦର ରଚନା । କୃଷ୍ଣଙ୍କ ବାଲ୍ୟଲୀଳା, ମୃତ୍ତିକା ଭକ୍ଷଣ, ସରଲବଣୀ ଭକ୍ଷଣ ଓ ମାତାପିତାଙ୍କ ଅକୃତ୍ରିମ ସ୍ନେହର ଚିତ୍ରକୁ କବି ଅତି ଦକ୍ଷତା ସହକାରେ ରଚନା କରି ଜୀବନ୍ତ କରିପାରିଛନ୍ତି ।

ବଳରାମ ଓ କୃଷ୍ଣଙ୍କ ପ୍ରଥମ ପାଦପ୍ରଚାର, ବେଶ, ଖଟରେ ଶୟନ, ଗୋପରମଣୀଙ୍କ ଗୀତଗାୟନ, କ୍ଷୀରପାନ ପ୍ରଭୃତି ପ୍ରସଙ୍ଗ କବି ସଂକ୍ଷେପରେ ଅତି ଚମତ୍କାର ପଦରେ ବ୍ୟକ୍ତ କରିଛନ୍ତି । ଶିଶୁପୁତ୍ରଙ୍କ ସୁଖ ନିମନ୍ତେ ଯେତେ ଯତ୍ନ ଆବଶ୍ୟକ ତାହା ନନ୍ଦଯଶୋଦା ନେଇଛନ୍ତି । ଦାସଦାସୀଙ୍କ ଉପରେ ଏହି ଭାର ଅର୍ପଣ ନ କରି ନିଜେ ଏହାର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରିଛନ୍ତି ଏବଂ ସେଥିରେ ତନ୍ମୟ ହୋଇଛନ୍ତି ।

କୃଷ୍ଣ ମୃତ୍ତିକାଭକ୍ଷଣ କରିବାରୁ ବଳରାମ ଆଗରେ ବେଗରେ ଦୌଡ଼ିଯାଇ ମାତାଙ୍କୁ କହିବାରୁ ମାତାଙ୍କ ସ୍ନେହରଞ୍ଜିତ ଉଦ୍‌ବେଗ ପ୍ରକାଶ ପାଇଛି । ସେ ବାହ୍ୟରେ କଠୋର, ଭିତରେ କୋମଳ ଏହି ଭାବ ପ୍ରକାଶ କରିଛନ୍ତି । "ଘଟନା ଯାର ସଂସାର" ସେହି କୃଷ୍ଣଙ୍କୁ ଯଶୋଦା ମାୟାବଶରୁ ନିଜ ସନ୍ତାନମନେକରି ଭର୍ତ୍ସନା, ତର୍ଜନା କରିଥିଲେ । ମୃତ୍ତିକାଭକ୍ଷଣର ପ୍ରମାଣ ପାଇବା ନିମନ୍ତେ କୃଷ୍ଣଙ୍କୁ ମୁଖ ମେଲ କରିବାପାଇଁ ଯଶୋଦା କହିବାରୁ କୃଷ୍ଣଙ୍କ ଉଦରରେ ଚତୁର୍ଦ୍ଦଶ ବ୍ରହ୍ମାଣ୍ଡ ଦେଖି ଯଶୋଦା ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ଏହା ହିଁ ତାଙ୍କ ପୁତ୍ରସେହର ପୁରସ୍କାର । ସେ ସ୍ୱଚକ୍ଷୁରେ ବିଶ୍ୱପିତାଙ୍କୁ ଦର୍ଶନ କରି ଧନ୍ୟ ହେଲେ । ବାତ୍ସଲ୍ୟ ରସରେ ଭଗବାନଙ୍କୁ ଲାଭ କରିବା ଦୃଷ୍ଟାନ୍ତ ଏଠାରେ ପ୍ରଦର୍ଶିତ ହୋଇଛି ।

କୃଷ୍ଣଙ୍କୁ ପିତ୍ତ ରୋଗ ଘଟିଥିବା ଏବଂ ରିଷ୍ଟ ପଡ଼ିଥିବା ଆଶଙ୍କା କରି ମାତା ପରଂପରାନୁମୋଦିତ ରିଷ୍ଟନାଶନ ବିଧିବିଧାନ କଲେ । ଏହି ପ୍ରସଙ୍ଗରେ କବି ହରିହର ପୂଜାର ଉଲ୍ଲେଖ କରିଛନ୍ତି । ଉତ୍କଳରେ ପ୍ରାୟ ସର୍ବତ୍ର ହରିହର ପୂଜାର ବିଦ୍ୟମାନତା ଦୃଷ୍ଟିଗୋଚର ହୁଏ । ଗଙ୍ଗବଂଶର ରାଜତ୍ୱରେ ହରିହର ପୂଜାର ପ୍ରଚୁର ବିଶିଷ୍ଟ ସ୍ଥାନ ଅଧିକାର କରିଥିଲା । କବିଙ୍କ ସ୍ୱରାଜ୍ୟ ଘୁମୁସରରେ ମଧ୍ୟ ହରିହର ପୂଜାର ପ୍ରଚଳନ ଦେଖାଯାଏ । ଏହି ହରିହର ପୂଜା ବୈଷ୍ଣବ-ଶୈବ ସମ୍ପ୍ରଦାୟର ସମନ୍ୱୟ ପନ୍ଥା ମାତ୍ର । କବି ଏହି ସାମ୍ୟଭାବର ବଶବର୍ତ୍ତୀ ହୋଇ ଏହି ପୂଜାର ଉଲ୍ଲେଖ କରିଥିବା ଅନୁମିତ ହୁଏ ।

ଘନଶ୍ୟାମଙ୍କୁ, ଘୋଟିଲା ରିଷ୍ଟ ନାଶ ପାଇଁ
ଘଣ୍ଟ, ଧୂପ, ଦୀପ, ଉପାଧି ବିଧିରେ ହରିହର ପୂଜା କରାଇ । ୧୮ ।
(୪ର୍ଥ ଛାନ୍ଦ)

ଯଶୋଦାଙ୍କ ଦଧିମନ୍ଥନ ଛବି—

ନନ୍ଦିତ କରି କୋକିଳ କୁଳକୁ କଲେ ଆକୁଳ
ଗନ୍ଧର୍ବଗାନକୁ ଚପେ ତହିଁ,

ନିଖିଳଜନ ଆତୁର   କରଣେନିତନୂତର
କଙ୍କଣ କ୍ୱଣିତନାଦ ସହିଁ ସେ,
ନାସାମଣି, ନିରଳସ ଦଧିମନ୍ଥନରେ,
ନୃତ୍ୟ କରଇ ରମଣୀ   ରମଣୀଙ୍କ ପୃଷ୍ଠେ ବେଣୀ
ଫଣୀ କି ଖେଳେ ହେମଭୂମିରେ ସେ । ୨ ।

ନୀରଦ ମଞ୍ଜୁ ଅଳକା   ପନ୍ତରୁ ଖସେ ମଲ୍ଲିକା
ମାଳିକା ଖଳିତ ଶୋଭା ଦିଶେ,
ନିର୍ମଳ ପୀୟୂଷ ପିଇ   ଥିଲା ବମନ କରଇ
ବିଧୁନ୍ତୁଦ କି ଅପାକବଶେ ସେ
ନିରବଧି, ନିଆଳି କଳି ଭଜନ୍ତି ମନ୍ଥି,
ନାଶ ହୋଇ ପୁଣ୍ୟମାନ   ତାରକାଗଣ ପତନ
ଶୂନ୍ୟରୁ ହୋଇଲା ପ୍ରାୟ ଶୋହି ସେ । ୩ ।

ନୀର ବିନ୍ଦୁ ବିନ୍ଦୁ ଇନ୍ଦୁ,   ଦାସୀଙ୍କ ବଦନଇନ୍ଦୁ
ଅମୃତବିନ୍ଦୁ ବୃଷ୍ଟି କି ଶୋଭା,
ନଳିନେ ତୁଷାରସାର   ପଡ଼ି କି ରୁଚିର ଚିର
ତପସ୍ୱୀ ଚିତ୍ତ କରିବେ ଲୋଭ ସେ
ନାସାମଣି, ନିକଳିତ ସ୍ୱେଦ ବିନ୍ଦୁ ଅଙ୍ଗେ,
ନବୀନଦଳ କେତକୀ   ଦଳେ ଖେଳେ ମୁକୁତା କି
ହିତପାତ ହୃପୂର୍ତ୍ତି ଅନଙ୍ଗେ ସେ । ୪ ।

ନୟନ ଚଞ୍ଚଳ ତହିଁ   ନିରତେ କୋଣକୁ ଯାଇ
ସଭୃଙ୍ଗ ପଦ୍ମ ଡଳି କି ବାତେ,
ନିତନୁକୁ କରି ଗୁରୁ   ନୂତନେ ଶିଖନ୍ତି ସ୍ଥିରୁ
ବିଶିଖ ବନ୍ଧ କି ଧୈର୍ଯ୍ୟ ହରନ୍ତେ ସେ
ନୋହିଲେ କି, ନିରେଖି ବେନି ଶ୍ରବଣ ପାଶ

ନପୂଣ ପଣ୍ଡିତେ ଧାଇଁ କୃରଙ୍ଗତରଙ୍ଗ ହୋଇ
ରଙ୍ଗକ କରଇ ପ ଇ ଯାସ ସେ । ୫ ।
(୫ମ ଛାନ୍ଦ)

ପଞ୍ଚମ ଛାନ୍ଦର ଦଧିମନ୍ଥନ ଛବିଟି ଅତି ଚମତ୍କାର ହୋଇଛି । କବି ତାଙ୍କର ବିଭିନ୍ନ କାବ୍ୟରେ ବିଭିନ୍ନ ଭଙ୍ଗୀରେ ସୁନ୍ଦର ବର୍ଣ୍ଣନା ଦେଇ ପ୍ରଶଂସା ଲଭ କରିଛନ୍ତି । ଏହି ଦଧିମନ୍ଥନ ବର୍ଣ୍ଣନାଟି ତାଙ୍କର ପ୍ରଶଂସାକୁ ବୃଦ୍ଧି କରିଛି ଏବଂ କବି ଯେ ଜୀବନର ବିଭିନ୍ନ ବିଭାବର ଚିତ୍ର ଅଙ୍କନ କରିବାରେ ଦକ୍ଷ ଥିଲେ ଏହା ପ୍ରମାଣିତ କରୁଛି ।

ରାସଚିତ୍ର—ବିବିଧ ଉପଯୁକ୍ତ ଉପମା ବ୍ୟବହାର କରି କବି କୃଷ୍ଣଙ୍କ ରାସକ୍ରୀଡ଼ାର ଛବିକୁ ଅତି ଚମତ୍କାର ଭାବରେ ଜୀବନ୍ତ କରି ଅଙ୍କନ କରି-ପାରିଛନ୍ତି । ବାହ୍ୟ ଓ ଅନ୍ତରର ରାସକ୍ରୀଡ଼ା ବର୍ଣ୍ଣନାରେ କବି ଅନନ୍ୟସାଧାରଣ ପ୍ରତିଭା ବ୍ୟକ୍ତ କରିଛନ୍ତି । ତନ୍ମଧ୍ୟ ପ୍ରେମିକାର ମନୋଭାବକୁ କବି ଅତି ସୁନ୍ଦର ରସପୂର୍ଣ୍ଣ ପଦାବଳୀରେ ବର୍ଣ୍ଣନା କରିଛନ୍ତି । ଗୋପୀ ଧୃଷ୍ଟ ନାୟକକୁ ଅନୁକୂଳ ନାୟକ ମନେ କରି ହାବଭାବ ପ୍ରକାଶ କରିଛନ୍ତି । ଦକ୍ଷିଣ ନାୟକର ଏକମାତ୍ର ନାୟିକା ହେବା ପାଇଁ ଗୋପୀର ଯେଉଁ ପ୍ରବଳ ଚେଷ୍ଟା କାୟମନୋ-ବାକ୍ୟରେ ପ୍ରକାଶ ପାଇଛି ତାହା ଅତି ରମଣୀୟ ହୋଇଛି । ମନେ ହେଉଛି, ସତେ ଯେପରି ସମଗ୍ର ଦୃଶ୍ୟଟି ଆଖି ଆଗରେ ଅଭିନୀତ ହେଉଛି । କବିଙ୍କ ଲେଖନୀର ସାର୍ଥକତା ଏଠାରେ ପ୍ରକାଶ ପାଇଛି —

ନନ୍ଦନନ୍ଦନଙ୍କୁ ବେଢ଼ି ଗୋପୀଶୋଭା ଏମନ୍ତ ମନକୁ ଆସଇ,
ନଳେନ୍ଦ୍ରବର ଫୁଲ ସ୍ଥିରପାରୁଶେ ନଳିନୀ କ ମଞ୍ଜୁ ଦିଶଇ ।
ନୀଳେନ୍ଦ୍ରମଣି ପ୍ରସାଦକୁ ବେଷ୍ଟିତ,
ନବଦାହ ହେମ ପ୍ରାକାର କି ଆନ ଧିକାର ଲକ୍ଷିତ । ୧ ।

ନିର୍ମଳ କମଳଧରବଦନଙ୍କି କମଳକର ଧନାଇଲେ
ନିଜ ଭୁଜ ତୋଳି ହସି ଆସ ଭାଷି ସୁମନା ମନ ମନାଇଲେ ।

୨

ନିଷ୍ପନ୍ଦ, ସେମାନେ ହରଷିତ ମନ,
ନଦୀ ନୀର ଧୀରେ ମିଶିଗଲା ପ୍ରାୟେ ଅଙ୍ଗ ଅଙ୍ଗକେ ଆଲିଙ୍ଗନ । ୨ ।

ନାଗରୀଙ୍କ କୁଚ କୁଙ୍କୁମରଞ୍ଜନ ଅଞ୍ଜନ ଗଞ୍ଜନ ଶରୀର,
ନୀଳ କାଦମ୍ବିନୀ ଦାମିନୀ କୋଳେ ଧରିକି ମନୋହର ।
ନୟନେ କୃଷ୍ଣର କେ ପ୍ରତିବିମ୍ବିଛି,
ନୀଳା ମଧ୍ୟରେ କି କନକପ୍ରତିମା ନିଶ୍ଚଳ ହୋଇଣ ରହିଛି । ୩ ।

ସଖୀ ମେଳରୁ କେହି ନବ ରସିକା ଗୋପୀର ଭାବଭଙ୍ଗୀ—

ନବରସିକା କେ ହରି ଭାବେ ଭୁଲି ଭ୍ରୂଯୁଗଳ କମ୍ପାଉଛି,
ନୀଳ ଲୋହିତକୁ ଜିଣିମ ବୋଲି କି କାମ କୋଦଣ୍ଡ ନଗୃଉଛି ।
ନାରୀ କେ, ଅଳପ ଅଳପ ହସୁଛି,
ନିଶାକର କରନିକରକି ଶୋଭାକର ଅବନୀକି ଖସୁଛି । ୪ ।

ନୀରଜ ନ.ରୀଚ ନାରୀଚ ବାଜିଲେ ଗ୍ରୀବା ବଙ୍କ କରି ଚାହୁଁଛି,
ନଳିନ କି ଅବା ଚଣ୍ଡ ପବନରେ ଚଞ୍ଚଳତା ଭାବକୁ ପାଉଛି ।
ନୟନ, ତାଳି କେ କୃଷ୍ଣଙ୍କୁ ଦେଖୁଛି,
ନିତନୂ ନୂତନ ସାଧନ କରିଣ ବାଣଗଣ ବାଛି ରଖୁଛି । ୫ ।

ପୁଣି ଅନ୍ୟ ନବରସିକାଙ୍କ ଭାବଭଙ୍ଗୀ —

ନିକୁଞ୍ଜ କୁଞ୍ଜରକୁ ଠାରି ନୟନ କୁଞ୍ଜ ଦ୍ୱାରରେ କେ ପଶୁଛି,
ନ ଦେଖିଲେ ପରି ବୋଲି ମନେକରି ନୂପୁର ଶବଦ ଘୋଷୁଛି ।
ନେଇ କେ, ଥଳ ଫୁଲମାଳା କରୁଛି,
ନିଧୁବନ ହୋଇ କେମନ୍ତ କଥା ସେ ସଜନୀଙ୍କି କେ ପଚାରୁଛି । ୬ ।
ନିତମ୍ବିନୀ କେ ଅଧର ଗୋଜ କରି ଅମୂଲ୍ୟ ଚୁମ୍ବନ ଯାଚିଲା,
ନାଗବଲ୍ଲୀ ବୋଲି ଉରଜେ ପକାଇ କୃଷ୍ଣ ଚାହୁଁ ଭଙ୍ଗୀ ରଚିଲା ।
ନିବିଡ଼େ, ତମାଳ ତରୁ କେ ଭିଡ଼ଇ,
ନୀରଦ-କେଶୀ କେ, ରଦଛଦ ଛଳେ ନବ ପଲ୍ଲବକୁ ପୀଡ଼ଇ । ୭ ।

ନଖିଲମୋହୀ କେ କୁଡ଼ାକୁ ଫିଟାଇ କୃଷ୍ଣ ଗୁହୁଁ ବେଣୀ ସାଜିଲା,
ନମିଷେ ଯାଉ ଶ୍ୟାମ ମୋ ସଙ୍ଗ ହେଉ ବୋଲି କେ କାମକୁ ବାଜିଲା ।
ନାଲୀକ, ପାଦେ କେ ଏକା ଅନାଉଛୁ,
ନରନ୍ତର ଏଥି ବଶ କେଉଁ ରସ ପାଇ ଭକଟତ ତ ଧାଉଛୁ । ୮ ।
(୨୦ଶ ଛାନ୍ଦ)

ପଦ୍ୟଗୁଡ଼ିକ କବିତାରାଜ୍ୟରେ ଅମୂଲ୍ୟ । ମୁରଲୀ ନାଦ, ମୁରଲୀ ନାଦରେ ଗୋପୀମାନଙ୍କ ଉନ୍ମାଦନା, ବନବିହାର, ଯମୁନାସ୍ନାନ, ବସ୍ତ୍ରହରଣ, ରାସକ୍ରୀଡ଼ା, କୃଷ୍ଣଙ୍କ ମଥୁରାଯାତ୍ରାରେ ଗୋପୀମାନଙ୍କର ବିଳାପ ଓ ବିଭିନ୍ନ ଋତୁରେ ଗୋପୀମାନଙ୍କର ବିରହାବସ୍ଥା ପ୍ରଭୃତି ଚମତ୍କାର ଭାବରେ ବର୍ଣ୍ଣିତ ହୋଇଛି । ନିମ୍ନରେ କବିଙ୍କ ବର୍ଣ୍ଣିତ ରାସକ୍ରୀଡ଼ାର ଚିତ୍ର ଦିଆଗଲା ।

ପୀତାମ୍ବର ମଧ୍ୟରେ ବାଳୀ ମଣ୍ଡଳାକାରେ, ତହୁଁ କବି ଉପମା ଯେ,
ପ୍ଲାବନ ହଂସପନ୍ତି ଯୁଗ ବେଢ଼ି କରନ୍ତି, ଲଭି ସେହୁ ସୁଷମା ଯେ ।
ଭ୍ରମଉରେ, ପ୍ରବଳେ ଭ୍ରମୁଛନ୍ତି ଯେ,
ପାଇ ବିଷ୍ଣୁ ଅଙ୍ଗୁଳି ଯଥା ରଥାଙ୍ଗ ବୁଲି ତଥା ଯୁବତୀ ପନ୍ତି ଯେ । ୧୪ ।

ପାଣିକି ପାଣି ଧରାଧରି ବିଚିତ୍ର କାରା ପରା ଶୋଭିନ ନାରୀ ଯେ,
ପାଢ଼ି ପାଶ ମଧ୍ୟର କି ଶୋଭା କଷିବର ତେସନ ମତ କରି ଯେ ।
ପୟୋଦକୁ, ପକ୍ଷୀ ଗୃତକ ଧାଡ଼ି ଯେ,
ପ୍ରେମରସ ବରଷା କରିବ ଏ ଭରସା କରିଛନ୍ତି କି ବେଢ଼ି ଯେ । ୧୫ ।

ପୁଚ୍ଛକୁ ଟେକ ଟେକ ମଧ୍ୟେ ଯଥା ନର୍ତ୍ତିକା ମୟୂରୀ ଘେରିଥାନ୍ତି ଯେ,
ପଦ୍ମାପତି ନର୍ତ୍ତନ କାଳେ ଯଥା ଯତନ ରାଧା ମଧ୍ୟରେ ସ୍ଥିତି ଯେ ।
ପିଛଡ଼ିକୁ, ପିଗ୍ଧୁଡ଼ି ନପାରନ୍ତି ସେ,
ପୁରନ୍ଦର ସମ୍ପତ୍ତିଠାରୁ ବଡ଼ ଦମ୍ପତି ସୁଖ ମନେ ଭାବନ୍ତି ଯେ । ୧୬ ।

ପୀତବାସ କଟୀକି ଧରି ସେହିପରି କି ଧରି କେ ଦକ ହରୁ ଯେ,
ପରିଧିଚନ୍ଦ୍ରେ ବିକୁ ଯେମନ୍ତ କରି ମଞ୍ଜୁ କେ ଉର୍ଦ୍ଧ୍ୱେ ଛନ୍ଦ ଧରୁ ଯେ ।

ପଦପରା ପରକୁ କେ ଆଉଜ ଯେ,
ପ୍ରଭଞ୍ଜନ ଯୋଗରେ ହେମଲତା ତାପରେ ପଡ଼ିଲା ଶୋଭା ଭଜ ଯେ ॥
(୨୧ଶ ଛାନ୍ଦ)

ଭାଷା—ଛାନ୍ଦଭୂଷଣର ଭାଷା ବହୁଳାଂଶରେ ସରଳ; ପଦଗୁଡ଼ିକ ସରସ, କୋମଳ ଓ ରମଣୀୟ । କବି ପ୍ରତ୍ୟେକ ଛାନ୍ଦରେ ଅଳଙ୍କାରର ପ୍ରୟୋଗ କରିଥିଲେ ମଧ୍ୟ କ୍ଲିଷ୍ଟ ଓ ବହୁଅର୍ଥବ୍ୟଞ୍ଜକ ସଂସ୍କୃତ ଶବ୍ଦର ବହୁଳବ୍ୟବହାର କରି ନାହାନ୍ତି । ବିଭିନ୍ନ ପ୍ରକାର ଯମକର ବ୍ୟବହାର ସହିତ ଅନୁପ୍ରାସ ପଦଗୁଡ଼ିକର ରମଣୀୟତା ବୃଦ୍ଧି କରିଛି ।

କବି କାବ୍ୟଟିରେ ତଦ୍‌ଭବ, ତତ୍ସମ ଓ ଦେଶଜ ଶବ୍ଦ ବ୍ୟବହାର କରିଛନ୍ତି । ଏହା ତାଙ୍କ ଶବ୍ଦପାଣ୍ଡିତ୍ୟର ନିଦର୍ଶନ । କେତୋଟି ଶବ୍ଦ ଏଠାରେ ଉଦ୍ଧୃତ ହେଲା—

୨ୟ ଛାନ୍ଦ—ପହଣ୍ଡ, ଖୁଣ୍ଟିଆ, ମଣାଇ, ଅନାଇଁ, ଖୋଜ, ଗାଡ଼, ଗଞ୍ଜା, ଖେପି, ଖଣ୍ଡ, ଖୁଞ୍ଚ, ଖଳାଡ, ଖାଇ ।

୪ର୍ଥ ଛାନ୍ଦ—ଘୁମାଘୁମା, ଝୁମା, ଉକୁଚ, ଘଉଡ଼ି, ଘୋଷାଇ, ଉଞ୍ଚାଇ, ଥିଘୁ, ମୁହିଁ, ଘୁଡ଼ାଇ ।

୬ଷ୍ଠ ଛାନ୍ଦ—ଚଳୁଅଛୁ, ବଢ଼ାଇ ।

୭ମ ଛାନ୍ଦ—ଛଇଛେନ୍ଦ, ଛଟକ, ଛଟପଟ, ଛକ, ଛୁଆ, ଛପାଇ, ଛିପି, ଛୁଇଁ ।

୮ମ ଛାନ୍ଦ—ବୋଇଲ, ସଞ୍ଜା ।

୯ମ ଛାନ୍ଦ—ଝାଙ୍କ, ଝଲକ, ଝାଉକା, ଝୁମୁରୁ, ବାଇ, ଝିମିଟେ, ଝକଝକ, ଝାଙ୍କନ୍ତି, ଝଗଡ଼ି, ଝୁଲାଇବା, ଝଡ଼ିଲେ ।

୧୧ଶ ଛାନ୍ଦ—ଟହକ, ଟେକ, ଟିକାଏ, ଟାହି, ଟାଣିଲି, ଟଳିଛନ୍ତି, ଟାକ, ଟୋପର, ଟାଣ, ଟହଟହ, ଟିପଣା, ଟେରା ।

୧୨ଶ ଛାନ୍ଦ—ଠାଠିକ, ଠଣ, ଠଅଗାଇ, ଠାବ, ଠାଣି, ଠାକଇ, ଠାର, ଠିକଣା, ଠଗ୍ଠଗ, ଠାଏ, ଠେଁସ, ଠଢ଼େର, ଠପରା, ଠଣିକା, ଠେକ ।

୧୩ଶ ଛାନ୍ଦ—ଡଲ, ଡେଲାଇବା, ଡୋଲା, ଡାଉଁରାଇ, ଡଗରା, ଡାକୁଆ, ଡେଙ୍ଗୁରେ, ଡାଳ, ଡଅଁର, ଡବଡ଼ବ, ଡୁଆଡୁଆ, ଡଉଁରିଆ, ଡିଆଁ, ଡାହା ।

•୧୪ଶ ଛାନ୍ଦ—ଢମ୍ପା, ଢୁଣ୍ଡ, ଢାଢ଼, ଢାଳେ, ଢାଙ୍କିଲ, ଢଳୁଛୁ, ଢଗ, ଢେଉ, ଢୀପ ।

୧୮ଶ ଛାନ୍ଦ—ଦେଖୁର, ଦୁଲୁକେ, ଖୋଜିବା, ଲୋଡ଼ିଲେ, କଅଁା, ଆଣି, ଝାଇଁ ।

୨୨ଶ ଛାନ୍ଦ—ଫୁରୁଣା, ଫୁଟାଉ, ଫାଇ, ଫୁଟିକ, ଫରି, ଫୋପାଡ଼ନ୍ତା, ଫରହର, ଫଙ୍ଗାଫଙ୍ଗି, ଘୂଷ୍ମ ।

୨୭ଶ ଛାନ୍ଦ—କଢ଼, ଲଚ ।

୩୨ଶ ଛାନ୍ଦ—ଜଳାକବାଟୀ, ଡେରା ।

ଅଳଙ୍କାର ପ୍ରୟୋଗ—ଛାନ୍ଦଭୂଷଣରେ କବି ତାଙ୍କର ଅନ୍ୟାନ୍ୟ ବିଶିଷ୍ଟ ଅଳଙ୍କାରମଣ୍ଡିତ କାବ୍ୟ ପରି ଅଳଙ୍କାରର ଯଥାଯୋଗ୍ୟ ପ୍ରୟୋଗ କରି କାବ୍ୟର ସୌନ୍ଦର୍ଯ୍ୟ ବୃଦ୍ଧି କରିଛନ୍ତି ।

ବର୍ଣ୍ଣାଦ୍ୟ ଛାନ୍ଦରଚନାର ବିଶିଷ୍ଟତା ଉପରେ ଗୁରୁତ୍ୱ ଆରୋପଣ କରି କବି କାବ୍ୟର ନାମ ମଧ୍ୟ 'ଛାନ୍ଦଭୂଷଣ' ରଖିଛନ୍ତି ।

୧ମ ଛାନ୍ଦ—ଯମକ, ଗୋମୂତ୍ର ଛନ୍ଦ ।
୩ୟ ଛାନ୍ଦ—ଉପମାନନ୍ଦା ଓ ବିରୋଧାଭାସ, ଅନୁପ୍ରାସ ।
୫ମ ଛାନ୍ଦ—ମାଳଯମକ
୭ମ ,,—ଯମକ
୯ମ ,,—ଯମକ
୧୦ମ ,,—ଯମକ, ସିଂହାବଲୋକନ ।
୧୧ଶ ,,—ପ୍ରାନ୍ତଯମକ ଓ ଉପଧା ମିଳନ ।

୧୩ଶ ,,—ଯମକ
୧୪ଶ ,, —ଯମକ

ଏପରି ବିଭିନ୍ନ ଅଳଙ୍କାରର ପ୍ରୟୋଗ ହୋଇଛି । 'ଛାନ୍ଦଭୂଷଣ' କେବଳ ଅଳଙ୍କାର ପ୍ରୟୋଗ ଯୋଗୁଁ ପ୍ରସିଦ୍ଧ ନହେଲେ ମଧ୍ୟ ଅଳଙ୍କାର ପ୍ରୟୋଗ କୌଶଳ ନିମ୍ନଶ୍ରେଣୀର ନୁହେଁ ।

ନୀତିବଚନ—ଛାନ୍ଦଭୂଷଣରେ କବି ପ୍ରସଙ୍ଗକ୍ରମେ କେତେଗୁଡ଼ିଏ ଉପାଦେୟ ନୀତିବଚନ ପ୍ରଦାନ କରିଛନ୍ତି । ଏଥିରୁ କେତୋଟି ନିମ୍ନରେ ଦିଆଗଲା—

୧ । ଭାଗ୍ୟ ଅରଜନ ହେଲା ଏହି । ଭେଳା ଏବେ କୂଳେ ଲାଗି ଯାଇ ।
ଭୁଜଙ୍ଗେ ସେନେହୀ ହୋଇଲା ଜନର
ଜୀବନକୁ ତାର ଆଶା କାହିଁରେ । (୨୪ଶ ଛାନ୍ଦ)

୨ । ଭାବୁ ଭାବୁ ସରିଯିବ ନିଶି, ଭାବ କି ପାଇବ ପଛେ ଆସି ।
ଭାଜିଲା ଦବ୍ୟେ ଆଉ ଅରେ ମାନସ
ତୁମ୍ଭେ ତେସନ ହେଲ ନରାଣୀ ହେ । (୨୪ଶ ଛାନ୍ଦ)

୩ । ଭଙ୍ଗ ତୁମ୍ଭେ ନ ଘେନ କପାଇଁ, ଭାଗ୍ୟ ପ୍ରାନ୍ତେ ଯେ ମାଳତୀ କାଇ ।
ଭାଳି ଭାଳି ଅଳି ଖିନ୍ନ ହୋଏ ସିନା
କୃନ୍ଦେ ତେସନ ରସ ନପାଇ ହେ । (୨୪ଶ ଛାନ୍ଦ)

୪ । ମୋର କି ଗଲା କି ନିନ୍ଦା ତୁମ୍ଭଙ୍କୁ ହୋଇଲା
ମୋହିନୀ ବୋଲିବେ ଭଲା ଫୁସେ ପ୍ରୀତି କଲା ଯେ । (୨୫ଶ ଛାନ୍ଦ)

୫ । ମଳୟଜ ତରୁ ଭୋଗ ହେଲା ଉରଗକୁ
ମୂଢ଼ପଣ କଲା ଧାତା କହିବା କାହାକୁ ଯେ । (୨୫ଶ ଛାନ୍ଦ)

କୃଷ୍ଣଭକ୍ତି —କବି କୃଷ୍ଣଭକ୍ତିର ଆବଶ୍ୟକତା ଅନୁଭବ କରିଛନ୍ତି । କୃଷ୍ଣ ରାମଚନ୍ଦ୍ରଙ୍କ ଅବତାର ଥିବାରୁ କବି ରାମଚନ୍ଦ୍ର ଓ କୃଷ୍ଣ ଉଭୟଙ୍କୁ ଭକ୍ତି କରିଛନ୍ତି । କିନ୍ତୁ ଛାନ୍ଦଗ୍ରନ୍ଥରେ ରାମଚନ୍ଦ୍ରଙ୍କୁ ହିଁ ବାରମ୍ବାର ସ୍ମରଣକରି କବି ପ୍ରଧାନତଃ ରାମଭକ୍ତ ଥିବା ପ୍ରକାଶିତ କରିଛନ୍ତି ।

କବି କୃଷ୍ଣଭକ୍ତି ସମ୍ପର୍କୀୟ କାବ୍ୟ ରଚନାକରି ନ ଥିବାରୁ କ୍ଷୋଭ ପ୍ରକାଶ କରି ନିଜକୁ ଦୋଷ ଦେଇଛନ୍ତି । କୃଷ୍ଣକଥା କାମିନୀ କଥାଠାରୁ ଶ୍ରେଷ୍ଠ ଏବଂ କାମିନୀ କଥାରେ ବିଶେଷ ଭାବରେ ଲେଖନୀ ଚାଳନା କରି କୃଷ୍ଣକଥା ରଚନା ପ୍ରତି ଦୃଷ୍ଟିପାତ କରି ନ ଥିବାରୁ ନିଜକୁ ଧିକ୍କାର କରିଛନ୍ତି । ଏଥିରୁ ଅନୁମାନ କରାଯାଉଛି, ଏହି ସମୟକୁ କବିଙ୍କର କଳାକଉତୁକାଦି କାବ୍ୟକବିତା ରଚିତ ହୋଇନାହିଁ; ବୈଦେହୀଶବିଳାସ ରଚିତ ହୋଇଥିଲି ପରି ମଧ୍ୟ ଜଣା ଯାଉନାହିଁ ।

> କବି ସ୍ତୁତି ଅନ୍ତରେ ଯେ ଏମନ୍ତ ଭାବିତ
> କଲି କାମିନୀ ବର୍ଣ୍ଣନା କରି ବହୁ ଗୀତ ।
> କେଉଁ କାର୍ଯ୍ୟ ଅଛି ତହିଁ କୃଷ୍ଣକଥା ଥାଉଁ
> କଲିଟି ଯାହା ଅବିଘ୍ନେ ସମାପତ ହେଉ । ୪ । (୧ମ ଛାନ୍ଦ)

କୃଷ୍ଣ କମ୍ବୁକଟକରେ ଦାରୁରୂପରେ ବିରାଜୁଛନ୍ତି ଏବଂ ସେ କାଳେ କାଳେ ଶ୍ୱେତଦ୍ୱୀପରେ ବିହାର କରୁଛନ୍ତି ବୋଲି କବି ପ୍ରାର୍ଥନା କରିଥିବାରୁ କବି କୃଷ୍ଣ, ବିଷ୍ଣୁ ଓ ଜଗନ୍ନାଥ ଏକ ବୋଲି କହିଛନ୍ତି । ପୁଣି ପୂର୍ବେ କୃଷ୍ଣ ରାମ ରୂପରେ ଅବତରିଥିଲେ ବୋଲି କହିବାଦ୍ୱାରା କୃଷ୍ଣ ଓ ରାମ ଏକ ବୋଲି ବ୍ୟକ୍ତ କରିଛନ୍ତି । କୃଷ୍ଣ ରାମ, ବିଷ୍ଣୁ ବା ଜଗନ୍ନାଥଙ୍କ ଅବତାର ମାତ୍ର, ଏହାହିଁ ଏଠାରେ ପ୍ରତିପାଦିତ ହୋଇଛି । ବିଷ୍ଣୁ ଲୀଳା ରଚନା ଉଦ୍ଦେଶ୍ୟରେ ବିଭିନ୍ନ ଅବତାର ହୋଇଛନ୍ତି । କୌତୁକରେ ସେ ଲୀଳା ରଚନା କରିବା ପାଇଁ ଦେବତା ଉଦରରୁ ଜାତ ହେଲେ । କବି କୃଷ୍ଣକଥାର ଅବତରଣିକା ଏହିପରି ଭାବରେ ଦେଇଛନ୍ତି—

କମଳବନ୍ଧୁ ବଂଶେ ଯେ ଥିଲେ ଅବତରି
କଣ୍ଠୀରବ ତନୁ ଯେ ପୂର୍ବରେ ଥିଲେ ଧରି ।

କୌତୁକେ ସେ ବିଧୁଜାତ ଦେବକୀ ହୃଦରେ
କମଳଧ୍ୱଜ ପ୍ରକାଶ ରଙ୍କା ଆକାଶରେ ।

କଇରବ ଯଦୁକୁଳ ନଷ୍ଟେ ଉଲ୍ଲାସିବେ
କଳୁଷପ ତମସ୍ତୋମ ସୁକରେ ନାଶିବେ ।

କରିବେ ବରଜନାରୀ ଚନ୍ଦ୍ରକାନ୍ତ ଦ୍ରବ
କଂସ କୁଶେଶୟର ହୋଇବ ସଂକୋଚ ଖର୍ବ ।

କୁପଥ ତସ୍କରଚୟ ଗରବ ଧ୍ୱଂସିବେ
କଉତୁକେ ରାଜଶ୍ରୀ ତାରକା ବିକସିବେ ।

କରି ଏତେ ଲୀଳାରେ ମାନସ ବଶ ତହିଁ
କଲେ ମଣ୍ଡନ ସେ ଗୋପ ଉଦୟାଦ୍ରି ଯାଇଁ । (୧ମ ଛାନ୍ଦ)

କବି ଗୋପପୁରରେ କୃଷ୍ଣଙ୍କ ଉଦୟ ଓ ଯଶୋଦାଙ୍କ ଦ୍ୱାରା କୁମର ପରିପାଳନ ବିଷୟ କେବଳ ସଂକ୍ଷେପରେ ଉଲ୍ଲେଖ କରିଛନ୍ତି । କୃଷ୍ଣଙ୍କ ଜନ୍ମ ଓ ଗୋପପୁରକୁ ଆଗମନ ପ୍ରଭୃତି ପ୍ରସଙ୍ଗର ବର୍ଣ୍ଣନା ନାହିଁ । ବାଲ୍ୟକାଳରୁ କୃଷ୍ଣଙ୍କ ଶୋଭାରେ ଗୋପଯୁବତୀମାନେ ମୁଗଧ ହୋଇ ତାଙ୍କୁ 'କନ୍ଦର୍ପ ପରି ମନରେ ଭାବିଲେ', ଏହି ସୂଚନା ଦେଇ କବି ଗୋପଲୀଳାର କ୍ରମବର୍ଦ୍ଧନ କଥାନିର୍ଘଣ୍ଟ ନିର୍ଣ୍ଣୟ କରିଛନ୍ତି ।

ଛାନ୍ଦଭୂଷଣରେ ଗୋପ, ମଥୁରା ଓ ଦ୍ୱାରକା ଲୀଳାର ବର୍ଣ୍ଣନା ଥିଲେ ମଧ୍ୟ ଗୋପଲୀଳା ପ୍ରସଙ୍ଗ ଅଧିକାଂଶ ସ୍ଥାନ ଅଧିକାର କରିଛି; ଚଉତିରିଶି ଛାନ୍ଦ ମଧ୍ୟରୁ ପ୍ରଥମରୁ ତିରିଶି ଛାନ୍ଦ ଗୋପଲୀଳା ଅଧିକାର କରିଛି ।

୩୧ଶ, ୩୨ଶ ଓ ୩୩ଶ ଏହି ତିନି ଛାନ୍ଦରେ ମଥୁରାଲୀଳା ବା କଂସବଧ ପ୍ରସଙ୍ଗ ବର୍ଣ୍ଣିତ ହୋଇଛି । ଶେଷ ବା ୩୪ଶ ଛାନ୍ଦରେ ଦ୍ୱାରକାରେ କୃଷ୍ଣଙ୍କ ଲୀଳାର ସଂକ୍ଷିପ୍ତ ଉଲ୍ଲେଖ ଦିଆ ଯାଇଛି । ଏଥିରୁ ସ୍ପଷ୍ଟ

ହୋଇଛି, କବି କୃଷ୍ଣଙ୍କୁ ତାଙ୍କର ସମଗ୍ରଲୀଳା ଦୃଷ୍ଟିରୁ ଚିତ୍ରଣ କରିଥିଲେ ମଧ୍ୟ ତାଙ୍କର ଗୋପଲୀଳାକୁ ବିଶେଷ ସ୍ଥାନ ଦେଇଛନ୍ତି । ଗୋପୀପ୍ରେମ ଭଗବଦ୍‌ଭକ୍ତ ଓ ଶୃଙ୍ଗାରରସାପ୍ଳୁତ କାବ୍ୟର ରସିକମାନଙ୍କ ପକ୍ଷରେ ଆଦରଣୀୟ ଥିବାରୁ କବି କାବ୍ୟଟିରେ କୃଷ୍ଣଗୋପୀଙ୍କ ପ୍ରେମଲୀଳାକୁ ବିସ୍ତାରିତ ଭାବରେ ବର୍ଣ୍ଣନା କରିଛନ୍ତି ।

•

ଗୋପୀମାନେ ଶିଶୁ କୃଷ୍ଣଙ୍କ ପ୍ରତି ମଧ୍ୟ ଆସକ୍ତଥିଲେ । କୃଷ୍ଣଙ୍କୁ ଘୃତଲବଣୀ ଦେଇ ତୋଷିଚିତ୍ତରେ ସ୍ୱପୁରକୁ ନେଇ ହବାନଗି ସେବା କରୁଥିଲେ । ଘନଶ୍ୟାମଙ୍କୁ ସେମାନେ ଘଟିକାଏ ସୁଦ୍ଧା ଛାଡ଼ି ପାରୁନଥିଲେ । ଏହି କାରଣରୁ ସେମାନେ ଗୃହବ୍ୟାପାରରେ ମନୋଯୋଗୀ ନହେବାରୁ ଗୁରୁଜନମାନଙ୍କଠାରୁ ଘୋର ଗଞ୍ଜଣା ପାଉଥିଲେ । କୃଷ୍ଣଙ୍କ ସରଲବଣୀ ଚୋରି, କନ୍ଦୁକ ଓ ସାରଣି ଖେଳ ପ୍ରଭୃତି ଦେଖି ଗୋପୀମାନେ ଆନନ୍ଦିତ ହେଉଥିଲେ ଏବଂ ହୃଦୟରେ ଅନୁରାଗକୁ ଲୁଚାଇ ରଖି ବାହ୍ୟରେ କୃଷ୍ଣଙ୍କର ଅଙ୍ଗଟ ବ୍ୟବହାରର ପ୍ରତିକାର ପାଇଁ ମାତାଙ୍କଠାରେ ଅଭିଯୋଗ କରୁଥିଲେ । ଏପରି ପ୍ରତ୍ୟେକ କଥାରେ ସେମାନଙ୍କର ଅପାର ଆନନ୍ଦ ପ୍ରକାଶ ପାଇଛି ଏବଂ ସେମାନେ କୃଷ୍ଣଙ୍କ ପ୍ରତି ଅନୁରକ୍ତ ଥିବା ସ୍ପଷ୍ଟ ହୋଇଛି ।

× × ଘେନାଘେନି ବଣି ଯୁବତୀ,
ଘୋଟକଦନ୍ତନ ପତିସମ୍ପତ୍ତିକି ତୁଚ୍ଛ ମଣି ହରନ୍ତି । ୧୦ । (୪ର୍ଥ ଛାନ୍ଦ)

ଗୋପୀମାନଙ୍କର କୃଷ୍ଣଙ୍କଠାରେ ତନ୍ମୟତା ସେମାନଙ୍କର ପ୍ରେମର ପ୍ରଗାଢ଼ତା ପ୍ରକାଶ କରୁଛି ।

କୃଷ୍ଣଙ୍କ ପ୍ରତି ଗୋପୀମାନଙ୍କର ପ୍ରେମ ଯେ ପରକୀୟା ଓ ମାଧୁର୍ଯ୍ୟ ଏହା ଗୋପୀମାନଙ୍କ ଅବସ୍ଥା ବର୍ଣ୍ଣନାରୁ ସ୍ପଷ୍ଟ ହେଉଛି ।

ଚିତ୍ରାଳୀ ବରଜବଧୂ ବଧୂଶୀଳ ବଧୂ ବଧୂ ଦରଶନେ
ଛଉନେ ଦ୍ରବୀଭୂତ ଟେଉ ହୋଇଣ ପ୍ରୀତିବଶ ପ୍ରତିବଦନେ । ୧ । (୭ମ ଛାନ୍ଦ)

ଗୋପୀମାନଙ୍କର ଚିତ୍ତ ପ୍ରୀତିବଶରେ ଚନ୍ଦ୍ରକାନ୍ତମଣି ଚନ୍ଦ୍ରକିରଣରେ ଦ୍ରବୀଭୂତ ହେଲାପରି ତରଳି ଗଲା । ସେମାନେ କୃଷ୍ଣଙ୍କ ଅପୂର୍ବ କନ୍ଦର୍ପ ଶୋଭାରେ ମୁଗ୍ଧ ହୋଇ ଯାଇଥିଲେ ଏବଂ ଏହି ମୁଗ୍ଧାବସ୍ଥା ବା ତନ୍ମୟତା ଯୋଗୁଁ କୃଷ୍ଣଙ୍କୁ ସେମାନେ କ୍ଷଣେ ନେଲେ ଚକ୍ଷୁ କ ହୃଦୟରୁ ଦୂର କରିବାକୁ ଚାହୁଁ ନଥିଲେ ।

ଛୁଡ଼ିଲା ନାହିଁ ରୂପ ଚକ୍ଷୁ ଚକୋର ଅତି ଲୋଭକରି ତହିଁ
ଛଇଳାବର ଦଣ୍ଡେ ଦଣ୍ଡେ ଦଶିଲେ ଯେଣେ ସେ ଦଥନ୍ତି ଚାହିଁ । ୨ ।

ଗୋପୀମାନେ କୃଷ୍ଣପ୍ରେମରେ ଏତେ ତନ୍ମୟ ହୋଇଯାଇଥିଲେ ଯେ ସେମାନେ 'ଛୁ ଛୁ' କରି 'ଗୁହକାର୍ଯ୍ୟି' କିମ୍ବା 'ଧରତି ଲାଜ'କୁ ଅନଳରେ ପକାଇ ଦେଇଥିଲେ ।

ଗୋପୀମାନେ କୃଷ୍ଣପ୍ରେମରେ ମଜ୍ଜି ଯାଇଥିବାରୁ ବିରହରେ ବ୍ୟଥା ଓ ମିଳନରେ ଆନନ୍ଦ ଉପଭୋଗ କରୁଥିଲେ ।

ଛଟିବଟି କରି ଯେତେବେଳେ ମର ମାରଇ ବିଶିଖପନ୍ତି
ଛଡ଼ମୁଖଜାତ ଚନ୍ଦନ କରନ୍ତି ଅଶେଷ ଲାବଣ୍ୟବତୀ । ୧୬ ।
ଛଦତଳ୍ପରେ ଶୁଅନ୍ତି କ୍ଷଣକ୍ଷଣ ବିରହତାପ ନାଶକୁ
ଚାପ ଦେଉଥାନ୍ତି ବାସରେ ଲୋଚନ ଲୋତକ ଅପ୍ରକାଶକୁ । ୧୭ ।
(୭ମ ଛାନ୍ଦ)

ଗୋପୀମାନେ ଜାରଭାବରେ ଭବଗ୍ରାହୀଙ୍କଠାରେ ବଶ ହୋଇଥିବା କବି ବ୍ୟକ୍ତ କରିଥିବାରୁ ପରକୀୟାଭାବ ଅଧିକ ସ୍ପଷ୍ଟ ହୋଇଛି ।

ଜାର ଭାବରେ ଭବଗ୍ରାହୀଠାବରେ ବଶ ହୋଇବାରେ ଭାବତା
ଯାନ୍ତି ଜଳ ଅଣି ବନେ ବହୁତ,
ଜାନକୀବଲ୍ଲଭ ଧ୍ୟାନେ ଉପେନ୍ଦ୍ର ଭଞ୍ଜ କଲା ଛାନ୍ଦ ପ୍ରାନ୍ତ ହେ,
ଜନେହେ । ୨୦ । (୮ମ ଛାନ୍ଦ)

ବ୍ରଜବାସୀ ବୈଷ୍ଣବମାନଙ୍କ ମତରେ ବସ୍ତ୍ରହରଣ ଗୋପୀପ୍ରେମର ଏକ ଅଗ୍ନିପରୀକ୍ଷା । ଗୋପୀମାନେ କୃଷ୍ଣଙ୍କଠାରେ ଏକାନ୍ତ ଶରଣାଗତ ହୋଇ ସାଂସାରିକ ଲଜ୍ଜା ତ୍ୟାଗକରି ଆତ୍ମସମର୍ପଣ କରିଛନ୍ତି; ଏହା ଐକାନ୍ତିକ ଭକ୍ତିର ଚରମ ପରୀକ୍ଷା ।

ତାରଣେ ଆଉ ନାହିଁଟି ଗତି,
ସ୍ତୁତିରେ ମଣାଇବା ଶିରୀପତି । ୧୩ । (୧୬ଶ ଛାନ୍ଦ)
ଥ ଇ ଅଙ୍ଗେ ଯେତେକ ଚିର,
ଥୋଇ ପ୍ରାନ୍ତେ କରି ଦୂର
ତଥାପି କୃଷ୍ଣେ ପ୍ରେମ ବିଷୟ
ବିଷୟ କଲେ ସେ ସେହି ପ୍ରକାର । ୫ ।
(୧୭ଶ ଛାନ୍ଦ)

ଦ୍ୱିଜନାରୀମାନେ କୃଷ୍ଣଙ୍କୁ ଦେଖିବା ଓ ଅନ୍ନ ଦେବାପାଇଁ ଘରୁ ବାହାରି ହେବା ସମୟରେ ଦ୍ୱିଜମାନେ ସେମାନଙ୍କୁ ବାରଣ କରି ସେମାନେ "ଆଗ୍ରର ନାଶକୁ" ଯମୁନା କୂଳକୁ ଯାଉଛନ୍ତି ବୋଲି କହିଥିଲେ । ଦ୍ୱିଜନାରୀମାନେ ଯେଉଁ ଉତ୍ତର ଦେଇଛନ୍ତି ତାହାହିଁ ଭଗବାନଙ୍କଠାରେ ଐକାନ୍ତିକ ଭକ୍ତିର ସାରତତ୍ତ୍ୱ ।

ସ୍ତ୍ରିରିସ୍ତ୍ରମାଏ ଗମନ, ଥାଳିରେ ସଜାଡ଼ି ଅନ୍ନ
ଥିଲି କାହୁଁ ଏହା ଶିଖି ବୋଲି ଦ୍ୱିଜେ ପଥ ନିରୋଧି ବଦନ । ୬ ।
ଆଉ ମାଗିଲେ ଯେ ଜନେ, ଥାଳ ପାତ ମଣ୍ଡପନେ
ସୁରବରି ନଦୀରେ ଆଗ୍ରର ନାଶକୁ ତାଙ୍କ ପାଇଁ ଯାଅ ବନେ । ୭ ।
ଅନ ଅନ ନେଇ କରି, ଅରି ଭୟେ କହେ ନାରୀ
ଆପନା ଧାତୁ ମୃତ୍ତିକା କାଷ୍ଠେ କରି ସେବଲେ ତାହାକୁ ତରି । ୮ ।
ସ୍ଥପତି ହୋଏ ଭଳାତ, ଥୁ ଥୁ କରି କି ଅମୃତ
ଥରେ ମାତ୍ର ଯାଇ ଆସିବୁଁ ଏ ନେଇ କରିଣ ଆମ୍ଭେ ପବିତ୍ର । ୯ ।
(୧୭ଶ ଛାନ୍ଦ)

କୃଷ୍ଣ-ଗୋପୀ ପ୍ରେମର ଏକ ସୁନ୍ଦର ଚିତ୍ର କବି ପ୍ରଦାନ କରିଛନ୍ତି । କୃଷ୍ଣଙ୍କ ମୁରଳୀ ନାଦ ପରେ ଗୋପୀମାନେ କୃଷ୍ଣଙ୍କୁ ଦେଖିବାପାଇଁ ଅଥୟ ହୋଇ "ଧୂଆ ଧୂଇ ଡକାଡକି" ହୋଇ ବାହାରିଲେ । ଗୋପୀମାନେ ସେମାନଙ୍କୁ ବାରଣ କଲେ; କିନ୍ତୁ ସେମାନେ କୌଣସି ବାରଣକୁ ନମାନି ପ୍ରାଣପ୍ରିୟ ପ୍ରଭୁଙ୍କ ଦର୍ଶନ ପାଇଁ ବ୍ୟାକୁଳ ହେଲେ । ସେମାନଙ୍କ ପ୍ରେମକଲ୍ଲୋଳିନୀ ବର୍ଦ୍ଧିତ ହୋଇ କୂଳ ଲଙ୍ଘନ କଲା । ବନ୍ୟ ମତ୍ତହସ୍ତୀକୁ ଯେପରି ତାର ପାଦକୁ ମୃଣାଳରେ ବନ୍ଧନ କରି ଅଟକ କରାଯାଇ ନ ପାରେ ଏବଂ ସୂର୍ଯ୍ୟଙ୍କୁ ଯେପରି ଧୂଳିପଟଳ ଘୋଡ଼ାଇ ପାରେ ନାହିଁ ସେହିପରି ଅବସ୍ଥା ହେଲା । ପବନ ମହାଦ୍ରୁମକୁ ଉପାଡ଼ି ଦିଏ, କିନ୍ତୁ ତୃଣକୁ ଉପାଡ଼ି ପାରେ ନାହିଁ । ସେହିପରି ଗୋପୀମାନଙ୍କ ବାରଣ ଅକାରଣ ହେଲା । ଗୋପୀମାନେ କୃଷ୍ଣ ମିଳନ ପାଇଁ ବ୍ୟାକୁଳ ଚିତ୍ତରେ ଅଗ୍ରସର ହେଲେ । 'ମୋହନ ଭାବ'ରେ 'ମଜି' ଗଲେ, 'ଧଳିତକଳ୍ମଷ' ହେବେ, ଏହି ଲକ୍ଷ୍ୟ ଏକାନ୍ତ ଭକ୍ତ ଗୋପୀମାନଙ୍କର ଥିଲା । କୃଷ୍ଣ-ଗୋପୀ ପ୍ରେମ ଅଧାର୍ମିକ ନୁହେଁ, ଧର୍ମବଳେ ଗୋପୀମାନେ କୃଷ୍ଣଙ୍କୁ ଦେଖିଲେ ଏବଂ ତାଙ୍କ ସହିତ ମାଧୁର୍ଯ୍ୟଲୀଳାରେ ରତ ହେଲେ । କବି ଏହି ତତ୍ତ୍ୱ ବ୍ୟକ୍ତକରି କୃଷ୍ଣଚରିତ 'ଅଧାର୍ମିକ' ନୁହେଁ 'ଧାର୍ମିକ', ଏହା ଦୃଢ଼କଣ୍ଠରେ ପ୍ରଚାର କରିଛନ୍ତି ।

ଧୂଆ ଧୂଇ ଡକାଡକି ଏରୂପେ ସଖୀକି ସଖୀ
ଯିବା ଗୋ କୃଷ୍ଣଙ୍କୁ ଦେଖି ଅଛନ୍ତି ବନେ,
ଧରନ୍ତି ଚିତ୍ତେ ଆନ ବିଲମ୍ବ ନୋହେ ବିଧାନ
ଅପବାଦ ସ୍ତୁତିକରି ଘେନିବା ମନେ,
ଧନଞ୍ଜୟେ ଲଜକୁ ଦେବା,
ଧନଠାରୁ ବଡ ପ୍ରୀତି ଫନ୍ଦା କରିବା । ୧୬ ।

× × ×

ଧାଡିକାରେ ଗୋପବୀର ଜାଣି ଯୁବତୀ ଯିବାର
ପଥକୁ କଲେ ନିବାର କୋପବର୍ଦ୍ଧନ,

ଧରାଙ୍କ ଯାଏ ବାରଣ ଆରଣ ଦନ୍ତୁଁ ଚରଣ
ଜଳଜ ନାଳସୂତ୍ରରେ କଲେ ବନ୍ଧନ,
    ଧ୍ୱଯଚ୍ଛନ୍ଦେ ଗୁପ୍ତ ସ୍ପର୍ଦ୍ଧା କି,
ଧରାଧବ ଆନ ବୁଦ୍ଧି ନଦୀକି ନକି ।୧୮।

ଧ୍ୱଂସ କରେ ମହାଦାରୁ ତରୁ ପବନ ପ୍ରବୃଦ୍ଧୁ
ଦୁର୍ବା କି ମହୀସ୍ଥଳରୁ ଉପାଡ଼ି ପାରେ,
ଧଉତକଳୁଷ ହେବେ ମର୍ଦ୍ଦିବେ ମୋହନ ଭାବେ
ତାଙ୍କୁ କି ଧରି ପାରିବେ ବ୍ରଜ ବଳରେ ।
    ଧାଉଁ ଗୃହିଁ ଚରଣ ଚିହ୍ନ,
ଧୂଳି ବୋଲି ହୋଇ ବାଳୀ ହରଷ ମନ ।୧୯।

ଧ୍ୱଷଣ ସଜଳ ମୋତି ନାସେ ବାସ ବିଦ୍ୟୁଦ୍ୟୁତି
ବଜାନ୍ତି ମୁରଲୀ ଛିଡ଼ି କଦମ୍ବ ତଳେ,
ଧର୍ମବଳେ ଗୋପୀକୁଳେ ଦେଖିଲେ ତାହାଙ୍କୁ ତୋଳେ
ଫୁଲ ଧନୁ ବାନ୍ଧିଲା ଯେ ବେଢ଼ି ଚପଳେ,
    ଧାର୍ମିକ ଶ୍ରୀକୃଷ୍ଣ ଚରିତ,
ଧନୁର୍ଜ୍ଜୟ ଭଞ୍ଜ ନୃପ ନପ୍ତା ଚରିତ ।୨୦। (୧୯ଶ ଛାନ୍ଦ)

କୃଷ୍ଣ ନାରାୟଣ ଗୋପୀମାନଙ୍କର ଶୁଦ୍ଧ ଚିତ୍ତକୁ ଆନନ୍ଦରେ ଗ୍ରହଣ କରିଛନ୍ତି ଏବଂ ଏହାର ପ୍ରତିଦାନସ୍ୱରୂପ ସେମାନଙ୍କ ସହିତ ବିହାର କରିଛନ୍ତି । ଶୁଦ୍ଧଚିତ୍ତ ଗୋପୀଙ୍କ ଭକ୍ତି ଅତୁଳନୀୟ । କବି ଏହି ଲୀଳାକୁ ନିରତେ ଧ୍ୟାନକରି ଆନନ୍ଦ ଲାଭ କରିଥିଲେ । କୃଷ୍ଣ-ଗୋପୀ ଲୀଳାକୁ କବି ପୂର୍ଣ୍ଣପ୍ରାଣରେ ସମର୍ଥନ କରିଥିବା ଏଥିରୁ ପ୍ରମାଣିତ ହେଉଅଛି ।

ନାରାୟଣ ନାରୀଗଣ ଶୁଦ୍ଧଚିତ୍ତ ଜାଣି ବିହାରକୁ ବହିଲେ,
ନୃତ୍ୟ ପରିହାସ ଗୀତ ବରଚିତ ଗୂଢ଼ ବଚନରେ ମୋହିଲେ ।

ହରତେ, ସେ ଲୀଳାକୁ ମନେ ଧ୍ୟାଇଲା ।
ନୀଳକଣ୍ଠ ଭଞ୍ଜ ନୃପତି ନନ୍ଦନ ଉପଇନ୍ଦ୍ର ଭଞ୍ଜ ଗାଇଲା । ୨୦ ।
(୨୦ଶ ଛାନ୍ଦ)

ବିଷୁଣି ବୁଦ୍ଧି ଚିତ୍ତକୁ 'ଗୋପୀ-କୃଷ୍ଣ କେଳି' 'ବୋଧ' କରିବ, ଏହି ଆଶା ପ୍ରକାଶ କରି କବି ତାହାର ପ୍ରଶଂସା ଗାନ କରିଛନ୍ତି ମାତ୍ର । ୮

ବିଷୁଣି ବୁଦ୍ଧି ଚିତ୍ତକୁ ବୋଧ କରିବ ଶୁଣ କେଳି
ବିଚ୍ଛେଦ ରସ ଜାତ ଅଶେଷ ବିଗ୍ରହ ବନମାଳି । ୧ । (୨୩ଶ ଛାନ୍ଦ)

ଛାନ୍ଦଭୂଷଣରେ ଉପେନ୍ଦ୍ର ଗୋପୀ-କୃଷ୍ଣଲୀଳା ବର୍ଣ୍ଣନା ଭିତରେ ବୃନ୍ଦାବତୀଙ୍କ ନାମ ଉଲ୍ଲେଖ କରିଛନ୍ତି । ରାଧାଙ୍କ ନାମର ଉଲ୍ଲେଖ ନାହିଁ ।

କବି କୃଷ୍ଣଙ୍କୁ ଯଜ୍ଞପୁରୁଷ ବୋଲି ବ୍ୟକ୍ତ କରି ରାସଲୀଳା ତାଙ୍କର ଯୋଗମାୟାର ଫଳ ଥିବା କହିଛନ୍ତି । ତାତ୍ତ୍ୱିକ ଦୃଷ୍ଟିରୁ ଏହା ବୈଷ୍ଣବମତବାଦ ଦ୍ୱାରା ସମର୍ଥିତ ହେଉଛି ।

ଯଜ୍ଞପୁରୁଷଙ୍କୁ ଦେଖି ଶୋଭି ହେଲେ ଚନ୍ଦ୍ରେ ତାରା ପରି ହୋଇ ଯେ ।୩।
ଯୋଗମାୟାବଶେ ହେଲେ ହରି ନାରୀ ଗୋଟିକେ ଗୋଟିଏ ରୂପ ଯେ ।୪।
(୨୬ଶ ଛାନ୍ଦ)

ପୁଣି, କବି ଏହି ତତ୍ତ୍ୱର ସମର୍ଥନରେ "ଯୋଜନଗନ୍ଧାସୁତ ଯାହା ଚରିତ ଭଲକରି ନ ଜାଣଇ"ର ସୂଚନା ଦେଇ ଏହା ଅତି ଗୂଢ଼ ଓ ଦୁର୍ଲ୍ଲଭ ଥିବା ବ୍ୟକ୍ତ କରିଛନ୍ତି ।

ଯୋଜନଗନ୍ଧା ସୁତ ଯାହା ଚରିତ ଭଲ କରି ନ ଜାଣଇ ଯେ
ଯାଦବ ସଂପତ୍ତି ସେତୁ ହେତୁ କହିଲା ଯାହା କୋପକୁ ଅନାଇଁ ଯେ
ଯାଜ୍ଞିକ, ଯଜ୍ଞଭୂପ ପ୍ରଭୁ ସେହି ଯେ
ଯୋଜନଗନ୍ଧା ଯାହାର ମନୋହାରୀ ଉପଇନ୍ଦ୍ର ତାକୁ ଧ୍ୟାୟୀ ଯେ ।୨୦।
(୨୬ଶ ଛାନ୍ଦ)

ଏହି ରାସତତ୍ତ୍ୱକୁ କବି ଏହିପରି ଭାବରେ ମଧ୍ୟ ଅର୍ଥ କରିଛନ୍ତି—

ରତିଏ କି ପ୍ରାପତି ଦୁଷ୍କୃତିରେ । ରହିଛି ଏଥି କଂସ ବିକୃତିରେ ।
ରଚିତ ଏ ଦେଖି ଅଷ୍ଟିକୃତିରେ । ରସିଲ ସେ ଆତ୍ମଙ୍କ ନିଷ୍କୃତିରେ ।
ରାକାଯୁବାରେ ଶୋଭା ଆକୃତିରେ । ରଙ୍ଗ ସେ ଶୋଭା ଯେଣୁ ପ୍ରକୃତିରେ ।
ରବି ତଳେ ଗୋପୀକା ସୁକୃତିରେ । ରମଣ ବୋଲିଏ କବି କୃତିରେ ।
ରାସକ୍ରୀଡ଼ାରେ ହେଲ ମୁକୁତିରେ । ରହିଲ ସେ ସମସ୍ତଙ୍କ କତିରେ ।
ରସିଲ ଭଲ ଏକ ବ୍ୟକ୍ତିରେ । ରଙ୍ଗେ ଅକଥନୀୟ ହଙ୍ଗତିରେ ।
(୨୭ଶ ଛାନ୍ଦ) ।

ରାସକ୍ରୀଡ଼ା ରମଣ ନୁହେଁ; ଗୋପୀମାନେ ସୁକୃତି ବଳରୁ ଏହା ଲାଭ କରିଥିଲେ । ଭଗବାନ ସମସ୍ତଙ୍କଠାରେ ରହିଲେ । ଏକ ବ୍ୟକ୍ତିଠାରେ ଗୋପୀମାନେ ରସିଲେ । ଗୋପୀମାନେ ସଂସାରରେ ଧନ୍ୟ । ସେମାନେ 'କବିକୃତି'ରେ ବର୍ଣ୍ଣିତ ଏହି 'ରମଣ' ଯୋଗୁଁ ମୁକ୍ତି ପାଇଥିଲେ । ଏହି ରାସକ୍ରୀଡ଼ା ମୁକ୍ତିଦାତା ।

କବି ଏହି ଗୂଢ଼ତତ୍ତ୍ୱକୁ ବର୍ଣ୍ଣନା କରିବା ସମ୍ଭବ ନୁହେଁ ମନେକରି କବି ଓ ଭକ୍ତମାନଙ୍କର ପରମ୍ପରାକୁ କେବଳ ଅନୁସରଣ କରିଛନ୍ତି ।

ଲେଖା ଲେଖି ଗୋପୀଭକ୍ତି କେ ଲେଖା କରିବ ।
ଲକ୍ଷ ଲକ୍ଷ ପ୍ରବନ୍ଧରେ ବର୍ଣ୍ଣନା ନ ଯିବ ଯେ । × × । ୨୦ ।
(୨୮ଶ ଛାନ୍ଦ) ।

ସ୍ୱୟଂ ଶ୍ରୀକୃଷ୍ଣ ଗୋପୀପ୍ରେମର ପ୍ରଶଂସା କରି ନିଜେ ସର୍ବତ୍ର ସବୁକାଳେ 'ଗୋପୀନାଥ' ରୂପରେ ପରିଚିତ ହେଉଥିବା ବ୍ୟକ୍ତ କରିଛନ୍ତି ।

ସପ୍ତଦ୍ୱୀପ ପର୍ଯ୍ୟନ୍ତେ ଦେଖିବେ ଜନ ଯେତେ
ଚହ୍ନିବେ ଗୋପୀନାଥ ଏହି ଗୋ । ୧୮ । (୩୦ଶ ଛାନ୍ଦ) ।

ଉପସଂହାର—କୃଷ୍ଣଲୀଳା କାବ୍ୟମାନଙ୍କ ଭିତରେ ଦୀନକୃଷ୍ଣଙ୍କ ରସକଲ୍ଲୋଳ ଉପେନ୍ଦ୍ରଙ୍କ, ଛାନ୍ଦଭୂଷଣ ଓ କଳାକଉତୁକ, ଭକ୍ତଚରଣଙ୍କ

ମଥୁରାମଙ୍ଗଳ, ଭୂପତି ପଣ୍ଡିତଙ୍କ ପ୍ରେମପଞ୍ଚାମୃତ, ସଦାନନ୍ଦଙ୍କ ଯୁଗଳ-ରସାମୃତଲହରୀ ଆଦି କାବ୍ୟ ଓ ଅଭିମନ୍ୟୁଙ୍କ ବିଦଗ୍ଧ ଚିନ୍ତାମଣି ପ୍ରଧାନ । ଏମାନଙ୍କ ଭିତରେ କାବ୍ୟମହତ୍ତ୍ୱ ଦୃଷ୍ଟିରୁ ରସକଲ୍ଲୋଳ ଅତି ଉଚ୍ଚସ୍ଥାନ ଅଧିକାର କରିଛି । ଛାନ୍ଦଭୂଷଣ ଆକାରରେ କ୍ଷୁଦ୍ର ହେଲେ ମଧ୍ୟ କାବ୍ୟମହତ୍ତ୍ୱ ଦୃଷ୍ଟିରେ ରସକଲ୍ଲୋଳର ସମ ଆସନ ଦାବି କରିବ ।

ଉପେନ୍ଦ୍ରଙ୍କ 'ଗୋପୀବିଳାପ' ଛାନ୍ଦଟି ଓଡ଼ିଆ ଗୋପୀବିଳାପ ସାହିତ୍ୟରେ ଏକ ଉଜ୍ଜ୍ୱଳ ରତ୍ନ । ଦୀନକୃଷ୍ଣ, ଲୋକନାଥ, ଭକ୍ତଚରଣ ଓ ସଦାନନ୍ଦ ପ୍ରଭୃତି କବିମାନେ 'ଗୋପୀବିଳାପ' ରଚନା କରି ଅମର ହୋଇଛନ୍ତି । 'ଗୋପୀବିଳାପ' ଚଉତିଶାମାନଙ୍କରେ କବିଙ୍କୁ ୩୪ଶ ପଦ ରଚନା କରିବା ସୁବିଧା ରହିଛି । ଦୀନକୃଷ୍ଣାଦି କବିମାନେ ସ୍ୱତନ୍ତ୍ର ଛାନ୍ଦ ରଚନା କରି ପଦ-ସଂଖ୍ୟାର ନିଗଡ଼ବନ୍ଧନରୁ ମୁକ୍ତ ପାଇ ଲେଖନୀକୁ ସ୍ୱଚ୍ଛନ୍ଦ ଭାବରେ ଚାଳନା କରିବା ପାଇଁ ଅବସର ପାଇଛନ୍ତି । କିନ୍ତୁ, ଉପେନ୍ଦ୍ର ଛାନ୍ଦଭୂଷଣରେ ଏତେ ପରିମାଣରେ ସ୍ୱତନ୍ତ୍ରତା ଗ୍ରହଣ କରି ପାରିନାହାନ୍ତି; କାବ୍ୟର ଛାନ୍ଦମାନଙ୍କର ପଦସଂଖ୍ୟା ବିଂଶରୁ ଅଧିକ ନ କରିବା ଲକ୍ଷ୍ୟ ଥିବାରୁ କବି ଏହି ଅପେକ୍ଷାକୃତ କ୍ଷୁଦ୍ର ପରିସର ମଧ୍ୟରେ 'ଗୋପୀବିଳାପ' ପ୍ରସଙ୍ଗ ବର୍ଣ୍ଣନା କରିଛନ୍ତି । ଏହି ପ୍ରତିବନ୍ଧକ ସତ୍ତ୍ୱେ କବି 'ଗୋପୀବିରହ'କୁ ଚମତ୍କାର ରୂପ ଦାନ କରିଛନ୍ତି ।

କବିଙ୍କ ଗୋପୀବିଳାପ ଛାନ୍ଦର ଆରମ୍ଭ ସହିତ ଦୀନକୃଷ୍ଣାଦି ସମସାମୟିକ କବିମାନଙ୍କ ଗୋପୀବିଳାପ ଛାନ୍ଦର ଆରମ୍ଭ ତୁଳନୀୟ; ଭାବ ଓ ପ୍ରକାଶଭଙ୍ଗୀରେ କେତେକ ସାମ୍ୟ ପରିଲକ୍ଷିତ ହେଉଛି ।

ଯଥା—

ଶତାଙ୍ଗ ଆରୋହିଲେ କଂସ ଦୂତର ତୁଲେ, ପ୍ରଭୁରୁ ସିନ୍ଧୁ ସହିତଟି
ସମ୍ଭ୍ରମପର ଶର ପ୍ରହାରେ ଜର ଜର, ହୋଇ ବେଢ଼ିଲେ ବ୍ରଜନାରୀ ସେ ।
ସୁଭାଗୀଏ, ଶିରରେ ବେନିକର ଦେଇ,
ଶୋକେ କହନ୍ତି ପ୍ରେମ ବହି,
ଶରଦ ସୁଧାକର ଅତୁଲ୍ୟ ମନୋହର ସରସିଜ ମୁଖକୁ ଚାହିଁ ସେ । ୧ ।

(୩୦ଶ ଛାନ୍ଦ)

ଦୀନକୃଷ୍ଣ—

କୃଷ୍ଣ କଂସ ନଗର ଯିବା ଶୁଣି କାତର ସକଳ କଳାକରମୁଖୀ
କାକୁସ୍ଥ ହୋଇ ଧରେ କହନ୍ତି କୋମଳରେ କଙ୍କଣ ନୟନରେ ରଖି ହେ
କୃପାନିଧି, କେମନ୍ତେ ମୂର୍ଚ୍ଛିବୁ ତୁମ୍ଭଙ୍କୁ,
କହ ଏ ବଗୁର ଆମ୍ଭଙ୍କୁ,
କେଉଁ ମନ୍ତ୍ର ବଳରେ ହୃଦୟ କମଳରେ ଧଇଲ ଏମନ୍ତ ଦମ୍ଭକୁ ହେ । ୧ ।
(୨୭ଶ ଛାନ୍ଦ—ରସକଲ୍ଲୋଳ)

ଏ ରୂପ ବର୍ଣ୍ଣନାରେ କବିମାନେ ପ୍ରାୟଶଃ ବ୍ୟାଜସ୍ତୁତିର ଆଶ୍ରୟ ନେଇ ଥାଆନ୍ତି । ଗୋପୀମାନଙ୍କ ମୁଖରେ ଅଭିମାନପୂର୍ଣ୍ଣ, ଭର୍ତ୍ସନାବ୍ୟଞ୍ଜକ ପଦାବଳୀ ପ୍ରକାଶ କରିଥିଲେ ମଧ୍ୟ ତାହା ପ୍ରେମ ଓ ଭକ୍ତିରସାଣିତ ହୋଇଥାଏ । ଦୀନକୃଷ୍ଣ, ଉପେନ୍ଦ୍ରାଦି କବିମାନେ ଏହି ପନ୍ଥାର ବଳିଷ୍ଠ ପଥପ୍ରଦର୍ଶକ ।

ଅନୁପ୍ରାସ, ଉପମା ଓ ଶ୍ଳେଷ ପ୍ରଭୃତିର ସୁଷମ ପ୍ରୟୋଗ ଗ୍ରନ୍ଥଟିକୁ ଅତି ସୁନ୍ଦର କରିଛି ।

କୃଷ୍ଣଙ୍କ ବାଲ୍ୟଲୀଳାରେ ବାତ୍ସଲ୍ୟ ରସ, ଗୋପୀମାନଙ୍କ ସହ କ୍ରୀଡ଼ାରେ ଆଦିରସ—କାବ୍ୟଟିରେ ଏ ଦୁଇ ରସର ପ୍ରକାଶ କାବ୍ୟୋପଯୋଗୀ ହୋଇଛି । କୃଷ୍ଣଙ୍କ ଜନ୍ମ, ବାଲଲୀଳା ପ୍ରଭୃତି ଚମତ୍କାର ଭାବରେ ବର୍ଣ୍ଣିତ ହୋଇଛି । କବି ଏ ପ୍ରସଙ୍ଗରେ ତାଙ୍କର ଅନ୍ୟାନ୍ୟ କାବ୍ୟମାନଙ୍କ ପରି ଉତ୍କଳୀୟ ସାମାଜିକ ବିଧିବିଧାନର ଉଲ୍ଲେଖ କରିଛନ୍ତି । ବାତ୍ସଲ୍ୟରସାତ୍ମକ ବର୍ଣ୍ଣନାଗୁଡ଼ିକ ତତ୍ତ୍ଵ-ଶ୍ରେଣୀୟ ସାହିତ୍ୟରେ ବିଶିଷ୍ଟ ସ୍ଥାନ ଅଧିକାର କରିଛି । ଗୋପୀ, ବୃନ୍ଦାବତୀଙ୍କ କାମବିକାର ଓ ରତିକେଳି ପ୍ରଭୃତିରେ ଆଦିରସର ଉତ୍କଟ ପ୍ରକାଶ ଦେଖାଯାଉଛି ।

ପ୍ରକୃତି, ରୂପ, ବିଳାପ, ବିରହାଦି ବର୍ଣ୍ଣନାରେ କବି ଯଥେଷ୍ଟ କୃତିତ୍ୱ ଦେଖାଇ ପାରିଛନ୍ତି । ଋତୁବର୍ଣ୍ଣନା, ବନବର୍ଣ୍ଣନା, ଯମୁନାକେଳି, ମୁରଲୀନାଦ ପ୍ରଭୃତି ରମଣୀୟ ହୋଇଛି । ଯଶୋଦାଙ୍କ ଦଧିମନ୍ଥନ, କୃଷ୍ଣଙ୍କ ବାଲ୍ୟଲୀଳା,

ଗୋଧନଗ୍ରହଣ, ବନବିହାର, ମୁରଲୀନାଦ ପ୍ରଭୃତିର ବର୍ଣ୍ଣନା ମଧ୍ୟ ଚମତ୍କାର ହୋଇଛି । ଗୋପୀମାନଙ୍କ କାମଚେଷ୍ଟା, ବିରହ, ବିଳାପ ପ୍ରଭୃତି କବିତ୍ୱପୂର୍ଣ୍ଣ ହୋଇଛି ।

'ଛନ୍ଦ ଭୂଷଣ' ଯଦି କବିଙ୍କର ଏକମାତ୍ର କାବ୍ୟ ହୋଇଥାଆନ୍ତା ତେବେ କବି ଯେ ଓଡ଼ିଆ କବିମାନଙ୍କ ଭିତରେ ଶୀର୍ଷ ଶ୍ରେଣୀରେ ସ୍ଥାନ ଅଧିକାର କରି ଥାଆନ୍ତେ ଏଥିରେ ସନ୍ଦେହ ନାହିଁ ।

କଳାକଉତୁକ

କାବ୍ୟର ବିଶେଷ ରୂପ—'କଳାକଉତୁକ' କାବ୍ୟଟି ଛୋଟ ଛୋଟ ଦଶଟି ଛାନ୍ଦରେ ସମ୍ପୂର୍ଣ୍ଣ । କବି ପ୍ରାର୍ଥନା ପ୍ରସଙ୍ଗରେ ଚନ୍ଦ୍ରାବଳୀ-କୃଷ୍ଣଲୀଳା ବିଷୟକ କାବ୍ୟ ରଚନା କରି "କବି ହୋଇବା" କଳ୍ପନା କରିଥିବା ଜଣାଇଛନ୍ତି ।

କବି କବିରେ ଅଗୋଚର ଖ୍ୟାତି କୀର୍ତ୍ତିଚୟକ,
କବି କରିଅଛି ହୋଇବି କବି ହେ ସଞ୍ଚୟକ । ୭ ।
କରୁଣା-କର ହେ କରୁଣା-କର ହୋଇ ହେତୁକ,
କହିବି ଚନ୍ଦ୍ରାବଳୀ-କୃଷ୍ଣ-କଳା କେଳି କୁତୁକ । ୮ ।
କଳା କଉତୁକ ଏ ଗୀତ ନାମ ହେବ ଖ୍ୟାତକ,
କରୁଥିବେ ପ୍ରତି ପାଦରେ ବାସ ଆଦ୍ୟ ପ୍ରାନ୍ତକ । ୯ । (୧ମ ଛାନ୍ଦ)

(୨) ପୁଣି, କୃଷ୍ଣ-ଚନ୍ଦ୍ରାବଳୀ କେଳିକଳା ଅତି ଗୁହ୍ୟ ଥିବାରୁ ଏହା ପ୍ରକାଶ କରି ଉପେନ୍ଦ୍ର 'କବି' ହେବା କାମନା କରିଛନ୍ତି ।

କାବ୍ୟର ନାମ-କରଣ ପ୍ରସଙ୍ଗରେ କବି କହିଛନ୍ତି, "ଚନ୍ଦ୍ରାବଳୀ କୃଷ୍ଣ କଳା କେଳି କୁତୁକ" ଏଥିର ବିଷୟବସ୍ତୁ ହୋଇଥିବାରୁ ଏହାର ନାମ "କଳାକଉତୁକ" ରଖାଗଲା ।

ପୁଣି କାବ୍ୟର ନାମ ଅନ୍ୟ ସ୍ଥାନରେ ମଧ୍ୟ ବ୍ୟକ୍ତ କରିଛନ୍ତି—

କବିତ୍ୱ ନାମ ଘେନ କଳାକୌତୁକ,
କଥନେ ଉପଇନ୍ଦ୍ର ଭଞ୍ଜ ଘୋଷକ ଯେ । ୨୩ । (୭ମ ଛାନ୍ଦ)

କବି ସମଗ୍ର କାବ୍ୟଟିରେ ପ୍ରତ୍ୟେକ ପାଦର ଆଦ୍ୟରେ ଅବନା କ ଓ ପ୍ରାନ୍ତରେ ଅବନା କ ବ୍ୟବହାର କରି ଚମତ୍କାର ପାଣ୍ଡିତ୍ୟର ପରିଚୟ ପ୍ରଦାନ କରିଛନ୍ତି ।

କହେ ଉପଇନ୍ଦ୍ର ଏ ଗୀତ ପଦାଦ୍ୟପ୍ରାନ୍ତରେ ଦେଇ ଅବନା 'କ' ।
(୩ୟ ଛାନ୍ଦ)

କବି କୃଷ୍ଣ-ଚନ୍ଦ୍ରାବଳୀ ଲୀଳାକୁ ବ୍ରଜବିଳାସ ଅନ୍ତର୍ଗତ କରିଛନ୍ତି ।
କହିବା ବ୍ରଜବିଳାସ ଶୁଣି ଜନେ ହୁଅ ତୋଷ । × । ୧ । (୨ୟ ଛାନ୍ଦ)
କୃଷ୍ଣଙ୍କ ଗୋପଲୀଳା ବା ବ୍ରଜଲୀଳା ହିଁ ଏଥିରେ ସୂଚିତ ହୋଇଛି ।

ଶ୍ରୀକୃଷ୍ଣ 'ପରକୀୟ' ରସ ବିଶେଷ ଭାବରେ ଚିତ୍ତରେ ଧରି ବ୍ରଜରେ ଅବତୀର୍ଣ୍ଣ ହେଲେ । ଦେବର୍ଷିମାନେ କଳ୍ପାନ୍ତରେ (ତ୍ରେତାଯୁଗରେ) ସ୍ତ୍ରୀରୂପରେ ଭଗବାନଙ୍କୁ ପ୍ରାପ୍ତ ହେବା କାମନା କରିଥିଲେ; ଭଗବାନ ସେମାନଙ୍କ ମନୋବାଞ୍ଛା ପୂର୍ଣ୍ଣ କରିବା ପାଇଁ ବ୍ରଜରେ କୃଷ୍ଣ ହୋଇ ଅବତୀର୍ଣ୍ଣ ହେଲେ ଏବଂ ଦେବର୍ଷିମାନେ ଗୋପବାଳା ରୂପରେ ଜନ୍ମଗ୍ରହଣ କଲେ ।

କହିବା ବ୍ରଜବିଳାସ ଶୁଣି ଜନେ ହୁଅ ତୋଷ
ଗୋପରେ ଜନମ ନିତ୍ୟ ନାୟକ ଯାକ,
କଳ୍ପାନ୍ତରୁ ଦେବର୍ଷି ହେବା ସ୍ତ୍ରୀ ଭାବ ମନାସି
ଥିଲେ ସେ ତାଙ୍କୁ ହେଲେ କାମନା-ଦାୟକ,
କଉସ୍ତୁଭ ମଣି ଧାରକ
କରି ଚିତ୍ତେ ପରକୀୟ ରସ ଅଧିକ । ୧ । (୨ୟ ଛାନ୍ଦ)

ଗୋପୀ-କୃଷ୍ଣଲୀଳା ଶ୍ରେଷ୍ଠ ପରକୀୟ ରସ ଥିବା କବି ସ୍ୱୀକାର କରିଛନ୍ତି ।

ଏଠାରେ 'ପରକୀୟ ରସ' ଆଦିରସାଶ୍ରିତ ଥିବାରୁ କବି ଏହାର ସମ୍ବନ୍ଧର ସୂଚନା ଦେଇଛନ୍ତି । କୃଷ୍ଣଙ୍କ ଜନ୍ମ ସମୟରୁ କୃଷ୍ଣ ଆଦିରସର 'ମହା ଉନ୍ମତ୍ତକ' ଥିଲେ; ଦୋଳି ଶୟନରୁ କଟାକ୍ଷରେ ଗୋପୀମାନଙ୍କୁ ଉଚ୍ଚାଟନ କରୁଥିଲେ ।

× × ପ୍ରଥମ ରସରେ ମହା ଉନମତ୍ତକ,
ଜନିବା ପ୍ରକଟିତ ଶ୍ଳୋକ,
କଟାକ୍ଷେ ଦୋଳି-ଶୟନୁ କି ଉଚ୍ଚାଟକ । ୪ । (୨ୟ ଛାନ୍ଦ)

ବୟସବୃଦ୍ଧି ସଙ୍ଗେ ସଙ୍ଗେ କୃଷ୍ଣଙ୍କ ସମ୍ବନ୍ଧମାନ ଆଦିରସଲୀଳା କବି ବିବିଧ ଛାନ୍ଦରେ ବର୍ଣ୍ଣନା କରିଛନ୍ତି ।

କବି ଏହି କାବ୍ୟରେ ରାଧା-କୃଷ୍ଣ ଲୀଳା ପ୍ରସଙ୍ଗକୁ ସୂଚନାରେ ବ୍ୟକ୍ତ କରିଛନ୍ତି; କୃଷ୍ଣଙ୍କ ବିବିଧ ଲୀଳା ମଧ୍ୟରେ ଏହି ଲୀଳା ଥିବା କହିଛନ୍ତି ।

କରନ୍ତି ଭାନୁଜା ତଟେ   କ୍ରୀଡ଼ା ଭାନୁଜା ଲମ୍ପଟେ
ସଂଯୋଗ ହୋଇଲେ ଆଉ ଭାନୁଜା ଏକ । × । ୧୭ ।(୨ୟ ଛାନ୍ଦ)

ବୃଷଭାନୁ ନନ୍ଦିନୀ ରାଧା ଓ ଚନ୍ଦ୍ରଭାନୁ ନନ୍ଦିନୀ ଚନ୍ଦ୍ରାବଳୀ ଏହି ପ୍ରସଙ୍ଗ ଏଠାରେ ସୂଚିତ ହୋଇଛି ।

ପରଂପରାସମ୍ମତ ଏହି ଆଦିରସାତ୍ମକ ପରକୀୟ ଲୀଳାରେ କୃଷ୍ଣ ଧୃଷ୍ଟ-ଦକ୍ଷିଣ ନାୟକ ଥିବା କବି ବ୍ୟକ୍ତ କରିଛନ୍ତି ।

ସୁଧୃଷ୍ଟ ଦକ୍ଷିଣେ ନେବେ ଏହୁ ଦେହକ । × । ୧୮ । (୨ୟ ଛାନ୍ଦ)

ଚନ୍ଦ୍ରଭାନୁ ଦୁହିତା ଚନ୍ଦ୍ରାବଳୀ ଗୋବର୍ଦ୍ଧନ ମଲ୍ଲଙ୍କ ବିବାହିତା ସ୍ତ୍ରୀ । ଏହି ହେତୁ ଚନ୍ଦ୍ରାବଳୀ-କୃଷ୍ଣ କେଳି ପରକୀୟା ।

କବି 'ଗୀତଭିଭୂଷଣ'ରେ କୃଷ୍ଣ-ବୃନ୍ଦାବତୀ ଲୀଳାକୁ ଓ 'କଳାକଉତୁକ'ରେ କୃଷ୍ଣ-ଚନ୍ଦ୍ରାବଳୀ ଲୀଳାକୁ ମୁଖ୍ୟ ବିଷୟବସ୍ତୁ ରୂପେ ଗ୍ରହଣ କରିଛନ୍ତି । ଉଭୟର ଶୈଳୀରେ ଚରିତ-ବର୍ଣ୍ଣନା ମୁଖ୍ୟସ୍ଥାନ ଅଧିକାର କରିଥିଲେ ମଧ୍ୟ ଅଳଙ୍କାର-ସମାବେଶ ଶୈଳୀ ପୃଥକ୍ ପୃଥକ୍ ଦେଖାଯାଏ ।

"କବି କବିରେ ଅଗୋଚର" ଏହି ଦୁଇଟି ବିଶିଷ୍ଟ କୃଷ୍ଣଲୀଳାକୁ ଅବଲମ୍ବନ କରି ସ୍ୱତନ୍ତ୍ର କାବ୍ୟ ରଚନା କରିଥିବା କ୍ଷେତ୍ରରେ ଉପେନ୍ଦ୍ର ହିଁ ପ୍ରଥମ ଓ ଶ୍ରେଷ୍ଠ ମନେହୁଏ । କବିଙ୍କ ପୂର୍ବରୁ ରାଧା-କୃଷ୍ଣ ଲୀଳା ବହୁ କବିଙ୍କଦ୍ୱାରା ବିଷୟବସ୍ତୁ ରୂପେ ଗୃହୀତ ହୋଇଥିବାରୁ କବି ଏହି ସୁପରିଚିତ ପ୍ରସଙ୍ଗକୁ ଏଠାରେ ବିଶିଷ୍ଟ ସ୍ଥାନ ଦେଇ ନଥିବା ମନେ ହୁଏ ।

କବିଙ୍କ ଏହି କାବ୍ୟରେ ଆଦିରସ-କ୍ରୀଡା-ବର୍ଣ୍ଣନାର ପ୍ରାଚୁର୍ଯ୍ୟ ଦେଖାଯାଏ ନାହିଁ ।

ଗୋପୀ-କୃଷ୍ଣ ପ୍ରେମ—କବି ଗୋପୀ-କୃଷ୍ଣ ପ୍ରେମକୁ ପରକୀୟା ରସର ପ୍ରସଙ୍ଗ ରୂପେ ଗ୍ରହଣ କରି ସେମାନଙ୍କର ବୈବାହିକ ପ୍ରେମଜୀବନ ସହିତ କୃଷ୍ଣଙ୍କ ସହିତ ପ୍ରେମ-ଜୀବନର ତୁଳନା କରି "ଇନ୍ଦୁ-କୁମୁଦିନୀ ପତି ଭାବ ସ୍ନେହକ"ର ଅବତାରଣା କରିଛନ୍ତି ।

କହନ୍ତି ଆନ୍ତ ବଲ୍ଲଭୀ ଗୋପାଳେ ହୋଇଣ ଲୋଭୀ
ଇନ୍ଦୁ କୁମୁଦିନୀ ପତି ଭାବ ସ୍ନେହକ ।
କରିଣ ମଧୁସୂଦନ ଭୋଗରେ ତାହା ବିଧାନ,
ନୋହିଲେ କାହିଁକି ବିଧି ଲୋକପାଳକ ।
କମନୀୟ ସେ ଏକୁଁ ଏକ,
କଳି କେଉଁ କୂଳେ କୁଳ କେଉଁ କରକ । ୨ । (୨ୟ ଛାନ୍ଦ)

କଥାବସ୍ତୁ—କବି ନାରାୟଣ ଶ୍ରୀରାମଚନ୍ଦ୍ରଙ୍କୁ ବନ୍ଦନା କରିବା ପରେ କାବ୍ୟର ବିଷୟବସ୍ତୁର ସ୍ୱରୂପ ସମ୍ବନ୍ଧରେ ନିଜ କଳ୍ପନା ବ୍ୟକ୍ତ କରିଛନ୍ତି (୧ମ

ଛାନ୍ଦ) । କୃଷ୍ଣଙ୍କ ଗୋପରେ ଜନ୍ମ ଓ ବାଲଲୀଳା । କୃଷ୍ଣଙ୍କ ପ୍ରତି ଗୋପୀମାନଙ୍କର ପ୍ରେମ । (୨ୟ ଛାନ୍ଦ) । ଚନ୍ଦ୍ରାବଳୀଙ୍କ ଶୋଭା (୩ୟ ଛାନ୍ଦ) । ଚନ୍ଦ୍ରାବଳୀଙ୍କ ସହିତ ସଖୀମାନଙ୍କ ହାସପରିହାସ । ଯମୁନାରେ ସ୍ନାନ (୪ର୍ଥ ଛାନ୍ଦ) । ଚନ୍ଦ୍ରାବଳୀ ସ୍ନାନ-ପରେ ଜଳରୁ ବାହାରିବା ବେଳର ଶୋଭା (୫ମ ଛାନ୍ଦ) । ଚନ୍ଦ୍ରାବଳୀ ସଖୀମାନଙ୍କ ମେଳରେ ଯମୁନାରୁ ଫେରୁଥିବା ବେଳେ ଶ୍ରୀକୃଷ୍ଣଙ୍କ ସହିତ ଭେଟ । କୃଷ୍ଣଙ୍କ ବେଣୁନାଦ । ପ୍ରଥମ ଦର୍ଶନରେ ଚନ୍ଦ୍ରାବଳୀ ସଖୀଙ୍କୁ କୃଷ୍ଣଙ୍କ ପରିଚୟ ପ୍ରଶ୍ନ କଲେ (୬ଷ୍ଠ ଛାନ୍ଦ) । ପୁଷ୍ପଚୟନ କରିବା ପାଇଁ ଚନ୍ଦ୍ରା-ବଳୀଙ୍କର ସଖୀଙ୍କ ସହ ବନକୁ ଗମନ । କୃଷ୍ଣଙ୍କ ଚନ୍ଦ୍ରାବଳୀପ୍ରାପ୍ତି ଭାବନା । ମଧୁମଙ୍ଗଳ ସହ କୃଷ୍ଣଙ୍କ ହାସପରିହାସ । ମଧୁମଙ୍ଗଳଙ୍କୁ କୃଷ୍ଣ ପ୍ରେମାବେଶର କାରଣ ଜଣାଇଲେ । ମଧୁମଙ୍ଗଳଠାରୁ କୃଷ୍ଣ ଚନ୍ଦ୍ରାବଳୀର ପରିଚୟ ପ୍ରାପ୍ତ ହେଲେ । ଚନ୍ଦ୍ରକଳା ନାମର ସାର୍ଥକତା (୭ମ ଛାନ୍ଦ) । ବନରେ ଫୁଲ-ତୋଳା ବେଳେ ମଧୁମଙ୍ଗଳଦ୍ୱାରା ଚନ୍ଦ୍ରାବଳୀ-କୃଷ୍ଣ ଭେଟ (୮ମ ଛାନ୍ଦ) । ବିଦୂଷକ ମଧୁମଙ୍ଗଳ କୃଷ୍ଣଙ୍କୁ ଚନ୍ଦ୍ରାବଳୀ ବଶ ହେଲେ କି ନ ହେଲେ ପ୍ରଶ୍ନ କରିବାରୁ ସଫଳ ହେବା ଆଶା ଥିବା କୃଷ୍ଣ ବ୍ୟକ୍ତ କଲେ । ଚନ୍ଦ୍ରାବଳୀ କୃଷ୍ଣଙ୍କ ମିଳନ ପାଇଁ ମଧୁମଙ୍ଗଳ ଓ ଶୈବ୍ୟାଙ୍କ ଉଦ୍ୟମ (୯ମ ଛାନ୍ଦ) । ଶୁକ୍ଳପକ୍ଷ ରାତିରେ ଚନ୍ଦ୍ରାବଳୀର ଶୟନ । ନିଦ୍ରା ଆଣିବା ପାଇଁ ସଖୀର ଗଳ୍ପକଥନ । ସୁଲୋଚନାହରଣ କଥା (୧୦ମ ଛାନ୍ଦ) ।

କାବ୍ୟଟି ଅସମ୍ପୂର୍ଣ୍ଣ ଥିବା ସମ୍ଭାବନା—ଉପେନ୍ଦ୍ର ଚନ୍ଦ୍ରାବଳୀ-କୃଷ୍ଣ-ଲୀଳା ପ୍ରସଙ୍ଗରେ ଉଭୟେ ଉଭୟଙ୍କ ପ୍ରତି ଆସକ୍ତ ଥିବା, ଉଭୟେ ଜାଣି ପାରିବା ପରେ ଉଭୟଙ୍କ ମିଳନ ପାଇଁ କୃଷ୍ଣସଖା ମଧୁମଙ୍ଗଳ ଓ ଚନ୍ଦ୍ରା-ବଳୀସଖୀ ଶୈବ୍ୟା ଉଦ୍ୟମ କରିଥିଲେ । ଏ ଉଦ୍ୟମ ସଫଳ ହେବା ଆଶା ଦେଖା ଦେବା ପରେ ପ୍ରେମ କ୍ଷେତ୍ରରେ ବୀଜ ବପନ କରି ସଲିଳ ଦାନାଦି କ୍ରିୟାର ଫଳସ୍ୱରୂପ ପ୍ରେମଫଳ ଜାତ ହେବା ସ୍ୱାଭାବିକ । ଏହି ପ୍ରସଙ୍ଗରେ ସଖୀ କହୁଛି—

କରାଇବା ସଲିଳ ବଳାଇ ସଫଳକୁ,
କରୁଁ ଭୋଗ ସ୍ନେହ ଜାତ କରି ସେ ରସିକ ଯେ । ୩୫ । (୯ମ ଛାନ୍ଦ)

ଏହାପରେ ମିଳନର ସଙ୍କେତ ଦେଖାଯାଉ ନାହିଁ । ଶେଷ ଛାନ୍ଦରେ କବି ଅନ୍ୟ ପ୍ରସଙ୍ଗ ଉତ୍ଥାପନ କରି କାବ୍ୟଟିକୁ ଶେଷ କରିଛନ୍ତି ।

ଗ୍ରନ୍ଥ ଶେଷରେ କାବ୍ୟ ସମ୍ପୂର୍ଣ୍ଣ ହୋଇଁଥିବା ବିଷୟ କବି ବ୍ୟକ୍ତ କରି ନାହାନ୍ତି । ଶେଷ ଛାନ୍ଦର ଗଳ୍ପପ୍ରସଙ୍ଗ ପାଠ ପରେ ଆଉ କିଛି ବାକି ରହିଗଲା ପରି ମନେ ହେବ । ଅବଶ୍ୟ ମିଳନ ଓ ମିଳନ ପରେ କାମକ୍ରୀଡ଼ାର ବର୍ଣ୍ଣନା କେବଳ ବାକି ରହିଲା । ଏହି ବିଷୟଟି କବି ସ୍ୱତଃସିଦ୍ଧ ବୋଲି ଭାବି ନିଶ୍ଚିତ ଫଳର ବିବରଣ ଦେବା ଆବଶ୍ୟକ ମନେ କରିଥିବେ । ସଂକ୍ଷେପରେ ସୂଚନା ଦ୍ୱାରା ଏହାର ସମାପ୍ତି ମଧ୍ୟ କବି କରିପାରି ଥାଆନ୍ତେ । କର୍ମର ଫଳ ନିଶ୍ଚିତ ଥିବା ସ୍ଥଳେ ସଂକ୍ଷେପରେ ହେଉ, କି ଦୀର୍ଘରେ ହେଉ, କି ସୂଚନାଦ୍ୱାରା ହେଉ, ତାହାର ବର୍ଣ୍ଣନା କରିବା ଉଚିତ ଥିଲା ବୋଲି ମନେ ହେବ; କାବ୍ୟର କଥାବସ୍ତୁ ଅସମ୍ପୂର୍ଣ୍ଣ ରହିଗଲା, ଏହି ଧାରଣା ପାଠକ ମନରେ ଜାଗ୍ରତ ହେଲେ ରସାସ୍ୱାଦନରେ ନିଶ୍ଚୟ ବ୍ୟାଘାତ ଘଟିବ ଏବଂ ଏହା ଏକ 'ଦୋଷ' ସ୍ୱରୂପ ଗଣ୍ୟ ହେବ । ଅବଶ୍ୟ ଏ ଦୋଷ ସାମାନ୍ୟ ।

ଗଳ୍ପ ପ୍ରସଙ୍ଗର ଆବଶ୍ୟକତା—ଚନ୍ଦ୍ରାଳୀର ମନକୁ କୃଷ୍ଣଙ୍କ ପ୍ରତି ବିଶେଷ ଭାବରେ ଆକର୍ଷଣ କରିବା ମାନସରେ ସଖୀ ପରକୀୟା ରସର ସମର୍ଥନଜ୍ଞାପକ ସୁଲୋଚନା ହରଣ ନାମ ଗଳ୍ପଟି କହିଛି । କନ୍ୟାଗମନ ଧାତାଙ୍କ ହାତରେ, ପିତା କନ୍ୟାଦାନ କରିବା କିଛି ନୁହେଁ । ତାରା-ଚନ୍ଦ୍ର ପ୍ରେମର ଦୃଷ୍ଟାନ୍ତ ପରକୀୟାର ଅନ୍ୟ ଏକ ଉଦାହରଣ ।

× × କନ୍ୟାଗମନ ପ୍ରଧାନ ଧାତା ହେବା ଆନ ଦେବାର ଜନକ ।
କରି କିମ୍ପା ମୂଳ ଗୁରୁ ପ୍ରତିଶୀଳ ତାରା ଚନ୍ଦ୍ରରେ ସ୍ନେହକ ।
କହିଲା ଶୈବ୍ୟା ସିଦ୍ଧ ଏ ଦୁଇ କଥା ସମସ୍ତଙ୍କୁ ସୁରୋଚକ । (ଶେଷ ଛାନ୍ଦ)

ଏହାର ତାତ୍ପର୍ଯ୍ୟ ମଧ୍ୟ ସଖୀ ବୁଝାଇଛି—

କହେ ଯାହା ମନ ଯହିଁକି ସାଗର ଲଙ୍ଘଇ ତହିଁକି ଲୋକ । × × ।
(୧୦ମ ଛାନ୍ଦ)

ଏହି ଗଳ୍ପଟି ସାମାଜିକ ରୀତିର ସୂଚନା ଦେଉଛି । ଶୟନ ପୂର୍ବରୁ ସଖାସଖୀମାନେ ଏପରି ଭାବରେ ଗଳ୍ପକଥନ କରୁଥିଲେ । ଓଡ଼ିଶାର ବହୁ ପ୍ରାଚୀନ ଗଳ୍ପ ଏଥିରୁ ସ୍ପଷ୍ଟ । ରାଜପରିବାରରେ ଏ ରୀତି ମଧ୍ୟ ପ୍ରଚଳିତ ଥିଲା ।

ଭାଷା—କଳାକଳ୍ପଲତିକାର ଭାଷା ସେତେ ସରଳ ନୁହେଁ । କଠିନ ଶବ୍ଦ ଓ କ୍ଲିଷ୍ଟପଦ ଯୋଜନା ଯୋଗୁଁ ପଦାବଳୀ ମଧୁରକୋମଳ ହୋଇପାରି-ନାହିଁ । ପ୍ରତ୍ୟେକ ପାଦର ଆଦ୍ୟରେ ଓ ପ୍ରାନ୍ତରେ ଅବନା 'କ' ରଖିବା ନିୟମ କବିଙ୍କ ସ୍ୱାଧୀନତାକୁ କେତେକାଂଶରେ ଅପହରଣ କରିଛି । ସାବଲୀଳ ଗତିରେ ପଦସ୍ଫୁରଣ ସମ୍ଭବ ହୋଇନାହିଁ ।

କବିଙ୍କ ଶବ୍ଦପାଣ୍ଡିତ୍ୟ, ବିଭିନ୍ନ ବିଷୟରେ ଜ୍ଞାନର ଗଭୀରତା ଓ ବ୍ୟାପକତା କାବ୍ୟରେ ସ୍ପଷ୍ଟ ଭାବରେ ପ୍ରକାଶ ପାଇଛି ।

ଶବ୍ଦାଳଙ୍କାର ଭିତରେ ଯମକର ପ୍ରୟୋଗ ଏକାଧିକ ସ୍ଥାନରେ ହୋଇଛି । କାବ୍ୟାଳଙ୍କାରରେ ଉପମା, ଉପମାନନ୍ଦା, ଉତ୍ପ୍ରେକ୍ଷା ପ୍ରଭୃତି ପ୍ରଧାନ ।

ବର୍ଣ୍ଣନା ଚାତୁରୀ—ରୂପ ବର୍ଣ୍ଣନା, ପ୍ରକୃତି ବର୍ଣ୍ଣନାରେ ଉଲ୍ଲେଖଯୋଗ୍ୟ ବିଶିଷ୍ଟତା ଦେଖାଯାଉ ନ ଥିଲେ ମଧ୍ୟ ବର୍ଣ୍ଣନା ଗୁରୁତ୍ୱହୀନ ନୁହେଁ ।

ଚନ୍ଦ୍ରାବଳୀର ଶୋଭା ବର୍ଣ୍ଣନାରେ କବି ଉପମାନନ୍ଦା ପ୍ରୟୋଗ କରି ସୁନ୍ଦର ଚିତ୍ରଟିଏ ପ୍ରଦାନ କରିଛନ୍ତି ।

କବି ବଚନେ ରଚନେ ପଡ଼ିଗଲା ଉପମାବୃନ୍ଦର ଚମକ,
କଠୋର ରମ୍ଭା ଦମଦମ ଆରମ୍ଭା ହେବ ବଳି ଝମଝମକ ।
କହି ହେବ ସେ, ଶଚୀ ଆଗେ ଏହି ପଦକ
କମଳ ସୁନ୍ଦରୀ ପୁରନ୍ଦରୀ ଶାଢ଼ୀ ଚନ୍ଦ୍ରାବଳୀରେ ସମ୍ପାଦକ । ୨ ।

କଲ୍ଲୋଳେ ଲେକେ କାଳନ୍ଦୀ ଓଲଟିଲା କେଶେ କ ସଦୃଶ ହେବାକ
କଣ୍ଠାଗ୍ର ଲୀନା ଦେଶେ ନାନ୍ଧ ଅଳକ୍ଷ ଚନ୍ଦ୍ରେ ରାହୁ ଭଗ୍ନ କାମୁକ ।
କରୁ ଦଶଂସା, କରେ ଏ ରୂପେ ବିପକ୍ଷକ
କଳାପ ଗୁମର ରାକ୍ଷସୀର ପର ଚଳେ ହେଲେ ସମ ଗୁଚ୍ଛକ । ୩ ।
(୩ୟ ଛାନ୍ଦ) ।

ଯମୁନା କୂଳରେ ସ୍ନାନ କରିବା ପାଇଁ ସଖୀ ମେଳରେ ଚନ୍ଦ୍ରାବଳୀ ଗମନ କରୁଥିବା ଦୃଶ୍ୟ ରମଣୀୟ ହୋଇଛି । ସ୍ନାନ ପରେ ଚନ୍ଦ୍ରାବଳୀର ଜଳରୁ ବାହାର ହେବା ଦୃଶ୍ୟ ଅତି ରମଣୀୟ ଓ ଜୀବନ୍ତ ହୋଇଛି ।

କଳିନ୍ଦସୁତାରୁ ବାହାର ସେ ରମା ନାହିଁ ଯା ସମ କାହିଁ ଏକ,
କମଳ ଉତ୍ପତ୍ତି ଜଳଧରୁ ଯଥା ଏତେ ଅଛୁ ଚିତ୍ତ ଭ୍ରାମ୍ୟକ ।
କମଳ, ବାମୀ ପଦ ଉପଯମକ,
କଛ ଅଛୁକେତେ ଶ୍ଲେଷ ଆଶ୍ଳେଷରେ ପ୍ରକାଶେ ଉତ୍ପ୍ରେକ୍ଷା ରୂପକ । ୧ ।

କଦମ୍ବ ପରି ଗୁରୁ ଊରୁ କୂଳସ୍ଥେ ପ୍ରଭାତ ସାନୁ ସପୁଲକ,
କଡ଼ି ଛବି କୁଚଯୁଗ ଅପଘନ ଜଳସ୍ରବ ମଧୁ ଦ୍ରବକ ।
କରୁଣା-ସିନ୍ଧୁକୁ ହୋଇଲା ଦର୍ଶକ,
କରଟ-ରଟ-ଛନ୍ଦେ ଦୁଷ୍ଟରାଜାଙ୍କୁ ଭେଟ ଉଲ୍ଲାସେ ଦେଇ ତାକ । ୨ ।
(୫ମ ଛାନ୍ଦ) ।

ବନବିହାର ବର୍ଣ୍ଣନା ବିସ୍ତୃତ ହୋଇ ନ ଥିଲେ ମଧ୍ୟ ନୀରସ ହୋଇନାହିଁ ।

କାବ୍ୟରେ ଋତୁ, ବିରହାନୁଚିନ୍ତା ପ୍ରଭୃତି ପ୍ରେମିକପ୍ରେମିକା ଭାବ ବର୍ଣ୍ଣିତ ହୋଇନାହିଁ ।

କବିଙ୍କ କ୍ଷୁଦ୍ର କାବ୍ୟମାନଙ୍କ ଭିତରେ 'କଳାକଉତୁକ' ଅକ୍ଷର ଯୋଜନା ଯୋଗୁଁ ବିଶିଷ୍ଟ ସ୍ଥାନ ଅଧିକାର କରିଛି; ସୁଭଦ୍ରା ପରିଣୟ ଏହି ଶ୍ରେଣୀର

କାବ୍ୟ । କାବ୍ୟଟିରେ କଳ୍ପନା-ବିଳାସରେ ଗମ୍ଭୀରତାର ଅଭାବ ଏବଂ କୋମଳ ସରସ ପଦାବଳୀର ସଂଖ୍ୟାନ୍ୟୂନତା କାବ୍ୟଗୌରବକୁ କେତେକାଂଶରେ କ୍ଷୁଣ୍ଣ କରିଛି ।

କାବ୍ୟରଚନାରେ କବି ଯେ ତନ୍ମୟ ଥିଲେ, ଏଥିରେ ସନ୍ଦେହ ନାହିଁ । ପଦ ରଚନାରେ କବିର ତନ୍ମୟତା, ଗାନରେ ଗାୟକର ତନ୍ମୟତା ଏକ ଶ୍ରେଣୀର; ତନ୍ମୟତା ବିହୁନେ ପଦରଚନାରେ ଗୌରବ ଆନୟନ ଅସମ୍ଭବ । କବି କହିଛନ୍ତି—

କବି ପ୍ରାୟ ଏ ବିଧି ତନ ମନକ,
କବିତ୍ୱ ରଚି ଗାଉ ଯଥା ଗାୟକ ଯେ । ୧୧ । (୭ମ ଛାନ୍ଦ) ।

ସୁଭଦ୍ରାପରିଣୟ

କାବ୍ୟର ରୂପ—କବି କାବ୍ୟର ଆରମ୍ଭ ଭାଗରେ କାବ୍ୟଟିର ରୂପ ସମ୍ପର୍କରେ ନିଜର ଅଭିଳାଷ ବ୍ୟକ୍ତ କରିଛନ୍ତି—"ସରଳ ପଦମାନଙ୍କେ ମୋହିବ ଏ ଶ୍ରୁତି ।" କିନ୍ତୁ କବିଙ୍କ ପଦଗୁଡ଼ିକ ଅଳଙ୍କାର ଓ ସଙ୍କାର୍ଣ୍ଣ୍ୟ ନିୟମ ଯୋଗୁ ବହୁ ସ୍ଥାନରେ ସରଳ ହୋଇ ନାହିଁ ।

କବି କାବ୍ୟରେ ଏହି ଅଳଙ୍କାର ଗୁଡ଼ିକ ପ୍ରୟୋଗ କରିବା କାମନା କରିଛନ୍ତି; ଯଥା:—ଶ୍ଳେଷ, ରୂପକ, ଯମକ, ସିଂହାବଲୋକନ, ବିରୋଧାଭାସ, ଅନୁପ୍ରାସ, ସ୍ଫୁଟ ଆଶୟ, ପୁନରୁକ୍ତ-ବଦାଭାସ, ଦତ୍ତାକ୍ଷର, ଚ୍ୟୁତାକ୍ଷର, ଦତ୍ତ-ଚ୍ୟୁତାକ୍ଷର ପ୍ରଭୃତି ।

ରସ—କବି ସୁଭଦ୍ରାପରିଣୟରେ ଏହି ରସ ଗୁଡ଼ିକର ପଦ ରଚନା କରିଛନ୍ତି—

ସପ୍ତତରଙ୍ଗ ପଦେ ପ୍ରତି   ବୀର କାରୁଣ୍ୟ ହାସ୍ୟ ଅଦ୍‌ଭୁତ
ବୀଭତ୍ସ ଭୟାନକ ସୁଶାନ୍ତ ରୌଦ୍ର ଶୃଙ୍ଗାର ଯେ ।

ସୁବ୍ୟକ୍ତ ପୁଣି ଛାନ୍ଦ ଛାନ୍ଦକେ   ପ୍ରଖ୍ୟାତ ହେବ ଆଲଙ୍କାରକେ
ଶୁଣି ତୃପତ ହେବେ ରସିକେ ପଣ୍ଡିତ ନରେ ଯେ । ୪ ।୩୨। (୬ଷ୍ଠ ଛାନ୍ଦ)

ରସିକ, ପଣ୍ଡିତମାନଙ୍କ ପାଇଁ ଏ କାବ୍ୟଟି ଉଦ୍ଦିଷ୍ଟ ହୋଇଥିବା ସ୍ପଷ୍ଟ; ବିବିଧ କୌଶଳପୂର୍ଣ୍ଣ ରଚନାରୀତି ଓ ପାଣ୍ଡିତ୍ୟପୂର୍ଣ୍ଣ ଅଳଙ୍କାର ପ୍ରୟୋଗ ଏହା ପ୍ରମାଣିତ କରୁଛି ।

ବୀରରସ—ଅର୍ଜୁନାଦିଙ୍କ ଯୁଦ୍ଧ ।
କରୁଣ—ବିରହାଦି ।
ହାସ୍ୟ—ହାଟରେ ନାଗର-ନାଗରୀଙ୍କ ରସାଳାପ ।
ଅଦ୍‌ଭୁତ—ଅର୍ଜୁନ ସୁଭଦ୍ରାଙ୍କୁ ନେଇଯାଉଥିବା ବେଳେ ଯଦୁ-ସୈନ୍ୟଙ୍କ କୋଳାହଳାଦି ପ୍ରସଙ୍ଗ ।
ବୀଭତ୍ସ—ଅର୍ଜୁନଙ୍କ ବିରୋଧରେ ଯୁଦ୍ଧ କରିବା ପରେ କୁରୁସୈନ୍ୟଙ୍କ ଅବସ୍ଥା ।
ଭୟାନକ—ଯୋଦ୍ଧାମାନଙ୍କ ବେଶଭୂଷାଦି, ସୈନ୍ୟଯାତ୍ରା, ଯୁଦ୍ଧ ବର୍ଣ୍ଣନା ।
ସୁଶାନ୍ତ—ଉପଦେଶାଦି ।
ରୌଦ୍ର—ବଳରାମଙ୍କ କୋପ ।
ଶୃଙ୍ଗାର—ଅର୍ଜୁନ-ସୁଭଦ୍ରା କେଳି ।

କଥାବସ୍ତୁ ପ୍ରତି କବିଙ୍କ ବିଶେଷ ଆଗ୍ରହର କାରଣ—

(୧) ପୌରାଣିକ ହେଲେ ମଧ୍ୟ ବିଷୟବସ୍ତୁ କଳ୍ପିତ ନୁହେଁ, ସତ୍ୟ ଅଟେ, ଏହା କବି କାବ୍ୟର ଶେଷରେ ବ୍ୟକ୍ତ କରିଛନ୍ତି—"ସତ ଚରିତ ନୁହଇ କଳ୍ପିତ ।"

(୨) ବିଷୟବସ୍ତୁ ପୌରାଣିକ, ପୁଣି, ପ୍ରେମିକପ୍ରେମିକାଙ୍କ ଶୃଙ୍ଗାର-ରସାତ୍ମକ ଓ ଲୀଳା ବିଷୟକ ହୋଇଥିବାରୁ ସୁରସ ହୋଇଛି ।

"ସୁରସ ପୁରାଣ ଚରିତ ଯହୁଁ,
ସାଧୁ ରସିକ ମାନସକୁ ମୋହୁ ।"

(୩) ପୌରାଣିକ ଚରିତଟି ନବରସ ବର୍ଣ୍ଣନା ବିଧାନରେ ସର୍ବରୂପେ ଅବକାଶ ଥିବାରୁ କବି ଏହାକୁ ଆଶ୍ରୟ କରି କାବ୍ୟ ରଚନା କରିବାକୁ ମନ କଲେ ।

ସେ ଚରିତ ନବରସ ବର୍ଣ୍ଣନା ବିଧାନେ,
ସର୍ବରୂପେ ଅବକାଶ ଅଛି କଲି ମନେ । (୧ମ ଛାନ୍ଦ)

(୪) ଶୃଙ୍ଗାର ରସର ହିତ ଏ କାବ୍ୟବସ୍ତୁ ଓ କବିତାକୁ ଶୁଣି ଗ୍ରାହକମାନେ ପରମ ଆନନ୍ଦ ଲାଭ କରିବେ ।

(୫) କୃଷ୍ଣଙ୍କ ମହିମା ଏଥିରେ ଖ୍ୟାତ ଥିବାରୁ ସ୍ମରଣ ଓ କଥନରେ ପୁଣ୍ୟାଙ୍କ ନ ହୋଇ କଲୁଷ ବିନାଶ ହେବ ।

କବି 'ସକଳ ରୂପରେ' ଲାଭବାନ ହେବେ, ଏ ଅବକାଶ ବା କାହିଁକି ତ୍ୟାଗ କରିବେ ? "ସକଳ ରୂପେ ଏ ଲାଭ ଛାଡ଼ିବି କପାଇଁ ।" (୧ମ ଛାନ୍ଦ)

କଥାବସ୍ତୁ—ପ୍ରାରମ୍ଭରେ କବି ସିନ୍ଧୁ ତଟସ୍ଥ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରାଜର ମାହାତ୍ମ୍ୟ କୀର୍ତ୍ତନ କରି ବଳଭଦ୍ର, ଜଗନ୍ନାଥ, ସୁଭଦ୍ରା, ସୁଦର୍ଶନଙ୍କୁ ନମସ୍କାର କରିଛନ୍ତି । ଦ୍ୱାପର ଯୁଗର ଶେଷରେ ଶ୍ରୀକୃଷ୍ଣ ତୋଷରେ ସଂସାରରେ ମାନୁଷଲୀଳା କରିଥିଲେ, ଏହା ମହାଭାରତର ବିଷୟ । କବି ଏହି ଲୀଳା ଭିତରୁ ସୁଭଦ୍ରା ଚରିତ ଗୀତରେ ବିରଚିବା ପାଇଁ ଇଚ୍ଛାକରି ଏ ଗୀତ ରଚନା କରିଛନ୍ତି । ହରିବଂଶ ପଦଠାରୁ କଥାବସ୍ତୁର ଆରମ୍ଭ ହୋଇଛି । ସାଗର ମଧ୍ୟରେ ଦ୍ୱାରାବତୀ ପୁର ଅବସ୍ଥିତ । ଏଠାରେ ସୁରସେନ ସୁତ ଉଗ୍ରସେନ ରାଜତ୍ୱ କରୁଥିଲେ । ଦ୍ୱାରକାବାସୀ ଯାଦବ କୁଳର ପ୍ରସିଦ୍ଧ ବସୁଦେବଙ୍କ ବଳରାମ ଓ ଶ୍ରୀକୃଷ୍ଣ ଦୁଇ ପୁତ୍ର । ବସୁଦେବଙ୍କ ପତ୍ନୀ ରୋହିଣୀ ପୁତ୍ରୀ ପ୍ରାପ୍ତିରେ ସ୍ନେହୀ ହେବାରୁ ବ୍ରହ୍ମାଙ୍କ

ଆଦେଶରେ ଏକ ପରମ ସୁନ୍ଦରୀ କନ୍ୟା ତାଙ୍କ ଗର୍ଭରୁ ଜାତ ହେଲା । ଏହାର ନାମ ସୁଭଦ୍ରା । ଏହି କନ୍ୟା ଜନମ ଅତି ସୁନ୍ଦର ରୂପ ଧାରଣ କଲା ।
(୧ମ ଛାନ୍ଦ)

ରାମା ନବଯୌବନ ଲାଭ କରି ସୁଷମା ଦେଖାଗଲା । କେମା ପୁଷ୍ପବତୀ ହେଲା । (୨ୟ ଛାନ୍ଦ) । ସୁଭଦ୍ରାଙ୍କ ଅପୂର୍ବ ଶୋଭା ବର୍ଣ୍ଣନା । ସର୍ବାଙ୍ଗର ବର୍ଣ୍ଣନା । କବି ମାଳିନୀପଲ୍ଲୀ ବର୍ଣ୍ଣନା କରୁଥିବାରୁ ସୁଭଦ୍ରାଙ୍କ କେଶଠାରୁ ପାଦ ପର୍ଯ୍ୟନ୍ତ ବର୍ଣ୍ଣନା କଲେ । ଦେବତା ପକ୍ଷେ ପାଦଠାରୁ ମସ୍ତକ ପର୍ଯ୍ୟନ୍ତ ବର୍ଣ୍ଣନା ରୀତି ବିଦ୍ୟମାନ ଥିବା ଦେଖାଯାଏ । (୩ୟ ଛାନ୍ଦ)

ସୁଧର୍ମା ସଭାରେ ସୁରଋଷି ଦେବତାମାନଙ୍କ ଆଗରେ ସୁଭଦ୍ରାଙ୍କ ଅପୂର୍ବ ଶୋଭା ବର୍ଣ୍ଣନା କଲେ । ଦେବତାମାନେ ସନ୍ତୋଷ ହୋଇ ପ୍ରଶଂସା କଲେ ଏବଂ "ସୁନ୍ଦର ସଂସାରେ ଯେହୁ ଚକ୍ରବର୍ତ୍ତୀ, ତାହାଙ୍କୁ ସେ ଯୋଗ୍ୟ ତରୁଣୀ" ବୋଲି କହିଲେ । ନାୟିକାର ଅପୂର୍ବ ଶୋଭା ପ୍ରସଙ୍ଗ ଦେଶେ ଦେଶେ ପ୍ରକାଶ ଲାଭ କଲା । ନୃପତିମାନେ କେମାକୁ ଲାଭ କରିବା ପାଇଁ ଅଭିଳାଷ କଲେ ଓ ବିରହରେ କାତର ହେଲେ । "ଶୁଣିବାରେ ଯହିଁ ଏମନ୍ତ ଦେଖିଲେ କି ହୁଅନ୍ତା ତାହା ନ ଜାଣି । ସୁଲକ୍ଷଣୀ ବକ୍ରେକ୍ଷଣୀ ଶୋଭାକାନ୍ତି ମଣ୍ଡିଲା ସମସ୍ତ ଧରଣୀ ।" ଦୁର୍ଯ୍ୟୋଧନ, ଅକ୍ରୂରାଦି ବୀରମାନଙ୍କ ମଧ୍ୟରେ କେବଳ ଦୁର୍ଯ୍ୟୋଧନ ହିଁ "ସେ ଏକା କନ୍ୟା ସମାନେ ଅଛି ବର ।" ବୋଲି ବଳରାମ ସ୍ଥିର କଲେ । କୃଷ୍ଣ ବଳରାମଙ୍କ ମନୋଭାବ ବୁଝିପାରି ଯାଗ କରିବା ସ୍ଥିର କଲେ । ଦେଶେ ଦେଶେ ଦୂତ ପଠାଇଲେ । ଗୋଶୃଙ୍ଗ ଦୈତ୍ୟକୁ ଅର୍ଜୁନଙ୍କ ଦ୍ୱାରା ବଧ କରାଇ "ସବ୍ୟସାଚିକି ଯଶଃ ଦେଇ ସେ କନ୍ୟା ପ୍ରାପତ କରିବା ନିମନ୍ତେ" କୃଷ୍ଣ ଏହି ପନ୍ଥା ଉଦ୍‌ଭାବନ କରିଥିଲେ ।
(୪ର୍ଥ ଛାନ୍ଦ)

ଯାଗକୁ 'ସାମଗ୍ରୀ କରଣ' ବଳରାମ ଓ କୃଷ୍ଣ ସମ୍ଭାରେ ରୈବତ ପର୍ବତରେ ପ୍ରବେଶ ହେଲେ । ପର୍ବତର ବର୍ଣ୍ଣନା । ଯାଦବମାନେ ସକୁଟୁମ୍ବ ସେଠାରେ ରହିଲେ । (୫ମ ଛାନ୍ଦ)

ବଳରାମ ଶ୍ରୀକୃଷ୍ଣ ଯାଗ କରୁଥିବା ସନ୍ଦେଶ ନିମନ୍ତ୍ରଣ ପତ୍ରରୁ ପାଇ ବହୁ ଦେଶର ନରେଶ ସସୈନ୍ୟ ସେଠାକୁ ଗମନ କଲେ, ସୈନ୍ୟଯାତ୍ରା ବର୍ଣ୍ଣନା, ହାଟ ବର୍ଣ୍ଣନା । ଶୋଣିଙ୍ଗଦୈତ୍ୟ ନିମନ୍ତ୍ରଣ ପାଇ ମହାଦର୍ପରେ ଅସୁର ସୈନ୍ୟଙ୍କୁ ଧରି ରୈବତରେ ପ୍ରବେଶ କଲା । ଅସୁର ଭୟରେ ଯାଦବମାନେ ରୈବତରୁ ଦ୍ୱାରକାକୁ କୁଟୁମ୍ବମାନଙ୍କୁ ପଠାଇ ଦେଲେ । ଶ୍ରୀକୃଷ୍ଣ ଓ ବଳରାମ କ୍ରୋଧରେ ଦୈତ୍ୟମାନଙ୍କ ସଙ୍ଗେ ଯୁଦ୍ଧ କରି ଅନେକଙ୍କୁ ବଧ କଲେ । ଶୋଣିଙ୍ଗ ଦୈତ୍ୟର ସୁବୁଦ୍ଧି ମନ୍ତ୍ରୀ ଜପାସୁର ରାମ ଓ କୃଷ୍ଣଙ୍କୁ କହିଲେ, "ଆମକୁ ନିମନ୍ତ୍ରଣ କରି ଡାକଆଣି ମାରୁଛ, ଏହା କି ନୀତି ?" ରାମ ଓ କୃଷ୍ଣ ଏଥିରେ ଶାନ୍ତ ଲଭିଲେ ଏବଂ ଦାନବ ରାଜାଙ୍କୁ ବରଣ କରି ସଙ୍ଗରେ ଆଣିଲେ । ଯଜ୍ଞଶାଳା ବର୍ଣ୍ଣନା, ବଳରାମ-କୃଷ୍ଣ ଯାଗ-ଦୀକ୍ଷା ନେଲେ । କେତେ ଦିନ ପରେ ରାକ୍ଷସମାନେ କପଟ କରି ରାତିରେ ଯଜ୍ଞସ୍ଥଳରେ ପ୍ରବେଶ ହୋଇ ଉତ୍ପାତ ଆରମ୍ଭ କଲେ ଏବଂ ବହୁ ଲୋକଙ୍କୁ ହତ୍ୟା କଲେ । ବହୁତ ଋଷିଙ୍କୁ ବଧ କଲେ । ଶୋଣିଙ୍ଗ ରାମକୃଷ୍ଣଙ୍କୁ ମଧ୍ୟ ଫାଶ ଦେଇ ଅଗ୍ନିରେ ନିକ୍ଷେପ କଲା । ଶୋଣିଙ୍ଗ ସତ୍ୟଭାମାକୁ ଦେଖି ତାଙ୍କ ରୂପରେ ମୋହିତ ହୋଇଗଲା ଏବଂ ତାଙ୍କୁ ରଥରେ ବସାଇ ସ୍ୱରାଜ୍ୟକୁ ଘେନି ଯିବାକୁ ଉଦ୍ୟତ ହେବାରୁ ତାର ମନ୍ତ୍ରୀ ସଦୁପଦେଶ ଦେଲା; ତାଖି ହରଣରେ ରାବଣ, ମହୀରାବଣ ଅସୁରମାନେ ନିଧନ ହୋଇଥିବା କହି ଏ ଘୃଣିତ କାର୍ଯ୍ୟରୁ ନିବର୍ତ୍ତିବା ପାଇଁ କହିଲା । ଅସୁରରାଜ ଏଥିପ୍ରତି କର୍ଣ୍ଣପାତ କଲା ନାହିଁ, ରଥ ବାହିବା ପାଇଁ ଆଦେଶ ଦେଲା । ସତ୍ୟଭାମା ଅତି ଆର୍ତ୍ତସ୍ୱରରେ "ହା କୃଷ୍ଣ କୃଷ୍ଣ ପୁଣି ସେ ବୋଲେ ରଖ ଅର୍ଜୁନ ଯେ ।" ଅର୍ଜୁନ ସେତେବେଳେ ଭୃଙ୍ଗଭଦ୍ରା ନଦୀ କୂଳରେ ଥିଲେ । ଏ ଆର୍ତ୍ତନାଦ ସେ ଶୁଣିପାରିଲେ । ସେ ତତ୍‌କ୍ଷଣାତ୍ ମନ୍ତ୍ର ଉଚ୍ଚାରଣ କରି ଶର ପେଶିଲେ । ସକଳ ଦିଗ ରୁଦ୍ଧ ହୋଇଗଲା, ଅସୁରମାନେ ବାଟ ପାଇଲେ ନାହିଁ । ରାତ୍ରି ଯୁଦ୍ଧରେ ଏ ଉତ୍ପାତ ଘଟିଥିଲା । ସକାଳ ହେବାରୁ ଅସୁରମାନେ ଆଉ କପଟଯୁଦ୍ଧ କରି ପାରିଲେ ନାହିଁ । ଶୋଣିଙ୍ଗଙ୍କ ମନ୍ତ୍ରୀ ସତ୍ୟଭାମାଙ୍କୁ ନେଇ ଅର୍ଜୁନଙ୍କଠାରେ ସମର୍ପଣ କଲା । କ୍ରୋଧରେ ଅର୍ଜୁନ ରାକ୍ଷସମନ୍ତ୍ରୀଙ୍କୁ ବଧ

କଲେ । ଗୋଶୃଙ୍ଗ ଦେଶରେ ଯୁଦ୍ଧ କଲା । ଯୁଦ୍ଧ ବର୍ଣ୍ଣନା । ଯୁଦ୍ଧରେ ଅର୍ଜୁନ ଗୋଶୃଙ୍ଗଙ୍କୁ ହତ୍ୟା କଲେ । ଦେବତାମାନେ ସାଧୁବାଦ କଲେ । ରାମକୃଷ୍ଣଙ୍କୁ ଅଗ୍ନିରୁ ଉଦ୍ଧାର କରାଗଲା । ଅର୍ଜୁନ ଯଦୁକୁଳର ମହା ଉପକାର କରିଥିବାରୁ କୃଷ୍ଣଙ୍କ ଆଜ୍ଞାମତେ ଦ୍ୱାରକାର ସମସ୍ତ ରମଣୀ ସୁବେଶ ହୋଇ ଅର୍ଘ୍ୟସ୍ଥାଳୀରେ ତାଙ୍କୁ ବନ୍ଦାଇ ଅଭ୍ୟର୍ଥନା କଲେ । (୬ଷ୍ଠ ଛାନ୍ଦ)

•

ଦ୍ୱାରକାପୁର ଲଳନାମାନେ ସୁଭଦ୍ରାଙ୍କ ନେତୃତ୍ୱରେ ଅର୍ଜୁନଙ୍କ ସାନ୍ନିଧ୍ୟରେ ଉପସ୍ଥିତ ହେଲେ । କାମଦେବ (ପ୍ରଦ୍ୟୁମ୍ନ) କୃଷ୍ଣଙ୍କ ଜାନୁ ଉପରେ ବସିଥିଲେ ଯେପରି ଦେଖାଯାନ୍ତି ସେହିପରି ଅର୍ଜୁନ ଦିଶିଲେ । ଶ୍ରୀକୃଷ୍ଣ ଓ ଅର୍ଜୁନଙ୍କ କାନ୍ତି ସମାନ ଥିବା ଯୋଗୁଁ ସ୍ୱକୀୟାବାଳୀ ରାଣୀମାନେ ଅର୍ଘ୍ୟସ୍ଥାଳୀ ବନ୍ଦାଇବାରେ ଭ୍ରମରେ ପଡ଼ିଲେ; ସେମାନେ ନିଜ ବଲ୍ଲଭଙ୍କୁ ମଧ୍ୟ ଚିହ୍ନି ପାରିଲେ ନାହିଁ । ସାନୁଜ ଜ୍ୟେଷ୍ଠ କୋଳରେ ବସିବା ନିୟମ ସେମାନେ ସ୍ମରଣ କରିପାରିଲେ ନାହିଁ । କୃଷ୍ଣ ଏ ସନ୍ଦେହ ପ୍ରସଙ୍ଗ ବୁଝିପାରି ଅର୍ଜୁନଙ୍କ ଶିର ଉପରେ ହସ୍ତ ଦେବାରୁ ବାଳୀମାନେ ତାଙ୍କୁ ଚିହ୍ନି ବନ୍ଦାଇଲେ । ସୁଭଦ୍ରା ଅର୍ଜୁନଙ୍କ ସମୀପରେ ଉପସ୍ଥିତ ହେବା କ୍ଷଣି "ସ୍ୱର୍ବରୂପରେ ଭରିଲାଲ" । ସମସ୍ତେ ଚପଳେ ଅର୍ଘ୍ୟ ଶିର ଉପରେ ଅର୍ଘ୍ୟ ଦେଲେ, କିନ୍ତୁ ସେ ଅର୍ଘ୍ୟସ୍ଥାଳୀକି କରରେ ଧରି ରହିଲା । କୃଷ୍ଣ ଏ ଭାବ ଦେଖି ସେଠାରୁ ଅନ୍ତର ହେଲେ । (୭ମ ଛାନ୍ଦ) ଅର୍ଜୁନଙ୍କୁ ଦେଖିବା ପରେ ସୁଭଦ୍ରା କାମଶରରେ ପୀଡ଼ିତ ହେଲେ । (୮ମ ଛାନ୍ଦ)

କେତେଦିନ ପରେ ସୁଭଦ୍ରାଙ୍କୁ ସଙ୍ଘୋଳିବା ପାଇଁ ସତ୍ୟଭାମା ଗଲେ । ସୁଭଦ୍ରା ସାନ୍ଧ୍ୟରେ ଉଚ୍ଛିନ୍ନ ହୋଇଥିବା ଦେଖିଲେ । ସୁଭଦ୍ରା ନିଜର ମନ କଥା ବ୍ୟକ୍ତ କରିବାରୁ ସତ୍ୟଭାମା ଜଣାଇଲେ, "ସୁମନା ଭୃଙ୍ଗ ପଶିକୁ ଅଭିସାରୀ ହେବାକୁ କରିଛୁ ମନ ହେ ।" ଯଦୁରାୟେ ଏହା ଶୁଣି ଆନନ୍ଦିତ ହୋଇ ହସି କହିଲେ, "ସାରଙ୍ଗ ଅଙ୍କୁଶ, ତୁରଙ୍ଗ କବିକା (ଲଗାମ) ନ ମାନିଲେ କି ଉପାୟରେ ?" ଅର୍ଜୁନଙ୍କ ସହିତ ସୁଭଦ୍ରାଙ୍କ ମିଳନ ପାଇଁ ସୁଭଦ୍ରା ଶ୍ରମ କରନ୍ତୁ ବୋଲି କୃଷ୍ଣ କହିଲେ । ସତ୍ୟଭାମା ସ୍ୱାମୀଙ୍କ ସମ୍ମତି

ଜାଣି ଉଦ୍ୟମ ଆରମ୍ଭ କଲେ । ରଜନୀ ହେବାରୁ ସୁଭଦ୍ରାଙ୍କୁ ସୁବେଶ କରାଇଲେ । ରାତି ସାତଘଟି (ଘଣ୍ଟା) ସମୟରେ ସତ୍ୟଭାମା ସୁଭଦ୍ରାଙ୍କୁ ଧରି ଅର୍ଜୁନଙ୍କ ଶୟନ କକ୍ଷ ନିକଟରେ ପହଞ୍ଚିଲେ ଏବଂ ସତ୍ୟଭାମା ମଧୁରରେ ଅର୍ଜୁନଙ୍କୁ ଡାକି କବାଟ ଫିଟାଇବାକୁ କହିଲେ । ଅର୍ଜୁନ ଶର ଘେନିଥିବାରୁ କବାଟ ନଫିଟାଇ ଆସିବା କାରଣ ପଚାରିଲେ । ସତ୍ୟଭାମା ଉଦ୍ଦେଶ୍ୟ ଜଣାଇବାରୁ ପ୍ରଭୁ (କୃଷ୍ଣ)ଙ୍କ ଭଗ୍ନୀଙ୍କୁ ଭାର୍ଯ୍ୟା କରିବା ଭୃତ୍ୟ (ଅର୍ଜୁନ) ପକ୍ଷେ ଅନୀତି ବୋଲି ଅର୍ଜୁନ କହିଲେ । ସତ୍ୟଭାମା ମନ ବିରସରେ ସୁଭଦ୍ରା ସହି ସେଠାରୁ ବାହୁଡ଼ିଲେ । ସୁଭଦ୍ରାଙ୍କ ମନୋବେଦନା ।(୯ମ ଛାନ୍ଦ)

ସୁଭଦ୍ରାର ଏ ବିରହ ଦଶା ପ୍ରସଙ୍ଗ ସତ୍ୟଭାମା କୃଷ୍ଣଙ୍କୁ ଜଣାଇବାରୁ ଅର୍ଜୁନଙ୍କୁ ଉଚାଟନ କରିବା ପାଇଁ ଅର୍ଜୁନର ଶୟନଗୃହ କାନ୍ଥରେ ସୁନ୍ଦର କାମୋଦ୍ଦୀପକ ଚିତ୍ର ଲେଖାଇବା ପାଇଁ କହିଲେ ଏବଂ ବଶୀକରଣାଦି ମନ୍ତ୍ର ମଧ ଦେଲେ । ସତ୍ୟଭାମା ଏ ପରାମର୍ଶ ଅନୁସାରେ ଅର୍ଜୁନଙ୍କ ଶୟନାଗାରରେ ଚିତ୍ର ଲେଖାଇଲେ । ସନ୍ଧ୍ୟା ହେବାରୁ ଅର୍ଜୁନ ଶୟନାଗାରର ଚିତ୍ର ଦେଖିଲେ ଏବଂ ସେଥିରେ ମୁଗଧ ହୋଇଗଲେ । ଏତିକି ବେଳେ କାମୋଦ୍ଦୀପକ ସଙ୍ଗୀତ ମଧ ଶୁଣାଗଲା । ଅର୍ଜୁନଙ୍କ କାମ ବିକାର ଆରମ୍ଭ ହେଲା । ସେ ସୁଭଦ୍ରାଙ୍କୁ ସ୍ମରଣ କଲେ । ସତ୍ୟଭାମା ସୁଭଦ୍ରାଙ୍କୁ ଶୟନାଗାର ନିକଟକୁ ନେଲେ । କବାଟ ଫିଟା ମନ୍ତ୍ରଦ୍ୱାରା କବାଟ ଫିଟେଇଲେ ଓ ବଶୀକରଣ ମନ୍ତ୍ରଧୂଳି ପ୍ରୟୋଗ କଲେ । ଅର୍ଜୁନ ସୁଭଦ୍ରାଙ୍କ ପ୍ରତି ଆସକ୍ତ ଥିବା ଜଣାଇବାରୁ ସୁଭଦ୍ରା ସେଠାରୁ ଚାଲିଗଲେ । ଅର୍ଜୁନ ବିରହରେ କାତର ହେଲେ । (୧୦ମ ଛାନ୍ଦ)

ସବ୍ୟସାଚୀ ବାଳାରେ ବଶ ହୋଇ "ଶୁଭେ ଯେଉଁ ଦଶେ ଥିଲି ଝଙ୍କାର, ସେହି ଦଗେ କର୍ଣ୍ଣ ଟେକେ ତାହାର । ସୁଗନ୍ଧିତ ସମୀର ଯେବେ ବହି, ସୀମନ୍ତିନୀ ନିକେ କଲା ମଣଇ ।" ଅର୍ଜୁନ କନ୍ଦର୍ପ ପୀଡ଼ାରେ ବିଚଳିତ ହୋଇପଡ଼ିଲେ ଏବଂ ବିରହକାତର ହୋଇ ସୁଭଦ୍ରାଙ୍କୁ ଝୁରିଲେ । କେତକୀ ପତ୍ରରେ କନ୍ୟା ପତ୍ର ଲେଖି ବାରମ୍ବାର ପାଠ କଲେ । ସୁଭଦ୍ରାଙ୍କ

ସଖୀମାନେ କାନ୍ଥ ପଛରେ ଲୁଚି ନାୟକର ବନସ୍ତୃପତ୍ର ପାଠ ଶୁଣୁଥିଲେ । ସେମାନେ ସତ୍ୟଭାମା ଓ ସୁଭଦ୍ରାଙ୍କୁ ଏ ସମ୍ବାଦ ଜଣାଇଲେ । ସେଦିନ ସତ୍ୟଭାମା ମଣୋହି ସଜାଡ଼ି ଅର୍ଜୁନଙ୍କୁ ହକରା କରନେଲେ । ପାର୍ଥ ସୁଭଦ୍ରାର ପ୍ରେମରେ ଅଧୀର ହୋଇପଡ଼ିଲେ ଏବଂ ସତ୍ୟଭାମା କହିଲେ, "ସୁଭଦ୍ରାଙ୍କୁ ନ କରିବି ମୁଁ ବଳାତ୍କାରେ, ସଙ୍ଗେ ନେଲେ ବା ନେବି ରଜନୀରେ ।" ସେଦିନ ରାତ୍ରି ସୁଭଦ୍ରାଙ୍କୁ ଧେନ ଦେବା ସତ୍ୟଭାମା ଅର୍ଜୁନଙ୍କ ଶୟନକକ୍ଷରେ ଛାଡ଼ି ଦେଇ ଆସିଲେ । ଦୁହେଁ ପ୍ରେମାଳାପ କଲେ ।

(୧୧ଶ ଛାନ୍ଦ)

ଅର୍ଜୁନ ସୁରତରତରେ ଆରତ ହୋଇ ବାଳା ନିକଟରେ ବସି କଙ୍କର ପରି ହାତଯୋଡ଼ି ଗୃଢ଼ବଚନ ଭାଷିଲେ । ଅର୍ଜୁନ କହିଲେ, "ସୌନ୍ଦର୍ଯ୍ୟବତୀ ନବଯୁବତୀ ତର ରେବତୀଧବେ (ବଳରାମ), ସୁଧା ଏଡ଼ିଲି ଆଗ ହୁଡ଼ିଲି ଶୋକେ ବୁଡ଼ିଲି ଏବେ ।" ଅର୍ଜୁନଙ୍କ ଏ ସରସ ଗୃଢ଼ବାଣୀ ଶୁଣି ରସଧାମା ସୁଲକ୍ଷଣୀ ସୁଭଦ୍ରା ବଦନରେ ଗୃହୁଁ ସମ୍ମତି ଜଣାଇଲେ । (୧୨ଶ ଛାନ୍ଦ)

ରାତିରେ ଅର୍ଜୁନ ଓ ସୁଭଦ୍ରାଙ୍କ ଗୁପ୍ତ କେଳି । ପ୍ରଭାତ ହେବାରୁ ପ୍ରେମିକା ସ୍ୱପୁରକୁ ବାହୁଡ଼ିଗଲା । କୃଷ୍ଣଙ୍କ ଡାକରା ପାଇ ଅର୍ଜୁନ ସ୍ନାନବିଧି ସାରି ଗଲେ । (୧୩ଶ ଛାନ୍ଦ)

ସୁଭଦ୍ରା ଓ ଅର୍ଜୁନ ଗୁପ୍ତରେ କେତେ ରାତି ପ୍ରେମାଳାପ ଓ କେଳିରେ କଟାଇଲେ । ଗ୍ରୀଷ୍ମଋତୁ ପ୍ରବେଶ ହେଲା । ରେବତୀ ଓ ରୁକ୍ମଣୀ ପ୍ରଭୃତି ନାରୀମାନେ ସରୋବରରେ ଜଳକ୍ରୀଡ଼ା କରିବାକୁ ଗଲେ । ସୁଭଦ୍ରା ମଧ୍ୟ ସେଠାରେ ପ୍ରବେଶ ହେଲେ । ସ୍ନାନ ସମୟରେ ସଖୀମାନେ ସୁଭଦ୍ରାଙ୍କ କୁଚରେ ନଖକ୍ଷତ ଦେଖି ରେବତୀଙ୍କୁ କହିଲେ । ସେ ସୁଭଦ୍ରାଙ୍କୁ କାରଣ ପଚାରିଲେ । ସମସ୍ତେ ଚକିତ ହୋଇଗଲେ । କୁଳରେ କଳଙ୍କ ଲାଗିଲା ବୋଲି କହିଲେ । ପୁଣି, "କି ବୋଲିବେ ରାମ ଶୁଣିଲେ" ଏ ଭୟରେ ଛବି

ବସିଲି । ସତ୍ୟଭାମା କିଛି ନ ଜାଣିଲା ପରି ଭଦ୍ରଲେଖା କରି କହିଲେ, "ସୁନ୍ଦରି ! ସ୍ୱୀକାର କରାଇ ପଢିକି, ସୁପ୍ରକଟ ନୋହୁ ଏ କଥା ବିବାହ କରିଦିଅ ରସବତୀ କି ।" ଏଥିରେ ସମସ୍ତେ ସମ୍ମତ ହେଲେ । ତହିଁ ପରଦିନ ରେବତୀ ବଳରାମଙ୍କ ଆଗରେ କହିଲେ, "ସୁଭଦ୍ରାଙ୍କୁ ବିଭା କରାଁ କରୁନାହିଁ ।" ବଳରାମ ଏଥିରେ ସମ୍ମତ ହୋଇ ହସ୍ତିନାପୁରକୁ ଦୂତ ପଠାଇଲେ । ଦୂତ ମୁଖରୁ ସୁଭଦ୍ରାଙ୍କ ଅପୂର୍ବଶୋଭା ବର୍ଣ୍ଣନା ଶୁଣି କୁରୁପତି ଦୁର୍ଯ୍ୟୋଧନ ସୈନ୍ୟସାମନ୍ତ ଧରି ଦ୍ୱାରକାକୁ ଯିବାକୁ ସ୍ଥିର କଲେ । ଦୂତର ସୁଭଦ୍ରାଙ୍କ ଶୋଭା ବର୍ଣ୍ଣନା । (୧୪ଶ ଛାନ୍ଦ)

ଦୁର୍ଯ୍ୟୋଧନ ସସୈନ୍ୟ ଦ୍ୱାରକାକୁ ଯିବା ଅନୁକୂଳ କଲେ । ସୈନିକମାନଙ୍କର ବେଶଭୂଷା, ଅସ୍ତ୍ରଶସ୍ତ୍ର ସଜ୍ଜିକରଣ । ସୈନିକମାନଙ୍କର ପ୍ରେମଜୀବନର ଛବି; ରସିକରସିକାଙ୍କ ବିରହ ଚିନ୍ତା; ବିଦାୟ-କାଳୀନ ଦୃଶ୍ୟ । ଦୁର୍ଯ୍ୟୋଧନ ଯାତ୍ରା ଆରମ୍ଭ କରିବା ପୂର୍ବରୁ ସର୍ବଜ୍ଞ ସହଦେବ ବିଦୁରଙ୍କୁ ସୁଭଦ୍ରା-ଅର୍ଜୁନଙ୍କ ଗୁପ୍ତପ୍ରୀତି କଥା ଜଣାଇ ଏ ପରିସ୍ଥିତିରେ କୁରୁପତି ସେଠାକୁ ଗଲେ ଲଜ୍ଜା ପାଇବା ସମ୍ଭାବନା ଥିବାରୁ କାହିଁକି ଯିବେ ବୋଲି କହିଲେ । ଅନୁକୂଳ କରି ବାହାରିବା ସମୟରେ ବିଦୁର ଗୋପନରେ ଦୁର୍ଯ୍ୟୋଧନଙ୍କୁ ଏ ପ୍ରସଙ୍ଗ ଜଣାଇଲେ ଏବଂ ସାନଭାଇ ସ୍ନେହୀ ଥିବାରୁ ବଡ଼ଭାଇ ଯିବା ଅନୁଚିତ ଏହା କହିଲେ । ଦୁର୍ଯ୍ୟୋଧନ ଏକଥାରେ ବିଶ୍ୱାସ କଲେ ନାହିଁ । ଅସମ୍ଭବ ବୋଲି ମଧ୍ୟ କହିଲେ । ଦ୍ୱାରକା ଅଭିମୁଖରେ ଦୁର୍ଯ୍ୟୋଧନ ଯାତ୍ରା କଲେ ଏବଂ ରୈବତ ପର୍ବତରେ ସୈନ୍ୟସହ ପ୍ରବେଶ ହେଲେ । (୧୫ଶ ଛାନ୍ଦ)

ବଳରାମ ଦୁର୍ଯ୍ୟୋଧନଙ୍କ ବିଜୟ ସମ୍ବାଦ ଶୁଣି ବିବାହ ସମ୍ଭାର ଭିଆଇଲେ । ବିବାହବେଦୀ ନିର୍ମାଣ, ବାଦ୍ୟବାଜଣା ପ୍ରଭୃତିର ଆୟୋଜନ ହେଲା । କୃଷ୍ଣ ବଳରାମଙ୍କ ଇଚ୍ଛା ଜାଣିଥିଲେ । ସେ ସତ୍ୟଭାମାଙ୍କୁ ଡାକି ସନ୍ଧ୍ୟାରେ ଗୁପ୍ତରେ କହିଲେ, "ସୁଭଦ୍ରାକୁ ଘେନିଯାଉ ଅର୍ଜୁନକୁ କହ"; ବଳରାମଙ୍କୁ ଭୟ ନ କରିବାକୁ ମଧ୍ୟ ପରାମର୍ଶ ଦେଲେ । ପୁଣି କୃଷ୍ଣ କହିଲେ,

"ସୁମରଣେ ରଥ ଅସ୍ତ୍ର ହେବ ପରାପତ । ସୁତମାନେ ମୋର ସାହା ହୋଇବେ ସମସ୍ତ ଯେ ।" ସତ୍ୟଭାମା ଅର୍ଜୁନଙ୍କୁ ଏହା ଜଣାଇଲେ । ସୁଭଦ୍ରା "ଏ ବାଣୀ ଶୁଣି ଭସ୍ମରେ କମ୍ପିତା" ହେଲେ । ଅର୍ଜୁନ ତାଙ୍କୁ ଆଶ୍ୱାସନା ଦେଲେ, "ଯେରୂପେ କୃଷ୍ଣ ସାହାରୁ କିଛୁ ନାହିଁ ଡର, ସତେ ଶିଶୁପାଳ ପ୍ରାପ୍ତ ହେବ କୁରୁବୀର ।" ସୁଭଦ୍ରା ରାତିରେ ବାହାରି ଯିବାକୁ ପ୍ରସ୍ତାବ କରିବାରୁ ବୀର ଅର୍ଜୁନ ପ୍ରାତଃକାଳରେ ଯିବାକୁ ସ୍ଥିର କଲେ । ପ୍ରିୟାପ୍ରିୟ ତୋଷରେ ରାତି ଯାପନ କଲେ । ରୋହିଣୀ ବଳରାମଙ୍କୁ ଉପକାରୀ ଓ ସୁନ୍ଦର ଅର୍ଜୁନଙ୍କ ହସ୍ତରେ ସୁଭଦ୍ରାଙ୍କୁ ଦେବା ପାଇଁ ପ୍ରସ୍ତାବ କରି କହିଲେ, "ସେ କନ୍ୟା ସଙ୍ଗତ ହୋଇଲାଣି ତା ସଙ୍ଗରେ ।" ବଳରାମ କ୍ରୋଧରେ ପାଣ୍ଡବମାନେ "ଅସତୀ" ବଂଶଜାତ ବୋଲି କହି ଏ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କଲେ । ରେବତୀ ବହୁ ଦୃଷ୍ଟାନ୍ତ ଦେଖାଇ ପ୍ରସ୍ତାବ ସପକ୍ଷରେ କହିଲେ ମଧ୍ୟ ବଳରାମ ସମ୍ମତ ହେଲେ ନାହିଁ । ବଳରାମ ସୈନ୍ୟସାଜ ବାହାରିଲେ । ଅର୍ଜୁନ ସ୍ମରଣ କରିବାମାତ୍ରେ ନନ୍ଦିଘୋଷରଥ ଉପସ୍ଥିତ ହେଲା । ଶୂନ୍ୟରଥରେ ସୁଭଦ୍ରାଙ୍କୁ ବସାଇ ଅର୍ଜୁନ ବାହାରିଲେ । ଅର୍ଜୁନ-ସୁଭଦ୍ରା ବିବାହ ପାଇଁ କୃଷ୍ଣ ପ୍ରସ୍ତାବ କରିବାରୁ ବଳରାମଙ୍କ କ୍ରୋଧ ବୃଦ୍ଧି ପାଇଲା । କୁରୁସୈନ୍ୟ ଓ ଯଦୁସୈନ୍ୟ ଅର୍ଜୁନଙ୍କ ରଥକୁ ଅଟକାଇ ଯୁଦ୍ଧ କଲେ । କୃଷ୍ଣଙ୍କ ପୁତ୍ରମାନେ ଅର୍ଜୁନଙ୍କ ପକ୍ଷରେ ରହିଲେ । ପାଣ୍ଡବ ଓ କୁରୁ-ଯଦୁ ସେନାଙ୍କ ମଧ୍ୟରେ ଘୋର ଯୁଦ୍ଧ ହେଲା । କୁରୁ-ଯଦୁପକ୍ଷ ପରାସ୍ତ ହେଉଥିବା ଦେଖି ବଳରାମ ଚିନ୍ତା କଲେ, "ସୁମତିରେ ଚିନ୍ତିଲେ ଯାହାରେ ହରି ପକ୍ଷ । ସଂସାରେ କେ ତାକୁ ଜିଣିବାରେ ହେବ ଦକ୍ଷ ଯେ ।" ବଳରାମ ଅର୍ଜୁନଙ୍କୁ ଡାକି କହିଲେ, "ସବୁ ରୂପେ କ୍ଷମା କଲି ତୋର କଲା ଦୋଷ ଯେ ।" ଦୁର୍ଯ୍ୟୋଧନ ଅପମାନ ପାଇ ସ୍ୱପୁରକୁ ଫେରିଗଲେ । ଅର୍ଜୁନ-ସୁଭଦ୍ରା ବିବାହ ସମାରୋହରେ ସମାହିତ ହେଲା । ବିବାହ ପରେ କନ୍ୟାକୁ ଧରି ଅର୍ଜୁନ ସ୍ୱପୁରକୁ ବାହୁଡ଼ିଲେ । (୧୬ଶ ଛାନ୍ଦ)

ଗ୍ରୀଷ୍ମ ପରେ ବର୍ଷାଋତୁ ହେଲା । ସୁଭଦ୍ରା-ଅର୍ଜୁନଙ୍କ ସୁଖମୟ ପ୍ରେମଜୀବନ । (୧୭ଶ ଛାନ୍ଦ)

କେତେକ ଅଂଶ—

ସୁଭଦ୍ରା ପରିଣୟରେ କବି ଅନେକ ରମଣୀୟ ଛନ୍ଦ ପ୍ରଦାନ କରିଛନ୍ତି । ସେଗୁଡ଼ିକ କବିତ୍ୱପୂର୍ଣ୍ଣ ହୋଇଥିବାରୁ ସହୃଦ ଗ୍ରାହକମାନଙ୍କର ଅତି ଆଦରଣୀୟ ହୋଇ ପାରିଛି ।

(୧) ସାରଙ୍ଗ ଦନ୍ତ ପଲ୍ୟଙ୍କେ ସମର୍ପିଲ୍ଲ ଧାତ୍ରୀ କୋଳ ସ୍ନେହମାନ,
ସ୍ୱଚ୍ଛନ୍ଦ ଭ୍ରମଣୀ ଯାଇ ଅବରୋଧେ ବନ୍ଦୀ ହେଲ୍ଲ ପ୍ରତିଦାନ ।
ସମବୟସୀ ବୟସୀରେ କପଟ କରାଇଲ ଲଜ୍ଜାଆଳୀ,
ସଖୀ ପରିହାସ ବଚନମାନଙ୍କୁ କନ୍ଧ ଜାଣିଲ୍ଲ ସେ ଛଳି ।
ସମ୍ପୂର୍ଣ୍ଣ ତିଳପ୍ରସୂନ ପରି ନାସା ଝାପା କହିବାର ବେଳେ,
ସାରଙ୍ଗଗତି ଶୁଣି ହୃଦପଦକ ମଣିକି ଏମନ୍ତ ବୋଲେ ।
ସହଚରରେ କାହିଁପାଇଁ ଏହାକୁ ନାୟକ ବୋଲନ୍ତି ବୁଧ,
ମତ ଜହରୁଟି କପଟ ନକର ମୋ ମନ ହୋଇବ ବୋଧ ।
ସେ ଶୁଣି ବୋଇଲେ ନାୟକଟି ସେହି ହୃଦେ ନିରନ୍ତେ ଯେ ଥାଇ,
ସେତିକ ଇଙ୍ଗିତ ଘେନ ସେ ଚତୁରୀ ନମ୍ରବଦନ ହୁଅଇ ।
ସରାଗ ଦୃଷ୍ଟିପାତ କରେ ତହିଁରେ ଫୁଲେ ଭୃଙ୍ଗ ହେଲେ ଯୁତ,
ସ୍ୱଅର୍ଥ କରି ଶୁଣଇ ଅନୁରାଗପୂର୍ଣ୍ଣ ଯେତେ ଯେତେ ଗୀତ ।
ସ୍ୱବିମ୍ବ ଶୁଣି ଦର୍ପଣେ ଚୁମ୍ବିବାକୁ ଶୋକ କରନ୍ତେ ଅଧର,
ସଜନୀ ଦେଖିଲେ ବଞ୍ଚାଇ ତାମ୍ବୁଲ ତଳେ ପକାଇ ସତ୍ୱର ।
ସମୁଦାଗକ ଛନ୍ଦ ଘେନିବା ଛଳରେ ରଖିଥାଇ ପାରଶ୍ୱରେ,
ସମକକ୍ଷ ବୟିରୁହି ତୁଳ କରି ଏକାନ୍ତ ହୋଇବା ଠାରେ । ୧୮-୨୧ ।
(୨ୟ ଛାନ୍ଦ)

(୨) ସାରସାଳସ୍ଥା ପ୍ରମୁଖ ନାରୀର ସଙ୍ଗେ ସଙ୍ଗୀ ହୋଇ ସୁନ୍ଦରୀବର,
ସୁରୁଚି ପ୍ରକାଶି ଦିଶେ ଏମନ୍ତ, ସୁଧାକରଣ ତାରା ମଧ୍ୟେ ସ୍ଥିତ ଯେ
ସଙ୍କାଶ ଏ ରୂପେ ଦିଶି ଯେ,
ସଙ୍ଗତ ସଙ୍ଗତ ମରାଳେ ମିଶିକି ଏକ ରାଜହଂସୀ ଅସି ଯେ । ୨୧ ।
(୭ମ ଛାନ୍ଦ)

(ଗ) ସାରସ୍ୱତ ଦ୍ରବ୍ୟ ପୀରତ ସଂସାରେ ତହିଁ ଯାହା ଚିତ୍ତ ଲୋଭଇ,
ସ୍ୱର୍ଗ-ସମ୍ପତ୍ତି ଧନକେ ସେ ଏଥିର ସେହି ଜନ ସିନା ଲଭଇ ।
ସୁଜ୍ଞ ରସିକେ, ସାମନ୍ତ ପ୍ରାୟ ସେ ଶୋଭଇ ।
ସ୍ନେହାନୁବନ୍ଧେ ପକ୍ଷୀ ବେନି ବିନାଶ୍ର ଆଜ ଧନ୍ୟ ବାଣୀ ଶୁଭଇ । ୨୭ ।

ଶୁଣିଲା ଏ ଗୀତ ବୃହୁଥିଲା ଛନ୍ଦ ସ୍ୱଭାବେ ଏକାନ୍ତ ସ୍ଥଳ ସେ
ସେ ରତି ରାଗ ଜନ୍ମାଇ ମନମୀନ ପକାଇଲା କୁଚକଳଶେ ।
ସ୍ପୃହାରେ ଲେଢ଼େ, ସୁନ୍ଦରୀ ସୁପ୍ରେମ-ଜଳ ସେ
ଶ୍ୱାସ ପକାଇ ଆଉଜେ ଅପସରେ ସୁମନଶର ଆଳସେ । ୨୮ ।

(୧୦ମ ଛାନ୍ଦ)

ମାନବିକତା—

ସ୍ୱାଧୀନତା ଓ ପରାଧୀନତା ବ୍ୟକ୍ତିଗତ ଜୀବନକୁ ବିଶେଷ ଭାବରେ ପ୍ରଭାବିତ କରୁଛି । କବି ନିଜେ ରାଜକୁଟୁମ୍ବରେ ଜନ୍ମ ଗ୍ରହଣ କରି କେତେକ କାଳ ଆର୍ଥିକ ଦୁର୍ଗତି ଭିତରେ ଗତି କରିଥିଲେ ମଧ୍ୟ ସାମନ୍ତ-ସେବକର ସମ୍ପର୍କ ସମ୍ବନ୍ଧରେ ବିଶେଷ ଭାବରେ ସଚେତନ ଥିଲେ । ହୁଏତ ପିତା-ପିତାମହଙ୍କ ରାଜତ୍ୱ କାଳରେ ଶତଶତ ସେବକ ତାଙ୍କର ପରିଚର୍ଯ୍ୟାରେ ନିଯୁକ୍ତ ହୋଇ ତାଙ୍କର ଜୀବନକୁ ସୁଖମୟ ଓ ଆଡ଼ମ୍ବରପୂର୍ଣ୍ଣ କରିବା ପାଇଁ ସର୍ବଦା ଚେଷ୍ଟା କରିଥିବେ; ଅହୋରାତ୍ର ଅଷ୍ଟପ୍ରହର ସେ ସେବକମାନଙ୍କ ସେବା ଭୋଗ କରୁଥିବେ । ଏହା ଭିତରେ ତାଙ୍କର ରାଜନୈତିକ ଓ ଆର୍ଥିକ ଜୀବନର ଦୁର୍ଗତି ହୋଇଥିଲେ ମଧ୍ୟ ସେ ଯେ ସେବକ-ସେବାରୁ ଏକାବେଳକେ ବଞ୍ଚିତ ହୋଇଥିଲେ ଏହା କଳ୍ପନା କରି ହେଉନାହିଁ । ସେବକର ସେବା ଭିତରେ ସେବକର ଯେଉଁ ମର୍ମବେଦନା ନିହିତ ଥାଏ କବି ତାହାକୁ ସ୍ୱ ଉଦାର ଗୁଣ ବିଚାରବୁଦ୍ଧି ବଳରେ ହୃଦୟଙ୍ଗମ କରି ପାରିଛନ୍ତି ଏବଂ ସ୍ୱ ମନୋଭାବ ସ୍ପଷ୍ଟ ଓ ଉତ୍ତମ ଭାବରେ ସୈନ୍ୟଯାତ୍ରା ବେଳେ ସୈନିକ ସ୍ୱ ପ୍ରିୟାଠାରୁ ବିଦାୟ ନେବା ବେଳର ହୃଦସ୍ଥଳଭେଦୀ ବେଦନାକୁ ପ୍ରେମିକ ସୈନିକ ମୁଖରେ ବ୍ୟକ୍ତ କରିଛନ୍ତି—

ସହି ପାଶୁଂଳାକୁ ଗୃହୁଁ ବୋଲେ କେ ରସିକ
ସେବକ ହୋଇଲା ଜନ ଜୀବନହୁଁ ଧିକ ।
ସ୍ୱ ଆସୁଇ କଛୁ ଥିଲେ, ସଙ୍ଗର ତରୁଣୀ ତେଜିକ ତରୁଣ କାଳେ । ୮ ।
(୧୫ଶ ଛାନ୍ଦ)

ପ୍ରେମିକ ପ୍ରେମିକାଙ୍କ ପ୍ରୀତି—

ନବଦମ୍ପତି ସୁଭଦ୍ରା ଓ ଅର୍ଜୁନଙ୍କ ପ୍ରୀତି ନାୟକ ନାୟିକାଙ୍କ ଆଦର୍ଶ ହୋଇ ରହିଥିବ । ସମାନ ପ୍ରୀତି, ହୃଦୟ ମିଳନ, ସମସୌନ୍ଦର୍ଯ୍ୟ ଏହି ସୁଖଦାୟକ କାମ୍ୟ ଅଭେଦ ପ୍ରୀତିର କାରଣ । କବି ତାଙ୍କର ଅତୁଳନୀୟ କବିତାଶକ୍ତି ବଳରେ ଏହି ପ୍ରସଙ୍ଗକୁ ଚମତ୍କାର ଭାବରେ ରୂପ ଦେଇଛନ୍ତି ।

ସୁରତି ହୁଡ଼ି କରି ପଶାଖେଳ, ସରଚିତ କରି ଆନନ୍ଦ ବଡ଼ ।
ସମାନ ପ୍ରୀତିରେ ଦୁହିଁଙ୍କି ଦୁହେଁ, ସଂଯୋଗ ଏକଜୀବ ବେନି ଦେହେ ।
ସେ ନୁହଇ ବାରି, ସମ୍ବର କ୍ଷୀରରେ ମିଶିଲା ପରି । ୧୫ ।

ସୁନ୍ଦରୀକୁ ଇକ୍ଷୁ ସଦ୍ଗୁଣେ ଯେନ, ସୁରସ ଜାତ କଲେ ଆନ ଆନ ।
ସେ ଯେମନ୍ତ ଗୁଡ଼ଖଣ୍ଡ ନବାତ, ସାକର ସାଚ ହୋଇ ମୋହେ ଚିତ୍ତ ।
ସେପରି ହୋଇ, ସୁପୁରୁଷ ମନ ଭାବରେ ମୋହି । ୧୬ ।

ସୁନ୍ଦରି ତହିଁରେ ପଯ୍ୟ ସାଦୃଶେ, ସୁମତି ମୋହେ ଆନ ଆନ ରସେ ।
ସର ଲବଣୀ ଦଧି ଘୃତ ଆଦି, ସେ ଦ୍ରବ୍ୟ ଯଥା ଅଧିକେ ପ୍ରମୋଦି ।
ସେ ପ୍ରକାରେ ହୋଇ, ସବଶ କଲେ ସେ ଦୁହିଁଙ୍କି ଦୁଇ । ୧୭ ।
(୧୭ଶ ଛାନ୍ଦ)

ପୁଣି ଉଭୟେ ରସିକ ଥିବାରୁ ନବ ନବ ରୂପରେ ପରସ୍ପରକୁ ମୋହିତ କରିବାରେ ସମର୍ଥ ହୋଇଥିଲେ । ରସିକ ହୃଦୟର 'ଭାବ' ହିଁ ଏହାର ପ୍ରଧାନ ପ୍ରେରଣା ।

ପ୍ରକୃତିଚିତ୍ରଣ—

ସୁଭଦ୍ରା ପରିଣୟରେ ଉପେନ୍ଦ୍ର ପ୍ରକୃତିଚିତ୍ରଣରେ ବିସ୍ତୃତ ଆୟୋଜନ କରି ନାହାନ୍ତି । କଥାବସ୍ତୁ ପୌରାଣିକ ଥିବାରୁ ବାସ୍ତବଚିତ୍ରର ବର୍ଣ୍ଣନା ଦେବା-ପାଇଁ କବି ବିଶେଷ ଅବସର ପାଇ ନାହାନ୍ତି ।

ରୈବତ ପର୍ବତ ବର୍ଣ୍ଣନାରେ କବି କଳ୍ପନା ଶକ୍ତିକୁ ଆଶ୍ରୟ କରିଥିବା ସ୍ୱାଭାବିକ; ଏଥିରେ ସେ ଆଦର୍ଶ ସ୍ଥାନୀୟ ସବୁ ଉପମାର ଅବତାରଣା କରିଛନ୍ତି ।

ସିତ ଅବନିବନିତାର ସ୍ତନ ଶୋଭା ପାଉଛି,
ସୁତୁଙ୍ଗ କଠିନ ଦୁର୍ଲ୍ଲଭ ଘନଗୁଣ ବହୁଛି । ୩ ।
ସନ୍ତତ ସନ୍ତତି ମର୍କତମଣି ପ୍ରକାଶେ ଶୋଭି,
ସପ୍ତହସ୍ତ ହସ୍ତ କୋମଳ ଦୁର୍ବା ବିସ୍ତୃତ ଲୋଭି । ୪ ।

(୫ମ ଛାନ୍ଦ)

ଶୃଙ୍ଗକୁ ଅବନିବନିତାର ସ୍ତନ, ଲୋହିତବର୍ଣ୍ଣ ହସ୍ତୀ ବୋଲି କହିଛନ୍ତି । ଏ ଶୃଙ୍ଗରୁ ବହୁ ନିର୍ଝର ବହୁଛନ୍ତି; କବି ଏହାକୁ ସ୍ୱ ଗଙ୍ଗା ସହିତ ସମାନ କରିଛନ୍ତି । ଝରମାନଙ୍କ ଜଳ ସ୍ୱଚ୍ଛଥିବା କହି ହଂସାଦିର କ୍ରୀଡ଼ା ବର୍ଣ୍ଣନା କରିଛନ୍ତି । ବନର ବୃକ୍ଷଲତାଦିର ବର୍ଣ୍ଣନାରେ କବି "ଯୁଗମକ ଶ୍ଳେଷ ଆଶ୍ଳେଷ" ଅଳଙ୍କାର ବ୍ୟବହାର କରି ସୁନ୍ଦର ଚିତ୍ର ପ୍ରଦାନ କରିବା ସଙ୍ଗେ ସଙ୍ଗେ ଅପୂର୍ବ କଳ୍ପନା ଶକ୍ତି ଓ ପାଣ୍ଡିତ୍ୟର ପରିଚୟ ଦେଇଛନ୍ତି ।

ନିର୍ଜ୍ଜୀବ ପ୍ରକୃତିକୁ କବି ଜୀବମାନଙ୍କ ସଂସ୍ପର୍ଶରେ ଆଣି ତାକୁ ସଜୀବ କରି ଦେଇଛନ୍ତି ।

ଶ୍ରମକୁ ହରନ୍ତି ବିଶ୍ରାମ କରି ଲବ ମାତର
ସୁରସୁତ ସେହିଠାବରେ କରେ ମାନ ପ୍ରହାର । ୫ ।

× × ×

ଶବର ଶବରୀମାନେ ଯେ ବିଳସନ୍ତି ସାନୁରେ
ସୁଧାକର ଅତି ସମୀପେ ରହେ ଦୀପ ଭାବରେ । ୯ ।

ଶାବକେ ତାଙ୍କର ଗିରି ରେ ଖେଳା କଉତୁକରେ
ଶଶାଙ୍କ ଅଙ୍କ ହରଣକୁ ଆଉଁସନ୍ତି ସ୍ୱକରେ । ୧୦ ।

ସିଂହବିଦାରଣ ବାରଣ ମୋତି ପତନ ତହିଁ
ସାଉଁଟିଲ୍ଲି ପକ୍ୱବଦରୀ ସଙ୍ଗେ ବିକନ୍ତି ନେଇ । ୧୧ ।

ସଂଗ୍ରାମରେ କରି କରୀର ଦନ୍ତ ଚୂର୍ଣ୍ଣ ପତନ
ଦଉଧେ ବିଭୂତି ଭ୍ରମରେ ତା ହୁଅନ୍ତି ଲେପନ । ୧୨ ।

ସମଉ ସମସ୍ତ କାଳରେ ଶିଖୀ ତମାଳ ଗୁହଁ
ସ୍ରବିଲେ ଚକୋରନୟନ ଚନ୍ଦ ବିଚ୍ଛେଦ ହୋଇ । ୧୩ ।

ବୃକ୍ଷସ୍ଥ କପିର ଗ୍ରୀସ୍ମା ବୃକ୍ଷ ତଳରେ ଥିବା ସ୍ଫଟିକ ପଥର ଉପରେ ପଡ଼ିବାରୁ ଶ୍ୱାପଦ କ ଶିକାରୀ ଜନ୍ତୁମାନେ ଲୋଭରେ ଡେଇଁ ଛାଇକୁ ମାଡ଼ି ବସନ୍ତି । ସୁନ୍ଦର କଳ୍ପନା ପଦଟିକୁ ରମଣୀୟ କରି ଦେଇଛି । ଏହି ପର୍ବତ ସ୍ଫଟିକର ପରିମାଣରେ ବହୁଳତା ପ୍ରକାଶ କରିବା ପାଇଁ କବି ଏ ସୁନ୍ଦର କଳ୍ପନା କରିଛନ୍ତି ।

ସ୍ଫଟିକ ଶିଳାରେ ତରୁସ୍ଥ କପି ବିମ୍ବ ଅନାଇଁ
ଶ୍ୱାପଦେ ଅଶନ ଲୋଭରେ ମାଡ଼ି ବସନ୍ତି ଡେଇଁ । ୧୪ ।

(୫ମ ଛାନ୍ଦ)

ଜଳପ୍ରପାତର ଅବସ୍ଥିତି, ଜଳର ସ୍ୱଚ୍ଛତା ସହିତ କବି ସ୍ୱର୍ଗଙ୍ଗା, ଦର୍ପଣ ଓ ଅମୃତର ତୁଳନା କରିଛନ୍ତି । ଏହି ନିର୍ଝରଣୀରେ କୁମୁଦ ଓ ଶୀତଳତା, ହଂସର କେଳି ସହିତ ଚନ୍ଦ୍ର, ମାନସରୋବର, ବ୍ରହ୍ମାଙ୍କ ବାହନ ହଂସର ତୁଳନା କରି ନିର୍ଝରଣୀର ଜୀବନ୍ତ ଚିତ୍ରଟିଏ ପ୍ରଦାନ କରିଛନ୍ତି । ପ୍ରକୃତରେ ସବୁଗୁଣରେ ଏହା ସ୍ୱର୍ଗର ପରମ ରମଣୀୟ ଇନ୍ଦ୍ରଙ୍କ ବିହାରସ୍ଥଳ ପ୍ରିୟ ଉପବନ ନନ୍ଦନକାନନ ସହିତ ତୁଳନୀୟ ହେବା ଯୋଗ୍ୟ ହୋଇଥିବାରୁ ଏହାର ନାମ ନନ୍ଦନକାନନ ହୋଇଛି ।

ସ୍ୱଚ୍ଛେ ପାତ ହୋଇ ପ୍ରପାତୁଁ ବହେ ନିର୍ଝରମାନ
ସ୍ୱର୍ଗଙ୍ଗା ତେଜି ଦେବତାଏ ଆସି କରନ୍ତି ସ୍ନାନ । ୧୫ ।

ସେ ଜଳ ଆଦର ଛଡ଼ାଇଛୁ ଦର୍ପଣ୍ଣ ସତ
ସ୍ୱାଦେ ହାର ମିତ୍ର ହୋଇଛୁ ଯାହା ସଙ୍ଗେ ଅମୃତ । ୧୬ ।

ସୁଧାଭାନୁ ଶୀତ ଗୁଣରେ ସବୁ ପ୍ରକାର ହାରି
ସୁବୃଦ୍ଧି ପଣରେ କୁମୁଦ ସଙ୍ଗେ ବନ୍ଧୁତା କରି । ୧୭ ।

ସାରସ ଯେନ ବହରନ୍ତି, ବ୍ରହ୍ମାସଦନ ହଂସେ
ସଂକଳ୍ପନା ନକରନ୍ତି ସେ ମାନସକୁ ମାନସେ । ୧୮ ।

(୫ମ ଛାନ୍ଦ)

ପୁଣି ବନର ଅପୂର୍ବ ଅବଚ୍ଛିନ୍ନ ହାସ କଳ୍ପନା କରିଛନ୍ତି । ବନର ସୁମନ-ସମ୍ପଦହିଁ ଏହି ହାସ ।

ସୁରହରସଖ ଆଶ୍ରମ ଶୋଭନକୁ ସେ ବନ
ସୁମନ-ସମ୍ପଦେ କରିଛୁ ହାସକୁ ଅବଚ୍ଛିନ୍ନ । ୨୧ ।

ପର୍ବତର ନାନା ବୃକ୍ଷ, ପଶୁ, ପକ୍ଷୀ ସହିତ ବିବିଧ ପ୍ରକାର ତୁଳନା ଓ କଳ୍ପନା ଅତି ଚମତ୍କାର ହୋଇଛି । ଯମକ ଓ ଶ୍ଳେଷର ପ୍ରୟୋଗରେ ବର୍ଣ୍ଣନା ପ୍ରାଣବନ୍ତ ହୋଇଛି ।

ଆଦ୍ୟଯମକ—ସୁରଭି ସୁରଭି ଆଶ୍ରିତ ଯହିଁ ଲବଙ୍ଗଲତା
ସୁନାଗ, ସୁନାଗ ପରିଯ୍ୟେ ଧବ ଅଗ୍ରତେ ସ୍ଥିତା । ୨୩ ।

ଏହି ବର୍ଣ୍ଣନାରେ କବି ଲତା, ପୁଷ୍ପ, ବୃକ୍ଷ, ପଶୁ, ପକ୍ଷୀଙ୍କୁ ସୁନ୍ଦର ଉପମାଦ୍ୱାରା ଚିତ୍ରଣ କରିଛନ୍ତି । ନିମ୍ନଲିଖିତ ବୃକ୍ଷ, ପୁଷ୍ପ, ପଶୁ ଓ ପକ୍ଷୀଙ୍କର ନାମ କବି ତାଙ୍କର କାବ୍ୟରେ ବ୍ୟବହାର କରିଛନ୍ତି :—

ଅଗସ୍ତି, ସୁନାଗ, ଧଅ, ଶାଳ, ଅଠ, ଶତାଙ୍ଗ, ପଣସ, ଆମ୍ବ, ବଉଳ, ପୁନାଗ, ମହୁଲ, ଶେଫାଳିକା, ଏକୋପର୍ଣ୍ଣୀ, ନଡ଼ିଆ, ଜମ୍ବୁ, ମହାକରଞ୍ଜ, କଦଳୀ, ବାଉଁଶ ।

ଚମ୍ପା, ନାଗେଶ୍ୱର, କିଆଲି, ଅଶୋକ, ସିନ୍ଧୁବାର, ମୁଚୁକୁନ୍ଦ, ମାଲତୀ, କଦମ୍ବ, ପଲାଶ, କଞ୍ଚନ, ଦାସକରଣ୍ଟା ପ୍ରଭୃତି ।

ଖଞ୍ଜନ, ଚକ୍ରବାକ, ଭ୍ରମର, ଭଦଭଦଳିଆ, ମୟୂର, ଶୁଆ, କୁକୁଡ଼ା, ହଂସ ପ୍ରଭୃତି ।

ଗଣ୍ଡା, ହସ୍ତୀ, ବ୍ୟାଘ୍ର, ମାଙ୍କଡ଼ ପ୍ରଭୃତି ।

ବନ ସହିତ ସୈନ୍ୟବାହିନୀର ତୁଳନା ସଂକ୍ଷିପ୍ତ ହେଲେ ମଧ୍ୟ ସୁନ୍ଦର କଳ୍ପନା ପ୍ରକାଶ ପାଇଛି ।

ସମର ହୋଇଛି ଯୋଦ୍ଧାଏ ଦେଖି ଚଉଦି ଭୁବନ୍ତ,
ସତ୍ୱର ଗମନାଗମନ ବାଜିବଂଶେ କରନ୍ତ । ୪୬ ।
ସମ୍ମୁଖେ ସମ୍ମୁଖେ ଖଡ଼ଗ ଭଲ୍ଲ ପ୍ରକାଶମାନ,
ସହସ୍ର ସଂଖ୍ୟା ଧନୁ ଦୀପ୍ତ ଶରାଳୀରେ ଶୋଭନ । ୪୭ ।

ଏ ରମଣୀୟ ନନ୍ଦନକାନନ ଭିତରେ ଶବର ହାଟର କଳ୍ପନା ଅତି ବାସ୍ତବ ହୋଇଛି । କବି ଚିତ୍ରଟିକୁ ଜୀବନ୍ତ କରିବାରେ ସମର୍ଥ ହୋଇଛନ୍ତି । ଅଳ୍ପସଂଖ୍ୟକ ପଦରେ କବି ସମାଜର କେତେକ ରୀତିନୀତିର ଚିତ୍ର ଅର୍ପଣ କରିଛନ୍ତି ।

ସମସ୍ତ ମନ ତୋଷ କଲି ଥିଲି ଶବର ତହିଁ
ସ୍ୱଦେଶ ପୋଷଣ ବସ୍ତୁର ଦ୍ରବ୍ୟ ହାଟ ବସାଇ । ୫୦ ।
ସନ୍ନ୍ୟାସୀଏ ନେଲେ ଶାର୍ଦ୍ଦୁଳ ମୃଗ ଉତ୍ତମ କୃତ୍ତି
ସାତ୍ତ୍ୱିକୁଷ୍ଟ ସାର ଚଉଁରୀ କିଣି ନାଗୀ ନୃପତି । ୫୧ ।
ସୁକର୍ମୀ ଗୃହସ୍ଥେ ଘେନିଲେ ଗଣ୍ଡାପାହୀ ଅଙ୍କୁଶୀ
ସାମଜନଦନ୍ତ ଚାମର ନେଲେ ବନ୍ଦିଙ୍କା କିଣି । ୫୨ ।
ସାରଙ୍ଗନାଭିକ ବଣିକେ ଲୋଭୀ ହୋଇ କିଣିଲେ
ସଞ୍ଚୟ ତନୁବାୟୁଚେୟ କୋଷାନିକର କଲେ । ୫୩ ।

ସଂଗ୍ରହ କଲେ ପୁଣ ସ୍ନେହେ ତହିଁ ବ୍ୟାଘ୍ର-କରଜ
ସଲମ୍ପଟ ହୋଇ କିଣିଲେ ପକ୍ଷପତ୍ରି ସମାଜ । ୬୪ ।

ସୁଉତ୍ତମ ଜନେ କିଣିଲେ ସୁଖେ ଶିଖିବରହ
ସ୍ନେହ ହୋଇ ନେଲେ ନୃପନ୍ତ ଶ୍ୱେତଚମର ବୃନ୍ଦ । ୬୫ ।

ଶସ୍ତା ଅତିଶୟ ହୋଇଲା ଭାବ ହରଷ ମନ
ସୁଖେ ତାଙ୍କ ସଙ୍ଗେ ସଞ୍ଚିଲେ ବୈଦେଶ୍ୟ ପୁସ୍ତକ ଧନ । ୬୬ ।

(୬ଷ୍ଠ ଛାନ୍ଦ)

ବନ ଓ ବନବାସୀ ମନୁଷ୍ୟ, ପଶୁ ଓ ପକ୍ଷୀଙ୍କ ସମ୍ବନ୍ଧରେ ଏକ ସ୍ୱାଭାବିକ ଚିତ୍ର କବି ପ୍ରଦାନ କରିଛନ୍ତି । ବନବାସୀମାନଙ୍କ ସରଳ, ନିରାଡ଼ମ୍ବର, ଅପେକ୍ଷାକୃତ ଅନୁନ୍ନତ ଜୀବନର ଚିତ୍ର ପ୍ରଦାନ କରିବା ସଙ୍ଗେ ସଙ୍ଗେ ସେମାନଙ୍କର ଶିଳ୍ପବାଣିଜ୍ୟ ଓ କଳାନିପୁଣତାର ପରିଚୟ ମଧ୍ୟ ଦେଇଛନ୍ତି । ନାଗରିକମାନଙ୍କ ପକ୍ଷେ ଆଦିବାସୀମାନଙ୍କ ହାଟର 'ଅମୂଲ୍ୟ' ପଣ୍ୟର ମୂଲ୍ୟ 'ଅତିଶୟ ଶସ୍ତା' ଥିବାରୁ ସେମାନେ 'ହରଷ ମନ'ରେ ଦ୍ରବ୍ୟାଦି କ୍ରୟ କଲେ । ନାଗରିକମାନଙ୍କୁ ଦେଖି ସେମାନଙ୍କୁ ଦ୍ରବ୍ୟ ବିକ୍ରି କରି ଉଦର-ପୋଷଣାର୍ଥ କିଛି ଅର୍ଥ ସଂଗ୍ରହ କରିବା ମାନସରେ ବନବାସୀ ଶବର 'ହାଟ' ବସାଇ ଥିବା ରୀତି ବର୍ତ୍ତମାନ ସୁଦ୍ଧା ପ୍ରଚଳିତ ଅଛି । ଏହି ହାଟ ଯେ 'ସମସ୍ତଙ୍କ ମନ ତୋଷ' କରିଥିଲା, ଏହା ଅବଶ୍ୟ ଶବରର ଚତୁରତା ଓ ପଣ୍ୟଦ୍ରବ୍ୟର ମର୍ଯ୍ୟାଦା ଯୋଗୁଁ ସମ୍ଭବ ହୋଇଥିଲା ।

କବି ବନ-ରାଜ୍ୟର ରାଜପରିବାରର ଜଣେ ମୁଖ୍ୟ ବ୍ୟକ୍ତି ଥିବାରୁ କାର୍ଯ୍ୟାନ୍ତରରେ ବନ ଓ ବନବାସୀମାନଙ୍କ ସହିତ ଘନିଷ୍ଠ ସମ୍ପର୍କରେ ଆସିଥିଲେ । କବିଙ୍କ ଅଭିଜ୍ଞତା ଏହି ଚିତ୍ରଟିରେ ପ୍ରକାଶ ପାଇଥିବା ସମ୍ଭବ । ଚିତ୍ରର ବାସ୍ତବତା ଓ ରମଣୀୟତା ଏହାର ସୂଚନା ଦେଉଛି ।

'ସୁଭଦ୍ରାହରଣ'ରେ ଋତୁବର୍ଣ୍ଣନା ବିଶେଷ ସ୍ଥାନ ଅଧିକାର କରିନାହିଁ । ପ୍ରସଙ୍ଗ ଭିତରେ ବର୍ଷା, ଗ୍ରୀଷ୍ମ, ବସନ୍ତାଦିର ସଂକ୍ଷିପ୍ତ ବର୍ଣ୍ଣନା କେବଳ ଅଛି ।

୧୪ଶ ଛାନ୍ଦରେ ଗ୍ରୀଷ୍ମଋତୁ ବର୍ଣ୍ଣନା ସୁଭଦ୍ରାଙ୍କ ସରୋବର ସ୍ନାନ ପ୍ରସଙ୍ଗରେ ପ୍ରଦତ୍ତ ହୋଇଛି । ଏଥିରେ କଳ୍ପନାର ବିଳାସ ବେଶି ନାହିଁ । କେବଳ ବିବରଣମୂଳକ ହୋଇଅଛି ।

× × ସାରୋଙ୍କାର ଋତୁ ତପ ପରକାଶ କେତେ ବନେ ହେଉ ସାଦୁଶେ ।୧।
ତେଣୁ ହିଂସ୍ରକ ପଶୁଙ୍କ ମନ ହିଂସା ଅତି ସତ୍ୱରେ ଦୂର ହୋଇ,
ଶୋଇଲେ ସିଂହସଙ୍ଗେ ତଳେ କୁଞ୍ଜର ମୟୂରପୁଚ୍ଛ ତଳେ ଅହି । × ×
(ଇତ୍ୟାଦି ୬ଷ୍ଠ ପଦ ପର୍ଯ୍ୟନ୍ତ)

ରୂପବର୍ଣ୍ଣନା: ସତ୍ୟଭାମାଙ୍କ ଶୋଭା—

ଏକାଧିକ ସ୍ଥାନରେ କବି ନାୟିକା ସତ୍ୟଭାମାଙ୍କ ଶୋଭା ବର୍ଣ୍ଣନା କରିଛନ୍ତି । ଅସୁରରାଜ ଗୋଶୃଙ୍ଗଦୈତ୍ୟ ସତ୍ୟଭାମାଙ୍କ ଶୋଭାକୁ ଚାହିଁ ମୋହିତ ହେବା ପ୍ରସଙ୍ଗରେ କବି ଶାସ୍ତ୍ରସମ୍ମତ ସବୁ ଉପମା ନାରୀର ଶୋଭାରେ ବ୍ୟବହାର କରିଛନ୍ତି ଏବଂ ସଂକ୍ଷେପରେ ଶୋଭାକୁ ଆଦର୍ଶସ୍ଥାନୀୟ କରିଛନ୍ତି । ସତ୍ୟଭାମାଙ୍କ ସୁଷମାର ବର୍ଣ୍ଣନାରେ କଳ୍ପନାବିଳାସର ଅବକାଶ ରଖି ନାହାନ୍ତି ।

ଅନୁପ୍ରାସର ସୁବ୍ୟବହାର ଯୋଗୁଁ ପଦଗୁଡ଼ିକ ଅତି ରମଣୀୟ ହୋଇଛି ।

ସତ୍ୟଭାମାକୁ ଏରୂପେ ଚାହିଁ, ଅସୁର ଗୃହି ହୋଇଲା ମୋହି,
ଭାବିଲା ପୂର୍ବେ ନ ଥିଲା ନାହିଁ ନୋହିବ ପୁଣି ଯେ,
ସମ୍ପୂର୍ଣ୍ଣ ଶୋଭାରାଶି ସୁକେଶୀ, ବିକାଶ କାଶ କର୍ପୂର-ହାସୀ
ଜନମାନସ ମୋହନ ପାଶୀ, ରମଣୀମଣି ଯେ,
ସରସିଜ ଦର୍ପଣ ଚନ୍ଦ୍ର ବଦନା ଯେ ସୁହାରକ କରକ କୁନ୍ଦରଦନା ଯେ
ସିନ୍ଦୂର ବାଳାରୁଣ ପ୍ରବାଳ ବିମ୍ବ ବିଡ଼ମ୍ବ ନବ ପ୍ରବାଳ,
ଜବା ହିଙ୍ଗୁଳ ରଦଛଦନା ଯେ । ୨ ।

କାନ୍ତ—ସୁବର୍ଣ୍ଣ ଚମ୍ପାସମ୍ପା କୁଙ୍କୁମ କେତକୀ ନଶା ଫଣ କୁସୁମ
ଗଉରୀ ହରତାଳ ପ୍ରଥମ କାନ୍ତ ସଦୃଶୀ ଯେ ।

କେଶ—ସଜଳ ଜଳଧର କଜ୍ଜଳ ଭୃଙ୍ଗତମାଳ କାଳିନ୍ଦୀଜଳ
ବରହୀପୁଚ୍ଛ ଚାମର ନୀଳମଣି ସୁକେଶୀ ଯେ ।

ବାସଭ୍ରୂ—ସୁକୋମଳା ପଦ୍ମିନୀ ପଦ୍ମମୁଖୀ ଯେ,
ସୁରଚାପ ସ୍ୱରୂପ ଭ୍ରୂବିଳାସୀ ଯେ ।

ନୟନ—ସାରଙ୍ଗ ନୀଳକଣ୍ଠ ଖଞ୍ଜନ କଞ୍ଜନ ଚେରପୁଞ୍ଜ ଗଞ୍ଜନ
ସଫରୀ ଗର୍ବ ଅଞ୍ଜନ ରଞ୍ଜନଦୃଶୀ ଯେ ।୨୫। (୫ମ ଛାନ୍ଦ)

ସତ୍ୟଭାମାର ଶୋଭାକୁ କବି ସାଧାରଣ ଭାବରେ ଆଦର୍ଶ ଚିତ୍ରଣ କରି କହିଛନ୍ତି—

ସର୍ଗବନ୍ଧ କାବ୍ୟ ନାଟକାଦି କବି ବର୍ଣ୍ଣି ନ ପାରନ୍ତି ଯାହାକୁ
ସେ ଶୋଭା ରତିକୁ ରତି ସମ ନୋହେ, ଏମନ୍ତ ବୋଲନ୍ତି ତାହାକୁ,
ଯାରବା, ସିନା ବ୍ୟର୍ଥ କାର୍ଯ୍ୟେ କାଳକୁ
ସେ ସୁନ୍ଦରୀମଣି ଶିରୋଧାର୍ଯ୍ୟ ପୁଣି ଆଣି ଦେବା କେଉଁ ତୁଳକୁ ।

କବି ତୁଳନା କରିବାକୁ ଅକ୍ଷମ ଥିବା ପ୍ରକାଶ କରି ଯେଉଁ ଆଦର୍ଶ ସ୍ତ୍ରୀମାନଙ୍କ ସୁନ୍ଦର ରୂପର ବର୍ଣ୍ଣନା କରିଛନ୍ତି ତାହା ସ୍ୱ ଉକ୍ତିର ଯଥାର୍ଥତା ପ୍ରତିପାଦନ କରୁଛି । ଦୁର୍ଯ୍ୟୋଧନଙ୍କ ବିପ୍ର ଦୂତ 'ରମଣୀୟ ରମଣୀମଣି' ସତ୍ୟଭାମାଙ୍କ ଶୋଭା ବର୍ଣ୍ଣନା କରି କହୁଛନ୍ତି—

ସେ ରାମା ନେତ୍ର ଡୋଳା ଖେଳା ବଶରେ ସତ ସାରଙ୍ଗ ଶୋଭା ଭଜି
ଫଣସ୍ତ ନଚ୍ଛଡ଼େ କସ ହୋଇ ମୁଖେ କମଳଜଭ୍ରମ ଉପୁଜି ।
ସେଠାରେ, ସଦା ରହିଲା ଦବାନଶା ।
ସୁତଳ ରବିତଳ ସ୍ୱର୍ଗ ରମ୍ୟ ସେ ସ୍ତନ ଅଳକାକୁ ଉଲ୍ଲାସୀ ।୨୮।

ଶରାସନଭ୍ରୂରୁ ଗୁଣ ଦୃଷ୍ଟି କେଶ ଅର୍ଦ୍ଧଚନ୍ଦ୍ର ଫଳ ଲଲାଟ
ଶର ଲଗିଥିଲେ ସଂସାର ନଥାନ୍ତା ଭଲ ଧାତା କଲା କପଟ ।
ସତ୍କାର, ସୁହାସ କାଣରେ କରଇ
ସ୍ତୋକ ଉପମା ସେ ଗଣ୍ଡକୁ ମଦନ ଆଦରଣ ଚନ୍ଦ୍ର ନୁହଇ ।୩୦।

ସୌଗନ୍ଧୀକନକ କର କୋକନଦ ଭୁଜନଳହସ୍ତରେ ରାଜିତ
ସମ୍ପୁଟ ଉରଜ ନୀରଜକୋରକ ଉଦର ରସକୂଳେ ଜାତ ।
ସସ୍ମିତ, ସସଦସ୍ୟେ ଅଳିରୋମାଳୀ
ସେ ଯେବେ ଫୁଟିବେ, ଏ ତେବେ ଚୁମ୍ବିବେ, ରହିଛନ୍ତି ଲୋଭେ ପ୍ରବଳି ।୩୨।

(୧୪ଶ ଛାନ୍ଦ)

ଏ ବର୍ଣ୍ଣନାର ରମଣୀୟତାକୁ ଚମତ୍କାର, ଅମୂଲ୍ୟ ପଦଯୋଜନା ଓ କଳ୍ପନା ଶତଗୁଣରେ ବର୍ଦ୍ଧିତ କରି ଦେଇଛି ।

ଯୁଦ୍ଧ:—

ଯୁଦ୍ଧକ୍ଷେତ୍ରରେ ଯୁଦ୍ଧକୁ କବି ବର୍ଷାକାଳ ସହିତ ତୁଳନା କରିଛନ୍ତି ।

ସଘନ ରସା ଯୁଦ୍ଧ ବରଷା, କାଳ ସଦୃଶ୍ୟା ଅଦୃଶ୍ୟା ଆଶା
କର୍ଦ୍ଦମ ଜାତ ହୋଇଲା ରସା ନୀରରୁଧିର ଯେ ।୨୯।

ସମ୍ପାତ ତୀକ୍ଷ୍ଣ ମାର୍ଗଣ ଜାତ ଗୁଣ ଟଙ୍କାର ତହିଁ ସ୍ତନିତ
କୃପାଣ ଝଟକ୍କବା ତଡ଼ିତ ଧ୍ୱଜ ବକାଳି ଯେ,
ସଂକୁଳରବ ଯୋଦ୍ଧାମାନଙ୍କ ଭେକ ଡାହୁକ ମୟୂର ଡାକ
କୋଦଣ୍ଡ ରୁଣ୍ଡ ଇନ୍ଦ୍ରକାର୍ମୁକ ଅତ୍ୟନ୍ତ ଝଳି ଯେ ।

ସଂକ୍ଷେପରେ ବାଟକ କରକା ବୃଷ୍ଟି ଯେ,
ସତ ଶକୁନ୍ତ ତହିଁ ହୋଇଲେ ବୃଷ୍ଟି ଯେ
ଶାମ୍ବୁକନାଦ ଘଣ୍ଟି ଶବଦ କବନ୍ଧ ନାଟ ରକତ ନଦ
ଉତ୍ସୁଦ କରେ ଯହିଁ ବିନୋଦ ସଂସ୍ତ୍ର କର୍କଟୀ ଯେ । ୩୦ ।

ଯୁଦ୍ଧ ବର୍ଣ୍ଣନାଟି ଉପଯୁକ୍ତ ଭାବବ୍ୟଞ୍ଜକ ଶବ୍ଦାବଳୀର ପ୍ରୟୋଗ ଦ୍ୱାରା ରସାପ୍ଲୁତ ହୋଇ ପାରିଛି ।

ବୀଭତ୍ସରସର ଏ ଦୃଶ୍ୟ ଅତି ମର୍ମନ୍ତୁଦ, ବିକଟ ଓ ବୀଭତ୍ସ ହୋଇଛି ।

ବିରହାନୁଚିନ୍ତା—

ଏହି କାବ୍ୟଟିରେ ନାୟକନାୟିକାର ବିରହାନୁଚିନ୍ତାର ସ୍ଥାନ ନାହିଁ । ଏଥିପାଇଁ କବି ଅବକାଶ ସୃଷ୍ଟି ମଧ୍ୟ କରି ନାହାନ୍ତି ।

କାବ୍ୟଟି ଅଲଙ୍କାରପ୍ରଧାନ ଥିବାରୁ ଏବଂ ସ୍ଥାନାନ୍ତରେ (ଅନ୍ୟ କାବ୍ୟ କବିତାରେ) ଏହା ବିଶେଷ ଭାବେ ବର୍ଣ୍ଣିତ ହୋଇଥିବାରୁ କବି ଏଥିରୁ କ୍ଷାନ୍ତ ହୋଇଥିବା ମନେ ହୁଏ ।

ଭୌଗୋଳିକ—

ନିମନ୍ତ୍ରଣ ପାଇ ଏହି ଦେଶର ରାଜାମାନେ ଦ୍ୱାରକାରେ ଉପସ୍ଥିତ ହୋଇଥିଲେ:—ସୌରାଷ୍ଟ୍ର, ନଟ, ତ୍ରୈଲିଙ୍ଗ, ଭୋଟ, ଅଙ୍ଗ, କଳିଙ୍ଗ, ବଙ୍ଗ, ମହାଟ, ଦ୍ରାବିଡ଼, ଗୌଡ଼, ମଘ, କର୍ଣ୍ଣାଟ, ମତ୍ସ୍ୟ, ଲ୍ଲେମଶ, ବିଦେହ, ବୈଦର୍ଭ, ବାହ୍ଲିକ, ସୁନଷେଧ, ମଗଧ, କାନ୍ୟକୁବ୍ଜ, ସିନ୍ଧୁ, ଉତ୍କଳ, ତୈଳ, କୁନ୍ତଳ, କେରଳ, କୁଞ୍ଜଗଲ, ନେପାଳ, ମାଳବ, ଗୁର୍ଜ୍ଜରାଟ, କୋଶଳ, ମଳବାରକ ।

ସଂସ୍କୃତ ମହାଭାରତରେ କଳିଙ୍ଗ, ଉତ୍କଳର ନାମ ଅଛି । ଏହି କାରଣରୁ କବି ଏହି ଦୁଇନାମ ସ୍ୱତନ୍ତ୍ର ଦେଶ ରୂପରେ ଲେଖିଛନ୍ତି । ତ୍ରୈଲିଙ୍ଗ ଦେଶର ଭୌଗୋଳିକ ସୀମା ନିର୍ଦ୍ଦେଶ କରାଯାଇ ପାରୁନାହିଁ ।

ନଦୀ—ସିନ୍ଧୁ, କାବେରୀ, ଜାହ୍ନବୀ, ଗୋଲା, ଯମୁନା, ବ୍ରାହ୍ମୀ, ଚିତ୍ରୋତ୍ପଳା, ଭାର୍ଗବୀ, ସରସ୍ୱତୀ, ମେଖଳା, ରେବା, ନର୍ମଦା, ସୁବର୍ଣ୍ଣରେଖା, ଋଷିକୁଲ୍ୟା, ସରଜୁ, ଚନ୍ଦ୍ରଭାଗା, ମୁରଲା, କୌଶିକୀ, ସରିବତୀ, ବିମଳା, ତୁଙ୍ଗଭଦ୍ରା, ସଦାନୀରା । (୬ଷ୍ଠ ଛାନ୍ଦ)

ଶବ୍ଦ—

'ସୁଭଦ୍ରା ପରିଣୟ'ରେ କବି ବହୁ ଦେଶଜ, ତଦ୍‌ଭବ, ଓ ତତ୍ସମ ଶବ୍ଦ ବ୍ୟବହାର କରିଥିବା ଦେଖାଯାଏ । ଏଥିରୁ କେତୋଟି ତଦ୍‌ଭବ ଦେଶଜ ଶବ୍ଦ—ଜୁଡ଼ା, ଖୋପା, ସାର, ବେଭାର, ସାରଣୀ, ଫିଙ୍ଗିଦେଲା, ଆଗୁଁ, ଠାବ, ଅଠାକାଠି, ଭିଆଇ, ଘେନିଲେ (କିଣିଲେ), ଚଉଖଣ୍ଡି, ବାଖର, ଧାପ, ଧାଟି, ହାଙ୍କିଲେ, ସୁସାର, ପଇଠ, ସୁଝାଉଣି ।

କେତେକ ସାମାଜିକ ରୀତିନୀତି —

(କ) (୧) ସ୍ତ୍ରୀ ଶିକ୍ଷା—ପୌରାଣିକ ଯୁଗରେ ସ୍ତ୍ରୀମାନେ ସଂଗୀତ ବିଦ୍ୟା ଶିକ୍ଷା କରୁଥିବା କବି ବ୍ୟକ୍ତ କରିଛନ୍ତି । "ସଂଗୀତ ବିଦ୍ୟା ଆଦି ଦେଇ ସେନେହି ଶାରଦା ସୁବୁଦ୍ଧି ବଳେ । ୧୪ । (୨ୟ ଛାନ୍ଦ)

(୨) ପ୍ରଥମ ପୁଷ୍ପବତୀକାଳୀନ ନିୟମ—

ସାତଦିନ ବନ୍ଦୀ ମନ୍ଦିରେ ରହିଲା ଘେନି ସେ କୁଳ ବେଭାର । (୨ୟ ଛାଃ)

(୩) ବିଦ୍ୟାଶିକ୍ଷା ରୀତି—ଗୁରୁଙ୍କ ମୁଖରୁ ଶିଷ୍ୟମାନେ ପାଠ ଶୁଣି ଘୋଷୁଥିଲେ । ସନ୍ଥତେ ଗୁରୁ ମୁଖରୁ ଶିଷ୍ୟମାନେ ଘୋଷୁଥାନ୍ତି ଯେସନ । ୧୮ । (୪ର୍ଥ ଛାନ୍ଦ)

(୪) ପ୍ରେମିକପ୍ରେମିକା ସ୍ୱଭାବ—ହାଟ ଚିତ୍ରରେ ହାଟୁଆ ଓ ହାଟୁଆ ସ୍ତ୍ରୀମାନଙ୍କ ଚପଳ ବିଟ ସ୍ୱଭାବର ଚିତ୍ର । ବ୍ୟଙ୍ଗ ଶ୍ଳେଷରେ କବି ଯାହା ବର୍ଣ୍ଣନା କରିଛନ୍ତି ତାହା ସମାଜର ଏକ ବାସ୍ତବ ଚିତ୍ର । ସାଧାରଣ ନାୟିକା ଏଠାରେ ପ୍ରାଧାନ୍ୟ ଲାଭ କରିଛି । (ଷଷ୍ଠ ଛାନ୍ଦ)

(୫) ଯୁଦ୍ଧଯାତ୍ରା ସମୟରେ ସୈନିକମାନଙ୍କ ବିଦାୟ ନେବା ବେଳର କରୁଣ ଚିତ୍ର ଅତି ସୁନ୍ଦର ହୋଇଛି । ସୈନିକମାନଙ୍କ ଭିତରେ ପ୍ରେମିକ ପ୍ରେମିକାକୁ ବିଦାୟ ଦେବା ଦୃଶ୍ୟ ରସିକ ହୃଦୟରେ ସମବେଦନା ଜାଗ୍ରତ କରିବାରେ ସମର୍ଥ ।

(୬) ସୈନ୍ୟମାନଙ୍କ ଭିତରେ ମଦ୍ୟପୀ ଥିବା ଦେଖାଯାଏ । ଏମାନଙ୍କ ବ୍ୟବହାର ପ୍ରକୃତି ଅନୁସାରେ ହୋଇଛି ।

ସେ ସ୍ଥାନେ ମିଳି ମଧୁପିଆଳୀ ମଉଆଳରେ କରନ୍ତି କେଳି
ସଭ୍ୟସଜ୍ଜନେ ଦିଅନ୍ତି ଗାଳି ବିବେକ ଭଙ୍ଗ ଯେ । ୧୫ । (୬ଷ୍ଠ ଛାନ୍ଦ)

(୭) ମଙ୍ଗଳ କାର୍ଯ୍ୟର ଆରମ୍ଭରେ—ସୁକର୍ମି ଦ୍ୱିଜଙ୍କ ଆଶିଷ, ମାଗଧମାନଙ୍କ ଯଶକୀର୍ତ୍ତିନ, ଗ୍ରହପାଞ୍ଜିକରଙ୍କ ଜ୍ୟୋତିଷ କଥନ, ସ୍ୱରୂପା ରୂପଜୀବୀ-ମାନଙ୍କର ନୃତ୍ୟଗାନ ପ୍ରଭୃତି ବିଧାନର ପ୍ରଚଳନ ଥିଲା ।

(୮) ବିଧବା ଲକ୍ଷଣ—ସ୍ୱହସ୍ତରୁ ଭାଙ୍ଗିଲେ ସୁବର୍ଣ୍ଣ ଚୁଡ଼ି ଯେ, ସୁରଙ୍ଗ ଧଡ଼ି ଶାଢ଼ୀ ମୁଞ୍ଚିଲେ । X । ୩୫ । (୬ଷ୍ଠ ଛାନ୍ଦ)

(୯) ଚିତ୍ରାଙ୍କନ—ପ୍ରେମିକ ପ୍ରେମିକାଙ୍କ ଶୟନାଗାରରେ କାମୋଦ୍ଦୀପନ ନିମିତ୍ତ ବିବିଧ ମିଳନର ସୁନ୍ଦର ଚିତ୍ର ଅଙ୍କନ ହେଉଥିଲା ।

ସଜନୀ ସାରି ଶୟନପୁର ଚିତ୍ର, ସୁଭଦ୍ରା ସମୀପେ ପ୍ରବେଶ । X ।
(୮।୧୦ମ ଛାନ୍ଦ)

(୧୦) ନିମନ୍ତ୍ରଣ ରୀତି—ସଗୋତ୍ରମାନଙ୍କୁ ବିବାହାଦିରେ ନିମନ୍ତ୍ରଣ ପାଇଁ ପାନଗୁଆବସ୍ତ୍ର ଯାଏ ।

ସଂଗ୍ରହଣ କରି ବସ୍ତ୍ର ବାସ ପାନ ଗୁଆ ।
ସଗୋତ୍ରଲୋକଙ୍କୁ ନିମନ୍ତ୍ରଣ ହେଲି ଦିଆ ଯେ । (୧୬ଶ ଛାନ୍ଦ)

(୧୧) ବିବାହାଦିର ଆରମ୍ଭର ଆୟୋଜନ—

(୧୨) ସାମନ୍ତ ଯେମନ୍ତ ହୋଇ ଚେଟୀ ସଙ୍ଗେ ରମେ ନୂତନ ଋତୁ କାଳେ ।
(୧୪ଶ ଛାନ୍ଦ)

ବାଦ୍ୟ, ବିଭାମଣ୍ଡପ ନିର୍ମାଣ ଓ ମଣ୍ଡନ, ଛାୟାମଣ୍ଡପ ନିର୍ମାଣ, ବସ୍ତ୍ର ଗ୍ରୁମରି, ଗୁନ୍ଦୁଆ ମଣ୍ଡନ, ଚୂର୍ଣ୍ଣ ଲେପନ, ସୁନାରୀମାନଙ୍କର ଦ୍ୱାରା ଯୌତୁକ

ଅଳଙ୍କାର ଗଢ଼ାଣ, ଗଣିକାମାନଙ୍କ ମଙ୍ଗଳ ଗୀତ ଶିକ୍ଷା ଇତ୍ୟାଦି ସୁନ୍ଦର ପଦାବଳୀରେ ବର୍ଣ୍ଣିତ ହୋଇଛି ।

ସ୍ତନୟିତନୁ ଘୋଷ ପ୍ରାୟେ ଶୁଭେ ବାଦ୍ୟସ୍ୱନ
ସ୍ରଷ୍ଟାଏ ବିଭ୍ରମଣ୍ଡପ କରନ୍ତି ସତନ ଯେ । ୩ ।
ସକାମବିପ୍ର ଗ୍ରନ୍ଥୀ ମଣ୍ଡପଙ୍କୁ ରଚନ୍ତି,
ସିଂହାଟକେ ବସ୍ତ୍ର ଗୁମର ବିତ୍ତାନ ମଣ୍ଡନ୍ତି ଯେ । ୪ ।

ଶୋଭାରେ ନବତନରେ ମୋତିଚୂନ ଚୂର୍ଣ୍ଣି
ସୁଧାଲେପନ ନକର କରେ ବିଲେପନ ଯେ । ୫ ।
ସୁନାଙ୍କ ଯୌତୁକ ଅଳଙ୍କାର କରେ ଉଜ,
ଶିଖନ୍ତି ଗଣିକା ଗୀତ ମଙ୍ଗଳ ସମାଜ ଯେ । ୬ ।

ସକାମ ଚତ୍ରେ ଦେଖନ୍ତି କର୍ମ ପୋଥିମାନ
ସାମଗ୍ରୀ ବହୁତ କରି ଆଣେ ଭୃତ୍ୟ ଜନ ଯେ । ୭ ।
ସଚିତ୍ର କରନ୍ତି ଭିତ୍ତିମାନ ଚିତ୍ରକାରେ
ସଜାଡ଼ି ଭିଡ଼ନ୍ତି ବାଣ ଜାଣିଲା ଜନରେ ଯେ । ୮ ।

ସବୁଦ୍ୱାରେ କଦଳୀ କୁମ୍ଭ ସ୍ଥାପନ ତହିଁ
ସଂସରଣେ ଚୂତପତ୍ର ତୋରଣା ଲମ୍ବଇ ଯେ । ୯ ।
ସଂଗ୍ରହଣ କରି ବହୁ ବାସ ପାନ ଗୁଆ
ସଗୋତ୍ର ଲୋକଙ୍କୁ ନିମନ୍ତ୍ରଣ ହେଲା ଦିଆ ଯେ ।୧୦। (୧୬ଶ ଛାନ୍ଦ)

କାନ୍ଥରେ ଚିତ୍ର ଅଙ୍କନ କରିବା, ବାଣ ଭିଡ଼ିବା, ଦ୍ୱାରେ କଦଳୀ ଗଛ, ତୋରଣ ଓ କୁମ୍ଭ ଥୋଇବା ପ୍ରଭୃତି ବିଧି ବିଧାନ ଓଡ଼ିଶାରେ ବର୍ତ୍ତମାନ ସୁଦ୍ଧା ଚାଲି ଆସୁଛି । କବି ପ୍ରଚଳିତ ସାମାଜିକ ବିଧିବିଧାନକୁ ଏଠାରେ ସୁନ୍ଦର ଭାବରେ ପଦରେ ରୂପ ଦେଇଛନ୍ତି ।

ଏହିପରି ବହୁ ସାମାଜିକ ବିଧାନର ଅବସ୍ଥିତି କବିଙ୍କ ଗଭୀର ନିରୀକ୍ଷଣର ପରିଚୟ ଦେଉଛି ।

ଏସବୁ ବିଧିବିଧାନ, ରୀତିନୀତି, ମର୍ଯ୍ୟାଦା ଏକ ଉଚ୍ଚ ଶିକ୍ଷିତ ସମାଜରେ କେବଳ ସମ୍ଭବ ଥିବାରୁ ସମସାମୟିକ ଓଡ଼ିଆ ସମାଜର ଉଚ୍ଚ ସାମାଜିକ ଜୀବନର ପରିଚୟ ମିଳୁଛି ।

(ଖ) ହାଟ: ସୈନ୍ୟଯାତ୍ରା—କବି ହାଟ ଓ ସୈନ୍ୟଯାତ୍ରାର ଯେଉଁ ଚିତ୍ର ଦେଇଛନ୍ତି ତାହା ସମାଜର ଏକ ଅଂଶର ସୁନ୍ଦର ଛାୟା । ହାଟକୁ ହାଟୁଆ ସ୍ତ୍ରୀ ବ୍ୟତୀତ ଅନ୍ୟ ଶ୍ରେଣୀର ସ୍ତ୍ରୀମାନେ ଯିବା ସାମାଜିକ ନିଷେଧ ଥିବାରୁ ହାଟୁଆ ସ୍ତ୍ରୀ ରସିକା ଥିବା ପ୍ରବାଦ ରହି ଆସିଛି । କବି ଏହି ଭାବଟିକୁ ରୂପ ଦେଇଛନ୍ତି ଏବଂ ରସିକରସିକାଙ୍କ କୌତୁକ ଓ ବ୍ୟଙ୍ଗ ଭାବପୂର୍ଣ୍ଣ କଥୋପକଥନ ଚମତ୍କାର ହୋଇଛି । ଶ୍ଳେଷାଦି ଅଳଙ୍କାର ବ୍ୟବହାର କରି କବି ପଦଗୁଡ଼ିକ ରମଣୀୟ କରି ପାରିଛନ୍ତି ।

ଗନ୍ଧଡ଼ୁଣୀ, ମାଳୀ, ସୁନାରି, ବେପାରି, ଗୁଡ଼ିଆ, ତନ୍ତୁବାୟିକ, କୁମ୍ଭାର, ଧୀବର ପ୍ରଭୃତି ହାଟରେ ଦୋକାନ ବସାଇଛନ୍ତି । ଏମାନଙ୍କ ଭିତରେ ପୁଣି ଯୁବତୀ ଓ ପାଟଗୁଣୀ ପ୍ରଭୃତି ବିବିଧ ଦ୍ରବ୍ୟ ବିକ୍ରୀ କରୁଛନ୍ତି । ଏମାନଙ୍କ ସହିତ ରସିକ-ଗ୍ରାହକଙ୍କ ବ୍ୟଙ୍ଗ କଥୋପକଥନ ହାଟକୁ ଜମାଇ ରଖିଛି । କୌଶଳପୂର୍ଣ୍ଣ, ଭାବବ୍ୟଞ୍ଜକ, କଥୋପଥନ କାବ୍ୟରସିକର ମନକୁ ମୋହିବାରେ ସମର୍ଥ ହୋଇଛି । ହାସ୍ୟରସର ଏ ପ୍ରସଙ୍ଗ ଆଦର୍ଶସ୍ଥାନୀୟ ହୋଇ ରହିଛି ।

ବ୍ୟଙ୍ଗଶ୍ଳେଷର ଏ କଥୋପକଥନ ନବରସପୂର୍ଣ୍ଣ ଏ କାବ୍ୟର ଅଙ୍ଗକୁ ଶୋଭନ ଭାବରେ ପୂର୍ଣ୍ଣ କରିଛି । ଚିତ୍ରଗୁଡ଼ିକ ଜୀବନ୍ତ ହୋଇଛି ।

ସେ ହାଟେ ଉରଜଙ୍କ ଯୁବତୀ ସିନ୍ଦୂର ସମ୍ପୁଟକେ ବିକନ୍ତି,
ଓଷ୍ଠଉରଜ ଘୋଡ଼ାଇଛନ୍ତି ଅତି ଯତନେ ଯେ,
ସିହାଣ କେହି ଯେବେଟି କହି ଏ ସମ୍ପୁଟକ କିଣିବି ମୁହିଁ,
ଶୁଣି ପଣ୍ଟେ ହସିଲି ହୋଇ ଦିଏ ଲପଟନେ ଯେ
ସେ ସ୍ଥଳକୁ ନାଗରୀ କାମିନୀ ଆସି ଯେ,
ସୁରୂପରେ ନିନ୍ଦନ୍ତି ରମ୍ଭାଙ୍କୁ ଉର୍ବଶୀ ଯେ,

ସ୍ନେହାନୁବନ୍ଧ ଯାହା ଯାହାର ଭେଟ ହୋଇଲେ ତାହା ତାହାର
ଗହଳେ ଯାନ୍ତି ନଦୀସାଗର ପରସ୍ପେ ମିଶି ଯେ ।୧୦। (୬ଷ୍ଠ ଛାନ୍ଦ)

ଯେ ଯାହାର ସ୍ନେହାନୁବନ୍ଧ ସେ ତାହା ପାଶରେ ପ୍ରବେଶ ହୋଇ ଗହଳେ ନଦୀସାଗର ପ୍ରାୟେ ମିଶିଯାଆନ୍ତି । ଭାବମିଳନ ରସିକ ହୃଦୟରେ କ୍ଷଣିକ ଆନନ୍ଦ ଜାଗ୍ରତ କରୁଛି ।

କବି ଏ ପ୍ରସଙ୍ଗରେ ଯେଉଁସବୁ 'ଭାବ' ପ୍ରକାଶ କରିଛନ୍ତି ତାହା ଉଚ୍ଚ ସାମାଜିକ ମାନ ଦୃଷ୍ଟିରେ ସମର୍ଥନ ଯୋଗ୍ୟ ନ ହେଲେ ମଧ୍ୟ ସାଧାରଣ ସାମାଜିକ ବାସ୍ତବ ଜୀବନର ଚିତ୍ର ରୂପରେ ଗ୍ରହଣୀୟ ହେବ । ଏ ପ୍ରସଙ୍ଗର ଚିତ୍ରଣରେ କବିତ୍ୱପୂର୍ଣ୍ଣ ପ୍ରକାଶଭଙ୍ଗୀ ଅତି ଚମତ୍କାର ହୋଇଥିବାରୁ କାବ୍ୟଦୃଷ୍ଟିରେ ପ୍ରଶଂସାଯୋଗ୍ୟ ହୋଇଛି ।

ହାଟରେ କେଳାର ସାପଖେଳା, ମାଙ୍କଡ଼ ନାଟ, ନାଟୁଆଙ୍କ ନାଟ, ବାଉଳଙ୍କ ଭ୍ରମଣ ଓ ମଦୁଆଙ୍କ କେଳି ଇତ୍ୟାଦି ପ୍ରସଙ୍ଗ ହାଟର ବର୍ଣ୍ଣନାକୁ ବାସ୍ତବତା ଦାନ କରିବା ସଙ୍ଗେ ସଙ୍ଗେ ଜୀବଦାନ ମଧ୍ୟ କରିଛି ।

ସେନାଯାତ୍ରା—କୃଷ୍ଣଙ୍କ ଯଜ୍ଞ ନିମନ୍ତ୍ରଣ ପାଇ ସୌରାଷ୍ଟ୍ର, ନଟ, ମ୍ଳେଚ୍ଛଙ୍ଗ, ଭୋଟ, ଅଙ୍ଗ, କଳିଙ୍ଗ, ମହଟ, ଦ୍ରାବିଡ଼, ଗୌଡ଼, ମଗଧ, କର୍ଣ୍ଣାଟ, ମତ୍ସ୍ୟ, ଲୋମଶ, ସିନ୍ଧୁ, ଉତ୍କଳ, ମ୍ଳେଚ୍ଛ ଆଦି ଦେଶର ନୃପତିମାନେ ସ୍ୱ ସ୍ୱ ସେନାବାହିନୀ ସହିତ ଦ୍ୱାରକାକୁ ଯାତ୍ରା କଲେ ।

ସୈନ୍ୟ ବିବେକ ରେଣୁ ଉଡ଼ାଇ, ସୂର୍ଯ୍ୟଙ୍କୁ ଦେଲେ ଏଣୁ ଘୋଡ଼ାଇ,
ରାଜ ଆଗେ ଏ ତେଜ ବଢ଼ାଇ ଦେଖାଇ ଭାବ ଯେ,
ସପତଦ୍ୱୀପ ଜନକଳାପ, ରାତିଭ୍ରମରେ ଜାଳିଲେ ଦ୍ୱୀପ,
ଦୃଢ଼ କରିଣ ହରିତ ଦ୍ୱୀପି ଧରି ପୃଥିବୀ ଯେ
ସମୁଦାୟରେ ବାରତୂରିହିଁ ବାଜେ ଯେ,
ହମୃତ୍ତାଦି ସ୍ୱର ମେଘକ ଗର୍ଜେ ଯେ

ସେ ଆଡ଼ମ୍ବର ମେଘାଡମ୍ବର ଶ୍ୱେତ ଅମ୍ବର ଛଦ୍ମ ଗ୍ରମର
ଅଦୃଶ୍ୟ ହେଲ ସୈନ୍ୟ ସମ୍ଭାର ସାଜଣୀ ସାଜେ ଯେ ।୨।×
ସମୁଦ୍ରସ୍ବର ପାଦାନ୍ତ ଧାଟୀ ଧାପେ ପ୍ରକଟି ଘର୍ଘର ଘଣ୍ଟି,
ସୁରଙ୍ଗମାଟି ଲେପନ, କଟିତଟରେ କାଛ ଯେ,
ସାବେଲୀ ନଳୀ ଝଲକ ଫର ଖଣ୍ଡା ସୁଦଣ୍ଡା ଢଲ୍ଲକ ଧର
ଫୁଲ୍ଲ ଗ୍ରମର ପକ୍ଷେ ମାଧୁରୀ ହୋଇଅଛନ୍ତି ଯେ ।

ସିଂହା ଦୁର୍ଲ୍ଲଭ ଚଣ୍ଡାତକ ପିନ୍ଧିତ ଯେ, ସୁଦୃଢ଼ରେ ଉଷ୍ଣୀଷ ଶିରେ ବାନ୍ଧିତ ଯେ,
ସରସ୍ୱତୀ କ ପ୍ରାବୃଟ କାଳେ ଚପଳେ ଚଳେ ତାହା କଲ୍ଲୋଳେ
କମଳଦଳ ବ୍ୟାଳ ସମେଳେ ଭାସେ ଏ ସତ ଯେ ।୪।

ସୈନ୍ଧବ ବଳ ମଞ୍ଜୁଳ ଦଶେ ଫଲ୍ଗୁଳ କୂଳ ପର୍ଯ୍ୟନ୍ତେ ଖସେ
ଭେକ ପ୍ରକାର ପ୍ରକର ଦଶେ ଟେକୁ ଶ୍ରବଣ ଯେ !
ସେ ମୟୂରଙ୍କ ପ୍ରାୟେ କର୍ମିତ ମଥାକୁ ଟେକ ରଖେ ନର୍ତ୍ତ
ଧିକ୍‌କାରରେ ବାନ୍ଧ ନୂପୁର ସତ ନର୍ତ୍ତକୀ ଗଣ ଯେ,
ସୁଗନ୍ଧରେ ଅଟନ୍ତି ମନୁ ତ୍ୱରିତ,
ସେ ଯେ ହାଙ୍କିଲେ ତେଜିଁ ଯିବେ ପର୍ବତ ଯେ,
ପୃଷ୍ଠେ ପିଠିରେ ସାଉଡେ ବସି, ବରବରଛ କମାଣେ କସି
ଟୋପି ଆଡଣି କୁଟିଳ ଅସି କବଚେ ଯୁକ୍ତ ଯେ ।୫। (୭ଷ୍ଟ ଗ୍ରନ୍ଥ)

ଏ ସେନାବାହିନୀ କଳାପର ବର୍ଣ୍ଣନା କବିତ୍ୱପୂର୍ଣ୍ଣ ହୋଇଛି । ବୀରରସର ଏ ପ୍ରସଙ୍ଗକୁ କବି ଉପଯୁକ୍ତ ବୀରତ୍ୱ ଉଦ୍ଦୀପକ ଭାଷାରେ ବର୍ଣ୍ଣନା କରିଛନ୍ତି; ଭାଷା ରସୋପଯୋଗୀ ହୋଇଥିବାରୁ ବର୍ଣ୍ଣନାଟି ରସାପ୍ଳୁତ ଓ ହୃଦ୍ୟ ହୋଇ ପାରିଛି । ବୀରରସ-ପ୍ରସଙ୍ଗୋପଯୋଗୀ ପାହାଡ଼ିଆ ଲେଦାର ରାଗ ଏହାର ଗୌରବକୁ ବହୁଗୁଣ ବର୍ଦ୍ଧିତ କରିଛି ।

ସମୁଦ୍ରସ୍ବରେ ଦଶେ ଶୋଭନ ସେ ଘନ ଘନ କି ଘନାଘନ,
ଗର୍ଜିତ ଘନଘନ ସେ, ଘନ ଦାନ ଜଳରେ ଯେ,

ଶିକଳା ଶୁଣ୍ଡଦନ୍ତେ ଉଦଣ୍ଡ ସିନ୍ଦୁରଗୁଣ୍ଡ, ମଣ୍ଡିତ ମୁଣ୍ଡ ସୁଘଣ୍ଟି ରୁଣ୍ଡ
ଧ୍ୱନି ପ୍ରଚଣ୍ଡ ଗମନ ଧୀରେ ଯେ,

ସଜ ଆମରୀ ଚଉଖଣ୍ଡି ବାଖରେ ଯେ,
ସନ୍ତତରେ ଶ୍ରବଣ ଚାଳନ କରେ ଯେ,
ସ୍କନ୍ଧ ଦେଶରେ ସ୍ଥିତ ମାହୁନ୍ତ ସତୀକ୍ଷ୍ଣ କୁନ୍ତ ଅଙ୍କୁଶବନ୍ତ ।
ଶିରେ ସୁମନଗଭା କମ୍ପିତ ହୋଏ ଯିବାରେ ଯେ,

କବି ଆଦିରସପ୍ରଧାନ କାବ୍ୟରେ କୌତୁକରସର ମଧ୍ୟ ଅବତାରଣ କରି ଯଶସ୍ୱୀ ହୋଇଛନ୍ତି । ଯଙ୍କ ଦର୍ଶକଙ୍କ ଉତ୍ଫୁଲ୍ଲ ମନ ପ୍ରେମରେ ମଧ୍ୟ ରସାଣିତ ହୋଇଯାଇଛି ।

ସ୍ୟନ୍ଦନକୁଳ ଝଳି ଚଳିଲ ଚାମରଚମ୍ପ ଦର୍ପଣମାଳ
ଧ୍ୱଜପତାକା ଚେଲ ଚଞ୍ଚଳ ଅନିଳବଶେ ଯେ ।

ଛୁଟି ହେବାରେ ଚକ୍ର କଟ୍‌କଟ୍‌ର ପ୍ରକଟ କରନ୍ତି ନାଟ,
ଶିଖରୀ କୁଟ ପରେ ଲମ୍ପଟ ରୁନ୍ଧେ ଆକାଶେ ଯେ,
ସାରଥିରେ ରଥିରେ ଅତି ରୁଚିରେ ଯେ,
ସୁସ୍ୱନକ ତହିଁରେ ଘଣ୍ଟି ନିକରେ ଯେ,
ଶରଣୀ ଜଳ ତରଣୀ ସେହି, ଅମ୍ଳାନ ଫୁଲତୋରଣେ ଶୋହି
ନବତରୁଣୀ ଶୋଭାକୁ ବହି ମୋହିତ କରେ ଯେ । ୭ ।

କବିଙ୍କ ସୈନ୍ୟସାଜଣି ଉତ୍କଳୀୟ ଘରର ସାଜଣି ପରି ଜଣାଯାଉଛି । କବିଙ୍କ ସ୍ୱରାଜ୍ୟ ଧୁମୁସର ଓ ପାର୍ଶ୍ୱବର୍ତ୍ତୀ ରାଜ୍ୟରେ ଯେଉଁ ଯୁଦ୍ଧସମ୍ଭାର ଦେଖାଯାଉଥିଲା ତାହାର ଏକ ଅନୁଭୂତିପ୍ରଣୋଦିତ ପ୍ରତ୍ୟକ୍ଷ ଚିତ୍ର କବି ଦେଇଥିବା ଅନୁମିତ ହୁଏ ।

ଚରିତ୍ର ଚିତ୍ରଣ—କବି ଏହି କାବ୍ୟଟିରେ କୃଷ୍ଣ, ବଳରାମ, ସତ୍ୟଭାମା, ସୁଭଦ୍ରା, ଅର୍ଜୁନ, ଦୁର୍ଯ୍ୟୋଧନ, ଅସୁରରାଜ ଗୋଶୃଙ୍ଗଦୈତ୍ୟ ପ୍ରଭୃତିଙ୍କ

ଚରିତ୍ର ଚିତ୍ରଣ କରିଥିବାର ଦେଖାଯାଏ । ଏମାନଙ୍କ ମଧ୍ୟରେ ନାୟକ ଅର୍ଜୁନ, ନାୟିକା ସୁଭଦ୍ରା, ସତ୍ୟଭାମା ଓ ଶ୍ରୀକୃଷ୍ଣଙ୍କ ଚରିତ୍ର ବିଶେଷ ଭାବରେ ଚର୍ଚ୍ଚିତ ହୋଇଥିଲେ ମଧ୍ୟ ଏହା ସଂକ୍ଷିପ୍ତ ହୋଇଛି ବୋଲିବାକୁ ହେବ । ପୌରାଣିକ କଥାବସ୍ତୁକୁ ଅବଲମ୍ବନ କରି କବି କ୍ଷୁଦ୍ର ପରିସର ଭିତରେ ବିବିଧ ଅଳଙ୍କାର-ମଣ୍ଡିତ ସ-ଆଦ୍ୟ କାବ୍ୟ ରଚନା କରିଥିବାରୁ ଏବଂ ପାଣ୍ଡିତ୍ୟ ପ୍ରକାଶ ହିଁ ମୁଖ୍ୟ ଲକ୍ଷ୍ୟ ଥିବାରୁ ଚରିତ୍ରଚିତ୍ରଣ, ପ୍ରାକୃତିକ ବର୍ଣ୍ଣନା, ବିରହାନୁଚିନ୍ତାଦି ବିଷୟକୁ ତ୍ୟାଗ କରିଛନ୍ତି । ଏସବୁ ପ୍ରସଙ୍ଗ କବିଙ୍କ ଅନ୍ୟ କାବ୍ୟମାନଙ୍କରେ ଗୌରବର ସ୍ଥାନ ଅଧିକାର କରିଛି । ଏହି କାରଣରୁ ସଖା ଓ ସଖୀ ପ୍ରଭୃତି ପାତ୍ରପାତ୍ରୀମାନଙ୍କର ବିଶେଷ ସ୍ଥାନ ମଧ୍ୟ ନାହିଁ ।

କବି ପୌରାଣିକ ବିଷୟକୁ ଗ୍ରହଣ କରିଥିବାରୁ ଅର୍ଜୁନ, ସୁଭଦ୍ରା, କୃଷ୍ଣ, ବଳରାମ, ଦୁର୍ଯ୍ୟୋଧନ ପ୍ରଭୃତିଙ୍କ ଚରିତ୍ରକୁ ପୁରାଣସମ୍ମତ କରିବାକୁ ଚେଷ୍ଟା କରିଛନ୍ତି । ଶ୍ରୀକୃଷ୍ଣ ଓ ସତ୍ୟଭାମାଙ୍କ ଚରିତ୍ର ଚିତ୍ରଣରେ କବି ସାରଳାଦାସଙ୍କ ମହାଭାରତକୁ ଅନୁସରଣ କରିଥିବା ଜଣାଯାଏ ।

ଅଳଙ୍କାର ପ୍ରୟୋଗ—କେତେକ ଉଦାହରଣ:—

ପର୍ଯ୍ୟାୟ ଶବ୍ଦଶ୍ଳେଷ—ସୁରଭିକାଳ ପରି ସେ ଶୋଭି ସୁମନରେ
ସରସ୍ୱାନ ପ୍ରାୟେ ମହୋଜ୍ଜ୍ୱଳ ଯାଦବରେ ।୨୫। (୧ମ ଛାନ୍ଦ)

ସୁରଭିକାଳ—ବସନ୍ତ ସମୟ, ସୁମନ—ପୁଷ୍ପ, ସରସ୍ୱାନ—ସମୁଦ୍ର, ଯାଦବରେ—ଜଳଜନ୍ତୁରେ ।

ସଭଙ୍ଗ ଶ୍ଳେଷ—ସଉଧ ସଦନେ ଘନ କୁଣ୍ଡଳୀରେ ଶୋଭି
ସେନାନୀ ଗଉରୀ ଇଶେ ପ୍ରକାଶ ପ୍ରତିଭି ।୨୪। (୧ମ ଛାନ୍ଦ)

ସଉଧ—ଔଧସହ, କୁଣ୍ଡଳଧାରୀରେ—ସର୍ପରେ, ସେନାନୀ—କାର୍ତ୍ତି-କେୟ, ଗଉରୀ—ପାର୍ବତୀ, ଇଶ—ମହାଦେବ ।

ଅଭଙ୍ଗ ଶ୍ଳେଷ—ସ୍ୱର୍ଣ୍ଣଦୀପର୍ଯ୍ୟନ୍ତେ ପାପ ନାଶନରେ କ୍ଷମ
ସୁଗନ୍ଧି ପାରି-ଜାତକ ଫୁଲେ ମନୋରମ ଯେ ।୨୭। (୧ମ ଛାନ୍ଦ)
ସ୍ୱର୍ଣ୍ଣଦୀ—ଗଙ୍ଗା । ସ୍ୱର୍ଣ୍ଣଦୀ ପର୍ଯ୍ୟନ୍ତେ—ଗଙ୍ଗାନଦୀ ପ୍ରାନ୍ତେ ।

ରୂପକ—ସୁବାସ ପାରିଜାତକ ଗନ୍ଧ ଐରାବତ
ସୁଧାକର ମୁଖ ଓଷ୍ଠ ଅମୃତ ଫଳାତ ।୩୯। (୧ମ ଛାନ୍ଦ)

ଚ୍ୟୁତଦନ୍ତାକ୍ଷର ଶ୍ଳେଷ—ସୁଯୋଗେ ସୁର-ଦଇତ ମନ୍ଥନର ବେଳେ
ସମ୍ଭୂତ ସୁନ୍ଦରୀ ଶିରୀ ହେଲା ଏତେ ବେଳେ ଯେ ।

ସୁର-ଦଇତ – ଦେବ ଅସୁର । ସୁର—ସୁ ଚ୍ୟୁତ ବା ଦନ୍ତ ।
ବରଦଇତ – ଶ୍ରେଷ୍ଠପତି । ଶିରୀ—ସ୍ତ୍ରୀ ।

ଦନ୍ତାକ୍ଷର ଶ୍ଳେଷ—ସ୍ୱନ ଶୁଣି କୁମାରୀର ହେନ୍ତୁ କେନ୍ତୁ ସ୍ୱଳେ
ସନ୍ଦେହରେ ପୁଚ୍ଛିଲେ ପିକ ଡାକୁଛି କି ସାଲେ । ୪୯ ।
(୧ମ ଛାନ୍ଦ)

ସାଲେ—ରସାଲେ । ର ଦନ୍ତାକ୍ଷର ।

ଆଦ୍ୟଯମକ—ସୁରସ୍ୱୀ ସୁରସ୍ୱୀ ଆଶ୍ରିତ ଯହିଁ ଲବଙ୍ଗଲତା
ସୁନାସ୍ୱୀ, ସୁନାସ୍ୱୀ ପର୍ଯ୍ୟନ୍ତେ ଧବ ଅଗ୍ରତେ ସ୍ଥିତା । ୨୩ ।
(୫ମ ଛାନ୍ଦ)

ମଧ୍ୟଯମକ—ସଫଳ ରସାଳ ରସାଳତରୁ ବକୁଳବନ୍ତ
ସଙ୍ଗୀତିତ ଗୁହିଁ ଷଡ଼ାଳେ ବ-ଡ଼ାଳେ ଆରୋହିତ । ୨୬ ।
(୫ମ ଛାନ୍ଦ)

ମହାଯମକ—ସୁରୁଚି କେଶର କେଶର କେଶରତରୁ ତହିଁ
ସଞ୍ଚରି ପରାଗ ପରାଗପର ଗଗନେ ଶୋହି । ୨୮ । (୫ମ ଛାନ୍ଦ)

ପ୍ରାନ୍ତଯମକ—ସୁବାହା କୁସୁମ ମଣ୍ଡିତ ମହୀ ତରୁଣୀକରେ ।
ସୌଗନ୍ଧ ନଥିଲେ ଚନ୍ଦ୍ରକୁ କ୍ଳେଦିତ ଋଣୀ କରେ ।୩୦।(୫ମ ଛାନ୍ଦ)

ଆଦ୍ୟପ୍ରାନ୍ତଯମକ—ସୁମନସରେ ମହୋତ୍ପଳଯେ ଅଶୋକବଟପି
ସୁମନଶରେ ଶୋକବତୀ ଦେଖି ହେବେ ବଟପି । ୩୫।
(୫ମ ଛାନ୍ଦ)

ସର୍ବଯମକ—ସନ୍ତାନ ପାଇ ବିହରନ୍ତ ଯହିଁ ଖଞ୍ଜନ ଚଞ୍ଚ
ସନ୍ତାନ ପାଇଁ ବିହରନ୍ତ ଯହିଁ ଖଞ୍ଜନ ଚଞ୍ଚ ।୩୭।
ସୁକାନ୍ତ ମାଧବୀ ମୋହନକରେ ମଧୁସୂଦନ
ସୁକାନ୍ତ ମାଧବୀ ମୋହନ କରେ ମଧୁସୂଦନ । ୩୮ ।
ସାରସ କଦମ୍ବ ଯୋଗରେଯହିଁ ଶୋଭି ଅନନ୍ତ
ସାରସ କଦମ୍ବ ଯୋଗରେ ଯହିଁ ଶୋଭି ଅନନ୍ତ ।୩୯। (୫ମ ଛାନ୍ଦ)

ଏପରି ବହୁ ଅଳଙ୍କାରର ସୁନ୍ଦର ପ୍ରୟୋଗ ଅଛି । ଛଳ ଶ୍ଳେଷର ଉଦାହରଣ ପଦ ବହୁ ସଂଖ୍ୟାରେ ଥିବାରୁ କଥୋପଥନଗୁଡିକ ରସାପ୍ଲୁତ, ମନୋମୁଗ୍ଧକର ହୋଇଛି । କଥୋପକଥନରତ ପାତ୍ରପାତ୍ରୀମାନଙ୍କର ଉଚ୍ଚ-ଶିକ୍ଷାର ପରିଚୟ ଏଥିରୁ ମିଳୁଛି ।

ଛଳ—ସରସୀ ଦେଖାଇ କେ କହେ କାହାକୁ ଏଥି ପୁଣ୍ଡରୀକ ପ୍ରକିତ
ସଖୀ ତୁ ହରିଣୀ ପୁଣି ଭ୍ରୁମଣି ପ୍ରବେଶ ନୁହ କଦାଚିତ ।
ସଙ୍ଗାତ, ସେ ପୁଣି ଏମନ୍ତ ବୋଇଲା,
ସାକ୍ଷାତେ କଟି ସିଂହରେ ସୁଶୋଭନ ଏତେ ବିବେକ ତୋ ନୋହିଲା !
। ୧୪ । (୧୪ଶ ଛାନ୍ଦ)

ଭୌଗୋଳିକ ଜ୍ଞାନ—ସୁଭଦ୍ରା ପରିଣୟରେ ସଭା ମଣ୍ଡପର ବର୍ଣ୍ଣନା ପ୍ରସଙ୍ଗରେ କବି ବିଭିନ୍ନ ଦେଶର ରାଜାମାନଙ୍କ ଆଗମନର ଦୃଶ୍ୟ ବର୍ଣ୍ଣନା କରିଛନ୍ତି । ଗୋଶୃଙ୍ଗ ଦାନବର ସୈନ୍ୟଚାଳନାର ଭୟଙ୍କର ଦୃଶ୍ୟ ବର୍ଣ୍ଣନା ପ୍ରସଙ୍ଗରେ କବି କହିଛନ୍ତି ଯେ—ଭୀଷଣ ଉତ୍ପାତର ଆଶଙ୍କା ହେଲା, ନଦୀମାନେ ଶଙ୍କିତା ହେଲେ । ଏହି ପୃଥିବୀର ନଦୀମାନଙ୍କ ଭିତରେ ଉତ୍କଳର ବହୁ ନଦୀର ନାମ କବି ଉଲ୍ଲେଖ କରିଛନ୍ତି ; ଯଥା—ବ୍ରାହ୍ମୀ, ଚିତ୍ରୋତ୍ପଳା, ଭାର୍ଗବୀ, ସୁବର୍ଣ୍ଣରେଖା, ଋଷିକୁଲ୍ୟା, ଚନ୍ଦ୍ରଭାଗା ଓ କୌଶିକୀ ପ୍ରଭୃତି ।

ସିନ୍ଧୁ କାବେରୀ ଜାହ୍ନବୀ ଗୋଲା ଯମୁନା ବ୍ରାହ୍ମୀ ଚର୍ମଣ୍ବତୀ
ଭାର୍ଗବୀ ସରସ୍ୱତୀ ମେଖଳା ରେବା ନର୍ମଦା ଯେ,
ସୁବର୍ଣ୍ଣରେଖା ସୁରୁପି କୁଲ୍ୟା ସରଜୁ ଚନ୍ଦ୍ରଭାଗା ସୁରଲା
କୌଶକୀ ସରବତୀ ବିମଳା ସୁତୁଙ୍ଗଭଦ୍ରା ଯେ ।
ସଦାନୀରାଦି ନଦୀ ହେଲେ ଶଙ୍କିତ ଯେ । × × ୧୯ ।
(୭ଷ୍ଟ ଛାନ୍ଦ)।

ହରିଙ୍କ ଯାଗ ସନ୍ଦେଶ ପାଇ ଏହି ଦେଶର ରାଜାମାନେ ଉପସ୍ଥିତ ହେଲେ; ଯଥା—ସୌରାଷ୍ଟ୍ର, ନଟ, ତ୍ରୈତଙ୍ଗ, ଭୋଟ, ଅଙ୍ଗ, କଳିଙ୍ଗ, ବଙ୍ଗ, ମହାରାଷ୍ଟ୍ର, ଦ୍ରାବିଡ, ଗୌଡ, ମଘ, କର୍ଣ୍ଣାଟ, ମଲ୍ଲ, ଲୋମଶ, ବିଦେହ, ବିଦର୍ଭ, ବାହ୍ଲୀକ, ନିଷେଧ, ମଗଧ, କାନ୍ୟକୁବ୍ଜ, ସିନ୍ଧୁ, ଉତ୍କଳ, ତ୍ରୈଳ, କୁନ୍ତଳ, କେରଳ, କୁଞ୍ଜଗଲ, ନେପାଳ, ମାଳବ, ଗୁଜରାଟ, କୋଶଳ, ମଲବାରକ ।

ଏହି ତାଲିକାରେ ଭାରତବର୍ଷର ପ୍ରାୟ ସବୁ ଦେଶର ପ୍ରାଚୀନ ନାମ ରହିଛି । ସୁଭଦ୍ରା ପରିଣୟ ସମୟକୁ ଅର୍ଥାତ୍ ଦ୍ୱାପର ଯୁଗ ସରିକି କଳିଙ୍ଗ ବା ଉତ୍କଳର ସ୍ୱତନ୍ତ୍ର ଅବସ୍ଥିତିର ସୂଚନା ମିଳୁଛି ।

ପୁନରୁକ୍ତି—ଦୁର୍ଯ୍ୟୋଧନଙ୍କ ଦ୍ୱାରକାଯାତ୍ରା ପ୍ରସଙ୍ଗରେ ଅର୍ଜୁନ-ସୁଭଦ୍ରାଙ୍କ ଗୁପ୍ତ ପ୍ରଣୟର ସୂଚନା ସବଙ୍କ ସହଦେବ ବିଦୁରଙ୍କୁ କହିଥିଲେ ଏବଂ ବିଦୁର ଏହିକଥା ଦୁର୍ଯ୍ୟୋଧନଙ୍କୁ କହିଲେ ।

ସୁଭଦ୍ରା ପୀରତି ଗୁପ୍ତେ ଅର୍ଜୁନର ତୁଲେ,
ସତ୍ୟଭାମା ଶ୍ରୀକୃଷ୍ଣ ବସ୍ତୁରେ ଏହା କଲେ ।
ସେସ୍ଥାନକୁ କୁରୁପତି;
ସଲଜ୍ଜିତ ହେବାକୁ କ ବିଜୟ କରନ୍ତି । ୧୯ । (୧୬ଶ ଛାନ୍ଦ)

ସେହି ଛାନ୍ଦରେ—,
ସୁଭଦ୍ରା ଗୁପତ ପ୍ରୀତି ଅର୍ଜୁନର ତୁଲେ
ସତ୍ୟଭାମା ଶ୍ରୀକୃଷ୍ଣ ବସ୍ତୁର ଏହା କଲେ

ସାନନ୍ଦ ଚିତ୍ତ ସେ ନୃହୀ ହୋଇ,
ସେ ତ ହେଲା ଗନ୍ଧର୍ବ ଯିବ କାହିଁପାଇଁ । ୨୧ । (୧୫ଶ ଛାନ୍ଦ) ।

ସୁଭଦ୍ରା-ଅର୍ଜୁନ ଗୁପ୍ତପ୍ରୀତି ପ୍ରସଙ୍ଗ ଯଦୁରଙ୍କୁ ସର୍ବଙ୍କ ସହଦେବ ଯାହା କହିଥିଲେ ତାହା ବିଦୁର ଦୁର୍ଯ୍ୟୋଧନଙ୍କଠାରେ ପ୍ରକାଶ କରିଥିବାରୁ ସହଦେବଙ୍କ ଭାଷାରେ ତଥ୍ୟଟିକୁ ଜଣାଇଥିବା ସମ୍ଭବ ହେଲେ ମଧ୍ୟ ପୁନରୁକ୍ତିର ଆବଶ୍ୟକତା ନଥିଲା ।

'ସ' ଆଦ୍ୟ ନଥିବା ପଦ:—ସମଗ୍ର 'ସୁଭଦ୍ରା ପରିଣୟ'ରେ 'ସ'-ଆଦ୍ୟ' ନଥିବା ପଦ କେବଳ ଗୋଟିଏ ଦେଖାଯାଏ ।

(୧) ଜ୍ୟୋତି କଲେ ଜ୍ୟୋତିରଙ୍ଗଣେଗଣ,
ଶ୍ରୁତିରେ ପଥିକ ପଦାରଙ୍ଗଣ । × । ୨ । (୧୭ଶ ଛାନ୍ଦ) ।

ଭାଷାରେ 'ଜ' ଓ 'ସ'ର ଉଚ୍ଚାରଣରେ ଅଭେଦ ଥିବା ଦେଖାଯାଉ ଥିବାରୁ କବି 'ସ' ସ୍ଥାନରେ 'ଜ' ବ୍ୟବହାର କରିଛନ୍ତି ।

(୨) ତେଣୁ ହିଂସ୍ରକ ପଶୁଙ୍କ ମନ ହିଂସା ଅତି ସତ୍ବରେ ଦୂର ହୋଇ
ଶୋଇଲେ ସିଂହସଟା ତଳେ କୁଞ୍ଜର ମୟୂର ପୁଚ୍ଛ ତଳେ ଅହି ।
× × । ୨ । (୧୪ଶ ଛାନ୍ଦ) ।

ଅନୌଚିତ୍ୟ ପ୍ରସଙ୍ଗ—କବି ଶ୍ରୀକୃଷ୍ଣ, ଅର୍ଜୁନ, ସତ୍ୟଭାମା ଓ ସୁଭଦ୍ରାଙ୍କୁ ଆଦର୍ଶ ଚରିତ୍ରର ଅଧିକାରୀ କରି ଚିତ୍ରଣ କରି ନାହାନ୍ତି ।

ଶ୍ରୀକୃଷ୍ଣ କପଟୀ, କୌଶଳୀ ଓ ନୀଚପନ୍ଥା ଅବଲମ୍ବନକାରୀ ରୂପେ ଚିତ୍ରିତ ହୋଇଛନ୍ତି । ବିବାହବିନା, ଏପରିକି ଗାନ୍ଧର୍ବ ବିବାହ ନ କରି ମଧ୍ୟ ଅର୍ଜୁନ-ସୁଭଦ୍ରାଙ୍କ ଗୁପ୍ତ କାମକେଳି ଚିତ୍ରଣ ସମର୍ଥନ ଯୋଗ୍ୟ ହୋଇନାହିଁ । ଏଥିରେ ଶ୍ରୀକୃଷ୍ଣଙ୍କ ଅଂଶ କମ୍ ନୁହେଁ । କାମଉଦ୍ଦୀପନକାରୀ ଉପଚାର ମନ୍ତ୍ର ଯନ୍ତ୍ର ପ୍ରଭୃତି ବିଷୟ ସତ୍ୟଭାମା ତାଙ୍କଠାରୁ ଶିକ୍ଷା କରି ନାୟକ-ନାୟିକାଙ୍କ

ଗୁପ୍ତମିଳନ ସମ୍ଭବ କରାଇ ପାରିଛନ୍ତି । ଉପକାରୀଙ୍କୁ ଉଚିତ ସମ୍ମାନ ଦେଖାଇବା ପାଇଁ ସେ ସ୍ୱଭଗିନୀଙ୍କୁ ଅର୍ଜ୍ଜୁନ ହସ୍ତରେ ଦେବା ପାଇଁ ଇଚ୍ଛା କରିବା ଉଚ୍ଚ ଆଦର୍ଶର ବିଚାର୍ଯ୍ୟ । ବଳରାମ ଦୁର୍ଯ୍ୟୋଧନଙ୍କୁ ବର କରି ଆଣିବା ଉଦ୍ୟମ କରୁଥିବାରୁ ଏହାକୁ କୃଷ୍ଣ ସମର୍ଥନ କରି ପାରିନାହାନ୍ତି । ପୁଣି, ହଳୀ ମହା-କୋପୀ । ତାଙ୍କ ଭୟରେ ସେ ସ୍ୱ ଅଭୀଷ୍ଟ ସିଦ୍ଧି ପାଇଁ ଏହି ପନ୍ଥା ଅବଲମ୍ବନ କରିଥିଲେ ମଧ୍ୟ ତାଙ୍କ ପକ୍ଷରେ ଏହା ନୀତି ଦିଗରୁ ସମର୍ଥନଯୋଗ୍ୟ ନୁହେଁ ।

ଅର୍ଜ୍ଜୁନ ବୀର ହେଲେ ମଧ୍ୟ କାମ-ତାଡ଼ନାରେ ହିତାହିତଜ୍ଞାନ ହରାଇଛନ୍ତି । ପ୍ରଥମ ଉଦ୍ୟମ ବେଳେ ସେ ଯେଉଁ ଉଚ୍ଚ ଆଦର୍ଶ ଅବତାରଣା କରି ସତ୍ୟଭାମା ଓ ସୁଭଦ୍ରାଙ୍କୁ ଫେରାଇ ଦେଇଥିଲେ ସେ ଆଦର୍ଶକୁ ମନ୍ଦ-ଉଚ୍ଚାଟନ ପ୍ରଭାବରେ ପଡ଼ି ହରାଇଛନ୍ତି ।

ସତ୍ୟଭାମା, ଶ୍ରୀକୃଷ୍ଣଙ୍କ ଅଷ୍ଟପାଟମହିଷୀଙ୍କ ମଧ୍ୟରୁ ଅନ୍ୟତମ । ଗାନ୍ଧର୍ବ ବିବାହ ପୂର୍ବରୁ ଗୁପ୍ତରତିକ୍ରୀଡ଼ାର ସେ ପ୍ରଧାନ ସହାୟିକା ବା ଦୂତୀ ହୋଇ ଥିବାରୁ 'ଯଦୁବଂଶ ମର୍ଯ୍ୟାଦା'କୁ ସମ୍ୟକ୍ ରକ୍ଷା କରିବାରେ ସମର୍ଥ ହୋଇପାରି ନାହାନ୍ତି ।

ସୁଭଦ୍ରା ନବଯୁବତୀ, ପ୍ରେମୋନ୍ମତ୍ତା । ଅର୍ଜ୍ଜୁନଙ୍କ ଅପୂର୍ବ ଶୋଭା ଦେଖି ସେ ମୁଗ୍ଧା । ଅର୍ଘ୍ୟ ବନ୍ଦାପନା ବେଳେ ଅର୍ଜ୍ଜୁନଙ୍କୁ ଦେଖି ସେ ମନେ ମନେ ତାଙ୍କୁ ସ୍ୱାମୀ ରୂପରେ ବରଣ କରି ନେଇଥିଲେ । କିନ୍ତୁ ଏହା ଗାନ୍ଧର୍ବ କି ଆର୍ଯ୍ୟବିଧାନ ସମ୍ମତ ଅନ୍ୟ କୌଣସି ପ୍ରକାର ସମ୍ଭ୍ରାନ୍ତ ବିବାହ ଦ୍ୱାରା ସମର୍ଥିତ ହୋଇନାହିଁ । ନାୟକ ନାୟିକା ଉଭୟେ ସମ୍ମତ ହୋଇ ଗୁପ୍ତପ୍ରେମ ଓ ରତିକ୍ରୀଡ଼ା କରିଥିବାରୁ ଏହାକୁ ବଳାତ୍କାର ବିବାହ ବା ଆସୁରିକ ବିବାହ ବୋଲି ମଧ୍ୟ କୁହାଯାଇ ପାରିବ ନାହିଁ ।

ବିଶେଷତ୍ୱ—(୧) ସୁଭଦ୍ରା ପରିଣୟ କାବ୍ୟଟି ପ୍ରଧାନତଃ ଅଳଙ୍କାର ପାଇଁ ପ୍ରସିଦ୍ଧ । ଅଳଙ୍କାର ଶାସ୍ତ୍ରର ବିଭିନ୍ନ ଅଳଙ୍କାରର ପାଣ୍ଡିତ୍ୟପୂର୍ଣ୍ଣ ଦୃଷ୍ଟାନ୍ତ

ସଙ୍ଗତି ରକ୍ଷାକରି କବି ଦେଇଛନ୍ତି । ଭାଷା ମାର୍ଜିତ ଓ ସଂସ୍କୃତ ବହୁଳଥିବାରୁ ସାଧାରଣ ପାଠକ ପକ୍ଷେ ଭାବ-ଗ୍ରହଣରେ କଷ୍ଟ ହେଲେ ମଧ୍ୟ ପଣ୍ଡିତ ଗ୍ରାହକ ପକ୍ଷେ ତୋଷଦାୟକ ହେଉଛି ।

(୨) ପୌରାଣିକ ଆଖ୍ୟାନକୁ ଅବଲମ୍ବନ କରି ସୁଭଦ୍ରା ପରିଣୟ, କଳାକଉତୁକ, ବୈଦେହୀଶ ବିଳାସକୁ ବିବିଧ ଅଳଙ୍କାର ପ୍ରୟୋଗ କରି ରଚନା କରିଛନ୍ତି । ଏଥିରୁ ସୁଭଦ୍ରାହରଣ ମହାଭାରତର ପ୍ରସଙ୍ଗ, କଳାକଉତୁକ କୃଷ୍ଣଙ୍କ ଗୋପଲୀଳାର ପ୍ରସଙ୍ଗ ଓ ବୈଦେହୀଶ ବିଳାସ ରାମାୟଣର ପ୍ରସଙ୍ଗ । ଉତ୍କଳରେ ମହାଭାରତର ବିଭିନ୍ନ 'ହରଣ' ଶାରଳା-ଦାସଙ୍କ ସମୟରୁ ବିଶେଷ ଭାବରେ ଆଦୃତ ହୋଇ ଆସୁଅଛି; କବି ଏହି ସର୍ବଜନପ୍ରିୟ ପୌରାଣିକ ସତ୍ୟଚରିତ 'ହରଣ' ଉପାଖ୍ୟାନକୁ କବିତ୍ୱପୂର୍ଣ୍ଣ ପଦାବଳୀରେ ରୂପଦାନ କରିଛନ୍ତି ।

(୩) ସୁଭଦ୍ରାହରଣ ସକାରାଦ୍ୟ କାବ୍ୟ, କଳାକଉତୁକ କକାରାଦ୍ୟ କାବ୍ୟ ଓ ବୈଦେହୀଶ ବିଳାସ ବକାରାଦ୍ୟ କାବ୍ୟ । 'ସୁଭଦ୍ରା'ଙ୍କ ଚରିତ ଏଥିର ବର୍ଣ୍ଣିତ ବିଷୟବସ୍ତୁ ଥିବାରୁ କବି ନାୟିକା ନାମର ଆଦ୍ୟ ବର୍ଣ୍ଣର ସାମ୍ୟ ରକ୍ଷାକରି କାବ୍ୟଟି ସକାରାଦ୍ୟ କରିଛନ୍ତି ।

(୪) କବି ନିଜ ଜୀବନୀ ଓ କାବ୍ୟ ସମ୍ପର୍କୀୟ କେତେକ ସୂଚନା ଏଥିରେ ଦେଇଛନ୍ତି । ନାମ, ସଂଜ୍ଞା ଓ ଉପାଧି ସମ୍ପର୍କୀୟ ତଥ୍ୟ ଏଥିରେ ପ୍ରଦତ୍ତ ହୋଇଛି ।

ସୀତା ବଲ୍ଲଭ, ପଦ ସୁମନ ମନେ ଚିନ୍ତି,
ସଂଜ୍ଞା ଭଞ୍ଜ ନାମ ଉପଇନ୍ଦ୍ର ପଦ ବୀରବର ଯେ ରଚନ୍ତି । ୩୬ ।

(୧୦ମ ଛାନ୍ଦ)

କବି ସ୍ୱ କାବ୍ୟ ସମ୍ବନ୍ଧରେ କେତେକ ସୂଚନା ଦେଇଛନ୍ତି । କାବ୍ୟବସ୍ତୁ କଳ୍ପିତ ନୁହେଁ, ପୁରାଣ ବର୍ଣ୍ଣିତ ସତ୍ୟ ଚରିତ ।

ସତର ଛାନ୍ଦ ଏ ସରସ ଗୀତ, ସତ୍ୟଚରଣ ନୃହରି କଳିତ ।
ସହିତ ବହିତ ସକାରମାନ   ସାତଶ ପଞ୍ଚବିଂଶ ପଦେ ପୂର୍ଣ୍ଣ,
ଶରାମ ବହିତ,
ସକାର ଦଣ୍ଡ ପାଦାଦ୍ୟେ ବହିତ । ୨୩ ।

ସୁରସ ସୁଗୁଣ ଚରିତ ସହୁଁ, ସାଧୁ ରସିକ ମାନସକୁ ମୋହୁ ।
ସହଜେ ଏକବର୍ଣ୍ଣ ନିଷ୍ପନ୍ନରୁ, ସକଳ ମୂର୍ଖଙ୍କୁ ସନ୍ତୋଷ କରୁ ।
ସର୍ବକବିଶିରୀ,
ସୁପଦ ଆଶରେ କରୁ ମୋହିତ । ୨୪ ।

ସୁମନଙ୍କଭୂକ ହେ କାନ୍ତ ଭୂପ, ସକାଶେ ନୋହୁ ଏ ପୁସ୍ତକ ଦାଶ
ସମସ୍ତ ଦେଶରେ ପ୍ରକାଶ ହେଉ, ସଂସାର ମଧ୍ୟେ ଚିରକାଳ ଥାଉ । X
। ୨୫ । (୧୭ଶ ଛାନ୍ଦ)

କବିଙ୍କ କଟୁ ସମାଲୋଚନା—କବି 'ଆଦିରସ'ର ପ୍ରକାଶକୁ ସମର୍ଥନ କରି ସୁଭଦ୍ରା ପରିଣୟରେ କେତେକ ପଦ ରଚନା କରିଛନ୍ତି; କୁଟିଳ ସମାଲୋଚକଙ୍କୁ ଅତି କଷ୍ଟର ଭାବରେ ଗାଳି ଦେଇଛନ୍ତି ।

ସାରମେୟ ପ୍ରାୟ ହୋଇ ହେ ନୃଶଂସବ୍ରାତ,
ସୁନ ବ୍ୟର୍ଥେ ନ କରିବ ନ ବୁଝି ଏ ଗୀତ ।
ସ୍ୱଭାବେ କୁଟିଳ ତୁମ୍ଭେ ତାହା ପୁଚ୍ଛ ପରି
ସିଦ୍ଧି ଲେଖିଲୁ ଶିଶୁ କି କାବ୍ୟ ଅର୍ଥ କରି ?
ସମ୍ଭାବ୍ୟ ନୋହିବ କିଛି ତୁମ୍ଭ କହିବାର
ଶୁଣିଲୁ ହେଳରେ ବାଟ ସମଭୂତ ଧରି । (୧୩ଶ ଛାନ୍ଦ)

ମନେ ହୁଏ, କବିଙ୍କ ଜୀବିତାବସ୍ଥାରେ କେହି କେହି ଆଦିରସର ଉତ୍କଟ ପ୍ରକାଶକୁ ଲକ୍ଷ୍ୟ କରି, କଟୁ ସମାଲୋଚନା କରିଥିଲେ ଏବଂ କବି କ୍ରୋଧରେ ସେମାନଙ୍କୁ 'କୁକୁର' ସହିତ ତୁଳନା କରିଛନ୍ତି । କବିଙ୍କ ଏ କଟୁ ସମାଲୋଚନା ଅନୁଚିତ ସୀମାରେ ପହୁଞ୍ଚିଛି ବୋଲି ବୋଲିବାକୁ ହେବ ।

ଅବନା ରସତରଙ୍ଗ

"ଅବନା ରସତରଙ୍ଗ" କାବ୍ୟଟିରେ କବିଙ୍କର ଗଭୀର ପାଣ୍ଡିତ୍ୟ ଓ ଉଚ୍ଚ କୋଟୀର କବିତ୍ୱଶକ୍ତି ପ୍ରକାଶ ପାଇଛି । ବାରଟି କ୍ଷୁଦ୍ର କ୍ଷୁଦ୍ର ଛାନ୍ଦରେ କବି ରାମାୟଣଚରିତକୁ ଅବନା ଅକ୍ଷରରେ ରଚନା କରି ଅଦ୍ଭୁତ ପାଣ୍ଡିତ୍ୟର ସୂଚନା ଦେଇଛନ୍ତି ।

ଓଷ୍ଠ୍ୟ ଅଓଷ୍ଠ୍ୟ ଭାବରେ ରଚିତ ଏହି କାବ୍ୟଟି ଭାରତୀୟ ସାହିତ୍ୟ ରାଜ୍ୟରେ ଶବ୍ଦ ପାଣ୍ଡିତ୍ୟର ଏକ ଅତୁଳନୀୟ କୃତି ହୋଇ ଚିରଦିନ ରହିଥିବ । ଉଭୟ ଭାଷାରେ କବିଙ୍କ ଗଭୀର ପାଣ୍ଡିତ୍ୟ ଏଥିରେ ପ୍ରକାଶ ପାଇଛି ।

ପଦରଚନାରେ କବିଙ୍କ ନୂଆଭାଷା ପ୍ରୟୋଗ ତାଙ୍କ ପାଣ୍ଡିତ୍ୟର ଅନ୍ୟ ଏକ ଉଦାହରଣ ।

କବି 'ଅବନା' ଶବ୍ଦକୁ ଅବଲମ୍ବନ କରିଥିବାରୁ କେତେକ ସ୍ଥାନରେ ବିକଳାଙ୍ଗ ଶବ୍ଦରୂପ ଦେଖାଯାଏ; ଏହା କବିଙ୍କ ପକ୍ଷରେ ଦୋଷାବହ ନୁହେଁ । କେତୋଟି ଉଦାହରଣ:—

(୧) ଅନଭବ ଅଛଇତ ଦଗଧ କଷଣ ସତ । ୧୭ । (୪ର୍ଥ) ଅନୁଭବ ସ୍ଥାନରେ ଅନଭବ ।

(୨) କଦଳକ କଷ୍ଟ ଏଣ ସଫଳ ଶସ୍ୟ । ୨୦ । (୪ର୍ଥ) ଏଣୁ ସ୍ଥାନରେ ଏଣ ।

(୩) ଉତ୍ତମ ଜନ କରଇ ଏ ଉପମ କନକ ସମ ଅପଘନ । ୯ । (୭ମ ଛାନ୍ଦ) ଉପମା ସ୍ଥାନରେ ଉପମ ।

ବୈଦେହୀଶ ବିଳାସ, ରାମଲୀଳାମୃତ ଓ ଅବନା ରସତରଙ୍ଗ—ରାମାୟଣ ବିଷୟିକ କାବ୍ୟ ।

ଅବନା ରସତରଙ୍ଗରେ ରାମଚନ୍ଦ୍ରଙ୍କ ଆବିର୍ଭାବଠାରୁ ଆରମ୍ଭ କରି ସୀତା ଉଦ୍ଧାର ପରେ ସୀତା ରାମଙ୍କର ଅଯୋଧ୍ୟାକୁ ପ୍ରତ୍ୟାଗମନ ପର୍ଯ୍ୟନ୍ତ ମୁଖ୍ୟ ଚରିତଗୁଡ଼ିକ ସଂକ୍ଷେପରେ ବର୍ଣ୍ଣିତ ହୋଇଛି । ସ୍ୱାମୀ ସ୍ତ୍ରୀଙ୍କ ବିଚ୍ଛେଦ ପରେ ରାମଙ୍କର ବିଭିନ୍ନ ଋତୁରେ ବିରହାନୁଚିନ୍ତା କାବ୍ୟରେ ମୁଖ୍ୟ ସ୍ଥାନ ଅଧିକାର କରିଛି, କାବ୍ୟ-କଳେବରର ବହୁଳାଂଶ ଏହି ଭାବନାରେ ପୂର୍ଣ୍ଣ ହୋଇଛି ।

କବି ଅବନା ବ୍ୟତୀତ ଅନ୍ୟାନ୍ୟ ଅଳଙ୍କାର ପ୍ରୟୋଗ ମଧ୍ୟ କରିଛନ୍ତି । ଉପମା, ଉତ୍ପ୍ରେକ୍ଷା, ଉପମାନନ୍ଦା, ଯମକ, ଶୃଙ୍ଖଳା, ସିଂହାବଲୋକନ ପ୍ରଭୃତି ଏଥିରେ ଶୋଭନ ଭାବରେ ବ୍ୟବହୃତ ହୋଇଛି ।

କାବ୍ୟଟିରେ ରାମଙ୍କ ମେଘଦୂତ, ପବନଦୂତ, ପବନାତ୍ମଜ ଦୂତ, ସୀତାଙ୍କ ଶୋଭା ଓ ଋତୁ ବର୍ଣ୍ଣନାଦି ପ୍ରାକୃତିକ ବର୍ଣ୍ଣନା ଅତି ମନୋହର ଓ କବିତ୍ୱପୂର୍ଣ୍ଣ ହୋଇଛି । ସୀତାଙ୍କ ମୁଖମଣ୍ଡଳ, ନେତ୍ରାଦିର ଶୋଭାବର୍ଣ୍ଣନାରେ କବି ଅନନ୍ୟ ସାଧାରଣ କବିପ୍ରତିଭା ପ୍ରକାଶ କରିଛନ୍ତି ।

କାବ୍ୟଟି ବାରଟି ଛାନ୍ଦରେ ରଚିତ, ମୋଟରେ ୩୮୧ ପଦ ବା ୬୮୮ ପାଦ ଏଥିରେ ଅଛି । କବି ପ୍ରାୟ ତିନି ଚତୁର୍ଥାଂଶ ସହସ୍ର ଚରଣ କବିତ୍ୱ ଓ ପାଣ୍ଡିତ୍ୟ ପୂର୍ଣ୍ଣ ପଦ୍ୟ ଅବନା ଅକ୍ଷରରେ ରଚନା କରି ଏକ ନୂତନ ବଳିଷ୍ଠ ଆଦର୍ଶ ସ୍ଥାପନ କରି ପାରିଛନ୍ତି ; ଏହାକୁ ସାହିତ୍ୟଜଗତରେ ଏକ ଆଶ୍ଚର୍ଯ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ ।

କଥାସାର—୧ମ ଛାନ୍ଦ—ରାମଙ୍କ ଆବିର୍ଭାବ, ରାକ୍ଷସନାଶନ, ବିବାହ, ବନବାସ, ରାବଣଦ୍ୱାରା ସୀତାହରଣ, ଲଙ୍କାରେ ସୀତା, ସୀତାଙ୍କୁ ଇନ୍ଦ୍ରଙ୍କ ଅମୃତଦାନ ଓ ରାବଣ ବଧ ରହସ୍ୟ କଥନ, ସୀତାଙ୍କ ଦୁଃଖ ।

୨ୟ ଛାନ୍ଦ—ମାୟାମୃଗକୁ ବଧ କରି ରାମ କୁଟୀରକୁ ପ୍ରତ୍ୟାବର୍ତ୍ତନ । ସୀତାଙ୍କୁ ନ ଦେଖି ରାମଙ୍କ ଶୋକ । ବନର ବୃକ୍ଷଲତା, ପଶୁପକ୍ଷୀ ପ୍ରଭୃତିଙ୍କୁ

ରାମ ସୀତାଙ୍କ ସମ୍ବାଦ ପ୍ରଶ୍ନ କରି ବିକଳ ହେଲେ । ଜଟାୟୁଠାରୁ ରାବଣ ସୀତା ହରଣ କରିଥିବା ପ୍ରସଙ୍ଗ ରାମ ଶୁଣିଲେ । ଚକ୍ରବାକଙ୍କ ଶାପ, କବନ୍ଧ ବଧ ।

୩ୟ ଛାନ୍ଦ—ରାମଙ୍କ ଗୋପାଳପୁରକୁ ବରଦାନ, ଶବର ଦତ୍ତ ଫଳ ଭକ୍ଷଣ, ହନୁମାନ ସଙ୍ଗେ ଭେଟ, ସୁଗ୍ରୀବ ସଙ୍ଗେ ମୈତ୍ରୀ, ଦୁନ୍ଦୁଭି ରାକ୍ଷସ ବଧ, ସପ୍ତଶାଳବୃକ୍ଷ ଭେଦ, ବାଳି ବଧ ଓ ସୁଗ୍ରୀବଙ୍କ ସିଂହାସନ ପ୍ରାପ୍ତି, ମାଲ୍ୟବନ୍ତରେ ଅବସ୍ଥାନ, କନ୍ୟାମାସରେ ଲଙ୍କା ଅଭିଯାନ ସଂକଳ୍ପ, ମାଲ୍ୟବନ୍ତରେ ବର୍ଷାକାଳ ଯାପନ ।

୪ର୍ଥ ଛାନ୍ଦ—ବର୍ଷାକାଳ । ରାମଙ୍କ ବିରହ ।

୫ମ ଛାନ୍ଦ—ରାତିରେ ରାମଙ୍କ ସ୍ୱପ୍ନ ଓ ସ୍ୱପ୍ନ ଭଙ୍ଗ ପରେ ବିଳାପ । ରାମଲକ୍ଷ୍ମଣଙ୍କ ସାନ୍ତ୍ୱନା ଓ ଉପଦେଶ ।

୬ଷ୍ଠ ଛାନ୍ଦ—ବସନ୍ତ ଋତୁ । ପବନକୁ ସମ୍ବୋଧନ କରି ରାମଙ୍କ ବିରହବେଦନା ଜ୍ଞାପନ ।

୭ମ ଛାନ୍ଦ—ବର୍ଷାକାଳ । ଜଳଧରକୁ ସମ୍ବୋଧନ କରି ରାମଙ୍କ ବିରହବେଦନା ପ୍ରକାଶ ।

୮ମ ଛାନ୍ଦ—ଶରତ ଋତୁ । ବର୍ଷା ଯାଇ ଶରଦ ଉପସ୍ଥିତ ହୋଇଥିଲେ ମଧ୍ୟ ସୁଗ୍ରୀବ ଆସି ନଥିବାରୁ ରାମଙ୍କ ଚିନ୍ତା । ରାମଙ୍କଦ୍ୱାରା ଲକ୍ଷ୍ମଣ କିଷ୍କିନ୍ଧ୍ୟାକୁ ଗମନ । ବନର ଖଗନଗାଦିଙ୍କୁ ରାମଙ୍କ ସୀତାପ୍ରସଙ୍ଗ ପ୍ରଶ୍ନ । ସୀତାଙ୍କୁ ରାବଣ ଚୋରାଇ ନେଇଥିବା ପ୍ରସଙ୍ଗ ବକ ରାମଙ୍କୁ କହିଲା ଓ ସେ ସମୟରେ ସୀତାଙ୍କ କ୍ରନ୍ଦନର ବର୍ଣ୍ଣନା କଲା ।

୯ମ ଛାନ୍ଦ—ରାମଙ୍କ ଦ୍ୱାରା ସୀତାଙ୍କ ନେତ୍ର ଓ ବଦନ ଶୋଭା ବର୍ଣ୍ଣନ ।

୧୦ମ ଛାନ୍ଦ—ରାମଙ୍କଦ୍ୱାରା ସୀତାଙ୍କ ଦେହକାନ୍ତି, କେଶ, କରାଦି ଅବୟବର ଶୋଭା ବର୍ଣ୍ଣନ । ଜଟାୟୁଙ୍କୁ ରାମଙ୍କ ବରପ୍ରଦାନ ।

୧୧ଶ ଛାନ୍ଦ—କିଷ୍କିନ୍ଧ୍ୟାରେ ରାମଲକ୍ଷ୍ମଣଙ୍କ ପ୍ରବେଶ । ଶୀତ ଋତୁର ପ୍ରବେଶ । ରାମଙ୍କ ସନ୍ଦେଶ ବହନ କରି ସୀତାଙ୍କ ଅନ୍ୱେଷଣରେ ହନୁମାନ ଲଙ୍କାକୁ ଗଲେ, ଅଙ୍ଗଦ ମଧ୍ୟ ସଙ୍ଗରେ ଗଲେ । ସମ୍ପାତି ଲଙ୍କାମାର୍ଗ ଦେଖାଇଲେ ।

୧୨ଶ ଛାନ୍ଦ—ବସନ୍ତ ଋତୁର ଆଗମନ । ଏହି ସମୟରେ ହନୁମାନ ଲଙ୍କାକୁ ଯାତ୍ରା କଲେ । ଲଙ୍କାଦେବୀଙ୍କୁ ପରାସ୍ତ କରି ହନୁମାନ ତାଙ୍କ ସାହାଯ୍ୟରେ ଲଙ୍କା ଭିତରେ ପ୍ରବେଶ କଲେ । ହନୁମାନ ସୀତାଙ୍କୁ ଭେଟିଲେ । ହନୁମାନଠାରୁ ରାମ ସୀତାଙ୍କ ସମ୍ବାଦ ଶୁଣିଲେ । ରାମ ସୁଗ୍ରୀବାଦିଙ୍କ ସହ ଲଙ୍କା ଆକ୍ରମଣ କଲେ । ଲଙ୍କା ଯୁଦ୍ଧରେ ରାବଣ ବଧ । ସୀତା ଉଦ୍ଧାର । ରାମସୀତାଙ୍କ ଅଯୋଧ୍ୟା ପ୍ରତ୍ୟାଗମନ ।

ପଦ୍ୟାମୃତ—(୧) ବର୍ଷାକାଳ ଉପସ୍ଥିତ ହେବାରୁ ବିରହୀ ରାମଚନ୍ଦ୍ର କନ୍ଦର୍ପ ଜ୍ୱାଳାରେ ପୀଡ଼ିତ ହୋଇ କନ୍ଦର୍ପଙ୍କୁ ସ୍ତୁତି କଲେ ।

× ଏ ସ୍ତବ କଥନ ସତ୍ୱର
ମମ ଏକଜନ ହରି ଭ୍ରମ ନ କର । ୧୩ ।
ଜନକ ସତ୍ୟ ବତ୍ସଳ, ଗମନ ଗହନସ୍ଥଳ,
ଭସ୍ମ ଚର୍ମ ଜଟାଧର ନଗ ଭବନ
ଅଳକ ତଳର ସତି, ଅଙ୍କ ଶଶଧରବତି,
ଦଗ୍‌ଧ ସ୍ୱର୍ଣ୍ଣବତ ଧନ ଦରି ବସନ ।
ତବ ପରି ହସ୍ତ ନୟନ, ଉରଗ ଅଙ୍ଗଦ ବୃଷଧ୍ୱଜ ଉଲଗ୍ନ । ୧୪ ।
ଚଳ ଚଳ ମନମଥ, ରଜତପ୍ରସ୍ଥ ପ୍ରମଥ,
ବରି ସଙ୍ଗ ଅନରଥ ସମର୍ପଣ,
ଏକସ୍ଥ ଦମ୍ଭ ନ ମନ୍ଥ, ଏ ଯଶ ପ୍ରକଟ ବ୍ୟର୍ଥ
ନ ବହ ନ ବହି ଏଣ ମଦ ଲକ୍ଷଣ ।
ସର୍ପ ସମ ପରି ଅପରି,
ନ କର ନ କର ହତ ପଞ୍ଚମ ଶର । ୧୫ । (୪ର୍ଥ ଛାନ୍ଦ)

ଦାରୁଣ ଚିନ୍ତା, ବ୍ୟଥିତ ହୃଦୟ, ଜଟାଧାରୀ, ବନବାସୀ ରାମଚନ୍ଦ୍ରଙ୍କୁ କନ୍ଦର୍ପ ସ୍ୱଶର ହର ବୋଲି ଭାବି ବିନାଶ କରିବାକୁ ଉଦ୍ୟତ ନ ହେଉ, ଏହା ରାମଚନ୍ଦ୍ର କହୁଛନ୍ତି । ଉପମା ମଣ୍ଡିତ, ଗମ୍ଭୀର ଚିନ୍ତାପ୍ରସୂତ ଏହି ପଦଗୁଡ଼ିକ ଅତୀବ ରମଣୀୟ ହୋଇଛି । ପୁଣି—

ଭସ୍ମ କରଇ ଇନ୍ଧନ, ହୁତ ଦହନ ବହନ,
ମମ ହୃତ ଅନ୍ତ ତବ ଏସନ ଦଣ୍ଡ
ଅନଭବ ଅଛଇତ, ଦଗଧ କପଣ ସତ,
ମହି ଅଯଶ ନ ମଣ୍ଡ ଏ ମର୍ତ୍ତ୍ୟଖଣ୍ଡ ।
ଖଳଦଣ୍ଡଇ ନତଜନ, ତବ ବଡ଼ ଯଶ ଚକ୍ରଧର ନନ୍ଦନ । ୧୬ ।

ରାମଚନ୍ଦ୍ର କନ୍ଦର୍ପଙ୍କୁ ସମ୍ବୋଧନ କରି ଯେଉଁ ସବୁ କଥା କହୁଛନ୍ତି ତାହା କବିଙ୍କର ଗମ୍ଭୀର ପାଣ୍ଡିତ୍ୟ ଓ କଳ୍ପନା ଶକ୍ତିର ପରିଚୟ ଦେଉଛି ।

(୨) ଧନ ରମ୍ୟ ସ୍ୱର୍ଣ୍ଣସର ସ୍ୱଚ୍ଛନ୍ଦନ ରସଭର,
ସଗନ୍ଧ ଅମଳ ଶତଦଳର ସ୍ଥଳ
ରଚଇ ରସତ ସତ ଧବଳ ପକ୍ଷର ମତ,
କରମ ଅନ୍ତରଗତ ମନ ଚଞ୍ଚଳ ।
ବ୍ରହ୍ମାଳୟ ତପସ ମତ, ସର୍ବଦଣ୍ଡ ଏକାଳୟ ମମ ଏ ସତ । ୨୭ ।
(୪ର୍ଥ ଛାନ୍ଦ)

(୩) ସତ କରମ କରଇ ସକଳ, ହର ଅଶନ କରକ ଗରଳ । ୫ ।
ମଳୟଜ ଜଗଇ ଗରଧର, ଶଶି ବହି ଧବଳ କର ଉର । ୬ ।
ତଦବତ ମମ ଧନ କରମ, ନରଧବ ଭବନର ଜନମ । ୭ ।
(୬ଷ୍ଠ ଛାନ୍ଦ)

(୪) ନବସପତ ବରଷ ବୟସ, ଏକ ଅବୟବ ରସ ହରଷ । ୨୪ ।
ମହି ସଉରଭ କର ସହଜ, ଷଟପଦ ନ ଇଚ୍ଛଇ ବନଜ । ୨୫ ।
ହସ ଝଳକ ଅପଲକ କର, ଏ ସତ ନଭସଦନ ଗଣର । ୨୬ ।
ଏସନକ ନୟନ ବଡ଼ପଣ, କଚ ଭ୍ରମରର କଜ୍ଜ୍ୱଳ ଶରଣ । ୨୭ ।
(୬ଷ୍ଠ ଛାନ୍ଦ)

(୫) ଜଳଦକୁ ସମ୍ବୋଧନ କରି ସୀତାଙ୍କଠାକୁ ଦୂତ ସ୍ୱରୂପ ଯିବା ନିମନ୍ତେ ରାମଚନ୍ଦ୍ର ଅନୁରୋଧ କରି ସୀତାଙ୍କୁ କିପରି ଚିହ୍ନିବେ, କିଣ କହିବେ ଇତ୍ୟାଦି ପ୍ରସଙ୍ଗ ଜଣାଉଛନ୍ତି ।—

ଅସମଶର ଉଚ୍ଛିନ୍ନ କରିଇତି, କଥନ କମଳନୟନ
କରି ଜଳଧର ସଦୟ ହୃଦୟ, ନ କରି ବରି ଗରଜନ ।
ଜଳଦ, ଚଳକ କନକ ନଗର,
ନ କରି ସଖି ପରଖରି ପବନ ଜଳ ବରିଷଣ ନ କରି । ୧ ।

ମମ ଧନର ଏସନ ପରସନ୍ନ ଚଞ୍ଚଳ କରି ଦରଶନ
ତଳ ତଳପ କରଣି ହିତ ସତ କଜ୍ଜଳ ସଜଳ ନୟନ ।
ଜଳଦ, ସତ ଏ ଯଶ ଅରଜନ
ଦହି କନକ ଚହକ ବରନର ରଜତସମ ଅଯତନ । ୨ ।

(୭ମ ଛାନ୍ଦ)

(୬) ମମ ପଲ୍ଲବ ଭରି ନଗ ପଛରି ଗତି ଦରଶନ ବଶରି
ଅନ ଉପମ ପରସନ୍ନ ଧରଇ ବସନ ଜରି ଜରି ଜରି ।
ଜଳଦ, ଧନ ମମ ଦରଶନରି
ସଲକ୍ଷ ବଶ ତରି ତରି ଓଲଗ କରଇ ସକଳ ଇତରି । ୧୬ ।

(୭ମ ଛାନ୍ଦ)

(୭) ରାମଙ୍କ ମୁଖରେ ସୀତାଙ୍କ ଶୋଭା ବର୍ଣ୍ଣନ (୯ମ ଓ ୧୦ମ ଛାନ୍ଦ) ଏ ଦୁଇଟି ଛାନ୍ଦର ପ୍ରତ୍ୟେକ ପଦ କବିତା ମାଧୁରୀରେ ପରିପୂର୍ଣ୍ଣ ଏବଂ କାବ୍ୟ ଜଗତରେ ଅତୁଳନୀୟ ।

ରାମଲୀଳାମୃତ

ରାମଲୀଳାମୃତ କାବ୍ୟଟି ଚଉଦଟି କ୍ଷୁଦ୍ର କ୍ଷୁଦ୍ର ଛାନ୍ଦରେ ରଚିତ । ରାମଜନ୍ମଠାରୁ ପଶୁରାମ ଦର୍ପ-ଭଙ୍ଗ ପର୍ଯ୍ୟନ୍ତ ରାମାୟଣାନ୍ତର୍ଗତ ଚରିତ ଏଥିରେ ବର୍ଣ୍ଣିତ ହୋଇଅଛି ; ସୀତା-ରାମ ବିବାହ ହିଁ ଏଥିର ମୁଖ୍ୟ ବିଷୟବସ୍ତୁ ।

ଅବନା ରସତରଙ୍ଗ ଓ ବୈଦେହୀଶ ବିଳାସରେ କବି ରାମଜନ୍ମଠାରୁ ସୀତା ଉଦ୍ଧାର ପରେ ରାମ ସୀତାଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ପ୍ରସଙ୍ଗ ବର୍ଣ୍ଣନା କରିଛନ୍ତି । ଉତ୍ତରାକାଣ୍ଡ ଚରିତ ଦୁଃଖପୂର୍ଣ୍ଣ ହୋଇଥିବାରୁ କବି ପରଂପରାକୁ ଅବଲମ୍ବନ କରି ସେହି ବିଷୟକୁ ଉକ୍ତ କାବ୍ୟମାନଙ୍କରେ ତ୍ୟାଗ କରିଥିବା ବୈଦେହୀଶ ବିଳାସରୁ ଜଣାପଡ଼େ ।

ବିଶେଷତ୍ୱ—(୧) କାବ୍ୟନାୟିକାଟି ବିବିଧ ବହୁସଂଖ୍ୟକ ଅଳଙ୍କାରରେ ଭାରାକ୍ରାନ୍ତ ହୋଇ ନାହିଁ; ସ୍ୱାଭାବିକ ବର୍ଣ୍ଣନାରେ କବି ଯେ ସିଦ୍ଧହସ୍ତ ଏହା ଏହି କାବ୍ୟରୁ ସ୍ପଷ୍ଟ ପ୍ରମାଣିତ ହେଉଛି । ଉପମା ଅଳଙ୍କାର ସୁଷମ ଭାବରେ ବ୍ୟବହୃତ ହୋଇ ପଦାବଳୀକୁ ରସାଳ କରିଛି । ଭାଷା ପାଣ୍ଡିତ୍ୟପୂର୍ଣ୍ଣ ଓ ମାର୍ଜିତ ।

(୨) ସମୟ —କାବ୍ୟଟିର ବିଭିନ୍ନ ଛାନ୍ଦରେ ରାଗନିର୍ଦ୍ଦେଶ ସ୍ଥଳରେ କବି ଅନ୍ୟ କବିମାନଙ୍କର କେତେକ ପ୍ରସିଦ୍ଧ ବାଣୀ ଓ ଛାନ୍ଦର ଉଲ୍ଲେଖ କରିଥିବାରୁ କାବ୍ୟ ଓ କବିଙ୍କ ସମୟ ନିର୍ଣ୍ଣୟ କରିବା ପାଇଁ ସୁବିଧା ହେଉଛି ।

୧ମ ଛାନ୍ଦ —ରାଗ—ମଙ୍ଗଳଗୁଜ୍ଜରୀ, ସଙ୍ଗମତିଆର ବାଣୀରେ ଗାଇବ ।
୨ୟ ଛାନ୍ଦ —ରାଗ—ରାମକେରୀ, ଯୋଗୀ ସମାଧି ବାଣୀ ।
୪ର୍ଥ ଛାନ୍ଦ —ରାଗ—ବସନ୍ତବରାଡ଼ି, ଆଦ୍ୟ ମଧୁରିର ବାଣୀ ।
୫ମ ଛାନ୍ଦ —ରାଗ—ରାମକିରି, ସ୍ୱପନ ଚେତିଆ ବାଣୀ ।
୬ଷ୍ଠ ଛାନ୍ଦ —ରାଗ—କଉଶିକ, କୁମୁଦକାନ୍ତ ବାଣୀ ।

(୩) କାବ୍ୟଟିର ଶେଷରେ କବି ନିଜର ପିତା, ପିତାମହଙ୍କ ନାମୋଲ୍ଲେଖ କରିଛନ୍ତି । ନିଜର 'ବୀରବର' ଉପାଧି ଏକାଧିକ ସ୍ଥାନରେ ବ୍ୟବହାର କରିଛନ୍ତି ।

ରାମଲୀଳାମୃତ ଏ ଗୀତାଭିଧାନ ଯେ,   ଧନଞ୍ଜୟ ନୃପତି ସୁତ ନନ୍ଦନ ଯେ,

× ସୁକବିଭଞ୍ଜ ବୀରବରର ରଚନା ହେଉ ଲୋକ ପ୍ରଚୁର
ଶ୍ରୁତି ଲପନେ କୋବିଦମାନେ କରନ୍ତୁ ପାନ ହେ । (ଶେଷ ଛାନ୍ଦ)

"ଧନଞ୍ଜୟ ନୃପତିସୁତ ନନ୍ଦନ" ପଦରୁ ଜଣାଯାଉଛି କାବ୍ୟଟି ଶେଷ ହେବା ସମୟକୁ ରାଜା ଧନଞ୍ଜୟ ଭଞ୍ଜ ଜୀବିତ ଥିଲେ ।

(୪) କାବ୍ୟଟିର ଭାଷା, ରଚନାଭଙ୍ଗୀ, ଭାବଗାମ୍ଭୀର୍ଯ୍ୟ, ବର୍ଣ୍ଣନାଚାତୁରୀ ପ୍ରଭୃତି କବିଙ୍କ ପ୍ରତିଭାର ପୂର୍ବାଭାସ ।

(୫) ଉପେନ୍ଦ୍ର ଭଞ୍ଜ ରାମଲୀଳାମୃତରେ ଚାରି ଧର୍ମ-ସମ୍ପ୍ରଦାୟର ନାମୋଲ୍ଲେଖ କରି ରାମ ସମସ୍ତଙ୍କର ଆରାଧ୍ୟ ଥିବା ପ୍ରତିପାଦନ କରିଛନ୍ତି । କବି କାବ୍ୟଟିର ଏକାଧିକ ଛାନ୍ଦ ଭଣିତା ସ୍ଥଳରେ ଏହାର ଉଲ୍ଲେଖ କରିଥିବାରୁ ଏଥି ପ୍ରତି ସେ ବିଶେଷ ଗୁରୁତ୍ୱ ଆରୋପ କରିଥିବା ସ୍ପଷ୍ଟ ହେଉଛି ।

କବି 'ହରିହର' ଉପାସନାର ସୂଚନା ଦେଇଛନ୍ତି । କବି ମୁଖ୍ୟତଃ ରାମ ଉପାସକ ଥିଲେ ମଧ୍ୟ ଅନ୍ୟ ଦେବଦେବୀ ବା ସମ୍ପ୍ରଦାୟ ପ୍ରତି ତାଙ୍କର ଘୃଣାଭାବ ନଥିବା ଏଥିରୁ ସ୍ପଷ୍ଟ ହେଉଛି ।

(କ) ସୁହୃଦୟ ଭବସନ୍ତାପନାଶନ ମହାକାଳସଖା ନନ୍ଦନ
ବୈଷ୍ଣବ ଶୈବ ଶାକ୍ତ ଗାଣପତ୍ୟଙ୍କ ହରିପଦାଚିତା ପ୍ରବନ୍ଦନ × × । ୩୬ ।
(୬ଷ୍ଠ ଛାନ୍ଦ)

(ଖ) ସ୍ୱରୂପ ଧର୍ମରାଜସୁନନ୍ଦାନ ସାରସଚରଣଶରଣ
ବିନା ହେ ବୈଷ୍ଣବ ଗାଣପତ୍ୟ ଶୈବ ଶାକ୍ତ ଜାଣ ନାହିଁ କାରଣ,
ଏଣୁ ସେ, ପ୍ରାଣୀର ସଦା ଭଜନୀୟ
କହେ ଉପଇନ୍ଦ୍ର ଭଞ୍ଜ ବୀରବର ଯେ ଜୟପଦ ସୁଖଦାୟି । ୨୬ ।
(୭ମ ଛାନ୍ଦ)

(ଗ) ଶ୍ରୀନିବାସ ସେ ସମସ୍ତ କାଳରେ । ମହାଦେବ ତୋଷ ଯୋଗକୁ କରେ ।
ବୈଷ୍ଣବ ଶୈବ ଶାକ୍ତ ଗାଣପତ୍ୟ । ଶାସ୍ତ୍ର ଅନୁଭବେ ବୋଲନ୍ତି ନିତ୍ୟ ।
ସେ ପ୍ରଭୁ ଚରଣ, ଉପଇନ୍ଦ୍ର ଭଞ୍ଜ ପଶେ ଶରଣ । ୩୧ । (୮ମ ଛାନ୍ଦ)

ରାମଲୀଳା କାବ୍ୟ—ଉପେନ୍ଦ୍ର ରାମଲୀଳାମୃତ କାବ୍ୟଟିକୁ 'ରାମଲୀଳା' ନାଟକୋପଯୋଗୀ କରିଥିବା ଅନୁମାନ କରାଯାଏ । କାବ୍ୟଟିର ବର୍ଣ୍ଣନାତ୍ମକ ପଦାବଳୀ ଏହାର ଏକ ପ୍ରମାଣ । 'ଲୀଳା' ଗୀତ-ନାଟ୍ୟରେ ସର୍ବଜନବୋଧ୍ୟ

ସରଳଭାଷା ବ୍ୟବହୃତ ହୋଇଥାଏ; ସମସାମୟିକ ବିଶ୍ୱନାଥ ଖୁଣ୍ଟିଆଙ୍କ 'ବିଚିତ୍ର ରାମାୟଣ' ଏହାର ପ୍ରମାଣ । ପରବର୍ତ୍ତୀ ସମୟର ଚକଡି ରାଜା ପିତାମ୍ବର ଦେବଙ୍କ ରାମଲୀଳା, କେଶବ ପଟ୍ଟନାୟକଙ୍କ ରାମାୟଣ, ଈଶ୍ୱର ଦାସଙ୍କ ରାମାୟଣ ଲୀଳା, ରାଜେନ୍ଦ୍ର ଦେବଙ୍କ ରାମଲୀଳା ପ୍ରଭୃତି 'ଲୀଳା' କାବ୍ୟମାନଙ୍କରେ ସରଳ ଭାଷାର ବିଭିନ୍ନ ଛାନ୍ଦ ଅଛି । ଉପେନ୍ଦ୍ରଙ୍କ 'ରାମଲୀଳାମୃତ' ଉପେନ୍ଦ୍ରଙ୍କ ଦୃଷ୍ଟିରୁ ସରଳ ହେଲେ ମଧ୍ୟ ସର୍ବଜନଙ୍କ ପକ୍ଷରେ ସେତେ ସରଳ ନୁହେଁ । ଭାଷାର ଅ-ସରଳତା ଏହି କାବ୍ୟଟିକୁ 'ଲୀଳା'ରେ ବ୍ୟବହାର କରିବାରେ ବାଧା ସୃଷ୍ଟି କରିବା ସମ୍ଭାବନା ଥିବାରୁ 'ଲୀଳା'କାବ୍ୟରୂପେ ଏହାର ପ୍ରଚଳନ ଦେଖାଯାଏ ନାହିଁ ।

ରାମଲୀଳାମୃତକୁ ଏକ ଉଚ୍ଚକୋଟୀର କାବ୍ୟରୂପେ ସୁଧୀସମାଜ ଗ୍ରହଣ କରିବା ଆଶା କବିଙ୍କର ରହିବା ସ୍ୱାଭାବିକ, ଏହି ପ୍ରସଙ୍ଗରେ ଶେଷ ଛାନ୍ଦରେ ଲେଖିଛନ୍ତି—

ମୋହର ଭୁବନ ଚଉଦ ଛାନ୍ଦ   ଗୀତରଞ୍ଜନ ପଦକୁ ପଦ
ସୁବୁଦ୍ଧି କାବ୍ୟପ୍ରଶଂସା ଏଥି ନଶ୍ଚେ ସମ୍ଭବ ଯେ,
ଯେନବେ ସୁହୃଦୟ ଭାବରେ   କହିବେ ସାଧୁ କବି ମୁଖରେ
ଏ ପ୍ରତିପଦ ଅର୍ଥ ବୁଧକୁ ବୋଧ କରିବ ଯେ ।×୧୭। (୧୪ ଛାନ୍ଦ)

ବିବିଧ ରାଗର ବ୍ୟବହାର କାଳ—ରାମଲୀଳାମୃତରେ କବି କେତୋଟି ରାଗରାଗିଣୀର ବ୍ୟବହାର କାଳ ପ୍ରସଙ୍ଗକ୍ରମେ ବ୍ୟକ୍ତ କରିଛନ୍ତି । ମିଥିଳାପୁରରେ ବରଯାତ୍ରୀଙ୍କ ଆଗମନ, ବରଯାତ୍ରୀଙ୍କ ବିବାହ ବେଦୀଠାରେ ପ୍ରବେଶ ପ୍ରଭୃତି ବର୍ଣ୍ଣନା ଛାନ୍ଦରେ କବି ଏପରି ରାଗ-ଗାୟନ ସମୟର ସୂଚନା ଦେଇଛନ୍ତି (୧୧ଶ ଛାନ୍ଦ)—

୧ । ମଙ୍ଗଳ ରାଗ—

(କ) ଏଥୁ ଅନନ୍ତରେ ଜନକ ଆଦେଶେ; କୁଶଧ୍ୱଜବାଣୀବିଧାନେ
ରାମନୟନଶୋଭିକ ବେଶ କଲେ, ଅନ୍ତଃପୁରସ୍ଥ ନାରୀମାନେ

ସୁଗୀତ, ମଙ୍ଗଳ ରାଗରେ ପୂରିତ,
କରଚମ୍ପାମାଳା-ବଶରେ ମଣ୍ଡନ, ବରଗଣ୍ଡ ଏହା ଭୂଷିତ । ୧ । (୭ମ ଛାନ୍ଦ)

(ଖ) ଦଶମି ନିଶି ପ୍ରବେଶେ ବହୁତ ସାଧବୀ,
ଗନ୍ଧସିଲେ ଗନ୍ଧସାର ପୁଷ୍ପେ ଇଷ୍ଟ ଦେବୀ ଯେ । ୧ ।
ମୁଖର ରସନାଧ୍ୱନୀ ବାଦୁଁ ଶୁଭେ ଜିଣା
ମଙ୍ଗଳଗୀତ ପ୍ରକାଶ ସରସ୍ୱତୀ ବୀଣା ଯେ । ୨ । (୧୧ଶ ଛାନ୍ଦ)

୨ । ବସନ୍ତ ରାଗ—

ବରଙ୍କୁ ଗନ୍ଧସିବା ବେଳେ ମଙ୍ଗଳଗୀତ ଓ ବାହୁଡ଼ିବା ବେଳେ ବସନ୍ତ ରାଗ—

ବର ସୁଧାନଧିପୁରେ ଗନ୍ଧସିବା ପାଇଁ,
ନାରୀ ମିଳେ କେବଳ ମଙ୍ଗଳଗୀତ ଗାଇ ଯେ । ୮ ।
ଦେଇ ସୁଗନ୍ଧ ସୁମନା ବୋଲ ବର ଅଙ୍ଗେ,
ନେତ୍ର-ଗତି କରି ରାମା ପୀଡ଼ିତ ଅନଙ୍ଗେ ଯେ । ୯ ।

× × ×

ବାହୁଡ଼ନ୍ତ ନବର ବସନ୍ତ ରାଗ କରି,
ତହୁଁ ତାରେ ଗନ୍ଧସିଲେ ପୁରେ ସୁକୁମାରୀ । ୧୧ ।

୩ । ବଙ୍ଗଳାଶ୍ରୀ ରାଗ—

ଦଉ ଦଧିଗୁଡ଼ଭକ୍ତ ଷୋଡର ଗୃହଙ୍କି,
ଏ ବିଧି କଲେ ଜନକ ପୁରେ କୁମାରୀଙ୍କ । ୧୫ ।
ପୂଜା କରନ୍ତ କମଳା ଲବଣଚନ୍ଦ୍ରୀ,
ବଙ୍ଗଳା-ଶ୍ରୀ ରାଗ ତହିଁ ଶୁଭଇ ମାଧୁରୀ ଯେ । ୧୬ ।

୪ । ପଞ୍ଚହମଞ୍ଜରୀ—

ଏକାଳେ ଦନାନ୍ତ ଦଶରଥ ଦଣ୍ଡଧାରୀ,
ଗୃହିଁ ଅନୁକୂଳ ଜାତ ପଞ୍ଚହମଞ୍ଜରୀ ଯେ । ୨୩ ।

୫ । ମାଳବ (ଗଣିକାନୃତ୍ୟବେଳେ)—

କେଉଁଠାରେ ଗାୟନ ମଞ୍ଜୁଳ ମାଳବରେ,
କମନୀୟ ହୋଇଛୁ ମର୍ଦ୍ଦଳ ମଣ୍ଡଳରେ ଯେ । ୩୬ ।

୬ । ଆଶାବରୀ—

ଏଥିଅନ୍ତେ ରାମ ନିକଟ ଜନକକୁମାର,
ଆଶାବରୀ ବାଦିତ ହୋଇଛୁ ସେ କାଳର ଯେ । ୪୧ ।

୭ । ଭୂପାଳ—

ବାଧୂବନ୍ଦନକୁ କବା ଆସେ ନନ୍ଦପତି,
ଭୂପସାର ପ୍ରକାଶି ସେ ଏମନ୍ତ ପ୍ରଖ୍ୟାତି ଯେ । ୪୬ ।

୮ । ଧନାଶ୍ରୀ (ମହୁରୀବାଜାରେ)—

ଚଳେ ସକଳ ମାଧୁରୀ ବାଜେ ଧନାଶ୍ରୀରେ,
ଉଚିତ ଯଶ ଖୁଣ୍ଟିଆ ମହିମା ଡାକରେ ଯେ । ୪୭ ।

୯ । ପଞ୍ଚମବରାଡ଼ି (ଖୁଣ୍ଟିଆ ଡାକ ଦେଇସାରି) —

ଖ୍ୟାତ ପଞ୍ଚମ ବରାଡ଼ୀ ସ୍ତୁତିପାଠ କରେ,
ପରାପରେ ଭୂତିଦାତା ଯେହ୍ନେ ଏକାକାରେ । ୫୦ ।

୧୦ । ଭୈରବ—

କେଉଁଠାରେ କଥନ ମାଗଧ ଯଶମାନ,
ଭଇରବ ସ୍ୱର ହୋଇଅଛୁ ଉଦ୍ଦୀପନ ଯେ । ୩୦ ।

ନୃତ୍ୟ ସମୟରେ ଗୀତର କେତୋଟି ରାଗର ନାମ କବି ସ୍ୱକୃତ କାବ୍ୟମାନଙ୍କରେ ପ୍ରସଙ୍ଗକ୍ରମେ ଉଲ୍ଲେଖ କରିଛନ୍ତି । କିନ୍ତୁ ରାମଲୀଳାମୃତ କାବ୍ୟରେ ନଅଟି ରାଗର ଗାୟନ ସମୟ ସୂଚନାରେ ପ୍ରକାଶ କରିଛନ୍ତି । ପୂର୍ବେ ଅନ୍ୟ କେହି କବି ଏପରି ବିସ୍ତୃତ ନିର୍ଦ୍ଦେଶ ଦେଇଥିବା ଜଣା ଯାଇନାହିଁ ।

ସାମାଜିକ ରୀତିନୀତି—ରାମଲୀଳାମୃତରେ କବି ବହୁ ସାମାଜିକ ରୀତିନୀତି ବର୍ଣ୍ଣନା କରିଛନ୍ତି । ସେଗୁଡ଼ିକ ସମସାମୟିକ ସମାଜରେ ପ୍ରଚଳିତ ଥିଲା ଏବଂ ବର୍ତ୍ତମାନ ମଧ୍ୟ ପ୍ରଚଳିତ ଅଛି । ବିବାହରେ ବରକନ୍ୟା ବେଶ, ବରଯାତ୍ରୀଙ୍କ ଶୋଭାଯାତ୍ରା, ବରବରଣ ଓ ବିବାହ ପ୍ରଭୃତି ବହୁ ବିଧିବିଧାନର ସୁନ୍ଦର ଚିତ୍ର କବି ଦେଇଛନ୍ତି । ବାଣ, ନୃତ୍ୟ ଓ ବରକୁ ଦେଖି ପୁରନାରୀମାନଙ୍କର କୌତୁକ କଥୋପକଥନ ଓ ବିଭ୍ରମ ପ୍ରଭୃତି ପ୍ରସଙ୍ଗ ଜୀବନ୍ତ ହୋଇଛି ।

କଥାସାର—୧ମ ଛାନ୍ଦ—ରାମାଦିଙ୍କ ଜନ୍ମ । ରାକ୍ଷସମାନଙ୍କ ଅତ୍ୟାଚାରରୁ ଯଜ୍ଞ ରକ୍ଷା ନିମନ୍ତେ ରାମଲକ୍ଷ୍ମଣଙ୍କୁ ବନକୁ ପଠାଇବା ପାଇଁ ବିଶ୍ୱାମିତ୍ରଙ୍କ ଦଶରଥଙ୍କଠାରେ ନିବେଦନ । ରାମ ଲକ୍ଷ୍ମଣଙ୍କୁ ସଙ୍ଗରେ ନେଇ ବିଶ୍ୱାମିତ୍ରଙ୍କ ବନଗମନ ।

୨ୟ ଛାନ୍ଦ—ତାଡ଼କା ଆଦି ଅସୁରମାନଙ୍କୁ ରାମଲକ୍ଷ୍ମଣ ବଧକରି ବନକୁ ନିରାପଦ କଲେ । ସୀତା ସ୍ୱୟମ୍ବର ପ୍ରସଙ୍ଗ ବିଶ୍ୱାମିତ୍ର ରାମଲକ୍ଷ୍ମଣଙ୍କୁ କହିଲେ ।

୩ୟ ଛାନ୍ଦ—ବିଶ୍ୱାମିତ୍ର ସୀତାଙ୍କ ଶୋଭା ବର୍ଣ୍ଣନା କଲେ ।

୪ର୍ଥ ଛାନ୍ଦ—ମୁନି ବିଶ୍ୱାମିତ୍ରଙ୍କ ସଙ୍ଗରେ ରାମଲକ୍ଷ୍ମଣ ବନର ବହୁସ୍ଥାନ ଭ୍ରମଣ କଲେ । ଅହଲ୍ୟାଶାପ ଚରିତ । ଅହଲ୍ୟାଶାପ ମୋଚନ । ଗଙ୍ଗାପାର ଓ ଧୀବରଙ୍କ ପ୍ରତି କୃପା ।

୫ମ ଛାନ୍ଦ—ରାମଲକ୍ଷ୍ମଣ, ବିଶ୍ୱାମିତ୍ରଙ୍କସହିତ ମିଥିଳା ନଗରରେ ପ୍ରବେଶ । ନଗରର ସଂସ୍କୃତି ଓ ସମୃଦ୍ଧି ଅବସ୍ଥା । ରାମଙ୍କ ଅପୂର୍ବ ଶୋଭାକୁ ଦେଖି ପୁରନାରୀମାନଙ୍କର ପ୍ରଶଂସା ।

୬ଷ୍ଠ ଛାନ୍ଦ—ସ୍ୱୟମ୍ବର ସଭା । ସଭାରେ ରାମଙ୍କୁ ଦେଖି ସୀତାଙ୍କ ସଖୀମାନେ ସୀତାଙ୍କୁ ଉପଯୁକ୍ତ ବର ମିଳିଲା ବୋଲି ଭାବନା କଲେ । ରାମଙ୍କ ଧନୁଭଙ୍ଗ । ସୀତା ଓ ଜନକ ପ୍ରଭୃତିଙ୍କ ଆନନ୍ଦ ।

୭ମ ଛାନ୍ଦ—ସଖୀମାନେ ସୀତାଙ୍କୁ ସୁବେଶ କଲେ । ସୀତା ବରଣମାଳା ଧରି ରାମଙ୍କ ଗଳାରେ ଦେଲେ । ରାମସୀତାଙ୍କ ବିବାହ ଦିନ ନିର୍ଣ୍ଣୟ କରିବା ନିମନ୍ତେ ଅଯୋଧ୍ୟାକୁ ମିଥିଳାରୁ ଦୂତ ଗଲେ ।

୮ମ ଛାନ୍ଦ—"ରାଘବେବଶ ସୀତାମ୍ବୁଜମୁଖୀ"ଙ୍କ "କୁସୁମ ବିଶିଖ ପ୍ରହାର"ରେ ଦୁଃଖୀ ହେଲେ ।

୯ମ ଛାନ୍ଦ—ମିଥିଳାଦୂତ ଅଯୋଧ୍ୟାରେ ପ୍ରବେଶ । ଦଶରଥଙ୍କ ମିଥିଳା ଯାତ୍ରା । ସୈନ୍ୟ, ବରଯାତ୍ରୀ ଓ ପହଞ୍ଚୁଆର ।

୧୦ମ ଛାନ୍ଦ—କନ୍ୟାମାନଙ୍କ ଶୋଭା । ଦଶରଥଙ୍କ ମିଥିଳାପୁରରେ ପ୍ରବେଶ । ବିବାହତିଥି ନିର୍ଣ୍ଣୟ ।

୧୧ଶ ଛାନ୍ଦ—ବିବାହ ଦିବସ । ବରଯାତ୍ରୀଙ୍କ ପହଞ୍ଚୁଆର । ବରକନ୍ୟାମାନଙ୍କର ବିବାହ ।

୧୨ଶ ଛାନ୍ଦ—ବର କନ୍ୟାଙ୍କ ମଧୁଶଯ୍ୟା ।

୧୩ଶ ଛାନ୍ଦ—କନ୍ୟା ବିଦାୟ ।

୧୪ଶ ଛାନ୍ଦ—ପୁତ୍ର-ପୁତ୍ରବଧୂଙ୍କୁ ସଙ୍ଗରେ ନେଇ ଦଶରଥଙ୍କ ଅଯୋଧ୍ୟାଭିମୁଖେ ଗମନ । ପରଶୁରାମ ଦର୍ପଭଙ୍ଗ । ବରକନ୍ୟାଦିଙ୍କ ଅଯୋଧ୍ୟାରେ ପ୍ରବେଶ ।

ବର୍ଣ୍ଣନା ଚାତୁରୀ—କାବ୍ୟଟିରେ ବିଭିନ୍ନ ଋତୁ ବର୍ଣ୍ଣନା ନାହିଁ । ପ୍ରାକୃତିକ ଦୃଶ୍ୟମାନଙ୍କର ବିସ୍ତୃତ ବର୍ଣ୍ଣନା ମଧ୍ୟ ନାହିଁ ।

ବିଭିନ୍ନ ଋତୁରେ ବିରହ ବର୍ଣ୍ଣନା ସ୍ଥାନ ପାଇ ନାହିଁ । ସ୍ୱୟମ୍ବର ସଭାରେ ରାମଙ୍କୁ ବରଣ କରି ସାରିବା ପରେ ସୀତାଙ୍କ କାମପୀଡ଼ା ଓ ବିରହର ବର୍ଣ୍ଣନା ସଂକ୍ଷିପ୍ତ ହୋଇଛି । ସଖୀମାନଙ୍କର ବୋଧବାଣୀ ଓ ଉପଦେଶପୂର୍ଣ୍ଣ ବାକ୍ୟାବଳୀ ସୁନ୍ଦର ହୋଇଛି ।

ରୂପବର୍ଣ୍ଣନା ବେଶି ନାହିଁ । ରାମ ଲକ୍ଷ୍ମଣାଦିଙ୍କ ଶୋଭା ବର୍ଣ୍ଣନା ଅପେକ୍ଷା ସୀତାଙ୍କ ଶୋଭା ବର୍ଣ୍ଣନା ଅଧିକ ଚମତ୍କାର ହୋଇଛି । ଋଷି ବିଶ୍ୱାମିତ୍ରଙ୍କ ମୁଖରେ ସୀତାଙ୍କ ସର୍ବାଙ୍ଗ ଶୋଭା କବିତ୍ୱପୂର୍ଣ୍ଣ ହୋଇଛି ।

ସାମାଜିକ ବିଧିବିଧାନର ବର୍ଣ୍ଣନା ଭିତରେ ଦଶରଥଙ୍କ ପଟୁଆର, ମିଥିଳାରେ ବରଯାତ୍ରୀଙ୍କ ପ୍ରବେଶ, ବିବାହାଦି କ୍ରିୟାର ବର୍ଣ୍ଣନା ରସପୂର୍ଣ୍ଣ ହୋଇଛି । ବିବିଧ ବର୍ଣ୍ଣନାରେ ଗମ୍ଭୀର ଚମତ୍କାର-ଉଦ୍ରେକ ଉପମାର ଅଭାବ ବର୍ଣ୍ଣନାରଗତିକୁ ସହଜ ସରଳ କରି ପାରିଛି ।

କଥାପ୍ରସଙ୍ଗ—'ବୈଦେହୀଶ ବିଳାସ'ର ପ୍ରଥମ ଷୋଳଟି ଛାନ୍ଦର ବିଷୟକୁ କବି ରାମଲୀଳାମୃତରେ ଚଉଦଟି ଛାନ୍ଦରେ ବର୍ଣ୍ଣନା କରିଛନ୍ତି । ବୈଦେହୀଶ ବିଳାସର କଥା ସରଣୀ ରାମଲୀଳାମୃତରେ ଅନୁସୃତ ହୋଇଛି । ଉଭୟ କାବ୍ୟରେ ଋଷି ବିଶ୍ୱାମିତ୍ରଙ୍କ ମୁଖରେ ସୀତାଙ୍କ ଶୋଭା ବର୍ଣ୍ଣିତ ହୋଇଛି । ଧନୁ-ଭଙ୍ଗ ସମୟରେ ରାମଙ୍କୁ ଲକ୍ଷ୍ମଣଙ୍କ ପରାମର୍ଶ ଉଭୟ କାବ୍ୟରେ ଅଭିନ୍ନ ଭାବରେ ସ୍ଥାନ ପାଇଛି । ବିବାହ ଉତ୍ସବରେ ଦଶରଥଙ୍କ ପଟୁଆର, ବରଯାତ୍ରୀଙ୍କ ପଟୁଆର ବିଶେଷ ଭାବରେ ରାମଲୀଳାମୃତରେ ସ୍ଥାନ ପାଇଛି କିନ୍ତୁ ବୈଦେହୀଶ ବିଳାସରେ ଏହା ସେତେ ବର୍ଣ୍ଣନା ନାହିଁ ।

ପ୍ରେମ ସୁଧାନିଧି

ପ୍ରେମସୁଧାନିଧି ଗୋଟିଏ କାଳ୍ପନିକ ପ୍ରେମକାବ୍ୟ; ଷୋଳଟି ଛୋଟ ଛୋଟ ଛାନ୍ଦରେ ବିଭିନ୍ନ ରାଗରେ ରଚିତ ହୋଇଛି । ଯମକାଦି ଅଳଙ୍କାରର ବିସ୍ତୃତ ସୁସଂଗତ ପ୍ରୟୋଗ ଏହାର ବିଶେଷତ୍ୱ । ପ୍ରତ୍ୟେକ ଛାନ୍ଦ ଅଳଙ୍କାରମଣ୍ଡିତ । କେତେକ ଛାନ୍ଦ ଏକ ପ୍ରକାର ଅଳଙ୍କାରରେ ଆଦ୍ୟରୁ ପ୍ରାନ୍ତ ପର୍ଯ୍ୟନ୍ତ ରଚିତ ହୋଇଛି । କେତୋଟି ଛାନ୍ଦରେ ଏକାଧିକ ପ୍ରକାର ଅଳଙ୍କାର ବ୍ୟବହୃତ ହୋଇଛି ।

କାବ୍ୟଟିରେ ଷୋଳଛାନ୍ଦ ରଖିବା ସମ୍ପର୍କରେ କବି କହିଛନ୍ତି ଯେ ଷୋଳକଳାପୂର୍ଣ୍ଣ ପୂର୍ଣ୍ଣଚନ୍ଦ୍ର ପରି ଷୋଳଛାନ୍ଦବିଶିଷ୍ଟ ଏହି କାବ୍ୟଚନ୍ଦ୍ରଟି ଜନମନ ହରଣ କରିବାକୁ ସମର୍ଥ ହେବ ଏବଂ ଅଙ୍କରୂପକ ରାହୁ ଏହି ଚନ୍ଦ୍ରକୁ ଗ୍ରାସ କରିପାରିବ ନାହିଁ । ଫଳରେ ଚନ୍ଦ୍ରାଲୋକ ଚତୁର୍ଦ୍ଦିଗରେ ପ୍ରକାଶ ପାଇ ଆନନ୍ଦ ଦାନ କଲା ପରି ବିଭିନ୍ନଦଶା ବା ରାଗରେ ରଚିତ ଏହି କାବ୍ୟଚନ୍ଦ୍ର

ପ୍ରଭ ଉଗରେ ପ୍ରକାଶିତ ହୋଇ "ରସିକହୃଦୟରତ୍ନାକର ଉଲ୍ଲାସିବ ।" ପୁଣି ଚନ୍ଦ୍ର ଉଦୟ ହେବାକ୍ଷଣି "ପଣ୍ଡିତ କୁମୁଦ ମୁଦ ବର୍ଦ୍ଧନ କରିବ" ଏବଂ "ଖଳକୁଳ ଅନ୍ଧକାର ବେଗେ ବିଦାରିବ ।"

କବି କାବ୍ୟଟିକୁ ଆଦ୍ୟରସାତ୍ମକ କରିଛନ୍ତି । ଏହା ରସପୂର୍ଣ୍ଣ ଓ ପାଣ୍ଡିତ୍ୟ-ପୂର୍ଣ୍ଣ ହୋଇଥିବାରୁ କବି ଆଶା କରିଛନ୍ତି ଯେ "ନାରିକେଳ ଫଳବତ୍ ବାହାରେ କର୍କଶ ଭିତରେ ତ ସରସତା" ପରି ବୋଧ ହେବ । ଯମକାଦି ଅଳଙ୍କାର ପ୍ରୟୋଗ ଦ୍ୱାରା କାବ୍ୟପଦଗୁଡ଼ିକର ଶାବ୍ଦିକ ଓ ତାତ୍ତ୍ୱିକ ଅର୍ଥବୋଧରେ ବାହ୍ୟରୁ କଠିନବୋଧ ହେଲେ ମଧ୍ୟ ଅଭ୍ୟନ୍ତରର ସରସତା, କୋମଳତା ଅନୁଭବ କରାଯାଇ ପାରିବ । 'ଜାଣିବା ଜନ' ଯେ ଏହାକୁ ମୁକ୍ତାହାର ତୁଲ୍ୟ କଣ୍ଠରେ ଲମ୍ବାଇବ, ଏଥିରେ ସନ୍ଦେହ ନାହିଁ ।

ବିଭିନ୍ନ ଅଳଙ୍କାରର ସୁସଙ୍ଗତ ପାଣ୍ଡିତ୍ୟପୂର୍ଣ୍ଣ ପ୍ରୟୋଗ ଥିବା ପଦରଚନା ସହଜସାଧ୍ୟ ନୁହେଁ । ଏପରି ବହୁସଂଖ୍ୟକ ପଦରଚନା କରିବା ଅଧିକ କଷ୍ଟସାଧ୍ୟ । ସମଗ୍ର ଗ୍ରନ୍ଥରେ ଏକ ପ୍ରକାର ଅଳଙ୍କାରର ପ୍ରୟୋଗ ଅତୀବ କଷ୍ଟକର । ପୁଣି ପଦର ଭାବ, ଭାଷାକୁ ପ୍ରାସଙ୍ଗିକ ଓ କବିତ୍ୱପୂର୍ଣ୍ଣ କରି ରଖିବା ସଙ୍ଗେ ସଙ୍ଗେ ଅଳଙ୍କାର ମଣ୍ଡିତ କରିବା ବହୁଶ୍ରମସାପେକ୍ଷ । ଉପେନ୍ଦ୍ର ସିଦ୍ଧହସ୍ତ କବି, ମହା ବିଜ୍ଞ ପଣ୍ଡିତ, ଶବ୍ଦସାଗର ଅବଗାହୀ ହୋଇଥିଲେ ମଧ୍ୟ ସୁସଙ୍ଗତ ଆଦ୍ୟର୍ଣ୍ଣସ୍ଥାନୀୟ ପଦ ରଚନା କରିବାରେ ଶ୍ରମର ଉଲ୍ଲେଖ କରି-ଥିବାରୁ ଅନ୍ୟମାନଙ୍କ ପକ୍ଷେ ଏହା ଅଧିକ କଷ୍ଟକର ହେବ, ଏଥିରେ ସନ୍ଦେହ ନାହିଁ ।

ଷୋଳ ଛାଡ଼ି ଷୋଳ କଳା ସଦା ପୂର୍ଣ୍ଣ ତହିଁ,
ଅଙ୍କରାହୁ ଦୂଷଣକୁ ଅବକାଶ ନାହିଁ ।
ପ୍ରତିଦଶେ ପ୍ରତିଦଶ ତହିଁ ପ୍ରକାଶିବ,
ରସିକ ହୃଦୟ ରତ୍ନାକର ଉଲ୍ଲାସିବ ।
ପଣ୍ଡିତ-କୁମୁଦ ମୁଦ ବର୍ଦ୍ଧନ କରିବ,
ଖଳକୁଳ ଅନ୍ଧକାର ବେଗେ ବିଦାରିବ ।

ମନଚକୋରକୁ ତୋଷ କରିବ ସନ୍ତତ,
ପୁଣି ଏହି ଗୀତ, ନାରକେଳ ଫଳବତ ।
ବାହାରେ କର୍କଶ ଭିତରେ ତ ସରସତା,
ଜାଣିଲା ଜନ କଣ୍ଠକୁ ହୋଇବ ମୁକୁତା ।
କବି ବିନା କେ ଜାଣିବ ଏଥି କଷ୍ଟ ଯେତେ,
ପ୍ରଥମେ ଆଦ୍ୟ ଯମକ ଘେନ ସୂଙ୍କ ଚଢ଼େ । X ୧୮-୧୬ ।

(ଶେଷ ଗ୍ରନ୍ଥ)

କବି ଉଜ୍ଜ୍ୱଳ ରସରେ କି ଅତିରସରେ ଉଜ୍ଜ୍ୱଳ ଗୀତ ରଚନା କରିବା ଅଭିପ୍ରାୟ ଗ୍ରନ୍ଥାରମ୍ଭରେ ବ୍ୟକ୍ତ କରିଛନ୍ତି—

ଉଜ୍ଜ୍ୱଳ ଉଜ୍ଜ୍ୱଳ ରସେ ଗୀତ ହୋଇବ ।
ମାନସ ମାନସହଂସ ପ୍ରାୟେ କ୍ରୀଡ଼ିବ ।

କବିଙ୍କ ଆଶା ସଫଳ ହୋଇଛି । ମାନସସରୋବରରେ ରସିକ ଗ୍ରାହକର ମନ ହଂସପ୍ରାୟ କ୍ରୀଡ଼ା କରୁଛି ।

ଏହି ଷୋଳ ଛାନ୍ଦ ବିଶିଷ୍ଟ କାବ୍ୟଟିରେ 'ତିନଶତ ପଞ୍ଚାନୋଇ' ସଂଖ୍ୟକ ପଦ ଥିବା କବି କାବ୍ୟ ଶେଷରେ ବ୍ୟକ୍ତ କରିଛନ୍ତି । ବର୍ତ୍ତମାନ ଗଣତିରେ ଏହି ସଂଖ୍ୟା ଅପରିବର୍ତ୍ତିତ ଅଛି ।

ଖ୍ୟାତ ହେଉ ପ୍ରେମସୁଧାନିଧି ଗୀତ ମୋର,
ଏ ପ୍ରବନ୍ଧ ତିନଶତପଞ୍ଚାନୋଇ ପଦ,
ସାଦନ କରୁ ଉତ୍ତମ ଜନଙ୍କର ହୃଦ । ୨୩ । (୧୬ଶ ଛାନ୍ଦ)

କାବ୍ୟର ରଚନା ସମୟ—କବି 'ସୁବର୍ଣ୍ଣରେଖା' କାବ୍ୟର ଶେଷ ଛାନ୍ଦରେ କହିଛନ୍ତି ସେହି କାବ୍ୟଟି "ପ୍ରେମସୁଧାନିଧି ରସିକ ହାରାବଳୀର ଏ ଶେଷ ।" ଏଥିରୁ ସ୍ପଷ୍ଟ ହେଉଛି ଯେ ପ୍ରେମସୁଧାନିଧି କାବ୍ୟଟି ରସିକ-ହାରାବଳୀ ପୂର୍ବର ରଚନା; ରସିକହାରାବଳୀ ପରେ ସୁବର୍ଣ୍ଣରେଖା ରଚିତ ହୋଇଛି । ରତ୍ନ ଅନୁଯାୟୀ ବିରହାନୁଚନ୍ତା ଦୃଷ୍ଟିରୁ କବି ଏହି କ୍ରମ ନିର୍ଣ୍ଣୟ କରିଛନ୍ତି ।

ପାଞ୍ଚ ଛାନ୍ଦେ ଶେଷ ହୋଇଲା ଏ ରସ କରିବ ରସିକ ବଣି,
ହେ ଜନେ ପ୍ରେମସୁଧାନିଧି ରସିକହାରାବଳୀର ଏ ଶେଷ । ୧୮ ।
(୫ମ ଛାନ୍ଦ-ସୁବର୍ଣ୍ଣରେଖା ।)

'ଚିତ୍ରକାବ୍ୟ ବନ୍ଧୋଦୟ'ରେ କବି ଯେଉଁ ଗ୍ରନ୍ଥସୂଚୀ ପ୍ରଦାନ କରିଛନ୍ତି ସେଥିରେ ପ୍ରେମସୁଧାନିଧି ପରେ ରସିକ ହାରାବଳୀର ନାମ ଅଛି; କିନ୍ତୁ ସୁବର୍ଣ୍ଣରେଖାର ନାମ ନାହିଁ । ସୁବର୍ଣ୍ଣରେଖା କାବ୍ୟଟି ଅତି କ୍ଷୁଦ୍ର ଥିବାରୁ କବି ଗ୍ରନ୍ଥ ତାଲିକାରେ ତାହାର ନାମ ଦେଇ ନଥିବା ଅନୁମାନ କରାଯାଇପାରେ । ସୁବର୍ଣ୍ଣରେଖା ଯେ ଉପେନ୍ଦ୍ରଙ୍କ କୃତି ଏଥିରେ ସନ୍ଦେହ ନାହିଁ ।

କଥାବସ୍ତୁ:—କବି 'ଊନଶତ ପଞ୍ଚାଶୋଇ' ପଦ ବା ପ୍ରାୟ ଚାରିଶତ ପଦରେ ଏହି କାବ୍ୟଟି ରଚନା କରିଛନ୍ତି । ଏହି କ୍ଷୁଦ୍ର କାଳ୍ପନିକ ପ୍ରେମ କାବ୍ୟର କଥାପ୍ରସଙ୍ଗ ସଂକ୍ଷେପରେ ପ୍ରାୟ ପଞ୍ଚାଶ ପଦରେ ପ୍ରକାଶ କରିଥିବା ଜଣାଯାଏ । କବି କଥାପ୍ରସଙ୍ଗକୁ ସଂକ୍ଷେପରେ ବ୍ୟକ୍ତ କରିଥିବାରୁ କଥା ଅପେକ୍ଷା ଭାବ ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି, ଏହା ସ୍ପଷ୍ଟ ହେଉଛି । କଥାପ୍ରସଙ୍ଗକୁ ସଂକ୍ଷେପରେ ବ୍ୟକ୍ତକରି ଅନୁଚିନ୍ତା ପ୍ରସଙ୍ଗ ବର୍ଣ୍ଣନାକୁ ନିଜର ଅସାଧାରଣ କବିତ୍ୱ ଶକ୍ତି ଓ ପାଣ୍ଡିତ୍ୟ ସାହାଯ୍ୟରେ ଅପେକ୍ଷାକୃତ ଦୀର୍ଘ କରିଛନ୍ତି । କାବ୍ୟଟିକୁ ଅଳଙ୍କାରପ୍ରଧାନ କରିବା ଲକ୍ଷ୍ୟ କବିଙ୍କର ଥିବାରୁ ଏହି ଶୈଳୀ ବ୍ୟବହାର କରିବା ପାଇଁ ସେ ବାଧ୍ୟ ହୋଇଛନ୍ତି ବୋଲି ମନେହୁଏ । କଥାଂଶଟିକୁ ସଂକ୍ଷେପରେ ପ୍ରାୟ ପଚିଶଟି ପଦରେ ବ୍ୟକ୍ତ କରାଯାଇ ପାରେ ।

୧ମ ଛାନ୍ଦ—ଶୂର ସୁରତ୍ରାନ ତେଜେ ସେହି ବଂଶରେ
ଜାତ ଜାତବେଦ ରାଜା ଅରିବଂଶରେ । ୭ ।

କୁଶଳ କଶଳ ଦେଶ ପାଳନେ ସେହି
କମାର କ ମାର ଯାର ସମାନ ନୋହି । ୮ ।

ବିଦଗଧ ବିଦଗଧ ହୋଇ ଯେ ନାହିଁ
ବିଶ୍ଵ ବିଶ୍ଵବଶ୍ଵ ଏକା ହୋଇ ନଥଇ । ୧୦ ।

ପଟ ପଟଳ ସ୍ୱରୂପ ଚନ୍ଦ କରାଇ
ଦେଶେ ଦେଶେ ବୁଲାଇଲ ଚରଙ୍କୁ ଦେଇ । ୧୧ ।

ବିଧି ବିଧିରେ ଉତ୍ତମ ଦେଶ କେରଳ
ରାଜ୍ୟେ ରାଜେ ଜଗଜ୍ଜିତନାମ ମଣ୍ଡଳ । ୨୨ ।

ତାର ତାରପତିପ୍ରାୟ କୀର୍ତ୍ତି ପ୍ରକାଶି
ଭବ ଭବ ବିଜୟୀ ସେ ହୈହୟବଂଶୀ । ୨୩ ।

ସୁତା ସୁତାମର-ସାକ୍ଷୀ ସୁନ୍ଦର ଅତି
ଲୋକେ ଲୋକେ ପ୍ରେମସୁଧାନିଧି କହନ୍ତି । ୨୪ ।

ଅଦୃଷ୍ଟ ଅଦୃଷ୍ଟରଜାଙ୍କୁ ବିବାହ
ହେଲେ ହେଲେ ଉତ୍ସବ ଆନ୍ତର ନ କହ । ୨୬ ।

ଚନ୍ଦ୍ର ·ଚନ୍ଦପୁରୁଷଙ୍କୁ ସେ ରାଜା ଚାହିଁ
ସୁଷମା ସୁ-ସମାନରେ ଭଲିଲା ଏହି । ୨୯ ।

ଦେବ ଦେବମୋହିନୀଙ୍କ ମୂଳ ସେ କଲା
ସନ୍ଦେଶ ସନ୍ଦେଶ-ବହେ ଦେଇ ପେଷିଲା । ୩୦ ।

ତୁଳା ତୁଳାଅଙ୍ଗୀ ସମ ପିତୁଳା ଦେଇ
କଉଶଳେ କଉଶଳେ ଡଗର ଯାଇ । ୩୧ ।

ନୃପ ନୃପସୁତ ଶୁଣି ହରଷେ ମଗ୍ନ
ଗଣକ ଗଣକରେ ଗଣାଇଲେ ଲଗ୍ନ । ୩୨ ।

କୁଞ୍ଜର କୁଞ୍ଜର ହୟଚୟ ସଙ୍ଗରେ
ମରୁତ ମରୁତ ବେଗ ରଥ ଗଡରେ । ୩୩ ।

ପନ୍ତ ପନ୍ତ ପଡ଼ି ବାଦ୍ୟ ନାଦ ଚହଲେ
ଧନେ ଧନେ ଗର୍ମିତ ପ୍ରବେଶ କେରଳେ । ୩୪ ।

ବଭ୍ରୁ ବଭ୍ରୁବସୁ ସାକ୍ଷୀ କରାଇ କଲେ
କୁଶଦ୍ଵୟେ କୁଶଦ୍ଵୟେ କର୍ମ ସାରିଲେ । ୩୭ ।

ବନ୍ଧୁ ବନ୍ଧୁଜରେ ପଥେ ସପ୍ତ ମଙ୍ଗଳା
କାମ କାମନାରେ ପୁଂସ ଅଲଭ୍ୟ ବଳା । ୩୯ ।

କମଳା କମଳାକ୍ଷୀଙ୍କ ସ୍ଵପୁରେ ରଖି
ମାର-ମାରଣରେ କାନ୍ତ ନରହେ ଦୁଃଖୀ । ୪୦ ।

ଚନ୍ଦ୍ର ଚନ୍ଦ୍ରକାନ୍ତହାସୀ ଶୋଭା ପୁଚ୍ଛଇ
ସୁମନା ସୁମନାପରିବାସି ଡକାଇ । ୪୨ ।

୨ୟ ଛାନ୍ଦ—ନର-ବରଜ କରନ୍ତ ଶ୍ରବଣ । ଅସମ ପରମ ରମ୍ୟଲକ୍ଷଣ ।
୩ୟ ଛାନ୍ଦ—ଚନ୍ଦ୍ରକୁ କହେ କୁମାର ମାରକୁ କ ଏହୁ ନାକଟେ ଲସାଇବ ।
ଥିବ ଜୀବ ଜିବବଲ୍ଲିଭା ଲଭିବା ଯାଏ କି ଭାଗ୍ୟ ଦଶାଇବ । X । ୧ ।

୪ର୍ଥ ଛାନ୍ଦ—ଏ ସମୟେ ଆସି ବାଳା ପ୍ରିୟଦାସୀ ହସି ଭାଷିଲା କୁମାରକୁ ।
ଅତନୁ ଆଜ ଅନୁକୂଳ ହୋଇଲା ତରୁଣ କୁଳ ଆକୁଳକୁ ।
ରଙ୍ଗକେତନ, ନିକେତନ କଲା ବନ୍ଦନ । X । ୧ ।

୫ମ ଛାନ୍ଦ – ଶୁଭଯୋଗରେ ସରିଲା ବନ୍ଦାପନା ଦିନ
ନ ସରିଲା ଦିନ କାନ୍ତ ଅତ୍ୟନ୍ତ ଉଚ୍ଛନ୍ନ ଯେ । ୧ ।
ଏ ସମୟରେ ଯାମିନୀ ହୋଇଲା ପ୍ରବେଶ
ଦ୍ଵିଜରାଜ ଦ୍ଵିଜଚଳେ ବହିଲାକ କ୍ଳେଶ ଯେ । ୫ ।
ଏକାଳେ ସଜନୀ କଲେ ରମଣୀକି ବେଶ ଯେ । ୯ ।

ଏତେ ବୋଲି ସଜନୀ ଦେହଳୀ ବଳାଇଲେ
ଦେହଳୀ ନ ବଳାଇଲେ ତୋଷ ଜାତ କଲେ ଯେ । ୨୫ ।
ଚତୁ ନନ୍ଦା କର ରତ ଇଚ୍ଛାକଲା ପୁଂସ
କହେ ଉପଇନ୍ଦ୍ର ଭଞ୍ଜ ବୀରବର ରସ ହେଯ । ୩୫ ।

୬ଷ୍ଠ ଛାନ୍ଦ—ହଂସ ଶ୍ରେଣିଭ୍ରମର ମଣ୍ଡଳୀଲ,
ମୁଟ-କମଲ ନେତ୍ରମାଲୋପ୍ତଲ
ଚୁମ୍ବି ମହା ଆନନ୍ଦକୁ ପାଇଲା,
ଓଷ୍ଠ ବନ୍ଧୁକରୁ ମଧୁ ପିଇଲା । ୭ ।
ରତି ତୂମୁଲ ପ୍ରକାଶିତ ହୋଇ,
ସୁନୂପୁର ସାରଙ୍ଗୁର ବାଜଇ ।୮ ।

ଏ ସମୟରେ ନଶାପତି ହତ,
ଜାଣି କାକରବ ଛଳେ ରୋଦତ । ୧୮ ।

ରମାହଂସୀ ର କାନ୍ତ ମାନସର,
କଲ ବିଧୁର ଶରଦ ବାସର । ୨୯ ।
ସଖୀ ଦେଖି ପରହାସେ ଭାଷିଲ,
କାଲ ପଦ୍ମସନ୍ଧ ରଦି କି ହେଲ ।୨୨ ।

୭ମ ଛାନ୍ଦ—ରସିକ ବନ୍ଧୁର କରେ, ଦୀପଦାନ କାର୍ତ୍ତିକରେ,
ପ୍ରୟାଗେ ସ୍ନାନ ମକରେ, ଯେହୁ ନ କରେ ।
ମିଶେ କ ସେ ଆଲୋକରେ, ଉତ୍ତମା ରମା ଅଙ୍କରେ,
ଯେବନ ବସେ ପଲ୍ୟଙ୍କରେ କ ହିମକରେ । ୯ ।

୮ମ ଛାନ୍ଦ—ସାରସଗତି-ସଙ୍ଗତ ନେତ୍ରବଦନ ଅନ୍ତରେ ଲଭି ନାଗର,
ଗରକଣ୍ଠପର ପରମ କଷ୍ଟକୁ ମନରୁ କଲ ଅନ୍ତର ।
ତରଳାକ୍ଷୀ ବନା ଯେନାଲ ମୋତେ ତ ନାହିଁ ଆନ ପ୍ରତିକାର ।
କାରଯବଶେ ବଦେଶ କରିବାକୁ ଆଜ୍ଞା ଦେଲେ ନରେଶ୍ୱର । ୯ ।

ସ୍ୱରଭଙ୍ଗ ସ୍ତମ୍ଭ ରୋମାଞ୍ଚ ବେପଥୁ ଦଣ୍ଡଦଣ୍ଡକେ ଜନାତ,
ନତମ୍ବିନୀ ପାଶେ ମିଳି ସେ ଏମନ୍ତ ବାଣୀ କ କଲ ରଚତ ।
ଚିତ୍ତମୋହିନୀ ରେ ବହିକ ବହିଲ କାଲ ମୁଁ ବଦେଶ ଯିବ
ଜୀବନ୍ତେ ଥାଉ କେତେ ଦଣ୍ଡ ପଡ଼ିଲ କେଉଁ ଉପାୟ କରିବ । ୨ ।

୯ମ ଛାନ୍ଦ—ମ'ଲବେ ଭ୍ରମରରୁ ଲୋକନ କରି,
ଏ କାଳେ ବିଦେଶ ତ ଲୋକ ନ କରି ଯେ ।
ବରବ ନାହିଁ କୁନ୍ଦେ ରସି କବର,
କାନ୍ତା ମୋ ଏହା ଭାବେ ରସିକବର ଯେ । ୧ ।

୧୦ମ ଛାନ୍ଦ—ଗ୍ରୀଷ୍ମ ଶିଶିରେ ଘୋର ନିଶିରେ ଦୁଃଖ ରାଶିରେ ଭାସି
ବସି ଏକାନ୍ତ ମାନସେ କାନ୍ତସ୍ୱରୂପ କାନ୍ତ ଘୋଷି ।
ରହି ବିଦେଶ କି ହୃଦଦେଶ ହେଲା ସନ୍ଦେଶ ନାହିଁ
କେଉଁ ସୁନ୍ଦରୀ ମନ୍ଦଉଦରୀ ପ୍ରୀତି ଆଦରି ସେହି । ୧ ।

୧୧ଶ ଛାନ୍ଦ—ବସନ୍ତରେ ବିରହୀ ଅବଶ, ବସନ୍ତ-ଦୂତ ଖାପୀରେ ବଶ
ବସଇ ଉଠଇ ପିକକୁ କହଇ ଯୁଗ ସମ ରଜନୀ ଦିବସ
ହେ କୋକିଳ । ୧ ।

୧୨ଶ ଛାନ୍ଦ—ମାଳବରେ ରହି ଗ୍ରୀଷ୍ମ ସମୟେ କାମେ ଦୁଃଖୀ ନୃପନନ୍ଦନ ।୧।
୧୩ଶ ଛାନ୍ଦ—ଯେନ ଘନକାଳ କାଳ ମଣି ବିଦ୍ୟୁଜ୍ଜ୍ୱାଳ ଜାଳ
ଅଗ୍ନି ବୃଷ୍ଟି ମହୋଜ୍ଜ୍ୱଳ ଜଳ ।
ରସିକ ବିକଳ କଳନା କି ବୋଲେ ଚଳଚଳ
ପ୍ରିୟାପାଶେ ଶତମାଳ ମାଳ ହେ ଜଳଧର । ୧ ।

୧୪ଶ ଛାନ୍ଦ—ନିର୍ମଳ ଚନ୍ଦ୍ରମଣ୍ଡଳ ଶରଦେ ବିରାଜି,
ଦିଶେ ଯଥା ଦର୍ପକ ଦର୍ପଣେ ଥିଲେ ମାଜି,
ଗ୍ଳହିଁ କୁମର କାତର,
ଲେଖି ଆରମ୍ଭିଲା ବସି ବିନୟ ପତ୍ର । ୧ ।

ଏତେ ଲେଖି ଦୂତ କରେ ଦେଇଣ ପେଷିଲା ।
କୁରଙ୍ଗୀ ସରସ୍ୱେ ଚନ୍ଦ୍ରା-ବପରି ଦହିଲା ।
ତହିଁ କେତେ ଦିନ ଶେଷ,
ବାଳା ପାଶୁଁ ଦୂତ କଲା ଚଷାଇ ପ୍ରବେଶ । ୧୯ ।

ମୃଦ ଲଭି ମୃଦକୁ ଘେନିଲା କାନ୍ତ କରେ,
ଜନ୍ମଅନ୍ଧ ନେତ୍ରଦାନ ପାଇଲା ପ୍ରକାରେ । ୨୦ ।

ପଢ଼ି କୁମର ସନ୍ତୋଷ,
ସେହିକ୍ଷଣି ଦୂତ ସଙ୍ଗେ ଗ୍ରୁହିଲା ପ୍ରବାସ । ୨୧ ।
ପୁରେ ପ୍ରବେଶି ବିଦେଶୀ ପ୍ରିୟାପାଶେ ବସି,
ମନୋରମ ଗୃହ ପଟ୍ଟ ବଚନ ପ୍ରକାଶି । ୩୦ ।

୧୫ଶ ଛାନ୍ଦ—ରବର ବିହେ କଷ୍ଟ ସୁକାର ତୋ ସର୍ବେଷ
ରସଦା ଦରବ ଭୁହି ନାଶ ପ୍ରାଣେ ରସ । ୧ ।

୧୬ଶ ଛାନ୍ଦ—ପତି କାନ୍ତ ପ୍ରିୟ ବଚନକୁ କର୍ଣ୍ଣେ ଶୁଣି,
କୋପମାନ ନାଶ କଲା ରମା ଶିରୋମଣି । ୧ ।

ଘନ କାମୃତକେଶୀକି କୋଳେ ବସାଇଲା । ୨ ।
ଶୃଙ୍ଗାରରତିରେ ମାତି ରାତି କଲେ ଶେଷ । ୩ ।
ସୁଖେ ବଞ୍ଚିଲେ ଦମ୍ପତି ପ୍ରବନ୍ଧ ସମ୍ପୂର୍ଣ୍ଣ
ଏହି ଗୀତ ଅକଳଙ୍କ ଚନ୍ଦ୍ରମା ସମାନ । ୧୩ ।

ବିଶେଷତ—ପ୍ରେମସୁଧାନିଧିରେ କବି ନିଜର କାଳିଦାସଙ୍କ ପ୍ରେମକାବ୍ୟର ଗଠନପ୍ରଣାଳୀକୁ ଅବଲମ୍ବନ କରିଥିଲେ ମଧ୍ୟ ଏଥିରେ କେତେକ ବିଶେଷ ଲକ୍ଷଣ ସ୍ପଷ୍ଟ ହେଉଛି ।

(୧) ନାୟକନାୟିକାଙ୍କର ପୂର୍ବଜନ୍ମ ବୃତ୍ତାନ୍ତ ବର୍ଣ୍ଣିତ ହୋଇନାହିଁ । ଗନ୍ଧର୍ବ ଅପ୍ସରା ଶାପଗ୍ରସ୍ତ, ଶାପମୁକ୍ତିର ଉପାୟ, ମର୍ତ୍ତ୍ୟରେ ଜନ୍ମ ପ୍ରଭୃତି ପ୍ରସଙ୍ଗ ଏଥିରେ ନାହିଁ । ନାୟକଙ୍କ ପିତା କୋଶଳ ରାଜ୍ୟର ସୂର୍ଯ୍ୟବଂଶୀୟ ଜଣେ ରାଜାଙ୍କ କୁମର ଥିବା ବ୍ୟକ୍ତକରି କବି କାବ୍ୟର କଥାବସ୍ତୁ ଆରମ୍ଭ କରିଛନ୍ତି । ନାୟିକାଙ୍କ ପ୍ରସଙ୍ଗ ମଧ୍ୟ ଏହିପରି ସୂଚିତ ହୋଇଛି ।

(୨) ନାୟକନାୟିକାଙ୍କ ପିତାମାତାଙ୍କ ନାମ, ନାୟକ ନାୟିକାଙ୍କ ଜନ୍ମ, ବାଲ୍ୟଲୀଳା ପ୍ରଭୃତିର ବର୍ଣ୍ଣନା ନାହିଁ ।

(୩) ନାୟିକା ବାଳିକା ଥିବା ଅବସ୍ଥାରେ ବିବାହ କରିଛି । ବାଲ୍ୟବିବାହ ପ୍ରଥା ରାଜକୁଳରେ ମଧ୍ୟ ପ୍ରଚଳିତ ଥିବା ସୂଚିତ ହେଉଛି ।

(୪) ନାୟକନାୟିକାଙ୍କ ସଖା ସଖୀ ସୂଚନା ଛଡ଼ା ଅନ୍ୟ ବର୍ଣ୍ଣନା ନାହିଁ ।

(୫) ନାୟକନାୟିକା ବିରହାନୁଚିନ୍ତା ପ୍ରକାଶରେ ବିରହର ବିଭିନ୍ନ ବିଭାବ ବ୍ୟକ୍ତ କରିବା ଛଡ଼ା ଘଟନାର ପ୍ରତ୍ୟକ୍ଷ ବର୍ଣ୍ଣନା ଅଳ୍ପ ଅଛି ।

(୬) ମାଙ୍ଗଲ୍ୟ, ଋଷି, ଅଶରୀରୀ ବାଣୀ, ଦୈବ ବାଣୀ ଓ ସ୍ୱପ୍ନ ପ୍ରଭୃତି ପ୍ରସଙ୍ଗ ଏଥିରେ ନାହିଁ ।

(୭) ନଗର, ଉପବନ, ସରୋବର, ସନ୍ଧ୍ୟା, ପ୍ରଭାତ ଓ ଋତୁ ପ୍ରଭୃତିର ବିସ୍ତୃତ ବର୍ଣ୍ଣନା ନାହିଁ ।

(୮) କଥା ଅଂଶ ଅତି ସଂକ୍ଷିପ୍ତ ହୋଇଛି । ପାତ୍ରପାତ୍ରୀଙ୍କ ସଂଖ୍ୟା ଅଳ୍ପ ।

(୯) ବିରହାନୁଚିନ୍ତା କାବ୍ୟର ଅଧିକାଂଶ ସ୍ଥାନ ଅଧିକାର କରିଛି ।

(୧୦) ନାୟକର ନାମ ପ୍ରକାଶ ପାଇନାହିଁ । ସମଗ୍ର କାବ୍ୟରେ ପାତ୍ରପାତ୍ରୀ ଭିତରେ କେବଳ 'ପ୍ରେମସୁଧାନିଧି' ନାମଟି ଦେଖାଯାଏ ।

ଅଳଙ୍କାର ପ୍ରୟୋଗ—କାବ୍ୟରେ କବି ବିଭିନ୍ନ ଛାନ୍ଦରେ ଯେଉଁ ସବୁ ଅଳଙ୍କାର ପ୍ରୟୋଗ କରିଛନ୍ତି ତାହା ଶେଷ ଛାନ୍ଦରେ ବ୍ୟକ୍ତ କରିଛନ୍ତି । କାବ୍ୟଟି ଯମକପ୍ରଧାନ ହୋଇଥିବାରୁ କବି ଅଳଙ୍କାରକୁ କଥାପ୍ରସଙ୍ଗ ଓ ଅନ୍ୟାନ୍ୟ ସ୍ୱାଭାବିକ ବର୍ଣ୍ଣନା ଅପେକ୍ଷା ବିଶେଷ ପ୍ରାଧାନ୍ୟ ଦେଇଥିବା ସ୍ପଷ୍ଟ ହେଉଛି ।

୧ମ ଛାନ୍ଦ—ଆଦ୍ୟଯମକ ।
୨ୟ ,, —ଅବନା, ମଧ୍ୟଯମକ ।
୩ୟ ,, —ଛେକାନୁପ୍ରାସ ।
୪ର୍ଥ ,, —ଅଦ୍‌ଭୁତ ଉପମା ।
୫ମ ,, —ବିରୋଧାଭାସ ।
୬ଷ୍ଠ ,, —ରୂପକ ।
୭ମ ,, —ଅନୁପ୍ରାସ ।
୮ମ ,, —ସିଂହାବଲୋକନ ।
୯ମ ,, —ପ୍ରାନ୍ତଯମକ ।
୧୦ମ ,, —ତ୍ରିଭଙ୍ଗ ।
୧୧ଶ ,, —ଆଦ୍ୟପ୍ରାନ୍ତ ଯମକ ।
୧୨ଶ ,, —ଆଶ୍ରୟ ।
୧୩ଶ ,, —ଯୋଡ଼ିଯମକ ।
୧୪ଶ ,, —ଦୃଷ୍ଟାନ୍ତର ।
୧୫ଶ ,, —ଅନୁଲୋମ ପ୍ରତିଲୋମ ।
୧୬ଶ ,, —ପୁନରୁକ୍ତି ବଦାଭାସ, ଦତ୍ତାକ୍ଷର, ଚ୍ୟୁତାକ୍ଷର, ଦତ୍ତଚ୍ୟୁତାକ୍ଷର, ଏକାକ୍ଷର, ସଗ୍ରୋଷ୍ଠକ, ନିଗ୍ରୋଷ୍ଠକ, ମହାଯମକ, ଓ ସର୍ବଯମକ ।

କବି କହିଛନ୍ତି ଯେ ଏହି ଗୀତଟିକୁ ଯମକପ୍ରଧାନ କରିଥିବାରୁ ଏଥିରେ ଶ୍ଳେଷାଦି ଅଳଙ୍କାର ସେ ରଖି ନାହାନ୍ତି ।

ଯମକ ପ୍ରଧାନ କରି କଲି ଯେଣୁ ଗୀତ,
ଶ୍ଳେଷ ଛନ୍ଦ ନ ବିରଚି କଲି ସମାପତି । ୨୦ । (୧୬ଶ ଛାନ୍ଦ) ।

କାବ୍ୟଟି ଆଦିରସାତ୍ମକ । ଏହାର କଳେବର କ୍ଷୁଦ୍ର । ଛାନ୍ଦସଂଖ୍ୟା ଓ ଛାନ୍ଦର ପଦ ସଂଖ୍ୟା ମଧ୍ୟ ଅଳ୍ପ । କାବ୍ୟର କଳେବର ତୁଳନାରେ ଅଳଙ୍କାର

ସଂଖ୍ୟା ବେଶି ହୋଇଥିଲେ ମଧ୍ଯ ରସବୋଧରେ ବ୍ୟାଘାତ ଘଟୁନାହିଁ । ଅଳଙ୍କାରପ୍ରୟୋଗ କାବ୍ୟର ଏକ ବିଶେଷ ଲକ୍ଷ୍ୟ ଥିଲେ ମଧ୍ୟ କାବ୍ୟର ସଜୀବ, ସରସ ରହିଛି । ଭାବ ଓ କଥା ପ୍ରସଙ୍ଗର ସ୍ୱଚ୍ଛନ୍ଦ ପ୍ରବାହରେ ଅଳଙ୍କାର ପ୍ରୟୋଗ ବାଧା ଦାନ କରୁନାହିଁ; ରସର ପ୍ରଗାଢ଼ତା ବୃଦ୍ଧି କରିବାରେ ସମର୍ଥ ହୋଇଛି ।

ଅଳଙ୍କାର ପ୍ରୟୋଗରେ ବିଶେଷ ପାଣ୍ଡିତ୍ୟ, ଚିନ୍ତା ଓ ପରିଶ୍ରମର ଆବଶ୍ୟକ ହୁଏ, ଏହା କବି ମଧ୍ୟ ବ୍ୟକ୍ତ କରିଛନ୍ତି ।

> କବି ବିନା କେ ଜାଣିବ ଏଥି କଷ୍ଟ ଯେତେ,
> ପ୍ରଥମେ ଆଦ୍ୟ ଯମକ ଘେନ ସୁଜ୍ଞ ଚିତ୍ତେ ।
> ଦ୍ୱିତୀୟ ଅବିନା ମଧ୍ଯ ଯମକ ତୃତୀୟ,
> ଛେକାନୁପ୍ରାସରେ ପୁଣି ଅତି ରମଣୀୟ । ୧୬ ।
>
> ଚତୁର୍ଥେ ଅଦ୍ଭୁତ ବିରୋଧାଭାସ ପଞ୍ଚମେ,
> ଷଷ୍ଠେ ରୂପକବୃତ୍ତି ଅନୁପ୍ରାସ ସପ୍ତମେ ।
> ଅଷ୍ଟମରେ ମନୋରମ ସିଂହାବଲୋକନ,
> ନବମେ ପ୍ରାନ୍ତଯମକ ମାନସ-ରଞ୍ଜନ । ୧୭ । (୧୬ଶ ଛାନ୍ଦ)

ବର୍ଣ୍ଣନା-ଚମତ୍କାରିତା—ଅଦ୍ଭୁତରଜା ପ୍ରେମସୁଧାନିଧିର ଶୋଭା ବର୍ଣ୍ଣନାରେ ଅନନ୍ୟ ସାଧାରଣ କବିତ୍ୱ ଶକ୍ତି ପ୍ରକାଶ କରିଛନ୍ତି । ଉପମାରେ କଳ୍ପନାର ବିଳାସ ନୂତନ ନୂତନ ଭାବରେ ଉଚ୍ଚକୋଟୀର ସ୍ଥାନ ଅଧିକାର କରିଛନ୍ତି ।

ସମଗ୍ର ଦ୍ୱିତୀୟ ଛାନ୍ଦଟିର କୋଡ଼ିଏଟି ଯାକ ପଦ ନାୟିକାର ନେତ୍ର-ଶୋଭା ବର୍ଣ୍ଣନାରେ ବ୍ୟବହୃତ ହୋଇଛି । ସମଗ୍ର ଛାନ୍ଦଟି ଅବିନା ଅକ୍ଷରରେ ରଚିତ ହୋଇ କବିଙ୍କ ଗଭୀର ଶବ୍ଦପାଣ୍ଡିତ୍ୟ ଓ କଳ୍ପନା-ବିଳାସର ପରିଚୟ ପ୍ରଦାନ କରୁଛି ।

ଗ୍ରନ୍ଥକାରଙ୍କ ନାୟିକାର ସଖୀମାନେ କେମାର ନେତ୍ରସମ୍ପତ୍ତିକୁ ଉପୋଦ୍‌ଘାତରେ ଅଳ୍ପ ପଦରେ ସାରକଥାକୁ ବ୍ୟକ୍ତ କରିଛନ୍ତି । 'ତାହାର ଈକ୍ଷଣ ଅତୁଳନୀୟ ରମ୍ୟ, ମଦନମଦ ବର୍ଦ୍ଧନକର । ସେ ଅତି ଚଞ୍ଚଳ ଥିବାରୁ ଧୈର୍ଯ୍ୟ ନାଶ କରୁଛି ଏବଂ ବୟସ୍ଥମାନଙ୍କୁ ମୁଗ୍‌ଧ କରୁଛି ।' ଏହି ସାରତତ୍ତ୍ୱକୁ କବି ନିଜ ଅସାଧାରଣ କଳ୍ପନାଶକ୍ତି ଦ୍ୱାରା ସୁମନୋହର ଉପମା ପ୍ରୟୋଗ କରି ବର୍ଣ୍ଣନାଟିକୁ ଚମତ୍କାର ଦର୍ଶନୀୟକରି ମନକୁ ମୁଗ୍‌ଧ କରି ଦେଇଛନ୍ତି ।

ଈକ୍ଷଣ ଅତୁଳନୀୟ, ପରମ ରମ୍ୟ, ଶ୍ୱେତରକ୍ତନୀଳବର୍ଣ୍ଣ ମିଶ୍ରିତ ଚକ୍ଷୁର ଚଞ୍ଚଳ ଗତି ଯୁବକର ଧୈର୍ଯ୍ୟକୁ ଧ୍ୱଂସ କରି ଦେଉଛି ।

ମଧ୍ୟ ତ ମରକତର ବରନ, ଧବଳତର ଅତ୍ୟନ୍ତ ଯତନ ।
ଧବଳକରର କବଳତମ, ବଡ଼ ଅସମ୍ଭବ ମନ ଭରମ ।
ଏମନ୍ତ ଏ ଲକ୍ଷ୍ୟ, ବକ୍ଷଗତ ଶଶ ସ୍ୱଚ୍ଛ ପ୍ରତ୍ୟକ୍ଷ । ୨ ।

ଡୋଳାର ମଧ୍ୟ ଭାଗ ମରକତ ମଣି ପରି ନୀଳ ଏବଂ ଏହାର ଚତୁର୍ଦ୍ଦିଗରେ ଧବଳବର୍ଣ୍ଣ ଅତ୍ୟନ୍ତ ସୁନ୍ଦର ଦେଖାଯାଉଛି । ମନେ ହେଉଛି, ସତେ ଯେପରି ଚନ୍ଦ୍ରକୁ ରାହୁ ଗ୍ରାସ କରୁଛି । ଏହା ଠିକ୍ ନୁହେଁ, ଏହା ମନର ଭ୍ରମମାତ୍ର, କାରଣ ଏହା ଅସମ୍ଭବ । ଏମନ୍ତ ଲକ୍ଷ୍ୟ ହେଉଛି, ଶଶାଙ୍କଙ୍କ ବକ୍ଷଗତ ଶଶ-କଳଙ୍କ ସ୍ୱଚ୍ଛ ହୋଇ ପ୍ରତ୍ୟକ୍ଷ ହେଉଛି କି ? ପୁଣି—

ଅଥ ଶଶଧର ଉଜ୍ଜ୍ୱଳ ଅଙ୍ଗ, ତରସ୍ତ ତମସ ଗରବ ଭଙ୍ଗ
ଶରଣ ଉପପନ୍ନ ତତପର, ସଦୟ ହୃଦୟ ବହିଇ ଉର,
ଏସନ ମଣଇ, ପ୍ରସନ୍ନ ସମ ଆନ ନ ଗଣଇଁ । ୩ । (୨ୟ ଛାନ୍ଦ)

ଚନ୍ଦ୍ରଙ୍କ ପରି ଉଜ୍ଜ୍ୱଳ ଅଙ୍ଗ ଦେଖି ଅନ୍ଧକାରର ଗର୍ବ ଭାଙ୍ଗିଯିବାରୁ ସେ ଭୀତ ହୋଇ ଚନ୍ଦ୍ରଙ୍କଠାରେ ଶରଣ ପଶିଲା । ଚନ୍ଦ୍ର ସଦୟ ହୃଦୟ ହୋଇ ସ୍ୱ ଶଶଙ୍କରୂପୀ ଅନ୍ଧକାରକୁ ବକ୍ଷରେ ଧାରଣ କଲେ । ଚକ୍ଷୁର

ଉଜ୍ଜ୍ୱଳ ଭାଗକୁ ଚନ୍ଦ୍ରଙ୍କ ସହିତ ଓ ଅନ୍ଧକାର ଭାଗକୁ ଶଶ ସହିତ ତୁଳନା କରାଯାଇଛି । ଶଶକୁ ଦୟାଳୁ ଚନ୍ଦ୍ର ସ୍ୱ ବକ୍ଷରେ ସ୍ଥାନ ଦେଇଥିବାରୁ ତୋଲାକ ଅନ୍ଧକାର ଭୟ ଯାଇ ମନେକଲା, ଦୟାଳୁ ଚନ୍ଦ୍ର ଯେତେବେଳେ ଶଶକକୁ ଆଶ୍ରୟ ଦେଇଛନ୍ତି, ସେତେବେଳେ ତାକୁ ମଧ୍ୟ ସ୍ୱ ବକ୍ଷରେ ସ୍ଥାନ ଦେବା ସମ୍ଭବ । ଏହା ବିଚାରି ସେ ଚନ୍ଦ୍ରଙ୍କଠାରେ ଶରଣ ପଶିଛି କି ! ପ୍ରଫୁଲ୍ଲ ନେତ୍ର ସହିତ ଅନ୍ୟ କେହି ତୁଳନୀୟ ନୁହେଁ ।

ଏହିପରି ମନୋହର ଭାବରେ କବି ସମଗ୍ର ଗ୍ରନ୍ଥରେ ନେତ୍ରର ବର୍ଣ୍ଣନା କରି ଅନନ୍ୟ ସାଧାରଣ ଆଦର୍ଶ ସ୍ଥାପନ କରିଛନ୍ତି; ଏହା ଯେ କୌଣସି ସାହିତ୍ୟରେ ଗୌରବର ସ୍ଥାନ ଅଧିକାର କରିବ ।

ଏ ନେତ୍ର ପଦ୍ମସଦୃଶ ହୋଇଛି । ଏ ପୁଣି ବନବାସୀ ଋଷିମାନଙ୍କ ତପସ୍ୟାକୁ ନାଶ କରୁଛି କି ? ପଦ୍ମ-ମୁଖ ଉପରେ ଖଞ୍ଜନନେତ୍ର ବସିଥିବାରୁ ବହୁ ସମ୍ପଦ ଲାଭର ସୂଚନା ଦେଉଛି । ନାୟିକାର ଚକ୍ଷୁ ସୁନ୍ଦର ପୁଷ୍କରିଣୀ ସଦୃଶ ଶୋଭା ପାଉଛି ।

ଏ ମୃଗନେତ୍ରୀର ଶୋଭା କି ଅପୂର୍ବ ! ବିଧାତା କୌତୁକରେ ଦୁଇଟି ମୃଗର ମୁହଁକୁ ଏକ ଦିଗକୁ କରି ବାନ୍ଧି ରଖିଛି କି ? ମନେହେଉଛି, ଏ ଦୁହେଁ ଅତ୍ୟନ୍ତ ଲାଲ ହୋଇଥିବା ଅଧର ପଲ୍ଲବକୁ ଖାଇବା ପାଇଁ ଚଞ୍ଚଳ ହେଉଛନ୍ତି, କିନ୍ତୁ ବନ୍ଧନରେ ଥିବା ଯୋଗୁଁ ସମର୍ଥ ହୋଇ ପାରୁ ନାହାନ୍ତି । କଜ୍ଜ୍ୱଳ ଲଞ୍ଜି ମୃଗର ଚାମର ପରି ଦିଶୁଛି ।

ରହସ୍ୟବଶ ବନଜ ନନ୍ଦନ, ଏଣି ଦ୍ୱୟ ସ-ବଦନ ବନ୍ଧନ ।
ଅଧର-ପଲ୍ଲବ ଅଶନ ଅର୍ଥ, ରଭସ ଚଞ୍ଚଳ ଅସମରଥ ।
କଜ୍ଜ୍ୱଳ ଚାମର, ପ୍ରତ୍ୟକ୍ଷ ପରକଟ ପରମର । ୮ ।

ଅବନାଅକ୍ଷରରେ ରଚିତ ସମ୍ପୂର୍ଣ୍ଣ ବର୍ଣ୍ଣନାଟି ଅପୂର୍ବ ଚିତ୍ର ସୃଷ୍ଟି କରି ପାରିଛି ।

ଅଦଭୁତୋପମା ପ୍ରୟୋଗକରି କବି ଚତୁର୍ଥ ଛାନ୍ଦରେ ନବଯୁବତୀ ନାୟିକାର ଶୋଭାର ଯେଉଁ ବର୍ଣ୍ଣନା କରିଛନ୍ତି ତାହା ଚମତ୍କାର ହୋଇଛି; କବିଙ୍କର ଗଭୀର ପ୍ରପଞ୍ଚଜ୍ଞାନ ଓ ପାଣ୍ଡିତ୍ୟ ଅଦ୍‌ଭୁତ କବିତ୍ୱ ଶକ୍ତି ସହିତ ପ୍ରକାଶ ପାଇଛି ।

ଚନ୍ଦ୍ର ଓ ପଦ୍ମ କେବେ ଏକତ୍ର ବାସ କରୁଥିଲେ ? ମାତ୍ର ଦୁହେଁ ଜଳରୁ ଜାତ; ଏହା ପୁରାଣମାନେ କହନ୍ତି । ଏଠାରେ ମୁଖଚନ୍ଦ୍ରରୁ ନୟନପଦ୍ମ ଜାତ ହୋଇ ଶୋଭା ପାଉଛି । କିନ୍ତୁ ଏବେ ମୁଖପଦ୍ମରୁ ଯେଉଁ ଦିବ୍ୟ କଥା ବାହାରୁଛି ସେତେବେଳେ ଅଧରରେ ହାସ ଚନ୍ଦ୍ରମା ପ୍ରକାଶ ପାଉଛି ।

ଚନ୍ଦ୍ରମାରୁ ପଦ୍ମ ଜନମ କରିଣ ସ୍ୱଭାବେ ବଢ଼ିଛି ସୁଷମା ।
କ୍ଷଣେ କ୍ଷଣେ କଥାପ୍ରସଙ୍ଗେ ପଦ୍ମରୁ ଜାତକରେ ଏବେ ଚନ୍ଦ୍ରମା ।
ଯେଣୁ ଏ କଥା, ମାନିତ ଅଦୃଷ୍ଟି ଅଶ୍ରୁତି,
ଚନ୍ଦ୍ର କମଳ ଜଳୁଁ ଜାତ ବୋଲିଣ ପୁରାଣମାନେ କହିଛନ୍ତି । ୭ ।

ପୁଣି, ବାଳ ଅରୁଣ କୋଳରେ କୁମୁଦକୁ ବିକଶିତ କରିବା କି ଆଶ୍ଚର୍ଯ୍ୟ ଏବଂ ବିନା ମେଘରେ ନବ ବିଜୁଳି ଖେଳା କରୁଛି !

ବାଳଅରୁଣ-କୋଳରେ ବିକଶିତ କଲା କୁମୁଦ ଏ ଅଦ୍‌ଭୁତ,
ଉପମାକୁ ଏବେ ଗହନ ଦେଉଛି ସବୁ କଥା ଆନ ଆନ ତ ।
ନିଶି ବାସରେ, ମନୁ କି ଆଉ ପାସୋରିବ !
ନବ ବିଜୁଳି ବିନା ମେଘେ ମଧ୍ୟରେ ଖେଳା କରିବାର ଶୁଣିଁ ବ । ୮ ।
(୪ର୍ଥ ଛାନ୍ଦ)

ଏ ରମଣୀରତନକୁ ଲଭିକରି ନାୟକ ଧନ୍ୟ ହୋଇଛି । ଦାସୀ ନାୟିକାର ନବପୁଷ୍ପବତୀ ହେବା ସମ୍ବାଦଦେଇ ରାଜପୁତ୍ରକୁ କହୁଛି—

ତିନ ଜଗ ଯା ରହସ୍ୟେ ବୋଲୁଥାଅ କୋଟି ଜନ୍ମ କାମକଳୁଷ ।
ବୃନ୍ଦାବନେ ହରିବ ସେହି କାଳ ଏବେ ଭାଗ୍ୟରୁ ହୋଇଛି ପ୍ରବେଶ ।

ପ୍ରଥମରୁ ହେ, ଦର୍ଶନେ ଅମର ପଦବୀ
ଲଭିବ ତୁମ୍ଭର ବଲ୍ଲଭୀ ଶୋଭାକୁ ଏ ଉକ୍ତିରୁ କିସ କହିବ । ୧୩ ।
(୪ର୍ଥ ଛାନ୍ଦ)

ଋତୁ ବର୍ଣ୍ଣନା--କବି ନାୟକନାୟିକାଙ୍କ ଦାମ୍ପତ୍ୟ ଲୀଳାର ପରବର୍ତ୍ତୀ ଅବସ୍ଥାକୁ ଗ୍ରୀଷ୍ମଋତୁ ସହିତ ତୁଳନା କରିଛନ୍ତି; ଏଥିରେ ଗ୍ରୀଷ୍ମଋତୁର କେତେକ ବିଶିଷ୍ଟ ଲକ୍ଷଣ ସେ ପ୍ରକାଶ କରି କଳ୍ପନା ଶକ୍ତିରେ ଚିତ୍ରଟିକୁ ରମଣୀୟ କରିଛନ୍ତି ।

ସୁରତାନ୍ତ ଗ୍ରୀଷମ ଋତୁପରି, ତୁଟାଇଲା ଚନ୍ଦ୍ର ପ୍ରଭା ମାଧୁରୀ ।
ବାଣୀପିକ ବିହ୍ୱଳିତ କରାଇ, ମଲ୍ଲି ବିକାଶେ ହୃଦବନେ ଥାଇ । ୭ ।
ନଖ ଜ୍ୱାଳା ଜ୍ୱଳିତ କଲା ଦେହି, ମନ୍ଦମରୁତେ ଏକା ଇଚ୍ଛା ହୋଇ । ୮ ।
(୭ଷ୍ଠ ଛାନ୍ଦ)

ଗ୍ରୀଷ୍ମଋତୁରେ ଚନ୍ଦ୍ରମଣ୍ଡଳ ଧୂଳି ଦ୍ୱାରା ମଳିନ ଦେଖାଯାଏ, ମଲ୍ଲିଫୁଲ ଫୁଟେ ଓ କୋକିଳର ସ୍ୱର ମନ୍ଦ ମନ୍ଦ ହୋଇ ସମୀରଣରେ ଭାସିଆସେ । ଏହିସବୁ ଲକ୍ଷଣ ସହିତ କ୍ରୀଡ଼ାନ୍ତେ ନାୟିକାର ମୁଖମଣ୍ଡଳର କ୍ଲାନ୍ତିଜନିତ ନଷ୍ଟଭଙ୍ଗୀ, ପୀକ ବଚନ ସଦୃଶ ମୃଦୁ ବଚନ, 'ମଲ୍ଲି ମଲ୍ଲି' ଶବ୍ଦର ଉଚ୍ଚାରଣ ସହିତ ତୁଳନା କରି କବି ଅଳ୍ପ ପଦରେ ବର୍ଣ୍ଣନା କରି ସୁନ୍ଦର ଚିତ୍ରଟିଏ ଦେଇଛନ୍ତି । ତୁଳନାଟି ଉପଯୁକ୍ତ ଭାବରେ ପ୍ରୟୋଗ କରାଯାଇ ଥିବାରୁ ପଦଗୁଡିକ ରସପୂର୍ଣ୍ଣ ହୋଇଛି ।

ବର୍ଷା ଓ ଶରତ୍‌ଋତୁର ଗୋଟିଏ ଗୋଟିଏ ମାତ୍ର ଲକ୍ଷଣକୁ କବି କେଳି-ପ୍ରସଙ୍ଗରେ ବ୍ୟକ୍ତ କରିଛନ୍ତି; ଏହି ପ୍ରସଙ୍ଗରେ ବର୍ଷାଋତୁର ଅବତାରଣା କରିବା ପରେ ସେହି ପ୍ରସଙ୍ଗର ଅନ୍ୟ ରୂପ ପରବର୍ତ୍ତୀ ଋତୁ (ଶରଦ) ରେ ଦେଖାଇଛନ୍ତି ।

ସୂର୍ଯ୍ୟ ଉଦୟ ହେବାରୁ ଚନ୍ଦ୍ର ଓ ଅନ୍ଧକାର ଉଭୟେ ଲୁଚିଗଲେ । ବିରହୀ ଲୋକଙ୍କୁ ଚନ୍ଦ୍ର ବେଶି କଷ୍ଟ ଦେଉଥିଲା, ଏବେ ଏହା ଦୂର ହେଲା;

ଆଉ ଚନ୍ଦ୍ରା ରହିଲା ନାହିଁ । ବର୍ଷାଋତୁରେ ହଂସମାନେ କ୍ରୀଡ଼ା କରନ୍ତି, ଶରତ୍ କାଳ ଉପସ୍ଥିତ ହେଲେ ସେ ସ୍ଥାନକୁ ତ୍ୟାଗ କରି ଅନ୍ୟ ସ୍ଥାନକୁ ବାହାରି ଯାଆନ୍ତି । ଏହି ପ୍ରସଙ୍ଗରେ କବି ରାଜିକୁ ବର୍ଷାଋତୁ, ଧନକୁ ଶରତଋତୁ, ରମାକୁ ହଂସୀ, ପୁରୁଷକୁ ମାନସରୋବର ରୂପେ କଳ୍ପନା କରିଛନ୍ତି ।

> ଚନ୍ଦ୍ରମାର ସନ୍ତାପ ଜଳାଇଲା । ଚନ୍ଦ୍ରା-ଅନ୍ଧାର କାହିଁ ପଳାଇଲା ।
> ରମାହଂସୀ କି କାନ୍ତ-ମାନସର, କଲା କ୍ଷୁଧର ଶରଦ ବାସର । ୨୧ ।
>
> (୨ୟ ଛାନ୍ଦ)

କବି ପ୍ରେମସୁଧାନିଧିରେ ଋତୁ ଚିତ୍ରର ନୂତନ ରୂପ ପ୍ରଦାନ କରିଛନ୍ତି; ଅନ୍ୟାନ୍ୟ କାବ୍ୟମାନଙ୍କରେ ପ୍ରାକୃତିକ ଶୋଭାକୁ ବିବିଧ ଉପମାସହ ବର୍ଣ୍ଣନା କରି ବିଶେଷ ଭାବରେ ବିରହାନୁଚିନ୍ତାକୁ ପ୍ରକାଶ କରିଛନ୍ତି । ଏହି ଦୁଃଖ କାହାଣୀ ଋତୁ ବର୍ଣ୍ଣନା ପ୍ରସଙ୍ଗରେ ବର୍ଣ୍ଣିତ ହୋଇଥିଲେ ମଧ୍ୟ ଏଠାରେ ଏକ ରସପୂର୍ଣ୍ଣ ଆନନ୍ଦଦାୟକ କାହାଣୀରେ ପରିଣତ ହୋଇଛି ।

ଋତୁର ଉଭୟବିଧ—ଦୁଃଖ ଓ ସୁଖ ପ୍ରଭାବକୁ କବି ସ୍ୱ କାବ୍ୟ ମାନଙ୍କରେ କୌଶଳ ସହକାରେ ବିଭିନ୍ନ ସ୍ଥାନରେ ପ୍ରକାଶ କରିଥିବାରୁ ଏହାର ବ୍ୟାପକତ ସୀମାର ପରିସର ବହୁ ଗୁଣରେ ବର୍ଦ୍ଧିତ ହୋଇଛି । ଏକ ପ୍ରସଙ୍ଗକୁ ରସାପ୍ଲୁତ କରି ଓ ନବ ନବ ରୂପରେ ସଜ୍ଜିତ କରି କବି ଅସାମାନ୍ୟ କବି ପ୍ରତିଭାର ପରିଚୟ ପ୍ରଦାନ କରିଛନ୍ତି ।

କବି ଏହି କାବ୍ୟରେ ବସନ୍ତ, ଗ୍ରୀଷ୍ମ, ବର୍ଷାଦି ଋତୁରେ ନାୟକ ନାୟିକାଙ୍କ ବିରହାନୁଚିନ୍ତା ଅତି ଚମତ୍କାର ଭାବରେ ବର୍ଣ୍ଣନା କରିଛନ୍ତି ।

କବି ବିରହ ବର୍ଣ୍ଣନାରେ ପତ୍ରଲିଖନ ଶୈଳୀ ବ୍ୟବହାର କରିଛନ୍ତି । ଶରଦଋତୁରେ ବିରହୀ ବିରହିଣୀଠାକୁ ଯେଉଁ ପତ୍ର ଦେଇଛି ତାହା କି ଭାବ, କି ଭାଷା, କି ପ୍ରକାଶଭଙ୍ଗୀ ପ୍ରତ୍ୟେକ ଦିଗରୁ ଅତି ଉଚ୍ଚକୋଟୀର କବିତା ହୋଇଛି ଏବଂ ଓଡ଼ିଆ ରସିକ ଗ୍ରାହକମାନଙ୍କର ଅତି ଆଦରର ବସ୍ତୁ ହୋଇପାରିଛି ।

ଶରତକାଳୀନ ନିର୍ମଳ ଚନ୍ଦ୍ରମଣ୍ଡଳ କାମଦେବଙ୍କ ଦ୍ୱାରା ମଜା ହୋଇଥିବା ଦର୍ପଣ ପରି ଦିଶୁଛି । ଏହି ଚନ୍ଦ୍ରମଣ୍ଡଳକୁ ଦେଖି କୁମାର ବିରହରେ କାତର ହୋଇ ବିନୟପତ୍ର ଲେଖିବା ଆରମ୍ଭ କଲା । ନାୟକ ପରଂପରା ରୀତିକୁ ଅନୁସରଣ କରି ଇଷ୍ଟଦେବ 'ଜାନକୀବଲ୍ଲଭ'ଙ୍କ ପଦ୍ମପାଦରେ ଚିତ୍ତକୁ ରହୁ ବୋଲି ପ୍ରାର୍ଥନା କରିଛନ୍ତି । କବିଙ୍କ ଇଷ୍ଟଦେବ ଜାନକୀବଲ୍ଲଭ ହିଁ ନାୟକଙ୍କର ଇଷ୍ଟଦେବ ରୂପେ ପ୍ରକାଶ ପାଇଛନ୍ତି । ପ୍ରାରମ୍ଭରୁ ବିନୟପତ୍ରଟିକୁ ରସାପ୍ଲୁତ କରିବା ମାନସରେ ନାୟକ 'ରାଜସୁତା ପ୍ରୀତିକଉଶଳାକୁ ଚିତାଉ' ବୋଲି ଲେଖିଛନ୍ତି ।

ନାୟକ ନାୟିକାକୁ ନିଜର ପ୍ରତିଚକ୍ଷୁ ବୋଲି କହିଛନ୍ତି । ଉଭୟଙ୍କ ପ୍ରୀତି ଚନ୍ଦ୍ରକୁମୁଦମାନଙ୍କ ପ୍ରୀତି ପରି ଅଭେଦ । "ଯେତେ ଦୂରେ ଥିଲେ ଯେ ଯାହାର ସେ ତାହାର ।" ଚନ୍ଦ୍ରକୁ ଚକୋର, ଜଳଧରକୁ ଚାତକ ପ୍ରାୟ ନାୟକ ନାୟିକାକୁ ଆଶା କରୁଥିବା, ନାୟକ ଛାଇ ପରି ନାୟିକା ପାଖରେ ଲାଗି ରହିଥିବା ବ୍ୟକ୍ତ କରି ନାୟିକା ଅଦର୍ଶନରେ କିପରି ମର୍ମାହତ ହୋଇଛି ତାହା ଚମତ୍କାର ଭାବରେ ଉପମାସହ ବର୍ଣ୍ଣିତ ହୋଇଛି ।

ଦୁହିଁଙ୍କ ଅଭେଦ ପ୍ରୀତି ପୁଣି ନୀରକ୍ଷୀର ପ୍ରାୟ ଥିବା ନାୟକ କହିଛି । କିନ୍ତୁ ଏହି ଅଭେଦ ପ୍ରୀତି ବିରହ-ହଂସ ଦ୍ୱାରା ବିଚ୍ଛିନ୍ନ ହୋଇଯାଇଛି ।

ନାୟକ ନାୟିକାକୁ ପତ୍ର ଶେଷରେ "ଭାରତୀ ପରି ଗୁଣବତୀ", ପୁଣି "ଯୁବତୀ" ସମ୍ବୋଧନ କରି ପତ୍ରର ପ୍ରଗାଢ଼ ମର୍ମକୁ ବହୁଗୁଣରେ ବର୍ଦ୍ଧିତ କରି ଦେଇଛନ୍ତି ।

ନାୟିକାର ଉତ୍ତର ଉପଯୁକ୍ତ ହୋଇଛି । ନାୟକ ନାୟିକାର ଉପମାଗୁଡ଼ିକର ପୁନରାବୃତ୍ତି ନକରି ନୂତନ ଭାବ ପ୍ରକାଶଭଙ୍ଗୀ ଦ୍ୱାରା ରଚନାଟିକୁ ମନୋମୁଗ୍ଧକର କରି ପାରିଛନ୍ତି । ନାୟକ ପ୍ରଦତ୍ତ ଉପାଧିଗୁଡ଼ିକର ସାର୍ଥକତା ଏଥିରେ ପ୍ରତିପାଦିତ ହୋଇଛି ।

ନାୟିକା ନାୟକଙ୍କୁ, "ପ୍ରଭୋ ! କନ୍ଦର୍ପସୁନ୍ଦର ନୃପବର ସୁତ" ବୋଲି ସମ୍ବୋଧନ କରିଛି; ନାୟକଙ୍କ ସମ୍ବୋଧନ "ରାଜସୁତା, ପ୍ରୀତି କଉଶଲା"ର ଏହା ଉପଯୁକ୍ତ ଉତ୍ତର । ନାୟିକାର ଆଶା, ମନର ଆଶଙ୍କା, ନାୟକର ପ୍ରେମପ୍ରତି ସନ୍ଦେହ, ନିଜ ପ୍ରେମର ସ୍ୱଚ୍ଛତା ପ୍ରଭୃତି ଏଥିରେ ସୁନ୍ଦର ଭାବରେ ପ୍ରକାଶିତ ହୋଇଛି । ନାୟକ ଯେଉଁସବୁ ଭାବ ଓ ପ୍ରସଙ୍ଗ ପ୍ରକାଶ କରିଛି ନାୟିକା ଏକ ଏକ କରି ତାହାର ଉତ୍ତର ନ ଦେଲେ ମଧ୍ୟ ପତ୍ର ଓ ଉତ୍ତରର ଭାବରେ ସାମ୍ୟ ରହିଛି । ପତ୍ର ଦୁଇଟିରେ ପରଂପରା ରୀତିର ସମ୍ବୋଧନୀ ଓ ସମାପ୍ତି ଆଦି ସବୁ ରୀତି ବ୍ୟକ୍ତ ହୋଇ ନଥିଲେ ମଧ୍ୟ ମର୍ଯ୍ୟାଦାପୂର୍ଣ୍ଣ ହୋଇଛି ।

ନାୟକର ପତ୍ର—

ନିର୍ମଳ ଚନ୍ଦ୍ର ମଣ୍ଡଳ ଶରଦେ ବିରାଜି,
ଦିଶେ ଯଥା ଦର୍ପକ ଦର୍ପଣେ ଥିଲେ ମାଜି
ରାହିଁ କୁମର କାତର, ଲେଖି ଆରମ୍ଭିଲ ବସି ବିନୟ ପତର । ୧ ।

ଜାନକୀବଲ୍ଲଭ ପଦ୍ମପାଦେ ନତି ଥାଉ,
ରାଜସୁତା ପ୍ରୀତି-କଉଶଲାକୁ ଛିଟାଉ
ଏବେ ମରୁଅଛି ଝୁରି, ଦରିଦ୍ର ରତନ ପାଇ ହରାଇଲା ପରି । ୨ ।

ତୁ ମୋ ପ୍ରତିଚକ୍ଷୁ ଯେଣୁ ହୋଇଛୁ ଅନ୍ତର,
ଦିଶୁନାହିଁ କିଛି କାହିଁ ଆନ ପ୍ରତିକାର
ନୂଆଁ ଅନ୍ଧପ୍ରାୟେ ହୋଇ, ଅନୁକ୍ଷଣେ ଆକୁଳ ବଢ଼ାଉ ପ୍ରାଣସହି । ୩ ।

ଦୂରେ ଥିଲେ ପାଶେ ଅଛୁ ଏହା ଥିବୁ ଘେନି,
କେତେ ଦୂରେ ଚନ୍ଦ୍ର କେତେ ଦୂରେ କୁମୁଦିନୀ,
ପ୍ରୀତି ଅଭେଦ ତାଙ୍କର, ଯେତେ ଦୂରେ ଥିଲେ ଯେ ଯାହାର ସେ ତାହାର ।୪।

(ଇତ୍ୟାଦି ୧-୧୮)

ନାୟିକାର ଉତ୍ତର—

ପ୍ରଭୋ ! କନ୍ଦର୍ପ ସୁନ୍ଦର ନୃପବର ସୁତ,
ଚନ୍ଦ୍ର-ପ୍ରାୟେ ହୋଇ ତୁମ୍ଭ କୀରତି ବିଖ୍ୟାତ
ତୋଷକର ସର୍ବମନ, ପଦ୍ମିନୀପରି ପ୍ରକାଶ ଗ୍ରମାର ମଳିନ । ୨୧ ।

ପ୍ରାଣପ୍ରାୟେ କରି ଘେନିଥାଇଛି ଯାହାକୁ,
ଗୁଡ଼ି ନିକି ପ୍ରଭୃତି ବସନ ପ୍ରାୟେ ତାକୁ
କେବେ ନଗୁଡ଼ିବି ଆଶ, ଅନଳେ ପତଙ୍ଗ ପ୍ରାୟେ ହେଲେ ହେବ ନାଶ ।
୨୨ । ଇତ୍ୟାଦି ୨୨-୨୯ । (୧୪ଶ ଛାନ୍ଦ)

ଚଉତିଶା ଦୁଇଟିରେ ରତିକ୍ରୀଡ଼ାଦି ପ୍ରସଙ୍ଗର ବିରକ୍ତିକର ଧାରଣିକା ନ ଥିବାରୁ ଏହା ସର୍ବଜନ ପ୍ରିୟ ହୋଇ ପାରିଛି ।

ନାୟକର ଋତୁକାଳୀନ ବିରହାନୁଚିନ୍ତାରେ କବି ବସନ୍ତରେ "କୋକିଳ ସନ୍ଦେଶ," ଗ୍ରୀଷ୍ମଋତୁରେ "ଭ୍ରମର ସନ୍ଦେଶ," ବର୍ଷାଋତୁରେ "ମେଘ ସନ୍ଦେଶ"ର ଅବତାରଣା କରି ରଚନାକୁ ରମଣୀୟ କରି ପାରିଛନ୍ତି । ଏହି ଋତୁକାଳୀନ ବିରହାନୁଚିନ୍ତାରେ ରତିକ୍ରୀଡ଼ାର ଉତ୍କଟ ବର୍ଣ୍ଣନା କରି କବି ଛାନ୍ଦକୁ ସର୍ବଜନାଦୃତ କରିପାରି ନ ଥିଲେ ମଧ୍ୟ ସୌନ୍ଦର୍ଯ୍ୟପୂର୍ଣ୍ଣ କରି ପାରିଛନ୍ତି । ଭାଷା ଭାବକୁ ଅନୁସରଣ କରିଛି । ବର୍ଣ୍ଣନାଗୁଡ଼ିକ ଅଳଙ୍କାର ପ୍ରଧାନ ଥିଲେ ମଧ୍ୟ ଭାବ ଓ ଭାଷା ଯୋଗୁଁ ସୁନ୍ଦର ହୋଇଛି ।

ସନ୍ଧ୍ୟା—ବିରୋଧାଭାସରେ କବି ସନ୍ଧ୍ୟାର ବର୍ଣ୍ଣନା ଅଳ୍ପ ସଂଖ୍ୟକ ପଦରେ କରିଛନ୍ତି । ବିରୋଧାଭାସର ଉଦାହରଣ ବ୍ୟତୀତ ଏଥିରେ ଅନ୍ୟ ବିଶେଷତ୍ୱ ଦେଖାଯାଏ ନାହିଁ ।

ଏ ସମୟରେ ଯାମିନୀ ହୋଇଲା ପ୍ରବେଶ
ଦ୍ୱିଜରାଜ ଦ୍ୱିଜଚକ୍ରେ ବଢ଼ିଲାକ କ୍ଲେଶ ଯେ । ୫ ।

ପଦ୍ମିନୀ ସୁମନାକୁ ହରଷ କରାଇଲା
ପଦ୍ମିନୀ ସୁମନାକୁ ବିରସେ ମଳାଇଲା ଯେ । ୭ ।

ପ୍ରଦୋଷକୁ ନାଶକଲା ଦୋଷାକର ହୋଇ
ତମକବଳ ତମକୁ ଗୁହାରେ ପୂରାଇ ଯେ । ୭ ।

ସୁରଙ୍କୁ ବାରୁଣୀ ସେବା କରାଇଲା ବଳେ
ସକଳ ହୋଇ ରୁଚିର ଅଖଣ୍ଡ ମଣ୍ଡଳେ ଯେ । ।' ।

ଅନନ୍ତ ହରିତ କଲା ଯାହା କର ଗ୍ରାସ
ଏକାଳେ ସଜନୀ କଲେ ରମଣୀକ ବେଶ ଯେ । ୯ । (୫ମ ଛାନ୍ଦ) ।

କବିଙ୍କ ଅନ୍ୟାନ୍ୟ କାବ୍ୟରେ ଥିବା ସନ୍ଧ୍ୟା ବର୍ଣ୍ଣନା ତୁଳନାରେ ଏହା ସମକକ୍ଷ ହେଉନାହିଁ; ବର୍ଣ୍ଣନାଟି କେବଳ ବିରୋଧାଭାସ ଅଳଙ୍କାରର ଦୃଷ୍ଟାନ୍ତ ଥିବାରୁ ଏହାର କିଛି ଆଳଙ୍କାରିକ ବିଶେଷତ୍ୱ ଦେଖାଯାଉଛି ।

ଯାମିନୀ ପ୍ରବେଶ ହେବାରୁ ଚନ୍ଦ୍ର ଉଦିତ ହେଲେ । ରାତି ଚକ୍ରବାକ ଯୁଗଳକୁ ପୃଥକ କରିଦେଇ କ୍ଳେଶ ବିହିଲା । ପଦ୍ମିନୀ ସ୍ତ୍ରୀମାନଙ୍କୁ ଯାମିନୀ ହରଷ କରାଇଲା; ସେମାନେ ସ୍ୱାମୀସଙ୍ଗ ଲାଭକଲେ । କିନ୍ତୁ ପଦ୍ମକୁ ଦୁଃଖଦେଲା । (ସେ ମୁଦି ହୋଇଗଲା ।)

ଚନ୍ଦ୍ର ଉଦୟ ହେବାରୁ ଅନ୍ଧାର ଘୁଞ୍ଚିଯାଇ ପର୍ବତ ଗୁହାରେ ରହିଲା । ତମ ଯେ ରାହୁ ଚନ୍ଦ୍ରକୁ ଗ୍ରାସକରେ । କିନ୍ତୁ ଏଠାରେ (ତମ ଯେ ଅନ୍ଧାର) ରାହୁ ଚନ୍ଦ୍ରକୁ ଭୟ କରି ଗିରିଗହ୍ୱରରେ ଲୁଚିଲା ।

ସୁର ଯେ ସୂର୍ଯ୍ୟ ସେ ବାରୁଣୀ ଅର୍ଥାତ୍ ପଶ୍ଚିମ ଦିଗନ୍ତରେ ଅସ୍ତହେଲେ । ଅଖଣ୍ଡମଣ୍ଡଳ ରୁଚିର ଦିଶିଲା । ସୁର ଯେ ଦେବତାମାନେ ବାରୁଣୀ ଯେ ମଦ୍ୟ ତାକୁ ଖାଇଲା ।

ପ୍ରଭାତ—ପ୍ରଭାତ ବର୍ଣ୍ଣନାରେ କବି ବେଶି ପଦ ବ୍ୟବହାର କରି ନ ଥିଲେ ମଧ୍ୟ ବର୍ଣ୍ଣନାର ମାଧୁର୍ଯ୍ୟ ପରିସ୍ଫୁଟ ହେବାରେ ବ୍ୟାଘାତ ଘଟିନାହିଁ ।

ଏ ସମୟରେ ନିଶାପତି ହତ,
ଜାଣି କାକରବଛଳେ ରୋଦିତ । ୧୮ ।
ନଷ୍ଟ ବନ୍ଧୁ ଦ୍ୱିଜେ ଜଳେ ମଜ୍ଜନ,
ପ୍ରେତାଞ୍ଜଳିମାନ ହିଁ କଲେ ଦାନ ।
ତାର ଦାର ହିଁ ବିଧବା ହୋଇଲେ,
ଏଣୁ ମଳିନ ବେଶକୁ ବହିଲେ । ୧୯ ।

ଭାନୁ ବିଦେଶୀ ପୁର ଗଗନରେ,
ଆସି ପ୍ରବେଶ ହୋଇବା ବେଳରେ ।
ଦାସୀ ହୁଳହୁଳି ପକ୍ଷୀନାଦ,
ହେଲା ପଦ୍ମିନୀ କାମିନୀ ପ୍ରମୋଦ । ୨୦ । (ଦୃଷ୍ଟ ଗ୍ରନ୍ଥ)

କବି ପ୍ରଭାତରେ ନିଶାପତିଙ୍କ ମୃତ୍ୟୁ ହେବା କଳ୍ପନା କରିଛନ୍ତି । କାକମାନେ ରବଛଳରେ ରୋଦନ କରୁଛନ୍ତି । ଜଳରେ ବୁଡ଼ି ପ୍ରେତକାର୍ଯ୍ୟାଦି କରୁଛନ୍ତି । ତାରମାନେ ବିଧବା ହେଉଛନ୍ତି । ଏହିହେତୁ ମଳିନ ମଧ୍ୟ ଦେଖାଯାଉଛନ୍ତି ।

ଭାନୁ ଉଦୟ ହେବାରୁ ଦୁଃଖର ରଜନି ସୁଖରେ ପରିଣତ ହେଲା । ବିଦେଶରୁ ସ୍ୱାମୀ ଫେରିଲେ ସ୍ତ୍ରୀ ଆନନ୍ଦିତ ହୁଏ, ଦାସଦାସୀମାନେ ଆନନ୍ଦରେ ହୁଳହୁଳି ଦିଅନ୍ତି । ସୂର୍ଯ୍ୟଙ୍କୁ କବି ବିଦେଶୀ ସ୍ୱାମୀ ସହିତ ତୁଳନା କରିଛନ୍ତି, ପକ୍ଷୀମାନଙ୍କ ରବକୁ ହୁଳହୁଳି ବୋଲି କଳ୍ପନା କରିଛନ୍ତି ।

ପ୍ରସିଦ୍ଧ ସାମାଜିକ ବିଧାନର ଅବତାରଣା କରି କବି ଅତି ଚମତ୍କାର ଭାବରେ ପ୍ରଭାତର ବର୍ଣ୍ଣନା କରିଛନ୍ତି ।

ସ୍ତ୍ରୀମାନଙ୍କ ପରିହାସର ମାଧୁରୀ—କବି ଯୁବକଯୁବତୀଙ୍କ ପ୍ରେମଜୀବନକୁ ଅତି ମୂଲ୍ୟବାନ ବୋଲି ମନେ କରିଛନ୍ତି । ପ୍ରିୟାର ହାବଭାବ, ଚେଷ୍ଟା, ଚରିତ ସବୁ ପ୍ରିୟକୁ ଆନନ୍ଦ ଦାନ କରେ; ଇନ୍ଦ୍ରସମ୍ପତ୍ତିଠାରୁ

ଏହାକୁ ମୂଲ୍ୟବାନ୍ ମନେ କରନ୍ତି । ଉନ୍ନତ୍ତ୍ରୀ ଶ୍ରମାର ବନ୍ଧ ହକ୍ତି ମୋହନମନ୍ତ୍ର ପରି ରସିକ ପ୍ରିୟର ମନକୁ ମୋହିତ କରୁଛି ।

ପରସ୍ପରରେ କଥନ ପରିହାସମାନ,
ମୁଖର ରସନା କର କଟୀରେ ରଞ୍ଜନ ଯେ । ୧୦ । (୫ମ ଛାନ୍ଦ)

ବେଶ କରିବା ସମୟରେ ଜଣେ ସଖୀ ଅନ୍ୟ ସଖୀକୁ କହୁଛି, ଜିଭକୁ ନେଇ ଅଣ୍ଟାରେ ବାନ୍ଧ । ଅର୍ଥାତ୍ ମୁଖର ଯେ ଶବ୍ଦ କରୁଥିବା ରସନା ଯେ ମେଖଳାକୁ କଟୀରେ ବାନ୍ଧିଦିଅ । ଏହିପରି କାଞ୍ଚିଲ, ନୂପୁର, ନାସାମୋତି ଫୁଲମାଳ ଏହି ବେଶ ସାମଗ୍ରୀକୁ ଲକ୍ଷ୍ୟକରି କବି କଳ୍ପନା-ଶକ୍ତି ସାହାଯ୍ୟରେ ସୁନ୍ଦର ଆଦି ରସାପ୍ଲୁତ ପଦଗୁଡ଼ିଏ ରଚନା କରିଛନ୍ତି ।

ନୟନହ୍ୱୟ ଶୟନ ସମୟ, ସମପଲବନ୍ତ ହଂସ ଉଦୟ
ଅନ୍ୟ ସମୟ ଲକ୍ଷ୍ୟକରି ପଛ, ପୟ ଶରଣ ଚୟବଶ ମସ୍ୟ
ମହିଇତସ୍ତତ, ଛଟକ ପଲକ ଅଟକ ସତ । ୯ ।

କେତେକ ରମଣୀୟ ଚିତ୍ର, ଅମୃତ ପଦାବଳୀ—ଉପେନ୍ଦ୍ର ଏହି କ୍ଷୁଦ୍ର କାବ୍ୟଟିରେ ବହୁ ସୁନ୍ଦର କବିତ୍ୱପୂର୍ଣ୍ଣ, ଗମ୍ଭୀର ଚମତ୍କାରିକ, ଭାବପୂର୍ଣ୍ଣ, ରସାପ୍ଲୁତ ପଦାବଳୀ ରଚନା କରିଛନ୍ତି । ଏକ ଏକ ପଦ ଏକ ଏକ ରତ୍ନ । ଯେ କୌଣସି ସାହିତ୍ୟରେ ଏହା ଉଚ୍ଚ ସ୍ଥାନ ଅଧିକାର କରିବ ।

ନବପରିଣୀତ ଭାବୁକ ଚତୁର ସୁନ୍ଦର ସ୍ୱାମୀ ତାହାର ସୁନ୍ଦରୀ ଭାବବତୀ ରସିକା ଚତୁରୀ ସ୍ତ୍ରୀଠାକୁ ଯେଉଁ ପ୍ରେମିକ ଜୀବନର ଅନୁଭୂତିକୁ କବିତ୍ୱପୂର୍ଣ୍ଣ ଓ ଭାବପୂର୍ଣ୍ଣ ପଦାବଳୀରେ ବ୍ୟକ୍ତ କରି ରସିକ ଗ୍ରାହକ ମନକୁ ରସାପ୍ଲୁତ କରିପାରିଛି । ଏଠାରେ ହିଁ କବିର ଲେଖମାର ସାର୍ଥକତା ।

(୧) ଅବନା—

ଅର୍ଦ୍ଧଚନ୍ଦ୍ର ବଡ଼ ଅଳକତଳ, ଖଣ୍ଡକମଳଜ ଗଣ୍ଡମଣ୍ଡଳ
ମନ୍ଦହସ ନବ ବଳକ୍ଷ କର, ଅମୃକ ମଧ୍ୟ ସରସ ସଦର
ଅଞ୍ଜନ କପଟ, ଶ୍ରବଣରନ୍ଧ୍ର ଗମନ ଲମ୍ପଟ । ୧୦ ।

ରଙ୍ଗଉତ୍ପଳ ମଧ୍ଯ ଶତଦଳ, ମଧ୍ଯସ୍ଥ ସମଉଭର ଭ୍ରମର
ଏମନ୍ତ ମନ-ପବନ ଚଳଇ, ବହଳ ମକରନ୍ଦ ନ ଉଡ଼ଇ
ଗତ ମନମନ, କମ୍ପନ ଅପଘନ ଘନ ଘନ । ୧୧ । (୨ୟ ଛାନ୍ଦ)

(୨) ଛେକାନୁପ୍ରାସ, ମଧ୍ୟଯାମକ—

ନବପ୍ରମଦା ମଦାଳସା ଯୋଷାକୁ ଜଳକେଳିରେ ମନାଇବ
ମୁଖ ଅଧିକ ଧିକ ଏ ସରସିଜ ଦେଖାଇବାକୁ ଚାହାଁଇବ
ଚନ୍ଦ୍ରମା, ରହସ୍ୟେ ମନ ଘେନାଇବ,
ନୀଳା ଅମ୍ବର ଶରୀର ଜର ଜର ହେବା ଶୋଭିକୁ ଅନାଇବ । ୧୩ ।
(୩ୟ ଛାନ୍ଦ) ।

(୩) ଅଦ୍‌ଭୁତୋପମା—

ବାଳଅରୁଣ କୋଳରେ ବିକଶିତ କଲା କୁମୁଦ ଏ ଅଦ୍‌ଭୁତ
ଉପମାକୁ ଏବେ ଗହନ ହେଉଛି ସବୁ କଥା ଆନ ଆନ ତ
ନଶି ବାସରେ, ମନୁ କି ଆଉ ପାସୋରିବ
ନବବିଜୁଳି ବିନା ମେଘେ ମଧ୍ଯରେ, ଖେଳା କରିବାର ଗୁହିଁବ । ୮ ।

ଚନ୍ଦ୍ର କର ଯା ରହସ୍ୟେ ବୋଲୁଥାଅ କୋଟି ଜନ୍ମ କାମକଳ୍ପଷ
ଚୁମ୍ବନେ ହରିବ ସେହି କାଳ ଏବେ ଭାଗ୍ୟରୁ ହୋଇଛି ପ୍ରବେଶ ।
ପ୍ରଥମରୁ ହେ, ଦର୍ଶନେ ଅମର ପଦବୀ
ଲଭିବ ଭୁମ୍ଭର ବଲ୍ଲିଭୀ ଶୋଭିକୁ ଏ ଉକ୍ତିରୁ କସ କନ୍ଧିବ । ୧୩ ।
(୪ର୍ଥ ଛାନ୍ଦ)

(୪) ଅନୁପ୍ରାସ—

ମଧ୍ଯେ କର ନିବେଶନ, ଖସୁଁ ଖୋସିବା ବସନ
ବିଭଙ୍ଗ କେଶ ବସନ କେଉଁ ପ୍ରସନ୍ନ

ପ୍ରଖର ଶ୍ୱାସ ଶ୍ୱସନ ଫୁଲିତ ନାସା ଦଶନ,
ବସନେ ସ୍ଥିତ ଦଶନକୃତ ଦଂଶନ ।
ପ୍ରାତେ ଯେ କରଛୁ ଦର୍ଶନ, ତା ଚକ୍ଷୁ କରୁଛୁ ପ୍ରେମସୁଧା ଅଶନ । ୯ ।

ଏମନ୍ତ ମନେ ପ୍ରସାର କାଶକ ନାସା ସେ ସର,
ଧଇର୍ଯ୍ୟ କସି କେଶରୀ ନୋହେ ବମୂସା,
ପାଶେ ଥିଲେ ହନ ସର, ତାପମାନ ଅପସର,
ସେ ତ ରସିକା କେଶରୀ ମୁଁ କି ତା ସର
କଥନେ ଯା ଗୁଣ ନ ସର, ସ୍ୱର୍ଗେ ବଡ଼ ବେଗ ହୋଇ ସେ ଅପସର ।
୧୮ । (୭ମ ଛାନ୍ଦ)

(୪) ସିଂହାବଲୋକନ ଶୃଙ୍ଖଳା—

ଅସୀଭକାର ସବୁରୂପେ ମୋହର ଛାଡ଼ିବାକୁ ମୁଁ କହିକ
ମୁକହିକ ଛାଡ଼ି ପାପ କେ ଲୋଡ଼ୁଛୁ ଏ କଥା ଆସୁ ମତକ ।
ସୁମଧକ ଆହ ଚୋର ସଙ୍ଗେ ଥିଲ ପରି ସୁଖ ଦେବଦୀପ
ଦେବଦୀପତୋଷଦାୟିନୀ ତୁ ମୋର ଆହୁର ଶିରକଲାପ । ୧୬ ।

କଲାପକେଶୀ ନ ଚିନ୍ତିବୁ ଅଞ୍ଜନ ନୟନେ ପରି ଏଣିକ
ଏଣୀକ ଆହ ଗର୍ବତ ନ କରୁଅ ଏତେ କହେ ସୁବେଣୀକି
ବେଣୀକ ଜୁଡ଼ା ଯେଣ୍ଡ ସେହ ଯତନେ ବରଚୁ ଥିବୁ କୁନ୍ତଳେ
କୁତଳେ ବାସ ଅଞ୍ଚଳେ ନ ଶୋଇବୁ ପଲଙ୍କ ବନା ଚଞ୍ଚଳେ । ୧୭ ।
(୮ମ ଛାନ୍ଦ)

(୬) ପ୍ରାନ୍ତ ଯମକ—

ଅବଶ୍ୟ ପିଣ୍ଡୁ ଥରେ ଯିବ ଜୀବନ,
ତା ଲଗି ଗଲ ଜାଣ ଜୀବଜୀବନ ଯେ ।
ଏହି ସଂଶୟ ହୁଏ ଗୁଣି ଢଳକ,
ଗଲେ ତ ନ ଦେଖିବ ଗୁଣୀ ଢଳକ ଯେ । ୩ ।

ମୋ ଧନୀ ନ ଜାଇବ ମୋ ବିନାଶରେ,
ଗଢ଼ ଦେବାକୁ ମୋତେ ତା ବିନାଶରେ ଯେ ।
ସେ ଥିଲେ ତାହା କରବଶ ସଲିଳେ,
ଦେବେ ବୋଲିବେ ସ୍ୱର୍ଗେ ବସ ସଲିଳେ ଯେ । ୪ ।

ମୋହୁସିବା ପାଏ ଗ୍ରୀମୁକୁ ତାହାର,
ନଛିଡ଼ି ମୋ ଗୁନ୍ଥିଲା ମୁକୁତା ହାର ଯେ ।
ଦେଖି ସୁମରୁଥିବ ମୋତେ ବାଳୀଶ,
ମୁହିଁ ହୋଇଲି ଏହି ମତେ ବାଳିଶ ଯେ । ୩, ୪, ୫ ।
(୯ମ ଛାନ୍ଦ)

(୭) ଆଦ୍ୟନ୍ତାନ୍ତଯମକ—

(କ) ପରାପତ ସେ ମୋ ଭାଗୁଁ ୟ ପରା, ପରାକ୍ରମ ନାହିଁ ମୋ ଅପରା ।
ପରାଣ ଭିନ୍ନେ ପ୍ରାଣୀ ଜୀଅଇଁ ଶୁଣି ନ ଥିଲାଇଁ ପରଂପରା ହେ,
କୋକିଳ । ୭ ।

ମରଇଁ ନାହିଁ ହେଲି ଅମର, ମରନ୍ଦରେ ଯେମନ୍ତ ଭ୍ରମର,
ମରକତକେଶୀ ଓଷ୍ଠସୁଧାପାନୁ ନ ଭରସଇ ହଂସକୁମର ହେ,
କୋକିଳ । ୧ । (୧୧ଶ ଛାନ୍ଦ)

(ଖ) ରଜନୀଶମୁଖୀ ଫଗୁରଜ, ରଞ୍ଜନେ ମାରୁ ଦଶୁଁ ହରଜ
ରଜନୀ ପିଚକା ମୁଁ ଯୋଖି ମାରନ୍ତେ କ କରଇ ନୟନନୀରଜ ହେ,
କୋକିଳ । ୧୩ । (୧୧ଶ ଛାନ୍ଦ)

(୮) ଆଶୟ—

(କ) ଅତ୍ର ପରମାଦ ପଡ଼ିଲା କାହିଁକି ରାତ୍ରିରେ ନ ଆସିଲା ନିଦ୍ରା,
ମୋର ଛଇଲାମଣି ସବୁ ଫନ୍ଦା,
ଉତ୍ତରକୁରୁପ୍ରାପତ ଜନ-ଭୋଗ ହେଲେ କରୁଥାନ୍ତି ନିନ୍ଦା ହେ । ମଧୁପ ।

ଏତେ ଭାଗ ସେ ଦିଶେ ଦିଶେ ଦିଶେ, କାହିଁପାଇଁ ମୋ ଅଙ୍ଗରେ ନମିଶେ ।
ନଖ ଦନ୍ତ ଘାତ ଏବେ ଚିତୋଇଲା ପର୍ଯ୍ୟେ ମନକୁ ଆସେ ହେ ।
ମଧୁପ । ୨ ।

(ଖ) ନୀଡ଼ୁଁ ସଖୀ ସଙ୍ଗେ ତପନ ତାପରେ ମ୍ଲାନ ଦିଶୁଥିଲେ ଲପନ
ଗୃହିଁ ଭାଲେ ବାଲୀ କି କଲା ମାନ
ତୋଳି ଆଣି ଯେବେ କମଳ ଲଗାଏଁ ଶିରେ ଜଣାଇ ସେ ମନ୍ଦ ହେ
। ମଧୁପ ।
ଭାଷେ ଏତେ ବନସ୍ତକୁ ମୁହିଁକି ? ତାହା ବିଚାର କରିବ କାହିଁକି
ଅତନୁ ହେଲେ ମନୁ ଜାତ ମଦନ ଏତେ ବିବେକ ନାହିଁ କି ହେ
। ମଧୁପ । ୯ ।

(ଗ) ସରୋବରେ କେଳି କରିବା ସମୟେ ତାକୁ ମୁଁ ପ୍ରଶଂସି କହଇ
ହାସ ପ୍ରକାଶ କରିନାରେ ସହି,
ଚରଣ ଶରଣ ଲୋକକୁ ହାସିବା କଥା ତ ଉଚିତ ନୋହି ହେ । ମଧୁପ ।
ବୁଜ ନା ତୋ ନେତ୍ର ଲଜମଜ୍ଜନେ, କୋକ ବିଚ୍ଛେଦ ହେବଟି ଦର୍ଶନେ,
କାହୁଁ କେତେ କଥା ଦିଶୁଥାଇ ବୋଲି ଅଳପ ହସେ ପ୍ରସନ୍ନେ ହେ ।
ମଧୁପ । ୧୫ ।

(ଘ) ପଞ୍ଚଦଶୀଶଶି ଲୋକେ ନ ଘୋଷି ଲପନ ଦେଖଇ ଦର୍ପଣେ
ମୁଁ କହଇଁ, କହନ୍ତି ମୂର୍ଖପଣେ
ଯହିଁ ଆଦର ତହିଁ ସମ କରନ୍ତି କେହି କେହି କେଉଁ ଗୁଣେ ହେ । ମଧୁପ ।
ଏ ବଚନରେ ହସିଲା ହୁଅଇ, ମୋର ଉରକୁ ସେ ଢଳିପଡ଼ଇ
ମୁଁ କି ଆଉଜାଇଁ ଉରେ ଆଉଜାଇ ବସାଇବି ଭାଗ୍ୟ କାହିଁ ହେ ।
ମଧୁପ । ୧୬ ।

(ଚ) ସ୍ୱପ୍ନେ ଦିନେ ଦିନେ କି ଦେଖି ବାନ୍ଧଇ ବାସକୁ
ବାସ କୃଶ-କଟୀ ନ କହଇ ମୁଁ ପଚାରିଲେ ହସି
ବୋଲୁଁ ନିତି ଅନାଦର ସ୍ନେହ ଘେନ ମୋଠାରେ ହେଉ କପଟୀ ହେ ।
ମଧୁପ ।

କହେ ଆଜ କ ପଡ଼ିଥିଲ ଦଶା, ମୋରେ କରୁଥିଲ ପରଶଂସା
ହିମ ଶିଶିର ବସନ୍ତ ଗ୍ରୀଷ୍ମରୁ ଅଧିକ ବୋଲି ବରଷା ହେ । ମଧୁପ ।୧୮।
(୧୨ ଶ ଛାନ୍ଦ)

(୯) ଯୋଡ଼ି ଯମକ—

(କ) ଦିନେ ସେ ଉଚତେ ଚଉକି ଯେନ ଉପତେ ସତେ
କେତକେ ଲେଖି ଇଙ୍ଗିତେ ଗୀତେ ।
ଗାଉଁ ସେ ଏକାନ୍ତେ କାନ୍ତେ ପ୍ରେମ-ନଦୀସ୍ରୋତେ ସ୍ରୋତେ
ଭାସି ମୁଁ ଭାବ ଜନ୍ମିତେ ମିତେ ହେ । ଜଳଧର ।
ବୋଲେ ଯେ ଦୈନ୍ୟ ସନ୍ତତେ ତତେ,
ଶୁଣିତା ଲକ୍ଷିତେ ଜିତେନ୍ଦ୍ରିୟମୋକ୍ଷ ମଧେ ମତେ ଜାତ ରସ
କେତେ କେତେ ହେ । ୧୩ ।

(ଖ) ସେ ବଚନବଳୀ ବଳଶୋଭି ଦେଇ ବଳି
ବଳଭୁଜେ ପୁଚ୍ଛୁଁ ବାଣ୍ଡି ଆଳୀ ଆଳୀ
କହିଲା ଛନ୍ନାଳୀ ନାଳୀକାକ୍ଷୀ ନବବାଳୀ
ବାଳକ ମୁଁ ଦିଅ ସେବା ପାଳି ପାଳି ହେ । ଜଳଧର ।
ବଞ୍ଚଣୀ ପାଦ ମଞ୍ଜାଳ ଗୁଳି,
ଗୁନ୍ଥି ଫୁଲମାଳ ମାଳତ୍ରାୟେ ପାଳି
ତୁଳି ତୂଳିକେ ଚିତ୍ର ଲେଖିବି ଭାଳି ଭାଳି ହେ । ୧୬ ।

(ଗ) ହୋଇ ତୁମ୍ଭେ ନିସ୍ତନିତ ନକର ସମ୍ପାତ ପାତ
ନ ଦେନ ତ ନଭସ୍ତ ସ୍ୱତଃ
ଚଞ୍ଚଳାଶୋଭିତ ଭୀତ ଦେବତା ନାଶତ ସତ
ଦେଖ ହୋଇଣ ଗର୍ବିତ ମିତ ହେ । ଜଳଧର ।
କହିବ ଚଉମୋହିତ ହିତ, ହେବ ତୋ ଏକାନ୍ତ,
କାନ୍ତ ଗୁଡ଼ିରେ ବସିନ୍ତ
ସ୍ମିତହାସୀ ସେ ତୋରେ ନିରତ ରତ ହେ । ୧୭। (୧୩ଶ ଛାନ୍ଦ) ।

(୧୦) ଦୃଷ୍ଟାନ୍ତ —

ନାୟକ — ଛାଇ ପ୍ରାୟେ ପାଶେ ଲଗି ଥାଇ ଅନୁକ୍ଷଣେ,
ଆଜ୍ଞାକାରୀ ପ୍ରାୟେ ପୁଣି ତୋ ଅନୁସରଣେ ।
ନୀର କ୍ଷୀର ପ୍ରାୟେ ପ୍ରୀତି,
କାଦମ୍ବ ପରାୟେ ହେଲା ବିଚ୍ଛେଦ ବିପତ୍ତି । ୧୫ ।

ନାୟିକା—ପ୍ରାଣ ପ୍ରାୟେ କରି ଯେନ ଥାଇଛି ଯାହାକୁ
ଛାଡ଼ି ନିଜ ପ୍ରଭାତ ବସନ ପ୍ରାୟେ ତାକୁ
କେବେ ନ ଛାଡ଼ିବି ଆଶ,
ଅନଳ ପତଙ୍ଗ ପ୍ରାୟେ ହେଲେ ହେବି ନାଶ । ୨୨ ।
ମହତ ଲୋକମାନଙ୍କ ଭ୍ରମର ବେଭାର
କରିବାର କଥା ନିଜ ଜଗତେ ସୁନ୍ଦର
ଆହେ ରସିକରତନ
କୃତବର୍ଷକ ପ୍ରାୟେ ପ୍ରୀତି କଲ ଆନ ।୨୩। (୧୪ଶ ଛାନ୍ଦ)

ଅଳଙ୍କାର —

ନିମ୍ନଲିଖିତ ଯମକର ଓ ଅନ୍ୟ ଅଳଙ୍କାର ପ୍ରେମସୁଧାନିଧିରେ ଦେଖାଯାଏ—

୧ମ ଛାନ୍ଦ—ଆଦ୍ୟଯମକ	୯ମ—ପ୍ରାନ୍ତଯମକ
୨ୟ ,, —ଅବନା	୧୦ମ—ନିର୍ଭଙ୍ଗ ବା ନିର୍ବୃତ୍ତ ଯମକ
୩ୟ ,, —ଛେକାନୁପ୍ରାସ; ମଧ୍ୟଯମକ	୧୧ଶ—ଆଦ୍ୟପ୍ରାନ୍ତ ଯମକ
୪ର୍ଥ ,, —ଅଦ୍‌ଭୁତୋପମା	୧୨ଶ—ଆଶୟ
୫ମ ,, —ବିରୋଧାଭାସ	୧୩ଶ—ଯୋଡ଼ି ଯମକ
୬ଷ୍ଠ ,, —ରୂପକ	୧୪ଶ—ଦୃଷ୍ଟାନ୍ତ
୭ମ ,, —ଅନୁପ୍ରାସ	୧୫ଶ—ଲୋମ ବିଲୋମ
୮ମ ,, —ସିଂହାବଲୋକନ, ଶୃଙ୍ଖଳା	୧୬ଶ—ପୁନରୁକ୍ତ ବଦାଭାସ ।

ସମଗ୍ର ପ୍ରେମସୁଧାନିଧି କାବ୍ୟଟି ଯମକ ପ୍ରଧାନ । ପ୍ରତ୍ୟେକ ଛାନ୍ଦରେ ଏକ ପ୍ରକାର ଯମକ ବ୍ୟବହୃତ ହୋଇଛି । ଯମକ-ପ୍ରଧାନ ଥିବାରୁ ଗ୍ରନ୍ଥରେ ଶ୍ଳେଷ ଛାନ୍ଦର ବ୍ୟବହାର ନାହିଁ ।

ଷୋଳକଳା ଅନୁସାରେ ଗ୍ରନ୍ଥରେ ଷୋଳଟି ଛାନ୍ଦ ରଚିତ ହୋଇଛି ।

ଅଳଙ୍କାର ନିୟମ ତାଡ଼ନାରେ କବି ବହୁସ୍ଥାନରେ କ୍ଲିଷ୍ଟ ଶବ୍ଦ ବ୍ୟବହାର କରିଥିବାରୁ ସାଧାରଣଙ୍କ ପକ୍ଷରେ ଭାବ ବୋଧଗମ୍ୟ ହେବା ସହଜ ନୁହେଁ; କିନ୍ତୁ ପଣ୍ଡିତମାନଙ୍କ ପକ୍ଷରେ ଏହା ସହଜ । କବି ଅଳଙ୍କାର ବିମଣ୍ଡିତ ପାଣ୍ଡିତ୍ୟପୂର୍ଣ୍ଣ ରଚନାକୁ ନାରିକେଳ ସହିତ ତୁଳନା କରିଛନ୍ତି ।

ମନ ଚକୋରକୁ ତୋଷ କରିବ ସନ୍ତତ,
ପୁଣି ଏହୁ ଗୀତ ନାରିକେଳ ଫଳବତ ।
ବାହାରେ କର୍କଶ ଭିତରେ ତ ସରସତା,
ଜାଣିଲେ ଜନ କର୍ଣ୍ଣକୁ ହୋଇବ ମୁକ୍ତତା । ୧୬ । (ଶେଷ ଛାନ୍ଦ)

ପ୍ରପଞ୍ଚଜ୍ଞାନ (ଦେଶନାମର ତାତ୍ପର୍ଯ୍ୟ)—କବି ଭାରତର ବିଭିନ୍ନ ପ୍ରଦେଶର ପ୍ରାଚୀନ ନାମକୁ କୌତୁକରେ ଅର୍ଥ କରି ନାୟିକାର ଅପୂର୍ବଶୋଭା କେଉଁ ଦେଶରେ କପରି ଆଦର ଲାଭ କରିଥିଲା ତାହା ବ୍ୟକ୍ତ କରିଛନ୍ତି । ଏଥିରେ ପାଣ୍ଡିତ୍ୟ ଓ କଳ୍ପନା ଉଭୟେ ମିଶ୍ରିତ ଥିବାର କୌତୁକ ଚିତ୍ରଟି ଅଧିକ କଉତୁକିଆ ହୋଇଛି ।

ପଟ୍ଟ ପଟଳ ସ୍ୱରୂପ ଚିତ୍ର କରାଇ,
ଦେଶେ ଦେଶେ ବୁଲାଇଲେ ଗୁରଙ୍କୁ ଦେଇ । ୧୧ ।
ମାଳବରେ ମାଳ ବରେ ନାରୀ ବହିଲେ,
'ଅଙ୍ଗ ଅଙ୍ଗନା ଚିତ୍ର ଆସ୍ୱାଦ୍ରି ନୋହିଲେ । ୧୨ ।
ଉତ୍କଳ ଉତ୍କଳ ରାମା ବିରହେ ହେଲେ,
ବିଦେହେ ବିଦେହେ ଯେତେ ଯୋଷା ତରଲେ । ୧୩ ।

କୁନ୍ତଳେ କୁନ୍ତଳେ ରମା ପଟ ଧଇଲେ,
ଗୌଳେ ଗୌଳେ ଅନାଦର ଖୀରୁ ଭିଡ଼ିଲେ । ୧୪ ।

× × × ×

ମଲ୍ଲାରେ ମଲରେ ସମ ହେଲେ ସୁନ୍ଦରୀ,
ମତ୍ସ୍ୟ ମତ୍ସ୍ୟ-ନୟନାଏ ଧୈର୍ଯ୍ୟ ନଧରି । ୧୭ ।
କଳ କଳିଙ୍ଗ ଯୁବତୀ ବନ୍ଧକ କଲେ,
ଲୋମ ଲୋମସ-ବିଧୁଙ୍କ ଉଦ୍‌ଗମ ହେଲେ । ୧୮ ।
(ପ୍ରଥମ ଗ୍ରନ୍ଥ)

ଏପରି ମଦ୍ର, ମଗଧ, ସିନ୍ଧୁ, କନୌଜ, ନିଷଧ, ମରୁ, ବିଦର୍ଭ, କର୍ଣ୍ଣାଟ, କେରଳ, ହୈହୟ, କୋଶଳ, କୁନ୍ତଳ, ପ୍ରଭୃତି ଦେଶନାମର ପ୍ରକୃତ ଅର୍ଥ ଓ ବ୍ୟଙ୍ଗାର୍ଥ ପ୍ରକାଶ କରିଛନ୍ତି ।

ଜ୍ୟୋତିଷଜ୍ଞାନ—କବି ଏକାଧିକ ସ୍ଥଳରେ ଜ୍ୟୋତିଷ ବିଷୟର ଅବତାରଣା କରି ପରମ୍ପରା ପ୍ରଚଳିତ ଜ୍ଞାନ ସହିତ ତାଙ୍କର ସମ୍ୟକ୍ ପରିଚୟ ଥିବା ପ୍ରମାଣ ଦେଇଛନ୍ତି । କେତୋଟି ଉଦାହରଣ—

(୧) ଏବେ ଅନୁଭବ ହେଲା,
ଗ୍ରହରେ ମଙ୍ଗଳପ୍ରଦ ଯେମନ୍ତ ରହିଲା । × ୨୦ । (୧୪ଶ ଛାନ୍ଦ)

(୨) ରାହୁ ଦଶା ପ୍ରାୟେ ମୋର,
ସୁଧାପାନ ଉତ୍ତାରୁ ଛେଦନ ହେଲା ଶିର । ୧୧ । (୧୪ଶ ଛାନ୍ଦ)

(୩) କୁଟିଳ-ନୟନା ଶିକଲେ ମେଳିଣିହେବେ ମଙ୍ଗଳ ଶଉର
ମଙ୍ଗଳଶଉର ଅବଳୁଁ କ ହତ ସଦାଶିବ ଗଉର । ୧୨ । × (୮ମ ଗ୍ରନ୍ଥ)

ସାମାଜିକ ବିଧିବିଧାନ—'ଅଦ୍ଭୁତରଜା' କନ୍ୟାର ବିବାହରେ କବି ବିବାହର ବିଧିବିଧାନ ବ୍ୟକ୍ତ କରିଛନ୍ତି । ଏହି କାବ୍ୟରେ ସପ୍ତମଙ୍ଗଳାଠାରୁ

ବିବାହ ଶେଷ ପର୍ଯ୍ୟନ୍ତ ବିଧିର ସଂକ୍ଷିପ୍ତ ବିବରଣ ଛଅସାତ ପଦରେ ଦିଆଯାଇଛି ।

ସାତ ଶାତକୁମ୍ଭେ ତୋଳିଲେ ଜଳ,
ଚଣ୍ଡୀ ଚଣ୍ଡୀ ଗନ୍ଧଷଣେ ଗୀତ ମର୍ଦ୍ଦଳ ।
ନାଗ୍ରି ନାରିକେଳ କାଣ୍ଡ ସ୍ପର୍ଶରେ ଥୋଇ,
ବର ବର ଗନ୍ଧଷଣେ ହରଷ ହୋଇ । ୩୬ ।
ବିଭ୍ର ବିଭାବସୁ ସାକ୍ଷୀ କରାଇ କଲେ,
କୃଶହସ୍ତେ କୁଶହସ୍ତେ କର୍ମ ସାରିଲେ ।। (୧ମ ଛାନ୍ଦ)

ସପ୍ତମଙ୍ଗଳା ବରକନ୍ୟା ସ୍ୱଦେଶକୁ ଯାତ୍ରା କରିବା ବାଟରେ ଶେଷ କରିଥିଲେ ।

ଏପରି ବହୁ ସାମାଜିକ ବିଧିବିଧାନର ଉଲ୍ଲେଖ ଥିଲେ ମଧ୍ୟ ବିସ୍ତୃତ ବିବରଣ ନାହିଁ ।

ଭାଷା—କବି କାବ୍ୟଟିରେ ଅଲଙ୍କାରକୁ ପ୍ରଧାନ କରିଥିବାରୁ ଅଲଙ୍କାର ପ୍ରୟୋଗରେ ଶବ୍ଦସମ୍ଭାରର ବିପୁଳତା ସ୍ପଷ୍ଟ ଭାବରେ ପ୍ରକାଶ ପାଇଛି । ଦେଶ୍ୟ, ଅଦେଶ୍ୟ ଭାଷାର ଶବ୍ଦସାଗରରୁ କବି କୌଶଳପୂର୍ଣ୍ଣ ଉପାୟରେ ମଣି ଆହରଣ କରିଛନ୍ତି । ଅଲଙ୍କାର-ଅନୁରୋଧରେ କବି ସଂସ୍କୃତଶବ୍ଦର ବହୁଳ ପ୍ରୟୋଗ କରିବାକୁ ବାଧ୍ୟ ହୋଇଛନ୍ତି । ଯମକ ଅଲଙ୍କାର ପ୍ରୟୋଗ ଯୋଗୁଁ ପଦାବଳୀ ମନୋରମ ହୋଇଥିବା ସ୍ୱାଭାବିକ । ଦେଶ୍ୟ ଅଦେଶ୍ୟ ଭାଷାର କମନୀୟ ପ୍ରୟୋଗରେ କବି କୃତିତ୍ୱ ପ୍ରଦର୍ଶନ କରିଛନ୍ତି । ସଂସ୍କୃତବହୁଳ ପଦ ପ୍ରୟୋଗରେ ପାଣ୍ଡିତ୍ୟ ପ୍ରଦର୍ଶିତ ହୋଇଥିବାରୁ ସ୍ୱଳ୍ପ-ଜ୍ଞାନ-ସମ୍ପନ୍ନ ପାଠକ ପକ୍ଷେ ବହୁ ସ୍ଥଳ ଦୁର୍ବୋଧ ହେବା ସମ୍ଭାବନା ରହିଛି ।

(୧) ଅଲଙ୍କାର ପ୍ରୟୋଗର ଅନୁରୋଧରେ କବି ଅପେକ୍ଷାକୃତ କ୍ଲିଷ୍ଟତର ସଂସ୍କୃତବହୁଳ ଶବ୍ଦାବଳୀ ବ୍ୟବହାର କରିଛନ୍ତି । କେତୋଟି ଉଦାହରଣ—

(କ) କୁ-ମୁଦ କୁମୁଦ ବନ୍ଧୁ ଯଶ ଉଦିତ,
ଜନକ ଜନକ ତୋଷ କରେ ବଦିତ । ୧ ।

ଅନନ୍ତ ଅନନ୍ତ ଯାହା ମହିମାମାନ,
ଜଗତ ଜଗତ୍‌ପତି ଲୀଳା ରଚନ । ୨ । (୧ମ ଛାନ୍ଦ)

(ଖ) ଅମର—ଅଶନ ମଧୁମଞ୍ଜନ,
ଗରଳ ତରଳ କରଇ ମନ । ୪ (୨ୟ ଛାନ୍ଦ)

(ଗ) ଅର୍ଦ୍ଧଚନ୍ଦ୍ରବତ ଅଳକତଳ,
ଖଣ୍ଡକମଳଜ ଗଣ୍ଡମଣ୍ଡଳ
ମନ୍ଦହସ ନବ ବଳକ୍ଷ କର,
ଅମ୍ବୁକ ମଧୁ ସରସ ସଦର । (୨ୟ ଛାନ୍ଦ)

(୨) ଛେକାନୁପ୍ରାସରେ କବି ଓଡ଼ିଆ ଶବ୍ଦର ସୁନ୍ଦର ବ୍ୟବହାର କରିଛନ୍ତି । କେତୋଟି ଉଦାହରଣ—

ଚନ୍ଦ୍ରକୁ କହେ କୁମାର ମାରକୁ କି ଏହି ନକଟେ ଲସାଇବି
ଥିବ ଜୀବ ଜୀବବଲ୍ଲଭି ଲଭିବା ଯାଏ କି ଭାଗ୍ୟ ଦଶାଇବ ।
ଚନ୍ଦ୍ରମା ! ହରଷ ରସେ ରସାଇବି,
ନ ବସାଇ ତାକୁ ପଲକେ ପଲଙ୍କେ ଉରୁ ଉପରେ ବସାଇବି । ୧ ।

ନବ ପ୍ରମଦା ମଦାଳସା ଯୋଷ୍ୟକୁ ଜଳ କେଳିରେ ମନାଇବି
ମୁଖ ଅଧିକ ଧିକ ଏ ସରସିଜ ଦେଖାଇବାକୁ ଚହ୍ଲାଇବ ।
ଚନ୍ଦ୍ରମା ! ରହସ୍ୟେ ମନ ଘେନାଇବ
ଲୀଳା ଅନ୍ତର ସଳିଳ ଜର ଜର ହେବା ଶୋଭାକୁ ଅନାଇବ । ୧୩ ।
(୩ୟ ଛାନ୍ଦ)

(ଘ) ତଦ୍ଭବ-ଅତଦ୍ଭବ ଭାଷାର ସମ୍ମିଶ୍ରଣ—

(କ) ବଧୂ ମୁଖ-ବିଧୁ ହସପୀୟୂଷ, ଗୃଦ୍ଧି ଚକ୍ଷୁଚକୋର ହେଲା ତୋଷ ।
ହୃଦକୁମୁଦପ୍ରମୋଦ ବଢ଼ିଲା, ଲାଜ ଅନ୍ଧାରେ ବପଣି ପଡ଼ିଲା ।୧।

ସ୍ତଂସ ଦେଖି ଭ୍ରମର ମଉଳେଲ, ମୁଖ-କମଳ ନେତ୍ର-ନୀଳୋତ୍ପଳ ।
ଚୁମ୍ବି ମହାଆନନ୍ଦକୁ ପାଇଲା, ଓଷ୍ଠ ବନ୍ଧୁକରୁ ମଧୁ ପିଇଲା । ୨ ।

(ଖ) ତହିଁ ହରିଦ୍ରାଟାଙ୍ଗଣା ମିଶାଇ, ଘୋଟୁ ଦେବାର ଶାଣ ହେଲା ତହିଁ ।
ଦିନୁଦିନୁ ଅଧିକ ଗୁଣବାନ, ହେଲା କାନ୍ତଗୁଣଙ୍କ ବଶମାନ ।
।୧୨୭ (୬ଷ୍ଠ ଛାନ୍ଦ)

(ଙ) କେତେକ ଗଞ୍ଜାମୀ ଶବ୍ଦ ପ୍ରୟୋଗ—

ଫେଇବା—ତରତରେ ନୀବ ନିବଡ଼ବନ୍ଧନ ଏହୁ କରେ ପୁଣି ଫେଇବ ।
। । (୩ୟ ଛାନ୍ଦ)

ଦଣ୍ଡ ପଡ଼ିଲା — ଜୀବଟେ ଥାଉ କେତେ ଦଣ୍ଡ ପଡ଼ିଲା କେଉଁ ଉପାୟ କରିବ ।
।୨। (୮ମ ଛାନ୍ଦ)

ପଞ୍ଚାନୋଇ — ଏ ପ୍ରବନ୍ଧ ଚଉଦଶତପଞ୍ଚାନୋଇ ପଦ ।୨୩। (୧୬ଶ ଛାନ୍ଦ)

ସପ୍ତମଠାରୁ ଶେଷପର୍ଯ୍ୟନ୍ତ ସବୁ ଛାନ୍ଦର ଭାଷା ଅପେକ୍ଷାକୃତ ସରଳ । ଅଲଙ୍କାର ପ୍ରୟୋଗ ଯୋଗୁଁ ଶେଷ ଛାନ୍ଦରେ କେତେକ କ୍ଲିଷ୍ଟ ଶବ୍ଦ ବ୍ୟବହୃତ ହୋଇଥିଲେ ମଧ୍ୟ ଅଧିକାଂଶ ପଦ ସରଳ ।

ପ୍ରଥମ ଛାନ୍ଦଠାରୁ ସପ୍ତମ ଛାନ୍ଦ ପର୍ଯ୍ୟନ୍ତ ଭାଷା ସଂସ୍କୃତବହୁଳ ହୋଇଛି । ଅଲଙ୍କାର ପ୍ରୟୋଗର ଦୃଷ୍ଟାନ୍ତ ପଦମାନଙ୍କର ସଂଖ୍ୟା ବହୁଳତାହିଁ ଏହାର କାରଣ । ଏଥିରେ କବିଙ୍କର ଗଭୀର କଳ୍ପନାଶକ୍ତି ଓ ପାଣ୍ଡିତ୍ୟ ପ୍ରକାଶ ପାଇଛି ।

ଉପେନ୍ଦ୍ର ଭଞ୍ଜ ପ୍ରେମସୁଧାନିଧିରେ ଯେଉଁ ସବୁ ପଦାବଳୀ ରଚନା କରିଛନ୍ତି ତାହା ତାଙ୍କର ଅନନ୍ୟ ସାଧାରଣ କବି ପ୍ରତିଭାର ପରିଚୟ ପ୍ରଦାନ କରୁଛି । କି କଳ୍ପନା, କି ଶବ୍ଦ ଯୋଜନା, କି ଅଳଙ୍କାର ପ୍ରୟୋଗ ସବୁ ବିଷୟରେ କବି ଅପୂର୍ବ ଲେଖନୀ ଚାଳନା କରି ଧନ୍ୟ ହୋଇଛନ୍ତି । ସେ ଅମର ଲେଖନୀ ସାହାଯ୍ୟରେ ଯେଉଁ ସବୁ ଚିତ୍ର ସୃଷ୍ଟି କରିଛନ୍ତି ତାହା ଜୀବନ୍ତ, ରସପୂର୍ଣ୍ଣ, କବିତ୍ୱପୂର୍ଣ୍ଣ, ଅତୁଳନୀୟ ହୋଇଛି । ବାସ୍ତବ ଅନୁଭୂତିକୁ ପ୍ରାଣସ୍ପର୍ଶୀ ଭାଷାରେ ପ୍ରେମସୁଧାନିଧି ଉତ୍କଳ କାବ୍ୟ ଗଗନରେ ଏକ ଉଜ୍ଜ୍ୱଳ ତାରକା । କଳେବରର କ୍ଷୁଦ୍ରତା କାବ୍ୟର ମହତ୍ତ୍ୱକୁ କ୍ଷୁଣ୍ଣ କରୁନାହିଁ ।

କବି ବିବିଧ ଅଳଙ୍କାରର ଦୃଷ୍ଟାନ୍ତ ସ୍ୱରୂପ ଯେଉଁସବୁ ପଦ ରଚନା କରିଛନ୍ତି ସେଗୁଡ଼ିକ ସର୍ବକାଳରେ ଜୀବନ୍ତ ହୋଇ ରହିଥିବ ଏବଂ ଆଦର୍ଶସ୍ଥାନ ଅଧିକାର କରୁଥିବ ।

ରସିକ ହାରାବଳୀ

କାବ୍ୟର ନାମକରଣ—ନାୟିକାର ନାମାନୁସାରେ କାବ୍ୟର ନାମ 'ରସିକହାରାବଳୀ' ହୋଇଛି । ନାୟିକାର ନାମ କୋଟିବ୍ରହ୍ମାଣ୍ଡସୁନ୍ଦରୀ ଓ ରସିକହାରାବଳୀ—ଏ ଦୁଇଟି ଥିବାର କବି ବ୍ୟକ୍ତ କରିଛନ୍ତି । ବାଲ୍ୟ କାଳରେ ଯେତେ ଲୋକ ବାଳାକୁ ଦେଖିଲେ, ସମସ୍ତେ ତାହାର ଅପୂର୍ବ ଶୋଭାରେ ମୁଗ୍ଧ ହୋଇ ଯାଉଥିଲେ । ପୁଣି, "ଅବନୀ ସୁନ୍ଦରୀ—ହେଲେ ତାହାର ଶୋଭାରେ" । କୋଟିବ୍ରହ୍ମାଣ୍ଡସୁନ୍ଦରୀ ନାମ ଲୋକଙ୍କ ପସନ୍ଦ ଅନୁସାରେ ହୋଇଛି । ବିଜ୍ଞମାନେ ରସିକହାରାବଳୀ ବୋଲି ନାମ ଦେଲେ । ପିତାମାତା ଉଭୟ ନାମରେ ଡାକିଲେ ।

କୋଟିବ୍ରହ୍ମାଣ୍ଡସୁନ୍ଦରୀ ବୋଲି ନାମ ଦେଲେ,
ଯେତେଲୋକ ବାଳକାଳେ ବାଳାକୁ ଦେଖିଲେ । ୨୫ ।

ବକ୍ଷେ ଯେ ବୋଇଲେ ଏ ରସିକହାରାବଳୀ,
ପିତାମାତାହିଁ ଡାକଲେ ବେନି ନାମ ଛଳି । ୨୭ । (୧ମ ଛାନ୍ଦ)

କାବ୍ୟରେ ରସିକହାରାବଳୀ ନାମଟି କବି ବ୍ୟବହାର କରିଛନ୍ତି । ତେବେ, କୋଟିବ୍ରହ୍ମାଣ୍ଡସୁନ୍ଦରୀ ନାମର ବ୍ୟବହାର ମଧ୍ୟ ସ୍ଥାନେ ସ୍ଥାନେ ଅଛି ।

× ×କୋଟିବ୍ରହ୍ମାଣ୍ଡସୁନ୍ଦରୀ ସୁଗଢ, ମଣ୍ଡି ଥିଲି ନିଜ ପୁର ଜଗଢ ।୧ ।
(୪ର୍ଥ ଛାନ୍ଦ)

କୋଟିବ୍ରହ୍ମାଣ୍ଡସୁନ୍ଦରୀ ନାମଟି କବି ଅନ୍ୟ ଏକ କାବ୍ୟରେ ନାୟିକାର ନାମ ରଖି, ସେହି କାବ୍ୟର ନାମକୁ ନାୟିକାର ନାମାନୁସାରେ 'କୋଟିବ୍ରହ୍ମାଣ୍ଡ ସୁନ୍ଦରୀ' ନାମକରଣ କରିଛନ୍ତି । ଏପରି ସ୍ଥଳେ ରସିକହାରାବଳୀର ଅନ୍ୟନାମ କୋଟିବ୍ରହ୍ମାଣ୍ଡସୁନ୍ଦରୀ ଦେବାର କାରଣ ସ୍ପଷ୍ଟ ହେଉ ନଥିଲେ ମଧ୍ୟ 'କୋଟିବ୍ରହ୍ମାଣ୍ଡସୁନ୍ଦରୀ' କାବ୍ୟଟି ସେତେବେଳକୁ ରଚିତ ହୋଇ ନ ଥିବା ଅନୁମାନ କରାଯାଇ ପାରେ ।

ପଦସଂଖ୍ୟା:—ରସିକ ହାରାବଳୀରେ ଛଅଶହ ପଞ୍ଚଷଠୀ ପଦ ଥିବା କବି ବ୍ୟକ୍ତ କରିଛନ୍ତି । କିନ୍ତୁ ମୋଟ ପଦ ସଂଖ୍ୟା ଛଅଶହ ଶତାଅଶୀ ଥିବା ଜଣାଯାଉଛି । ଅର୍ଥାତ୍ ବାଇଶିଟି ପଦ ଅଧିକ ରହୁଛି । ଏହାର କାରଣ ନିର୍ଦ୍ଦେଶ କରିବା ସହଜ ନୁହେଁ । କବି ପରବର୍ତ୍ତୀ ସମୟରେ ଛାନ୍ଦମାନଙ୍କରେ ଅଧିକପଦ ହୁଏତ ଯୋଡ଼ିଥିବେ କିମ୍ବା ଅନ୍ୟ କେହି ଲେଖକ ଅଧିକ ପଦ ଯୋଡ଼ିଥିବା ମଧ୍ୟ ଅସମ୍ଭବ ନୁହେଁ । କବି ସବୁ ଛାନ୍ଦ ଶେଷରେ ପଦ ସଂଖ୍ୟା ଦେଇ ନାହାନ୍ତି; ଶେଷ ଛାନ୍ଦରେ ମୋଟ ପଦସଂଖ୍ୟା ଦେଇଛନ୍ତି ।

ପଦସଂଖ୍ୟାରେ, ଛଅଶ ପଞ୍ଚଷଷ୍ଟି ଜାଣ । × × । (୧୫ଶ ଛାନ୍ଦ)

ରଚନା ସମୟ:—କବି କାବ୍ୟରଚନା କଲାବେଳେ ପୁରୀରେ ଚନ୍ଦନଯାତ୍ରା ସମୟରେ ଥିବା ଅନୁମାନ କରାଯାଇ ପାରେ । ଚାନ୍ଦନଯାତ୍ରା

ସମୟରେ ଜଗନ୍ନାଥଙ୍କୁ ନାୟକ ବର ମାଗିବା ପ୍ରସଙ୍ଗ ଉଲ୍ଲେଖ କରିସାରି ଭଣିତା ପଦରେ କବି କହୁଛନ୍ତି—

ସେହି ଉତ୍ସବ ଦରଶନ ମନ ଉଚ୍ଛନ୍ନ ହୋଇ,
ଏ ରସେ ଉପଇନ୍ଦ୍ର ବାରବର କହଇ । ୩୦ । (୩୬ଶ ଛାନ୍ଦ)

ଉପେନ୍ଦ୍ର କାବ୍ୟ ରଚନାର ଲକ୍ଷ୍ୟ ସମ୍ବନ୍ଧରେ ପ୍ରଥମ ଛାନ୍ଦରେ ଲେଖିଛନ୍ତି ଯେ ସେ 'ରସସାର ଶୃଙ୍ଗାର' ବ୍ୟକ୍ତ ହୋଇଥିବା 'ଉତ୍ତମ ଛାନ୍ଦ ଗୀତ' ରଚନା କରିବା ପାଇଁ ବିଚାରିଛନ୍ତି । ଏହି ଶୃଙ୍ଗାରରସାଶ୍ରିତ ଉତ୍ତମ ଛାନ୍ଦ ଗୀତଟି ପୁଣି 'ଅନୁଭବରୁ ପ୍ରଖ୍ୟାତ ମାନସ ରଚନା' ହେବ ।

ଅନୁଭବରୁ ପ୍ରଖ୍ୟାତ ଶୃଙ୍ଗାରରସାଶ୍ରିତ, ମାନସ ରଚନା—ଏ ଉତ୍ତମ ଛାନ୍ଦ ଗୀତ ଯେ ରସିକଜନମାନଙ୍କର ମନକୁ ମୋହିବ ଏଥିରେ ସନ୍ଦେହର ଅବକାଶ ନାହିଁ । କବି କେବଳ ରସିକମାନଙ୍କୁ 'ସୁମନ'ରେ ଶୁଣିବା ପାଇଁ ଅନୁରୋଧ କରିଛନ୍ତି; କାରଣ, ସୁମନ ବିନା ଏ ପ୍ରକାର କାବ୍ୟର ରସାସ୍ୱାଦ ସମ୍ଭବ ନୁହେଁ ।

ବିଚାରିଲି କରିବି ଉତ୍ତମ ଛାନ୍ଦ ଗୀତ,
ରସସାର ଶୃଙ୍ଗାର ତହିଁରେ ହେବ ବ୍ୟକ୍ତ । ୫ ।
ଅନୁଭବରୁ ପ୍ରଖ୍ୟାତ ମାନସ ରଚନା,
ଶୁଣି ରସିକମାନେ ହୋଇଣ ସୁମନା । ୬ । (୧ମ ଛାନ୍ଦ)

ପୁଣି, ଏହି କାବ୍ୟଟି ରସପୂର୍ଣ୍ଣ ହୋଇ ରସିକମାନଙ୍କ ମନକୁ ଆନନ୍ଦ-ଦାନ କରୁଥିବାରୁ ଏହାର 'ରସିକ ହାରାବଳୀ' ନାମ ସାର୍ଥକ ହୋଇଥିବା କବି ବ୍ୟକ୍ତ କରିଛନ୍ତି । କବି ଏହାକୁ 'ଅତି ଚୋପଚଉ'ରେ ରଚନା କରିଥିବାରୁ ଏହା ନିଶ୍ଚୟ ରସିକ ଗ୍ରାହକମାନଙ୍କୁ ଆନନ୍ଦଦାନ କରିବ ଏହି ବିଶ୍ୱାସ ତାଙ୍କର ଥିବା ସ୍ପଷ୍ଟ ହେଉଛି ।

ବହୁ କଷ୍ଟାର୍ଜିତ ଏ କାବ୍ୟରତ୍ନ ବିଜ୍ଞଲୋକଙ୍କ ହସ୍ତଗତ ହେଲେ ଆଦର ପାଇବ ଏବଂ ଏହାଦ୍ୱାରା କବିଙ୍କ କଷ୍ଟ ବା 'ଶ୍ରମ ସାର୍ଥକ ହେବ' । ଅଜ୍ଞସମୂହର କର୍ଣ୍ଣ କୁହରରେ ଏ ରସିକ ହାରାବଳୀ ପଦାବଳୀ କେବେ ପ୍ରବେଶ କରି ପାରିବ ନାହିଁ ଓ ରୁଚିକର ହେବ ନାହିଁ । ଏହି କାବ୍ୟଟି ଉତ୍ତମଜନଙ୍କ ଦ୍ୱାରା ଦୂଷିତ ହେବା କାରଣ ନ ଥିଲେ ମଧ୍ୟ କବି ସ୍ୱ ଦୈନ୍ୟବଶରୁ ଏହି ଆଶା ପୋଷଣ କରିଛନ୍ତି ଯେ ଉତ୍ତମଜନ-ଆଦୃତ ଏହି ଗ୍ରନ୍ଥଟି ସର୍ବ ଦେଶରେ ପ୍ରକାଶିତ ହେବ ।

ମଧୁର, ରସାପ୍ଲୁତ, କୋମଳ ପଦାବଳୀ, ଉପମା ଯମକାଦି ଅଳଙ୍କାର ବର୍ଣ୍ଣନା ସ୍ୱରୂପ, ଅପୂର୍ବ କାବ୍ୟ-ପ୍ରତିଭାରେ ପୂର୍ଣ୍ଣ କାବ୍ୟଟି ଯେ କବିଙ୍କ ଆଶା ପୂର୍ଣ୍ଣ କରିବାରେ ସମର୍ଥ ହେବ ଏଥିରେ ସନ୍ଦେହ ନାହିଁ । କବିଙ୍କ ଆଶା ଦୁରାଶା ନୁହେଁ ।

ପ୍ରଭୁ ରାମଚନ୍ଦ୍ରଙ୍କୁ ପ୍ରାର୍ଥନା କରି କବି ପ୍ରାନ୍ତଛନ୍ଦରେ କହିଛନ୍ତି—

କରି ଏ କରୁଣା ବିଜ୍ଞ ହସ୍ତଗତ ଏ ପୁସ୍ତକ ମୋର ହୋଇବ ।
ଅଜ୍ଞସମୂହର କର୍ଣ୍ଣକୁହରକୁ କେବେହେଁ ପ୍ରବେଶ ନୋହିବ ।
ଆଖୁ ଅନଳ, ଯାହାରେ ନ ଲଭି ବିନାଶ,
ଉତ୍ତମ ଜନରେ ଦୂଷିତି ନୋହିଣ ପ୍ରକାଶ ହେଉ ସର୍ବଦେଶ । ୧୯ ।

ଉପଇନ୍ଦ୍ର ଭଞ୍ଜ ବୀରବର ବିରଚିତ ଅତି ତୋଷ ଚିତ୍ତରେ,
ରସିକ ହାରାବଳୀ ନାମ ଉଚିତ (ରଚିତ) ବୋଲିବାର ଏହୁ ଗୀତରେ ।
ପଦ ସଂଖ୍ୟାରେ, ତିନଶ ପଞ୍ଚଷଷ୍ଠୀ ଜାଣ,
ରୂପକ ଯମକ ଆଶୟ ବିରୋଧ ଶ୍ଳେଷ ଛଳେ ଗୀତ ନିପୁଣ । ୨୦ ।
(୧୫ଶ ଛାନ୍ଦ)

କଥାବସ୍ତୁ—କବି ନୀଳଗିରିବାସୀ ଦାରୁରୂପୀ ଜଗନ୍ନାଥଙ୍କୁ ସ୍ତୁତି କରି କାବ୍ୟ ଆରମ୍ଭ କରିଛନ୍ତି । ପରେ ବସନ୍ତ ସମୟରେ ଇନ୍ଦ୍ର ମଳୟ ପର୍ବତରେ

ବିଜୟ କରିଥିଲେ । ସଭାରେ ସ୍ୱର୍ଗର ଅପ୍‌ସରାମାନେ ଉପସ୍ଥିତ ଥିଲେ ଓ ନାରଦ ବୀଣାବଜାଉଥିଲେ । ଉର୍ବଶୀ କେଦାରରାଗ ଆଲାପ କରୁଥିଲେ । ଇନ୍ଦ୍ର ଏହି ଆଲାପରେ ଭୋଳ ଥିଲେ । ଜଣେ ବିଦ୍ୟାଧର ଚାମର ଢାଳୁଥିଲା । ସେ ଉର୍ବଶୀର ସଙ୍ଗୀତ ଆଲାପରେ ମୁଗ୍‌ଧ ହୋଇ ମଦନ ବିକାରରେ ପୀଡ଼ିତ ହେବାରୁ ଇନ୍ଦ୍ରଙ୍କ ଉପରେ ପଡ଼ିଗଲା । ଇନ୍ଦ୍ର କ୍ରୋଧରେ ତାକୁ ଅଭିଶାପ ଦେଲେ, "ତୁ ମର୍ତ୍ତ୍ୟରେ ଜାତ ହୁଅ ।" ବିଦ୍ୟାଧର କ୍ଷମା ମାଗି ପ୍ରାର୍ଥନା କରିବାରୁ ଇନ୍ଦ୍ର କୃପା ପରବଶ ହୋଇ କହିଲେ—"ଉତ୍କଳରେ ଜନ୍ମ ଗ୍ରହଣ କରି ବହୁକାଳ ବିଷ୍ଣୁଙ୍କ ସେବା କର । ବଂଶ ରଖି ସ୍ୱର୍ଗକୁ ପୁଣି ଫେରିଆସ ।" ବିଦ୍ୟାଧର ନିଜ ସ୍ତ୍ରୀ ସହିତ ମର୍ତ୍ତ୍ୟରେ ଜନ୍ମିଲା ଏବଂ ଜାତିସ୍ମର ହୋଇଥିବାରୁ ପୁରୁଷୋତ୍ତମ କ୍ଷେତ୍ରରେ ବାସ କଲା । ବିଦ୍ୟାଧରୀ କେତେକାଳ ବିମଳାଙ୍କୁ ସେବା କରି "ଦିବ୍ୟସୁତା ପ୍ରାପତରେ ମନ ବଳାଇଲା ।" ବିମଳା ସନ୍ତୁଷ୍ଟ ହୋଇ ବିଦ୍ୟାଧରୀର ମନକାମନା ପୂର୍ଣ୍ଣ କରିବା ପାଇଁ ଇଚ୍ଛା ପ୍ରକାଶ କରିବା ମାତ୍ରେ ଦେବୀଙ୍କ ପ୍ରଭାବରେ ବିଧାତା "ଉତ୍ତମ ରାମା ନିର୍ମାଣରେ ହେଲା ଚଞ୍ଚଳିତ ।" ବିଧାତା ଉତ୍ତମ କନ୍ୟାଟିଏ ନିର୍ମାଣ କରି ବିଦ୍ୟାଧରୀର ଉଦରରେ ରଖିଲେ । କାଳେ ଏହି କନ୍ୟା ଜନ୍ମ ହେବାରୁ "ଅବନୀ ସୁନ୍ଦର ହେଲା ତାହାର ଶୋଭାରେ ।" କୋଟିବ୍ରହ୍ମାଣ୍ଡସୁନ୍ଦରୀ ବୋଲି କନ୍ୟାର ନାମ ଦେଲେ । ଯେତେ ଲୋକ ବାଳକାଳେ ବାଳାକୁ ଦେଖିଲେ, "ବିଙ୍କେ ଯେ ବୋଇଲେ ଏ ରସିକ ହାରାବଳୀ, ପିତାମାତାହିଁ ଡାକିଲେ ବେନି ନାମେ ଛଳି ।" ବାଳାର ସୌନ୍ଦର୍ଯ୍ୟ କ୍ରମେ ବର୍ଦ୍ଧିତ ହେବାରୁ ନୃପ ନନ୍ଦନମାନେ ମନରେ ତ୍ରାସ ପାଇଲେ । କୋଶଳ ଦେଶର ନୃପକୁମର ଦ୍ୱିଜଭାଟଙ୍କଠାରୁ ରସିକ ହାରାବଳୀର ସୌନ୍ଦର୍ଯ୍ୟ ପ୍ରସଙ୍ଗ ଶ୍ରବଣ କରି "ଗୁଣୁଥାଇ ମୋର ସେ କି ହୁଅନ୍ତା ବାନ୍ଧବୀ, କରନ୍ତି ମୁଁ ପଦତଳେ ମହତପଦବୀ ।" ଜଣେ ପ୍ରତ୍ୟକ୍ଷଦର୍ଶୀ ବିପ୍ର ନାରୀ ରାମାର ଶୋଭା, ବୟସ ପ୍ରଭୃତି କୁମାର ଆଗରେ ବର୍ଣ୍ଣନା ଆରମ୍ଭ କଲା ।

(୧ମ ଛାନ୍ଦ)

ନବଯୌବନା, ଲାବଣ୍ୟ ସରସୀ, ଲାବଣ୍ୟ ସିନ୍ଧୁ ନାୟିକା ପୁଷ୍ପବତୀ ହେଲା । ବ୍ରାହ୍ମଣୀ ମୁଖରୁ ଉତ୍କଳ କୁମାର ସୌନ୍ଦର୍ଯ୍ୟ ପ୍ରସଙ୍ଗ ଶ୍ରବଣ କରି

କୋଶଳ ରାଜକୁମର ମୁଗ୍ଧ ହୋଇଗଲେ ଏବଂ ସେ ବିରହାନଳରେ ଦଗ୍ଧ ହେଉଥିବା ବ୍ରାହ୍ମଣୀକୁ କହିଲେ । ଜେମାର ରୂପ ଦର୍ଶନ କରିବା ପାଇଁ ରାଜକୁମରର ପ୍ରବଳ ଇଚ୍ଛା ହେବାରୁ ପୁରୁଷୋତ୍ତମ କ୍ଷେତ୍ରର ମାଧବ (ବୈଶାଖ) ମାସର ଚନ୍ଦନ ଯାତ୍ରା ବେଳେ ଜେମାଙ୍କୁ ଦେଖିବା ସୁବିଧା ହେବ ବୋଲି ବ୍ରାହ୍ମଣୀ କହିଲେ । ସଖା ବୃନ୍ଦ ଓ ସୈନ୍ୟଙ୍କୁ ଧରି କୁମାର ନୀଳଗିରି କ୍ଷେତ୍ରକୁ ଯାତ୍ରା କଲେ ଓ କେତେ ଦିନ ପରେ ଶ୍ରୀକ୍ଷେତ୍ରରେ ପ୍ରବେଶ ହେଲେ । (୨ୟ ଛାନ୍ଦ)

କ୍ଷେତ୍ରବରର ମାହାତ୍ମ୍ୟ । ବୈଶାଖ ମାସରେ ଜଗନ୍ନାଥଙ୍କ ଚନ୍ଦନ ଯାତ୍ରା । ଯାତ୍ରା ବେଳର ବର୍ଣ୍ଣନା । ପ୍ରଭୁ ଚନ୍ଦନ ଯାତ୍ରାରେ ବିଜେ ହୋଇଥିଲା ବେଳେ କୁମାର ଏହି ବର ମାଗିଲେ, "ସୁତାମର ସାକ୍ଷୀ ଗନ୍ଧର୍ବୀ ମୋତେ ପ୍ରାପତ କର ।" (୩ୟ ଛାନ୍ଦ)

ଜଗନ୍ନାଥ ଚନ୍ଦନ ଯାତ୍ରା ସାରି ବଡ଼ ଦେଉଳକୁ ଫେରି ଗଲେଣି । ଜେମା ଜଗତି ଉପରେ ଠିଆ ହୋଇଥିଲେ; କୁମରର ଦୃଷ୍ଟି ତାଙ୍କ ଉପରେ ପଡ଼ିଲା । ଜେମାର ଦୃଷ୍ଟି ମଧ୍ୟ କୁମର ଉପରେ ପଡ଼ିଲା । ଉଭୟେ ଉଭୟ ପ୍ରତି ଆକୃଷ୍ଟ ହେଲେ । ଉଭୟଙ୍କ ହୃଦୟ ମିଶିଲା । "ଭାଗ୍ୟ ଦିଶିଲାକୁ ହୃଦ ମିଳିଲା ।" "ବେନି ମନ କ୍ଷୀର ନୀର ପ୍ରକାର, ଦେଲା ମିଶାଇ ମଦନ ବିକାର ।" ଦୁହେଁ ଦୁହିଁଙ୍କର ପ୍ରସଙ୍ଗ ଚିନ୍ତା କରି କାମଦ୍ୱାରା ପୀଡ଼ିତ ହେଲେ । ସେହି ଦିନୁଁ ଉଭୟେ "ଦରଶନେ ତ ନୟନେ ରଖିଲେ । ରୂପ ଚିରୁଚିତ୍ରପଟେ ଲେଖିଲେ ।" (୪ର୍ଥ ଛାନ୍ଦ)

ଯୁବରାଜଙ୍କ ସଖାମାନେ ସାମନ୍ତଙ୍କ କନ୍ୟା ରସିକହାରାବଳୀ ସହିତ ବିବାହ ପ୍ରସ୍ତାବ କଲେ । ସାମନ୍ତ ସମ୍ମତ ହେଲେ । ସେହି ବୈଶାଖ ମାସରେ ବିବାହ ସ୍ଥିର ହେଲା । ବିବାହ ଉତ୍ସବ । (୫ମ ଛାନ୍ଦ)

ମଧୁଶଯ୍ୟା । (୬ଷ୍ଠ ଛାନ୍ଦ)

ସପତ ମଙ୍ଗଳା ସାରି ବରକନ୍ୟା ବରଙ୍କ ଦେଶକୁ ଗମନ କଲେ । ବରକନ୍ୟା ହିମ, ଶିଶିର, ବସନ୍ତ, ଗ୍ରୀଷ୍ମ, ବର୍ଷା, ଶରଦ ଏପରି ଷଡ଼ଋତୁକୁ ଏକତ୍ର ଭୋଗ କଲେ । ବିଧିବଶରେ ରାକ୍ଷସମାନେ ପୃଥିବୀରେ ଅତ୍ୟାଚାର

କରିବାରୁ ପିତାଙ୍କ ଆଜ୍ଞାରେ ଯୁବରାଜ ଚତୁରଙ୍ଗ ସୈନ୍ୟସହ ରାକ୍ଷସଙ୍କ ବିରୁଦ୍ଧରେ ଯୁଦ୍ଧ କଲେ । ରାକ୍ଷସମାନେ ଯୁଦ୍ଧ ଭୂମିରୁ ପଳାୟନ କରିବାରୁ ଯୁବରାଜ ତାଙ୍କର ପଶ୍ଚାଦ୍ଧାବନ କଲେ । ଯୁବରାଜ ଏହିପରି ଯାଉଁ ଯାଉଁ ମେରୁ ପ୍ରଦେଶରେ ପ୍ରବେଶ ହେଲେ । ମେରୁ ପ୍ରଦେଶର ଆଶ୍ଚର୍ଯ୍ୟଜନକ ଶୋଭା । କୁମାର ଏହାକୁ ଦେଖି ଦେବଭୂମି ବୋଲି ଭାବିଲେ ଏବଂ ବାହୁଡ଼ିବା ପଥ ଭୁଲିଗଲେ । ଯୁବରାଜ ବିରହରେ ବିଶେଷ ଭାବରେ ଚିନ୍ତା କରିବାରୁ ତାଙ୍କର ଶରୀର କ୍ଷୀଣ ହୋଇଗଲା । (୭ମ ଛାନ୍ଦ)

କୁମାର ଦୈବବଶରେ ବିଦେଶରେ ରହି ରସିକବର ଭୃଙ୍ଗକୁ ସମ୍ବୋଧନ କରି ନିଜର ବିରହାନୁଚିନ୍ତା ପ୍ରକାଶ କଲେ । (୮ମ ଛାନ୍ଦ)

କୁମାର ଭ୍ରମରକୁ ସମ୍ବୋଧନ କରି ନାୟିକାର ଶୋଭା ବର୍ଣ୍ଣନା କଲେ । ନାୟିକା ଶୋଭାବତୀ, ଭାବବତୀ, ପୂର୍ଣ୍ଣଲକ୍ଷଣବତୀ ।

ଏକେ ଶୋଭାବତୀ ସେ । ପୁଣି ତ ଭାବବତୀ ସେ ।
କହେ ଉପେନ୍ଦ୍ର ଭଞ୍ଜ ବୀରବର ପୂର୍ଣ୍ଣଲକ୍ଷଣବତୀ ସେ । ୨୫ ।
(୯ମ ଛାନ୍ଦ)

ରାଜକୁମାର ନାୟିକାର ଗୁଣ ଗୁଣି ଭ୍ରମର ଆଗରେ ଦୁଃଖ ପ୍ରକାଶ କଲେ । ଧନ ଧନକର ପ୍ରେମକାହାଣୀ ସ୍ମରଣ କରି କୁମାର କାତର ହେଲେ । (୧୦ମ ଛାନ୍ଦ)

ହେମନ୍ତ ଋତୁରେ ନାୟକର ବିରହାନୁଚିନ୍ତା । ନାୟିକାର ପ୍ରେମପୂର୍ଣ୍ଣ ବ୍ୟବହାର, ରତିକ୍ରୀଡ଼ାଦି ସୁଖ ପ୍ରଭୃତି ସ୍ମରଣ କରି ନାୟକର ବିରହ ବର୍ଣ୍ଣନା ।

କରେ ଏହିରୂପେ ଭାବନା ସ୍ୱରୂପ, ବାଳା ଦିଶେ ସର୍ବଦିଶ,
ଦିଶଇ ନାହିଁ ଉପାୟ ଶମ୍ବରାରି ଭୟେ ଚିନ୍ତା କରେ ଈଶ । ୪୧ ।
(୧୧ଶ ଛାନ୍ଦ)

ବସନ୍ତ ଋତୁରେ ନାୟକର ବିରହାନୁଚିନ୍ତା । (୧୨ଶ ଛାନ୍ଦ)

ବର୍ଷା କାଳରେ ନାୟିକାର ଚିନ୍ତା । ମେଘକୁ ଦୂତ କରି ତାହା ଆଗରେ ନାୟିକା ସ୍ୱ ବିରହାନୁଚିନ୍ତା ପ୍ରକାଶ କଲା । ବିରହ ବେଦନାରେ ନାୟିକା ଦିନୁଁଦିନ କ୍ଷୀଣ ଦଶାକୁ ଭଜିଲା ।

ତାପିତ ହରିମଧ୍ୟମା ହରି, କଷ୍ଟେ ଦିବସ ନିଶି
ଶଶୀ ଯେସନ, କୃଷ୍ଟେ ତେସନ, ବିକାଶ କାଶ ହସି,
ଦାହ ସୁବର୍ଣ୍ଣ ସମାନ ବର୍ଣ୍ଣ ଦୁର୍ବର୍ଣ୍ଣ ପରକାର,
କରେ ଅରୁଣ, ଓଷ୍ଠୀ କରୁଣ କହିଲେ ବାରବାର । ୧୮ ।

(୧୩ଶ ଛାନ୍ଦ)

ବର୍ଷାଋତୁରେ ନାୟକର ବିରହାନୁଚିନ୍ତା । ବିରହୀ ନାୟକ ବିବଶ ହୋଇ ବିରସରେ ଶୋକ କଲେ । (୧୪ଶ ଛାନ୍ଦ) ।

କୁମାର ଦୀନଜନ ପରି ବିରହରେ ଇଲାବୃତ୍ତ ଖଣ୍ଡରେ ଭ୍ରମଣ କଲେ । ଭାଗ୍ୟକୁ ଦିନେ ଯକ୍ଷମାନେ ବିମାନରେ ଆସିଲେ । କୁମାରଙ୍କ ପ୍ରତି ସେମାନଙ୍କର ଦୃଷ୍ଟି ପଡ଼ିଲା ଏବଂ ସେମାନେ ତାଙ୍କର ଅପୂର୍ବ ରୂପ, ତେଜ ଦେଖି ସେ ଜଣେ ରାଜପୁତ୍ର ଓ ଗୁଣୀ ହୋଇଥିବେ ବୋଲି ଭାବିଲେ । "ବିଧି ବାଧିରୁ ବାହାର ସୁନ୍ଦର ଏ ଏଥି ନୋହେ ଉଚିତ ।" ଏହି ଭାବନା କରି କୁମାରଙ୍କୁ ତାଙ୍କ ପରିଚୟ ପୁଚ୍ଛା କଲେ । କୁମାର ଶତ୍ରୁକୁ ଦଣ୍ଡ ଦେବାକୁ ଆସି ପ୍ରିୟାର ବିରହରେ ଦୁଃଖଭୋଗ କରୁଥିବା ବ୍ୟକ୍ତ କଲେ । ଯକ୍ଷମାନେ ଏହାଙ୍କ ଦୁଃଖରେ କାତର ହୋଇ ରଥରେ ବସାଇ ବଦ୍ରିକାରେ ଛାଡ଼ିଦେଲେ । ବୈଷ୍ଣବମାନଙ୍କ ସଙ୍ଗରେ କୁମାର ସ୍ୱଦେଶକୁ 'କୌତୁକ'ରେ ପ୍ରତ୍ୟାବର୍ତ୍ତନ କଲେ ଓ ସ୍ୱାମୀ ସ୍ତ୍ରୀ ଦୁହେଁ ସୁଖରେ କାଳଯାପନ କଲେ । (୧୫ଶ ଛାନ୍ଦ)

କବିଙ୍କ ସ୍ୱ ଅନୁଭୂତି ପ୍ରକାଶ—କବି ଚିନ୍ତା ଭାବବିଭାବାଦିରେ 'ଅନୁଭବ'କୁ ମୂଳ କରିଥିବା ଜଣାଯାଉଛି । ନାୟକ ଓ ନାୟିକାଙ୍କ ପ୍ରଥମ ଦର୍ଶନ ପରେ ଉଭୟେ ପରସ୍ପର ପ୍ରତି ଆକୃଷ୍ଟ ହେଲେ; ମନ ସହିତ ମନ ମିଳିଗଲା, ଉଭୟେ କାମରେ ଆବେଶ ହେଲେ । ନାୟିକାର ସଖୀମାନେ ଓ ନାୟକର ସଖାମାନେ ଏମାନଙ୍କୁ ସମ୍ଭାଳି ନେଲେ । ଏହି ପ୍ରସଙ୍ଗରେ କବି

'ଅନୁଭବ' 'ଅନୁଭବୀ'ର କଥା ଅବତାରଣା କରିଛନ୍ତି ଏବଂ ରାଧାକୃଷ୍ଣଙ୍କ ଦୃଷ୍ଟାନ୍ତ ଉଲ୍ଲେଖ କରିଛନ୍ତି । କବିଙ୍କ ଅନୁଭୂତିର ସୂଚନା ଏଠାରେ ଲକ୍ଷିତ ହୋଇଛି ।

ଦରଶନେ ତ ନୟନେ ରଖିଲେ,
ରୂପ ଚିତ୍ରରୁ ଚିତ୍ତ-ପଟେ ଲେଖିଲେ ।
ରାଧାକୃଷ୍ଣ ନିପୁଣ ଏ ଭାବରେ,
ଜାଣେ ଅନୁଭବୀ ଅନୁଭବରେ । ୨୫ ।
ଯେଣୁ ଚିତ୍ତକୁ ଗୋଚର ହୋଇଲା,
ଉପଇନ୍ଦ୍ର ବୀରବର ବୋଇଲା । ୨୬ । (୪ର୍ଥ ଛାନ୍ଦ)

ପୁଣି, ବିବାହ ଉତ୍ସବ ପରେ ପଞ୍ଚଗ୍ରାସୀ ସମୟର ଭାବକୁ ଲକ୍ଷ୍ୟକରି କବି କହିଛନ୍ତି—

ଏ ଛାନ୍ଦେ ଯେତେ ରସିକ କବିଙ୍କି ଗୋଚର,
ରସେ କହେ ଉପଇନ୍ଦ୍ର ଭଞ୍ଜ ବୀରବର । ୨୭ । (୫ମ ଛାନ୍ଦ)

ଏଥିରୁ କବିଙ୍କ ବ୍ୟକ୍ତିଗତ ଅନୁଭୂତିର ପ୍ରକାଶ ପ୍ରମାଣିତ ହେଉଛି ।

କାବ୍ୟଟିରେ କବି ନିଜ ଜୀବନର କେତୋଟି ଘଟଣାର ସୂଚନା ଏହି ପଦରେ ଦେଇଥିବା ଅନୁମିତ ହୁଏ ।

ରାଜାଙ୍କୁ ହେବାର ରାଜ୍ୟ ନଷ୍ଟ, ଯୁବାଙ୍କୁ ହେବାର ପତ୍ନୀଭ୍ରଷ୍ଟ,
କହେ ଉପଇନ୍ଦ୍ର ଭଞ୍ଜ ବୀରବର, ଏଥୁଁ ବଳି ଆଉ ନାହିଁ କଷ୍ଟ । ୨୫ ।
(୮ମ ଛାନ୍ଦ)

ପୁଣି ନାୟକକୁ ସୂର୍ଯ୍ୟବଂଶୀୟ କରିଥିବାରୁ କବି ସ୍ୱ ବଂଶର ଗୌରବ ବର୍ଣ୍ଣନ କରିବା ସଙ୍ଗେ ସଙ୍ଗେ ନିଜେ ନାୟକ ଥିବା ଅନୁମାନ କରିବା ପାଇଁ ଅବକାଶ ଦେଇଛନ୍ତି ।

ସେ ସୀତାକାରେ କହିଲେ ବିଦ୍ୟାଧର ପାଶେ,
ସେ ବୋଇଲେ ବନ୍ଧୁ ଅଛି ଚତୁର୍ଥ ପୁରୁଷେ ।

କୁଳଶୀଳ ଉଜ୍ଜ୍ୱଳ ସୁନ୍ଦର ରାଜବଂଶେ,
ସେ କୁମାର ବିବାହ କରିବ ଏହି ମାସେ ! ୨ । (୫ମ ଛାନ୍ଦ)

ନାୟିକାର ପିତା ବିଦ୍ୟାଧର ସାମନ୍ତବଂଶର ଥିବାରୁ ମନେହୁଏ କବି ସ୍ୱ ଶ୍ୱଶୁର ବଂଶ ବିଦ୍ୟାଧର ଥିବାର ସୂଚନା ଦେଇଛନ୍ତି ଏବଂ କବିଙ୍କ ବାଣପୁର ରାଜବଂଶରେ ବିବାହ ହୋଇଥିବା ଘଟଣାର ଛାୟା ଏଠାରେ ପଡ଼ିଛି ବୋଲି ଅନୁମାନ କରାଯାଇ ପାରେ । ଶ୍ୱଶୁରବଂଶର ବିଦ୍ୟାଧର ପଦବୀ ଥିବା ମଧ୍ୟ ଜଣାଯାଏ ।

ପ୍ରସଙ୍ଗକ୍ରମେ ବୀରବର ପଦବୀ କବି ନାୟକକୁ ଦେଇଛନ୍ତି; କବିଙ୍କ ନିଜ ପଦବୀ 'ବୀରବର'ର ସୂଚନା ଏଥିରେ ଥିବା ଅନୁମାନ କରିବା ଅସଙ୍ଗତ ହେବନାହିଁ ।

ଶ୍ରବଣେ ସେ ବୀରବର ହୋଇଲା ଏମନ୍ତ,
ଚାତକ ପାଇଲେ ମେଘଜଳକୁ ଯେମନ୍ତ । ୩ । (୫ମ ଛାନ୍ଦ)

ପୁରୀରେ ଚନ୍ଦନଯାତ୍ରା ସମୟରେ କବି ସାମନ୍ତଙ୍କ କନ୍ୟାଙ୍କୁ ଦେଖି ବିବାହ କରିବା ସ୍ଥିର କରିଥିବେ, ଏପରି ମଧ୍ୟ ଅନୁମାନ କରାଯାଇପାରେ ।

କାବ୍ୟର ନାୟକ ଇଳାବୃତ୍ତଖଣ୍ଡକୁ ରାଜ୍ୟସନ୍ଧାନ ପାଇଁ ଯାତ୍ରା କରିଥିବା ପ୍ରସଙ୍ଗ କବିଙ୍କ ସମୟରେ ତାଙ୍କ ପିତାଙ୍କର ରାଜତ୍ୱବେଳେ ଘୁମୁସରରେ କୌଣସି ଆଦିବାସୀ ବିଦ୍ରୋହକୁ ଲକ୍ଷିତ ହୋଇଥିବା ଅନୁମାନ କରାଯାଇ ପାରେ ।

କବିଙ୍କ ପତ୍ନୀ ବାଣପୁର ରାଜକନ୍ୟା ତାଙ୍କର ଅତି ପ୍ରିୟ ଥିବା କମ୍ବଦନ୍ତୀରୁ ଜଣାଯାଏ । କବି ବିରହାନୁଚିନ୍ତାରେ ସ୍ୱ ଅନୁଭୂତିର ବିଷୟ ଲିପିବଦ୍ଧ କରିଥିବା ସମ୍ଭବ, କାରଣ କବି 'ଅନୁଭବ'ର ବିଷୟ ହିଁ କାବ୍ୟରେ ଲିଖିତ ହୋଇଥିବା ବ୍ୟକ୍ତ କରିଛନ୍ତି ।

ପ୍ରାଣବନ୍ତ ଚରିତ୍ର ଚିତ୍ରଣ—କବି, ନାୟକ-ନାୟିକାଙ୍କ ବିରହାନୁଚିନ୍ତାରେ ଭାବନା ପ୍ରକାଶ ବ୍ୟତୀତ ବ୍ୟକ୍ତିଗତ ଜୀବନର କେତୋଟି

ସାମାନ୍ୟ ଦୃଶ୍ୟ ମଧ୍ୟ ଚିତ୍ରଣ କରି ପ୍ରେମବାତୁଳ ନାୟକନାୟିକାଙ୍କୁ ସାମାଜିକ ବ୍ୟକ୍ତି ବିଶେଷ କରି ପାଠକ ସମ୍ମୁଖରେ ଉପସ୍ଥାପିତ କରିଛନ୍ତି ।

ନାୟିକାର ବ୍ୟବହାର—

ତାଙ୍କୁ ସ୍ୱପନ ମୋର ଲପନ ବିରସ କରାଇବା,
ଗ୍ରୀଢ଼ିକ ସରି ମୁଁ ଅନୁସରି କରି ଯେ ଥାଇ ସେବା ।
ସେ ସୁକୁମାର ଦହିବ ମାର ବିଧାତା କି ନିଷ୍ଠୁର,
ଶୁଣି ବିହାର ହେବ ବାହାର ସେ ନେତ୍ରୁ ନୀରଧାର । ୯ ।

ହେବନି ତନୁ ଲାବଣ୍ୟ ତନୁ ଅଶନ ଅସଙ୍ଗତେ,
ମୋ ପରି ଚିତ୍ତ କାହିଁ କଳ୍ପିତ ଜାଣିପାରିବେ ଭୃତ୍ୟେ । ୪ । ୧୦ ।

ହେଲେ ଆଦର ବିଶେ ପାଦର ସେବନ ତତପର,
ବୋଲନ୍ତି ଧୀରେ ରସ-ନୀଧିରେ ବ୍ୟଥା କରିବ କର ।
ତୁ ଯେ କମଳାନନୀ କୋମଳା ଏତିକି ହେଉ ରଖ,
ପାଶୁଁ ଅନ୍ତର ହେଲା ମାତର ନ ଘେନଲେ ମୋ ଦୁଃଖ । ୧୧ ।
(୧୩ଶ ଛାନ୍ଦ)

ଦାମ୍ପତ୍ୟ ଜୀବନର ଘନିଷ୍ଠତା ସମ୍ପର୍କରେ ଏହି କେତୋଟି ବ୍ୟବହାର ବର୍ଣ୍ଣନା କରି କବି ନାୟକ ନାୟିକାଙ୍କୁ ପ୍ରକୃତ ପ୍ରାଣବନ୍ତ ମନୁଷ୍ୟ କରି ଚିତ୍ରଣ କରିଛନ୍ତି ।

ରସିକ ହାରାବଳୀରେ ନାୟକନାୟିକାର ଚରିତ୍ର ବିଶେଷ ସ୍ଥାନ ଅଧିକାର କରିଛି । କବିଙ୍କ ଅନ୍ୟାନ୍ୟ କାବ୍ୟର ନାୟକ ନାୟିକାଙ୍କ ପରି ଏମାନଙ୍କର ପୌରାଣିକ ପୂର୍ବଜନ୍ମବୃତ୍ତାନ୍ତ, ମର୍ତ୍ତ୍ୟ ଲୀଳା ଓ ଶାପମୁକ୍ତିର ପ୍ରସଙ୍ଗ ଶୈଳୀ ଏଥିରେ ଦିଆ.ଯାଇଛି । ବିଷୟବସ୍ତୁ ଚରିତଚରିତଶୈଳୀସମ୍ମତ ହୋଇଛି ।

କାବ୍ୟରେ ଶ୍ରୀକ୍ଷେତ୍ର ବର୍ଣ୍ଣନା ଓ ବିରହାନୁଚିନ୍ତା ବିଶେଷ ସ୍ଥାନ ଅଧିକାର କରିଥିବାରୁ ସଖା, ସଖୀ, ଦୂତ, ଦୂତୀ ପ୍ରଭୃତିଙ୍କ କାର୍ଯ୍ୟକଳାପ ଅତି ସଂକ୍ଷିପ୍ତ ହୋଇଛି ।

ନାୟକଙ୍କୁ ଉଚ୍ଚକୁଳସମ୍ଭୂତ, ଶିକ୍ଷିତ, ରସିକ, ଚତୁର, ବୀର, ପ୍ରିୟାଗତ ପ୍ରାଣ ରୂପେ କବି ଚିତ୍ରଣ କରିଛନ୍ତି । ପୂର୍ବଜନ୍ମ, ମର୍ତ୍ତ୍ୟରେ ରାଜବଂଶରେ ଜନ୍ମ, ନାୟିକା ସହିତ ମିଳନ, ବିରହ, ଇଲାବୃତ୍ତରେ ରାକ୍ଷସ-ନିଧନ ପ୍ରଭୃତି ଏହା ପ୍ରମାଣିତ କରୁଛି ।

ନାୟିକା ସର୍ବତୋଭାବେ ନାୟକର ଉପଯୁକ୍ତ ହୋଇଛି ।

ସ୍ୱର୍ଗର ବିଦ୍ୟାଧର ଦମ୍ପତି ଇନ୍ଦ୍ରଙ୍କ ଶାପବଶରୁ ଉତ୍କଳର ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ଜନ୍ମଗ୍ରହଣ କଲେ । ବିଦ୍ୟାଧରୀ କେତେକାଳ ଶ୍ରୀକ୍ଷେତ୍ରରେ ବିମଳା ଠାକୁରାଣୀଙ୍କୁ ସେବା କରିବା ପରେ ତାହାଙ୍କ ବରପ୍ରସାଦରୁ ଏକ କନ୍ୟା ଜନ୍ମ କଲେ । ଏହି କନ୍ୟାର ନାମ କୋଟିବ୍ରହ୍ମାଣ୍ଡସୁନ୍ଦରୀ ବୋଲି ପିତାମାତା ଦେଲେ । ବାଲ୍ୟ କାଳରେ ବାଳାକୁ ଦେଖି ବିଜ୍ଞମାନେ ରସିକ ହାରାବଳୀ ବୋଲି ଡାକିଲେ । ପିତାମାତା ଏ ଦୁଇଟି ନାମରେ କନ୍ୟାକୁ ଡାକିଲେ ।

ବିଦ୍ୟାଧର ଶ୍ରୀକ୍ଷେତ୍ରରେ ସାମନ୍ତକୁଳରେ ଜନ୍ମଗ୍ରହଣ କରିଥିଲେ । ଅତଏବ ନାୟିକା ରସିକ ହାରାବଳୀ ସାର୍ବଭୌମ ରାଜାର କନ୍ୟା ନୁହନ୍ତି; ସେ କ୍ଷତ୍ରିୟ କନ୍ୟା ମାତ୍ର । ସାମନ୍ତ ବିଦ୍ୟାଧରଙ୍କ ବଂଶ କୋଶଳାଦି ରାଜ୍ୟର ରାଜାମାନଙ୍କ ସହିତ ବୈବାହିକ ସମ୍ବନ୍ଧରେ ଆବଦ୍ଧ ଥିଲେ । ସେ ସାମନ୍ତ ରାଜା ଥିବା ମଧ୍ୟ ଅନୁମାନ କରାଯାଇପାରେ । ଗଞ୍ଜାମ ଓ ଓଡ଼ିଶାର ବହୁ ଅଞ୍ଚଳରେ 'ସାମନ୍ତ' କହିଲେ ରାଜକୁଟୁମ୍ବର ଲୋକଙ୍କୁ ବୁଝାଏ ନାହିଁ, ରାଜ-କୁଟୁମ୍ବ ବ୍ୟତୀତ ରାଜ-ସମ୍ପର୍କୀୟ କ୍ଷତ୍ରୀୟ କୁଟୁମ୍ବଙ୍କୁ ବୁଝାଏ । କୋଶଳ ଦକ୍ଷିଣ କୋଶଳ ବା ପଶ୍ଚିମ ଉତ୍କଳକୁ ମଧ୍ୟ ବୁଝାଏ ।

ସାମାଜିକ ବିଧିବିଧାନର ଚିତ୍ର—କବି ସାମାଜିକ ରୀତି ନୀତିର ନିଖୁଣ ଚିତ୍ର ବହୁ ସ୍ଥାନରେ ପ୍ରଦାନ କରିଛନ୍ତି ଏବଂ ଏହା ସହିତ ସ୍ଥାନେ ସ୍ଥାନେ ନାଟକୀୟ ଛଟାରେ ଏପରି ଭାବରେ ପ୍ରକାଶ କରିଛନ୍ତି ଯେ ତାହା ସବୁବେଳେ ଆଖି ଆଗରେ ବିରାଜୁଛି ।

ଏ ସମୟେ କୁମର ମଣ୍ଡପେ ପରବେଶ
ଦ୍ୱିଜେ କର୍ମ ଆରମ୍ଭିଲେ କରି ବେଦଘୋଷ,

ଅନ୍ତଃପୁରସ୍ତ୍ରୀ ନାରୀ ଗବାକ୍ଷେ ଅନାଇଁ
ଧୀରକରି.କହନ୍ତି ସେ କେମା କର୍ଣ୍ଣେ ଯାଇଁ । ୧୭ ।
ଭଲ ତୋର ତପ ତୁ କନ୍ଦର୍ପ ପ୍ରାୟେ ବର
ପାଇଲୁ ନିର୍ଭରେ ମନ ନେଇ ଭୋଗ କର । × ୧୮ ।

ପୁଣି କନ୍ୟାର ସାନ ଭଉଣୀମାନଙ୍କର ମାନସିକ ଅବସ୍ଥାର ଚିତ୍ରଣ ଅତି ମନୋହର ହୋଇଛି—

× କନ୍ୟା ସାନ ଭଗିନୀ କୁମାର ଶୋଭା ଚାହିଁ
ବିସ୍ମରନ୍ତି ଆମ୍ଭର ଏମନ୍ତ କର୍ମ କାହିଁ । ୧୮ ।
ଏ ପୁରୁଷ ହୋଇଥାନ୍ତା ଯେବେ ଆମ୍ଭ ବର,
ଦିବାନିଶି ହୋଇବାର ନୁହନ୍ତା ଗୋଚର ।
ଧାତା ପରିବାରି ଜନ୍ମ ହେଲେ ଦେଇଥାନ୍ତା,
ସେବାବେଳେ କରପଦ୍ମ ଅଙ୍ଗରେ ଲାଗନ୍ତା । ୧୯ । (୫ମ ଛାନ୍ଦ)

କବିଙ୍କ ଦୃଷ୍ଟିରେ ସାମାଜିକ ବିଧିବିଧାନ ନୂତନ ଅର୍ଥ ଲାଭ କରିଛି ।

ବିବାହ ସମୟର ଲବଣଚଉଁରୀ ରୀତିକୁ କବି ବ୍ୟାଜରେ ମନ୍ମଥଧୂଳି ମାରି ନବବାଳୀକୁ ଉଚାଟ କରିବା ଉପାୟ ବୋଲି କଳ୍ପନା କରିଛନ୍ତି । ଏହି ନୀତିରୀତିରେ ବରର ଯଜ୍ଞୋପବୀତ ପଠାଯିବା ବ୍ୟାପାରକୁ କବି ସୁନ୍ଦର କଳ୍ପନାପ୍ରସୂତ ଅର୍ଥ ଦେଇଛନ୍ତି—

କୁମାର ନେତ୍ର ମନରୁ ସଙ୍ଗେ ପଠିଆଇ,
ବିଳମ୍ବ ନ କରି ରମା ଅଣି ବାହୁଡ଼ାଇ ।
ଆରୋପ ଅଣାଇବା ଅବଧାନ ଏହି ହେଲେ,
ଅଙ୍ଗ ଯଜ୍ଞୋପବୀତ ପ୍ରେଷିତ କଲେ ବ୍ୟାଜେ ।
ଭଲଭାଗ୍ୟ ଚତୁରୀ ପାରିଲା ହୃଦ ଜାଣି;
ଧନ୍ୟ ରସିକ କପଟେ ଆସିଛନ୍ତି ଆଣି । ୨୧, ୨୨ । (୫ମ ଛାନ୍ଦ)

କନ୍ୟା-ପିତା କନ୍ୟାଦାନ କରିସାରିବାଠାରୁ ପଞ୍ଚରାତ୍ରୀ ପର୍ଯ୍ୟନ୍ତ ବିଧି-ବିଧାନର କବି-ତାତ୍ପର୍ଯ୍ୟ ଚମତ୍କାର ହୋଇଛି ।

ଶଙ୍ଖରେ ପାଣି ଦେଲାବେଳେ ଶଙ୍ଖ କାନ୍ଦିଲା ପରି ଦେଖାଗଲା । ସେ ଘ୍ରମାର ଶୋଭା ଦେଖି ଭାବିଲା, "କୁନ୍ଦେ କ୍ଲେଶ ପାଇଲା ସମାନ ହେଲି ନାହିଁ ।" ଲାଜାହୋମ, ହସ୍ତଚ୍ଛେଦ ପ୍ରଭୃତି ମଧ୍ୟ କବିଙ୍କ କଳ୍ପନାରେ ବିଚିତ୍ର ଅର୍ଥ ଲାଭ କରିଛି ।

ଲାଜାହୋମ ନ କଲେଟି ଦହିଲେ ଲଙ୍କାକୁ
ମଧୁଶଯ୍ୟା ସଦନେ କରିବାକୁ ତେଜ୍ୟାକୁ ।

ଉରଜକୁ ତୁଲ ହେଉ ବୋଲି ଏହା ଭଳି,
ନାରିକେଳ ଫଳକୁ ଅନଳେ ଦେଲେ ଜାଳି । ୬୪ ।

କରପଦ୍ମ କୋକନଦ ଶୋଭା କରେ ବୈର,
କୁଶେ ବାନ୍ଧି ଦଣ୍ଡ ଦେଲେ ଭୂସୁରେ ବସ୍ତ୍ର ।
ଶାନ୍ତି ଅନ୍ତେ ଦସ୍ୟୁ କରି ଦେଲେ ତା ଫିଟାଇ,
ଅନ୍ତଃପୁରେ ନେଇ ଜୂତ ଖେଳାଇଲେ ସଖୀ । ୬୫ ।

ଅବଳା ବୋଲନ୍ତି ବଳ ଦେଖାଇବା ପାଇଁ,
ହସ୍ତେ ବରାଟକ ଦୃଢ଼ କରି ସେ ଧରାଇ । × × ୬୬ ।
ପଞ୍ଚବାଣ ତ୍ରାସରୁ ତରିଲା ପଞ୍ଚଗ୍ରାସୀ
କରି ବୋଲି କହିଲା ଦ୍ୱିଜରମଣୀ ହସି । ୬୭ । (୫ମ ଛାନ୍ଦ)

ବେଶ—ଉତ୍କଳୀୟ ନାୟିକାର ବେଶବିନ୍ୟାସର କେତେକ ସାମଗ୍ରୀ ଏହି କାବ୍ୟରୁ ଜଣାଯାଏ, ଯଥା—ଫୁଲ, କଙ୍କତିକା, ପାଟସୂତ୍ର, ସିନ୍ଦୂର, ଅଳତା, ଅଳଙ୍କାରଶାଢ଼ୀ ପ୍ରଭୃତିର ବିଶିଷ୍ଟ ସୌନ୍ଦର୍ଯ୍ୟ ବର୍ଦ୍ଧକ ଓ କଳାପୂର୍ଣ୍ଣ ବ୍ୟବହାର କାବ୍ୟରେ କବି ଦେଇଛନ୍ତି । ଏହା ଉନ୍ନତ ସାମାଜିକ ଅବସ୍ଥାର ଲକ୍ଷଣର ପ୍ରମାଣ ଦେଉଛି ।

ନୂତନ ରାଜା ହେବା ସମୟର ଅବସ୍ଥା—

ରାଜାଙ୍କର ଉତ୍ତମ ପାତ୍ର ନିଯୁକ୍ତ ହୁଅନ୍ତି ଏବଂ ଶାଢ଼ୀ ବନ୍ଧା ହୁଏ । ଅପରାଧୀମାନେ ଭୟରେ ଲୁଚନ୍ତି । କବିଙ୍କ ପିତା ନୀଳକଣ୍ଠ ଭଞ୍ଜ ଘୁମୁସର ସିଂହାସନରେ

ବହିବା ସମୟର ଅବସ୍ଥା ଏଥିରେ ସୂଚିତ ହୋଇଥିବା ଅନୁମାନ କରାଯାଇ ପାରେ । ଅଳ୍ପ କେତେ ବର୍ଷ ପରେ ନୀଳକଣ୍ଠଙ୍କୁ ସିଂହାସନରୁ ବିତାଡ଼ିତ କରି ଘନଭଞ୍ଜ ରାଜା ହେଲେ; ସେହି ସମୟର ଅବସ୍ଥା ମଧ୍ୟ ଏହିପରି ହୋଇ-ଥିବ । ତେବେ, ଘନଭଞ୍ଜଙ୍କ ରାଜ୍ୟପ୍ରାପ୍ତି ସମୟର ଅବସ୍ଥା ଉପେନ୍ଦ୍ରଙ୍କ ପ୍ରତି ଅନୁକୂଳ ହୋଇ ନଥିବାରୁ ଏ ପ୍ରଶଂସା ସୂଚକ ବିବରଣ ପ୍ରଦତ୍ତ ହୋଇ ନଥିବା ବେଶି ସମ୍ଭବ ।

ବ୍ରାହ୍ମଣ, ବ୍ରାହ୍ମଣୀ ଓ ବାର୍ତ୍ତାବହ—ପୂର୍ବେ ଯାତାୟାତ ବ୍ୟବସ୍ଥା ସୁବିଧାଜନକ ନଥିଲା । ବ୍ରାହ୍ମଣ, ବ୍ୟବସାୟୀ, ରାଜକର୍ମଚାରୀ, ତୀର୍ଥଯାତ୍ରୀ ପ୍ରଭୃତି ଅଳ୍ପ କେତେକ ଲୋକଙ୍କର କେବଳ ଯାତାୟତର ସୁବିଧା ଥିଲା । ରାଜନବରମାନଙ୍କରେ ପାକ-କ୍ରିୟାଦି ସମ୍ପାଦନ କରିବା ନିମିତ୍ତ ବ୍ରାହ୍ମଣୀମାନେ ନିଯୁକ୍ତ ଥିଲେ । ରାଜଜେମାମାନଙ୍କ ଗହଣରେ ପୁରୋହିତ କନ୍ୟା ଜଣେ ପ୍ରଧାନ ସଖୀ ଥିଲେ । ବିଭିନ୍ନ ରାଜପରିବାର ମଧ୍ୟରେ ଆଦାନପ୍ରଦାନ କ୍ଷେତ୍ରରେ ବାହ୍ୟ ସମ୍ପର୍କୀୟ କାର୍ଯ୍ୟରେ ପୁରୋହିତ, ମନ୍ତ୍ରୀ, ବ୍ରାହ୍ମଣ ପ୍ରଭୃତି, ସ୍ତ୍ରୀ ମହଲ ଓ ଘରୋଇ ସମ୍ପର୍କୀୟ କାର୍ଯ୍ୟରେ ବ୍ରାହ୍ମଣୀ, ମାଳୁଣୀ ପ୍ରଭୃତି ଦୂତ ଓ ସମ୍ବାଦବାହକ ରୂପେ ନିଯୁକ୍ତ ହେଉଥିଲେ ।

ପୂର୍ବେ କୋଶଳ ଦେଶର ନରେଶକୁମର,
ଦ୍ୱିଜଙ୍କ ବଦନୁ ଶୋଭା ଶୁଣୁଥାଇ ତାର । ୨୮ ।

ପୁଣି—କେଡ଼େ ଶୋଭା କେତେ ତାକୁ ବୟସ ପର୍ଯ୍ୟରେ,
ସ୍ମର କେ ହୋଇବ ଏହି କଥା ତ ବିସ୍ମୟରେ । ୩୦ ।

ବିପ୍ରକାମିନୀଏ କହି ଆରମ୍ଭିଲା ତାକୁ,
ମୁଁ ଯାଇଥାଇଁ ସେ ମନୋରମାର ପୁରକୁ । ୩୧ । (୧ମ ଛାନ୍ଦ)

ଶୁଆକୁ ଶ୍ଳୋକ ପଢ଼ାଇବା—ଶୁଆକୁ କଥା ଶିଖାଇବା, ଶ୍ଳୋକ ପଢ଼ାଇବା ରୀତି ପୂର୍ବେ ଥିଲା; ବର୍ତ୍ତମାନ ମଧ୍ୟ ଏହା ପ୍ରଚଳିତ ଅଛି । ଏହି 'ଶୁଆ ପାଠ ପଢ଼ିଲା ପରି' ଢଗ ମଧ୍ୟ ଏହି ରୀତିରୁ ଜାତ ହୋଇଛି ।

ଗୁରୁ ହୋଇ ଗୁରୁସ୍ତନୀ ଶିଶୁ ଶୁକ ଶିଷ୍ୟ କରି ଶ୍ଳୋକ ପଢ଼ାଇ । ୨ ।

(୨ୟ ଛାନ୍ଦ)

ଯାତ୍ରା ଉତ୍ସବରେ ରସିକ ରସିକାଙ୍କ ଭାବୋଚ୍ଛ୍ୱାସ— ଚନ୍ଦନ ଯାତ୍ରା ସମୟରେ ଯାତ୍ରା-ଉପଯୋଗୀ ଭାବୋଚ୍ଛ୍ୱାସ ସ୍ୱତଃ ଜାଗ୍ରତ ହୋଇଥାଏ । ବୃଦ୍ଧ, ବାଳକ, ସନ୍ନ୍ୟାସୀ, ଧାର୍ମିକ ପ୍ରଭୃତିଙ୍କ ମନରେ ସ୍ୱ ସ୍ୱ ଅବସ୍ଥା-ଉପଯୋଗୀ ଭାବୋଚ୍ଛ୍ୱାସ ଦେଖାଯାଏ; କିନ୍ତୁ ଆନନ୍ଦ ଓ କୌତୁକ ଭାବ ମଧ୍ୟ ପ୍ରଭାବ ବିସ୍ତାର କରି ଭାବ ବ୍ୟତିକ୍ରମ ସୃଷ୍ଟି କରିଥାଏ । ବିଶେଷତଃ ରସିକ ରସିକାମାନେ ଉତ୍ସବର ଆନନ୍ଦକୁ ସ୍ୱଭାବନାନୁସାରେ ଉପଭୋଗ କରିବାକୁ ମନ ବଳାଇ ଥାଆନ୍ତି । କବି ଏହି ସମୟର ବିଭିନ୍ନ ସ୍ତରର ଲୋକଙ୍କ ମାନସିକ ବିକାରର ସୁନ୍ଦର ଚିତ୍ରଟିଏ ପ୍ରଦାନ କରି ମନଃସ୍ତାତ୍ତ୍ୱିକ ବିଶ୍ଳେଷଣ ଦକ୍ଷତାର ପରିଚୟ ଦେଇଛନ୍ତି ।

ନୀରଜମୁଖୀଙ୍କ ଉରଜ ହିମରଜରେ ଭୂଷି,
ଦର୍ଶନ ଲୋଭରେ ନିର୍ଭର କଲେ ଯୋଗୀ ସନ୍ନ୍ୟାସୀ । ୧୮ ।

ଏହାଙ୍କ ବିଭୂତି ତାହାଙ୍କ ଅଙ୍ଗେ ଅଙ୍କିତ ହୋଇ,
ତନୁ ପୁଲକିତ ଶଙ୍କିତ ନୋହେ କୈତବ ନାହିଁ । ୧୯ ।

ଭେଟେ ଭେଟେ ମାରି ଉଚ୍ଚାଟେ, ସ୍ନେହେ ନାରୀ ପୁରୁଷ,
ଇକ୍ଷଣେ ଇକ୍ଷଣେ କଲେ ସେ, କ୍ଷଣେ କ୍ଷଣେ ବିଳାସ । ୨୦ ।

କପଟ ଦର୍ଶନ ଲମ୍ପଟ ବିଟଗାତକ ଗୃହୀ,
ଯେ ସୁଧୀ ସୁଧୀରେ ବୋଲନ୍ତି କ୍ଷେତ୍ରବରଟି ଏହି । ୨୧ ।

ବିଧୁର ଚରିତ ମଧୁର କରି ଗାଆନ୍ତି ସାଧୁ,
ଆଗତ ହୋଇଣ ନାଚନ୍ତି ଯହିଁ ଗଣିକା ବଧୂ । ୨୨ ।

(୩ୟ ଛାନ୍ଦ)

ସନ୍ନ୍ୟାସୀମାନଙ୍କର ମତିଭ୍ରମର ସମ୍ଭାବନା ନଥିଲେ ମଧ୍ୟ କାମିନୀମାନଙ୍କ ଉପରେ ସେମାନଙ୍କ ଅଙ୍ଗଭସ୍ମର ପ୍ରଭାବ ପଡ଼ିଛି । ସୁଧୀବର୍ଗଙ୍କ ଉପଦେଶ

ସମୟୋପଯୋଗୀ ଓ ଧର୍ମ-ଗର୍ଭକ ହୋଇଛି । ସାଧୁମାନେ ପ୍ରଭୁଙ୍କ ବନ୍ଦନା ମଧୁର ସ୍ୱରରେ ଗାୟନ କରି ଆନନ୍ଦଦାୟକ ଉତ୍ସବର ଆନନ୍ଦ ବର୍ଦ୍ଧନ କରିଛନ୍ତି ।

ପୁରୀରେ ଚନ୍ଦନ ଉତ୍ସବ ସମୟରେ ବିଦଗ୍ଧଭାଟମାନେ ଛଳନା ପୂର୍ଣ୍ଣ ଚଉତିଶା ଗାୟନ କରନ୍ତି । ଭାଟମାନେ ଚତୁରତା ପ୍ରଦର୍ଶନ କରିବା ପାଇଁ ଗୋପୀ-ଗୋପୀନାଥଙ୍କ ଚନ୍ଦନ ଉତ୍ସବକୁ ସ୍ମରଣ କରି ଗୋପୀନାଥ ଜଗନ୍ନାଥଙ୍କ ଏ ଚନ୍ଦନ ଉତ୍ସବକୁ ତାହା ସହିତ ସମାନ କରନ୍ତି । ଉତ୍ସବରେ ବିଜେ ଠାକୁର ଗୋପୀନାଥଙ୍କୁ ଲକ୍ଷ୍ୟ କରି ଏହିପରି କରିଥିବା ଅନୁମିତ ହୁଏ ।

କୁଳଲଳନାମାନେ ସର୍ବସାଧାରଣଙ୍କ ପରି ଲୋକଗହଳି ଭିତରେ ଯାଇ ଠାକୁରଙ୍କ ବିଜେ ଉତ୍ସବକୁ ଦେଖୁ ନଥିଲେ । ସେମାନେ କୋଠା ଘର ଉପରେ ରହି ଦେଖୁଥିଲେ । ସାମନ୍ତ ଘରର କାମିନୀମାନେ କୋଠା ଉପରେ ବସ୍ତ୍ର ଆଚ୍ଛାଦନ କରି ଝରକା ପକାଇ ଉତ୍ସବ ଦେଖୁଥିଲେ; କେତେ ବା ଜଳାଳବାଟି ବାଟେ ଗୁହ୍ନି ଜଗନ୍ନାଥଙ୍କ ନୌକା ବିହାର ଦେଖୁଥିଲେ । ଏଥିରୁ ଅନୁମିତ ହେଉଛି, ଚନ୍ଦନ ସରୋବର ବା ନରେନ୍ଦ୍ର ସରୋବର ତୀର ପାଖରେ ସାମନ୍ତ ଓ ଭଦ୍ରବ୍ୟକ୍ତିମାନଙ୍କର କୋଠା ଥିଲା; ଜଳାକବାଟି ଦୃଶ୍ୟ ଦର୍ଶନ ଉଦ୍ଦେଶ୍ୟ ମଧ୍ୟ ସାଧନ କରୁଥିଲା ।

ଉକ୍ତପୁସ୍ତ ଗ୍ରନ୍ଥର ୧୧ଶ ପଦଠାରୁ ୨୮ଶ ପଦ ପର୍ଯ୍ୟନ୍ତ ପୁରୀର ଚନ୍ଦନ ଯାତ୍ରାର ପ୍ରତ୍ୟକ୍ଷ ବିବରଣ ଦିଆଯାଇଛି । ଏହି ବିବରଣଟିକୁ କବି ବିଭିନ୍ନ ଶୈଳୀ ପ୍ରୟୋଗ କରି ଅତି ରମଣୀୟ କରିଛନ୍ତି । ଉତ୍ସବର ପ୍ରଧାନ ଅଙ୍ଗଗୁଡ଼ିକ ଏଥିରେ ସନ୍ନିବେଶିତ ହୋଇଛି ଏବଂ ଅନାବଶ୍ୟକ ଓ ବିରକ୍ତିକର ସୂକ୍ଷ୍ମାତିସୂକ୍ଷ୍ମ ପ୍ରସଙ୍ଗର ବର୍ଣ୍ଣନା ନଥିବାରୁ ଚନ୍ଦନଉତ୍ସବ ବର୍ଣ୍ଣନାଟି ଅତି ରସପୂର୍ଣ୍ଣ ଓ ମନୋମୁଗ୍ଧକର ହୋଇଛି । ପ୍ରତ୍ୟକ୍ଷ ବିବରଣ ଦେବାରେ କବି କ୍ଷମ ଥିବା ଏଥିରୁ ସ୍ପଷ୍ଟ ହେଉଛି ଏବଂ ସ୍ୱଦେଶ ଉତ୍କଳର ଏକ ଚିତ୍ର ଏଠାରେ ପ୍ରଦର୍ଶନ କରିଥିବାରୁ ତାଙ୍କର ଗୌରବ ବୃଦ୍ଧି ପାଇଛି । ଯମକର ସୁଶୋଭନ ପ୍ରୟୋଗ ପଦଗୁଡ଼ିକୁ ଜୀବନ୍ତ କରିଛି ।

ଦୀନବାନ୍ଧବ ମାଧବର ତହିଁ ମାଧବମାସେ,
ନୃପତି ନନ୍ଦନ ଚନ୍ଦନଯାତ୍ରା ଦେଖେ ହରଷେ । ୧୧ ।

ନରେନ୍ଦ୍ର ତଡ଼ାଗେ କରୀନ୍ଦ୍ର ସୁରେନ୍ଦ୍ର ପରନ୍ଦର,
ନାବରେ ଖାବରେ ବିଜୟ କରି ସୁଖେ ବିହରି । ୧୨ ।

ପଛେ ରହି ସ୍ୱଚ୍ଛେ ବରହିପୁଚ୍ଛେ ଦ୍ୱିଜେ ସେବନ୍ତି,
ରଞ୍ଜନ ବ୍ୟଜନ ସଜ୍ଜନ କରେ ଧରି ବାଞ୍ଛନ୍ତି । ୧୩ ।

ସଂସାରସାର ଘନସାର ପିଚକା କେ ମାରଇ,
କ୍ଷୀରନିଧି ଧୀର ଲହରୀ ପରି ଗ୍ରୁମର ଶୋହି । ୧୪ ।

ତରସେ ତରସେ ଦୁଷ୍ଟଙ୍କ ନାନା ପାପ ସ୍ମରଣି,
ଚନ୍ଦ୍ରେ ନିର୍ମ୍ମିତ ଚନ୍ଦ୍ର ସୂର୍ଯ୍ୟ ତାର ତାର ପ୍ରକାଶି । ୧୫ ।

ପ୍ରବଳ ଶୋଭନ ଧବଳଛତ୍ର ବର୍ଣ୍ଣି ନୁହଇ,
ବଳରେ କବଳ ଧବଳକର ଶୋଭା କରଇ । ୧୬ ।

ଆଡ଼ମ୍ବର ମେଘାଡମ୍ବର କେତେ ଦେଖି ଅମ୍ବର,
ଅମର ପୁରେ ସମ୍ଭରବ ନାନା ବାଦ୍ୟ ନାଦର । ୧୭ ।

ନୀରଜମୁଖୀଙ୍କ ଉରଜ ଭ୍ରମରଜରେ ଭୂଷି,
ଦର୍ଶନ ଲୋଭରେ ନିର୍ଭର କଲେ ଯୋଗୀ ସନ୍ନ୍ୟାସୀ । ୧୮ ।

ମହାଙ୍କ ବିଭୂତି ତାହାଙ୍କ ଅଙ୍ଗେ ଅଙ୍କିତ ହୋଇ,
ତନୁ ପୁଲକିତ ଶଙ୍କିତ ନୋହେଁ କୈତବ ନାହିଁ । ୧୯ ।

ଭେଟେ ଭେଟେ ମାରି ହଟାଟେ ସ୍ନେହେ ନାରୀ ପୁରୁଷ,
ଈକ୍ଷଣେ ଈକ୍ଷଣେ କଲେ ସେ କ୍ଷଣେ କ୍ଷଣେ ବିଳାସ । ୨୦ ।

କପଟ ଦର୍ଶନ ଲମ୍ପଟ ବିଟସାଧକ ବୃହିଁ,
ଯେ ସୁଧୀ ସୁଧୀରେ ବୋଲନ୍ତି କ୍ଷେତ୍ରବରିଷ୍ଠ ଏହି । ୨୧ ।

ବନ୍ଧୁର ଚରିତ ମଧୁର କରି ଗାଆନ୍ତି ସାଧୁ,
ଆଗତ ହୋଇଣ ନାଚନ୍ତି ଯହିଁ ଗଣିକାବଧୂ । ୨୨ ।

ମୁରଜ ଘାତକୁ ଝରଜ ଝରଜ ଯେ ଚମକେ,
ନିପୁର ମୋହରୁଁ ବୋଲନ୍ତି ସେ କି ନୃତ୍ୟ-ଝମକେ । ୨୩ ।
ଗୋପୀ ଗୋପୀନାଥ ସୁବେଶ ସବୁ ଆବେଶ ନୃତ୍ୟେ,
ଅତି ବିଦଗଧ ମାଗଧ ତୋଷେ ଚଟ କବିତ୍ୱେ ।
(ଅତି ବିଦଗଧ ମାଧବ ତୋଷେ ଚଢ଼େ କବିତ୍ୱେ) । ୨୪ ।

ହରି ହରି ଧ୍ୱନି ତ୍ୱରିତେ ଶୁଭେ ଅନବରତେ,
ଦଣ୍ଡଧର ଦଣ୍ଡ ଖଣ୍ଡନ କରେ ଦଣ୍ଡକ ମାତ୍ରେ । ୨୫ ।

ଛଦନ ସଦନମାନଙ୍କୁ କେନ୍ଦ୍ର କରି ଅଛନ୍ତି,
ବହିବାସରେ ଯାମନ୍ତଙ୍କ କାମିନୀଏ ଦେଖନ୍ତି । ୨୬ ।

ବାତାୟନ ପାଶେ ନୟନ ଦେଇ ନିକଟେ ଗୃହେଁ,
ହଲୀଲ ସଲିଳ ଭ୍ରମଣ ଜଗବନ୍ଧୁର ତହେଁ । ୨୭ ।

ହରି କି ତରଣୀ ଆରୋହୀ ଖେଳେ ଏମନ୍ତ ଭାବି,
ଏହି ମତ ଯେନେ ମତରେ ଭବଜଳୁ ତାରିବ । ୨୮ ।

(ଶମ୍ଭୁ ଛନ୍ଦ)

ଉତ୍ସବର ବର୍ଣ୍ଣନାରେ ଲୌକିକ ଭାବର ପ୍ରକାଶ ଥିଲେ ମଧ୍ୟ ଧାର୍ମିକ ମନୋବୃତ୍ତି ପ୍ରାଧାନ୍ୟ ଲାଭ କରିଛି; ପ୍ରତ୍ୟେକ ବିଭାବର ପ୍ରକାଶରେ କବି ପାର୍ଥିବ ଓ ଅପାର୍ଥିବ ଉଭୟ ଚିନ୍ତାର ପ୍ରଭାବ ସ୍ପଷ୍ଟ ହେଉଛି, "ସୂତ୍ରେ ମଣିଗଣାଇବ" ନ୍ୟାୟରେ ଧାର୍ମିକ ଚିନ୍ତା ପ୍ରତ୍ୟେକ ପ୍ରକାଶକୁ ଆବେଶ କରି ରଖିଛି ।

ତରସ—ତରସେ ତରସେ ଦୁଷ୍ଟଙ୍କୁ ନାନା ପାପ ସ୍ମରଣୀ,
ଚନ୍ଦ୍ର ନିର୍ମିତ ଚନ୍ଦ୍ର ସୂର୍ଯ୍ୟ ତାର ତାର ପ୍ରକାଶି । ୧୫ । × ×
ଗଣିକା-ନୃତ୍ୟ—ଗୋପୀ ଗୋପୀନାଥ ସୁବେଶ ସବୁ ଆବେଶ ନୃତ୍ୟେ,
ଅତି ବିଦଗଧ ମାଧବ ତୋଷେ ଚଢ଼େ କବିତ୍ୱେ । ୨୪ ।
ନୌକାବିହାର—ହରି କି ତରଣୀ ଆରୋହୀ ଖେଳେ ଏମନ୍ତ ଭାବି,
ଏହି ମତ ଯେନେ ମତରେ ଭବଜଳୁ ତାରିବ । ୨୮ ।

କବି ରସିକ ହାରାବଳୀର ପ୍ରଥମ ଛାନ୍ଦର ଆରମ୍ଭରେ ଦାରୁରୂପଧାରୀ ଜଗନ୍ନାଥଙ୍କୁ ବନ୍ଦନା କରିଛନ୍ତି । ଜଗନ୍ନାଥଙ୍କୁ, ନୀଳଗିରି-ଅଧୀଶ୍ୱର, ଶିବ-ବନ୍ଦନୀୟ, ସୁଭଦ୍ରାଙ୍କ ଜ୍ୟେଷ୍ଠଭ୍ରାତା, ବଳରାମଙ୍କ କନିଷ୍ଠଭ୍ରାତା, ଗରୁଡ଼ବାହନ, ଚତୁର୍ଭୁଜ ସନକାଦି ଋଷିମାନଙ୍କ ବନ୍ଦ୍ୟରୂପେ ବର୍ଣ୍ଣନା କରିଛନ୍ତି । ଚତୁର୍ଭୁଜ ବିଷ୍ଣୁହିଁ ଜଗନ୍ନାଥ ଥିବା କବିଙ୍କ ଉକ୍ତିରୁ ସ୍ପଷ୍ଟ । ଶିବ ବନ୍ଦନୀୟ ପଦରୁ ବିଷ୍ଣୁ ଶିବଙ୍କଠାରୁ ଶ୍ରେଷ୍ଠ ଏହି ବୈଷ୍ଣବୀୟ ଧାରଣାର ସୂଚନା ଦେଇଛନ୍ତି ।

ଜଗନ୍ନାଥଙ୍କ କୃଷ୍ଣବର୍ଣ୍ଣର ସୂଚନା 'ନୀରଦସୁନ୍ଦର' ପଦରୁ ସ୍ପଷ୍ଟ ହେଉଛି ।

କବି ସୁଭଦ୍ରା ଓ ବଳରାମଙ୍କ ପରିଚୟ ପ୍ରଦାନ କରି ଜଗନ୍ନାଥ ଶ୍ରୀକୃଷ୍ଣ ଥିବା ପ୍ରତିପାଦନ କରିଛନ୍ତି । ପୁଣି, 'କମଳାକାନ୍ତ' ପଦର ବ୍ୟବହୃତ ହୋଇଥିବାରୁ ଜଗନ୍ନାଥ ବିଷ୍ଣୁ ଥିବା ତତ୍ତ୍ୱ ପ୍ରତିପାଦିତ ହୋଇଛି ।

ତୃତୀୟ ଛାନ୍ଦରେ ଜଗନ୍ନାଥଙ୍କ ଶ୍ରୀକ୍ଷେତ୍ରର ପ୍ରତ୍ୟକ୍ଷ ଫଳପ୍ରଦ ମାହାତ୍ମ୍ୟ ପ୍ରତିପାଦନ କରି କବି ମହାପ୍ରସାଦର ମାହାତ୍ମ୍ୟର ଅବତାରଣା କରିଛନ୍ତି । ଚାଞ୍ଚଲ କଉଡ଼ି ଦେଲେ ମହାପ୍ରସାଦ ମିଳେ ଏବଂ ଏହି ମହାପ୍ରସାଦ ସେବନରେ ମୁକ୍ତି ମିଳେ ।

ଯେବଣ କଟକେ ଛଟକେ ବରାଟକେ ମୁକତି,
ମହାପ୍ରସାଦରେ ସାଦରେ ଲୋକମାନେ ଲଭନ୍ତି । ୨ । (୩ୟ ଛାନ୍ଦ)

କବି କଳ୍ପବଟ ସମ୍ବନ୍ଧରେ କହିଛନ୍ତି ଯେ ଏହି ବଟଛାୟା ତଳେ ମହାପାପୀ ନର ଜନ୍ମର ମୁକ୍ତିଲାଭ କରିଛନ୍ତି ।

ରୋହିଣୀକୁଣ୍ଡର ମାହାତ୍ମ୍ୟ ମଧ୍ୟ ବର୍ଣ୍ଣିତ ହୋଇଛି । ବିନା ତୃଷାରେ କାକ ଚତୁରପଣରେ କୁଣ୍ଡରେ ପଡ଼ି ଚତୁର୍ଭୁଜ ହୋଇଥିବା ପ୍ରସଙ୍ଗ ସଂକ୍ଷେପରେ ଏକପଦରେ କବି ସୁନ୍ଦର ଭାବରେ ବ୍ୟକ୍ତ କରିଛନ୍ତି ।

ବିନା ତୃଷାତୁରେ ଚତୁରେ କୁଣ୍ଡ ପତନେ ଯହିଁ,
କାକର ହେଲା କର ଚାରି କସ ବାରିର ତହିଁ । ୪ । (ତୃତୀୟ ଛାନ୍ଦ)

ଦକ୍ଷିଣରେ ମହୋଦଧି ପାପୀମାନଙ୍କର ପାପକୁ କ୍ଷୀଣ କରୁଛି । ବଡ଼ ଦେଉଳକୁ ଚାହିଁ ଯମଦୂତମାନଙ୍କ ବଡ଼ ଭୟ ଜାତ ହେଉଛି । ବଡ଼ ଦେଉଳର ଚକ ଅଜ୍ଞାନମାନଙ୍କୁ ନାଶ କରୁଛି ।

ନୀଳଚକ୍ର ଉପରେ ଉଡ଼ୁଥିବା ପତାକାକୁ ଲକ୍ଷ୍ୟ କରି କବି କହିଛନ୍ତି ଯେ ପାପୀମାନଙ୍କୁ ଏ ପତାକା ଡାକି "ଏ ନଗରକୁ ଶୀଘ୍ର ଆସ, ତୁମ୍ଭଙ୍କୁ ଭଲ କରି ଦେବା" ବୋଲି କହୁଛି କି ?

ବଡ଼ ଦେଉଳର ଘଣ୍ଟାନାଦ, ସେବକମାନଙ୍କର ବେତ୍ରାଘାତର ସୂଚନା ଦେଇ ଏମାନେ ମଧ୍ୟ ମୁକ୍ତିପ୍ରାପ୍ତିରେ ସହାୟକ ଥିବା କବି ବ୍ୟକ୍ତ କରିଛନ୍ତି ।

ସମଗ୍ର କ୍ଷେତ୍ରମାହାତ୍ମ୍ୟ ପ୍ରସଙ୍ଗଟି ସଂକ୍ଷିପ୍ତ ହେଲେ ମଧ୍ୟ ସାରଗର୍ଭକ, ଶାସ୍ତ୍ରସମ୍ମତ, ଲୋକବିଶ୍ୱାସସମ୍ମତ ହୋଇଛି ଏବଂ ଉପମା ଓ ଯମକ ପ୍ରୟୋଗରେ ସୁନ୍ଦର ରୂପ ଧାରଣ କରିଛି ।

ଯେଉଁ କ୍ଷେତ୍ରରାଜ ବିରାଜମାନ ଗରୁଡ଼ ଧ୍ୱଜେ,
ଶ୍ରବଣେ ଚରିତ ଭୂରିତ ଜନ ଦୁରିତ ଗଞ୍ଜେ । ୧ ।
ଯେବଣ କଟକେ ଛଟକେ ବିରାଟକେ ମୁକତି,
ମହାପ୍ରସାଦରେ ସାଦରେ ଲୋକମାନେ ଲଭନ୍ତି । ୨ ।
ଅଳପ କଳପବଟର ଯହିଁ ଛାୟା ଆଶ୍ରିତ,
କଳପ କଳପ ନର କିନ୍ନର ତରିଲେ ମତ । ୩ । (୩ୟ ଛାନ୍ଦ)

କାବ୍ୟର କ୍ଷୁଦ୍ର କଳେବର ଅନୁପାତରେ ପ୍ରସଙ୍ଗକ୍ରମେ ଜଗନ୍ନାଥ, ଜଗନ୍ନାଥକ୍ଷେତ୍ର ମାହାତ୍ମ୍ୟ, ଚନ୍ଦନ ଉତ୍ସବର ବର୍ଣ୍ଣନାକୁ ମଧ୍ୟ କ୍ଷୁଦ୍ର କରିଥିବା ମନେହୁଏ ।

କବିକଳ୍ପନା: (କ) ବିରହାନୁଚିନ୍ତା—ରସିକହାରାବଳୀରେ ବିରହାନୁଚିନ୍ତା ଛାନ୍ଦମାନଙ୍କ ମଧ୍ୟରେ ନାୟକର ବସନ୍ତାନୁଚିନ୍ତା ଅତି କବିତ୍ୱପୂର୍ଣ୍ଣ, ରସପୂର୍ଣ୍ଣ ଓ ରମଣୀୟ ହୋଇଛି ।

ବସନ୍ତକାଳରେ ପ୍ରିୟା ସହିତ ନାୟକ ଦିନ ଦିନକର ଦାମ୍ପତ୍ୟଜୀବନର ଭାବନା ସ୍ମରଣକରି ବିରହରେ କାତର ହୋଇଛନ୍ତି । ଅବଶ୍ୟ ବିବାହର ଅବ୍ୟବହିତ ପରେ ପ୍ରାୟ ଏକ ବର୍ଷ ପର୍ଯ୍ୟନ୍ତ ଏହି ବିରହ ଦଶା ଘଟିଥିଲା; ଦମ୍ପତି ସନ୍ତାନସନ୍ତତିର ଅଧିକାରୀ ହୋଇ ନଥିବା କଳ୍ପନା କରାଯାଏ । କାରଣ, ଏ ଦୁହେଁ କୌଣସିଠାରେ ସ୍ୱ ସନ୍ତାନସନ୍ତତିଙ୍କ ଅବସ୍ଥାର ସୂଚନା ଦେଇ ନାହାନ୍ତି ।

ଏହି ବିରହାନୁଚନ୍ଦ୍ରା ଭିତରେ ନାୟକ କେତୋଟି ଅତି ଚମତ୍କାର କଳ୍ପନାବିଳାସ ପରିପୂର୍ଣ୍ଣ ପଦ କବି ରଚନା କରିଛନ୍ତି । ନାୟକ ନାୟିକା ଉଭୟେ, ରସିକ, ଶିକ୍ଷିତ, ଚତୁର ଥିବାରୁ ସେମାନଙ୍କର ବ୍ୟବହାର କବିଙ୍କୁ କଳ୍ପନାର ଖେଳ ଦେଖାଇବା ନିମନ୍ତେ ବହୁତ ସାହାଯ୍ୟ କରିଛି ।

ଋତୁମତୀ ହେବା ସମୟରେ ନାରୀକୁ ସ୍ପର୍ଶ କରିବା ନିଷେଧ ଥିବା ସାମାଜିକ ବିଧାନର ସୁବିଧା ନେଇ କବି ଅତି ରମଣୀୟ ଚିତ୍ରଟିଏ ପ୍ରଦାନ କରିଛନ୍ତି । କଦମ୍ବଫୁଲକୁ ଏହି ଋତୁମତୀ ଅବସ୍ଥାର ଓ ମଲ୍ଲିଫୁଲକୁ "ମଲି, ମଲି" ଅବସ୍ଥାରସୂଚକ କରି କବି ପଦ ରଚନା କରିଛନ୍ତି ।

ଆହା ରସବତୀପୁର, ଅନ୍ତର ଦନରେ ଉର,
ଉପରେ ପଙ୍କଜଫୁଲ ଧରି ସେ ଆଇ ।
ମୋରେ ପ୍ରିୟା ଯେତେବେଳେ ଆସି ଦରଶନ ଦେଲେ
ମଲ୍ଲି କୁସୁମ ମୁଁ କରେ ଧରି ଦେଖାଇ ।
ଜାଣି ଭାଷେ କାହା ଆୟତ୍ତ, ନାରୀ ପୁରୁଷଙ୍କୁ ଦଣ୍ଡ ଦଇବକୃତ ।୨।

ନାୟିକା ବୀଣାବାଦନ ଓ ସଙ୍ଗୀତ ଗାୟନରେ ନିପୁଣା ଥିଲି ଏବଂ ତାହାର ସ୍ୱର କୋକିଳ ସ୍ୱରଠାରୁ ମଧୁର ଥିଲା । ଏହା କବି ନାୟକ ମୁଖରେ ସୁନ୍ଦରଭାବରେ ବ୍ୟକ୍ତ କରିଛନ୍ତି ।

ପିକ ଡାକିବା ସମୟେ, ବଲ୍ଲଭୀ ବୀଣା ବଜାଏ,
ବଢ଼ାଇ ଦେଖାଇ ଗାଏ ଗୀତ ମଧୁରେ ।
ଶୁଣି ମୁଁ ଜାଣି ହୃଦୟେ ଯାଇ କହଇ ବିନୟେ
କବିମୂର୍ଖପଣ ଲଗାଉ ମୋରେ,
"ଦାସୀଙ୍କୁ ଦୋଷ ଘେନି କି ହେବ ?"
ଏମନ୍ତ କହିବା ତାର କେମନ୍ତ ଭାବ । ୫ ।

ଚମ୍ପାଫୁଲରେ ଭ୍ରମର ବସେ ନାହିଁ, ଏହି ତଥ୍ୟକୁ ଅବଲମ୍ବନ କରି କବି ନାୟକଙ୍କ ମୁଖରେ ନାୟିକା ବୁଦ୍ଧିମତୀ ଓ ଚତୁରୀ ଥିବା ଦେଖାଇଛନ୍ତି ।

କରି ମୁଁ ଚମ୍ପାଚଉଁରୀ ଦେଲି ସେ ଶମ୍ପାଗଉରୀ
ମୋ ସ୍ନେହବଶରୁ ଘେନି ନ ଘେନେ ଶିରେ,

ମୁଁ କହେଁ "ଏମନ୍ତ ଶଙ୍କା-   ମାନଙ୍କୁ ପଛକୁ ପକା,
ନବୀନା ବିନା ଦୋଷର କେ ମୋ ସଂସାରେ ।"
ଶୁଣି କହେ ପ୍ରତି ଉତ୍ତର, ଏହି ଅବଧାନ ଥିବା ଲେଡ଼ା ମୋହର । ୭ ।

ଅଶୋକ, ବକୁଳ, କେତକୀ ପ୍ରଭୃତି ଫୁଲ ଓ ଚନ୍ଦନଚିତା, କର୍ପୂର ପ୍ରଭୃତି ପ୍ରସାଧନ ସାମଗ୍ରୀକୁ ଅବଲମ୍ବନ କରି କବି ସ୍ୱ ଅପୂର୍ବ କଳ୍ପନା ବଳରେ ଦିବ୍ୟ ପଦ ସୃଷ୍ଟି କରିଛନ୍ତି ।

ନାୟକର କଳ୍ପନା ଶକ୍ତି ଓ ତନ୍ମୟତାର ପ୍ରମାଣ ଦେବା ପାଇଁ କବି ନାୟିକାର ବିରହ ଅବସ୍ଥାକୁ ନାୟକ କିପରିଭାବରେ ସ୍ୱ ମାନସପଟରେ ଚିତ୍ରଣ କରୁଛି ତାହା ରସପୂର୍ଣ୍ଣ ପଦାବଳୀରେ ବର୍ଣ୍ଣନା କରିଛନ୍ତି ।

ବିଦେଶ ଗମନକାଳେ   ଦେଇଛି ମୁଁ ମୋତିମାଳେ
ମୋ ପ୍ରୀତିରୁ ଥିବ ଗଳେ ଭ୍ରମ ବେଳଗେଁ,
ରସବତୀ ସ୍ଥିତିଭରେ   ଖୋଜି ନ ପାଇ କେଶରେ
ତୋଳାଇ ଅଣାଇଥିବ ନାଗକେଶରେ,
ଅସର ବାସର ଯାମିନୀ
ଯୁବାକାଳେ ଏ ଦଶା ପାଇଲି କାମିନୀ । ୧୯ ।

କି ଦିଶୁଛି ଦେଖ ସେହି   ବୋଲି ଦର୍ପଣ ଦେଖାଇ
ଦେଉଁ ସଖୀ କପୋଳେ ପୁଲକ ପୂରିଲେ
ଶୁଦ୍ଧ ଚମକ ଶୋଚନା   ରଚନା ମୃଗଲୋଚନା
କରି ଭିତିଗାରକୁ ଗଣିବି ଚପଳେ
ବିସ୍ମରିବ ହେଲି ଅଦ୍ଭୁତ,
ହରଷ ବରଷ ସମେ ହେବ ଉଦିତ ।୨୦। (୧୨ଶ ଛାନ୍ଦ)

ଏକ ସମୟରେ "ହରଷ ବରସ ସମେ ହେବ ଉଦିତ" ଅବସ୍ଥାକୁ କବି ଚମତ୍କାର ଭାବରେ ଏଠାରେ ଚିତ୍ରଣ କରିଛନ୍ତି । ବିରହୀମାନେ କାନ୍ଥରେ ଗାର କାଟି ଦିନ ଗଣୁଥିବା ରୀତିକୁ କବି ଏଠାରେ ଲକ୍ଷ୍ୟ କରିଛନ୍ତି ।

ବିରହୀ-ବିରହିଣୀ ପ୍ରାଣର ଭାବନାକୁ କବି ରସପୂର୍ଣ୍ଣ କୋମଳ ମଧୁର ପଦାବଳୀରେ ରୂପଦାନ କରି ପ୍ରାଣବନ୍ତ କରିପାରିଛନ୍ତି । ପ୍ରେମଜୀବନର ସମାନ୍ୟ ସାମାନ୍ୟ ଘଟନାକୁ କବି ଗାମ୍ଭୀର୍ଯ୍ୟ ପ୍ରଦାନ କରି ଜୀବନ୍ତ ପଦ ରଚନା କରି ଲେଖନୀକୁ ଅମର କରିଛନ୍ତି ।

ନାୟିକା ମୁଖରେ ବିରହ ଭାବନାର ପ୍ରକାଶ ମଧ୍ୟ ଚମତ୍କାର ହୋଇଛି । ବିରହ ଭାବନା ଉଦ୍ରେକ ଲକ୍ଷଣମାନଙ୍କୁ ଅବଲମ୍ବନ କରି ନାୟିକା ମୁଖରେ କବି ପ୍ରାଣସ୍ପର୍ଶୀ ଭାବରାଶି ବ୍ୟକ୍ତ କରିଛନ୍ତି ।

ପଶାଖେଳ—କ୍ଷୀଣ-ଉପସ୍ୟା ସେ ଦେଶେ ପଶାଖେଳ କି ନାହିଁ କାହିଁ,
ପଡ଼ନ୍ତା ଚଉ-ହୁଡ଼ ପୀରଡ ଶବ୍ଦେ ବେଗିଲେ ତାହିଁ ।
ତହିଁ ଦହନ ତାଳଗହନ କାଗଜ ନ ମିଳଇ,
ପୂର୍ଣ୍ଣ ବରଷ ଏଣୁ ସରସ ପତ୍ରିକା ଦେଲେ ନାହିଁ । ୧୩ ।

ଭେକ ଡାହୁକାଦ—ଭେକ ବିରହୀ ଡାହୁକ ଚନ୍ଦ୍ର ସେ ସୀମାନ୍ତେ ନ ଥିବେ,
ବ୍ୟାଧି ବିଶେଷ ଥିବାରୁ ଶେଷ ଉତ୍ସୁକ କେନ୍ଦ୍ର ହେବେ ।

ଦୂତ—ନର ପ୍ରଗ୍ଭର ନାହିଁ କି ଗ୍ଭର ସେ ଦେଶେ ନ ମିଳିଲ,
ବହ୍ନି ଅନଳ ଶ୍ୟେନ କବଳ ପକ୍ଷୀଦୂତ କି କଲ । ୧୪ ।
ଏତେ ଭରସା ହୋଏ ବରଷା ହେଉଛି କେ ଆସିବେ,
ମେଘ ଦମକ ବିଦ୍ୟୁ ଝମକ କେମନ୍ତେ ନ ଧାସିବେ ।
ମନ୍ଦ କର୍ମରୁ କେବଳ ମରୁ ଦେଶ ସେ ନୋହି ଥାଉ,
ହେ ସ୍ମରହର ଏ ଦୁଃଖ ହର ପ୍ରବାସ ନାଶ ଯାଉ । ୧୫ ।
(୧୩ଶ ଛାନ୍ଦ)

(ଖ) ପ୍ରୀତି—ଉପେନ୍ଦ୍ର ପ୍ରୀତି ସମ୍ପର୍କରେ ଅଳ୍ପ ପଦରେ ସୁନ୍ଦର ବର୍ଣ୍ଣନାଟିଏ ଦେଇଛନ୍ତି । ଭାବ, ଭାଷା ଓ ପ୍ରକାଶ ଭଙ୍ଗୀର ସରଳତା ଯୋଗୁଁ ବର୍ଣ୍ଣନାଟି ଚମତ୍କାର ହୋଇଛି ।

ଚନ୍ଦନ ଉତ୍ସବ ସମୟରେ ନାୟକ ଓ ନାୟିକାର ଶୁଭଚକ୍ଷୁ ହେବା ପରେ ନାୟକ ମନରେ ରସପୂର୍ଣ୍ଣ ଭାବରାଶି ଉଦୟ ହୋଇଛି; ନାୟିକା ଚନ୍ଦ୍ରା ଭିତରେ 'ପ୍ରୀତି'ର ମାହାତ୍ମ୍ୟ କୀର୍ତ୍ତନ କରିଛନ୍ତି ।

ପୁଂସ ଅନାଇଥିଲା ଯେ ଭାଳିଲା, ଭାଗ୍ୟ ଦଶିଲାକୁ ହୃଦ ମିଳିଲା । ୧୪ ।

ଭାଗ୍ୟ ନ ଥିଲେ କାକ ଦେଖିବାର, ହେଲା କି ରୂପେ ଆସିବ ସେବାର ।
ମୁଁ କି ଭାଜନ ସେବିବାରେ ତାକୁ, ବଳୀୟାର ତ ନାହିଁ ବିଧାତାକୁ ।୧୫।

ହରି ଅରି ହେଲେ ସୁଧା ଅଶନ, ତମ କରିଅଛି ତାହା ପ୍ରସନ୍ନ ।
ବେନି ମନ କ୍ଷୀର ନୀର ପ୍ରକାର, ଦେଲା ମିଶାଇ ମଦନ ବିକାର ।୧୬।

ପ୍ରୀତି ବୀଜ ହୃଦ କ୍ଷେତ୍ରେ ବୁଣିତ, ହେଲା ପୁଲକାଙ୍କୁର ଅଗଣିତ ।
ବିଧିଠାରୁ ବଡ଼ନାହିଁ ଲୋକରେ, ପରେପରେ ପରିଚେ ଦେଇ କରେ ।୧୭।

ପ୍ରୀତି କରି କଥାଏ ଉପୁଜାଇ, ଜୀବ ଥିବା ଯାଏ ମନୁ ନ ଯାଇ ।
ଚିତ୍ତ ଆଉ ବିଷୟରେ ନ ଥାଇ, ଏହି ବିଗୁର ସଦା ହେଉଥାଇ ।୧୮।

ହେଲେ ହୋଇବ ପଛେ ଶିରଚ୍ଛେଦ, କେବେ ନୋହିବ ପ୍ରୀତିର ବିଚ୍ଛେଦ ।
ଯୁବାକାଳ ରାଜା ସର୍ବ ଉପରେ, ମନ ରାଜା ଯୁବା କାଳ ଉପରେ ।୧୯।

ମନ ଉପରେତ ରାଜା ପୀରତି, କେହି ପାରିବ ମନୁଷ୍ୟ ବରତି ।
ନବ ଅନୁରାଗ ଦିନେ ଦିନେକ, ସୁଖ ଜାତ ହେଉ ଥାଇ ଅନେକ ।୨୦।

ପ୍ରୀତି ହୋଇ ଯେବେ ଏଡ଼େ ମଧୁର, କ୍ଷୁଧା ତୃଷା ନିଦ୍ରା ହେବ ବିଧୁର ।
ପୁଣି ଦାଇବେ ହୋଇଲେ ଦମ୍ପତି, ପଦତଳେ ମିଳେ ଇନ୍ଦ୍ର ସମ୍ପତ୍ତି ।୨୧।

ପଶୁମାନେଂ ହେଲେ ବଶ ଏ ରସେ, ଯେହି ପାଷାଣ ସେ ଏଥି ନ ରସେ ।
ପ୍ରୀତି ଯୋଗେ ପାଷାଣ ତ ଦ୍ରବଇ, ବିଧୁ ବିଧୁମଣି ଠାରୁ ସ୍ରବଇ ।୨୨।

ଯେହୁ ପୀରତିରେ ବଶ ନୋହିଲା, କି ବୋଲାଇ ସେ ମନକୁ ନଇଲା ।
× (୪ର୍ଥ ଛାନ୍ଦ)

ପ୍ରୀତିର ମାହାତ୍ମ୍ୟ କୀର୍ତ୍ତନ କରି ସାରତତ୍ତ୍ୱଗୁଡ଼ିକୁ ଏଠାରେ ଚମତ୍କାର କବିତ୍ୱ ଶକ୍ତି ବଳରେ କବି ଗାଢ଼ଏ ପାଠର ସାରଚନ୍ଦ୍ରା ପ୍ରକଟିତ କରିପା'ର

ଲେଖକଙ୍କୁ ଧନ୍ୟ କରିଛନ୍ତି । ନବ ଯୁବକ ଓ ନବଯୁବତୀର ଭେଟ, ପରସ୍ପର ହୃଦ ମିଳନ, ମିଳନ ଆକାଙ୍‌କ୍ଷା, ପ୍ରୀତିର ପ୍ରଭାବରେ ନବ ପ୍ରେମିକ ପ୍ରେମିକାଙ୍କ କାୟ ମନୋବାକ୍ୟର ଅବସ୍ଥା ସୁନ୍ଦର ଭାବରେ କବି ବ୍ୟକ୍ତ କରିଛନ୍ତି । ପ୍ରସଙ୍ଗ କ୍ରମେ ପ୍ରୀତି-ଅଜ୍ଞଙ୍କ ଦୁର୍ଦ୍ଦଶାର ସୂଚନା ଦେଇ ତାଙ୍କୁ ପଶୁଠାରୁ ହୀନ କରିଛନ୍ତି; କବି କୌତୁକରେ କହିଛନ୍ତି ଯେ ପ୍ରୀତି-ହୀନ ଲୋକକୁ କଣ ବୋଲି କହିବେ ସେ ବୁଝି ପାରୁ ନାହାନ୍ତି—

ଯେହୁ ପୀରତିରେ ବଶ ନୋହିଲା, କି ବୋଲାଇ ସେ ମନକୁ ନଇଲା ।

କବି ତାଙ୍କର ଅନ୍ୟାନ୍ୟ କୃତିମାନଙ୍କରେ ପ୍ରୀତିର ଉଚ୍ଚତର କବିତ୍ୱମୟ ବର୍ଣ୍ଣନା ଦେଇଥିଲେ ମଧ୍ୟ ସରଳ ଭାବପୂର୍ଣ୍ଣ ବର୍ଣ୍ଣନା ପ୍ରଦାନ କରିବାରେ କବି ଯେ ସିଦ୍ଧହସ୍ତ ଏହା ଏଠାରେ ପ୍ରମାଣିତ ହେଉଛି ।

ନାୟିକା ସହିତ ନାୟକର ପ୍ରୀତି ଦାମ୍ପତ୍ୟ-ପ୍ରୀତିରେ ପରିଣତ ହେଲେ ଏହା ଆଦର୍ଶ-ସୁଖ ଦାନ କରେ; ଏହାହିଁ ପ୍ରୀତିର ସାର୍ଥକତା । ସ୍ୱକୀୟା ପ୍ରୀତିକୁ କବି ଏଠାରେ ଉଚ୍ଚ ସ୍ଥାନ ଦେଇଛନ୍ତି ।

ପୁଣି ଦଇବେ ହୋଇଲେ ଦମ୍ପତି, ପଦ୍ମିନୀ ମିଳେ ଇନ୍ଦ୍ର ସମ୍ପତି ।

(ଗ) ଅସମ୍ଭବ ସମ୍ଭବ—ନାୟକ ନାୟିକାଙ୍କ ପ୍ରଥମ ଭେଟ ପରେ ପରସ୍ପର ପ୍ରତି ପ୍ରୀତି ଜାତ ହୋଇ ସାର ଯଦି ଏହା ଦାମ୍ପତ୍ୟ ପ୍ରୀତିରେ ପରିଣତ ହୁଏ ତାହାହେଲେ ଉଭୟଙ୍କ ପକ୍ଷରେ ଏହା ଜୀବନରେ ଅତ୍ୟନ୍ତ ସୁଖକର ହୁଏ । କନ୍ୟା ଲାଭର ଆଶା ଦୂରୀଭୂତ ହେଲେ ନାୟକର ମନରେ ଯେଉଁ ଆନନ୍ଦ ଜାତ ହୁଏ ତାହାକୁ କବି କାମ୍ୟ, ଅସମ୍ଭବ ଓ ଦୁର୍ଲ୍ଲଭ ପଦାର୍ଥକୁ ସହଜେ ଲଭ କଲେ ଯେଉଁ ଆନନ୍ଦ ଜାତ ହୁଏ ତାହା ସହିତ ତୁଳନା କରିଛନ୍ତି । ନାୟକର ଚିନ୍ତାଧାରା ଏହି ଆନନ୍ଦରୁ ଜନ୍ମ ଲାଭ କରିଛି ।

ଶ୍ରବଣେ ସେ ବୀରବର ହୋଇଲା ଏମନ୍ତ,
ଚାତକ ପାଇଲେ ମେଘ ଜଳକୁ ଯେମନ୍ତ । ୩ ।

ମାଳତୀ ମକରନ୍ଦ କି ପାଇଲା ଭ୍ରମର,
ପିକ କି ଦେଖିଲା ମୁକୁଳିତ ସହକାର ।
ମାନସର ବିହାର କି ପାଇଲେ କାଦମ୍ବେ,
ବିଷ୍ଣୁ ପ୍ରସନ୍ନ ହୋଇଲେ କି ସୁଜ୍ଞାନୀ କଦମ୍ବେ । ୪ । (୫ମ ଛାନ୍ଦ)

ନାୟକ ଏହି ଦୁର୍ଲ୍ଲଭ ପଦାର୍ଥ ଲାଭରେ ଆନନ୍ଦିତ ହୋଇ ଭାବୁଛି, ଭଲ ଭାଗ୍ୟରେ ଆଜ ନିଶି ଶେଷ ହେଲା କି ? ଆକାଶର ଶଶି କରକୁ ଆସିଲା କି ? ଅଲଙ୍ଘିତ ପାରାବାରକୁ ବିନା ପୋତରେ ତରିବା ସମ୍ଭବ ହେଲା କି ? ପାଣି ପାଳିବାରୁ ପବନ ବନ୍ଧ ହେଲା କି ? ସ୍ୱଦେହରେ ବୈକୁଣ୍ଠ ଗମନ କରିବା ଭାଗ୍ୟ ହେଲା କି ?

ନାୟକ ଏପରି ଚିନ୍ତା କରୁଥିଲା ବେଳେ ନାୟିକାର ଚିନ୍ତାଧାରା ମଧ୍ୟ ସେହି ପଥରେ ଗତି କରୁଛି । ଅସମ୍ଭବ ସମ୍ଭବ ହେବା ମନେ ହେବାରୁ ସେ ଭାବୁଛି—

ସ୍ଥିର ହେବ ବିଜୁଳି ଚନ୍ଦ୍ରମା ହେବ ଚର,
ସବୁଦିନେ ରହିବ ନଦୀରେ ସମନୀର ।
ସ୍ୱପ୍ନ ହେବ ସତ ସର୍ପ ସୁଧା ଉଦ୍‌ଗାରିବା,
ବଳିଆର କର୍ମ ମୋ ସେ ପୁରୁଷ ଲଭିବା । ୧୦ । (୫ମ ଛାନ୍ଦ)

କବି ପ୍ରୀତି-ଆବେଶିତ ନାୟକ ନାୟିକାର ଚିନ୍ତାଧାରାକୁ ସୁନ୍ଦର ଭାବରେ ଚିତ୍ରଣ କରି ମାନବ ପ୍ରକୃତି ସମ୍ବନ୍ଧରେ ତାଙ୍କର ଗଭୀର ଜ୍ଞାନ ଥିବା ପ୍ରମାଣିତ କରିଛନ୍ତି । ନାୟିକାର ମନୋଭାବ ଓ କାର୍ଯ୍ୟକଳାପରୁ ଏହା ସ୍ପଷ୍ଟ କରି ଦେଇଛନ୍ତି ।

ଲଜ୍ଜାକୁ ପ୍ରୀତି ବଳିଲା ଅନୁରାଗ ଯେଣୁ,
ଦଣ୍ଡି କଲା ସଖୀକି ମୁକୁତାମାଳା ତେଣୁ ।
ମନେ ମନାସିଲା ଦେବୀଦେବେ କେତେ ଭୋଗ,
ହୋଇବାକୁ ପୁରୁଷ ରତନ ସଙ୍ଗେ ଯୋଗ । ୯ । (୫ମ ଛାନ୍ଦ)

ଅଶ୍ଳୀଳ ଚିତ୍ର—କେମା ପୁଷ୍ପବତୀ ହେବା ବେଳର ବର୍ଣ୍ଣନା, ନାୟକ ନାୟିକାର ରତିକେଳି ବର୍ଣ୍ଣନା, ବିରହ ଭାବନାରେ ଅତିରିକ୍ତ ଅଙ୍ଗସଙ୍ଗ ପ୍ରସଙ୍ଗର ଅଭିବ୍ୟକ୍ତି, ଅଶ୍ଳୀଳ ହୋଇଛି । ଏହା ଦ୍ୱାରା କାବ୍ୟର ଗୌରବ କେତେକାଂଶରେ ହ୍ରାସ ପାଇଛି । ଉପେନ୍ଦ୍ର ପୂର୍ବାଚାର୍ଯ୍ୟମାନଙ୍କ ପଦାଙ୍କ ଅନୁସରଣ କରିଥିଲେ ମଧ୍ୟ ଏହା ସୁରୁଚି ଦୃଷ୍ଟିରେ ସମର୍ଥିତ ହୋଇ ପାରିବ ନାହିଁ ।

(ଘ) ଚିତ୍ର—ଉପେନ୍ଦ୍ର ରସିକ ହାରାବଳୀରେ ସାହିତ୍ୟରସିକ-ମନମୋହନ କେତୋଟି ଚିତ୍ର ପ୍ରଦାନ କରିଛନ୍ତି । ଭାଷା, ଭାବ ଓ ପ୍ରକାଶ ଭଙ୍ଗୀର ଚମତ୍କାରିତା ଏହି ଚିତ୍ରଗୁଡ଼ିକୁ ଜୀବନ୍ତ କରିଛି; ଉଚ୍ଚକୋଟୀର ଏହି କବିତ୍ୱପୂର୍ଣ୍ଣ ସୋପ୍ଲୁତ ପଦାବଳୀ କବିଙ୍କ ଗଭୀର କଳ୍ପନା ବିଳାସର ପରିଚୟ ଦେଉଛି । ବହୁ ଚିତ୍ର ଭିତରୁ କେତୋଟି ଏଠାରେ ଉଦ୍ଧୃତ ହେଲା—

(୧) ବିଜେ ପ୍ରାସାଦେ ଜଗତ ବନ୍ଦନ, ବାହୁଡ଼ିବା ବେଳେ ବ୍ରଜନନ୍ଦନ ।
କୋଟିବ୍ରହ୍ମାଣ୍ଡସୁନ୍ଦରୀ ସୁଗତି, ମଣ୍ଡିଥିଲା ନିଜ ପୁର ଜଗତି ।୧।
ଦ୍ୱାରବନ୍ଧପରେ କର ନବେଣୀ, ଶୋଭା ଉଭା ହୋଇବାରୁ ସୁକେଶୀ ।
ଆର କରେ ଘେନି ବାସ ଅଞ୍ଚଳ, ଘର୍ମଶାନ୍ତିକି କରଇ ଚଞ୍ଚଳ ।୨।
ସେ ଯେ ଯାଚିଲା ପରାୟେ ଶରଣ, କମ୍ପାଇଲା କର କଙ୍କଣ ଚରଣ ।
ଶ୍ରୁତି ଦେଖିବା ଇଚ୍ଛାରେ ଈକ୍ଷଣ, ସ୍ଥିର ହୋଇ ନ ରହେ ଏକ କ୍ଷଣ ।୩।
ଭାଗ୍ୟବଶେ ପୁଂସ ନେତ୍ର ପଡ଼ିଲା, ଲୋହ ଚୁମ୍ବକ ପରାୟେ ଜଡ଼ିଲା ।×୪।
(୪ର୍ଥ ଛାନ୍ଦ)

(୨) ବସନ୍ତେ ଭ୍ରମୁ କାନନ, ବିରସ ଦିଶେ ଆନନ,
ଭାଳିଲି ମୁଁ ମାନ ଧନ କଲି କି ମୋତେ,
ଯାଇ ପଦକୁ ତାହାର ଶିରଚ୍ଛୁଇ କଲି ମୋର ।
ଜାଣି ସେ ହୋଇ କାତର ଭିଡ଼ି ଭୁଜତେ,
ବୋଇଲା ମଲି କି ମଦନ,
ଏହା ଜାଣି ପ୍ରକାଶ କରୁଛ ଏମାନ ।୧।

(୩) ଅଶୋକ କୁସୁମ ଡାଳେ ଯତନେ ଥିଲି କରିତଳେ
ପ୍ରବେଶି ମୁଁ ବେଶବେଳେ ଦେଲି ତା ଶିରେ,
ସବୁ ଯତନେ କି କରିବ କହିଲି ଏମନ୍ତ ଭାବ
ବୋଇଲି ପ୍ରିତି ପାଳିବ ଜୀବ ଥିବାରେ । X ୧୩ ।

(୪) କେତକୀଦଳକୁ ଆଣି, ଯତନେ କରିଚୁହେଁ ଚଉଁ
କୁରଙ୍ଗ ନେତ୍ର ରଙ୍ଗରୁ ଜାଣି ମୁଁ ଧୀରେ,
ବୋଇଲି ଯେ ଅନୁଗତ ତାକୁ ଦଣ୍ଡିବା ଉଚିତ
ଦେଖି ମୁଁ ଡରୁଛି ଶୁଣି ଘେନଲି ଶିରେ । ଛ ୧୮ ।

(୫) ବିଦେଶ ଗମନ କାଳେ ଦେଇଛି ମୁଁ ମୋତି ମାଳେ,
ମୋ ପ୍ରୀତିରୁ ଥିବ ଗଳେ ଭ୍ରମ ବେଳରେ,
ରସବତୀ ଖଣ୍ଡିତରେ ଖୋଜି ନ ପାଇ କେଶରେ
ତୋଳାଇ ଅଣାଇଥିବ ନାଗ କେଶରେ । X ।୧୯। (୧୬ଶ ଛାନ୍ଦ)

ଭାଷା— ରସିକ ହାରାବଳୀର ଭାଷା ସରଳ ଓ ସୁବୋଧ । ରଚନା ଅଲଙ୍କାରମଣ୍ଡିତ ହେଲେ ମଧ୍ୟ ଅର୍ଥବୋଧ ଓ ରସଗ୍ରହଣରେ ବ୍ୟାଘାତ ଘଟୁନାହିଁ । କବିତ୍ୱପୂର୍ଣ୍ଣ ଶୃଙ୍ଗାରରସାଶ୍ରିତ ଏହି କାଳ୍ପନିକ ପ୍ରେମକାବ୍ୟଟି ସରସ ଓ ସରଳ ମାର୍ଜିତ ଭାଷାର ଏକ ଆଦର୍ଶ ସ୍ୱରୂପ । କୋଟିବ୍ରହ୍ମାଣ୍ଡସୁନ୍ଦରୀ, ବୈଦେହୀଶବିଳାସ ସରସ ମାର୍ଜିତ ଭାଷାରେ ରଚିତ ହୋଇଥିଲେ ମଧ୍ୟ ଗ୍ରାହକର ଶବ୍ଦ ପାଣ୍ଡିତ୍ୟ ଉପରେ ବହୁ ସ୍ଥାନର ଅର୍ଥବୋଧ ନିର୍ଭର କରେ । ରସିକ ହାରାବଳୀ ସରଳ ଭାଷା-କାବ୍ୟର ଏକ ପ୍ରତୀକ ।

ଉପେନ୍ଦ୍ର କଠିନ ଓ ସରଳ ଉଭୟ ଭାଷାରେ ସୁନ୍ଦର କବିତ୍ୱପୂର୍ଣ୍ଣ କାବ୍ୟ ରଚନା କରି ପାରନ୍ତି, ଏହା କୋଟିବ୍ରହ୍ମାଣ୍ଡସୁନ୍ଦରୀ ଓ ରସିକ-ହାରାବଳୀରୁ ପ୍ରମାଣିତ ହେଉଛି ।

(ଙ) କେତେକ ଅମୃତ ପଦାବଳୀ—

(୧) ଲାବଣ୍ୟ ସରସୀ ଶୋଭା ବଢ଼ାଇଲଣି, ରସପୂର୍ଣ୍ଣ ଗୁଣ ଗଣ୍ଠିରେ
ଲପନ ନଳିନ ସୁଭରୁ ପୁଳିନ ସଲିଳଭଉଁରୀ ନାଭିରେ ।

ରସିକ, ହାସ କୁମୁଦ ନେତ୍ରମୀନ,
ଚକ୍ରବାକ ସ୍ତନ ମରାଳ ଗମନ ଦର୍ଶନେ ତାର କରେ ମନ । ୯ ।
(୨ୟ ଛାନ୍ଦ)

(୨) ନାହିଁ ଅଙ୍ଗେ ଗଣ୍ଡି ଶିରୀ ଦଶନ,
ଆଗ ପଛକୁ ସମାନ ପ୍ରସନ୍ନ । ।୯। (୪ର୍ଥ ଛାନ୍ଦ)

(୩) ଅଠାକାଠି ପ୍ରାପ୍ତ ତାର ରଞ୍ଜନ,
ଲାଗି ରହିଲା ନୟନ ଖଞ୍ଜନ । ୧୨ । (୪ର୍ଥ ଛାନ୍ଦ)

(୪) ବିଧାତାରୁ ବଡ଼ ନାହିଁ ଲୋକରେ,
ପରେ ପରେ ପରତେ ନେଇ କରେ । ୧୬ । (୪ର୍ଥ ଛାନ୍ଦ)

(୫) ପ୍ରୀତି କର କଥାଏ ଉପୁଜାଇ,
ଜୀବ ଥିବାଯାଏ ମନୁ ନ ଯାଇ । ୧୮ । (୪ର୍ଥ ଛାନ୍ଦ)

(୬) ଯୁବାକାଳ ରାଜା ସବୁ ଉପରେ,
ମନ ରାଜା ଯୁବାକାଳ ଉପରେ । ୧୯ । (୪ର୍ଥ ଛାନ୍ଦ)

(୭) ବସ୍ତୁର ନାହିଁ କ ଯେ ଯାହାର ସେ ତାହାର,
ଭେଟ ହେବା ଯାଏ ସିନା ମଝଣ୍ଡେ ଆଦର । ୭ । (୬ଷ୍ଠ ଛାନ୍ଦ)

(୮) ଯୋଗୀଙ୍କ ଯୋଗ ହୁଅଇଲା ନାଶ, ସବୁ ଦିନେ ଆଇଲା ମଧୁମାସ ।
ମନ ଯହିଁ ଯାଏ ଦେହ ସେହି ସଙ୍ଗେ ହେଉ ଥାଇଲା ପୁଣି ପରବେଶ ।
। ୨୪ । (୮ମ ଛାନ୍ଦ)

(୯) ରାଜାଙ୍କୁ ହେବାର ରାଜ୍ୟନଷ୍ଟ, ଯୁବାଙ୍କୁ ହେବାର ପତ୍ନୀଭ୍ରଷ୍ଟ
କହେ ଉପଇନ୍ଦ୍ର ଭଞ୍ଜ ବୀରବର, ଏଥୁଁ ବଳି ଆଉ ନାହିଁ କଷ୍ଟ । ୨୫ ।
(୮ମ ଛାନ୍ଦ)

(୧୦) ହସିବାବେଳେ ସୁକେଶୀ, ଅଧର କ ଶୋଭା ଦିଶି ।
ସୁନ୍ଦରୀ ସୁନ୍ଦର ଯଶ ଅନୁଭବ ହୋଇଲେ କ ମିଶାମିଶି । ୪ ।
(୯ମ ଛାନ୍ଦ)

(୧୧) ରହିଁ ଚମକ ଶୋଚନା ରଚନା ମୃଗଲୋଚନା କର ଭତ୍ତିଗାରକୁ
ଗଣିବ ଚପଳେ ।୨୦। (୧୨ଶ ଛାନ୍ଦ)

(୧୨) ରବି ନଳିନ ହେଲେ ମଳିନ ପ୍ରୀତେ କି ନ ତୋଷନ୍ତି । × । ୪ ।
(୧୩ଶ ଛାନ୍ଦ)

(୧୩) ଯେତେ ସୁମନ ମିଳିଲେ ମନ ଭୃଙ୍ଗର ମାଳତୀରେ × । ୩ ।
(୧୩ଶ ଛାନ୍ଦ)

(୧୪) ତାଙ୍କୁ ସ୍ୱପନ ମୋର ଲପନ ବିରସ କରାଇବା,
ଛାଇକି ସରି ମୁଁ ଅନୁସରି କରି ଯେ ଆଇ ସେବା ।୧। (୧୩ଶ ଛାନ୍ଦ)

(୧୫) ଗିରିଶିଖର ଖରି ବାସ ନ କର କରଭୋରୁର ପୟୋଧର ଧର ।
ମୁଖ ସୋଦର ଦରହାସୀର ତାର ତାରକେଶ ଗ୍ରାସ ଆଦରଦର ।
। ୧୧ । (୧୪ଶ ଛାନ୍ଦ)

(୧୬) କୋଳେ କି ଆଶେ ଆସେ ତାହିଁ ତ ଦିଶେ ଦିଶେ କ୍ଷଣେ କ୍ଷଣେ ନ
ଦିଶେ ଦିଶେ । ତୋଷପ୍ରଦା ସେ ଦାସେ କପା ପୂରୁଷେ ରୁଷେ
ପରିଜନ ସ୍ନେହାସେ ହାସେ । × । ୨୦ । (୧୪ଶ ଛାନ୍ଦ)

କାବ୍ୟର ବିଶିଷ୍ଟତା : ସ୍ଥାନ ନିର୍ଦ୍ଧେଶ—ରସିକହାରାବଳୀରେ ବିରହାନୁଚନ୍ତା ଶ୍ରେଷ୍ଠ ସ୍ଥାନ ଅଧିକାର କରିଛି । ସମଗ୍ର କାବ୍ୟର ୧୫ଟି ଛାନ୍ଦ ମଧ୍ୟରୁ ୮ମ, ୯ମ, ୧୦ମ, ୧୧ଶ, ୧୨ଶ, ୧୩ଶ, ୧୪ଶ ଛାନ୍ଦ—ଏହି ସାତଟି ଛାନ୍ଦର ବିରହାନୁଚନ୍ତା'ହିଁ ବିଷୟ ବସ୍ତୁ ।

୭ମ ଛାନ୍ଦରେ ନାୟକର ବିରହ ଆରମ୍ଭର ସୂଚନା ଛାନ୍ଦର ପ୍ରାନ୍ତରେ ଦିଆଯାଇଛି ।

୮ମ, ୯ମ, ୧୦ମ—ଏହି ତିନୋଟି ଛାନ୍ଦରେ ନାୟକ ଭ୍ରମରକୁ ସମ୍ବୋଧନ କରି ନିଜର ବିରହକାହାଣୀ ପ୍ରକାଶ କରିଛନ୍ତି । କେତେକ ଦିନର ଦାମ୍ପତ୍ୟ ଲୀଳା ଅବିସ୍ମରଣୀୟ ଘଟନାକୁ ମନେ ପକାଇ ପ୍ରିୟାର ଗୁଣ ଗୁଣି ନାୟକ କାତର ହୋଇଛନ୍ତି ।

ବିରହାନୁଚନ୍ତାରେ ଋତୁର ସ୍ଥାନ ମଧ୍ୟ ଅଛି । କିନ୍ତୁ ଋତୁ ପ୍ରଭାବ କିମ୍ବା ଋତୁର ବିଶଦ ବର୍ଣ୍ଣନା କାବ୍ୟରେ ନାହିଁ । ନାୟକ, ନାୟିକାଙ୍କ ପ୍ରେମମୟ ଜୀବନର କେତେକ ରସପୂର୍ଣ୍ଣ ଘଟନା ଏହି ବିରହାନୁଚନ୍ତାରେ ବିଶେଷ ପ୍ରାଧାନ୍ୟ ବିସ୍ତାର କରିଛି ।

୧୧ଶ ଛାନ୍ଦରେ ହେମନ୍ତ ଓ ୧୨ଶ ଛାନ୍ଦରେ ବସନ୍ତ ଋତୁରେ ନାୟକର ଅନୁଚନ୍ତା, ୧୩ଶ ଛାନ୍ଦ, ୧୪ଶ ଛାନ୍ଦରେ ବର୍ଷାଋତୁରେ ନାୟିକାର ଅନୁଚନ୍ତା ବ୍ୟକ୍ତ ହୋଇଛି ।

ବରହାନୁଚନ୍ତାରେ ଋତୁ ବର୍ଣ୍ଣନାର କୁଶଳତା, ଦାମ୍ପତ୍ୟ ଜୀବନର ଅବସ୍ମରଣୀୟ ଘଟନାର ବାହୁଲ୍ୟ, ଏହି କାବ୍ୟର ବିଶେଷତ୍ୱ ।

ପ୍ରାକୃତିକ ବର୍ଣ୍ଣନାର ପ୍ରାଚୁର୍ଯ୍ୟ ମଧ୍ୟ କାବ୍ୟରେ ନାହିଁ । ଶ୍ରୀକ୍ଷେତ୍ର ଓ ଇଳାବୃତ ଖଣ୍ଡର ବର୍ଣ୍ଣନା ସଂକ୍ଷିପ୍ତ ହୋଇଛି ।

ନାୟକନାୟିକାର ରୂପବର୍ଣ୍ଣନା ଅଳ୍ପ ସ୍ଥାନ ଅଧିକାର କରିଛି ।

କାବ୍ୟର ପରିକଳ୍ପନାରେ କଳେବରର କ୍ଷୁଦ୍ରତା ଲକ୍ଷ୍ୟ ଥିବାରୁ ବିଭିନ୍ନ ବିଷୟର ପଲ୍ଲବିତ ବର୍ଣ୍ଣନାର ଅବକାଶ ରହି ନାହିଁ ।

ସବୁଶ୍ରେଣୀର ବର୍ଣ୍ଣନା ସଂକ୍ଷେପ ହେଲେ ମଧ୍ୟ କବିତା ମାଧୁର୍ଯ୍ୟରେ ପରିପୂର୍ଣ୍ଣ ହୋଇଛି ।

କାବ୍ୟଟି କ୍ଷୁଦ୍ର ହେଲେ ମଧ୍ୟ ରୂପକ, ଯମକ, ଅଂଶସ୍ଥ, ବିରୋଧାଭାସ, ଶ୍ଳେଷ ପ୍ରଭୃତି ଅଳଙ୍କାରର ପ୍ରୟୋଗ ପଦଗୁଡ଼ିକୁ ମଧୁର, କୋମଳ ଓ ସରସ କରିଛି ।

କାବ୍ୟର ନାୟିକାକୁ କବିଙ୍କ ଜନ୍ମଭୂମି ଉତ୍କଳର କନ୍ୟା କରିଥିବାରୁ କବି ଶ୍ରୀକ୍ଷେତ୍ର ବର୍ଣ୍ଣନାର ପୁଣ୍ୟ ଅର୍ଜ୍ଜନ କରିବା ସଙ୍ଗେ ସଙ୍ଗେ ଜାତିପ୍ରେମ-ପ୍ରକାଶ ସୌଭାଗ୍ୟର ମଧ୍ୟ ଅଧିକାରୀ ହୋଇ ପାରିଛନ୍ତି ।

କୋଶଳକୁ ଦକ୍ଷିଣ କୋଶଳ ବୋଲି ଗ୍ରହଣ କଲେ ନାୟକ ନାୟିକା ଉଭୟ ପ୍ରାକୃତିକ ଉତ୍କଳର ନରନାରୀ ହେବେ ।

ସଂକ୍ଷେପରେ ରସିକ ହାରାବଳୀରେ ଏହି ବିଶେଷତ୍ୱ ଗୁଡ଼ିକ ଦେଖା-ଯାଏ—

(କ) (୧) ଶ୍ରୀକ୍ଷେତ୍ର ବା ଜଗନ୍ନାଥ କ୍ଷେତ୍ରର ମାହାତ୍ମ୍ୟ;
(୨) ଶ୍ରୀ ଜଗନ୍ନାଥଙ୍କ ମାହାତ୍ମ୍ୟ ଓ ତତ୍ତ୍ୱ;
(୩) ଶ୍ରୀ ଜଗନ୍ନାଥ ଦେବଙ୍କ ଚନ୍ଦନ ଯାତ୍ରାର କବିତ୍ୱପୂର୍ଣ୍ଣ ପ୍ରତ୍ୟକ୍ଷ ବିବରଣ ।

(ଖ) ଉତ୍କଳକୁ ନାୟିକାର ଜନ୍ମସ୍ଥାନ କରି କବିଙ୍କ ଜାତୀୟଭାବର ପ୍ରକାଶ ।

(ଗ) ଉତ୍କଳର ବିବାହାଦି ସାମାଜିକ ରୀତିନୀତି ଉତ୍କଳ ସାମନ୍ତ କନ୍ୟାଙ୍କ ବିବାହାଦିରେ ବର୍ଣ୍ଣିତ ହୋଇଥିବାରୁ କବି ସମସାମୟିକ ସମାଜର ଚିତ୍ର ପ୍ରଦାନ କରିଥିବା ସ୍ପଷ୍ଟ ।

(ଘ) କବିଙ୍କ ଜୀବନର ବିବାହ, ବିରହାଦି କେତେକ ଘଟଣାର ଛାୟା କାବ୍ୟରେ ପ୍ରକାଶିତ ହୋଇଥିବା ଅନୁମାନ କରାଯାଏ ।

(ଙ) କବି ନାୟକଙ୍କୁ 'ବୀରବର' ଉପାଧିରେ ଭୂଷିତ କରିଛନ୍ତି । ଏଥିରେ ନିଜ ଉପାଧିର ସୂଚନା ଥିବା ଅନୁମାନ କରାଯାଇ ପାରେ । ନାୟକର ବଂଶ ମଧ୍ୟ କବିଙ୍କ ବଂଶ ପରି ସୂର୍ଯ୍ୟବଂଶ । ଏହି ଆପାତ ସାମ୍ୟ ଦୃଷ୍ଟିରୁ କବି ନିଜେ ନାୟକ ଥିବା ଏବଂ କାବ୍ୟ ଚରିତଟି ସ୍ୱ ଜୀବନର ଏକ ଚିତ୍ର ଥିବା ଅନୁମାନ ମଧ୍ୟ କରାଯାଇ ପାରେ ।

(ଚ) ନାୟିକାକୁ କବି ଉତ୍କଳ ଦେଶର ବୋଲି ଚିତ୍ରଣ କରିଥିବାରୁ କବିଙ୍କ ସ୍ୱଦେଶ ପ୍ରୀତିର ନିଦର୍ଶନ ଏଠାରେ ମିଳୁଛି ।

ସୁବର୍ଣ୍ଣ ରେଖା

ସୁବର୍ଣ୍ଣରେଖା କାବ୍ୟଟି ଆକାରରେ ଅତି କ୍ଷୁଦ୍ର; କେବଳ ପାଞ୍ଚଟି କ୍ଷୁଦ୍ର କ୍ଷୁଦ୍ର ଛାନ୍ଦରେ ସମ୍ପୂର୍ଣ୍ଣ ହୋଇଛି । ପ୍ରଥମ ଛାନ୍ଦରେ ନାୟକ-ନାୟିକାର ଗାନ୍ଧର୍ବ ବିବାହ ଓ ନାୟକର ପ୍ରବାସ; ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ଛାନ୍ଦରେ

ବର୍ଷା ଋତୁରେ ନାୟକର ବିରହ; ପଞ୍ଚମ ଛାନ୍ଦରେ ନାୟକର ପ୍ରବାସରୁ ପ୍ରତ୍ୟାଗମନ ପରେ ନାୟିକା ସହିତ ମିଳନ ବର୍ଣ୍ଣିତ ହୋଇଛି ।

କୋଶଳାଧିପତିଙ୍କ କୁମର ଏ କାବ୍ୟର ନାୟକ । ନାୟିକା ଅନ୍ୟ ଦେଶର ମନ୍ତ୍ରୀଙ୍କର କୁମାରୀ । ଏମାନଙ୍କ ମଧ୍ୟରେ ଗାନ୍ଧର୍ବ ମତରେ ବିବାହ ସମ୍ପନ୍ନ ହୋଇଥିଲା ।

ବିବାହ ପୂର୍ବରୁ ରାଜକୁମାରମାନେ ସଖାମାନଙ୍କସହ ସଭା କରୁଥିଲେ ଏବଂ ସେଠାରେ ବେଶ୍ୟାମାନେ ନୃତ୍ୟ କରୁଥିଲେ । ନଟମାନେ ନାନା ଭଙ୍ଗୀରେ ହାସ ପରିହାସରେ ମନ ମୋହୁଥିଲେ । ଏ ପରିହାସରେ ନୃତ୍ୟକାରୀ ବେଶ୍ୟାମାନେ ମଧ୍ୟ ଯୋଗ ଦେଉଥିଲେ ।

ରାଜପୁତ୍ର ସହିତ ମନ୍ତ୍ରୀ କନ୍ୟାର ବିବାହ ସମକୁଳର ସମ୍ବନ୍ଧ ବୋଲି ବିବେଚିତ ହେଉ ନ ଥିଲେହେଁ ଅକର୍ତ୍ତବ୍ୟ ବିଧି ଭିତରେ ନଥିଲା । ମନ୍ତ୍ରୀ କୁମାରୀ 'କୁଳେ ନ୍ୟୂନେ ସର ହେଲେ ମଧ୍ୟ ତାହାର ଅପୂର୍ବ ଶୋଭାରେ ମୁଗ୍ଧ ହୋଇ ରାଜକୁମାର ଗାନ୍ଧର୍ବ ବିବାହ କରିଥିଲେ ।

ନାୟିକାର ଦେଶାଦି ବିଷୟର ପରିଚୟ କାବ୍ୟରେ ନାହିଁ, କେବଳ ନାମଟିର ଉଲ୍ଲେଖ ଅଛି । ନାୟକର ଦେଶର ପରିଚୟ ଅଛି କିନ୍ତୁ ତାଙ୍କର ନାମର ଉଲ୍ଲେଖ ନାହିଁ ।

ନାୟକ ନାୟିକାଙ୍କ ପିତା ମାତା, ଦେଶ, ଜନ୍ମ, ବୟଃ ବୃଦ୍ଧି ରୂପବର୍ଣ୍ଣନା ପ୍ରଭୃତି ବିଷୟ କାବ୍ୟରେ ନାହିଁ । କେବଳ ବର୍ଷା ଋତୁରେ ନାୟକର ବିରହ ବର୍ଣ୍ଣନା କରିବା କବିଙ୍କ ଲକ୍ଷ୍ୟ ଥିବାରୁ ନାୟକ-ନାୟିକା ପ୍ରସଙ୍ଗ ଉପଲକ୍ଷ୍ୟ ରୂପେ ଗୃହୀତ ହୋଇଛି ।

କବି କାବ୍ୟବର୍ଣ୍ଣିତ ନାୟକ-ବିରହାନୁଚିନ୍ତା ପ୍ରସଙ୍ଗରେ କହିଛନ୍ତି—

ହିମ ଶିଶିର ଯେ ବସନ୍ତ, ଗ୍ରୀଷମ, ବରଷା, ଶରଦ ପୁଣି,
ନାନା ବିନୋଦରେ ମନ୍ଦିର ଭିତରେ ବଞ୍ଚେ ରସିକ-ରମଣୀ ।

ପାଞ୍ଚ ଛାନ୍ଦେ ଶେଷ ହୋଇଲା ଏ ରସ କରିବ ରସିକ ବଶ ।
ହେ ଜନେ, ପ୍ରେମସୁଧାନିଧି ରସିକ-ହାରାବଳୀର ଏ ଶେଷ ।
ସୁବର୍ଣ୍ଣରେଖାର ବର୍ଣ୍ଣନା ଯେତେକ ରସେ ଏହୁ ଛନ୍ଦ ଗୀତ ।
କହେ ଉପେନ୍ଦ୍ର, ଖାରବର ଅନୁଭବୁଁ ଏ ବଦିତ । (ଶେଷ ଛାନ୍ଦ)

କାବ୍ୟଟିରେ ବର୍ଣ୍ଣିତ ରସ 'ଅନୁଭବରୁ ବଦିତ' ବୋଲି କବି କହିଥିବାରୁ କାବ୍ୟର ମର୍ଯ୍ୟାଦା ବୃଦ୍ଧି ପାଇଛି; ମାନବର ଶାଶ୍ବତ ବୃତ୍ତି ଏଠାରେ ଚିତ୍ରିତ ହୋଇଛି । ଅସମ୍ଭବ, ଅଲୌକିକ କଳ୍ପନା ଏଥିରେ ନ ଥିବାହିଁ ସ୍ପଷ୍ଟ ।

ରସିକ ହାରାବଳୀରେ ମଧ୍ୟ ଏପରି 'ଅନୁଭବ' ପ୍ରସଙ୍ଗର ଉଲ୍ଲେଖ କରିଛନ୍ତି ।

ଅନୁଭବରୁ ପ୍ରଖ୍ୟାତ ମାନସ ରଚନା,
ଶୁଣ ସୁରସିକମାନେ ହୋଇଣ ସୁମନା । ୬ । ର: ହା: ।
(୧ମ ଛାନ୍ଦ)

ପ୍ରେମସୁଧାନିଧିର ନାୟକ କୋଶଳରାଜ୍ୟର ରାଜକୁମାର, ନାୟିକା କେରଳ ରାଜ କନ୍ୟା; ସୁବର୍ଣ୍ଣରେଖାର ନାୟକ ମଧ୍ୟ କୋଶଳ ଦେଶର ରାଜକୁମାର ।

ପ୍ରେମସୁଧାନିଧି, ରସିକହାରାବଳୀ ଓ ସୁବର୍ଣ୍ଣରେଖା ପ୍ରେମରସାତ୍ମକ କାବ୍ୟ ଥିବାରୁ କବି ଏହି ତିନୋଟି କାବ୍ୟର ସମାହାର ଉଲ୍ଲେଖ କରିଛନ୍ତି ।

ସୁବର୍ଣ୍ଣରେଖାର ଭାଷା ସରଳ ଓ ହୃଦ୍ୟ । ଏହି କାବ୍ୟଟିରେ ଅଳଙ୍କାରର ପ୍ରୟୋଗ ନ ଥିଲେ ମଧ୍ୟ ରଚନା ସରସ ହୋଇଛି । ରସପୂର୍ଣ୍ଣ ଚିତ୍ରର ସଂଖ୍ୟା ଅଧିକ ନ ହେଲେ ମଧ୍ୟ ଚିତ୍ର-ଶୂନ୍ୟ ନୁହେଁ ।

(୧) ମୋହ ଆଗରେ ଉଭା ହେଲା ବେଳେ,
ମୁଖ ଲୁଆଁଉଁ ଥାଇ ସବୁବେଳେ ।

ପାଦ ବୃଦ୍ଧାଙ୍ଗୁଳି ଘଷି ଅବନୀ,
ଚିବୁକରେ ଦେଇ ଥାଇ ତର୍ଜନୀ । ୯ ।

ନାସା ଅଜପ ଅଲପ ଫୁଲାଇ,
ପଦେ ପଦେ କହୁ ଥାଇ ଗେହ୍ଲାଇ ।
ମୋର ନ ଚାହିଁଲ ବେଳେ ଅନାଇ,
ଚାହିଁ ଦେଲେ ମହାଦୃଷ୍ଟି କରଇ । ୧୦ ।

ଯେବେ ହାସ ପରକାଶ ରହସରେ,
ଶେଷ କରେ ରଦବସ୍ତ୍ର ଅଧରେ ।
ମୋତେ ଚାହିଁବାକୁ ବଡ଼ ଶରଧା,
ଲାଜ କୃପଣ କରୁଥାଇ ବାଧା । ୧୧ । (୪ର୍ଥ ଛାନ୍ଦ)

(୨) ଛନ୍ଦ କରଯୁଗଳ ଜୀବଧନ, କରଥିଲି କରକୁ ସମସ୍ଥାନ ।
ଲୋମସ୍ଥାନ ମାଂସଳ କକ୍ଷଦ୍ୱୟ, ସ୍ୱର୍ଣ୍ଣପାଳି କି ଅଥିଆ ଉଲଟାଇ ।

ରସପଞ୍ଚକ

କବି ରସପଞ୍ଚକକୁ ଉତ୍କଳର ବିଖ୍ୟାତ ଆଲଙ୍କାରିକ ବିଶ୍ୱନାଥ କବିରାଜଙ୍କ ସଂସ୍କୃତରେ ଲିଖିତ 'ସାହିତ୍ୟ ଦର୍ପଣ' ଓ 'ରସତରଙ୍ଗିଣୀ' ନାମକ ଅଲଙ୍କାର ଗ୍ରନ୍ଥର ସୂତ୍ର ଅନୁସରଣରେ ଲିଖିତ ହୋଇଥିବାରୁ ଏହି ଗ୍ରନ୍ଥକୁ 'ରସତରଙ୍ଗିଣୀ' ବୋଲି ମଧ୍ୟ କହିଛନ୍ତି । ଗ୍ରନ୍ଥର ନାମକରଣର ସାର୍ଥକତା ଏପରି ଭାବରେ ବ୍ୟକ୍ତ ହୋଇଛି:—

ରୁଚ୍ୟ ବୋଲି ଛାନ୍ଦ ଚଉପଦୀ ଚଉତିଶା ତିଗ ପଞ୍ଚବିଧି ଗୀତେ ଥିବ,
ରସପଞ୍ଚକ ବର୍ଣ୍ଣରେ ବର୍ଣ୍ଣନା ହେବାରୁ ରସପଞ୍ଚକ ଏ ବୋଲାଇବ ।
ରସତରଙ୍ଗିଣୀ ଗ୍ରନ୍ଥ ସାହିତ୍ୟ ଦର୍ପଣ କବିସମ୍ମତିକି ଏ ଆସିବ,
ରସାଇବ ଚିତ୍ତ ଗୀତି ନାୟିକା ନାୟକ-ଲକ୍ଷଣରେ ପରିପୂର୍ଣ୍ଣ ହେବ ।
(୧ମ ପଞ୍ଚକ)

'ରସପଞ୍ଚକ'ଟି ପଞ୍ଚବିଧ ଗୀତ ଥିବା କବି ବ୍ୟକ୍ତ କରିଛନ୍ତି ।

କାବ୍ୟପ୍ରକାଶ, କବି-କଳ୍ପଲତା ଆଦି ସଂସ୍କୃତ ଅଳଙ୍କାର ଗ୍ରନ୍ଥସମ୍ମତ ବିଷୟବୃନ୍ଦ ରସପଞ୍ଚକରେ ବର୍ଣ୍ଣିତ ହୋଇଛି । ରସପଞ୍ଚକ ଗ୍ରନ୍ଥଟିରେ ସୂତ୍ର ଓ ଉଦାହରଣ ଗୀତ ଚମତ୍କାର ଭାବରେ ବର୍ଣ୍ଣିତ ହୋଇଥିବାରୁ ଓଡ଼ିଶାର କବିମାନେ 'ରସପଞ୍ଚକ'କୁ ପ୍ରଧାନ ଆଦର୍ଶ ଗ୍ରନ୍ଥ ରୂପେ ଗ୍ରହଣ କରି ଆସୁଅଛନ୍ତି ।

କହିଲି ଖ୍ୟାତେ, ଅଳଙ୍କାର ଗୀତେ, କରି ଆନ ଗ୍ରନ୍ଥ ରସସହିତେ ।
କାବ୍ୟ ପ୍ରକାଶ, ସ୍ମରଶାସ୍ତ୍ର ରସ, କବି କଳ୍ପଲତାର ଯେ ବିଶେଷ ।
କବିତ୍ୱଚିତ, ଯେତେ ରୂପେ ସ୍ଥିତ, କବୀଶ ହୃଦୟେ ହେବ ପ୍ରତୀତ ।
(କ-କାର ବୋଲି)

ରସପଞ୍ଚକରେ ବୋଲି, ଛାନ୍ଦ, ଚଉପଦୀ, ଚଉତିଶା, ଚିଗ—ଏହି ପାଞ୍ଚ ପ୍ରକାର ଗୀତ ଏଥିରେ ଥିବା କବି ପ୍ରଥମ 'ବାଣୀ'ରେ ଗ୍ରନ୍ଥାଦ୍ୟରେ କହିଛନ୍ତି ।

ବୋଲି:—'ରସପଞ୍ଚକ'ରୁ ଗ୍ରନ୍ଥର ନାମରେ ଥିବା ପାଞ୍ଚଟି ଅକ୍ଷରକୁ ଆଦ୍ୟକରି ପାଞ୍ଚୋଟି 'ବୋଲି'ରେ ରଚନା କରାଯାଇଛି ।

ଯଥା—ପ୍ରଥମ ପଞ୍ଚକ—ର-କାର ବୋଲି ।
ଦ୍ୱିତୀୟ ପଞ୍ଚକ—ସ-କାର ବୋଲି ।
ତୃତୀୟ ପଞ୍ଚକ—ପ-କାର ବୋଲି ।
ଚତୁର୍ଥ ପଞ୍ଚକ—ଚ-କାର ବୋଲି ।
ପଞ୍ଚମ ପଞ୍ଚକ—କ-କାର ବୋଲି ।

ଛାନ୍ଦ ଓ ଚିଗ 'ବୋଲି'ର ଅନ୍ତର୍ଭୁକ୍ତ ।

ଛାନ୍ଦ:—ର-କାର ବୋଲିରେ 'ରାଗ ବସନ୍ତ'ର ଉଦ୍ଦୀପନଭାବ ବର୍ଣ୍ଣନା କରି କବି ଏକ ଛାନ୍ଦ ରଚନା କରିଛନ୍ତି । ଏହା ପ୍ରଥମ ଛାନ୍ଦ । ସ-କାର ବୋଲିରେ ରାଗ-କୁମ୍ଭକାମୋଦୀରେ ରଚିତ ସ-କାର ଛାନ୍ଦ, ପ-ବୋଲିରେ କନଡ଼ା ରାଗରେ ରଚିତ ପ-କାର ଛାନ୍ଦ, ଚ-ବୋଲିରେ

କେଦାର କାମୋଦୀ ରାଗରେ ଚ-କାର ଛାନ୍ଦ, କ-କାର ବୋଲିରେ ଚକ୍ରକେଳୀ ରାଗରେ କ-କାର ଛାନ୍ଦ ରଚିତ ହୋଇଛି ।

ବାଣୀ:—ପ୍ରତ୍ୟେକ ବୋଲିର ପ୍ରଥମ ଗୀତ ବା ଛାନ୍ଦଟି 'ବାଣୀ'ରେ ଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି ।

ର-କାର ବୋଲିରେ—ଛପୋଇ ବାଣୀ ।
ସ-କାର ବୋଲିରେ—ଗୁଣସାଗର ବାଣୀ ।
ପ-କାର ବୋଲିରେ—ଗୋପାଳ ବାଣୀ ।
ଚ-କାର ବୋଲିରେ—ଗୀତା ବାଣୀ ।
କ-କାର ବୋଲିରେ—ବାଣୀର ଉଲ୍ଲେଖ ନାହିଁ ।

ଢଗ:—'ଢଗ' ସାଧାରଣ ଶ୍ରେଣୀର ନାୟକ ନାୟିକା, ନରନାରୀଙ୍କ ମୁଖରେ କୁହାଯାଇଛି । ଢଗ ବୋଲିବା ରୀତିହିଁ ଏଥିରେ ଅନୁସୃତ ହୋଇଛି ।

ରମାକୁ ରୁହିଁ, କେ ବନସ୍ତ କହି, ରହିଥାଇ ଆଶ ମୁଁ ତୋହି ଚହିଁ ।
ରଖିଲେ ରଖ, ହେଲି ନିରେଖ, ରହି ଅନାଇଲେ ପଳାଇ ଦୁଃଖ ।
ରୂପକୁ ଦେଖି, ନଟଲେ ଆଖି, ରତ୍ନ ଧନେ କଣ ଚନ୍ଦ୍ରମାମୁଖୀ ।
(ର-କାର)

ଏହି ଢଗକୁ 'ଦଣ୍ଡିଢଗ' ବୃତ୍ତରେ ଗାଇବାକୁ କବି ନିର୍ଦ୍ଦେଶ ଦେଇଛନ୍ତି ।

ପ-କାର, ଚ-କାର, କ-କାର ଢଗ ମଧ୍ୟ 'ଦଣ୍ଡିଢଗ' ବୃତ୍ତରେ ଗାଇବାକୁ ନିର୍ଦ୍ଦେଶ ଅଛି ।

ଚଉତିଶା ଓ ଚଉପଦୀ:—ଉଦାହରଣ ବିଶେଷ ଭାବରେ ଉଦାହରଣ ସ୍ଥଳରେ ବ୍ୟବହୃତ ହୋଇଛି । ଚୌପଦୀରେ ରାଗ ଓ ତାଳର ନିର୍ଦ୍ଦେଶ ଅଛି । ପ୍ରତ୍ୟେକ ବୋଲିରେ ଏକାଧିକ ଚୌପଦୀ ଅଛି । ଚୌପଦୀ-ମାନଙ୍କରେ ୪, ୫, ୬ ପଦ ଥିବା ଦେଖାଯାଏ; ୫ଟି ପଦ ଥିବା ଚୌପଦୀର ସଂଖ୍ୟାହିଁ ଅଧିକ ।

ଗ୍ରନ୍ଥର ସୂଚୀ:—ଗ୍ରନ୍ଥଟିରେ ନାୟକନାୟିକା ଲକ୍ଷଣ, କନ୍ଦର୍ପର ଦଶ-ଦଶା, ନବରସ, ଅଷ୍ଟସାତ୍ତ୍ୱିକ, ଉଦ୍ଦୀପନ, ଆଲମ୍ବନ, ସଞ୍ଚାରିକା ଭାବ ପ୍ରଭୃତିର ସୂତ୍ର ଓ ଉଦାହରଣ ଗୀତାଦି ମୁଖ୍ୟ ବିଷୟ ।

ପ୍ରଥମ ପଞ୍ଚକ :—ଋକାର ବୋ'ଲି :—ବାଣୀରେ—ରସ—ଶୃଙ୍ଗାର, ବୀର, କରୁଣ, ଅଦ୍‌ଭୁତ, ହାସ୍ୟ, ଭୟାନକ, ରୌଦ୍ର, ଶାନ୍ତ ।

ଗ୍ରନ୍ଥରେ—ଉଦ୍ଦୀପନ, ଆଲମ୍ବନଭାବ । ଗ୍ରୈପଦୀରେ—ନବାନୁରାଗ, ଦୃଷ୍ଟି ଉକ୍ତି, ପଶ୍ଚାତ୍ତାପ, ଦୂତୀ ନିବେଦନ, ପ୍ରାପ୍ତି ଇଚ୍ଛା, ବିନୟ, ବୟଃ ସନ୍ଧି—ଯୌବନ, ନାୟକର ବିଦେଶ ଗମନେ ଚିନ୍ତା, ମେଳଣି ।

ଚଉତିଶାରେ—ନାୟକର ବିବିଧ ଚାଟୁ, ପତ୍ରଲେଖନ । ପ୍ରାନ୍ତବର୍ଣ୍ଣି ଚଉତିଶା । ଛାନ୍ଦରେ ନାୟକର ବିନୟ; କାମିନୀ ପୁଂସଙ୍କ ଉକ୍ତିପ୍ରତ୍ୟୁକ୍ତି ।

ଦ୍ୱିତୀୟ ପଞ୍ଚକ—ରତିଗୋପନା—ଭୂତ, ଭବିଷ୍ୟ, ତତ୍‌କାଳ, ଭାବିତତ୍କାଳ, ସାହସ, ବିଚିତ୍ର ସୁରତି ଗୋପନା । ନାୟକ—ଶଠ, ।ନାୟିକା—ମଧ୍ୟାଧୀରା, ନାୟକ ଦକ୍ଷିଣ—ମଧ୍ୟା ଅଧୀରା । ନାୟକ ଧୃଷ୍ଟ—ମଧ୍ୟାଧୀରା ଅଧୀରା, ପ୍ରଗଲ୍‌ଭା ଧୀରା । ନାୟକ ଅନୁକୂଳ । ପ୍ରଗଲ୍‌ଭା ଅଧୀରା-ନାୟକ ଧୃଷ୍ଟ । ପ୍ରଗଲ୍‌ଭା ଧୀରା ଧୀରା ନାୟକ ଶଠ । ନାୟିକା—ସ୍ନେହଗର୍ବିତା, ବାକ୍ୟୋକ୍ତି ଗର୍ବିତା, ରୂପଗର୍ବିତା, ଜ୍ୟେଷ୍ଠା ପ୍ରୋଢ଼ା, ବଙ୍କିମା । ସ୍ୱାଧୀନଭର୍ତ୍ତୃକା, ବାସକ ଶଯ୍ୟା, ବିପ୍ରଲବ୍‌ଧା, ବିରହୋତ୍କଣ୍ଠିତା, ପ୍ରୋଷିତ ଭର୍ତ୍ତୃକା, କଲହାନ୍ତରିତା, ଅଭିସାରିକା, ଖଣ୍ଡିତା, ପ୍ରୋଷିତ ପତ୍ରିକା । ଅନୁନୟ ଉକ୍ତି । ଅବତୀର୍ଣ୍ଣ ଯୌବନା, ଅବତୀର୍ଣ୍ଣ ଯୌବନ ବିକାର, ସମଧିକ ଲଜ୍ଜାବତୀ, ରତୌ ବାମ, ମାନେ ମୃଦୁ, ପ୍ରାରୂଢ଼ ସ୍ମର, ବିଚିତ୍ର ସୁରତା, ସୁରତ ଯୌବନା, ବ୍ରୀଡ଼ିତା, ଲବୋନ୍ମୋଖ, ବିବିଧ ସୁରତଜ୍ଞା, ଆକ୍ରାନ୍ତ ନାୟିକା, ସୁରନ୍ଧ, ସ୍ୱଳ୍ପବ୍ରୀଡ଼ା, ଗାଢ଼ ତାରୁଣ୍ୟ । ବେଶ୍ୟା ପ୍ରଶଂସା, ବେଶ୍ୟା ନିନ୍ଦା, ବେଶ୍ୟା ପ୍ରୋଷିତଭର୍ତ୍ତୃକାଦି ଅଷ୍ଟବିଧ ନାୟିକା ।

ତୃତୀୟ ପଞ୍ଚକ—ଅଷ୍ଟାବିଂଶତି ଅଲଙ୍କାର—ଭାବ, ହାବ, ହେଳା, , କାନ୍ତି, ଦୀପ୍ତି, ମାଧୁର୍ଯ୍ୟ, ପ୍ରଗଲ୍‌ଭତା, ଔଦାର୍ଯ୍ୟ, ଧୈର୍ଯ୍ୟ, ଲୀଳା,

ବିଳାସ, ବିଚ୍ଛିତ୍ତି, ବିବ୍ବୋକ, କିଲକିଞ୍ଚିତ, କୁଟ୍ଟମିତ, ମୋଟ୍ଟାଇତ, ବିଭ୍ରମ, ଲଳିତା, ମଦ, ବିହୃଦ, ତାପ, ମୌଗ୍ଧ୍ୟ, ବିକ୍ଷେପ, କୁତୂହଳ, ହଂସିତ, ଚକିତ ଓ କେଳି ।

କେଳି—ଗାଢ଼ରତା, ବିପଶ୍ଚିତ, ରତାନ୍ତ, ରତିଚନ୍ଦ୍ରା, ମୁଗ୍ଧା ରତିସ୍ମୃତି, ମଧ୍ୟା ରତିସ୍ମୃତି, ପ୍ରଗଲ୍‌ଭା ରତିସ୍ମୃତି, ପ୍ରୀତି ଉତ୍କଣ୍ଠା, ପ୍ରାରୂଢ଼ ମୁଗ୍ଧା ।

କନ୍ଦର୍ପର ଦଶଦଶା—ଅଭିଳାଷ, ଚିନ୍ତା, ସ୍ମୃତି, ଗୁଣକଥନ, ଉଦ୍‌ବେଗ, ପ୍ରଳାପ, ଉନ୍ମାଦ, ବ୍ୟାଧି, ଜଡ଼ତା, ମୃତ୍ୟୁସ୍ଥିତି ।

ଅଷ୍ଟସାତ୍ତ୍ୱିକ—ପ୍ରକାପ, ସ୍ୱେଦ, ରୋମାଞ୍ଚ, ସ୍ୱରଭଙ୍ଗ, ବେପଥୁ, ବୈବର୍ଣ୍ଣ୍ୟ, ଅଶ୍ରୁ, ପ୍ରଳୟ ।

ଅଷ୍ଟସାତ୍ତ୍ୱିକ ଦଣ୍ଡ—ପ୍ରଳାପ ସ୍ତମ୍ଭ, ସ୍ୱେଦ, ରୋମାଞ୍ଚ, ସ୍ୱରଭଙ୍ଗ, ବେପଥୁ, ବୈବର୍ଣ୍ଣ୍ୟ, ଅଶ୍ରୁ, ପ୍ରଳୟ ।

ଚତୁର୍ଥ ପଞ୍ଚକ :—ଦିନାନ୍ତ ବର୍ଣ୍ଣନା । ନାୟିକା—ମୁଗ୍ଧା, ମଧ୍ୟା । ପ୍ରଗଲ୍‌ଭାଙ୍କ ପ୍ରୀତି ଓ ରତି, ସୁରତକ୍ଷ । ଚୁମ୍ବନ ଆଲମ୍ବନ, ସଂଗ୍ରସ୍ତ ଭାବ । ପ୍ରବାସୀର ପ୍ରତ୍ୟାବର୍ତ୍ତନ । ସ୍ୱୀୟ ସ୍ୱୀୟ ନାୟିକା, ସ୍ୱୀୟ ସ୍ୱୀୟ ନାୟକ ଭେଦ । ସ୍ୱରଜାତ ଅଳଙ୍କାର ।

ନାୟିକା—ଖଣ୍ଡିତା, ମଧ୍ୟା, ଧୀରା, ଅଧୀରା । ସ୍ୱୀୟା, ମାନିନୀ ।

ନାୟକ—ଶଠ, ବିପ୍ରଲମ୍ଭ ଶୃଙ୍ଗାର । ଆକ୍ଷେପାଳଙ୍କାର, ସ୍ୱପ୍ନାଳଙ୍କାର, ନାୟିକା କଳହାନ୍ତରିତା, ନାୟକ ଶଠ ବିପ୍ରଲମ୍ଭଶୃଙ୍ଗାର । ଦୈନ୍ୟ ସଂଗ୍ରସ୍ତ ଭାବ, ଜାତ୍ୟଳଙ୍କାର ।

ନାୟିକା ସ୍ୱାଧୀନଭର୍ତ୍ତୃକା, ନାୟକ ଅନୁକୂଳ ପର୍ଯ୍ୟାୟ ଅଳଙ୍କାର । ନାୟିକା ପରକୀୟା, ଅଭିସାରିକା, ଶଙ୍କାସଂଗ୍ରସିକା ଭାବ । ଆକ୍ଷେପାଳଙ୍କାର । ରୂପକାଳଙ୍କାର ।

ନାୟିକା ସ୍ୱକୀୟା । ଅନୁକୂଳ ନାୟକ । ସମ୍ଭୋଗଶୃଙ୍ଗାର ।

ଅନୁରାଗ—ନୀଳୀ, କୁସୁମ୍ଭ, ମଞ୍ଜିଷ୍ଠା, ଯୁଗ୍ମାନୁରାଗ, ଅଭିସାରିକାନୁରାଗ, ଅତିଶୟାନୁରାଗ, ପ୍ରୀତିରୂଢ଼ାନୁରାଗ, ସାବଧାନାନୁରାଗ, ରତିକ୍ଷିତାନୁରାଗ ।

ଦୋହଦ—ପ୍ରିୟଙ୍ଗୁ, କେତକୀ, ବକୁଳ, ଆମ୍ର, କୁରୁଣ୍ଟକ, କର୍ଣ୍ଣିକାର, ସିନ୍ଧୁବାର, କୁମୁନ୍ତ, ଶ୍ୟାମା, ପୁନ୍ନାଗ, କୋବିଦାର, ଚମ୍ପକ, କଦମ୍ବ ।

ଦୂତୀ—ସ୍ୱୟଂଦୂତୀ, ନଷ୍ଟଦୂତୀ ।

ବିଦୂଷକ—ଗୃହୀ, ବିଟ, ଖଳ ଓ ଚେଟ ।

ପଞ୍ଚମ ପଞ୍ଚକ :—କଳାକରଉଦୟ (ଚନ୍ଦ୍ର) ବର୍ଣ୍ଣନା । ରୂପକ, ଉତ୍ପ୍ରେକ୍ଷା, ବିଭ୍ରମ ।

ବିଭିନ୍ନ ଦେଶ ସ୍ତ୍ରୀ ଲକ୍ଷଣ—ମାଳବ, ସିଂହଳ, କୋଶଳ, ମହାରାଷ୍ଟ୍ର, କଳିଙ୍ଗ ।

ଅଷ୍ଟଜାତି କରଜ ଚିହ୍ନ ଲକ୍ଷଣ—ଶଶପ୍ଲୁତ, ମଣ୍ଡଳକ, ମୟୂରପଦ, ଅର୍ଦ୍ଧଚନ୍ଦ୍ର, ଛୁରିତକ, ରେଖା ଲକ୍ଷଣ, ବ୍ୟାଘ୍ରପଦ, ଉତ୍ପଳପତ୍ର ।

ଅଷ୍ଟପ୍ରକାର ଦନ୍ତକ୍ଷତ ଲକ୍ଷଣ—ବିନ୍ଦୁ, ଉଚ୍ଛୂନକ, ଖଣ୍ଡାଭ୍ର, ଗୂଢ଼, ମୂଢ଼, ପ୍ରବାଳ, କୋଡ଼ଚର୍ବିତ, ବିନ୍ଦୁମାଳା ।

ଚୁମ୍ବନ ଲକ୍ଷଣ—ସଂପୂର୍ଣ୍ଣ, ଚଳିତ, ଜିହ୍ୱାଭ୍ରମଣ, ପୀଡ଼ିତ, ସ୍ଫୁରିତ, ଭ୍ରମର, ଓଷ୍ଠପାନ, ଉନ୍ନମିତ, ଉଦ୍‌ଘୃଷ୍ଟକ, ଓଷ୍ଠ ସମୁଦ୍‌ଗକ ।

ଆଲିଙ୍ଗନ ଲକ୍ଷଣ—ଅ.ଠ ପ୍ରକାର;—କୁଚୋପଗୂହନ, ବିଟପାରୂଢ଼, ଉରୁଉପଗୂହନ, ଲଲାଟିକ, ଦୁଗ୍ଧଜଳ, ତିଳତଣ୍ଡୁଳ, ଲତାବେଷ୍ଟନ, ଜଘନୋପଗୂହନ ।

ଦଶଟିଗ ବୃତ୍ତରେ ଗ୍ରନ୍ଥର ଅନୁକ୍ରମଣି ପ୍ରଦତ୍ତ ହୋଇଛି ।

ଗ୍ରନ୍ଥରେ ରତିପ୍ରୀତିଆଦି ଭେଦ ଓ ବ୍ୟବହାର ବାତ୍ସାୟନ କାମସୂତ୍ରାଦି ଗ୍ରନ୍ଥସମ୍ମତ ହୋଇଥିବା କବି ପ୍ରକାଶ କରିଛନ୍ତି ।

× × କୃତ ବାତ୍ସ୍ୟାୟନାଦିରେ, କାମଶାସ୍ତ୍ର ସମ୍ମତିତ କରି ଅଳଙ୍କାରେ
(କ କାର ବୋଲି) ।

ଗ୍ରନ୍ଥରଚନା ସମୟ :—ରସପଞ୍ଚକରେ କବିଙ୍କ ବଂଶ ପରିଚୟ ସମ୍ବନ୍ଧୀୟ କେତେକ ତଥ୍ୟ ପ୍ରକାଶ ପାଇଛି । ଉପେନ୍ଦ୍ର ନିଜକୁ ରାଜା ବୋଲି ମଧ୍ୟ ଭଣିତାରେ ଲେଖିଥିବାରୁ ସେତେବେଳକୁ ତାଙ୍କ ପିତା ରାଜା ନୀଳକଣ୍ଠ

ଭଞ୍ଜଙ୍କ ମୃତ୍ୟୁ ହୋଇ ଯାଇଥିବା ସ୍ପଷ୍ଟ । ନୀଳକଣ୍ଠ ସ୍ୱଦେଶରୁ ବିତାଡ଼ିତ ହୋଇଥିଲେ ମଧ୍ୟ ନିଜକୁ ରାଜା ବୋଲି ପରିଚୟ ଦେଉଥିଲେ ଏବଂ ତାଙ୍କ ପରେ ତାଙ୍କ ଜ୍ୟେଷ୍ଠପୁତ୍ର ଉପେନ୍ଦ୍ର ମଧ୍ୟ ପିତାଙ୍କ ପଦାଙ୍କ ଅନୁସରଣ କରିଥିଲେ । ପିତାପୁତ୍ର ଉଭୟେ ସ୍ୱଦେଶତ୍ୟାଗୀ ରାଜାରୂପେ ପରିଚୟ ଦେଉଥିବାରୁ ଘୁମୁସର ସିଂହାସନରୁ ବିତାଡନ ସେମାନେ ସ୍ୱୀକାର କରୁ ନଥିଲେ, ଏହା ଅନୁମେୟ ।

ନୀଳକଣ୍ଠଙ୍କ ମୃତ୍ୟୁ ପୂର୍ବରୁ ସେ ଗ୍ରନ୍ଥଟି ଆରମ୍ଭ କରିଥିଲେ । ସେତେବେଳକୁ ସେ ପାଟକୁମାର ବା ରାଜାଙ୍କ ଜ୍ୟେଷ୍ଠପୁତ୍ର ଥିଲେ ।

ରଚିତ ପାଟକୁମାର, ଯାତ୍ରା ଉଦ୍ଦେଶୀ ବସ୍ତୁର
ଗୁଣ ବୁଝେଁ ବୁଦ୍ଧିଙ୍କର ପଦ ଯୋଡ଼ି ଗାଇବ । * । (ର କାର ବୋଲି)

ପକାର ବୋଲି ରଚନା ବେଳକୁ କବି 'ଭଞ୍ଜରାଜ' ବୋଲି ପରିଚୟ ଦେଇଥିବାରୁ ସେତେବେଳକୁ ନୀଳକଣ୍ଠଙ୍କ ମୃତ୍ୟୁ ହୋଇ ଯାଇଥିବା ସ୍ପଷ୍ଟ ।

ପ୍ରବୀଣା ମଧ୍ୟା ରତିସ୍ଥିତ ଏହି, ପଦେ ଉପଇନ୍ଦ୍ର ଭଞ୍ଜରାଜ କହି ।
(ପ-କାର ବୋଲି)

ଉପେନ୍ଦ୍ରଙ୍କ ପିତା ସିଂହାସନରୁ ବିତାଡ଼ିତ ହୋଇଥିଲେ ମଧ୍ୟ ବିଜେତାଙ୍କ ରାଜସିଂହାସନ ଅଧିକାରକୁ ସ୍ୱୀକାର କରି ନଥିଲେ; ଉପେନ୍ଦ୍ର ପିତାଙ୍କ ପଦାଙ୍କ ଅନୁସରଣ କରିଥିଲେ ।

ନୀଳକଣ୍ଠ ଭଞ୍ଜ ଖ୍ରୀ: ୧୬୦୧ ଠାରୁ ଖ୍ରୀ:୧୬୦୩ ପର୍ଯ୍ୟନ୍ତ ରାଜତ୍ୱ କରିଥିବା ଜଣାଯାଏ । ଏହି ଦୁଇତିନବର୍ଷ ଭିତରେ କବି ନିଜକୁ ପାଟକୁମାର ବୋଲି ପରିଚିତ କରାଇଥିବା ସ୍ୱାଭାବିକ । ଖ୍ରୀ: ୧୬୩୬ ରେ ନୀଳକଣ୍ଠଙ୍କ ମୃତ୍ୟୁ ହୋଇଥିବା ଜଣାଯାଏ । ନୀଳକଣ୍ଠ ଜୀବିତ ଥିବା ପର୍ଯ୍ୟନ୍ତ ନିଜକୁ ରାଜା ବୋଲି ପରିଚିତ କରାଉଥିଲେ । ଅର୍ଥାତ୍ ପ୍ରାୟ ତେତିଶ ବର୍ଷ କାଳ ସେ ଏହି ଉପାଧି ଧାରଣ କରିଥିଲେ । ଏହି ସମୟତକ ଉପେନ୍ଦ୍ର ନିଜକୁ ପାଟକୁମାର ବୋଲି ପରିଚିତ କରାଉଥିଲେ ଏବଂ ଖ୍ରୀ: ୧୬୩୬ ରେ ପିତାଙ୍କ ମୃତ୍ୟୁ ପରେ 'ରାଜା' ଉପାଧି ଧାରଣ କଲେ । ପାଟକୁମାର ଥିବାବେଳେ କବି ରସପଞ୍ଚକର ପ୍ରଥମ

ବୋଲି (ର-କାର ବୋଲି) ରଚନା କରିଥିଲେ ଏବଂ ଖ୍ରୀ: ୧୭୩୬ ରେ ସେ ରାଜା ଉପାଧି ଧାରଣ କରିବା ପରେ 'ପ-କାର ବୋଲି' ରଚିତ ହୋଇଥିଲା । ଏଥିରୁ ସ୍ପଷ୍ଟ ହେଉଛି ଯେ, ନୀଳକଣ୍ଠଙ୍କ ମୃତ୍ୟୁ ସମୟ ଖ୍ରୀ: ୧୭୩୬ କିମ୍ବା ତାର ଅଳ୍ପ ପୂର୍ବରୁ ନବପଞ୍ଚକ ଆରମ୍ଭ ହୋଇଥିଲା ଏବଂ ନୀଳକଣ୍ଠଙ୍କ ମୃତ୍ୟୁ ପରେ ବା ଖ୍ରୀ: ୧୭୩୬ର ଅଳ୍ପ ସମୟ ପରେ ଏହା ଶେଷ ହୋଇଥିଲା ।

"ସ କାର ବୋଲି"ରେ ଦୀନକୃଷ୍ଣ ଦାସଙ୍କ 'ଗୁଣସାଗର' ବାଣୀରେ ଗାଇବାକୁ ନିର୍ଦ୍ଦେଶ ଥିବାରୁ ଏହି ଗ୍ରନ୍ଥଟି ଗୁଣସାଗର ପରେ ରଚିତ ହୋଇଥିବା ସ୍ପଷ୍ଟ । ଦୀନକୃଷ୍ଣ କବିଙ୍କ ସମସାମୟିକ ହୋଇଥିଲେ ମଧ୍ୟ ତାଙ୍କର 'ଗୁଣସାଗର' ଯେ ଲୋକପ୍ରିୟ ହୋଇ ପାରିଥିଲା ଏହା ସ୍ପଷ୍ଟ ହେଉଛି ।

କବି 'ଗୋପାଳ ବାଣୀ', 'ଗୀତା ବାଣୀ' ପ୍ରଭୃତିର ନାମୋଲ୍ଲେଖ କରିଛନ୍ତି । ଏହି ବାଣୀର ରଚକମାନଙ୍କର ପରିଚୟ ମିଳୁ ନାହିଁ; ତେବେ ଏମାନେ କବିଙ୍କ ପୂର୍ବବର୍ତ୍ତୀ ବା ସମସାମୟିକ ।

ବଂଶ ପରିଚୟ :—କବି ଶେଷ ବୋଲି ବା 'କ—ବୋଲି'ର ଶେଷରେ ନିଜର ବଂଶ ପରିଚୟ ପ୍ରଦାନ କରିଛନ୍ତି ।

ଭଞ୍ଜ-ସୂର୍ଯ୍ୟବଂଶ ଘୁମୁସରରେ କ୍ରମେ ପ୍ରକାଶ ଲାଭ କଲେ । ଏହି ବଂଶର ରାଜା ରଣଭଞ୍ଜ । ବଂଶାବଳୀ ଏପରି ଦିଆଯାଇଛି—

ରଣଭଞ୍ଜ
- ପ୍ରତାପ
- ଗୋପୀନାଥ
  - ଧନଞ୍ଜୟ
    - ନୀଳକଣ୍ଠ
      - ଉପେନ୍ଦ୍ର

କବିଙ୍କ ଆତ୍ମପ୍ରଶଂସା :—'କ — ବୋଲି'ର ଶେଷରେ କବି ନିଜର ଆତ୍ମ ପ୍ରଶଂସା କରିଛନ୍ତି ।

କାଶ୍ୟପିକାନ୍ତ, ତାହାଙ୍କ ସୁତ, କୃତଙ୍କ ନୀଳକଣ୍ଠଭଞ୍ଜ ସୁତ ।
କୁମର ଜ୍ୟେଷ୍ଠ, ତ ଙ୍କର ଶ୍ରେଷ୍ଠ, କବି—ପଣରେ ଅତି ପରନିଷ୍ଠ ; ୧୯ ।
କାବ୍ୟ, ନାଟକ, ଅଳଙ୍କାରପାକ, କୋବିଦେ କେବଳ ବୋଲନ୍ତି ଏକ ।
କୋଷାଭିଧାନ, ସାକ୍ଷାତ କନ, କବିତ୍ୱ ଛନ୍ଦବନ୍ଧେ କେ ସମାନ । ୨୦ ।

କଥିତ କୀର୍ତ୍ତି ଗୀତେ ଏମନ୍ତ, କାଳିଦାସ—ବାଣୀ ପରିସ୍ପୃଷ୍ଟ ସ୍ଫୁର୍ତ୍ତି ।
କଳା-ପିଙ୍ଗଳ, ଶାସ୍ତ୍ରେ ଅନର୍ଗଳ, କେତେ ପ୍ରବନ୍ଧ ପୂରାଇ ଭୂତଳ । ୨୧ ।
କୃତକେ ଯଶ, ଲୋକ ପ୍ରକାଶ, କବି ଗର୍ବପର୍ବତକୁ କୁଳିଶ ।
କରଣ ଚଉଦ୍ଦେ ପଞ୍ଚବିଧିଗୀତେ, କଲି ସାକ୍ଷାତେ ରସିକଙ୍କ ହିତେ । ୨୨ ।

କବିତ୍ୱ ମୋର ହେବ ଯେ ପ୍ରକାଶ, କରି ବିବେକ ସୁଧୀ ବିଜ୍ଞବର ।
କବି ସୁହୃଦ, ହୃଦକୁମୁଦ, କରିବାକୁ ମୋଦ ପୂର୍ଣ୍ଣିମା ଚନ୍ଦ୍ର । ୨୩ ।
କହି ଏପରି ବିଗୃହି ବିଗୃହି, ଭ୍ରମନ୍ତି ମତି ମଶକ ମଶାରି ।
କା ବ୍ୟ ଦୋଷପଦ ଛେଦିବାକୁ ଏ ପଦ, କନିହିକାଗ୍ରେ ଆଶୀର୍ବାଦପଦ । ୨୪ ।

କରୁ ସରସ ହୃଦ ବିଦୁଷ, କର୍ଣ୍ଣ ବିଳରେ ଏ ଗୀତ ନିବାସ ।
କୁର୍ଚ୍ଚକୀ ଭଞ୍ଜ ଉପେନ୍ଦ୍ର ଭଞ୍ଜ, କରେ ଧ୍ୟାନ ତାଙ୍କ ଚରଣ କଞ୍ଜ । ୨୫ ।

କବି ନିଜ ପୂର୍ବମାନଙ୍କର ସ୍ଥୂଳ ପରିଚୟ, ନିଜର ପାଣ୍ଡିତ୍ୟ ଓ ଶିକ୍ଷା ପ୍ରଭୃତି ବିଷୟରେ ଏଥିରେ ଲେଖିଛନ୍ତି । ସେ ନାନାବିଧ ବହୁ ପ୍ରବନ୍ଧ ଓ କାବ୍ୟ ରଚନା କରିଛନ୍ତି । କାବ୍ୟ, ଅଳଙ୍କାର, ଅଭିଧାନାଦି ଓ କଳାପିଙ୍ଗଳ ଶାସ୍ତ୍ରାଦିରେ କବିଙ୍କର ଅଗାଧ ପାଣ୍ଡିତ୍ୟ ଥିଲି । ତାଙ୍କ କାବ୍ୟକବିତା ରଚନା-ଶକ୍ତି ଅସାଧାରଣ ଥିବା ଓ ତାଙ୍କର କୀର୍ତ୍ତି ଅତୁଳନୀୟ ଥିବା ଲୋକମୁଖରେ କଥିତ ହେଉଥିଲା; ଏହି 'କାରଣରୁ ଲୋକେ କହୁଥିଲେ ଯେ ଉପେନ୍ଦ୍ରଙ୍କ ବାଣୀ "କାଳିଦାସ ବାଣୀ ପରିସ୍ପୃଷ୍ଟ ସ୍ଫୁର୍ତ୍ତି" ହେଉଥିଲି । ସୁଧୀ, ବିବେକୀ, ବିଜ୍ଞବର, ସୁହୃଦମାନେ ଉପେନ୍ଦ୍ରଙ୍କୁ କାଳିଦାସଙ୍କ ସହିତ ତୁଳନା କରୁଥିବା ଅଳ୍ପ ଗୌରବର ବିଷୟ ନୁହେଁ; ଉପେନ୍ଦ୍ର ଯେ ଏ ତୁଳନାର ଅତି ଯୋଗ୍ୟ

ଏଥିରେ ସନ୍ଦେହ ନାହିଁ । କବିଙ୍କ ଗୌରବ ତାଙ୍କ ଜୀବିତାବସ୍ଥାରେ ବ୍ୟାପିଥିବା ଅତି ଭାଗ୍ୟର ବିଷୟ ।

କବି-ପରଂପରାକୁ ଅନୁସରଣ କରି ଉପେନ୍ଦ୍ର ନିଜର ଆତ୍ମ-ପ୍ରଶଂସା କରିଛନ୍ତି; ଏଥିରେ ଅତ୍ୟୁକ୍ତି କିଛିନାହିଁ । ପ୍ରକୃତରେ ତୁଳନାରେ ଉପେନ୍ଦ୍ରଙ୍କର ସହିତ "କବିତ୍ୱ ଛନ୍ଦବନ୍ଧେ କେ ସମାନ" ବୋଲି ଯାହା କବି ନିଜେ କହିଛନ୍ତି ତାହା ଆତ୍ମ ପ୍ରଶଂସା ବା ଗର୍ବସୂଚକ ହେଲେ ମଧ୍ୟ ନିର୍ଘଟ ସତ୍ୟ ।

ଗ୍ରନ୍ଥର ବିଶେଷତ:—(୧) ରସପଞ୍ଚକଟି ପ୍ରଧାନତଃ 'ରସ' ଶାସ୍ତ୍ର ସମ୍ବନ୍ଧୀୟ । ଏହା ପୂର୍ବରୁ ଉତ୍କଳ ଖଣ୍ଡରେ 'ରସ' ସମ୍ବନ୍ଧୀୟ ପ୍ରାମାଣିକ ଶାସ୍ତ୍ର-ଗ୍ରନ୍ଥ କେହି ରଚନା କରିଥିବା ଜଣାଯାଏ ନାହିଁ; ଉଦାହରଣଗୁଡ଼ିକ ଏ ପ୍ରାମାଣିକ ଗ୍ରନ୍ଥର ଉତ୍କୃଷ୍ଟ କବିତା ଅଂଶ । ଉଦାହରଣ ନିମନ୍ତେ କବି ବହୁ ଚଉପଦୀ, ଚଉତିଶା, ଛାନ୍ଦ, ବୋଲି ଓ ଛିଗ ଅତି ରୋଚକ ଭାବରେ ରଚନା କରିଥିବାରୁ ଏହି ଗ୍ରନ୍ଥ କବି, ଆଲଙ୍କାରିକ ପ୍ରଭୃତିଙ୍କର ଆଦର୍ଶ ହୋଇ ରହି ଆସିଛି ।

(୨) କବିଙ୍କ ବଂଶ ପରିଚୟ ଏହାର ଅନ୍ୟ ଏକ ବିଶେଷତ୍ୱ ।

(୩) କବି ନିଜକୁ ପାଟକୁମାର ଓ ରାଜା ବୋଲି ପରିଚୟ ପ୍ରଦାନ କରିଛନ୍ତି ।

(୪) ଆତ୍ମ ପ୍ରଶଂସା ଓ କାଳିଦାସଙ୍କ ସହିତ ତୁଳନା ।

(୫) ରସପଞ୍ଚକ ରଚନା ପରେ ବହୁ ଓଡ଼ିଆ କବି ଏହାକୁ ଆଦର୍ଶ ରୂପେ ଗ୍ରହଣ କରିଥିବାରୁ ସଂସ୍କୃତ ରସଗ୍ରନ୍ଥମାନଙ୍କର ଆବଶ୍ୟକତା କେତେକ ପରିମାଣରେ ହ୍ରାସ ପାଇଛି । ଓଡ଼ିଆ ଭାଷା ଓ ସାହିତ୍ୟକୁ ବିଭିନ୍ନ କ୍ଷେତ୍ରରେ 'ଆତ୍ମନିର୍ଭରଶୀଳ' କରିବାରେ ଏହି ଗ୍ରନ୍ଥଟିର ବିଶେଷ ଦାନ ରହିଛି ।

ଗୀତାଭିଧାନ

ଗୀତାଭିଧାନଟି ପଦ୍ୟରେ ରଚିତ ଏକ ଶବ୍ଦକୋଷ ଗ୍ରନ୍ଥ । ଗ୍ରନ୍ଥର କଳେବର କ୍ଷୁଦ୍ର ହେଲେ ମଧ୍ୟ ଗଠନ ପ୍ରଣାଳୀର କୌଶଳ ଏହାକୁ ବିଶେଷତ୍ୱ ଦାନ କରିଛି । କବି ସ୍ୱ-ପ୍ରଣାଳୀ ସମ୍ବନ୍ଧରେ ଏପରି ବୁଝାଇଛନ୍ତି—

ଗୀତ ଅଭିଧାନ ହୋଇ ସାବଧାନେ ଶୁଣ ସୁଜନେ ସନ୍ତୋଷେ,
ଅମର ତ୍ରିକାଣ୍ଡ ଯାଦବ ଶାଶ୍ୱତ ମେଦିନୀ ବିଶ୍ୱ ପ୍ରକାଶେ । ୧ ।

ପ୍ରଚୁର ଶବଦ ଯେତେ ତା କହିବା ଗ୍ରନ୍ଥ ଅପ୍ରଚୁର ମାନ,
ବୁଝାଇଲେ ମୂର୍ଖେ ବୁଝିବେ ଅକ୍ଳେଶେ ସ୍ତୁତିବେ କୋବିଦଜନ । ୨ ।

କ-ଠାରୁ କ୍ଷ-ଯାଏ ପ୍ରାନ୍ତ୍ୟାକ୍ଷର ଘେନ ବର୍ଗ ବର୍ଗ ଏ ହୋଇବ,
ଏକା ଶବଦକୁ ନାନାର୍ଥେ ବୁଝାଇ କବିଙ୍କି ପ୍ରମୋଦ ଦେବ । ୩ ।

(୧ମ ଛାନ୍ଦ)

ଏହାର ଉଦାହରଣ;—

କ ବୋଲି ପବନ ଜଳକୁ କ ବୋଲି ବ୍ରହ୍ମାକୁ ଶିରକୁ ସତ,
କୁ ବୋଲି କୁତ୍ସିତ କଥାକୁ ପୃଥ୍ୱୀକି ଶୁଣ ବୁଧେ ଦେଇ ଚିତ୍ତ । ୪ ।

ଅର୍କ ବୋଲି ଅର୍କ ପର୍ଣ୍ଣୀକି ରବିଙ୍କି ତାମ୍ର ସ୍ଫଟିକ ଇନ୍ଦ୍ରକୁ,
ଅଙ୍କ ବୋଲି ଜାଣ କୋଡ଼ ଚିହ୍ନ ପାପ ଦୁଃଖ ଦୂଷଣ ରେଖାକୁ । ୫ ।

(୧ମ ଛାନ୍ଦ)

କ-ଅନ୍ତ, ଖ-ଅନ୍ତ, ଗ-ଅନ୍ତ ଇତ୍ୟାଦି ବର୍ଣ୍ଣଭେଦରେ ଉପେନ୍ଦ୍ର ଶବ୍ଦଗୁଡ଼ିକୁ ସଙ୍କଳିତ କରି ନାନାର୍ଥ ଲିପିବଦ୍ଧ କରିଛନ୍ତି । ଉପସଂହାରରେ କବି କହିଛନ୍ତି—

ନାନାର୍ଥ ଗୀତ-ଅଭିଧାନ କଲି ମୁଁ ସାର ସାର ଯେତେ ବାଛି,
ଶବ୍ଦ ସମୁଦ୍ର୍‌ବତ ପାର ହେବାକୁ କାହାର ସାମର୍ଥ୍ୟ ଅଛି ।
ମନ ଦେଲେ ମୂର୍ଖେ ପଣ୍ଡିତ ହୋଇବେ ବୁଧେ କରିବେ ପ୍ରଶଂସା,
ସଂସ୍କୃତ ଲିଙ୍ଗ ସଂଗ୍ରହରେ ଅବ୍ୟକ୍ତବୋଧକ ପ୍ରାକୃତ ଭାଷା ।
କ ଠାରୁ କ୍ଷ ଯାଏ ବର୍ଣ୍ଣ ବିରଚନା ଅକ୍ଷର ଧରି ହେଜିବ,
କହେ ଉପଇନ୍ଦ୍ର ଭଞ୍ଜ ବୀରବର ଲୋଡ଼ା ଶବ୍ଦକୁ ଘେନିବ ।

କବି ଯେ 'ଶବ୍ଦ ସମୁଦ୍ର' 'ପାର' ହୋଇଛନ୍ତି ଏହା ତାଙ୍କର ଗୀତାଭିଧାନ ଦ୍ୱାରା ପ୍ରମାଣିତ ହେଉଛି ।

'ଚିତ୍ରକାବ୍ୟ ବନ୍ଧୋଦୟ'ରେ 'ଗୀତାଭିଧାନ'ର ନାମୋଲ୍ଲେଖ ଥିବାରୁ ଗ୍ରନ୍ଥଟି ଚିତ୍ରକାବ୍ୟ ବନ୍ଧୋଦୟ ପୂର୍ବରୁ ରଚିତ ହୋଇଥିବା ପ୍ରମାଣିତ ହେଉଛି ।

ପୁରୁଷୋତ୍ତମ ମାହାତ୍ମ୍ୟ ରଚନ, ନାନାକୋଷ ଶବ୍ଦେ ଗୀତାଭିଧାନ ।
(୧ମ ଛାନ୍ଦ)

ଭଞ୍ଜଙ୍କ ପୂର୍ବରୁ ଓଡ଼ିଆ ଭାଷାରେ ଶବ୍ଦକୋଷ ରଚିତ ହୋଇଥିବା ଜଣାଯାଇ ନାହିଁ; ତାଙ୍କ ପରେ 'ଧ୍ୱନିମଞ୍ଜରୀ' ରଚିତ ହୋଇଛି । ଧ୍ୱନିମଞ୍ଜରୀରେ ଗୀତାଭିଧାନର କୌଶଳ ନାହିଁ । କବି ଓ ସାହିତ୍ୟପ୍ରେମୀମାନେ ଅମର କୋଷାଦି ସଂସ୍କୃତ କୋଷ ଗ୍ରନ୍ଥର ସାହାଯ୍ୟ ନେଉଥିବା ଉପେନ୍ଦ୍ର ବ୍ୟକ୍ତ କରିଛନ୍ତି । 'ଭାଷା'ରେ ଗୀତାଭିଧାନ ରଚନା କ୍ଷେତ୍ରରେ ଉପେନ୍ଦ୍ର ହିଁ ପଥ ପ୍ରଦର୍ଶକ । ଛାନ୍ଦାର୍ଥୀମାନେ ଗୀତାଭିଧାନରୁ ପ୍ରମାଣ ଉଦ୍ଧାର କରୁଥିବାର ବହୁଳ ଦୃଷ୍ଟାନ୍ତ ଦେଖାଯାଏ; ଏହା ଏହି ଗ୍ରନ୍ଥଟିର ଲୋକପ୍ରିୟତାର ଜ୍ୱଳନ୍ତ ପ୍ରମାଣ । ଓଡ଼ିଆଭାଷାରେ କୋଷଗ୍ରନ୍ଥ ଭଣ୍ଡାରକୁ ପ୍ରଥମ ମଣି ଦାନ କରି ଭଣ୍ଡାରର ସୂତ୍ରପାତ କରିଛନ୍ତି ଏବଂ ମଣିଟି ଅମୂଲ୍ୟ ଥିବାରୁ ସେ ଅମର ହୋଇଛନ୍ତି ।

ଚିତ୍ରକାବ୍ୟ ବନ୍ଧୋଦୟ

ପ୍ରାଚୀନ ଆଳଙ୍କାରିକମାନେ 'ଚିତ୍ର' କାବ୍ୟକୁ ରଚକର ପାଣ୍ଡିତ୍ୟର ପରିଚୟ ସ୍ୱରୂପ ଗ୍ରହଣ କରି ଆସିଛନ୍ତି । ଏଥିରେ ଶବ୍ଦଜ୍ଞାନ ସହିତ ଶବ୍ଦ-ଗଠନ-କୌଶଳ ଜଡ଼ିତ ଥିବାରୁ ବହୁ କବି ଏହି କ୍ଷେତ୍ରରେ ବିଚରଣ କରି ନାହାନ୍ତି । କବିତା ଗୌରବ ଦୃଷ୍ଟିରେ ଚିତ୍ର କବିତାର ସ୍ଥାନ ସେତେ ଉଚ୍ଚ ନ ଥିବାରୁ ଏହା ବହୁ କବିଙ୍କ ଦ୍ୱାରା ବର୍ଜିତ ହୋଇଛି । କିନ୍ତୁ କେତେକ କବି ସ୍ୱ ପ୍ରତିଭାର ବ୍ୟାପକତା ପ୍ରକାଶ କରିବା ନିମନ୍ତେ 'କାବ୍ୟ-କବିତା' କ୍ଷେତ୍ରର ସବୁ ବିଭାଗରେ ହସ୍ତ ଚାଳନା କରିଛନ୍ତି ।

ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଚିତ୍ରକାବ୍ୟ ରଚକଙ୍କ ସଂଖ୍ୟା ଅତି ଅଳ୍ପ ଏବଂ ଏମାନଙ୍କ ଭିତରେ ଉପେନ୍ଦ୍ର ଭଞ୍ଜ ଶ୍ରେଷ୍ଠ ଓ ଆଦର୍ଶ ସ୍ଥାନୀୟ ହୋଇ

ରହିଛନ୍ତି । ଉପେନ୍ଦ୍ରଙ୍କ ପୂର୍ବରୁ ଚିତ୍ରକବିତା ବିଦ୍ୟମାନ ଥିବା ଜଣାଯାଇ ନାହିଁ; ତାଙ୍କ ପରେ ସଦାନନ୍ଦ, ଅଭିମନ୍ୟୁ ପ୍ରଭୃତି ବିଶିଷ୍ଟ କବିମାନେ ଚିତ୍ର କବିତା ରଚନା କରି ଯଶ ଅର୍ଜନ କରିଛନ୍ତି । ଚିତ୍ରକାବ୍ୟ କବିତା କ୍ଷେତ୍ରରେ 'ଚିତ୍ରକାବ୍ୟ ବନ୍ଧୋଦୟ'ହିଁ ଶ୍ରେଷ୍ଠ ଓ ଆଦର୍ଶରୂପେ ସମ୍ମାନ ଲଭ କରି ଆସୁଛି ।

ଚିତ୍ରକାବ୍ୟ ବନ୍ଧୋଦୟରେ ପ୍ରଦତ୍ତ ଗ୍ରନ୍ଥ ସୂଚୀ:—ଏହା ପୂର୍ବରୁ "ଅଶେଷ ଚଉତିଶା, ଚଉପଦୀ, ଗାହା, ଦୋହା, ଷୋଳପୋଇ, ଛଅ ପୋଇ" "ଇତ୍ୟାଦି କବିତ୍ୱ ଗଣନା ନାହିଁ ।"

୧ । ଚିତ୍ରଲେଖା	୧୨ । ବୈଦେହୀଶ ବିଳାସ
୨ । ହେମ ମଞ୍ଜରୀ	୧୩ । ଅବନା ରସତରଙ୍ଗ
୩ । ରସଲେଖା	୧୪ । ଗ୍ରୀମନ୍ଲୀଳାମୃତ
୪ । କାମକଳା	୧୫ । ପ୍ରେମସୁଧାନିଧି
୫ । ମନୋରମା	୧୬ । ରସିକ ହାରାବଳୀ
୬ । ପ୍ରେମଲତା	୧୭ । କୃଷ୍ଣବିହାର
୭ । ଭାବବତୀ	୧୮ । ରସପଞ୍ଚକ
୮ । ମୁକ୍ତାବତୀ	୧୯ । ଲାବଣ୍ୟବତୀ
୯ । ଛାନ୍ଦ ଭୂଷଣ	୨୦ । ପୁରୁଷୋତ୍ତମ ମାହାତ୍ମ୍ୟ
୧୦ । କଳାକଉତୁକ	୨୧ । ଗୀତାଭିଧାନ
୧୧ । ସୁଭଦ୍ରାପରିଣୟ	୨୨ । କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ
	୨୩ । ଚିତ୍ରକାବ୍ୟ ବନ୍ଧୋଦୟ

ଅନ୍ୟମାନଙ୍କ ନାମରେ ଭଣିତା କରିଥିବା—

"ତ୍ରୈଲୋକ୍ୟ ମୋହିନୀ" ଆଦି "ପାଞ୍ଚ ସାତ ଛାନ୍ଦ ପୋଥି ।"

'ଚିତ୍ରକାବ୍ୟ ବନ୍ଧୋଦୟ'ରେ ଆଦର୍ଶ ଗ୍ରନ୍ଥରୂପେ ସଂସ୍କୃତ ଖ୍ୟାତ କବି କଳ୍ପଲତା, ସାହିତ୍ୟ ରତ୍ନାକର, ମାଘକାବ୍ୟ, ଛନ୍ଦମଞ୍ଜରୀ, ଛାନ୍ଦରତ୍ନାକରର ନାମ ସ୍ଥାନ ପାଇଛି ।

ଭେଦମାନ ପୁଣି ଅପାର ଅଛି,
ଯେଉଁ କବି ଯେତେ ଭେଦ ପାରଛି,
କବିକଳ୍ପଲତା ମତେ ଏ ଭାବେ,
ସାହିତ୍ୟ ରତ୍ନାକର ମାଘକାବ୍ୟେ । × (୧ମ ଛାନ୍ଦ)
ଏଥୁ ଅନନ୍ତେ ମେଧାବୀ ସୁବୁଦ୍ଧି,
ବୁଝି ଶବ୍ଦପ୍ରବନ୍ଧ ବନ୍ଧବିଧି ।
ଛାନ୍ଦମଞ୍ଜରୀ ଛାନ୍ଦରତ୍ନାକର,
ଯେତେ ବିଦଗ୍ଧ ମଣ୍ଡନ-ବିସ୍ତର । (୨ୟ ଛାନ୍ଦ)

କବି ଶବ୍ଦ, ଛାନ୍ଦ, ବନ୍ଧ ଓ ଏମାନଙ୍କର ପ୍ରକାରଭେଦ ମଧ୍ୟ କ୍ଲୃପ୍ତିରେ ବୁଝାଇଛନ୍ତି । ବହୁ ପ୍ରକାର ଛାନ୍ଦଗୀତ ରଚନା କରି ସାରିବା ପରେ କବି "ଶବ୍ଦ କବିତ୍ୱ"ରେ ମନଦେଇଥିବା ବ୍ୟକ୍ତ କରିଛନ୍ତି । ଏହି ଗ୍ରନ୍ଥରେ କବିପ୍ରଦତ୍ତ ଗ୍ରନ୍ଥ ସୂଚିହିଁ ଏହାର ପ୍ରମାଣ ।।

କବି କହିଛନ୍ତି ଯେ ଛାନ୍ଦ ଓ ବନ୍ଧ ହୋଇ ଦୁଇ ପ୍ରକାର । ଏଥିର କେତୋଟି ପ୍ରକାର ଏପରି ବ୍ୟକ୍ତ ହୋଇଛି—

ଛାନ୍ଦ:—ଶାର୍ଦ୍ଦୂଳ ବିକ୍ରୀଡ଼ିତ, ମଣ୍ଡୂକ, ପ୍ଲୁତ, ଲୋମ-ବିଲୋମ, ତୁରଙ୍ଗମ ଗତି ।

ବହିର୍ଲିପିକା—ପାଞ୍ଚପ୍ରକାର ଓ ଅନ୍ତର୍ଲିପିକା—ଛଅପ୍ରକାର ।

ଏପରି ବହୁ ଛାନ୍ଦ, ବନ୍ଧର ପ୍ରକାର ଏ ଗ୍ରନ୍ଥରେ ସ୍ଥାନ ପାଇଛି ।

ଏ ଗ୍ରନ୍ଥ ଯେ କେବଳ ପଣ୍ଡିତଜନମାନଙ୍କ ପାଇଁ ଉଦ୍ଦିଷ୍ଟ ହୋଇଛି ଏହା କବି ସ୍ପଷ୍ଟଭାବରେ ଏଥିରେ ବ୍ୟକ୍ତ କରିଛନ୍ତି ।

ଏଥୁଅନନ୍ତେ ମେଧାବୀ ସୁବୁଦ୍ଧି, ବୁଝି ଶବ୍ଦପ୍ରବନ୍ଧ ବନ୍ଧବିଧି ।
ଛନ୍ଦମଞ୍ଜରୀ ଛନ୍ଦରତ୍ନାକର, ଯେତେ ବିଦଗ୍ଧ ମଣ୍ଡନ-ବିସ୍ତର ।
ଶିକ୍ଷାଥିଲି ଜନ ଦେଖି ଏ ପୋଥି, ହେବ ନୋହିଲେ ସିନା ଏଥି ମତି ।
ଦ୍ୱିଜହୀନ ଜନ ଯଥା ଅଭଗ୍ନ, ପୂଗ ଚର୍ବଣେ ମୂର୍ଖ ହୁଏ ଭଗ୍ନ ।
ଏହା ଜାଣି ଜାଣି ଆଣି ବିସ୍ମର, ନ କହିବଟି ଗୀତ ଆଗ କର । (୨ୟ ଛାନ୍ଦ)

କବି ଆଦିରସାତ୍ମକ ବିଷୟ ବସ୍ତୁରୁ ଉଦାହରଣଗୁଡ଼ିକ ଦେଇଛନ୍ତି । ନାୟକ—ରସିକ, ଉପପତି । ନାୟିକା—ସ୍ୱକୀୟା, ପରକୀୟା, ସାମାନ୍ୟା । ନାୟିକାଙ୍କ ଭିତରେ ପ୍ରୌଢ଼ା, ମଧ୍ୟା, ନବୀନା ।

(ଦ୍ୱିତୀୟ ଛାନ୍ଦରେ) କେହି ରସିକ ଦୂତୀ ଆଗରେ ବାଳାଶୋଭା-ଗଣିକୁ ବର୍ଣ୍ଣନା କରୁଛି—

ଅବନା—କୁଚଚୟ ନବଘନ ଉଜ୍ଜ୍ୱଳ, ଲପନ ତର ଅମଳକମଳ ।
ଶଶଧର ଦରପଣ ଗଞ୍ଜନ, ଅକ୍ଷ ଖଞ୍ଜନ ଗଞ୍ଜନ ରଞ୍ଜନ । × × ।
(୨ୟ ଛାନ୍ଦ)

ବନା:—ବିଦେଶେ ରହି କେବଣ ନାଗର, ବନାରେ ଭାଷଇ ଧନୀକ ତାର,
ଶୋଭାରେ ମୋହିପାରେ ସେ ଶୂଳିକ, ନାହିଁ ନାହିଁ ଲୋକେ ତୁଳା ବାଳୀକ । × × ।

ଦ୍ୱିଅକ୍ଷର:—ଚସାରେ ସାର ସୁରସ ସରସୀ, ସଂସାରଣିଶି ସୁରସ ସରସୀ ।
ଏକାକ୍ଷର:—ହା ହା ହା ହା ହା ହୁଁ ହୁଁ ହୁଁ ହୁଁ ହୁଁ ହୁଁ,
ହିଁ ହିଁ ହିଁ ହିଁ ହିଁ ହୁଁ ହୁଁ ହୁଁ ହୁଁ ହୁଁ ହୁଁ ।

ଏଥିରେ ସକାରଯମକ, ସ ଓଷ୍ଠ୍ୟ, ନିରୋଷ୍ଠ୍ୟ, ଅନ୍ତର୍ଲିପି, ବହିର୍ଲିପି, ଲୋମବିଲୋମର ବିବିଧ ଉଦାହରଣ ଅଛି ।

ସିଂହାବଲୋକନ, ଶୃଙ୍ଖଳା, ଚ୍ୟୁତାକ୍ଷର ପ୍ରଭୃତିର ଉଦାହରଣ ମଧ୍ୟ ଅଛି । ବନ୍ଧ ଭିତରେ ଅଟାଳୀ, ସୂର୍ଯ୍ୟରଥ, ପ୍ରାସାଦ, ପୀଢ଼ି, ବିମାନ, ମଣ୍ଡପ, ମହାରଥ, ପୁଷ୍ପକରଥ, ରଥ, ପ୍ରାଚୀନରଥ, ଚକ୍ର, ପଞ୍ଚମତ୍ସ୍ୟ, ଯୁଗଳ-ନାଗ, ଗିଳମତ୍ସ୍ୟ, ଶୂଳ, ଖଡ୍ଗ, ମୁରଜ, ପରଶୁ, ପୁଚ୍ଛ, ମତ୍ସ୍ୟ, ଶଙ୍ଖ, ଷୋଡ଼ଶଦଳ, ଶିବଦଳ, କବାଟ, ଅଷ୍ଟଦଳ, ଦୋପୁର, ଆବୃତପଦ୍ମ, ଚତୁରଙ୍ଗ, ଅଶ୍ୱଗତି, ଗୁଚ୍ଛ, ଗଦା, ଡମ୍ବରୁ, ବଜ୍ର, ଶକଟ, ନାଗନାଡ଼ି, କୂର୍ମ, ଗୋମୂତ୍ର, ବୀଣା, ଜ୍ୟୋତିଷ୍ଟକ, ରବା, କାକପାଦ, ମାଳା,

ତ୍ରିଶାଖା, ଯମଦାଢ଼, ଫଳକ, କଙ୍କିଣୀ, ଲଗୁଡ଼, ତରୁଆଶ୍ମ, କାତି, ଧନୁ, ଲତା, ପାଶ, ଅଜାଯୁଦ୍ଧ, ନାଗପାଶ, ମହାପଦ୍ମ, ମହାଚକ୍ର, ଗବାକ୍ଷ, ସ୍ୱସ୍ତିକ, ସ୍ୱସ୍ତିକଚକ୍ରକେଳି, ଛତ୍ରବନ୍ଧ, ଜଗତୀ, ପଦ୍ମଛନ୍ଦ, ଫାସ, ମେଷଯୁଦ୍ଧ, ବଜ୍ରହସ୍ତ, ତୁରଙ୍ଗଗତି, ସର୍ବତୋଭଦ୍ର, ହଳ, ଲଙ୍ଗଳ, ଚନ୍ଦ୍ରବିମ୍ବରଥ, ଅଙ୍କୁଶ, ଛୁରିକା, ଯୁଗଳକୁକ୍କୁଟଯୁଦ୍ଧ, ଅଷ୍ଟକୋଣ, ଚାମର, ପର୍ଯ୍ୟଙ୍କ— ଏପରି ୮୪ଟି ବନ୍ଧର ଉଦାହରଣ ପଦ ଦିଆଯାଇଛି ।

ବିବେକୀ ରସିକମାନେ ଚକ୍ର ଅଙ୍କନ କରି ଅକ୍ଷର ବସାନ୍ତି ଏବଂ ପଦର ସାର୍ଥକତା ହୃଦୟଙ୍ଗମ କରି ଅପାର ଆନନ୍ଦ ଉପଭୋଗ କରନ୍ତି ।

ଏହି ଗ୍ରନ୍ଥ, ବନ୍ଧରେ ଗଭୀର ପାଣ୍ଡିତ୍ୟ, ଅଙ୍କନଶୈଳୀର ଜ୍ଞାନ ପ୍ରକାଶ ପାଇଛି । ଉଦାହରଣଗୁଡ଼ିକ ସରସ ହେଲେହେଁ, ଏଥିରେ ଅଧିକ କଳ୍ପନା-ଚାତୁରୀ ଓ ପଦମାଧୁରୀ ଅନ୍ୱେଷଣ କରିବା ବୃଥା; କାରଣ ଏବଂବିଧ ରଚନାରେ ଏହା ଆଶା କରାଯାଇ ନପାରେ ।

କେତୋଟି ଉଦାହରଣ—(୫ମ ଛାନ୍ଦରେ)

ଅଟାଳୀ ବନ୍ଧ—ଜୟ କୃଷ୍ଣ ସୁବିବେକୀ ଶିଶୁତ୍ୱରୁ ତାହା ଭେଟାଇଲେ ଯମ,
ମଞ୍ଚାରୁ ଉଠି କଂସର ସଉଛୁକେ କରେ କାହା କଲେ ଦମ୍ୟ ।
ନାଶ ଭକ୍ତର କସ କରେ ଭଜିଲେ ତଥ୍ୟଭାବ ବିସ୍ତାରକ,
ଶୋଭି କାହା ରଣ ହତରେ ସନ୍ଦୋହ ନୃପଷ୍ଟାସ୍ତକ ।
ଶରେ ଅଗୁଣେ ବୀରବାଣ ରୁଚକ ରକ୍ଷ ଷଣ୍ଡ ଉଦ୍ଧୀର,
ତର୍କରସ କେଉଁ ପୃଷ୍ଟର ସୁଷମା ଦିବ୍ୟରୂପ କ ସ୍ଥିତିର ।

ବିମାନ ବନ୍ଧ— କର ରିଦ୍ଧି କହି ବାଣୀ ସ୍ଥିରମତେ ପ୍ରେମବନ୍ତ ପରି ତୁହି,
ତୋ ଶରଣ ମନେ ବିଭଙ୍ଗ ନ ଦିଅ ରେ ଅତି ବନସ୍ଥ ମୁହିଁ ।
ସହି ମୂକ ମୁଗ୍ଧ ଭରସା କ୍ଷମାର ମୁଁ ଟେକ ଛପ କରକ,
ସ୍ତୋକ ସ୍ତୋକ ହସ ରଖିବା ସେବାରେ ଆଳୀ ରମଣୀସାରକ ।

ଟିଳବସ୍ତ୍ର ବନ୍ଧ—ଘନସାରକେଶୀ କସ୍ତୂରୀ ଧନ ହରିସଦାମୃତ ଭାଷେ,
ଘନସାରକେଶୀ କସ୍ତୂରୀ ଧନ ହରିସଦାମୃତ ଭାଷେ ।

ଖଡ୍ଗ ବନ୍ଧ—ହରପର ଦର ହର, ହରଷର ପୁର ମୋର,
କର ବୋଧ ଶୁଦ୍ଧମନ, ଧନ ମୋ ନ ଘେନ ମାନ ।

ଚିତ୍ରକାବ୍ୟ ବନ୍ଧୋଦୟର ଭାଷା ପରିକଳ୍ପନାର ରୂପରେଖ ଅନୁରୋଧରେ ସ୍ଥାନେ ସ୍ଥାନେ କବିତାଉପଯୋଗୀ ନହୋଇଥିଲେହେଁ ସମୂହଦୃଷ୍ଟିରେ କର୍କଶ ବୋଧ ହୁଏ ନାହିଁ; ଭାଷା, ଶବ୍ଦଗଠନ ଓ ଭାବରେ କବିଙ୍କ ପାଣ୍ଡିତ୍ୟର ମୁଦ୍ରଣ ସ୍ପଷ୍ଟ ହୋଇଛି । ଯମକ, ଅନୁପ୍ରାସାଦିର ସୁଷମ ପ୍ରୟୋଗ କବିତାଗୁଡ଼ିକୁ ମନୋଜ୍ଞ କରିପାରିଛି ।

କେତୋଟି ଉଦାହରଣ—

(୧) ଚନ୍ଦ୍ରବାତ ଦ୍ୱାରଥ ରାମଚନ୍ଦ୍ର, ଇନ୍ଦ୍ର ବିପଦହାରୀ ରାଜଇନ୍ଦ୍ର । ୧ ।
ଶୀତାଂଶୁ ଶିତାମ୍ବୁଜମୁଖୀ ସୀତା, ନିତାନ୍ତ ଯାହାର ପ୍ରିୟବନିତା । ୨ ।
(୧ମ ଛାନ୍ଦ)

(୨) କୁଚତଟ ନବଘନଉଜ୍ଜ୍ୱଳ, ଲପନ ତର ଅମଳକମଳ । ୧୦ ।
ଶଶଧର ଦରପଣ ଗଞ୍ଜନ, ଅକ୍ଷ ଖଞ୍ଜନ ଗଞ୍ଜନ ରଞ୍ଜନ । ୧୧ ।
କନକ ଚମ୍ପକ ବରବରନ, ହରଷ ସବଳ ଘନଜଘନ । ୧୨ ।
(୨ୟ ଛାନ୍ଦ)

(୩) ଶୋଭାରେ ମୋହପାରେ ସେ ଶ୍ଳାକ,
ନାହିଁ ନାହିଁ ଲେକେ ତୁଳା ବାଳୀକ । ୧୬ ।
ସାଧୁ ବିଧୁମୁଖୀ କେଳନଧାମୀ, ଲୀଳାବିଳାସିନୀ ଚନ୍ଦ୍ରାନାଶିନୀ । ୧୭ ।
ଶିଶିଷାଙ୍ଗୀ ନାରୀ ସାହା ମୋହର, ମୋହନୀ ମୋତହାସ ବିଦ୍ୟୁଗୋରୀ ।୧୮।
ମୋ ପ୍ରାଣାଧିକା ସିନା ସେ ଭାବନୀ, ସ୍ନେହାଧୀନା ବୀଣାବାଣୀ କାମିନୀ ।୧୯।
(୨ୟ ଛାନ୍ଦ)

ଦ୍ୱାରବତୀପୁର ମଦନ (କୃଷ୍ଣଙ୍କ ପୁତ୍ର ପ୍ରଦ୍ୟୁମ୍ନ)ଙ୍କ ବିହାର ସ୍ଥଳ । ଏହି ମଦନରାଜଙ୍କ ରାଜ୍ୟରେ ଯୁବା ଦମ୍ପତି ବିହାର କରୁଛନ୍ତି । ସଂଯୋଗୀ,

ବିଯୋଗୀ, ମାନୀ, ଯୋଗୀନ୍ଦ୍ର ପ୍ରଭୃତିଙ୍କ ରସମସ୍ତ ଭାବ ବିନିମୟକୁ ଅବଲମ୍ବନ କରି ଗ୍ରନ୍ଥଟି ରଚିତ ହୋଇଛି ।

ସଂଯୋଗୀ ବିଯୋଗୀ ମାନୀରେ ଯେନ,
ବହୁତ ଅଛନ୍ତି ଯୋଗୀନ୍ଦ୍ର ମାନ,
କେ ବନ୍ଧବିଧାନେ ପ୍ରିୟା ମିନତି,
ସେ ସଖୀରେ କହେ ଦେବତା ସ୍ତୁତି ।
କେ ଦୂତ ଆଗେ ବିନୟ ଭାଷଇ,
କାହାକୁ ଦୂତୀ ବଚନେ ତୋଷଇ,
ଏ ବିଧି ବହୁ ଦମ୍ପତି ରଚିତ,
ବନ୍ଧବିଧାନ ରସିକ ପଣ୍ଡିତ ।

ରସିକ ଯୁବା ଦମ୍ପତିମାନଙ୍କ ବିବିଧ ରସପ୍ରସଙ୍ଗକୁ କବି କୌଶଳ ସହକାରେ ରସମସ୍ତ ପଦ ରଚନା କରିଛନ୍ତି । ପ୍ରଶ୍ନୋତ୍ତରଗୁଡ଼ିକ କୌତୁକପୂର୍ଣ୍ଣ ହୋଇଛି ।

ଏ ଅନନ୍ତରେ ଶୁଣ କନେ କଳାନିଧିମୁଖୀ,
ସ୍ଥିତି ଯେତେକ ରସିକ ନାଗର ନାଗରୀ ।
ଅନ୍ତର୍ଲିପି ବହିର୍ଲିପି ରସଯୁକ୍ତ ଗୀରେ,
କଥା ହୋଉଛନ୍ତି ଯେଉଁ ରୂପେ ପରସ୍ପରେ ।
ଅନ୍ତର୍ଲିପିରେ କେ ପୁଂସ ପରବାସେ ଥାଇ,
ବେନିକଣ୍ଠେ ଗୋପ୍ୟଭାଷା ଚିଠାଉ ଲେଖଇ ।

(ରସପଞ୍ଚକ)

ଲାବଣ୍ୟବତୀ

ବିଷୟବସ୍ତୁ—ଉପେନ୍ଦ୍ର ଭଞ୍ଜ ପ୍ରଥମେ ରାମଚନ୍ଦ୍ରଙ୍କୁ ନମସ୍କାରପୂର୍ବକ ମହାକାବ୍ୟର ରୀତି ଅନୁସାରେ ଖଳନିନ୍ଦା ଓ ସାଧୁପ୍ରଶଂସା କରି କଥାବସ୍ତୁ ଆରମ୍ଭ କରିଛନ୍ତି । ସ୍ୱକାବ୍ୟର ପ୍ରାଣ ଓ ଶରୀର କି ରୂପରେ କଳ୍ପିତ

ହୋଇଛନ୍ତି ତାହା ବ୍ୟକ୍ତ କରିଛନ୍ତି । 'ମୃଦୁଗୀତ ମୂର୍ତ୍ତିବନ୍ତ ହେବ' । ଏହି ମୃଦୁଗୀତ କାବ୍ୟରମଣୀ ବିବିଧ ଅଳଙ୍କାରରେ ମଣ୍ଡିତ ହୋଇ ଶୋଭା ପାଇବ । କାବ୍ୟର ପଦଗୁଡ଼ିକ ସରଳ ଓ ସୁଶ୍ରାବ୍ୟ ହୋଇ ମନ ମୋହିବ ଏବଂ ଅର୍ଥୀ ପଣ୍ଡିତମାନଙ୍କୁ ଆନନ୍ଦ ଦେବ । ସମଦୃଷ୍ଟି ରଖି ଲୋକହିତ ପାଇଁ କବି ଏହି ଗୀତ ରଚନା କରିବାକୁ ମନ ବଳାଇଛନ୍ତି । ବୁଝାଇ ଦେଲେ ଜଡ଼ଜନମାନେ ମଧ୍ୟ ଏହି କାବ୍ୟର ଭାବକୁ ଧରି ପାରିବେ । ଖଳମାନେ ଗଧ ଆମ୍ବଡ଼ାଳକୁ ନ ଖାଇଲା ପରି ହେବେ ।

ବୁଝାଇଲେ ଜଡ଼ଜନ ଭାବକୁ ପାଇବ,
ଖଳ ଖର ଚୂତାଙ୍କୁର ପ୍ରାୟେକ ଗ୍ରାସିବ ହେ । ୧୦ । (୧ମ ଛାନ୍ଦ)

ଏହା ପରେ କବି କଥାବସ୍ତୁର ଆରମ୍ଭ କରିଛନ୍ତି । କୈଳାସରେ ଦିନେ ଗୌରୀ ଏକାନ୍ତରେ ବସିଥିଲେ । ପଶାରଙ୍ଗରେ ରସିବାକୁ ମନହେବାରୁ ସଙ୍ଗ ପାଇଁ ମାନସରୁ ଏକ ଦିବ୍ୟ କନ୍ୟା ଅଭୂତରେ ଜାତ କଲେ । "ସୁଷମାରେ ସମରେ ତ୍ରିଲୋକରେ" ଆଉ କେହି ନାହାନ୍ତି । ଏହି ଦିବ୍ୟ କନ୍ୟା ବାଞ୍ଛାରୁ ଜାତ ହୋଇଥିବାରୁ ପାର୍ବତୀ ତାର ନାମ 'ବାଞ୍ଛାବତୀ' ଦେଲେ । ଦୁହେଁ ଖେଳି ବସିଲେ । ଏହି ସମୟରେ ଶିବଙ୍କ ଆଗମନର ସୂଚନା ମିଳିବାରୁ କାଳେ ସେ ବାଞ୍ଛାବତୀର ଅପୂର୍ବ ଶୋଭାରେ ମୋହିତ ହୋଇଯିବେ ଏବଂ ପାର୍ବତୀଙ୍କ 'ସୁଭାଗୀପଣ' ଭାଙ୍ଗିଯିବ ଏହି ଆଶଙ୍କାରେ ପାର୍ବତୀ ସେ କନ୍ୟାକୁ ଘୋର କାନନରେ ଏକ ଦିବ୍ୟପୁର ନିର୍ମାଣ କରି ସେଠାରେ ତାଙ୍କୁ ରଖିଦେଲେ । ନିୟମ କରିଦେଲେ, ଯେ ବାଞ୍ଛାବତୀ ଯେବେ ସେ ଦ୍ୱାରକୁ ଲଙ୍ଘିବ ତେବେ ତାର ପ୍ରାଣ ନାଶଯିବ ଏବଂ ଯେଉଁ ପୁରୁଷ ତାହାର କରଗ୍ରହଣ କରିବ ତାକୁ ପରଜନ୍ମରେ ପତିରୂପେ ପାଇବ ।

ଏହି ଘୋର ଅରଣ୍ୟରେ ବାଞ୍ଛାବତୀ କିଛି ବର୍ଷ ଅତିବାହିତ କରିବା ପରେ ପ୍ରଭାକର ନାମକ ଏକ କ୍ଷତ୍ରିୟ କୁମର ଦିବ୍ୟାନାରୀ ପ୍ରାପ୍ତି ଉଦ୍ଦେଶ୍ୟରେ ସେହି କାନନରେ ଶ୍ରୀକେଦାରେଶ୍ୱରଙ୍କଠାରେ ତପସ୍ୟା କରିବା ପାଇଁ ଆସିଲେ । ବାଞ୍ଛାବତୀ ଓ ପ୍ରଭାକର ଉଭୟେ ପରସ୍ପରର ଅପୂର୍ବ ଶୋଭାରେ

ମୋହିତ ହୋଇଗଲେ । ବାଞ୍ଛାବତୀଙ୍କୁ କୁମାର ଆଲିଙ୍ଗନ କରିବାକୁ ଇଚ୍ଛା ପ୍ରକାଶ କରିବାରୁ ସେ ନିଷେଧକୁ ପାଶୋରି ଦେଇ ପୁରଦ୍ୱାର ଲଙ୍ଘନ କରି ବାହାରକୁ ଆସିଗଲା । କୁମାର କୁମାରୀକୁ ଆଲିଙ୍ଗନ କରି ମୁଖରେ ଚୁମ୍ବନ ଦେଲାବେଳକୁ କୁମାରୀର ପ୍ରାଣବାୟୁ ଉଡ଼ିଗଲା । କୁମାର ବିଳାପ କରିବାରୁ ଅଶରୀରୀ ବାଣୀ ଶୁଭିଲା ଯେ "କୁମାର ଗଙ୍ଗାସାଗରସଙ୍ଗମରେ ଝାସ ଦେଲେ ପରଜନ୍ମରେ ସେ ନୃପସୁତ ହୋଇ ଜନ୍ମ ହେବ ଏବଂ କୁମାରୀକୁ ଭାର୍ଯ୍ୟାରୂପେ ପ୍ରାପ୍ତ ହେବ; କନ୍ୟାର ମୃତଦେହକୁ ଅନଳରେ ନ ଦହି ସେହିଠାରେ ଥୋଇ ଦେବ ।" କୁମାର ଦୈବବାଣୀ ଅନୁସାରେ ଗଙ୍ଗାସାଗରରେ ଝାସ ଦେଲା ଏବଂ କର୍ଣ୍ଣାଟ ଦେଶର କାଞ୍ଚି ନଗରର ରାଜା ଶଶିଶେଖରଙ୍କ ପୁତ୍ର ରୂପେ ଜନ୍ମ ହେଲା । ପିତା କୁମାରର ନାମ ଚନ୍ଦ୍ରଭାନୁ ଦେଲେ । କୁମାରର ସୁନ୍ଦରପଣକୁ ଉପମା ମିଳିଲା ନାହିଁ । ସେ ସବୁ ବିଦ୍ୟାରେ ପ୍ରବୀଣ ହେଲେ । ତାଙ୍କର ଅନ୍ତରଙ୍ଗ ଚାରି ମିତ୍ର—ମନ୍ତ୍ରୀ ପୁତ୍ର, ପୁରୋହିତ ପୁତ୍ର, ସାଧବ ପୁତ୍ର ଓ କୋଟୱାଳ ପୁତ୍ର । (୧ମ ଛାନ୍ଦ)

ଅତି ସମୃଦ୍ଧିଶାଳୀ ସିଂହଳଦେଶର ରାଜା ରତ୍ନେଶ୍ୱରଙ୍କ ପାଟମହିଷୀ ବିଦ୍ୟୁଲ୍ଲତା ଦେବୀଙ୍କ ଗର୍ଭରୁ କନ୍ଦର୍ପସମ ପଞ୍ଚପୁତ୍ର ଜାତ ହୋଇଥିଲେ ମଧ୍ୟ ଭବ୍ୟକୁମାରୀ ପ୍ରାପ୍ତ ହେବା ପାଇଁ ସେ ଚୈତ୍ରମାସ ମଙ୍ଗଳବାର ପୂଜା କରି ଗିରିଜାଙ୍କୁ ତୋଷ କଲେ । ଗିରିଜା ସନ୍ତୁଷ୍ଟ ହୋଇ ଅଗମ୍ୟ କାନନରେ ପଡ଼ିରହିଥିବା ବାଞ୍ଛାବତୀର ମୃତଶରୀରକୁ ସଂଜୀବନ କରି ସୁନ୍ଦରୀକୁ ରସାଳ ଫଳରେ ପରିଣତ କଲେ । ବିଦ୍ୟୁଲ୍ଲତାଙ୍କ ନିଦ୍ରାବସ୍ଥାରେ ତାଙ୍କ ହସ୍ତରେ ଦେବୀ ରସାଳଫଳକୁ ଥୋଇଦେଇ ଅନ୍ତର୍ଦ୍ଧାନ ହୋଇଗଲେ । ନିଦ୍ରାଭଙ୍ଗ ପରେ ରାଣୀ ହସ୍ତରେ ରସାଳଫଳକୁ ଦେଖି ଭକ୍ଷଣ କଲେ ଏବଂ ସ୍ୱାମୀଙ୍କ ସଙ୍ଗେ ରତିକେଳି କଲେ । ରାଣୀଙ୍କର ଗର୍ଭୋଦୟ ହେଲା ଏବଂ ଲାବଣ୍ୟ ପସରା କନ୍ୟାଟିଏ ଜନ୍ମ ହେଲା । ପିତାମାତା ତାକୁ ଲାବଣ୍ୟବତୀ ବୋଲି ନାମ ଦେଲେ ।

ସର୍ବମତେ ସର୍ବ ଶୋଭା ସ୍ଥାନ ବୋଲି ବାଳୀ,
ଲାବଣ୍ୟବତୀ ନାମକୁ ଦେଲେ ଭଲ ଭଲ ଯେ । ୫୭ । (୨ୟ ଛାନ୍ଦ)

ଲାବଣ୍ୟବତୀର ଯୌବନୋଦ୍‌ଗମ-ଅବସ୍ଥାର ଅପୂର୍ବ ରୂପରାଶି ଜନମନକୁ ହରଣ କଲା; ସେ 'ସୁନ୍ଦରୀ ସଂସାରରେ ଚକ୍ରବର୍ତ୍ତୀ' ବୋଲାଇଲା ପୁଣି—

ମଣି ରମଣୀମଣିକ ଶାଣ ଯଉବନ,
ବହୁମୂଲ୍ୟ ପ୍ରଭାକୁ ବଢ଼ାଇ ଦାନୁ ଧନ ଯେ । ୭୧ । (୨ୟ ଛାନ୍ଦ)

କ୍ରମେ ବନିତା ନବଯୌବନୀ ହୋଇ ଅବନୀକୁ ମଣ୍ଡିଲା, ଉପମାମାନେ ନିରନ୍ତର କାତର ହୋଇ ଚକିତ ହେଲେ; କିଏ କୁଆଡ଼େ ପଳାଇ ଗଲେ । ତାହାଠାରେ 'ସୁନ୍ଦରେ ସୁନ୍ଦର' ହୋଇଗଲେ । ଏହିପ୍ରକାରେ ସୁନ୍ଦରୀ କୃଶୋଦରୀ ମହୀକୁ ମଣ୍ଡନ କରୁଥିଲାବେଳେ ପୁଷ୍ପବତୀ ହେଲା । ପିତାମାତା ଦୁହିତା ଗୃହଯୋଗ୍ୟା ହେବାରୁ ନାନା ବିଧିବିଧାନ କଲେ । ଜ୍ୟୋତିଷକୁମାରୀ ସ୍ନେହରେ ଏକ ପଢ଼ାଶୁକକୁ ଉପହାର ମାଗିବାରୁ ଜେମା ଆନନ୍ଦରେ ଦେଲେ । ଜ୍ୟୋତିଷକୁମାରୀ କର୍ଣ୍ଣାଟ ଦେଶକୁ ଗମନ କଲା । ଏହି ଶୁକ ପୁଣି କାର୍ଯ୍ୟରେ ଆସିବ ।

ଗଲା ସେ ନାରୀ କର୍ଣ୍ଣାଟ ଦେଶକୁ ।
ଶୁକ ଆସିବ କାର୍ଯ୍ୟ ଉଦ୍ଦେଶ୍ୟକୁ । (୩ୟ ଛାନ୍ଦ)

ତେବେ ସଖୀମାନେ ସୁନ୍ଦରୀକୁ ବେଶ କରିବା ମନାସି କଲେ— "ଆମ୍ଭ ସଜନୀ ଯେ ସୁନ୍ଦରୀସାର, ନାହିଁ କି ଥିଲା ନୋହିବ ସଂସାର ।" ପୁଣି, ସେ ନବଯୌବନା । "ଆମ୍ଭ ଲୋଚନକୁ କବିବଚନକୁ ପବିତ୍ର କରିବା ବେଶେ ଯେ । ଏହା ବିଗ୍ରହ କରି ଦିବ୍ୟ ଅଲଙ୍କାରରେ ଭୂଷିତ କରିବାରୁ ଜେମାର ଶୋଭା ବର୍ଦ୍ଧିତ ହେଲା ଏବଂ ଯୁବାଜନମନକୁ ବଶ କଲା । ଜେମା 'ଅତୁଳା ଚନ୍ଦ୍ର ପିତୁଳା' ପ୍ରାୟ ଦିଶିଲେ ; ଅକ୍ଷି ପକ୍ଷ ଅଠାକାଠି ପରି ହେଲେ । (୪ର୍ଥ ଛାନ୍ଦ)

କ୍ରମେ ଅତି ମଧୁର ମଧୁଋତୁ ପ୍ରବେଶ ହେବାରୁ ନବଯୌବନା ଲାବଣ୍ୟବତୀ ସଖୀମାନଙ୍କ ସହ କ୍ରୀଡ଼ା ଉପବନରେ ନାନାବିଧ କ୍ରୀଡ଼ା କଲେ । ବିବିଧ କୁସୁମକୁ ଦେଖି ହାସ ପରିହାସରେ ବକ୍ରୋକ୍ତି କରି ଆନନ୍ଦର

ଲହରୀ ଖେଳାଇ ଦେଲେ । ସହଚରୀମାନେ ଚର୍ଚ୍ଚରୀ କରି ଜେମାଙ୍କ ସହିତ ଖେଳିଲେ । ବେଳ ତିନି ପ୍ରହର ହୋଇଯିବାରୁ ସଖୀମାନଙ୍କ ସହ ଜେମା ସରୋବରକୁ ସ୍ନାନ କରିବାକୁ ଗଲେ । (୫ମ ଛାନ୍ଦ)

ନୃପସୁତା ସୁକେଶୀ ଲାବଣ୍ୟବତୀ ସରୋବର କୂଳରେ ବକୁଳ ମୂଳର ପୀଠ ଉପରେ ବସିଲେ । ଅତ୍ୟନ୍ତ ଶୋଭା ମଣ୍ଡିତ ସରୋବରର ସ୍ୱଚ୍ଛ ଗଭୀର ସୁଶୀତଳ ଜଳରେ ସଖୀମାନଙ୍କ ସହ କୌତୁକରେ ମର୍ଦ୍ଦନ (ସ୍ନାନ) ବାଧି ସାରିଲେ । ଦିନେଶ ଅସ୍ତ ହେବାରୁ ପୁରକୁ ଫେରିଲେ । ସଖୀମାନେ ଜେମାଙ୍କୁ ପୁଣି ସୁବେଶ କଲେ । (୬ଷ୍ଠ ଛାନ୍ଦ)

ଦିନେ ମନୋହର ବସନ୍ତ ଋତୁକୁ ସ୍ମରି କର୍ଣ୍ଣାଟ ରାଜସୁତ ଚନ୍ଦ୍ରଭାନୁ ମିତ୍ରମାନଙ୍କ ସହ ଆରାମରେ ବସି ଆନନ୍ଦରେ ସମୟ ଅତିବାହିତ କରୁଥିବା-ବେଳେ ସିଂହଳ ଦେଶରୁ ଜଣେ ବୋହିତୁଆଳ ରାଜକୁମାରଙ୍କ ସହିତ ଦେଖାକଲା ଏବଂ ବହୁ ଅମୂଲ୍ୟରତ୍ନ ଓ ପଦାର୍ଥ ଉପଢୌକନ ଦେଲା-ବେଳେ କହିଲା,—ଲାବଣ୍ୟବତୀର ଜନ୍ମସ୍ଥାନ ଥିବାରୁ ସିଂହଳରେ ବା କେଉଁ ଦ୍ରବ୍ୟ ଅପୂର୍ବ ?

ଲାବଣ୍ୟବତୀର ଏହିପରି ପ୍ରଶଂସା ଶୁଣି ରାଜକୁମାର କୌତୂହଳୀ ହୋଇ ପ୍ରଶ୍ନ କରିବାରୁ ବୋହିତୁଆଳ ଜେମାଙ୍କ ଶୋଭା ବର୍ଣ୍ଣନା କରି କହିଲା, ତାଙ୍କୁ ବିଧି ନିର୍ଦ୍ଦିଷ୍ଟ ରୂପ କରି ଗଢ଼ିବାକୁ ସ୍ଥିର କରି ନଥିଲା; ସୁନ୍ଦର ରୂପଟିଏ ଗଢୁ ଗଢୁ ପୋକ ଅକ୍ଷର କାଟିଲା ପରି ଅତି ସୁନ୍ଦର ଚିତ୍ରଟିଏ ହୋଇଗଲା । ଏବେ ମଦନ ଭସ୍ମ ହେବା ଦିନଠାରୁ ଏହା ସମାନ ବର ବ୍ରହ୍ମାଣ୍ଡ ମଧ୍ୟରେ ଆଉ ନାହିଁ ।

"ତାହା ଶୋଭା କହିଲେ ସରିବ ନାହିଁ;
ପୂର୍ବେ ନ ଥିଲା ନୋହିବ ଏବେ ନାହିଁ ।"

ଜେମା ଉପଯୁକ୍ତ ବର ପାଇବା ଆଶାରେ 'ମନ ପ୍ରଧାନ ବିଭା' (ସ୍ୱୟମ୍ବର) କରିବାକୁ ସ୍ଥିର କରିଥିବା ବୋହିତୁଆଳ କହିଲା । ରାଜକୁମାର "ଉଦ୍‌ଯୋଗ କଲେ କାର୍ଯ୍ୟ ହେବ କି ?" ବୋଲି କହିବାରୁ ଶୁକ ପକ୍ଷୀ

ସେହି କଥାକୁ ପଢ଼ି ଦେଲା । ଶିଶୁ କାଳରୁ ଲାବଣ୍ୟବତୀ ଦ୍ୱାରା ପାଳିତ ହୋଇ ଥିବାରୁ ତାଙ୍କର ଅପୂର୍ବ ଶୋଭା ଦେଖିଥିବା ଶୁକ କହିଲା । ଏହା ପରେ ଜେମାପ୍ରତି କୁମାରର ଲୋଭ ଜାତ ହେଲା । ସେ ସମୟରେ ଶୁଭସୂଚକ ଶକୁନମାନ ଦର୍ଶିବାରୁ ରାଜକୁମାରଙ୍କ ମନରେ ଆଶାର ସଞ୍ଚାର ହେଲା ।
(୭ମ ଛାନ୍ଦ)

କିଶୋର ଦଶାପ୍ରାପ୍ତ କୁମାରୀର ବିବାହ ସ୍ୱୟଂବର ବିଧି ଅନୁସାରେ କରିବା ସ୍ଥିର କରି ଲାବଣ୍ୟବତୀର ଚିତ୍ରଟିଏ ଲେଖାଇବା ପାଇଁ ପିତା ବ୍ୟବସ୍ଥା କଲେ । କେହି ମାନବ ଏହି ଅପୂର୍ବ ସୁନ୍ଦରୀର ଚିତ୍ର ଅଙ୍କନ କରିବାରେ ସମର୍ଥ ନ ହେବାରୁ ଜ୍ଞାନାନନ୍ଦ ନାମକ ଏକ ସନ୍ନ୍ୟାସୀଙ୍କ ଉପରେ ଏହି ଭାର ନ୍ୟସ୍ତ କରାଗଲା । ସନ୍ନ୍ୟାସୀ ମସ୍ତୁଙ୍କ ସମୀପକୁ ଗଲେ । ସେହି ସମୟରେ ବିଧାତା ଜେମାର ସମାନ ପିତୁଳାଟିଏ ନିର୍ମାଣ କରୁଥିଲେ । ସନ୍ନ୍ୟାସୀଙ୍କ ସ୍ତୁତିରେ ବ୍ରହ୍ମା ପ୍ରୀତ ହୋଇ ସେହି ପିତୁଳାଟିକୁ ତାଙ୍କୁ ଦେଲେ । ସନ୍ନ୍ୟାସୀ ସେହି ପିତୁଳାଟିକୁ ଆଣିଲେ । ମନ୍ତ୍ରୀଙ୍କ ଆଦେଶରେ ସନ୍ନ୍ୟାସୀ ଚିତ୍ରକୁ ଧରି ବିଭିନ୍ନ ରାଜଧାନୀ ଭ୍ରମଣ କରି ରାଜକୁମାରମାନଙ୍କୁ ଦେଖାଇଲେ । କ୍ରମେ ସଂସାରରେ ରାମାର ପ୍ରଶଂସା ଖ୍ୟାତ ହେଲା । ନୃପତିସମୂହ ଉଚ୍ଛନ୍ନଚିତ୍ତ ହେଲେ । ଏମାନେ—

"ମନକୁ ପ୍ରେଷିତ କଲେ ସିଂହଳ ଦ୍ୱୀପ,
ଶୟନେ ଦେଖିଲେ ସ୍ୱପ୍ନେ ବାଳା ସ୍ୱରୂପ ।" (୮ମ ଛାନ୍ଦ)

ଗ୍ରୀଷ୍ମକାଳରେ କୁମାର ଚନ୍ଦ୍ରଭାନୁ ମିତ୍ରମାନଙ୍କ ସହି କାନନ-ପୁଷ୍କରିଣୀ ମଧ୍ୟସ୍ଥ ମଣ୍ଡପରେ ବସି ଲାବଣ୍ୟବତୀର ପ୍ରସଙ୍ଗ ପକାଇ ସନ୍ନ୍ୟାସୀ ପ୍ରଦର୍ଶିତ ଚିତ୍ରପଟକୁ ଦେଖି ଦେଖି ମୁଗ୍ଧ ହୋଇଗଲେ ଏବଂ ମୋହରେ ଲାବଣ୍ୟବତୀର ନାମ ଜପ କଲେ । ଦିନେ ଏହି ସମୟରେ ମହ୍ଲାର ଦେଶର ମଦନିକା ଯୁବରାଜ ଚନ୍ଦ୍ରଭାନୁଙ୍କୁ ଦର୍ଶନ କରିବା ପାଇଁ ଆସିଥିଲା । ତାର ଅପୂର୍ବ ରୂପ-ଲାବଣ୍ୟ ଦେଖି ସମସ୍ତେ ଧନ୍ୟ ଧନ୍ୟ କଲେ । ସନ୍ନ୍ୟାସୀ କହିଲେ, ଲାବଣ୍ୟବତୀର ଶୋଭାକୁ ଏ ଯୋଷା ତୁଳନୀୟ ନୁହେଁ । "ଏ ଯୋଷା ଯୋଗ୍ୟ ନୋହି ତା ପଦଘଷା ଉପଲ ଉପମା ହେବାକୁ ।" କୁମାର ରାମା-ରୂପ ଲୋକନରେ ବିଷୟ ବାସନା ପଛକୁ ପକାଇ ଉନ୍ମନା ହେଲେ । (୯ମ ଛାନ୍ଦ) ।

କୁମାର ଲାବଣ୍ୟବତୀର ଚିତ୍ରପଟ ଦେଖି ମୁଗ୍ଧ ହୋଇଥିବା ସନ୍ନ୍ୟାସୀ ଲକ୍ଷ୍ୟ କଲେ ଏବଂ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରି ଚନ୍ଦ୍ରଭାନୁ କୁମାର ସର୍ବଗୁଣରେ ଉପଯୁକ୍ତ ବର ଥିବା ମତ ଦେଲେ । ଚନ୍ଦ୍ରଭାନୁର ମନ କୁମା ପ୍ରତି ଉଚାଟ ହୋଇଥିଲା, ଏହା ସିଂହଳ ରାଜା ରତ୍ନେଶ୍ୱର ଜାଣି ପାରି ସେ ଉପଯୁକ୍ତ ପାତ୍ର ଥିବାରୁ ତାଙ୍କ ସହିତ କୁମାର ବିବାହ ଦେବା ମନେ ମନେ ସ୍ଥିର କଲେ । ଚନ୍ଦ୍ରଭାନୁଙ୍କୁ ସ୍ୱ ରାଜ୍ୟକୁ ଆଣିବା ପାଇଁ ଉପାୟ ପାଞ୍ଚିଲେ । କନ୍ୟା ଯାଚିବା ନ ଦିଶିଲା ପରି ଉପାୟ କଲେ । ଏକ ଘୋଷର ଆୟୋଜନ କରି ଦୂତ ପେଷି ତାଙ୍କୁ ଆଣିବା ବ୍ୟବସ୍ଥା କଲେ । ଯାତ୍ରାଗୋଳ ହେଲା ।

(୧୦ମ ଛାନ୍ଦ)

ଲାବଣ୍ୟବତୀ ସନ୍ନ୍ୟାସୀଙ୍କଠାରୁ ଚନ୍ଦ୍ରଭାନୁର ପ୍ରଶଂସା ଶୁଣି ତାଙ୍କ ପ୍ରତି ଅନୁରକ୍ତା ହେଲେ ଏବଂ ଏହି ବରକୁ ଲାଭ କରିବା ନିମନ୍ତେ ହରପାର୍ବତୀଙ୍କୁ ପୂଜା କଲେ । ହରପାର୍ବତୀ ସନ୍ତୁଷ୍ଟ ହୋଇ ରାତ୍ରିରେ ଏକ ଯୋଗିନୀକୁ ପ୍ରେରଣ କରି ଚନ୍ଦ୍ରଭାନୁଙ୍କୁ ସ୍ୱ ଅଲୌକିକ ଶକ୍ତି ବଳରେ ଗୋପନରେ କୁମାର ପୁରକୁ ଆଣି ତାଙ୍କ ପାଖରେ ଛାଡ଼ିଦେଲେ । କୁମା ଓ ରାଜକୁମାର ଉଭୟେ ରସମୟ ଆଳାପରେ ମଗ୍ନ ହେଲେ । କୁମାର କୁମାରୀକୁ ଆଲିଙ୍ଗନ କରି ମୁଖରେ ଚୁମ୍ବନ ଦେବା ବେଳେ କୁମାରୀର ଅଙ୍ଗୁଷ୍ଠିରେ କୁମାର ମୁଦ୍ରିକା ପିନ୍ଧାଇ ଦେଲେ ଏବଂ କୁମାରୀ ନିଜ ଗଳାର ମୋତିମାଳାଟି କୁମାରଙ୍କ ଗଳାରେ ଲମ୍ବାଇ ଦେଲେ । ଉଭୟେ ଏହିପରି ଭାବରେ ପରସ୍ପରକୁ ବରଣ କରିନେଲେ ଓ ଉଭୟେ ଏକତ୍ର ନିଦ୍ରାଗଲେ । ସେ ସମୟକୁ ଚନ୍ଦ୍ରମା ଅସ୍ତ ହେଉଥିଲେ । କୁମାରର ସ୍ୱରୂପ ପ୍ରତିମାଟିଏ ବାଡ଼ରେ ଲେଖିଲେ । ଦେବୀ ମାୟା ହରଣ କରି କୁମାରକୁ ତାଙ୍କର ନିଜ ପୁରକୁ ନେଇଗଲେ ।

(୧୧ଶ ଛାନ୍ଦ)

ରାତ୍ରି ଅବସାନରେ ନିଦ୍ରା ଭାଙ୍ଗିଯିବାରୁ କୁମା କୁମାରକୁ ପାଖରେ ନଥିବା ଦେଖି ବିକଳହୋଇ ବିଳାପ କଲେ । ସଖୀମାନେ ତାଙ୍କ ଅଙ୍ଗରେ କ୍ଷତଚିହ୍ନ ଓ ଅଙ୍ଗୁଷ୍ଠିରେ ମୁଦ୍ରିକା ଦେଖି ଗୋପନରେ କୌଣସି କୁମାର ସହିତ କୁମା ପ୍ରଣୟରେ ଆବଦ୍ଧ ହୋଇଥିବା ଅନୁମାନ କଲେ ।

କେମା ବିରହ ଜ୍ୱରରେ ପୀଡ଼ିତ ହୋଇଥିବା ରାଜବୈଦ୍ୟ ଦେଖିଲେ ଏବଂ କେମାଙ୍କର କାମଜ୍ୱର ହୋଇଥିବା ଇଙ୍ଗିତରେ ଜଣାଇଦେଲେ । ଏହି ସମୟରେ ମାଳିନୀ ଚତୁର ଫୁଲ ଶୃଙ୍ଗାର ଧରି ପ୍ରବେଶ ହେଲା ।
(୧୨ଶ ଛାନ୍ଦ)

କେମାଙ୍କ ନିର୍ଦ୍ଦେଶରେ ସେ ଶିବପାର୍ବତୀଙ୍କୁ ପୁଷ୍ପ ଦେଇ ସନ୍ତୁଷ୍ଟ କରିଥିଲା । ଚନ୍ଦ୍ରଭାନୁ ସହିତ କେମାର ମିଳନର ବ୍ୟବସ୍ଥା ପ୍ରସଙ୍ଗ ହରପାର୍ବତୀ ମାଳିନୀକୁ ପୂର୍ବ ରାତ୍ରିରେ ସ୍ୱପ୍ନରେ କହିଥିବା ମାଳିନୀ ପ୍ରକାଶ କରିବାରୁ କେମା ଆଶ୍ୱସ୍ତ ହେଲେ ଏବଂ ଚନ୍ଦ୍ରଭାନୁଙ୍କୁ ନ ପାଇଲେ ପ୍ରାଣତ୍ୟାଗ କରିବେ ବୋଲି ପ୍ରତିଜ୍ଞା କଲେ । (୧୩ଶ ଛାନ୍ଦ)

ଏଣେ କୁମାର ପୁରଚତ୍ୱରେ ଶୋଇଥିଲେ । ନିଦ୍ରା ଭାଙ୍ଗିଯିବାରୁ "ନାହିଁ ଯାମିନୀ ନାହିଁ କାମିନୀ" ଦେଖି କାତର ହେଲେ । କୁମାରୀଙ୍କୁ ସ୍ମରଣ କରି ସେ ବିରହରେ ବିଳାପ କଲେ ଏବଂ ଅଧୈର୍ଯ୍ୟ ହୋଇ ପ୍ରାଣ ତ୍ୟାଗ କରିବାକୁ ସଂକଳ୍ପ କଲେ । ମିତ୍ରମାନଙ୍କ ସଦୁପଦେଶ ଓ ଆଶାର ବାଣୀ ତାଙ୍କୁ ଶାନ୍ତ କଲା । (୧୪ଶ ଛାନ୍ଦ)

ଏହି ସମୟରେ କର୍ଣ୍ଣାଟ ଦେଶରୁ ଜଣେ ଐନ୍ଦ୍ରଜାଲିକ ନିଜ ନଟୀ, ଶିଷ୍ୟ, ପ୍ରଶିଷ୍ୟ ଓ ସାପପେଡ଼ି ଧରି ସିଂହଳରେ ଉପସ୍ଥିତ ହେଲା । ରାଜ ପ୍ରାସାଦରେ ସେ ଇନ୍ଦ୍ରଜାଲ କୌତୁକ ଦେଖାଇବାବେଳେ ରାମାୟଣ ଚରିତକୁ ମଧ୍ୟ ମାୟାରେ ଦେଖାଇଲା । ରାମ ସୀତାଙ୍କ ଅଭିଷେକ ରୂପ ଦେଖାଇଲାବେଳେ ଲାବଣ୍ୟବତୀଙ୍କୁ ସ୍ୱ ପ୍ରଣୟୀର ରୂପ ଦେଖିଲା ପରି ଲାଗିଲା । ରାମଙ୍କ ଆଗରେ ଚନ୍ଦ୍ରଭାନୁ ଦଣ୍ଡାୟମାନ ହୋଇଥିଲା ପରି ତାଙ୍କୁ ଜଣାଗଲା । କୁହୁକ କୁଶଳର ମାୟାରେ ଲାବଣ୍ୟବତୀ ସ୍ୱ ପ୍ରେମିକ ସହିତ ପ୍ରେମାଳାପ କରୁଥିଲା ପରି ଅନୁଭବ କଲେ । ପ୍ରଣୟୀ ଯୁଗଳଙ୍କ ପ୍ରେମାଳାପ ପ୍ରଣୟିନୀକୁ ସତ୍ୟବତ୍ ପ୍ରତୀୟମାନ ହେଲା । ପ୍ରେମାଲିଙ୍ଗନର ଚିତ୍ର କେମାର ମାନସପଟରେ ଦୃଶ୍ୟ ହେଉଥିଲାବେଳେ କୁହୁକକୁଶଳୀ ଐନ୍ଦ୍ରଜାଲିକ ମାୟାକୁ ହରଣ କରିନେଲେ । ଐନ୍ଦ୍ରଜାଲିକ କର୍ଣ୍ଣାଟକୁ ପ୍ରତ୍ୟାବର୍ତ୍ତନ କରି 'ଦୁର୍ଲ୍ଲଭକନ୍ୟା

ଲାବଣ୍ୟବତୀ କୁମାର ପ୍ରତି ବଶଥିବାର ଜଣାଇବାରୁ କୁମାର ସୁକୃତ ଫଳିଲା ବୋଲି ବିଶେଷ ଆନନ୍ଦିତ ହେଲେ । (୧୫ଶ ଛାନ୍ଦ) ।

ଐନ୍ଦ୍ରଜାଲିକ ମୁଖରୁ କୁମାରୀ ବଶ ହୋଇଥିବା ଶୁଣି କୁମାର ମନ ଆନନ୍ଦରେ ମିତ୍ରମାନଙ୍କ ଆଗରେ ପ୍ରିୟାର ଶୋଭା ଅନୁରାଗ ବର୍ଣ୍ଣନା କଲା । (୧୬ଶ ଛାନ୍ଦ)

ଏଣେ ବୋହିତୁଆଳ ସାଧବ ରତ୍ନାକର, ଶୁକ ଓ ବ୍ରହ୍ମସ୍ୱାମୀଙ୍କ ସଙ୍ଗରେ ଘେନି ସିଂହଳକୁ ଫେରିଲା । କର୍ଣ୍ଣାଟ ରାଜକୁମାର ଚନ୍ଦ୍ରଭାନୁ ଲାବଣ୍ୟବତୀର ଶୋଭା ଶୁଣିବା ଦିନରୁ ତାହାଠାରେ ମୁଗ୍ଧ ହୋଇଛି ଏବଂ ଉପଯୁକ୍ତ ବରପାତ୍ର ଥିବାରୁ ତାହାକୁ ରାଜକେମା ସହିତ ବିବାହ କରାଇଲେ ଉତ୍ତମ ହେବ, ଏହି ପ୍ରସ୍ତାବ ସମ୍ବନ୍ଧରେ କେମାର ମନୋଭାବ ଜାଣିବାକୁ ନିଜ ଭଗିନୀ ମେଘମାଳାକୁ କେମା ନିକଟକୁ ପଠାଇବା ସ୍ଥିର କଲା । ପୁଣି ବ୍ରହ୍ମସ୍ୱାମୀଙ୍କ ସହିତ ଏ ସମ୍ବନ୍ଧରେ ଆଲୋଚନା କରି ଶୁକକୁ ମେଘମାଳା ହାତରେ ଦେଇ ରାଜନଅରକୁ ପଠାଇ ଦେଲା । ବାଳା ପ୍ରିୟର ବିରହରେ କ୍ଷୀଣାବସ୍ଥାକୁ ଭଜିଥିଲା । ଶୁକଠାରୁ କୁମାର ତାହାପ୍ରତି ଅନୁରାଗ ଥିବା ଜାଣି ଅତ୍ୟନ୍ତ ସୁଖୀ ହେଲା । ପ୍ରେମିକା ଆଗେ ପ୍ରେମପତ୍ର ଦେବା ମର୍ଯ୍ୟାଦାହାନିକର ଭାବି ଚନ୍ଦ୍ରଭାନୁଠାରୁ ପ୍ରେମପତ୍ର ଆଣିବା ପାଇଁ ଗୋପନରେ ବ୍ରହ୍ମସ୍ୱାମୀ କର୍ଣ୍ଣାଟ ରାଜଧାନୀ ବିଦ୍ୟାନଗରକୁ ଗଲେ । (୧୭ଶ ଛାନ୍ଦ)

ବ୍ରହ୍ମସ୍ୱାମୀ ବିଦ୍ୟାନଗରକୁ ଯାଇ ଚନ୍ଦ୍ରଭାନୁ ସଙ୍ଗେ ଦେଖା କଲେ । ସେତେବେଳେ ଚନ୍ଦ୍ରଭାନୁ ଲାବଣ୍ୟବତୀର ଶୋଭା ମିତ୍ରମାନଙ୍କ ଆଗରେ ବର୍ଣ୍ଣନା କରି ବିରହରେ କାତର ହେଉଥିଲେ । ସେ କେମା ପ୍ରତି ଅନୁରାଗୀ ଓ ଉତ୍କଣ୍ଠିତ ଥିବାର ଜାଣି ତାହାଙ୍କୁ କେମାଙ୍କଠାକୁ ଚିଠି ଦେବାକୁ ବ୍ରହ୍ମସ୍ୱାମୀ କହିଲେ । ଚନ୍ଦ୍ରଭାନୁର ଚିଠିକୁ କଣ୍ଠରେ ରଖି ବ୍ରହ୍ମସ୍ୱାମୀ ସିଂହଳକୁ ପ୍ରତ୍ୟାବର୍ତ୍ତନ କଲେ ଏବଂ ଚକ୍ଷୁବନ୍ଧନ ବିଦ୍ୟା ପ୍ରୟୋଗ କରି ନାରୀ ବେଶରେ ରାଜନଅରରେ ପ୍ରବେଶ କରି ଲାବଣ୍ୟବତୀଙ୍କୁ ଚିଠାଉ ଦେଲେ । (୧୮ଶ ଛାନ୍ଦ)

ଲାବଣ୍ୟବତୀ ଚନ୍ଦ୍ରଭାନୁର ପ୍ରେମାନୁନୟ ପତ୍ର ପାଠ କରି ଅତ୍ୟନ୍ତ ଆନନ୍ଦିତ ହେଲେ ଏବଂ ବ୍ରହ୍ମଗୁପ୍ତଙ୍କୁ ଶୁକ ଓ ଚିଠି ସହ କର୍ଣ୍ଣାଟକୁ ପଠାଇବାକୁ ସ୍ଥିର କଲେ । (୧୯ଶ ଛାନ୍ଦ)

ଲବଣ୍ୟବତୀ ରସପୂର୍ଣ୍ଣ ଉତ୍ତର ଲେଖି ବ୍ରହ୍ମଗୁପ୍ତଙ୍କ ହାତରେ ଦେଲେ । ଶିବରାତ୍ରି ଦିନ ରାମେଶ୍ୱରଙ୍କଠାରେ ମେଳା ବସିବା ଅବସରରେ ଦୁହିଁଙ୍କ ଭେଟ ହେବା ସୂଚନା ଚିଠିରେ ଥିଲା । ବ୍ରହ୍ମଗୁପ୍ତ ଶୁକକୁ ଧରି କର୍ଣ୍ଣାଟକୁ ପ୍ରସ୍ଥାନ କଲେ । (୨୦ଶ ଛାନ୍ଦ)

ବର୍ଷାଋତୁ ଆସିବାରୁ ଚନ୍ଦ୍ରଭାନୁ ବିରହରେ କାତର ହୋଇ କନ୍ଦର୍ପ ପୀଡ଼ାରେ ବ୍ୟଥିତ ହେଲେ । ଦିନେ ସେ ବିରହରେ ମୂର୍ଚ୍ଛା ହୋଇଯିବାରୁ ସଖାମାନେ ଚେତା କରାଇଲେ । ଏହି ସମୟରେ ଶୁକ ଓ ବ୍ରହ୍ମଗୁପ୍ତ ତାଙ୍କ ନିକଟରେ ଉପସ୍ଥିତ ହୋଇ ଲାବଣ୍ୟବତୀର ଚିଟାଉ ଦେଲେ । କୁମାର ଚିଟାଉ ପାଠକରି କୁମାରୀର ଉଚ୍ଚ ପ୍ରଶଂସା କଲେ ଏବଂ ଚିଠିରେ ଶିବରାତ୍ରି ବେଳକୁ ସିଂହଳ ଯିବା ପାଇଁ ନେମ ଲେଖିଥିବା ଜାଣିଲେ । ଶୁକ ଓ ବ୍ରହ୍ମଗୁପ୍ତଙ୍କଠାରୁ ଲାବଣ୍ୟବତୀ କଥା ବାରମ୍ବାର ଶୁଣିବାରୁ ତାଙ୍କ ମନ ଉଚ୍ଛନ୍ନ ହେଲା; ବିରହ ବ୍ୟଥା ବୃଦ୍ଧି ପାଇଲା । (୨୧ଶ ଛାନ୍ଦ)

ଏହି ବର୍ଷାଋତୁରେ ଲବଣ୍ୟବତୀ ବିରହ ବ୍ୟଥାରେ କାତର ହେଲେ । ଶରତ, ହେମନ୍ତ, ଶିଶିର ଋତୁ କଟିଗଲା । (୨୨ଶ ଛାନ୍ଦ)

କ୍ରମେ ବସନ୍ତ ଋତୁ ଆଗତ ହେଲା । ରାମେଶ୍ୱରଠାରେ ଶିବରାତ୍ରି ଉତ୍ସବ ଦେଖିବା ପାଇଁ ପିତା ଅନୁମତି ଦେବାରୁ ମିତ୍ର, ସେବକ, ସୈନ୍ୟ-ସାମନ୍ତ ସହିତ ଯୁବରାଜ ଚନ୍ଦ୍ରଭାନୁ ଶୁଭଦିନରେ ଯାତ୍ରା କଲେ । ବହୁଦିନ ପରେ କିଷ୍କିନ୍ଧ୍ୟାପୁର ପ୍ରଦେଶରେ ପ୍ରବେଶ ହେଲେ । (୨୩ଶ ଛାନ୍ଦ)

କୁମାର କିଷ୍କିନ୍ଧ୍ୟା ବନରେ ମୃଗୟା କରି ସେଠାରୁ ରାମେଶ୍ୱରକୁ ଗମନ କଲେ । ଫଗୁଣ ମାସ ପ୍ରବେଶ ହେବାରୁ ସିଂହଳରାଜ ସପରିବାର ରାମେଶ୍ୱରକୁ ବୋଇତରେ ଗଲେ । ରାମେଶ୍ୱରରେ ଚନ୍ଦ୍ରଭାନୁ ମଧ୍ୟ ଉପସ୍ଥିତ ହେଲେ । ଦେବାଳୟରେ ଚନ୍ଦ୍ରଭାନୁ ହସ୍ତରେ ଲବଣ୍ୟବତୀର ଚିଠି ଚେଟୀ ଦେଇ ଆସିଲା । (୨୪ଶ ଛାନ୍ଦ)

ରାମେଶ୍ୱର ଦେବାଳୟରେ ନାୟକଙ୍କ ସହିତ ନାୟିକାର ଭେଟ ହେବା ସ୍ଥିର କରି ନାୟିକା ନାୟକଠାକୁ ଛାଡି ଦେଲେ; ନାୟକ ସ୍ତ୍ରୀ ବେଶରେ ମନ୍ଦିରକୁ ଯିବେ, ସେଠାରେ ଉଭୟଙ୍କର ଦେଖା ସାକ୍ଷାତ ହେବ । (୧୫ଶ ଛାନ୍ଦ) ।

ନିଜ ସଙ୍ଗରେ ଆସିଥିବା ସ୍ତ୍ରୀମାନେ ଦେବାଳୟକୁ ଯିବାପାଇଁ ଅନୁମତି ଚନ୍ଦ୍ରଭାନୁ ସିଂହଳ ରାଜାଙ୍କଠାରୁ ଆଗରୁ ଆଣିଲେ । ଚନ୍ଦ୍ରଭାନୁ ସ୍ତ୍ରୀ ବେଶରେ ମନ୍ଦିରରେ ପ୍ରବେଶ କଲେ । ଲାବଣ୍ୟବତୀ ପିତାଙ୍କ ଅନୁମତି କ୍ରମେ ଦେବାଳୟକୁ ଗଲେ । (୧୬ଶ ଛାନ୍ଦ)

ଦେବାଳୟରେ ନାୟକ ଓ ନାୟିକାଙ୍କ ଭେଟ ହେଲା । ଉଭୟେ ପରସ୍ପରକୁ ପ୍ରଣୟର ସଙ୍କେତ ଦେଲେ । (୧୭ ଛାନ୍ଦ)

କର୍ଣ୍ଣାଟ ରାଜକୁମାର ସହିତ ଜେମାଙ୍କ ବିବାହ ପ୍ରସଙ୍ଗ ଉତ୍ଥାପନ କରିବାକୁ ସିଂହଳ ରାଜା ସ୍ଥିର କଲେ; କିନ୍ତୁ କନ୍ୟା ଯାଚିବା ଅସମ୍ମାନଜନକ ଥିବାରୁ ରାଜକୁମାରଙ୍କ ମନୋଭାବ ଜାଣିବା ନିମନ୍ତେ ପୁରୋହିତଙ୍କୁ ପଠାଇଲେ । ରାଜକୁମାରଙ୍କ ମନରେ ସନ୍ତୋଷ ଜାତ କରାଇ ତାଙ୍କୁ ସମ୍ମତ କରାଇବା ପାଇଁ ପୁରୋହିତ ବହୁବିଧ 'ପାଠ' (ବିଦ୍ୟା) ଶୁଣାଇଲେ । ପୁରୋହିତ କାମଶାସ୍ତ୍ର ରସ ମଧ୍ୟ ଉତ୍ଥାପନ କରି କାମିନୀ ବର୍ଣ୍ଣନା ଅତିଶୟ କରି, କୁମାରର ମନକୁ ମୋହିଲେ । ପୁରୋହିତ କୌଶଳରେ ପ୍ରସ୍ତାବ କରି ଯୁବରାଜ ଅବିବାହିତ ଥିବା ମଧ୍ୟ ଜାଣିଲେ । କୁମାରର ମିତ୍ର ଲାବଣ୍ୟବତୀ ସହିତ କୁମାରର ବିବାହ ପ୍ରସଙ୍ଗ ପକାଇବା ପାଇଁ ପୁରୋହିତଙ୍କୁ ଅନୁରୋଧ କଲେ । ପୁରୋହିତ ସଙ୍ଗରେ କୁମାରର ମିତ୍ର ଚିତ୍ରଧ୍ୱଜ ସିଂହଳ ରାଜାଙ୍କ ନିକଟକୁ ଯାଇ ପ୍ରସ୍ତାବ ଉତ୍ଥାପନ କରନ୍ତେ ରାଜା ସମ୍ମତ ହେଲେ । ଜାତକ ମେଳକ ହେବାରୁ ଚଂଦ୍ରଭାନୁଙ୍କୁ ଏହା ଜଣାଇ ଦିଆଗଲା । ନାୟକ ଓ ନାୟିକା ଉଭୟେ ବିରହରେ ଉତ୍କଣ୍ଠିତ ହେଲେ । (୧୮ଶ ଛାନ୍ଦ)

ଲାବଣ୍ୟବତୀ ପିତାଙ୍କ ସହ ସିଂହଳକୁ ଫେରି ଆସିଲେ ଏବଂ ଚନ୍ଦ୍ରଭାନୁ ସହିତ ବିବାହ ସ୍ଥିର ହୋଇଥିବା ଶୁଣି ଆନନ୍ଦିତ ହେଲେ । ମାତାମହୀଙ୍କ

ଜରତା ଦାସୀଙ୍କ ସଙ୍ଗରେ ଲାବଣ୍ୟବତୀର ସଖୀମାନେ ସୁନ୍ଦର ରସାଳାପ କଲେ । (୨୯ଶ ଛାନ୍ଦ)

ଲାବଣ୍ୟବତୀ ସହିତ ଚନ୍ଦ୍ରଭାନୁର ବିଧିବିଧାନ ସହ ଆଡ଼ମ୍ବରରେ ବିବାହ ହେଲା । ସଖୀମାନେ କେଳିପୁରକୁ ସଜାଇଲେ । (୩୦ଶ ଛାନ୍ଦ)

ନବଦମ୍ପତିଙ୍କର ମିଳନପୂର୍ବରୁ ଉତ୍କଣ୍ଠା ପ୍ରକାଶ ପାଇଲା । କେଳିପୁର ବିବିଧ ମଣ୍ଡଣି ଓ ରସୋପଯୋଗୀ ଚିତ୍ରରେ ଭୂଷିତ ହେଲା । (୩୧ଶ ଛାନ୍ଦ)

ଲାବଣ୍ୟବତୀଙ୍କୁ ସଖୀମାନେ ସୁରମ୍ୟ ବେଶରେ ସଜାଇ ହାସ-ପରିହାସପୂର୍ଣ୍ଣ ଆଳାପ ଭିତରେ କେଳିପୁରରେ ବର ସମୀପରେ ଛାଡ଼ିଦେଇ ଆସିଲେ । (୩୨ଶ ଛାନ୍ଦ)

ସ୍ୱାମୀ ଓ ସ୍ତ୍ରୀ ସମ୍ଭୋଗରେ ମାତି ସୁଖରେ ରାତ୍ରି ଯାପନ କଲେ । (୩୩ଶ ଛାନ୍ଦ)

କେଳିପୁରରୁ ବାହୁଡ଼ି ଆସିବା ବେଳେ ଲାବଣ୍ୟବତୀଙ୍କୁ ସଖୀମାନଙ୍କର ପରିହାସ । (୩୪ଶ ଛାନ୍ଦ)

ଅଷ୍ଟମଙ୍ଗଳା ଦିନ ଚନ୍ଦ୍ରଭାନୁଙ୍କର ଅନ୍ୟ ତିନିମିତ୍ର ମଧ୍ୟ ଲାବଣ୍ୟବତୀର ତିନି ସଖୀଙ୍କୁ ବିବାହ କଲେ । ଚନ୍ଦ୍ରଭାନୁ ଓ ତାଙ୍କ ମିତ୍ରମାନେ ସିଂହଳରେ କିଛିଦିନ ସୁଖରେ ଅତିବାହିତ କରି କନ୍ୟାମାନଙ୍କ ସହ ବୋଇତରେ ବସି ସ୍ୱଦେଶକୁ ଫେରିଲେ । ଏ ଭିତରେ ନାରଦଙ୍କଠାରୁ ଲାବଣ୍ୟବତୀର ଅପୂର୍ବ ଶୋଭା ବିଷୟ ଅବଗତ ହୋଇ ଇନ୍ଦ୍ରାଦି ଦେବତାମାନେ ଈର୍ଷାନ୍ୱିତ ହୋଇ ଶାପ ଦେଲେ । ନଳଦମୟନ୍ତୀ ତୁଲ୍ୟ ଚନ୍ଦ୍ରଭାନୁ ଓ ଲାବଣ୍ୟବତୀଙ୍କର କିଛିଦିନ ବିଚ୍ଛେଦ ହେବ ଏବଂ ପରେ ସେମାନେ ବିପୁଳ ସୁଖସମ୍ପଦ ଭୋଗ କରିବେ । ସିନ୍ଧୁଦେଶର ନିଶ୍ୱାସଉଦ୍‌ଭବା ଚଣ୍ଡୀଙ୍କ ଦ୍ୱାରା ଦେବତାମାନେ ବିଚ୍ଛେଦ ଘଟାଇବାକୁ ସ୍ଥିର କଲେ । (୩୫ଶ ଛାନ୍ଦ)

ନବଦମ୍ପତି କୌତୁକରେ ଦିନାତିପାତ କରିବାକୁ ଲାଗିଲେ । ଲାବଣ୍ୟବତୀ ମାନଭଞ୍ଜନ କଲେ । ଉଭୟେ କେଳି କରି ଆନନ୍ଦ ଉପଭୋଗ କଲେ । ଚନ୍ଦ୍ରଭାନୁ କେବେହେଲେ ଲାବଣ୍ୟବତୀଙ୍କୁ ପ୍ରବାସ କରି ବିଚ୍ଛେଦ ଦୁଃଖ ଦେବେ ନାହିଁ ବୋଲି ପ୍ରତିଜ୍ଞା କଲେ । (୩୬ଶ-୩୮ ଛାନ୍ଦ)

ଏହି ସମୟରେ ଅସୁରମାନେ ସଂସପ୍ତକମାନଙ୍କ ସହିତ ଯୋଗ ଦେଇ ଋଷିମାନଙ୍କ ଯାଗ ନଷ୍ଟ କଲେ । କେବଳ ଚନ୍ଦ୍ରଭାନୁଙ୍କ ଦ୍ୱାରା ଦୁଷ୍ଟ ନିବାରଣ ସମ୍ଭବ ବୋଲି ଋଷିମାନେ ଭାବିଲେ । ସର୍ବଜ୍ଞ ଋଷିମାନେ ଦେବତାମାନଙ୍କ ଶାପକୁ ସ୍ମରଣ କରି ସିନ୍ଧୁଦେଶର ନିବାସିକା ଚଣ୍ଡୀଙ୍କ ସାହାଯ୍ୟ ନେଲେ । ବସନ୍ତ ଋତୁରେ କାବେରୀ କୂଳରେ ଚନ୍ଦ୍ରଭାନୁ ଓ ଲବଣ୍ୟବତୀ ବନ ବିଳାସରେ ଲିପ୍ତ ଥିବା ଅବସରରେ ହଠାତ୍ ଚଣ୍ଡୀଙ୍କ ଆଦେଶରେ ପ୍ରଚଣ୍ଡ ପବନ ବହିବାରୁ ମିତ୍ରମାନଙ୍କ ସହ କୁମାର ଲବଣ୍ୟବତୀ ଓ ତାର ସଖୀମାନଙ୍କଠାରୁ ବିଚ୍ଛିନ୍ନ ହେଲେ । ପବନ ଏମାନଙ୍କୁ ବୋହି ନେଇ ଏଲାବୃତ୍ତ ବନରେ ରଖିଲା । ଏ ଦୁର୍ବିପାକରେ କର୍ଣ୍ଣାଟ ରାଜା ଚିନ୍ତିତ ହୋଇ ସ୍ୱ ଇଷ୍ଟଦେବୀଙ୍କୁ ପୂଜା କରିବାରୁ ଦେବୀ ପ୍ରସନ୍ନ ହୋଇ ଦେବତାମାନଙ୍କ ଶାପ ପ୍ରସଙ୍ଗ ରାଜାଙ୍କୁ କହିଲେ । ରାଜା ସନ୍ତୁଷ୍ଟ ହେଲେ । ପ୍ରବଳ ପବନ ଶାନ୍ତ ହେବାରୁ ଚନ୍ଦ୍ରଭାନୁ ପ୍ରିୟାଙ୍କୁ ନ ଦେଖି ବିକଳ ହେଲେ । ଏ ସମୟରେ ନାରଦଙ୍କର ଶୂନ୍ୟବାଣୀ ହେଲା, "ଏକ ସମ୍ବତ୍ସର ବିଚ୍ଛେଦ ହେବ, ପୁଣି ବାଳା ସଙ୍ଗେ ମିଳିତ ହେବ, ଏହା ଦେବତାମାନଙ୍କ ଶାପ ।" ଏହାପରେ ଚନ୍ଦ୍ରଭାନୁ ଓ ତାଙ୍କ ମିତ୍ରମାନଙ୍କୁ ଗନ୍ଧର୍ବ ଓ କିନ୍ନରମାନେ ଦେଖି ମନରେ ଆଶଙ୍କା କଲେ । ଏମାନଙ୍କର ମାଧୁରୀ ଦେଖିଲେ, ସେମାନଙ୍କ ମନୋହାରୀମାନେ ଭ୍ରଷ୍ଟ ହୋଇଯିବେ । ଏ ବିପଦରୁ ରକ୍ଷା ପାଇବା ପାଇଁ ଚନ୍ଦ୍ରଭାନୁଙ୍କୁ ମୂଲ୍ୟବାନ ପ୍ରସ୍ତର ଗୁମ୍ଫାରେ ଲୁଚାଇ ରଖିଲେ । (୩୯ଶ ଛାନ୍ଦ)

ଗ୍ରୀଷ୍ମ, ବର୍ଷା, ଶରତ, ହେମନ୍ତ, ଶିଶିର ଓ ବସନ୍ତ ଋତୁରେ ବିରହ ବର୍ଣ୍ଣିତ । (୪୦ଶ—୪୪ଶ ଛାନ୍ଦ)

ଉତ୍ତର କୁରୁରେ ଅସ୍ତ୍ରପ ଓ ସଂସପ୍ତକମାନଙ୍କ ଭୟରୁ ରକ୍ଷା କରିବା ପାଇଁ କୋଟି କଣ୍ଠରେ ଲୋକେ ଚନ୍ଦ୍ରଭାନୁଙ୍କୁ ଡାକ ଦେଲେ । ଅଦ୍‌ଭୁତରେ ବିବିଧ ଆୟୁଧରେ ସଜ୍ଜିତ ଏକ ରଥ ଆସି ଚନ୍ଦ୍ରଭାନୁଙ୍କ ନିକଟରେ ଉପସ୍ଥିତ ହେଲା । ଏଥିରେ ବସି ଚନ୍ଦ୍ରଭାନୁ ଭୀଷଣ ଯୁଦ୍ଧରେ ଦୁଷ୍ଟ ସଂହାର କଲେ । ଦେବତା-ମାନେ ପ୍ରସନ୍ନ ହୋଇ ଚନ୍ଦ୍ରଭାନୁଙ୍କୁ ଶାପରୁ ମୁକ୍ତ କଲେ । କୁମାର ଅଦ୍‌ଭୁତ ରଥରେ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କଲେ । (୪୫ଶ ଛାନ୍ଦ)

ଚନ୍ଦ୍ରଭାନୁଙ୍କ ବିରହରେ ଲାବଣ୍ୟବତୀ ଅତି ଦୁଃଖ ପାଇ ମୃତ-ପ୍ରାୟ ହୋଇ ଯାଇଥିଲେ । ଚନ୍ଦ୍ରଭାନୁଙ୍କୁ ଦେଖି ତାଙ୍କ ଦୁଃଖ ନାଶ ହେଲା ।

(୪୬ଶ ଛାନ୍ଦ)

ଦମ୍ପତିଙ୍କ ପ୍ରେମ । ଚଂନ୍ଦ୍ରଭାନୁଙ୍କ କୀର୍ତ୍ତି ଚତୁର୍ଦ୍ଦିଗରେ ପ୍ରଚାର ଲାଭ କରିବାରୁ ଶତ୍ରୁ ରାଜାମାନେ ଭୟ କଲେ ଏବଂ ମିତ୍ରମାନେ ଆନନ୍ଦିତ ହେଲେ । (୪୭ଶ ଛାନ୍ଦ)

ରାଜ୍ୟଶାସନ କରିବାକୁ ଚନ୍ଦ୍ରଭାନୁ ଉପଯୁକ୍ତ ହୋଇ ସାରିଥିବା ଭାବି ବୃଦ୍ଧ ରାଜା ତାଙ୍କୁ ନୃପତିପଦବୀ ଦେଇ ପୁରୁଷୋତ୍ତମରେ କ୍ଷେତ୍ରବାସ କଲେ । ଚଂଦ୍ରଭାନୁଙ୍କ ସୁଶାସନରେ ଦେଶ ସମୃଦ୍ଧିଶାଳୀ ହେଲା ଏବଂ ପ୍ରଜାମାନେ ଆନନ୍ଦିତ ହେଲେ । (୪୮ଶ ଛାନ୍ଦ) ।

ଛାନ୍ଦର ନାମକରଣ—କବି ଲାବଣ୍ୟବତୀର ଶେଷ ଭାଗର କେତେକ ଛାଂଦର ନାମ-କରଣ ବିଷୟାନୁସାରେ କରିଛନ୍ତି । ବହୁ ଛାଂଦର ଆରମ୍ଭରେ କିମ୍ବା ପ୍ରାନ୍ତରେ ଛାଂଦ-ବିଷୟର ସୂଚନା ଦିଆଯାଇଥିଲେ ମଧ୍ୟ ସ୍ପଷ୍ଟ ନାମକରଣ ହୋଇ ନାହିଁ ।

୪୦ଶ ଛାଂଦ, ୪୨ଶ ଛାଂଦ ଓ ୪୩ଶ ଛାଂଦର ନାମକରଣ ଦେଖା ଯାଉଛି ।

୪୦ ଛାଂଦ—ବିରହରେ ଗ୍ରୀଷ୍ମଋତୁ ବର୍ଣ୍ଣନା ବିଷୟ—ଛାଂଦନାମ 'ରସ ରତ୍ନାକର' ।

କହେ ଉପଇଂଦ୍ର ଭଞ୍ଜ ବୀରବର ଛାଂଦ ରସରତ୍ନାକର ।

(ଶେଷ ପଦ । ୪୦ଶ ଛାଂଦ)

୪୨ଶ ଛାଂଦ—ବିରହରେ ଶରତ ଋତୁ ବର୍ଣ୍ଣନା ।

ଛାନ୍ଦ ନାମ—ରସିକ ରତ୍ନମାଳା ।

୪୩ଶ ଛାଂଦ—ବିରହରେ ହେମନ୍ତ ଋତୁ ବର୍ଣ୍ଣନା । ଛାନ୍ଦ ନାମ—ରସିକ ଭ୍ରମର ତୋଷଦ ମାଳତୀ ।

କାବ୍ୟର ରଚନା ସମୟ—ଲାବଣ୍ୟବତୀର କେତେକ ଛାଂଦର ରାଗ ନିର୍ଦ୍ଦେଶ ସ୍ଥଳରେ ଭଞ୍ଜ ଅନ୍ୟ କବିମାନଙ୍କର କାବ୍ୟ ଓ କବିତାର ଉଲ୍ଲେଖ କରିଥିବା ଦେଖାଯାଏ । ଏଥି ଭିତରେ ଲିପିକାରମାନଙ୍କର ପ୍ରକ୍ଷେପ ଅଂଶ ରହିଥିବା ଅସମ୍ଭବ ନୁହେଁ; ତେବେ ପରବର୍ତ୍ତୀ କବି ଓ ରଚନାର ଉଲ୍ଲେଖ ଥିବା ସ୍ପଷ୍ଟ ପ୍ରମାଣ ନ ମିଳିଲେ ପ୍ରକ୍ଷିପ୍ତ ଅଂଶର ବିଦ୍ୟମାନତା ସିଦ୍ଧାନ୍ତ ହୋ'ଇ ପାରିବା ସମ୍ଭବ ନୁହେଁ ।

୧ମ ଛାନ୍ଦ—ରାଗ-ନଳିନୀ ଗୌଡ଼ା । ରାମ ବିଭା ପ୍ରଥମ ଛାନ୍ଦ ବାଣୀ ।
୫ମ ,, — ,, ବସନ୍ତ । ମଧୁପ ଚଉତିଶା ବାଣୀ ।
୬ଷ୍ଠ ,, — ,, ରାମକେରୀ । ଯୋଗୀ ସମାଧି ବାଣୀ ।
୮ମ ,, — ,, ମଙ୍ଗଳ ଗୁଜ୍ଜରୀ । ସଙ୍ଗମତିଆରି ବାଣୀ ।
୧୦ମ ,, — ,, ଦେଶାକ୍ଷ । ସଜନୀ ଚଉତିଶା ବାଣୀ ।
୧୧ଶ ,, — ,, ଟୋଡ଼ି । ସପନଚେତିଆ ବାଣୀ ।
୧୨ଶ ,, — ,, କଉଶିକ । କୁମୁଦକାନ୍ତ ଚଉତିଶା ବାଣୀ ।
୧୩ଶ ,, — ,, କଉଶିକ । ମୁନିବର ବାଣୀ ।
୧୪ଶ ,, — ,, କଳହଂସ କେଦାର । ମଥୁରା ବିଜୟ ବାଣୀ ।
୧୫ଶ ,, — ,, ବସନ୍ତ ଭୈରବ । ଉଷା ଦ୍ୱିତୀୟ ଛାନ୍ଦ ବା କଳଶା ବାଣୀ ।
୧୬ଶ ,, — ,, ଗୁଜ୍ଜରୀ । ଚନ୍ଦ୍ରାବତୀ ସ୍ୱୟମ୍ବର ବାଣୀ ବା ଭାଗବତ ବାଣୀ ।
୧୭ଶ ,, — ,, ଶଙ୍କରାଭରଣ । ସୀତା ହରଣ ଚଉତିଶା ବାଣୀ ।
୨୦ଶ ,, — ,, ଚିନ୍ତା ଭୈରବ । ଇଚ୍ଛାବତୀ ବାଣୀ ।
୨୧ଶ ,, — ,, ଭୈରବ । ବଡ଼ ଅନୁକୂଳେ ଜାତ ସଖିଯେ ବାଣୀ ।
୨୨ଶ ,, — ,, କାମୋଦୀ । ହଂସ ଦୂତ ଚଉତିଶା ବାଣୀ ।
୨୩ଶ ,, — ,, କଲ୍ୟାଣ ଆହାରୀ । ତୋ ନାଥ ଏହିକ୍ଷଣି ଥିଲା ପଲଙ୍କେ ବାଣୀ ।
୨୬ଶ ,, — ,, ଚିନ୍ତାଦେଶାକ୍ଷ । ପଙ୍କଜ ବଦନ ଲୁଚିଲେ କଜ୍ଜ୍ୱଳ ଜଳେ ବାଣୀ ।

୨୭ଶ ଛାନ୍ଦ —ରାଗ ବସନ୍ତ ବରାଡ଼ି । ଆଦ୍ୟମଗୁଣିର ବାଣୀ ।
୨୯ଶ „ — „ ନଳିନୀ ଗୌଡ଼ା । ତାଡ଼କା ସଂହାର ରାମ ଏ ବାଣୀ ।
୩୦ଶ „ — „ ମଙ୍ଗଳଗୁଜ୍ଜରୀ । ଜଗନ୍ନାଥ ଧାମ ଦଶାବତାରକୁ ମଙ୍ଗଳ ବାଣୀ ।
୩୧ଶ „ — „ କଉଶିକ । ହର ଚଉତିଶା ବାଣୀ ।
୩୨ଶ „ — „ ମାଳବ । ହଳଦୀ ଘେନଣ ଚନ୍ଦ୍ର ନାରୀଏ ଅନ୍ତପୁର ବାଣୀ ।
୩୨ଶ „ — „ ବରାଡ଼ି । ଗୋପୀଜୀବନ ବାଣୀ ।
୩୯ଶ „ — „ ଚନ୍ଦ୍ରମୁଖାରୀ । ଛାନ୍ଦ ଚଉତିଶା ବାଣୀ ।
୪୮ଶ „ — „ ମଙ୍ଗଳ । ମଣୋହି ଭୁଆଇ ବାଣୀ ।

ଏହି ଚଉତିଶାଗୁଡ଼ିକର ନାମ ଏଥିରେ ଉଲ୍ଲେଖ କରାଯାଇ ଥିବାରୁ ଏଗୁଡ଼ିକ ଲାବଣ୍ୟବତୀ ରଚନା ସମୟର ପୂର୍ବରୁ ରଚିତ ହୋଇଥିବା ଅନୁମାନ କରିବା ସମୀଚୀନ ହେବ । ଏହି ଚଉତିଶାର ରାଗକୁ 'ବାଣୀ' ନାମରେ ମଧ୍ୟ ସୂଚିତ ହୋଇଛି ।

ମଧୁପ ଚଉତିଶା	ହଂସଦୂତ ଚଉତିଶା
ସଜନୀ ଚଉତିଶା	ହର ଚଉତିଶା
କୁମୁଦକାନ୍ତ ଚଉତିଶା	ସୀତାହରଣ ଚଉତିଶା

'ବାଣୀ' ଭିତରେ ଚଉତିଶାର ରାଗ ଓ ଗ୍ରନ୍ଥର ପ୍ରସିଦ୍ଧ ଛାନ୍ଦର ରାଗ ଥିବା ସ୍ପଷ୍ଟ ହେଉଛି ।

ଯୋଗୀ ସମ୍ବାଦ, ମୁନିବର, ସଙ୍ଗମ ଭିଆରି, ମଥୁରା ବିଜୟ, ସପନ ଚେତଆ, ଊଷା ଦ୍ୱିତୀୟ ଛାନ୍ଦ ବାଣୀ, ଚନ୍ଦ୍ରାବତୀ ସ୍ୱୟମ୍ବରବାଣୀ, ଇଚ୍ଛାବତୀ ବାଣୀ, ଭାଗବତ ବାଣୀ, ବଡ଼ ଅନୁକୂଳ ଜାତ ସଖିଏ ବାଣୀ,—ପ୍ରଭୃତି ଭିତରୁ ରାମ ବିଭା, ଚନ୍ଦ୍ରାବତୀ ସ୍ୱୟମ୍ବର, ଊଷା, ଭାଗବତ, ଇଚ୍ଛାବତୀ ଗ୍ରନ୍ଥମାନଙ୍କର ନାମ ଜଣାଯାଉଛି—

ଅନ୍ୟ କବିମାନଙ୍କ କୃତ କାବ୍ୟର କେତେକ ଛାନ୍ଦର ନିର୍ଦ୍ଦେଶ ମଧ୍ୟ ଏଥିରେ ଥିବାରୁ ଏହି ଗ୍ରନ୍ଥ ଗୁଡ଼ିକର ସମୟ ଲାବଣ୍ୟବତୀ ପୂର୍ବରୁ ବୋଲି କହି ହେବ । କିନ୍ତୁ ଯେଉଁ ଗ୍ରନ୍ଥରୁ ନିମ୍ନଲିଖିତ ବାଣୀଗୁଡ଼ିକ ଉଦ୍ଧୃତ ହୋଇଛି ତାହା ଜଣାପଡ଼ୁ ନାହିଁ ।

ସପନଚେଡିଆ ବାଣୀ ।
ବଡ଼ ଅନୁକୂଳେ ଜାତ ସଖି ଯେ ବାଣୀ ।
ଚୋ ନାଥ ଏହିକ୍ଷଣି ଥିଲା ପଲଙ୍କେ ବାଣୀ ।
ପଙ୍କଜ ବଦନ ଲୁଲେ କଙ୍କୁଳ ଜଳେ ବାଣୀ ।
ହ୍ଲାଦୀ ଯେଜଣ ତହିଁ ନାସ୍ତି ଏ ଅନ୍ତପୁର ବାଣୀ । ଇତ୍ୟାଦି ।

କାବ୍ୟ ନାୟିକାର ରୂପ—କାବ୍ୟଟି ୪୮ଟି ଛାନ୍ଦରେ ସମ୍ପୂର୍ଣ୍ଣ ହୋଇଛି । କବି ଏଥିରେ ୬୩୬୧ ପଦ ଥିବା ବ୍ୟକ୍ତ କରିଛନ୍ତି ।

ପ୍ରବନ୍ଧ ଦୁଇ ସହସ୍ର ଉଣଶ,
ଷାଠିଏ ଏକ ପଦରେ ଶେଷ । (୪୮ଶ ଛାନ୍ଦ)

କବି କାବ୍ୟଟିକୁ ଏକ ମୂର୍ତ୍ତିବନ୍ତ ନାୟିକା ରୂପରେ କଳ୍ପନା କରିଛନ୍ତି ଏବଂ ବିବିଧ ଅଳଙ୍କାର ପରିଧାନ ଦ୍ୱାରା ନାୟିକାର ଶୋଭା ଯେପରି ବର୍ଦ୍ଧିତ ହୁଏ ସେହିପରି କବି ଏହି ମୂର୍ତ୍ତିବନ୍ତ କାବ୍ୟନାୟିକାକୁ ବିବିଧ କାବ୍ୟ-ଅଳଙ୍କାର ଦ୍ୱାରା ମଣ୍ଡିତ କରାଇ ଏହାର ଶୋଭା-ବର୍ଦ୍ଧନ କରିଛନ୍ତି ।

ରୂପବତୀ ନାୟିକାର ମୃଦୁ ସ୍ୱର ଓ ବ୍ୟବହାର ଯେପରି ଏହାର କମନୀୟତାକୁ ବର୍ଦ୍ଧିତ କରେ ଏବଂ ମାନସରଞ୍ଜନ କରେ ସେହିପରି କବି ମୃଦୁ ପଦାବଳୀ ଦ୍ୱାରା ଏହି କାବ୍ୟ ନାୟିକା ସମସ୍ତଙ୍କର ମନ ମୋହିବ ବୋଲି ଆଶା ପ୍ରକାଶ କରିଛନ୍ତି ।

ମୂର୍ତ୍ତିବନ୍ତ କରି ମୃଦୁ ଗୀତ ବିରଚଇ,
ଏଣୁକରି ଥିବ ଅଳଙ୍କାର ଯୁକ୍ତ ହୋଇ । ୭ ।
ପଦ ସରଳ ଧ୍ୱନିରେ ଶ୍ରବଣ ମୋହିବ,
ଅର୍ଥୀଜନ—ପ୍ରକରକୁ ଆନନ୍ଦ କରିବ ହେ । ୮ । (୧ମ ଛାନ୍ଦ)

କବି ଏହି କାବ୍ୟରେ ତାଙ୍କର 'ନିରଙ୍କୁଶତା' ସମ୍ବନ୍ଧରେ ସୂଚନା ଦେଇ କହିଛନ୍ତି—

ଉତ୍କଳବେ ସାବର୍ଣ୍ଣ୍ୟ ଯା ବ୍ୟାକରଣେ ନାହିଁ,
ସୁଚତୁରେ କରଇ ଏହି ଗୀତ ହିତ ପାଇଁ ଯେ । ୯ ।(୧ମ ଛାନ୍ଦ)

'ଗୀତ ବୃତ' ପାଇଁ କବି ତରଳରେ ସାବର୍ଣ୍ଣ୍ୟ ରଖି କେତେକ ପଦ କାବ୍ୟରେ ବ୍ୟବହାର କରିଛନ୍ତି; ଏହା କବିଙ୍କ 'ସହଜାସ୍ତୁ ଯଥେଚ୍ଛାସ୍ତୁରତା' ପଞ୍ଜସର ଭିତରେ ଯାଉଥିଲେ ମଧ୍ୟ, ଏହା ବ୍ୟାକରଣ ସମ୍ମତ ଓ ସ୍ପଷ୍ଟ ଥିବାରୁ 'ଦୋଷ' ଅନ୍ତର୍ଭୁକ୍ତ ନୁହେଁ ।

କାବ୍ୟଟି ଚିତ୍ତରୋଚକ, ସୁମଧୁର ହେବ ଏବଂ ବୁଧଜନମାନେ ଶ୍ରୁତିରୂପକ ବଦନରେ ଏହା ପାନ କରି ଆନନ୍ଦ ଲାଭ କରିବେ, ଏହି ସାର୍ଥକ ଆଶା କବି କରିଛନ୍ତି ।

ଏବେ ଚିତ୍ତ ରୁଚିତ ରଚିତ ସୁମଧୁର,
ଶ୍ରୁତିବଦନରେ ପାନ କର ବୁଧନର ହେ । ୧୨ । (୧ମ ଛାନ୍ଦ)

କବି, କବିଙ୍କ ଶ୍ରମ, ଗ୍ରାହକ—କବି ପାଠକଙ୍କୁ ରସିକ ବୋଲି ବରାବର କହି ଆସିଛନ୍ତି । ସୁହୃଦ ରସିକ କାବ୍ୟର ବିମବର୍ଦ୍ଧମାନ ରସସାଗରରେ ସ୍ନାନ କରି ଆନନ୍ଦ ଲାଭ କରୁଛି । ରସିକା ନାୟିକା ଲାବଣ୍ୟବତୀଙ୍କୁ ମଧୁଶଯ୍ୟା-ମନ୍ଦିରକୁ ପଠାଇବା ପାଇଁ ସଖୀମାନେ ତାଙ୍କୁ ସୁବେଶ କରୁଛନ୍ତି । ସହୃଦ ରସିକ ଗ୍ରାହକର ମନ ମଧ୍ୟ ସେ ରସରେ ଆପ୍ଲୁତ ହୋଇ ଗୃତକ ଘନରସକୁ ଉତ୍କଣ୍ଠିତ ଚିତ୍ତରେ ଗ୍ରହି ରହିଲା ପରି ଉତ୍କଣ୍ଠିତ ହୋଇ ପରବର୍ତ୍ତୀ ବେଶ ବିବରଣ ଶୁଣିବା ପାଇଁ ବସି ରହିଛି । ବେଶବର୍ଣ୍ଣନା ଛାନ୍ଦଟି ଗୃତକ-ରସିକ-ଗ୍ରାହକ ପକ୍ଷେ ସୁଖ-ଘନରସଦାୟୀ ହୋଇଛି । ତତ୍ତ୍ୱବମସ୍ତ ରସିକଗ୍ରାହକ-ଚକୋର ପକ୍ଷେ ଉପେନ୍ଦ୍ରଙ୍କ ପ୍ରତ୍ୟେକ ଛାନ୍ଦ ସୁଖ-ଘନରସଦାୟୀ ।

ରସିକ ଗୃତକ ସୁଖ ଘନରସ ଦାୟୀ,
ଏ ଛାନ୍ଦକୁ ଶୁଣିମା ସୁଜନେ ମନ ଦେଇ ଯେ । ୧ । (୩୨ଶ ଛାନ୍ଦ)

ପଦ ରଚନାରେ କବି ବିଶେଷଭାବରେ ସତର୍କ ଥିବା ଜଣାଯାଏ । ଅଳଙ୍କାରିକ ଶାସ୍ତ୍ରବିରୁଦ୍ଧ କୌଣସି ବିଷୟ ଯେପରି ତାଙ୍କ କାବ୍ୟକବିତାରେ ସ୍ଥାନ ନପାଏ ସେଥିପ୍ରତି ସେ ତୀକ୍ଷ୍ଣ ଦୃଷ୍ଟି ଦେଇଛନ୍ତି । ସ୍ୱ ରଚନାକୁ ନିର୍ଦ୍ଦୋଷ କରିବା ତାଙ୍କର ପ୍ରଧାନ ଲକ୍ଷ୍ୟ ଥିଲା । ଏଣୁ ସେ ଜଗନ୍ନାଥ ପ୍ରାର୍ଥନାରେ ଏହା ସ୍ପଷ୍ଟ ଭାବରେ ବ୍ୟକ୍ତ କରିଛନ୍ତି—

ଉପଇନ୍ଦ୍ର ଭଞ୍ଜ ବୀରବରର ସୁବିତ,
ନଦେ ଷିରେ ଏହି ଗୀତ ହୋଇ ସମାପତ ॥ ୮୨ ॥ (୨ୟ ଛାନ୍ଦ)

କବିଙ୍କର କବିତା ବିଚିତ୍ରପଦାବଳୀରେ ମଣ୍ଡିତ ହୋଇ 'ହୃଦକୁମୁଦ ଉଲ୍ଲାସକୁ ଚନ୍ଦ୍ର' ହେଉ, ଏହା କବି କାମନା କରିଛନ୍ତି; ସେ ପୂର୍ଣ୍ଣକାମ ହୋଇଛନ୍ତି ।

ଏ ବିଚିତ୍ର ଛାନ୍ଦ, ହୃଦକୁମୁଦ ଉଲ୍ଲାସକୁ ଚନ୍ଦ୍ର । ୩୮ । (୪୧ଶ ଛାନ୍ଦ)

କବି ଓ କବିତା—କବିତା ରଚନାରେ ଶ୍ରମ ସ୍ୱୀକାର କରିବାକୁ ହୁଏ ଏବଂ ଉତ୍ତମ ପାଣ୍ଡିତ୍ୟପୂର୍ଣ୍ଣ ପଦାବଳୀ ରଚନାରେ ଯେ ଶ୍ରମ ହୁଏ, ଏହା କବି ବ୍ୟକ୍ତ କରିଛନ୍ତି ।

ଶ୍ରମ ଥିଲେ ଯେ କବିତା ସୁନ୍ଦର ହେବ ନାହିଁ, ଏହି ଧାରଣା ଭ୍ରମପୂର୍ଣ୍ଣ ଥିବା କବିଙ୍କ ଏହି ଉକ୍ତିରୁ ସ୍ପଷ୍ଟ ଜଣାଯାଉଛି ଏବଂ ଏହା ତାଙ୍କର କମନୀୟ ପଦାବଳୀ ଓ କବିତ୍ୱପୂର୍ଣ୍ଣ ଚିତ୍ର ଦ୍ୱାରା ପ୍ରମାଣିତ ହେଉଛି ।

ହିରଣ୍ୟଚନ୍ଦ୍ରରେ ଯେ କ୍ଷିତକାରୀ, ଦାସବତ୍ସଳ ଶ୍ରମ ନରହର ।
ଧ୍ୟାନେ ଅର୍ଜିତ ଅଘ କରି ହତ, ଉପଇନ୍ଦ୍ର ବୀରବର ରଚିତ ଯେ ।
ରସିକସିନ୍ଧୁକୁ ଚନ୍ଦ୍ର ଯେ,
କବି ସେ ଜାଣିମେ ଯେତେ ଶ୍ରମ ଏଥି ଏ ବେଶଚପଳା ଛାନ୍ଦ ଯେ ।
। ୪୦ । (୪ର୍ଥ ଛାନ୍ଦ)

କବି ନିଜେ ରଚନା ଭିତରେ ଥିବା ଗୂଢ଼ାର୍ଥର ସୂଚନା ଦେଇ ସ୍ଥାନେ ସ୍ଥାନେ ରଚନାର ଗୌରବକୁ ବର୍ଦ୍ଧନ କରିଛନ୍ତି; 'ଜାଣିଲା ମନ'କୁ ଆନନ୍ଦ ଦେବା କବିଙ୍କର ଏହି ଲକ୍ଷ୍ୟ ରହିଛି; ଯେନ ନ ପାରିଲେ ଏ ଆନନ୍ଦ ଲଭ୍ୟ ନୁହେଁ । ସରୋବର ତୀରରେ ସଖୀମାନଙ୍କ ସହ ନାୟିକାର ସୁବେଶ ଚଳିଗି ଛାନ୍ଦ ପ୍ରାନ୍ତରେ କବି ଏହି ଲକ୍ଷ୍ୟ ଉଲ୍ଲେଖ କରିଛନ୍ତି—

ସର୍ବେବର ଖାରେ ପ୍ରବେଶ ସୁବେଶ
ଉଲଗି ସମ୍ପୂର୍ଣ୍ଣ ଏ ଗ୍ରନ୍ଥ,
କବି ସ୍ତୁତୁଷ୍ଣ ଅନେକ ଅଛୁ ପୁର
ଘେନଲେ ଜନ୍ମିବ ଆନନ୍ଦ ।
ଜାଣିଲୁ, ଜନମନକୁ ଏ ତୋଷିବ,
ମୂର୍ଖ ସ୍ୱଭାବ ଅଦ୍ଭୁଷ୍ଟରଜା ପର ସେ କାହୁଁ ରତ୍ତ ପ୍ରକାଶିବ ।୬୮।
(୫ମ ଛାନ୍ଦ)

ପ୍ରସଙ୍ଗାନୁକୂଳ ତୁଳନାର ଅବତାରଣାକରି ମୂର୍ଖ ସ୍ୱଭାବକୁ କବି ବର୍ଣ୍ଣନା କରିଛନ୍ତି; ମୂର୍ଖ ପକ୍ଷେ ରସକାବ୍ୟ ଆନନ୍ଦଉପଭୋଗ ସମ୍ଭବ ନୁହେଁ ।

କବିଙ୍କ ଆତ୍ମପ୍ରଶଂସା—କବି ସ୍ୱ କାବ୍ୟ ଲକ୍ଷଣବ୍ୟବସ୍ଥା ସମ୍ବନ୍ଧରେ ନିଜେ ପ୍ରଶଂସା କାବ୍ୟରଚନା କରିଛନ୍ତି । ଅନ୍ୟାନ୍ୟ କାବ୍ୟରେ ବ୍ୟବହୃତ ପନ୍ଥାହିଁ ଏଠାରେ ସେ ଅନୁସରଣ କରିଛନ୍ତି ।

ନାନା ଅଭିଧାନ ବିଧାନ ପର,
ନାଟକକାବ୍ୟ ଅଙ୍ଗେ ମାଧୁରୀ ।
ଦୃଷ୍ଟି ସୃଷ୍ଟିରେ ହୋଇଛି ବିଚିତ୍ର,
ରସିକ ଚିତ୍ତ ମୋହନ ମନ୍ତ୍ର ।
ଖଳ-ଗର୍ବ-ତୃଣ-ଦାବ-ଦହନ,
ପଥିକ-ମୂର୍ଖ-ଅଗମ୍ୟ-ବନ ।
ଧନୀ ବଣିକ ପସରା ସମାନ,
ବିବିଧ ରସ ଦ୍ରବ୍ୟରେ ପୂର୍ଣ୍ଣ । (୪୮ଶ ଛାନ୍ଦ)

ନାଟକକାବ୍ୟ ପ୍ରଭୃତିର ସଂବଳିତ ମାଧୁରୀ, ବିବିଧ ଅଭିଧାନର ବିଧାନ ପ୍ରଭୃତି ଏହାର ମର୍ଯ୍ୟାଦା ବୃଦ୍ଧି କରିଛି । ଦୃଷ୍ଟି ଓ ସୃଷ୍ଟି ଉଭୟରେ ଏ ବିଚିତ୍ର ହୋଇ ରସିକଜନମାନଙ୍କର ଚିତ୍ତକୁ ମୋହନମନ୍ତ୍ର ପରି ମୋହିତ କରୁଛି ।

ଏହି ରସାଳ କାବ୍ୟ ରସିକ ବିଜ୍ଞ ଲୋକଙ୍କ ମନକୁ ହରଣ କରୁଥିଲେ ମଧ୍ୟ ଖଳଙ୍କଠାରେ ଏହାର ବିପରୀତ ପ୍ରଭାବ ବିସ୍ତାର କରି ସେମାନଙ୍କ ଗର୍ବକୁ ପୋଡ଼ି ଧ୍ୱଂସ କରି ଦେଉଛି । ମୂର୍ଖମାନେ ଅଗମ୍ୟବନରେ ପଥିକ ବଣା ହେଲା-ପରି ହେଉଛନ୍ତି ।

ଧନୀର ପସରା ନାନା ପ୍ରକାର ଦ୍ରବ୍ୟ ଦ୍ରବ୍ୟରେ ପୂର୍ଣ୍ଣ ରହିଥିଲାପରି ଏହି କାବ୍ୟଟି ଅଶେଷ ଦ୍ରବ୍ୟ ରସରେ ପୂର୍ଣ୍ଣ ହୋଇ ଶୋଭା ପାଉଛି ଓ ଅବିଚ୍ଛିନ୍ନ ଆନନ୍ଦ କରୁଛି ।

କବି ଗୁଣବନ୍ତ ଓ ନିର୍ଗୁଣ ଉଭୟଙ୍କ ପ୍ରସଙ୍ଗ ଉତ୍ଥାପନ କରି ନିର୍ଗୁଣଙ୍କ ନିନ୍ଦା ବା ଅନାଦର ପ୍ରତି ଗୁରୁତ୍ୱ ଆରୋପ କରିନାହାନ୍ତି; ଗୁଣବନ୍ତମାନେ ଏ କାବ୍ୟକୁ ମଣିମାଳା ତୁଲ୍ୟ ଧାରଣ କରିବେ ବୋଲି ଆଶା ପୋଷଣ କରିଛନ୍ତି ।

ଗୁଣବନ୍ତେ ଏ ଗୀତମଣିକି ମାଳା କର,
ନିର୍ଗୁଣେ ନ ଘେନିବାକୁ ନାହିଁ ମୋ ବିଗ୍ରହ ହେ । ୧ ।
(୪୬ଶ ଛାନ୍ଦ)

କବିଙ୍କ ପାଣ୍ଡିତ୍ୟ—କବି ଗ୍ରନ୍ଥାରମ୍ଭରେ ନମସ୍କ୍ରିୟା ପ୍ରସଙ୍ଗରେ ଯେଉଁ ପ୍ରାର୍ଥନାପଦ ରଚନା କରିଛନ୍ତି ତାହା ତିନିପ୍ରକାର ଅର୍ଥରେ ରାମ, ପର୍ଶୁରାମ ଓ ବଳରାମଙ୍କୁ ବୁଝାଉଅଛି । ଏହା କବିଙ୍କର ଗଭୀର ପାଣ୍ଡିତ୍ୟ ଓ ବଳିଷ୍ଠ-ରଚନାଶକ୍ତିର ପରିଚୟ ଦେଉଛି ।

ଜୟ ଜୟ ଜୟ ରାମ ଜନକ ସୁଖଦ,
ଶ୍ରମ ହରଷ ଦାନରେ ସଦା ବିଶାରଦ ହେ । ୧ ।
(୧ମ ଛାନ୍ଦ)

କବି ରାମ-ଉପାସାତ୍ମକ ଥିବାରୁ 'ରାମ' ଶବ୍ଦ ଯୁକ୍ତ ପର୍ଶୁରାମ ଓ ବଳରାମଙ୍କୁ ମଧ୍ୟ ଏକପଦରେ ତିନି ଅର୍ଥରେ ତିନିଜଣଙ୍କୁ ନମସ୍କାର କରିଛନ୍ତି । ଏଥିରୁ ରାମାୟଣ, ମହାଭାରତାଦି ପୁରାଣମାନଙ୍କରେ ତାଙ୍କର ଗଭୀର ଜ୍ଞାନ ଥିବାର ପ୍ରମାଣିତ ହେଉଅଛି ।

କବିକଳ୍ପନା : ଦେଶର ନାମ ବ୍ୟାଖ୍ୟା—ଜେମାର ଚିତ୍ରପଟ ନେଇ ଯୋଗୀ ବିଭିନ୍ନ ଦେଶର ରାଜକୁମାରମାନଙ୍କୁ ଦେଖାଇଲେ । କେଉଁ ଦେଶରେ କପରି ଆଦର ପାଇଲେ ତାହା କବି ଦେଶ ନାମ ତତ୍ତ୍ୱାନୁସାରେ ବୁଝାଇଛନ୍ତି ।

କୁନ୍ତଳେ କୁନ୍ତଳବର୍ଣ୍ଣେ ସାରିଲେ ଧନ,
ମତ୍ସ୍ୟଦେଶେ ମତ୍ସ୍ୟପରି କମ୍ପିତସ୍ୱନ । ୨୧ ।
ନିଷେଧ ନିଷେଧ ଆନ ଲୋକନ କଲେ,
ମଳୟରେ ମାଳା କରି ତାହା ଜପିଲେ । ୨୨ ।
ମଘରେ ମଘବାପଦ ପାଇଲା ପରି,
ବିଦେହ ବିଦେହଶରେ ହୋଇଲେ ଘାରି । ୨୩ ।
କନୌଜ କନ୍ୟା ଭଜ ଶୁଭିଲା ବାଣୀ,
ମରୁଦେଶ 'ମରୁରମ୍ଭା' ଏମନ୍ତ ଭଣି । ୨୪ ।
ଅଙ୍ଗରେ ଅଙ୍ଗନା-ଅଙ୍ଗ ପ୍ରଶଂସା କଲେ,
ଏହି ରମା ବୋଲି କଳି କଳିଙ୍ଗେ କଲେ । ୨୫ ।
ଉତ୍କଳେ ଉତ୍କଳ ହୋଇ ବିରହେ ଖରା,
ଗଉଡ଼ ଏ ଗୌରବ ଗଉଡ଼େ କରି । ୨୯ ।
କୁଣ୍ଡଳେ ଗଲେ ବାନ୍ଧି କୁଳବୀ ସ୍ନେହ,
ବଙ୍ଗାଳୀ ଗାଳି ଉପମାବଳି କ ଦେଇ । ୩୧ ।

ଏପରି ନେପାଳ, ଚୋଳ, ମରହଟ୍ଟ, ସଉରାଷ୍ଟ୍ର, ଦ୍ରାବିଡ଼, ବିଦର୍ଭ, ମଗଧ, ବଙ୍ଗାଳ, ଲୋମଶ, କେରଳ, ଯମନ, ସିନ୍ଧୁ ଦେଶର ନାମକରଣ କରିଛନ୍ତି ।

କଳିଙ୍ଗର କଳି, ବଙ୍ଗାଳୀଙ୍କ ଗାଳି, କେରଳ ନାମ ସହିତ କେରଳ ବା କେଳାର ମାସ୍ଥାର ଆଖ୍ୟାସ ବଡ଼ କୌତୁକ ପୂର୍ଣ୍ଣ ହୋଇଛି । ନାମର ତତ୍ତ୍ୱ ସହିତ କିଛି ସାଦୃଶ୍ୟ ଥିବା ଦେଖାଯାଉଥିଲେ ମଧ୍ୟ କେବଳ ହାସ-ପରିହାସ ଛଳରେ ବ୍ୟକ୍ତ ହୋଇଛି ।

ସ୍ନାନ ପରେ ନାରୀର ଚିତ୍ର—ସ୍ନାନ ଅବଶେଷରେ ସରୋବର କୂଳକୁ ରାଜଜେମା ସଖୀମାନଙ୍କସହିତ ଆସିଲେ । ସେ କାଳର ଦୃଶ୍ୟ ବର୍ଣ୍ଣନା କବି ଅତି ସରଳ ସରସ ଭାଷାରେ କରି ବାସ୍ତବ ଚିତ୍ରଟିଏ ପ୍ରଦାନ କରିଛନ୍ତି ଏବଂ ବର୍ଣ୍ଣନାଟିକୁ ଉପମାମଣ୍ଡିତ କରି ଅତି ରମଣୀୟ ଓ ରସମୟ କରିଛନ୍ତି ।

ସ୍ନାନ ଅବଶେଷେ କୂଳକୁ କୁଳପାଳିକା ଆସି,
ଗହିର ଅଙ୍ଗରେ ଜଡ଼ି ସେ ଶାଢ଼ୀ ଏମନ୍ତ ଦିଶି । ୩୯ ।
ସ୍ଫଟିକ ବାଡ଼ ଫୁଟି ଦିଶେ କିସ ହେମ ପିତୁଳା,
ସ୍ତନ ସଂପୁଟେ କି ବାରଣ ଦନ୍ତ ପିଧାନ କଲା । ୪୦ ।
ଅତି ଜରଜର ନୀରରେ ଯହିଁ ଏମନ୍ତ ଭାବି,
ସେ ଚନ୍ଦ୍ରଶିଳ ଶରୀର କି ହାସ ଚନ୍ଦ୍ରରେ ଦ୍ରବି । ୪୧
ବିନ୍ଦୁ ବିନ୍ଦୁ ଜଳ ରହିଛି ଚୁରୁ କୁଟିଳ ବାଳେ,
ଉଷାର ବୃଷ୍ଟି କି ହୋଇଛି ନବ ତମାଳ ଦଳେ । ୪୨ ।
ନବଘନେ କିବା ଉଇଁଛି ତାର ତାରକା ଶ୍ରେଣୀ,
ମୋତି ପତନ କି ହୋଇଛି ନୀଳମଣି-ଧରଣୀ । ୪୩ । (୬ଷ୍ଠ ଛାନ୍ଦ)

ଏହି ନିର୍ଜୀବ ବାସ୍ତବ ଦୃଶ୍ୟଟିକୁ କବି ସ୍ୱ ଲେଖନୀ ବଳରେ ଅତି ରମଣୀୟ କରିପାରିଛନ୍ତି । ବାସ୍ତବ ଦୃଶ୍ୟର ବିବରଣାତ୍ମକ ବର୍ଣ୍ଣନାଟିକୁ କବି ଉପଯୁକ୍ତ ଅଲଙ୍କାର ବ୍ୟବହାର କରି ସ୍ୱ ଗଭୀର କଳ୍ପନା ବଳରେ ଅବିସ୍ମରଣୀୟ କରିଦେଇଛନ୍ତି ।

ନବ ପୁଷ୍ପବତୀର ଲଜ୍ଜା—

ସହଚରୀ ପରିହାସ-ସଙ୍ଗତେ, ମୃଦୁଭାଷୀ ଭାସିଗଲି ତୁରିତେ ।
ମୁଖ ନିବେଶିଲି ନିଜ ଉରଜେ, ଛିଡି ଠୁକ ଆରମ୍ଭିଲି କରଜେ ।୪୭।
(୩ୟ ଛାନ୍ଦ)

ନାରୀର ଚଣାଙ୍ଗ—ନାୟିକାର ସୁଷମାକୁ କବି ବହୁ ପ୍ରକାରେ ବର୍ଣ୍ଣନା କରି ଗଭୀର ପାଣ୍ଡିତ୍ୟ ଓ ଚିନ୍ତାର ପରିଚୟ ଦେଇଛନ୍ତି । ନାୟିକାକୁ 'ସୁନ୍ଦରୀ ଚକ୍ରବର୍ତ୍ତୀ' ବୋଲି କହିବା ବେଳେ ତାହାର ଚକ୍ରବର୍ତ୍ତୀ ଚିହ୍ନାଦି

ପ୍ରକାଶ କରିବା ଉଚିତ ମନେ କରିଛନ୍ତି । ଏଥିରୁ କବିଙ୍କ ଔଚିତ୍ୟଜ୍ଞାନ ଜଣାପଡ଼ୁଛି । ଚକ୍ରବର୍ତ୍ତୀର ସାମନ୍ତରାଜା ଥିବା ଏକ ଚିହ୍ନ । ଭାରତର 'ସୁନ୍ଦରୀ ଚକ୍ରବର୍ତ୍ତୀ'ର କଳ୍ପନା କବିଙ୍କ ଗୌରବକୁ ବୃଦ୍ଧି କରିଛି । କବି ନାୟିକାକୁ ସୁନ୍ଦରୀ ସଂସାରର ଚକ୍ରବର୍ତ୍ତୀ ଥିବା ବ୍ୟକ୍ତ କରିଥିଲେ ମଧ୍ୟ ସାମନ୍ତରାଜ୍ୟ ପରିଚୟରୁ ଭାରତକୁହିଁ ଲକ୍ଷ୍ୟ କରିଥିବା ଜଣାଯାଉଛି ।

ସୁନ୍ଦରୀ ସଂସାରେ ସେ ହେବାରୁ ଚକ୍ରବର୍ତ୍ତୀ,
ଦେଲା କି ପ୍ରତି ଅଙ୍ଗରେ ଭୂପତି ସମ୍ପତ୍ତି ଯେ । ୭୫ ।
କୁନ୍ତଳ ଦେଶରେ ଚୂଡ଼ା ଶୋଭା କରାଇଲା,
ବିଦର୍ଭରେ ହାସକୁ ପ୍ରଭୁତ୍ୱପଣ ଦେଲା ଯେ । ୭୬ । (୨ୟ ଛାନ୍ଦ)

ଏହିପରି କଣ୍ଠରେ ମାଳବକୁ, ଉରକଟିରେ ତ୍ରୈଲଙ୍ଗକୁ, ଚନ୍ଦ୍ରହାର (କାଞ୍ଚି)ରେ କାଞ୍ଚିଦେଶକୁ, ପାଦରେ କନକ କଟକକୁ ପୂଜିତ କରାଇଲା । ଏହିପରି ସାମନ୍ତମାନଙ୍କୁ ବିଭିନ୍ନ ଅଙ୍ଗଦେଶରେ ପ୍ରଭୁତ୍ୱ ପ୍ରଦାନ କରି 'ସୁନ୍ଦରୀ ସଂସାର ଚକ୍ରବର୍ତ୍ତୀ''ର ଶୋଭା ଅନୁପମ ହେଲା । ଯୌବନ ଶାଣରେ ସୁନ୍ଦରୀ—ରମଣୀମଣି ମଜା ଯିବାରୁ ବହୁମୂଲ୍ୟ ପ୍ରଭା ଧନକୁ ଧନ ଏତେ ବୃଦ୍ଧି ପାଇଲା ଯେ କବିଙ୍କ କଳ୍ପନା ଏଠାରେ ପରାହତ ହେଲା, ତାଙ୍କୁ ଆଉ ଉପମା ମିଳିଲା ନାହିଁ । ସୁନ୍ଦରେ ଯାହା ଅଙ୍ଗରେ ସୁନ୍ଦର ହେଲେ, ତାହାର ବା ଉପମା ଆଉ କାହିଁ ? କବି କଳ୍ପନା ଏଠାରେ ପରାହତ ବୋଲି କବି ଲେଖିଥିଲେ ମଧ୍ୟ ପ୍ରକୃତରେ ତାଙ୍କର କଳ୍ପନା ଗଗନକୁ ସ୍ପର୍ଶ କରି ବିଚିତ୍ର କବିତାପଦ ସୃଷ୍ଟି କରିଛି ।

ମଣି ରମଣୀମଣିକି ଶାଣ ଯଉବନ,
ବହୁ ମୂଲ୍ୟ ପ୍ରଭାକୁ ବଢ଼ାଇ ଧନୁ ଧନ । ୭୯ ।
ଉପମା ଆଣିମ କାହୁଁ ମହାକବି ହେଲେ,
ସୁନ୍ଦରେ ଯାହା ଅଙ୍ଗରେ ସୁନ୍ଦର ବୋଲାଇଲେ ଯେ । ୮୦ ।
(୨ୟ ଛାନ୍ଦ)

ନବ ଯୌବନୀ ବନିତା ଅବନୀକୁ ମଣ୍ଡିବାରୁ ଉପମାମାନେ ମଧ୍ୟ ନିରନ୍ତର "କି କରିବା" ଭାବି କାତର ହେଲେ; ଭୟରେ କିଏ କେଉଁଠାରେ ଲୁଚିଲେ । ଉପମା ନିନ୍ଦା ଅଳଙ୍କାରର ଅବତାରଣା ଶୈଳୀ ଅତି ଚମତ୍କାର ହୋଇଛି ।

ଝିଁଲି କାନ୍ତିରେ ଲଭିଣ ଭୀତିକି,
　　　　କଲା କଣ୍ଟକ ଦୁର୍ଗକୁ କେତକୀ ।
ପାଞ୍ଚେ ମନ୍ଦର କୁଚ ବଢ଼ିବାରେ,
　　　　କମ୍ଠା ବୁଡ଼ି ନ ମଲା ପାରିବାରେ । ୨ ।
ନାଶା ପୁଡ଼ା ଫୁଲିବାର ଅନାଇ,
　　　　ଭାଷା ବନ୍ଧେ ଶୁକ ମନ ମନାଇ ।
ମୁଖେ ପ୍ରସ୍ତୁର ପଶଗ୍ରୁର-ପଣ,
　　　　ସୁଖେ ଦର୍ପ ହେତୁଁ କଲା ଦର୍ପଣ । ୩ ।
(୩ୟ ଛାନ୍ଦ)

କମ୍ବୁ (ଶଙ୍ଖ) କଣ୍ଠ ସଙ୍ଗେ ତୁଳନା ନହେବାରୁ ଭୟରେ 'ମୁଁ ସରି ନୁହେଁ' ବୋଲି ପ୍ରାତରୁ ଶବ୍ଦକରି ଜଣାଇ ଦେଉଛି । ମୀନ ନେତ୍ରସଙ୍ଗେ ସମାନ ନ ହୋଇ ଜଳସ୍ଥାନରେ ମରି ଯାଉଛି । ହାସ ସହିତ କୁସୁମ ତୁଳନୀୟ ହୋଇ ନପାରି ମକରନ୍ଦ ଛଳରେ ଅଶ୍ରୁ ବିସର୍ଜନ କରୁଛି । ରମ୍ଭା ଜାନୁର ସହିତ ତୁଳନୀୟ ହୋଇ ନପାରି ପଦପ୍ରଦେଶରେ ସେବା କରୁଛି ।

ଏତେ ଉପମା ଲଜ୍ଜିତ ହୋଇଥିବା ପରେ ମଧ୍ୟ ସୁନ୍ଦରୀକୁ "କୁନ୍ଦ କୋରକ-ହୀରକ-ରଦନା, ସୁଧାକର-ସରସିଜ-ବଦନା" ବୋଲି ଅବା କହିହେବ । କବି ନିଜେ ଏହାକୁ ଯୁକ୍ତିରେ ନାପସନ୍ଦ କରିଛନ୍ତି । ପୂର୍ଣ୍ଣ ଚନ୍ଦ୍ର ପଦ୍ମର କ୍ଷତିକାରକ, କୁନ୍ଦ ପୁଷ୍ପର ବର୍ଣ୍ଣ ଓ ହୀରାର ବର୍ଣ୍ଣ ସମାନ ନୁହେଁ । କିନ୍ତୁ, ଏସବୁ ଉପମା ଏକେ ଏକେ ପ୍ରୟୋଗ ହେଉଥିଲେ ମଧ୍ୟ ଏ ନାୟିକାଠାରେ ତାହା ପ୍ରଯୋଜ୍ୟ ନୁହେଁ ବୋଲି କହି କବି ବିଚିତ୍ର ରଚନା କୌଶଳ ପ୍ରଦର୍ଶନ କରିଛନ୍ତି । କବି ପରମ୍ପରାକୁ ମଧ୍ୟ ଲକ୍ଷ୍ୟ କରିଛନ୍ତି ।

କୁଂଦକୋରକ-ସ୍ମାରକ-ରଦନା,
ସୁଧାକର-ସରସିଜ-ବଦନା ।
ଏ ପ୍ରୟୋଗ ପରଂପରା ଅଛି ତ,
ବାଳାଠାରେ ବର୍ଣ୍ଣିବାର କୁତ୍ସିତ ।
କଞ୍ଜ-ଖଞ୍ଜନ-ଗଞ୍ଜନ-ଲୋଚନା ।
ମତ୍ତ ପରଭୃତ ଜିତ-ବଚନା ।
ଏ ବିଧିରେ ବର୍ଣ୍ଣିଲେ ଯେ ଚତୁରୀ,
କେତେ ହୋଇବ କବିତା ମାଧୁରୀ ।
ଯହିଁ କୃଶ କଳା ମଂଦ ଶୋଭିତ,
ତାହି ପୂର୍ଣ୍ଣହିଁ ହୋଇଥାଇ ଲୋଭିତ ।
ତହିଁ ସୁଂଦରେ ସୁଂଦର ହୋଇଲେ,
କସ ଅଧିକ ହୋଇବ ବୋଇଲେ ।
(ଆୟୁ ଗ୍ରୁଂଦ)

ପ୍ରଥମ ଭେଟ—ନାୟକ ନାୟିକାଙ୍କ ପ୍ରଥମ ଭେଟ ସମୟର ହାବଭାବ କବି ଅତି ଚମତ୍କାର ଭାବରେ ଅଳ୍ପପଦରେ ବ୍ୟକ୍ତ କରି ପାରିଛନ୍ତି; ଉତ୍ତାଳ ଭାବତରଙ୍ଗ ସହିତ ଅଙ୍ଗଭଙ୍ଗୀର ସାମଞ୍ଜସ୍ୟ ରକ୍ଷା କରି କବି ଅମର ପଦାବଳୀ ରଚନା କରିଛନ୍ତି । ଉଭୟଙ୍କର ମାନସିକ ବିକାର ଓ ଚିନ୍ତାଧାରାର ଚିତ୍ରରୁ କବିଙ୍କ ମାନବପ୍ରକୃତିର ଗଭୀର ନିରୀକ୍ଷଣର ପରିଚୟ ମିଳୁଛି ।

ପ୍ରଭାକର ଓ ବାଞ୍ଛାବତୀର ପ୍ରଥମ ଦର୍ଶନର ଚିତ୍ର :—

(ନାୟକ) ଅମର ସମ୍ପତ୍ତି ଲଭି ବିଲୋକନ ମାତ୍ରେ,
ନାରୀ-ରୂପ ସିରୁଲା ଲେଖନ ହେଲା ନେତ୍ରେ ଯେ । ୩୫ ।
ସେ ପ୍ରେମମଞ୍ଜରୀ ଶୋଭା ପଞ୍ଜରୀ ହୋଇଲା,
ପୁଂସ ନେତ୍ର ଖଞ୍ଜରୀଟ ତହିଁରେ ରହିଲା । ୩୬ ।
ରାମ ଶବ୍ଦ ବହୁବଚନରେ କଲି ତପ,
ରମା ବିପରୀତ ସେହି କାଳେ ବିହି କୋପ । ୩୭ ।

× × ×

(ନାୟିକା) ଏ କାଳରେ ପୁଂସଠାରେ ଗ୍ରମା ଦୃଷ୍ଟି ପାତ,
ଜନ୍ମଅନ୍ଧ ନୟନକୁ ଲଭିଲେ ଯେମନ୍ତ । ୪୧ ।
ମନମଥ ମଥନେ ଥରିଲ୍ପ ହେଲି ଜାନୁ,
କଦମ୍ବ କୋରକ ଶୋଭା ଲୁଟି କଲା ତନୁ ଯେ । ୪୨ ।
ନେତ୍ର ବଡ଼ଶୀରେ ସେ ଧଡସି ଅନୁରାଗେ,
ପୁରୁଷ ମନମୀନକୁ ଧରନେଲା ବେଗେ ଯେ । ୪୩ ।

× × ×

ସେ ସମୟେ ପୁରୁଷ କହିଲା ଯୋଡ଼ି କର,
ହେ ରସ ଉଦୟା ସୁହୃଦୟା ଦୟା କର ହେ । ୪୫ ।
ନପତ ତପସ୍ୟାଙ୍କୀ ତପଫଳ ମୋର,
ଦୁହିସିତେ ଇଷିତେ ସଫଳ କରି କର ଯେ । ୪୬ ।
ଅତି ଦୀନ କ୍ଷୀଣ ହୀନ ମୁଁ ମଦନ ଶରେ,
ରକ୍ଷାକର ରକ୍ଷାକର କୁଟିଳାକ୍ଷୀ ବାରେ ଯେ । ୪୭ ।
ଏ ବଚନ ସୀତକାର କଟାକ୍ଷେ ଆଶିଲ,
ରସିକା ଭଜିଲ୍ପ ଭାବ ରସିକ ଜାଣିଲ ଯେ । ୪୮ ।

ଏ ଭାବଭଙ୍ଗୀ କେବଳ ପ୍ରଭାକର ଓ ବାଞ୍ଛାବତୀ ପକ୍ଷରେ ନୁହେଁ, ସମଗ୍ର ପ୍ରେମିକ ନାୟକ-ନାୟିକା ପକ୍ଷରେ ସମ୍ଭବ ଓ ଅନୁଭବନୀୟ । ନାୟିକାକୁ ଦେଖି ପରମ ତପସ୍ୱୀ ପ୍ରଭାକରର ସ୍ୱ-ଆୟତ୍ତ ମନ ଚଞ୍ଚଳ ହୋଇ ପଡ଼ିଲା, ନିମିଷକେ ସେ ମଦନଶରରେ "ଅତି ଦୀନ କ୍ଷୀଣ ହୀନ" ଅବସ୍ଥାକୁ ଭଜିଲା ।

ଏକେ ଏକାନ୍ତ, ଦୁଜେ ତରୁଣ ତରୁଣୀ; ଏମାନଙ୍କ ଭେଟ ହେଲେ କନ୍ଦର୍ପର ଶର ସେମାନଙ୍କୁ କ୍ଷତବିକ୍ଷତ କରିଦେବା ସ୍ୱାଭାବିକ । ଏହି ଚିରସତ୍ୟ ତତ୍ତ୍ୱଟିକୁ କବି ଅତି ସୁନ୍ଦର ଭାବରେ ପ୍ରକାଶ କରିଛନ୍ତି—

ଏକେତ ଏକାନ୍ତ ଦୁଜେ ତରୁଣ ତରୁଣୀ,
ଭେଟ ଯାହା ଲୋଡ଼ୁଥାଇ ଫୁଲ-ଧନୁ-ପାଣି ଯେ । ୪୯ ।

ଭେଟ ପରେ ଫୁଲ୍-ଧନୁ-ପାଣିର ଦର୍ପଗଞ୍ଜନ ହେବା ନ ହେବା ଶୀଳତା, ପରସ୍ଥିତି ଉପରେ ନିର୍ଭର କରେ; କିନ୍ତୁ ରସିକରସିକା ମିଳନ ପାଇଁ ଅତି ଉଚ୍ଛିନ୍ନ ହେବା ସ୍ୱାଭାବିକ; ଦୃଷ୍ଟି ଓ ଭଙ୍ଗୀଦ୍ୱାରା ଉଭୟେ ପରସ୍ପର ଭାବ ଜ୍ଞାତ ହେବେ, ଏଥିରେ ଅସମ୍ଭବ କିଛି ନାହିଁ । କବିଙ୍କ ରସପୂର୍ଣ୍ଣ ଦୃଷ୍ଟି ଏହାକୁ ଅମୃତମୟ କରି ଦେଇଛି ।

ଏହି ଘଟନା ପ୍ରବାହର ପରିଣତି ମିଳନ । କବି ଏହାକୁ ଅତି ଦକ୍ଷତା ସହକାରେ ନାଟକୀୟ ଛନ୍ଦରେ ବିଚିତ୍ର ପଦାବଳୀ ରଚନା କରିଛନ୍ତି ।

ପଞ୍ଚବିଶିଖକୁ କେତେ ଲକ୍ଷ୍ୟ ଅଛି କଳା,
ଭଲି ଲକ୍ଷ୍ୟ ନାଗର ନାଗରୀ ହୃଦ ହେଲା ଯେ । ୫୦ ।

ପୁରୁଷ ନିକଟ ଲଭିବାକୁ କୃଶକଟୀ,
ଭାବବତୀ ମେନକାରି ଅଇଲା ପାଚ୍ଛେଟି । ୫୧ ।

ଯୁବା ଦେହ ବନ୍ଧ ଏ ଉତ୍ସବୁଁ ବଡ଼ କରି,
ଉତ୍ସବ ଭୋଗ କାହିଁ ଛି କେ କହୁ ବିଚାରି । ୫୨ । (୯ମ ଗ୍ରନ୍ଥ)

ରସିକରସିକା ଯୁବା ଦେହ ବନ୍ଧ ମିଳନ ଇଚ୍ଛା କରିବା ସ୍ୱାଭାବିକ; ଏହାଠାରୁ ବଳି ବଡ଼ ଉତ୍ସବ ଆଉ ନାହିଁ । କବି ଏହି ତତ୍ତ୍ୱଟିକୁ ପ୍ରତ୍ୟେକ ପ୍ରେମକାବ୍ୟରେ ପ୍ରତିପାଦନ କରିଛନ୍ତି ।

ଏହି ପ୍ରଥମ ଭେଟର ଅନ୍ୟ ଏକ ଦୃଶ୍ୟ ବର୍ଣ୍ଣନାରେ କବି ଯେଉଁ ଅନନ୍ୟସାଧାରଣ କବିତ୍ୱଶକ୍ତି ପ୍ରକାଶ କରିଛନ୍ତି ତାହା ସାହିତ୍ୟରାଜ୍ୟରେ ଅତୁଳନୀୟ ।

ଦେବାଳୟରେ ଚନ୍ଦ୍ରଭାନୁ ଓ ଲାବଣ୍ୟବତୀର ପ୍ରଥମ ଦର୍ଶନର ଦୃଶ୍ୟ—

ବନ୍ଦନକରି ଯୁବା ରହିଁ ଦେଲା ଯୁବାମତି ରମଣୀ ସୁଲକ୍ଷଣୀ,
ଅକ୍ଷୀଣୀଙ୍କ ସ୍ଥାନ ଚନ୍ଦ୍ରମା ଦକ୍ଷିଣ ବର୍ତ୍ତିକ ହେଲା କି ସେ କ୍ଷଣି ।
କି ଶୋଭା, ଦିଶିଲା ସିଦ୍ଧାଣୀ ଗୁହାଁଣି,
ନେତ୍ରପ୍ରାନ୍ତରେ ହରଷ ରସ ଅନୁରାଗକୁ ଢାଳି ଦେଲା ଆସି । ୨୪ ।

ଚାହିଁଲା ନ ଚାହିଁଲା ହୋଇ ଲଜରୁ ମୁଖକୁ ଥୋଇଲା ଉରଜେ,
ସେ ପତି ପ୍ରାପତି ଇଚ୍ଛାକରି ନାରୀ ଶମ୍ଭୁ ପୂଜିଲା କି ନୀରଜେ ।
ଲବଣୀ, ପିତୁଳା ଚାରୁଶୀଳା ସତି,
ମୀର ଏହି ନାମ ଉପସ୍ଥିତ ହୋଇ ତରଳିତ କଲା ତୁରିତ । ୨୫ ।

× × ×

ବିଜୁ ଝଟକ ଲୀନ ହେଲା ପରସ୍ପେ ମଞ୍ଜୁ ଚାହାଣୀ ଫାହାଶଲା,
ଝଟକ ଛଟକ ସଙ୍ଗରେ ମନାଇ ମନ ନେହକୁ ଘେନଗଲା ।
ଯୋଷିଲା, ସୁଧାରୁ ସୁସ୍ୱାଦୁ ଅଶନେ,
ପ୍ରେମ ମନ୍ତ୍ରସି ସ୍ତନ ବେନି ପଞ୍ଜରି ମଧ୍ୟେ ରଖି ପକ୍ଷୀ ବିଧାନେ । ୨୬ ।
ବାଲା ନେତ୍ର ମନ କୁରଙ୍ଗ ସୁରଙ୍ଗ କରୁଥିଲା ତନୁ ବନରେ,
ମାର ନିଧତ କୁମାର ଶୋଭା ଜାଲେ ପଡ଼ିଲେ ଅତି ଉଚ୍ଛନ୍ନରେ ।
ଫିଟିବାକୁ, ଫିଟି ନ ଦିଶିଲା ଉପାୟ,
ଯେ ଯାହା ଅର୍ଜଇ ସେ ତାହା ଭୁଞ୍ଜଇ ଏଥୁଁ ଅଛି କେଉଁ ସଂଶୟ । ୨୮ ।
ସେ ସରଣି ହେଲା ଚକ୍ରବାକ-ଗିରି ଚରଣ ଅରୁଣ ଅମ୍ବୁଜେ
ଲଭି ନ ପାରଇ ମନ୍ଥରଗମନା ଚାହିଁ ନ ଚାହିଁ ଥିବ ଲଜେ ।
ଦୁହିଙ୍କ, ମୃଦୁହାସ ହେଲା ଜାହ୍ନବୀ,
ତରୁଣୀ ନୟନେ ମଜ୍ଜନ ଅନନ୍ତେ ମହାବାରୁଣୀ ଯୋଗ ଲଭି । ୨୯ ।

ଏ 'ମହାବାରୁଣୀ' ଯୋଗରେ ଉଭୟେ 'ଶୋଭା-ରତ୍ନାକର'ରେ ସ୍ନାନ କରିବାକୁ ଲୋଭ କଲେ ନାହିଁ । ଅନବଚ୍ଛିନ୍ନରେ ପ୍ରେମରତ୍ନକୁ ଯତ୍ନ କରି ଖୋଜିବାରେ ଲାଗି ପଡ଼ିଲେ । ମନ ମହାକୃପଣ ଜନ ପରି ହେଲା । ଉଭୟେ କାମଧେନୁ ଓ କଳ୍ପପାଦପସ୍ୱରୂପ ହୋଇ ବାଞ୍ଛାକୁ ସିଦ୍ଧ କଲେ ।

ନୋହିଲେ ସେ ବେନି ଶୋଭା ରତ୍ନାକର ଦରଶନଲୋଭୀ ନୟନେ,
ପ୍ରେମରତନ ଯତନ କରି ଖୋଜୁଅଛନ୍ତି କି ଅନବଚ୍ଛିନ୍ନେ ।
ମନ ଯେ, ମହାକୃପଣ ଜନ ପରି,
ହେ ବେନି କାମଧେନୁ କଳ୍ପପାଦପ ହେଣୁ ବାଞ୍ଛାକୁ ସିଦ୍ଧି କରି । ୩୦ ।

(୨୬ଶ ଛାନ୍ଦ)

ଶୋଭାର ସାର୍ଥକତା—ନାରୀ ଶୋଭାର ଓ ପୁରୁଷ ଶୋଭାର ସାର୍ଥକତା ସମ୍ବନ୍ଧରେ କବି ଅତି ଚମତ୍କାର ଭାବରେ କେତେକ ଅମର ପଦ ରଚନା କରିଛନ୍ତି । ନାରୀଶୋଭାର ଅପୂର୍ବତାର ଧାରଣା କେବଳ ଅନୁଭବୀ ମାନେ ଜାଣିପାରିବେ । ସୁନ୍ଦରୀନାରୀଙ୍କୁ ଅବଲୋକନ କଲା ମାତ୍ରେ ଅମର ସମ୍ପତ୍ତି ଲଭିର ଆନନ୍ଦ ମନରେ ଜାତ ହୁଏ, ସେହି ନାରୀର ଅପୂର୍ବ ରୂପର ଛବି ନେତ୍ରରେ ଲିଖିତ ହୋଇ ରହିବ ।

ଅମର ସମ୍ପତ୍ତି ଲଭି ବିଲୋକନ ମାତ୍ରେ,
ନାରୀ ରୂପ ଚିତ୍ରୁଲା ଲେଖନ ହେଲା ନେତ୍ରେ ଯେ । ୩୫ ।

ପୁଣି, ସେ ସ୍ୱତଃ ପ୍ରେମମଞ୍ଜରୀ; ନାରୀର ଶୋଭା-ପଞ୍ଜୁରୀରେ ପୁରୁଷ ନେତ୍ର-ଖଞ୍ଜରୀଟ ଆବଦ୍ଧ ହୋଇ ରହିବ ।

ସେ ପ୍ରେମମଞ୍ଜରୀ ଶୋଭା-ପଞ୍ଜରୀ ହୋଇଲା,
ପୁଂସ-ନେତ୍ର-ଖଞ୍ଜରୀଟ ତହିଁରେ ରହିଲା । ୩୭ । (୧ମ ଛାନ୍ଦ)

ନାରୀ ମଧ୍ୟ ସୁନ୍ଦର ପୁରୁଷଙ୍କୁ ଦେଖି ବିହ୍ୱଳ ହୋଇଯାଏ; କାମପୀଡ଼ାହିଁ ପ୍ରଥମ ଅନୁଭୂତି ।

ଏ କାଳରେ ପୁଂସଠାରେ ରାମାଦୃଷ୍ଟି ପାତ
ଜନ୍ମ-ଅନ୍ଧ ନୟନକୁ ଲଭିଲେ ଯେମନ୍ତ ଯେ । ୪୧ ।
ମନମଥ ମଥନେ ଥରିଲା ହେଲା ଜାନୁ
କଦମ୍ବ କୋରକ ଶୋଭା ଲୁଚି କଲା ତନୁ ଯେ । ୪୨ ।(୧ମ ଛାନ୍ଦ)

ନବଯୁବକ, ନବଯୁବତୀ ପକ୍ଷେ ଏ ଅନୁଭୂତି ସ୍ୱାଭାବିକ । କବି ଏହି ସ୍ୱାଭାବିକ ବିଭାବକୁ ସ୍ୱକାବ୍ୟମାନଙ୍କରେ କବିତ୍ୱପୂର୍ଣ୍ଣ ପଦାବଳୀରେ ଚମତ୍କାର ରୂପ ପ୍ରଦାନ କରି ଲେଖନୀକୁ ସାର୍ଥକ କରିବା ସଙ୍ଗେ ସଙ୍ଗେ କବିତା-ଜଗତରେ ଅମର ହୋଇ ରହିଛନ୍ତି ।

ପରମ ଶୋଭାବତୀ ନବଯୁବତୀ ଓ ପରମଶୋଭାବନ୍ତ ନବଯୁବକର ଏକାନ୍ତରେ ପ୍ରଥମ ଭେଟର ଭାବକୁ କବି ଅତି ସୁନ୍ଦର ପଦରେ ବର୍ଣ୍ଣନା କରି ଜୀବନ୍ତ କରି ପାରିଛନ୍ତି । ରସିକ-ରସିକାର ଭାବ ବାକ୍ୟରେ ପ୍ରକାଶ ପାଇ

ନଥିଲେ ନେତ୍ରରେ ପ୍ରକାଶ ପାଇଥାଏ । ଏହି ସ୍ଥାୟୀ ଭାବକୁ କବି ଅତି ସୁନ୍ଦର ଭାବରେ ରସପୂର୍ଣ୍ଣ ପଦରେ ବ୍ୟକ୍ତ କରିଛନ୍ତି—

ଏ ବଚନ ସୀତ୍କାର କଟାକ୍ଷେ ଅଣିଲ,
ରସିକା ଭଜିଲା ଭାବ ରସିକ ଜାଣିଲ ଯେ । ୪୮ ।
ଏକେତ ଏକାନ୍ତ ଦୁହେଁ ତରୁଣ ତରୁଣୀ,
ଭେଟ ଯାହା ଛେଡ଼ୁଥାଇ ଫୁଲ-ଧନୁ-ପାଣି ଯେ । ୪୯ ।
(୧ମ ଛାନ୍ଦ)

ପଦ୍ମାକର ନାମକ ଏକ କ୍ଷତ୍ରିୟ କୁମାର ଦିବ୍ୟନାରୀ ପ୍ରାପ୍ତି ଶ୍ରଦ୍ଧାରେ କଠୋର ତପସ୍ୟା କରିଥିଲେ । 'ଦିବ୍ୟ-ନା'ରୀ' ଲଭିବା ପାଇଁ ପୁରୁଷ ଅତି ଉଗ୍ର କଷ୍ଟ ସହିବା'କୁ ମଧ୍ୟ କୁଣ୍ଠିତ ନୁହେଁ, ଏହାହିଁ ଏହି ଆଖ୍ୟାନର ତାତ୍ପର୍ଯ୍ୟ । ଏହି କଠୋର ତପସ୍ୟାରୂପକ ସୁକୃତିରୁ ସେ ପରମ ସୁନ୍ଦରୀ ବାଞ୍ଛାବତୀକୁ ପ୍ରାପ୍ତ ହୋଇଥିଲା ।

ତପ ତା ଅକଥନୀୟ ଦିବ୍ୟ ନାରୀ ଶ୍ରଦ୍ଧେ,
ପଞ୍ଚାଗ୍ନି ସ୍ଥାପନ କରେ ତପରତୁ ମଧ୍ୟେ । ୨୭ ।
ପ୍ରାବୃଟ କାଳରେ ଗୃହୋଦରକୁ ନ ଯାଇ,
ଝଞ୍ଜାବାତ ଜଳପାତ କରକା ସହଇ ଯେ । ୨୮ ।
ଶୀତେ ଜଳଶାୟୀ ଭୂମିଶଯ୍ୟା ବସ୍ତ୍ର-ହୀନେ,
ମୃତ୍ତିକା ଶଙ୍କର ପୂଜା କରେ ପ୍ରତିଦିନେ ଯେ । ୨୯ । (୧ମ ଛାନ୍ଦ)

ଏତେ ବଡ଼ ତପସ୍ୟା କରୁଥିବା ପୁରୁଷ ମଧ୍ୟ ପରମ ସୁନ୍ଦରୀ ବାଞ୍ଛାବତୀକୁ ଦେଖି କାମବିକାରରେ ମୋହିତ ହୋଇଯାଇ ଅତି ଦୟନୀୟ ଅବସ୍ଥା ପ୍ରାପ୍ତ ହୋଇଥିଲେ ।

ତପତ ତପନୀୟାଙ୍ଗୀ ତପଫଳ ମୋର,
ଦହିତେ ଇଚ୍ଛିତେ ସଫଳ କରି କର ଯେ । ୪୬ ।
ଅତି ଦୀନ କ୍ଷୀଣ ହୀନ ମୁଁ ମଦନ ଶରେ,
ରକ୍ଷାକର କଟାକ୍ଷ କୁଟିଳାକ୍ଷୀ ବାରେ ଯେ । ୪୭ । (୧ମ ଛାନ୍ଦ)

ପ୍ରେମକାବ୍ୟମାନଙ୍କର ଭିତ୍ତି ଏହି ମୂଳତତ୍ତ୍ୱ ଉପରେ ପ୍ରତିଷ୍ଠିତ । ଏହି ତତ୍ତ୍ୱର ପ୍ରଭାବ ନାୟକନାୟିକାଙ୍କ ପ୍ରତ୍ୟେକ ଭାବଭଙ୍ଗୀରେ ପ୍ରକାଶ ଲାଭ କରିଛି ।

ରସ ବିଷୟ ଶ୍ରବଣ କରିବା, ବନ୍ଧା ପଟଳ ପଟକୁ ଗୁହିଁବା
ଦ୍ରବ୍ୟ ଅଳଙ୍କାରେ ମଣ୍ଡନ ହେବା,
ଏତେ କଥାରେ ବଶ ହୋନ୍ତି ଯୁବା ଯେ ।
ଶୁଣି ସୀତ୍କାର କରି ଯେ,
ବ୍ୟାଧିବନ୍ତର ବାଞ୍ଛିତ ଉପଗ୍ରୁର ବୈଦ୍ୟ ବିହ୍ୱଳର ପରି ଯେ । ୩ ।
(୪ର୍ଥ ଛାନ୍ଦ)

କାବ୍ୟର ବିଷୟବସ୍ତୁ ନାୟକନାୟିକାଙ୍କ ଯୁବା ସମୟର ପ୍ରେମକାହାଣୀ; ବିବାହପୂର୍ବ, ବିବାହ, ବିବାହର ଅବ୍ୟବହିତ ପର ପ୍ରେମରସାପ୍ଳୁତ କାହାଣୀହିଁ ମୁଖ୍ୟବିଷୟ । ସ୍ୱକାବ୍ୟମାନଙ୍କରେ କବି ମାତା-ନାୟିକାର ବିଷୟ ଅବତାରଣା କରି ନାହାନ୍ତି, କାରଣ, ତାହା ପ୍ରେମରସାତ୍ମକ କଥାବସ୍ତୁର ଉପଯୋଗୀ ନୁହେଁ । ଏହି ଯୁବାବସ୍ଥାର ମନୋହରଣକାରୀ ବିଷୟାଦି କେବଳ କାବ୍ୟରେ ପ୍ରଧାନ ସ୍ଥାନ ଅଧିକାର କରିଛି, ଏହି କାରଣରୁ କବି ଏହିଠାରେ ଏହାର ବିସ୍ତୃତ ସୂଚନାରେ ବ୍ୟକ୍ତ କରିଛନ୍ତି ।

ଚିତ୍ରପଟ ରୂପର ସାର୍ଥକତା:—ଚିତ୍ରପଟରେ କେମାର ରୂପଲାବଣ୍ୟ ଅଦଭୁତ ଥିବା ଧାରଣା ଜନ୍ମାଇବା ପାଇଁ କବି ବିଶ୍ୱକର୍ମାଙ୍କ ପିତୁଳା ନିର୍ମାଣ ପ୍ରସଙ୍ଗର ଅବତାରଣା କରିଛନ୍ତି । ଜ୍ଞାନାନନ୍ଦ ସନ୍ନ୍ୟାସୀ ମସ୍ତୁଠାକୁ ଯାଇ ପ୍ରତିମା ନିର୍ମାଣ ପାଇଁ ଅନୁରୋଧ କରିବା ଇଚ୍ଛା କରିଥିଲେ । କିନ୍ତୁ ସେହି ସମୟରେ ବିଶ୍ୱକର୍ମା 'ଏକଚିତ୍ତ ମନରେ' କେମା ସମାନେ ପିତୁଳା ନିର୍ମାଣ କରୁଥିଲେ । ତାଙ୍କୁ ସନ୍ତୁଷ୍ଟ କରି ସନ୍ନ୍ୟାସୀ ବିଶ୍ୱକର୍ମାଙ୍କଠାରୁ ଲାବଣ୍ୟବତୀର ସ୍ୱପନ ଦାନ ଘେନିଲେ ।

ଜଗତ ମଣ୍ଡି, ମଣ୍ଡୁଷ ମଧ୍ୟେ ପ୍ରତିମା,
ଦର୍ପଣେ ଫୁଟି ଦିଶୁଛି କେମା ସୁଷମା । ୧୩ । (୮ମ ଛନ୍ଦ)

ଏହି ଚିତ୍ରପଟ ରୂପକୁ ଦେଖି ବିଭିନ୍ନ ଦେଶର ଲୋକେ କିଏ କେତେ ପ୍ରକାର ଆଦର ପ୍ରଶଂସା କଲେ ।

କେ ବୋଲେ ପଟ କିଏ କାହାର କପଟ,
ଦେଖିଲେ କମ୍ପିତ ଚିତ୍ତ ହୋଏ ଲମ୍ପଟ,
କେ ବୋଲେ ସତେ କାମିନୀ ଅଛି ଏମନ୍ତେ,
କେମନ୍ତେ ଗଢିଲା ବିହି ଆୟୁଷ କେତେ ।
କେ ବୋଲେ ମୋହନ ମୂର୍ତ୍ତିବନ୍ତ ହୋଇଲା,
ସକଳେ ସୁନ୍ଦର ଅଙ୍ଗେ ଘେନି ଅଇଲା । X ।

ବିଦ୍ୟୁତ୍‌ସ୍ଥିର ଇନ୍ଦୁ ଚିର ନିଶି ଦିବସ,
ଅମଳିନ ହୋଇ ତ ନଳିନ ବିକାଶ ।
ପୁଣି ବିସ୍ମରିଲେ ବଳଭୂମି ବିସ୍ତର,
ଅଙ୍ଗେ ଅନଙ୍ଗ ରହିଲା କି ଦୁର୍ଗ କରି । X ।

ସୀମା ପ୍ରଶଂସାରେ ଖ୍ୟାତ ହେଲା, ନୃପତିସମୂହ ଉଚ୍ଛନ୍ନ ଚିତ୍ତରେ ରହିଲେ । ସେମାନଙ୍କ ଅବସ୍ଥାକୁ କବି ବିଚିତ୍ର ଭାବରେ ବ୍ୟକ୍ତ କରିଛନ୍ତି—

ମନକୁ ପ୍ରେରିତ କଲେ ସିଂହଳ ଦ୍ୱୀପ,
ଶୟନେ ଦେଖିଲେ ସ୍ୱପ୍ନେ ବାଳା ସ୍ୱରୂପ । (୮ମ ଛାନ୍ଦ)

ପୁଣି ପେଡ଼ି ଫିଟାଇ ଚିତ୍ରପଟ ଦେଖାଇବା ବେଳେ ନୃପସୁତର ଅବସ୍ଥା—

ନୃପସୁତ ଆଗେ ପେଡ଼ି ଫେଡ଼ିଲା, ଫେଡ଼ିଲା ନାହିଁ ନୟନ ପଡ଼ିଲା ।
କି ପଡ଼ିଲା, ନାହିଁ କଢ଼ିଲା ଘେନ, କଢ଼ିଲା ନାହିଁଟି ବୁଡ଼ିଲା ଜ୍ଞାନ ।୧।
ମୂର୍ତ୍ତିବନ୍ତ କଲା ମଦନକଳା, କନକନଭ ମଦନ ପିତୁଳା ।
କାଚବାଡ଼ପୁରେ ବସିଲା ପରି, ମୁକୁରେ ଫୁଟି ଦିଶୁଛି ମାଧୁରୀ ।
କି ସୁନ୍ଦର, ସମେ ଆଉ କାହିଁଛି, ସଚିତ୍ର ହୋଇ ବିଚିତ୍ର ହୋଇଛି ।୨।

ପୁଣି, ଚନ୍ଦପଟରେ ପିଉଲା ଜ୍ୟୋତିଗୁରୂପ ଧାରଣ କରି ଶିଳ୍ପୀର ତୂଳୀକୁ ସାର୍ଥକ କରିଛି । ଏ 'ସୁନ୍ଦର' ରୂପ 'କବିବଚନ ପଥକୁ କୃତାର୍ଥ' କରିଛି । ଛବିର ରଚନାଶୈଳୀ ଏତେ ସୁନ୍ଦର ଯେ ଚନ୍ଦ-ନାରୀ ପ୍ରତି ଅନୁରାଗ ଜନ୍ମାଇ ପାରିଛି ଏବଂ ଫଳରେ ନାୟକ ଏହା 'ରମା କି ପ୍ରତିମା' ହେଜି ପାରୁନାହିଁ । ନାୟକ ଏତେ ମୁଗ୍ଧ ହୋଇଗଲେ ଯେ ସେ 'ମନେ ମନେ ଲକ୍ଷେ ଚୁମ୍ବନ' ଦେଲେ ।

ସରସିଜେ ଶିଶୁ ଅଳିଆବଳୀ, ବସିଥିଲେ ପରି ଅଳକାଟଳି ।
ଅଧରେ ତ ଅଛି ହାସ ଝଳକ, କର୍ପୂରେ ମାଜିଲେ ପରି ମାଣିକ୍ୟ ।
କି ସୁନ୍ଦର, ପୁଣି ପକ୍ଷ୍ମଗ୍ରହୁରି, ଖ୍ୟାଳଦେବାପରି ଧୈର୍ଯ୍ୟ କରୁରି । ୬ ।
ଆଗ ଅନୁରାଗ ଭ୍ରମ ଉପୁଜି, ରମା କି ପ୍ରତିମା ନ ପାରେ ହେଜି ।
ଚକିତ ସ୍ତକିତ ଦଣ୍ଡେ ହୋଇଲେ, ମନେ ମନେ ଲକ୍ଷେ ଚୁମ୍ବନ ଦେଲେ ।
କି ସୁନ୍ଦର, ମନନୟନ ପ୍ରାଣ, ସେହି ଶୋଭାରେ କଲେ ସମର୍ପଣ । ୪ ।

(୧୦ମ ଛାନ୍ଦ)

ପୌରାଣିକ ଦୃଷ୍ଟାନ୍ତ—ଉପେନ୍ଦ୍ରଙ୍କ ପୁରାଣଜ୍ଞାନ ଅତି ଗଭୀର ଥିବା ତାଙ୍କ କାବ୍ୟମାନଙ୍କରେ ବିଭିନ୍ନ ପୌରାଣିକ ପ୍ରସଙ୍ଗାନୁକୂଳ ଉଲ୍ଲେଖରୁ ଜଣାଯାଏ । ରାମାୟଣ, ମହାଭାରତ, ଭାଗବତ ଓ ଅନ୍ୟାନ୍ୟ ପୁରାଣମାନଙ୍କର ବିଭିନ୍ନ ଚରିତ ଓ ଚରିତ୍ରର ଉଲ୍ଲେଖକରି ପ୍ରତିପାଦିତ ବିଷୟକୁ ପ୍ରାମାଣିକ ଓ ରମଣୀୟ କରିପାରିଛନ୍ତି । ଏହାଦ୍ୱାରା ମହାକାବ୍ୟର ପୌରାଣିକ କଥାବସ୍ତୁ ସମ୍ପର୍କୀୟ ବିଧାନକୁ ମଧ୍ୟ ସେ କାର୍ଯ୍ୟରେ ପରିଣତ କରିଥିବା ମନେହୁଏ ।

ପୌରାଣିକ ଚରିତ ଓ ଚରିତ୍ରର ଉଲ୍ଲେଖଥିବା ଏହି କେତୋଟି ସ୍ଥାନରୁ ତାଙ୍କର ପୁରାଣ-ଜ୍ଞାନର ଗଭୀରତା ଓ ବ୍ୟାପକତା ସୁସ୍ପଷ୍ଟ ହେଉଛି ।

(୧) ରାମ, ଜନକ, ଭୀମ, ଶିବ, ପରଶୁରାମ, ବଳରାମ—ପ୍ରଥମ ଛାନ୍ଦରେ ପ୍ରାର୍ଥନାରେ ଏମାନଙ୍କ ବିଷୟର ଅବତାରଣା ହୋଇଛି । ରାମାୟଣ, ମହାଭାରତ, ଭାଗବତ ଓ ଶିବପୁରାଣର ପ୍ରସଙ୍ଗର ସୂଚନା ଏଥିରେ ମିଳୁଛି ।

ଜୟ ଜୟ ରାମ ଜନକ ସୁଖଦ,
ଶ୍ରମ ହରଣ ଦାନରେ ସଦା ବିଶାରଦ ହେ । ୧-୫ ।
ହେ ରାମକୃଷ୍ଣ ସୁନ୍ଦର କଳାପ ମଣ୍ଡନ,
ରାଧାପତି ରୁଚିହାସ ଅଘ ବିଖଣ୍ଡନ । ୨୦ ।

(୨) ନୃସିଂହ ପୁରାଣ—ହିରଣ୍ୟ ତନୁରେ ଯେ ଖଚିତକାରୀ,
ଦାସବତ୍ସଳ ରାମ ନରହରି । (୪ର୍ଥ ଛାନ୍ଦ)

(୩) ରାମାୟଣ—ଶ୍ରୀନଳୟ ଦ୍ୱିଜରାଜ ବନ୍ଦନୀୟ ଜନକ ସୁଖକୁ ପ୍ରକାଶି
ସୁମର,ମନେ ସେ ରାମଚନ୍ଦ୍ର ଶିବ । ୩୨ । (୫ମ ଛାନ୍ଦ)

(୪) ବାମନପୁରାଣ—ବଳି ଛଳି ରାମ ବାମନ ମୂର୍ତ୍ତି ମନରେ ଧ୍ୟାୟି ।× ୫୭।
(୬ଷ୍ଠ ଛାନ୍ଦ)

(୫) ଅଥ ମନ୍ମଥର ମନଭେଦୀ ଶର,
ମରମକୁ ଭେଦିବାରେ ମନୋହର । ୭୧ ।
ହର ପଥର ହେଲେ କାତର ଘୋଟି,
ଯେଣୁ ଏଥର ଶିବ ହୃଦୟ ଫୁଟି ।୭୨। (୭ମ ଛାନ୍ଦ)

(୬) ମାଳା ଗ୍ରେହିତ ଶଖର ଦରହାସି,
ଶ୍ରୁତି କସ୍ତୁରିକ କାନ୍ତିଖ୍ୟାତକାରୀ । ୧୬ ।
ମୀନମୂର୍ତ୍ତି ରଘୁପତି ଶ୍ରୀପୟର,
ଭାବେ ଉପେନ୍ଦ୍ର ଭଞ୍ଜ ବୀରବର । ୧୭ ।
(୭ମ ଛାନ୍ଦ)

(୭) ଶୋଭି ଅର୍ଥେ ମଣ୍ଡି ହେଲେ ରତ୍ନାଳଙ୍କାର,
ପଉଣ୍ଡ୍ରକ ବାସୁଦେବ ହେଲା ପ୍ରକାର । ୬୦ । (୮ମ ଛାନ୍ଦ)

(୮) ରୂପକାର ରଙ୍ଗାଜିବ ମର୍ତ୍ତ୍ୟରେ କାହିଁ,
ମନକୁ ଆସେ ମଘବା ଭୁବନେ ନାହିଁ ।୬୧।(୮ମ ଛାନ୍ଦ)

(୯) ଅଗସ୍ତି ପ୍ରସଙ୍ଗ—ଗୁରୁଦ୍ରୋହୀ ପୁଣ ସ୍ୱର୍ଗଭୋଗ ପାଇଛୁ,
ସାତସିନ୍ଧୁ ଚକ୍ଷୁ ଭିତରରେ ରହିଛୁ । ୭୦ । (୮ମ ଛାନ୍ଦ)

(୧୦) ବନାତ୍ମକ ପୂଜ୍ୟ ସଦାଶିବ ତୋପଦ,
ସୁମନସ ଗଣର ଯେ ହରେ ବିଷାଦ । ୮୦ । (୮ମ ଛାନ୍ଦ)

(୧୧) ଖଳୁଛୁ ନୁହଇ ମାର, ନାହିଁ ଫୁଲ ଧନୁଶର,
ସୁଧାକର ନୋହେ ତହିଁ କଳଙ୍କ ଅଛୁ × × । ୨୮ ।
(୧୧ଶ ଛାନ୍ଦ)

(୧୨) ନିକଟେ ଗୋକୁଳେ ହରି, ମୋହନରୂପକୁ ଧରି-
ଥିଲେ ନାଶ କରିଛନ୍ତି ଅବନୀଶ୍ୱର । ୨୯। (୧୧ଶ ଛାନ୍ଦ)

(୧୩) ହରି ଅରି-ଘାତ ସହି ରହିଲଛ୍ଛ ଯନ୍ତ୍ର ପିଉଛନ୍ତି ପୀୟୂଷ । ୧୮ ।
(୧୨ଶ ଛାନ୍ଦ)

(୧୪) ମନ୍ଦ ମରୁତ, ବୋଲୁଛୁ ଯେଣୁ ତନୁ ପୋଡ଼ୁ,
ଦେବତା ହୋଇଲେ ପୁଣ ମାତା-ଗୁଣ ଗ୍ରାବଣ ପର୍ଯ୍ୟନ୍ତେ ନଛାଡ଼ୁ । ୨୦।
ଲଗିଲେ ଜମ୍ପା ବ୍ୟଥିତ ନ କରିବୁ କାଳେ ବୋଲାଉ ଖଣ୍ଡଭୂତ
ଏତେକ ବିବେକ ଇନ୍ଦୁର ନୋହିଲା ଦେହରୁ ହେବ ବଳବନ୍ତ ।
ଜଳପବନ, ଏକ ବିନା ସୁଖ ନ ଘେନ,
ଗ୍ରାମଠାରୁ ଜଣାଯାଉଛୁ ନିସତ ହେବ ଗଲା କାଳେ ଜୀବନ । ୨୧ ।
(୧୨ଶ ଛାନ୍ଦ)

(୧୫) ଶିବ କେମନ୍ତ ଦେଖ ବହିଲେ ଶିରେ,
ଶଶିଶବଦ ଥାଇଁ ଚନ୍ଦ୍ରସ୍ନେହରେ ଯେ । ୮ । (୧୪ଶ ଛାନ୍ଦ)

(୧୬) ଧ୍ରୁବ ବାଳକ ବ୍ରହ୍ମଜ୍ଞାନ କହିଲା,
ଅଗସ୍ତିଙ୍କ ଉଦରେ ସିନ୍ଧୁ ରହିଲା । ୧୬ । (୧୪ଶ ଛାନ୍ଦ)

(୧୭) ଏକେ ଅଦ୍ଭୁତରଜା ଦୁଜେ ଧୀବରୀ,
ପରାଶର ଋଷିର ବିବେକ ହରି ଯେ । ୨୨ । (୧୪ଶ ଛାନ୍ଦ)

(୧୮) ତାକୁ ପାଇବା ଅଛୁ ଏହି ଭରସା,
ଚନ୍ଦ୍ର ଲଭିଲ ମଲ ଉତ୍ସରୁ ଶଶା ଯେ । ୪୦ । (୧୪ଶ ଛାନ୍ଦ)

(୧୯) ଅସୁରଯୁବତୀ ବୃନ୍ଦାବତୀ ପୂର୍ବେ ଥିଲା,
ଶ୍ରୀପତି କେଉଁ ସୁନ୍ଦର ବର ନ ରସିଲା ।
ମାୟାଧର କଲେ ମାୟା,
ସତ୍ୟ ଯେନ ଅନଳେ ଦହନ କଲା କାୟା । ୧୬ । (୧୬ଶ ଛାନ୍ଦ)

(୨୦) ମହିଷବଜୟୀ ଅତି ସୁରଭି ସ୍ୱରୂପ,
ସଦାଶିବ ସୁଖଦାନ କରଣେ ଲୋଲୁପ ।
ରାମଦୁର୍ଗା ଇଷ୍ଟଦେବୀ,
ଉପଇନ୍ଦ୍ର ବୀରବର ଦୁଃଖନାଶେ ଭାବି । ୪୧ । (୧୬ଶ ଛାନ୍ଦ)

(୨୧) ହରିହର ସୁପ୍ରସନ୍ନ ହିବ, ମାର ପୁରନ୍ଦର କଣ୍ଠ ହେବ ।
ଭାଗ୍ୟ ଭାଗୀରଥ ହୋଇ ଯେବେ ତବ,
ସ୍ନେହ-ଗଙ୍ଗାଜଳ ମଜ୍ଜାଇବ ହେ । ସୁଂଦର । ୧୦। (୨୦ଶ ଛାନ୍ଦ)

(୨୨) କାମୀ ହୃଦ ଖାଣ୍ଡବ ଦହନେ ଏ ପାଣ୍ଡବ,
କଲାନ ଶିଖା ପ୍ରକାଶି ଆରମ୍ଭ ତାଣ୍ଡବ । ୯ । (୨୧ଶ ଛାନ୍ଦ)

(୨୩) ଫାଲ୍‌ଗୁନ ଫାଲଗୁନ ପୂନ ପୂନ ଜପ କରେ,
ଦୁଃଖ ଗ୍ରୀଷ୍ମ ନାଶ ହୋଇବାର ସେ ବସ୍ତ୍ରରେ ଯେ । ୫୯ ।
(୨୧ଶ ଛାନ୍ଦ)

(୨୪) ମଇନାକ ଲୁଚେ ଇନ୍ଦ୍ର ଶତକୋଟି କୋଟି କୋଟି ମାରେ ବଜ୍ରର ।
। ୩୯ । (୨୩ଶ ଛାନ୍ଦ)

(୨୫) ଚଂଦ୍ର ସୂର୍ଯ୍ୟ ତାରାପୁଅ ଉହାଡ଼ି କଲା,
ନୀଳଗିରି ଦଶିବୁ କି ବଜେ କମଳା । ୨୮ । (୨୬ଶ ଛାନ୍ଦ)

ଏପରି ଶତାଧିକ ସ୍ଥଳରେ ପୌରାଣିକ ଚରିତ ଓ ଚରିତ୍ରର ଉଲ୍ଲେଖ ହୋଇଛି, ଏହାଦ୍ୱାରା କବିଙ୍କ ଉକ୍ତିର ସାର୍ଥକତା ପ୍ରତିପାଦିତ ହୋଇଛି ।

ସାମାଜିକ ରୀତି—ଉପେନ୍ଦ୍ର ଭଞ୍ଜ ଲାବଣ୍ୟବତୀରେ ସମାଜର ବିଭିନ୍ନ କ୍ଷେତ୍ରର ରୀତିନୀତିର ଯେଉଁ ଚିତ୍ର ଦେଇଛନ୍ତି ସେଥିରୁ ସମାଜର ସଂସ୍କୃତି ଉଚ୍ଚ ଓ ବ୍ୟାପକ ଥିବା ଜଣାଯାଉଛି ।

ମାନ୍ୟଧର୍ମ, ମର୍ଯ୍ୟାଦାଜ୍ଞାନ ଓ ଶୀଳତା ପ୍ରଭୃତି ସମାଜର ସବୁଶ୍ରେଣୀରେ ବିଦ୍ୟମାନ ଥିବା ଏଥିରୁ ସୂଚିତ ହେଉଛି । କାବ୍ୟର ସଂସାର ମୁଖ୍ୟତଃ ରାଜପରିବାର ଭିତରେ ଆବଦ୍ଧ ଥିଲେ ମଧ୍ୟ ରାଜପ୍ରାସାଦର ଗବାକ୍ଷ ବାଟେ ବାହ୍ୟ ଜଗତର ବହୁ ଦୃଶ୍ୟ ଦେଖାଯାଉଛି ।

କବି ପ୍ରସଙ୍ଗକ୍ରମେ ସମୟୋଚିତ ଓ ସୁସଙ୍ଗତ ରୀତିନୀତିର ଅବତାରଣା କରିଥିବାରୁ ବର୍ଣ୍ଣନାର ଗୌରବ ବୃଦ୍ଧି ପାଇଛି । ଏବଂ ଶୀଳପାଠକଗ୍ରାହକଙ୍କ ମନ ଉଲ୍ଲାସ କରି ପାରିଛି । ବହୁ ରୀତିନୀତିର ଉଲ୍ଲେଖ ଥିଲେ ମଧ୍ୟ ଅଳ୍ପ କେତୋଟି ଏଠାରେ ଉଦ୍ଧାର କରାଗଲା ।

(୧) ଯେତେ କୋଟି ସୁବର୍ଣ୍ଣ ଯାହାକୁ ମିଳେ ତହିଁ,
ତେତେ ଗୋଟି କଳଶ ସେ ମନ୍ଦିରେ ବସାଇ ଯେ ।୪। (୨ୟ ଛାନ୍ଦ)

(୨) ଏହି ସମୟକୁ ହୋଇ ସୁବେଶ,
ପାଟ କଉତିକ ସୂତା ପ୍ରବେଶ । ୩୮ ।
ଛାଇ ମପାଇ ମୂଳ କରି କାଳ,
ଜେମା ପାଶକୁ ଚଳିଲେ ତତ୍କାଳ । ୩୯ ।
(୩ୟ ଛାନ୍ଦ)

(୩) କି କରି ତୁମ୍ଭେ ଜେମା ପାଶେ ଆଇ,
ସୁବେଶ ନିତି ନ କର କପାଇଁ ଗୋ । ୨ । (୪ର୍ଥ ଛାନ୍ଦ)

(୪) ଶୁଣି କରି କର ପଇଠ ଦେଇ କହେ ସୁନ୍ଦରୀ । ୪୮ । (୬ଷ୍ଠ ଛାନ୍ଦ)

(୫) ଏ ବଚନେ ଶାନ୍ତ ଲଭିବାକୁ ପୁନ,
ଖଡ଼ି ପକାଇ କଲେ ଶକୁନମାନ । ୯୧ ।
ସାଧିତାକୁ ତହିଁ ଅନୁକୂଳ ଦେଲେ,
ବଙ୍କ ବ୍ରହ୍ମଗୃହୀ ଜଣେ ସଙ୍ଗେ କଲେ । ୯୨ ।

ଶୂନ୍ୟେ ସେ କାଳେ ଶୁଦ୍ର ଆଡାସ୍ଥୀ ଭ୍ରମେ,
ଗଲା ଦକ୍ଷିଣେ ଦ୍ୱିଜ ଗୋମାୟୁ ବାମେ । ୯୩ ।
ପଛୁଁ ପବନ ବହିଲା ହୋଇ ସ୍ୱଚ୍ଛ,
ଗୋପୀ ଧୀବରୀ ଡାକଲେ ଦଧିମାଛ । ୯୪ ।
ଆଶା ବଢ଼ିଲା ଶୁଭ ସୂଚକ ଜାଣି,
ଛାନ୍ଦ ସମାପତ ତୋଷ ହଂସ-ମଣି । ୯୫ ।
(୭ମ ଛାନ୍ଦ)

(୬) ବଶ ହୋଇଛୁ ଶୁଣିକରି ଆସୁ,
ଆମ୍ଭର କନ୍ୟା ଯାଚବା ନାହିଁଶୁ । ୩୪ । (୧୦ମ ଛାନ୍ଦ)

(୭) ଉଦ୍ଧତକୁ ବଶୁର ନକର କମ୍ବୁକଣ୍ଠୀ,
ଭେଟିଁ ଦେବୁ ଅଞ୍ଚଳେ ଅଞ୍ଚଳେ ଦୃଢ଼ ଗଣ୍ଠି ଯେ । ୩୩ ।
(୧୫ଶ ଛାନ୍ଦ)

(୮) ଏ ଉତ୍ତରୁ ଶଙ୍କା ଉପୁଜାଇ ହେଲେ ଆଳୀ,
ଗୁପତ କଥା ପ୍ରକଟ ହେଲେ ନବବାଳା ଗୋ ।
ତୁ ରାଜକୁମାରୀ ତୋତେ ହେବ ବଡ଼ ଲଜ,
ସରବ ଆମ୍ଭ ମହତ୍ତ୍ୱ ନ ପାଇବୁ କାର୍ଯ୍ୟ ଗୋ । ୪୦ ।
(୧୫ଶ ଛାନ୍ଦ)

(୯) ବୋହିତ ଲଗିଲା ଆସି ସିଂହଳ ଦ୍ୱୀପରେ
ସାଧବ ଯୁବତୀମାନେ ଅତି ପ୍ରମୋଦରେ ।
ଗଲେ ବୋହିତ ବନ୍ଦାଇ
ଅର୍ଘ୍ୟସ୍ଥାଳୀମାନ କରେ ହୁଳହୁଳି ଦେଇ । ୧ । (୧୭ଶ ଛାନ୍ଦ)

(୧୦) × ମୁଁ କପାଇଁ ଗୁଣ୍ଡିବାଟି ସଖୀର ବଢାଇ ।
ପାଣ୍ଡି ଏମନ୍ତ କହିଲା,
ସମେ ବର ମିଳିଲେ ବିବାହ ହେବ ବାଳା । ୧୧ । (୧୭ଶ ଛାନ୍ଦ)

(୧୧) ସେ ବୋଇଲେ ଆମ୍ଭେ ନାରୀ
ପ୍ରଥମରେ ଲେଖିବୁଟି ପତ୍ରିକା କ କରି । ୪୫ । (୧୭ଶ ଛାନ୍ଦ)

(୧୨) ଦ୍ୱିଜକୁ କହିଦେଲା ମେଘମାଳା,
ନମସ୍କାର କରୁଅଛନ୍ତି ବାଳା । ୫୪ ।
ମନୋରଥ ସିଦ୍ଧିରସ୍ତୁ ଏ ବାଣୀ,
ଯୋଗୀ କଲ୍ୟାଣ କଲେ ଯୋଡ଼ି ପାଣି । ୫୫ ।
(୧୮ଶ ଛାନ୍ଦ)

(୧୩) କରଯୋଡ଼ି ମୁଁ ଣାଉଛୁ ସଂଦେଶ ଦୋଷ ନ ଧରିବୁ ଚଦ୍ରେରେ ।
ସୁଂଦରି, ସବୁ ସଖୀଙ୍କି ସଙ୍ଗୁଲା ମୋହିର । × । ୨୫
(୧୯ଶ ଛାନ୍ଦ)

(୧୪) ଆଣି କାତକୁ ନବବାଳୀ, ଅନୁରାଗ ନ ଲେଖିଲା କାଳୀ
କୁଙ୍କୁମେ ଲିଖିତ ବର୍ଣ୍ଣ ନଜବର୍ଣ୍ଣ,
ଖଳ ଆଳୀଙ୍କ ନାମରେ ଛଳ ସେ । ସୁନ୍ଦରି । ୧ । (୨୦ଶ ଛାନ୍ଦ)

(୧୫) କ୍ଷଜିଠାରୁ ଶୁଦ୍ର୍ୟାଏ ପ୍ରଣମିତ କଲ୍ୟାଣ ବାଞ୍ଛା କଲେ ଦ୍ୱିଜେ ।

(୧୬) ପତ୍ରୈକାର ମୁଦ୍ରିନୀ କଞ୍ଚୁକୀ ନକର,
ଆଡ଼ ହୋ ଅଡ଼ ହୋ ଡାକେ କରି କାତର ।
ମହିମା ତାକ ଅଣିମା ସୁଖଦାୟିନ । × । ୮୧-୮୨ ।
(୨୬ଶ ଛାନ୍ଦ)

(୧୭) ବପ୍ରେ ଆଣି ପରବେଶ ଦ୍ୱାରପାଳ କରେ
କଲ୍ୟାଣ ବାଞ୍ଛିଲେ ସେ ନୃପଜ ନମସ୍କାରେ ଯେ ।
ଆସନ ପାଇ ବସୁଧାଦେବ ଅତି ତୋଷି
ଛାମୁରେ କଲେ ପାଠ ଶାଠ ବୋଲି ଭାଷି ଯେ । ୧୮ ।
(୨୮ଶ ଛାନ୍ଦ)

(୧୮) କେଉଁଦିନ ଆସିବେ ମୋ କାନ୍ତ ପରବାସୀ
ବୋଲି ଦେବା ବେଳେ ବାଳା ଖଡ଼ିକ ମନାସି ଯେ । ୨୯ ।
(୪୬ଶ ଛାନ୍ଦ)

(୧୯) ଲକ୍ଷ୍ମୀସହି ନୃସିଂହ କରନ୍ତୁ ଶୁଭ ଏବେ
ଯେତେବେଳେ ସଖୀ ଶୁଭ ସ୍ୱପ୍ନ କହୁଥିବେ ହେ । ୩୨ ।
(୪୬ଶ ଛାନ୍ଦ)

(୨୦) ସଖୀ ଡାକ ଦେବ ଅନ୍ନ ନଉଛାଇଁ ଆସ
ନ ପାଇବ ସୁମୁଖୀ ମାନଙ୍କୁ ଅବକାଶ ଯେ । ୩୫ । (୪୨ଶ ଛାନ୍ଦ)
(୨୧) ଯେ କଲା ବିଚ୍ଛେଦ ବଜ୍ର ପଡ଼ୁ ତାହା ଶିରେ
ଏତେ ବୋଲି କୋଳକରି ତୋଳିଲା ସଖିରେ ଯେ । ୨୪ ।
(୯୨ଶ ଛାନ୍ଦ)

ନୀତି ବଚନ—କବି ଲାବଣ୍ୟବତୀରେ ପ୍ରସଙ୍ଗକ୍ରମେ ଶତାଧିକ ନୀତିବଚନ ଲିପିବଦ୍ଧ କରିଛନ୍ତି । ସମାଜ ଓ ଜୀବନର ବିଭିନ୍ନ ବିଭାବକୁ ସ୍ପର୍ଶ-କରି ଏହିଗୁଡ଼ିକ ସୂକ୍ତିସୁଲଭ ଭାଷାରେ ଲିଖିତ ହୋଇଥିବାରୁ ଏଗୁଡ଼ିକ ଜନାଦୃତ ହୋଇ ପାରିଛି । ସମାଜ ଓ ଜୀବନ ସମ୍ବନ୍ଧରେ କବିଙ୍କର ଗଭୀର ଜ୍ଞାନ ଥିବା ଏଥିରୁ ପ୍ରମାଣିତ ହେଉଛି; ସମାଜ ମଧ୍ୟ ଶିକ୍ଷିତ, ରୁଚିସଂସ୍କୃତିସମ୍ପନ୍ନ ଥିବା ପ୍ରତୀୟମାନ ହେଉଛି ।

(୧) ବୁଝାଇଲେ ଜଡ଼ଜନ ଭାବକୁ ପାଇବେ
ଖଳଙ୍କର ଚିତ୍ତାଙ୍କୁର ପ୍ରାପ୍ତେକ ଗ୍ରାସିବ ହେ । ୧୦ ।
(୨) ମଧୁମକ୍ଷି ରୁଚି ସ୍ନେହେ ଅମୃତାଦର ସୁରେ
କରନ୍ତି ଯେମନ୍ତ ସାଧୁଜନେ ସେ ପ୍ରକାର ହେ । ୧୧ ।
(୩) ବିଷବୃକ୍ଷ ସ୍ଥାପି ନାଶ କରିବାର ଦୋଷ
ଏ ସଂସାର ଆମ୍ଭ ଖେଳଘରର ସଦୃଶ । ୨୦ । (୧ମ ଛାନ୍ଦ)
(୪) ବ୍ୟାଧିବନ୍ତର ବାଞ୍ଛିତ ଉପଚାର ବୈଦ୍ୟ ବହିଲାର ପରି ଯେ । ୩ ।
(୪ର୍ଥ ଛାନ୍ଦ)
(୫) କିସ ପୁଣି ଦେଖା ନ ଯାଇ ଯେବେ ଥାଇ ଜୀବରେ । ୧୨ ।
(୨ଷ୍ଠ ଛାନ୍ଦ)
(୬) ପରଦ୍ରବ୍ୟ ପରସ୍ତ୍ରୀ ହରଣକୁ,
ଲେଖୁଁ ଶୁଭ କରି ତନୁ ମରଣକୁ । ୫୨ ।
(୭) ନାହିଁ ଖଳ ଦୁର୍ଜ୍ଜନ ନିର୍ଜ୍ଜନ ଜନ
ଶୁଣିଲାର ପ୍ରସଙ୍ଗ ନକହୁଁ ପୁନ । ୫୩ । (୭ମ ଛାନ୍ଦ)

(୮) ସୁବର୍ଣ୍ଣ ସୀତାରେ ବଶ ଶ୍ରୀରାମ
ଯାହାର ସନ୍ଧିରେ ବଳଇ ପ୍ରେମ । ୨୪ । (୧୦ମ ଛାନ୍ଦ)

(୯) ଚକୁର ଶୋଖ୍ୱା ମୁକୁର ପ୍ରତିବମ୍ବ ଆଲିଙ୍ଗନେ ଯେବେ ଆସିବ ।
ମୃଗତୃଷ୍ଣା ଜଳ ତୃଷ୍ଣାକୁ ନାଶିବ ସ୍ୱପ୍ନ ତେବେ ସତ ଢଗିବ ।
କହେ ସତବ-ସୁତା ସବୁ ବଡ଼ ଦଇବ ।
କାହା ମନେ ଥିଲା ଅଗାଧ ସମୁଦ୍ର ଚଳୁଭିତରେ ସମ୍ଭାଇବ । ୭ ।
(୧୨ ଛାନ୍ଦ)

(୧୦) ପବନକୁ ପାଶ ପାତ ବସିଥିରେ ସେ କାହିଁ ହୋଇବ ବନ୍ଧନ । ୮ ।
(୧୧) ଆଖି ଥାଉଁ ଦେଖି ନପାର ସଙ୍କେତ ହୋଇଲ ହୁଅ କାହିଁ ପାଉଁକ । ୯ ।
(୧୨) ମଙ୍ଗଳ ଚଳନେ ଉଇଁଲା ଘନ କି ଜଳ ବରଷା ନ କରିବ । ୧୮ ।
(୧୩) ରୋଗ ଋଣ ଶତ୍ରୁ ଶେଷକୁ ରଖିଲେ ଆପଣାର ବାଧା ଏ କଥା । ୨୭।
(୧୪) ବଡ଼ ହୋଇ କସ ହୋଇବ ଅର୍ଜିଲା କର୍ମ ସିନା ଭୋଗ କରିବ,
ସାଗର ମନ୍ଥନେ ଗରଳ ପାଇଲେ ଭୋଗ କଲେଟି ମହାଦେବ । ୩୪ ।
(୨୬ଶ ଛାନ୍ଦ)

(୧୫) ଦୁଇକରେ ଭୁଞ୍ଜେ ଭୋଗୀ, ହେଲେ କି ସୁଖୀ ଗୋ । ୫୬ ।
(୧୬) ପକ୍ଷୀ ପକ୍ଷ ଥିଲେ ପାଇ ଶକ୍ୟାନୁରୂପେ ଗମଇ । ୫୭ ।
(୧୭) ହେମନ୍ତ ଋତୁ ପ୍ରବେଶ, ପଦ୍ମବନ ହରେ ହଂସ
ମୂଳ ଥିବାରୁ ବସନ୍ତେ, ପଲ୍ଲବେ ସତେ ଯେ । ୫୯ ।
(୧୮) କ୍ଷୀଣ ହୋଇ କଷ୍ଟ ସହୁ, ଜୀବମାନେ ଥିଲେ ରୁହୁ
ଲଭିବୁ ପରମ ଭୋଗ, ଅଛୁ ଏ ଯୋଗ ଗୋ । ୬୦ ।
(୧୯) ମାଳତୀ ଅଗମ୍ୟ ବନେ ଫୁଟିଲେ ବସ୍ତୁର ମନେ
ଭୃଙ୍ଗେ କି ଭୋଗ୍ୟ ନୁହଇ, ପରାଣ ସହୁ ଗୋ । ୬୧ ।
(୨୦) ଏକଥା ଭାବତ ଟଉ ମଧୁମକ୍ଷିକା ସଞ୍ଚିତ
ଦେବଭୋଗ୍ୟ ହୋଏ କେହୁ, ବସ୍ତୁର ହେତୁ ଗୋ । ୬୨ ।
(୨୧) ଫଣୀ ଜାଗ୍ରତେ ଚନ୍ଦନ ଥିଲେହେଁ କର ଭାବନ
ଭୋଗ ହୋଉଛୁ କି ନାହିଁ, ପରାଣ ସହୁ ଗୋ । ୬୩ ।

(୨୨) ଯେବେଜି କୁସୁମ ଫୁଟେ ତେବେ ସୁଗନ୍ଧ ପ୍ରକଟେ
ଯହିଁ ତହିଁ ନଦୀଜଳ । ସମୁଦ୍ରେ ଠୁଳ ଟଗୋ । ୬୪ ।(୯ ମ ଗ୍ରନ୍ଥ)

(୨୩) ଆରତ ହେଲେ କାର୍ଯ୍ୟ ନୁହଇ ବେଗ,
କାଳକୁ ଗ୍ରହି ଭୋଗ ହୁଅଇ ଯୋଗ ହେ । ୨୯ ।

(୨୪) ନାସ୍ତିରୁ ବଡ଼ ହୋଇ ଜଗତେ ନାହିଁ,
ବାନସ୍ତିରୂପେ ହେଲେ ପବନ ମୋହ ଯେ । ୨୨ ।

(୨୫) ଅମୂଲ୍ୟ ରମାରତ୍ନ ଦେଖା ଉତ୍ତ୍ରିରେ,
ବଶ ନୋହିବ କେହୁ ଯୁବା ମାତରେ ଯେ । ୨୩ ।

(୨୬) ଦୁର୍ବଳ ମାରିବାକୁ ସମସ୍ତେ ଆଗ,
କାମକୁ ମହାଦେବ କଲେ ଅନଙ୍ଗ ଯେ । ୧୪ ।

(୨୭) ମିନ୍ଦେ ଶୁଣି ବୋଇଲେ ଜୀବକୁ ରଖ,
ଜୀବନରୁ ଅଧିକ କେହି ନ ଲେଖ ହେ ।
ଜୀବନ ଥିଲେ ହୋଏ ସବୁ ପ୍ରାପତ,
ହୋଅଇ ସମ୍ଭାବିତ ଅସମ୍ଭାବିତ ହେ । ୧୫ । (୧୪ଶ ଗ୍ରନ୍ଥ)

(୨୮) ସୁମନା ବୋଇଲା ଶୁଣ ଏ ପ୍ରାଣ ଯାହାର,
ଏକଥାକୁ କାହିଁ ପାଇଁ ନିସ୍ତମ ତାହାର । ୮ ।

(୨୯) ପଡ଼େ ଯେଉଁ କାର୍ଯ୍ୟ ଯହିଁ,
ସେ କାର୍ଯ୍ୟ ନିର୍ବାହ କରେ ପ୍ରତ୍ୟୁତ୍ତର ଦେଇ । ୧୯ ।
ଦୂତ ହେଲେ ମିଛ କହି,
କାର୍ଯ୍ୟକାଳେ ମିଥ୍ୟା କହିବାର ଦୋଷ ନାହିଁ । ୨୦ । (୧୬ଶ ଗ୍ରନ୍ଥ)

(୩୦) ଫୁଲ ଭୃଙ୍ଗର ଭୃଙ୍ଗ ଫୁଲର,
ଫୁଲ କରଇ କି ଅଭିଯୋର । ୧୪ । (୨୦ଶ ଛାନ୍ଦ)

(୩୧) ଯାହାଠାରେ ଅଭିଳାଷ କରେ ଯାହା ମନ,
ସେହି ତାର ସକଳ ସୁଗତି ବୋଲି ଘେନ ଯେ । ୩୦ । (୨୮ଶ ଛାନ୍ଦ)

(୩୨) ଶିଖାଇ ଦେବାର ବୁଦ୍ଧି କେତେବେଳ ଆଇ
ହଂସ ଶ୍ୱେତ ଶିଖୀ ଚିତ୍ର କେ କରିଛୁ ସହି ଗୋ । ୫୯ । (୩୨ଶ ଛାନ୍ଦ)

(୩୩) ବଳବନ୍ତର କ ଯଶ ଅବଳା ଧରସି ଯେ । ୪ ।
(୩୪) ତାହା ଦୁଃଖେ ଦୁଃଖୀ ଆମ୍ଭେ ତାହା ସୁଖେ ସୁଖୀ ଯେ । ୪୫ ।
(୩୫) ଯେ ଯାହାର ତାକୁ କ ନ ଲଗେ ତା ବେଦନା ଯେ । ୫ ।
(୩୩ଶ ଛାନ୍ଦ)
(୩୬) ମନକୁ ଅନୁରୂପେ ଯୁବତୀ ମିଳେ ତପେ ।
ଏଣୁ ଦୁର୍ଲଭ କନ୍ଥ ରେ । ୧୪ ।(୪୬ଶ ଛାନ୍ଦ)
(୩୭) ସତ୍ତ୍ୟେ ବିଷ ଭକ୍ଷି ହର,
ସତ୍ତ୍ୟେ ଲଙ୍ଘୁ ନାହିଁ ଟି କୂଳକୁ ଅକୂପାର । ୧୫ । (୧୭ଶ ଛାନ୍ଦ)
(୩୮) କ୍ଷିତ ଥିଲେ ନରପତ ଶୋଭା ପାଇ ବୃତ ଥିଲେ ଚନ୍ଦ୍ର ଉଜ୍ଜ୍ୱଳ
ପଦ୍ମ ଥିଲେ ସରୋବର ମଞ୍ଜୁଳ
ଯେନ ସେହି ମତ ଯୁବତକଣ୍ଠରେ ଯୁବା ଥିବାର ମଙ୍ଗଳରେ ।
ସୁନ୍ଦର, ଲଜ୍ଜନାହିଁ ଯେ ବଲ୍ଲଭପୁରସ,
ମହା ସମ୍ପତ୍ତି ଆଇ ହେବ କସ ।
ନୟନ ନ ଥାଇ ଦେବଦରଶନେ ଗଲା ପ୍ରାୟ ଉପହାସ ରେ ସୁନ୍ଦରୀ ।
। ୧୭ । (୧୯ଶ ଛାନ୍ଦ)

ସରୁବସ୍ତ୍ର—
ବାହାର କଲେ ମଳହୀନ ଶାଢ଼ୀ, ସିନ୍ଦୂରା ଧଡ଼ୀ ଫୁଲ-ଲଙ୍ଗପତ୍ତି
ରଖିଲେ ରହିବ ମୁଠା ଭିତରେ, ସତେ ରଖିଥିଲେ ବଂଶ-ନଳରେ ସେ ।
ଉଞ୍ଛିଲେ କୁଞ୍ଚିଲେ ସଖି ଯେ ।
ବାଳା ବଳ ଆଞ୍ଚ କାଛ ପିନ୍ଧାଇଲେ ଉପମାଏ ବୁଣ୍ଡ ଦେଖି ଯେ ।୩୪।
(୩୪ର୍ଥ ଛାନ୍ଦ)

ପାନଖିଆ—
ପୂଗ ଖଦିର ଚୂର୍ଣ୍ଣେ କେ ଶୋଭାଙ୍ଗୀ,
ଦର୍ବୀପଳାତ ନାଗବଲ୍ଲୀ ଭଙ୍ଗ । ୧୪ । (୩୨ୟ ଛାନ୍ଦ)

ପ୍ରସାଧନ—
ବାଛୁ ହୀନବାସ କୁଞ୍ଚ ସନ୍ଧିରେ, ଉଞ୍ଚ ରଖୁଛୁ କେ ଚୂଆ ଅତରେ ।
ଦଳମାନ ହର କର ସେବତୀ, ଗୁନ୍ଥୁ ଅଛୁ ମାଳଆ କେ ଯୁବତୀ ।

ଝିଂଗି ଶିକୁଳି ଗନ୍ଧିକୁ ମାଳିକା, କରୁଛନ୍ତି କେହି କେହି ବାଳିକା ।
ଉରି ଲବଣୀ ସିନ୍ଦୂର ଦଳନା, କରୁଅଛି ବସି କଉଁ ଲଳନା ।
ମୃଗମଦ ଗୋଳୁଛି କଉଁ ମିତ, କୁଚ ଚିତ୍ର ଚନ୍ଦ୍ରକ ନିର୍ମିତ ।
ପେଡ଼ି ଫେଡ଼ି କେ ବାଛୁଛି ରତନ, ଅଲଙ୍କାରେ ଯେଉଁମାନେ ଯତନ ।
ଘନସାର ମିଶାଇ ଚନ୍ଦନରେ, କେହି ଥୋଇଚି ହରଷ ମନରେ ।
ସଖୀମାନଙ୍କର ଏହି ବ୍ୟାପାର, ପାରିବାରିକା ଅଛନ୍ତି ଅପାର । ୧୫-୧୮ ।

(ଶାସ୍ତ୍ର ଚ୍ଛନ୍ଦ)

ପ୍ରସାଧନର ପ୍ରଧାନ ପ୍ରଧାନ ସାମଗ୍ରୀଗୁଡ଼ିକ ସଖୀମାନେ ସଜାଡ଼ୁଥିଲେ । ସମସ୍ତେ ହରଷ ମନରେ ଏହି ସନ୍ତୋଷବିଧାନ କାର୍ଯ୍ୟଟି କରୁଥିଲେ ।

ଝୀନବାସ କୁଞ୍ଚା ହେଉଥିଲା । ଚୂଆ ଅତର ବ୍ୟବହୃତ ହେଉଥିଲା । କେତକୀଫୁଲର ଗନ୍ଧ, ଝିଂଗିଶିକୁଳିକୁ ମାଳିକା ଗୁନ୍ଥା ହେଉଥିଲା । ଲବଣୀରେ ସିନ୍ଦୂର ଦଳାହୋଇ ଟିକା ଦିଆ ହେଉଥିଲା । ମୃଗମଦ କସ୍ତୁରୀକୁ ଦଳି ସେଥିରେ ସଖୀମାନେ ନାୟିକାର କୁଚରେ ଚିତ୍ର ଅଙ୍କନ କରୁଥିଲେ । ଅଲଙ୍କାର ନିର୍ବାଚନରେ ମଧ୍ୟ ସୌନ୍ଦର୍ଯ୍ୟ ବୋଧ ଥିଲା । ବେଶକାରିଣୀ ସଖୀ ପେଡ଼ି ଫିଟାଇ, ଅଳଙ୍କାର ବାଛି ପିନ୍ଧାଉଥିଲେ । ଚନ୍ଦନରେ କର୍ପୂର ମିଶାଇ ବ୍ୟବହାର କରାଯାଉଥିଲା ।

ସଖୀମାନଙ୍କ ଛଡ଼ା ବହୁ ପରିଚାରିକା ମଧ୍ୟ ରହୁଥିଲେ । ପ୍ରସାଧନ ପାଇଁ ବହୁ ପ୍ରକାର ଫୁଲଫଳ କେହି ପରିଚାରିକା ରଖୁଥିଲା । କେହି ବା ପରିଷ ବା ପିକଦାନୀ ସଜାଡ଼ିଧରି ଠିଆ ହେଉଥିଲେ । ଦର୍ପଣମଜା, ଖରଡ଼ପକା, ଚକଆଥୁଆ, ପୀଡ଼ାପକା, ସୁବର୍ଣ୍ଣକୁମ୍ଭରେ ପାଣିଅଣା ପ୍ରଭୃତି କାର୍ଯ୍ୟରେ ଜଣେ ଜଣେ ପରିଚାରିକା ହର୍ଷରେ ଲିପ୍ତ ରହୁଥିଲେ । ଏ ସମ୍ଭାର ରାଜଜେମା ପକ୍ଷରେ କେବଳ ସମ୍ଭବ ଥିଲେ ମଧ୍ୟ ସାଧାରଣ ପରିବାରରେ ଅପେକ୍ଷାକୃତ ସୁଲଭମୂଲ୍ୟର ଦ୍ରବ୍ୟ ବ୍ୟବହୃତ ହେଉଥିଲା । ପ୍ରସାଧନରୀତି ଅତ୍ୟନ୍ତ କୌଶଳପୂର୍ଣ୍ଣ ଥିଲା । ଏଥିରୁ ରୁଚିସୌନ୍ଦର୍ଯ୍ୟଜ୍ଞାନର ପରିଚୟ ମିଳୁଥିଲା ।

ନବଯୁବତୀର କେଶବିନ୍ୟାସ—ନବଯୁବତୀ ନାୟିକାର ପ୍ରସାଧନ ପ୍ରସଙ୍ଗରେ କବି ସମାଜର ପ୍ରଚଳିତ ରୀତିକୁ ହିଁ ରୂପ ଦେଇଛନ୍ତି । ଏହି ରୀତି ବର୍ତ୍ତମାନ ପର୍ଯ୍ୟନ୍ତ ବହୁଳାଂଶରେ ଦେଖାଯାଏ । କି ରାଜା, କି ଦରିଦ୍ର ସବୁ ଶ୍ରେଣୀର ପରିବାରରେ ଆର୍ଥିକ ଅବସ୍ଥାନୁସାରେ ଏହି ରୀତିର ତାରତମ୍ୟ ପରିଲକ୍ଷିତ ହେଉଥିଲେ ମଧ୍ୟ ପ୍ରକାର ଏକ ଅଛି କହିଲେ ଚଳେ ।

କେଶବିନ୍ୟାସ ବର୍ଣ୍ଣନାଟିକୁ କବି ଅତି ରମଣୀୟ ଓ ଜୀବନ୍ତ କରି ପାରିଛନ୍ତି । ବର୍ଣ୍ଣନାରେ ବାହୁଲ୍ୟ ଦୃଷ୍ଟିଗୋଚର ହେଉଥିଲେ ମଧ୍ୟ ଉପମା ଓ ଉତ୍ପ୍ରେକ୍ଷାଦି ଅଳଙ୍କାର, ସୁଲଳିତ ପଦାବଳୀ, ପଦରଚନାର ସ୍ୱତନ୍ତ୍ର ଶୈଳୀ ପଦଗୁଡ଼ିକୁ କବିତାରାଜ୍ୟରେ ଅମର କରି ରଖିଛି ।

କବି ପ୍ରସଙ୍ଗଟିକୁ ଅତି ସ୍ୱାଭାବିକ କରି ବର୍ଣ୍ଣନା କରିଛନ୍ତି । ନବବୟସୀ 'ସୁନ୍ଦରୀ ସାର, ନାହିଁ ନଥିଲା ନୋହିବ ସଂସାର' ସଖୀକୁ ବେଶ କରିବା ନିମନ୍ତେ ମିତମାନେ ଇଚ୍ଛାକଲେ । ଲକ୍ଷ୍ୟ ରହିଲା—

"ଆମ୍ଭ ଲୋଚନକୁ କବି ବଚନକୁ ପବିତ୍ର କରିବା ବେଶେ ଯେ ।"

ବେଶ କରିବା ପାଇଁ ତାହାର ସଖୀମାନେ ସଜନୀକୁ ବୁଝାଇଲେ—

କେ ଜାଣେ କାହା ମାନସ ଗୋ
ତୋ ମନେ କରିଛୁ, ଭୂଷଣଭୂଷା ମୁଁ, କାହିଁକି ହୋଇବି ବେଶ ଗୋ । ୨ ।

ଯୁବା ବୟସରେ ଯୁବାମନ ଯାହା ଚାହେଁ ତାହା ସଖୀମାନେ ବର୍ଣ୍ଣନା କରିବା ପରେ ସଖୀ ମୁଖରେ ନ କହି ଭଙ୍ଗୀରେ ଅଙ୍ଗୀକାର କଲେ । କବି ଚମତ୍କାର ପଦରେ ପ୍ରକାଶ କରିଛନ୍ତି—

ଭଙ୍ଗୀରୁ ଜାଣିଲେ ସଙ୍ଗିନୀବ୍ରାତ, ହେଲା କୋମଳ ଅଙ୍ଗୀ ଅଙ୍ଗୀକୃତ
ତାଙ୍କ ନୟନ ବିକାରରୁ ଜାଣି, ଚତୁରୀ ପରିବାରମାନେ ଆଣି ଯେ × ।୪।

ସଖୀମାନେ କେଶବିନ୍ୟାସ କରି ସାରିବା ପରେ ଅଳଙ୍କାରାଦି ପିନ୍ଧାଇଲେ । ପରେ ପାନ ଖୁଆଇଲେ ଏବଂ ଅଧରକୁ ରଙ୍ଗାଇଲେ । ଏ କାଳର ଶୋଭାକୁ ସଖୀମାନେ ମୁକୁର ଦେଖାଇ ସଖୀକୁ 'ହେଲା କି ନ ହେଲା' ପଚାରିବା ପ୍ରସଙ୍ଗକୁ କବି ଅତି କବିତ୍ୱପୂର୍ଣ୍ଣ ଭାବରେ ପ୍ରକାଶ କରି ଚିତ୍ରଟିକୁ ଜୀବନ ଦାନ କରିଛନ୍ତି । ମନର ସମସ୍ତ ଭାବରାଜି ସ୍ୱଳ୍ପପଦରେ

ସରସ ଭାବରେ କବି ଫୁଟାଇ ପାରି ଅସାଧାରଣ କବିପ୍ରତିଭାର ପରିଚୟ ଦେଇଛନ୍ତି—

ଭୁଞ୍ଜାଇଲେ ତହିଁ ହସ୍ତରୁ ପାନ, ଏକେ ଅଧର ଦୁଜେ ପରସନ୍ନ ।
ବିଦ୍ରୁମ ଛପି ରଙ୍ଗାଇଲେ ପୁନ, ଅରୁଣ କଲ କି ସିନ୍ଦୂରେ ସ୍ନାନ ସେ ।
ଶ୍ରୀକରେ ମୁକୁର ଦେଇ ସେ ।
ହେଲି କି ନୋହିଲି ବୋଲି ପଚାରିଲେ ରମଣୀ ହସିଲା ହୋଇ ସେ ।୮।
(୪ର୍ଥ ଛାନ୍ଦ)

ଏ ଚିତ୍ର ଅତୁଳନୀୟ । ଉତ୍କଳ ଏବଂବିଧ ଚିତ୍ରରେ ପରିପୂର୍ଣ୍ଣ ହୋଇ ଗୌରବମଣ୍ଡିତ ହୋଇଛି । ଉପେନ୍ଦ୍ର ଲେଖନୀ ସାହାଯ୍ୟରେ ଲିପିରେ ଯେଉଁ ଅପୂର୍ବ ଚିତ୍ରର ରୂପ ଅଙ୍କନ କରିଛନ୍ତି ତାଙ୍କର ସହସ୍ରାଧିକ ବର୍ଷ ପୂର୍ବରୁ ତାଙ୍କ ସ୍ୱଜାତିର ପୂର୍ବପୁରୁଷମାନେ ପ୍ରସ୍ତର ଗାତ୍ରରେ ଲିହଣମୁନରେ ଏପରି ଶତାଧିକ ମୂର୍ତ୍ତି ଫୁଟାଇ ଯୁଗେଯୁଗେ ଜଗତର ରସିକମନକୁ ମୁଗ୍ଧ କରୁଛନ୍ତି । ଉପେନ୍ଦ୍ର ପରଂପରା ରକ୍ଷା କରିବା ସଙ୍ଗେ ସଙ୍ଗେ ବିଚିତ୍ରକର୍ମା ଶିଳ୍ପୀର କରଣୀ ଦେଖାଇ କାବ୍ୟଜଗତକୁ ଚମତ୍କୃତ କରିଛନ୍ତି ।

କବି ଏହି ଚିତ୍ରଟିକୁ ସୃଷ୍ଟି କରି ଏହାର ସୌନ୍ଦର୍ଯ୍ୟରେ ମୁଗ୍ଧ ହେବା ପାଇଁ ରସିକଗ୍ରାହକକୁ ଅବକାଶ ଦେଇଛନ୍ତି । ନବଯୁବତୀ ନାୟିକାକୁ ସଖୀମାନେ ବେଶ କରିସାରିବା ପରେ ଜରି ଘୋଢ଼ଣୀ ଘୋଡ଼ାଇ ଦେବାରୁ ସେ ଚିତ୍ରପିତୁଳା ପରି ଅତୀବ ରମଣୀୟ ଦେଖାଗଲା । ଚିତ୍ରପିତୁଳା ଦେଖିଲେ ମନନୟନ ଲାଗିରହେ, ଅଠାକାଠିରେ ପକ୍ଷୀ ଲାଗି ରହିଲା ପରି ଜଣାଯାଏ । ଏଠାରେ ସେହି ଅବସ୍ଥା ହେଲା; ଜନମନ-ପକ୍ଷୀ ସୁନ୍ଦରୀଶୋଭା-ଅଠାକାଠିରେ ଲାଗି ରହିଲା । କବି ସ୍ୱକଳ୍ପନା ଶକ୍ତିର ଅକଳନୀୟତାର ଦୃଷ୍ଟାନ୍ତ ଦେଇଛନ୍ତି—ଯଦି ସଂସାରର ଜନମାନଙ୍କର ମନ ଏପରି ଲାଖିରହେ ତାହାହେଲେ ସୃଷ୍ଟି ଅଚଳ ହେବ । ଏହି ଭାବନାରେ ସଖୀମାନେ ସୃଷ୍ଟି ଆଉ ଦିନା କେତେ ଥାଉ, ଏହା କାମନା କରି ଜରି ଘୋଢ଼ଣୀରେ ଘୋଡ଼ାଇ ଦେଲେ । ଭାବ, ଭାଷା ଓ ପ୍ରକାଶଭଙ୍ଗୀ ବର୍ଣ୍ଣନାକୁ ଜୀବନ୍ତ କରିଦେଇଛି ।

ଘୋଡ଼ାଇ ଦେଲେ ଯେ ଜର ଘୋଡ଼ଣୀ, ଶମ୍ପାରେ ଆଚ୍ଛାଦିତ ନିଶାମଣି,
ଗ୍ରେପଣ ଚନ୍ଦ୍ର ଅତୁଳା ପିତୁଳା, କେ କଲ୍ଲ ଜର କେହି ସ୍ଥିର ହେଲ ସେ ।
ଅକ୍ଷି ପକ୍ଷି ଅଠାକାଠି ଯେ ।
ଘୋଡ଼ାଇ ଦେଲେ କି ଏହି ଭାବନାରେ ବିଧି କେତେ ଆଉ ସୃଷ୍ଟି ଯେ ।
୩୯ । (୪ର୍ଥ ଛାନ୍ଦ)

ଉଚ୍ଚ ନାରୀଶିକ୍ଷା—ନାୟିକା ଓ ସଖୀମାନେ ସରୋବରରେ ସ୍ନାନ କଲାବେଳେ ଯେଉଁ ପରିହାସପୂର୍ଣ୍ଣ ଆଳାପ କରିଛନ୍ତି ତାହା ହୃଦ୍ୟ ଓ ଉଚ୍ଚଶିକ୍ଷାର ଦ୍ୟୋତକ ହୋଇଛି । ରାଜସମାଜରେ ଉଚ୍ଚନାରୀଶିକ୍ଷାର ପ୍ରଚଳନ ଥିବା ଏହା ପ୍ରମାଣିତ କରୁଛି । ସେମାନଙ୍କର 'ହାସପରିହାସ ସରସ ଉକ୍ତିମାନ' ବର୍ଣ୍ଣନାକୁ ସଜୀବ କରିଛି ।

ଦେଖରେ ନଳିନ ନଳିନୀ ନଳିନୀରେ ପୂରିତ,
ଭ୍ରମନ୍ତି ଭ୍ରମରେ ଭ୍ରମରେ ଭ୍ରମରେ ଏ ଶୋଭିତ । ୧୮ । (୬ଷ୍ଠ ଛାନ୍ଦ)

ଏହି ହାସ-ପରିହାସ-ସରସ ଉକ୍ତିପ୍ରତ୍ୟୁକ୍ତିମାନଙ୍କରେ ଗମ୍ଭୀର ଚିନ୍ତା, ପ୍ରତ୍ୟୁତ୍ପନ୍ନମତିତା ପ୍ରକାଶ ପାଉଛି । ସମସାମୟିକ ସମାଜର, ଏକାଂଶରେ ହେଲେ ହେଁ, ଏହା ଉଚ୍ଚମାନର ନାରୀଶିକ୍ଷା ବିଦ୍ୟମାନତାର ପରିଚୟ ଦେଉଛି ।

ଅଲୌକିକତା—(୧) ପାର୍ବତୀଙ୍କ ପଶାଖେଳ ଇଚ୍ଛା ଏବଂ ମନରୁ ବାଞ୍ଛାବତୀର ଜନ୍ମ । ପାର୍ବତୀଙ୍କ ଇଚ୍ଛାରେ ଇଚ୍ଛାବତୀର ମର୍ତ୍ତ୍ୟରେ ଆବିର୍ଭାବ । (୨) ଅଶରୀରୀ ବାଣୀ ନିର୍ଦ୍ଦେଶରେ ପ୍ରଭାକରର ଗଙ୍ଗା ସାଗର ସଙ୍ଗମରେ ବାସ । (୩) ବାଞ୍ଛାବତୀର ମୃତଶରୀର ପାର୍ବତୀଙ୍କଦ୍ୱାରା ଜୀବନପ୍ରାପ୍ତ ହେବା । (୪) ଶୁକ ଓ ବ୍ରହ୍ମରାକ୍ଷସ ପ୍ରଭୃତିଙ୍କ ଚରିତ ଓ କାର୍ଯ୍ୟକଳାପ । (୫) ସନ୍ନ୍ୟାସୀଙ୍କ ଉଚ୍ଚାଟନ ଓ ମାୟା । (୬) ଐନ୍ଦ୍ରଜାଲିକ ମାୟା, ବଶ ଓ ଉଚ୍ଚାଟନ ।

ଉତ୍କୃଷ୍ଟଦ୍ରବ୍ୟର ମାନ—କର୍ଣ୍ଣାଟ ରାଜାଙ୍କୁ ସିଂହଳର ସାଧବ ଯେଉଁ ଉପହାର ଦେଇଥିଲା ସେଥିରୁ ବହୁମୂଲ୍ୟ ଦ୍ରବ୍ୟ, ଉତ୍କୃଷ୍ଟ ଦ୍ରବ୍ୟ ଓ ଦୁର୍ଲ୍ଲଭ ଦ୍ରବ୍ୟ ପ୍ରଭୃତିର ଯେଉଁ ତାଲିକା କବି ଦେଇଛନ୍ତି ସେଥିରୁ ତାଙ୍କର ବ୍ୟାପକ ପ୍ରପଞ୍ଚଜ୍ଞାନର ପରିଚୟ ମିଳୁଛି—

ମେଘଚକ୍ଷୁ ମାଳା, ବ୍ରହ୍ମକାନ୍ତ ହୀରା, କୁକୁଡ଼ା ଡିମ୍ବ ସଦୃଶ ମୁକ୍ତା, ପଦ୍ମରାଗ ମାଣିକ୍ୟ, ଅସ୍ତଚନ୍ଦ୍ର ପ୍ରବାଳ, ଚନ୍ଦ୍ରକାନ୍ତ ମଣି, ନୀଳେନ୍ଦ୍ର ମଣି, ଲକ୍ଷ୍ମୀନାରାୟଣ ଶିଳା, ଅଗୁରୁଚନ୍ଦନ, ଅତର, ଶ୍ରୀକର୍ପୂର, ଜଳରୁ ପାତଳ ଚୂଆ, ପନୀରଜଳ, ସୋମରାଜି ଜୁଆଦ, ଗଙ୍ଗାଜଳ, ବଂଶପତ୍ରୀ ହରିତାଳ, ଇକ୍ଷ୍ୱାକୁ ଫୁଲ ତୁଲ୍ୟ ରୂପା, ଜମ୍ବୁନଦ ସୁନା, ସିନ୍ଧୁରମଣି, ହସ୍ତୀଦନ୍ତ, ବ୍ୟାଘ୍ର-ନଖ, ଗୁଲଦାର (କୃଷ୍ଣାଜିଣ୍ଡ୍ରୀ) ମୃଗଚର୍ମ ଆସନ, ଢାଲ, ଗଣ୍ଡାର ଚର୍ମ, ଉନା ତରବ'ର, ଦକ୍ଷିଣାବର୍ତ୍ତିକ ଶଙ୍ଖ, ଏକମୁଖୀ ରୁଦ୍ରାକ୍ଷ, କନକମୃଗ ଚଉସ୍ଥି, ଲାହୁର ଦେଶଜାତ ଶୁଭ୍ର କାଗଜ, ସିନ୍ଧୁଜାତ ଅଶ୍ୱଗଧ, ବଜ୍ରଜାତ ଗଜ, ପାଟଖିଲ କୀର, ନେପାଳକା ମୂଷା, ସାଳଆ ଲବଙ୍ଗଲତା, ଜାଇଫଳ ଗଛ, ଚକୋର ପାରାବତ, କଲପେଡ଼ା ଶୂନ୍ୟ ଖଡ୍ଗ, ଲୋହ ଚୁମ୍ବକ, ପରଶୁମଣି ପଥର, ଗଉସ୍ଥି ବେଣ, ଶୃଙ୍ଗ କମାଣ ତୀର ମୃତକ ପତ୍ର ଓ ମନକାମନା ଧନୁ ଇତ୍ୟାଦି । ଏ ସବୁ ଦ୍ରବ୍ୟ ଏକ ଦେଶରେ ମିଳେ ନାହିଁ । ରାଜା କହୁଛନ୍ତି—

ଏକ ଦେଶେ ତ ନ ମିଳେ ବିଚାରିଲେ,
କେଉଁ ଦେଶରୁ ଆଗତ ପଚାରିଲେ । (୭ମ ଛାନ୍ଦ)

ନାୟିକାର ସଖୀମାନଙ୍କ ନାମ: କବିଙ୍କ ଗ୍ରନ୍ଥନାମର ସୂଚନା – ନାୟିକା ଲାବଣ୍ୟବତୀର ଷୋଳସଖୀ ଥିବା କବି ଉଲ୍ଲେଖ କରିଛନ୍ତି—ରସରେଖା, ସୁରେଖା, ଚନ୍ଦ୍ରରେଖା, ହାରାବଳୀ, ଚନ୍ଦ୍ରାବଳୀ, ରତ୍ନମାଳା, ମେଘମାଳା, ବିମଳା, ପ୍ରେମଶୀଳା, ସୁଶୀଳା, ପରିମଳା, କଳ୍ପଲତା, ମଦାଳସା, ବଞ୍ଜୁଲା, ପ୍ରେମସୁଧାନିଧି ଓ ପ୍ରଭାମଞ୍ଜୁଳା ଇତ୍ୟାଦି । ଏମାନେ ସମସ୍ତେ ସାମନ୍ତସୁତା ।

ଏମାନଙ୍କ ବ୍ୟତୀତ ଧାତ୍ରୀପୁତ୍ରୀ ହେମମଞ୍ଜରୀ ଓ ମନ୍ତ୍ରୀଦୁହିତା କାମକଳା ମଧ୍ୟ ସଖୀରୂପେ ଥିଲେ । (୮ମ ଛାନ୍ଦ)

ଏହି ସଖୀନାମରେ କବିଙ୍କ କେତେଖଣ୍ଡ କାବ୍ୟର ନାମ ଥିବା ଜଣାଯାଉଛି, ଯଥା—ରସରେଖା (ରସଲେଖା), ହାରାବଳୀ (ରସିକ ହାରାବଳୀ) ଓ ପ୍ରେମସୁଧାନିଧି ଇତ୍ୟାଦି ।

ପ୍ରକୃତି ଚିତ୍ରଣ—କବି ବିଭିନ୍ନ କାବ୍ୟରେ ବହୁ ପ୍ରକାର ପ୍ରାକୃତିକ ଦୃଶ୍ୟର ବର୍ଣ୍ଣନା କରିଛନ୍ତି । ଏକାଧିକ ରଚନାରେ ଏକ ଦୃଶ୍ୟର ବର୍ଣ୍ଣନା ଅଛି; କିନ୍ତୁ କଳ୍ପନାର ପ୍ରାଚୁର୍ଯ୍ୟ ବିଭିନ୍ନ ସ୍ଥାନରେ ବର୍ଣ୍ଣନାର ଗୌରବକୁ ବିଭିନ୍ନ ରୂପ ଦେଇଛି । କୋଟିବ୍ରହ୍ମାଣ୍ଡସୁନ୍ଦରୀ, ଲାବଣ୍ୟବତୀ, ପ୍ରେମସୁଧାନିଧି, ବୈଦେହୀଶ-ବିଳାସ ପ୍ରଭୃତି କାବ୍ୟର ଋତୁ, ବନ, ନଦୀ, ନଗରାଦିର ବର୍ଣ୍ଣନା ଅନ୍ୟାନ୍ୟ କାବ୍ୟର ବର୍ଣ୍ଣନ ଠାରୁ ଉତ୍କୃଷ୍ଟ ହୋଇଛି । ଲାବଣ୍ୟବତୀରେ ପ୍ରାକୃତିକ ବର୍ଣ୍ଣନାରେ କବି ଅସାଧାରଣ ପ୍ରତିଭା ପ୍ରଦର୍ଶନ କରିଛନ୍ତି । ଚିତ୍ରଗୁଡ଼ିକ ଜୀବନ୍ତ ହୋଇଛି । କଳ୍ପନାର ଗାମ୍ଭୀର୍ଯ୍ୟ ପଦାବଳୀକୁ ଅପୂର୍ବ ସୌନ୍ଦର୍ଯ୍ୟ ପ୍ରଦାନ କରି ଗୌରବମଣ୍ଡିତ କରିଛି । ନିର୍ଜୀବ ପ୍ରକୃତି ସଜୀବ ହୋଇ ମାନବର ସୁଖଦୁଃଖରେ ଭାଗୀ ହୋଇଛି; ସହାନୁଭୂତିଶୀଳ ପ୍ରକୃତି ମାନବର ହୃଦୟ-ଭାବରାଜିର ପ୍ରତିଚ୍ଛବି ରୂପେ ପ୍ରତିଭାତ ହୋଇଛି । କଳ୍ପନାର ମାଧୁରୀ ପ୍ରାକୃତିକ ବର୍ଣ୍ଣନାକୁ କବିତ୍ୱପୂର୍ଣ୍ଣ କରିଛି ।

କବି ଋତୁବର୍ଣ୍ଣନାକୁ ବିଶେଷ ଗୁରୁତ୍ୱ ଦେଇଛନ୍ତି; କାରଣ, ନାୟକ-ନାୟିକାଙ୍କ ପ୍ରେମଜୀବନ ଉପରେ ପ୍ରକୃତି ପ୍ରଭାବ ବିସ୍ତାର କରିଛି । ଅତି ମଧୁର ମଧୁଋତୁ ପ୍ରବେଶ ହୁଅନ୍ତେ ନବକାମିନୀର ମନ ଉଚ୍ଚାଟ ହେଲା,

"ଅତନୁ ଫୁଲର ବିଶିଖ କାମୁକେ ଘେନ ତର୍ଜିଲଣି କାମୁକେ ।" (୫ମ ଛାନ୍ଦ)

ଏହି ଅତି ମଧୁର ମଧୁଋତୁର ବର୍ଣ୍ଣନାରେ କବି ମଧୁର ରାଗର ବ୍ୟବସ୍ଥା କରି ଉଭୟ ପକ୍ଷକୁ ସମନ୍ୱିତ କରି ରଚନାର ଗୌରବ ବୃଦ୍ଧି କରିଛନ୍ତି । ଛାନ୍ଦଟିକୁ କାଳ, ଭାବକୁ ଗୃହିଁ 'ରାଗ-ବସନ୍ତ, ମଧୁପଚଢ଼ିତଶୀ ବାଣୀ'ରେ ଗାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ବର୍ଣ୍ଣନାର ପ୍ରାଚୁର୍ଯ୍ୟ, ପ୍ରକୃତିର ପ୍ରଭାବ, ପାତ୍ରପାତ୍ରୀମାନଙ୍କର ଅସାଧାରଣ ରୂପରାଶି, ରତିଶିକ୍ଷା, ସଖାସଖୀମାନଙ୍କର ଅଭେଦ ପ୍ରୀତି, ପ୍ରକୃତିକୁ ଆଶ୍ରୟ କରି ବିଭିନ୍ନ ଅନୁଭାବକୁ ବ୍ୟକ୍ତ କରିବାରେ ଅପୂର୍ବ କୌଶଳ, ଏହି ବର୍ଣ୍ଣନାକୁ ଜୀବନ୍ତ କରିଛି । ଅତି ରମଣୀୟ କବିତ୍ୱପୂର୍ଣ୍ଣ ପଦାବଳୀ, ଉପମା, ଶ୍ଳେଷ, ଯମକ ଓ ଅନୁପ୍ରାସାଦି ଅଳଙ୍କାର ବିମଣ୍ଡିତ ହୋଇ ଅଭିଦନୀୟ ଶୋଭାର ଚିତ୍ର ସୃଷ୍ଟି

କରିଛନ୍ତି । ସାହିତ୍ୟ ଜଗତରେ ଭଞ୍ଜଙ୍କ ଋତୁବର୍ଣ୍ଣନା ଏକ ଅପୂର୍ବ କୀର୍ତ୍ତି ମନ୍ଦିର । ଋତୁ ବର୍ଣ୍ଣନାର ଶତାଧିକ ମଧୁର ପଦ ଭିତରୁ କେତୋଟି ଉଦ୍ଧାର କରାଗଲା ।

ବସନ୍ତ—ମଳୟଗିରିଶିଖରୀ ଗୋଚରକରି ବହିଲାକ ମନ୍ଦ ସମୀର,
ସୁମନାଙ୍କ ବାସ ଚୋରାଇ ନେବଟି ବୋଲି କହିଲାକ ଭ୍ରମର ।
କେଶର, କେଶରେ ହେଲେକ ମଞ୍ଜୁଳ,
କେଶରେ ମଣ୍ଡନ କରିବା ଭଳରେ ଫୁଟିଲେକ କେତେ ବଞ୍ଜୁଳ ।୨।
ମଲ୍ଲୀ ମାଧବୀ ମକରନ୍ଦ ସାଧବୀ ହେଲେକ ବାନ୍ଧବୀ କାନନେ,
ତୁଷାର ନାଶ ଗୃହି ହାସ ପ୍ରକାଶ କଲେକ ପଙ୍କଜ ଆନନେ ।
ହେଲାକ, ଚର୍ଚ୍ଚରୀ ପ୍ରକଟ କଟକେ,
ଅତନୁ ଫୁଲର-ବିଶିଖ କାମୁକେ ଯେଣ୍ଟ ତର୍ଜିଲାକ କାମୁକେ । ୩ ।
(୫ମ ଛାନ୍ଦ)

ଏପରି ସମଗ୍ର ପଞ୍ଚମ ଛାନ୍ଦଟି ଅତି ସୁନ୍ଦର ଭାବରେ ବର୍ଣ୍ଣିତ ହୋଇଛି । ଋତୁର ପ୍ରଭାବ ଅନୁସାରେ ନାୟିକାର ସମୟୋପଯୋଗୀ ବେଶଭୂଷା ଓ ବ୍ୟବହାର ଦେଖାଦେଇଛି । କାମୋଚ୍ଚାଟନ ସଙ୍ଗେ ଅନ୍ୟ ଅନୁଭବ ମଧ୍ୟ ଦେଖା ଦେଇଛି ।

ଦୋଲା ଲୀଳା ସରିଗଲାକ ହରିର ଶରୀର ହେଲାକ ସ୍ୱେଦକୁ,
ଚନ୍ଦନ କର୍ପୂର ସୁଧାଲେପପୂର ବ୍ୟଜନ ବଢ଼ାଇ ମୋଦକୁ ।
ଚତୁର, ଜାଣି ନ ଥିବୁ ତୁ କପାଇଁ ।
ଅତି ଅଭିରାମ ଆରାମ ଦେଖିବା ବିଜେ କରିବାକୁ ଜଣାଇଁ ।୪।
ଶୋଭା ଏ ବିଧିରେ ପ୍ରବେଶ ସଧୀରେ ପୀନସ୍ତନାସ୍ୟେ ବିପିନରେ
ବୁଲିବା ଖେଳିବା କୁସୁମ ତୋଳିବା ଆରମ୍ଭିଲେ ତୋଷ ମନରେ ।
ତହିଁରେ, ଛଳ ଉକ୍ତିମାନ କହିଲେ,
ଶୁଣି ପରଭୃତ ଚକିତ ସ୍ତମ୍ଭିତ ମୁନି ବିଭୂତିକି ବହିଲେ । ୯ ।
(୫ମ ଛାନ୍ଦ)

ଏ ମଧୁର ମଧୁଋତୁରେ ସୁନାଗ ଫୁଲକୁ ଦେଖି ସଖୀ ଭାବରାଶିକୁ କୌତୁକପୂର୍ଣ୍ଣ ପଦାବଳୀ ଓ ଭଙ୍ଗୀରେ ନାୟିକାକୁ ଜଣାଉଛି ।

କହେ ଏକ ନାଗ୍ରୀ ବିଶେଷେ ସୁନାଗ୍ରୀ ଏ ଦେଶରେ ବାସ କରିଛୁ,
ଭୃଙ୍ଗ କିଂ ପୁରୁଷ ଚଞ୍ଚଳମାନସ ଏଥି ତହିଁ ପୁଣ ଯାଉଛୁ ।
ତହିଁ କି, ଛଳ କହିଲୁ କରି ଖିରୁ,
ମହାବିବେକୀ ହୋଇ ତୁ କପାଇଁ ମଧୁପ ନାମକୁ ବିଯୋରୁ । ୧୦ ।
(୫ମ ଛାନ୍ଦ)

ଏହିପରି ଅନ୍ୟାନ୍ୟ ଋତୁମାନଙ୍କର ରସଗର୍ଭକ ବର୍ଣ୍ଣନା ରସିକ ଗ୍ରାହକର ମନକୁ ମୋହ କରୁଛି ଏବଂ କବିଙ୍କ ରଚନାକୁ ସାର୍ଥକ କରୁଛି ।

ନାୟିକାର ବର୍ଷାକାଳୀନ ବିରହବର୍ଣ୍ଣନା ପ୍ରସଙ୍ଗରେ ବର୍ଷାଋତୁର ବର୍ଣ୍ଣନା ଅତି ଚମତ୍କାର ହୋଇଛି । ଓଡ଼ିଆ ସାହିତ୍ୟରେ ଏହି ଛାନ୍ଦଟି ଏକ ଅମୂଲ୍ୟରତ୍ନ । ଭାବ, ଭାଷା ଓ ପ୍ରକାଶଭଙ୍ଗୀ ସବୁଦିଗରୁ ରଚନାଟି ମନୋରମ ହୋଇଛି । ଅନୁପ୍ରାସର କମନୀୟ ପ୍ରୟୋଗ ପଦଗୁଡ଼ିକୁ ସରସ ଓ ହୃଦ୍ୟ କରିଛି ।

ଦେଖି ନବକାଳିକା ବିକାଳିକା ମାଳିକା
ଆଳୀ କାଳିକାକାନ୍ତ ସ୍ମର,
ରକ୍ଷା କେମନ୍ତେ କରି କରିବା ମହି କରିଗତିକା
ଏମନ୍ତ ବିଗୁରି ସେ, ସହଚରୀ,
ଭାବେ ବଞ୍ଚିଲେ ଏ କାଳକୁ, କଥା ଥିବ କାଳକାଳକୁ ।
ଏକେତ କ୍ଷୀଣ ଦିନ ହେଲା ଦୁର୍ଦ୍ଦିନ ଦିନ
ନ ଲଭି ବଲ୍ଲଭମେଳକୁ ରେ । ୧ ।
ହିତ ଆନମାନଙ୍କୁ ସତ କାମିନୀଜନଙ୍କୁ
ଅହି ପରି ଅହିତ ଏହି
ହିତ କୃଶାନୁ ସାନୁମାନରୁ ଭାନ ଭାନୁ-ତାପରୁ
କନ୍ତରଳ ମହୀ ରେ ସହଚରୀ,
ବିରହାନଳ ହୃଦସ୍ଥଳେ, ଜଳେ ସେ ହିତ ନୋହେ ଜଳେ ।
କରୁଛି ଜାତ ଜାତ- ବେଦକୁ ସତ ଶତ-
ହ୍ରଦା-ଛଳରେ ଘନ କୋଳେ ରେ । ୨ । (୨୨ଶ ଛାନ୍ଦ)

ଉପବନର ସରୋବର—'ଲାବଣ୍ୟବତୀ'ରେ ସରୋବରର ବର୍ଣ୍ଣନା ସୁନ୍ଦର ହୋଇଛି, ଉପମା ଓ ଅନୁପ୍ରାସ ବର୍ଣ୍ଣନାକୁ ରମଣୀୟ କରି ପାରିଛି ।

ମନଦେଇ ଶୁଣ କୋବିଦେ ନୃପସୁତା ସୁକେଶୀ,
କୂଳରେ ବକୁଳ ମୂଳରେ ପୀଠ ଉପରେ ବସି । ୧ ।
ସରସୀ ଶୋଭିତ ଅନାଇଁ ମନନେତ୍ର ଲୋଭିତ,
ତଟ ଘଟନା ବିଦ୍ରୁମରେ ପକ୍ଷୀପନ୍ତି ବନ୍ଦିତ । ୨ । (୬ଷ୍ଠ ଛାନ୍ଦ)

ଗ୍ରୀଷ୍ମକାଳୀନ ସନ୍ଧ୍ୟା—ଉପମା ଉତ୍ପ୍ରେକ୍ଷାଦି ପ୍ରୟୋଗ କରି କବି ସନ୍ଧ୍ୟା ବର୍ଣ୍ଣନାକୁ ମୂର୍ତ୍ତିମନ୍ତ କରି ପାରିଛନ୍ତି; ପ୍ରାଣୀଜଗତର କାଳୋପଯୋଗୀ ସୁଖଦୁଃଖାଦି ଚମତ୍କାର ଭାବେ ପଦାବଳୀରେ ସେ ବ୍ୟକ୍ତ କରି ପାରିଛନ୍ତି । ଏହି ବର୍ଣ୍ଣନାଟି ଅତି ଲୋକପ୍ରିୟ ହୋଇଥିବା ଏହା ହିଁ କାରଣ ।

ଏଥୁଅନ୍ତେ ଶୁଣ ରସ　　　ଗ୍ରୀଷମେ ନିଶି ପ୍ରବେଶ
　　ଉଦୟ ତାରା-ଜିବେଶ ହେଲେ ଆକାଶେ,
ଚନ୍ଦ-ସୁଖଚନ୍ଦ-ନନ୍ଦ　　　ଛେଦନେ ସ୍ୱରକତନ୍ଦ
　　ଫିଙ୍ଗିଛି ତାତ-ସିନ୍ଧିରେ କାମ କି ରୋଷେ ।
　　　ବେଶ ହେବ କି ରାତ୍ରି ବାଳୀ,
　　ସ୍ଫଟିକ ପେଟୀରେ କିବା କସ୍ତୁରୀ ଦଳି । ୧ ।

ଆଜି କି ବାଣିବଣିକ　　　ହୋଇବ ବିଶ୍ୱ ବର କି
　　ମଲ୍ଲୀମାଳା ଦେଇ ବଧୂ କରଣେ ମଣି,
ଏ ବଚନ ସ୍ୱୟଂବର　　　ନାୟିକ ବରିଲା ବର
　　ଏତେ କାଳେ ଦେଖାଗଲା ଏ କଥା ପୁଣି ।
　　　ରବକରେ ମସ୍ତ-ମହିଳା,
　　ତାପି ହୋଇଥିଲା କି ଚନ୍ଦନ ଲେପିଲା । ୨ ।

ଶୀତଳ ଯାହା କରଣ　　　ପରଶରେ ସମୀରଣ
　　ରଣରଣ ମିନପଣ ଘେନ କି ଏବେ

ବରହିଗୁଣ ବରହି- ଠାରେ ଆଦରିଲା ତହି
ସେ ଅଛୁ ଯା ଗର୍ବେ ତହୁଁ ଜାତ ସ୍ୱଭାବେ ।
ପୁଂସ୍ତ ଶୋଭି ସୁଧାଚନ୍ଦ୍ରର,
ଚନ୍ଦ୍ର ଗୃହୁଁ ହୋଇଲା ଅଧିକେ କାତର । ୩ । (୧୧ଶ ଛାନ୍ଦ)

ଏ ରଜନୀରେ ଚନ୍ଦ୍ରଙ୍କୁ ଦେଖି ନାୟକ ଅଧିକ କାତର ହୋଇ ପଡ଼ିଲା । ବନ, ଉପବନ, ନଗର ପ୍ରଭୃତିର ବର୍ଣ୍ଣନା ଚମତ୍କାର ହୋଇଛି ।

ଅଳଙ୍କାର—ଉପେନ୍ଦ୍ର ଭଞ୍ଜ ତାଙ୍କର ଅଧିକାଂଶ କାବ୍ୟରେ ବିବିଧ ଅଳଙ୍କାର ପ୍ରୟୋଗ କରିଛନ୍ତି । ଲାବଣ୍ୟବତୀରେ ଏଥିର ବ୍ୟତିକ୍ରମ ହୋଇ ନାହିଁ । ଲାବଣ୍ୟବତୀରେ ବ୍ୟବହୃତ ଅଳଙ୍କାର ବହୁଜନାଦୃତ, ସରସ ଅଥଚ ପାଣ୍ଡିତ୍ୟପୂର୍ଣ୍ଣ ପ୍ରୟୋଗ ହିଁ ଏହାର କାରଣ । ଏହି ଅଳଙ୍କାର ପ୍ରୟୋଗ ଭାବ-ଗାମ୍ଭୀର୍ଯ୍ୟ ପ୍ରତି ମନକୁ ଆକର୍ଷଣ କରି ପାରୁଛି ଏବଂ କାବ୍ୟନାୟିକାର ଶୋଭାକୁ ବହୁଗୁଣରେ ବର୍ଦ୍ଧିତ କରିଛି ।

କବି ଅଳଙ୍କାର ପ୍ରୟୋଗର ଲକ୍ଷ୍ୟ ସମ୍ବନ୍ଧରେ ଗ୍ରନ୍ଥାରମ୍ଭରେ ଯେଉଁ ସୂଚନା ଦେଇଛନ୍ତି ତାହା ସେ ସର୍ବାଂଶରେ ପୂର୍ଣ୍ଣ କରି ପାରିଛନ୍ତି ।

ମୂର୍ତ୍ତିବନ୍ତ କରି ମୃଦୁ ଗୀତ ବିସ୍ତରିଇ,
ଏଣୁ କରି ଥିବ ଅଳଙ୍କାର ଯୁକ୍ତ ହୋଇ ।୭।
ପଦ ସରଳ ଧ୍ୱନିରେ ଶ୍ରବଣ ମୋହିବ,
ଅର୍ଥୀ ଜନପ୍ରକରକୁ ଆନନ୍ଦ କରିବ ହେ ।୮। (୧ମ ଛାନ୍ଦ)

ଏହି ମୂର୍ତ୍ତିମନ୍ତ ଗୀତ ଅଳଙ୍କାରଯୁକ୍ତ ହୋଇ ପରମ ଶୋଭାର ଆକର ହୋଇ ପାରିଛି; ସରଳ ଶବ୍ଦଯୁକ୍ତ ପଦାବଳୀ ଏହାର ଗୌରବକୁ ଯଥୋଚିତ ଭାବରେ ବୃଦ୍ଧି କରିଛି । ତଳେ ତାହାର କେତେଗୋଟି ଉଦାହରଣ ଦିଆଗଲା—

ଉପମା—ଉପମାକନ୍ଦାର ଉଦାହରଣ ଦ୍ୱାରା ନବଯୌବନୀ ବନିତାର ଶୋଭାକୁ ବର୍ଣ୍ଣନାକରି ସୁନ୍ଦର ଚିତ୍ରଟିଏ ଅଙ୍କନ କରିଛନ୍ତି; ରସିକଜନମାନଙ୍କର ମନ ଯେ ବିଶେଷ ଭାବରେ ମୋହିତ ହୋଇଛି ଏଥିରେ ସନ୍ଦେହ ନାହିଁ ।

ନବଯୌବନୀ ଲାବଣ୍ୟବତୀର ଶୋଭା ଦେଖି ଉପମାମାନେ 'କି କରିବା' ବୋଲି ଭାବି କାତର ହେଲେ ।

ଶୁଣ ରସିକେ ନବ ଯଉବନୀ, ହୋଇ ବନିତା ମଣ୍ଡିଲି ଅବନୀ ।
ଏଣୁ ଉପମା ଗଣେ ନିରନ୍ତର, କି କରିବା ଭାବି ହେଲେ କାତର ।୧।
ଫୁଲ କାନ୍ତିରେ ଲଭିଣ ଖିତକି, କଲା କଣ୍ଟକ ଦୁର୍ଗକୁ କେତକୀ ।
ପାଞ୍ଚେ ମନ୍ଦର କୁଚ ବଢ଼ିବାରେ, କମ୍ପା ବୁଡ଼ି ନ ମଲି ପାରିବାରେ ।୨।
ନାସା ପୁଡ଼ା ଫୁଲବାର ଅନାଇ, ଭୂଷାବନ୍ଧେ ଶୁକ ମନ ମନାଇ ।
ମୁଖେ ପ୍ରଭୁର ପରଭୃର ପଣ, ସୁଖେ ଦର୍ପ ହରୁଁ କଲା ଦର୍ପଣ । ୩ ।
(ତୃତୀୟ ଛାନ୍ଦ)

ଫୁଲକୁ ଦେଖି କେତକୀ ସ୍ୱଦୁର୍ଗକୁ କଣ୍ଟକ ଦ୍ୱାରା ବେଷ୍ଟିତ କରି ଲୁଚି ରହିଲା, ଭୟ ହେଲା କାଳେ ତାକୁ ଏ ଫୁଲ ପରାଜୟ କରି ନିର୍ମୂଳ କରିଦେବ କି ? ଏହିପରି କୁଚ-ବୃଦ୍ଧିକୁ ଦେଖି ମନ୍ଦର, ନାସାପୁଡ଼ା ଫୁଲବାର ଦେଖି ଶୁକ ପ୍ରଭୃତି କାତର ହୋଇ କିଏ କିପରି ଭାବିଲେ ଓ ବ୍ୟବହାର କଲେ ।

କବି କାବ୍ୟର ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଉପମାର ସୁନ୍ଦର ପ୍ରୟୋଗ କରିଛନ୍ତି । ବିବିଧ ପ୍ରକାର ଉପମାର ଉଦାହରଣ ମଧ୍ୟ ଏଥିରେ ମିଳୁଛି । କବିଙ୍କର ସୁନ୍ଦର ଗଭୀର କଳ୍ପନା ପ୍ରତ୍ୟେକ ପଂକ୍ତିରେ ପ୍ରକାଶ ପାଉଛି । ଗୋଟିଏ ଉଦାହରଣ—

ଅଦ୍ଭୁତୋପମା—

ସର ଶୋଭା ଦେଖୁଁ ଦେଖୁଁ ସେ ସରେ ମର୍ଦ୍ଦନ ବିଧି,
ବକ୍ଷ ପ୍ରମାଣେ ଜଳେ ଯାଇଁ ବିଜେ ଲାବଣ୍ୟନିଧି । ୯ ।
କବି ବିଗ୍ଭରିଲା ବିଚିତ୍ର ହେଲା ଭୂମୀ ବୁଡ଼ିଲା,
ନ ବୁଡ଼ି ଶଇଳ ସମ୍ଫାଳ ଉପରରେ ରହିଲା । ୧୦ । (ଷଷ୍ଠ ଛାନ୍ଦ)

ଯମକ—

ସନ୍ତରେ ସଜନୀ ଅନ୍ତରେ ସେହୁକାଳେ ପଶିଲେ,
ହାସ ପରିହାସ ସରସ ଉକ୍ତିମାନ ଭୁଷିଲେ । ୧୭ ।
ଦେଖରେ ନଳିନ ନଳିନୀ ନଳିନୀରେ ପୂରିତ
ଭ୍ରମନ୍ତି ଭ୍ରମରେ ଭ୍ରମରେ ଭ୍ରମରେ ଏ ଶୋଭିତ । ୧୮ । (୬ଷ୍ଠ ଛାନ୍ଦ)

ଷଷ୍ଠ ଛାନ୍ଦରେ ଶ୍ଳେଷରେ ଅଭଙ୍ଗ, ସଭଙ୍ଗ, ଭଙ୍ଗାଭଙ୍ଗ, ଯମକ, ଆଂଶୟ, ରୂପକ ଅଲଙ୍କାର ପ୍ରୟୋଗ ହୋଇଛି । ବସନ୍ତ ଋତୁ ବର୍ଣ୍ଣନା ପ୍ରସଙ୍ଗରେ କବି ପ୍ରାନ୍ତଯମକ, ଶୃଙ୍ଖଳା, ଗୋମୂତ୍ର ନିବନ୍ଧରେ ପ୍ରୟୋଗ କରି ଅତି ଚମତ୍କାର ଉଦାହରଣଟିଏ ପ୍ରଦାନ କରିଛନ୍ତି, ଏଥିରୁ କବିଙ୍କ ଗଭୀର ଶବ୍ଦପାଣ୍ଡିତ୍ୟ ପ୍ରକାଶ ପାଉଛି ।

ଦର ଚୟ ହର ଧୀର ପ୍ରଶଂସାର,
ସାର ସାୟକକର କର ଏ ସଂସାର । ୮ ।
ସାର ସାରଜିତ ଗତି ହେ କୁମାର,
ମାର ପର ସତ ଅତି ସୁକୁମାର । ୯ । (୭ମ ଛାନ୍ଦ)

ପ୍ରଥମ ପାଦର ପ୍ରଥମ ବର୍ଣ୍ଣ, ଦ୍ୱିତୀୟ ପାଦର ଦ୍ୱିତୀୟ ବର୍ଣ୍ଣ, ପ୍ରଥମ ପାଦର ତୃତୀୟ ବର୍ଣ୍ଣ ସହିତ ଦ୍ୱିତୀୟ ପାଦର ଚତୁର୍ଥ ବର୍ଣ୍ଣ ଇତ୍ୟାଦି କ୍ରମରେ ପଦ ସଜାଡ଼ି ପାଠ କରିବାକୁ ହେବ । ଏ ଖଣ୍ଡରେ ପ୍ରଥମ ପାଦର ସବୁ ପଦ ମିଳିବ ।

ବନ୍ଦୀ ଚନ୍ଦ୍ରଭାନୁର ପ୍ରଶସ୍ତି ଗାନକରି କହୁଛି—

୧ମ ପାଦ—ତୁମେ ଦର (ଭୟ) ସମୂହକୁ ହରଣ କରିପାର, ଏ ସଂସାରରେ ତୁମେ ସାର ।

୨ୟ ପାଦ—ତୁମେ ଏ ସଂସାରର ସାର । ତୁମ୍ଭ ହସ୍ତ ଶାୟକ ଯୁକ୍ତ ହୋଇଛି ।

୩ୟ ପାଦ—ହଂସଗତିକୁ ତୁମେ ଜୟ କରିଛ । ତୁମେ ସୁନ୍ଦର ।

୪ର୍ଥ ପାଦ—ତୁମେ କନ୍ଦର୍ପଙ୍କୁ ବଳି ସୁକୁମାର କି ସୁନ୍ଦର ଅଟ ।

ଅନ୍ତର୍ଲପି, ବହିର୍ଲପି, ବିରୋଧାଭାସ, ଅତିଶୟୋକ୍ତି ଓ ସ୍ୱଭାବୋକ୍ତି ପ୍ରଭୃତି ବହୁବିଧ ଅଲଙ୍କାରର ସୁନ୍ଦର ଉଦାହରଣ ଏହି କାବ୍ୟରୁ ମିଳୁଛି ।

ଅନୁପ୍ରାସ—ଦେଖି ନବକାଳିକା ବକାଳିକାମାଳିକା
ଆଳୀ କାଳିକାକାନ୍ତ ସ୍ମର,
ରକ୍ଷା କେମନ୍ତେ କର କରିବା ମନ୍ତିକରଗତିକ
ଏମନ୍ତ ବିଗ୍ଭର ସେ ସହଚରୀ,
ଭାବେ ବଞ୍ଚିଲେ ଏ କାଳକୁ, କଥାଥିବ କାଳକାଳକୁ ।
ଏକେ ତ କ୍ଷୀଣ ଦିନ ହେଲା ଦୁର୍ଦ୍ଦିନ ଦିନ
ନ ଲଭି ବଲ୍ଲଭମେଳକୁ ରେ । ୧ । (୨୨ଶ ଛାନ୍ଦ)

କଥୋପକଥନ—'ଲାବଣ୍ୟବତୀ'ରେ ଗୁରୁତ୍ୱପୂର୍ଣ୍ଣ କଥୋପକଥନ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଛି । ଉପମା, ଶ୍ଳେଷ, ଅନୁପ୍ରାସାଦି ଅଳଙ୍କାର ପ୍ରୟୋଗ କରି ପାତ୍ରପାତ୍ରୀମାନେ କଥୋପକଥନ କରିଥିବାରୁ ଉଚ୍ଚଶିକ୍ଷା, ପାଣ୍ଡିତ୍ୟ, ଗଭୀର ପ୍ରପଞ୍ଚଜ୍ଞାନ, ମର୍ଯ୍ୟାଦା ପ୍ରଭୃତିର ପରିଚୟ ମିଳୁଛି; ପାତ୍ରପାତ୍ରୀ ନିର୍ବିଶେଷରେ ଏହି ଗୌରବର ଭାଗୀ ହୋଇଛନ୍ତି । କଥୋପକଥନର ଆରମ୍ଭ କରିବାରେ ଯେଉଁ ଉପଯୁକ୍ତ ବାତାବରଣ ସୃଷ୍ଟି ହୋଇଛି ତାହା ଅତି କୌତୁକପ୍ରଦ ଓ ପାଣ୍ଡିତ୍ୟପୂର୍ଣ୍ଣ ହୋଇଛି; ଏହା କାବ୍ୟର ଗତି-ଧାରାକୁ ସୁଗମ ଓ ସାବଲୀଳ କରିବା ସଙ୍ଗେ ସଙ୍ଗେ ଅତି ରସମୟ କରି ପାରିଛି ।

(୧) ନାୟିକାର ନବପୁଷ୍ପ ସମୟ ଉପସ୍ଥିତ ହେବା ଜାଣିପାରି ସଖୀମାନେ ପରିହାସ ଛଳରେ ତାକୁ ପଚାରୁଛନ୍ତି—

କାନ୍ତ କେତକୀ ଦନ୍ତି ଦନ୍ତି ଗ୍ଭରୁ, ଗୃହି ଆମ୍ଭେମାନେ ମନେ ବିଗ୍ଭରୁ ।
ପୁଷ୍ପ ସମୟ ହେଲାନି ନିକଟ, ସତ କହି ହୋଇଲା କି ପ୍ରକଟ ।
ଶୁଣି ସଖୀଏ କହିଲା ଏସନ, ନ କହିଲେ କହିଲାକି ବସନ ।
(୫ମ ଛାନ୍ଦ)

(୨) ଲାବଣ୍ୟବତୀ ସରୋବରରେ ସ୍ନାନ କରିବା ପାଇଁ ଯାଇଥିବାବେଳେ ସରୋବରକୁ ଲକ୍ଷ୍ୟକରି ସଖୀମାନେ ଲାବଣ୍ୟବତୀଙ୍କ ସହିତ ଯେଉଁ ଉକ୍ତିମାନ କରିଥିଲେ ତାହା 'ହାସ ପରିହାସ' ପୂର୍ଣ୍ଣ ଓ 'ସରସ' ହୋଇଛି ।

ଦେଖରେ ନଳିନ ନଳିନୀ ନଳିନୀରେ ପୂରିତ
ଭ୍ରମନ୍ତି ଭ୍ରମରେ ଭ୍ରମରେ ଭ୍ରମରେ ଏ ଶୋଭିତ । ୧୮ । (୬ଷ୍ଠ ଛାନ୍ଦ)

(୩) ନବବିବାହିତ ପ୍ରେମିକ-ପ୍ରେମିକାଙ୍କ ପ୍ରେମପୂର୍ଣ୍ଣ କଥୋପକଥନ ଅତି ଚମତ୍କାର ଭାବରେ କବି ରଚନା କରିଛନ୍ତି । ନାୟକନାୟିକା ବିବିଧ ଆଳାପ ଓ ଖେଳରେ ସମୟ ଅତିବାହିତ କରୁଥିଲେ । ଦିନେ ନାୟକକୁ ନାୟିକା ପଶା ଖେଳିବାକୁ ପ୍ରସ୍ତାବ କରିବାରୁ ନାୟକ ପରିହାସରେ ଛଳି କହିଲା—

ନାୟକ—

କର ଚରଣ ପାଲି ଛକ ଚଉକ ସ୍ତନ ସାରେ ଶୋଭା ପାଉ,
ବିମ୍ବ ବିଜିତ କାନ୍ତି ଦାନ ଯହିଁରେ କି ଖେଳ ଖେଳିବା ଆଉ । ୩୫ ।
ବେନି ଜଣରୁ ଜଣେହେଁ ନ ହାରିବା ହାରିବ କୁସୁମଶର,
ମନେ ବିଚାର ତ ଏତେ ସୁଖ ଛାଡ଼ି ଆନ କି କରିବାର । ୩୬ ।

ନାୟିକା—

ଶୁଣି ରସିକାରମଣୀ ଯେ ବୋଇଲା ଏ ଭଙ୍ଗୀ କି କେ ପାରିବ,
କାହିଁ କଥା ନେଇ କାହିଁ ଲଗାଇବ ତହିଁକି ଉତ୍ତର ଥିବ । ୩୭ ।
(୩୬ଶ ଛାନ୍ଦ)

(୪) ନାୟିକାର ବିରହଯନ୍ତ୍ରଣା ଉପଶମ କରିବା ନିମନ୍ତେ ସଖୀ ଓ ଶିଳ୍ପକାରିଣୀମାନେ ବିବିଧ ଯତ୍ନକରି କୌତୁକରେ ଆଳାପ କରୁଥିଲେ ।

ତହିଁ ଶିଳ୍ପକାରିକାଏ କଥା ପରସ୍ପର,
କି କରିବାଟି ହୋଇଲା ଅସର ବାସର ଯେ ।୪୩।
ଅଶରି ହୋଇବ କେବେ ମନସିଜ ମୂର୍ଖ,
ପାଞ୍ଚ ନୋହେ ପାଞ୍ଚ ପାଞ୍ଚ କୋଟି ତା ବିଶିଖ ଯେ ।୪୪।
ମାଳିନୀ ବୋଲୁଛି ନିତିମାନ ଆସିଥାଇ,
ବରଷେ ହୋଇଲା ପୁଷ୍ପବାଟୀ ନ ସରଇ ଗୋ ।୪୫।
ଚେଟୀଏ ବୋଲନ୍ତି ବନ୍ଦୀ ମୋକ୍ଷ ଶୁକ ସାରୀ,
ବାଟି ବାଟି ଉଶୀର ଗଳିନ ହସ୍ତ ସର ଗୋ ।୪୬।

ପ୍ରୌଢ଼ା ସଜନୀଙ୍କ ତହିଁ ନବୋଢ଼ା ପକ୍ଷରେ,
ଫୁଲଶର କେହ୍ନେ ଭେଦେ ଗିରସ୍ତନା ଉରେ ଗୋ । ୪୭ ।
(୪୭ଶ ଛାନ୍ଦ)

ଏପରି ଗୁରୁତ୍ୱପୂର୍ଣ୍ଣ ବହୁ କଥୋପକଥନ କାବ୍ୟଟିକୁ ସମୃଦ୍ଧିଶାଳୀ କରିଛି ।

ଭାଷା—ଲାବଣ୍ୟବତୀରେ କବି ସରଳ ଓ କ୍ଲିଷ୍ଟ ଉଭୟ ପ୍ରକାର ଭାଷା ବ୍ୟବହାର କରିଛନ୍ତି ।

(୧) କେ ସଖୀ ପାଶରେ ବସି କରେ ଆଶ୍ୱାସନା,
ବୋଲେ କଥା ତ ନ କହୁ କରକ-ରଦନା ଗୋ । ୫୫ ।
ଭଲ ନ ଦେଖିଲୁ ବଦନେ ନାଗରତିଳକ,
ଏହୁ କଥା ହିଁ ତୋହର ନ ଗଲା କାଳକ ଗୋ । ୫୬ ।
କ୍ରୋଧଭର ହୋଇ କଉଁ ସଜନୀ ବୋଲୁଛି,
କେ ତାହା ଭୋଗିବ ଯାହା ଆପେ ଅରଜୁଛି ଗୋ । ୫୭ ।
ଆଉ କେ ବୋଇଲା ଏହା ବୋଇଲ କି କରି,
ସମଦ୍ରବ୍ୟେ ଅନୁରାଗୀ ହୋଇଲା ସୁନ୍ଦରୀ ଯେ ।୫୮। (୪୭ଶ ଛାନ୍ଦ)

(୨) ଏ ଦୁରନ୍ତ ଦର୍ଦ୍ଦୁର ଚେତନା କରେ ଦୂର
ଭିଦୁର କାହିଁ ଆନେ ପଡ଼ି,
କରମକୁ ଏହାର ହର ହାର ଆହାର
ଗରୁଡ଼ କଲା କବା ଲୋଡ଼ିରେ, ସହଚରି ।
ଅରଜ ଅଛି ଏ ଉତ୍ସବ, ଗରଜ ଗରଜ ମରିବ,
କେ ହେବ ଏ ବରଦ ହୋଇ ସିଂହ ଶରଦ
ନୀରଦ ଦ୍ୱିରଦ ଭଞ୍ଜିବ ରେ । ୧୦ ।
ଏ କାଳ ଏକା ଏକା- କାରେ ପକାଇ ଡକା
ବିଦ୍ୟୁଫଡ଼ିକା ଅଛି ବନ୍ଧି,
କି କଲେ ଗିରଟେକା ଚେତା ଚମକ ଟେକା
କରକା ମାରୁଛି ଭୁହାଇ ରେ, ସହଚରି ।

ଏହି କାମନା ପଦ୍ମରୂପେ, ଏମାନ ଉଆଇଛି ଗ୍ରେପେ,
ଯଥା ମୀପଜାଲକ ତଥା ହୋଇ ପୁଲକ
ପୂରୁ ସୁତନୁ ତନୁ ଦେଶେ ରେ । ୧୧ ।
ଯେମନ୍ତ ମୀରଧାର ତେମନ୍ତ ନିରନ୍ତର
ମୀର ନୀରଜନେତ୍ରଁ ବହୁ,
ଯଥା ପଙ୍କିଲ ମହୀ ମହିଳାଗଣ୍ଡ ସେହି
ପ୍ରଭ ପ୍ରଭଦନରେ ହୋଇ ରେ, ସହଚରୀ,
ପିକ ପ୍ରାୟ ବାଣୀ ନ ଫିଟୁ, ଅନ୍ଧାର ପ୍ରାୟ ଚନ୍ଦ୍ରା ଘୋଟୁ,
ମାର ମାର୍ଗଣଗଣ ପ୍ରହାରେ ପୁଣ ପୁଣ
ମାଳତୀ ସଙ୍ଗେ ହୃଦ ଫୁଟୁରେ । ୧୨ । (୨୨ଶ ଛାନ୍ଦ)

କୋମଳ ବର୍ଣ୍ଣାବଳୀ, ଅନୁପ୍ରାସ, ଯମକ, ଉପମାର ସୁଷମ ପ୍ରୟୋଗ ଭାଷାକୁ ଅମୃତମୟ କରିଛି ।

ଏହିପରି ସମଗ୍ର କାବ୍ୟଟିରେ ବହୁ ଅମୃତମୟ ପଦାବଳୀ ରହିଛି ।

ଚରିତ୍ର ଚିତ୍ରଣ: ନାୟକ, ନାୟିକା ଓ ପାତ୍ରପାତ୍ରୀ—ଲବଣ୍ୟବତୀରେ ଚିତ୍ରିତ ହୋଇଥିବା ପ୍ରଧାନ ପାତ୍ରପାତ୍ରୀ ଉଚ୍ଚଶିକ୍ଷିତ, ଚତୁର, ମର୍ଯ୍ୟାଦାବନ୍ତ, ସୁନ୍ଦର ଓ ରସିକ । ନାୟକନାୟିକାଙ୍କ ଯୌବନର ପ୍ରାଥମିକ ଅବସ୍ଥାର ପ୍ରେମକାହାଣୀ ଉପଜୀବ୍ୟ ବିଷୟ; ବିବାହ ଓ ନିର୍ମଳ ଦାମ୍ପତ୍ୟ ଜୀବନଯାପନରେ ଏହାର ପରିସମାପ୍ତି ।

ନାୟକନାୟିକା ଉଚ୍ଚଶିକ୍ଷିତ ଓ ଉଚ୍ଚକୁଳସମ୍ଭୂତ ହୋଇ ଥିବାରୁ ସେମାନଙ୍କ ସଖାମାନେ ମଧ୍ୟ ସେମାନଙ୍କର ବଂଶମର୍ଯ୍ୟାଦା ଓ ସ୍ୱଗୁଣାବଳୀର ଉପଯୁକ୍ତ ହୋଇଛନ୍ତି ।

ପାତ୍ରଙ୍କ ମଧ୍ୟରେ ନାୟକ ଓ ତାର ମିତ୍ରଗଣ ଏବଂ ପାତ୍ରୀଙ୍କ ମଧ୍ୟରେ ନାୟିକା ଓ ତାର ସଖୀଗଣ ପ୍ରଧାନ । ଅନ୍ୟ ଗୌଣ ପାତ୍ରମାନେ ଲକ୍ଷ୍ୟ ପ୍ରାପ୍ତିରେ ସାହାଯ୍ୟକାରୀ ।

ନାୟକ ଚନ୍ଦ୍ରଭାନୁ ଉଚ୍ଚକୁଳସମ୍ଭୂତ, ସୁଶିକ୍ଷିତ, ବଳ୍ଗ ଓ ସୁନ୍ଦର । ସେ ଆହ୍ଲାଦରେ ଚନ୍ଦ୍ର, ତେଜରେ ସୂର୍ଯ୍ୟ, ବେଦବେଦାନ୍ତରେ ବ୍ରହ୍ମା, ବ୍ୟାକରଣରେ ଶିବ, ସଙ୍ଗୀତରେ ନାରଦ, ଶୃଙ୍ଗାରଶାସ୍ତ୍ରରେ କନ୍ଦର୍ପ, କବିପଣରେ ଗଣେଶ, ଜ୍ୟୋତିଷ ଶାସ୍ତ୍ରରେ ବୃହସ୍ପତି, ଅଶ୍ୱାରୋହଣରେ ସୂର୍ଯ୍ୟ, ଗତିରେ ଭୈରବ, ଧନୁ ଧାରଣରେ ଅର୍ଜୁନ, ଦାନରେ କର୍ଣ୍ଣ, ମାନରେ ଦୁର୍ଯ୍ୟୋଧନ, ଧର୍ମରେ ଯୁଧିଷ୍ଠିର ଓ ବଳରେ ବଳୀ ଥିଲେ । ସୁନ୍ଦରପଣରେ ତାହାଙ୍କର ପଟାନ୍ତର ନ ଥିଲା, ସେ ନିଜେ ନିଜର ପଟାନ୍ତର ।

ଆହ୍ଲାଦେ ଚନ୍ଦ୍ର ତେଜେ ଭାନୁ ଭାବି କରି,

× × ×

ସୁନ୍ଦର ପଣରେ ତାର ସେହି ପଟାନ୍ତର । ୬୩-୬୭ । (୧ମ ଛାନ୍ଦ)

ଚନ୍ଦ୍ରଭାନୁ ବାଲ୍ୟକାଳରୁ ଯତ୍ନରେ ଲାଳିତପାଳିତ ହୋଇଥିଲେ । ଯୌବନାବସ୍ଥାରେ ସେ ଉପଯୁକ୍ତ ଚାରି ମିତ୍ରଙ୍କୁ ପାଇଥିଲେ ଏବଂ ଏମାନଙ୍କ ଭିତରେ ଅଭେଦ ପ୍ରୀତି ବିଦ୍ୟମାନ ଥିଲା । ଏମାନେ ସମସ୍ତେ ଉଚ୍ଚକୁଳ-ସମ୍ଭୂତ ଥିଲେ ।

ମନ୍ତ୍ରୀ ଜ୍ୟୋତିଷ ସାଧୁତ ପୁରୋଧା କୁମର,
ନାମ ଗୁଣନିଧି ବସନ୍ତକ ପୁରନ୍ଦର । ୭୮ ।
ରତ୍ନଧ୍ୱଜ ସହିତେ ଏ ଚାରିମିତ୍ର ହିତ,
ନିଶିଦିନ ଭିନ୍ନ ନୋହେ ଏହାଙ୍କ ସଙ୍ଗତ । ୭୯ । (୧ମ ଛାନ୍ଦ)

କୁମାର ଯେପରି ଶିକ୍ଷିତ ସେପରି ନମ୍ର, ମର୍ଯ୍ୟାଦାଜ୍ଞାନସମ୍ପନ୍ନ, ରସିକ, ଚତୁର ଓ ବୀର ମଧ୍ୟ । କବି ନାୟକଙ୍କର ଏହି ଗୁଣମାନଙ୍କୁ ସୁନ୍ଦର ଭାବରେ ବିଭିନ୍ନ ଘଟନା ସମ୍ପର୍କରେ ପ୍ରକାଶ କରିଛନ୍ତି ।

ଉପେନ୍ଦ୍ର ଭଞ୍ଜଙ୍କ ନାୟକମାନେ ଯେପରି ପ୍ରେମିକ ସେପରି ମଧ୍ୟ ବୀର । ଦେଶର ଆହ୍ୱାନ ପାଇବା ମାତ୍ରେ ସେମାନେ ନବପରିଣୀତା ସୁନ୍ଦରୀ ଭାର୍ଯ୍ୟାକୁ କୋଳରୁ ଅନ୍ତର କରି କର୍ତ୍ତବ୍ୟପାଳନ କରୁଥିଲେ । ରଣଭୂମି ଓ ବିଦେଶ ସେମାନଙ୍କୁ ଭୟଭୀତ କରି ପାରୁ ନ ଥିଲା । ସ୍ୱକାର୍ଯ୍ୟ ସିଦ୍ଧି ବେଳେ ଓ ଜାତୀୟ

କର୍ତ୍ତବ୍ୟ ପାଳନ ବେଳେ ପ୍ରାଣାଧିକା ପ୍ରିୟତମାର ମୋହ ସେମାନଙ୍କୁ ସ୍ଥିରୁ କରିପାରୁ ନଥିଲା ।

ରସିକ ହାରାବଳୀର ନାୟକ ଯୁବରାଜ ବିବାହ କରି ଏକ ବର୍ଷ ପ୍ରିୟା ସହିତ ଅତି ପ୍ରମୋଦରେ କାଳାତିପାତ କରିବା ପରେ 'ବାଧ୍ୟବଶେ କଉଣପ ଶୋଭିତ କ୍ଷିତି'ର ଭାର ଲଘବ କରିବା ପାଇଁ ପିତାଙ୍କ ଆଦେଶରେ ଚତୁରଙ୍ଗ ସେନାସହିତ ଇଲାବୃତ୍ତ ଖଣ୍ଡର ଯୁଦ୍ଧଭୂମିରେ ଅବତୀର୍ଣ୍ଣ ହୋଇଥିଲେ ।

ସପତ ମଙ୍ଗଳା ସାରି ନୃପ ନନ୍ଦନ,
କନ୍ୟା ଘେନି ନିଜ ପୁରେ କଲେ ଗମନ । ୧ ।
ହିମ, ଶିଶିର, ବସନ୍ତ, ଗ୍ରୀଷ୍ମ, ବରଷା,
ଶରଦ ବଞ୍ଚିଲେ ଘେନି ହରିଣୀଦୃଶା । ୨ ।
ବାଧ୍ୟବଶେ କଉଣପେ କ୍ଷୋଭିତ କ୍ଷିତି,
ଯୁବରାଜ ରାଇ ଆଜ୍ଞା ଦେଲେ ନୃପତି । ୩ ।
ଚତୁରଙ୍ଗ ସେନା ସୈନ୍ୟ ଘେନି ବହୁତ,
ସମର ଆରମ୍ଭୁଁ ପଳାଇଗଲେ ଦୈତ୍ୟ । ୪ ।
(ର: ହା:-୭ମ ଛାନ୍ଦ)

ପ୍ରେମସୁଧାନିଧିର ନାୟକ ମଧ୍ୟ ଅତି ସୁଖକର ଦାମ୍ପତ୍ୟ ଜୀବନରୁ ବିଚ୍ଛିନ୍ନ ହୋଇ ପିତାଙ୍କ ଆଜ୍ଞାରେ କାର୍ଯ୍ୟବଶରେ ବିଦେଶକୁ ଯିବା ପାଇଁ ଅକୁଣ୍ଠିତ ଚିତ୍ତରେ ପ୍ରସ୍ତୁତ ହୋଇଥିଲେ ।

ସାରସଗତି ସଙ୍ଗତି ନେବଦନ ଅନ୍ତରେ ଲଭି ନାଗର,
ଗର କଣ୍ଠପର ପରମ କଷ୍ଟକୁ ମନରୁ କଲା ଅନ୍ତର ।
ତରଳାକ୍ଷୀବିନା ଘେନଲା ମୋତେ ତ ନାହିଁ ଆନ ପ୍ରତିକାର,
କାରଣ ବଶେ ବିଦେଶ କରିବାକୁ ଆଜ୍ଞା ଦେଲେ ନରେଶ୍ୱର । ୧ ।
(ପ୍ରେ: ସୁ: ନି:-୮ମ ଛାନ୍ଦ)

ଏପରି ଅନ୍ୟାନ୍ୟ କାବ୍ୟରେ ମଧ୍ୟ କବି ନାୟକର ବୀରତ୍ୱ ପ୍ରକାଶ କରିଛନ୍ତି ।

ଚନ୍ଦ୍ରଭାନୁର ଚରିତରେ ମଧ୍ୟ ଏହି ଉଜ୍ଜ୍ୱଳ ଲକ୍ଷଣଟି ଦେଖାଯାଏ ।

କବି କାବ୍ୟରେ ନାୟିକା ପ୍ରସଙ୍ଗକୁ ବିଶେଷ ଗୁରୁତ୍ୱ ପ୍ରଦାନ କରି ଥିବାରୁ ତାହାର ବିଭିନ୍ନ ଗୁଣ, କାର୍ଯ୍ୟ, ବେଶଭୂଷା ଓ କଥାବାର୍ତ୍ତା ପ୍ରଭୃତିର ବିଶେଷ ଚର୍ଚ୍ଚା କରିଛନ୍ତି । ନାୟକଚରିତଚିତ୍ରଣ ସୀମିତ ହୋଇଛି । ପ୍ରେମର ପ୍ରବାହ ଉଦ୍‌ଗମଠାରୁ ଆରମ୍ଭ ହୋଇ ବିଭିନ୍ନ ଅବସ୍ଥା ଭିତରେ ଗତି କରି ପ୍ରେମମିଳନରେ ପର୍ଯ୍ୟବସିତ ହୋଇଛି । ପ୍ରେମିକପ୍ରେମିକାଙ୍କ ପ୍ରେମଲୀଳା ର ସ୍ୱଳ୍ପକାଳ ହିଁ ଏଥିର ବର୍ଣ୍ଣିତ ସମୟ ଥିବାରୁ ଚରିତ୍ରଚିତ୍ରଣ ସୀମିତ ହେବା ସ୍ୱାଭାବିକ ।

ନାୟିକା ଲାବଣ୍ୟବତୀ ନାୟକ ପରି ଉଚ୍ଚକୁଳସମ୍ଭୂତା, ପରମାସୁନ୍ଦରୀ, ମର୍ଯ୍ୟାଦାଜ୍ଞାନସମ୍ପନ୍ନା, ପ୍ରେମିକା ଓ ଚତୁରୀ । ଏହାର ଶିକ୍ଷା, ବେଶଭୂଷା, ପ୍ରେମ-ବିକାଶ, ମିଳନ ଓ ବ୍ୟବହାର ପ୍ରଭୃତି କବି ଯଥାସ୍ଥାନରେ ସୁନ୍ଦର ଭାବରେ ପ୍ରକଟିତ କରିଛନ୍ତି । ବିବାହିତ ଜୀବନରେ ଦମ୍ପତି ଆନନ୍ଦରେ କାଳାତିପାତ କରିଛନ୍ତି ।

ସାଧାରଣ ସମାଜରେ ସନ୍ନ୍ୟାସୀ, ବ୍ରହ୍ମଚାରୀ ଓ ମାଳିନୀ ପ୍ରଭୃତିଙ୍କ ଚରିତ୍ର ଚିତ୍ରଣ ପ୍ରସଙ୍ଗାନୁରୋଧରେ ଯଥାସ୍ଥାନ ଅଧିକାର କରିଛି । ମାଳିନୀର ଚରିତ୍ର ଏମାନଙ୍କ ଭିତରେ ଅତି ରମଣୀୟ ହୋଇଛି ।

ନାୟିକାର ଶୋଭା ଓ ଗୁଣାବଳୀ ବର୍ଣ୍ଣନା କରିବାରେ କବି କୁଣ୍ଠାବୋଧ କରିନାହାନ୍ତି । ନାମର ତାତ୍ପର୍ଯ୍ୟରୁ ଶୋଭାର ସୂଚନା ଦେଇଛନ୍ତି ।

ସର୍ବମତେ ସର୍ବ ଶୋଭା ସ୍ଥାନ ବୋଲି ବାଳୀ,
ଲାବଣ୍ୟବତୀ ନାମକୁ ଦେଲେ ବିଚାରି ବିଚାରି । ୫୭ । (୨ୟ ଛାନ୍ଦ)

ଲାବଣ୍ୟବତୀର ସୁଷମା ବର୍ଣ୍ଣନାରେ କବି ଅପୂର୍ବ କଳ୍ପନାଶକ୍ତି ପ୍ରକାଶ କରିଛନ୍ତି ।

ରବି ରଥ ରଖେ କରି ହୋଇ ତା ସୁଷମେ,
ଏଣୁକରି ଦୀର୍ଘ ଦିନ ଜାଣିଲି ଗ୍ରୀଷମେ ଯେ । ୭୦ ।

ବିଶ୍ୱସୃଜ ବିଶ୍ୱକର୍ମା ଶିଳ୍ପୀ ହୋଇ ଗୋପ୍ୟ,
ନିର୍ମାଣି ବାରଣଦନ୍ତ ପିଚୁଲା ତା ରୂପେ ଯେ ।୭୧।

ଉପିଲେପି କୁଙ୍କୁମ ଚିଅନ୍ତି ନେଇ କରେ,
ହେବ କି ନୋହିବ ସମ ଏମନ୍ତ ଶଙ୍କାରେ ଯେ ।୭୨।

ମନକୁ ନ ଆସି ଆରମ୍ଭିନ ଚଉକର,
ହୋଇ ଚଢେ ବିଚିତ୍ର ଲେଖନ୍ତେ ଶୋଭା ତାର ଯେ । ୭୩ ।

ତଥାପି ସୁଷମା ସମା ପ୍ରତିମା ତ ନୋହି,
ଶୋଭାକୁ ବର୍ଣ୍ଣନ୍ତି କବି ବୃତ୍ତି କରି ତହିଁ ଯେ ।୭୪। (୨ୟ ଛାନ୍ଦ)

ଏହି କାବ୍ୟରେ ପ୍ରକୃତରେ କବି ଉପେନ୍ଦ୍ର ନାୟିକାର ସୁଷମାକୁ ବୃତ୍ତି କରିଛନ୍ତି । କାବ୍ୟର ବହୁ ସ୍ଥାନରେ ନାୟିକାର ଶୋଭାର ବର୍ଣ୍ଣନା କରିଛନ୍ତି । କବି ରୂପବତୀକୁ ଉପଯୁକ୍ତ ବିଦ୍ୟାବତୀ ମଧ୍ୟ କରିଛନ୍ତି ।

ସରସ୍ୱତୀ ଗୋଚରରେ ବିଦ୍ୟା ଥିଲା ଯେତେ,
ଦେଲେ କହି ଶୋଭା ଦ୍ୱନ୍ଦ୍ୱ ନ କରିବୁ ମୋତେ ଯେ ।୭୮।

ନବଯୌବନା ନାୟିକାର ଅପୂର୍ବଶୋଭାକୁ କବି ଅତି ଚମତ୍କାର ଭାବରେ ବର୍ଣ୍ଣନା କରିଛନ୍ତି । ସୂଚନାରେ କହିଛନ୍ତି—

ମଣି ରମଣୀମଣିକି ଶାଣ ଯଉବନ,
ବହୁମୂଲ୍ୟ ପ୍ରଭାକୁ ବଢାଇ ବନ୍ଦିଁ ଦନ ।୭୯।
ଉପମା ଆଣିମ କାହୁଁ ମହାକବି ହେଲେ
ସୁନ୍ଦରେ ଯାହା ଅଙ୍ଗରେ ସୁନ୍ଦର ହୋଇଲେ ଯେ ।୮୦।

ସୂଚନାଟିରେ 'ଉପମା ଆଣିମ କାହୁଁ ମହାକବି ହେଲେ' ବୋଲି କହିଲେ ମଧ୍ୟ ସେ ଏ ପ୍ରସଙ୍ଗରେ କାବ୍ୟର ବିଭିନ୍ନ ସ୍ଥାନରେ ଉପମା-ସାଗରର ପ୍ରୟୋଗ କରି ଅମର ହୋଇଛନ୍ତି ।

ନାୟିକାର ଶୋଭା, ବେଶ, ଗୃହଚଳନ, ବନବିହାର, ପ୍ରେମ, ପ୍ରେମ-ପତ୍ରଲେଖନ, ବିରହ, ମିଳନ ପ୍ରଭୃତି ପ୍ରସଙ୍ଗ କବି ଅତି କବିତ୍ୱପୂର୍ଣ୍ଣ ପଦାବଳୀରେ ଚର୍ଚ୍ଚିତ କରି କାବ୍ୟଟିକୁ ଓଡ଼ିଆ ସାହିତ୍ୟରେ ପ୍ରଥମ ଶ୍ରେଣୀର କାବ୍ୟରୂପେ ଗଣ୍ୟ କରାଇ ପାରିଛନ୍ତି ।

ଉପେନ୍ଦ୍ର ଭଞ୍ଜଙ୍କ ମାଳିନୀ ଏକ ଅପୂର୍ବ ସୃଷ୍ଟି । ରୂପ, ଗୁଣ, ଚତୁରତା, ଶିକ୍ଷା ପ୍ରଭୃତିରେ ମାଳିନୀକୁ ଭୂଷିତ କରି କବି ମନୋମୁଗ୍ଧକର ମୂର୍ତ୍ତି ସର୍ଜନା କରିଛନ୍ତି । ବଙ୍ଗ ଭାଷାରେ ଉପେନ୍ଦ୍ର ଭଞ୍ଜଙ୍କ ସମସାମୟିକ କବି ଭାରତଚନ୍ଦ୍ର 'ବିଦ୍ୟାସୁନ୍ଦର କାବ୍ୟ'ରେ ମାଳିନୀର ଏକ ଚିତ୍ର ଦେଇଛନ୍ତି । ଉପେନ୍ଦ୍ରଙ୍କ ମାଳିନୀ ଚିତ୍ର ଭାରତଚନ୍ଦ୍ରଙ୍କ ମାଳିନୀଠାରୁ ରୂପ, ଗୁଣ ଓ ବର୍ଣ୍ଣନା ପ୍ରଭୃତିରେ ସୁନ୍ଦରତର । ଉଭୟ ମାଳିନୀଙ୍କ କାର୍ଯ୍ୟ ଭିତରେ ସାମ୍ୟ ରହିଛି, ଉଭୟେ ନାୟକନାୟିକା ମିଳନରେ ସାହାଯ୍ୟ କରିଛନ୍ତି ।

ଭାଷା, ଭାବ, ଉପମା, ଯମକ ଓ ଅନୁପ୍ରାସାଦି ଅଳଙ୍କାର କବିତାମାଳିନୀର ଶୋଭାକୁ ଶତଗୁଣରେ ବର୍ଦ୍ଧିତ କରିଛି ।

ମାଳିନୀ ରୂପବତୀ, ଗୁଣବତୀ, ଶିକ୍ଷିତା ଓ ଚତୁରୀ । ସ୍ୱବ୍ୟବସାୟୋପଯୋଗୀ ଉପକରଣାଦି ତାହାର ସୌନ୍ଦର୍ଯ୍ୟକୁ ବୃଦ୍ଧି କରିଛି ଏବଂ ଲକ୍ଷ୍ୟସିଦ୍ଧିରେ ସାହାଯ୍ୟ କରିଛି । ପ୍ରକୃତରେ ତାହାର ବ୍ୟବସାୟ ଯୋଗୁ ହିଁ ସେ କାର୍ଯ୍ୟ-ସିଦ୍ଧିର ଉପାୟରୂପେ ବ୍ୟବହୃତ ହୋଇଛି । ମାଳିନୀ ମୋହିନୀ ହୋଇ ପାରିଛି ।

ଉପେନ୍ଦ୍ରଙ୍କ 'ମାଳିନୀ' ଓଡ଼ିଆ ରାଜପରିବାରର ମାଳିନୀ, ଜନସାଧାରଣଙ୍କ ମାଳିନୀ ମଧ୍ୟ ।

ଏଥୁ ଅନନ୍ତରେ ରସ   ଶୁଣ ହେ ମାଳିନୀ ବେଶ
  ଟଭିଫାଳ ପରି ଖୋସା, ଖୋଷିଛି ଯୋଷା ସ୍ୱେ । ୧ ।
ଗର୍ଭକ କଳି ତଉଁରି   ପ୍ରକାଶେ ରତ୍ନ ଭଉଁରି
  ଖଞ୍ଜିଅଛି ଗୋଟି ଚମ୍ପା, ଧଇର୍ଯ୍ୟ କମ୍ପା ଏ । ୨ ।
ଅନ୍ଧାର ନିଶାରେ ନଭେ   ନିର୍ମଳ ତାରା କି ଶୋଭେ
  ଦିଶଇ ତେମନ୍ତ ପରି, ଲୋଚନ-କାରି ଏ । ୩ ।

ବ୍ୟକ୍ତ ବୃଷଣୀ ପଣନ୍ତ ଉରୁ ଉପରେ ଲମ୍ବିତ
ବନ୍ଧନ ଛନ୍ଦନ ନୀବୀ, ମୋହନ ଛବି ସେ । ୧୭ ।

ନୋହେ ଉଚ ଖର୍ବ ଅତି କଥା ଏ ନୋହେ ଯୁବତୀ
ପୀନ ନୋହି କ୍ଷୀଣ ନୋହି, ଏମନ୍ତ ଦେଖି ସେ । ୧୮ ।

ବିବର୍ଜିତ ଗଣ୍ଡ ଶିରା ପାଚିଲା ରସାଳ ପରି
ବୟସ ଷୋଳ ସତର, ଏଥି ଭିତର ସେ । ୧୯ ।

କୁସୁମ ଗୃଙ୍ଗଡ଼ା କରେ ଗୋଡାଇଛନ୍ତି ଭ୍ରମରେ
ଗଜ ପରିସେ ମନ୍ଥର, ଗମନ ଚାରୁ ସେ । ୨୦ ।

ପଣନ୍ତ ଦେଇଛି ଶିରେ ଧରିଛି ଦକ୍ଷିଣ କରେ
ମୁଖ ହସିଲି ପରିସେ, କି ଶୋଭି ପାଏ ସେ । ୨୧ । (୧୩ଶ ଛାନ୍ଦ)

କବି ରସଗ୍ରାହକ ପାଠକକୁ ନିକର କରି ନେଇଛନ୍ତି । ଗ୍ରାହକର ମନପ୍ରାଣ ତାଙ୍କ ହାତରେ । ଗ୍ରାହକ ନିଜକୁ ଭୁଲିଯାଇ ଚିତ୍ର ଓ ପଦାବଳୀରେ ତନ୍ମୟ ହୋଇ ଯାଉଛି । ରସିକଗ୍ରାହକର ସମ୍ମୁଖରେ ମାଳିନୀ ଚାଲି ଯାଉଥିଲି ପରି ପ୍ରତୀୟମାନ ହେଉଛି । ଗ୍ରାହକର ଏହି ତନ୍ମୟତା ରଚନା-କୌଶଳର ଫଳ ଏବଂ ଏହାର ପରିଣାମ ଉପରେ କବିଲେଖନୀର ସାର୍ଥକତା ନିର୍ଭର କରେ । ଉପେନ୍ଦ୍ର ଭଞ୍ଜ ଏହିଭଳି ତନ୍ମୟତା ସ୍ୱକାବ୍ୟମାନଙ୍କରେ ଶତାଧିକ ସ୍ଥାନରେ ସୃଷ୍ଟି କରି ପାରିଛନ୍ତି ।

ଚମତ୍କାର ବର୍ଣ୍ଣନା ସହିତ ସରସ ସରଳ ପଦାବଳୀ ଚରିତ୍ରକୁ ଜୀବନ୍ତ ଏବଂ ସର୍ବଜନପ୍ରିୟ କରିପାରିଛି । କବିଙ୍କର ସବୁ ପାର୍ଶ୍ୱପାର୍ଶ୍ୱୀଙ୍କର ଚରିତ୍ରଚିତ୍ରଣ ମଧ୍ୟ ଜୀବନ୍ତ ହୋଇଛି ।

କ୍ଷୁଦ୍ର କବିତା

ଲାବଣ୍ୟନିଧି—ଛୋଟ ଛୋଟ ଦୁଇଟି ସୁନ୍ଦର କବିତା । ୧ମ ଛାନ୍ଦ-ମାନିନୀ ପ୍ରେମିକା ପ୍ରତି ନାୟକର ବିନୟବାଣୀ । ୨ୟ ଛାନ୍ଦ—ନାଗରବର

ନାୟିକ ଭୃଙ୍ଗ-ଦୂତ ହସ୍ତରେ ନାୟକଠାକୁ ପତ୍ରପ୍ରେରଣ ଓ ଉତ୍ତର ଲେଖି ପଠାଇବା ପାଇଁ ଅନୁରୋଧ; ଏତିକରେ ଏହା ସମାପ୍ତ ହୋଇଛି । ପ୍ରଥମ ଛାନ୍ଦରେ ପନ୍ଦର ପଦ ଓ ଦ୍ୱିତୀୟ ଛାନ୍ଦରେ ତେର ପଦ ।

ବଜାର ବୋଲି—ବଙ୍ଗଳାଶ୍ରୀ ରାଗରେ ତିରିଶଟି ପଦରେ ବଜାର-ବୋଲି ସମ୍ପୂର୍ଣ୍ଣ । ହାଟ-ବଜାରକୁ ବହୁ ବେପାରୀ ସ୍ତ୍ରୀ ପସରା ଧରି ଯାଆନ୍ତି । ସେମାନଙ୍କ ଭିତରେ କେହି କେହି ହାଟ ଯୁବତୀ ରସିକା ନାଗରୀଙ୍କୁ ଦେଖି ରସିକ ହାଟ ନାଗର ସେମାନଙ୍କ ସହିତ ରସପୂର୍ଣ୍ଣ କଥୋପକଥନ କରନ୍ତି । କଥୋପକଥନରେ ଉଭୟଙ୍କର ଚାତୁରୀ ଓ ବୁଦ୍ଧି ଏଥିର ବିଶେଷତ୍ୱ ।

କବି କମଳାପସରା ବାଳୀ, ତାମ୍ବୁଲ ବନିତା, ମାଳାକାର ବାଳୀ, କୁମ୍ଭାରବଧୂ, କଂସାରୀବାମା, ପାଟରାଣୀ, ବଣିକବଧୂ, ଗୁଡିଆବଧୂ, ପାଞ୍ଚାଳ ନାରୀ (ପଟ୍ଟାରୁଣୀ), ନାରିକେଳ ନାରୀ, କାପୁଡ଼ି ବାମା, ଗୋପାଳୀ ତରୁଣୀ—ଏମାନଙ୍କ ସହିତ ରସିକ ନାଗରର ରସାଳାପ ହାଉଯାଉ ଭାବରେ ଆଦ୍ୟ-ରସାଶ୍ରିତ ହୋଇଛି ।

ନାଗର-ନାଗରୀମାନଙ୍କ ପ୍ରଶ୍ନ ପ୍ରତ୍ୟୁତ୍ତରରେ ନିହିତ ଥିବା ଚାତୁର୍ଯ୍ୟକୁ କବି ପ୍ରଶଂସା କରିଛନ୍ତି, ଏହା ଯଥାର୍ଥ ହୋଇଛି ।

କହେ ଉପେନ୍ଦ୍ର ଭଞ୍ଜ ହାରବର ଅଟନ୍ତି ସେହି ନାଗରୀ,
ନାଗର ଦେଖି ପ୍ରତ୍ୟୁତ୍ତର ଦିଅନ୍ତି ଧନ୍ୟ ଧନ୍ୟ ସେ ଚାତୁରୀ । ୩୦ ।

କବିତାଟିରେ ହାଟକୁ କେଉଁ କେଉଁ ଜାତିର ସ୍ତ୍ରୀଲୋକମାନେ ପସରା ଧରି ଯାଆନ୍ତି ସେମାନଙ୍କ ଭିତରୁ କେତେକଙ୍କର ଏକ ତାଲିକା ଏଥିରୁ ମିଳୁଛି । କୌଣସି ଜାତି ପ୍ରତି ଘୃଣା ମନୋଭାବର ସୂଚନା ଏଥିରେ ନାହିଁ ।

ଓଜନ, ମାପ ଓ ମୁଦ୍ରାର କେତେକ ତଥ୍ୟ ଏଥିରୁ ମିଳୁଛି । ଓଜନରେ ରତି, ମାପରେ ଗଜ, ମୁଦ୍ରାରେ ଟଙ୍କା ଓ କଉଡ଼ିର ବ୍ୟବହାର କବିଙ୍କ ସମୟକୁ ଥିଲା ।

ପରବର୍ତ୍ତୀ ସମୟରେ 'ବଜାରବୋଲି' ଶ୍ରେଣୀର ହାସ୍ୟରସପୂର୍ଣ୍ଣ କେତେକ କବିତା ଦେଖାଯାଏ । ବୈଷ୍ଣବ କବିମାନେ ମଧ୍ୟ ଶ୍ରୀକୃଷ୍ଣଙ୍କ ଗୋପଲୀଳାରେ ଏ ପ୍ରକାର ପ୍ରସଙ୍ଗର ଅବତାରଣା କରି ରସମୟ ପଦ ରଚନା କରିଛନ୍ତି । କେହି କେହି କାବ୍ୟମାନଙ୍କ ଭିତରେ ମଧ୍ୟ ଏହାକୁ ସ୍ଥାନ ଦେଇ କାବ୍ୟକୁ ସରସ କରିପାରିଛନ୍ତି ।

କଥୋପକଥନର ଗୁରୁତ୍ୱ କବି ସୁନ୍ଦର ଭାବରେ ଫୁଟାଇ ପାରିଛନ୍ତି । ପାତ୍ରପାତ୍ରୀ ଉଭୟେ ଚତୁରତା ଓ ରସିକତା ଅବଲମ୍ବନପୂର୍ବକ ଉତ୍ତର ପ୍ରତ୍ୟୁତ୍ତର କରିଥିବାରୁ କଥୋପକଥନର ମାଧୁର୍ଯ୍ୟ ବର୍ଦ୍ଧିତ ହୋଇଛି । ରସଜ୍ଞାଣୀ, ରସିକ ନାଗର ରସବତୀ ନାଗରୀର ଭାବଭଙ୍ଗୀ ଅନୁକୂଳ ଦେଖି କଥୋପକଥନ ଆରମ୍ଭ କରିଛନ୍ତି । ନାଗରୀର 'ମନ୍ଦହାସ' ଦେଖି 'ମୃଦୁ ବଚନ' କହିଛନ୍ତି । ଏକାଧିକ ରସିକ ଓ ଏକାଧିକ ରସିକାଙ୍କର ବ୍ୟବହାର ଏଠାରେ ପ୍ରଦର୍ଶିତ ହୋଇଛି । ଅର୍ଥ ଓ ଗୂଢ଼ାର୍ଥ କଥୋପକଥନର ମୂଳଭିତ୍ତି ଏବଂ ଏହା ଏହି କାରଣରୁ ସରସ ହୋଇଛି ।

ଚଉପଦୀ—ପ୍ରବାସୀ ନାୟକ ନାୟିକା ସହିତ ତାହାର ବିଭିନ୍ନ ରସାଳାପ ଓ ରସକେଳିକୁ ମନେ ପକାଇ ନିଜର ଚିନ୍ତାରାଜିକୁ ପ୍ରକାଶ କରୁଛି । ରାତ୍ରିର ଚାରି ପ୍ରହରରେ ନାୟିକା ସହିତ ତାର ବିଭିନ୍ନ ବ୍ୟବହାର ଓ ଭଙ୍ଗୀକୁ ସେ ପ୍ରକାଶ କରୁଛି । ବିରହୀ ରସିକ ନାୟକର ଚିନ୍ତା ଓ ସ୍ମରଣ ରସପୂର୍ତ୍ତି ହୋଇଛି । ଭାବ, ଭାବପ୍ରକାଶ ଓ ଛନ୍ଦ ଅତି ରମଣୀୟ ଓ ଜୀବନ୍ତ ହୋଇଛି ।

ବିରହଭାବନାକୁ ଚିନ୍ତା କରିବାରୁ କବିଙ୍କ ହୃଦୟ ଦଗ୍ଧ ହୋଇଯାଉ-ଥିବା ସେ ବ୍ୟକ୍ତ କରିଥିବାରୁ ଏଥିର ଭାବ ଓ କାର୍ଯ୍ୟ କବିଙ୍କ ଅନୁଭୂତିରୁ ସଂଗୃହୀତ ହୋଇଥିବା ମଧ୍ୟ ସମ୍ଭବ ।

ହେ ଶିବ ମାଗୁଅଛି ଭେଟାଅ ମୋତେ,
କହଇ ଉପଇନ୍ଦ୍ର ଭଞ୍ଜ ଏ ଗୀତେ ଯେ ।

ଏତେ ବିଚ୍ଛେଦେ ଯାହା ଖାଇଁଛୁ ମୁହିଁ,
ଏ ଭାବ ମନେ ଚନ୍ଦ୍ର ହୃଦ ଦହଇ ଯେ ।

(୨ୟ ପ୍ରହର ଚଉତିଶା)

ପ୍ରହରର ସଂଖ୍ୟା ଅନୁସାରେ ଚାରୋଟି ଛାନ୍ଦ ରଚିତ ହୋଇଛି । 'ପ୍ରହର' ଓ 'ଚାରି' ଶବ୍ଦର ଲୌକିକ ବ୍ୟବହାର ଅନୁସାରେ 'ଚଉପହରୀ' ନାମ ହୋଇଛି । ଚାରିପ୍ରହର ଅନୁସାରେ ଛାନ୍ଦର ସଂଖ୍ୟା ଚାରି ହେଲେ ମଧ୍ୟ ପ୍ରତ୍ୟେକ ଛାନ୍ଦରେ ଦିବସର ଆଠପ୍ରହର ଅନୁସାରେ ଆଠପଦ ଲେଖାଏଁ ରହିଛି ।

ତୃତୀୟ ଯାମର ଚଉତିଶାରେ ନାୟିକାର ସ୍ୱପ୍ନ ଓ ସ୍ୱପ୍ନାନ୍ତେ ବିଳାପ ରୀତି କବିଙ୍କର 'ଲାବଣ୍ୟବତୀ'ରେ 'ଚେତିଚାହୁଁଥି ଚାହିଁଲା କଣିକାଣେ ପାଶେ ନାହିଁ ଦିବ୍ୟ କରୁଣ' ଇତ୍ୟାଦି ଛାନ୍ଦରେ ମଧ୍ୟ ପରିଦୃଷ୍ଟ ହୁଏ ।

ତୃତୀୟ ଯାମ ଯାମିନୀ ପ୍ରବେଶେ ଦିନେ କାମିନୀ,
ସ୍ୱପ୍ନରେ ମୋ ସଙ୍ଗରୁ ବିଚ୍ଛେଦ ହୋଇ,
ଆହା ଆହା ପ୍ରାଣନାଥ ବୋଲି ହୃଦେ ମାରି ହାତ,
ଛଟିଣି ଲେଉଟଇ ପଲଙ୍କରେ ସୁ-ମୁହିଁ ।

ଏହି କ୍ଷୁଦ୍ର କାବ୍ୟଟିରେ କେତେଗୁଡ଼ିଏ ସୁନ୍ଦର ଜୀବନ୍ତ ଚିତ୍ର ଅଙ୍କିତ ହୋଇଛି । ଗୋଟିଏ ଉଦାହରଣ—

ବଡ଼ଲୋକ ନିୟମ ଲଙ୍ଘିବା ବଡ଼ ଦୋଷ,
ଏହା ମୁଁ ବୋଲନ୍ତେ ଜାତ କଲା ମୃଦୁ ହାସ ।

କେ ପାରିବ ଏ ଭଙ୍ଗି କି ଯାଅ ଯା ବୋଇଲା,
ଅଳପ ଟେହ୍ଲାଇ ଗ୍ରୀବା କି କରି ଚାହିଁଲା ।

ମଲି ମଲି ହୃଦୟ କି ହୁଏ ତାହା ଶୁଣି,
ସେ ଭାବ ମନେ ପଡ଼ିଲେ ହୃଦ ହୁଏ ହାଣି ।

ଝାଣାବତନୀର କଣା ଏ ଦେହ ମୋହର,
ପିଣ୍ଡେ ପ୍ରାଣ ଥିବା ଯାକେ ନ ଯିବ ପାଶୋର । (୯ମ ଛାନ୍ଦ)

'ଚନ୍ଦ୍ରପଦ୍ମରର ଭାଷା ସରଳ ଓ ପଦଗୁଡ଼ିକ ରସାଳ ହୋଇଛି ।

ଯମକରାଜ ଚଉତିଶା—'ଯମକରାଜ ଚଉତିଶା' ଯମକ ଯୋଗୁଁ ପ୍ରସିଦ୍ଧି ଲାଭ କରିଛି । ଚଉତିଶାଟି କୌଶିକ ରାଗରେ ଲିଖିତ । ଶ୍ରୀକୃଷ୍ଣ କୁଞ୍ଜବନରେ ଥାଇ ପ୍ରେମିକା ରାଧାଙ୍କଠାକୁ 'କୋକିଳ'କୁ ଦୂତ କରି ପ୍ରେରଣ କରୁଛନ୍ତି ।

ଏହି କ୍ଷୁଦ୍ର ଚଉତିଶା କବିତାଟିରେ ଯମକର ସମୁଚିତ ପ୍ରୟୋଗରେ କବିଙ୍କର ପାଣ୍ଡିତ୍ୟ ପ୍ରକାଶ ଲାଭ କରିଛି ଏବଂ ଭାଷା ଓ ଭାବର ଗାମ୍ଭୀର୍ଯ୍ୟ ପ୍ରସଙ୍ଗୋପଯୋଗୀ ହୋଇଛି । ଯମକ ଓ ଭାବର ସୁଷମ ବ୍ୟବହାର ପ୍ରତ୍ୟେକ ପଦ ପ୍ରମାଣ କରୁଛି । ଯମକର ଚାତୁର୍ଯ୍ୟପୂର୍ଣ୍ଣ ବ୍ୟବହାର ପଦଗୁଡ଼ିକୁ ରମଣୀୟ କରିପାରିଛି ।

କୁଞ୍ଜବନେ କଳାନିଧି, କଳାନିଧି, କଳାନିଧି, କଳା ଶ୍ରୀହରି
କହନ୍ତି ସକଳ କଳକଣ୍ଠି ପାଶେ, କଳକଣ୍ଠୀ ପ୍ରୀତି ସୁମରି
କୋକିଳ, କି କରୁଥିବ ରାମାମଣି
କୁସୁମ-ସାୟକ ସାୟକ ସାୟକ ସାୟକ ବିନ୍ଧୁଥିବ ଟାଣି । ୧ ।

ଖଞ୍ଜନ-ନୟନୀ କଟକ କଟକ, କଟକ କଟକ ଶୋଭିନୀ
ଖେଦକ ଘେନିବ ହାଟକ ହାଟକ ହାଟକ ସୁମନମୋହିନୀ
କୋକିଳ, ଖିତିମଣ୍ଡନା ଖଞ୍ଜାନନୀ
ଖଣ୍ଡି ଥିଲା ପ୍ରୀତି କଟକ କଟକ କଟକ ସୁନ୍ଦନାଗମନୀ । ୨ ।

କବି ଏହି ଚଉତିଶାଟିରେ ନିଜକୁ 'ଉପେନ୍ଦ୍ର ମଙ୍ଗରାଜ' ବୋଲି ପରିଚିତ କରାଇଛନ୍ତି । ତାଙ୍କର 'ମଙ୍ଗରାଜ' ଉପାଧି ଥିବା ତଥ୍ୟ ଏଥିରେ ପ୍ରକାଶିତ ହୋଇଥିବାରୁ ଐତିହାସିକ ଦୃଷ୍ଟିରେ ଏହାର ବିଶେଷତ୍ୱ ବୃଦ୍ଧି ପାଇଛି । ଭାବ ଅପେକ୍ଷା ଅଳଙ୍କାର ପ୍ରୟୋଗ ହିଁ କବିତା ରଚନାର ମୁଖ୍ୟ ଲକ୍ଷ୍ୟ ।

ଚମ୍ପୂ—ଉପେନ୍ଦ୍ରଙ୍କ ପୂର୍ବରୁ ଧନଞ୍ଜୟ ଭଞ୍ଜ 'ଚମ୍ପୂ' ଲେଖିଥିଲେ । କବି ଚମ୍ପୂର ନାମକରଣ କରିଥିବା ଉଚନାରୁ ଜଣାପଡ଼ୁ ନ ଥିଲେ ମଧ୍ୟ ଆଧୁନିକ ଯୁଗର ମୁଦ୍ରିତ ପୁସ୍ତକମାନଙ୍କରେ ଚୌପଦୀ ସଂଗ୍ରହ 'ଚୌପଦୀ ଚନ୍ଦ୍ରୋଦୟ'ରେ ସ୍ଥାନ ପାଇଥିବାରୁ ସାଧାରଣତଃ ଏହି ଚମ୍ପୂଟି 'ଚୌପଦୀ ଚନ୍ଦ୍ରୋଦୟ' ନାମରେ ପରିଚିତ ହେଉଛି । ଚୌପଦୀ ସଂଗ୍ରହ ଗ୍ରନ୍ଥରେ ନରସିଂହ ପଟ୍ଟନାୟକଙ୍କ ଚମ୍ପୂ ଓ ଉପେନ୍ଦ୍ର ଭଞ୍ଜଙ୍କ ଚମ୍ପୂ ମଧ୍ୟ ସ୍ଥାନ ପାଇଛି । ନରସିଂହ ପଟ୍ଟନାୟକଙ୍କ ସମୟ ଜଣାପଡ଼ୁ ନ ଥିବାରୁ ସେ ଉପେନ୍ଦ୍ରଙ୍କ ପୂର୍ବବର୍ତ୍ତୀ କିମ୍ବା ସମସାମୟିକ କି ପରବର୍ତ୍ତୀ ତାହା ଠିକ୍ ଭାବରେ କହି ହେଉନାହିଁ ।

ଉପେନ୍ଦ୍ରଙ୍କ 'ଚଉପଦିଚନ୍ଦ୍ର'ଟି 'ଅ'ଠାରୁ 'ଅଂ ଅଃ' ପର୍ଯ୍ୟନ୍ତ ବର୍ଣ୍ଣାଦ୍ୟ-ରଚିତ ଗୀତଗୁଚ୍ଛ ।

ଚଉପଦୀଭୂଷଣ—କବିଙ୍କର 'ଚୌପଦୀ ଭୂଷଣ' 'କ'ଠାରୁ 'କ୍ଷ' ପର୍ଯ୍ୟନ୍ତ ବର୍ଣ୍ଣାଦ୍ୟରଚିତ ଗୀତଗୁଚ୍ଛ । କବି ଉଭୟ ଚମ୍ପୂର ନାମକକରଣ କବିତା ମଧ୍ୟରେ କରିନାହାନ୍ତି । ଉଭୟ ଚମ୍ପୂର ଅଧିକାଂଶ ଗୀତର ଭାଷା ମାର୍ଜିତ । କେତେକ ଗୀତର ଭାଷା ସଙ୍ଗୀତୋପଯୋଗୀ ନୁହେ । କବି ଲୋକମୁଖର ଭାଷା ମଧ୍ୟ ପ୍ରୟୋଗ କରିଛନ୍ତି । ଆଦିରସ ହିଁ କବିତାଗୁଡ଼ିକର ମୁଖ୍ୟରସ । କବି ଏହି ସମ୍ବନ୍ଧରେ ସୂଚନା ମଧ୍ୟ ଦେଇଛନ୍ତି—

ଅଙ୍ଗନା ବକ୍ଷୋଜଦଠାରୁ ଶିରଚ୍ଛେଦ ବଡ଼ ନୁହେଁ,
ଅତିରସେ ଉପଇନ୍ଦ୍ର ଭଞ୍ଜ ବୀରବର କହେ । ('ଅ' ଆଦ୍ୟ ଗୀତ)
ରୁଚ୍ୟରସେ କହେ ବୀରବର ଭଞ୍ଜ,
ବନ୍ଧୁକ ମନୁ ପାସୋରିଲି ('ରୁ' ଆଦ୍ୟ ଗୀତ)

ଉପେନ୍ଦ୍ର ପ୍ରତ୍ୟେକ ଗୀତର ରାଗ ଓ ତାଳ ନିର୍ଦ୍ଦେଶ କରିଛନ୍ତି । କବିଙ୍କ ବ୍ୟବହୃତ କେତୋଟି ରାଗ ଓ ତାଳର ନାମ—

ରାଗକାମୋଦ—ତାଳ ପଡ଼ିତା, ରାଗ ଶଙ୍କରାଭରଣ—ତାଳ ସାନତୋଡ଼ୀ ଏକତାଳୀ, ରାଗ ଆହାରୀ—ତାଳ ରୂପକ, ରାଗ ବସନ୍ତ—ତାଳ ପହପଟ,

ରାଗ ଆଶାବରୀ—ତାଳ ସରିମାନ, ରାଗ ମୁଖାରୀ—ଏକତାଳୀ, ରାଗ ସୌରାଷ୍ଟ୍ର ଗୁର୍ଜରୀ—ଏକତାଳୀ, ରାଗ ପୁରୁବୀ—ପହଡ଼ତାଳ, ରାଗ ତୋଡ଼ୀ—ଏକତାଳୀ, ରାଗ କାଫି—ପହଡ଼ତାଳ, ରାଗ ବଙ୍ଗଳାଶ୍ରୀ—ଏକତାଳୀ, ରାଗ ଦେଶାକ୍ଷ—ପହଡ଼ତାଳ, ରାଗ ଇମନକଲ୍ୟାଣ—ଧୃତପହଡ଼ତାଳ, ରାଗ କେଦାର ଗୌଡ଼ା—ପହଡ଼ତାଳ, ରାଗ ଆଶାବରୀ—ତାଳ ଏକତାଳୀ, ରାଗ କାମୋଦୀ—ତାଳ ସରିମାନ ଇତ୍ୟାଦି ।

ଏହି ଗୀତମାନଙ୍କରେ ବିଦେଶାନୁଚିନ୍ତା, ବିରହବର୍ଣ୍ଣନା, ସ୍ନେହପ୍ରଶଂସା, ପ୍ରାପ୍ତି ଇଚ୍ଛା, ପୂରୁଷାୟିତ, ପ୍ରିୟ ପ୍ରଶଂସା, ଅନୁଚିନ୍ତା, ପଶ୍ଚାତ୍ତାପ, ବିରହେ କ୍ଲିଷ୍ଟା, ଭାବପ୍ରଶଂସା, ମିଳନ ପ୍ରଭୃତି ଭାବର ବିଷୟବସ୍ତୁ ଗୃହୀତ ହୋଇଛି ।

ଏହି ଗୀତମାନଙ୍କରେ କବି ନିଜକୁ ଉପେନ୍ଦ୍ର, ଉପେନ୍ଦ୍ର ଭଞ୍ଜ, ବୀରବର, ଉପେନ୍ଦ୍ର ଭଞ୍ଜ ବୀରବର, ନୀଳକଣ୍ଠଭଞ୍ଜସୁତ ଓ ଉପେନ୍ଦ୍ର ମଙ୍ଗରାଜ ପ୍ରଭୃତି ଭାବରେ ପରିଚିତ କରାଇଛନ୍ତି । କବିଙ୍କ ବଂଶ ଓ ପଦବୀର ଉଲ୍ଲେଖ ଥିବାରୁ ଏହି ଗୀତମାନଙ୍କର ବିଶେଷତ୍ୱ ସ୍ପଷ୍ଟ ହେଉଛି ।

ଗୀତମାନଙ୍କରେ ନାୟକନାୟିକାଙ୍କର ଅନୁଭବଜନିତ ଭାବରାଶି ସୁଖ-ଦୁଃଖମିଶ୍ରିତ ହୋଇ ପ୍ରକାଶ ଲାଭ କରିଥିବାରୁ ଏଗୁଡ଼ିକ ରସାଳ ହୋଇଛି ଏବଂ ପ୍ରେମିକପ୍ରେମିକାଙ୍କ ଆଦରର ସାମଗ୍ରୀ ହୋଇଛି । ବିରହାନୁଚିନ୍ତାର କବିତାଗୁଡ଼ିକ ଅପେକ୍ଷାକୃତ ଅଧିକ ରମଣୀୟ ହୋଇଛି । କବି ଯେଉଁ ଚିତ୍ରଗୁଡ଼ିକ ଅଙ୍କନ କରିଛନ୍ତି ତାହା ଜୀବନ୍ତ ଓ ଭାବପୂର୍ଣ୍ଣ ହୋଇଛି । ଭାବ ଓ ଭାଷା ଉଭୟେ ପରସ୍ପରର ଗୌରବ ବୃଦ୍ଧି କରିଛନ୍ତି ।

କରିବାବେଳେ ଗମନ ବିଦେଶକୁ ମୁହିଁ,
କି କରି ଅନାଉ ଥିଲୁ ବିରସତା ହୋଇ,
କଳାବତୀରେ, କଞ୍ଜନେତ୍ରେ ନୀର,
କଢ଼ିଥିଲୁ ପୂର୍ଣ୍ଣ ଦିଶୁଥିଲା କି ରୁଚିର । ୧ ।

କଣ୍ଠ ଗଦ୍‌ଗଦ୍‌ରୁ ବହିରେଧୁଥିଲା ଭାଷା,
କ୍ରୋଧଭରେ ଫୁଲୁଥିଲା ତିଳଫୁଲ ନାସା
କେଳିଦାଣ୍ଡିରେ, କମଳବଦନ,
କେମନ୍ତ ଦିଶୁଥିଲଟି ହୋଇ ଅପ୍ରସନ୍ନ । ୩ ।
ଗଲୁ ଚଳି ପାସ୍ରେଟି ପହଣ୍ଡ ଦଶ ଯାଏ,
କହିଲି ରହି ମେଲାଣି ଦିଅ ମୋତେ ପ୍ରିୟେ,
କେଳି ଗଡରେ, କଠୋର ମୋ ହୃଦ,
କମ୍ପାଇଁ ନ ଗଲା ଫାଟି ସହିଲା ବିଚ୍ଛେଦ । ୪ ।
(ଚଉପଦୀ ଭୂଷଣ)

ଚଉପଦୀଚନ୍ଦ୍ରର ସଙ୍ଗୀତ ଅନୁପଯୋଗୀ ଭାଷା—

(୧) ଈଶ୍ୱରୀ ତାଙ୍କ ଅର୍ଦ୍ଧାଙ୍ଗ ହେଲା ପର ବାଳା ଅଙ୍ଗେ ଜଡ଼ି ରହି ।
(୨) ଊର୍ଦ୍ଧ୍ୱରେତା-ମୋହିନୀ ମନ ମୋହୁଛୁ ଗୋ ।
(୩) ଛ ବତିଶ୍ରବଣା କାଶହାସୀ ଇତ୍ୟାଦି ।

ଏହି ଚଉପଦୀଚନ୍ଦ୍ରର ସର୍ବଜନବୋଧ ଭାଷାର କେତୋଟି ଉଦାହରଣ ତଳେ ଦିଆଗଲା—

(୧) ଓଟାଣି ମନ ଘେନାଘେନି ଭାବେ ଘେନି ଯାଇ ରେ ।
(୨) ଏବେ ମୁଁ ବଞ୍ଚିବି କେହି, ଏଣିକି ଉପାୟ ନାହିଁ, ଏ ଯୁବାକାଳେ—
(୩) ଉତ୍ତମାରେ ଉଲ୍ଲାସୀ ଚଉକୁ ନେଲା ମୋହି ।
(୪) ଆହା ମୋ ଆଜନ୍ମସୁଖୀ ।

କବି କବିତାମାନଙ୍କରେ ସ୍ଥାନେ ସ୍ଥାନେ ଯମକ ଓ ଅନୁପ୍ରାସ ବ୍ୟବହାର କରି ପଦଗୁଡ଼ିକୁ ରମଣୀୟ କରି ପାରିଛନ୍ତି । ତାହାର କେତୋଟି ଉଦାହରଣ—

(୧) ରୂପିତ ମୋ ମଲ୍ଲିକା, ବଲ୍ଲୀ ଗୃହି ବଲ୍ଲିକା
ନବବାଳିକା ସେ ମୋ ମାଳିକା
ତାଳିଥିବି କରେ ଗଣ୍ଡପାଳିକା ।
("ରୂପକାର ଯାହାକୁ, ନିର୍ମାଣି ନାହିଁ ତାକୁ" ଗୀତ)

(୨) ଗଞ୍ଜାଇ ଯେ କଞ୍ଜ, ଖଞ୍ଜରୀଟପୁଞ୍ଜ,
ସେ ନେତ୍ରେ ଅଞ୍ଜନ ଲଞ୍ଜି ('ଗଜଗତି ଅଷ୍ଟ')

(୩) ବିଜୁଳିକି ବଳି ବର୍ଣ୍ଣି ଝଳରେ ଢଣେ,
ମଳିନ କରେ ବନ୍ଧିଥିବା ସ୍ୱର୍ଣ୍ଣ ବାହୁରେ । ('ବ' ଗୀତ)

(୪) ସାରସଗତି ଗତିକଲି ମୁହିଁ,
ସେବକର ଆଉ କି ସେବା ସହି—('ସ' ଗୀତ)

(୫) ଖେଦୁଁ ମଣିମ ସଜନୀ ଯୁଗ ସମାନ ରଜନୀ ଅହ୍ନନଙ୍କ
ଖଳ କୁସୁମ କୋଦଣ୍ଡ ଦଣ୍ଡକୁ କୋମଳପିଣ୍ଡ ସହନଙ୍କ । ('ଖ' ଗୀତ)

ଉପେନ୍ଦ୍ର ଭଞ୍ଜଙ୍କର ଶତାଧିକ ଗୀତ ବର୍ତ୍ତମାନ ସୁଦ୍ଧା ଅପ୍ରକାଶିତ ଥିବା ଜଣାଯାଏ । ତାଙ୍କର ଆଦରସାଶ୍ରିତ ପ୍ରେମ ଗୀତଗୁଡ଼ିକ ସଙ୍ଗୀତପ୍ରେମୀ, ନୃତ୍ୟକାର ପ୍ରଭୃତିଙ୍କଦ୍ୱାରା ଆଦୃତ ହୋଇ ଆସୁଅଛି । ନାଟ୍ୟାଙ୍କ କେତୋଟି ଅତି ପ୍ରିୟ ଗୀତ—

(୧) ଦ୍ୱିତୀୟା ଯାମିନୀରେ ମୋ ପ୍ରାଣସଖୀ ।
(୨) ଆଜ ଦେଖିଲି ରେ ନବୀନବୟସୀ ବାଳା ।
(୩) ଶ୍ରୀମତୀ ଶ୍ରୀପତି ବୃନ୍ଦାବନେ କେଳି ରଚିଲେ ।
(୪) ନ କରରେ ରାମା ମାନ, କହୁଛି ବିନୟ ଘେନ ।
(୫) ଆଉ କାହା କର ଧରିବି, ସଜନୀ ଗୋ ।
(୬) ଦୂତୀ କହିବୁ ଗୋ ଚଉରେଶ୍ୱରଙ୍କୁ ଏତେକ ।
(୭) ମୋ ରାମା ମଦନ କି ପାଞ୍ଚିଲା ।
(୮) ସଙ୍ଗାତ ମନା କଲି ପରି ତୋତେ ।

ନାୟକନାୟିକା ଭେଦରେ କବିତା—ନାୟକନାୟିକାଙ୍କର ଭାବ, ଭଙ୍ଗୀ ଓ କାର୍ଯ୍ୟ ବର୍ଣ୍ଣନା କରି କବି ଯେଉଁ ଶତାଧିକ ଗୀତ ରଚନା କରିଛନ୍ତି ସେଗୁଡ଼ିକୁ ନାୟକନାୟିକା, ଦୂତଦୂତୀ ପ୍ରଭୃତି ଭେଦରେ ସହଜରେ ବିଭକ୍ତ କରାଯାଇ ପାରିବ । ଏ ସମ୍ପର୍କରେ 'ରସପଞ୍ଚକଂ' ପ୍ରେମ-କବିତା ରାଜ୍ୟରେ ଆଦର୍ଶ ସ୍ୱରୂପ ଗୃହୀତ ହୋଇଛି ।

କବି ରାଧାକୃଷ୍ଣଲୀଳା ବିଷୟକ କେତେକ କବିତା ମଧ୍ଯ ରଚନା କରିଛନ୍ତି । ଏଗୁଡ଼ିକୁ ମଧ୍ଯ ନାୟକନାୟିକାଦି ଭେଦରେ ବିଭକ୍ତ କରାଯାଇପାରେ ।

ଊନବିଂଶ ଶତାବ୍ଦୀର 'ରସରତ୍ନାକର ଚନ୍ଦ୍ରିକା' ନାମକ ଗ୍ରନ୍ଥ (ଅପ୍ରକାଶିତ) ରେ କଟକ ଜିଲ୍ଲାର କଟକ-ଭୁବନେଶ୍ୱର ମଧ୍ୟସ୍ଥିତ ପଟିଆ ଜମିଦାରୀର ପୂର୍ବତନ ରାଜା ଦିବ୍ୟସିଂହ ଦେବ ଓଡ଼ିଆ ଗୀତିକବିତାଗୁଡ଼ିକର ଶ୍ରେଣୀବିଭାଗ କରିଛନ୍ତି । ସେ 'ସାହିତ୍ୟ ରତ୍ନାକର,' 'ସାହିତ୍ୟ ଦର୍ପଣ' ପ୍ରଭୃତି ସଂସ୍କୃତ ଅଳଙ୍କାର ଗ୍ରନ୍ଥର ସୂତ୍ର ଉଲ୍ଲେଖ କରି 'ରସପଞ୍ଚକ'ର ଗୀତମାନଙ୍କୁ ଆଦର୍ଶ ଓ ଉଦାହରଣ ରୂପେ ଗ୍ରହଣ କରିଛନ୍ତି । ଉପେନ୍ଦ୍ରାଦି ବହୁ ପ୍ରାଚୀନ କବିମାନଙ୍କର କବିତାବଳୀରୁ ସେ ବହୁ ଗୀତ ସଂଗ୍ରହ କରି ଉଦାହରଣ ଦେଇଛନ୍ତି ଏବଂ ନିଜେ ମଧ୍ଯ ବହୁ ଗୀତ ଉଦାହରଣ ନିମିତ୍ତ ରଚନା କରିଛନ୍ତି । ସଙ୍ଗୀତ ଶାସ୍ତ୍ର ଅନୁସାରେ ନବରସ ଗୀତମାନଙ୍କର ଗାୟନକାଳ ମଧ୍ଯ ନିର୍ଣ୍ଣୀତ ହୋଇଛି । ପୂର୍ବେ ଏହି ଅନୁସାରେ ସଙ୍ଗୀତ ବୋଲାଯାଉଥିଲା ଏବଂ ଏହାର ବ୍ୟତିକ୍ରମକୁ ଏକ ଦୋଷ ବୋଲି ଧରାଯାଉଥିଲା ।

ଓଡ଼ିଆ ପ୍ରାଚୀନ ସାହିତ୍ୟରେ, ବିଶେଷତଃ ଭକ୍ତ ସାହିତ୍ୟରେ ସଙ୍ଗୀତର ସ୍ଥାନ ନ୍ୟୂନ ନୁହେଁ । ଭକ୍ତଙ୍କର ଗୀତଗୁଡ଼ିକ ଯେପରି ରସାପ୍ଲୁତ ସେପରି ସଙ୍ଗୀତମୟ ମଧ୍ଯ ।

ପ୍ରାଚୀନ କେରଳରାଜ ନୀଳକଣ୍ଠଙ୍କ 'ନାଟ୍ୟ ମନୋରମା' ନାମକ ସଂସ୍କୃତ ଗ୍ରନ୍ଥ ଅନୁସାରେ ନବରସ ଗୀତମାନଙ୍କର ଗାଇବା ସମୟ ବର୍ଣ୍ଣିତ ହୋଇଛି ।

ଦିବସେ ପ୍ରଥମେ ଯାମେ ରସୋବୀର ପ୍ରକାଶତେ,
ଅଥ ଊର୍ଦ୍ଧ୍ୱ ରୌଦ୍ରରସଂ ବିଦଧ୍ୟାପ୍ରହର ଦ୍ୱୟେ ।

ଚତୁର୍ଥ ଯାମେ ଚ କରୁଣୋ ରସସ୍ତ୍ରବ ଉଦାହୃତଃ,
ସାୟଂ ଜ୍ୟୋସ୍ନା ଚ ଶୃଙ୍ଗାରେ ବୀଭତ୍ସା ଭୂତକୌନଶି ।

ତମିସ୍ରାଯାମର୍ଦ୍ଧରାତ୍ରେ ବର୍ଣ୍ଣନୀୟୋ ଭୟାନକଃ
ଚନ୍ଦ୍ରୋଦୟ ପ୍ରଭାତେ ଚ ରସ ଶାନ୍ତ ଉଦାହୃତଃ ।
ବର୍ଣ୍ଣନୀୟୋ ଦିବା ହାସ୍ୟୋ ରସାନାଂ କାଲ ଈକ୍ଷତେ ।
('ରସରତ୍ନାକର ଚନ୍ଦ୍ରିକା'ରୁ ଉଦ୍ଧୃତ)

"ସକାଳଠାରୁ ଦିନ ପ୍ରହରକ ପର୍ଯ୍ୟନ୍ତ ବୀରରସରେ, ପ୍ରହରକଠାରୁ ଦିନ ଦୁଇ ପ୍ରହର ପର୍ଯ୍ୟନ୍ତ ରୌଦ୍ରରସରେ, ଦୁଇ ପ୍ରହରଠାରୁ ଦିନ ତିନ ପ୍ରହର ପର୍ଯ୍ୟନ୍ତ ହାସ୍ୟରସରେ, ତିନପ୍ରହରଠାରୁ ସାୟଂକାଳ ପର୍ଯ୍ୟନ୍ତ କରୁଣ ରସରେ, ସାୟଂକାଳଠାରୁ ରାତି ପ୍ରହରକ ପର୍ଯ୍ୟନ୍ତ ଶୃଙ୍ଗାର ରସରେ, ରାତ୍ର ଦୁଇ ପ୍ରହର ଠାରୁ ତିନ ପ୍ରହର ପର୍ଯ୍ୟନ୍ତ ଭୟାନକରସରେ ଓ ରାତ୍ର ଚତୁର୍ଥ ପ୍ରହରଠାରୁ ପ୍ରଭାତ ପର୍ଯ୍ୟନ୍ତ ଶାନ୍ତ ରସରେ ଗାୟନ କରିବ ।"

ନବରସର ଗୀତମାନଙ୍କୁ ନାଟ୍ୟଶାସ୍ତ୍ରରେ ସ୍ତ୍ରୀପୁରୁଷ ଓ ନପୁଂସକ ଭେଦରେ ମଧ୍ୟ ବିଭକ୍ତ କରାଯାଇଛି ।

"ବୀଭତ୍ସ କରୁଣୌଯୋଷିତ ହାସ୍ୟାଦ୍ଭୁତଏବଚ,
ଶାନ୍ତଶ୍ଚଷଣ୍ଡୋବିଜ୍ଞେୟୋ ଶେଷାଶ୍ଚ ପୁରୁଷାଇମା ।"
ସ୍ତ୍ରୀ—ବୀଭତ୍ସ, କରୁଣ ।
ନପୁଂସକ—ହାସ୍ୟ, ଅଦ୍‌ଭୁତ, ଶାନ୍ତ ।
ପୁରୁଷ—ଅବଶିଷ୍ଟ ଚାରିରସ ।

ରାଗ ଓ ରସର ସମୟାଦି ବିଷୟରେ ଯେଉଁ ନିୟମ ବାଧ୍ୟନିଷେଧ ପ୍ରଦତ୍ତ ହୋଇଛି ତାହା ରାଜାଙ୍କ ଆଦେଶରେ ଭଙ୍ଗ କରାଗଲେ ଦୋଷ ହୁଏ ନାହିଁ ।

ପ୍ରମାଣ ଯଥା—

"ରାଗେ ଯଃ ପ୍ରୋକ୍ତମସ୍ମାଭି ସମୟାଦି ରସାଦିତ
ତତ୍ସର୍ବ ମନ୍ୟଥାପିସ୍ୟାଦ୍ରାଜ୍ଞାମାଜ୍ଞାଂ ବସାଦିବ ।" (ନାଟ୍ୟମନୋରମା)

ସ୍ତ୍ରୀ ନୃତ୍ୟକୁ ଲାସ୍ୟ ଓ ପୁରୁଷ ନୃତ୍ୟକୁ ତାଣ୍ଡବ କୁହାଯାଏ ।

ଛଅ ରାଗ, ଛତିଶ ରାଗିଣୀମାନଙ୍କୁ ସ୍ତ୍ରୀପୁରୁଷ ଭେଦରେ ଏହିପରି ଭାବରେ ଶ୍ରେଣୀବିଭାଗ କରାଯାଇଛି ।

ପୁରୁଷ—୧ ମାଳବ, ୨ ମହ୍ଲାର, ୩ ଶ୍ରୀରାଗ, ୪ ବସନ୍ତ, ୫ ହିଂତୋଳ, ୬ କର୍ଣ୍ଣାଟ । ଛଅ ଗୋଟି ପୁରୁଷ ରାଗମାନଙ୍କର ସ୍ତ୍ରୀମାନେ—

ପୁରୁଷ ରାଗ—	ସ୍ତ୍ରୀ ରାଗିଣୀ—
ମାଳବ	ଧନାଶ୍ରୀ, ମାଳଶ୍ରୀ, ରାମକରୀ, ସିନ୍ଧୁଡ଼ା, ଆଶାବରୀ, ଭୈରବୀ ।
ମହ୍ଲାର	ବେଲାବଳୀ, ପ୍ରବରୀ, କନଡ଼ା, ମାଧବୀ, କୋଡ଼ା, କେଦାରିକା ।
ଶ୍ରୀରାଗ	ବେଲାପାଳୀ, ଗୌରୀ, ଗାନ୍ଧାରୀ, ଶୁଭଗା, କୌମାରୀ, ବୈରାଟୀ ।
ବସନ୍ତ	ତୋଡ଼ି, ପଞ୍ଚମୀ, ଲଳିତା, ପଟ୍ଟମଞ୍ଜରୀ, ଗୁର୍ଜରୀ, ବିଭାଷା ।
ହିଂତୋଳ	ମାୟୂରୀ, ଦୀପିକା, ଦେଶକାରୀ, ପାହିଡ଼ା, ବରାଡ଼ୀ, ମାରହଟ୍ଟା ।
କର୍ଣ୍ଣାଟ	ନାଟିକା, ଭୂପାଳୀ, ରାମକରୀ, ଗଡ଼ା, କାମୋଦୀ, କଲ୍ୟାଣୀ ।

ପଞ୍ଚମସାର ସଂହିତାନୁସାରେ ଏହି ରାଗରାଗିଣୀମାନଙ୍କର ସ୍ତ୍ରୀପୁରୁଷ ଭେଦ ଏହିପରି—

"ମାଳବଶ୍ଚୈବ ମହ୍ଲାରଃ ଶ୍ରୀରାଗଶ୍ଚ ବସନ୍ତକଃ
ହିନ୍ଦୋଳଶ୍ଚାଥ କର୍ଣ୍ଣାଟଃ ଷଟ୍‌ପୁଂରାଗା ପ୍ରକୀର୍ତ୍ତିତାଃ ।
ଧନାଶ୍ରୀ ମାଳଶ୍ରୀ ରାମକରୀ ଚ ସିନ୍ଧୁଡ଼ା ତଥା
ଆଶାବରୀ ଭୈରବୀ ଚ ମାଳବସ୍ୟ ପ୍ରିୟା ଇମାଃ ।
ବେଲାବଲୀ ଚ ପ୍ରବରୀ କାନଡ଼ା ମାଧବୀ ତଥା
କୋଡ଼ା କେଦାରିକା ଚୈବ ମହ୍ଲାରସ୍ୟ ପ୍ରିୟା ଇମାଃ ।
ବେଲାପାଲୀ ଚ ଗୌରୀ ଚ ଗାନ୍ଧାରୀ ସୁଭଗା ତଥା
କୌମାରୀ ଚୈବ ବୈରାଟୀ ଶ୍ରୀରାଗସ୍ୟ ପ୍ରିୟା ଇମାଃ ।
ତୋଡ଼ୀ ଚ ପଞ୍ଚମୀ ଚୈବ ଲଲିତା ପଟ୍ଟମଞ୍ଜରୀ
ଗୁର୍ଜରୀ ଚ ବିଭାଷା ଚ ବସନ୍ତସ୍ୟ ପ୍ରିୟା ଇମାଃ ।
ମାୟୂରୀ ଦୀପିକା ଚୈବ ଦେଶକାରୀ ଚ ପାହିଡ଼ା
ବରାଡ଼ୀ ମାରହଟ୍ଟୀ ଚ ଏତାହିଂତୋଲ ଯୋଷିତାଃ ।
ନାଟିକା ଅଥ ଭୂପାଳୀ ରାମକରୀ ଗଡ଼ା ତଥା
କାମୋଦୀ ସ୍ୱଥ କଲ୍ୟାଣୀ କର୍ଣ୍ଣାଟସ୍ୟ ପ୍ରିୟା ଇମାଃ ।"

(ର: ର: ଚନ୍ଦ୍ରିକାରୁ ଉଦ୍ଧୃତ)

ଅଷ୍ଟାଦଶ ଶତାବ୍ଦୀର ପାରଳାଖେମୁଣ୍ଡି ରାଜା ନାରାୟଣ ଗଜପତିଙ୍କ 'ସଙ୍ଗୀତ ନାରାୟଣ' (ସଂସ୍କୃତ) ଗ୍ରନ୍ଥ ଅନୁସାରେ ବୃନ୍ଦାବନରେ ଷୋଳ-ସହସ୍ର ଗୋପୀଙ୍କ ସହ ରାସକ୍ରୀଡ଼ା ସମୟରେ ଶ୍ରୀକୃଷ୍ଣ ଗୋପୀ ଗୋଟିଏକୁ ରାଗ ଗୋଟିଏ ଏପରି ଆଳାପ କରି ଗୀତ ଗାୟନ କରିଥିଲେ । ଏହି ଷୋଳସହସ୍ର ରାଗ ଭିତରୁ ଛଅଟି ରାଗ ଓ ଛତିଶଟି ରାଗିଣୀ ଲୋକରେ ବିଖ୍ୟାତ ଅଛି । ବାକି ରାଗ ରାଗିଣୀମାନେ ମେରୁ ପର୍ବତରେ ଗୁପ୍ତ ହୋଇ ରହିଛନ୍ତି ।

ପ୍ରାଚୀନ ସଙ୍ଗୀତ ଶାସ୍ତ୍ରର ରଚୟିତାମାନେ ବିଭିନ୍ନ ରାଗରୂପକୁ ମଧ୍ୟ କଳ୍ପନା କରିଛନ୍ତି । 'ନାରଦ ସଂହିତା'ରେ ଏହାର ବର୍ଣ୍ଣନା ଏହିପରି ଅଛି—

ଶ୍ରୀରାଗ—ଏ ଜାତିରେ କ୍ଷତ୍ରିୟ । ଏହାର ରୂପ—

"ଲୀଳା ବିହାରେଣ ବସନ୍ତକାଳେ ଚରନ୍ ବନ୍ ପ୍ରସୂନାନ୍ୟବ ଧୂସହାୟଃ
ବିଳାସିବେଶୋଽଙ୍କିତ ଦିବ୍ୟମୂର୍ତ୍ତି ଶ୍ରୀରାଗ-ସ୍ୟେଷଃ ପ୍ରଥିତଃ ପୃଥିବ୍ୟାଂ ।"

"ବସନ୍ତକାଳରେ ସ୍ତ୍ରୀମାନଙ୍କ ସଙ୍ଗେ ପୁଷ୍ପୋଦ୍ୟାନରେ ଭ୍ରମଣ ଲୀଳା କରି ସେହି ବନରୁ ଫୁଲମାନଙ୍କୁ ତୋଳୁଥିବ । ଦିବ୍ୟ ଶୃଙ୍ଗାର ବେଶ ବହିଥିବ । କୃଷ୍ଣବର୍ଣ୍ଣ ହୋଇଥିବ ।

କର୍ଣ୍ଣାଟରାଗ—ଜାତିରେ କ୍ଷତ୍ରିୟ । ଏହାର ରୂପ—

"କୃପାଣ ପାଣିର୍ଗଜଦନ୍ତ ଖଣ୍ଡମେକଂ ବହନ୍ ଦକ୍ଷିଣ କର୍ଣ୍ଣପୂରଃ
ସଂସ୍ତୂୟମାନଃ ସୁରଚାରଣାଦ୍ୟୈଃ କର୍ଣ୍ଣାଟରାଗଃ ଶିଖୀକଣ୍ଠନୀଳଃ ।"

ଖଣ୍ଡା ଧରିଥାଏ, ଖଣ୍ଡେ ହାତୀଦାନ୍ତ ଦକ୍ଷିଣ କର୍ଣ୍ଣରେ ଖୋସିଥାଏ । ମୟୂର କଣ୍ଠାକୃତି ବର୍ଣ୍ଣ ଅଟଇ । ତାହାଙ୍କୁ ଦେବତା ଓ ଋଷିମାନେ ସ୍ତୁତି କରୁଥାଆନ୍ତି । ଏମନ୍ତ ପ୍ରକାର କର୍ଣ୍ଣାଟ ରାଗର ମୂର୍ତ୍ତି ।

ବସନ୍ତ ରାଗ—ଜାତିରେ ଶୂଦ୍ର । ଏହାର ରୂପ—

"ଶିଖଣ୍ଡବର୍ହୋଚ୍ଚୟବଦ୍ଧଚୂଡ଼ଃ ପୁଷ୍ଣନ୍ ପିକଂ ଚୂତନବାଙ୍କୁରେଣ ।
ଭ୍ରମନ୍ ମୁଦାରାମମନଂଗମୂର୍ତ୍ତିର୍ମତ୍ତୋ ମତଙ୍ଗୋହି ବସନ୍ତରାଗଃ ।"

ଅଭିରାମ ଯେ ବନ ତଳିରେ ଭ୍ରମଣ କରୁଥାଏ । ସନ୍ତୋଷବନ୍ତ ହୋଇଥାଏ, କନ୍ଦର୍ପ ପରିରେ ସୁନ୍ଦର, ମତଙ୍ଗ ଋଷି ଯାହାକୁ ମାନନ୍ତି,

ମୟୂର ପୁଚ୍ଛରେ ଚୂଡ଼ା ବାନ୍ଧିଥାଏ, ଆମ୍ରବକୁଳ କେଣ୍ଡାଏ ଧରି କୋଇଲିଙ୍କ ଖୁଆଉଥାଏ । ଏହିପରି ବସନ୍ତ ରାଗର ଲକ୍ଷଣ ।

ମାଳବରାଗ—ଏ ଜାତିରେ ଶୂଦ୍ର । ଏହାର ରୂପ—

"ନିତମ୍ବିନୀ ଚୁମ୍ବିତ ବକ୍ତ୍ରପଦ୍ମଃ ଶୁକଦ୍ୟୁତିଃ କୁଣ୍ଡଳବାନ୍ ପ୍ରମତ୍ତଃ
ସଙ୍ଗୀତଶାଳାଂ ପ୍ରବିଶନ୍ ପ୍ରଦୋଷେ ମାଲାଧରୋ ମାଳବ ରାଗରାଜଃ ।"

ନିତମ୍ବିନୀ ଯେ ସ୍ତ୍ରୀ, ତାହାର ମୁଖପଦ୍ମକୁ ଚୁମ୍ବନକ୍ଷମ ହୋଇଥାଏ, ଶୁଆବର୍ଣ୍ଣ ପରିରେ ବର୍ଣ୍ଣ ଯାହାର, କୁଣ୍ଡଳକୁ କର୍ଣ୍ଣରେ ଧାରଣ କରିଥାଏ । ସେ ପ୍ରମତ୍ତ ଅଟେ । ସଙ୍ଗୀତଶାଳାକୁ ପ୍ରଦୋଷକାଳେ ପ୍ରବେଶ ଥାଏ । ଉତ୍ତମ ମାଳାକୁ ଧାରଣ କରିଥାଏ । ଏହିପରି ମାଳବ ରାଗର ମୂର୍ତ୍ତି ଅଟଇ ।

ମହ୍ଲାରରାଗ—ଏ ଜାତିରେ ବ୍ରାହ୍ମଣ ଅଟେ । ଏହାର ରୂପ—

"ବିଶାଳକୃଷ୍ଣାଜିନବଦ୍ଧମୂର୍ତ୍ତି କାନ୍ତଃ ପବାନ୍ଦଃ ସ୍ଥବିରଃଦ୍ୱିଜଗୌରଃ
କୁର୍ବନ୍ କଥାଂ ତୁମ୍ବୁରୁ ନାରଦାଭ୍ୟାଂ ଶ୍ରୀମାଧବାନ୍ଦ କଥିତୋ ମୁନୀନ୍ଦ୍ରୈଃ ।"

ନିର୍ମଳ ମୃଗଚର୍ମ ମଧ୍ୟରେ ବସିଥାଏ, ବୃଦ୍ଧ ଅଟେ, ଜାତିରେ ବ୍ରାହ୍ମଣ, ଅତି ଶୋଭା ଦେହ, ତୁମ୍ବୁରୁ ନାରଦ ମୁନିଙ୍କ ସଙ୍ଗେ କଥା ହେଉଥାଏ, ହାତରେ କେତକୀ ଫୁଲ ଗୋଟିଏ ଧରିଥାଏ । ଏହିପରି ମହ୍ଲାର ରାଗର ରୂପ ଲକ୍ଷଣ ।

ହିନ୍ଦୋଳ ରାଗ—ଏ ଜାତିରେ ବୈଶ୍ୟ । ଏହାର ରୂପ—

"ନିତମ୍ବିନୀ ମନ୍ଦ ତରଙ୍ଗିତାସୁ ଦୋଳାସୁଖେଳା ସୁଖମାଦଧାନଃ
ଖର୍ବଃ କପୋତଦ୍ୟୁତିକର୍ବୁର ଶ୍ରୀ ହିନ୍ଦୋଳ ରାଗଃ କଥିତୋମୁନୀନ୍ଦ୍ରୈଃ ।"

ନିତମ୍ବିନୀ ଯେ ସ୍ତ୍ରୀମାନେ ମନ୍ଦ ମନ୍ଦ କରି ପହଁଞ୍ଚାଉଛନ୍ତି ସେହି ଦୋଳା ଭିତରେ ବସିବାରେ ସୁଖକୁ ଦେଉଅଛି । ସ୍ୱଳ୍ପାଙ୍ଗ ବ୍ୟକ୍ତି, କପୋତ ପରି ଦେହର ବର୍ଣ୍ଣ । ଏହିପରି ହିନ୍ଦୋଳରାଗର ରୂପ ଲକ୍ଷଣ ।

ଶୃଙ୍ଗାରାଦି ରସଯୁକ୍ତ କବିତାର ଆଦର୍ଶ ଉପେନ୍ଦ୍ର 'ରସପଞ୍ଚକ'ରେ ଦେଇଛନ୍ତି । କବିଙ୍କ ଆଦର୍ଶ ଶାସ୍ତ୍ରୋଚିତ ଓ ପରମ୍ପରା-ସମର୍ଥିତ । ରାମାୟଣର

ବିଷୟବସ୍ତୁକୁ ଆଶ୍ରୟ କରି ଉପେନ୍ଦ୍ର ଶୃଙ୍ଗାରାଦି ରସର ଉଦାହରଣ ସ୍ୱରଚିତ ପଦାବଳୀରେ ଦେଇଛନ୍ତି । 'ର'କାର ବୋଲରେ—

ଶୃଙ୍ଗାର—ଋଷି କୁମାରକୁମାରୀ ନିଜ ମନୋହାରୀ
ବନଗୃହୀ ତାଙ୍କୁ ଘେନି ସଙ୍ଗ,
ରତି ଏମନ୍ତ ରୁଚିରେ ଦେବତା ତହିଁରେ
ସଦା ବିରାଜିତ ଶ୍ୟାମ ଅଙ୍ଗେ ।

ବୀର— ରଥ ଦଣ୍ଡକରେ ଯାଇ ଦଣ୍ଡକରେ ତହିଁ
ସବଳେ ନାଶି ଦୂଷଣ ଖର,
ରମାପତି ମିଳପଣେ ଯେତୁ ଏକ ବାଣେ
ଭେଦିଲେ ତାଳର ପତି ଉର ।

କରୁଣ— ରାବଣ ଯେ ମାୟାସୀତା କରନ୍ତେ ଛେଦନ
ସେ ଶବକୁ ଆଣିଲେ ଧରି,
ରୋଦି ଶିର ଉରେ କରି ତାଡ଼ି ନିରନ୍ତର
ମୁହୂର୍ତ୍ତି ମଣିଲେ ଯୁଗ ସରି ।

ଅଦ୍‌ଭୁତ—ରକ୍ତଚରଣ ସ୍ପର୍ଶନେ ବିପୁଳ ବନେ ସେ
ଶିଳାକୁ ଅବଳା ଭୂତି ଦେଇ,
ରତ୍ନାକରେ ସେତୁ ନ ବୁଡ଼ିଲା ଗିରି
ଜଳରେ ଏ କଥା ଶୁଣା ନାହିଁ ।

ହାସ୍ୟ— ରୋଷେ ନାସିକା ଶ୍ରବଣ ଛେଦନ୍ତେ ଲକ୍ଷ୍ମଣ
ସୂର୍ପଣଖାର ମୁଖକୁ ଚାହିଁ,
ରସାନନ୍ଦମୀର କରେ କର ମାରି ଖରେ
ଉଚ୍ଚ-ହାସେ ମଗ୍ନ ହେଲେ ତହିଁ ।

ଭୟାନକ—ରାକ୍ଷସୀ ତା ଦେଖି ପାଦେ ଲେଖି ଦେଖୁ ମୋଦେ
ଦଶନଖେ ନିଜ ମୁଖ ଦଶି,

ରାବ କଲେ ହେ ଲକ୍ଷ୍ମଣ ଧନୁଶର ଆଣ
ପୁଣି ତ ରାବଣ ଏଥି ଆସି ।
ରଣହତ ଶତ୍ରୁ ସୈନ୍ୟ ରାବେ ମହୀ ପୂର୍ଣ୍ଣ
ପ୍ରେତ ପିଶିତ କବଳ ଗ୍ରହି,
ରହସ୍ୟ ଯେ କରି ଜାତ ବାସ୍ତରଲେ ଚଣ୍ଡି
ପୂତ ଭୋଜନ କରନ୍ତି କେହି ।

ରୌଦ୍ର— ଋଷି ଯାଗ ରକ୍ଷଣରେ ମାର୍ଗେ, ମାର୍ଗଣରେ
ତାଡ଼କା ରାକ୍ଷସୀ କଲେ ବଧ,
ରାବଣର ନାଶ ଶେଷେ କାନ୍ତାକୁ ହରଷେ
ପରବେଶ କଲେ ଅଗ୍ନି ମଧ୍ୟ ।

ଶାନ୍ତ— ଋଭୂଷାରୁ ବଳବାନ କ୍ଷତ୍ରିୟେ ଜନନ
ନ ଘେନ ନିଜ ଅନୁଜ ଭୂପ,
ରାଜ୍ୟ ହୁଅନ୍ତେ ନୃପତି ଶେଷ ହେଲେ ଯତି
ପିନାକୀରେ ତୋଷେ ମୁନିବେଶ ।

ଉପେନ୍ଦ୍ରଙ୍କ ପ୍ରତ୍ୟେକ ଗୀତର ତାଳ, ଲକ୍ଷଣ, ରସ, ଦଶା ଓ ଅନୁରାଗାଦି ଶାସ୍ତ୍ରସମ୍ମତ ରୀତିରେ ରଚିତ । ବିଧିବିଧାନର ନିଗଡ଼ ବନ୍ଧନୀ ଭିତରେ ପଦାବଳୀ ରଚନା କରିଥିଲେ ମଧ୍ୟ ଉପେନ୍ଦ୍ରଙ୍କ ଲେଖନୀ କୌଣସିଠାରେ ନିରସ ହୋଇନାହିଁ । ସର୍ବତ୍ର ଏହା ଜନମନକୁ ରଞ୍ଜନ କରି ପାରିଛି ।

"ସୁମତି ଅଧୀରା, ସର୍ବସ୍ୱ ବଲ୍ଲଭିଣି କଣ୍ଠରୁ ପରା"—ଏହି ଜନପ୍ରିୟ ଗୀତଟି ଆଲୋଚନା କଲେ ଜଣାଯିବ ଯେ ଏହାର ତାଳ—ଏକତାଳୀ; ଲକ୍ଷଣ—ଭାବନା; ରସ—ରୌଦ୍ର; ସାତ୍ତ୍ୱିକ—ଅଶ୍ରୁ; ଦଶା—ଉଜାଗର; ଅନୁରାଗ—ବିରହାନୁରାଗ । ଏ ବାସକସଜ୍ଜା ନାୟିକାର ଗୀତ ।

ସୁମତି ଅଧୀରା, ସର୍ବସ୍ୱ ବଲ୍ଲଭିଣି କଣ୍ଠରୁ ପରା । ଘୋଷା ।
ଶିଥିଳିତ ହାର ଦେଖି ତାରା (ଅନ୍ୟପାଠ—ଶିଥିଳ ତ ହାର ଦେଖି ତାର)
ସ୍ୱାମୀ ନଇଲେରେ କି ଘେନ । ୧ ।

ସଜାଇଛୁ ଆଜ ସେବତୀ ପାଖୁଡ଼ା ବିଞ୍ଚି ଉବ୍ୟ ଶେଯ
ସିଞ୍ଚି ହେମ ରଜ ଏ କ ହେଜ । ୨ ।

ସଜାଡ଼ିଛୁ ପୁଣ, ସୁବାସିତ ଚୂଆ ଗୁଆ ସାଚ ପାନ
ସୁମନ ଚନ୍ଦନ ବସନ । ୩ ।

ସୁବେଶ ହୋଇଛୁ, ସ୍ୱରୂପେ ମୁଁ ତାହାକୁ ମୋହିବା ଇଚ୍ଛି
ସୁଫଳ ନୋହୁଛୁ ସେତ କଚ୍ଛୁ । ୪ ।

ସରସ ଚତ୍ୱର, ସ୍ମରଣା ନୋହିଲ କ କଥା ମୋର
ସଙ୍ଗତେ କାହାର, କ ବ୍ୟାହାର । ୫ ।

ସ୍ୱଚ୍ଛେ ଧୀରବର, ସଜ୍ଜିତ ବାସକ ଶଯ୍ୟା ସୁବଗ୍ର
ଶ୍ୱାସ ମୁଞ୍ଚେ ଖର ନରନ୍ତର । ୬ ।

ଏଥିରେ ବର୍ଣ୍ଣିତ ନାୟିକା ବାସକସଜ୍ଜା ନାୟିକାର ସବୁ ଲକ୍ଷଣରେ ମଣ୍ଡିତ । ଏହି ଶ୍ରେଣୀର 'ନାୟିକା' ସମ୍ବନ୍ଧରେ 'ସାହିତ୍ୟରତ୍ନାକର' କହୁଛନ୍ତି—

କେଲି ଗୃହଂ ତଥାତ୍ମାନମଲଙ୍କୃତ୍ୟ ସ୍ମରାତୁରା
ପ୍ରତୀକ୍ଷତେ ଯାଦୟିତଂ ସା ସ୍ୟା ବାସକସଜ୍ଜିତାଃ ।

ସ୍ମରାତୁରା ନାୟିକା କେଲିଗୃହ ଓ ନିଜ ଶରୀରକୁ ଅଲଙ୍କୃତ କରି ନାୟକକୁ ଅପେକ୍ଷା କରି ରହିଛୁ, ଏହା ହିଁ ବାସକସଜ୍ଜା ନାୟିକାର ଲକ୍ଷଣ ।

'ସାହିତ୍ୟ ଦର୍ପଣ'ରେ କୁହାଯାଇଛୁ—

କୁରୁତେ ମଣ୍ଡନଂ ଯସ୍ୟା ସଜ୍ଜନ୍ତେ ବାସବେଶ୍ମନି
ସାତୁ ବାସକସଜ୍ଜା ସ୍ୟା ବିଦତ ପ୍ରିୟସଙ୍ଗମା ।

ସାହିତ୍ୟ ରତ୍ନାକର ଓ ସାହିତ୍ୟ ଦର୍ପଣରେ ବର୍ଣ୍ଣିତ ସଂଜ୍ଞା ଦ୍ୱାରା କବିଙ୍କ 'ବାସକସଜ୍ଜା ନାୟିକା ପୂର୍ଣ୍ଣ ଭାବରେ ସମର୍ଥିତ ହେଉଛୁ ।

ନାୟିକା ଶେଯକୁ ସଜାଇଛୁ, ସେବତୀ ପାଖୁଡ଼ା ବିଞ୍ଚାଇଛୁ । ଦେଖାଯାଉଛୁ, ସତେ ଯେପରି ହେମରଜ ବିଞ୍ଚା ହୋଇଛୁ । ପୁଣି ସୁବାସିତ

ଚୂଆ, ଗୁଆ, ପାଚପାନ ସଜାଡ଼ିଛି । ସୁଗନ୍ଧ ପୁଷ୍ପ, ଚନ୍ଦନ ଓ ବସନ ମଧ୍ୟ ରଖିଛି । ନିଜେ ପୁଣି ମନମୋହିନୀ ବେଶରେ ସୁବେଶ ହୋଇଛି । ଏପରି ଭାବରେ ନିଜ ଶଯ୍ୟା, ବାସ ଓ ନିଜକୁ ଚିତ୍ତାକର୍ଷକ ଭାବରେ ଅଲଙ୍କୃତ କରି ବାସକସଜ୍ଜା ନାୟିକା ସ୍ୱାମୀକୁ ଅପେକ୍ଷା କରି ରହିଛି । 'ଶର୍ବରୀ କଣ୍ଠରୁ ବଳି ଯିବା ନାୟିକା, ସ୍ୱାମୀ କାହିଁକି ନ ଅଇଲେ ବୋଲି ସଖୀକୁ ମନଦୁଃଖରେ ଖରତର ଶ୍ୱାସ ଛାଡ଼ି ପଚାରୁଛି । ତାହାର ଆଶଙ୍କା ହେଉଛି ଶଠନାୟକ ପରି ସ୍ୱାମୀ ଅନ୍ୟ କାହା ସଙ୍ଗେ ବିହାର କରିବାରୁ ତାହାକୁ କଣ୍ଠ ଦେଇଥିବା କଥା ଭୁଲିଗଲେ ।

କବିଙ୍କ ପ୍ରକାଶଭଙ୍ଗୀ ଅତି ଚମତ୍କାର ହୋଇଛି । ଅଳ୍ପ ପଦରେ ସ୍ୱଳ୍ପରୁଚି ବାସକସଜ୍ଜା ନାୟିକାର ଉତ୍କଣ୍ଠା ଆଶଙ୍କା ପ୍ରଭୃତି ମନୋଭାବ କମନୀୟ ପଦାବଳୀରେ ବ୍ୟକ୍ତ କରି ଅମର ଚିତ୍ରଟିଏ ଅଙ୍କନ କରିପାରି କବି ନିଜ ଲେଖନୀକୁ ସାର୍ଥକ କରିଛନ୍ତି । ଏକ ଘଟନା, ସମୟୋଚିତ ଅନୁଚିନ୍ତାକୁ କବି ରସପୂର୍ଣ୍ଣ, କବିତ୍ୱପୂର୍ଣ୍ଣ ପଦାବଳୀରେ କ୍ଷୁଦ୍ର ଆକାରରେ ସୃଷ୍ଟି କରିପାରିଛନ୍ତି ।

ବାସକସଜ୍ଜା ନାୟିକା ମାଧ୍ୟମରେ କବି ବେଶ୍ୟା ନାୟିକାର ଚିତ୍ର ମଧ୍ୟ ଦେଇଛନ୍ତି । ବିଭିନ୍ନ ପ୍ରକାର ନାୟକନାୟିକା, ଦୂତଦୂତୀ ସମ୍ବନ୍ଧୀୟ ସୁନ୍ଦର ଶତାଧିକ ସଙ୍ଗୀତ କବି ରଚନା କରି ଏଗୁଡ଼ିକୁ ପ୍ରାଚୀନ ଓଡ଼ିଆ କବିତା ରାଜ୍ୟରେ ଆଦର୍ଶ ସ୍ଥାନୀୟ କରିପାରିଛନ୍ତି ।

ଉପେନ୍ଦ୍ରଙ୍କ ଅଧିକାଂଶ କବିତା ପ୍ରେମରସାତ୍ମକ ଓ ନାୟକନାୟିକାଦି ଭାବସମ୍ବଳିତ । ଆଦିରସାତ୍ମକ ସଂଗୀତ-କବିତା ସଂଖ୍ୟାରେ ଯେପରି ଗରିଷ୍ଠ, କବିତ୍ୱପୂର୍ଣ୍ଣ ଭାବ ଓ ଭାଷାରେ ମଧ୍ୟ ସେହିପରି ଗରିଷ୍ଠ । ଆଦିରସାତ୍ମକ କବିତା ବ୍ୟତୀତ କବି ହାସ୍ୟ ଓ ଭକ୍ତି ରସାତ୍ମକ କେତେକ ପ୍ରାର୍ଥନା ଗୀତ ମଧ୍ୟ ରଚନା କରିଛନ୍ତି ।

ଉପେନ୍ଦ୍ରଙ୍କ ଉପରେ ପୂର୍ବ କବିମାନଙ୍କର ପ୍ରଭାବ—
ଧନଞ୍ଜୟ, ଶିଶୁଶଙ୍କର ଓ ରଘୁନାଥ ହରିଚନ୍ଦନ ପ୍ରଭୃତି ଉପେନ୍ଦ୍ରଙ୍କ ପୂର୍ବସୂରୀମାନଙ୍କର କାଳ୍ପନିକ କାବ୍ୟର ଛାୟା ଉପେନ୍ଦ୍ରଙ୍କ କାବ୍ୟରେ ପଡ଼ିଥିବା

ଦେଖାଯାଏ । ଭାଷା, ଭାବ ଓ ରଚନା ଶୈଳୀରେ ଉପେନ୍ଦ୍ର ଭଞ୍ଜ ଏମାନଙ୍କ ପରମ୍ପରାକୁ ଅତିକ୍ରମ କରିଯାଇଛନ୍ତି । ଧନଞ୍ଜୟଙ୍କ ରତ୍ନମଞ୍ଜରୀ, ରଘୁନାଥଙ୍କ ଲୀଳାବତୀ କାବ୍ୟର କଳ୍ପନା, ବର୍ଣ୍ଣନା ଓ ଭାବ ପ୍ରଭୃତି କେତେକ ବିଷୟରେ ଉପେନ୍ଦ୍ରଙ୍କର ସାମ୍ୟ ଥିବା ଦେଖାଯାଏ । ଏହି କାବ୍ୟଗୁଡ଼ିକ ବର୍ତ୍ତମାନ ପର୍ଯ୍ୟନ୍ତ ଅପ୍ରକାଶିତ ଅବସ୍ଥାରେ ଅଛି ଏବଂ ତାହା ଲେଖକ (ଏ ଗ୍ରନ୍ଥର ଲେଖକଙ୍କ) ଦୃଷ୍ଟିକୁ ଆସିନଥିବାରୁ ବିଶେଷ ଚର୍ଚ୍ଚା କରାଯାଇ ପାରିଲା ନାହିଁ ।

ଶିଶୁଶଙ୍କରଙ୍କ ଉଷାଭିଳାଷ ସହିତ ଲାବଣ୍ୟବତୀ କାବ୍ୟର ବିଷୟବସ୍ତୁ, ଚିନ୍ତା ଓ ବର୍ଣ୍ଣନା ଶୈଳୀରେ କେତେକ ସାମ୍ୟ ଥିବା ଦେଖାଯାଏ । ଲାବଣ୍ୟବତୀ ଓ ଉଷାଭିଳାଷ ଉଭୟେ ଉଚ୍ଚକୋଟୀର କାବ୍ୟ ; ଉଷାଭିଳାଷ ଅପେକ୍ଷା ଲାବଣ୍ୟବତୀର ଆସନ ଉଚ୍ଚରେ ।

(୧) ଉଷାଭିଳାଷ—

ପଲଙ୍କ ତେଜିଣ ଉଠିଲା ସୁମୁଖୀ ସପନ ସଙ୍କେତ ପାଇଣ
ଆହା ପ୍ରାଣନାଥ କେଣେ ଗଲୁ ବୋଲି ଅତି ଉଚ୍ଚେ କଲା କାରୁଣ୍ୟ ।
(୫ମ ଛାନ୍ଦ)

ଲାବଣ୍ୟବତୀ—

ଚେତି ଚତୁରୀ ଚାହିଁଲା କଣି ନାଶେ ପାଶେ ନାହିଁ ଦିବ୍ୟ ତରୁଣ
ମାରି ହୃଦେ ହାତ ନାଥ ନାଥ ବୋଲି ଅତି ଉଚ୍ଚେ କଲା କାରୁଣ୍ୟ ।
(୧୨ଶ ଛାନ୍ଦ)

(୨) ଉଷାଭିଳାଷ—

ପ୍ରିୟେ ମୋ ବିନୟ ଘେନ ଭାଷସି ମୃଦୁ ବଚନ
ନିର୍ଦ୍ଦୟ ମଦନ-ଭୀତି ଅଭୟ କର ।
କପାଳେ ମକରୀ ଲିହ ଚରଣେ ଅଳତା ଦେଇ
ପବିତ୍ର କରିବ ମୋର ଏ ବେନି କର
ସୁଧାରସ ଅଧରୁ ନେଇ,
ଦାସ କରି କିଣ ମୋତେ କମଳମୁହିଁ । (୭ମ ଛାନ୍ଦ)

ଲାବଣ୍ୟବତୀ—

ଏ କାଳେ କରକୋରକ କରି ତରୁଣ ତିଳକ
ବୋଇଲା ହେ ଜୀବେଶ୍ୱରି ବିନତ୍ତି ଘେନ,
ଚରଣେ ଅଳତା ପରି ପଛେ ପଛେ ଘୁରି ସରି
ଅନୁସରି ଥିବାକୁ ମୋ ହେଉଛି ମନ,
ମୋତେ ଦିଅ ବସନ ଭାଗ୍ୟ,
ହେଲନି ସବୁ ମତେ ମୁଁ କୃତାର୍ଥ ଯୋଗ୍ୟ । (୧୧ଶ ଛାନ୍ଦ)

(୩) ଉଷାଭିଳାଷ—

ମଦନେ କାତର ହୋଇ ଚଟାଇଲା ଗୃଢ଼ କନ୍ଧ
ଚରଣ ଧରନ୍ତେ କରେ ସୁଜାଣ ରମା,
ସାତ୍ତ୍ୱିକ ବିକାରେ ତନୁ ବନ୍ଧିଲା କୁସୁମ ଧନୁ
ଉଠି ପ୍ରଣମିତ କଲା ଅସୁର ଜେମା,
ଭୁଜେ ଭିଡ଼ି ମଦନସୁତ,
ବଦନ ଚୁମ୍ବିଲା ହୋଇ ହସ୍ତୁକ ଚିତ୍ତ ! (୭ମ ଛାନ୍ଦ)

ଲାବଣ୍ୟବତୀ—

ସେ ରମଣୀ ଚନ୍ଦ୍ରମଣି ହୋଇଲା ଏମନ୍ତ ମଣି
ଗୃଢ଼ଚନ୍ଦ୍ରେ ଦ୍ରବୀଭୂତ କଲା ନାଗର,
ହାସ ପୂରିଲା ପରସ୍ପେ ଶ୍ରୀମୁଖ ପ୍ରସନ୍ନ ହୋଏ
ହେଲା ଜାଣି ବନଚନ୍ଦ୍ରେ ତା ସୀତ୍କାର ।
କର ଧରି ଶିରେ ଲଗାଇ,
କୋଳ କରି ସୁରସିକ ପଲ୍ୟଙ୍କେ ନେଇ । (୧୧ଶ ଛାନ୍ଦ)

ଘଟନାର ସାମ୍ୟ ଯୋଗୁଁ ଦେଶକାଲୋପଯୋଗୀ ଚିନ୍ତା ଓ ବ୍ୟବହାରରେ ମଧ୍ୟ ସାମ୍ୟ ରହିବା ସ୍ୱାଭାବିକ । ଏ ସମ୍ପର୍କୀୟ ପଦାବଳୀର ଭାବ, ଭାଷା ଓ ପ୍ରକାଶଭଙ୍ଗୀରେ ସବୁ କବିଙ୍କ କୃତିରେ ସାମ୍ୟ ଦେଖାଯିବା ସ୍ୱାଭାବିକ ।

କାଳିଦାସ ଓ ଶ୍ରୀହର୍ଷ ପ୍ରଭୃତଙ୍କ ସଂସ୍କୃତ କାବ୍ୟର କେତେକ ଭାବ ସହିତ ଉପେନ୍ଦ୍ରଙ୍କ ଭାବର ସାମ୍ୟଥିବା ଦେଖାଯାଏ । ଏହା ସମାନ୍ତରାଳ ଚନ୍ତାର ପ୍ରମାଣ । କବି କୋଟିବ୍ରହ୍ମାଣ୍ଡ ସୁନ୍ଦରୀ କାବ୍ୟଟିକୁ ଓଡ଼ିଆ ଭାଷାର 'ନୈଷଧ' ରୂପେ ସମ୍ମାନ ପ୍ରଦର୍ଶନ କରିବା ପାଇଁ ଗ୍ରାହକମାନଙ୍କୁ ଅନୁରୋଧ କରିଛନ୍ତି । ଶ୍ରୀହର୍ଷଙ୍କ 'ନୈଷଧୀୟ ଚରିତମ୍'ର ଯାବତୀୟ ଗୁଣାବଳୀ କୋଟି-ବ୍ରହ୍ମାଣ୍ଡ ସୁନ୍ଦରୀରେ ବିଦ୍ୟମାନ ଅଛି । କଳ୍ପନାବିଳାସରେ ସମାନ୍ତରାଳ ଧାରା ଦେଖି ଯାଏ । କେତୋଟି ଉଦାହରଣ—

(୧) ବର୍ଣ୍ଣନାରେ କଳ୍ପନାର ସାମ୍ୟ—

ସଙ୍କାପ୍ୟ ନଃ ସ୍ୱା ଧ୍ୱଜ ଭୃତ୍ୟ ବର୍ଗାନ୍ ଦୈତ୍ୟାରିରତ୍ୟୀବକ ନଳାସ୍ୟନୁତୌ
ତସ୍ତକ୍ତଚନ୍ଦ୍ରାଭି ସରୋଜ ପୀଡାତ୍ ଧାତୁର୍ବିଲଙ୍ଘ୍ୟଂ ରମତେ ରମାସ୍ୱାମ୍ ।
(ନୈଷଧ, ସଃ ୩, ଶ୍ଲୋକ—୩୪)

ହଂସଦ୍ୱାରା ନଳମୁଖର ସୌନ୍ଦର୍ଯ୍ୟ ବର୍ଣ୍ଣନା ପ୍ରସଙ୍ଗରେ କବି ହଂସ ମୁଖରେ ଏପରି କୁହାଇଛନ୍ତି । ଆମର ପକ୍ଷୀରାଜ (ଗରୁଡ଼) କ୍ଷୀରାବ୍ଧିରେ ବିଷ୍ଣୁଙ୍କ ନିକଟରେ ଯେତେବେଳେ ରହୁଥାଆନ୍ତି ସେତେବେଳେ ଆମକୁ ବିଷ୍ଣୁ ନଳମୁଖର ସ୍ତୁତି କରିବାକୁ କହନ୍ତି । ଆମେ ନଳମୁଖରେ ସ୍ତୁତି କଲେ ସେ ଲକ୍ଷ୍ମୀଙ୍କ ସହ ରମଣ କରନ୍ତି ।

କ୍ଷୀରାବ୍ଧିରେ ବିଷ୍ଣୁ ଶୟନ କରୁଥିବା ସମୟରେ ଲକ୍ଷ୍ମୀ ତାଙ୍କର ପାଦ ସେବା କରୁଆଆନ୍ତି । ତାଙ୍କ ନାଭିରୁ ଜାତ କମଳ ଉପରେ ବ୍ରହ୍ମା ବସି ତାଙ୍କର ଚତୁର୍ମୁଖ ଯୋଗୁଁ ସବୁ ଦିଗକୁ ଚାହୁଁଥାଆନ୍ତି । ଏହି କାରଣ ଯୋଗୁଁ ବିଷ୍ଣୁ ରମାଙ୍କ ସହିତ ଏକାନ୍ତ ହୋଇ ପାରନ୍ତି ନାହିଁ । ବୟୋଜ୍ୟେଷ୍ଠ ବ୍ରହ୍ମାଙ୍କ ଦୃଷ୍ଟି ପଡ଼ୁଥିବା ବେଳେ କନିଷ୍ଠ ବିଷ୍ଣୁ ଓ ରମାଙ୍କ ଏକାନ୍ତ ମିଳନ ସମ୍ଭବ ହୁଏ ନାହିଁ । ବିଷ୍ଣୁ ଏହି ମର୍ଯ୍ୟାଦା-ଅସୁବିଧା ଦୂର କରିବା ପାଇଁ ହଂସମାନଙ୍କୁ ନଳମୁଖର ପ୍ରଶଂସା କରିବାକୁ କହନ୍ତି । ବିଷ୍ଣୁଙ୍କ ନାଭିର କମଳ ସବୁଠାରୁ ସୁନ୍ଦର ବୋଲି ପ୍ରସିଦ୍ଧି ରହିଛି । ଯେତେବେଳେ ବିଷ୍ଣୁଙ୍କ ନାଭିକମଳ ନଳମୁଖ-ସରୋଜ ତାହାଙ୍କଠାରୁ ଅଧିକ ସୁନ୍ଦର ବୋଲି

ବର୍ଣ୍ଣନାକୁ ଶୁଣେ ସେତେବେଳେ ତାହାର ମୁଖ ମଳିନ ହୋଇଯାଏ । ଫଳରେ ସେ ସଙ୍କୁଚିତ ହୋଇଯାଏ । କମଳ ଉପରେ ଉପବେଶନ କରିଥିବା ବ୍ରହ୍ମା ମଳିନମୁଖ ସଂକୁଚିତ କମଳ ଭିତରେ ଲୁଚି ଯାଆନ୍ତି ଏବଂ ଏହି ଅବସରରେ ବିଷ୍ଣୁ-ରମା ମିଳିତ ହୁଅନ୍ତି । ଉପେନ୍ଦ୍ର ଏହି ପଦ ସହିତ ଭାବସାମ୍ୟ ରଖି କହିଛନ୍ତି—

ଯୋଗେ ଯୋଗୀଏ ଦେଲେ ଗୁହିଁ,
　　　　ପଲକ ଖସିଯିବ କାହିଁ ।
ଏସନ କାନ୍ତି ସମୂହକୁ,
　　　　ଯେ କ୍ଷଣେ ସେ ଭଜେ ମୋହକୁ । ୭ ।
କମ୍ବୁ ଡମରୁ ବିଷ୍ଣୁ ଶିବେ,
　　　　ଜଣାନ୍ତି କି କରିବୁ ଏବେ ।
ଯୌବନ କୁନ୍ଦେ କୁନ୍ଦ ହେଲା,
　　　　କାମ ହେମ ଯନ୍ତ୍ର ପିରୁଲା । ୮ ।
ସେ ଘେନ ନିକ ଧୈର୍ଯ୍ୟ ବାଧି,
　　　　ଏକ ଶଯ୍ୟନ ସିନ୍ଧୁ ମଧ୍ୟ ।
ଏକ କୁଭିକି ଯୋଡ଼ି ହେଲେ,
　　　　ତାକୁ ଲୁଗ୍ଭି ସେ ଲୁଚିଲେ । ୯ ।
ମୁଖ ଛବି ଧାନରେ ମ୍ଳାନ,
　　　　ସଙ୍କୋଚେ ନଳିନ ମଳିନ ।
ଧନାତ୍ମେ କମ୍ପିଲା ସେ ଭୀତ,
　　　　ନିତି ନିତି ଭଜେ ସେ ଖ୍ୟାତ । ୧୦ ।
ଚତୁରମୁଖ ଯେ ଚତୁର,
　　　　ଜାଣିଲା ଆସନରୁ ତାର ।
ଏବେ ସେ ତରୁଣକୁ ଭଜେ,
　　　　କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ ଯେ । ୧୧ ।
　　　　(କୋଟିବ୍ରହ୍ମାଣ୍ଡସୁନ୍ଦରୀ—୫ମ ଛାନ୍ଦ)

ଶ୍ରୀହର୍ଷଙ୍କ ଭାବକୁ ଉପେନ୍ଦ୍ର ଗ୍ରହଣ କରି ତାକୁ ସ୍ୱପ୍ରତିଭା ବଳରେ ସୁନ୍ଦର କଳ୍ପନାବିଳାସର ସାମଗ୍ରୀ କରି ପାରିଛନ୍ତି ।

(୨) ନୈଷଧ—ସୁଷମା ବିଷୟେ ପର୍ଯ୍ୟନୁୟୋଗେ,
ନିଖିଳଂ ପଦ୍ମମସ୍ତି ତନ୍ମୁଖାନ୍ତି ।
ଅଧୁନାପି ନ ଭଙ୍ଗ ଲକ୍ଷଣଂ,
ସଲିଳୋନ୍ମଜ୍ଜନ ମୁଜ୍ଝଟେତି ସ୍ଫୁଟଂ । (୨ୟ ସ: ଶ୍ଳୋକ—୨୭)

ଭଞ୍ଜ—ସଉରଭପୁର ହୋଇଲା ଶରୀର ପଦ୍ମ ଯେ ହାରିଲା ମୁଖେ ।
ସର୍ବତୋମୁଖେ ବୁଡ଼ାଇ କି ତା ଦୋଷ ଛଡ଼ାଇ ବହିଲା ସୁଖେ ।
(ସୁ: ପ:)

(୩) ନୈଷଧ—ଅସ୍ୟ କଚ୍ଚ୍ନାଂ ଶିଖିନଶ୍ଚ କନ୍ତୁ,
ବିଧ୍ୱଂ କଳାପୌ ବିମତେର ଗାହମ୍
ତେନାସ୍ୟମେଭିଃ କମଦ୍ଭୁପ ପୁଚ୍ଛୈ-
ରଭର୍ସିଦତ୍ୱା ସ କମର୍ଦ୍ଧଚନ୍ଦ୍ରମ୍ । (୭ମ ସ: ଶ୍ଳୋକ—୨୭)

ଭଞ୍ଜ—ସୁକୁନ୍ତଳା ସୁକୁନ୍ତଳ ମଳ କୁଟିଳ ଗହଳ
ଚିକ୍କଣ ଲମ୍ବ ବିଭିନ୍ନ ବାସ ନିବାସ
ସୁହୃଦ ମୂଢ଼ ବିରସି ପୁଚ୍ଛ ଲକ୍ଷ୍ୟ ହେବା ପାଇଁ
ଗଲଥା ପାଇଲା ଯାଇ ଲୋକେଶ ପାଶ
ସେ ଚିହ୍ନ ଚନ୍ଦ୍ରିକା ପ୍ରମାଣ
ସଭସ୍ଥ ହୋଇଲେ ପୁଣି ଉପମା ଗଣ । (ସୁ: ପ:)

ଏପରି ବର୍ଣ୍ଣନା ଓ ଭାବରେ ବହୁ ପଦ ସାମ୍ୟ ଉଭୟ କବିଙ୍କ କୃତି ଭିତରେ ଦେଖାଯାଏ । ନୈଷଧକାରଙ୍କ ପ୍ରଭାବ ଏଥିରେ ସ୍ପଷ୍ଟ ।

ପରବର୍ତ୍ତୀ କବିମାନଙ୍କ ଉପରେ ପ୍ରଭାବ—ଉପେନ୍ଦ୍ର ଭଞ୍ଜଙ୍କ ଅସାଧାରଣ କବିପ୍ରତିଭା ଓ ଅନ୍ୟାନ୍ୟ ସାଧାରଣ ସାହିତ୍ୟ କୃତି ସମସାମୟିକ ଓ ପରବର୍ତ୍ତୀ ବହୁ କବିଙ୍କ ଉପରେ ପ୍ରଭାବ ବିସ୍ତାର କରିଛି । ଉପେନ୍ଦ୍ରଙ୍କ

ଆଦର୍ଶ ସ୍ୱରୂପ ଗ୍ରହଣ କରିଥିବାରୁ ତାଙ୍କର ରଚନା ପାଠରେ ତନ୍ମୟ ହୋଇ କବିମାନେ ତାଙ୍କର ଭାବ ଓ ଭାଷାକୁ ଅନୁସରଣ ଓ ଅନୁକରଣ କରିଛନ୍ତି । ବିଶିଷ୍ଟ କବିମାନେ ମଧ୍ୟ ଏହି ପ୍ରଭାବରୁ ମୁକ୍ତ ହୋଇ ନାହାନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ବହୁ ବିଶିଷ୍ଟ କବି ଉପେନ୍ଦ୍ରଙ୍କ ଆଦର୍ଶରେ କାବ୍ୟକବିତାଦି ରଚନା କରି ଗୌରବ ଅନୁଭବ କରୁଛନ୍ତି ।

(୧) ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା—

ସଦାନନ୍ଦ-ସ ରଙ୍ଗ ତରୁତଳେ ସାରଙ୍ଗ-
ଧର ହେଲେ ସାରଙ୍ଗମୁଖୀ ଦେଖଇଟି ।

ଭଞ୍ଜ—ସାରଙ୍ଗ ରଦ ପଲଙ୍କେ ସାରଙ୍ଗ-ପଙ୍କିଲ ପଙ୍କେ
ସାରଙ୍ଗମୁଖୀ ସାରଙ୍ଗ ସାରଙ୍ଗରେ ମାତିଲେ । (ସୁ: ପ:)

(୨) ଅଭିମନ୍ୟୁ ସାମନ୍ତ ସିଂହାର—

(କ) ସୁନ୍ଦରୀ ଭଜୁ ଅବା ନ ଭଜୁ ମୋତେ,
ସୁଅଙ୍ଗୀ ଗାଳ ମାଳ ଛୁଇଁବ ହସ୍ତେ ।

ଭଞ୍ଜ—ଭଜୁ ନ ଭଜୁ ବାଳବୀ ତନୁ ହେଲେ ଛୁଇଁଥିବ
କୃତାର୍ଥ ଏ ବଡ଼ ଲଭ ।

(ଖ) ଅଭିମନ୍ୟୁ—

ଉଚରେ ଭାଷା କେ ବର୍ଣ୍ଣେ ସ୍ୱରଭଙ୍ଗ ଅତିଶୀର୍ଣ୍ଣେ
ତେବେ ହେଁ ବାଲା ଭାବନା ଥାଇ କାରଣେ
ଦୁପୂର୍ବାଦ ଶବଦ ଶୁଣି
ଦୂତୀ ଅଇଲାକି ଭ୍ରମେ ହୁଅଇ ଗୁଣି । (ବି: ଚି:)

ସଦାନନ୍ଦ, ଅଭିମନ୍ୟୁ ବ୍ରଜନାଥ ଓ ବଳଦେବ ପ୍ରଭୃତି ବିଶିଷ୍ଟ କବିମାନେ ଉପେନ୍ଦ୍ରଙ୍କ ବଳିଷ୍ଠ ସରଣୀ ଅନୁସରଣ କରିଛନ୍ତି ।

(୩) ରାଧାନାଥ ରାୟ—

ଭଞ୍ଜ—ଚେତି ଚରୁଣୀ ଗୃହିଲା ନଶିନାଶେ ପାଶେ ନାହିଁ ଦିବ୍ୟ ତରୁଣ ।
(ଲା: ବ:)

ରାଧାନାଥ—ବାଣସୁତା ସ୍ୱପ୍ନ ପୁଂସ ସଙ୍ଗେ ମାତ୍ର ନାନା ରଙ୍ଗେ ପ୍ରେମୋଲ୍ଲାସେ
ଚେତ୍ରଚତୁରା ସେ ପୁଂସରତନକୁ ଅଣାଇଲା ନିଜ ପାଶେ ।
(ମହାଯାତ୍ରା)

ଅନ୍ୟାନ୍ୟ କେତେକ କବିଙ୍କ କାବ୍ୟକବିତାରେ ମଧ୍ୟ ଉପେନ୍ଦ୍ରଙ୍କ ଶୈଳୀର ପ୍ରଭାବ ପଡ଼ିଥିବା ଦେଖାଯାଏ ।

ଉପେନ୍ଦ୍ରଙ୍କ କାବ୍ୟକବିତାରେ ଆଳଙ୍କାରିକ ଦୋଷ— ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟକବିତା ସ୍ୱୟଂ କବିଙ୍କ ମତରେ ନିର୍ଦୋଷ ହେଲେ ମଧ୍ୟ କେହି କେହି ଆଳଙ୍କାରିକ ଏଥିରେ କେତେକ ଦୋଷ ଥିବା ଦର୍ଶାଇ ଥାଆନ୍ତି । ଏ ଦୋଷ ଗୁଡ଼ିକ ନଗଣ୍ୟ କହିଲେ ଚଳେ । ତେବେ ଆଳଙ୍କାରିକ ଦୃଷ୍ଟିରେ ଦୋଷ କାବ୍ୟର ଗୌରବକୁ କିୟଦଂଶରେ ହ୍ରାସ କରୁଛି । କେତୋଟି ଦୋଷର ଉଦାହରଣ—

(୧) ଅପ୍ରତୀତତା ଦୋଷ—

(କ) ସମୀରିଦାୟକ ଦମ୍ପତିଚୟଙ୍କ କାମୁକଦ୍ୱୟଙ୍କ ସମୟ
ଶୋଇବା ପୁରେ ଧନଞ୍ଜୟ ପ୍ରବେଶ ଦେଖିଲେ ଭିତ୍ତି ଚନ୍ଦ୍ରମୟ ।
ସୁବିନ୍ଧାଣିତ୍ୱ, ଶିକ୍ଷା ଦେଇଥିଲା କି ମୟ
ସୁଜାଣ ସଖୀଏ ଲେଖି ଯାଇଛନ୍ତି ସବୁ ଉଦ୍ଦୀପନ ପ୍ରମେୟ । (ସୁ: ପ:)

ଏଠାରେ 'ପ୍ରମେୟ' ଶବ୍ଦ ନ୍ୟାୟଶାସ୍ତ୍ରରେ ଅନଭିଜ୍ଞ ପାଠକ ପକ୍ଷରେ ଦୁର୍ବୋଧ । ଅନ୍ୟ ଏକ ଉଦାହରଣ—

(ଖ) ଅତି ରସମୟ ବସନ୍ତ ସମୟ ବିଚିତ୍ର ପ୍ରମେୟ ତାହାର,
ମିତ୍ର ଅନଙ୍ଗକୁ ପ୍ରବଳ କରାଇ ଆଚରେ ଚଇଁତ୍ର ବିହାର ।
(କୋ: ବ୍ର: ସୁ:—୬ଷ୍ଠ ଛାନ୍ଦ)

ଏଠାରେ 'ପ୍ରମେୟ' ଶବ୍ଦ ସମୂହ ଅର୍ଥରେ ବ୍ୟବହୃତ ହୋଇଥିବାରୁ ଦର୍ଶାଯାଉଥିବା ଦୋଷ ନ ହେବା ସମ୍ଭବ ।

(୨) କ୍ଲିଷ୍ଟତା—ଉପେନ୍ଦ୍ରଙ୍କ କାବ୍ୟକବିତାମାନଙ୍କରେ ବହୁ ସ୍ଥାନରେ କ୍ଲିଷ୍ଟଶବ୍ଦ ବ୍ୟବହୃତ ହୋଇଥିବା ଦେଖାଯାଏ । କିନ୍ତୁ ଭାବର ଗାମ୍ଭୀର୍ଯ୍ୟ ଓ ପରିବେଷ୍ଟନୀ ମଧ୍ୟରେ ଏହି କ୍ଲିଷ୍ଟତାର ତାଡ଼ନା ରସିକ ପଣ୍ଡିତମାନେ ଅନୁଭବ କରିପାରନ୍ତି ନାହିଁ । କ୍ଲିଷ୍ଟତା ନଥିଲେ କାବ୍ୟଗୌରବ ଯେ ବୃଦ୍ଧି ପାଏ ଏଥିରେ ସନ୍ଦେହ ନାହିଁ । କବି କେବଳ ରସିକ, ଗୁଣଗ୍ରାହୀ ଓ ଗୁଣୀମାନଙ୍କୁ ନିଜର ପାଠକ ବୋଲି ଗ୍ରହଣ କରିଛନ୍ତି; ଅନ୍ୟମାନଙ୍କୁ ବୁଝାଇଲେ ସେମାନେ ଏହାକୁ ବୁଝି ଗୁଣ ଗ୍ରହଣ କରିବେ, ଏହି ମତ ସେ ବ୍ୟକ୍ତ କରିଛନ୍ତି ।

(୩) ଅସାଧୁତା—ପଦରେ ବ୍ୟାକରଣର ଦୋଷ ଥିଲେ ଏହି ଦୋଷ ହୁଏ । ସାଧାରଣତଃ କବିମାନେ ଯତି, ମିଳନ ପ୍ରଭୃତିର ଅନୁରୋଧରେ ବ୍ୟାକରଣଦୂଷିତ ଶବ୍ଦକୁ ପ୍ରୟୋଗ କରିଥାଆନ୍ତି । କବିମାନଙ୍କୁ 'ନିରଙ୍କୁଶ' କୁହାଯାଉଥିବାରୁ ଏହି ସ୍ଖଳନକୁ ଦୋଷ ବୋଲି ଧରିବା ଅନୁଚିତ ହେବ । ତେବେ ଅର୍ଥପ୍ରତୀତିରେ ବାଧା ସୃଷ୍ଟି ହେଲେ ନିଶ୍ଚୟ ଦୋଷରୂପେ ଗୃହୀତ ହେବ । ଭଞ୍ଜଙ୍କ କାବ୍ୟକବିତାରେ ଏଭଳି ଦୋଷର ବହୁଳତା ନାହିଁ ।

ଲୋଭିତା, ଗୃହିକନୀ, ସୁକେଶିନୀ, ଅନାଥିନୀ ପ୍ରଭୃତି କେତେକ ଶବ୍ଦ ଅସାଧୁ ହେଲେ ମଧ୍ଯ ଓଡ଼ିଆ ଭାଷାରେ ଚଳି ଆସୁଛି । ତେବେ,ବ୍ୟାକରଣ-ପଣ୍ଡିତମାନଙ୍କ ଦୃଷ୍ଟିରେ ଏହା ଏକ ଦୋଷ । ଉପେନ୍ଦ୍ର ନିର୍ଦ୍ଦୋଷ ରଚନାର ପକ୍ଷପାତୀ ହେଲେ ମଧ୍ୟ ପଦାନୁରୋଧରେ ଅସାଧୁ ଶବ୍ଦର ପ୍ରୟୋଗ କରିଥିବା ଦେଖାଯାଏ; ଅବଶ୍ୟ ଏଭଳି ଶବ୍ଦର ସଂଖ୍ୟା ଅଳ୍ପ । ପଣ୍ଡିତ, ସିଦ୍ଧହସ୍ତ କବି ଅଜ୍ଞତାବଶରୁ ଏପରି ଅସାଧୁ ଶବ୍ଦ ବ୍ୟବହାର କରିଛନ୍ତି ବୋଲି କହି ହେବ ନାହିଁ । ସେ ଜାଣିଶୁଣି ଏପରି କରିଛନ୍ତି । ଏହି କାରଣରୁ କେହି କେହି ଭଞ୍ଜ-ବ୍ୟବହୃତ ତଥାକଥିତ ଅସାଧୁ ଶବ୍ଦକୁ ଅସାଧୁ ବୋଲି ଗ୍ରହଣ କରୁ ନାହାନ୍ତି । ଏ କ୍ଷେତ୍ରରେ କବିଙ୍କଠାରେ ଯେଉଁ ଉଦାର ଦୃଷ୍ଟି ରଖିବାର କଥା ଉପେନ୍ଦ୍ର ତାହାର ପାଇଁ । ଅବଶ୍ୟ ଉପେନ୍ଦ୍ର ନିଜ କୃତି (ଲାବଣ୍ୟବତୀ)କୁ "କଳଙ୍କ ହୀନ ମୋ ଗୀତ" (୧୬ଶ ଛାନ୍ଦ) ବୋଲି କହିଛନ୍ତି । ଏହା ଅଯୁକ୍ତ ବୋଲି

ପ୍ରତୀୟମାନ ହେବା ସ୍ୱାଭାବିକ ହେଲେ ମଧ୍ୟ ଉପେନ୍ଦ୍ର ମିଥ୍ୟା କହୁଥିବା କୁହାଯାଇ ପାରିବ ନାହିଁ । 'କଳଙ୍କ' 'ଗୁଣସାଗର'ରେ ନିମଗ୍ନ ହୋଇ ନିଜର ସତ୍ତ୍ୱା ରକ୍ଷା କରିପାରି ନାହିଁ ।

(୪) ଅଶ୍ଳୀଳତା—ପରମ୍ପରାର ଅନୁରୋଧରେ କବି ଶୃଙ୍ଗାର ରସ ବର୍ଣ୍ଣନାରେ ଅଶ୍ଳୀଳତାକୁ ସ୍ଥାନ ଦେଇଛନ୍ତି । କବିଙ୍କର ନାୟିକାର ଅଙ୍ଗପ୍ରତ୍ୟଙ୍ଗ ବର୍ଣ୍ଣନା, ନାୟକନାୟିକାଙ୍କ କାମବିକାରପୂର୍ଣ୍ଣ ମନୋଭାବର ଅଭିବ୍ୟକ୍ତି ଓ ସେମାନଙ୍କର ଏକାନ୍ତ ମିଳନ ପ୍ରଭୃତିରେ ଅଶ୍ଳୀଳତା ବିଶେଷ ଭାବରେ ପରିଲକ୍ଷିତ ହୁଏ । କ୍ଷୁଦ୍ରାତିକ୍ଷୁଦ୍ର ତଥ୍ୟର ବାହୁଲ୍ୟ ବର୍ଣ୍ଣନା ପାଇଁ କବି ନିରଙ୍କୁଶ ହୋଇ ଲେଖନୀ ଚାଳନା କରିଛନ୍ତି ଏବଂ ଏହି କାରଣରୁ ପାଠକ ମନରେ ଅତି ମାତ୍ରାରେ ଘୃଣାଭାବ ଜାଗ୍ରତ ହୁଏ । ସୂଚନାରେ ବା ଅଳ୍ପ ପଦରେ ଏହାର ସଙ୍କେତ ଦିଆ ଯାଇଥିଲେ କାବ୍ୟକବିତାର ଆଦର ହ୍ରାସ ପାଇ ଆସିନ୍ତା ବୋଲି ମନେ ହୁଏ ନାହିଁ ।

ତେବେ, କବି ନିର୍ମଳ ଦାମ୍ପତ୍ୟ ଜୀବନଯାପନର ଲକ୍ଷ୍ୟ ରଖିଥିବାରୁ ବ୍ୟଭିଚାରର ପ୍ରଚାର କରିଛନ୍ତି ବୋଲି କୁହାଯାଇ ପାରିବ ନାହିଁ । ଅନ୍ତତଃ ସେହିସବୁ ଅଂଶକୁ କାମଶାସ୍ତ୍ରସୂତ୍ର ଓ ତାର ଉଦାହରଣ ବୋଲି ଧରିନେବା ଉଚିତ ହେବ ।

ନବଯୌବନରେ ମନ ଉପରେ 'ରତି'ର ଯଥେଷ୍ଟ ପ୍ରଭାବ ରହୁଥିବାରୁ କବି ଏପରି ପୁଷ୍କଳ ବର୍ଣ୍ଣନା କରିଛନ୍ତି ବୋଲି ସ୍ୱକୃତିମାନଙ୍କରେ ଏକାଧିକ ସ୍ଥାନରେ ବ୍ୟକ୍ତ କରିଛନ୍ତି । ଏ ପ୍ରସଙ୍ଗରେ କବି ଅନୁଭବ ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି ଏବଂ ଅନୁଭବୀ ବିନା ଏହାର ରସମାଧୁରୀ ଅନ୍ୟ କେହି ହୃଦୟଙ୍ଗମ କରିପାରିବେ ନାହିଁ, ଏହା ସେ ଏକାଧିକ ସ୍ଥାନରେ କହିଛନ୍ତି ।

> ପ୍ରମୂନ ମୋହନ ବଶ ଉଚ୍ଚାଟନ ଚରି,
> ଜନୟିତ୍ରୀ ବୋଲି ଜାଣ ପୀନପୟୋଧରୀ ଯେ ।

ରାମା ନ ମୋହିଲେ ହୋଇ ଚଉଦ ଭୁବନ,
ଆନ ନାହିଁ ଥିଲେ ଥିବେ ନପୁଂସକ ଜନ ଯେ । ୨୧ ।
ବିକାର ନଥିଲେ ବ୍ୟାକୁଳତା ତାଙ୍କ ଅଛି,
ଭାଳୁଥାନ୍ତି ଆତ୍ମର ଜୀବନ ନୋହେ କିଛି ଯେ ।
ସ୍ୱର୍ଗ ଅପବର୍ଗରୁ ପରମ ସୁଖ ନାହିଁ,
ରତି ସୁଖ ସଙ୍ଗେ ସେ ସମାନ ହେବ କେହି ଯେ । ୨୨ ।

ଏହା ସପକ୍ଷରେ କବି ଇନ୍ଦ୍ର, ବ୍ରହ୍ମ ଓ ହର ପ୍ରଭୃତିଙ୍କ ଉଦାହରଣ ଦେଇଛନ୍ତି ।

ସ୍ୱର୍ଗ ସୁଖ ଇନ୍ଦ୍ର ବଡ଼ କାହା ଭୁକ୍ତମାନ,
ସେ ରତି ଲୋଭେଁ ଶାପେଟି ସହସ୍ରଲୋଚନ ଯେ ।
ଅପବର୍ଗ ବ୍ରହ୍ମର ଆସ୍ପଦ ବୋଲି କହି,
ରତିରସେ ବ୍ରହ୍ମ ଲୀନ ପୁଣ ଅଛି କହି ଯେ । ୨୩ ।
କେଉଁଠାରେ ବୋଲିବ ବା ଶୁଣ ଦୃଷ୍ଟାନ୍ତର
ଯୋଗମାୟା ଆଶ୍ରୟ ପୁରୁଷ ଗଦାଧର ଯେ ।
ଗୋପାଙ୍ଗନା ଲମ୍ପଟ ନକ୍ଷେଧି ଆଚରଣେ,
ଶିବ ଅର୍ଦ୍ଧଅଙ୍ଗ ଗିରିସୁତା ପ୍ରତିକ୍ଷଣେ ଯେ । ୨୪ ।
ରତି ପାଦେ ଶୃଙ୍ଗାର ରତି ପଦରେ ସ୍ନେହ,
ବେନ ରତିର ପ୍ରତୁଲ ନିତମ୍ବିନୀ ଗୁହ ଯେ । × × ୨୫ ।
(ଲ: ବ: —୨୮ଶ ଛାନ୍ଦ)

ପୁଣି —
ଯୁବାକାଳ ରାଜା ସବ ଉପରେ
ମନରାଜା ଯୁବା କାଳ ଉପରେ,
ମନ ଉପରେ ତ ରାଜା ପୀରତି
କେହି ପାରିବ ମନୁଷ୍ୟ ବରତି ।
ନବ ଅନୁରାଗ ଢନେ ଢନେକ
ସୁଖ ଜାତ ହେଉଥାଇ ଅନେକ,

ପ୍ରୀତି ହୋଇ ଯେବେ ଏଡ଼େ ମଧୁର
        କ୍ଷୁଧା ତୃଷା ନିଦ୍ରା ହେବ ବଧୁର,
ପୁଣି ଦଇବେ ହୋଇଲେ ଦମ୍ପତି
        ପାଦତଳେ ମିଳେ ଇନ୍ଦ୍ର ସମ୍ପତ୍ତି । ୨୧ ।

ପଶୁମାନେ ହେଲେ ବଶ ଏ ରସେ
        ଯେହ୍ନ ପାଷାଣ ସେ ଏଥି ନ ରସେ ।
ପ୍ରୀତି ଯୋଗେ ପାଷାଣ ତ ଦ୍ରବଇ
        ବଧୂ ବଧୂମଣିଠାରୁ ଶ୍ରବଇ । ୨୨ ।
ଯେହ୍ନୁ ପୀରତିରେ ବଶ ନୋହିଲା
        କି ବୋଲଇ ସେ ମନକୁ ନଇଲା । ୨୩ ।
(ରସିକ ହାରାବଳୀ । ୪ର୍ଥ ଛାନ୍ଦ)

ରତି ଓ ପ୍ରୀତି ସପକ୍ଷରେ ଏହି ଯୁକ୍ତି ପରଂପରା କ୍ରମେ ଭାରତୀୟ କବିମାନେ ପ୍ରଭାବିତ ହୋଇଛନ୍ତି; ଉପେନ୍ଦ୍ର ସେମାନଙ୍କୁ ଅନୁସରଣ କରିଛନ୍ତି ମାତ୍ର ।

(୫) ପଦତ୍ୱ ପ୍ରକର୍ଷତା—ପଦର ପ୍ରତ୍ୟେକ ପାଦରେ ଅନୁପ୍ରାସ ରକ୍ଷା କରିପାରି ନ ଥିଲେ ଏହି ଦୋଷ ହୁଏ ।

ଶୁଣ ସାବଧାନେ ସୁଜନ ଜନ,
ସରି ଗ୍ରୀଷମ ବରଷା ରଞ୍ଜନ ।
ଶୁଭିଲା ଘନାଘନ ଘନ ଘନ,
ସ୍ୱନ ସବୁଦିଗେ ଅନ-ବଚ୍ଛିନ୍ନ ।
        ସୁର ମା ‘ ଗ୍ରାସି,
ସୁଧା ଭାନୁ ଭାନୁ ଭାନୁ ନ ଦିଶି ।
        (ସୁ: ପରିଣସ୍ତ) — ଅଳଙ୍କାର ସାରରୁ ଉଦ୍ଧୃତ ।

(୬) ଅର୍ଥ ଦୋଷର ପର୍ଯ୍ୟାୟରେ କେତେକ ଦୋଷ ଥିବା ସ୍ୱର୍ଗୀୟ ରାଜା ସଚ୍ଚିଦାନନ୍ଦ ତ୍ରିଭୁବନଦେବ ଅଳଙ୍କାର ସାରରେ ଦର୍ଶାଇଛନ୍ତି ।

(କ) ଅପୁଷ୍ଟ ଦୋଷ—

ସୁରଙ୍ଗ ଅଧର ଅତିଶୟ ରଙ୍ଗ ଦିନୁ ଦିନୁ ହେଲା ତହିଁ,
ସିନ୍ଦୂରରେ ସ୍ନାନ କଲା କି ଅରୁଣ ପୁଣି ମନ୍ଦ ହାସେ ଶୋହି ।
ସ୍ୱଭାନୁ ଅଳକା ସାଜିବା ଦେଖି କି ମାଣିକ୍ୟ-କୂପରେ ଶଶୀ,
ସବୁ ପ୍ରକାର ଗୁପତ ହେଉଅଛି ଟିକିକ ମାତ୍ରକ ଦିଶି । (ପୁ: ପ:)

ସୁରଙ୍ଗ ଅଧର ସ୍ଥଳରେ କେବଳ ଅଧର ବ୍ୟବହାର କରିଥିଲେ ଯଥେଷ୍ଟ ହୋଇଆଆନ୍ତା । ପରେ ଦିନୁ ଦିନୁ ରଙ୍ଗ ହେବା ବର୍ଣ୍ଣିତ ହୋଇଥିବାରୁ ଏହା ପୁଷ୍ଟି ସାଧନ କରୁନାହିଁ ।

(ଖ) ଦୁଷ୍କ୍ରମ—ଅର୍ଥ କଥନରେ କ୍ରମଭଙ୍ଗ ଦୋଷ ହିଁ ଦୁଷ୍କ୍ରମ ଦୋଷ ।
ପିଇଲେ ରୁଧିର ପଣାପରରେ ପ୍ରେତ ଅଗଣା,
ମଣ୍ଡାପର ମୁଣ୍ଡ ଖେଳାଇଲେ ଯେ । ୨୪ ।
(ଲାବଣ୍ୟବତୀ, ୪୫ଶ ଛାନ୍ଦ)

କ୍ରମରକ୍ଷା କରିବାକୁ ହେଲେ ଖେଳାଇବା ପରେ ପିଇବା ହେବା କଥା ! ଏଠାରେ ପିଇବା ପରେ ଖାଇବା ସ୍ଥାନ ପାଇଛି ।

(୭) ରସ ଦୋଷ—

(କ) ଅନବସର ଦୋଷର ପ୍ରକାଶ ଓ ହ୍ରାସ

ଶୁଭେ ଦୁନ୍ଦୁଭି ନାଦ ନିରତ ଏମନ୍ତେ କେତେ ଦିବସ ଅନ୍ତେ
କି ତବ ବୁଦ୍ଧି ବଗୁର ଦୈତ୍ୟ ଗଡ଼ି ପ୍ରବେଶେ ଯେ ।
ସେନାମାନଙ୍କ ଦର୍ପକୁ ଦଣ୍ଡି ହାତୀ ରଥଙ୍କି କୃପାଣେ ଖଣ୍ଡି
ଦେଖି ଭାଜିଲେ ପଦାତି ଝୁଣ୍ଟି ଭୂତ ସହାସେ ଯେ ।
× × ×
ସତ୍ୟଭାମାକୁ ଏରୂପେ ତହୁଁ ଅସୁର ଗୃହୁଁ ହୋଇଲା ମୋହ
ଖବଳା ପୂର୍ବେ ନଥିଲା ନାହିଁ ନୋହିବ ପୁଣି ଯେ ।
(ପୁ:ପ:)

ଯୁଦ୍ଧ ବା ବୀରରସ ବର୍ଣ୍ଣନା ପ୍ରସଙ୍ଗରେ ଶୃଙ୍ଗାର ରସର ଅବତାରଣା ଅନବସର ରସଦୋଷଯୁକ୍ତ ହେଲା ।

ଏପରି କେତେକ ଦୋଷ ଆଲଙ୍କାରିକମାନେ ଦର୍ଶାଇଥିଲେ ମଧ୍ୟ ଏହାର ସଂଖ୍ୟା ଯଥେଷ୍ଟ ନୁହେଁ । କାବ୍ୟକବିତାର ଗୌରବସାଗରରେ ନିମଗ୍ନ ହୋଇ ଏହି କଳଙ୍କ ଅକ୍ଲେଶରେ ଅଦୃଶ୍ୟ ହୋଇଛି ।

ଉପସଂହାର

ଜାତୀୟ ମହାକବି—ଉପେନ୍ଦ୍ର ଭଞ୍ଜ ଜଣେ ଉଚ୍ଚଧରଣର ଜାତୀୟ କବି । ତାଙ୍କର କାବ୍ୟକବିତାମାନଙ୍କରେ ଉତ୍କଳୀୟ ସମାଜର ରୀତି, ନୀତି, ବେଶଭୂଷା, ଆଶା ଓ ଆକାଙ୍କ୍ଷା ପ୍ରଭୃତି ଉତ୍ତମରୂପେ ପ୍ରତିଫଳିତ ହୋଇଛି । ପୁଣି ଉପେନ୍ଦ୍ର ଉତ୍କଳର ନଦନଦୀ, ବନପର୍ବତ, ତୀର୍ଥ ଓ ଦେବଦେବୀଙ୍କୁ ବହୁ ସ୍ଥାନରେ ଉଲ୍ଲେଖ କରିଥିବାରୁ ତାଙ୍କର ସ୍ୱଦେଶପ୍ରେମ ସ୍ପଷ୍ଟ ଭାବରେ ପ୍ରତିପାଦିତ ହେଉଛି । କବି ଚିତ୍ରୋତ୍ପଳା, ବୈତରଣୀ, ଋଷିକୁଲ୍ୟା, ବାହୁଦା ପ୍ରଭୃତି ଓଡ଼ିଶାର ପ୍ରସିଦ୍ଧ ନଦୀମାନଙ୍କର ନାମ ସମ୍ପର୍କରେ ଏକାଧିକ କାବ୍ୟରେ ଉଲ୍ଲେଖ କରିଛନ୍ତି । ଓଡ଼ିଶାର ନାଥ ଜଗନ୍ନାଥଙ୍କୁ ପ୍ରାୟ ପ୍ରତ୍ୟେକ କାବ୍ୟରେ ଏକାଧିକ ସ୍ଥାନରେ ପ୍ରାର୍ଥନା କରିଛନ୍ତି । ଜଗନ୍ନାଥଙ୍କୁ ସ୍ୱୟଂ ବୈକୁଣ୍ଠବାସୀ ବିଷ୍ଣୁ ଓ ଅବତାରୀ ବୋଲି ମତ ବ୍ୟକ୍ତ କରିଛନ୍ତି ।

ଓଡ଼ିଆ ଭାଷା ଓ ସାହିତ୍ୟକୁ ଉପେନ୍ଦ୍ର ଦୃଢ଼ ଭିତ୍ତି ଉପରେ ପ୍ରତିଷ୍ଠିତ କରି ପାରିଛନ୍ତି । ସେ ଉତ୍କଳଭାରତୀ ଭଣ୍ଡାରକୁ ବହୁ ଅମୂଲ୍ୟ ରତ୍ନ ଦାନକରି ଉତ୍କଳୀୟ ଭାଷା ଓ ସାହିତ୍ୟକୁ ଅସାଧାରଣ ସମୃଦ୍ଧିଶାଳୀ କରିବା ସଙ୍ଗେ ସଙ୍ଗେ ଉତ୍କଳକୁ ପୃଥିବୀର ସାହିତ୍ୟ ସଭାରେ ସମ୍ମାନଜନକ ସ୍ଥାନର ଅଧିକାରୀ କରି ପାରିଛନ୍ତି । କୋଣାର୍କ ପରି ଭଞ୍ଜକାବ୍ୟ ପୃଥିବୀରେ ଏକ ଆଶ୍ଚର୍ଯ୍ୟରୂପେ ବିବେଚିତ ହେବା ଯୋଗ୍ୟ ହୋଇ ପାରିଛି ।

ପାରଂପରିକ ଚିନ୍ତାଧାରାର ପରିବର୍ତ୍ତନ—ଉପେନ୍ଦ୍ର ତାଙ୍କ ପୂର୍ବରୁ ଶତ ଶତ ବର୍ଷ ସମୟରୁ ପ୍ରବାହିତ ହୋଇ ଆସୁଥିବା ଉତ୍କଳୀୟ

ଚନ୍ଦ୍ରାଧାରର ଗତିକୁ ବଳିଷ୍ଠ ଭାବରେ ପରିବର୍ତ୍ତନ କରିବାରେ ସମର୍ଥ ହୋଇ ପାରିଛନ୍ତି । ପୂର୍ବରୁ ଓଡ଼ିଶାରେ ଅଧିକାଂଶ କବି ଧର୍ମ-ସମ୍ପର୍କୀୟ କାବ୍ୟକବିତା ଲେଖିବାକୁ ଆଗ୍ରହ ପ୍ରକାଶ କରି ସେ କ୍ଷେତ୍ରରେ କୃତିତ୍ୱ ସହକାରେ ଲେଖନୀ ଚାଳନା କରୁଥିଲେ । ସାରଳା ଦାସ, ଜଗନ୍ନାଥ ଦାସ, ବଳରାମ ଦାସ ପ୍ରଭୃତି କବିମାନେ ଧର୍ମ-କାବ୍ୟ, ଧର୍ମ-କବିତା ବା ପୁରାଣ ପ୍ରତି ବିଶେଷ ଦୃଷ୍ଟି ଦେଇଥିଲେ । ଧର୍ମଲାଭ ହିଁ ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ତେବେ ଅଳ୍ପ କେତେଜଣ କବି ଲୌକିକ ବିଷୟବସ୍ତୁ ଗ୍ରହଣ କରି ସୁନ୍ଦର କାବ୍ୟକବିତା ରଚନା କରି ଯାଇଥିଲେ ମଧ୍ୟ ସେମାନେ ବଳିଷ୍ଠ ଭାବରେ ଚନ୍ଦ୍ରାଧାରର ଗତିକୁ ବଦଳାଇ ପାରି ନ ଥିଲେ ।

ଧନଞ୍ଜୟ ଭଞ୍ଜ ଏ କ୍ଷେତ୍ରରେ ଜଣେ ବଳିଷ୍ଠ ଅଗ୍ରଣୀ ହେଲେ ମଧ୍ୟ ତାଙ୍କର ରଚନାବଳୀ ସମାଜକୁ ବିଶେଷ ଭାବରେ ପ୍ରଭାବିତ କରି ପାରି ନଥିଲା । ରକ୍ତମାଂସରେ ଗଠିତ ଶରୀରର ଧର୍ମକୁ ବିଶେଷ ଗୁରୁତ୍ୱ ଓ ଗୌରବ ଦାନ କରିବାରେ ଉପେନ୍ଦ୍ର ପ୍ରତିଭାବାନ୍ ପ୍ରବର୍ତ୍ତକ । ସେ ମାନବର ପାରତ୍ରିକ ଓ ଐହିକ ମୁକ୍ତି କାମନା କରି ଯେ କାବ୍ୟକବିତା ଲେଖି ନାହାନ୍ତି ଏପରି ନହେଁ । ସେ କେବଳ ସେଥିକରେ ନିଜର ସମସ୍ତ ଶକ୍ତି ନିୟୋଜିତ କରି ନାହାନ୍ତି । ମାନବ ଜୀବନର ସୁଖ ଦୁଃଖକୁ ସେ ଦୃଷ୍ଟି ଦେଇ ଶ୍ରେଷ୍ଠ ରସ ଯେ ଆଦିରସକୁ ପ୍ରଧାନ ଅସ୍ତ୍ରରୂପେ ବ୍ୟବହାର କରିଛନ୍ତି । ମାନବର ଦୈହିକ ଆଶା ଆକାଙ୍କ୍ଷାକୁ ସେ ବିଶେଷ ଭାବରେ ଗୁରୁତ୍ୱ ଦେଇଛନ୍ତି । ମର୍ତ୍ତ୍ୟ ମାନବର ପୂର୍ବ ଦେବଜନ୍ମ ପ୍ରସଙ୍ଗ କେବଳ ପରଂପରା ରକ୍ଷା ନିମନ୍ତେ ଉପେନ୍ଦ୍ର ବର୍ଣ୍ଣନା କରିଛନ୍ତି ।

କୋଟିବ୍ରହ୍ମାଣ୍ଡସୁନ୍ଦରୀ, ଲାବଣ୍ୟବତୀ ଆଦି କାବ୍ୟରେ ମାନବର ପ୍ରେମ, ତାର ଅଭିବ୍ୟକ୍ତି ଓ ପରିଣତି ସୁନ୍ଦର ଭାବରେ ଅତି ଉଚ୍ଚକୋଟୀର କବିତ୍ୱ ଓ ପାଣ୍ଡିତ୍ୟପୂର୍ଣ୍ଣ ପଦାବଳୀରେ ରଚିତ ହୋଇଥିବାରୁ ସମସାମୟିକ ଓ ପରବର୍ତ୍ତୀ କବିମାନେ ଏ କ୍ଷେତ୍ର ପ୍ରତି ବିଶେଷ ଆଗ୍ରହ ପ୍ରକାଶ କରିଛନ୍ତି ।

କବି ନୂତନ ଶୈଳୀର ପ୍ରବର୍ତ୍ତକ ହେଲେ ମଧ୍ୟ ପ୍ରାଚୀନ ପରଂପରାକୁ ତ୍ୟାଗ କରି ନାହାନ୍ତି । କାବ୍ୟକବିତାର ରୂପ ଓ ପ୍ରାଣ ସମ୍ପର୍କୀୟ ପ୍ରାଚୀନ

ଂରୀତିକୁ ସେ ଗ୍ରହଣ କରିଥିଲେ; ଏହି କାରଣରୁ ତାଙ୍କୁ ଜଣେ ପ୍ରାଚୀନପନ୍ଥୀ ବୋଲି ମଧ୍ୟ କୁହାଯିବ ।

ରସଗର୍ଭ କଳାମଣ୍ଡିତ ଭାଷା—ଉପେନ୍ଦ୍ରଙ୍କ ପୂର୍ବରୁ ଶିଶୁଶଙ୍କର, ନରସିଂହ ସେଣ, ଦେବଦୁର୍ଲ୍ଲଭ ଦାସ, କାର୍ତ୍ତିକ ଦାସ ପ୍ରଭୃତି ଓ ସମସାମୟିକ ଧନଞ୍ଜୟ, ଲୋକନାଥ, ଦୀନକୃଷ୍ଣାଦି ବିଶିଷ୍ଟ କବିମାନେ ସ୍ୱ ସ୍ୱ କୃତିମାନଙ୍କରେ ଅତି ମାର୍ଜିତ, ଆଲଙ୍କାରିକ ଭାଷା ପ୍ରୟୋଗ କରି ଓଡ଼ିଆ ଭାଷାର ଶବ୍ଦ ସମ୍ଭାରର ସମୃଦ୍ଧିଶାଳୀତା ପ୍ରମାଣିତ କରିଛନ୍ତି । ଉପେନ୍ଦ୍ର ଏହି ଶୈଳୀର ଗୌରବକୁ ବିଶେଷ ଭାବରେ ବର୍ଦ୍ଧିତ କରିଛନ୍ତି ଏବଂ ସେ ଓଡ଼ିଆ ଭାଷା ରାଜ୍ୟରେ ଅକ୍ଷୟ, ଅମର ଭାଷା ପରିପାଟୀ ଓ ଗ୍ରନ୍ଥ ସୃଷ୍ଟି କରି ଯାଇଛନ୍ତି । ମାନବ ଜୀବନର ସର୍ବବିଭାବର ଚିନ୍ତାଧାରାକୁ ସମ୍ୟକ୍ ରୂପ ପ୍ରଦାନ କରିବା ପାଇଁ ଯେ ଓଡ଼ିଆ ଭାଷା ସମର୍ଥ ତାହା ସେ ଅତି ଜ୍ୱଳନ୍ତ ଭାବରେ ପ୍ରମାଣିତ କରିଛନ୍ତି । ଓଡ଼ିଆ ଭାଷାରେ ତଦ୍ଭବ, ତତ୍ସମ ଶବ୍ଦ-ସମ୍ଭାର ଅତି ସମୃଦ୍ଧିଶାଳୀ ସଂସ୍କୃତଭାଷା ତୁଲ୍ୟ ବିବିଧ ଅଲଙ୍କାରର ପ୍ରୟୋଗପାଇଁ ଉପଯୁକ୍ତ ଥିବା କବି ସ୍ୱରଚନାବଳୀରେ ପ୍ରମାଣିତ କରିପାରି ଓଡ଼ିଆ ଭାଷାର ଗୌରବକୁ ବହୁ ଗୁଣରେ ବର୍ଦ୍ଧିତ କରିଛନ୍ତି ।

ଭାଷା ତାଙ୍କ ଲେଖନୀର ପରିକର ରୂପେ କାର୍ଯ୍ୟ କରିଛି—'ଡାକିଲେ ଓ କରିବି' ରୀତିରେ ସେବା କରିଛି । ଯେ କୌଣସି ଭାବକୁ ଯଥାଯଥ ପ୍ରକାଶ କରିବା ପାଇଁ ତାଙ୍କର ଲେଖନୀ ସମର୍ଥ ହୋଇଛି ।

କବି ସ୍ୱ ଅସାଧାରଣ ପ୍ରତିଭାବଳରେ ଶବ୍ଦସାଗର ପାର ହୋଇ ପାରିଥିଲେ । କବି ଯେଉଁ ଶବ୍ଦ-ଗଠନ, ବିବିଧାର୍ଥ ବୋଧକ ଶବ୍ଦର ଯଥାଯଥ ପ୍ରୟୋଗ ଓ ବିବିଧ ଅଲଙ୍କାର ଅନୁରୋଧରେ ଶବ୍ଦର ସୁଷମ ପ୍ରୟୋଗ କରିଛନ୍ତି ତାହା ତାଙ୍କର ଶବ୍ଦପାଣ୍ଡିତ୍ୟ ଓ ଅଭିନବ ରଚନା ଶୈଳୀର ପରିଚୟ ପ୍ରଦାନ କରୁଛି । କବି ଶାସ୍ତ୍ରସମ୍ମତ ଶୈଳୀକୁ ଅନୁସରଣ କରି ରଚନାର ରୂପ-ରେଖ, ପ୍ରାଣଦାନ କରିଥିଲେ ମଧ୍ୟ ସ୍ୱ ଅସାଧାରଣ ଧୀଶକ୍ତି, ପ୍ରତିଭା ଓ ପାଣ୍ଡିତ୍ୟ ବଳରେ ପ୍ରାଚୀନ ଜୀର୍ଣ୍ଣଶୈଳୀକୁ ନୂତନ ରୂପ ଦାନକରି

ପାରିଛନ୍ତି । ବିବିଧ ଅଳଙ୍କାରର ପ୍ରୟୋଗ, ଋତୁ ବର୍ଣ୍ଣନା ଓ ବିରହାଦି ବର୍ଣ୍ଣନା ପ୍ରସଙ୍ଗରେ କବିଙ୍କର ଅପୂର୍ବ କ୍ଷମତାର ପରିଚୟ ଦେଉଛୁ । ଚରିତ୍ର ଚିତ୍ରଣରେ ମଧ୍ୟ ସେ ସିଦ୍ଧହସ୍ତ ଥିବା ପ୍ରମାଣ କରିଛନ୍ତି । ଉପେନ୍ଦ୍ରଙ୍କର ଶବ୍ଦପାଣ୍ଡିତ୍ୟ ଅଦ୍ୱିତୀୟ ।

ପ୍ରପଞ୍ଚଜ୍ଞାନ: ବହୁଶାସ୍ତ୍ରଦର୍ଶିତା—କବିଙ୍କ ଗଭୀର ପ୍ରପଞ୍ଚଜ୍ଞାନ ତାଙ୍କର କୃତିମାନଙ୍କରେ ସ୍ଥାନେ ସ୍ଥାନେ ଶୋଭନ ଭାବରେ ପ୍ରକାଶ ପାଇଛି । ସାମାଜିକ ରୀତିନୀତି, ପୌରାଣିକ କଥା, ନୀତିବଚନ, ଜ୍ୟୋତିଷ, ଧନୁର୍ବିଦ୍ୟା ଶିକାର, ଯୁଦ୍ଧଯାତ୍ରା, ରାଜ୍ୟଶାସନ ନୀତି ଓ ମର୍ଯ୍ୟାଦାବୋଧ ପ୍ରଭୃତି କବିଙ୍କର କାବ୍ୟ-କବିତାମାନଙ୍କରେ ଯଥାର୍ଥ ଭାବରେ ଦେଖାଯାଏ । କବି ଏକ ମର୍ଯ୍ୟାଦାବନ୍ତ, ଶିକ୍ଷିତ, ଚତୁର, ରସିକ, ଗୁଣଗ୍ରାହୀ ସମାଜର ଚିତ୍ର ଦେଇଛନ୍ତି । ତାଙ୍କର ବହୁଶାସ୍ତ୍ରଦର୍ଶିତାର ଭୂରି ଭୂରି ପ୍ରମାଣ କୃତିମାନଙ୍କରେ ମିଳୁଛି ।

ନୀତିବଚନ—କାବ୍ୟକବିତାମାନଙ୍କରେ କବି ପ୍ରସଙ୍ଗାନୁକ୍ରମେ ଜୀବନର ବହୁ ବିଭବକୁ ସ୍ପର୍ଶକାରୀ ଉପଦେଶ ଓ ନୀତିବଚନ ଦେଇଛନ୍ତି । କବିଙ୍କ ବ୍ୟାପକ ଦୃଷ୍ଟିକୋଣ ଓ ଉଦାରଭାବ ତାଙ୍କୁ ଉପଦେଷ୍ଟା ଆସନରେ ବସାଇ ପାରିଛି ।

ସମାଜିକ ଚିତ୍ର—ସାମାଜିକ ଚିତ୍ର ଦେବାରେ କବିଙ୍କ ଦୃଷ୍ଟି ବ୍ୟାପକ ଥିବା ଦେଖାଯାଏ । ପରଂପରାସମର୍ଥିତ ଉଚ୍ଚନୀଚ କୂଳର ବିବିଧ ଶ୍ରେଣୀ ଓ ପ୍ରକୃତିର ଲୋକଙ୍କ ମନୋଭାବକୁ କବି ସୁନ୍ଦର ଭାବରେ ଚିତ୍ରଣ କରିଛନ୍ତି । ରାଜରାଣୀ, ରାଜକୁମାର, ରାଜକୁମାରୀ, ମନ୍ତ୍ରୀ, ପୁରୋହିତ କୁମାରକୁମାରୀ ପ୍ରଭୃତିଙ୍କ ଚିତ୍ର କବି ଯେପରି ସୁନ୍ଦର ଭାବରେ ଚିତ୍ରଣ କରିଛନ୍ତି ସେହିପରି ଗର୍ଭିକା, ମାଳିନୀ, ସୈନିକ, ଦାସଦାସୀ ଓ ଚିତ୍ରପଟ ପ୍ରଦର୍ଶକ ପ୍ରଭୃତିଙ୍କର ଚିତ୍ର ମଧ୍ୟ ସେପରି ନିପୁଣ ଭାବରେ ପ୍ରଦାନ କରିଛନ୍ତି । ସବୁ ଚିତ୍ର ଜୀବନ୍ତ ।

କବି ଓଡ଼ିଆ ସମାଜର ପାରଂପରିକ ବିଧିବିଧାନ, ଉତ୍ସବ, ପର୍ବ, ପୂଜା, ଗର୍ଭାଧାନ, ଶିଶୁଜନ୍ମ, ବିବାହ ଓ ବନ୍ଦାପନାଦି ଯାବତୀୟ ରୀତିନୀତି ବିସ୍ତୃତ ଓ

ନିଖୁଣ ଭାବରେ ବର୍ଣ୍ଣନା କରି ସମାଜର ଏକ ସୁନ୍ଦର ଚିତ୍ର ପ୍ରଦାନ କରିଛନ୍ତି । ତାଙ୍କର କୃତିଗୁଡ଼ିକ ଓଡ଼ିଆ ସମାଜର ଦର୍ପଣ ସ୍ୱରୂପ । ଉପେନ୍ଦ୍ର ରାଜକୁମାର ଥାଇ ବହୁସମସ୍ତ ବିଳାସପରିପୂର୍ଣ୍ଣ ବେଷ୍ଟନୀ ଭିତରେ ଜୀବନଯାପନ କରିଥିଲେ ମଧ୍ୟ ସେ ଗଣତାନ୍ତ୍ରିକ ଭାବନାକୁ ତ୍ୟାଗ କରି ନାହାନ୍ତି ।

କବି ସାମାଜିକ ଚିତ୍ରରେ ଶୃଙ୍ଗାରରସାଶ୍ରିତ ଦାମ୍ପତ୍ୟଜୀବନକୁ ବିଶିଷ୍ଟ ସ୍ଥାନ ଦାନ କରିଛନ୍ତି । ନବଯୁବକ ଓ ନବଯୁବତୀଙ୍କ ଚିରନ୍ତନ ଭାବଧାରା, ଆଶାଆକାଙ୍କ୍ଷାକୁ ସେ କୌଶଳପୂର୍ଣ୍ଣ ଶୈଳୀ ବ୍ୟବହାର କରି ନୂତନ ସଂସାର ରଚନା କରିଛନ୍ତି । ସ୍ୱାମୀ-ସ୍ତ୍ରୀଙ୍କ ପ୍ରେମ-ଜୀବନ ବିବାହ ପରେ ମଧ୍ୟ ଅବିଚ୍ଛିନ୍ନ ରହିବା ସେ କାମନା କରିଛନ୍ତି । ଯୁଗେ ଯୁଗେ ସ୍ୱାମୀ-ସ୍ତ୍ରୀ ହୋଇ ରହି ନିର୍ମଳ ଅଭେଦ ପ୍ରେମଜୀବନ ଯାପନ କରିବା ଆଦର୍ଶକୁ ସେ ପ୍ରତିପାଦନ କରିଛନ୍ତି ।

କାଳ୍ପନିକ କାବ୍ୟମାନଙ୍କରେ ଦାମ୍ପତ୍ୟଜୀବନରେ 'ରତି'ର ସ୍ଥାନକୁ କବି ଉଚ୍ଚ ଓ ଦୃଢ଼ କରିଛନ୍ତି । ଯୌବନର ଆକାଙ୍କ୍ଷା ରତିରେ ପୂର୍ଣ୍ଣହେବା କବି ବ୍ୟକ୍ତ କରିଛନ୍ତି । ମାନବଜୀବନରେ ପ୍ରେମ ଓ ପ୍ରେମଜୀବନରେ କାମ ଏ ଦୁଇଟି ପ୍ରସଙ୍ଗକୁ କବି ଅତି ଦକ୍ଷତା ସହକାରେ ସ୍ୱକାବ୍ୟମାନଙ୍କରେ ନାୟକ ନାୟିକାଙ୍କ ଜୀବନଚରିତରେ ପ୍ରକଟିତ କରିଛନ୍ତି । ଉଦ୍ଦାମ ଯୌବନ ଉଦ୍ଦାମ ରତିର ଅପେକ୍ଷା କରୁଥିବାରୁ କବି ଯୌବନାତିରିକ୍ତ ବୟସର ବ୍ୟକ୍ତିଙ୍କୁ ନାୟକନାୟିକା ରୂପେ କୌଣସିଠାରେ ଗ୍ରହଣ କରି ନାହାନ୍ତି । ନବଯୁବକ ଓ ନବଯୁବତୀ ହିଁ କବିଙ୍କ କାବ୍ୟସଂସାରର ମୁଖ୍ୟ ବ୍ୟକ୍ତି । ଏହି କାରଣରୁ କବି ସବୁ ନାୟିକାଙ୍କୁ 'ଷୋଡ଼ଶୀ' କରିଛନ୍ତି । କବି ପିତାମାତାଙ୍କୁ ନାୟକ-ନାୟିକା କରି ନାହାନ୍ତି ।

କବି ଦାମ୍ପତ୍ୟପ୍ରେମର ଉତ୍କର୍ଷ ସମ୍ବନ୍ଧରେ ଲାବଣ୍ୟବତୀରେ କହିଛନ୍ତି —

ଯେ ଜନ ନାରୀ ହତେ ରହେ ପୁଣି ଜୀବତେ
ଧନମାନଙ୍କୁ ବଞ୍ଚେ ରେ,

ଇନ୍ଦ୍ର କରେ ଯେ ଥାଇ ସେ କୁଳିଶ ନୁହଇ
ସେହି କୁଳିଶ ନଷ୍ଟେ ରେ,
ପ୍ରାଣବନ୍ଧୁ, ନାରୀ ପୁରୁଷ ଦୁଇ ରେ
ଯେମନ ଏକ ଜୀବନ କେବଳ ତନୁ ଭିନ୍ନ
ଯୋଗେ ଏକତ୍ର ହୋଇ ରେ । ୧୮ । (୪୨ଶ ଛାନ୍ଦ)

କବି ଏହାର ଉଦାହରଣ ଦେଇ ବଶଦଭାବରେ ବୁଝାଇଛନ୍ତି—

ଆହୁର କଥାଏ ଯଥା ଏକ ନାମ ଅଶ୍ୱିନୀକୁମାର ଦୁଇ
ସେହି ପ୍ରକାରେ ତା ମୋର ଏକପ୍ରାଣ କେବଳ ଯୁଗଳ ଦେଖି ହେ
ଯେବେମୋର ପ୍ରାଣ ଯିବ, ବାଳା ଦେହେ ସମ୍ଭବାଇବ ।

ପ୍ରେମିକ ପ୍ରେମିକାଙ୍କ ଆଦର୍ଶ ଦାମ୍ପତ୍ୟ ଜୀବନର ଏକ ସୂଚନା କବି ଲାବଣ୍ୟବତୀରେ ଦେଇଛନ୍ତି—

ପ୍ରାତରୁ ଉଠି ସୁମରଣ କରନ୍ତି ଦୁହେଁ ଦୁହିଁଙ୍କର ନାମ,
ମୁଖ ନରେଖିଲେ ଉଭାରୁ ଦେଖନ୍ତି ଦେବପଟ ଏଡ଼େ ପ୍ରେମ । ୧୬ ।
ବାରନ୍ତି ନେତ୍ରକୁ ପଲକ ଥିବାକୁ ପୁଲକ ହେବାକୁ ଅଙ୍ଗେ,
ରଖି ଦେବେ ନାହିଁ ହାର ବସନକୁ ଆଲିଙ୍ଗନ ଅନୁରାଗେ । ୧୭ ।
(୩୨ଶ ଛାନ୍ଦ)

କବି ଦାମ୍ପତ୍ୟ ଜୀବନରେ ଏକପତି ଏକପତ୍ନୀ ବ୍ରତକୁ ଆଦର୍ଶ ବୋଲି ପ୍ରଚାର କରିଛନ୍ତି; ଏଥିରେ ସମାଜରେ ବ୍ୟଭିଚାର ପ୍ରଚାରର ସ୍ଥାନ ନାହିଁ ; ରସିକ ଜନଙ୍କୁ ସମ୍ବୋଧନକରି କବି କହୁଛନ୍ତି—

ମିଥିଲା ନବ ସଙ୍ଗମ କାଳେ ଯେ କଲେ ନିୟମ
ଏକପତି ଏକପତ୍ନୀ ବ୍ରତ,
ଜଗତେ ସେହୁ ଦମ୍ପତି ସାଧୁଙ୍କ ସୁଖ ସମ୍ପତ୍ତି
ମଧୁର ଆକୃତି ଆଲୋକିତ ସେ
ତାଙ୍କ ପାଦ । ମହା ବିପଦକୁ ନାଶ କରେ,

ଚଢ଼େ ଚନ୍ଦ୍ର ଉପଇନ୍ଦ୍ର ଭଞ୍ଜ ପରମ ଆନନ୍ଦ
କହେ ରସିକ ଜନଙ୍କ ହିତେ ହେ । ୨୦ ।
(ଲ: ବ:— ୮ଶ ଛାନ୍ଦ)

ଉପେନ୍ଦ୍ର ବୈଧପ୍ରେମର ଉପାସକ ଓ ଶ୍ରେଷ୍ଠ କବି ।

ଦାମ୍ପତ୍ୟ ଜୀବନରେ ନାରୀର ପ୍ରାଧାନ୍ୟର ସୂଚନା ଦେଇ କବି ଲାବଣ୍ୟବତୀରେ ବ୍ୟକ୍ତ କରିଛନ୍ତି

ଦେହ ଉପରେ ମନ ପ୍ରଭୁ ପ୍ରମାଣ ଧନ
ମନର ପ୍ରଭୁ ପ୍ରୀତି ରେ,
ପ୍ରୀତିର ପ୍ରଭୁ ନାରୀ ତାକୁ ପୁଣି ପାସୋରି
କେହୁ ଧରିବ ଧୃତି ରେ ।
ପ୍ରାଣବନ୍ଧୁ, ପୁଣି ଆରତି ମୁହଁରେ,
ମନକୁ ଅନୁରୂପେ ଯୁବତୀ ମିଳେ ତପେ
ଏଣୁ ଦୁର୍ଲଭ କହି ରେ । ୧୪ । (୪୭ଶ ଛାନ୍ଦ)

ଦାମ୍ପତ୍ୟ ଜୀବନ ହିଁ ଉପେନ୍ଦ୍ରଙ୍କ ମୁଖ୍ୟ ବିଷୟବସ୍ତୁ । ଏକ ପ୍ରକାର ବିଷୟକୁ ବିଚିତ୍ର ଭାବରେ ଚିତ୍ରଣ କରି ଏକାଧିକ ଉଚ୍ଚକୋଟୀର କାବ୍ୟ ରଚନା କରିବା କ୍ଷେତ୍ରରେ ଉପେନ୍ଦ୍ର ହିଁ ଶ୍ରେଷ୍ଠକବି । ସେ ଏକାଧିକ ଉଚ୍ଚକୋଟୀର କାବ୍ୟ ରଚନା କରିବା କ୍ଷେତ୍ରରେ ମଧ୍ୟ ଶ୍ରେଷ୍ଠ । ଉପେନ୍ଦ୍ର ଦାମ୍ପତ୍ୟପ୍ରେମର ଶ୍ରେଷ୍ଠକବି ।

ଶୃଙ୍ଗାର ରସ—କବି ତାଙ୍କର କାଳ୍ପନିକ କାବ୍ୟମାନଙ୍କୁ ଶୃଙ୍ଗାରରସାଶ୍ରିତ କରିଛନ୍ତି । ଏହି କାବ୍ୟମାନଙ୍କରେ ଭାବନା, କାର୍ଯ୍ୟକଳାପ, ବେଷ୍ଟନୀ ପ୍ରଭୃତିରେ ଆଦିରସର ପ୍ରାଧାନ୍ୟ ଥିବାରୁ ଅନ୍ୟ ରସମାନଙ୍କର ଅସ୍ତିତ୍ୱ ସେତେ ପ୍ରକାଶ ପାଇ ନାହିଁ । କବି ଆଦିରସ ବ୍ୟତୀତ ଅନ୍ୟାନ୍ୟ ରସକୁ ମଧ୍ୟ ରଚନାରେ ସ୍ଥାନ ଦେଇଛନ୍ତି । ହାସ୍ୟ, ରୌଦ୍ର, ବୀଭତ୍ସ, ଅଦ୍‌ଭୁତ ଓ ବାତ୍ସଲ୍ୟ ପ୍ରଭୃତି ରସର ପ୍ରକାଶ ମଧ୍ୟ ହୋଇଛି ।

ଆତ୍ମ ପରିଚୟ—କବି ସ୍ୱକୃତିମାନଙ୍କରେ ବିଭିନ୍ନ ସ୍ଥାନରେ ତାଙ୍କର ପରିଚୟ ସଂକ୍ଷେପରେ ପ୍ରଦାନ କରିଛନ୍ତି । ତାଙ୍କ ଜୀବନୀ ସମ୍ବନ୍ଧରେ ବର୍ତ୍ତମାନ ଯେଉଁସବୁ ଉପକରଣ ମିଳୁଛି, ସେଥିଭିତରୁ କବିଙ୍କ ସ୍ୱଦତ୍ତ ତଥ୍ୟ ବ୍ୟତୀତ ଅନ୍ୟ ସବୁ ଭିତରୁ ଅଧିକାଂଶ କିମ୍ବଦନ୍ତୀ ଉପରେ ନିର୍ଭର କରୁଛି । ଆତ୍ମ-ପରିଚୟ ଦ୍ୱାରା କବି ସ୍ୱଗ୍ରନ୍ଥରୁ ଜୀବନୀ ଉପାଦାନ ସଂଗ୍ରହ କରିବା ପାଇଁ ଭବିଷ୍ୟତ ବଂଶଧର ଓ ସାହିତ୍ୟପ୍ରେମୀମାନଙ୍କୁ ବିଶେଷ ସୁବିଧା ଦାନ କରିଛନ୍ତି ।

ଆତ୍ମପରିଚୟ ପ୍ରସଙ୍ଗରେ କବି ସ୍ୱକୃତିମାନଙ୍କର ପ୍ରଶଂସା କରିଥିବା ଦେଖାଯାଏ । ତାଙ୍କର ଆତ୍ମପ୍ରଶଂସା ଦାମ୍ଭିକତା ନୁହେଁ, ଏହା ତାଙ୍କର ଲିପିଶିଳ୍ପର ପ୍ରକୃତ ପରିଚୟ ମାତ୍ର ।

ଅପୂର୍ବ ବର୍ଣ୍ଣନାଶୈଳୀ—କବି ବିଷୟବସ୍ତୁର ସଂସ୍ଥାନରେ ଯଥାଯଥ ଭାବରେ କ୍ରମ ରକ୍ଷାକରିଛନ୍ତି । ବିଶିଷ୍ଟ କାବ୍ୟମାନଙ୍କରେ ମହାକାବ୍ୟର ବିଧାନ ଅନୁସାରେ ନମସ୍କାର, ସାଧୁପ୍ରଶଂସା ଖଳନିନ୍ଦାଦି ପରେ ନାୟକର ଜନ୍ମ ବୃତ୍ତାନ୍ତାଦି ପ୍ରଥମେ ବର୍ଣ୍ଣନା କରି ପରେ ନାୟିକାର ଜନ୍ମାଦି ପ୍ରସଙ୍ଗ ବର୍ଣ୍ଣନା କରିଛନ୍ତି । କାବ୍ୟରେ ନାୟିକାମାନଙ୍କୁ ମୁଖ୍ୟସ୍ଥାନ ଦେଇଥିବାରୁ ନାୟିକା-ପ୍ରସଙ୍ଗ ଅପେକ୍ଷାକୃତ ବିଶେଷ ସ୍ଥାନ ଅଧିକାର କରିଛି ।

ରୂପଗୁଣାଦି ବର୍ଣ୍ଣନାରେ କବି 'ଅତିମାତ୍ରା' ଅବଲମ୍ବନ କରିଛନ୍ତି । ତେବେ, ପରମ୍ପରା ରୀତି ଏହାକୁ ସମର୍ଥନ କରୁଛି । ପ୍ରାକୃତିକ ଦୃଶ୍ୟ, ନାୟିକାର ରୂପଗୁଣ, ନଗରାଦିର ବର୍ଣ୍ଣନାରେ ପୁଷ୍କଳତା, ତଥ୍ୟ ପ୍ରାଚୁର୍ଯ୍ୟ, ଚମତ୍କାରିତା, ପ୍ରକାଶଭଙ୍ଗୀ ପ୍ରଭୃତି ବିଶେଷ ଭାବରେ ପ୍ରକାଶ ପାଇଛି । ଉପେନ୍ଦ୍ର ଓଡ଼ିଆ ସାହିତ୍ୟ ରାଜ୍ୟର ସର୍ବଶ୍ରେଷ୍ଠ ଲିପିଶିଳ୍ପୀ ।

ପ୍ରକାଶ ଭଙ୍ଗୀରେ ନାଟକୀୟ ଛଟାର ପ୍ରୟୋଗ ଘଟଣାଚକ୍ରଗୁଡ଼ିକୁ ଜୀବନ୍ତ କରିପାରିଛି । କବିଙ୍କ କଳ୍ପନାବିଳାସର ବୈଚିତ୍ର୍ୟ ତାଙ୍କ କାବ୍ୟମାନଙ୍କୁ ଶ୍ରେଷ୍ଠ ଆସନ ଦାନ କରିଛି । ବିଚିତ୍ର କଳ୍ପନାବିଳାସୀ କବିରୂପରେ ଉପେନ୍ଦ୍ର ସାହିତ୍ୟ ରାଜ୍ୟରେ ଅଦ୍ୱିତୀୟ ।

କବି ଭାରତର ଅଦ୍ୱିତୀୟ ପ୍ରାକୃତ କବି ।

ବର୍ଣ୍ଣନାପ୍ରଚୁରତା ବାକ୍‌ପ୍ରଚୁରତା ଓ ଭାଷାପ୍ରଚୁରତା ସମଭାବରେ କାର୍ଯ୍ୟକାରୀ ହୋଇଥିବାରୁ କୃତିଗୁଡ଼ିକ ପ୍ରାଣବନ୍ତ ହୋଇଛି ।

ଉପେନ୍ଦ୍ରଙ୍କ ପ୍ରତ୍ୟେକ ବର୍ଣ୍ଣନା ଶୋଭାମୟ । ସେ ଶୋଭାର ପ୍ରଧାନ ଉପାସକ । ରସିକହୃଦୟ କବି ଶୋଭାକୁ ହିଁ ଦିବ୍ୟ ଚକ୍ଷୁରେ ଦେଖିଛନ୍ତି ।

କବିଙ୍କ ଅପୂର୍ବ ପାଣ୍ଡିତ୍ୟ, ଅନୁଭବ, ରଚନାଶୈଳୀ ତାଙ୍କ କୃତି-ଗୁଡ଼ିକୁ ରସମାଧୁର୍ଯ୍ୟସାଗର କରି ପାରିଛି ।

କବି ଅନ୍ତର୍ଜଗତ ଓ ବହିର୍ଜଗତର ସୌନ୍ଦର୍ଯ୍ୟକୁ ଅତି ସୁନ୍ଦର ଭାବରେ ଚିତ୍ରଣ କରି ପାରିଛନ୍ତି । ଗିରି, ବନ, ନଦୀ, ସରୋବର ଓ ଋତୁ ପ୍ରଭୃତି ପ୍ରାକୃତିକ ଦୃଶ୍ୟର ଶୋଭା ବର୍ଣ୍ଣନା ଯେପରି ହୃଦ୍ୟ ହୋଇଛି, ପାତ୍ରପାତ୍ରୀ-ମାନଙ୍କର ଚରିତ୍ରଚିତ୍ରଣରେ ସମବେଦନା, ଆତ୍ମୋତ୍ସର୍ଗର ସଙ୍କଳ୍ପ, ଦୟାଦି ସଦ୍‌ଗୁଣାବଳୀର ବର୍ଣ୍ଣନା ସେହିପରି ସୁନ୍ଦର ଓ ନିର୍ମଳ ହୋଇଛି । ଆଦର୍ଶ ଚରିତ୍ର, ଆଦର୍ଶ ଦୃଶ୍ୟ ଓ ଆଦର୍ଶ ବର୍ଣ୍ଣନାରେ ପ୍ରତିଫଳିତ ହୋଇ ଜନମନ ହରଣ କରୁଛି, ଏଥିରେ ମତଭେଦର ଅବକାଶ ନାହିଁ । କବିଙ୍କର ସୌନ୍ଦର୍ଯ୍ୟାବ-ବୋଧ ଅସାଧାରଣ । ତାଙ୍କର ସୁନ୍ଦର ସୃଷ୍ଟି ସୁନ୍ଦର ଉପାସକର ପରମ ଆଦରର ସାମଗ୍ରୀ ।

ବର୍ଣ୍ଣନାର ପୁଷ୍କଳତା ଓ 'ଅତିମାତ୍ରା' ଅବାସ୍ତବତାର ଆଭାସ ସୃଷ୍ଟି କରୁଥିଲେ ମଧ୍ୟ କବି ଆଦର୍ଶ ସୌନ୍ଦର୍ଯ୍ୟର ରୂପରେଖରେ ଲକ୍ଷ୍ୟ ରଖିଥିଲେ । ଆଦର୍ଶ ସୁନ୍ଦର ନଗର, ରାଜା, ପ୍ରଜା, କୁମାର, କୁମାରୀ, ନଦୀ, ବନ, ଗିରି, ଋତୁ ପ୍ରଭୃତିର ଚିତ୍ରଣ ତାଙ୍କର ଲକ୍ଷ୍ୟ ।

କାବ୍ୟକବିତା କୋଣାର୍କ—ଉପେନ୍ଦ୍ରଙ୍କ କାବ୍ୟ କବିତା ସାହିତ୍ୟ କ୍ଷେତ୍ରରେ କୋଣାର୍କ ସ୍ୱରୂପ—ପ୍ରତ୍ୟେକ ଅଂଶ ଗୀତିମୟ, ଛନ୍ଦୋମୟ । କୋଣାର୍କରେ ପ୍ରସ୍ତରଗାତ୍ରରେ ଯେପରି ଅତି ସୂକ୍ଷ୍ମାତିସୂକ୍ଷ୍ମ ବିଭାବରି ରମଣୀୟ ଚିତ୍ର ଫୁଟି ଉଠି ସମଗ୍ର ମନ୍ଦିରଟି ଶୋଭାର ଆକର ହୋଇ ପାରିଛି

ଉପେନ୍ଦ୍ରଙ୍କ କବିତାରେ ସୂକ୍ଷ୍ମାତିସୂକ୍ଷ୍ମ ବିଷୟ ମଧ୍ଯ ସେପରି ମନୋଜ୍ଞ ରୂପ ଲାଭ କରିଛି ଏବଂ ସମଗ୍ର କାବ୍ୟକାନ୍ତିକୁ ଶୋଭାର ଆକର କରି ପାରିଛି ।

ଉପେନ୍ଦ୍ରଙ୍କ କାବ୍ୟକବିତା ଅତୁଳନୀୟ । ସେ ଯେଉଁ କାବ୍ୟ-ନାୟିକା ସୃଷ୍ଟି କରି ଯାଇଛନ୍ତି ତାହାର ଶୋଭା ଅତୁଳନୀୟ । ଏପରି ଶୋଭା 'ନାହିଁ, ନଥିଲା, ନୋହିବ' ।

ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟକବିତାରେ ଧ୍ୱନ୍ୟାତ୍ମକ, ବ୍ୟଙ୍ଗାତ୍ମକ, ଅର୍ଥାଲଙ୍କାରଯୁକ୍ତ, ଶବ୍ଦାଲଙ୍କାରଯୁକ୍ତ କାବ୍ୟର ସବୁ ଲକ୍ଷଣ ସମ୍ୟକ୍ ଭାବରେ ସନ୍ନିବେଶିତ ହୋଇଥିବାରୁ ସବୁ ଶ୍ରେଣୀର ଗ୍ରାହକମାନଙ୍କର ସନ୍ତୋଷବିଧାନ କରିପାରୁଛି ଏବଂ ଏଗୁଡ଼ିକୁ ଉତ୍କୃଷ୍ଟ ଶ୍ରେଣୀରେ ସ୍ଥାନ ଦେଇଛି । ଏହି ସବୁ ସଦ୍‌ଗୁଣ ଉପେନ୍ଦ୍ରଙ୍କ ରଚନାକୁ ଅନବଦ୍ୟନୀୟ ସୌନ୍ଦର୍ଯ୍ୟର ଅଧିକାରୀ କରି ପାରିଛି । କବି ସ୍ୱକୃତିମାନଙ୍କରେ ଧ୍ୱନି, ରୂପକ, ଯମକ, ସଂଶୟ, ବିରୋଧ, ଶ୍ଳେଷ ପ୍ରଭୃତି ଅଳଙ୍କାର ଯଥାଯଥ ଭାବରେ ସ୍ଥାନ ପାଇଥିବା ବ୍ୟକ୍ତ କରିଛନ୍ତି ଏବଂ ଏହାଦ୍ୱାରା ତାଙ୍କର କୃତିଗୁଡ଼ିକ ଅତୀବ ରମଣୀୟ ହୋଇ ପାରିଛି ।

ନାୟକନାୟିକାଦି, ସଖାସଖୀ, ଦୂତଦୂତୀ ପ୍ରଭୃତିଙ୍କର କଥୋପକଥନରେ ଛେକୋକ୍ତି (ବକ୍ରୋକ୍ତି), ଗୂଢ଼ୋକ୍ତି ପ୍ରଭୃତିର ଚମତ୍କାର ସମାବେଶ ଏଗୁଡ଼ିକୁ ରସମୟ କରିଛି । ଲକ୍ଷଣା ଓ ବ୍ୟଞ୍ଜନା ରଚନାମାନଙ୍କୁ ଗୌରବମଣ୍ଡିତ କରିଛି ।

ଉପେନ୍ଦ୍ରଙ୍କ କାବ୍ୟମାନଙ୍କରେ ଉତ୍କୃଷ୍ଟ କାବ୍ୟର ଯାବତୀୟ ଲକ୍ଷଣ ପୁଷ୍କଳ ଓ ପୂର୍ଣ୍ଣଭାବରେ ନିହିତ ଅଛି ଏବଂ ଏହି କାରଣରୁ ଏହା ଜନମନୋହର ହୋଇ ପାରିଛି ।

ବୈଦେହୀଶ ବିଳାସ, କୋଟିବ୍ରହ୍ମାଣ୍ଡସୁନ୍ଦରୀ, ସୁଭଦ୍ରା ପରିଣୟ, ଲାବଣ୍ୟବତୀ, ଚିତ୍ରକାବ୍ୟ ବନ୍ଧୋଦୟ ପ୍ରଭୃତି କାବ୍ୟରେ ଅସାଧାରଣ ପ୍ରତିଭା, ଶିକ୍ଷା, ବହୁଶାସ୍ତ୍ରଦର୍ଶିତାଦି ଉଚ୍ଚକୋଟୀର କାବ୍ୟଗୁଣ ସମଷ୍ଟି ଓ ସମ୍ୟକ୍ ଭାବରେ ପ୍ରକାଶ ପାଇଛି ଏବଂ ଏହି କାରଣରୁ କବିଙ୍କ କୃତିଗୁଡ଼ିକ ଅମର ଓ ଆଦରଣୀୟ ହୋଇ ରହିଛି ।

ଦ୍ୱିତୀୟ ପରିଚ୍ଛେଦ

ବିଶ୍ୱନାଥ ଖୁଣ୍ଟିଆ

ବିଶ୍ୱନାଥ ଖୁଣ୍ଟିଆଙ୍କ ବିଚିତ୍ର ରାମାୟଣ ଏକ ବହୁଜନାଦୃତ କାବ୍ୟ । ବିଭିନ୍ନ ରାଗରାଗିଣୀରେ କାବ୍ୟଟି ରଚିତ ହୋଇଥିବାରୁ ଲୀଳାଗାୟକ ଓ ନୃତ୍ୟକାରମାନଙ୍କଠାରେ ଏହା ଆଦର ଲାଭ କରିଛି । କବି ଓଡ଼ିଆ ରାମ-ସାହିତ୍ୟ କ୍ଷେତ୍ରରେ ବିଶିଷ୍ଟ ସ୍ଥାନ ଅଧିକାର କରି ଜନପ୍ରିୟ ହୋଇ ପାରିଛନ୍ତି । ସରଳ ସୁନ୍ଦର ଭାବ, ଭାଷା, ପ୍ରକାଶଭଙ୍ଗୀ ଓ ରାଗରାଗିଣୀର ବୈଚିତ୍ର୍ୟ ଏହି ଜନପ୍ରିୟତାର କାରଣ ।

କବି ଖୋର୍ଦ୍ଧା ରାଜା ଦିବ୍ୟସିଂହ ଦେବଙ୍କ ରାଜତ୍ୱ ସମୟରେ ବିଚିତ୍ର ରାମାୟଣ ରଚନା କରିଥିବା ସ୍ପଷ୍ଟ । କବି ରାଜା ଦିବ୍ୟସିଂହଙ୍କ ନାମ ପ୍ରଥମ ଛାନ୍ଦରେ ଉଲ୍ଲେଖ କରିଛନ୍ତି ।

ଚିଦାନନ୍ଦରେ ହରିପ୍ରିୟା ଭେଟ ସାରି ରତ୍ନସିଂହାସନେ ବିଜେ,
ଶ୍ରୀ ଦିବ୍ୟସିଂହ ଗଜପତି ଶ୍ରୀ ଜଗନ୍ନାଥ ଶ୍ରୀଚରଣେ ଭଜେ ।

(୧ମ ଛାନ୍ଦ)

କବି ବିଶ୍ୱନାଥ ଦୀନକୃଷ୍ଣ, ଲୋକନାଥ, ଉପେନ୍ଦ୍ରଙ୍କ ସମସାମୟିକ । ଦିବ୍ୟସିଂହଙ୍କ ସମୟରେ ଏହି କବିମାନେ ଜଗନ୍ନାଥଙ୍କ ମାହାତ୍ମ୍ୟ ପ୍ରଚାର କରିବା ପାଇଁ ଜଗନ୍ନାଥ ଚରିତ ସମ୍ପର୍କୀୟ କାବ୍ୟକବିତା ଲେଖିଥିଲେ । ଦିବ୍ୟସିଂହଙ୍କ ଉଦ୍‌ବୋଧନରେ ଏମାନେ ଏଭଳି ଗ୍ରନ୍ଥ ଲେଖିଥିବା ସ୍ପଷ୍ଟ ।

ଦୀନକୃଷ୍ଣ 'ଜଗମୋହନ ଛାନ୍ଦ', ଲୋକନାଥ 'ନୀଳାଦ୍ରି ମହୋତ୍ସବ' ଓ ଉପେନ୍ଦ୍ର 'ପୁରୁଷୋତ୍ତମ ମାହାତ୍ମ୍ୟ' ଲେଖିଥିଲେ । ବିଶ୍ୱନାଥ ଏହି ମାହାତ୍ମ୍ୟ

କୀର୍ତ୍ତନ ପାଇଁ 'ବିଚିତ୍ର ରାମାୟଣ' ରଚନା କରିଥିଲେ । ଜଗନ୍ନାଥ ଅବତାରୀ; ଜଗନ୍ନାଥଙ୍କ ରାମାବତାର ସମୟରେ ବିଭୀଷଣ ଜଣେ ପରମ ଭକ୍ତ ଥିଲେ । କଳିଯୁଗରେ ବିଭୀଷଣ ଜଗନ୍ନାଥଙ୍କ ଗୁଣ୍ଡିଚା ଯାତ୍ରା ସମୟରେ ଜଗନ୍ନାଥ ବା ରାମଙ୍କୁ ଦର୍ଶନ କରନ୍ତି । ଏହି ଦକ୍ଷିଣ-ମୂର୍ତ୍ତି ଦର୍ଶନ ସମସ୍ତ ଶ୍ରୀରାମଭକ୍ତଙ୍କ ପକ୍ଷରେ ବଡ଼ ପର୍ବ । ବିଶ୍ୱନାଥ ଗ୍ରନ୍ଥାରମ୍ଭରେ ଜଗନ୍ନାଥଙ୍କ ଗୁଣ୍ଡିଚାଯାତ୍ରା', ବିଭୀଷଣଙ୍କ ଦକ୍ଷିଣ ମୂର୍ତ୍ତି ଦର୍ଶନ, ବାହୁଡ଼ା ପରେ ଜଗନ୍ନାଥ ମନ୍ଦିରରେ ଲକ୍ଷ୍ମୀନାରାୟଣ ଭେଟ ପ୍ରସଙ୍ଗ ଅବତାରଣା କରିଛନ୍ତି । ଜଗନ୍ନାଥ ଲକ୍ଷ୍ମୀଙ୍କୁ ସ୍ୱପୁରରେ ରଖି ବିଦେଶଯାତ୍ରା କରିଥିଲେ । ପରେ ପ୍ରତ୍ୟାବର୍ତ୍ତନ କରିବାରୁ ଲକ୍ଷ୍ମୀନାରାୟଣଙ୍କ ଭେଟ ହେଲା ଓ ବିରହ ତୁଟିଲା । ରାମ ଜଗନ୍ନାଥ, ଓ ସୀତା ଲକ୍ଷ୍ମୀଙ୍କୁ ଦକ୍ଷିଣ ମହୋଦଧିର ରାଜା ବିଭୀଷଣ ଦକ୍ଷିଣ ମହୋଦଧି କୂଳେ ଅବସ୍ଥିତ ମର୍ତ୍ତ୍ୟ ବୈକୁଣ୍ଠ ନୀଳାଚଳ ଧାମରେ ଜଗନ୍ନାଥରୂପୀ ରାମ ଓ ସୀତାଙ୍କୁ ଦର୍ଶନ କରି ପରମ ଆନନ୍ଦ ଲାଭ କରିଥିଲେ । କବି ଗୁଣ୍ଡିଚାରେ ଗ୍ରନ୍ଥ ଆରମ୍ଭ କରି ଗୁଣ୍ଡିଚାରେ ଶେଷ କରିଥିବା ଅନୁମାନ କରାଯାଇ ପାରେ । କାରଣ, ସେ ଲକ୍ଷ୍ମୀନାରାୟଣ ଭେଟରେ ଆରମ୍ଭ କରି ଲକ୍ଷ୍ମୀନାରାୟଣ ଭେଟରେ ଶେଷ କରିଛନ୍ତି ।

ଶ୍ରୀ ଜଗନ୍ନାଥ ଚଢ଼ିଣ ନନ୍ଦିଘୋଷ ଗୁଣ୍ଡିଚା ଘରେ ବିଜୟ,
ଦେଖି ନାଗ ନର ଗନ୍ଧର୍ବ କିନ୍ନର କରୁଥାନ୍ତି ଜୟ ଜୟ ।

ରତ୍ନ କୁଣ୍ଡଳ ମୁକୁଟ ବ୍ୟାଘ୍ରନଖ ଝାରଚୂଳ କଣ୍ଠମାଳ,
ହୃଦୟ ପୂରି ପଦକ ଘଣ୍ଟି ଘଣ୍ଟି ପଦ୍ମମାଳ ପାଦତଳ ।

ହେମ ଶ୍ରୀ ପୟରେ ହେମ ଯେ ଭୁଜରେ ଶୋହେ ହେମ ଧନୁବାଣ,
ଯେବଣ ଦକ୍ଷିଣ ଦର୍ଶନକୁ ଝାକିଥାନ୍ତି ବିଭୀଷଣ ।

ସିଂହଦ୍ୱାରେ ହରି ରଥରୁ ବିଜୟ କରନ୍ତେ କମଳା ଭେଟ,
ସେହି ସମୟରେ ଜନ ସମୂହର ଫିଟିଲା ମୁଦ କବାଟ ।

ଠାକୁର ଠାକୁରାଣୀ ଚନ୍ଦ୍ର ଅଳକା ଦୂର୍ବାକ୍ଷତ ବନ୍ଦାପନ,
ଜୟଧ୍ୱନି ଜଗତରେ ଯେ କରନ୍ତି ଆନନ୍ଦମନ ।

ଜୟ ବିଜୟ ଦ୍ୱାରେ ହରି ବିଜୟ କରି'ଟ ପଡ଼ିବା ଲୀଳା;
ଅନେକମତେ ପ୍ରବୋଧିଣ ପ୍ରିୟାଙ୍କୁ କହିଲେ କମଳଡ଼ୋଳା ।
ତଦନ୍ତରେ ହରି-ପ୍ରିୟା-ଭେଟ ସାରି ରତ୍ନ ସିଂହାସନେ ବିଜେ,
ଶ୍ରୀ ଦିବ୍ୟସିଂହ ଗଜପତି ଶ୍ରୀ ଜଗନ୍ନାଥ ଚରଣେ ଭଜେ ।

(ଆଦ୍ୟକାଣ୍ଡ—୧ମ ଗ୍ରନ୍ଥ)

ଅତେ ବାହୁଡ଼ାର ଶେଷ ଦିନରେ ଲକ୍ଷ୍ମୀନାରାୟଣ ଭେଟ ସମୟରେ ଶ୍ରୀ ଦିବ୍ୟସିଂହ ଗଜପତି ଉପସ୍ଥିତ ଥିବାର ସୂଚନା କବି ଦେଇଥିବାରୁ କବି ସ୍ୱୟଂ ସେଠାରେ ଉପସ୍ଥିତ ଥିଲେ ଏବଂ ସେ ଆନନ୍ଦରେ ଭାଗୀ ହୋଇଥିଲେ ବୋଲି ଅନୁମାନ କରାଯାଏ । କବି ସମସାମୟିକ ଲୋକନାଥ ବିଦ୍ୟାଧର ଓ ଉପେନ୍ଦ୍ର ଭଞ୍ଜଙ୍କ ଲେଖାବଳୀ ସହିତ ପରିଚିତ ହୋଇ ସାରିଥିବା ସ୍ପଷ୍ଟ ।

ଅଷ୍ଟାଦଶ ଶତାବ୍ଦୀର ଖୋର୍ଦ୍ଧା ରାଜା ଦିବ୍ୟସିଂହ ଦେବଙ୍କ ସମୟରେ କବି ଜୀବିତ ଥିଲେ । ବିଚିତ୍ର ରାମାୟଣରେ ଉପେନ୍ଦ୍ର ଭଞ୍ଜଙ୍କ 'ଗ୍ରନ୍ଥଭୂଷଣ' ଓ ଦୀନକୃଷ୍ଣଙ୍କ 'ଗୁଣସାଗର'ର ବାଣୀ ଉଲ୍ଲେଖ ଥିବାରୁ ଶଂସିତ କାବ୍ୟଟି ଏହି ଦୁଇଟି ଗ୍ରନ୍ଥ ପରେ ରଚିତ ହୋଇଥିବା ସ୍ପଷ୍ଟ ! କବି ଅନ୍ୟାନ୍ୟ କେତେକ କବିଙ୍କ ରଚନାର ବାଣୀ ମଧ୍ୟ ଦେଇଛନ୍ତି । ଏଥିରୁ 'ଗୋପୀ ଜୀବନ' ଚଉତିଶାଟି କବି ଶ୍ରୀକରଙ୍କଦ୍ୱାରା ରଚିତ; କିନ୍ତୁ କବିଙ୍କ ସମୟ ଜଣାନାହିଁ । 'ରସିକ ଚଉତିଶା' ନାମକ ଦୁଇଟି ଚଉତିଶା ଥିବା ଜଣାଯାଏ; ଗୋଟିକର କବି ଦୀନକୃଷ୍ଣ ଦାସ ଓ ଅନ୍ୟଟିର କବି ଭୂପତି ପଣ୍ଡିତ । ଉଭୟେ ବିଶ୍ୱନାଥଙ୍କ ସମସାମୟିକ ବା ଅଳ୍ପ ପୂର୍ବବର୍ତ୍ତୀ । ଉତ୍ତରାକାଣ୍ଡରେ 'ବହିଲ ବାଣୀ'ର ନିର୍ଦ୍ଦେଶ ଦୀନକୃଷ୍ଣଙ୍କ 'ବହିଲ ଚଉତିଶା' ର 'ବାଣୀ ଅନୁସାରେ ହୋଇଥିବା ସମ୍ଭବ । 'ନନ୍ଦାବାଇ ଚଉତିଶା'ର କବି ଜଣା ପଡ଼ୁ ନ ଥିଲେ ମଧ୍ୟ ନନ୍ଦାବାଇ ନାମକ ଜଣେ ଚୈତନ୍ୟଙ୍କ ସମସାମୟିକ ଭକ୍ତ ଥିବା ଈଶ୍ୱର ଦାସଙ୍କ ଶ୍ରୀ ଚୈତନ୍ୟ ଭାଗବତ ଗ୍ରନ୍ଥରୁ ଜଣାଯାଏ । ଏ ନନ୍ଦାବାଇ ପଞ୍ଚସଖାଙ୍କର ମଧ୍ୟ ସମସାମୟିକ । ପୁରୀରେ ଚୈତନ୍ୟଙ୍କ ତିରୋଧାନ ହୋଇଥିଲା । ତାଙ୍କର

ଶୁଦ୍ଧିନିୟାଦି ଶ୍ରାଦ୍ଧୋତ୍ସବ ପୁରୀରେ ସମାହିତ ହୋଇଥିଲା । ଏହାପରେ ବିଦେଶାଗତ ବୈଷ୍ଣବ ମହନ୍ତଙ୍କୁ ରାଜା ପ୍ରତାପରୁଦ୍ର ବିଦାୟ ଦେଇଥିଲେ । ପୁରୀରେ ପଞ୍ଚସଖାଦି ବହୁ ବୈଷ୍ଣବ ଓ ମହନ୍ତ ରହିଲେ । ଏମାନଙ୍କ ଭିତରେ ନନ୍ଦାବାଇ ଅନ୍ୟତମ ।

> ପଞ୍ଚସଖାଏ ଆଦିକରି, ରହିଲେ ପୁଣ ନୀଳଗିରି ।
> ସଙ୍ଗତେ ବୈଷ୍ଣବ ଅନେକ, ନୃପତି ଅଟଇ ବିବେକ ।
> ବୈଷ୍ଣବ ସଭା ନିତ୍ୟେ କରି, ମହନ୍ତ ମାନନ୍ତ ହକାରି ।
> ସୁମତି ଅଚ୍ୟୁତ ଯେ ଦାସ, ନନ୍ଦାବାଇ ହକାରି ପାଶ ।
>
> (୬୫ ଅଧ୍ୟାୟ)

ଭକ୍ତ ନନ୍ଦାବାଇ ଯଦି ନନ୍ଦାବାଇ ଚଉତିଶାର କବି ହୋଇ ଥାଆନ୍ତି, ତାହାହେଲେ ସେ ବିଶ୍ୱନାଥଙ୍କ ବହୁ ପୂର୍ବବର୍ତ୍ତୀ । ଏସବୁ ଅନୁମାନ ମାତ୍ର ।

ବିଚିତ୍ର ରାମାୟଣରେ ଉଲ୍ଲେଖ କରାଯାଇଥିବା ଅନ୍ୟ କବିମାନଙ୍କର ବାଣୀ—

୧ । ଗୁଣ ସାଗର ବାଣୀ—	୧ମ ଛାନ୍ଦ	ଆଦ୍ୟକାଣ୍ଡ
୨ । ତ୍ରିସଙ୍ଗମ ତିଆରି ,, —	୧୨ଶ ,,	,,
୩ । ମୁନିବର ,, —	୩୦ଶ ,,	,,
୪ । ଚଉତିଶା ,, —	୪୩ଶ ,,	,,
୫ । ଚଳଇ ରଥ ,, —	୧ମ ,,	ଅଯୋଧ୍ୟା
୬ । ଜଳଦ ,, —	୧୮ଶ ,,	,,
୭ । ମାନଧାତା ମଧୁପ ବୃତ୍ତେ—	୧୯ଶ ,,	,,
୮ । ଭକ୍ତଙ୍କ ଚଉପଦୀ ଭୂଷଣ ବୃତ୍ତେ—	୨ୟ ,,	ଆରଣ୍ୟକ
୯ । ବିପ୍ରସିଂହା ବାଣୀ—	୩ୟ ,,	,,
୧୦ । କୁସୁମସୌରଭ ,, —	୨୨ଶ ,,	,,
୧୧ । ମଥୁରା ବିଜୟ ବୃତ୍ତେ—	୨୬ଶ ,,	,,

୧୨ । କଳସା ବାଣୀ	୧୨ଶ ଛାନ୍ଦ	କିଷ୍କିନ୍ଧ୍ୟା
୧୩ । ଗୋପୀ ଜୀବନ ବୃତ୍ତେ—(କେଦାର)	୧୫ଶ ,,	,,
୧୪ । ଶ୍ରୀ ଭାଗବତ ବୃତ୍ତେ—	୨୯ଶ ,,	ଆରଣ୍ୟକ
୧୫ । ଛନ୍ଦବ ଚଉତିଶା ବାଣୀ—	୪ର୍ଥ ,,	ଲଙ୍କା
୧୬ । କୋଟାଇ ଗୁଣ୍ଡିଚ୍ଛ ବୃତ୍ତେ—(କେଦାର ଗୌଡ଼ା)	୬ଷ୍ଠ ,,	,,
୧୭ । ନନ୍ଦବାଇ ଚଉତିଶା ବାଣୀ—(ସିନ୍ଧୁ କାମୋଦୀ)	୧୮ଶ ,,	,,
୧୮ । ଗୋପ ବିଳାପ ବୃତ୍ତେ—(ଚନ୍ଦ୍ରାଭୈରବ)	୨୨ଶ ,,	,,
୧୯ । କୃଷ୍ଣକଳା ବୃତ୍ତେ—	୨୦ଶ ,,	,,
୨୦ । ଛନ୍ଦବ ଗୀତା ୨ୟ ଛାନ୍ଦ ବୃତ୍ତରେ ଗାଇବ—	୩୧ଶ ,,	,,
୨୧ । ଯଦୁ ବୋଲି ବୃତ୍ତେ ଗାଇବ—	୩୪ଶ ,,	,,
୨୨ । କୋଟାଇ ଗୁଣ୍ଡିଚ୍ଛ ବସନ୍ତ ବାଣୀ (ରଣ ବଜେ)-	୪୦ଶ ,,	,,
୨୩ । ଦାଧିମନ୍ଥନ ବୋଲି ଚକ୍ରକେଳୀ ବାଣୀ—	୪୧ଶ ,,	,,
୨୪ । ମୁନିବର ବାଣୀ—	୨ୟ ,,	ଉତ୍ତର
୨୫ । ବଉଳ ବୃତ୍ତେ—	୯ମ ,,	,,

କବି ସାତକାଣ୍ଡ ରାମାୟଣ ଗ୍ରନ୍ଥରେ ରଚନା କରିଥିବା ବ୍ୟକ୍ତ କରିଛନ୍ତି ।

ନାଶ ସକଳ ବିପତ୍ତି ଜଗନ୍ନାଥ ଦର୍ଶନେ,
ସାତକାଣ୍ଡ ରାମାୟଣ ବିଶ୍ୱନାଥ ମୁଁ ଭଣେ । (ଶେଷ ଛାନ୍ଦ)

କବି ବିଚିତ୍ର ରାମାୟଣ କାବ୍ୟରେ କେବଳ ଶେଷ ଛାନ୍ଦରେ ନିଜର ପୂର୍ଣ୍ଣନାମ 'ବିଶ୍ୱନାଥ' ଲିପିବଦ୍ଧ କରିଛନ୍ତି । ଅନ୍ୟ ସବୁ ଛାନ୍ଦରେ 'ବିଶି', 'ଦୀନ ବିଶି' ଓ 'ଦୀନହୀନ ବିଶି' ଲେଖିଛନ୍ତି । କୌଣସିଠାରେ ଖୁଣ୍ଟିଆ ସାଙ୍ଗିଆ ବ୍ୟବହାର କରିଥିବା ଜଣାଯାଉନାହିଁ । ସ୍ୱର୍ଗତ ତାରିଣୀଚରଣ ରଥ ତାଙ୍କ 'ଉତ୍କଳ ସାହିତ୍ୟର ଇତିହାସ' (୧୯୧୬) ବହିରେ ଲେଖିଛନ୍ତି—"କବିଙ୍କର ବାସସ୍ଥାନ ପୁରୀ ଥିଲା । ତାହାଙ୍କର ନାମ ବିଶ୍ୱନାଥ ଦାସ । ସେ ପୁରୁଷୋତ୍ତମରେ ବିଶ୍ୱନାଥ ଖୁଣ୍ଟିଆ ନାମରେ ପରିଚିତ ଥିଲେ ।" ଏହାକୁ ଅବଶ୍ୟ କିମ୍ବଦନ୍ତୀ ଉପରେ ନିର୍ଭର କରି ରଥ ମହାଶୟ ଲେଖିଛନ୍ତି ।

ବିଶ୍ୱନାଥ ସାଧାରଣତଃ ବିଶ୍ୱନାଥ ଖୁଣ୍ଟିଆ ନାମରେ ପରିଚିତ ହେଉ-ଛନ୍ତି । କବିଙ୍କ ବାସସ୍ଥାନ ପୁରୀ ଥିବା କୁହାଯାଉଥିଲେ ମଧ୍ୟ ଏ ସମ୍ବନ୍ଧରେ କୌଣସି ତଥ୍ୟ ମିଳୁନାହିଁ । ତେବେ, ସେ ଖୋର୍ଦ୍ଧା ରାଜା ଦିବ୍ୟସିଂହ ଦେବ ୧ମଙ୍କ ସମୟରେ ପୁରୀରେ ଜଗନ୍ନାଥଙ୍କ ରଥଯାତ୍ରା ସମୟରେ ଉପସ୍ଥିତ ଥିବା ତାଙ୍କ କାବ୍ୟରୁ ଜଣାପଡ଼ୁଛି । ଏହା ବ୍ୟତୀତ କବିଙ୍କ ସମ୍ବନ୍ଧରେ ଅନ୍ୟ କୌଣସି ତଥ୍ୟ ତାଙ୍କର ଗ୍ରନ୍ଥରୁ କି ଅନ୍ୟମାନଙ୍କ କୃତିରୁ ମିଳୁନାହିଁ ।

ଗ୍ରନ୍ଥ କଳେବର—ବିଚିତ୍ର ରାମାୟଣ ସାଧାରଣତଃ 'ବିଶି ରାମାୟଣ' ନାମରେ ସର୍ବସାଧାରଣରେ ପରିଚିତ । କବି ଭଣିତାରେ ନିଜକୁ ବିଶି ବୋଲି ପ୍ରତ୍ୟେକ ଛାନ୍ଦରେ ପରିଚିତ କରାଇଥିବାରୁ ଏହି କାବ୍ୟଟି କବିଙ୍କ ନାମ ସହିତ ଯୁକ୍ତ ହେଉଛି । 'ବିଚିତ୍ର ରାମାୟଣ' ଓ 'ବିଶି ରାମାୟଣ' ଉଭୟ ନାମରେ ଗ୍ରନ୍ଥଟି ପରିଚିତ ହେଉଛି ।

'ବିଚିତ୍ର ରାମାୟଣ'ର ପ୍ରତ୍ୟେକ ଛାନ୍ଦର ଶେଷରେ କବି ନିଜର ସଂକ୍ଷିପ୍ତ ଡାକ ନାମକୁ ଭଣିତାରେ ଯୋଗ କରିଛନ୍ତି । ତେବେ, କେତେକ ମୁଦ୍ରିତ ଗ୍ରନ୍ଥରେ ବିକ୍ରମ ନରେନ୍ଦ୍ର, ଦ୍ୱିଜ ପଦ୍ମନାଭ, କବି ଲକ୍ଷ୍ମଣ, ଗୋପୀ, ନାରଣଙ୍କ ରଚିତ କେତେଗୁଡ଼ିଏ ଛାନ୍ଦ ପ୍ରକ୍ଷିପ୍ତ ହୋଇଛି । ଏଥିରୁ ବିକ୍ରମ ନରେନ୍ଦ୍ର, ଗୋପୀନାଥ ଓ ପଦ୍ମନାଭଙ୍କ ଛାନ୍ଦ ସଂଖ୍ୟା ବେଶି । ରାଜା ବିକ୍ରମ ନରେନ୍ଦ୍ରଙ୍କ 'ରାମଲୀଳା' ଏକ ବହୁଜନାଦୃତ କାବ୍ୟ । ବିଚିତ୍ର ରାମାୟଣ

ନୃତ୍ୟ ଓ ଗୀତ ସହ ବୋଲାଯାଉଥିବାରୁ ନୃତ୍ୟଗୀତର ପ୍ରଭାବକୁ ଘନୀଭୂତ କରିବା ଉଦ୍ଦେଶ୍ୟରେ ଏପରି କରାଯାଇଥିବା ସମ୍ଭବ । ପ୍ରକ୍ଷିପ୍ତ ଅଂଶ ତ୍ୟକ୍ତ ହେଲେ ବିଚିତ୍ର ରାମାୟଣର କଥାବସ୍ତୁ ବା ନୃତ୍ୟଗୀତ ପ୍ରଭାବରେ କୌଣସି କ୍ଷତି ଘଟିବ ନାହିଁ । ବର୍ତ୍ତମାନ ଏକ ମୁଦ୍ରିତ ସଂସ୍କରଣରେ ୨୮୯ଟି ଛାନ୍ଦ ଥିବା ଦେଖା ଯାଉଛି, ଏଥିରୁ ୫୨ଟି ଛାନ୍ଦ ଅନ୍ୟ କବିମାନଙ୍କର । ବିଶ୍ୱନାଥଙ୍କ ରଚିତ ଛାନ୍ଦ ସଂଖ୍ୟା ୨୩୭ । ପ୍ରାଚୀନ ମୁଦ୍ରିତ ସଂସ୍କରଣମାନଙ୍କରେ କେବଳ କବିଙ୍କ ରଚିତ ଛାନ୍ଦଗୁଡ଼ିକ ଥିବା ଜଣାଯାଏ ।

ରାମ-ଚରିତର ମୁଖ୍ୟ ମୁଖ୍ୟ ଜନପ୍ରିୟ ପ୍ରସଙ୍ଗ ଗୁଡ଼ିକ ଏଥିରେ କବି ବର୍ଣ୍ଣନା କରିଛନ୍ତି । ରାମାୟଣର କାଣ୍ଡମାନଙ୍କର ନାମାନୁସାରେ ଛାନ୍ଦ-ଗୁଚ୍ଛ ସଜ୍ଜିତ ହୋଇଛି । ପ୍ରତ୍ୟେକ କାଣ୍ଡର ସୂଚନା ସେହି ଗୁଚ୍ଛ ଭିତରେ ଦିଆଯାଇଛି ।

କବି ବିଶ୍ୱନାଥ ଖୁଣ୍ଟିଆ କେତେକ ଛାନ୍ଦର ରାଗ ସହିତ ତାଳ ମଧ୍ୟ ନିର୍ଦ୍ଦେଶ କରିଛନ୍ତି । ବାଦ୍ୟ ଓ ନୃତ୍ୟସହ ଛାନ୍ଦ ଗାନ ହେବା କବିଙ୍କର ଲକ୍ଷ୍ୟ ଥିଲା । ବର୍ତ୍ତମାନ ମଧ୍ୟ ଓଡ଼ିଶାର ବହୁସ୍ଥାନରେ ଶ୍ରୀରାମ ନବମୀ ଉତ୍ସବ ଉପଲକ୍ଷେ ସମଗ୍ର ବିଚିତ୍ର ରାମାୟଣଟି ଛାନ୍ଦ, ବାଦ୍ୟ ଓ ନୃତ୍ୟସହ ଉନ୍ମୁକ୍ତ ମଞ୍ଚ ଉପରେ ଅଭିନୀତ ହୋଇଥାଏ । କବିଙ୍କ ବିଚିତ୍ର ରାମାୟଣ ବହୁ ଦିନରୁ ବହୁ ଜନାଦୃତ ନୃତ୍ୟରାମାୟଣ ବା ରାମଲୀଳାରୂପେ ଗୃହୀତ ହୋଇ ଆସୁଛି ।

ସମଗ୍ର ଆଦ୍ୟକାଣ୍ଡରେ ତାଳର ନିର୍ଦ୍ଦେଶ ନାହିଁ । ଅନ୍ୟାନ୍ୟ କାଣ୍ଡର ସବୁ ଛାନ୍ଦରେ ମଧ୍ୟ ତାଳ ଲିଖିତ ହୋଇ ନାହିଁ । କେତୋଟି ରାଗ ଓ ତାଳର ନାମ—

ରାଗ – କାମୋଦୀ ତାଳ, ସରିମାନ, ବିପ୍ରସିଂହାବାଣୀ – 'ଦଣ୍ଡକ ଅରଣ୍ୟ ରାମ' ।

ରାଗ—ଭଟିଆରି, ପଢ଼ତାଳ, "ମାରୀଚ ମୁଖରୁ ଶୁଣି ।"
ରାଗ—ମୁଖାରି, ପଟତାଳ, "ହେମ ହରିଣୀ ଧୀରେ ।"
ରାଗ—ମଧୁକେରି ପଢ଼ତାଳ, "ଲକ୍ଷ୍ମଣ ଯାଇ ଜାନକୀ ଯାଇ ।"

କବି ଜଗନ୍ନାଥରୂପୀ ରାମଙ୍କ ଚରିତ ଗାୟନ କରିବା ନିମନ୍ତେ ଉତ୍ସୁକ ହେଲେ । ମହାକବି ମୁନି ବାଲ୍ମୀକି 'ଶତକୋଟି ଗ୍ରନ୍ଥସାର' ରାମଚରିତକୁ "ସୁଧାସାଗରୁ କୁଶ ଅଗ୍ରେ ଆଣିଲେ ଯେତକ ନୀର" ନ୍ୟାୟରେ ରାମାୟଣ ରଚନା କଲେ । ଆନନ୍ଦ ମନରେ 'ମୁନି ଚବିଶସହସ୍ର' ଗ୍ରନ୍ଥ ରଚନା କଲେ ।

ସେ ରାମାୟଣ ଶତଭାଗ କରିଣ ଭାଗେ ଇନ୍ଦ୍ରିରୁ ଆଣିଲେ,
ବିବିଧ ରାଗରେ ଉତ୍କଳ ଭାଷାରେ ଗୀତ କରିଣ ଗାଇଲେ । (୧ମ ଛାନ୍ଦ)

କବି ଏଠାରେ ନିଜ ରଚନାକୁ ଲକ୍ଷ୍ୟ କରିଛନ୍ତି । କବିଙ୍କର ପ୍ରାୟ ଦୁଇଶତ ବର୍ଷ ପୂର୍ବରୁ ଓଡ଼ିଆ ଭାଷାରେ କୃପାସିନ୍ଧୁ ବଳରାମ ଦାସଙ୍କ ଜଗମୋହନ ବା ଦାଣ୍ଡି ରାମାୟଣ ରଚିତ ହୋଇ ସାରିଥିଲା । ଏହି ରାମାୟଣ-ଚରିତ ଓଡ଼ିଶାରେ ବହୁଜନପ୍ରିୟ ହୋଇଥିଲା । କିନ୍ତୁ ଛାନ୍ଦବନ୍ଧରେ ଏହି ଚରିତ ଲେଖିବା ପ୍ରୟାସ ଧନଞ୍ଜୟଙ୍କଠାରୁ ବିଳିଷ୍ଟ ଭାବରେ ଆରମ୍ଭ ହୋଇଛି । 'ରାମବିଭା'ଆଦି କାବ୍ୟ ଅଳ୍ପ ପରିସର ମଧ୍ୟରେ ରଚିତ ହୋଇଛି । ସମଗ୍ର ରାମାୟଣ ଚରିତର ବିରାଟ ଆକାର ତୁଳନାରେ ଏହା ଅତି କ୍ଷୁଦ୍ର ହୋଇଥିଲା । ବିସ୍ତୃତ ପାଣ୍ଡିତ୍ୟପୂର୍ଣ୍ଣ କାବ୍ୟ ଓ ଗୌରବମଣ୍ଡିତ ରଚନା ଉପେନ୍ଦ୍ରଙ୍କଦ୍ୱାରା ରଚିତ ହେଲା । ଉପେନ୍ଦ୍ର, ବିଶ୍ୱନାଥଙ୍କ ସମସାମୟିକ । 'ବୈଦେହୀଶବିଳାସ'ର ରଚନା ପରେ କି ପୂର୍ବରୁ 'ବିଚିତ୍ରରାମାୟଣ' ରଚିତ ହୋଇଛି କହି ହେଉ ନାହିଁ, ତେବେ ଉଭୟେ ଖୋର୍ଦ୍ଧା ରାଜା ଦିବ୍ୟସିଂହଙ୍କଠାରୁ ପୃଷ୍ଠପୋଷକତା ଲାଭକରିଥିବାରୁ ଉଭୟେ ରାଜାଙ୍କ ପ୍ରୋତ୍ସାହରେ ଜଗନ୍ନାଥ, ରାମଚରିତ କାବ୍ୟ ରଚନା କରିଥିବା ଅନୁମାନ କରାଯାଇପାରେ ।

ବୈଦେହୀଶବିଳାସ ଏକ ପାଣ୍ଡିତ୍ୟପୂର୍ଣ୍ଣ କାବ୍ୟ, ଲୀଳା ପାଇଁ ଯୋଗ୍ୟ ନୁହେଁ । ବିଚିତ୍ର ରାମାୟଣ ଲୀଳାଯୋଗ୍ୟ ଶୈଳୀରେ ରଚିତ ହୋଇଛି । ସମଗ୍ର ରାମଚରିତ ଏଥିରେ ଥିବାରୁ ଲୀଳା ପକ୍ଷରେ ଏହାର ଉପଯୋଗିତା ବିଶେଷ ଭାବରେ ବୃଦ୍ଧି ପାଇଛି । ଜନସାଧାରଣ ବିଭିନ୍ନରୋଚକ ରାଗରାଗିଣୀରେ ସରଳ ସୁନ୍ଦର ଭାଷାରେ ରଚିତ ଏହି ରାମଲୀଳା 'ବିଚିତ୍ର ରାମାୟଣ'କୁ ବେଶି ଆଦର କରିଥିବା ଓ କରୁଥିବା ସ୍ୱାଭାବିକ ।

ବିଶ୍ୱନାଥଙ୍କ ପରେ ରାଜା ବିକ୍ରମ ନରେନ୍ଦ୍ର, ଅନଙ୍ଗ ନରେନ୍ଦ୍ର, ଶୈବ୍ୟ ସଦାଶିବ ଓ ଈଶ୍ୱର ଦାସ ପ୍ରଭୃତି ରାମଲୀଳା ରଚନା କରିଛନ୍ତି । ବିଚିତ୍ର ରାମାୟଣ ଅପେକ୍ଷା ଏହି ଲୀଳାମାନଙ୍କରେ ଅଧିକ ଲୀଳା-ଉପଯୋଗୀ ଉପକରଣ ରହିଛି; ଏଗୁଡ଼ିକ ମଧ୍ୟରେ ଶ୍ରୋତାମଣ୍ଡଳୀକୁ ଘନ ଘନ ସମ୍ବୋଧନ ଅନ୍ୟତମ ।

କବି ରାମଚରିତ ରଚନାରେ ଦୋଷ ନ ଘେନି ଶ୍ରୀରାମଙ୍କ ପ୍ରତି ଭକ୍ତି ଘେନିବାକୁ ବୁଧଜନମାନଙ୍କୁ ନିବେଦନ କରିଛନ୍ତି, ଏଥିରୁ ତାଙ୍କର ଭକ୍ତ-ଜନୋଚିତ ଦୈନ୍ୟ ଓ ନିବିଡ଼ ଶ୍ରୀରାମ ଭକ୍ତି ପ୍ରମାଣିତ ହେଉଛି ।

ହେ ବୁଧଜନ ନ ଘେନ ମୋର ଦୋଷ ଶ୍ରୀରାମ ଭକତି ଘେନ,
କବିର ଦୋଷକୁ ବିଚାର ନକର ନମାମି ହେ କବିଜନ ।

ବିଶ୍ୱନାଥ ବିଭିନ୍ନ ରସର ଛାନ୍ଦ ରଚନାରେ ଭାବବ୍ୟଞ୍ଜକ ଭାଷା ପ୍ରୟୋଗ କରି ରଚନାଗୁଡ଼ିକୁ ରସାପ୍ଲୁତ ଓ ହୃଦ୍ୟ କରି ପାରିଛନ୍ତି । କାବ୍ୟର ବହୁଳାଂଶ ବିବରଣାତ୍ମକ ପଦ ହେଲେ ମଧ୍ୟ ସ୍ଥାନେ ସ୍ଥାନେ ସେ କବିତ୍ୱ ଶକ୍ତି ପ୍ରଦର୍ଶନ କରିଛନ୍ତି । ବିଭିନ୍ନ ରସର କବିତାରେ ରସୋପଯୋଗୀ ଭାଷା ବ୍ୟବହାର କରି କବିତାକୁ ମାଧୁର୍ଯ୍ୟପୂର୍ଣ୍ଣ କରିଛନ୍ତି ।

ରାମ ବନବାସ କରିବାକୁ ସ୍ଥିର କରିବାରୁ ମାତା କୌଶଲ୍ୟାଙ୍କ ହୃଦୟ ବିଷାଦରେ ପୂର୍ଣ୍ଣ ହୋଇ ଯାଇଛି । ତେବେ ଛାନ୍ଦର କ୍ଷୁଦ୍ର ପରିସର ବନ୍ଧନ ଯୋଗୁଁ କବି କବିତାର ପଦସଂଖ୍ୟା ବୃଦ୍ଧି କରି ନପାରି କ୍ଷୁଦ୍ର କରିଛନ୍ତି ।

ନ ଯା ରାମ ନ ଯା ଧନ ରେ ବନବାସ କରି ରେ
ଆରେ କୋଦଣ୍ଡ ଧନୁଧାରୀ ରେ
ତୁ ଯେବେ ବନକୁ ଯିବୁ ମୋ ଗଳେ ଦିଅ ଛୁରୀ ରେ । (ଘୋଷା)
(ଅଯୋଧ୍ୟାକାଣ୍ଡ)

କବିଙ୍କ ବିବରଣାତ୍ମକ ଛାନ୍ଦଗୁଡ଼ିକରେ ଭାଷାର ମାଧୁର୍ଯ୍ୟ ଅଛି; ବର୍ଣ୍ଣନା କ୍ରମର ଗତି ପ୍ରବାହ ଅବାରିତ ।

ମିଛ ଦେଲେ ଯାହା ନେଇ,
ଗ୍ରାମ ଦେଲେ ବାହୁଡ଼ାଇ
ବଟକ୍ଷୀରେ ଜଟା ସଜ କଲେ ରାମ ସେଠାରେ ସେ ଦିନ ରହି ।
ପାନକଲେ ଗଙ୍ଗା ବାରି,
ହୋଇଲେକ ଜଟାଧାରୀ
ପୋଇ ବୃକ୍ଷ ଆ ତରୁମୂଳେ ଶୋଇଲେ କୁଶାଙ୍କୁର ଶଯ୍ୟା କରି ।
ଜଗି ରହିଲେ ଲକ୍ଷ୍ମଣ,
ଧନୁରେ ପୂରାଇ ବାଣ
ଗୁହଶବର ମିତ୍ରବର ଉନିଦ୍ର ହୋଇଲା ସୈନ୍ୟ ଘେନଣ ।
ସୁମନ୍ତ୍ର ମେଲାଣି ହେଲେ,
ରଥ ବାହୁଡ଼ାଇ ନେଲେ
ସେଠାରୁ ଶ୍ରୀରାମ ଲକ୍ଷ୍ମଣ ଜାନକୀ ପଦ୍ଧରେ ବିଜୟ କଲେ ।
କେତେଦୂର ପଥ ଗଲେ,
ଭେଲାରେ ଗଙ୍ଗା ତରିଲେ
ବାଣ୍ଟାବଟ ନିକଟରେ ଭରଦ୍ୱାଜ ମୁନିଙ୍କ ମଠ ଦେଖିଲେ ।
(ଅଯୋଧ୍ୟାକାଣ୍ଡ)

ଦଣ୍ଡକବନବର୍ଣ୍ଣନା ବିବରଣାତ୍ମକ ହୋଇଛି । ଅଳ୍ପପଦରେ ବର୍ଣ୍ଣନା ଶେଷ ହୋଇଥିବାରୁ ପୂର୍ଣ୍ଣଚିତ୍ର ନ ମିଳିଲେ ମଧ୍ୟ ବନର ଧାରଣା ମନରେ କରି ହେଉଛି । କଳ୍ପନା ବିଳାସର ଅଭାବ ଯୋଗୁଁ କବିତା ରସଗର୍ଭକ ହୋଇପାରି ନଥିଲେ ମଧ୍ୟ ଚରିତ ବର୍ଣ୍ଣନା ପ୍ରବାହରେ ସାହାଯ୍ୟ କରୁଛି ।

ଏଥୁ ଅନନ୍ତରେ ମହାବନାନ୍ତରେ ପ୍ରବେଶ ହୋଇଲେ ଶ୍ରୀରାମ
ଦଣ୍ଡକ ଅରଣ୍ୟେ ସୀତାଙ୍କୁ ଦେଖାନ୍ତି ଦେଇଣ କନ୍ଧେ ଭୁଜ ବାମ ।
ଗୋ ସଜନି, ତରୁମାନେ ଯେ ଅଭିରାମ,
ଫଳେପୁଷ୍ପେ ଲତା ଅତି ଅପ୍ରମିତା କି ଅବା ଶଙ୍କର ଅଗ୍ରାମ ।୧।

ଶୁକ ସାରୀ ସଙ୍ଗେ ଅଛନ୍ତି ବିହଙ୍ଗେ ଫଳ ଲୋଭେ ଯେ ନ ଗ୍ରୁଡ଼ନ୍ତି
ବିହଙ୍ଗ ସଙ୍ଗରେ କ୍ରୀଡ଼ା କରିବାରେ ବିବିଧ ଧ୍ୱନିକି ଭାଷନ୍ତି ।
ଗୋ ସଜନି, ଦେଖାଇ ଶ୍ରୀରାମ ସନ୍ତୋଷ,
ତମାଲର ମାଳ ତଳରେ କସ୍ତୁରୀ ଜୀବ ଚରନ୍ତି ଯେ ବିଶେଷ ।୨।

ସିଂହ ଶାର୍ଦ୍ଦୂଳ ଗଣ୍ଡା ଗଜ ଗଯ୍ଳ ମର୍କଟ ଭାଲୁଙ୍କର କୁଳ
ମୃଗ ଶୂକର ସମ୍ବର ହରିଣ କୃଷ୍ଣାଜିନର ସଙ୍ଗେ ମେଳ ।
ସେ ଜାନକୀ, ସହିତେ ରାମ ଯେ ସନ୍ତୋଷ
ଏହି ସମୟରେ ପ୍ରବେଶ ହୋଇଲା ବିରାଧ ନାମରେ ରାକ୍ଷସ ।୩।
(ଆରଣ୍ୟକ)

ବିଭିନ୍ନ ସ୍ଥଳରେ ବର୍ଣ୍ଣନା ବିବରଣାତ୍ମକ ହୋଇଥିଲେ ମଧ୍ୟ ରସସୃଷ୍ଟି କରିବାରେ ସମର୍ଥ ହୋଇ ପାରିଛି ।

ବିବାହପରେ ରାମସୀତାଙ୍କ ମଧୁଶଯ୍ୟା ପ୍ରସଙ୍ଗରେ ସଖୀମାନଙ୍କର ରହସ୍ୟପୂର୍ଣ୍ଣ ଉକ୍ତି—

ଗଜଗମନୀକି ସୁବେଶ କରି ସହଚରୀମାନେ
ସମର୍ପିଲେ ଶ୍ରୀରାମ ପାଶେ,
ଅତି ସୁକୁମାରୀ ଆମ୍ଭ କୁମାରୀ ନବବୟସୀ
ନ ଜାଣନ୍ତି ସୁରତି ବିଶେଷେ ହେ ରାଘବ ।
ମନମଥ ମନ ମୋହନୀ, ସୁଖେ ଭୋଗ କର ଏ ରଜନୀ ।

ନୁହଇଟି ଏ ଶିବଧନୁ ଶିରୀଷ କୁସୁମ ତନୁ
ନ ଧରିବ ଅତି ସାହସେ
ଜାତି କୁସୁମେ ମଧୁପ ମଧୁପାନ କରେ କିଏ
ଶେଷେ ଯେସନେ ପୀଡ଼ା ନପାଏ ସେ ।।
(ଆଦ୍ୟକାଣ୍ଡ)

ମଧୁଶଯ୍ୟା ପରେ ସୀତାଙ୍କ କେଳିବାହୁଡ଼ା ବେଶର ବର୍ଣ୍ଣନା ସଂକ୍ଷିପ୍ତ ହୋଇଥିଲେ ମଧ୍ୟ ଉପମା, ଉତ୍ପ୍ରେକ୍ଷାର ବ୍ୟବହାର ଏହାକୁ ସୁନ୍ଦର କରିଛି ।

ଫିଟିଛି କୁସୁମ ସଜ୍ଜିତ ବେଣୀ, କାଳିନ୍ଦୀରେ ଖସେ କି ହଂସ ଶ୍ରେଣୀ,
ରାହୁ ମୁଖରୁ କି ଖସିଲା ଶଶୀ, ସରୋଜନେତ୍ରୀ ସେହି ମତେ ଦିଶି ।
ଲିଭିଛି ଚନ୍ଦନ, ବର୍ତ୍ତୁଳ କୁଚେ ନଖକ୍ଷତମାନ ।
ତୁଟିଛି ଉର ହାର ଗଜମୋତି, ତୁଟିଛି ଅଧର ରଙ୍ଗିମା ଜ୍ୟୋତି ।

× ରଙ୍ଗିମା ଦିଶୁଛି ନୟନ ବେନି, କାନ୍ତ ଅନୁରାଗ ଅଛି କି ଘେନି,
ଫିଟିଛି ବସନ, ପାଣିରୁ ଅନ୍ତର ଜବା କାଞ୍ଚନ ।

ଶୁଣି କେଉଁ ସଖୀ ବୋଲେ ବଚନ, କମ୍ପୁଥିଲା ପରା ତନୁ ଲାବଣ୍ୟ,
ଅଙ୍ଗ ଛୁଅନ୍ତେ ନ କଲ କି ନାହିଁ, ଗୃଷ୍ଟୁ ନ କଲେ କି ବିନୟୀ ହୋଇ,
ଲାଜ କଲ ଟିକି, ସୁରତେ ତୁମ୍ଭଙ୍କୁ ଜିଣିଲେ ନିକି,

ରାମ କଲେ କାମ ଭଣ୍ଡାର ଜୟ, ଜାଣିଲୁ ଆମ୍ଭେ ବେଶରୁ ତୁମ୍ଭର,
ମୁକୁତା ଅଳକା ପଡ଼ିଛି ଖସି, ଚନ୍ଦ୍ର କି ସୁଧା ବରଷଇ ହସି,
ଗୋ ନଳିନୀବର, ବୋଲେ ହସି ରାମ ତୁମ୍ଭଙ୍କୁ ବର ।

ଗୀତଟିରେ ଅତି ସୁନ୍ଦର ଚିତ୍ରଟିଏ ଫୁଟି ଉଠିଛି । ଭାଷା ଓ ଭାବ ଏହାର ରମଣୀୟ ପ୍ରଭାକୁ ଅତି ରମଣୀୟ କରି ଦେଇଛି ।

କବି ବିଭିନ୍ନ ରସର ବର୍ଣ୍ଣନାରେ କୃତିତ୍ୱ ପ୍ରଦର୍ଶନ କରିଛନ୍ତି । ତାଡ଼କା ବଧ ସମୟରେ ତାଡ଼କାର ରୂପ-ବିକାର, ଆକ୍ରମଣ ଓ ରାମଙ୍କ ଶରରେ ମୃତ୍ୟୁ ବିଷୟଟିକୁ କବି ଅତି ଅଳ୍ପସଂଖ୍ୟକ ପଦରେ ଚମତ୍କାର ଭାବରେ ବର୍ଣ୍ଣନା କରିଛନ୍ତି ।

ସେଦିନ ସୁଖେ ତହିଁ ରହି ନିଶି ପୁହାଇ, ପ୍ରାତଃରୁ ସ୍ନାନସନ୍ଧ୍ୟା କଲେ,
ବେନି ଭାଇଙ୍କୁ ଘେନି ଆନନ୍ଦ ହୋଇ ମୁନି ପଥ ଅନୁସରଣ ଗଲେ ହେ,
ସୁଜ୍ଞଜନେ, ଗଲନ୍ତେ ମହାଘୋରବନ

ମୁନି ତୁଅନ୍ତି ଛନ୍ନଛନ୍ନ

ମୁନି ଭରସା ପାଇ ଗୁଣରେ ଗୁଣ ଦେଇ ଟଙ୍କାର କଲେ ଘନ ଘନ ସେ ।
ଗର୍ଜନ ଶୁଣିକରି ଗର୍ଜି ତାଡ଼କାସୁରୀ ଅନାଇ ରୋଷେ ଚଉପାଶ,
ତରୁ ଆୟୁଧ ଘେନି, ବୁଲାଇ ନେଇ ବେନି ପଥରେ ହୋଇଲା ପ୍ରବେଶ ହେ,
ସୁଜ୍ଞଜନେ, ଦଶନେ ଚୁପିଣ ଅଧର
ତୁଣ୍ଡରୁ ଗଳଇ ରୁଧିର
କେଶ କରି ମୁକୁଳ ଟେକି ବାହୁଯୁଗଳ ଦିଶଇ ମହାବିକରାଳ ହେ ।
ରାମ ସଙ୍ଗେ ଅସୁରୀ ବହୁ ସମର କରି ମୁନିଙ୍କି କରୁଥିଲା ଭକ୍ଷ୍ୟ,
ତାହା ଜାଣି ଶ୍ରୀରାମ ଧନୁରେ ସନ୍ଧି ଗୁଣ ପ୍ରହାରିଲେ ଅସୁରୀ ମୁଖ ହେ,
ସୁଜ୍ଞଜନେ, ରାମଶର ତା ମୁଖେ ପଡ଼ି
ସ୍ୱର୍ଗେ ଗଲା ବିମାନ ଚଢ଼ି
ମହାଗର୍ଜନ କରି ମୃତପିଣ୍ଡ ତାହାର ପଡ଼ିଲା ବନଗିରି ମାଡ଼ି ହେ ।
(ଆଦ୍ୟକାଣ୍ଡ)

ଇନ୍ଦ୍ରଜିତ ବଧ ପ୍ରସଙ୍ଗରେ କବି ଲକ୍ଷ୍ମଣ-ଇନ୍ଦ୍ରଜିତ ଯୁଦ୍ଧର ଯେଉଁ ବର୍ଣ୍ଣନା ଦେଇଛନ୍ତି ତାହା ଅତି ଚମତ୍କାରିତ ଓ ବୀରରସର ଏକ ଆଦର୍ଶ ବର୍ଣ୍ଣନାରେ ପରିଣତ ହୋଇଛି ।

ଲକ୍ଷ୍ମଣ ଇନ୍ଦ୍ରଜିତ ଗରୁ ରଣ, ମହାକ୍ଷତ୍ରୀ ଅଟନ୍ତି ବେନିଜନ,
ଶର ଆତଯାତେ ନ ଦିଶେ ଭାନୁ, ମଣ୍ଡଳାକାର ଦିଶେ ବେନି ଧନୁ ସେ ।
ବନ୍ଧିବା ଭୁଜ ନ ଦିଶେ ଯେ,
ହନୁ କନ୍ଧରେ ଆରୋହୀ ରାମାନୁଜ ଦ୍ୱିତୀୟେନ୍ଦ୍ର ପ୍ରାୟେ ଦିଶେ ଯେ ।
ଲକ୍ଷ୍ମଣ ପେଷିଲେ ବାବନ ଶର, କାଟିଲେ ଅସୁରର ଧନୁଶର,
ପୁଣି କୋପେ ବନ୍ଧିଲେ ପାଞ୍ଚକାଣ୍ଡ, କାଟିଲେ ଅଶ୍ୱସାରଥିର ମୁଣ୍ଡ ଯେ ।
ରଥ କଲେ ହନୁ ଭଙ୍ଗ ଯେ,
ସେହିକ୍ଷଣି ଅନ୍ୟ ରଥେ ଆରୋହଣ ଯୁଝିଲା ଲକ୍ଷ୍ମଣ ସଙ୍ଗ ଯେ ।
(ଲଙ୍କା କାଣ୍ଡ)

ଲଙ୍କାକାଣ୍ଡ ଅନ୍ତର୍ଗତ ଏ ଗ୍ରନ୍ଥ ଅପେକ୍ଷାକୃତ ଦୀର୍ଘ ହୋଇଛି । ଯୁଦ୍ଧ ବର୍ଣ୍ଣନା ମନୋଜ୍ଞ ହୋଇଥିବାରୁ ଦୀର୍ଘତାଜନିତ କ୍ଳାନ୍ତି ବୋଧ ହେଉନାହିଁ । ଏପରି ବହୁ ଯୁଦ୍ଧର ସୁନ୍ଦର ଚିତ୍ର ଲଙ୍କାକାଣ୍ଡରେ ଅଛି ।

କବି ବିଭିନ୍ନ ସ୍ଥଳରେ ଉପଦେଶ ବାକ୍ୟ ଦେଇଛନ୍ତି, ଏଗୁଡ଼ିକ ଦେଶକାଳପାତ୍ର ଉପଯୋଗୀ ହୋଇଛି ।

ମାୟାସୀତା ବଧ ସମ୍ବାଦ ପାଇ ରାମ ଅତ୍ୟନ୍ତ ଦୁଃଖିତ ହୋଇ ଧନୁଶର ତଳେ ପକାଇ ଦେଲେ ଏବଂ ମୂର୍ଚ୍ଛା ହୋଇଗଲେ । ଲକ୍ଷ୍ମଣ ତାଙ୍କୁ ଚେତା କରାଇ ପ୍ରବୋଧ କରୁଛନ୍ତି—

× × ହେ ଦେବ ହେ । କରଥାଅ ଧର୍ମକୁ ଆଦର
ଧର୍ମ କଲେ କେତେ ଦୂର କେଉଁ ଅଧର୍ମ ଭୂମ୍ଭର
ଜାଣିଲି ଧର୍ମେ ହୁଏ ଅସାର ।

ଧର୍ମ ଅଧର୍ମ ପୁଚ୍ଛିଲେ ଦୁହେଁ ପ୍ରାଣ ହରାଇଲେ
ଏଣୁ ଧର୍ମ ଅଧର୍ମ ହୁଁ ନାହିଁ,
ମହା ଅଧର୍ମୀ ରାବଣ ଦେଖ ପୁତ୍ର ନାତିଗଣ
ଧର୍ମ ଥିଲେ କି ମରନ୍ତେ ନାହିଁ ।
ହେ ଦେବ ହେ, ଧର୍ମ ଅଧର୍ମକୁ ଯେ ଡରଇ
ଜାଣିଲି ମୁଁ ଏତେ କାଳେ ଦେଖିଲି ମୁଁ ବେନିଡୋଳେ
ସଂସାରେ ସେ ବହୁ ଦୁଃଖ ପାଇ ।

ପୁଣି ବୋଲନ୍ତି ଲକ୍ଷ୍ମଣ ଧର୍ମ କରନ୍ତି ପ୍ରମାଣ
ନିଃସହା ଦୁର୍ବଳ ଜନମାନେ
ସେହି ରୂପ ତୁମ୍ଭ ମତି ବୋଲି ମୋର ଧର୍ମ ଗତି
ଏଣୁଟି ପଶିଲି ଆସି ବନେ
ହେ ଦେବ ହେ, ଧର୍ମ କରି ଧନ ଥିଲେ ସିନା
ଧର୍ମରେ ସମସ୍ତ ଗୁଣ, ମୂର୍ଖରେ ପଣ୍ଡିତପଣ ।

ଘେନ ମୁଁ ବ୍ରହ୍ମ ଅସ୍ତ୍ରକୁ ମାରୁଥିଲି ସମସ୍ତଙ୍କୁ
ବୋଇଲି ଜଣେ କରିଛୁ ଦୋଷ
ଧର୍ମତଃ ବିରୋଧ କରି ଅଧର୍ମ କର୍ମାରେ କରି
ସମସ୍ତ ଜନଙ୍କର କି ଦୋଷ
ଶ୍ରୀ ଦେବ ହେ, ସେ ଧର୍ମ ତ ଏବେ ନ ରଖିଲି
ପ୍ରମାଦ ଶିରେ ପ୍ରମାଦ ସନ୍ତାପ ହୁଏ ବିଷାଦ
ବେଳକୁ ବେଳ କଷଣ ଦେଲି ।

ଲକ୍ଷ୍ମଣଙ୍କ ଏ ଉପଦେଶ ଉଚ୍ଚ ଦାର୍ଶନିକଭାବାପନ୍ନ ହୋଇଛି । ଏହା ଲକ୍ଷ୍ମଣଙ୍କ ଚରିତ୍ରରେ କଠୋର ବାସ୍ତବତାର ଏକ ବିଭାବ ମଧ୍ୟ ପ୍ରଦର୍ଶନ କରୁଛି ।

ଏହିପରି ଇନ୍ଦ୍ରଜିତ-ବିଭୀଷଣ ସମ୍ବାଦ ମଧ୍ୟ ତତ୍ତ୍ୱପୂର୍ଣ୍ଣ ହୋଇଛି ।

କବିଙ୍କ ଭାଷା ସତେଜ ଓ ରସୋପଯୋଗୀ । ସାଧୁ ଓ ଗ୍ରାମ୍ୟ ଉଭୟ ଶ୍ରେଣୀର ଭାଷା କବି ବ୍ୟବହାର କରିଛନ୍ତି । ତଳର ଉଦାହରଣ ପରି ସମଗ୍ର ଗ୍ରନ୍ଥର ଭାଷା ।

ଶିବ ବିରଞ୍ଚି ଶକ୍ର ଆଦି ସମସ୍ତେ ରହି ଆକାଶେ ଦେଖୁଥିଲେ,
ବିମ ଛାମୁକୁ ବୋଲି ସେ ଅଇଲେ
ରାମ ଦେଖି ଧନୁଶର ପାଣି-କୃତ କରଅଞ୍ଜଳି ହୋଇଲେ
ହେ ରାମ, ହସି ବୋଲନ୍ତି ବିରଞ୍ଚି, ହେ ରାମ
ବିନା ଦୋଷେ କଲି କିମ୍ପା ଏ କର୍ମ,
ତୁମ୍ଭେ ନାରାୟଣ ସେ ତ ମହାଲକ୍ଷ୍ମୀ ପାସୋରିଲ ନିଜ ନାମ କି ଶ୍ରୀରାମ ।
(ଲଙ୍କା କାଣ୍ଡ)

ବିଶ୍ୱନାଥଙ୍କ ବିଚିତ୍ର ରାମାୟଣର ଲୋକପ୍ରିୟତା ପରବର୍ତ୍ତୀ କବିମାନଙ୍କୁ ରାମ-ଲୀଳା କାବ୍ୟ ରଚନା କରିବାରେ ବହୁ ପ୍ରୋତ୍ସାହିତ କରିଛି । ଏହି

ପ୍ରଭାବର ଦୃଷ୍ଟାନ୍ତ ପ୍ରକ୍ଷିପ୍ତ ଅଂଶ । ବିକ୍ରମ, ଅନଙ୍ଗ ଓ ଈଶ୍ୱର ପ୍ରଭୃତି ରାମଲୀଳା ଲେଖକମାନେ ଏହି ନୃତ୍ୟ-ବାଦନ-ଉପଯୋଗୀ ଛାନ୍ଦକାବ୍ୟକୁ ଆଦର୍ଶରୂପେ ଦେଖିଥିବା ସ୍ୱାଭାବିକ। ବର୍ତ୍ତମାନ ସୁଦ୍ଧା ରାମଲୀଳାରେ ବିଶୀଙ୍କ ସ୍ଥାନ ହିଁ ସର୍ବୋଚ୍ଚ ।

ବିଚିତ୍ର ରାମାୟଣରେ ସଂସ୍କୃତ ରାମାୟଣର ଅନୁକ୍ରମଣୀକୁ କବି ଅନୁସରଣ କରିଥିବା ଜଣାଯାଏ ନାହିଁ । ବଳରାମ ଦାସଙ୍କ ଜଗମୋହନ ରାମାୟଣ କ୍ରମକୁ ମଧ୍ୟ ସେ ପୂର୍ଣ୍ଣଭାବରେ ଅନୁସରଣ କରିନାହାନ୍ତି । ପ୍ରତ୍ୟେକ କାଣ୍ଡର ପ୍ରଧାନ ପ୍ରଧାନ ଘଟଣାଗୁଡ଼ିକୁ ଆଶ୍ରୟ କରି ଛାନ୍ଦ ରୂପରେ କବିତା କରିଛନ୍ତି । ବିଶ୍ୱନାଥଙ୍କ ରାମ, ଲକ୍ଷ୍ମଣ ଓ ସୀତା ପ୍ରଭୃତି ଚରିତ୍ର ଦେବୋପମ ହେଲେ ମଧ୍ୟ ସାଧାରଣ ମାନବିକ ଦୋଷଦୁର୍ବଳତା ଯୁକ୍ତ ଚରିତ୍ର କବି ଗଠନ କରିଛନ୍ତି । ସାଧାରଣ ଲୀଳାଦର୍ଶକ ଓ ଛାନ୍ଦ ପାଠକ ପକ୍ଷରେ ଆଦରଣୀୟ ହେଲେ ମଧ୍ୟ ଏହା ସମ୍ପୂର୍ଣ୍ଣ ଦୋଷମୁକ୍ତ ନୁହେଁ ।

ଦ୍ୱିତୀୟ ଅଧ୍ୟାୟ

ପ୍ରଥମ ପରିଚ୍ଛେଦ

ମରହଟ୍ଟା ଯୁଗ ବା ଉପେନ୍ଦ୍ର ଯୁଗ

(ଖ୍ରୀ: ୧୭୫୧—ଖ୍ରୀ:୧୮୦୩)

ଯୁଗ ପରିଚୟ

ଓଡ଼ିଶାରେ ମୁସଲମାନ ରାଜତ୍ୱ ଖ୍ରୀ: ୧୭୫୧ ଠାରୁ ଲୋପ ପାଇଥିଲେ ମଧ୍ୟ ତାହାର କିଛି ବର୍ଷ ପୂର୍ବରୁ ମରହଟ୍ଟା ରାଜାମାନେ ଧାରାବାହିକ ଭାବେ ମୁସଲମାନ ଶାସକମାନଙ୍କୁ ନାନା ଭାବରେ ବ୍ୟତିବ୍ୟସ୍ତ କରୁଥିଲେ । ଏକେତ ମୁସଲମାନ ଶାସକମାନଙ୍କ ଭିତରେ କ୍ଷମତା ଦ୍ୱନ୍ଦ୍ୱ ଅନ୍ୟଙ୍କ ଶାସନକୁ ଦୁର୍ବଳ କରିଦେଇଥିଲା, ସେଥିରେ ପୁଣି କେତେକଙ୍କ ଧର୍ମାନ୍ଧତା ବୋଝ ଉପରେ ନଳିତାବଡ଼ା ପରି ହୋଇଥିଲା । ମୁସଲମାନ ରାଜତ୍ୱରେ ଶାସକମାନଙ୍କ ଭିତରୁ ଅନ୍ୟ କେତେଜଣ ମାତ୍ର ହିନ୍ଦୁ ପ୍ରଜାମାନଙ୍କର ପ୍ରିୟପାତ୍ର ହୋଇ ପାରିଥିଲେ । ଆକବରଙ୍କ ପରେ ଶାସକମାନଙ୍କ ଭିତରେ ସାମ୍ପ୍ରଦାୟିକ ଉଦାର ମନୋଭାବ ପ୍ରାୟ ଲୋପ ପାଇ ଯାଇଥିଲା । ଏହି କାରଣରୁ ପ୍ରଜାମାନେ ଅନିଶ୍ଚିତ ଓ ଉଦ୍‌ବିଗ୍ନ ଅବସ୍ଥାରେ ଜୀବନଯାପନ କରୁଥିଲେ । ସାହିତ୍ୟ କ୍ଷେତ୍ରରେ ସରକାରଙ୍କ ପ୍ରଭାବ ଅଳ୍ପ ଥିଲା । ଦେଶୀୟ ଭାଷା ଓ ସାହିତ୍ୟର ଉନ୍ନତି, ଦେଶୀୟ ରାଜା ଓ ଜମିଦାରଙ୍କ ଉପରେ ପଡ଼ିଥିଲା ଏବଂ ସେମାନେ କେବଳ ସାହିତ୍ୟ-ଧାରାକୁ ବଞ୍ଚାଇ ରଖିଥିଲେ ।

ସଭାପଣ୍ଡି ା ଅନୁମାନ କରାଯାଏ । ସମ୍ରାଟ ଆକବରଙ୍କ ଦରବାରକୁ ମହାରାଜା ୍ରଦେବ ଯେଉଁ 'ମହାପାତ୍ର'ଙ୍କୁ ପଠାଇଥିବା ଇତିହାସରୁ ଜଣାଯାଏ କୃଷ୍ଣଦାସ ବଡ଼ଜେନା ହୋଇଥିବା ମଧ୍ୟ ଅନୁମାନ କରାଯାଏ । ଏ କବି ରାଗମାନଙ୍କ ବର୍ଣ୍ଣନା ପ୍ରସଙ୍ଗରେ ସ୍ୱ ରଚିତ କେତେକ ଓଡ଼ିଆ, ହିନ୍ଦି (ବ୍ରଜ ବୋଲି) ଗୀତ ଉଦାହରଣ ସ୍ୱରୂପ ପ୍ରଦାନ କରିଛନ୍ତି ।

କବିଙ୍କ ଏକ ଓଡ଼ିଆ ଗୀତ ଏହି ପରିଚୟଗ୍ରନ୍ଥରେ ଉଦ୍ଧୃତ ହୋଇଛି । ଏଥିରୁ ଏ ଯୁଗରେ ପଣ୍ଡିତ କବିମାନେ ସଙ୍ଗୀତ ପ୍ରତି ବିଶେଷ ଭାବରେ ଆକୃଷ୍ଟ ଥିବା ଜଣାଯାଏ । ରଚନାର ଭାଷା ଯମକ ଅନୁପ୍ରାସାଦି ପ୍ରୟୋଗ ଯୋଗୁଁ ସଙ୍ଗୀତମୟ ଥିଲା ।

ନଟରାଗେଣ } ଦେହି ଚଣ୍ଡି ଅର୍ଦ୍ଧଚନ୍ଦ୍ର ମଣ୍ଡି ।
ଝଂପକ } ଶୁଣରେ ଆରେ ନିଷ୍ଠୁଲା ତନୁଜନୁ ଯୋଗିମା ଧନୁ ।
ତ୍ରିପୁଟା } ରେ ସଖି ତୁ ରେ ବ୍ରଜତରୁଣୀଜନ

ବୃନ୍ଦାବନେ ନନ୍ଦନାନନ୍ଦନ କାମକାନ୍ତ ନବଘନ ଶୋଭନ
ତରୁଣୀ ମନ ମୋହନୁଆ
ଶିଖୀଶିଖଣ୍ଡ ମଣ୍ଡିତ କୁଣ୍ଡଳ ମାଲତୀ ମାଳଗୁଞ୍ଜା ମଞ୍ଜୁଳ ଗଣ୍ଡସ୍ଥଳ
ଝଲ୍ଲକିତ କୁଣ୍ଡଳ ମୁଖଜିତ ବିଧୁମଣ୍ଡଳଇଆ । ଇତି ନଃସାରି ।

ଗଜପତି ରାମଚନ୍ଦ୍ର ଦେବ—ଖୋର୍ଦ୍ଧା ରାଜା ଗଜପତି ରାମଚନ୍ଦ୍ର ଦେବ (ଖ୍ରୀ:୧୫୬୮—୧୬୦୭) ଖୋର୍ଦ୍ଧା ରାଜବଂଶର ପ୍ରତିଷ୍ଠାତା । 'ଶ୍ରୀକୃଷ୍ଣ ଭକ୍ତ ବାତ୍ସଲ୍ୟଚରିତମ୍' ନାମକ ନାଟକ ରଚନା କରି ପୁରୀରେ ଜଗନ୍ନାଥଙ୍କ ରଥଯାତ୍ରା ସମୟରେ ଅଭିନୀତ କରାଇଥିଲେ ।

କବିଚନ୍ଦ୍ର ବିଶ୍ୱନାଥ ସାମନ୍ତରାୟ—ଏହି କବି ସମ୍ରାଟ ଆକବରଙ୍କ ସଭାପଣ୍ଡିତ ଥିଲେ । ଏହାଙ୍କ ଘର ପୁରୀର ପ୍ରତାପ ରାମଚନ୍ଦ୍ରପୁର ଶାସନ ।

ଗଙ୍ଗାଧର ମିଶ୍ର—ଏ 'କୋଶଳାନନ୍ଦ ମହାକାବ୍ୟ' ନାମକ ଐତିହାସିକ କାବ୍ୟ ସଂସ୍କୃତରେ ରଚନା କରିଥିଲେ । ସମ୍ବଲପୁରର ରାଜା ବଳିଆର

ସିଂହଙ୍କ ସଭାପଣ୍ଡିତ ଥିଲେ । ମହାକାବ୍ୟଟି ଖ୍ରୀ: ୧୬୧୫ରେ ରଚିତ ହୋଇ ଥିଲା ।

ହଳଧର ମିଶ୍ର—ସଂସ୍କୃତରେ ବସନ୍ତୋତ୍ସବ ମହାକାବ୍ୟ, ସଙ୍ଗୀତ କଲ୍ପଲତା ରଚନା କରିଥିଲେ । ଜଗନ୍ନାଥଙ୍କ ରଥଯାତ୍ରା ପ୍ରସଙ୍ଗ ବସନ୍ତୋତ୍ସବ କାବ୍ୟଟି ବାଇଶିଟି ଛନ୍ଦରେ ଲିଖିତ । ଖୋର୍ଦ୍ଧା ରାଜା ନରସିଂହ ଦେବ (ଖ୍ରୀ: ୧୬୨୨-୧୬୪୭)ଙ୍କ ସମୟରେ ଜୀବିତ ଥିଲେ । ପିତାମାତା ଓ ପୁତ୍ରଙ୍କ ନାମ ଯଥାକ୍ରମେ ଦିବାକର ମିଶ୍ର, ପଦ୍ମାବତୀ ଏବଂ କପିଳେଶ୍ୱର ମିଶ୍ର । ସଙ୍ଗୀତ କଲ୍ପଲତାରେ ବାଣପୁରର ହରିଚନ୍ଦନ, ଗଙ୍ଗାଧର ଦାସ, ଅନଙ୍ଗଭୀମ, ମଧୁପୁର ନରେନ୍ଦ୍ର, ଅନଙ୍ଗ ଭ୍ରମରବର, ଗଜପତି ମୁକୁନ୍ଦଦେବ, ଗଜପତି ରାମଚନ୍ଦ୍ର, ଗଜପତି ରୁଦ୍ରଦେବ, ମେନକା ଦେଈ, କମଳା ପାଟମହାଦେଈ ପ୍ରଭୃତି ଲେଖକଙ୍କ ନାମୋଲ୍ଲେଖ କରିଛନ୍ତି । ମେନକା ଦେଈ ଓ କମଳା ପାଟମହାଦେଈ—ଏ ଦୁଇଜଣ ନାରୀକବିଙ୍କ ନାମ ଅଜ୍ଞାତ ଥିଲା ।

କବିରାଜ ଗୋପୀନାଥ ରଥ—ଏ ସଂସ୍କୃତରେ 'ନୈଷଧୀୟ ଚରିତମ୍'ର 'ହର୍ଷହୃଦୟ' ନାମକ ଟୀକା ରଚନା କରିଥିଲେ । ଏହାଙ୍କ ପିତାଙ୍କ ନାମ ଦେବଦତ୍ତ ।

ନରସିଂହ ମିଶ୍ର—ଏ 'ଭଞ୍ଜ ମହୋଦୟ ନାଟିକା' ସଂସ୍କୃତରେ ରଚନା କରିଥିଲେ । ପୁରୀରେ ଏହା ଅଭିନୀତ ହୋଇଥିଲା । ଖୋର୍ଦ୍ଧା ରାଜା ବଳଭଦ୍ର ଦେବ (ଖ୍ରୀ:୧୬୪୮-୧୬୫୯)ଙ୍କ ସମୟରେ ଜୀବିତଥିଲେ । କେଉଁଝରର ରାଜା ଶିବନାରାୟଣ ଭଞ୍ଜ ଏହାଙ୍କ ପୃଷ୍ଠପୋଷକ ଥିଲେ । ଖ୍ରୀ: ୧୬୫୦-୬୦ ଭିତରେ ଏ ଗ୍ରନ୍ଥଟି ରଚିତ ହୋଇଥିବା ଅନୁମାନ କରାଯାଏ । ପୂର୍ବେ କେଉଁଝରର ନାମ 'କେନ୍ଦୁଝରି' ଥିବା ଏ ଗ୍ରନ୍ଥରୁ ଜଣାଯାଏ ।

ବିଦ୍ୟାକର ପୁରୋହିତ—ଏ 'ନାରାୟଣ ଶତକମ୍' ରଚନା କରି-ଥିଲେ । 'ରାଘବପାଣ୍ଡବୀୟ ମହାକାବ୍ୟମ୍'ର 'ହୃଦୟାଳୁ ରସାବହମ୍' ନାମକ ଟୀକା ମଧ୍ୟ ଲେଖିଥିଲେ । ସେ କବିଡିଣ୍ଡିମ ଜୀବଦେବାଚାର୍ଯ୍ୟଙ୍କ ବଂଶଧର ଥିଲେ । ଖୋର୍ଦ୍ଧା ରାଜା ମୁକୁନ୍ଦଦେବ ୧ମ (ଖ୍ରୀ: ୧୬୫୯-୧୬୮୮)ଙ୍କର

ସେ ସମସାମୟିକ ଥିଲେ । ଏ ରାଜାଙ୍କ ୨୧ ଅଂକରେ ବା ଖ୍ରୀ: ୧୭୭୫ରେ ଏହି 'ନାରାୟଣ ଶତକମ୍' ରଚିତ ହୋଇଥିବା ଜଣାଯାଏ ।

ଶତଂଜୀବ ମିଶ୍ର—ଏ 'ମୁଦିତମାଧବ' ନାମକ ଗୀତିକାବ୍ୟ ରଚନା କରିଥିଲେ । ଭାଷା ସଂସ୍କୃତ ।

ଅନାଦି ମିଶ୍ର—ଏ 'ମଣିମାଳା ନାଟିକା'ର ଲେଖକ । ଏହି କବି ନାରାୟଣ ମଙ୍ଗରାଜଂକ ପୃଷ୍ଠପୋଷକତାରେ ନାଟିକାଟି ରଚନା କରିଥିଲେ । କବି ୧୭ଶ ଶତାବ୍ଦୀର ପ୍ରଥମ ପାଦରେ ଏହି ନାଟିକାଟିକୁ ଲେଖିଥିବା ଅନୁମିତ ହୁଏ । ପିତା ଶତଂଜୀବ ଓ ପିତାମହ ମୁକୁନ୍ଦ । ଭାଷା ସଂସ୍କୃତ । ନାରାୟଣ ମଙ୍ଗରାଜ ଗଞ୍ଜାମର ଖିମୁଣ୍ଡି ରାଜ୍ୟର ମନ୍ତ୍ରୀ ଥିଲେ । ନାରାୟଣ ମଙ୍ଗରାଜଂକ ପିତା ରାମଚନ୍ଦ୍ର ମଙ୍ଗରାଜ ମଧ୍ୟ ମନ୍ତ୍ରୀ ଥିଲେ ।

କୃଷ୍ଣ ଶ୍ରୀଚନ୍ଦନ—ଏ ମନ୍ତ୍ରୀ ନାରାୟଣ ମଙ୍ଗରାଜଂକ ପୁତ୍ର । 'ଅବଧୂତଦୂତମ୍' ନାମକ ସଂସ୍କୃତ ଖଣ୍ଡକାବ୍ୟ ରଚନା କରିଥିଲେ । କାଳିଦାସଂକ ମେଘଦୂତର ଅନୁକରଣରେ ଏହା ଲିଖିତ ହୋଇଥିଲା । କୃଷ୍ଣ ଖିମୁଣ୍ଡି ରାଜାଂକର ମନ୍ତ୍ରୀ ଥିଲେ । ଖିମୁଣ୍ଡି ରାଜା ଭୀମ ଧର୍ମରାଜ ଏହା ଖଣ୍ଡକାବ୍ୟର 'ମନୋରମା' ନାମକ ଟୀକା ଲେଖିଥିଲେ । ୧୭ଶ ଶତାବ୍ଦୀର ଶେଷ ପାଦରେ ଏହି ଖଣ୍ଡକାବ୍ୟଟି ରଚିତ ହୋଇଥିବା ଅନୁମାନ କରାଯାଏ ।

କବି ନିତ୍ୟାନନ୍ଦ—ସଂସ୍କୃତରେ 'ଶିବ ଲୀଳାମୃତ ମହାକାବ୍ୟ' ରଚନା କରିଥିଲେ । ଜୟଦେବଂକ ଗୀତଗୋବିନ୍ଦ ଅନୁକରଣରେ ଲିଖିତ । ନୟାଗଡ଼ ରାଜା ଗଦାଧର ମାନଧାତା ଏହାଂକ ପୃଷ୍ଠପୋଷକ । କବି ଗଦାଧର ମାନଧାତାଂକ ବଂଶ ସମ୍ବନ୍ଧରେ ଏହି କାବ୍ୟରେ କେତେକ ତଥ୍ୟ ଲିଖିତ ହୋଇଛି । ରାଜା ରଘୁନାଥ, ପୁତ୍ର ହରିହର, ପୁତ୍ର ଗୋକୁଳେନ୍ଦ୍ର, ପୁତ୍ର ଗଦାଧର । ଗଦାଧର ମାନଧାତାଂକ ପ୍ରପୌତ୍ର ପୁରୁଷୋତ୍ତମ ମାନଧାତା ଉପେନ୍ଦ୍ରଂକ ସମସାମୟିକ । ଅତଏବ ଗ୍ରନ୍ଥଟି ଉପେନ୍ଦ୍ରଂକ ପୂର୍ବରୁ ରଚିତ

ହୋଇଥିବା ସ୍ପଷ୍ଟ । ୧୭ଶ ଶତାବ୍ଦୀରେ ଏ କବି ଜୀବିତ ଥିବା ଅନୁମାନ କରାଯାଏ ।

କବିରତ୍ନ ପୁରୁଷୋତ୍ତମ ମିଶ୍ର—ଏ ଜଣେ ବିଖ୍ୟାତ ଟୀକାକାର ଓ ଅନର୍ଘରାଘବ ନାଟକର ଟୀକା ଲେଖିଥିଲେ । ରୂପ ଗୋସ୍ୱାମୀଂକ କୃତ 'ହଂସଦୂତ'ର 'ମନୋହାରଣୀ' ନାମକ ଟୀକା ଲେଖିଥିଲେ । ନୈଷଧୀୟ ମହାକାବ୍ୟମ୍‌ର ଟୀକା ମଧ୍ୟ କବିରତ୍ନ ରଚନା କରିଥିଲେ । ଏହାଙ୍କ ପିତାଂକ ନାମ ଆନନ୍ଦ ମିଶ୍ର । କବିରତ୍ନ ପୁରୁଷୋତ୍ତମ 'ସଂଗୀତ ନାରାୟଣ' ରଚୟିତା ପାରଲାର ଗଜପତି ନାରାୟଣ ଦେବଂକ ଅଳ୍ପ ପୂର୍ବ କିମ୍ବା ସମସାମୟିକ । ଖୋର୍ଦ୍ଧା ରାଜା ହରେକୃଷ୍ଣ ଦେବ (ଖ୍ରୀ: ୧୭୧୫-୨୦)ଙ୍କ ସମୟର ରସକଳ୍ପ-ଦ୍ରୁମ ରଚୟିତା କବି ଜଗନ୍ନାଥ ମିଶ୍ରଂକ ପୂର୍ବବର୍ତ୍ତୀ ।

ରଘୁନାଥ ରଥ—ଏ ଖୋର୍ଦ୍ଧା ରାଜା ଦିବ୍ୟସିଂହ ଦେବଂକ ସମସାମୟିକ । କେରଳ ରାଜା ନୀଳକଣ୍ଠଂକ 'ନାଟ୍ୟମନୋରମା'ର ଏ ପ୍ରକୃତ ଲେଖକ ବୋଲି କୁହାଯାଏ ।

ଜଗନ୍ନାଥ ମିଶ୍ର—ରସକଳ୍ପଦ୍ରୁମ (ସଂସ୍କୃତ) ନାମକ ଅଳଂକାର ଗ୍ରନ୍ଥର ଲେଖକ । ଏହାଙ୍କ ପିତାଙ୍କ ନାମ ଆନନ୍ଦ ମିଶ୍ର । ଖୋର୍ଦ୍ଧା ରାଜା ହରେକୃଷ୍ଣ ଦେବଂକ ସମସାମୟିକ । କବି ରସକଳ୍ପଦ୍ରୁମରେ ହାସ୍ୟରସର ସ୍ୱରଚିତ କେତୋଟି ପଦ ଉଦ୍ଧାର କରିଥିବା ଦେଖାଯାଏ । ପଦଗୁଡ଼ିକ ଓଡ଼ିଆ, ହିନ୍ଦି ଓ ସଂସ୍କୃତ ମିଶା ।

ଅସ୍ମମସ୍ତୁତ ଶଙ୍ଖରେ ରାହୁରୁଣ୍ଡେ ମିଳାଉ,
ମଧୁକର କପି କଣ୍ଠେ କେହ୍ନକା କାଣ୍ଡ ବାହୁ ।
ମଳୟ ମରୁତମେତଂ ଖେଳକଲ୍ଲ ନାଗ ଖାଉ,
ମଦନ ଶିରସି ଭୂୟଃ କ୍ୟା ବଲା ଆଗି-ଲଗି ।

ରଘୁନାଥ ଦାଶ—'କାଳନର୍ଣ୍ଣୟଃ' (ସଂସ୍କୃତ) ନାମକ ସ୍ମୃତିଗ୍ରନ୍ଥ ରଚନା କରିଥିଲେ । ଉତ୍ପାତତରଙ୍ଗିଣୀ ମଧ୍ୟ ରଚନା କରିଥିଲେ । ଭଟ୍ଟି କାବ୍ୟର ଟୀକା କରିଥିଲେ । ପିତାଂକ ନାମ ବାସୁଦେବ । ପିତାମହ

ନରସିଂହ ଓ ପ୍ରପିତାମହ ସିଦ୍ଧେଶ୍ୱର । ଏ ଅଷ୍ଟାଦଶ ଶତାବ୍ଦୀର ପ୍ରଥମାର୍ଦ୍ଧର ଲେଖକ ।

ରାମଚନ୍ଦ୍ର ଖଡ୍ଗରାୟ—ଅଲଙ୍କାର ଚନ୍ଦ୍ରାମଣି (ସଂସ୍କୃତ) ନାମକ ଅଲଂକାର ଶାସ୍ତ୍ର ରଚନା କରିଥିଲେ । ପିତା—ଗଦାଧର ରାଜଗୁରୁ, ମାତା—ଲକ୍ଷ୍ମୀଦେବୀ ।

ବାସୁଦେବ ମହାପାତ୍ର—ଗଞ୍ଜାମ ଜିଲ୍ଲା ଆଠଗଡ ଜମିଦାରୀରେ ଜନ୍ମଗ୍ରହଣ କରିଥିଲେ । ରାଘବଯାଦବୀୟ ମହାକାବ୍ୟମ୍ (ସଂସ୍କୃତ)ର କବି । 'ରାଘବ ପାଣ୍ଡବୀୟ ମହାକାବ୍ୟମ୍'ର ଅନୁକରଣରେ ଲିଖିତ । 'ବସୁ ପ୍ରକ୍ରିୟା' (ସଂ) ନାମକ ବ୍ୟାକରଣ ଗ୍ରନ୍ଥ ରଚନା କରିଥିଲେ । ବିଶ୍ୱନାଥ ପାଟଯୋଷୀ ଓ ଚନ୍ଦପାଣି ପଟ୍ଟନାୟକଂକ ସମସାମୟିକ । ଅଷ୍ଟାଦଶ ଶତାବ୍ଦୀର ଖୋର୍ଦ୍ଧା ରାଜା ରାମଚନ୍ଦ୍ର ଦେବ (ଖ୍ରୀ:୧୭୨୭-ଖ୍ରୀ:୧୭୩୬) ଓ ତାଂକ ପୁତ୍ର ବୀର କେଶରୀ ଦେବଂକ ସମସାମୟିକ । ନ୍ୟାୟ ଶାସ୍ତ୍ରରେ ଅଦ୍ୱିତୀୟ ପଣ୍ଡିତଥିବା ଶୁଣାଯାଏ । ଗଜପତି ରାମଚନ୍ଦ୍ରଦେବ ୨ୟ (ଖ୍ରୀ:୧୭୨୭-୧୭୩୬)ଙ୍କ ରାଜଗୁରୁ ଥିଲେ ।

ଚମ୍ପୂନୀ ଚନ୍ଦ୍ରଶେଖର ରାଜଗୁରୁ—ମଧୁରାନିରୁଦ୍ଧ ନାଟକମ୍ (ସ)ର ଲେଖକ । କବି ୧୮ଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଖୋର୍ଦ୍ଧାରାଜା ବୀରକେଶରୀ ଦେବଙ୍କ ସମସାମୟିକ । ଏ ନୈଷଧୀୟ ମହାକାବ୍ୟମର ଏକ ଟୀକା ଲେଖିଥିବା ଶୁଣାଯାଏ ।

ବ୍ରଜସୁନ୍ଦର ପଟ୍ଟନାୟକ—ଗଞ୍ଜାମର ଖିମୁଣ୍ଡି ରାଜା ଅନଙ୍ଗଭୀମ ଦେବ ପୁରୁଷୋତ୍ତମ ଅନଙ୍ଗଭୀମ ଦେବ (ଖ୍ରୀ:୧୭୨୮-୧୭୬୬)ଙ୍କ ସମସାମୟିକ । ଏ ରାଜାଙ୍କ ପୃଷ୍ଠପୋଷକତାରେ 'ସୁଲୋଚନାମାଧବକାବ୍ୟମ୍' (ସ) ରଚନା କରିଥିଲେ । ପିତାଙ୍କ ନାମ ବଳଭଦ୍ର ପଟ୍ଟନାୟକ । 'ଗଙ୍ଗବଂଶାନୁଚରିତ ଚମ୍ପୂ'ର ରଚୟିତା ବାସୁଦେବ ସୋମଯାଜୀଙ୍କ ସମସାମୟିକ ।

ଚକ୍ରବାକ ଚକ୍ରପାଣି ପଟ୍ଟନାୟକ—ବ୍ରଜସୁନ୍ଦର ପଟ୍ଟନାୟକଙ୍କ ପୁତ୍ର । କଟାକ୍ଷଶତକମ୍, ଗୁଣ୍ଡିଚାଚମ୍ପୂ ନାମକ (ସଂସ୍କୃତ) ଦୁଇଟି କାବ୍ୟ

ରଚନା କରିଥିଲେ । ଏ ଜଣେ ଅସାଧାରଣ ପଣ୍ଡିତ ଥିଲେ । ଏହାଙ୍କର ବାକ୍‌ଚାତୁରୀ ଯୋଗୁଁ ତାଙ୍କୁ 'ଚନ୍ଦ୍ରବାକ୍' ଉପାଧି ପ୍ରଦତ୍ତ ହୋଇଥିଲା ।

କବିରାଜ ଭଗବାନ ରଥ—ଏ ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗରେ ଜୀବିତ ଥିଲେ । ଗଞ୍ଜାମ ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ । ଗୁଣ୍ଡିଚେଶ୍ୱରବର୍ଣ୍ଣନମ୍ ଓ ମୃଗୟାଚମ୍ପୂ ନାମକ ଦୁଇଟି ସଂସ୍କୃତ କାବ୍ୟ ରଚନା କରିଥିଲେ ।

କବିରତ୍ନ ହରିସେବକ ସାମନ୍ତରାୟ—ଗଞ୍ଜାମଜିଲ୍ଲା ଖେମୁଣ୍ଡି-ରାଜ୍ୟରେ ବାସ କରୁଥିଲେ । ତାଙ୍କ ପିତା ପରମେଶ୍ୱର ଜଣେ ପରମ ପଣ୍ଡିତ ଥିବାରୁ ଖେମୁଣ୍ଡି ରାଜା ପୀତାମ୍ବର ଭ୍ରମରଦେବ (ଖ୍ରୀ: ୧୭୨୮-୧୭୭୭) ତାଙ୍କୁ ସାମନ୍ତରାୟ ପଦବୀ ପ୍ରଦାନ କରିଥିଲେ । ତାଙ୍କ ପିତାଙ୍କ କନିଷ୍ଠଭ୍ରାତା ଦାମୋଦରଙ୍କ ଦ୍ୱାରା ନିର୍ଦ୍ଦେଶ କ୍ରମେ ସେ ପ୍ରସିଦ୍ଧ ବୈଷ୍ଣବ ଜୀବନୀ ଲେଖକ କୃଷ୍ଣଦାସ କବିରାଜ ଗୋସ୍ୱାମୀଙ୍କ କୃତ 'ଗୋବିନ୍ଦଲୀଳାମୃତମ୍' (ସଂ)ର 'ବୈଷ୍ଣବ ଆହ୍ଲାଦିନୀ' ଟୀକା ଗ୍ରନ୍ଥ ରଚନା କରିଥିଲେ । କବିଙ୍କ ପୃଷ୍ଠପୋଷକ ଖିମୁଣ୍ଡି ରାଜାଙ୍କଠାରୁ ସେ କବିରତ୍ନ ଉପାଧି ପ୍ରାପ୍ତ ହୋଇଥିଲେ ।

ରାଜଗୁରୁ ବାସୁଦେବ ରଥ ସୋମଯାଜୀ—'ଗଙ୍ଗବଂଶାନୁଚରିତମ୍' (ଚମ୍ପୂ—ସଂସ୍କୃତ)ର କବି । ପିତା ଗୋବିନ୍ଦ ରଥ, ପିତାମହ ଶ୍ରୀନିବାସ ରଥ ଦୀକ୍ଷିତ ଓ ପ୍ରପିତାମହ—ବିଷ୍ଣୁରଥ । ଆଠଗଡ଼ ରାଜାଙ୍କ ରାଜଗୁରୁ ରୂପେ ବାସୁଦେବ ନିଯୁକ୍ତ ହୋଇଥିଲେ । ଆଠଗଡ଼ର ରାଜା ରଘୁନାଥ ହରିଚନ୍ଦନ ତାଙ୍କୁ ବହୁ ଭୂମି ଦେଇଥିଲେ । ସୋମଯଜ୍ଞ କରିଥିବାରୁ ଏହି ରାଜା ତାଙ୍କୁ 'ସୋମଯାଜୀ' ପଦବୀ ମଧ୍ୟ ଦେଇଥିଲେ । ଆଠଗଡ଼ରେ କିଛି କାଳ ରହିବା ପରେ ବାସୁଦେବ ଖିମୁଣ୍ଡି ରାଜା ପୁରୁଷୋତ୍ତମ ଅନଙ୍ଗଦେବଙ୍କ ଆଶ୍ରୟରେ ରହିଲେ । 'ଚମ୍ପୂ' ଏକ ଐତିହାସିକ କାବ୍ୟ । ଏଥିରେ ପ୍ରାଚୀନ ଓଡ଼ିଶା ଇତିହାସ ସମ୍ପର୍କୀୟ ବହୁ ତଥ୍ୟ ଥିଲେ ମଧ୍ୟ ସେ ସବୁ ପ୍ରାମାଣିକ ନୁହେଁ ।

କବିରାଜ ହରିକୃଷ୍ଣ ପୁରୋହିତ—ରାଧାବିଳାସ ମହାକାବ୍ୟମ (ସଂ) ରଚନା କରିଥିଲେ । ଶ୍ରୀହର୍ଷଙ୍କ ନୈଷଧୀୟ କାବ୍ୟମ୍ ଅନୁକରଣରେ

ରଚିତ । ପିତା—ନାରାୟଣ ସାମନ୍ତରାୟ । ମାତା—ଅପର୍ଣ୍ଣା । କବିଙ୍କ ପୃଷ୍ଠପୋଷକ ରାଜା ରାଜେନ୍ଦ୍ର ଦେବ ତାଙ୍କୁ କବିରାଜ ଓ ପୁରୋହିତ ଉପାଧି ପ୍ରଦାନ କରିଥିଲେ । ୧୮ଶ ଶତାବ୍ଦୀର ଶେଷଭାଗରେ ଜୀବିତ ଥିଲେ । ଗଞ୍ଜାମ ଜିଲ୍ଲା ଚିକିଟି ରାଜ୍ୟର ରାଜା କୃଷ୍ଣଚନ୍ଦ୍ର ରାଜେନ୍ଦ୍ର ଦେବ ତାଙ୍କର ପୃଷ୍ଠପୋଷକ ଥିଲେ ।

ମହାମହୋପାଧ୍ୟାୟ ନରହରି ପଣ୍ଡା—୧୮ଶ ଶତାବ୍ଦୀର ମଧ୍ୟ ଭାଗରେ ଜୀବିତ ଥିଲେ । ଚିକିଟି ରାଜ୍ୟର ଅଧିବାସୀ । ମୃଚ୍ଛକଟିକମ୍ ଓ ମେଘଦୂତମ୍‌ର ଟୀକା ରଚନା କରିଥିଲେ । ମେଘଦୂତମ୍ ଟୀକାର ନାମ କୃଷ୍ଣପ୍ରକାଶିକା । ମେଘଦୂତକୁ ଜଗନ୍ନାଥଙ୍କ ରଥଯାତ୍ରାସହ ତୁଳନା କରାଯାଇଛି ।

କବିଭୂଷଣ ଗୋବିନ୍ଦ ସାମନ୍ତରାୟ—ପ୍ରସିଦ୍ଧ 'ସ୍ୱର ସର୍ବସ୍ୱମ୍'ର ଲେଖକ । ଖ୍ରୀ:୧୭୭୮ରେ ଗ୍ରନ୍ଥଟି ରଚିତ ହୋଇଥିବାର ଜଣାଯାଏ । ସମ୍ମୁଗ୍ଧ ମାଧବ ନାଟକମ୍ (ସଂ) ନାମକ ନାଟକର ମଧ୍ୟ ସେ କବି ଥିବା ଜଣାଯାଏ । ଏ କଟକ ଜିଲ୍ଲା ବାଙ୍କି ରାଜ୍ୟର ଅଧିବାସୀ ଖୋର୍ଦ୍ଧା ରାଜା ବୀରକିଶୋର ଦେବଙ୍କ ସମସାମୟିକ । ୧୮ଶ ଶତାବ୍ଦୀର ମଧ୍ୟଭାଗରେ ଜୀବିତ ଥିଲେ । ନାଟକଟି ପୁରୀରେ ଅଭିନୀତ ହୋଇଥିଲା । ଏହା ଗୀତଗୋବିନ୍ଦ ଅନୁକରଣରେ ଲିଖିତ ।

ଏ ଯୁଗରେ ଉପେନ୍ଦ୍ରଙ୍କ ପ୍ରଭାବ ହିଁ ପ୍ରବଳ । ଊନବିଂଶ ଶତାବ୍ଦୀର ଶେଷ ଭାଗ ପର୍ଯ୍ୟନ୍ତ ଉପେନ୍ଦ୍ର ହିଁ ବିଶିଷ୍ଟ କବିମାନଙ୍କର ଆଦର୍ଶ ହୋଇ ରହିଥିଲେ । ଏହି କାରଣରୁ ଏ ଯୁଗକୁ ସ୍ଥୂଳତଃ 'ଉପେନ୍ଦ୍ର ଯୁଗ'ହିଁ କୁହାଯିବା ସଙ୍ଗତ ହେବ ।

ଏ ଯୁଗରେ ଆଲଂକାରିକ କାବ୍ୟକବିତାର ବେଶି ଆଦର ଥିଲା । ଲୌକିକ ଓ ପାରମାର୍ଥିକ ସବୁ ବିଷୟବସ୍ତୁର କୃତିମାନଙ୍କରେ ଅଳଂକାର, ଆଦିରସ, ବର୍ଣ୍ଣନା ବାହୁଲ୍ୟ ପ୍ରଧାନ ଆକର୍ଷଣୀୟ ଲକ୍ଷଣ ଥିଲା । ଧନଞ୍ଜୟ, ଉପେନ୍ଦ୍ର, ଲୋକନାଥ, ସଦାନନ୍ଦ, ବ୍ରଜନାଥ, ବନମାଳୀ, ଅଭିମନ୍ୟୁ, ବଳଦେବ, ଯଦୁମଣି, ଗୋପାଳକୃଷ୍ଣ ପ୍ରଭୃତି କବିମାନେ ଭକ୍ତିମାର୍ଗଦ୍ୱାରା

ପ୍ରଭାବିତ ହୋଇ ପାଣ୍ଡିତ୍ୟପୂର୍ଣ୍ଣ ଆଲଂକାରିକ ଓ ସରଳ କାବ୍ୟ କବିତା ରଚନା କରି ସାହିତ୍ୟକୁ ସମୃଦ୍ଧ କରିଛନ୍ତି । ଓଡ଼ିଶାରେ ଶ୍ରୀକୃଷ୍ଣଂକ ବ୍ରଜଲୀଳାତତ୍ତ୍ୱସମ୍ବଳିତ ବହୁ ସଂସ୍କୃତ କାବ୍ୟ, କବିତା ଟୀକା ଏହି ସମୟରେ ରଚିତ ହୋଇଥିଲା । ବିବିଧ ପୃଷ୍ଠପୋଷକରାଜାମାନେ କୃଷ୍ଣଲୀଳା ବିଷୟକ କାବ୍ୟକବିତାକୁ ବେଶି ଆଦର କରୁଥିଲେ । ବ୍ରଜପନ୍ଥୀ ବା ଗୋସ୍ୱାମୀପନ୍ଥୀ ବୈଷ୍ଣବ ସମ୍ପ୍ରଦାୟର ପ୍ରଭାବ, ପ୍ରଚାର ଫଳରେ ବିଶେଷ ଭାବରେ ବ୍ୟାପୀ ଯାଇଥିଲା । ଏହି କାରଣରୁ ଜନପ୍ରିୟ ବ୍ରଜଭାବକୁ ବୈଷ୍ଣବ, ଅବୈଷ୍ଣବ କବିମାନେ ଭକ୍ତିଗ୍ରନ୍ଥର ବିଷୟବସ୍ତୁ କରିଛନ୍ତି । ଫଳରେ ଆଦିରସର ବର୍ଣ୍ଣନା-ପ୍ରୀତି ମଧ୍ୟ ବୃଦ୍ଧି ପାଇଛି ।

ଦ୍ୱିତୀୟ ପରିଚ୍ଛେଦ

ବୈଷ୍ଣବ କବି ବନମାଳୀ ଦାସ

ବୈଷ୍ଣବ କବି ବନମାଳୀ ଦାସଙ୍କ ପଦାବଳୀ ଓଡ଼ିଶାରେ ସର୍ବତ୍ର ଆଦର ଲାଭ କରିଛି । ତାଙ୍କର ଗୀତଗୁଡ଼ିକ ସର୍ବଜନବୋଧ୍ୟ ଓ ହୃଦୟସ୍ପର୍ଶୀ ହୋଇ ଥିବାରୁ ଲୋକେ ଏହାକୁ ଆଗ୍ରହ ସହକାରେ ପାଠ କରନ୍ତି ଏବଂ ସଂଗୀତଜ୍ଞ ଓ ଗାୟକମାନେ ଶ୍ରଦ୍ଧାରେ ଏହାକୁ ସ୍ୱ ସ୍ୱ ବିଦ୍ୟାକ୍ଷେତ୍ରରେ ବ୍ୟବହାର କରନ୍ତି । କବି ମୁଖ୍ୟତଃ ରାଧାକୃଷ୍ଣ ଯୁଗଳଲୀଳା ବିଷୟକ କବିତା ଲେଖିଥିଲେ ହେଁ 'ଗ୍ରାମ୍ୟ' ରସର ଗୀତ ମଧ୍ୟ ରଚନା କରିଛନ୍ତି ।

ଭଜନ, ମନଶିକ୍ଷା ଓ ଲୀଳାପଦାବଳୀ—ଏହିପରି ତିନି ଶ୍ରେଣୀରେ ତାଙ୍କର ପଦାବଳୀ ସାହିତ୍ୟକୁ ବିଭକ୍ତ କରାଯାଇ ପାରେ । ତାଙ୍କର 'ଗୁଣ୍ଡିଚ ଇଚ୍ଛାବତୀ' ଓ 'ରାସ' ମୋ (ଲେଖକର) ଦୃଷ୍ଟିକୁ ଆସିନାହିଁ ।

କବିସୂର୍ଯ୍ୟ ତାଙ୍କ ଗ୍ରନ୍ଥମାନଙ୍କରେ "ବନମାଳୀ ଦାସଙ୍କ ରାସ ବାଣୀରେ ଗାଇବି" ବୋଲି ନିର୍ଦ୍ଦେଶ କରିଥିବାରୁ ବନମାଳୀ ଦାସ ତାଙ୍କର ସମସାମୟିକ ବା ଅଳ୍ପ ପୂର୍ବବର୍ତ୍ତୀ ହେବା ଅନୁମିତ ହୁଏ । ପୁଣି, ସଦାନନ୍ଦ ସ୍ୱଗୁରୁ-

ପରମ୍ପରାରେ ବନମାଳୀ ଦାସଙ୍କ ନାମ ଉଲ୍ଲେଖ କରିଛନ୍ତି । ସାଧୁଚରଣ (ସଦାନନ୍ଦ)ଙ୍କ ଗୁରୁ ଶ୍ରୀ କିଶୋର ଦାସ । କିଶୋର ଦାସଙ୍କ ଗୁରୁ ବନମାଳୀ ଓ ବନମାଳୀଙ୍କ ଗୁରୁ ଗଙ୍ଗାମାତା । ଏହି ଗଙ୍ଗାମାତା ପୁରୀ ଗଙ୍ଗାମାତା ମଠର ପ୍ରତିଷ୍ଠାତା । ବନମାଳୀ ଖୋର୍ଦ୍ଧାରାଜା ବୀରକେଶରୀ ଦେବଙ୍କ ସମସାମୟିକ । ବୀରକେଶରୀ ଦେବ ଖ୍ରୀ: ୧୭୩୭ ଠାରୁ ଖ୍ରୀ: ୧୭୯୨ ପର୍ଯ୍ୟନ୍ତ ରାଜା ହୋଇଥିବା ଜଣାଯାଏ । କବି ବନମାଳୀଙ୍କର ସେ ଜଣେ ପ୍ରଧାନ ପୃଷ୍ଠପୋଷକ ଥିଲେ ଏବଂ ଏହି କାରଣରୁ ରାଜାଙ୍କ ନାମରେ କବି କେତୋଟି ଗୀତ ଭଣିତା କରିଥିବା ଜଣାଯାଏ । ବନମାଳୀ ପ୍ରଥମେ ଗୃହସ୍ଥ ଥିଲେ ଏବଂ ତାଙ୍କର କୁଳ ସାଙ୍ଗ ପଟ୍ଟନାୟକ ଥିବା ଅନୁମିତ ହୁଏ । "କି ଦେଖିଲି ଆଲୋ ଦେଖ କୋମଳାଙ୍ଗୀ" ଗୀତରେ କବି 'ପଟ୍ଟନାୟକ' ସାଙ୍ଗ ବ୍ୟବହାର କରିଛନ୍ତି ।

"ବୋଲେ ବନମାଳୀ ସେ ପଟ୍ଟନାୟକ ଭୃଷନ୍ତ କିଶୋରୀମଣି ।"

ପୁରୀରେ ତାଙ୍କର ଘର ଥିଲା । ସେ ଜଗନ୍ନାଥ ମନ୍ଦିରର 'ଛତିଶା ନିଯୋଗ' ସେବକଙ୍କ ଭିତରେ ଜଣେ ସେବକ ହେବା ପାଇଁ ଉକ୍ତରେ 'ମହାବାହୁ କାହାକୁ କହିବି ଦୁଃଖ' ଜଣଣରେ ଜଗନ୍ନାଥଙ୍କୁ ଜଣାଇଛନ୍ତି—

ପତିତପାବନ ଗତିଦାୟକ ହେ ଅତି ତ ଅରକ୍ଷ ମୁହିଁ,
କିତିରେ ତୁମ୍ଭର ଏତିକ ଜଣାଣ ତୁମ୍ଭୁଁ ଛଡ଼ା ହେବି ନାହିଁ ।
ଚଟେଇ ବାଡ଼ ପଛେ ଉଭା ହୋଇଥିବି ଧୂପ ଅବକାଶ ବେଳେ,
ଛେରା ପହଁରା ନୀତିକାରୀ ପଣରେ ଖଟଣୀ ଖଟିବି ହେଳେ ।
ଛତିଶ ନିଯୋଗୀ ମଧ୍ୟରେ ଗଣିବ ମହିମା ହେ ମୋତେ ନିତି,
ତାଳୁଥିବି ଭାବେ ଚାମର ଆଲଟ ଗାଇ ତୁମ୍ଭ ଗୁଣ ଗୀତି ।

କବି ରାଜାଙ୍କ ପୃଷ୍ଠପୋଷକତାରେ ସ୍ଥାନ ପାଇଥିବାରୁ ତାଙ୍କ ପକ୍ଷେ ଜଗନ୍ନାଥ ମନ୍ଦିର କିମ୍ବା ଅନ୍ୟ କୌଣସି ରାଜକାର୍ଯ୍ୟରେ 'ବଡ଼ପଣ' ପାଇବା ସମ୍ଭବ ଥିଲେ ମଧ୍ୟ ବୈଷ୍ଣବୋଚିତ ଦୈନ୍ୟବଶରୁ ଏହା କାମନା କରି ନାହାନ୍ତି ।

"ଭୁକ୍ତି ମୁକ୍ତି ମୋର ଲୋଡ଼ା ନାହିଁ କିଛି ନ ଲୋଡ଼ଇ ବଡ଼ପଣ"
(ଉପରୋକ୍ତ ଗୀତରେ)

ରାଜା ବୀରକେଶରୀ ଦେବ ବ୍ରଜରସର ଗ୍ରାହକ ଥିବା ମନେ ହୁଏ, କାରଣ ତାଙ୍କ ନାମରେ ବନମାଳୀ ଭଣିତା କରିଥିବା ଏକ ଗୀତରେ ଯୁଗଳ ରସ ଓ ବୈଷ୍ଣବ ଧର୍ମର ମାହାତ୍ମ୍ୟ କୀର୍ତ୍ତିତ ହୋଇଛି ।

ଶ୍ରୀଗୁରୁ ବୈଷ୍ଣବେ ଶୁଦ୍ଧ ଭକତି ଅରଜ ରେ । ଘୋଷା ।×
ବ୍ରଜ-ଅପ୍ରାକୃତ ପ୍ରେମ-ରସାର୍ଣ୍ଣବେ ମଜ୍ଜ ।× × ୨ ।
ବାହୁ ତୋଳି ହରି ବୋଲି ତରଜ ଗରଜରେ । ୩ ।
ଭଣିଲେ ଧୀର ଶ୍ରୀ ବୀର ଗଜପତି ରାଜ ।
ଧ୍ୟାନ କରି ଶ୍ରୀ ଯୁଗଳ-ଚରଣ-ସରୋଜ ରେ । ୪ ।
("ମନ, ରାଧେକୃଷ୍ଣ ଭଜରେ" ଗୀତରେ)

ଦୀକ୍ଷା ନେବା ପୂର୍ବରୁ କବି ଗୃହସ୍ଥ ଥିବା ହିଁ ଜଣାପଡ଼େ; ତାଙ୍କର 'ଗ୍ରାମ୍ୟ' ରସ ଗୀତମାନଙ୍କରୁ ସେ ଜଣେ ରସିକ ଗୃହସ୍ଥ ଥିବା ସ୍ପଷ୍ଟ ହେଉଛି ।

(୧) "ଆହା ମୋର ରତିଲଳସୀ" ଗୀତ—
× ×"ଶେଯେ ମଲ୍ଲି ଫୁଲ ବିଞ୍ଚିବା କଥା,
ମନେ ପଡ଼ି, ହୃଦେ ଦିଅଇ ବ୍ୟଥା × × । ୨ ।
× × ରତନ-ଅଳକା ମଣ୍ଡି ଚକୁରେ,
ଦିନେ ଦେଖିଥିଲୁ ମୁଖ ମୁକୁରେ । ୩ ।
ପୃଷ୍ଠ ଦେଶେ ଥାଇଁ ଶୋଭା ଦେଖୁଥାଇଁ,
ଦେଖି ପ୍ରତି ଚୁମ୍ବ ଦେଲୁ ଯା ହସି । ୩ ।

(୨) "ଆହା ଶଶୀବଦନା" ଗୀତରେ—
"ତୃଷିତ ମୁହିଁ ଚରନଖି ଦିବସେ ଦରହାସୀ ବନମାଳୀକି ତୋଷିବ ।"

କବି ପୁରୀରେ ଅବସ୍ଥାନ କରୁଥିବା ବେଳେ ପ୍ରତିଦିନ ଜଗନ୍ନାଥଙ୍କୁ ଦର୍ଶନ କରୁଥିଲେ ଏବଂ ତାଙ୍କର ଜାନିଯାତ୍ରାରେ ଯୋଗଦେଇ ଆନନ୍ଦ ଉପଭୋଗ କରୁଥିଲେ ।

ବାର୍ଦ୍ଧକ୍ୟରେ କବି କେବଳ ପୁରୀରେ ଦେହତ୍ୟାଗ କରିବା କାମନା କରି ଜଗନ୍ନାଥଙ୍କୁ ପ୍ରାର୍ଥନା କରିଛନ୍ତି ଏବଂ ଶରଧାବାଲିରେ ଟିକିଏ ସ୍ଥାନ ଦେବା ପାଇଁ ଜଣାଇଛନ୍ତି ।

(୧) "ଜୟ ଜଗନ୍ନାଥ ହେ ଯଶୋଦା କୁମର" ଜଣାଣରେ—

ଲବଣ ଜଳଧି ତଟ ନୀଳାଦ୍ରି ନାମେ ପ୍ରକଟ,
କଳପବଟ ମୂଳେ କି ଲାଗିବ ମୋର ଶିର । ୪ ।

କହେ ବନମାଳୀ ଦାସ ଶ୍ରୀଗୁରୁ ଚରଣେ ଆଶ,
ସତେ କ୍ଷେତ୍ରବାସେ ଶେଷେ ଜୀବନ ଯିବ ମୋର । ୫ ।

(୨) "ଜଗନ୍ନାଥ ହୋ କିଛି ମାଗୁ ନାହିଁ ମୁଁ ତୋତେ" ଜଣାଣରେ
ଧନ ମାଗୁ ନାହିଁ, ଜନ ମାଗୁ ନାହିଁ,
ମାଗୁଛି ଶରଧା-ବାଲିରୁ ହାତେ । ଘୋଷା ।

କବି ଗୃହସ୍ଥ ଥିବା ବେଳେ ଗ୍ରାମ୍ୟରସର ଗୀତ ରଚନା କରିଥିବା ଜଣାଯାଏ, କାରଣ ପରିଣତବୟସରେ ସେ ଏହାକୁ ଘୃଣାକରି ହରିନାମ କୀର୍ତ୍ତନରେ ମନ ବଳାଇ ଥିବା ବ୍ୟକ୍ତ କରିଛନ୍ତି—

"ଜଗନ୍ନାଥ ହୋ" ଜଣାଣରେ—
ଜିହ୍ୱା ନ ବାଞ୍ଛଇ ଗ୍ରାମ୍ୟ ଗୀତ ଗାଇବାକୁ ରଜନୀ ଦିବସ,
ତୁମ୍ଭ ନାମାବଳୀ କେବଳ ସଙ୍ଗାଳି ହୋଇଆଛି ପୀତବାସ । ୨ ।

ଗୃହସ୍ଥାଶ୍ରମରେ କବି ବହୁ କଷ୍ଟରେ ଜୀବନଯାପନ କରୁଥିବା ପ୍ରକାଶ କରିଛନ୍ତି । କୁଟୁମ୍ବ ଜଞ୍ଜାଳ, ଅନ୍ନକଷ୍ଟ, ବସ୍ତ୍ରକଷ୍ଟ ତାଙ୍କୁ ଅସ୍ଥିର କରି ଦେଉଥିଲା । ଏପରିକି ସେ ଭଲ 'ଭେକ' ଖଣ୍ଡିଏ ପିନ୍ଧି ଦେଉଳକୁ ଯାଇ ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ମଧ୍ୟ ତାଙ୍କର ସମ୍ବଳ ନଥିଲା । ଏହି କାରଣରୁ ସେ

ଜଗନ୍ନାଥ ଦେଉଳକୁ ମଧ୍ୟ ସବୁଦିନ ଯାଇ ପାରୁ ନଥିଲେ । ଦୁଃଖ ଜଣାଣରେ ସେ ଏହା ବଡ଼ କରୁଣ ଭାବରେ ପ୍ରକାଶ କରିଛନ୍ତି ।

ଆହେ ପ୍ରଭୁ କଳାଶ୍ରୀମୁଖ !
କାଳ ଯାକ ଭଜି ନଗଲା ଦୁଃଖ । (ଘୋଷା)
କି ଅବା ତୁମ୍ଭରେ ଜଣାଇବି ମୁହିଁ ସାକ୍ଷାତେ ମୋ ଦୀନ ଅବସ୍ଥା ଦେଖ ।
ତେଣୁ ଶ୍ରୀତୁମ୍ଭମୁଖୁ ଯାଇ ନ ପାରଇ
ଖଣ୍ଡିଏ ତ ମୋର ନ ଥାଇ ଭେକ । ୧ ।

ସାଂସାରିକ ଜଞ୍ଜାଳ, କ୍ଷୁଦ୍ର ଗୃହ ଗୋଲ ଯୋଗୁଁ ତାଙ୍କର ଅନ୍ତର ବେଦନା ଅଧିକ ହୋଇ ପଡ଼ିଥିଲା । ଏହି କାରଣରୁ ତାଙ୍କର ମନ ମଧ୍ୟରେ ହରଷ ନ ଥାଏ, ହୃଦୟ ମଧ୍ୟ ସଦାବିମୁଖ ହୋଇ ଥାଏ ।

'ଭେକ'କୁ ଦୀକ୍ଷା ଅର୍ଥରେ ନେଲେ ମଧ୍ୟ ସଂସାର ଜଞ୍ଜାଳରୁ ସବୁ ଗୃହସ୍ଥଙ୍କ ପରି ସେ ମଧ୍ୟ ମୁକ୍ତ ନଥିଲେ । ଅନ୍ନବସ୍ତ୍ରର କଷ୍ଟ ତାଙ୍କୁ ନିରାନନ୍ଦ ରଖୁଥିଲା, ଏହା ସହଜରେ ଅନୁମେୟ ।

କବି ଦୀକ୍ଷା ନେବା ପରେ ମଧ୍ୟ ପୁରୀରେ ଅବସ୍ଥାନ କରୁଥିଲେ ଏବଂ ବୈଷ୍ଣବ-ବୈରାଗୀ ହେବା ପରେ ଆଦର୍ଶ ଜୀବନଯାପନ କରିବାରେ ସହାୟକ ହେବା ନିମନ୍ତେ ପ୍ରଭୁ ନୀଳାଚଳନାଥ ଜଗନ୍ନାଥଙ୍କୁ ପ୍ରାର୍ଥନା କରୁଥିଲେ । "ଏହି ଅଳି ଶ୍ରୀ'ତୁମ୍ଭରେ ହେ ଦୀନବନ୍ଧୁ, ଏହି ଅଳି ଶ୍ରୀ ତୁମ୍ଭରେ" ଗୀତରେ ସେ ନିଜର ଅଭିଳାଷ ବ୍ୟକ୍ତ କରିଛନ୍ତି । ଏକାନ୍ତ ଭକ୍ତର ମନର କାମନା ଏହି ଗୀତଟିରେ ସୁନ୍ଦର ଭାବରେ ଫୁଟି ଅଛି । 'ଦୀନାକିନା' ମନା ହେଲେ ମଧ୍ୟ ଦାସଙ୍କର ଚିନ୍ତା ନାହିଁ, କିନ୍ତୁ ବଡ଼ ଦେଉଳର ନୀଳଚକ୍ରକୁ ଚାହିଁ ସୁଖୀ ହେଉଥିବେ, ଶ୍ରୀକ୍ଷେତ୍ରରେ ଚିହ୍ନ ଜଗନ୍ନାଥଙ୍କର ବାରମାସରେ ତେର ଯାତ୍ରା ଦେଖୁଥିବେ, ଏହିଠାରେ ଭିଖାରି ଓ ସାଧୁସନ୍ଥମାନଙ୍କର କିଙ୍କର ହୋଇ ମଧୁକର ମାଗୁଥିବେ । ବଡ଼ଦେଉଳ ଭିତରେ ଆନନ୍ଦ-ବଜାରରେ ଜଗନ୍ନାଥଙ୍କ ନାମ ଗାୟନକରି ମଜାରେ ବୁଲୁଥିବେ ।

କବି ଦୀକ୍ଷା ନେଇଥିବା ସ୍ପଷ୍ଟ ଭାବରେ ବ୍ୟକ୍ତ କରିଛନ୍ତି—"ଏଥିପାଇଁ କୁଳ ମୂଳ ହରାଇଛୁ, ସାଥି କରି ଚୋଟେ ଏକା," ('ଏହି ଅଳି ଶ୍ରୀ ଗୁରୁରେ' ଗୀତ)

ବନମାଳୀ 'ଗର୍ବୋନ୍ମତ୍ତ ଗାଦୀଶ୍ୱର'ମାନଙ୍କୁ ସୁଖ ପାଉ ନଥିଲେ । ଏହି ଗର୍ବମତ୍ତମାନଙ୍କୁ ଅଳକର ଆଉ କାର୍ଯ୍ୟ ନାହିଁ ବୋଲି ସେ ଦୁଃଖରେ ଜଗନ୍ନାଥଙ୍କୁ ଜଣାଇଛନ୍ତି । 'ଉଦର ଚିନ୍ତା'ରେ ଗର୍ବମତ୍ତ ଗାଦୀଶ୍ୱରମାନଙ୍କଠାରେ 'ଯାଚକ' ହେବାକୁ ତାଙ୍କୁ ଲାଜ ମାଡୁଥିଲା । ଏହି କାରଣରୁ ସେ ଅନ୍ତରବେଦନା ଅନୁଭବ କରୁଥିଲେ । ରାଜାମାନଙ୍କଠାରେ ଭିକ୍ଷା ମାଗିବା ମଧ୍ୟ ସେ ଆଉ ପସନ୍ଦ କରୁ ନଥିଲେ ।

(୧) ଗୁର ଏ ଉଦର ପାଇଁ
କେତେ ଜନଙ୍କୁ ବୋଲିବ ମହିମା ଗୋସାଇଁ ।
('ଗୁର ଏ ଉଦର ପାଇଁ' ଜଣାଣ)

(୨) ମହାବାହୁ ! ମୋ ସମ ନାହିଁ କେ ଦୁଃଖୀ,
ଉଦର ଚିନ୍ତାରେ ଭ୍ରମାଇ ନୟନ ହନୁ ହନ ଗଲି ଶୁଖି । (ଘୋଷା)
ଇତର ଜନରେ ଯାଚକ ହେବାକୁ ବିଶେଷେ ମାଡ଼ଇ ଲାଜ,
ଅନ୍ତରବେଦନା କେ ଝବା ଜାଣିବ ତୁମ୍ଭ ବିନୁ ଦେବ-ରାଜ ।
ଗାଦୀଶ୍ୱରମାନେ ଯେତେ ଯେ ଅଛନ୍ତି ସେ ସର୍ବେ ତ ଗର୍ବମତ୍ତ,
ପଦବେଶ ଧରି ଆମ୍ଭ ନ ଚିହ୍ନନ୍ତି ଉପାଧି ବହି ମହାନ୍ତ ।

ବନମାଳୀଙ୍କ ନାତିଶିଷ୍ୟ ସାଧୁଚରଣ ଦାସ (ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା) ମଧ୍ୟ ଏହିପରି ଭାବରେ ଗର୍ବମତ୍ତ ଗାଦୀଶ୍ୱରମାନଙ୍କୁ କଠୋର ଭାବରେ ସମାଲୋଚନା କରିଛନ୍ତି ।

ଭାଷା—କବିଙ୍କ ଭାଷା ମାର୍ଜିତ, କ୍ଲିଷ୍ଟ ନୁହେଁ । ସେ ସରଳ ଭାଷା ବ୍ୟବହାର କରି ତାଙ୍କର ପଦଗୁଡ଼ିକୁ ମଧୁର କରିପାରିଛନ୍ତି ।

ଅଳଙ୍କାର ଭିତରେ ଅନୁପ୍ରାସର ସୁଷମ ପ୍ରୟୋଗ ପଦଗୁଡ଼ିକୁ ରମଣୀୟ କରିପାରିଛି ।

ନାୟକ, ନାୟିକା, ଦୂତ ଦୂତୀ ପ୍ରଭୃତିଙ୍କ ଅନୁଚନ୍ତା, ଭାବ, ବିଭାବାଦି ଅଲଙ୍କାର ମାଧ୍ୟମରେ ଶୋଭନ ଭାବରେ ଫୁଟାଇ ଜୀବନ୍ତ ଚିତ୍ର ସୃଷ୍ଟି କରି ପାରିଛନ୍ତି ।

କବି ବନମାଳୀ କେତେକ ଯାବନିକ ଶବ୍ଦ ବ୍ୟବହାର କରିଛନ୍ତି ।

ସାସ୍ତା—"ଆହ୍ଲାଦରେ ଏତି ଚଉଦ ଲୋକ ସାସ୍ତାରେ ।"

('ଧଳା କଳା ସୋଦରେ, ବଳା ଛାଉ ମୋଦରେ' ଗୀତ)

ମଜା, ବଜାର—"ଆନନ୍ଦ ବଜାରେ ବୁଲିଣ ମଜାରେ ଗାଉଥିବି ତୋର ନାମ ।"

('ଏହି ଅଳି ଶ୍ରୀଗୁମୁରେ' ଗୀତ)

ନଜର—"ତା କଥା ନ ଆସେ ମୋ ନଜରକୁ ଲୋ ।"

('ଶ୍ୟାମ ସୁନ୍ଦର ଶ୍ରୀମୁଖ ଅନାଇ' ଗୀତ)

ବେଜା—"ବେଜାରେ ବନମାଳୀ କହିଲେ ।"

('ମଙ୍ଗା ଲଙ୍ଗା ହଜାଇ କୁଳଜା ରହିଲେ' ଗୀତ)

ନୌକର—"ଛେରିପହରି ନଉକରି ପଣରେ ଖଟଣୀ ଖଟିବି ହେଲେ"

('ମହାବାହୁ ! କାହାକୁ କହିବି ଦୁଃଖ' ଗୀତ)

ଶ୍ରୀଚ ଇଚ୍ଛାବତୀ

କବି ବନମାଳୀ ଦାସ ପ୍ରଥମେ ଗଣେଶଙ୍କୁ ଓ ସାରଳାଙ୍କୁ ବନ୍ଦନା କରି କାବ୍ୟଗ୍ରନ୍ଥ ଆରମ୍ଭ କରିଛନ୍ତି । ଛୋଟ ଛୋଟ ଛଅଟି ଛାନ୍ଦରେ କାବ୍ୟଟି ସମ୍ପୂର୍ଣ୍ଣ ହୋଇଛି । କ୍ରମାନ୍ୱୟରେ ଛାନ୍ଦମାନଙ୍କର ଏହି ରାଗଗୁଡ଼ିକ ବ୍ୟବହୃତ ହୋଇଛି—ନଳିନୀଗୌଡ଼ା, କଳଶା, ବରାଡ଼ୀ, ଆଷାଢ଼ ଶୁକ୍ଳବାଣୀ, କେଦାର ଚକ୍ରକେଳୀ ବାଣୀ, ଖେମଟା । ଛାନ୍ଦମାନଙ୍କର ପଦସଂଖ୍ୟା ସମାନ ନୁହେଁ ।

୧ମ ଛାନ୍ଦରେ ୧୩ ପଦ, ୨ୟ ଛାନ୍ଦରେ ୧୦୮, ୩ୟ ଛାନ୍ଦରେ ୩୪, ୪ର୍ଥ ଛାନ୍ଦରେ ୮୧, ୫ମ ଛାନ୍ଦରେ ୬୭, ୬ଷ୍ଠ ଛାନ୍ଦରେ ୧୧ ପଦ ଅଛି ।

ପଞ୍ଚମ ଛାନ୍ଦ ବ୍ୟତୀତ ଅନ୍ୟ ସବୁ ଛାନ୍ଦର ଶେଷରେ ଭଣିତା ଅଛି । ସେ ନିଜକୁ କବି ବନମାଳୀ, ଦୀନ ବନମାଳୀ, ଦାସ ବନମାଳୀ ବୋଲି ପରିଚୟ ଦେଇଛନ୍ତି । କବି ନିଜକୁ 'ଦୀନ ହୀନ ମୁହିଁ ମୂରୁଖ ଜନ' (୭ମ ଛାନ୍ଦ) ବୋଲି ପରିଚୟ କରାଇଥିବାରୁ ଏହା ତାଙ୍କର ନମ୍ରତା ପ୍ରମାଣିତ କରୁଛି ।

କବି ଗ୍ରନ୍ଥାରମ୍ଭରେ ଓ ଦ୍ୱିତୀୟ ଛାନ୍ଦର ଆରମ୍ଭରେ ଗଣେଶଙ୍କୁ ସ୍ତୁତି କରିଛନ୍ତି ଏବଂ ପଞ୍ଚମ ଛାନ୍ଦରେ "ଗୋପୀନାଥ ପାଦ ତଳେ ଚିତ୍ତ ମୋର ରହୁ" ଓ ଶେଷ ଛାନ୍ଦରେ "କମଳାପତିଙ୍କ ପାଦପଦ୍ମକୁ ଧ୍ୟାୟୀ" ବୋଲି ପ୍ରାର୍ଥନା କରିଛନ୍ତି । ଏଥିରୁ ତାଙ୍କର ନିର୍ଦ୍ଦିଷ୍ଟ ଧର୍ମପନ୍ଥା ସ୍ପଷ୍ଟ ନ ହେଲେ ମଧ୍ୟ ଏଥିରେ ବୈଷ୍ଣବ-ଭାବ ନିହିତ ଥିବା ଅନୁମାନ କରି ଯାଇପାରେ । କବି ସୁଜନ, ରସିକ, ପଣ୍ଡିତ ଓ ଗୁଣବନ୍ତ ପାଠକମାନଙ୍କୁ ବିନୟରେ ନିବେଦନ କରିଛନ୍ତି । ଏହି ଶ୍ରେଣୀର ପାଠକହିଁ କାମ୍ୟ ବୋଲି ସେ ଦର୍ଶାଇଛନ୍ତି । ଏହା ମଧ୍ୟ କବିପରମ୍ପରାର ଏକ ଲକ୍ଷଣ ।

କାବ୍ୟର କଳେବର କ୍ଷୁଦ୍ର କରିବା କଳ୍ପନା କରିଥିବା ଯୋଗୁଁ କବି ବିଷୟବସ୍ତୁର ପ୍ରବାହ, ବିକାଶ ଓ ବର୍ଣ୍ଣନାର ପୁଷ୍କଳତା ପ୍ରଭୃତିକୁ ବାହୁଲ୍ୟ କରି ନାହାନ୍ତି । ଏହି କାରଣରୁ ଭାବ-ଗାମ୍ଭୀର୍ଯ୍ୟର ଅଭାବ ପରିଲକ୍ଷିତ ହେଉଛି । କଥାପ୍ରବାହ ହିଁ କାବ୍ୟର ବହୁ ଅଂଶ ଅଧିକାର କରିଛି । କଥୋପକଥନ, ବର୍ଣ୍ଣନା ପ୍ରଭୃତିରେ ଶ୍ଳେଷ, ଛଳ, ବକ୍ରୋକ୍ତି ପ୍ରଭୃତିର ବ୍ୟବହାର ନଥିବାରୁ କାବ୍ୟନାୟିକା ଉଚ୍ଚ-କାବ୍ୟ-ସୌନ୍ଦର୍ଯ୍ୟରେ ବିମଣ୍ଡିତ ହୋଇ ପାରିନାହିଁ । ତେବେ ସରଳ ଭାଷା, ଅଭିବ୍ୟକ୍ତି ଓ ସୁଭାଷିତାବଳୀ ଯୋଗୁଁ କାବ୍ୟଟି ଜନସମାଜର ଆଦର ଲାଭ କରିପାରିଛି । ଅନୁପ୍ରାସ, ଯମକାଦି ଅଳଙ୍କାରର ପ୍ରୟୋଗ ଦୃଷ୍ଟିଗୋଚର ହୁଏ ନାହିଁ ।

କବି ସମାଜର କେତେକ ରୀତିନୀତିକୁ ସଂକ୍ଷେପରେ, ସୁନ୍ଦର ଭାବେ ଓ ସରଳ ଭାଷାରେ ବ୍ୟକ୍ତ କରିଥିବାରୁ ସାଧାରଣଙ୍କଦ୍ୱାରା ଏହା ଆଦୃତ ହେଉଛି ।

ଭୋଜରାଜନନ୍ଦିନୀ ସୁନ୍ଦରୀ ଇଚ୍ଛାବତୀଙ୍କ ସହ ଦର୍ପକ ଦେଶର ରାଜା ମଦନବ୍ରହ୍ମଙ୍କ ପୁତ୍ର ଗୁରୁବ୍ରହ୍ମଙ୍କ ସହିତ ପ୍ରୀତି, ମିଳନ ଓ ବିବାହ ଏହି କାବ୍ୟର ବିଷୟବସ୍ତୁ । ଦାନୁଆଣି କଟକ ଭୋଜରାଜଙ୍କ ରାଜଧାନୀ ।

କଥାବସ୍ତୁ—ରାଜକୁମାର ଗୁରୁବ୍ରହ୍ମ ଅତି ସୁନ୍ଦର ଯୁବକ । ପୁତ୍ରଙ୍କ ଗୁଣ ବିଚକ୍ଷଣ ଦେଖି ପିତା ତାହାଙ୍କ ନିମନ୍ତେ ଉପଯୁକ୍ତ "ରସିକା ପଣ୍ଡିତା ସୁନ୍ଦରୀ" କନ୍ୟା ଖୋଜାଇଲେ । ଦେଶ ଦେଶାନ୍ତରେ ଦୂତମାନେ ଭ୍ରମଣକରି ବହୁ ସୁନ୍ଦରୀ ରାଜକୁମାରୀଙ୍କ ଚିତ୍ରପଟ ଆଣିଲେ । କେଉଁଠାରେ ହେଲେ କୁମାରଙ୍କ ମନ ମାନିଲା ନାହିଁ । କୁମାର ପ୍ରତିଜ୍ଞା କଲେ କନ୍ୟା ସୁନ୍ଦରୀ, ସ୍ୱଭାବରେ ସତୀ ହୋଇଥିବ । ପୁଣି—

ଆମ୍ଭ ମନ ହରିବ ଯେ ବିଦ୍ୟାରେ ଗରିଷ୍ଠା,
ସୁନ୍ଦରୀ କାମିନୀଙ୍କ ଉପରେ ଯେହୁ ଶ୍ରେଷ୍ଠା ।

ଏଭଳି କନ୍ୟାକୁ କେବଳ ସେ ବରଣ କରିବେ । ପିତା ପୁତ୍ରଙ୍କର ଏ ପ୍ରତିଜ୍ଞା ଶୁଣି ବିଚଳିତ ହୋଇ ପଡ଼ିଲେ ଏବଂ ତାଙ୍କର କର୍ତ୍ତୃତ୍ୱ ଓ ବିବେଚନା ଉପରେ ପୁତ୍ର ନିର୍ଭର ନ କରୁଥିବାରୁ ଅତ୍ୟନ୍ତ କ୍ରୋଧ ପ୍ରକାଶ କଲେ । ପୁତ୍ରକୁ କୁପୁତ୍ର ବୋଲି ଘୋଷଣା କରି କହିଲେ—

ବୋଲେ ରାଜା ହୋଇ ଅତି କୋପେ ପ୍ରଜ୍ୱଳିତ,
ରାଜ୍ୟରୁ ବାହାର କରି ଦିଅ ଏହି ପୁତ୍ର । (୧ମ ଛାନ୍ଦ)

ପୁତ୍ର "ତାହାର ଇଚ୍ଛାରେ ବିଭା ହେଉ ଯହୁଁ ତହୁଁ" ବୋଲି ମଧ୍ୟ କହିଲେ । ପିତାଙ୍କର ଏ ବାକ୍ୟ ଶୁଣି କୁମାର ଅନେକ ଚିନ୍ତାକରି ସ୍ୱଦେଶ ତ୍ୟାଗ କଲେ ।

କିଛିଦିନ ପରେ ଭୋଜରାଜଙ୍କ ଦାନୁଆଣି ନଗରରେ ଗୁରୁବ୍ରହ୍ମ ଉପସ୍ଥିତ ହେଲେ । ସେଠାର ରାଜକୁମାରୀ ଇଚ୍ଛାବତୀ ଦ୍ୱିଜ କରୁଣାକର ପଣ୍ଡା ନାମକ ଜଣେ ବିଜ୍ଞ ପଣ୍ଡିତ-ଓଝାଙ୍କଠାରେ ବିଦ୍ୟାଶିକ୍ଷା କରୁଥିଲେ । ରାଜନଅରର ସିଂହଦ୍ୱାରଠାରେ ଚାଟଶାଳୀ ଅବସ୍ଥିତ ଥିଲା । ସେଠାରେ

ଇଚ୍ଛାବତୀଙ୍କ ସହ ରାଜକୁମାର ଗୁରୁବ୍ରହ୍ମଙ୍କ ଭେଟ ହେଲା । ଉଭୟେ ଉଭୟଙ୍କ ଶୋଭାରେ ମୁଗ୍ଧ ହୋଇଗଲେ । ଗୁରୁ କରୁଣାକର ରାଜକୁମାରଙ୍କ ପରିଚୟ ମାଗିବାରୁ ସେ ପ୍ରକୃତ ଘଟଣା କହିଲେ । ଗୁରୁ ତାଙ୍କ ପ୍ରତି କୃପାପରବଶ ହୋଇ ନିଜ ଘରେ ରଖିଲେ ଏବଂ ତାଙ୍କୁ ଧର୍ମପୁତ୍ର କରି କହିଲେ—

ଆଜହୁଁ ହୋଇଲ ଆମ୍ଭ ଧର୍ମର ନନ୍ଦନ ହେ ।
ଛନବେଳ ଭୁଞ୍ଜି ପଢୁଥିବ ଇଚ୍ଛା ରୁଲେ
ଧର୍ମଗୃହ ବିଦ୍ୟାଶ୍ରେର ନାମ ତାକୁ ଦେଲେ ହେ । (୧ମ ଛାନ୍ଦ)

ଏ ବ୍ୟବସ୍ଥାରେ ଇଚ୍ଛାବତୀ ପରମ ସନ୍ତୋଷ ଲାଭ କଲେ । "ସଙ୍ଗକୁ ପାଇଲି ମୁହିଁ ଉତ୍ତମ ପୁରୁଷ ହେ" ବୋଲି ଭାବିଲେ ଏବଂ କୁମାରଙ୍କ ସହିତ ପାଠ ପଢ଼ିଲେ । ବିଦ୍ୟାଳୟରେ ପଠନ ସମୟରେ ଉଭୟଙ୍କ ମନ ଉଚ୍ଛନ୍ନ ହେଲା, ଉଭୟେ ପରସ୍ପରପ୍ରତି ଆକୃଷ୍ଟ ହେଲେ ।

କୁମାର ପରେ ନୟନ ପଡ଼ନ୍ତେ ତାହାର,
ମୋହ ବଶେ ମନ ତାର ହୋଇଲା ଅସ୍ଥିର ।
ଧୈର୍ଯ୍ୟଧର ରାଜଜେମା କରଇ ବିଚାର,
ମୋହରି ସଦୃଶ ଆସି ମିଳିଲାକ ବର ।
ଇଚ୍ଛାରେ ବରିବି ବୋଲି ମନେ କଲା ଚିନ୍ତା,
ଏ ମୋହର ମନବାଞ୍ଛା ସିଦ୍ଧକର ଧାତା । (୧ମ ଛାନ୍ଦ)

ପୁଣି ରାଜାର ଅବସ୍ଥା:—

ବିଦ୍ୟା ପଢ଼ିବାରେ ନ ବଳଇ ରାଜମନ,
ନରେଖିଣ ରହୁଁଥାଇ କୁମାରୀ ବଦନ ।

ଓଝାଙ୍କଠାରୁ ଶିଷ୍ୟର ପରିଚୟ ମାଗିବାରୁ ଇଚ୍ଛାବତୀଙ୍କୁ ଗୁରୁ ସେ "ଆମର ଏ ଜ୍ୟେଷ୍ଠପୁତ୍ର, ତୁମ୍ଭ ଜ୍ୟେଷ୍ଠଭାଇ" ବୋଲି କହିଲେ । ଇଚ୍ଛା ହରଷିତ ହେଲେ ଏବଂ ଉଭୟେ ବିଦ୍ୟାଶିକ୍ଷା କଲେ ।

ସାହିତ୍ୟ ସଙ୍ଗୀତ ବାକ୍ୟମାନ ପଚାରନ୍ତି,
ଦୁହେଁ ବିଦ୍ୟାରେ ସମାନ ତୁଳନା ଅଟନ୍ତି । (୯ମ ଛାନ୍ଦ)

ଦିନେ ବିଦ୍ୟାଶିକ୍ଷା ସମୟରେ ଇଚ୍ଛାର ହସ୍ତରୁ ଖଡ଼ି ଖସିଯାଇ ଗଡ଼ିଗଲା । ଗୁଣ୍ଠକୁ ଖଡ଼ିଟି ଆଣିବାକୁ କହିବାରୁ ଗୁଣ୍ଠ କହିଲେ— "ଖଡ଼ି ଯେବେ ତୋଳିଦେବି ସତ୍ୟ ମୋରେ କର ।" ଇଚ୍ଛାବତୀ ସମ୍ମତା ହେବାରୁ ଗୁଣ୍ଠ ଖଡ଼ି ଆଣିଦେଲେ । ପରେ ଏ ବିଷୟ କେମାଙ୍କ ମନରେ ଆନ୍ଦୋଳିତ ହେଲା । ଦୁହେଁ ଏକୁଟିଆ ଥିବା ସମୟରେ ହସରସରେ ନିଜ ନିଜର ମନୋଭାବ ବୁଝିପାରିଲେ ଏବଂ ଗୁଣ୍ଠଙ୍କ ଅନୁରୋଧ କ୍ରମେ ଇଚ୍ଛା ତାଙ୍କର 'ଭାର୍ଯ୍ୟା' ହେବାକୁ ସ୍ୱୀକାର କଲେ । ଗଣେଶ ଚତୁର୍ଥୀ ଦିନ ପୂଜାପାଇଁ ପୁଷ୍ପ ଆଣିବା ନିମନ୍ତେ ଗୁରୁ ଆଜ୍ଞାଦେଲେ । ଉପବନରେ ଦୁହିଁଙ୍କର ମିଳନ ହେଲା । ଉଭୟେ ସ୍ୱାମୀ-ସ୍ତ୍ରୀ ହେବେ ବୋଲି ପୁନର୍ବାର ପ୍ରତିଜ୍ଞା କଲେ । ଗୁଣ୍ଠ ଓ ଇଚ୍ଛାବତୀଙ୍କ ବ୍ୟବହାରରୁ ପ୍ରେମବନ୍ଧନର ସଙ୍କେତ ପାଇ ଗୁରୁ ପ୍ରମାଦ ଗଣିଲେ । ଗୁଣ୍ଠକୁ ସତର୍କ କରିଦେଲେ ଏବଂ କୁମାରୀ ସହିତ ପ୍ରୀତି ନ କରିବାକୁ କହିଲେ । ଶିଷ୍ୟ ସେହିଦିନଠାରୁ ଗୁଣ୍ଠଶାଳୀ ଯିବା ବନ୍ଦକଲେ । ଗୁଣ୍ଠ ଗୁଣ୍ଠଶାଳୀକି ନଯିବାରୁ ଇଚ୍ଛାବତୀଙ୍କ ମନରେ ଦୁଃଖ ହେଲା । (୧୨ଶ ଛାନ୍ଦ)

ଇଚ୍ଛାବତୀ ଗୁଣ୍ଠଙ୍କୁ ନଦେଖି ମହାଦୁଃଖୀ ହୋଇ "ମଦନେ କମ୍ପଇ ତାର ଶରୀର" । ଏହାର କାରଣ ପଚାରିବାରୁ ସତ୍ୟ ଘଟଣା କହିଲେ ନାହିଁ । ପ୍ରିୟସଖୀ ଅମୂଲ୍ୟବତୀକୁ ଗୁପ୍ତରେ କେମା କହିଲେ—

"ମୋର ବେଦନା ଏ ଯେଣୁ ହୋଇଛି,
ଧର୍ମ ଗୁଣ୍ଠକୁ ନପାରେ ମୁଁ ମୂର୍ଚ୍ଛି ।
ତାହାର ବିଚ୍ଛେଦେ ହାରିବି ପ୍ରାଣ
ଯେବେ ମୁଁ ବଞ୍ଚିବି ତାହାକୁ ଆଣ ।

ଗୁଣ୍ଠ ସହିତ ହରିତାଳିକା (ଗଣେଶ ଚତୁର୍ଥୀ) ଦିନ ଫୁଲତୋଟାରେ ତାହାଙ୍କ ପ୍ରଣୟ ଓ ମିଳନ ଇଚ୍ଛାବତୀ ଅମୂଲ୍ୟବତୀକୁ କହିଲେ । ସଖୀ ଗୋପନରେ

ଗୁଣ୍ଟଙ୍କୁ ଭେଟି ତାଙ୍କର ସ୍ୱୀକାର ଥିବା ଜାଣିପାରି ଇଚ୍ଛାବତୀଙ୍କର ବରଣମାଳା ତାହାଙ୍କ ଗଳାରେ ଲମ୍ବାଇ ଦେଲେ । କୁମାର ସମ୍ମତ ହୋଇ ଅମୂଲ୍ୟବତୀର ପରାମର୍ଶ ଅନୁସାରେ ସଖୀସଙ୍ଗେ ସନ୍ଧ୍ୟାବେଳେ ଗୋପନରେ ଇଚ୍ଛାବତୀପୁରକୁ ଗମନକଲେ । "ଦୁହେଁ ସୁଖେ ପଲଙ୍କେ ପହୁଡ଼ିଲେ", "ଦମ୍ପତି ସୁଖ କରି ସମ ପନ" ପ୍ରଭାତରେ ଅନ୍ତଃପୁର ଘରେ ଗୁଣ୍ଟ ଲୁଚି ରହିଲେ, ଅନ୍ୟ କେହି ଜାଣି ପାରିଲେ ନାହିଁ । ଗୁଣ୍ଟ ଘରକୁ ନ ଫେରିବାରୁ ଧର୍ମପିତା ଗୁରୁଙ୍କ ମନରେ କଷ୍ଟହେଲା । ସେ 'ଭବିଷ୍ୟତ ବକ୍ତା' ଓ 'ନାନା ବିଦ୍ୟାରେ ଗୁଣିକ' ବୋଲିଥିବାରୁ ତାଙ୍କୁ ଗୋଚର ହେଲା ଯେ କୁମର ଏକକାଠିପୁର (ଅନ୍ତଃପୁରରେ) କେମା ପାଶରେ ଲୁଚି ରହିଛି । ଗୁରୁଙ୍କ ମନରେ ମହାଭୟ ଉପସ୍ଥିତ ହେଲା । ସେ ଜଣେ ବିଶ୍ୱାସୀକୁ ଏକଥା ଗୋପନରେ କହିଲେ । ସେ ଅନ୍ୟଜଣକୁ କହିଲେ । ଏପରି କଣ୍ଟକରେ ଏ ସମ୍ବାଦ ପ୍ରଚାର ହୋଇଗଲା । ତଗର ଏକଥା ଶୁଣି ରାଜାଙ୍କୁ ଜଣାଇଲେ । ରାଜା ଦୋସାଧି (କୋଟୁଆଲ,କୁ ଡାକି କହିଲେ, "ଚୋର ସଙ୍ଗତରେ ଇଚ୍ଛାକୁମାରୀ"ଙ୍କୁ ଧରିଆଣି ଆମ୍ଭ ଛାମୁରେ ଦେବୁ । ନୋହିଲେ ତୋ ବଂଶ ଖୋଜି ମାରିବୁ ।" ଦୋସାଧି ନଗରର କନ୍ଧ ବିକନ୍ଧ ଖୋଜାଇଲେ । (୮ମ ଛାନ୍ଦ)

ଅନ୍ତଃପୁର ମୃଦୁସୁଲି ମଦନା ଜଣେ ଦସ୍ତାବତୀ ନାରୀ; ତାଙ୍କୁ ଦୋସାଧି ରାଜାଙ୍କ କଠୋର ଆଦେଶ ଜଣାଇ ନିଜ ଦୁଃଖ କହିଲେ । ମଦନା ଦସ୍ତା-ବନ୍ଧୁ ଦୋସାଧିଙ୍କୁ ଭେଦ ବତାଇଲା । ସେ ଅନୁସାରେ ସନ୍ଧ୍ୟା ସମୟରେ ଦୋସାଧି ସ୍ତ୍ରୀ ବେଶରେ ଅନ୍ତଃପୁରରେ ପଶି ଚୋରକୁ ଧରିଲେ । ଇଚ୍ଛାବତୀ ଏହା ଦେଖି ମୂର୍ଚ୍ଛା ହୋଇ ପଡ଼ିଗଲା । "ସବୁଠାରେ ବାଜିଗଲା ଚହଲ ।" ଗୁପ୍ତ ଚୋରକୁ କୋଟୁଆଲ ଧରି ରାଜାଙ୍କ ନିକଟକୁ ନେଲେ । କୁମାରର ଶୋଭା ଦେଖି ରାଜା ମୋହିତ ହୋଇଗଲେ ଏବଂ "ଗୃହିଁ ବୋଇଲେ କେମାକୁ ରାଜନ, ରାଜପୁତ୍ର ହେବ ଏହି ନନ୍ଦନ । କେମା ସଦ୍‌ଗୁଣ ବର ଅଟେ ଏହି, ଦେଖି ଆମ୍ଭର ମନକୁ ଆସଇ ।" କୁମାର ରାଜାଙ୍କୁ ତାଙ୍କର ଏହି ଅଭିମତକୁ କାର୍ଯ୍ୟରେ ପାଳନ କରିବା ପାଇଁ ଅନୁରୋଧ କଲେ । ରାଜା କୁମାର ଓ କେମାଙ୍କ ଅଭେଦ ପ୍ରୀତି ଥିବା ଜାଣି ପାରିଲେ । "ଏହି ମଲେ କେମା ନିଶ୍ଚେ ମରିବ ।"

"ଏହୁ ମରିବା ଯୋଗ୍ୟତା ନୁହଇ" କହି ରାଜା ଦୋସାଧୁଙ୍କୁ ମିଥ୍ୟାରେ ପ୍ରାଣଦଣ୍ଡର ଅଭିନୟ କରିବାକୁ ଆଜ୍ଞା ଦେଲେ । "ତାକୁ ନେଇଥିବୁ ତୁ ଏକ ସ୍ଥାନ, ମିଛେ କହିବୁ ଚମକ ବଚନ । ତାକୁ ଖଡଗ ପ୍ରହାରିବୁ ନାହିଁ, ମିଛେ ଭୁଆଇଥିବୁ ରୋଷ ବହି ।" 'ଦୁହିଙ୍କର ସତ୍ୟ ବୁଝିବା' ପାଇଁ ରାଜା ଏ ଉପାୟ କଲେ । ଦୋସାଧୁ ସେପରି କଲେ । ଏହା ପରେ ଗୁରୁବ୍ରହ୍ମଙ୍କୁ ନେଇଯାଇ ଦ୍ରବ୍ୟ ମାଜଣା କରାଇଲେ ଏବଂ ବହୁ ଉତ୍ସବ ଆଚରଣ କଲେ ।

(୪ର୍ଥ ଛାନ୍ଦ)

ରାଜା ଜାଣିଲେ ଯେ ଗୁରୁ ରାଜା ମଦନବ୍ରହ୍ମଙ୍କ କୁମର ଅଟନ୍ତି । ବିବାହର ଆୟୋଜନ ହେଲା । ମଦନବ୍ରହ୍ମ ଉପସ୍ଥିତ ହେଲେ । ମହା ଆଡ଼ମ୍ବର ସହକାରେ ବିବାହ ସମ୍ପନ୍ନ ହେଲା । ଗୁରୁ ଓ ଇଚ୍ଛାବତୀ ସ୍ୱାମୀ-ସ୍ତ୍ରୀ ହୋଇ ସୁଖରେ ଜୀବନଯାପନ କଲେ । ସାମାନ୍ୟ କଥାରେ ଗୁରୁଙ୍କ ପ୍ରତି ଇଚ୍ଛାଙ୍କ ମନ ବିରସ ହେଲା, ସେ ମାନ କଲେ । ଗୁରୁ ମାନ ଭଙ୍ଗ ପାଇଁ ଗୁରୁ ଚେଷ୍ଟା କଲେ ।

(୫ମ ଛାନ୍ଦ)

ଗୁରୁଙ୍କ ଗୁରୁବଚନ ଓ 'ବୁଝାଣ' ପରେ ଇଚ୍ଛାଙ୍କ ମନରୁ ରୋଷ ଦୂର ହେଲା । ଦୁହେଁ ସୁଖ ମନରେ ଗୁରୁଙ୍କୁ ଧନବସନ ଦେଇ ଆଶୀର୍ବାଦ ନେଲେ । କେତେଦିନ ପରେ ଗୁରୁବ୍ରହ୍ମ ଇଚ୍ଛାବତୀଙ୍କୁ ଧରି ସ୍ୱଦେଶକୁ ଫେରିଲେ । ଗୁରୁବ୍ରହ୍ମଙ୍କ ସ୍ୱଦେଶତ୍ୟାଗ, ବିବାହ, ସ୍ୱଦେଶ ପ୍ରତ୍ୟାଗମନ ବୃତ୍ତାନ୍ତ ଦେଖି ମାତାପିତା ଆନନ୍ଦରେ କହିଲେ, "ଗୁରୁବ୍ରହ୍ମ କର୍ମରେ ଯେ ଏମନ୍ତ ଥିଲା ।" ଲୋକେ ବୋଇଲେ "ଗୁରୁବ୍ରହ୍ମକୁ ଇଚ୍ଛା ଯୋଗାଇ, ଯାହାକୁ ଯେମନ୍ତ ଯାହା ବିଧି ଘଟାଇ ।" କିଛି ସମୟ ପରେ ମଦନବ୍ରହ୍ମ ପୁତ୍ରକୁ ରାଜପଣ ସମର୍ପଣ କଲେ । (୬ଷ୍ଠ ଛାନ୍ଦ)

କବି ପାତ୍ରପାତ୍ରୀମାନଙ୍କ ଚରିତ୍ରଚିତ୍ରଣ ସ୍ୱ ସ୍ୱ ଶ୍ରେଣୀର ଉପଯୁକ୍ତ କରିଛନ୍ତି । ରାଜା, ରାଣୀ, ରାଜକୁମାର, ରାଜକୁମାରୀ, ଦାସୀ, ମୃଦୁସୁନ୍ଦରୀ ଓ ଗୁରୁପ୍ରଭୃତିଙ୍କ ଚିତ୍ର କ୍ଷୁଦ୍ରହେଲେ ମଧ୍ୟ ସ୍ପଷ୍ଟ ହୋଇଛି ଓ ରଙ୍ଗବିହୀନ ଗାରଯୁକ୍ତ ଚିତ୍ରପରି

ପର୍ଯ୍ୟବସିତ ହେଉଛି । ରୂପ, ବେଶ, ପ୍ରୀତି, ବିରହ, ମିଳନ ପ୍ରଭୃତି ବର୍ଣ୍ଣନାରେ କଳ୍ପନାର ବିଳାସ ଅତି ଅଳ୍ପ, ନାହିଁ କହିଲେ ଚଳେ । କଥା, କାର୍ଯ୍ୟକଳାପ ଓ ଭାବର ବିବରଣାତ୍ମକ ବର୍ଣ୍ଣନା କାବ୍ୟଟିରେ ପୂରି ରହିଛି ।

ସମାଜର କେତେକ ବିଧିବିଧାନ ଏଠାରେ ସୁନ୍ଦର ସରଳ ଭାବରେ ବର୍ଣ୍ଣିତ ହୋଇଛି, ତେବେ ବର୍ଣ୍ଣନାଚାତୁର୍ଯ୍ୟର ଅଭାବ ସରଳତାର ମୋହକୁ ଛିନ୍ନ କରି ଦେଉଛି । କେମା ଓ ରାଜକୁମାରଙ୍କ ମନୋଭାବର ବିଶ୍ଳେଷଣ ସୁନ୍ଦର ଓ ଯଥାଯଥ ହୋଇଛି । ଉପବନବିହାର ସ୍ଥଳରେ ନାୟିକାର ବର୍ଣ୍ଣନାଟି ଅତି ଚମତ୍କାର ହୋଇଛି ।

ସାମାନ୍ୟ ଘଟଣାରୁ ରାଜକୁମାରର ଜୀବନରେ ଘୋର ପରିବର୍ତ୍ତନ ହୋଇଥିଲା । ବିବାହରେ ସ୍ୱ ଇଚ୍ଛାନୁରୂପ କନ୍ୟା ନିର୍ବାଚନ ନେଇ କୁମାରଙ୍କ ସହ ରାଜାଙ୍କର ମତଭେଦ ହେବାରୁ ପିତା ଉତ୍ତରାଧିକାରୀ ପୁତ୍ରକୁମାରଙ୍କୁ ମଧ୍ୟ ସ୍ୱଦେଶରୁ ନିର୍ବାସନ କଲେ । ଦଣ୍ଡ କଠୋର ହେଲେ ମଧ୍ୟ ପିତା-ରାଜା କଠୋର ଭାବରେ ନିଜର କର୍ତ୍ତବ୍ୟ ପାଳନ କରିଛନ୍ତି ବୋଲି ଭାବିଲେ । ପିତା ରାଜା ପରେ ପୁତ୍ରର ଅନ୍ୱେଷଣ କରିଥିବା ମଧ୍ୟ ଜଣାଯାଏ ନାହିଁ ।

ରାଜକୁମାର ଭିକ୍ଷୁକରୂପରେ ଗୁରୁଙ୍କଠାରେ ଆଶ୍ରୟ ନେବା ଭାଗ୍ୟର ବିଡ଼ମ୍ବନା ମାତ୍ର । ଗୃହ ପ୍ରତି ଗୁରୁଙ୍କ ସ୍ନେହ ଓ ଗୃହ ଏବଂ ଇଚ୍ଛାଙ୍କ ଭେଟ ଆକସ୍ମିକ ।

ବିବାହ ପୂର୍ବରୁ ମାଳା ବଦଳରେ କେମା ଓ କୁମାରଙ୍କ ମିଳନ ସାମାଜିକ ଦୃଷ୍ଟିରେ ନୂତନ ବୋଧ ହେବ । କେମା ସଖୀ ହାତରେ କୁମାରଠାକୁ ମାଳା ପଠାଇ ମିଳନ ପାଇଁ ଗୋପନରେ ନିମନ୍ତ୍ରଣ କରିବା ପ୍ରସଙ୍ଗ ମଧ୍ୟ ନୂତନ ବୋଧ ହେବ । ପ୍ରଚଳିତ ମର୍ଯ୍ୟାଦାନୁସାରେ ଏସବୁ ଗର୍ହିତ କାର୍ଯ୍ୟ ।

'ଦର୍ପକ' ନଗର କଟକ ଜିଲ୍ଲାସ୍ଥ ଦର୍ପଣୀ ରାଜ୍ୟର ରାଜଧାନୀ ଦର୍ପଣୀ, ଭୋଜରାଜଙ୍କ ରାଜ୍ୟ ଦାନ୍ତୁଆଣି ବାଲେଶ୍ୱର ଜିଲ୍ଲାର ଉତ୍ତରରେ ବର୍ତ୍ତମାନର ବଙ୍ଗପ୍ରଦେଶାନ୍ତର୍ଗତ ମେଦିନୀପୁର ଜିଲ୍ଲାର ଦାନ୍ତନ ସହର ହେବା ସମ୍ଭବ ।

କବି ସୁବର୍ଣ୍ଣରେଖା ନଦୀର ଉଲ୍ଲେଖ କରି ଥିବାରୁ 'ଦାନ୍ତୁଆଣି' ରାଜ୍ୟ ଭିତରେ ଏହି ନଦୀ ପ୍ରବାହିତ ହେଉଥିଲା । ଦାନ୍ତୁଆଣି କଟକ ସୁବର୍ଣ୍ଣରେଖା ନଦୀ କୂଳରେ ଥିବା କବିଙ୍କ ଲେଖାରୁ ଜଣାପଡ଼ୁଛି । ପୂର୍ବେ ଦାନ୍ତୁନ ଓଡ଼ିଶା ରାଜ୍ୟ ଭିତରେ ଥିଲା, କବିଙ୍କ ସମୟକୁ ମଧ୍ୟ ଏହି ଅବସ୍ଥା ଥିଲା ।

କବି ଓଡ଼ିଶାର ଏକ ଐତିହାସିକ ଘଟନା ବା କିମ୍ବଦନ୍ତୀକୁ ଆଶ୍ରୟ କରି ଏହି କାବ୍ୟଟି ରଚନା କରିଥିବା ମନେହୁଏ । ଓଡ଼ିଶାର ନାୟକ-ନାୟିକାଙ୍କ ଚରିତକୁ ଆଶ୍ରୟ କରି କାବ୍ୟ ରଚନା କରିଥିବା ପ୍ରାଚୀନ କବିମାନଙ୍କ ଭିତରେ ବନମାଳୀ ଜଣେ । କବିଙ୍କ ସରଳଭାଷା, ସୁନ୍ଦର ବର୍ଣ୍ଣନା ଓ ହୃଦୟସ୍ପର୍ଶୀ ଭାବ କାବ୍ୟଟିକୁ ବହୁଜନପ୍ରିୟ କରିପାରିଛି । ଉତ୍କଳର 'କିମ୍ବଦନ୍ତୀ' ନିହିତ ହୋଇଥିବାରୁ ଏହାର ଆଦର ଓ ଗୌରବ ବୃଦ୍ଧି ପାଇଛି ।

କବିଙ୍କ ପୂର୍ବରୁ ଧନଞ୍ଜୟ ଭଞ୍ଜ 'ରତ୍ନ ଇଚ୍ଛାବତୀ' ନାମରେ ଯେଉଁ କାବ୍ୟଟି ରଚନା କରିଛନ୍ତି ତାହା ଏହି କାବ୍ୟ ଅପେକ୍ଷା ଉଚ୍ଚ ଧରଣର ହେଲେ ମଧ୍ୟ ସେଥିରେ ଲୋକପ୍ରିୟ ପ୍ରାଚୀନ ସଂସ୍କୃତ ରଚନା 'ଚୌର ପଞ୍ଚାଶିକା' ଓ 'ଉତ୍ତର ପଞ୍ଚାଶିକା'ର ପ୍ରଭାବ ବିଶେଷ ଭାବରେ ପଡ଼ିଥିବାରୁ ମୌଳିକତାଜନିତ କାବ୍ୟଗୌରବ କିଛି ଅଂଶରେ ହ୍ରାସ ପାଇଛି । ଧନଞ୍ଜୟ ଓ ବନମାଳୀ ଏକ କଥାବସ୍ତୁକୁ ବର୍ଣ୍ଣନା କରିଥିଲେ ମଧ୍ୟ ଶୈଳୀରେ ପ୍ରଭେଦ ରହିଛି । ଧନଞ୍ଜୟଙ୍କ ଗନ୍ଧର୍ବ ନାୟକନାୟିକା ଚୈତ୍ରରଥ ଯୋଗୁଁ ଦେବଶାପରେ ମର୍ତ୍ତ୍ୟରେ ଜନ୍ମଗ୍ରହଣ କଲେ । ନାୟିକା ଅବନ୍ତୀପୁରରେ ଭୋଜରାଜଙ୍କ କନ୍ୟାରୂପେ ଜନ୍ମଗ୍ରହଣ କଲା ଓ ମଧୁବନର ରାଜାଙ୍କର ପୁତ୍ରରୂପରେ ନାୟକ ଜନ୍ମଗ୍ରହଣ କଲା । ଏ ଚରିତ ଉତ୍କଳର ନୁହେଁ ।

ତୃତୀୟ ପରିଚ୍ଛେଦ

ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା

ଜୀବନୀ—ଅଷ୍ଟାଦଶ ଶତାବ୍ଦୀରେ ଉତ୍କଳ ସାହିତ୍ୟର ଅଙ୍ଗପୁଷ୍ଟି ସାଧନରେ ଯେଉଁମାନେ ବିଶେଷ ଭାବରେ ଯଶସ୍ୱୀ, ସେମାନଙ୍କ ମଧ୍ୟରୁ ଜଣେ ପ୍ରଧାନ ବ୍ୟକ୍ତି ହେଉଛନ୍ତି ସାଧୁ କବି ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା । ଆଜି ପର୍ଯ୍ୟନ୍ତ ଏହି ମହାତ୍ମାଙ୍କ ଜୀବନୀ ସମ୍ବନ୍ଧରେ ଯେଉଁ ସବୁ ବିଷୟ ପ୍ରକାଶ ପାଇଛି, ତାହା ଯଥେଷ୍ଟ ନୁହେଁ । ଉତ୍କଳର ଅନ୍ୟାନ୍ୟ କବିମାନଙ୍କ ସମ୍ବନ୍ଧରେ ଯେପରି, ଏହି କବିଙ୍କ ସମ୍ବନ୍ଧରେ ମଧ୍ୟ ସେହିପରି ଆମ୍ଭମାନଙ୍କୁ ଅନ୍ଧକାର ଗର୍ଭରେ ପଡ଼ି ରହିବାକୁ ପଡ଼ୁଅଛି । ଆଜି ପର୍ଯ୍ୟନ୍ତ ଶତଶତ କବିଙ୍କ କାବ୍ୟ ଅପ୍ରକାଶିତ ଭାବରେ ରହିଛି । ସଦାନନ୍ଦଙ୍କର ମଧ୍ୟ ଅନେକଗୁଡ଼ିଏ କାବ୍ୟ ଜନସାଧାରଣଙ୍କର ଦୃଷ୍ଟିକୁ ଆସିନାହିଁ । ପ୍ରକାଶିତ କାବ୍ୟମାନଙ୍କ ମଧ୍ୟରେ ଯୁଗଳରସାମୃତ-ଲହରୀ, ପ୍ରେମକଳ୍ପଲତା, ପ୍ରେମତରଙ୍ଗିଣୀ, ନାମଚିନ୍ତାମଣି, ସ୍ତୁତିଚିନ୍ତାମଣି, ଚୌରଚିନ୍ତାମଣି ଓ ନିଷ୍ଠାନୀଳମଣି ପ୍ରଭୃତି ଯେଉଁ କେତେ ଖଣ୍ଡି ବହି ଆମ୍ଭେମାନେ ପାଉଛୁ, ତହିଁରୁ କବିଙ୍କ ଜୀବନୀର ଗୋଟିଏ ପୂର୍ଣ୍ଣ ଛବି ପାଇବା ପାଇଁ ସୁବିଧା ନାହିଁ । ତେବେ ପ୍ରକାଶିତ ଓ କେତେକ ଅପ୍ରକାଶିତ ଗ୍ରନ୍ଥ ସାହାଯ୍ୟରେ କବିଙ୍କର ଜୀବନଚରିତ ରଚନା କରିବା ପାଇଁ ଚେଷ୍ଟା କରାଯାଇଛି ।

ଯୁଗଳରସାମୃତ ଲହରୀର ୫୬ଶ ଛାନ୍ଦରେ କବି ନିଜର ଆତ୍ମପରିଚୟ ସମ୍ବନ୍ଧରେ ଲେଖିଛନ୍ତି—

ନୟାଗଡ଼ ରାଜ୍ୟେ ପୂର୍ବାଶ୍ରମ ଯେ ମୋହର,
କିଛୁଦିନ ମାତ୍ରକ ରହିଲି ଘୁମୁସର ।
ଦଶପଲ୍ଲା ଭଞ୍ଜ ରାଜା ସଖ୍ୟ ପ୍ରେମେ ମୋତେ,
ବହୁ ସମ୍ଭାବନାରେ ରଖିଲେ ବର୍ଷ କେତେ ।

କଟକ ନିକଟ ଦାମୋଦର ପୁର ନାମେ,
ଗୃହୀ ବର୍ଷ ରହିଲି ମାହିନ ସେ ସ୍ଥାନେ ।
ତଦୁତ୍ତରେ ମଧୁପୁର ରାଜ୍ୟେ ଅଛି ଏବେ,
ବ୍ରହ୍ମଚର୍ଯ୍ୟ ଆଶ୍ରମ ତ ମୋହର ଦଇବେ ।

ଆହୁରି ମଧ୍ୟ ପ୍ରେମତରଙ୍ଗିଣୀରେ ଲେଖିଛନ୍ତି—

ନୂଆଗଡ଼େ ଶରଣକୂଳ ସ୍ଥଳରେ ଭିକ'ଗ୍ରାପଡ଼ା ଶାସନ,
ସୁବ୍ରାହ୍ମଣ ସଙ୍ଗ ସାମବେଦି ଅଧ୍ୟାପକଙ୍କ କୂଳେ ମୋ ଜନ୍ମ ।
(୨୭ଶ ଗ୍ରନ୍ଥ)

ଏଥିରୁ ଜଣାପଡ଼ୁଛି, କବି ନୟାଗଡ଼ରେ ଶରଣକୂଳ ନିକଟସ୍ଥ ଭିକାଗ୍ରାପଡ଼ା ଶାସନରେ ସାମବେଦୀ ବ୍ରାହ୍ମଣ କୂଳରେ ଜନ୍ମଗ୍ରହଣ କରିଥିଲେ । ଘୁମୁସରରେ ସେ କିଛିଦିନ ରହିଥିଲେ । ଦଶପଲ୍ଲା ଭଞ୍ଜରାଜା ତାଙ୍କୁ 'ସଖ୍ୟପ୍ରେମ'ରେ କିଛି ବର୍ଷ ବଡ଼ ମର୍ଯ୍ୟାଦାସହ ନିଜ ପାଖରେ ରଖିଥିଲେ । ଏହାପରେ ସେ କଟକ ନିକଟସ୍ଥ ଦାମୋଦରପୁର ଶାସନରେ ଗୃହୀବର୍ଷ ରହିଥିଲେ । ତାପରେ ମଧୁପୁର ଜମିଦାରୀକୁ ଯାଇ ସେଠାର ରାଜା ଶ୍ରୀ ଘନଶ୍ୟାମ ନରେନ୍ଦ୍ରଙ୍କ ଆଶ୍ରୟରେ ସସମ୍ମାନରେ କିଛି କାଳ ଅତିବାହିତ କରି ଏକ ମଠ ପ୍ରତିଷ୍ଠା କରିଥିଲେ । ଏହି ସମୟରେ କବି 'ଯୁଗଳରସାମୃତ ଲହରୀ' ରଚନା କରିଥିଲେ ।

କବି ନୟାଗଡ଼ ଛାଡ଼ିବା ପରେ ବୈଷ୍ଣବ ଧର୍ମରେ ଦୀକ୍ଷିତ ହୋଇଥିଲେ ଏବଂ ମଧୁପୁରରେ ଥିବା ସମୟରେ ତାଙ୍କର ବ୍ରହ୍ମଚର୍ଯ୍ୟାଶ୍ରମ ଥିଲା । ସେ ଚୈତନ୍ୟ ଧର୍ମାବଲମ୍ବୀ ଥିଲେ । ତାଙ୍କର ନିଜର ଗୋଟିଏ ମଠ ମଧ୍ୟ ଥିଲା । ସେଠାରେ ସେ ସାଧାରଣତଃ ମହନ୍ତ ନାମରେ ପରିଚିତ ଥିଲେ ।

ସାଧୁଚରଣ ପୂର୍ବାଶ୍ରମରେ ସଦାଶିବ ନାମରେ ପରିଚିତ ଥିବାର ଉଲ୍ଲେଖ କରି ଅଛନ୍ତି ଏବଂ ସେ ସଦାଶିବ, ସଦାନନ୍ଦ ଓ ସାଧୁଚରଣ ପ୍ରଭୃତି ନାମରେ ପରିଚୟ ଦେଇଥିଲେ ।

ନାମ ସଦାଶିବ ପୂର୍ବ ଅନୁଭବ
ପୁଣି ଖ୍ୟାତ କବିସୂର୍ଯ୍ୟ ବ୍ରହ୍ମା,
ଶ୍ରୀ ସାଧୁଚରଣ ଶରଣ କାରଣ
ମୁଁ ସାଧୁଚରଣ ଦାସ ହେ ।

ସ୍ୱକୃତ ଭଗବଦ୍‌ଗୀତାରେ ସେ କହିଛନ୍ତି—"କାଶ୍ୟପ କୁଳରେ ମୋହର, ହୋଇଲି ହୃଦସ୍ଥ ସନ୍ତାର" ଏବଂ ପ୍ରେମକଳ୍ପଲତାର ପଞ୍ଚଦଶ ଛାନ୍ଦରେ କହିଛନ୍ତି—

କହି କି ବୋଇଲି ଗୋ ଜୀବର ଧନ,
ମନୋଜ-ଆନନ୍ଦ-ଗ୍ରୀଜୀବର ଧନ ଯେ ।
ଯଦୁ ବୋଇଲି ସଙ୍ଗ କପାଳ କର,
ଭଣଇ ଏ ପୁଷ୍ପଓତା ବାଳକର ଯେ । (୧୫ଶ ଛାନ୍ଦ)

ଆଉର ମଧ୍ୟ ଯୁଗଳରସାମୃତଲହରୀରେ କହିଅଛନ୍ତି—

ଭଣେ ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା,
ପୂର୍ବାଶ୍ରମେ ସାମବେଦୀ ବାହ୍ମଣ ।

ଏଥିରୁ ଜଣା ପଡ଼ୁଛି, କବି କାଶ୍ୟପ ଗୋତ୍ରରେ ଜନ୍ମଗ୍ରହଣ କରିଥିଲେ, ତାଙ୍କର ସଂଜ୍ଞା ଓତା ଥିଲା ଏବଂ ସେ ସାମବେଦୀ ବ୍ରାହ୍ମଣ ଥିଲେ ।

ନୟାଗଡ଼ ରାଜ୍ୟ ଅନ୍ତର୍ଗତ ପ୍ରସିଦ୍ଧ ଶ୍ରୀ ଲଡ଼ୁକେଶ୍ୱର ମହାଦେବଙ୍କ ପୀଠସ୍ଥଳ ଶରଣକୁଳ ଗ୍ରାମ ନିକଟରେ ଭିକାଗ୍ରି ପଡ଼ା ଅବସ୍ଥିତ । ଶ୍ରୀ ଲଡ଼ୁକେଶ୍ୱର କବିଙ୍କ ବଂଶର ଇଷ୍ଟଦେବତା ଥିଲେ ।

କବି ବାଲ୍ୟ ଜୀବନରେ ସୁଶିକ୍ଷା ଲାଭ କରିଥିଲେ । ଯୌବନାବସ୍ଥାରେ ମାତୃଭାଷା ଓଡ଼ିଆ ସହିତ ସଂସ୍କୃତ ଭାଷାରେ ଉଚ୍ଚ ଶିକ୍ଷା ପାଇଥିଲେ । ଓଡ଼ିଆରେ ପୂର୍ବପ୍ରସିଦ୍ଧ 'ସୁକବି'ମାନଙ୍କର କାବ୍ୟକବିତାଦି ଉତ୍ତମରୂପେ ଅଧ୍ୟୟନ କରିଥିଲେ । ସଂସ୍କୃତ ସାହିତ୍ୟରେ କାବ୍ୟ, ନାଟକ, ଅଳଙ୍କାରାଦି ବିବିଧ ଗ୍ରନ୍ଥ ଅଧ୍ୟୟନ କରି ଦକ୍ଷତା ଲାଭ କରିଥିଲେ । ବୈଷ୍ଣବାଚାର୍ଯ୍ୟମାନଙ୍କର

ବିଶେଷତଃ ସେ ସ୍ୱାମୀମାନଙ୍କର ସଂସ୍କୃତ ଭାଷାରେ ଲିଖିତ ବହୁ ଗ୍ରନ୍ଥ ଆଲୋଚନା କରିଥିଲେ ଏବଂ ବୈଷ୍ଣବ ଜୀବନରେ ଏ ଗୁଡ଼ିକୁ ବେଦବତ୍ ପ୍ରାମାଣିକ ଗ୍ରନ୍ଥ ରୂପେ ଗ୍ରହଣ କରିଥିଲେ । ସ୍ୱଗ୍ରନ୍ଥମାନଙ୍କରେ ସେ କରିଥିବା ଉଲ୍ଲେଖ ଓ ଆଲୋଚନାରୁ ଏହା ସ୍ପଷ୍ଟ ହେଉଛି ।

ସଦାନନ୍ଦ ବା ସଦାଶିବ ଓଝା ତାଙ୍କ ଶିକ୍ଷାଗୁରୁଙ୍କ ନିକଟରୁ ଆଜ୍ଞା ପାଇ ବୈଷ୍ଣବ ଦୀକ୍ଷା ନେଇଥିଲେ ଏବଂ 'ଭଜ ରାଧାହରି' ବୋଲି ଶିକ୍ଷାଗୁରୁ ଯେଉଁ ଆଦେଶ ଦେଇଥିଲେ ତାହାକୁ ସେ ଅବଜ୍ଞା କରି ନାହାନ୍ତି । ଶିକ୍ଷା ଗୁରୁଙ୍କ ନାମ ସେ ଉଲ୍ଲେଖ କରି ନାହାନ୍ତି ଏବଂ ସେ (ଶିକ୍ଷାଗୁରୁ) ବୈଷ୍ଣବପନ୍ଥୀ ଥିଲେ କି ନାହିଁ ତାହା ବ୍ୟକ୍ତ କରି ନାହାନ୍ତି ।

ଶିବ ବୈକୁଣ୍ଠେ ବିହାର ବିଜେ ଗୋପେଶ୍ୱର
        ଗୁଣାବତାର ହରିଯା ଅଂଶ,
ନବଦୁର୍ଗ ରାଜ୍ୟ ସ୍ଥଳ ସେ ଶରଣ କୂଳ
        ସ୍ଥାନରେ ସ୍ୱ ଇଚ୍ଛାରେ ପ୍ରକାଶ । ୩୮ ।

ନାମ ଶ୍ରୀ ଲଡ୍‌କେଶ୍ୱର କୁଳ ଇଷ୍ଟ ମୋର
        ଶିକ୍ଷା ଗୁରୁ ଯେଣୁ କଲେ ଆଜ୍ଞା,
ବଇଷ୍ଣବ ଦୀକ୍ଷା କରି ଭଜ ରାଧା ହରି
        ସେ କଥା ନ କଲିତ ଅବଜ୍ଞା । ୩୯ ।

ସାମବେଦ ଅନ୍ତର୍ଗତ ଦ୍ୱିଜକୁଳେ ଜାତ
        ଏବେ ମୋ ଆଶ୍ରୟ ବ୍ରଜଧାମା,
ବୀର ଶ୍ରୀ ବୀରକେଶରୀ ଦେବଦତ୍ତ କରି
        ପଢ଼ ପୂର୍ବେ କବିସୂର୍ଯ୍ୟ ବ୍ରହ୍ମା । ୪୦ ।

(ମୋହନ କଳ୍ପଲତା । ୩୧ଶ ଛାନ୍ଦ)

ସେ ବୈଷ୍ଣବ ହେବା ପରେ 'ସାଧୁଚରଣ ଦାସ' ବୋଲି ପରିଚିତ ହେଉଥିଲେ ଏବଂ ତାଙ୍କର ଅନେକ ଗୁଡ଼ିଏ ନାମ ଥିବାରୁ ସେ ଲେଖିଛନ୍ତି—

ସାଧୁଚରଣ ଦାସ ବୋଲି ଆପଣା ଶ୍ରୀମୁଖେ ଆଜ୍ଞା ହୋଇଛି,
ପିତୃ ମାତୃ ବୈଷ୍ଣବ ରାଜ-ଦତ୍ତ ବହୁନାମ ମୋର ଅଛି ।
(ପ୍ରେମ ତରଙ୍ଗିଣୀ । ୩୬ଶ ଛାନ୍ଦ)

କବିଙ୍କ ବିଭିନ୍ନ ନାମ—ବାଲ୍ୟକାଳରୁ କବିଙ୍କ ବହୁ ନାମ ଥିବା ଜଣାଯାଏ । ମାତୃପିତୃଦତ୍ତ ନାମ ସଦାଶିବ । ମାତା ସ୍ନେହରେ ସଦାନନ୍ଦ ବୋଲି ଡାକୁଥିଲେ । ଗ୍ରାମବାସୀଏ 'ଉଚ୍ଛବ' ନାମ ଦେଇଥିଲେ । ବୈଷ୍ଣବ ଦୀକ୍ଷା ନେବା ପରେ ଗୁରୁ ତାଙ୍କୁ ସାଧୁଚରଣ ଦାସ ବୋଲି ନାମ ଦେଲେ । ବୈଷ୍ଣବମାନେ କରୁଣା ଚିତ୍ତରେ ବ୍ରଜମୋହନ ଦାସ ନାମ ଦେଲେ । ଖୋର୍ଦ୍ଧା ରାଜା ଗଜପତି ବୀରକେଶରୀ ଦେବ କବିସୂର୍ଯ୍ୟ ବ୍ରହ୍ମା ପଦ ଦେଲେ । ରାଜଦତ୍ତ ଉପାଧି, ମାତୃଦତ୍ତ ନାମ ସଦାନନ୍ଦ, ଗୁରୁଦତ୍ତ ନାମ ସାଧୁଚରଣ ଉପାଧି ସହ ଏ ଦୁଇ ନାମ କବି ବହୁଳ ଭାବରେ ବ୍ୟବହାର କରିଛନ୍ତି ।

ପୂର୍ବାଶ୍ରମର 'ଓତା' ସାଙ୍ଗା ଓ ଗ୍ରାମଦତ୍ତ ନାମ 'ଉଚ୍ଛବ'କୁ କବି ବ୍ୟବହାର କରି ନାହାନ୍ତି; ପ୍ରସଙ୍ଗ ସ୍ଥଳରେ ଉଲ୍ଲେଖ କରିଛନ୍ତି ମାତ୍ର ।

ବ୍ରଜଲୀଳାମୃତ ସମୁଦ୍ରଏ, ଅବଗାହିରେ କଳୁଷ କ୍ଷୟେ ।
ଭବ ଗ୍ରୀଷ୍ମତାପ ହୋଏ ନାଶ, କହେ ଏ ସାଧୁଚରଣ ଦାସ । ୩୦ ।
ଗୁରୁଦତ୍ତ ନାମ ମୋର ଏହି, ମୋତେ ଚହ୍ନାଇବା ପାଇଁ କହି ।
ଗ୍ରାମଦତ୍ତ ନାମ ଯେ ଉଚ୍ଛବ, ମାତା ପିତା ବୋଲେ ସଦାଶିବ । ୩୧ ।
ମାତା ସ୍ନେହେ ଡାକେ ସଦାନନ୍ଦ, ତାଙ୍କ ଦାସ ଏଣୁ ସର୍ବାନନ୍ଦ ।
ବୈଷ୍ଣବେ କରୁଣା ଚିତ୍ତର, ବ୍ରଜମୋହନ ଦାସ ବୋଇଲେ । ୩୨ ।
ବୀରକେଶରୀ ଦେବଙ୍କ ଦତ୍ତ, କବିସୂର୍ଯ୍ୟ ବ୍ରହ୍ମା ପଦ ଖ୍ୟାତ ।
ଏଣୁ ଏ ନାମେ ଭଣିତା ମୋର, ଦାସ ପଦ ରଖିଛି ଭଣ୍ଡାର । ୩୩ ।
(ବ୍ରଜଲୀଳାମୃତ ସମୁଦ୍ର । ୫୩ଶ ଛାନ୍ଦ)

କବି ସଦାଶିବ ଓ ବ୍ରଜମୋହନ ଦାସ ନାମକୁ ମଧ୍ୟ ବ୍ୟବହାର କରିଛନ୍ତି । 'ସଦାଶିବ' ବହୁ ସ୍ଥଳରେ ଅଛି । 'ବ୍ରଜମୋହନ' କ୍ୱଚିତ୍ ଦେଖାଯାଏ ।

ସୁବଳ ମଧୁମଙ୍ଗଳ ପ୍ରିୟସଖା ଯାର,
ସେହି ପ୍ରାଣେଶ୍ୱର ବ୍ରଜମୋହନ ଦାସର ।
(ମୋହନକଳ୍ପଲତା । ୧୬ଶ ଛାନ୍ଦ)

କବି ନିଜକୁ ବହୁ ସ୍ଥାନରେ 'ସଦାନନ୍ଦ' ବୋଲି ପରିଚୟ ଦେଇଥିଲେ ମଧ୍ୟ ତାଙ୍କ ମାତାପିତାଙ୍କ ଦତ୍ତ ନାମ ସଦାଶିବ ଥିଲା ।

ନବଦୁର୍ଗ ବୋଲି ନୀଳକନ୍ଦର ନିକଟେ,
ସେ ରାଜ୍ୟନରେଶ ପଦ ମାନ୍ଧାତା ଅଟେ ।
ତହିଁରେ ଶରଣକୁଳ ବୋଲି ଯେ ନଗର,
ଯହିଁ ବିଜେ ଲଡ଼ୁକେଶ ନାମେ ମହେଶ୍ୱର ।
ନବଲକ୍ଷ ରୁଦ୍ରଗଣ ଖଟନ୍ତି ଯା ପାଦ,
ଯାହାଙ୍କ ପ୍ରସାଦେ ପାଇ ସକଳ ସମ୍ପଦ ।
ତାହାଙ୍କ ଆଜ୍ଞାରେ ମୋର ଜନମ ମହୀରେ,
ସଦାଶିବ ନାମ ଲଭି ମାତାପିତାଙ୍କରେ ।
ଶ୍ରୀଗୁରୁଙ୍କ ଆଜ୍ଞା ସାଧୁଚରଣ ବୋଲନ୍ତି,
ଏହି ନାମ ମୋର ଅଟେ ଜୀବର କାରଣ ।
ଓଡ଼ିଶା ଶ୍ରୀ ଗଜପତି ଆଜ୍ଞାରେ ଯେମନ୍ତ,
କବିସୂର୍ଯ୍ୟ ବ୍ରହ୍ମା ପଦ ହେଲା ମୋର ଖ୍ୟାତ ।
(ଲଳିତଲୋଚନା । ୧ମ ଛାନ୍ଦ)

କବି ଲଳିତଲୋଚନା ରଚନା ସମୟକୁ ଶ୍ରୀ କିଶୋର ଦାସ ଗୋସ୍ୱାମୀଙ୍କ ଦ୍ୱାରା ପ୍ରଭାବିତ ହୋଇ ତାଙ୍କ ଆଜ୍ଞାରୁ ବୈଷ୍ଣବ ସମ୍ପ୍ରଦାୟଭୁକ୍ତ ହୋଇଥିଲେ । କିଶୋର ଦାସ ଗୋସ୍ୱାମୀ ତାଙ୍କର ଦୀକ୍ଷାଗୁରୁ ଥିଲେ ଏବଂ

ତାଙ୍କର ଆଜ୍ଞାରୁ ସଦାଶିବ ଓଝା ନାମ ପରିବର୍ତ୍ତନ କରି ଦୀକ୍ଷାନାମ 'ସାଧୁଚରଣ ଦାସ' ଗ୍ରହଣ କରିଥିଲେ । କିନ୍ତୁ ସ୍ୱଗ୍ରନ୍ଥମାନଙ୍କରେ ବହୁତ ସ୍ଥାନରେ 'ସଦାନନ୍ଦ' ନାମ ଉଲ୍ଲେଖ କରିଥିବାରୁ ଏହି ନାମଟି ତାଙ୍କର ଅତିପ୍ରିୟ ଥିବା ମନେ ହୁଏ ।

ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା ସ୍ୱଗୁରୁଙ୍କୁ ବିଶେଷ ସମ୍ମାନ ଦେଖାଉଥିଲେ । ତାଙ୍କୁ ସେ ଆଦର୍ଶ ଗୁରୁରୂପେ ପରିଚିତ କରାଇ ଅଛନ୍ତି । ଯେଉଁମାନେ କୃଷ୍ଣଙ୍କୁ ନିଷ୍ଠାରେ ଭଜୁଛନ୍ତି, ଅନ୍ୟ କିଛି ଜାଣୁନାହାନ୍ତି, ସେମାନଙ୍କ ହୃଦୟରେ ଶକ୍ତି ସମ୍ପୂର୍ଣ୍ଣ ଭାବରେ ବିଦ୍ୟମାନ । ସିଦ୍ଧିକୁ ଦେଖାଇ, କରଣୀ କଟାଇ, ପ୍ରତିଷ୍ଠା ପାଇଁ ଥୋକେ କୃଷ୍ଣଙ୍କୁ ପୂଜା କରନ୍ତି, ଏମାନଙ୍କଠାରୁ ଦୂରରେ ରହିବା ଉଚିତ । ଏମାନେ 'ବଢ଼ିଲୋକନରେ ଲେଖ ।' କିନ୍ତୁ ସଦାନନ୍ଦ ଗୋସାଇଁଙ୍କ କରଣୀ ପ୍ରକୃତ ଭକ୍ତଙ୍କ ପରି । ସେ ରାଧାକୃଷ୍ଣ ମୁଖରେ ଗାନ କରନ୍ତି, ଏହି ସମୟରେ ଧୈର୍ଯ୍ୟ ଦୂର ହୋଇଯାଏ, ନେତ୍ରରୁ ଅଶ୍ରୁଧାର ବହେ, ଅଙ୍ଗରେ ସାତ୍ତ୍ୱିକ ଚିହ୍ନମାନ ଦେଖାଯାଏ । ତାଙ୍କର ସଙ୍ଗରୁ ଶ୍ରଦ୍ଧା, ପ୍ରେମ, କ୍ଷାନ୍ତି ଆଦି ଅନୁଭବ ଲାଭ ହୁଏ । (ନିଷ୍ଠା ନୀଳମଣି, ୬ଷ୍ଠ ଛାନ୍ଦ)

ବର୍ଣ୍ଣାଶ୍ରମ ଭେଦରେ ବୈଷ୍ଣବ ସଦାନନ୍ଦ ବିଶ୍ୱାସ କରୁ ନଥିଲେ ଏବଂ ଏହି କାରଣରୁ ତାଙ୍କର ଗୁରୁ ଅପେକ୍ଷାକୃତ ନିମ୍ନବର୍ଣ୍ଣର ହେଲେ ମଧ୍ୟ ତାଙ୍କୁ ସେ 'ପ୍ରଭୁ' ରୂପରେ ଜ୍ଞାନ କରୁଥିଲେ ।

ବର୍ଣ୍ଣାଶ୍ରମେ-ଭେଦ ଚିହ୍ନି ମୋ ଦଗ୍ଧର ନାହିଁ,
ଏମନ୍ତ ଯେ ଅଟେ ପ୍ରଭୁ ମୋର ।×। (୬ଷ୍ଠ ଛାନ୍ଦ, ନି: ନୀ:)

ସଦାନନ୍ଦ ବୈଷ୍ଣବ ଦୀକ୍ଷା ଗ୍ରହଣ କରିବା ପୂର୍ବରୁ ରାଧାଚରଣ ଦାସ ନାମକ ଜଣେ ପରମ ବୈଷ୍ଣବଙ୍କଠାରୁ ବୈଷ୍ଣବ ତତ୍ତ୍ୱ ଶିକ୍ଷାଲାଭ କରିଥିଲେ । ଦାସେ କବିଙ୍କର 'ପ୍ରାଣବନ୍ଧୁ' ଥିଲେ । ତାଙ୍କର ସଙ୍ଗ ଲାଭକରି କବିଙ୍କର ଭକ୍ତି ଜାତ ହୋଇଥିଲା । ଦାସେ କବିଙ୍କୁ ଭକ୍ତିତତ୍ତ୍ୱ କହି 'ଦେବତାନ୍ତର ଭକ୍ତି' ଛଡ଼ାଇଲେ । ନିଷ୍ଠାନୀଳମଣି ରଚନା ବେଳକୁ ରାଧାଚରଣ ଦାସଙ୍କ ଅବର୍ତ୍ତମାନତା ଘଟିଥିବାରୁ କବି ଅତ୍ୟନ୍ତ ଦୁଃଖିତ ହୋଇ ପଡ଼ିଥିଲେ ।

ସେ ଯେ ରାଧାଚରଣେ   ଦାସ ନାମେ ପ୍ରାଣବନ୍ଧୁ
ମୋହର ସେ ଗଲେ କାହିଁ,
ଯାଙ୍କ ସଙ୍ଗୁ ନିଷ୍ଠା ମୋର   ଯେ ଦେବତାନ୍ତର
ଭକ୍ତି ଛଡ଼ାଇଲେ ତତ୍ତ୍ୱ କହି । (ନା: ମା: । ୬ଷ୍ଠ ଛାନ୍ଦ)

ଶ୍ରୀରାଧିକାଙ୍କ ପାଞ୍ଚପ୍ରକାର ସଖୀ, ଏଥିରୁ ପ୍ରିୟ ସଖୀମାନଙ୍କ ମଧ୍ୟରେ କନିଷ୍ଠ ଯେ ରୂପମଞ୍ଜରୀ ସେ ଯେପରି ରାଧାଙ୍କୁ ସେବା କରୁଥିଲେ, ସେପରି କବି କରିବାକୁ ଆଶା ପୋଷଣ କରନ୍ତି ।

ଏ ଭାଗ୍ୟ କାହାର ଭବେ ରାଧିକା ସେବାରେ ନିଯୁକ୍ତ ହୋଇବ
ରୂପମଞ୍ଜରୀ ଅନୁଗ୍ରହ ହେବ । (୧୨ଶ ଛାନ୍ଦ । ନା: ମା:)

ସଦାନନ୍ଦଙ୍କ ଶିକ୍ଷା ଉଚ୍ଚ ଧରଣର ଥିଲା । ସଂସ୍କୃତ ସାହିତ୍ୟରେ ତାଙ୍କର ପ୍ରବେଶ ଥିଲେ ମଧ୍ୟ (ବ୍ରଜଲୀଳାମୃତ ସମୁଦ୍ରରେ) ସେ ମହାଜନସୁଲଭ ଦୈନ୍ୟ ପ୍ରକାଶ କରି "ସଂସ୍କୃତ ଜ୍ଞାନ ମୋର ନାହିଁ" ବୋଲି କହିଛନ୍ତି । କବିଙ୍କର ଭାଷା-ପରିପାଟୀ ଓ ଶବ୍ଦ ଭଣ୍ଡାର ତାଙ୍କର ପାଣ୍ଡିତ୍ୟର ପ୍ରମାଣ ଦେଉଛି ।

ସମସ୍ତ ଗୋସାଇଁ ମିଳିଲେ, ଦୈନ୍ୟ ଭଣ୍ଡାର ଲୁଟି ନେଲେ ।
ମୋହ ପାଇଁ ତ କିଛି ନାହିଁ, କି ଅବା କହିବଟି ମୁହିଁ ।
ଯେବେ ବୋଲିବି ମୁଁ ପଣ୍ଡିତ, ସେ କଥା ଅଟଇ ତ ସତ ।
ଯେବେ ବୋଲିବି ମୁଁ ମୂରୁଖ, ସେ ଜଣାଯାଉଛି ପ୍ରତ୍ୟକ୍ଷ ।
ସଂସ୍କୃତ ଜ୍ଞାନ ମୋର ନାହିଁ, ପରାକୃତ ଗୀତ ବୋଲଇ ।
(୩୮ଶ ଛାନ୍ଦ । ବ୍ରଜଲୀଳାମୃତ ସମୁଦ୍ର)

ରସ ସନ୍ଦର୍ଭ ଗର୍ଭ ସହିତ ଗୀତ ସେ,
କବିସ୍ପୃଷ୍ଟ ବ୍ରହ୍ମା ନ ଜାଣେ ସଂସ୍କୃତ ସେ ।
(ପ୍ରେମ ତରଙ୍ଗିଣୀ । ୯୮ଶ ଛାନ୍ଦ)

ସଦାନନ୍ଦ ଓଡ଼ିଆ ଓ ସଂସ୍କୃତ ଛଡ଼ା ବଙ୍ଗଳା ଓ ହିନ୍ଦୀ ଭାଷା ମଧ୍ୟ ଶିକ୍ଷା କରିଥିଲେ ଏବଂ ବଙ୍ଗଳାରେ କେତେକ କବିତା ଓ କାବ୍ୟଗ୍ରନ୍ଥ ମଧ୍ୟ ରଚନା କରିଥିଲେ ।

କବି ବୈଷ୍ଣବ ଧର୍ମ ଗ୍ରହଣ କରିବା ପରେ କଟକ ଜିଲ୍ଲାର ଦାକ୍ଷିଣପଡ଼ା ଗ୍ରାମରେ ନିଜର ଗୋଟିଏ ମଠ ପ୍ରତିଷ୍ଠା କରି ବୈଷ୍ଣବ ଧର୍ମ ପ୍ରଚାର କରିଥିଲେ । ସେ ମଧୁପୁରକୁ ଆସି ଯୁଗଳରସାମୃତଲହରୀରଚନା କଲାବେଳକୁ ମଠରେ ରାଧାକାନ୍ତ ମୂର୍ତ୍ତି ପ୍ରତିଷ୍ଠିତ ହୋଇ ନଥିଲେ । ଯୁଗଳ ମୂର୍ତ୍ତି ପ୍ରତିଷ୍ଠା କରିବା ନିମିତ୍ତ କବି ବ୍ୟାକୁଳ ଥିଲେ ।

ଶ୍ରୀରସିକ ରାଜ ହେ ବିରାଜ ସୁନ୍ଦର,
ମୁଁ ମଠ ଅଧିପତି, ସେ ମୋର ଠାକୁର ।
ଶ୍ରୀରାଧା ବିଜେ କରାଇବାହିଁ ନିକଟ,
ସେହି ଯୋଗ ଏ ଗ୍ରନ୍ଥରେ ବହୁତ ଆକଟ ।
ସତେ କେବେ ଦେଖିବି ହୋଇବେ ଯୁଗଳ,
ରାଧାକାନ୍ତ ନାମ ଯାହାର ସେହି ତ ମୋ ମୂଳ ।
(ଯୁ: ର: ଲ: । ୨ୟ ଛାନ୍ଦ)

ସଦାନନ୍ଦ ବା ସାଧୁଚରଣ ଦାସଙ୍କ ମଠରେ ରାଧାକୃଷ୍ଣ ମୂର୍ତ୍ତି ପ୍ରତିଷ୍ଠିତ ହୋଇଥିଲେ । ମୂର୍ତ୍ତି ଶିଳ୍ପୀଶାସ୍ତ୍ର ପ୍ରମାଣେ 'ଦେଢ଼ହସ୍ତ' ଉତ୍ସର୍ଗ ବା ଉଚ୍ଚ । କବି ନୂତନମଠ ପ୍ରତିଷ୍ଠା କରି ନୂତନ ମୂର୍ତ୍ତି ନିର୍ମାଣ କରାଇ ସ୍ଥାପନ କରାଇ ଥିବା ସ୍ପଷ୍ଟ । ଠାକୁରଙ୍କ 'ଭୋଗାବଶେଷ' ସେବା (ଭୋଜନ) କରି ସେ ତୃପ୍ତି ଲାଭ କରୁଥିଲେ ।

ରାସେଶ୍ୱରୀ ରସିକରା ମୋହର ସୁଖ-ପସରା
ମୋ ମଠେ ବିଜୟେ ଧନ୍ୟ ମୋହନ ମୂର୍ତ୍ତି
ଉତ୍ସର୍ଗ ସେ ଦେଢ଼ହସ୍ତ ଶିଳ୍ପୀ ପ୍ରମାଣେ ପ୍ରଶସ୍ତ
ସେହି ଧନଜନ ସର୍ବ ସୁଖ ସମ୍ପତ୍ତି ।
କବି ସୂର୍ଯ୍ୟ ବ୍ରହ୍ମା ବଦନ୍ତି
ତାଙ୍କ ଭୋଗ ଅବଶେଷାଶନେ ମୁଁ ତୃପ୍ତି ।୪୫।
(୩୭ଶ ଛାନ୍ଦ)

କବି ବୈଷ୍ଣବ ଦୀକ୍ଷା ଗ୍ରହଣ କରିବା ପରେ ମଧ୍ୟ ପୂର୍ବାଶ୍ରମର ବର୍ଣ୍ଣ (ବ୍ରାହ୍ମଣ ଜାତି)କୁ ଏକାବେଳକେ ପାସୋରି ଦେଇନାହାନ୍ତି: ଦୀକ୍ଷା ଗ୍ରହଣ ଦୃଷ୍ଟିରୁ ଏହା ଅନୁଚିତ ବିବେଚିତ ହେବା ସ୍ୱାଭାବିକ ।

ଶୁଣି ବାଳୀ ଠାରି ଲୁଆଇଁ ଶିର, ଭଣେ କବିସୂର୍ଯ୍ୟ ବ୍ରହ୍ମା ଭୂସୁର ।୬୦।
(ମୋ: କ: ଲ: । ୩୪ଶ ଛାନ୍ଦ)

ଗୁରୁ ପରମ୍ପରା—ବାବାଜୀ ଶ୍ରୀକିଶୋର ଦାସ ସଦାନନ୍ଦ ବା ସାଧୁଚରଣଙ୍କ ଗୁରୁ ଥିଲେ । କବିଙ୍କ ଗୁରୁ ପରମ୍ପରା ଏହିପରି—

କୋଟି ପୁସ୍ତକେ କହିଲେ ନ ସରିବ, ଗୁଣ ଅଗାଧ ଅପାର ।
ଶ୍ରୀକୃଷ୍ଣ ଚୈତନ୍ୟ ପାଦପଦ୍ମ, ପ୍ରୀତି ପ୍ରିୟ ଗଦାଧର ।
ସେ ପଣ୍ଡିତ ଗୋସ୍ୱାମୀର ଶିଷ୍ୟ, ଅନନ୍ତାଚାର୍ଯ୍ୟ ଯା ନାମ ବ୍ୟାସ ।
ଶ୍ରୀରଘୁ ଗୋପାଳ ଗୋସ୍ୱାମୀ, ସେ ଦାସ ଲକ୍ଷ୍ମୀପ୍ରିୟା ତାଙ୍କ ଶିଷ୍ୟ ।

ତାଙ୍କ କୃପାପାତ୍ର ଶ୍ରୀ ଗଙ୍ଗାମାତାଜୀ, କ୍ଷିତିବରେ ପ୍ରତିଷ୍ଠିତ ।
ତାଙ୍କ ପାଦାଶ୍ରୟ ବନମାଳୀ ଦାସ, ଗୋସ୍ୱାମୀ ଲୋକେ ବିଦିତ ।
ତାଙ୍କ ଅନୁଗତ ଶ୍ରୀ କିଶୋର ଦାସ, ନାମରେ ମୋହର ସ୍ୱାମୀ ।
ଶାନ୍ତକୁଳେ ଜନ୍ମ ମୁଁ ଅତି ଅଧମ, କୃପାକଲେ ଅନ୍ତର୍ଯ୍ୟାମୀ ।
(ପ୍ରେମ ତରଙ୍ଗିଣୀ । ୩୬ଶ ଛାନ୍ଦ)

ବୈଷ୍ଣବଙ୍କ ସହିତ ବିବାଦ—କବି ବ୍ରଜବାସୀ ଗୋସ୍ୱାମୀ ସମ୍ପ୍ରଦାୟର ବୈଷ୍ଣବ ଥିଲେ ଏବଂ ଅନ୍ୟାନ୍ୟ ବୈଷ୍ଣବ ସମ୍ପ୍ରଦାୟ ସହିତ ତାଙ୍କର ସଦ୍ଭାବ ନଥିବା ଜଣାଯାଏ । ତାଙ୍କର ଯୁଗଳମୂର୍ତ୍ତି ରସତତ୍ତ୍ୱରେ ସ୍ୱକୀୟା-ପରକୀୟା ଭାବକୁ କେତେକ ବୈଷ୍ଣବ ଆଦର କରୁ ନ ଥିଲେ । ପୁଣି ସେ ବୈରାଗୀ ହୋଇ ମଧ୍ୟ ସାଂସାରିକ ସମ୍ବନ୍ଧର ପ୍ରତୀକ 'କବିସୂର୍ଯ୍ୟ ବ୍ରହ୍ମା' ପଦବୀ ବ୍ୟବହାର କରୁଥିବାରୁ ସ୍ୱସମ୍ପ୍ରଦାୟର କେତେକ ବୈଷ୍ଣବ ତାହା ମଧ୍ୟ ପସନ୍ଦ କରୁନଥିଲେ । କବି ବୈଷ୍ଣବ ହେବାପରେ ପୁଣି କବିସୂର୍ଯ୍ୟ ବ୍ରହ୍ମା ପଦବୀ

ବ୍ୟବହାର କରୁଥିଲେ । କିନ୍ତୁ ବୈଷ୍ଣବ ହେବା ପୂର୍ବରୁ ମଧ୍ୟ ସେ କବିସୂର୍ଯ୍ୟ ବ୍ରହ୍ମା ଉପାଧି ପାଇଥିଲେ ।

ସଦାଶିବ କବିସୂର୍ଯ୍ୟ ବ୍ରହ୍ମା, ସଦା ଶରଣ ମୁଁ ବ୍ରଜବାମା ।
(ଯୁ: ର: ଲ: । ୪୫ଶ ଛାନ୍ଦ)

ଆହୁରି ମଧ୍ୟ ସେ କାହିଁକି ଏ ଉପାଧି ବାରମ୍ବାର ବ୍ୟବହାର କରୁଛନ୍ତି, ସେ ସମ୍ବନ୍ଧରେ ଲେଖିଛନ୍ତି—

ମୋ କବିସୂର୍ଯ୍ୟ ବ୍ରହ୍ମା ପଦ, ଶୁଣିଯାଇଛୁ ଲୋକେ ଶବଦ,
ମୁଁ ଯେ ବୋଲଇ କେହି ନ ବଦ, ନନ୍ଦେ ପିଶୁନ ହେ ।
(ଯୁ:ର:ଲ: । ୪ର୍ଥ ଛାନ୍ଦ)

ସର୍ବେ ଜାଣିବା ପାଇଁ ଏ ନାମ ଭଣି, ସାଧୁଚରଣ ଦାସ ମୁଁ ଥିବ ଜାଣି ।
(ପ୍ରେମ ତରଙ୍ଗିଣୀ । ୨୯ଶ ଛାନ୍ଦ)

ଏହି ଉପାଧି ପ୍ରତି ତାଙ୍କର ଲୋଭ ନାହିଁ ବୋଲି ସେ ପ୍ରକାଶ କରିଥିଲେହେଁ ସେ ଯେପରି ତା ମୁହୁର୍ମୁହୁ ବ୍ୟବହାର କରି ଅଛନ୍ତି, ସେଥିରେ ଅନ୍ୟାନ୍ୟ ସମ୍ପ୍ରଦାୟର ଲୋକେ ଏ ସମ୍ପର୍କରେ ତାଙ୍କର ନିର୍ଲିପ୍ତତା ପ୍ରତି ସନ୍ଦିହାନ ହେବାର କଥା । ବିଶେଷତଃ ତାଙ୍କ ନାମ କିପରି ସଂସାରରେ ଚିରଦିନ ପ୍ରକାଶେ ବିଖ୍ୟାତ ହେବ, ସେଥିପାଇଁ ସେ ଲାଳାୟିତ ଥିଲାପରି ଜଣାପଡ଼େ ।

ଏଣୁ ଶ୍ଲୋକ ପଦେ କହି ଷୋଡ଼ଶ ସଂଖ୍ୟାତ,
କବିସୂର୍ଯ୍ୟ ଗୀତ ହେଉ ସଂସାରେ ବିଖ୍ୟାତ । (ପ୍ରେମ କଳ୍ପଲତା)

ଯୁଗଳ ରସାମୃତ ଲହରୀରେ କବି ଲେଖିଛନ୍ତି ଯେ, କାବ୍ୟଲେଖା ତାଙ୍କର ନିଜର ନୁହେଁ, ସେ କେବଳ ପ୍ରଭୁଙ୍କର କୃପାପ୍ରସୂତ ଏବଂ ସେଥିରେ ତାଙ୍କର କିଛି କୃତିତ୍ୱ ନାହିଁ, କିନ୍ତୁ ଉପରଲିଖିତ ପଦ୍ୟାଂଶରୁ ଏହି ଭାବଟି ଆନ୍ତରିକ ଥିବା ଜଣା ଯାଉନାହିଁ ।

ଯୁଗଳ ରସାମୃତ ଲହରୀ, ଗ୍ରନ୍ଥ ଉଚ୍ଚୁଳେ ମୋ ହୃଦେ ପୂରି,
ଶ୍ରୁତି ମୁଖେ ବା ଯେ ପାନ କରି, ହେଲେ ମଜ୍ଜନ ହେ ।
ନୋହେ ତାହାର ଜନ୍ମ ମରଣ, ସେବନ୍ତି କୃଷ୍ଣ ଚରଣ,
ଏ ମୋର କୃତ୍ୟ ବୋଲି ନ ମଣ, ସ୍ୱେ ସନାତନ ହେ ।
ଏ ସିନ୍ଧୁ ସ୍ୱଇଚ୍ଛାଏ ଉତ୍ପନ୍ନ ହେ, କର୍ତ୍ତା ଯେହ୍ନେ ଅଜାଗଳ ସ୍ତନ ହେ ।

(ଯୁ: ର: ଲ: । ୪ର୍ଥ ଗ୍ରନ୍ଥ)

କବି ନିଜ ନାମକୁ ସଂସାରରେ ବିଖ୍ୟାତ କରିବା ଉଦ୍ଦେଶ୍ୟରେ ବୈଷ୍ଣବ ହେବା ପରେ ସୁଦ୍ଧା କବିସୂର୍ଯ୍ୟ ବ୍ରହ୍ମା ଉପାଧି ବ୍ୟବହାର କରିଥିବା ଯୋଗୁଁ ତାଙ୍କୁ କି ବିପତ୍ତି ପଡ଼ିଥିଲା, ସେ ସମ୍ବନ୍ଧରେ ଲେଖିଛନ୍ତି—

କବିସୂର୍ଯ୍ୟ ବ୍ରହ୍ମା ପଦ, ଏ ଆସି ମୋତେ ହେଲା ବିପଦ ହେ ।
ବିବେକ ଜନେ ! ବୈଷ୍ଣବ କଲେ ବାଦ ହେ ।

(ଯୁ: ର: ଲ: । ୬ଷ୍ଠ ଗ୍ରନ୍ଥ)

ଏହି ଶ୍ରେଣୀର ବୈଷ୍ଣବମାନଙ୍କୁ କପଟ ଚକ୍ଷୁରେ ଦେଖୁଥିଲେ, ତାର କିଞ୍ଚିତ୍ ପ୍ରମାଣ ନିମ୍ନଲିଖିତ ପଦ୍ୟାଂଶରୁ ମିଳିପାରେ—

ଖର ଖଳ ବହିଲେ ଚନ୍ଦନ ଭାର,
ତ ହେଳ ନୁହନ୍ତି ଆଶାର ମାର ସମ୍ଭାର ।
ଅପ୍ରାକୃତ ସଂସ୍କୃତ ଚର୍ଚ୍ଚା ଚର୍ଚ୍ଚକେ ଯୁତ,
ନିନ୍ଦନ୍ତି ବିପ୍ରର ନାହିଁ ସେ ତାଙ୍କ ପ୍ରକୃତ ।
ସେ ଦୂରେ ରହନ୍ତୁ ଶୁଦ୍ଧ ରସିକ ଭକତ,
ଜାଣ ବିଦ୍ୟେ ବର୍ତ୍ତମାନ ଯେ ଗତ ଆଗତ ।

(ପ୍ରେ: କ: ଲ: । ୧ମ ଗ୍ରନ୍ଥ)

କବି ମଧୁପୁରର ରହଣି ପରେ ଗଞ୍ଜାମରେ ମଧ୍ୟ କିଛିଦିନ ରହିଥିଲା ପରି ଜଣାପଡ଼େ । ଚିକିଟିରେ ଥିବା ସମୟରେ ସେ ଭଗବଦ୍‌ଗୀତା ଅନୁବାଦ

କରିଥିଲେ । ଏ ବିଷୟରେ ସେ ନିଜକୁ 'ଚକଟି କବିସୂର୍ଯ୍ୟ ବ୍ରହ୍ମା' ବୋଲି ମଧ୍ୟ ପ୍ରକାଶ କରି ଅଛନ୍ତି ।

ଉପାଧି ପ୍ରାପ୍ତି—ପୁରୀରେ ଥିବା ସମୟରେ ପୁରୀର ରାଜା ବୀରକେଶରୀ ଦେବଙ୍କ ଠାରୁ ସେ ଏହି ଉପାଧି ପାଇଥିଲେ ।

(୧) ବୀର ଶ୍ରୀ ବୀରକେଶରୀ ଦେବ ଦତ୍ତ କରି ପଦ,
ପୂର୍ବେ କବିସୂର୍ଯ୍ୟ ବ୍ରହ୍ମା । (ମୋ: କ: ଲ: । ୩୧ଶ ଛାନ୍ଦ)

(୨) ପୂର୍ବେ ଶ୍ରୀ ବୀରକେଶରୀ ଦତ୍ତ ପଦ,
କବିସୂର୍ଯ୍ୟ ବ୍ରହ୍ମା ବୋଲି ଲୋକେ ବେଦ ।

(ପ୍ରେ: ତ: । ୨୧ଶ ଛାନ୍ଦ)

ମଧୁପୁର ରାଜପରିବାର ବଂଶପରଂପରା କ୍ରମେ ସଦାନନ୍ଦଙ୍କ ପୀଠର ଶିଷ୍ୟତ୍ୱ ଗ୍ରହଣ କରିଛନ୍ତି । କଟକ ଜିଲ୍ଲାର ଅସୁରେଶ୍ୱର ନିକଟସ୍ଥ ଦାକ୍ଷିତପଡ଼ା ମଠ ସଦାନନ୍ଦଙ୍କ ପ୍ରତିଷ୍ଠିତ ମୂଳପୀଠ । ସଦାନନ୍ଦ ଶ୍ରୀ ଚୈତନ୍ୟ ଦେବଙ୍କ ସଖା ବ୍ରଜବାସୀ ନିତ୍ୟାନନ୍ଦଙ୍କ ପରିବାରଭୁକ୍ତ । ମଧୁପୁର ଜମିଦାରୀ ଅନ୍ତର୍ଗତ ଖରିଲୋ ଗ୍ରାମରେ ସଦାନନ୍ଦ ମଧୁପୁର ରାଜାଙ୍କ ପୃଷ୍ଠପୋଷକତାରେ ଏକ ମଠ ସ୍ଥାପନ କରିଥିଲେ । ମଧୁପୁର ରାଜା ଘନଶ୍ୟାମ ନରେନ୍ଦ୍ର ମଠର ଠାକୁରଙ୍କ ଭୋଗରାଗ ନିର୍ବାହ ନିମିତ୍ତ ୪୪ ମାଣ (ଏକର) ଜମି ଜାଗିର ସ୍ୱତ୍ୱରେ ଖଞ୍ଜି ଦେଇଥିଲେ । ଗୋକୁଳଚନ୍ଦ୍ର ଘନଶ୍ୟାମଙ୍କ ପିତା ଥିବା ଅନୁମିତ ହୁଏ । ରଣସିଂହବାଟି ମୌଜାରେ ଏହି ଜମି ଅଛି । ସଦାନନ୍ଦ ପ୍ରତିବର୍ଷ କାର୍ତ୍ତିକ-ପଞ୍ଚକ ସମୟକୁ ମଧୁପୁର ଗଡ଼କୁ ଯାଉଥିଲେ ।

ମଧୁପୁର ଘନଶ୍ୟାମ ନରେନ୍ଦ୍ର ସର୍ବ ଶୁଭ କର ଗୋକୁଳଚନ୍ଦ୍ର,
କବିସୂର୍ଯ୍ୟ ବ୍ରହ୍ମା ଭଣେ ହେ ସୁଜନେ,
ଏ ରସାମୃତ ଲହରୀ ପ୍ରମାଣେ । (ଯୁ: ର: ଲ: । ୧ମ ଛାନ୍ଦ)

ମଧୁପୁର ରାଜବଂଶ—

ଗୋକୁଳଚନ୍ଦ୍ର ନରେନ୍ଦ୍ର

ଘନଶ୍ୟାମ ନରେନ୍ଦ୍ର — ରାଧାନାଥ

ସୁଦର୍ଶନ (ଖ୍ରୀ: ୧୮୩୩ ରେ ମୃତ୍ୟୁ)

ରାମଚନ୍ଦ୍ର (ଖ୍ରୀ: ୧୮୪୮ ରେ ମୃତ୍ୟୁ)

କୃଷ୍ଣଚନ୍ଦ୍ର (ଖ୍ରୀ: ୧୮୮୮ ରେ ମୃତ୍ୟୁ)

ନାରାୟଣଚନ୍ଦ୍ର (ଖ୍ରୀ: ୧୯୪୭ ରେ ମୃତ୍ୟୁ)

ବୃନ୍ଦାବନଚନ୍ଦ୍ର (ବର୍ତ୍ତମାନର ଜମିଦାର—ଗଞ୍ଜାମର ଧରାକୋଟ ରାଜକୁମାର । ପୋଷ୍ୟପୁତ୍ରରୂପେ ଆସିଛନ୍ତି)

ଘନଶ୍ୟାମ ନରେନ୍ଦ୍ର ଓଡ଼ିଶାରେ ମରହଟ୍ଟା ରାଜତ୍ୱରେ ଜୀବିତ ଥିଲେ । ନିର୍ଦ୍ଧାରିତ ସମୟରେ ସରକାରୀ ଖଜଣାଖାନାରେ ପେସ୍‌କେସ୍ ଦାଖଲ କରି ନ ପାରିବାରୁ ମରହଟ୍ଟା ଲୋକ ତାଙ୍କୁ ଗିରଫ କରି କଟକର ବାରବାଟୀ ଦୁର୍ଗରେ ଅଟକ କରି ରଖିଥିଲେ । ସେ ପ୍ରାୟ ଛଅମାସ କାଳ ଅଟକ ହୋଇଥିବା ଜଣାଯାଏ । ସେତେବେଳେ ବାରବାଟୀ ଦୁର୍ଗରେ ମଧୁପୁର ଜମିଦାରୀବାସୀ କେତେଜଣ ଖଣ୍ଡାଏତ ପ୍ରହରୀରୂପେ ଚାକିରି କରୁଥିଲେ । ସେମାନେ ନିଜ ରାଜାଙ୍କ ଏ ଦୁର୍ଦ୍ଦଶା ଦେଖି ସହ୍ୟ କରି ନ ପାରି ତାଙ୍କୁ ମୁକ୍ତ କରିବା ପାଇଁ ଏକ ଷଡ଼ଯନ୍ତ୍ର କଲେ । ରାଜା ଯେଉଁ କୋଠରୀରେ ଅଟକ ହୋଇଥିଲେ ସେଠାରେ ଏହି ଖଣ୍ଡାୟତମାନଙ୍କୁ ପ୍ରହରୀରୂପେ ରଖା ଯାଇଥିଲା । ଏମାନେ

ଗୁପ୍ତରେ କୋଠଘରଠାରୁ ଏକ ସୁଡ଼ଙ୍ଗ ଖୋଳି ରାଜାଙ୍କୁ ଦୁର୍ଗ ବାହାରକୁ ନିରାପଦରେ ଛାଡ଼ିଦେଲେ । ରାଜା ଗୋପନରେ ସ୍ୱ ଜମିଦାରୀରେ ପହଞ୍ଚିଥିଲେ । ରାଜା ପରେ ପେସ୍‌କେସ ଟଙ୍କା ଦାଖଲ କରି ଦେବାରୁ ମରହଟ୍ଟା ସୁବାଦାର ରାଜାଙ୍କ ବିରୁଦ୍ଧରେ ଆଉ କିଛି କାର୍ଯ୍ୟାନୁଷ୍ଠାନ କଲେନାହିଁ । ମୁକ୍ତ କରିଥିବା ଏହି ଖଣ୍ଡାୟତମାନଙ୍କୁ ରାଜା କୃତଜ୍ଞତାର ଚିହ୍ନ ସ୍ୱରୂପ କେତେକ ଜମି ଜାଗିର ସ୍ୱରୂପ ଦାନ କରିଥିଲେ ।

ଘନଶ୍ୟାମ ନରେନ୍ଦ୍ରଙ୍କ ପୁଅ ସୁଦର୍ଶନ ନରେନ୍ଦ୍ର ଇଂରେଜମାନଙ୍କ ଓଡ଼ିଶା ଅଧିକାର ସମୟ (ଖ୍ରୀ: ୧୮୦୩)କୁ ଜୀବିତ ଥିଲେ । ଖ୍ରୀ: ୧୮୩୩ ରେ ତାଙ୍କର ମୃତ୍ୟୁ ହୋଇଥିଲା । ଘନଶ୍ୟାମଙ୍କ କନିଷ୍ଠଭ୍ରାତା ରାଧାନାଥ ବର୍ତ୍ତମାନର ପ୍ରସିଦ୍ଧ ଗାୟକ, ବାଦ୍ୟକ ଓ ସଙ୍ଗୀତଶାସ୍ତ୍ରବିତ୍ ଶ୍ରୀ ଶ୍ୟାମସୁନ୍ଦର ଧୀର ନରେନ୍ଦ୍ରଙ୍କ ପୂର୍ବପୁରୁଷ । ରାଧାନାଥଙ୍କ ପୁତ୍ର ବାବନ, ବାବନଙ୍କ ପୁତ୍ର କେଶବ, ତାଙ୍କପୁଅ ଚୈତନ୍ୟ, ତାଙ୍କପୁଅ ଜଗବନ୍ଧୁ ଓ ତାଙ୍କପୁତ୍ର ଶ୍ୟାମସୁନ୍ଦର ।

ସଦାନନ୍ଦ ମଧୁପୁରରେ ଥିଲାବେଳେ ସେଠାରେ ରାଜାଙ୍କ ଆନୁକୂଲ୍ୟରେ ଏକ ମଠ ପ୍ରତିଷ୍ଠା କରି ରସିକରାୟ ମୂର୍ତ୍ତି ପ୍ରତିଷ୍ଠା କରିଥିଲେ । ମଧୁପୁର ରାଜା ଠାକୁରମାନଙ୍କ ସେବାପୂଜା ନିମନ୍ତେ କିଛି ଜମି ମଧ୍ୟ ଖଞ୍ଜି ଦେଇଥିଲେ । କିନ୍ତୁ, କେତେ ବର୍ଷ ପରେ ରାଜା ନିଜେ ମନ୍ଦିରର ପରିଚାଳନା ଭାର ନିଜ ହାତରେ ନେବା ପାଇଁ ପ୍ରସ୍ତାବ କରିବାରୁ ସଦାନନ୍ଦ ଏହି ପ୍ରସ୍ତାବକୁ ପସନ୍ଦ କଲେ ନାହିଁ । ମଧୁପୁରରେ ରହିବା ନିମନ୍ତେ ତାଙ୍କର ଆଉ ଇଚ୍ଛା ହେଲା ନାହିଁ । କଥିତ ଅଛି, ସେ ରସିକରାୟ ମୂର୍ତ୍ତିଙ୍କୁ ଧରି ଗୋପନରେ ମଧୁପୁର ରାଜ୍ୟ ତ୍ୟାଗ କଲେ ଏବଂ ପଡ଼ୋଶୀ ବାଲିଆ ଜମିଦାରଙ୍କ ରାଜ୍ୟକୁ ଚାଲି ଆସିଲେ । ବାଲିଆରେ ଥିବା ସମୟରେ ସେ ଅଭିମନ୍ୟୁ ସାମନ୍ତସିଂହାରଙ୍କୁ ଶିକ୍ଷା ଦେଉଥିଲେ । ସେଠାରେ ରାସେଶ୍ୱରୀ ମୂର୍ତ୍ତି ନିର୍ମିତ ହୋଇଥିଲେ ଏବଂ ଏହିଠାରେ ରସିକରାୟଙ୍କ ସହିତ ରାସେଶ୍ୱରୀଙ୍କ ବିବାହ ଅନୁଷ୍ଠିତ ହୋଇଥିଲା । କିଛି କାଳପରେ ବାଲିଆରୁ କଟକ ଜିଲ୍ଲା ଅନ୍ତର୍ଗତ ମହାନଦୀର କୂଳର ବଗରେ ଅବସ୍ଥିତ ଗୁଣ୍ଡୋଳ ନିକଟସ୍ଥ ପତ୍ରପଡ଼ାକୁ ଆସି ସେଠାରେ ସ୍ଥାନୀୟ ଜମିଦାର କାନୁନ୍‌ଗୋଙ୍କ ଆଶ୍ରୟରେ ରହିଲେ ।

ପଦ୍ମଶପଡ଼ା ନିକଟସ୍ଥ ଡାବଲ ଗ୍ରାମର ବିସ୍ତୃତ ପଡ଼ିଆରେ ଏକ କୁଟୀର ନିର୍ମାଣ କରି ସେଠାରେ ରାସେଶ୍ୱରୀ ରସିକରାଙ୍କୁ ପ୍ରତିଷ୍ଠା କଲେ । ଭିକ୍ଷାରେ ଓ ଜମିଦାରଙ୍କ ସାହାଯ୍ୟରେ ମଠ ଚଳୁଥିଲା । ସେତେବେଳେ ଡାବଲ ଗ୍ରାମ ବୈଛପର ମୌଜା ଥିଲା । ପରେ କଣ୍ଡରା ଓ ହରିଜନ ଜାତିର କେତେକ ଲୋକ ଘର କରି ସେ ଗ୍ରାମରେ ରହିଲେ । ଜମିଦାର ବଂଶ କ୍ରମେ ସଦାନନ୍ଦଙ୍କ ପ୍ରତି ଆକୃଷ୍ଟ ହେଲେ ଏବଂ ସଦାନନ୍ଦଙ୍କ ଅନୁରୋଧ କ୍ରମେ ଡାବଲ ଗ୍ରାମର ବିସ୍ତୀର୍ଣ୍ଣ ପଡ଼ିଆଟି ମଠକୁ ଦାନ କଲେ । ଠାକୁରମାନଙ୍କ ସେବାପୂଜା ପାଇଁ କିଛି ଜମି ମଧ୍ୟ ଖଞ୍ଜି ଦେଲେ । ମଠଟି ସଦାବ୍ରତ ମଠ ଥିବାରୁ ଏବଂ ସଦାନନ୍ଦ ପଣ୍ଡିତ ଓ କବି ଥିବାରୁ କ୍ରମେ ମଠକୁ ବହୁ ଭକ୍ତ ଓ ସାହିତ୍ୟ ରସିକ ଆସିବାକୁ ଲାଗିଲେ ।

ମଠ ପ୍ରତିଷ୍ଠା ସମୟରେ ଗୋଲ ଘର ଥିଲା । କାନୁନ୍‌ଗୋ ଜମିଦାରଙ୍କୁ କହିଲେ ଯେ ଜମିଦାର ଦୀକ୍ଷାଶିଷ୍ୟ ନ ହେଲେ ମଠର ପ୍ରତିଷ୍ଠା ଗୌରବ ବୃଦ୍ଧି ପାଇବ ନାହିଁ, ଅତଏବ କାନୁନ୍‌ଗୋ ବଂଶରୁ କେହି ଜଣେ ଶିଷ୍ୟ ହେବା ଆବଶ୍ୟକ । ପୂର୍ବରୁ କାନୁନ୍‌ଗୋ ବଂଶ ଅନ୍ୟ ଗୁରୁପୀଠରୁ ପରଂପରା କ୍ରମେ ମନ୍ତ୍ରୋପଦେଶ ନେଉଥିବାରୁ ପୁଣି ନୂତନ ମନ୍ତ୍ରଗୁରୁ କରିବାକୁ ମନା କଲେ । କିନ୍ତୁ ନିଜ ଗ୍ରାମୁକରଣଙ୍କୁ ଶିଷ୍ୟ ହେବା ପାଇଁ କହିଲେ । ଗ୍ରାମୁକରଣ ଜମିଦାରଙ୍କ ଆଦେଶାନୁସାରେ ପ୍ରଥମ ଶିଷ୍ୟ ହେଲେ ଏବଂ ଗୁରୁଙ୍କ ଆଦେଶାନୁସାରେ କୁଳ ସାଙ୍ଗିଆ 'ମହାନ୍ତି' ତ୍ୟାଗ କରି ବୈଷ୍ଣବୋଚିତ ସାଙ୍ଗିଆ 'ଦାସ' ଗ୍ରହଣକଲେ । ଏହି ଗ୍ରାମୁକରଣ ବଂଶ ବର୍ତ୍ତମାନ ସୁଦ୍ଧା 'ଦାସ' ସାଙ୍ଗିଆ ବ୍ୟବହାର କରୁଛନ୍ତି । ଏହା ପରେ ଗୁଡ଼ିଆ, ଗଉଡ଼, ତେଲି, ତନ୍ତୀ ପ୍ରଭୃତି ମଧ୍ୟ ଶିଷ୍ୟ ହେଲେ ।

ଗୁରୁ ସଦାନନ୍ଦ (ସାଧୁଚରଣ ଦାସ) ଏକ ଷଡ଼ଭୁଜ ଚୈତନ୍ୟ ମୂର୍ତ୍ତି ରଖିଥିଲେ । ଶିଷ୍ୟ ଦାସ ପରିବାରଙ୍କୁ ଏହି ମୂର୍ତ୍ତି ପ୍ରଦାନ କଲେ । ଶିଷ୍ୟବଂଶ ମୂର୍ତ୍ତିଙ୍କର ସେବାପୂଜା ପାଇଁ କିଛି ଜମି ଖଞ୍ଜିଦେଲେ, ଜମିଦାର ମଧ୍ୟ କିଛି ଜମି ଦାନ କଲେ ।

ମଧୁପୁରମଠରୁ ଆସିବା ପରେ ସଦାନନ୍ଦ ଡାବଲଗ୍ରାମ ମଠର 'ଅଧିକାରୀ' ପଦ ଜମିଦାର କାନୁନଗୋଙ୍କଠାରୁ ପ୍ରାପ୍ତ ହୋଇ ମହନ୍ତାଇ କଲେ । ଏହି ହିଁ ସାଧୁଚରଣଦାସ ଅଧିକାରୀ ସାଧୁଚରଣ ଦାସ ବୋଲାଇଲେ । ମଠର ନାମ 'ରାସେଶ୍ୱରୀ ରସିକରାୟ ମଠ' । ରାସେଶ୍ୱରୀ ରସିକରାୟ (ରାଧାକୃଷ୍ଣ) ଯୁଗଲମୂର୍ତ୍ତି ମଧ୍ୟରୁ ରାସେଶ୍ୱରୀ ମଣି (ପାଷାଣ) ବିଗ୍ରହ ଓ ରସିକରାୟ ଧାତୁ ବିଗ୍ରହ । ଷଡ଼ଭୁଜ ଚୈତନ୍ୟ କାଠ ବିଗ୍ରହ ।

ପଦ୍ମାଳପଡ଼ାରେ ଦାସଙ୍କ ଦେହାବସାନ ହୋଇଥିଲା । ଏହିଠାରେ ତାଙ୍କର ସମାଧି ଅଛି ଏବଂ ପ୍ରତିବର୍ଷ ପୌଷମାସ ଅମାବାସ୍ୟା (ବକୁଳ ଅମାବାସ୍ୟା) ରେ ତାଙ୍କର ମହୋତ୍ସବ (ଶ୍ରାଦ୍ଧ) ପାଳିତ ହୁଏ । ବୃଦ୍ଧ ବୟସରେ କବିଙ୍କର ଦେହାନ୍ତ ହୋଇଥିବା ଜଣାଯାଏ ।

ରାସେଶ୍ୱରୀ ରସିକରାୟ ମଠରେ ଜନ୍ମାଷ୍ଟମୀ ଦିନ ନୂଆଚୂଡ଼ା ଓ ରାଧାଷ୍ଟମୀ ଦିନ ନବାନ୍ନ ଭୋଗ ହୁଏ । ଦୋଳରେ ଠାକୁରମୂର୍ତ୍ତି ରାସେଶ୍ୱରୀ-ରସିକରାୟ ବାହାର ବିଜେ ହୁଅନ୍ତି ।

ରାମନବମୀ ଯାତ୍ରା ଆଡ଼ମ୍ବର ସହକାରେ ପଦ୍ମାଳପଡ଼ା ମଠରେ ପାଳିତ ହୁଏ । ସ୍ୱୟଂ ସଦାନନ୍ଦ ରାମଲୀଳାରେ ବୋଲିହେବା ନିମନ୍ତେ ନଅଦିନ ଯାତ୍ରାକୁ ଦିନପ୍ରତି ବୋଡ଼ଏ (ପାଞ୍ଚଗଣ୍ଡା ବା କୋଡ଼ିଏ)ଟି ଗୀତ ରଚନା କରିଥିଲେ । ଏହି ନଅବୋଡ଼ି ବା ୧୮୦ଟି ଗୀତ ନଅଦିନ ବ୍ୟାପୀ ଯାତ୍ରାରେ ପ୍ରତିଦିନ କୋଡ଼ିଏଟି ଲେଖାଏଁ ବୋଲାହୁଏ । ଏହି ଗୀତଗୁଡ଼ିକ ହିନ୍ଦି ଓ ଓଡ଼ିଆ ମିଶ୍ରିତ ଭାଷାରେ ରଚିତ ହୋଇଥିବା ଶୁଣାଯାଏ । ବର୍ତ୍ତମାନ ପର୍ଯ୍ୟନ୍ତ ସଦାନନ୍ଦଙ୍କ ଗୀତଗୁଡ଼ିକ ବୋଲା ହେଉଛି ।

ମଠରେ ସଦାନନ୍ଦ ଗୌର ଗଦାଧର ମୂର୍ତ୍ତି ମଧ୍ୟ ପ୍ରତିଷ୍ଠା କରିଛନ୍ତି । ଠାକୁରମାନେ ଦୋଳଯାତ୍ରାରେ ନିକଟସ୍ଥ ପୁବଂସ, କୋଇଲୋ, ଦୀକ୍ଷିତପଡ଼ା, ପଦ୍ମାଳପଡ଼ା, ପାଟଣାପୁର ଓ ଗିରଗୋଲା ପ୍ରଭୃତି ଗ୍ରାମକୁ ବିଜେ ହୁଅନ୍ତି ।

'ଯୁଗଳରସାମୃତଲହରୀ' ରଚନା ସମୟକୁ କବି ମଧୁପୁରରେ ନିବାସ କରୁଥିଲେ; ମଧୁପୁର ରାଜାଙ୍କ ସମ୍ବନ୍ଧୀୟ ଉଲ୍ଲେଖ ଏହାର ପ୍ରମାଣ । ଏହାପରେ ସେ ପତ୍ରିଶପଡ଼ାକୁ ଆସିଥିଲେ । ଗୌରଗଦାଧର ମୂର୍ତ୍ତି ପ୍ରତିଷ୍ଠା କରିବା ପରେ କବି 'ଚୈତନ୍ୟଚିନ୍ତାମଣି' ରଚନା କରିଥିବା ଅନୁମିତ ହୁଏ, କାରଣ ଏଥିରେ ରାଧାକୃଷ୍ଣ ଓ ଗୌରଗଦାଧର ଲୀଳା ବର୍ଣ୍ଣିତ ହୋଇଛି ।

ମଠର ମହନ୍ତ ବା ଅଧିକାରୀ ପରମ୍ପରାରେ ସାଧୁଚରଣ (ସଦାନନ୍ଦ)ଙ୍କ ପରେ ଚାରିଜଣ ଅଧିକାରୀଙ୍କ ନାମ ଜଣାଯାଉ ନାହିଁ । ଷଷ୍ଠ ଅଧିକାରୀ ପରମାନନ୍ଦ ଦାସ, ସପ୍ତମ ରାଧାଚରଣ ଦାସ ଓ ଅଷ୍ଟମ ସାଧୁଚରଣ ଦାସ । ବର୍ତ୍ତମାନର ଅଧିକାରୀ ସର୍ବେଶ୍ୱର ଦାସ ନବମ ଅଧିକାରୀ । ପ୍ରଥମ ଶିଷ୍ୟ ପରେ କେତେଜଣ ବଂଶଧରଙ୍କ ନାମ ଜଣାପଡ଼ୁ ନାହିଁ । ଏହି ବଂଶର ବର୍ତ୍ତମାନ ଜୀବିତ ବ୍ୟକ୍ତିଙ୍କ ଭିତରେ ଶ୍ରୀ ତୈଲୋକ୍ୟ ଦାସ କଟକରେ ଜଣେ ସରକାରୀ କର୍ମଚାରୀ । ତାଙ୍କ ପିତା ଶ୍ରୀଧର ଦାସ, ପିତାମହ ଭଜନାନନ୍ଦ ଦାସ, ପ୍ରପିତାମହ ହରିବାନନ୍ଦ ଦାସ । ଅଧିକାରୀ ରାଧାଚରଣ ଦାସଙ୍କ ସମୟରେ ବର୍ତ୍ତମାନର ମନ୍ଦିର ନିର୍ମିତ ହୋଇଥିବା ଜଣାଯାଏ ।

କବିଙ୍କ ବୈଷ୍ଣବ ତତ୍ତ୍ୱ—ବୈଷ୍ଣବ ଧର୍ମ ସମ୍ବନ୍ଧରେ କବିଙ୍କ ମତ ପରିଷ୍କାର ଭାବରେ ତାଙ୍କର କାବ୍ୟମାନଙ୍କରୁ ଜଣାପଡ଼େ । ସେ ମଧୁର ଭକ୍ତି ଅର୍ଥାତ୍ କାନ୍ତ ଭାବର ଉପାସକ ଥିଲେ । ଏହି କାନ୍ତଭାବ ଉପାସନାରେ ସୁଦ୍ଧା ଅନ୍ୟାନ୍ୟ ବୈଷ୍ଣବମାନଙ୍କଠାରୁ ତାଙ୍କର ବହୁତ ମତଭେଦ ଥିଲା ଏବଂ ଏହି ମତଭେଦ ହେତୁ ସେ ବୈଷ୍ଣବମାନଙ୍କଠାରୁ ବହୁତ ଗାଳି ଶୁଣୁଥିବାର ଅନୁମିତ ହୁଏ । ତାଙ୍କ ଲେଖା ତନ୍ନତନ୍ନ କରି ପଢ଼ିଲେ ଜଣାପଡ଼େ, ସେ ଯେପରି ଜଣେ ପ୍ରଚାରମାତାରେ ସାମ୍ପ୍ରଦାୟିକ ଥିଲେ । ସେ ଅନ୍ୟମତାବଲମ୍ବୀ ଲୋକମାନଙ୍କୁ ତିରସ୍କାର କରିବାକୁ କୁଣ୍ଠିତ ହେଉ ନ ଥିଲେ । ରାଧାକୃଷ୍ଣପ୍ରେମ ସମ୍ବନ୍ଧରେ ତାଙ୍କର ମତକୁ ସେ ଏପରି ବର୍ଣ୍ଣନା କରି ଯାଇଛନ୍ତି—

ଜୟ ବୃଷଭାନୁସୁତା ବ୍ରଜେନ୍ଦ୍ର କୁମାର,
ରାଧାକୃଷ୍ଣ ନାମ ସର୍ବେଶ୍ୱରୀ ସର୍ବେଶ୍ୱର ।

ଜୟ ଜୟ ରସିକା ରସିକ ଶିରୋମଣି,
କିଶୋରୀ କିଶୋର ବର୍ଣ୍ଣ ସ୍ୱର୍ଣ୍ଣ ନୀଳମଣି ।

ଯାହା ପ୍ରେମ ମଦରେ ପ୍ରମତ୍ତ ଅନୁକ୍ଷଣ,
ପ୍ରୀତଭଙ୍ଗ ଯଶସ୍ୱେ ବିହ୍ୱଳ ଅନୁକ୍ଷଣ ।
(ପ୍ରେମ ତରଙ୍ଗିଣୀ—୧ମ ଛାନ୍ଦ)

ଘୂର୍ଣ୍ଣାୟମାନ ନୟନ ଦୁହେଁ ରସାଳସେ,
ଅନ୍ୟାନ୍ୟରେ ପ୍ରାପ୍ତି ଲୋଭ ପରକୀୟ ରସ ସେ ।
ଅପ୍ରାକୃତ ଅନଙ୍ଗରେ ପୀଡ଼ିତ ହୃଦୟ,
ମହାଭାବ-ରୂପା ରସରାଜ ଜୟ ଜୟ ।
ଜୟ ଜୟ ଲୋକେଶ୍ୱର ଚେଷ୍ଟା ଅଙ୍ଗୀକାରୀ,
ପ୍ରୀତବନ୍ଧ ବେଶଧାରୀ ଚୌର୍ଯ୍ୟ ରତକାରୀ ।

ତନବାଞ୍ଛା ପୂର୍ଣ୍ଣ ନୋହି ଉତ୍କଣ୍ଠା ମାନସେ,
ତଦର୍ଥେ ପ୍ରକାଶ ନବଦ୍ୱୀପେ ଗୌଡ଼ ଦେଶେ ।

ଭକ୍ତ ଭାବ ଅଙ୍ଗୀକାରୀ ସ୍ମରଣ ଆସ୍ୱାଦେ,
କ୍ରମେ କ୍ରମେ ବ୍ରଜଭାବ ବ୍ୟାପି ସର୍ବ ହୃଦେ ।

ଅନର୍ପିତ ଉଜ୍ଜ୍ୱଳ ରସ ସମ୍ପଦ ସାର,
ଗୃହକାର୍ଯ୍ୟ ତାହା ଏବେ କଲେ ଯେ ବିଗ୍ରହ ।

ସ୍ପରଶମଣି ସ୍ପରଶେ ଯେସନ୍ତେ ଲୌହ ସୁନା,
ଯାହାକୁ ଯାହା ଭାଳ ଛୁଇଁଲେ ସେହି ସିନା ।
ସଖା ସଖୀ ଦାସ ଦାସୀ ଆଦେଶରେ ଆଣି,
ରଚିଲେ ପୂର୍ବ ପ୍ରବାଦ ଯେତେ ଲୀଳା ଶ୍ରେଣୀ ।

ରାଧାକୃଷ୍ଣ ରସ ଆସ୍ୱାଦନ ଭାବ ଭର,
କେତେଦିନ ଅନ୍ତେ ସେ ଲୀଳାକୁ ଗୁପ୍ତ କର ।

ଏବେ ଜ୍ଞାନୀଙ୍କ କର୍ମରେ ଭୁବନ ଭରିଲା,
ଗୌରାଙ୍ଗ କୀର୍ତ୍ତନ ତା କିଏ ନ ପଚାରିଲା ।

କଏ ଅବା ମାନନ୍ତି ତାଙ୍କୁ ଆଶ୍ଚର୍ଯ୍ୟର ପ୍ରାପ୍ତେ,
କେ ଜାଣେ ଭକ୍ତି ଦେବାକୁ ଅବତାର ହୁଏ ।
କେ ଯେବେ ଜାଣନ୍ତି ଗୌର କୃଷ୍ଣ ସର୍ବେଶ୍ୱର,
ସେ ଚେଷ୍ଟା ନ ବୁଝେ ମନ ଭ୍ରମ କରନ୍ତର ।
କଏ ବିଶ୍ୱରେ ଏକ ଅଙ୍ଗ ଧରି ରାଧାହରି,
କୃଷ୍ଣ ଚଇତନ ରୂପେ ମହୀ ଅବତରି ।
ଯେବେ ରାଧାକୃଷ୍ଣ ଏକା ଦେହରେ ଭଜିଲେ,
ଆମ୍ଭେ ଐଶ୍ୱର୍ଯ୍ୟ ନ ଜାଣୁ ମାଧୁର୍ଯ୍ୟ ସେ ବୋଲେ ।
ଏହା ଶୁଣି ହସ ନ ମାଡ଼ିବ କି କାହାକୁ
ବ୍ରଜ ପରକୀୟ ରସ ଛୁଇଁନାହିଁ ବୁଝୁ ।
ଯେଣୁ ସ୍ୱୟଂ ଭଗବାନ ସର୍ବଘଟେ ଛନ୍ତି,
ତଥାପି ରସିକର ଏ ତତ୍ତ୍ୱ ଗ୍ରାହ୍ୟ ନୋହି ।
ରାଧା ଭାବ କାନ୍ତି ମାଜ କଲେ ସେ ଗ୍ରହଣ,
ବସ୍ତୁତ ନୁହନ୍ତି ସ୍ୱୟଂ ରାଧା ସେ ଅପଣ ।
ନଟବର ସବୁ ଚେଷ୍ଟା କରେ ଅଙ୍ଗୀକାର,
ରାଧାକୃଷ୍ଣ ଅଭିମାନ ମାଧୁର୍ଯ୍ୟ ସାଗର ।
ରାଧା ସଙ୍ଗରେ ସିନା କୃଷ୍ଣ ହୁଏ ପ୍ରାପ୍ତି,
କାହା ଅନୁଗତେ ଗୌର ଉଦ୍ଧ କେ ଜାଣନ୍ତି ।
ଏ ଦୁର୍ବୁଦ୍ଧି ସାଧକ ରହନ୍ତୁ ବହୁଦୂରେ
ଗୌର ଅନୁଗ୍ରହେ କୁଳେଭିବ ଶୁଣ ବାରେ ।
ପରବଧୂ ପରପୁଜ ରାଧାକୃଷ୍ଣ ପ୍ରୀତି
ଅନ୍ୟାନ୍ୟରେ ପ୍ରାପ୍ତ ଲେଭେ ଝୁରିଝୁରି ନିତି ।

ଶ୍ରୀକୃଷ୍ଣ ଚୈତନ୍ୟଦେବଙ୍କୁ ପୂର୍ଣ୍ଣ ଅବତାର ବୋଲି ସେ ସ୍ୱୀକାର କରୁ ଅଛନ୍ତି, ଏହା ତାଙ୍କର ଉପର୍ଯ୍ୟୁକ୍ତ କାବ୍ୟରୁ ଜଣାପଡ଼େ । ସେ ଗୌଡ଼ୀୟ ବୈଷ୍ଣବ ସମ୍ପ୍ରଦାୟର ସାଧକ ଥିଲେ; ଏହା ପ୍ରତିପନ୍ନ କରିବା ତାଙ୍କ ପକ୍ଷରେ ସ୍ୱାଭାବିକ ଅଟେ ।

ଚଶେଷ ଜୀବନ—ଶେଷ ଜୀବନରେ ସେ ବ୍ରଜଧାମରେ ବାନାତି-ପାତ କରିଥିବା ପରି ଜଣାପଡ଼େ ।

ହେ କୃଷ୍ଣ ଯେ ବ୍ରଜ-ପୁରେ, ଏ ସ୍ନେହ ତୁମ ମନରେ ।
ଯେଣୁ ସେ ମୋ ସ୍ଥାନ, ଜାଣି କରୁଛି ସ୍ତବନ ।

ଉତ୍କଳ ସାହିତ୍ୟ ଇତିହାସରେ ଗୋଟିଏ ପ୍ରଧାନ ଘଟଣା ହେଉଛି ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା ଏବଂ ଅଭିମନ୍ୟୁ ସାମନ୍ତସିଂହାରଙ୍କର ଗୁରୁ-ଶିଷ୍ୟ ସମ୍ପର୍କ । ଅଭିମନ୍ୟୁଙ୍କ ପିତା ମହନ୍ତ ସାଧୁଚରଣଙ୍କୁ ନିଜ ଗ୍ରାମ ବାଲିଆକୁ ନିମନ୍ତ୍ରଣ କରି ନେଇଥିଲେ । ପୁତ୍ର କାମନାରେ ଇନ୍ଦ୍ରଜିତ ସାଧୁଚରଣଙ୍କ ନିର୍ଦ୍ଦେଶରେ ଏକ ଯଜ୍ଞ କରାଇ ଥିଲେ ଏବଂ ତାହାର ଫଳସ୍ୱରୂପ ଅଭିମନ୍ୟୁଙ୍କର ଜନ୍ମ ହୋଇଥିଲା ବୋଲି ଜନଶ୍ରୁତି ଅଛି । ଅଭିମନ୍ୟୁଙ୍କର ବାଲ୍ୟଗୁରୁ ଓ ଦୀକ୍ଷାଗୁରୁ ରୂପେ ସଦାନନ୍ଦ ପରିଚିତ ଥିଲେ । ସଦାନନ୍ଦଙ୍କର ପ୍ରଭାବ ଅଭିମନ୍ୟୁଙ୍କ ଉପରେ ସ୍ପଷ୍ଟଭାବରେ ପ୍ରତିଫଳିତ ହୋଇଥିଲା । ଶୁଣାଯାଏ, ଶେଷ ଜୀବନରେ ଗୁରୁଶିଷ୍ୟଙ୍କ ମଧ୍ୟରେ ମନୋମାଳିନ୍ୟ ଘଟିଥିଲା । ସଦାନନ୍ଦଙ୍କର ରୁକ୍ଷ ସ୍ୱଭାବ ଏହାର କାରଣ ବୋଲି ଅନେକେ କହନ୍ତି ।

କବିଙ୍କ ସମୟ ନିରୂପଣ—ଯୁଗଳରସାମୃତଲହରୀରେ କବି ଲେଖିଛନ୍ତି—

ଶ୍ରୀ ବୀରକିଶୋର ଦେବ ପଞ୍ଚାବନାଙ୍କରେ,
ଗ୍ରନ୍ଥ ଆରମ୍ଭ ବାହୁଡ଼ା ଗୁଣ୍ଡିଚାରେ ।

ଅର୍ଥାତ୍ ବୀରକେଶରୀ ଦେବଙ୍କ ୫୫ ଅଙ୍କରେ କବି ଗ୍ରନ୍ଥ ଆରମ୍ଭ କରିଥିଲେ । ବୀରକେଶରୀ ଦେବ ଖ୍ରୀଷ୍ଟାବ୍ଦ ୧୭୩୬ରେ ସିଂହାସନାରୋହଣ କରିଥିଲେ । ତାଙ୍କର ୫୫ ଅଙ୍କ ଅର୍ଥାତ୍ ରାଜତ୍ୱର ପଇଁଚାଳିଶ ବର୍ଷ ପଡ଼ୁଛି ଖ୍ରୀ:୧୭୮୧ରେ । ସେତେବେଳକୁ କବିଙ୍କୁ ତେୟାଳିଶ ବର୍ଷ ବୟସ ହୋଇ-ଥିବାର ସେ ଉଲ୍ଲେଖ କରିଅଛନ୍ତି ।

ମୁନି କହିଲେ ଯାହା କହି ସେ ଅର୍ଥ, ହରି ଗୁଣାର୍ଣ୍ଣବ ସେ ମହାତୀର୍ଥ ।
ତହିଁ ଅବଗାହେ ମୋ ବଡ଼ ହର୍ଷ, ବୟ ହେଲାକ ତେୟାଳିଶ ବର୍ଷ ।
(ଯୁ: ର: ଲ: । ୨ୟ ଗୁନ୍ଦ)

ଏଥିରୁ ଜଣା ପଡ଼ୁଛି, କବି ଖ୍ରୀ:୧୭୩୮ରେ ଜନ୍ମଗ୍ରହଣ କରିଥିଲେ । ଖ୍ରୀ:୧୭୮୧ରେ ମଧୁପୁରରେ ଥିବା ସମୟରେ ଘନଶ୍ୟାମ ଧୀର ନରେନ୍ଦ୍ର କଟକରେ ବନ୍ଦୀ ହୋଇଥିଲେ ବୋଲି କବି ଯାହା ଲେଖିଛନ୍ତି, ସେ ଦିଗରୁ ଦେଖିଲେ ମଧ୍ୟ ଏହି ସମୟଟି ଠିକ୍ ବୋଲି ବିଶ୍ୱାସ ହେଉଛି । କବି କେତେ ବର୍ଷ ଜୀବିତ ଥିଲେ ଜଣାଯାଉନାହିଁ ।

ଅଷ୍ଟାଦଶ ଶତାବ୍ଦୀର କବିମାନଙ୍କ ମଧ୍ୟରେ ସଦାନନ୍ଦଙ୍କର ସ୍ଥାନ ଅତି ଉଚ୍ଚ; ଏହା ତାଙ୍କର କାବ୍ୟମାନଙ୍କରୁ ପ୍ରମାଣିତ ହେଉଛି । ସଦାନନ୍ଦ ଉତ୍କଳ ସାହିତ୍ୟରେ ବିଶିଷ୍ଟ ସ୍ଥାନ ଅଧିକାର କରି ଯାଇଅଛନ୍ତି । କି ଭାଷା, କି ଭାବ, କି ବର୍ଣ୍ଣନା ପ୍ରତ୍ୟେକ ଦିଗରେ ତାଙ୍କର ପ୍ରତିଭା ପ୍ରକାଶ ପାଇଛି ।

କବି 'ନିସ୍ତାମଲମଣି'ର ମଙ୍ଗଲାଚରଣରେ ପ୍ରଥମେ ସରସ୍ୱତୀଙ୍କ ବନ୍ଦନା କରିବା ପରେ ପ୍ରକାଶ କରିଛନ୍ତି ଯେ 'ପସ୍ରକୃତ ମତେ' ଅର୍ଥାତ୍ ପ୍ରାକୃତ ଭାଷା ଓଡ଼ିଆରେ ସଂସ୍କୃତ ସମ୍ମିଳିତ ହୋଇ ବହୁ ଛନ୍ଦ, ବନ୍ଧ, କାବ୍ୟ ସେ ରଚନା କରିଛନ୍ତି । ଅପଭ୍ରାଲଙ୍କାରାଦି ବିଷୟ କୃତିତ୍ୱ ସହକାରେ ସେ ଏହି ଗ୍ରନ୍ଥମାନଙ୍କରେ ପ୍ରକାଶ କରି ସ୍ୱ ସାମର୍ଥ୍ୟ ପ୍ରକାଶ କରି ଅଛନ୍ତି । ଏହି ଗ୍ରନ୍ଥମାନଙ୍କ ରଚନା ଯୋଗୁଁ ସଦାନନ୍ଦ 'ମହାକବି' ନାମରେ ମଧ୍ୟ ଖ୍ୟାତି ଓ ପ୍ରତିଷ୍ଠା ଲାଭ କରିଥିଲେ ।

କିନ୍ତୁ ଏହି ଖ୍ୟାତି ଓ ପ୍ରତିଷ୍ଠା ସତ୍ତ୍ୱେ ସଦାନନ୍ଦ ଆଉ ସେହି ଛନ୍ଦ, ବନ୍ଧ ଓ କାବ୍ୟ ରଚନାରେ ମନ ବଳାଇ ନାହାନ୍ତି, ସେଥିରେ ତାଙ୍କର ଆଉ ପ୍ରୟୋଜନ ନଥିଲା । ବିଦ୍ୟାବନ୍ତ ଜନମାନେ ଏଥିରେ ମୋହିତ ହେଉଥିଲେହେଁ ଏବଂ ମହାକବି ନାମର ଖ୍ୟାତି ଓ ପ୍ରତିଷ୍ଠା ଏହାଦ୍ୱାରା ସମ୍ଭବ ହେଉଥିଲେହେଁ ତହିଁରୁ ତାଙ୍କର ମନ ନିବୃତ୍ତ ହେଲା । ଶବ୍ଦ ଅର୍ଥରେ ଓ ଗୂଢ଼ ଅର୍ଥରେ ତାଙ୍କର ଆଉ ପ୍ରୟୋଜନ ନଥିଲା । କେବଳ କୃଷ୍ଣଭକ୍ତମାନେ ତାଙ୍କର ଶ୍ରମ ସାର୍ଥକ

ମଣିବେ—ଏହାର ପ୍ରମାଣ 'ନିକୁଞ୍ଜକେଳିମଣି' ନାମକ ଗ୍ରନ୍ଥ । 'ଅଳପେ ଘଟନା' କରି ଏହାକୁ ସେ ରଚନା କରିଛନ୍ତି ।

ମଙ୍ଗଳାଚରଣରେ ସରସ୍ୱତୀ ସ୍ତୁତି ପ୍ରସଙ୍ଗରେ କବି ପ୍ରାର୍ଥନା କରିଛନ୍ତି—

ବହୁ ଛନ୍ଦ ବନ୍ଧ କାବ୍ୟ ପଦ୍ମକୃତ ମତେ,
ମୋ ମୁଖେ ପ୍ରକାଶିଲ ସଂସ୍କୃତ ସମ୍ମିଳିତେ ।
ଅପଭ୍ରଂଶାଳଙ୍କାରାଦି ସାମଗ୍ରୀ ବହୁତ,
କବି ସାମର୍ଥ୍ୟ ଯଦ୍ୟପି ତହିଁରେ ପ୍ରଖ୍ୟାତ ।
ମହାକବି ନାମ ଖ୍ୟାତ ପ୍ରତିଷ୍ଠାଦି ଯହିଁ,
ତେବେ ହେଲେ ତହିଁରୁ ମୋ ପ୍ରୟୋଜନ ନାହିଁ ।
ତହିଁରୁ ନିବୃତ୍ତି ହେଲା ମାନସ ଏଥର,
ମୋହିତ ହେଲେହେଁ ତହିଁ ବିଦ୍ୟାବନ୍ତ ନର ।
କୃଷ୍ଣଭକ୍ତ ବୁଝିବେ ମୋ ଶ୍ରମ ସାର୍ଥ ଏହି,
ଶବ୍ଦ ଗୂଢ଼େ ଅର୍ଥ ଗୂଢ଼େ ପ୍ରୟୋଜନ ନାହିଁ ।(ନିː କେː । ୧ମ ଛାନ୍ଦ)

'ନିକୁଞ୍ଜକେଳିମଣି' ଗ୍ରନ୍ଥଟି ରଚନା କରିବା ସମୟକୁ କବିଙ୍କର ବାର୍ଦ୍ଧକ୍ୟ ଅବସ୍ଥା ଆସି ଯାଇଥିବା ଅନୁମିତ ହୁଏ । 'ଧ୍ୟାନନିଷ୍ଠା' ଛାନ୍ଦରେ କବି ପରକୀୟା ରସର ସୂଚନା ସ୍ଥଳରେ କହିଛନ୍ତି—

ଏକଥା ସିଦ୍ଧାନ୍ତ ପାଇଁ ଏଠାରେ ସମୟ ନାହିଁ
ନ ବୁଝିବେ ଗୀତ କେହି ହେବ ନିଷ୍ଠୁର ।(ନିːକେː । ୮ମ ଛାନ୍ଦ)

'ଗଣନିଷ୍ଠା' ଛାନ୍ଦରେ ମଧ୍ୟ ପାଞ୍ଚ ପ୍ରକାର ସଖୀଗଣଙ୍କ ପ୍ରସଙ୍ଗରେ କହିଛନ୍ତି—

ତାଙ୍କ ସଖୀଗଣ ପାଞ୍ଚ ପ୍ରକାର, କହିବାକୁ ସମୟ ନାହିଁ ମୋର ।
ତହିଁ ପ୍ରିୟ-ସଖୀ ମଧ୍ୟେ କନିଷ୍ଠ ଯେ, ସେ ସଙ୍ଗ ଉପାସ୍ୟ କର ହେ ।
(ନିː କେː । ୧୨ଶ ଛାନ୍ଦ)

ଏହି ସମସ୍ତ ସ୍ୱଳ୍ପତାର କାରଣ ନିର୍ଦ୍ଦେଶ କରି ହେଉନାହିଁ । ତାଙ୍କର୍ ଏହି କାରଣ ଭିତରୁ ଗୋଟିଏ ହେବା ସମ୍ଭବ ।

କବି ନିଜର ପୂର୍ବ ନାମ 'ସଦାନନ୍ଦ', ବୈଷ୍ଣବଦୀକ୍ଷା ନାମ 'ସାଧୁଚରଣ'—ଏ ଉଭୟ ନାମ ବିବିଧ ଗ୍ରନ୍ଥରେ ଭଣିତା ପ୍ରସଙ୍ଗରେ ବ୍ୟବହାର କରିଛନ୍ତି । ସର୍ବ ଅଭିମାନ ତ୍ୟାଗ କରିବାକୁ ଉପଦେଶ ଦେଉଥିଲେ ମଧ୍ୟ ନିଜେ ସେ 'କବିସୂର୍ଯ୍ୟ ବ୍ରହ୍ମା' ଉପାଧିଟିକୁ ଛାଡ଼ି ନପାରି ଦୁଃଖିତ ହୋଇଛନ୍ତି; ଏହି ଉପାଧି ନିମିତ୍ତ ସେ ଗର୍ବ ଅନୁଭବ କରିଛନ୍ତି ଏବଂ ଏହା ତାଙ୍କର ଅଭିମାନର ଏକ ଚିହ୍ନ ବୋଲି ନିଜେ ସ୍ୱୀକାର କରିଛନ୍ତି । କବି ନିଜର ନାମକୁ ବିଭିନ୍ନ ସ୍ଥାନରେ ଏହିପରି ବିଭିନ୍ନ ପ୍ରକାରେ ବ୍ୟବହାର କରିଛନ୍ତି—

ସଦାନନ୍ଦ—୧ । କହେ ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା, ମୁକତି କି ଇଚ୍ଛା ନାହିଁ ।
(୨ୟ ଛାନ୍ଦ, ନି: ମା:)

୨ । ନିଷ୍ଠା ନୀଳମଣି ଚନ୍ଦ୍ରେ ବିଗ୍ରହ, ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମାର ।
(୫ମ ଛାନ୍ଦ, ନି: ମା:)

୩ । ଭଣେ ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା, ହରି ହରି ଧ୍ୱନି କରି ହେ ।
(୧୨ଶ ଛାନ୍ଦ, ନି: ମା:)

ସାଧୁଚରଣ—ମୋ କଣ୍ଠୁ ଏମନ୍ତ ହୋଇବ । ଏ ବାଣୀ ସଙ୍ଗେ କି ମିଳିବ ।
ଏହି କାର୍ଯ୍ୟକୁ ଆଶ୍ରା କରି । ସାଧୁଚରଣ ଦାସ ସ୍ମରି ।
(୧୧ଶ ଛାନ୍ଦ, ନି: ମା:)

(ଉପାଧି ଗୁମାନ—ମୁଁ କବିସୂର୍ଯ୍ୟ ବ୍ରହ୍ମା ଏହି ଗୁମାନ,
କୃଷ୍ଣ ନ ଭଜି ବୃଥା ନେଉଛୁ ଦିନ ଯେ ।
(୪ର୍ଥ ଛାନ୍ଦ, ନି: ମା:)

ଯୁଗଳରସାମୃତଲହରୀ, ପ୍ରେମ କଳ୍ପଲତା ପ୍ରଭୃତି କାବ୍ୟରେ ମଧ୍ୟ ସେ ଏପରି ଲେଖିଛନ୍ତି ।

ବହୁ ପୂର୍ବାଗ୍ରାୟ ଓ କବି ପ୍ରଶ୍ନ-ଉତ୍ତର, ମନ-ସମ୍ବୋଧନ ପ୍ରଭୃତି ରୀତି ଅବଲମ୍ବନ କରି ଗୂଢ଼ ଧର୍ମତତ୍ତ୍ୱ ବ୍ୟାଖ୍ୟା କରିଛନ୍ତି । ଏହାଦ୍ୱାରା ବୁଝିବା ସହଜ ହୁଏ । କବି ସଦାନନ୍ଦ ଏହି ରୀତିକୁ ଗ୍ରହଣ ନକରି ମଧ୍ୟ ଗୂଢ଼ ବୈଷ୍ଣବତତ୍ତ୍ୱକୁ ସହଜ ଭାବରେ ବ୍ୟକ୍ତ କରି ପାରିଛନ୍ତି । 'ନିଷ୍ଠା ନୀଳମଣି' ଏହାର ପ୍ରମାଣ । ଶ୍ରୋତାବକ୍ତା କିଏ ତାହା ବର୍ଣ୍ଣନା ନ କରି ମନକୁ ବୁଝାଇବା ପାଇଁ କବି ସଫଳ ଚେଷ୍ଟା କରିଛନ୍ତି ।

ସବୁ ଇନ୍ଦ୍ରିୟମାନଙ୍କ ଭିତରେ 'ମନ' ପ୍ରଧାନ ଥିବାରୁ ତାହା ବିଚାର କରି ମନକୁ ବୁଝାଇବା ଆଶାରେ କବି 'ନିଷ୍ଠା ନୀଳମଣି' ଗ୍ରନ୍ଥଟିକୁ ରଚନା କରିଛନ୍ତି ।

> ସବୁ ଇନ୍ଦ୍ରିୟରେ ପ୍ରଧାନ ମନ ସେ,
> ତାହାର ବିଚାର ହେଲା ଏବେ ଏହି ଆଶେ । ୧୨ ।
> କେ ଶ୍ରୋତା କେ ବକ୍ତା ଏଥି କିଛି ନ ବର୍ଣ୍ଣିବି,
> ବାତୁଳ ପରିଯେ କିଛି ବର୍ଣ୍ଣନ କରିବି । ୧୩ । (୧ମ ଛାନ୍ଦ)

'ନିଷ୍ଠା ନୀଳମଣି' ଗ୍ରନ୍ଥରେ ଶ୍ରୋତା ବକ୍ତା କେହି ନାହାନ୍ତି । ତାଲେ କେହି ପଚାରିବ—କବି କାହାକୁ କହୁଛି ? ଏହାର ଉତ୍ତରରେ କବି କହୁଛନ୍ତି ଯେ ଗୌରାଙ୍ଗ (ଚୈତନ୍ୟ)ଙ୍କ ହାଟରେ ବହୁ ଦ୍ରବ୍ୟ ଆସିଛି । ନିଯୁକ୍ତିକ୍ରୟ କରିବା ପାଇଁ ମହାଜନମାନେ ଅଛନ୍ତି । କବି କହୁଛନ୍ତି (ଅବଶ୍ୟ ଦୈନ୍ୟରେ) ଯେ ସେ ନିଜେ ଜଣେ ନୂତନ ବେପାରୀ । ଲାଭ ଆଶାରେ ସେ ଏହି ମହାଜନମାନଙ୍କଠାରୁ ଦ୍ରବ୍ୟ କିଣି ଆଣି ସୁନ୍ଦର ପସରା ମେଲିଛନ୍ତି । 'ନିଷ୍ଠା ନୀଳମଣି'ହିଁ ଏହି ପସରା । ବଳେ ଯାଚି ଦ୍ରବ୍ୟ ବିକ୍ରୀ କରିବା ଉଚିତ ନୁହେଁ, ଯେ ଗ୍ରାହକ ହେବ ସେ ଆପେ କିଣୁ ।

ପୁଣି ଏହିପରି ଏ ପସରା ଗ୍ରନ୍ଥଟିରେ ମହାଜନମାନଙ୍କର ଦ୍ରବ୍ୟ ଭର୍ତ୍ତି ହୋଇ ରହିଥିବାରୁ ବିପଣିସୁଲଭ ବିଶୃଙ୍ଖଳା ଦେଖାଦେବା ସ୍ୱାଭାବିକ । କବି ସୁନ୍ଦର ଓ ସ୍ୱମତ ସମର୍ଥକ ବିଷୟଗୁଡିକୁ ଯତ୍ନରେ ଉପସ୍ଥାପିତ କରି କୃତକାର୍ଯ୍ୟ ହୋଇଛନ୍ତି । ବିଶୃଙ୍ଖଳା ଗ୍ରନ୍ଥଟିର ମର୍ଯ୍ୟାଦାକୁ ନଷ୍ଟ କରି ନାହିଁ ।

‘ବିଶୃଙ୍ଖଳା’ ରଚନାରେ ଛନ୍ଦରକ୍ଷା କରିବା ପକ୍ଷେ ଅନ୍ତରାୟ ଥିବାରୁ ରଚନା ନାନାବାସ୍ଥାଗୀତର ଆକାର ଧାରଣ କରିବା ସମ୍ଭବ । କବି ଏହା ଉପଲବ୍ଧି କରି ‘ନାମଚିନ୍ତାମଣି’କୁ ‘ବାଉଳ ଗୀତ’ ବୋଲି ଏକ ସ୍ଥାନରେ ଉଲ୍ଲେଖ କରିଛନ୍ତି । ଏହା କବିଙ୍କ ମହାଜନସୁଲଭ ଦୈନ୍ୟ ।

ଏହି ଗ୍ରନ୍ଥର ବିଶେଷତ୍ୱ ସେ ନିଜେ ଉପଲବ୍ଧି କରି ପାରିଛନ୍ତି । ସେଥିପାଇଁ ସେ ଏହି ଗ୍ରନ୍ଥଟିକୁ ମୁଖସ୍ଥ କରିବା ପାଇଁ ଭକ୍ତଭାବୁକମାନଙ୍କୁ ଅନୁରୋଧ କରିଛନ୍ତି । ସେ ଯେ ଅସଙ୍ଗତ ଉପଦେଶ ଦେଇଛନ୍ତି ଏହା କଦାପି କୁହାଯାଇ ପାରିବ ନାହିଁ । ବୈଷ୍ଣବତତ୍ତ୍ୱ ସଂଗ୍ରହ ଗ୍ରନ୍ଥମାନଙ୍କ ଭିତରେ ଯେତେ ଶ୍ରେଷ୍ଠ ହେଲେ ମଧ୍ୟ ଏହା ଯେ ଗୋଟିଏ ମଣି ଏଥିରେ ସନ୍ଦେହ ନାହିଁ ।

କବିସୂର୍ଯ୍ୟ ବ୍ରହ୍ମା ରଚିତ
‘ନିଷ୍ଠାନୀଳମଣି’ ନାମେ ବାଉଳ ଗୀତ । (୮ମ ଛାନ୍ଦ)

ନିଷ୍ଠା ନୀଳମଣି ଗୀତ ସୁଜନେ କର୍ଣ୍ଣସ୍ଥ
କରି ତ୍ୟାଗ ହେବ ଭବରୋଗ,
ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମାର ଅଧୈର୍ଯ୍ୟ
ନ ଦେଲା ବିଧାତା ସାଧୁସଙ୍ଗ । (୬ଷ୍ଠ ଛାନ୍ଦ)

ଚରିତ୍ର—ସଦାନନ୍ଦ ବୈଷ୍ଣବ ଥିଲେ ସୁଦ୍ଧା ତାଙ୍କ ଦେହରୁ ତାମସିକ ଭାବ ବେଶି ପରିମାଣରେ ଦୂର ହୋଇଥିଲା ପରି ଜଣା ପଡ଼େ ନାହିଁ । କବି ‘ଚୌର ଚିନ୍ତାମଣି’ର ପ୍ରଥମ ଛାନ୍ଦରେ ଲେଖିଛନ୍ତି—

ବର୍ତ୍ତମାନ ମୋ କବିତା ଚେଷ୍ଟା ଚୋର କରି,
କେତେ ମୋତେ ଶୁଣାନ୍ତି ସଂକୋଚ ତ୍ରାସ କରି ।
ଏ ଉଭୟେ ଗୁଣହୀନ ଗ୍ରାହକ ସମାନେ,
ଘେନିବାରୁ କ୍ରୋଧଜାତ ହେଲା ମୋର ମନେ । (୧ମ ଛାନ୍ଦ)

ତାଙ୍କର କବିତା କିମ୍ବା ଧର୍ମମତ ସମ୍ବନ୍ଧରେ କେହି ସମାଲୋଚନା କଲେ ସେ ତାହା ସହ୍ୟକରି ପାରୁନଥିଲେ ।

ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମାଙ୍କର ବନ୍ଧୁପ୍ରୀତି ଆଦର୍ଶ ସ୍ଥାନୀୟ କହିଲେ ଅତ୍ୟୁକ୍ତି ହେବ ନାହିଁ । ବନ୍ଧୁଙ୍କର ବିପତ୍ତିରେ ସେ କପଟ ବିକଳ ଥିଲେ, ତାହା ଯୁଗଳ ରସାମୃତ ଲହରୀରେ ଦେଖିବାକୁ ମିଳେ । ମଧୁପୁର ରାଜା ଘନଶ୍ୟାମ ଧୀର ନରେନ୍ଦ୍ର ମରହଟ୍ଟାମାନଙ୍କ ଦ୍ୱାରା କଟକରେ ବନ୍ଦୀ ହୋଇ ରହିଥିଲେ । ସେତେବେଳକୁ କବିସୂର୍ଯ୍ୟ ବ୍ରହ୍ମା ମଧୁପୁରରେ ଥାଆନ୍ତି । ଘନଶ୍ୟାମ ବନ୍ଧନରୁ ମୁକ୍ତ ପାଇବେ, ଏହି ଆଶାରେ ସଦାନନ୍ଦ ସବୁବେଳେ ଭଗବାନଙ୍କୁ ପ୍ରାର୍ଥନା କରୁଥିଲେ । ଶ୍ରୀକୃଷ୍ଣଙ୍କ ମହିମା କୀର୍ତ୍ତନ କଲେ ଯଦି ପ୍ରଭୁ ପ୍ରୀତ ହୋଇ ଆଶୀର୍ବାଦ କରନ୍ତି, ତେବେ ଅବା ମିତ୍ର ମୁକ୍ତ ପାଇ ପାରନ୍ତି—ଏହି ବିଶ୍ୱାସରେ କବି ଯୁଗଳ ରସାମୃତ ଲହରୀ ଲେଖିଥିଲେ ଏବଂ ଅତିଶୀଘ୍ର ଅଳ୍ପ ସମୟ ମଧ୍ୟରେ—ବିଂଶାଳିଶ ଦିନରେ ଅଠାବନଟି ଛାନ୍ଦବିଶିଷ୍ଟ ଗ୍ରନ୍ଥଟି ରଚନା କରିଥିଲେ । ଯୁଗଳ ରସାମୃତଲହରୀରେ କବି ଲେଖିଛନ୍ତି—

ତଦୁତ୍ତରେ ମଧୁପୁର ରାଜ୍ୟେ ଅଛୁ ଏବେ,
ବ୍ରହ୍ମଚର୍ଯ୍ୟ ଆଶ୍ରମ ତ ମୋହର ଦଇବେ ।
ଘନଶ୍ୟାମ ଧୀର ନରେନ୍ଦ୍ର ମହାପାତ୍ର ଯେ,
ମମ କୃପାପାତ୍ର କୃଷ୍ଣେ ବିକଅଛୁ ମୁଁ ଯେ ।
ବିଧିବଶେ କଟକେ ଅଟକ ହେଲେ ସେହୁ,
ସେ ହ୍ଲାଦେ ବ୍ୟାକୁଳ ମୋ ହୃଦ ହେଲା ତହୁଁ ।
ଗୁରୁରସେ ସବନ୍ଧ ତାହାଙ୍କଠାରୁ ଯେଣୁ,
ସେ ବିଚ୍ଛେଦ ମନ ଅସ୍ଥ କରି ନୋହେ ତେଣୁ ।
ବିଚାରିଲି କୃଷ୍ଣରସେ ଛନ୍ଦ ବର୍ଣ୍ଣିବାକୁ,
ସାଧୁ ତବ କୃପା ପ୍ରଭୁ ପୃଷ୍ଠିକଲି ଯାକୁ ।
ମନେ ଥିଲା ଏ ସମାପ୍ତ ହୋଇ ସେ ଅସନ୍ତୁ,
ଛନ୍ଦ ମହିମା ସେ ଆଶୀର୍ବାଦ ହେତୁ ।
ସଂଶୟ ଦଣ୍ଡ ପାତ୍ରରେ ହେଉଛୁ ଲେଖନ,
ପୁସ୍ତକ ଲେଖିଣ ପୃଷ୍ଠି କରିବ ଯେ ଦିନ—

ସେ କାଳେ ପ୍ରବେଶ ହେବେ କର ଭଗବାନ,
ତବ ବିନେ ମୋର ଏବେ ଗତି ନାହିଁ ଆନ ।

କିଛି ଯେବେ ଅପରାଧ ଅଛି ତାହାଙ୍କର,
ମୁଁ ମାଗୁଛି ପ୍ରଭୁ, ଏ ବାରକ ରକ୍ଷାକର ।

ଆଶ୍ରୟଦାତା ଓ ବନ୍ଧୁ ରାଜା ଘନଶ୍ୟାମଙ୍କ ପ୍ରତି ସଦାନନ୍ଦଙ୍କର କି ସ୍ନେହ ମମତା ଥିଲ, ତାହା ସ୍ପଷ୍ଟ ଭାବରେ ଏଥିରୁ ଜଣାପଡ଼ୁଛି ।

କବିଙ୍କର ବହୁଗ୍ରନ୍ଥ ଅପ୍ରକାଶିତ ଅବସ୍ଥାରେ ଥିବାରୁ ଏବଂ ପ୍ରୀତି ଚନ୍ଦ୍ରାମଣି, ଯୁଗଳରସାମୃତ ଭଉଁରି, ଯୁଗଳରସାମୃତଲହରୀ ପ୍ରଭୃତି ଦୁଷ୍ପ୍ରାପ୍ୟ ଥିବାରୁ କବିଙ୍କ ଜୀବନୀ ସମ୍ବନ୍ଧରେ ଲିପିବଦ୍ଧ ତଥ୍ୟ ଅପ୍ରାପ୍ୟ ରହୁଛି; ଏହି କାରଣରୁ ତାଙ୍କ ଜୀବନ ଓ ଚନ୍ଦ୍ରାଧାରର ଇତିହାସ ସଂକଳନରେ କେତେକ ଅସୁବିଧା ଉପୁଜୁଛି ।

କବି ବାଲ୍ୟାରେ ଥିବା ସମୟରେ ପ୍ରୀତି ଚନ୍ଦ୍ରାମଣି (ଅନ୍ୟନାମ ବିଦଗ୍ଧ ଚନ୍ଦ୍ରାମଣି) ରଚନା କରି ଅଭିମନ୍ୟୁ ସାମନ୍ତସିଂହାରଙ୍କ ନାମରେ ଭଣିତା କରିଥିବା ପ୍ରବାଦ ଅଛି । ଏହାର ସତ୍ୟତା ଏପର୍ଯ୍ୟନ୍ତ ପ୍ରମାଣିତ ହୋଇନାହିଁ ।

ବୈଷ୍ଣବ ଜୀବନ : ପରାଧୀନତା ; ସ୍ୱାତନ୍ତ୍ର୍ୟ—ସଦାନନ୍ଦ ଶେଷ ପର୍ଯ୍ୟନ୍ତ ଅର୍ଥାଭାବ ଭୋଗି ନଥିବା ଅନୁମାନ କରାଗଲେ ମଧ୍ୟ ବହୁ ସମୟ ପେଟ ବିକଳ ଅବସ୍ଥାରେହିଁ ଥିବା ଅନୁମାନ କରାଯାଏ ।

କବି ବେଦଗର୍ଭ କରି କଲ, କଲି ବାନ୍ଧିଲେ ପ୍ରେମ ଶିକଲ,
କଲରେ ଭୁବନ ଭରିଲେ ମୋ ପ୍ରଭୁ, କବିସୂର୍ଯ୍ୟ ମୁଁ ପେଟବିକଲ ହେ
(ଯୁ: ର: ଲ:, ୪୯ଶ ଗୀତ)

ଏହି ଆର୍ଥିକ ଦୁର୍ଗତି ଯୋଗୁଁ ତାଙ୍କୁ ବହୁସ୍ଥାନରେ ବହୁଲୋକଙ୍କ ଆଶ୍ରୟରେ ରହିବାକୁ ପଡ଼ିଥିଲା । ପରାଶ୍ରିତ ବ୍ୟକ୍ତିର ସ୍ୱାଧୀନତା ବା କପରି ସମ୍ଭବ ? ସଦାନନ୍ଦ ଜଣେ ସୁବିଜ୍ଞ ପଣ୍ଡିତ, ଉଚ୍ଚକୋଟୀର କବି ଓ ବୈଷ୍ଣବ

ହୋଇ ମଧ୍ୟ ସ୍ୱାଧୀନତାର ସୁଖାନୁଭବ କରିନପାରି ମନୋଦୁଃଖରେ ରହୁଥିଲେ। ତେବେ ରାଧାକୃଷ୍ଣ ଚରଣରେ ଏକାନ୍ତ ଶରଣଗତି ତାଙ୍କ ମନରେ ପ୍ରଭୂତ ଶକ୍ତି ଦାନ କରିଥିଲା। ସ୍ୱାଧୀନତା-ପରାଧୀନତାର ଭେଦ ତାଙ୍କୁ ସମୟେ ସମୟେ ବିଚଳିତ କରି ଦେଉଥିଲା। ପରାଶ୍ରୟରେ ଗ୍ରାସାଚ୍ଛାଦନର ଅଭାବ ନଥିବା ଏବଂ ବାହ୍ୟ ସମ୍ମାନ ଲାଭ ତାଙ୍କ ପକ୍ଷରେ ସମ୍ଭବ ହୋଇଥିଲେ ମଧ୍ୟ ପରାଧୀନତା ଯୋଗୁଁ ସେ ସ୍ୱତନ୍ତ୍ରତାର ମାଧୁରୀ ଉପଭୋଗ କରିପାରୁ ନଥିଲେ। ଜୀବନର ଲକ୍ଷ୍ୟ ଓ ଭାବକୁ ସେ ସମ୍ପୂର୍ଣ୍ଣରୂପେ କାର୍ଯ୍ୟରେ ପରିଣତ କରିପାରୁ ନଥିଲେ। ରାଧାକୃଷ୍ଣଲୀଳା ଓ ବୈଷ୍ଣବ ଜୀବନ ସମ୍ବନ୍ଧରେ ଇଷ୍ଟଗୋଷ୍ଠୀର ସମ୍ୟକ୍ ସୁବିଧା ଲାଭ କରି ନପାରି ସେ ପୂର୍ଣ୍ଣ ଆନନ୍ଦ ଲାଭ କରିପାରୁ ନଥିଲେ। ସଦାନନ୍ଦଙ୍କ ବୈଷ୍ଣବ ସମ୍ପ୍ରଦାୟରେ ଏହି ଇଷ୍ଟଗୋଷ୍ଠୀ ଏକ ପ୍ରଧାନ ଅଙ୍ଗ। ଅତି ଉଚ୍ଚ-କୋଟୀର *ସିଦ୍ଧସାଧକମାନଙ୍କ ଭିତରେ ଏହା ଆବଦ୍ଧ ଥାଏ। ପ୍ରେମ-ଚନ୍ଦ୍ରାମଣି ଗ୍ରନ୍ଥରେ ସଦାନନ୍ଦ ଏହାର ତାତ୍ପର୍ଯ୍ୟ ଓ ରୂପ ସ୍ପଷ୍ଟଭାବରେ ପ୍ରକାଶ କରି ଏହାର ମାଧୁରୀ ଉପଭୋଗ କରିବା ସେ ବୈଷ୍ଣବ ଜୀବନର ପରମ ଲକ୍ଷ୍ୟ ବୋଲି ମନେ କରୁଥିଲେ। କିନ୍ତୁ ଉପଯୁକ୍ତ ବୈଷ୍ଣମୀ ଓ ସଖା ଅଭାବ ହେଲେ ଏହି ମାଧୁରୀ ଉପଭୋଗ କରିବା ସମ୍ଭବ ହୁଏ ନାହିଁ। ଏହି କାରଣରୁ ଆଶ୍ରୟଦାତା ଅତି ଧନବନ୍ତ, ଦାତା, ଜନହିତକାରୀ ହେଲେ ମଧ୍ୟ ତାଙ୍କଠାରୁ ସେ କାମ୍ୟ ଆନନ୍ଦ ପାଉନଥିଲେ। ସେଠାରେ ଇଷ୍ଟଗୋଷ୍ଠୀ କଥା ନଥିବାରୁ ଆଶ୍ରୟଦାତା ବସାଇ ପୋଷିଲେ ମଧ୍ୟ ସେଥିରେ ସେ ସୁଖ ଅନୁଭବ କରିପାରୁ ନଥିଲେ। କାନ୍ଧରେ ଝୁଲି ପକାଇ ଭିକ୍ଷାଟନ କରି ମୁଖରେ ରାଧାପ୍ରାଣେଶ୍ୱରୁ ଉଚ୍ଚାରଣ କରିବା ସ୍ୱତନ୍ତ୍ରତା ଥିବ, ପରବଶ ନଥିବ ଏପରି ସ୍ଥାନହିଁ ତାଙ୍କର କାମ୍ୟ, କେ ଦେଉ ନ ଦେଉ କି ବିଗୁରି। କବିଙ୍କ ଭାଷାରେ—

ଯେତୁ ଅତି ଧନବନ୍ତ ଦାତା ଜନହିତ
କରେ ତା ସଙ୍ଗ ମୋ କାର୍ଯ୍ୟ ନାହିଁ,
ଯେବେ ବସାଇ ପୋଷିବ ତହିଁରେ କଣିବ
ଇଷ୍ଟଗୋଷ୍ଠୀ କଥା ତ୍ୟାଗ ଯହିଁ। ୧।

କନ୍ଦେ ଅବା ଖୋଲି ଧରି ଭିକ୍ଷାଟନ କରି
ମୁଖେ ସ୍ମରୁ ରାଧାପ୍ରାଣେଶ୍ୱର,
ସ୍ୱତନ୍ତ୍ରତା ଥିବ ତହିଁ ପରବଶ ନୋହି
କେ ଦେଇ ନ ଦେଇ କି ବସ୍ତୁର । ୨ ।
(୬ଷ୍ଠ ଛାନ୍ଦ, ନିଷ୍ଠା ନୀଳମଣି)

କବିଙ୍କ ମତବାଦର ଦୃଷ୍ଟିକୋଣ—ବୈଷ୍ଣବ କବି ସାଧୁଚରଣ ଦାସ ଚୈତନ୍ୟପନ୍ଥୀ ବା ମାଧ୍ୱପନ୍ଥୀ ବୈଷ୍ଣବ । ତାଙ୍କ ମତରେ ଶ୍ରୀ, ବ୍ରହ୍ମ, ରୁଦ୍ର ଓ ସନକ ଇତ୍ୟାଦି ଚାରି ସମ୍ପ୍ରଦାୟର ଚାରିଧାମ ହେଉଛି— ରାମନାଥ, ବଦରିକାଶ୍ରମ, ଦ୍ୱାରକା ଓ ପୁରୁଷୋତ୍ତମ । କିନ୍ତୁ ଚୈତନ୍ୟପନ୍ଥୀ ଏ ଚାରିଧାମରେ କେଉଁ ଧାମ ତାହା ସାଧୁଚରଣ ଦାସ ପ୍ରକାଶ କରିନାହାନ୍ତି । ବୈଷ୍ଣବମାନଙ୍କର ବୃନ୍ଦାବନ ନିତ୍ୟଧାମ ବୋଲି ସେ ବ୍ୟକ୍ତ କରିଛନ୍ତି । କୃଷ୍ଣଙ୍କ ନାମ, ଧାମ ଓ ରୂପ ଅନେକ, କେ କେଉଁ ପ୍ରକାରେ ତାଙ୍କୁ ଭଜନା କରନ୍ତି ।

ଚାରି ସମ୍ପ୍ରଦାୟର ଚାରିଧାମ ରାମନାଥ ବଦରିକାଶ୍ରମ,
ଦ୍ୱାରକା ପୁରୁଷୋତ୍ତମ ଚାରି ମଧ୍ୟେ ବୃନ୍ଦାବନ ନିତ୍ୟଧାମ ।
କୃଷ୍ଣର ଧାମ ନାମରୂପ ଅନେକ କେ କେଉଁ ପ୍ରକାରେ ଭଜେ,
ନାରାୟଣ ନରସିଂହ ରାମକୃଷ୍ଣ ଯାହା ମନ ଯହିଁ ଭଜେ । (୨ୟ ଛାନ୍ଦ)

କବି ସ୍ମାର୍ତ୍ତମାନଙ୍କ ସମ୍ବନ୍ଧରେ ସେତେ ଉଦାର ଦୃଷ୍ଟିଭଙ୍ଗି ରଖିଥିବା ମନେହୁଏ ନାହିଁ । ସ୍ମାର୍ତ୍ତମାନେ ବିବାଦର ବା ତର୍କବିତର୍କର ଆଶ୍ରୟ ନେଉଥିବାରୁ ସେମାନଙ୍କ ସଙ୍ଗେ ଆଲାପ କରିବା ପାଇଁ 'ଡର' ହେଉଥିବା କବି ପ୍ରକାଶ କରିଛନ୍ତି । ପୁଣି ସ୍ମାର୍ତ୍ତମାନେ 'ସୋଽହଂ' ବା 'ଅହଂ ବ୍ରହ୍ମାସ୍ମି' ବୋଲି ସିଦ୍ଧାନ୍ତ (ଅଦ୍ୱୈତବାଦ) କରିଥିବାରୁ ସେମାନଙ୍କଠାରୁ ଦୂରରେ ରହିବାହିଁ ଶ୍ରେୟ । କୃଷ୍ଣଙ୍କ ମାୟାରେ ଦ୍ୱିଜମାନେ ସ୍ମାର୍ତ୍ତ ବହୁତ ବୋଲି ସେ କହିଛନ୍ତି ।

କୃଷ୍ଣ ମାୟାରେ ଦ୍ୱିଜେ ସ୍ମାର୍ତ୍ତ ବହୁତ ବଇଷ୍ଣବ ତ ଅଳପ,
ଡର ଚିତ୍ତରେ ହେଉ ମୋ ତାଙ୍କ ସଙ୍ଗେ କରିବା ପାଇଁ ଆଲାପ ।

ନାରାୟଣ ସ୍ୱୟଂ ଅଭିମାନ ଯାର ସେ ସଙ୍ଗେ କେଉଁ ବିବାଦ,
ଆମ୍ଭର ପ୍ରଭୁ କୃଷ୍ଣ ଦାସ ହୋଇଣ ସେବିବ କି ପଦ୍ମପାଦ ।
ବଇଷ୍ଣବ ମତ ଆମ୍ଭର ଏ ଅଭିମାନେ ଯାଉ ଥାଉ ଧନ,
ମତାନ୍ତର ଲୋକ ସଙ୍ଗେ ବିବାଦରୁ ଅଛି କେଉଁ ପ୍ରୟୋଜନ । (୨ୟ ଗ୍ରନ୍ଥ)

ନାରଦ, ବ୍ୟାସ, ସନକ, ଶୁକଦେବ, ବଶିଷ୍ଠ ଆଦିଙ୍କ ମତ ସେମାନଙ୍କ ରଚିତ ପୁରାଣରେ ଉକ୍ତ ହୋଇଛି । ଏହି ମତକୁ ଆଚରଣ କରିବା ଭଲ, କିନ୍ତୁ ପୁଣ୍ଡ୍ରକ ଓ ବାସୁଦେବଙ୍କ ପରି 'ବାସୁଦେବ' ବୋଲି ପ୍ରଚାର କରିବା ଠିକ୍ ନୁହେଁ । ସ୍ମାର୍ତ୍ତଙ୍କ ପରି ସେ ମୁକ୍ତି କାମନା କରୁନାହାନ୍ତି ।

ନାରଦ ବ୍ୟାସ ସନକ ଶୁକଦେବ ବଶିଷ୍ଠ ଆଦିଙ୍କ ମତ,
ଆଚରିଣ କରି ତାଙ୍କ ପୁରାଣରେ ଯେ ହୋଇଛି ଉକ୍ତ ।
ପୁଣ୍ଡ୍ରକ ବାସୁଦେବ ପରି ବାସୁଦେବ ବୋଲାଇବା ନାହିଁ,
କହେ ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା ମୁକତି କି ଇଚ୍ଛା ନାହିଁ । (୨ୟ ଗ୍ରନ୍ଥ)

ଚୈତନ୍ୟପନ୍ଥୀ ବୈଷ୍ଣବମାନେ ଅନ୍ୟ ବୈଷ୍ଣବମାନଙ୍କ ପରି ଶ୍ରୀମଦ୍ ଭାଗବତ ମହାପୁରାଣକୁ ଶ୍ରେଷ୍ଠ ମତଗ୍ରନ୍ଥ ବୋଲି ବିଶ୍ୱାସ କରନ୍ତି । ଏହି ଗ୍ରନ୍ଥର ରଚନା ସମ୍ବନ୍ଧରେ ବୈଷ୍ଣବମାନଙ୍କର ଯେଉଁପରି ଧାରଣା ଥିବା କବି ପ୍ରକାଶ କରିଛନ୍ତି । ବ୍ୟାସଦେବ ଅନେକ ପୁରାଣ ଗ୍ରନ୍ଥ ରଚନା କଲେ । କିନ୍ତୁ ତାଙ୍କ ଚିତ୍ତରୁ ଭ୍ରମ ଦୂର ହେଲା ନାହିଁ । ଶ୍ରୀ ନାରଦ ଗୋସ୍ୱାମୀଙ୍କର ଅନୁଗ୍ରହ ପାଇ ବ୍ୟାସଦେବ କୃଷ୍ଣଙ୍କୁ ଭଜନା କଲେ । କୃଷ୍ଣ ଆବେଶରେ ଅବତାର ହେଲେ । ସେ ବିଚାରିଲେ, "ମୋ ବିନା ମୋର ତତ୍ତ୍ୱ କିଏ ବା ଜାଣେ ? ଅତଏବ ଏହା (ବ୍ୟାସ) ଦେହରେ ଅବତାର ହେବ ।" ଏହି ଇଚ୍ଛାରେ ସେ ବ୍ୟାସଙ୍କଠାରେ ଆବେଶ ହେଲେ ଏବଂ ଶ୍ରୀମଦ୍ ଭାଗବତ ମହାପୁରାଣ କହିଲେ । କର୍ମଜ୍ଞାନ କହି ଭକ୍ତିର ସିଦ୍ଧାନ୍ତ କଲେ । ପରମାତ୍ମା, ବ୍ରହ୍ମ ଓ ଭଗବାନ ଏ ତିନି କଥା ବୁଝାଇ ଭେଦାଭେଦ ବୁଝାଇଲେ । ଭୁକ୍ତି ମୁକ୍ତି ତୁଚ୍ଛ କରି ଭକ୍ତିକୁ ସାର କଲେ । କୃଷ୍ଣ ଅବତାରୀ ଏବଂ ଅନ୍ୟାନ୍ୟ ଅବତାରମାନେ ତାଙ୍କର ଅଂଶ । ସ୍ୱୟଂ ଭଗବାନ ଏହାଙ୍କର ଅଂଶ । ଚତୁର୍ବିଂଶ ଅବତାର, ଅନେକ ଭକ୍ତଙ୍କ

ମହିମା କହିସାରି ଯଜ୍ଞପତ୍ନୀ ଓ ଗୋପୀରସ ଦାନ ବର୍ଣ୍ଣନା କଲେ । ଦଶମସ୍କନ୍ଧ ଭାଗବତରେ ସାର । ବ୍ରଜଲୀଳା ଏଥିରେ ସୁରସ ପ୍ରସଙ୍ଗ । ବେଣୁଗୀତା, ଯୁଗଳଗୀତା ବର୍ଣ୍ଣିତ ହେଲା । ରାସ ପଞ୍ଚାଧ୍ୟାୟୀ ଦଶମସ୍କନ୍ଧର ଶ୍ରେଷ୍ଠ ଅଂଶ । ତହିଁରେ ଏକତିଂଶ ଅଧ୍ୟାୟ ଶ୍ରେଷ୍ଠତର । ପ୍ରେମସାର ପୂର୍ଣ୍ଣରାଗ ଏଥିରେ ସଂଯୁକ୍ତ ହୋଇଛି ।

ପ୍ରେମସାର ପୂର୍ଣ୍ଣରାଗ ସଂଯୋଗ ଯହିଁରେ,
ନାହିଁ ନାହିଁ ନାହିଁ ଏ ସ୍ୱଭାବ ବ୍ରହ୍ମାଣ୍ଡରେ ।
ଯେଉଁ ପ୍ରେମେ କୃଷ୍ଣ ବୋଲେ ସୁଝି ନ ପାରିଲି,
ସେ ଭାବରୁ ଆଜଠାରୁ ବଞ୍ଚିତ ହୋଇଲି । (୩୯ଶ ଛାନ୍ଦ)

ଏହି କାରଣରେ ଏହି ଗ୍ରନ୍ଥ (ଭାଗବତ)ରେ ବୈଷ୍ଣବମାନେ ବିଶ୍ୱାସ କରନ୍ତି । ସ୍ୱୟଂ କୃଷ୍ଣ ଗୌର (ଚୈତନ୍ୟ) ରୂପରେ ଅବତାର ଗ୍ରହଣ କଲେ ଏବଂ ସେ ନିଜେ ଏ ରସ ଆସ୍ୱାଦନ କଲେ । ସେ ଗୋପୀଭାବରେ କଣା ହେଲେ ଏବଂ (ପୂର୍ବର) ନିଜ ରୂପ ଧ୍ୟାନ କରି ସଦା ବିରହ, ପ୍ରଳାପ ଏହି ଭାବରେ ମଜ୍ଜିଲେ । ଭାଗବତର ମର୍ମ ସଂସାରରେ ପ୍ରଚାର କରିବା ପାଇଁ ସନ୍ତ ପାଶରେ ରୂପସନାତନାଦି ଗୋସ୍ୱାମୀମାନଙ୍କ ହସ୍ତରେ ଭାର ଅର୍ପଣ କଲେ (ଦାନ ଦେଲେ) । ଗ୍ରନ୍ଥାନ୍ତରେ ଏମାନଙ୍କୁ ଭାଗବତମର୍ମ ପ୍ରକାଶ କରିବା ପାଇଁ ଗୌର ଆଦେଶ ଦେଲେ । ଏହି ଦାନ ବା ଆଦେଶରୁ ରୂପ ସନାତନାଦି ଗୋସ୍ୱାମୀମାନେ ବହୁ ଗ୍ରନ୍ଥ ରଚନା କଲେ । ଯାହା ପ୍ରତି ଗୌରାଂଙ୍କର କୃପା ହୁଏ ସେ କେବଳ ଏହି ଗ୍ରନ୍ଥର ମର୍ମକୁ ବୁଝନ୍ତି । ଯାହା ରୂପଗୋସ୍ୱାମୀ ଆଦିଂକର ମତ ତାହାକୁ ସଦାନନ୍ଦାଦି ବୈଷ୍ଣବମାନେ ବେଦ-ବାକ୍ୟରୁ ଅଧିକ ବୋଲି ମନେକରନ୍ତି । ଗୋସ୍ୱାମୀମାନଙ୍କ ବ୍ୟାଖ୍ୟା ଅନୁଯାୟୀ ପ୍ରସଙ୍ଗ ବର୍ଣ୍ଣନା ଆଦରଣୀୟ ।

ଶ୍ରୀରୂପଗୋସ୍ୱାମୀ ଆଦିଂକର ମତ ଯେହି,
ବେଦ ବଚନୁଁ ଅଧିକ ଆମ୍ଭେ ମାନୁ ତହିଁ । (୩୯ଶ ଛାନ୍ଦ)

ସ୍ମୃତି ପୁରାଣାଦିର ପ୍ରାମାଣିକତା ସମ୍ବନ୍ଧରେ ମଧ୍ୟ ଚୈତନ୍ୟପନ୍ଥୀଂକର ଖଣ୍ଡିତ ଆସ୍ଥା ଥିବା ସେ ବ୍ୟକ୍ତ କରିଛନ୍ତି । ବ୍ରଜକଥା ପ୍ରସଙ୍ଗରେ ରସାଭାସ

ହେଲେ ତାହା 'ବୈଷ୍ଣବ' 'ଆମ୍ଭ' ମତଠାରୁ ଭିନ୍ନ ବୋଲି ତାହାକୁ ତ୍ୟାଗ କରିବ । ପୁରାଣ ସ୍ମୃତି ଯେବେ ଏହି ବ୍ରଜଭକ୍ତି ରସର ମତାନ୍ତର ହେବ ତେବେ ତାହାକୁ ମଧ୍ୟ ତ୍ୟାଗ କରିବ ।

ବ୍ରଜକଥା ହେଉ ଯେବେ ରସାଭାସ ହେବ,
ଆମ୍ଭ ମତ ଭେଦ ତା ଶ୍ରବଣ ନ କରିବ ଯେ ।

ପୁରାଣ ସ୍ମୃତି ଯେବେ ମତାନ୍ତର ତହିଁ,
ତାହା ହେଲେ ଆମ୍ଭର ସେ ପ୍ରୟୋଜନ ନାହିଁ । (ଆସ୍ଥ ଗ୍ରନ୍ଥ)

ସଦାନନ୍ଦ ବହୁ ଗ୍ରନ୍ଥ, କଳାଭ୍ୟାସ, ବ୍ୟାଖ୍ୟା, ବାଦ ତ୍ୟାଗ କରିବା ପାଇଁ ବୈଷ୍ଣବମାନଙ୍କୁ ଉପଦେଶ ଦେଇଛନ୍ତି ।

ବହୁ ଗ୍ରନ୍ଥ-କଳାଭ୍ୟାସ ବ୍ୟାଖ୍ୟାବାଦ ତେଜ,
ଶ୍ରୀରୂପ ଗୋସ୍ୱାମୀ ଆଜ୍ଞା ନିଜ ମନେ ହେଜ । (ଆସ୍ଥ ଗ୍ରନ୍ଥ)

ଶ୍ରୀରୂପ ଗୋସ୍ୱାମୀ କହିଛନ୍ତି ବହୁ ଗ୍ରନ୍ଥ ଅଭ୍ୟାସାଦି ତ୍ୟାଗକରି ଗୁରୁ ସେବା କର ଏବଂ ସାଧୁମାନଂକର ପନ୍ଥାର ପଥିକ ହୁଅ ।

ବହୁ ଗ୍ରନ୍ଥାକଳାଭ୍ୟାସ ବ୍ୟାଖ୍ୟାବାଦ ବର୍ଜିତା,
ବିଶ୍ରମ୍ଭେଣ ଗୁରୋଃ ସେବା ସାଧୁ ବର୍ତ୍ମାନୁବର୍ତ୍ତିନଂ । (ଆସ୍ଥ ଗ୍ରନ୍ଥ)

ଗଦାଧର ବିନା ଗୌରଙ୍କୁ ଭଜିଲେ ସେହି ଭଜନ ନିଷ୍ଫଳ ହୁଏ ବୋଲି କବି 'ରସିକ ପ୍ରିୟା' ଗ୍ରନ୍ଥରୁ ପ୍ରମାଣ ଉଦ୍ଧାର କରି ଏହା ଅନୁସରଣରେ କରିବା ପାଇଁ ମତବ୍ୟକ୍ତ କରିଛନ୍ତି ।

ଗଦାଧର ବିନା ଯେହୁ ଗୌରାଙ୍ଗ ଭଜଇ,
ନିଷ୍ଫଳ ତା ଭଜନ ପାଇବ ଅବା କାହିଁ ଯେ । (ଆସ୍ଥ ଗ୍ରନ୍ଥ)

ଗଦାଧରଂ ବିନା ଯସ୍ତୁ ଗୌରଚନ୍ଦ୍ରମୁପାସତେ,
ନିଷ୍ଫଳଂ ଭଜନଂ ତସ୍ୟ ରସଭକ୍ତିର୍ନ ଲଭ୍ୟତେ । (ରସିକ ପ୍ରିୟା)

ବେଦର ପ୍ରମାଣ ଉପରେ ବୈଷ୍ଣବ ସଦାନନ୍ଦଙ୍କର ନିର୍ଭର ନାହିଁ । ଶିଷ୍ୟ ଲକ୍ଷଣ ପ୍ରସଙ୍ଗରେ ସେ କହିଛନ୍ତି ଯେ ଶିଷ୍ୟ ବିଶ୍ୱାସରେ ଗୁରୁଚରଣ ସେବା କରିବ । 'ବେଦ କହେ' ଏହି ପ୍ରମାଣ ଉପରେ ଜଣ କିଛି ନାହିଁ । କାରଣ ବ୍ରାହ୍ମଣମାନେ ଶୂଦ୍ରମାନେ ବେଦ ପଢ଼ୁଛନ୍ତି ବୋଲି ନିନ୍ଦା କରିବେ । ତଥାପି ସେ ପୁରାଣର ପ୍ରମାଣ ଦେଇ ଗୁରୁଙ୍କ ଆଗେ ନପୂଜି କୃଷ୍ଣ ପୂଜା କରିଲେ ତାହାର ପୂଜିବା ନିଷ୍ଫଳ । ଏଥିରୁ ଜଣାଯାଉଛି, ବେଦ-ପ୍ରମାଣ ତାଙ୍କର ଆବଶ୍ୟକ ନାହିଁ । କିନ୍ତୁ ପୁରାଣ ପ୍ରମାଣର ଆବଶ୍ୟକତା ଅଛି ।

ବିଶ୍ୱାସେ ସେବା ଗୁରୁଚରଣ,
ବେଦ କହେ ନ ଦେଇ ଉର ପ୍ରମାଣ ଯେ ।
ଶୂଦ୍ରେ ବେଦ ପଢ଼ନ୍ତି ବୋଲି ବ୍ରାହ୍ମଣେ,
ନିନ୍ଦା କରିବେ ଯେଣୁ ଏହୁ କାରଣେ ଯେ ।
ତଥାପି ପୁରାଣର ପ୍ରମାଣ ଦେଇ,
ଗୁରୁ ଆଗେ ନପୂଜି କୃଷ୍ଣ ପୂଜଇ ଯେ ।
ଦୁର୍ଗତି ପାଏ ପୂଜିବାର ନିଷ୍ଫଳ,
ବହୁତ କହିବାକୁ ନାହିଁ ତ କାଳ ଯେ ।
(ଶାସ୍ତ୍ର ଗ୍ରନ୍ଥ)

ଗୁରୁଶିଷ୍ୟ ସମ୍ପର୍କ—ସଦାନନ୍ଦଙ୍କ ସମୟରେ ଗୁରୁଶିଷ୍ୟ ସମ୍ପର୍କ ବହୁ ସ୍ଥାନରେ ଆଦର୍ଶ ସ୍ଥାନୀୟ ନଥିବାରୁ ସେ ଦୁଃଖ କରିଛନ୍ତି । ଉପଯୁକ୍ତ ଗୁରୁ ଓ ଉପଯୁକ୍ତ ଶିଷ୍ୟ ନିର୍ବାଚନରେ ମତ ନଥିବା ଦେଖାଯାଉଛି । ବର୍ତ୍ତମାନ ଗୁରୁଙ୍କର କେବଳ ଶିଷ୍ୟଙ୍କ ଲୋଭ । "ଆଉ ସେ ଗୁରୁଠାରେ କି ଆବଶ୍ୟକ" ଏପରି କହି ଶିଷ୍ୟମାନେ ମଧ୍ୟ ଦୂର ହୋଇ ଯାଉଛନ୍ତି । ଶିଷ୍ୟ "ମୁଁ ଗୁରୁ କଲିଣି" ବୋଲି ଆନନ୍ଦିତ ହେଉଛି । ଗୁରୁଙ୍କ ଉଦ୍ଦେଶ୍ୟ ଓ ଉଦ୍ୟମ ହେଉଛି 'କିଛି ମିଳିବ' । ଗୁରୁ ଧନେ ହେଲେ ଶିଷ୍ୟଙ୍କୁ କହୁ ନାହାନ୍ତି ଯେ କୃଷ୍ଣଙ୍କୁ ଭଜିଲେ ଭବାର୍ଣ୍ଣବରୁ ତରିବୁ । ଶିଷ୍ୟ ମଧ୍ୟ ଗୁରୁଙ୍କ ଚରଣ ତଳେ ପଡ଼ି ପଚାରୁ ନାହାନ୍ତି ଯେ "କି ପଥରେ ମୋର ଗମନ ଏବଂ କି କାରଣ ?"

ଏ ଅବନତି ଦେଖି କବି ପ୍ରକୃତରେ ମର୍ମାହତ ହୋଇଛନ୍ତି ଏବଂ ଉପଦେଶ ଶୁଣିବା ଲୋକଙ୍କ ସଂଖ୍ୟା ନ୍ୟୂନ ଥିବାରୁ ତାଙ୍କର ଏ ମତ ବ୍ୟକ୍ତ କରିବା ପାଇଁ ଡର ମଧ୍ୟ ହେଉଛି । ଉପଯୁକ୍ତ ଗ୍ରାହକଙ୍କର ସଂଖ୍ୟାର ନ୍ୟୂନତା ହିଁ ଏହାର କାରଣ ।

ଏ କଥାମାନ କହିବାକୁ ତ ଡରି,
ଏବେ ଭିନ୍ନେ ସ୍ୱଭାବ ଭୁବନେ ଯେ ପୂରି ଯେ ।
ଦିଗମ୍ବର ଗ୍ରାମରେ କି ପୀତାମ୍ବର ।
ସର୍ବେ ଦେଖି ବୋଲିବେ ବସନ ଚୋର ଯେ ।
(୩ୟ ଛାନ୍ଦ)

ପ୍ରକୃତ ଗୁରୁ ଓ ପ୍ରକୃତ ଶିଷ୍ୟ ମଧ୍ୟ ଏହି କାରଣରୁ ବୃଥାରେ ନିନ୍ଦିତ ହେଉ ଥିବାହିଁ ଏଥିରେ ସଦାନନ୍ଦ ସୂଚନା ଦେଇଛନ୍ତି ।

ଅନ୍ୟ ମତ ପ୍ରତି ଆକ୍ଷେପ—ବୈଷ୍ଣବ କବି ସଦାନନ୍ଦ ରାଗାନୁଗା ବୈଷ୍ଣବଙ୍କ ଛଡ଼ା ଅନ୍ୟମାନଙ୍କ ପ୍ରତି ସେତେ ଉଦାର ମନୋଭାବ ପୋଷଣ କରି ନାହାନ୍ତି । ଗଣେଶ, ଶିବ, ବ୍ରହ୍ମା, ଦୁର୍ଗା ପ୍ରଭୃତି ଦେବଦେବୀମାନେ କୃଷ୍ଣଙ୍କ ଅଂଶରୁ ଜାତ ବୋଲି କହି ଦୁର୍ଗାଙ୍କୁ ଶାକ୍ତମାନେ ଯେପରି ଭାବରେ ପୂଜା କରୁଛନ୍ତି ତାର ନିନ୍ଦା କରିଛନ୍ତି ।

ଶାକ୍ତଙ୍କ ପରି ଭୁଲି ନ ଭଜିବୁ କହିଲି
ଯାହା ଭଲି ହିଂସ ମାଡ଼ଇ,
ଚଣ୍ଡୀ ବୋଲନ୍ତି ସେ ତ ତାଙ୍କୁ ଜଗତମାତ
ଛାଗ ମହିଁଷ ବଳି ଦେଇ ରେ । ଆରେ ମନ ।
ଜଗତରୁ ସେ କି ବାହାର
ସୁତ କି ଭକ୍ଷଣ ମାତାର । (୯ମ ଛାନ୍ଦ)

ଅବୈଷ୍ଣବମାନଙ୍କ ପ୍ରତି ତାଙ୍କର ଘୃଣାଭାବ ଅନ୍ୟୋନ୍ୟ ସଂକୀର୍ଣ୍ଣମନା ବୈଷ୍ଣବମାନଙ୍କ ପରି । ଗୁରୁ-ଶିଷ୍ୟ ପ୍ରସଙ୍ଗରେ ସଦାନନ୍ଦ କହିଛନ୍ତି—

ମହାକୁଳ ପ୍ରସୂତ ସର୍ବ ଯଜ୍ଞରେ
ଦୀକ୍ଷିତ ବହୁଶାଖା ବେଦ ପଢ଼ିଲେ ଯେ ।
ଅବୈଷ୍ଣବ ଯେବେ ସେ ଗୁରୁ ନୋହି
ଶ୍ୱପଚ ଯଦି ଭକ୍ତ ଗୁରୁଟି ହେହି ଯେ ।
(୪ର୍ଥ ଛାନ୍ଦ)

ଏ ସମ୍ବନ୍ଧରେ 'ରସାମୃତ ସିନ୍ଧୁ'ରୁ ଏକ ଶ୍ଳୋକ ସେ ଉଦ୍ଧାର କରିଛନ୍ତି ।

ମହାକୁଳପ୍ରସୂତୋଽପି ସର୍ବଯଜ୍ଞେଷୁ ଦୀକ୍ଷିତଃ
ସହସ୍ରଶାଖାଧ୍ୟାୟୀ ଚ ନ ଗୁରୁ ସ୍ୟାଦବୈଷ୍ଣବଃ ।
ଗୃହୀତ୍ୱାପି ମୁନିଶ୍ରେଷ୍ଠଃ ବିଷ୍ଣୁଭକ୍ତ ପରାୟଣଃ
ବିଷ୍ଣୁଭକ୍ତ ବିହୀନସ୍ତ ଦ୍ୱିଜୋଽପି ଶ୍ୱପଚାଧମଃ ॥

ଅଦ୍ୱୈତବାଦୀଙ୍କ ସ୍ମାର୍ତ୍ତଙ୍କ ସମ୍ବନ୍ଧରେ କବି କହିଛନ୍ତି ଯେ ସ୍ମାର୍ତ୍ତମାନଙ୍କ ସଂଖ୍ୟା ବହୁତ ଓ ବୈଷ୍ଣବଙ୍କ ସଂଖ୍ୟା ଅଳ୍ପ । ସ୍ମାର୍ତ୍ତମାନଂକ ସହିତ ଆଳାପ କରିବା ପାଇଁ ମଧ୍ୟ ତାଙ୍କୁ ଡର ମାଡ଼ୁଥିଲା । ଏହାର କାରଣସ୍ୱରୂପ ସେ କହିଛନ୍ତି ଯେ ସ୍ମାର୍ତ୍ତମାନେ ନିଜେ ସ୍ୱୟଂ ନାରାୟଣ ବୋଲି କହୁଥିବାରୁ, ଏହି ଅଭିମାନ ଥିବା ଲୋକଂକ ସହିତ ଆଳାପ କି ବିବାଦ କରିବା ଉଚିତ ନୁହେଁ । ଅଦ୍ୱୈତବାଦୀଂକର 'ଅହଂବ୍ରହ୍ମାସ୍ମି', 'ସୋଽହଂ' ଏହି ସିଦ୍ଧାନ୍ତହିଁ ଆକ୍ଷେପର କାରଣ । ଏମାନେ ନିଜକୁ ସ୍ୱୟଂ ନାରାୟଣ ବୋଲି ଅଭିମାନ କରୁଛନ୍ତି । ଏମାନେ ବା କିପରି କୃଷ୍ଣଙ୍କୁ ପ୍ରଭୁ ରୂପରେ ମାନି ତାଂକର ପଦ୍ମପାଦ ସେବା କରିବେ ?

କୃଷ୍ଣ ମାୟାରେ ଦ୍ୱିଜେ ସ୍ମାର୍ତ୍ତ ବହୁତ ବୈଷ୍ଣବ ତ ଅଳ୍ପ,
ଡର ଚିତ୍ତରେ ହେଉ ମୋ ତାଂକ ସଙ୍ଗେ କରିବା ପାଇଁ ଆଳାପ ।
ନାରାୟଣ ସ୍ୱୟଂ ଅଭିମାନ ଯାର ସେ ସଙ୍ଗେ କେଉଁ ବିବାଦ,
ଆମ୍ଭର ପ୍ରଭୁ କୃଷ୍ଣ, ଦାସ ହୋଇଣ ସେବିବି କି ପଦ୍ମପାଦ ।
(୨ୟ ଛାନ୍ଦ)

କବି ବୈଷ୍ଣବ ସମ୍ପ୍ରଦାୟସମ୍ମତ କେତେକ ତତ୍ତ୍ୱକୁ ସରଳ ଭାବରେ ବୁଝାଇଛନ୍ତି ।

ସୃଷ୍ଟି—ଈଶ୍ୱର ସୃଷ୍ଟିରେ ଚାରି ପ୍ରକାର—ସ୍ଥାବର, ଜଙ୍ଗମ, କୀଟ, ପତଙ୍ଗ ।

ନୀଚଜାତି—ଜଙ୍ଗମ ମଧ୍ୟରେ ଶ୍ରେଷ୍ଠ ଓ ନୀଚ ଏହି ଜାତି ଭେଦରେ ମନୁଷ୍ୟମାନେ ଭୁବନରେ ପୂରି ଅଛନ୍ତି ।

ବେଦ—ମନୁଷ୍ୟମାନଂକ ମଝିରେ କେହି କେହି ବେଦକୁ ସାର ବୋଲି ମାନନ୍ତି ।

ବଉଦ୍ଧ—ପୁଣି କେହି କେହି ବୌଦ୍ଧମତାବଲମ୍ବୀମାନେ ଈଶ୍ୱରଂକ ନାମ ଓ ରୂପକୁ ମାନନ୍ତି ନାହିଁ । 'କିଏ ବା ଥାଇପାରେ,' ଏହା କହି ତର୍କରେ ଭ୍ରମି ହୋଇ ମରୁଥାଆନ୍ତି ।

ପୁଣି ହିନ୍ଦୁ ମୁସଲମାନ ଭେଦରେ ଲୋକ ଅଛନ୍ତି । ହିନ୍ଦୁମତ 'ଅମ୍ଭ ମତ' (ଲେଖକଂକ ମତ) ।

ଚାରି ଆଶ୍ରମ—ହିନ୍ଦୁ ଧର୍ମରେ ଚାରି ଆଶ୍ରମ—ବ୍ରହ୍ମ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର ।

ପ୍ରବୃତ୍ତି ଓ ନିବୃତ୍ତି ମାର୍ଗ—ବେଦରେ ପ୍ରବୃତ୍ତି ଓ ନିବୃତ୍ତି—ଏ ଦୁଇ ମାର୍ଗ କୁହାଯାଇଛି । ପ୍ରବୃତ୍ତି ମାର୍ଗରେ ସଂସାରରେ ସୁଖ, ନିବୃତ୍ତି ମାର୍ଗରେ ଜନ୍ମ ତୁଟଇ । ଏହି ନିବୃତ୍ତି ମାର୍ଗହିଁ ଶ୍ରେଷ୍ଠ ।

ଦ୍ୱୈତବାଦୀ, ଅଦ୍ୱୈତବାଦୀ—ଦ୍ୱୈତବାଦୀମାନେ ବୈଷ୍ଣବ । ଅଦ୍ୱୈତବାଦୀମାନେ ସ୍ମାର୍ତ୍ତ । ଅଦ୍ୱୈତବାଦୀ ଈଶ୍ୱରଂକ ଉପରେ ଭେଦାଭେଦ ସମ୍ବନ୍ଧ ନିରୂପଣ କରନ୍ତି । ଉପାଧି ଥିବାଯାଏ ଜୀବ ଓ ବ୍ରହ୍ମ ଭିତରେ ଭେଦ ଅଛି । ଉପାଧି ଗୁଚିଲେ ଜୀବ ଓ ବ୍ରହ୍ମ ଏକ ଆଉ ଭେଦ ନାହିଁ ।

ଚାରି ସମ୍ପ୍ରଦାୟ—ଅଦ୍ୱୈତବାଦୀମାନଂକର ଚାରି ସମ୍ପ୍ରଦାୟ—ଶୈବ, ଶାକ୍ତ, ଗାଣପତ୍ୟ, ସୌର । ପ୍ରବୃତ୍ତି ଓ ନିବୃତ୍ତି ମାର୍ଗରେ ଏମାନଙ୍କର ଗତାଗତ ।

ବୈଷ୍ଣବମତ—ବୈଷ୍ଣବମାନଙ୍କର ସେବ୍ୟ-ସେବକ ସମ୍ବନ୍ଧ । କୃଷ୍ଣ ପ୍ରଭୁ, ବୈଷ୍ଣବ ଦାସ ।

ଚାରି ବୈଷ୍ଣବ ସମ୍ପ୍ରଦାୟ—ଶ୍ରୀ, ବ୍ରହ୍ମ, ରୁଦ୍ର ଓ ସନକ । ଶ୍ରୀ (ଲକ୍ଷ୍ମୀ) ସମ୍ପ୍ରଦାୟରେ ରାମାନୁଜ, ବ୍ରହ୍ମରେ ମାଧ୍ୱ, ସନକରେ ନିମ୍ବାର୍କ, ରୁଦ୍ର ସମ୍ପ୍ରଦାୟରେ ବିଷ୍ଣୁ ସ୍ୱାମୀ ପ୍ରକାଶ ହେଲେ । ଶିଷ୍ୟାନୁକ୍ରମରେ ସଂସାରରେ ବୈଷ୍ଣବମାନେ ପୂର୍ଣ୍ଣ ହେଲେ । ମାତ୍ର ସ୍ମାର୍ତ୍ତମାନଙ୍କର ସେପରି ନାହିଁ ।

ଚାରି ସମ୍ପ୍ରଦାୟର ଚାରିଧାମ—ରାମନାଥ, ବଦ୍ରିକାଶ୍ରମ, ଦ୍ୱାରକା ଓ ପୁରୁଷୋତ୍ତମ । ବୃନ୍ଦାବନ ନିତ୍ୟଧାମ ।

ଭଜନ—ବୈଷ୍ଣବମାନେ କୃଷ୍ଣଙ୍କ ନାମକୁ ଯାଏ କେଉଁ ପ୍ରକାରେ ଭଜନା କରନ୍ତି—ନାରାୟଣ, ନରସିଂହ, ରାମ, କୃଷ୍ଣ ପ୍ରଭୃତି । ଯାହା ମନ ଯହିଁରେ ମଜ୍ଜିଲା ସେ ନାମ ସେ ଭଜନ କଲେ ।

ସ୍ମାର୍ତ୍ତ ମତ—ସ୍ୱୟଂ ନାରାୟଣ ବୋଲି ସ୍ମାର୍ତ୍ତମାନେ ଅଭିମାନ କରନ୍ତି । ସେଥିପାଇଁ ସେମାନେ କୃଷ୍ଣଙ୍କୁ ପ୍ରଭୁ ଓ ନିଜେ ଦାସ ସ୍ୱରୂପ ତାଙ୍କର ପାଦ ସେବା କରି ପାରନ୍ତି ନାହିଁ ।

ବୈଷ୍ଣବ ମତ—ନାରଦ, ବ୍ୟାସ, ସନକ, ଶୁକଦେବ, ବଶିଷ୍ଠାଦି ଋଷିମାନଙ୍କ ମତ ବୈଷ୍ଣବମାନେ ଆଚରଣ କରନ୍ତି । ଏମାନଙ୍କ କୃତ ପୁରାଣରେ ଉକ୍ତ ହୋଇଛି । (୨ୟ ଛାନ୍ଦ)

ଲଳିତଲୋଚନା

କଥାବସ୍ତୁ—ସଦାନନ୍ଦ ବାଉନଟି ଛାନ୍ଦରେ 'ଲଳିତଲୋଚନା' ନାମକ ବିରାଟ କାଳ୍ପନିକ କାବ୍ୟଟି ମହାକାବ୍ୟ ରୂପରେ ରଚନା କରିଛନ୍ତି ।

କବି ବୈଷ୍ଣବ, ରାଧାକୃଷ୍ଣ ଭକ୍ତ ଓ ବ୍ରଜପନ୍ଥୀ ଥିବାରୁ ପ୍ରଥମେ 'ରାଧାକାନ୍ତ'ଙ୍କୁ ବନ୍ଦନାକରି ଗ୍ରନ୍ଥ ଆରମ୍ଭ କରିଛନ୍ତି । ସଦାନନ୍ଦଙ୍କ ପୂର୍ବବର୍ତ୍ତୀ ବହୁ ଉତ୍କଳୀୟ ବୈଷ୍ଣବ କବି ସ୍ୱକୃତିମାନଙ୍କରେ 'ଜଗନ୍ନାଥ'ଙ୍କୁ ବନ୍ଦନା

କରି ଗ୍ରନ୍ଥ ଆରମ୍ଭ କରିଥିବା ଦେଖାଯାଏ । କିନ୍ତୁ ବିନ୍ଦୁ ବ୍ରଜ ବୈଷ୍ଣବକବି ପରଂପରା ରକ୍ଷାକରି ରାଧାକୃଷ୍ଣ କିମ୍ବା ଗୌରାଙ୍ଗଙ୍କୁ ପ୍ରଥମେ ବନ୍ଦନା କରିଛନ୍ତି । ଏଥିରୁ ସଦାନନ୍ଦ ବ୍ରଜବୈଷ୍ଣବ କବିମାନଙ୍କର ପନ୍ଥା ଅନୁସରଣ କରିଥିବା ସ୍ପଷ୍ଟହେଉଛି ।

ସାଧୁପ୍ରଶଂସା ଓ ଖଳନିନ୍ଦା ପ୍ରସଙ୍ଗରେ କବି ସାଧୁଜନମାନଙ୍କୁ 'କାର୍ମୁକ' ସମାନ ହୋଇ ଗୁଣ ସହିତରେ ନମ୍ରତାକୁ ଆଶ୍ରୟ କରି ରିପୁକୁ 'କାଣ୍ଡ' ବ୍ୟତିରେକେ ଦଣ୍ଡ ଦେବାକୁ ନିବେଦନ କରିଛନ୍ତି । କବି-ଖଳମାନଙ୍କୁ ମଶକ ସହିତ ତୁଳନା କରିଛନ୍ତି, କାରଣ ମଶକମାନେ ନିଜବଳ କଳନା ନ କରି ଅବସରରେ ଶ୍ରୁତି ପାର୍ଶ୍ୱରେ କୁତ୍ସିତ ଧ୍ୱନିକରି ଉଡ଼ନ୍ତି ଏବଂ ନିବାରିଲେ କେବେହେଁ ନିବାରଣ ମାନନ୍ତି ନାହିଁ । ଏମାନେ ଜୀବନ ଥିବା ଯାଏ ସ୍ୱଭାବକୁ ତେଜନ୍ତି ନାହିଁ ।

କବି ସ୍ୱକାବ୍ୟଟି 'ନାଗରୀ ନାରୀ' ପ୍ରକାରେ ହେବ, ଏହି ଆଶା ରଖିଛନ୍ତି । ଚତୁରୀ ନାଗରୀ ନାରୀ ଯେପରି ସର୍ବାଳଙ୍କାରଭୂଷିତା ହୋଇ ବକ୍ର ଉକ୍ତି ଦ୍ୱାରା ନିଜ ଜୀବନକୁ ସରସ କରି ଜନମନ ହରଣ କରେ ସେହିପରି ଏହି କାବ୍ୟ ନାଗରୀନାରୀ ହେବ ।

ନାଗରୀ ନାରୀ ଏକାରେ ଏ ଗୀତ ହୋଇବ,
ଅଳଙ୍କାରେ ଯୁକ୍ତ ବକ୍ରଉକ୍ତି ଯେଣୁ ଥିବ ।
ରସ ରୀତି ଶଯ୍ୟା ଗୁପ୍ତି ଉପମା ନିନ୍ଦିବ,
ଆଶୟରେ କେଉଁଠାରେ ଧ୍ୱନି ପ୍ରକାଶିବ ।
ଦର୍ଶନେ ଶ୍ରବଣେ ନେତ୍ର କର୍ଣ୍ଣମାନସରେ,
ସାରସ ପରାଏ ବାସ କରିବ ସନ୍ତୁରେ ।
(୧ମ ଛାନ୍ଦ)

କାବ୍ୟଟିର ବାହ୍ୟ ଓ ଅନ୍ତର ସମ୍ବନ୍ଧରେ କବି ଯେଉଁ ସୂଚନା ଦେଇଛନ୍ତି ତାହା ସଫଳ ହୋଇଛି । ସର୍ବବିଧ କାବ୍ୟଗୁଣ ସନ୍ନିବେଶରେ

ସାରସ ପ୍ରାୟ କାବ୍ୟଟି ଦେଖାଯାଉଛି । ରସିକ ନାଗରୀ ନାରୀ ଓ ରସସରୋବରର ସାରସ ସଦୃଶ୍ୟ ଏ କାବ୍ୟଟି ସୁଧିପାଠକଙ୍କ ମନକୁ ଆକର୍ଷଣ କରି ସନ୍ତୋଷ ଦାନ କରି ପାରିଛି ।

ଦଶଦଶା ମଧ୍ୟରୁ ଶେଷ ଦଶା ବା ଦଶମ ଦଶା 'ମୃତ୍ୟୁ'କୁ କାବ୍ୟରେ ବର୍ଣ୍ଣିବା 'ଅନୁଚିତ' ଥିବାରୁ କାବ୍ୟର ଆଦ୍ୟରେ କବି ବର୍ଣ୍ଣନା କରିଛନ୍ତି । ନାୟକନାୟିକାଙ୍କ ପୂର୍ବଜନ୍ମବୃତ୍ତାନ୍ତହିଁ ଏହାର ଉଦ୍ଦେଶ୍ୟ । କବିପରଂପରାକୁ ଉତ୍କଳୀୟ ପ୍ରାଚୀନ କବିମାନେ ତ୍ୟାଗ କରିନାହାନ୍ତି; ସଦାନନ୍ଦ ମଧ୍ୟ ଏହି ପରଂପରା ରକ୍ଷାକରି ଅଳଙ୍କାରମଣ୍ଡିତ ମନୋହର ପୂର୍ବଜନ୍ମବୃତ୍ତାନ୍ତଟିଏ ସୃଷ୍ଟି କରି ପାରିଛନ୍ତି ।

ନବମ ଦଶାରେ ତା ବିରହେ ହୋଏ ମୋହ,
ଦଶମରେ ପ୍ରାଣଯାଏ ତେଜି ନିଜ ଦେହ ।
ଶାସ୍ତ୍ରେ କହେ ମରଣ ବର୍ଣ୍ଣିମା ଅଶୋଚିତ,
ଏଣୁ ଆଦ୍ୟେ ପୂର୍ବଜନ୍ମେ କରିବା ତା ଖ୍ୟାତ ।

ନାୟକନାୟିକାଙ୍କ ପୂର୍ବଜନ୍ମବୃତ୍ତାନ୍ତରେ କବି ଦଶମଦଶାର ବିବରଣି ଦେଇ କହିଛନ୍ତି ଯେ ଲକ୍ଷ୍ମୀ ଓ ନାରାୟଣଙ୍କର ଏକାନ୍ତ ଆଳାପ ସମୟରେ ନାରାୟଣ ପ୍ରେମପୀଡ଼ା ଅନୁଭବ କଲେ । ସ୍ୱାଧୀନଭର୍ତ୍ତୃକାଭାବ ଉଦୟ ହେବାରୁ ଲକ୍ଷ୍ମୀ ସ୍ୱ ଅଙ୍ଗରୁ ଏକ ଅପୂର୍ବ ସୁନ୍ଦରୀ କନ୍ୟା ଜାତ କରି, ନାରାୟଣ ଯେପରି ନବମ ଦଶା ବା ବିରହଦଶା ପ୍ରାପ୍ତ ହେବେ ସେପରି କାର୍ଯ୍ୟ କରିବାକୁ ଆଦେଶ ଦେଇ ତାଙ୍କୁ ନାରାୟଣଙ୍କଠାକୁ ପଠାଇଲେ । କିନ୍ତୁ ତାକୁ ଆଦେଶ ଦେଲେ, ଯେ—

କେବଳ ପୁରୁଷ ତନୁ ସ୍ପର୍ଶ ନକରିବୁ,
କଲେ ନମାନି ଦଶମ ଦଶାକୁ ପାଇବୁ ।

ଅନ୍ତର୍ଯ୍ୟାମୀ ନାରାୟଣଙ୍କଠାକୁ ଏ କନ୍ୟା ଯିବାରୁ ସେ ଲକ୍ଷ୍ମୀଙ୍କ ଉଦ୍ଦେଶ୍ୟ ବୁଝିପାରି ସ୍ୱ ନିଃଶ୍ୱାସରୁ ଏକ ପୁରୁଷ ଜାତ କଲେ । ଲକ୍ଷ୍ମୀଙ୍କ ମନରୁ

କନ୍ୟା ଜାତ ହୋଇଥିବାରୁ ତାହାର ନାମ ମନୋଜା ଓ ନାରାୟଣଙ୍କ ନିଃଶ୍ୱାସରୁ ଜାତ ହୋଇଥିବାରୁ ପୁରୁଷର ନାମ ଶ୍ୱାସୋଦ୍ଭବ ହେଲା । କବିଙ୍କ ଏହି ନାମକରଣ ସାର୍ଥକ ଓ ଘଟଣାସୂଚକ ହୋଇଛି ।

ଏହି ନାରୀ ଓ ପୁରୁଷଙ୍କ ଭିତରେ ପ୍ରେମ ଜନ୍ମି ପରସ୍ପର ଆକୃଷ୍ଟ ହେଲେ । ପ୍ରେମୋନ୍ମାଦିନୀ ମନୋଜା ଲକ୍ଷ୍ମୀଙ୍କ ନିଷେଧକୁ ଭୁଲିଗଲେ । ପୁଂସକୁ ଆଲିଙ୍ଗନ କରିବାପାଇଁ ତାର ଅଙ୍ଗକୁ ସ୍ପର୍ଶ କରିବା ମାତ୍ରେ ତାର ଜୀବ ନାଶ ହେଲା । ଏହି ଅଳ୍ପକ୍ଷଣର ଘଟଣାରାଜିକୁ କବି ସୁନ୍ଦର ଭାବରେ ଅଳ୍ପପଦରେ ବର୍ଣ୍ଣନା କରିଛନ୍ତି ।

ନାୟକ ଶ୍ୱାସୋଦ୍ଭବ ଦୁଃଖରେ କାତର ହେବାରୁ ଲକ୍ଷ୍ମୀନାରାୟଣ ବର ଦେଇ ଅନ୍ୟଜନ୍ମରେ ମନୋଜାକୁ ପାଇବା ଆଶା ଦେଲେ । ମହାନଗରାଧିପତି ପରମ ବିଷ୍ଣୁଭକ୍ତ ସୂର୍ଯ୍ୟବଂଶୋଦ୍ଭବ ରାଜା ବୃଷଚନ୍ଦ୍ରଙ୍କ ପୁତ୍ର ରୂପରେ ଶ୍ୱାସୋଦ୍ଭବ ଏବଂ ତୈଲିଙ୍ଗ ଦେଶ ରାଜା ଶାନ୍ତଶୀଳଙ୍କ କନ୍ୟାରୂପେ ମନୋଜା ଜନ୍ମଗ୍ରହଣ କଲେ । ସ୍ୱୟମ୍ବର କାଳରେ କନ୍ୟାକୁ ଶ୍ୱାସୋଦ୍ଭବ ଲାଭ କରିବା ଭବିଷ୍ୟତ ବାଣୀ ମଧ୍ୟ ନାରାୟଣ ଶୁଣାଇଲେ । (୧ମ ଛାନ୍ଦ)

ବୃଷଚନ୍ଦ୍ରଙ୍କ ରାଣୀ ସୁଲକ୍ଷଣାଙ୍କ ଗର୍ଭରେ ନୃପମଣ୍ଡଳନ ଜନ୍ମଲାଭ କଲା । ମନ୍ତ୍ରୀକୁମର ବିବେକଶେଖର, ପୁରୋହିତକୁମର ବଜ୍ରଧର, ସାଧୁତର କୁମର ପ୍ରଭାଚନ୍ଦ୍ର ଓ ଜ୍ୟୋତିଷକୁମର ଯୋଗନ୍ତ ନୃପମଣ୍ଡଳନର ଅନ୍ତରଙ୍ଗ ସଖା ହେଲେ । ରାଜକୁମରର ଅପୂର୍ବ ଶୋଭାରେ ମୁଗ୍ଧ ହୋଇ ସେ ଦେଶର ଜଣେ ବଜ୍ର ଶିବଭକ୍ତ ଜଙ୍ଗମ ଶିବଙ୍କୁ ସନ୍ତୁଷ୍ଟ କରି ବର ପ୍ରମାଣେ କୁମାରର ଚିତ୍ର ଚିତ୍ରପଟରେ ଲେଖିଲା । ଏହି ଚିତ୍ରପଟ ତାର ସୁଖ୍ୟାତି କରିବ ଭାବି ଦେଶବିଦେଶରେ ଏହାକୁ ପ୍ରଦର୍ଶନ କଲା ।

ତୈଲଙ୍ଗ ଦେଶର ବିଶ୍ୱସାର ନଗରାଧିପତି ଶାନ୍ତଶୀଳଙ୍କ ପତ୍ନୀ ରାଣୀ ଗୁଣବନ୍ତୀଙ୍କ ଗର୍ଭରୁ ଏକ କନ୍ୟା ଜାତ ହେଲା । ତାର ନେତ୍ରଶୋଭାକୁ ଦେଖି ତାକୁ 'ଲଳିତଲୋଚନା' ବୋଲି ନାମ ଦେଲେ । ଜ୍ୟୋତିଷକନ୍ୟା-ଶିକ୍ଷୟିତ୍ରୀ

ସଙ୍ଗୀତ, ସାହିତ୍ୟ ଓ ରତିଶାସ୍ତ୍ର ପ୍ରଭୃତିରେ ପଣ୍ଡିତା ଥିଲେ । ସେ ଲଳିତ-ଲୋଚନାର ଶିକ୍ଷାଗୁରୁ ହେଲେ । (୨ୟ ଛାନ୍ଦ)

ରାଜକୁମାରୀ ବାଲ୍ୟାବସ୍ଥାରୁ ପୌଗଣ୍ଡ ଅବସ୍ଥାରେ ପ୍ରବେଶ ହେବାରୁ ଶିକ୍ଷୟିତ୍ରୀ ବୟସୋଚିତ ବିଦ୍ୟାଶିକ୍ଷା ଦେଲେ । କ୍ରମେ ଲଳିତଲୋଚନା ପୌଗଣ୍ଡ ଅତିକ୍ରମ କରି କୈଶୋର ଅବସ୍ଥାରେ ପଦାର୍ପଣ କଲା । କନ୍ୟା ଅପୂର୍ବ ଶୋଭାର ଅଧିକାରିଣୀ ହେଲା । (୪ର୍ଥ, ୫ମ ଛାନ୍ଦ)

ଦିନେ ଲଳିତଲୋଚନା ସଖୀମାନଙ୍କ ମେଳରେ ବନଭ୍ରମଣ କରିବାକୁ ଗଲା । ବସନ୍ତଋତୁର ଆଗମନ କାଳ ହୋଇଥିବାରୁ ବନଦେଶ ମନୋହର ବେଶ ଧାରଣ କରିଥିଲା । ବନରେ ସଖୀମାନଙ୍କ ସହିତ ସ୍ପୃର୍ଦ୍ଧାପୂର୍ଣ୍ଣ କଥୋପକଥନ କରି ସେ ନାନା କୌତୁକରେ କେତେକ ସମୟ ପରମ ଆନନ୍ଦରେ ଅତିବାହିତ କଲା । ବନମଧ୍ୟସ୍ଥ ପଦ୍ମସରରେ ସଖୀମାନଂକସହି କୌତୁକ କରି କରି ସ୍ନାନ କଲା । ଏଠାରୁ ସଖୀମାନଂକ ସହ ରାଜକନ୍ୟା ରାଜନବରକୁ ଫେରି ଆସିଲା । (୬ଷ୍ଠ, ୭ମ, ୮ମ ଛାନ୍ଦ)

ରାତିରେ ଶୟନ କରିବା ସମୟରେ ଲଳିତଲୋଚନା ସ୍ୱପ୍ନରେ ଦେଖିଲା ସ୍ୱୟଂ ମହାଦେବ ତା ପାଖରେ ଉଭା ହୋଇ ପ୍ରସନ୍ନ ହୋଇ ବର ଦେଲେ—"ସସାରସାର ବର ଲଭିବୁ । ନିକଟରେ କିଛି ସଙ୍କେତ ପାଇବୁ । ତୋର ମାୟାବତୀ ମାଳିନୀ ସାକ୍ଷାତ୍ ଯୋଗିନୀ ଅଟେ । ସେ ମନ୍ତ୍ରଯନ୍ତ୍ର ଜାଣେ । ତାକୁ ଦୂତୀ କରି କାର୍ଯ୍ୟ ଲଭିବୁ ।" (୮ମ ଛାନ୍ଦ)

କିଛି ଦିନ ପରେ ଏକ ଜଙ୍ଗମ ସେ ରାଜ୍ୟରେ ପ୍ରବେଶ କଲା ଏବଂ ରାଜାଂକ ସମ୍ମୁଖରେ ଉପସ୍ଥିତ ହୋଇ ବହୁବିଦ୍ୟାର ପରିଚୟ ଦେଲା । ଚିତ୍ରପଟ ଅଂକନରେ ସେ କୁଶଳୀ ଥିବାରୁ ସ୍ୱହସ୍ତ ଚିତ୍ରିତ ବହୁ ଚିତ୍ରପଟ ଦେଖାଇ ସମସ୍ତଂକ ମନ ହରଣ କଲା । ନାୟକ ନିପୁଣତିଳକଂକ ରୂପଚିତ୍ରଟି ଦେଖି ନାୟିକା ମୁଗ୍‌ଧ ହୋଇଗଲା ଏବଂ ତାର ମନରେ ପ୍ରୀତି ଜାତ ହେଲା । (୯ମ, ୧୦ମ ଓ ୧୧ଶ ଛାନ୍ଦ)

ମହାନଗରରାଜା ବୃଷବଲ୍ଲଭଙ୍କ କୁମର ନିପୁଣଚିଲକ ସଖାମାନଙ୍କସହ ମୃଗୟା ନିମିତ୍ତ ବନବିହାର କରିବାକୁ ବାହାରିଲା । ସଙ୍ଗରେ ମୃଗୟାବିନୋଦନ ପାଇଁ ବହୁ ସାମଗ୍ରୀ ନେଲା । ସୈନ୍ୟମାନେ ମଧ୍ୟ ତା ସଙ୍ଗରେ ଗଲେ । ମୃଗୟା କରିବା ସମୟରେ ନିପୁଣଚିଲକ ବନ ମଧ୍ୟରେ ବାଟବଣା ହୋଇଗଲା । ତା ସହିତ ମନ୍ତ୍ରୀସୁତ କେବଳ ଥିଲା । ଦୁହେଁ ଏକ ଦିବ୍ୟକାନନ ମଧ୍ୟସ୍ଥ ନଦୀ ତଟରେ ଉପସ୍ଥିତ ହେଲେ । ନଦୀ ତଟରେ କୁମାର ଏକ ଦିବ୍ୟ ସୁନ୍ଦରୀକୁ ଦେଖି ତାର ଅପୂର୍ବ ଶୋଭାରେ ମୁଗ୍ଧ ହୋଇଗଲା । ଦୁହେଁ ଦୁହିଁଙ୍କ ରୂପରେ ମୁଗ୍ଧ ହେଲେ । ନିର୍ଜନ ବନରେ ଭ୍ରମଣର କାରଣ ପ୍ରଶ୍ନ କରିବାରୁ ସୁନ୍ଦରୀ (ମାୟାବିମୋହନମୂର୍ତ୍ତିଧାରିଣୀ) କହିଲା, ମୁଁ କର୍ଣ୍ଣାଟ ରାଜାଙ୍କ ନନ୍ଦିନୀ । ପିତା ମୋର ବିବାହପାଇଁ ଆୟୋଜନ କଲେ । ସେ ଯେଉଁ ବର ନିର୍ବାଚନ କଲେ ସେଥିରେ ମୋର ମନ ରସିଲା ନାହିଁ । ଉପବନବିହାର ଛଳରେ ନଗରରୁ ବାହାରି ଆସି ଗୋପନରେ ବନ ମଧ୍ୟକୁ ବାହାରି ଆସିଲି । ମୁଁ ବ୍ରହ୍ମାନନ୍ଦ ଅବଧୂତଙ୍କ ଶିଷ୍ୟା । ତାଙ୍କ ପ୍ରସାଦରୁ ମୋର କାହାକୁ ଭୟ ନାହିଁ । ବେତାଳ ବିଦ୍ୟାରେ ମୁଁ କୋବିଦ ।" ରାଜକୁମାରର ପରିଚୟ ପ୍ରାପ୍ତ ହେବାରୁ ରାଜକୁମାରୀ ଅତ୍ୟନ୍ତ ଆନନ୍ଦିତା ହେଲା ଏବଂ ରାଜକୁମାରକୁ ବର-ରୂପେ ବରଣ କରିବାକୁ ଅଙ୍ଗୀକାର କଲା । ଲଳିତଲୋଚନାକୁ ପାଲିଙ୍କିରେ ବସାଇ ନିପୁଣଚିଲକ ସେଠାରୁ ପ୍ରସ୍ଥାନ କଲା । କିନ୍ତୁ ପାଲିଙ୍କିରେ ଲଳିତ-ଲୋଚନା ନ ଥିଲା । ସେହି ବନରେ ଲଳିତଲୋଚନା ସହିତ ପୂର୍ବରୁ ଭେଟ ହୋଇଥିଲା । ମିଥ୍ୟାରେ ରାଜାଙ୍କୁ ବିବାହ କରିବେ ବୋଲି ମଧ୍ୟ କହିଥିଲା । ପାଲିଙ୍କିରେ ବସିଥିବା ଅବସ୍ଥାରେ ବାଟରେ ରାଜକୁମାରୀ ନଦୀକୁ ଯାଇ ପାଣି ପିଇବା ବାହାନାରେ ଖସି ପଳାଇଥିଲା । (୧୨ଶ, ୧୩ଶ ଛାନ୍ଦ)

ନେପାଳ ରାଜା ଖବର ନେଇ ବୁଝିଲେ ଯେ ଲଳିତଲୋଚନା ନିପୁଣ-ଚିଲକକୁ ବିବାହ କରିବା ପାଇଁ ସ୍ଥିର କରିଛି । ସେ ଅପମାନର ପ୍ରତିଶୋଧ ନିମନ୍ତେ ପ୍ରତିଜ୍ଞାବଦ୍ଧ ହେଲେ ଓ ବଳପ୍ରୟୋଗ କରି କନ୍ୟାକୁ ନେବା ଉଦ୍ଦେ-ଶ୍ୟରେ ଯୁଦ୍ଧକଲେ । ଭୀଷଣ ଯୁଦ୍ଧ ହେଲା । ରାଜା ଯୁଦ୍ଧରେ ନିପୁଣଚିଲକଦ୍ୱାରା ପରାଜିତ ହୋଇ ଶରଣ ପଶି ସ୍ୱପ୍ରାଣରକ୍ଷା କଲେ । ନିପୁଣଚିଲକ

ଦୟାପରବଶ ହୋଇ ଯୁଦ୍ଧ ବନ୍ଦକଲି । ସେ ଯାହା ସ୍ଥାନକୁ ଗମନ କଲେ । ରୁଦ୍ଧ ଶିବିକାକୁ ଧରି ନିପୁଣତିଳକ ଯୁଦ୍ଧଭୂମି ତ୍ୟାଗକରି ଅନ୍ୟ ମାର୍ଗରେ ଗମନ କଲି । ରାତ୍ରି ହେବାରୁ ଯୁଦ୍ଧଭୂମିରେ ଡାକିନୀଗଣ ବିକଟ ନୃତ୍ୟକରି ଶବମାଂସରକ୍ତ ଭକ୍ଷଣ କଲେ । (୧୪ଶ ଛାନ୍ଦ)

ବାଟରେ ନିପୁଣତିଳକ ଶିବିକା ଶୂନ୍ୟଥିବା ଦେଖି ଯତ୍‌ପରୋନାସ୍ତି ଦୁଃଖିତ ହେଲି; ଚନ୍ଦ୍ରା ଓ ବିରହ ତାକୁ ଆକୁଳିତ କଲି । ଏକ ବନ ମଧ୍ୟରେ ସୈନ୍ୟବାହିନୀ ଗମନ କରୁଥିବା ସମୟରେ ଜଣେ ଶୁକ ଅବଧୂତଙ୍କ ସହିତ ରାଜକୁମରର ଦେଖାହେଲି । ସବଙ୍କ ଅବଧୂତଙ୍କୁ ସମର ଓ ଶିବିକାଶୂନ୍ୟ ପ୍ରସଙ୍ଗ ପ୍ରଶ୍ନ କରିବାରୁ ସେ ଏହାର ଭେଦ ଏହିପରି ବର୍ଣ୍ଣନା କଲେ—ବନରେ ନଦୀତଟରେ ଯେଉଁ ରମଣୀଙ୍କୁ କୁମାର ଦେଖିଥିଲି ସେ ପ୍ରକୃତରେ ମାନବୀ ନୁହେଁ, ମାୟାବିନୀ । ଦଶଦେବୀ ଏକତ୍ର ଦୁର୍ଗାଙ୍କୁ ଜଣାଇଲେ, "ରୁଧିର ମାଂସ ବିହନେ ହେଲୁ ଦୁଃଖିନୀ ।" ଏହାଙ୍କୁ ତୋଷିବା ପାଇଁ ଦୁର୍ଗା ମାୟାଙ୍କୁ ଆଜ୍ଞା ଦେଲେ । ମାୟା ମୋହିନୀ ରୂପରେ ନିପୁଣ-ତିଳକ ଓ ନେପାଳ ରାଜାଙ୍କୁ ଭ୍ରମରେ ପକାଇ ଯୁଦ୍ଧ ରଚନା କରାଇଲେ ଏବଂ ସ୍ୱକାର୍ଯ୍ୟ ସିଦ୍ଧି ପରେ ଅନ୍ତର୍ଦ୍ଧାନ ହୋଇଗଲେ । ଏହି ପ୍ରସଙ୍ଗ ବର୍ଣ୍ଣନା କରିବା ପରେ କୃଷ୍ଣକଳାରେ ନିକେ ରାଜକୁମାର ଜନ୍ମହୋ'ଇଥିବା ସ୍ମରଣ କରାଇଦେଇ ଅଧୀର ନ ହେବାକୁ ଉପଦେଶ ଦେଲେ—କୃଷ୍ଣକଳାରେ ଜନ୍ମି ଅଛୁ ପରା ଅବନୀ, ବଣା ହେଉ ଆପେ ଆପଣାକୁ ନଚିହ୍ନି । ଏହି ସମ୍ପର୍କରେ ଲଳିତଲୋଚନାର ପଟଚିତ୍ର ଜଙ୍ଗମ ନେଇଥିବା ବ୍ୟକ୍ତକଲେ ଏବଂ ସେ ରାଜକୁମାରୀ କୁମାରର ଉପଯୁକ୍ତ ପାତ୍ରୀ ଥିବା କହିଲେ । ଯେତେ ବ୍ରହ୍ମାଣ୍ଡେ ନାରୀ, ତା ପାଦକୁ କି ସରି, ଯାହାପାଇଁ ଝୁରି ନୋହେ ତା ଦାସୀ ପରି । ଏହାପରେ ଯୁବରାଜ ସ୍ୱଦେଶରେ ପ୍ରବେଶ ହେଲେ (୧୫ଶ ଛାନ୍ଦ) । ଜଙ୍ଗମ ଲଳିତଲୋଚନାର ଚିତ୍ରପଟକୁ ଦେଖାଇବାରୁ କୁମାର ମୂର୍ଚ୍ଛା ହୋଇଗଲି । "ରୁଚିରେ ଶୁଚିରେ ଫୁଟି ଦଶିବାରୁ ଦେହ । ନୃପସୁତ ଚଉ ଧୈର୍ଯ୍ୟ ଦହିଲି ବିଦେହ ଯେ ।" କୁମାର ବିରହରେ କାତର ହେଲି । "କେବଳ ପଟକୁ ହୃଦତଟରେ ପକାଇ, ହାହା ହରିଣାଙ୍କ-ମୁଖୀ ଏହୁ ସେ ଯୋଷଇ ଯେ ।" (୧୬ଶ ଛାନ୍ଦ)

ଲଳିତଲୋଚନା ଏଣେ କୁମାରର ଚିତ୍ରପଟ ଦର୍ଶନ କରିବା ଦିନଠାରୁ ବିରହବେଦନାରେ କାତର ହେଲା । ବିରହିଣୀ ପ୍ରାୟେ—ଏ ତ ଆକୁଳ ଜଙ୍ଗମପଟ ଦେଖାଇଲା ବେଳରୁ ହୋଇଲା ସେହି ତରଳ ଏ ସୁନ୍ଦରୀ । କୁମାରୀର ଏ ଅବସ୍ଥା ଦେଖି ଜଙ୍ଗମର ପଟ ଅଣି ତାକୁ ଦିଆଗଲା । ବିରହ କ୍ରମଶଃ ବୃଦ୍ଧି ପାଇବାରୁ ସଖୀମାନେ ପୂର୍ବେ ଶିବ ଦେଇଥିବା ବରକୁ ସ୍ମରଣକରି ଯୋଗିନୀ ମାଳିନୀଙ୍କୁ ପଟଚିତ୍ର ପୁରୁଷର ପରିଚୟ ଆଣିବା ପାଇଁ ଅନୁରୋଧ କଲେ । (୧୭ଶ) ଶୁଭକ୍ଷଣରେ ମାଳିନୀ ବିଦେଶ ଭ୍ରମଣରେ ବାହାରିଲେ । ଓଡ୍ର, ମରହଟ୍ଟା, ମଗଧ, ଗୁଜରାଟ ପ୍ରଭୃତି ଦେଶ ଭ୍ରମଣ କରି ମହାନଗରରେ ପ୍ରବେଶ କଲେ । ସେଠାରେ ସ୍ୱ ମାୟା ମନ୍ତ୍ରଦ୍ୱାରା ଅଦୃଶ୍ୟରେ ରାଜନଅର ଭିତରେ ପ୍ରବେଶ କରି କୁମାରକୁ ଦେଖିଲେ । (୧୮ଶ) ପରଦିନ ସେ ରାଜ୍ୟର ମାଳୀକୁ ଭଗିନୀରୂପେ ପରିଚୟ ଦେଇ ତା ସଙ୍ଗେ ନଅରକୁ ଗଲେ ଏବଂ ନିପୁଣଛିଳକ ହସ୍ତ ଦେଖାଇଲେ । ମାଳିନୀ ନିଜ ଦେଶର ଓ କେମାର ପରିଚୟ ଦେଲେ । ତାଙ୍କ ହୃଦୟରେ ଯେଉଁ ପଦକଟି ଥିଲା ସେଥିରେ ଲଳିତଲୋଚନାର ଚିତ୍ର ଅଙ୍କିତ ହୋଇଥିଲା । ତାକୁ ଦେଖି କୁମାର ଅତି ଆନନ୍ଦିତ ହେଲା । ମାଳିନୀ ସ୍ୱମନ୍ତ୍ରବଳରେ ଅଞ୍ଜନ ବୋଳିଦେବାରୁ କୁମାର ନାୟିକାର ରୂପକୁ ଦେଖିପାରିଲା । କାହାକୁ ନ ଦିଶେ ଦିଶେ ନୃପକୁମାରକୁ, ଶୁଣ ଅଧିକେ ଦେଖେ ଲଳିତଲୋଚନାକୁ ଯେ । ଏହି ଦୃଶ୍ୟ ଦେଖି କୁମାର ବିରହଜ୍ୱାଳାରେ ପୀଡ଼ିତ ହେଲା ଏବଂ ତା ଚକ୍ଷୁରୁ ଅଶ୍ରୁ ନିର୍ଗତ ହେଲା । ଅଶ୍ରୁଜଳରେ ଅଞ୍ଜନ ଲିଭିଯିବାରୁ ଚିତ୍ରପଟଦୃଶ୍ୟ ଅଦୃଶ୍ୟ ହୋଇଗଲା । କୁମାର ମାଳିନୀଙ୍କ ଅଙ୍ଗୀକାର ମତେ କୁମାରୀ ନିକଟକୁ ସ୍ୱହସ୍ତରେ ଏକ ପତ୍ର ଲେଖିଲା । (୧୯ଶ ଛାଃ)

ମାଳିନୀ ସ୍ୱଦେଶକୁ ପ୍ରତ୍ୟାଗମନକରି ବିରହକାତରା କୁମାରୀ ସମ୍ମୁଖରେ ମହାନଗରର ଶୋଭା, ରାଜାଙ୍କ ଆଦର୍ଶ ରାଜତ୍ୱ, ରାଜ୍ୟର ଉନ୍ନତ ଅବସ୍ଥା, ଛିଳକର ଅପୂର୍ବ ସୌନ୍ଦର୍ଯ୍ୟ ପ୍ରଭୃତି ବର୍ଣ୍ଣନା କଲେ; ଜେମା ହସ୍ତରେ କୁମାରର ପତ୍ର ଦେଲେ (୨୦ଶ, ୨୧ଶ) । ନାୟିକା ଏହି ପତ୍ରପ୍ରାପ୍ତିରେ ପରମସନ୍ତୋଷ ଲାଭକଲା ଏବଂ ବିରହଦଶା ଭୋଗକଲା (୨୨ଶ) । ଲଳିତଲୋଚନା

କପୂଣତିଳକର ପତ୍ର ପାଠକରି ତାର ପ୍ରଗାଢ଼ ପ୍ରେମର ପରିଚୟ ପାଇଲା । କୁମାର ନାୟିକାକୁ ଉତ୍ତର ଦେବାପାଇଁ ଅନୁରୋଧ ଜଣାଇଥିଲା । ପ୍ରତି ଉତ୍ତରକୁ ପ୍ରିୟେ ଲେଖିବୁଟି,ଦୋଷ ଥିଲେ ଏଥିରେ ଉପେକ୍ଷିବୁଟି । (୧୩ଶ)

କେମାର ତନୁ ଶୀର୍ଣ୍ଣ ହୋଇଯିବା ଦେଖି ଜନନୀ ରାଣୀ ଅତ୍ୟନ୍ତ ଦୁଃଖିତ ହେଲେ ଏବଂ ଦାସୀ ପରିଚାରିକାଙ୍କ ପରାମର୍ଶ ମତେ କେମାର ବିବାହ କରିଦେବା ନିମନ୍ତେ ରାଜାଙ୍କୁ କହିଲେ । ରାଜା ସ୍ୱୟମ୍ବରର ଆୟୋଜନ କଲେ । ବୈଶାଖ କୃଷ୍ଣ ଦ୍ୱିତୀୟା ଦିନ ବିବାହ ସ୍ଥିର ହେଲା । ମନ୍ତ୍ରୀ ବିଭିନ୍ନ ଦେଶକୁ ଚର ପଠାଇ ସ୍ୱୟମ୍ବର ବିଷୟ ଜଣାଇବା ବ୍ୟବସ୍ଥା କଲେ । ଓଡ଼ରାଷ୍ଟ୍ର, ମଗଧ, କଳିଙ୍ଗ, ଗୁଜରାତ, ମରହଟ୍ଟା ପ୍ରଭୃତି ରାଜ୍ୟକୁ ଭାଟରା (ଚର) ଗଲେ । ଭାଟ ମହାନଗରରେ ପହଞ୍ଚି ନଗର ଶୋଭାରେ ମୁଗ୍ଧ ହୋଇ ରାଜକୁମାର କପୂଣତିଳକ ସଙ୍ଗେ ସାକ୍ଷାତ କରି ସ୍ୱୟମ୍ବର ବିଷୟ ଶୁଣାଇଲା (୧୪ଶ ଛାନ୍ଦ) । କୁମର ପିତାଂକଠାରୁ ଆଦେଶ ପାଇ ସ୍ୱୟମ୍ବରକୁ ଯିବାପାଇଁ ସ୍ଥିର କଲା ଏବଂ କେମାଠାରୁ ପ୍ରତି ଉତ୍ତର ଆଶାରେ ଅପେକ୍ଷା କରି ରହିଲା । କେମାର ମନ ମଧ ଉଦ୍‌ବେଗରେ ରହିଲା । ସଖୀଙ୍କ ପରାମର୍ଶକୁ ଗ୍ରହଣକରି କୁମରଠାକୁ ପତ୍ର ଦେବା ସ୍ଥିର କଲା । "ବୋଲ ନକର ତୁ ତ କାହାରିରେ, ଲେଖ ପତ୍ରିକା ତୋ ମନକୁ ବିଚାରିରେ । କେତେ କାଳ ଥିବୁ ଲାଜ ଧରିରେ, ରଖିଦେବ କିକ ହରିବୈରୀରେ ।" କେମା ଆଭିଜାତ୍ୟ ରକ୍ଷାକରି ସଖୀ ନାମରେ ଚିଠାଉ ଲେଖି ମାଳିନୀଙ୍କ ହାତରେ କୁମାର ନିକଟକୁ ପଠାଇଲା । (୧୫ଶ ଛାନ୍ଦ)

କୁମାର ବିରହଜ୍ୱାଳାରେ ପୀଡ଼ିତ ହେଉଥିଲା । କେମାର ଅନୁକୂଳ ଚିଠାଉ ପାଇ ଅତ୍ୟନ୍ତ ଆନନ୍ଦିତ ହେଲା । "ଧାଡ଼ି କି ଧାଡ଼ି ବିରଳ ସମାନ ଅକ୍ଷର ହେ, ପ୍ରତିପଦୁଁ ପୀୟୂଷ ସ୍ରବୁଛି ଧାର ଧାର ହେ ।" "କେବଳ ବାଳା ଦେହମାତ୍ର ଏଠାରେ । ମନ ଅଛି ତୁମ୍ଭ ସନ୍ନିଧାନରେ ହେ ସୁନ୍ଦର ।"

(୧୬ଶ, ୧୭ଶ ଓ ୧୮ଶ ଛାନ୍ଦ)

ମାଳତୀ କୁମରକୁ ଚିଟାଉ ଦେଇସାରି କୁମାରର ଅନୁକୂଳ ଭାବ-ଭଙ୍ଗୀର ସନ୍ଦେଶ ଧାରଣା କରି ସ୍ୱଦେଶକୁ ଫେରି ଆସିଲେ ଏବଂ ହେମାକୁ ଏହା ଜଣାଇବାରୁ ସେ ଅତ୍ୟନ୍ତ ଆଶ୍ୱସ୍ତ ହେଲା । (୨୯ଶ ଛାନ୍ଦ)

ନିପୁଣଢଳକ ପିତାଙ୍କ ଆଦେଶ ପାଇ ସ୍ୱୟମ୍ବରରେ ଯୋଗ ଦେବା ନିମନ୍ତେ ସଖା ଓ ସୈନ୍ୟସାମନ୍ତଙ୍କୁ ସଙ୍ଗରେ ନେଇ ତୈଲଙ୍ଗ ଦେଶକୁ ଯାତ୍ରା କଲା । (୨୯ଶ ଛାନ୍ଦ)

ନାୟିକାଙ୍କୁ ପାଇଲେ କି ପ୍ରକାରେ ବିବାହ କାର୍ଯ୍ୟ ସମ୍ପନ୍ନ ହେବ, କି ପ୍ରକାର ଦାମ୍ପତ୍ୟ ଲୀଳା କରିବେ—ଏହି ଭାବନା ନାୟକ ମନରେ ଉଦୟ ହେଲା ଏବଂ ସେ ପୁଣି ପ୍ରକୃତିସ୍ଥ ହୋଇ ନିଜକୁ କହିଲା—"କଳ୍ପନାରେ କି ହୋଇବ, ଯେମନ୍ତ ଦଇବ କରିବ, ତା ଭଲ ହୋଇବ କି ।"

(୩୦ଶ ଛାନ୍ଦ)

ଲଳିତଲୋଚନା ଅଟ୍ଟାଳି ଉପରେ ବସି ନଗର ଭିତରେ ପ୍ରବେଶ କରୁଥିବା ରାଜକୁମରମାନଙ୍କୁ ନିରୀକ୍ଷଣ କରୁଥିଲା । ନିପୁଣଢଳକର ପଟ୍ଟ ଆଉ ଦେଖି ସେ ଆନନ୍ଦିତ ହେଲା । "ବିଜେ କରିଛୁ ଅମାରି ଉପରେ, ସେ ଚିତ୍ରପଟ ରଖିଛୁ ହୃଦତଟରେ ।" ଉଭୟଙ୍କର ଚାରିଚକ୍ଷୁ ମିଳନ ହୋଇଯିବାରୁ ଉଭୟେ ପରମ ଆନନ୍ଦ ଲାଭ କଲେ । ରାଜକୁମାରକୁ ତୋଟାନବରରେ ବସା ମିଳିଲା । ମାଳତୀ ସେଠାରେ ପ୍ରବେଶ ହେବାରୁ ତାଙ୍କ ହସ୍ତରେ କୁମାର ହେମା ନିକଟକୁ ଏକ ଚିଟାଉ ଦେଲା । (୩୧ଶ ଛାନ୍ଦ)

କୁମାରର ବିନୟ ପତ୍ରିକା । (୩୨ଶ ଛାନ୍ଦ)

ହେମା ଚିଟାଉ ପାଇ ଅତ୍ୟନ୍ତ ପ୍ରୀତ ହେଲା ଏବଂ ପ୍ରେମିକ-ଅନୁଚିନ୍ତାରେ ବିହ୍ୱଳ ହୋଇ "ବିସ୍ମରଣ ଛଳକୁ ପାଇ, ପୁନଃପୁନଃ ଫେଡ଼ି ପଢ଼ଇ ।" (୩୨ଶ, ୩୩ଶ ଛାନ୍ଦ)

ସ୍ୱୟମ୍ବର ନିମନ୍ତେ ମଣ୍ଡପ ନିର୍ମିତ ହୋଇ ଚନ୍ଦ୍ରାତପରେ ମଣ୍ଡିଣି ହେଲା । ବିବିଧ ବାଦ୍ୟ ଓ ବାଣରେ ତ୍ରିଭୁବନ ଉଛୁଳିଲା । (୩୩ଶ ଛାନ୍ଦ)

ସ୍ୱୟମ୍ବର ମଣ୍ଡପରେ ସବୁ ରାଜା ଉପସ୍ଥିତ ହେଲେ । ମାଳିନୀ କେମାକୁ ଜଣ ଜଣ କରି ସମସ୍ତଙ୍କ ପରିଚୟ ଦେଲା । ଲଳିତଲୋଚନା ନୃପମଣିତିଳକକୁ ବରଣମାଳା ଦେଇ ପତିରୂପେ ନିର୍ବାଚନ କଲା । (୩୪ଶ ଛାନ୍ଦ)

ବରକନ୍ୟାଙ୍କ ବିବାହ ମହାସମାରୋହରେ ସମାପ୍ତ ହେଲା ।(୩୫ଶ ଛାନ୍ଦ)

ପର ଦିବସ ନିଶି ପ୍ରବେଶ ହୁଅନ୍ତେ ମଧୁଶଯ୍ୟା ମଣ୍ଡିଣି ହେଲା । କୁମାର କେଳି ମନ୍ଦିରରେ ପ୍ରବେଶ କଲା । (୩୬ଶ ଛାନ୍ଦ)

ନାୟକ ନାୟିକାଙ୍କ ଦାମ୍ପତ୍ୟ କ୍ରୀଡ଼ା । (୩୭ଶ ଛାନ୍ଦ)

କେଳିପୁରରୁ ବାହୁଡ଼ିବା ପରେ କେମାଙ୍କୁ ସଖୀମାନଙ୍କର ପରିହାସ । ନାୟକକୁ ପ୍ରୌଢ଼ାପରିଗ୍ରହୀଙ୍କ ପରିହାସ । (୩୮ଶ ଓ ୩୯ଶ ଛାନ୍ଦ)

କନ୍ୟାପିତା ବିବିଧ ଯଉତୁକ ଦେଇ ବରକନ୍ୟାଙ୍କୁ ବିଦାୟ ଦେଲେ ।
(୩୯ଶ ଛାନ୍ଦ)

ନବବିବାହିତ ଦମ୍ପତିଙ୍କ ରସ ଭାବନା । (୪୦ଶ ଛାନ୍ଦ)

ହିମ ଓ ଶିଶିର ଋତୁର ବର୍ଣ୍ଣନା ଓ ନାୟକ ନାୟିକାଙ୍କ ଦାମ୍ପତ୍ୟ ବିହାର ।
(୪୧ଶ ଓ ୪୨ଶ ଛାନ୍ଦ)

ବସନ୍ତ ଋତୁ ବର୍ଣ୍ଣନା ଓ ନାୟକର ନାୟିକା ସହିତ ବିହାର । ଉପବନର ମଣ୍ଡପରେ ପ୍ରିୟା ସହିତ ପ୍ରେମାଳାପ କରୁଥିବା ସମୟରେ ଏକ ସିଂହ କାହୁଁ ଆସି ହସ୍ତୀମାନଙ୍କୁ ଆକୁଳ କଲା । ତାର ଘୋର ରଡ଼ି ଶୁଣି ସମସ୍ତେ ଭୟ କଲେ । ବୀର ନୃପମଣିତିଳକ ପ୍ରିୟା କୋଳରୁ ଉଠିଆସି ସିଂହକୁ ମାରିବା ପାଇଁ ବାଜି ଆରୋହଣ କରିଗଲା । "ମୋ ଦେଶରେ କିଛି ଭୟ, ହେଲେ ହୋଇଲା ଦୁର୍ଜୟ । କି ପ୍ରୟୋଜନ ମୋ ବାହୁ ବଳ ଉଦୟ ଏ କାଳେ ।" ସିଂହ ସହିତ ଯୁଦ୍ଧକରି 'ରସିକରାଜ' ଯୁବରାଜ ତାକୁ ଧ୍ୱଂସ କରିଦେଲା । ସମସ୍ତେ ଧନ୍ୟ ଧନ୍ୟ କଲେ । ପଟ୍ଟରାଣୀ ରାଜ୍ୟର ଶୋଭାକର ଯୁବରାଜ ନୃପମଣିତିଳକକୁ ତାଂକ ରାଜ୍ୟରେ ଶରତଋତୁ ପର୍ଯ୍ୟନ୍ତ ରହି

ବିଦ୍ୟାଦାନ କରିବାକୁ ପ୍ରାର୍ଥନା କରିବାରୁ ନୃପୁଣତିଳକ ଦିବାର ସତ୍ୟ କଲା । ନାରଦ ଋଷି ଏହି ସମ୍ବାଦ ତିଳକର ମାତାପିତାଙ୍କୁ ଦେବାପାଇଁ ଗଲେ । ପିତାମାତା ପୁତ୍ରର ସମ୍ବାଦ ନପାଇ ଦୁଃଖରେ ମୂହ୍ୟମାନ ଥିଲେ । ନବବିବାହିତା ପତ୍ନୀ ପତିଙ୍କ ଦର୍ଶନ ବିନା ମନସ୍ତାପରେ ରହିଥିଲେ । ନାରଦ ଜରତି ଦ୍ୱାରା ସମ୍ବାଦ ଦେଇ ଅନ୍ତର୍ଦ୍ଧାନ ହେଲେ । (୪୩ଶ ଛାନ୍ଦ)

ଗ୍ରୀଷ୍ମ ଋତୁ ବର୍ଣ୍ଣନା ଓ ଏ ଋତୁରେ ନବଦମ୍ପତିଙ୍କର ବିରହ ବେଦନା । (୪୪ଶ ଛାନ୍ଦ)

ବର୍ଷା ଋତୁ ବର୍ଣ୍ଣନା, ନାୟକ ନାୟିକାଙ୍କ ବିରହ ଅନୁଚନ୍ତା । (୪୫ଶ ଛାନ୍ଦ)

ଶରତ ଋତୁର ବର୍ଣ୍ଣନା ଓ ନାୟକର ବିରହ । ଶରତ ଋତୁ ଉପସ୍ଥିତ ହେବାରୁ ସତ୍ୟପାଳନ ପୂର୍ଣ୍ଣ ହେଲା । ନୃପୁଣତିଳକ ସ୍ୱଯାନରେ ଆରୋହଣ କରି ଆକାଶ ମାର୍ଗରେ ସ୍ୱଦେଶକୁ ଫେରି ଆସିଲା । (୪୬ଶ ଛାନ୍ଦ)

ନାୟକର ସ୍ୱପୁର ପ୍ରବେଶ ଓ ପ୍ରିୟା ପ୍ରତି ଅନୁଚନ୍ତା । (୪୭ଶ ଛାନ୍ଦ)
ନାୟକ ନାୟିକାଂକ ବିରହାନ୍ତେ ଭେଟ ଓ କେଳିପୁରରେ ପ୍ରବେଶ । (୪୮ଶ ଛାନ୍ଦ)

ନାୟକର ନାୟିକାକୁ ପ୍ରବୋଧ ଓ ଚାଟୁବଚନ । (୪୯ଶ ଛାନ୍ଦ)

ବିରହପୀଡ଼ିତା ନାୟିକାର ମାନ । ନାୟକର ପ୍ରବାସ ସମୟରେ ପ୍ରଣୟିନୀର ବିରହ ବର୍ଣ୍ଣନା । (୫୦ଶ ଛାନ୍ଦ)

ନାୟକନାୟିକାଙ୍କ ଦାମ୍ପତ୍ୟକେଳି । (୫୧ଶ ଛାନ୍ଦ)

ଯୁବରାଜ ବିଦେଶରୁ ଫେରିବା ପରେ ସ୍ୱରାଜ୍ୟରେ ରାଜା କୃଷ୍ଣରାସ ଉତ୍ସବ ମହା ଆଡ଼ମ୍ବରରେ କରାଇଲେ । ରାସଲୀଳା ପରେ ରାଜା ଯୁବରାଜକୁ ନିଜ ନିକଟକୁ ଡାକି ଆଣି ମନ୍ତ୍ରୀ ପ୍ରଭୃତିଂକ ଆଗରେ ନଶ୍ୱର ଜୀବ, ଅଳିକ ସଂସାର, ବାସୁଦେବ ଉପାସନା ପ୍ରଭୃତି ବିଷୟରେ ଉପଦେଶ ଦେଲେ ।

ରାଜା ବୈଷ୍ଣବ ଦୀକ୍ଷା ନେଇ ବ୍ରଜଧାମ ବୃନ୍ଦାବନକୁ ସପତ୍ନୀକ ଗମନ କଲେ । ଯୁବରାଜ ରାଜସିଂହାସନରେ ଉପବେଶନ କଲେ ।

କାବ୍ୟଟି ଅସମ୍ପୂର୍ଣ୍ଣ ଥିଲା : ପରେ ସମ୍ପୂର୍ଣ୍ଣ ହେଲା—କବି ଏକାଧିକ ଗ୍ରନ୍ଥରେ ସ୍ୱ କୃତିମାନଙ୍କର ଯେଉଁ ତାଲିକା ଦେଇଛନ୍ତି ସେଥିରେ 'ଲଳିତ-ଲୋଚନା'ର ନାମ ନ ଥିବା ଦେଖାଯାଏ । ସମ୍ଭବତଃ ଲଳିତଲୋଚନା କାବ୍ୟଟି ବହୁକାଳ ଅସମ୍ପୂର୍ଣ୍ଣ ରହିଯିବାରୁ କବି ତାକୁ ତାଲିକାର ଅନ୍ତର୍ଭୁକ୍ତି କରି ନାହାନ୍ତି । କାବ୍ୟଟି ପୁରାଣାନୁମୋଦିତ ବା ପୁରାଣାନ୍ତର୍ଗତ ବିଷୟବସ୍ତୁ ଉପରେ ପ୍ରତିଷ୍ଠିତ ନ ହୋଇ କାଳ୍ପନିକ ଥିବାରୁ ରସିକମାନେ ତାକୁ ଆଦର କରିବା ସମ୍ଭବ ଥିଲେ ମଧ୍ୟ 'ବ୍ରଜ ପରିବାର' ତାକୁ କାଳ୍ପନିକ ବା ଅଶାସ୍ତ୍ରୀୟ ବୋଲି ଗ୍ରହଣ କରିବାକୁ କୁଣ୍ଠାବୋଧ କରିବା ସମ୍ଭାବନା ବେଶି ଥିବାରୁ କବି ତାକୁ ଅସମ୍ପୂର୍ଣ୍ଣ ରଖିବା ଓ ତାଲିକାନ୍ତର୍ଭୁକ୍ତ କରି ନ ଥିବା ସମ୍ଭବ । ବହୁ କାଳ ପରେ କବିଙ୍କ ଖ୍ୟାତି ବୃଦ୍ଧି ପାଇଥିବା ଓ ଅସମ୍ପୂର୍ଣ୍ଣ ଲଳିତଲୋଚନା ସାହିତ୍ୟ-ରସିକମାନଙ୍କର ଆଦର ଲାଭ କରିସାରିଥିବାରୁ ସଦାନନ୍ଦ ତାକୁ ସମ୍ପୂର୍ଣ୍ଣ କରିଥିଲେ ବୋଲି ମନେହୁଏ ।

କବି ଅଠର୍ଗୁଳଣ ଛାନ୍ଦଟିରେ ନାୟକନାୟିକାଙ୍କ ମିଳନର ଉଲ୍ଲେଖ କରି ଛାନ୍ଦ ଶେଷ କରିଛନ୍ତି । ଏହିଠାରେ ଗ୍ରନ୍ଥଟି ଶେଷ କରିବା କବିଙ୍କ ଇଚ୍ଛା ଥିଲା; କିନ୍ତୁ 'ମନଭ୍ରମର' ତାହା କରାଇ ଦେଲା ନାହିଁ । କବି ପୁଣି ନାୟକ ନାୟିକାଙ୍କ ପୁନର୍ବିଗମନ, ଗୃହଚ୍ଯୁ, ବିଦେଶଦୁଃଖ, ମାନ-ଭଙ୍ଗ, ବିଦେଶ ପ୍ରତ୍ୟାଗମନ ପରେ ଦାମ୍ପତ୍ୟ କ୍ରୀଡ଼ା ବର୍ଣ୍ଣନା କରିଛନ୍ତି । ଏହାପରେ ଶେଷ ଛାନ୍ଦରେ ଯୁବରାଜଙ୍କ ରାଜ୍ୟାଭିଷେକ ଓ ପିତା-ରାଜାଙ୍କ ସସ୍ତ୍ରୀକ ବୃନ୍ଦାବନ ଯାତ୍ରା ବର୍ଣ୍ଣନା କରିଛନ୍ତି ।

ଲଳିତ-ଲୋଚନା ପଥ ପ୍ରବେଶ,
ପୁଣି ଅଠର୍ଗୁଳଣ ଛାନ୍ଦ ହେଲା ଶେଷ ।
ଏତିକ କବିର ଥିଲା ହେ ସୁଜନେ
ପୁଣି ବା ଆନକୁ ମନ ବଳି ଅଇଲା । ୬୦ । (୪୮ଶ ଛାନ୍ଦ)

କବି ସୁରତି ଛାନ୍ଦ ଅଧିକ ଦେଇଥିଲେ ମଧ୍ୟ କାବ୍ୟର ଘଟନାପ୍ରବାହରେ କୌଣସି ପ୍ରକାର କ୍ଷତି ହୋଇନାହିଁ । ନାୟକ ନାୟିକା, ନାୟକଙ୍କ ପିତାଙ୍କ ଚରିତ୍ରଚିତ୍ରଣ ପୂର୍ଣ୍ଣାଙ୍ଗ ଲାଭ କରିଥିବାର୍ହି ଜଣାଯାଏ । ନାୟକ ଓ ନାୟିକା କେବଳ ଯୌବନ-ଉନ୍ମତ୍ତ କାମୁକ-କାମୁକୀ ନରନାରୀ ନୁହନ୍ତି, ଶିକ୍ଷିତ ଓ ଉଚ୍ଚସଂସ୍କୃତିସମ୍ପନ୍ନ ମଧ୍ୟ । କବି ବୈଷ୍ଣବ ଓ ବୈଷ୍ଣବଧର୍ମ ପ୍ରଚାରକ ଥିବାରୁ ନାୟକର ପିତାଙ୍କୁ ପରମ ବୈଷ୍ଣବ କରିଛନ୍ତି ଏବଂ କୃଷ୍ଣଲୀଳା ଅଭିନୟ ପରେ ବୈରାଗ୍ୟ ଉଦୟ ହୋଇଥିବା ଦର୍ଶାଇ ସିଂହାସନ ତ୍ୟାଗକରି ସସ୍ତ୍ରୀକ ବୃନ୍ଦାବନ ବାସ କରିବା ସଂକଳ୍ପ କରାଇଛନ୍ତି ।

ପରବର୍ତ୍ତୀ ଅଧିକା ସୁରେଖି ଛାନ୍ଦ ଭିତରେ ପୂର୍ବେ ଗ୍ରନ୍ଥର ବିବିଧ ସ୍ଥାନରେ ବର୍ଣ୍ଣିତ କେତେକ ଘଟଣାର ପୁନରାବୃତ୍ତି ହୋଇଛି ମାତ୍ର; ବିରହ, ମାନ ଓ ବିଭିନ୍ନ ଋତୁରେ ବିରହବର୍ଣ୍ଣନା ଏହାର ନିଦର୍ଶନ ।

ଲଳିତଲୋଚନା କାବ୍ୟଟି ଅସମ୍ପୂର୍ଣ୍ଣ ଅବସ୍ଥାରେ ଥିବା ବେଳରୁ ଲୋକପ୍ରିୟ ହୋଇ ପାରିଥିବା ବିଷୟ କବି ନିଜେ ଲେଖିଛନ୍ତି । ଏହା ତାଙ୍କ ମନରେ ବହୁତ ଆନନ୍ଦ ଜାତ କରାଇଛି ।

ଶେଷ କଲି ଅଶୀଂଶ ଛାନ୍ଦ ହେ ସୁଜନେ,
ମୋହ ପ୍ରଭୁ ରାଧା ସଦାନନ୍ଦ ହେ । ୫୩ ।
ଲଳିତଲୋଚନା ଗୀତ, ହେଲାଣି ଲୋକେ ବିଦିତ,
ଯେବେ ହୋଇନାହିଁ ସମାପତ ହେ ସୁଜନେ,
ଏଣୁ ବହୁତ ଆନନ୍ଦ ଚିତ୍ତ ହେ । ୫୪ । (୪୧ଶ ଛାନ୍ଦ)

ପାତ୍ରପାତ୍ରୀ—ସଦାନନ୍ଦ 'ଲଳିତଲୋଚନା'ର ନାୟକନାୟିକା, ପାତ୍ରପାତ୍ରୀ ସମସ୍ତଙ୍କୁ ଉଚ୍ଚଶିକ୍ଷିତ, ଶୀଳବାନ୍ ଓ ବିବେକୀ କରିଛନ୍ତି । ରାଜପରିବାରର ଉଚ୍ଚଶିକ୍ଷାର ଏକ ଚିତ୍ର ଦେଇ ସମସାମୟିକ ଏକ ସାମାଜିକ ଚିତ୍ରରେ ଅଙ୍କନ କରି ପାରିଛନ୍ତି । ଚିରାଚରିତ ଭାରତୀୟ ସଂସ୍କୃତିର ଧାରା ଏଥିରେ ଦେଖା ଯାଉଛି, କୌଣସିଠାରେ କୌଣସି ପାତ୍ର ଶାଳୀନତାବିହୀନ କାର୍ଯ୍ୟ

କରିଥିବା ଜଣା ଯାଉନାହିଁ । ଦାସ, ଦାସୀ, ରାଜା, ରାଣୀ, ଯୁବରାଜ, ଜେମା, ସଖା, ସଖୀ, ମାଳିନୀ କାତ୍ୟାୟିନୀ, ଜଙ୍ଗମ ପ୍ରଭୃତି ସ୍ୱ ସ୍ୱ ମର୍ଯ୍ୟାଦାନୁସାରେ ଚଳିଛନ୍ତି; କେହି ମର୍ଯ୍ୟାଦା ଲଙ୍ଘନ କରି ନାହାନ୍ତି ।

ରାଜା ନିଜେ ପଣ୍ଡିତ, ବିବେକୀ, ସନ୍ତାନବତ୍ସଳ, ଗୁଣଗ୍ରାହୀ । ଯୁବରାଜ ଉଚ୍ଚଶିକ୍ଷିତ, ବୀର, ବିବେକୀ ଓ ପ୍ରେମିକ । ଜେମା ଉଚ୍ଚଶିକ୍ଷିତା, ବିବେକିନୀ, ପ୍ରେମିକା । ଯୁବରାଜଙ୍କ ସଖା ଓ ଜେମାଙ୍କ ସଖୀମାନେ ଉଚ୍ଚଶିକ୍ଷିତ, ସଖାଯୋଗ୍ୟ, ଚତୁର, ଶୀଳବାନ୍; ମାଳୁଣୀ ଶିକ୍ଷିତା, ବାକ୍‌ପଟୁ, ଚତୁରୀ ଓ ମର୍ଯ୍ୟାଦାବତୀ । ଜଙ୍ଗମ ଉଚ୍ଚଶିକ୍ଷିତ, ବହୁଶାସ୍ତ୍ରବିତ୍, ଅଦ୍ଭୁତ ଚିତ୍ରକର ଓ ବାକ୍‌ପଟୁ ।

ରାଜ୍ୟ ସମୃଦ୍ଧିଶାଳୀ, ପ୍ରଜାସୁଖୀ । ରାଜା ସୁଶାସକ, ରାଜପଶୁଶାଳାରେ ପୃଥିବୀର ବିଭିନ୍ନ ଦେଶର ଉତ୍କୃଷ୍ଟ ଘୋଟକ ତଥା ବାଦ୍ୟ, ଅସ୍ତ୍ରଶସ୍ତ୍ର ପ୍ରଭୃତିର ବିଦ୍ୟମାନତା ଏହାର ପ୍ରମାଣ ।

ପାତ୍ରପାତ୍ରୀମାନଙ୍କର ଶିକ୍ଷା ଉନ୍ନତ ଧରଣର ଥିଲା । ଅବଶ୍ୟ ରାଜପରିବାର ଓ ସେ ସମ୍ପର୍କୀୟ ସେବକ ସମ୍ପ୍ରଦାୟର ଲୋକଙ୍କ ସଂଖ୍ୟା ପାତ୍ରପାତ୍ରୀ ଭିତରେ ଗରିଷ୍ଠ ଥିବାରୁ ସ୍ଥାନସୁଲଭ ଉଚ୍ଚଶିକ୍ଷା ବିଦ୍ୟମାନ ଥିବା ସ୍ୱାଭାବିକ ।

କୈଶୋର ଅବସ୍ଥାରେ ନୃପୁଣନ୍ଦିଳକ ବହୁବିଦ୍ୟାରେ ପାଣ୍ଡିତ୍ୟ ଅର୍ଜ୍ଜନ କରି ସାରିଥିଲେ । ବ୍ୟାକରଣ, କାବ୍ୟ, ନାଟକ, ଅଲଙ୍କାର; ଷଟଶାସ୍ତ୍ର, ଶସ୍ତ୍ରଶାସ୍ତ୍ର, ଜ୍ୟୋତିଷ, ଆୟୁର୍ବେଦ, ଶିଳ୍ପବିଦ୍ୟା, କାମଶାସ୍ତ୍ର ଓ ସଙ୍ଗୀତ ପ୍ରଭୃତି ବିଷୟରେ ପାରଦର୍ଶିତା ଲାଭ କରିଥିଲେ । "ଭାରତୀର ଭଣ୍ଡାରରେ ବିଦ୍ୟା ଯେତେ, ହୃଦେ ରଖିଲା ଆଗ୍ରହେ ଗୁରୁଟେ ।" ପୁଣି "ସର୍ବ ଗୁଣରେ ରତ୍ନାକର" ହୋଇଗଲେ । (୨ୟ ଛାନ୍ଦ)

ଚିତ୍ରଲିଖନ ବିଦ୍ୟା ସେ ସମୟରେ ବହୁ ଆଦର ଲାଭ କରିଥିଲା । ବିଶେଷତଃ ରାଜପରିବାରରେ ରାଜକୁମାର ଓ ରାଜକୁମାରୀମାନଙ୍କର ବିବାହ

ନିମନ୍ତେ ବିଭିନ୍ନ ଦେଶରେ ଭାଷା ନିର୍ବିଶେଷରେ ପାତ୍ରପାତ୍ରୀ ଅନ୍ୱେଷଣ କରିବାକୁ ହେଉଥିବାରୁ ଚିତ୍ରପଟ୍ଟ-ଲିଖନ ଏକ ଅର୍ଥକରୀ ବିଦ୍ୟାରେ ପରିଣତ ହୋଇଥିଲା । ନିପୁଣ ଶିଳ୍ପୀମାନେ ପଟ୍ଟଖେଳ ମଧ୍ୟ କରି ବହୁ ଅର୍ଥ ଉପାର୍ଜ୍ଜନ କରୁଥିଲେ । ଏହି ପଟ୍ଟ ସାଧାରଣତଃ ପୌରାଣିକ ବିଷୟକୁ ଅବଲମ୍ବନ କରି ଅଙ୍କିତ ହୋଇଥାଏ । ରାମାୟଣ, ମହାଭାରତ ଓ ଭାଗବତ ପ୍ରଭୃତି ଜନପ୍ରିୟ ଧାର୍ମିକ ଗ୍ରନ୍ଥମାନଙ୍କର ଚରିତ ଏହି ପଟ୍ଟମାନଙ୍କରେ ଚିତ୍ରିତ ହୋଇଥାଏ । ପଟ୍ଟପ୍ରଦର୍ଶକ ନାନା କାବ୍ୟ ଓ ପୁରାଣରୁ ଗୀତାଦି ବାଦ୍ୟ ସହ ଗାୟନ କରି ଦର୍ଶକମାନଙ୍କୁ ବୁଝାଏ । ଏହି ଲଳିତଲୋଚନା କାବ୍ୟରେ ଜଙ୍ଗମ ଜଣେ ଉଚ୍ଚକୋଟୀର ଚିତ୍ର ଅଙ୍କନକାରୀ ଓ ପଟ୍ଟପ୍ରଦର୍ଶକ । ଦେଶବିଦେଶରେ ଯଶଲାଭ ତାଙ୍କର ପ୍ରଧାନ ଆଦର୍ଶ ଥିଲା । ଶିବଙ୍କୁ ସନ୍ତୁଷ୍ଟ କରି ଜଙ୍ଗମ ନିପୁଣେଶ୍ୱରଙ୍କର ଚିତ୍ରକୁ 'ତତ୍ସ୍ୱରୂପ' କରି ଲେଖିଲେ; ଚିତ୍ର ଓ ଆଦର୍ଶ ଏକାକାର ଦେଖାଗଲେ, ଭିନ୍ନ ଦେଖା ନ ଗଲେ ।

ଶିବ ତୋଷେ ତତ୍ସ୍ୱରୂପ ଲେଖିଲା,
ଏକାକାର ଭିନ୍ନ ତା ନ ରଖିଲା । (୨ୟ ଛାନ୍ଦ)

ଏହି ଚିତ୍ରପଟ୍ଟକୁ ଧରି ସେ ଦେଶ ଦେଶାନ୍ତର ପର୍ଯ୍ୟଟନ କଲେ ।

ବାଲ୍ୟ ସମୟରେ ରାଜକୁମାରୀମାନେ ମଧ୍ୟ ଶିକ୍ଷୟିତ୍ରୀଙ୍କଠାରୁ ବିଦ୍ୟାଧ୍ୟୟନ କରୁଥିଲେ । ଲଳିତଲୋଚନା ଜଣେ 'ଜ୍ୟୋତିଷ ଯୋଷା' (ବା ଅବଧାନ ସ୍ତ୍ରୀ)ଙ୍କ ଠାରୁ ବାଲ୍ୟଶିକ୍ଷା ଲାଭ କରିଥିଲେ । ଏହି ଶିକ୍ଷୟିତ୍ରୀ ବହୁ ବିଦ୍ୟାରେ ବିଶାରଦା ଥିଲେ ।

ସଙ୍ଗୀତାଦି ସାହିତ୍ୟ ବିଧି ଯେତେ,
ରତିଶାସ୍ତ୍ର ହୃଦେ ରଖି ଚତୁରେ । (୨ୟ ଛାନ୍ଦ)

ବର୍ଣ୍ଣନା : (୧) ରୂପ : ଶବର—ସଦାନନ୍ଦ ନୟାଗଡ଼ ରାଜ୍ୟରେ ଜନ୍ମଗ୍ରହଣ କରିଥିଲେ । ଗଞ୍ଜାମ, ପୁରୀ ଓ କଟକ ଜିଲ୍ଲାର ବହୁ ପାର୍ବତ୍ୟ ଅଞ୍ଚଳ ସେ ବୁଲିଥିଲେ । ଏହି କାରଣରୁ ପାର୍ବତ୍ୟ ଅଞ୍ଚଳର ଜାତିମାନଙ୍କୁ ଦେଖିବାର

ସୁବିଧାରେ ପାଇଥିଲେ । କବି ଲଳିତଲୋଚନାରେ ନାୟକ ନୃପଶଢିଳକର ମୃଗୟାବିନୋଦ ପ୍ରସଙ୍ଗରେ ଶବରମାନେ ମୃଗୟା ଯାତ୍ରାରେ ଅଂଶ ଗ୍ରହଣ କରିଥିବା ଲେଖିଛନ୍ତି । ଏହି ସ୍ଥଳରେ ଶବରମାନଙ୍କର ଏକ ସୁନ୍ଦର ଚିତ୍ର ସେ ଦେଇଛନ୍ତି । ଅନୁପ୍ରାସବହୁଳ ସୁନ୍ଦର ପଦଯୋଜନା ବର୍ଣ୍ଣନାଟିକୁ କବିତ୍ୱପୂର୍ଣ୍ଣ କରି ପାରିଛି ।

ନାଗେରେ ଦେନ୍ତି ଡଗରି ଶୁଣି ହେଲେ ବାହାର ଯେ,
ଆଗରେ ଅତି ବେଗରେ ଚଳି ଆବେଶ ବହୁ ଶବର ଯେ ।

ଶବରମାନେ ଅବେଶରେ ବା ଅତିଶ୍ରଦ୍ଧା ଓ ଉତ୍ସାହରେ ମୃଗୟା ଅଭିଯାନରେ ଯୋଗ ଦେଇଥିଲେ । ସେମାନେ ସର୍ବଦା ମୃଗୟାପ୍ରିୟ ଥିବା ସ୍ପଷ୍ଟ । ମୃଗୟା ଏକ ବିନୋଦନ ରୂପେ ଗୃହୀତ ହୋଇଥିବାରୁ ସମୟୋପଯୋଗୀ ବେଶଭୂଷା, ହାବଭାବ ସେମାନଙ୍କର ମନର ସ୍ଫୁର୍ତ୍ତିକୁ ପୂର୍ଣ୍ଣ ଭାବରେ ପ୍ରକାଶ କରୁଥିଲା ।

ମୁଣ୍ଡରେ କେଶ ବୁଣ୍ଡରେ କରି ଚୂଳକୁ ଆଗ ଭାଗକୁ ଯେ,
ପାନିଆ ସଙ୍ଗେ ସେ ନଆଁ ଧରିମୁନିଆ ଖୋସି ଲଗକୁ ଯେ ।
କାକରପକ୍ଷୀ ତାଙ୍କର ଶିରେ ବାଙ୍କରେ ବେଣୀ କାହାର ଯେ,
କାସଙ୍ଗ ଫୁଲ ସେ ସଙ୍ଗତରେ କା କଣ୍ଣେ କଣ୍ଣିଲୁ ହାରି ଯେ ।

ଦଣ୍ଡ ତ କେହୁ ମଣ୍ଡିତ କରି ସୁରଙ୍ଗ ଗୁଞ୍ଜ ଫଳରେ ଯେ ।
ତିଳକ କାହା ଫଳ କରଡ଼ା ମାଟିରେ ନାନା ଖତରେ ଯେ ।
ଗଳାରେ ନାନା ଫଳରେ ମାଳ ବରିକାଢ଼ ଗରଗଡ଼ ଯେ,
କାଛକୁ ପିନ୍ଧି ପଛକୁ ବାନ୍ଧି ଲଟି କେକରି ଲାଙ୍ଗୁଡ଼ ଯେ ।

ସୁରିରେ ଭେଲା ତୋରିରେ ମୃଗ ପରିଏ କେହୁ ଚଞ୍ଚଳ ଯେ,
ପଥରେ ଯାନ୍ତି ହାତରେ ଧରି କରେ କେ ମାଂସ କବଳ ଯେ ।
ଚଆର ଧନୁ ଢଆର କରି କୁରଙ୍ଗି ପରି କୁହାଟି ଯେ,
ଫାରସା କରେ ଭରସା ପରେ ଅଧର ଦନ୍ତେ ରକଟି ଯେ ।

ଅଠାରେ କାଠି ମୁଠାରେ ନଳୀ, ଆଡ଼ୁଣି ଡାଳ ତାଟିକ ଯେ,
ଧରଣ ଯାନ୍ତି ଫେଳଣ ବ୍ୟାଧେ ଗୁପିଲି କର ଗଢ କ ଯେ ।
ନିଷାଦଗଣ ସଂଖ୍ୟା ଦଉଡ଼ି ଜାଲକୁ ଆଦି ଯେତେକ ଯେ,
ଅଟକ କଲା ମୋଟ କରଣ ଖରରେ ବନ୍ଧି ଉଚ୍ଚୁକ ଯେ । (୧୬ଶ ଛାନ୍ଦ)

ନିଷାଦମାନଙ୍କ ବେଶ ସମ୍ବନ୍ଧରେ ପଞ୍ଚଦଶ ଶତାବ୍ଦୀର ପ୍ରାଚୀନକବି ସାରଳା ଦାସ ସ୍ୱକୃତ ମହାଭାରତରେ ଓ ଷୋଡ଼ଶ ଶତାବ୍ଦୀର ବଳରାମ ଦାସ ସ୍ୱକୃତ ଜଗମୋହନ ରାମାୟଣରେ ଯେଉଁ ଚିତ୍ର ଦେଇଛନ୍ତି, ସଦାନନ୍ଦଙ୍କ ଏହି ଚିତ୍ର ତାହାଠାରୁ ମର୍ମରେ ପ୍ରଭେଦ ନୁହେଁ । ଶବରମାନେ ବନଜ ଦ୍ରବ୍ୟର ଆଦରକାରୀ, ପ୍ରାକୃତିକ ପୃଷ୍ଠଭୂମିରେ ସେମାନଙ୍କର ଲୀଳାଖେଳା । ମାଂସ, ମଦ୍ୟ ଏମାନଙ୍କର ସହଚର ବୋଲି ବହୁ ପ୍ରାଚୀନକାଳରୁ ଯେଉଁ ଧାରଣା ସମାଜରେ ରହିଛି ତାହାର କୌଣସି ପରିବର୍ତ୍ତନ କବିଙ୍କ ସମୟକୁ ହୋଇ-ନଥିବା ଜଣାଯାଉଛି । ତେବେ, ଏମାନେ ଯେ କ୍ରମେ ବେଶଭୂଷା ଓ ପେଶା ସମ୍ବନ୍ଧରେ ସଚେତନ ହେଲେଣି, ଏହା ସେମାନଙ୍କର ପ୍ରସାଧନ ସାମଗ୍ରୀ, ମୃଗୟା ଉପାଦାନ ପ୍ରଭୃତିରୁ ପ୍ରତୀୟମାନ ହେଉଛି ।

ଘଟ—କବି ଭଟର ବେଶ ବର୍ଣ୍ଣନାରେ ଜୀବନ୍ତ ଚିତ୍ରଟିଏ ଅଙ୍କନ କରି ପାରିଛନ୍ତି । ଦେହରେ ଜାମାଜୋଡ଼ା, ଶିରରେ ପାଗ, ନିଶ ଫରଫର, ଏଣେ କଳା କଳେବର ଇତ୍ୟାଦି ବର୍ଣ୍ଣନା ବଡ଼ କୌତୁକପୂର୍ଣ୍ଣ ଓ ସାର୍ଥକ ହୋଇଛି ।

ଶୁଣି ଶିରେ ଦେଲି କର, ବସି ସେ ବାଜି ଉପର
ଦେହେ ଜାମାଜୋଡ଼ କଟାରି ଖଡ୍ଗ ମାଟେ ଶିରେ ପାଗ ତାର ।୧୮।
ନିଶ ଉଡ଼େ ଫରଫର ଏଣେ କଳା କଳେବର
ପାଚିଲି ଯୋଡ଼ କ ଯମୁନା ମଧ୍ୟରେ ବହୁଅଛି ଗଙ୍ଗା ଧାର ।୧୯।
ପଡ଼ି ନାହିଁ ମାତ୍ର ଦାନ୍ତ ନେତ୍ରକୁ କଲି ଘୂର୍ଣ୍ଣିତ
ଯା ଯା ଭାଷି ଛୁଟେ ପିଟିବାରେ ବାଜି ବାଜି ଆକାଶେ ଭ୍ରମିତ । ୨୦ ।
(୨୪ଶ ଛାନ୍ଦ)

ଜାମାଯୋଡ଼ ସଙ୍ଗେ ବେଶର ଅନ୍ୟାନ୍ୟ ଦ୍ରବ୍ୟ ଖାପ ଖାଇ ସୁନ୍ଦର ଦିଶୁଛି; ଭଟ ଆଗି ଆଗରେ ଘୋଡ଼ା ଚଢ଼ି ଯାଉଥିବା ଭଳି ପ୍ରତୀତ ହେଉଛି ।

ଜଙ୍ଗମ—'ଜଙ୍ଗମ' ଦକ୍ଷିଣ କଳିଙ୍ଗର ଜଙ୍ଗମ ଜାତୀୟ ହୋଇଥିବା ସମ୍ଭବ । କାରଣ, ସଦାନନ୍ଦ ଏହାଙ୍କର ଯେଉଁ ବର୍ଣ୍ଣନା ଦେଇଛନ୍ତି ସେଥିରୁ ଏହା ସ୍ପଷ୍ଟ ହେଉଛି । ଏମାନେ ଶୈବ । ବର୍ତ୍ତମାନ ସୁଦ୍ଧା ସେମାନଙ୍କର ଏହି ବେଶ ଦେଖାଯାଏ । କବିଙ୍କର ଜଙ୍ଗମ ଚିତ୍ରଲିଖନପଟୁ, ସର୍ବବିଦ୍ୟାନିପୁଣ, ଯୌବନାବସ୍ଥା ଅତିକ୍ରମ କରିଥିବା ହିଁ ଜଣାଯାଏ । ମୁଣ୍ଡରେ 'ନୀଳଧବଳମିଶା କେଶ' ଏବଂ ଏହି କେଶଗୁଚ୍ଛ ପିଙ୍ଗଳପଟରେ ବନ୍ଧା ହୋଇଛି । ଦୁଇଗଣ୍ଡରେ ଭସ୍ମ ଲେପନ ହୋଇଛି । କପାଳରେ ଚତୁର୍ଥୀଚନ୍ଦ୍ର ଆକୃତିରେ ଚନ୍ଦନଚିତା, ଏହା ମଝିରେ ପୁଣି ସିନ୍ଦୂର ବିନ୍ଦୁଟିଏ ଥିବାରୁ ଅରୁଣପ୍ରାୟେ ଶୋଭା ପାଉଛି । କର୍ଣ୍ଣରେ ତାମ୍ରକୁଣ୍ଡଳ, କଣ୍ଠରେ ରୁଦ୍ରାକ୍ଷର ମାଳ । ଅରୁଣ ବର୍ଣ୍ଣ ବସ୍ତ୍ରରେ ଶିବଲିଙ୍ଗ ବାନ୍ଧି ଗ୍ରୀବାରେ ଲମ୍ବାଇ ଅଛି । "ପଟ ଧରିଛି କକ୍ଷ ତଳେ, ଶିବ ଶିବ ଶବଦେ ଚଳେ ।" (୯ମ ଛାନ୍ଦ)

(୨) ଚିତ୍ର : ଶିକାର ଓ ଯୁଦ୍ଧ—ନାୟକର ବୀରତ୍ୱପ୍ରକାଶକ ଘଟଣାମାନଙ୍କ ଭିତରେ ବସନ୍ତ ଋତୁରେ ବନବିହାର କାଳରେ କସ୍ତୀମାନଙ୍କୁ ସିଂହ ଆକ୍ରମଣ କରିବାରୁ ବୀର ନାୟକ ରସାପ୍ଲୁତ ହୋଇ ସ୍ୱହସ୍ତ ରଚିତ କୁସୁମମାଳାରେ ବେଶକରି ଆନନ୍ଦ ଉପଭୋଗ କରୁଥିବା ପ୍ରିୟାକୁ ତ୍ୟାଗକରି ସିଂହକୁ ମାରିବା ପାଇଁ ଗମନ କଲେ । ବୀରର ପ୍ରଣୟ ଏହାର ବିପଦ ଉଦ୍ଧାରଣ ଗୁଣ ପ୍ରକାଶ ପାଇବାରେ ବାଧା ଦେଇପାରି ନାହିଁ; ବୀର ନିଜର କର୍ତ୍ତବ୍ୟକୁ ସର୍ବୋଚ୍ଚ ମନେ କରି ପ୍ରିୟାକୁ ସ୍ୱକୋଳରୁ ଅନ୍ତରକରି ସ୍ୱ କର୍ତ୍ତବ୍ୟ ସମ୍ପାଦନରେ ଅଗ୍ରସର ହୋଇଛି ।

ସଦାନନ୍ଦ ଏହି ଘଟଣାଟିକୁ ଯେଉଁ ପଟ୍ଟଭୂମି ଉପରେ ଉପସ୍ଥାପିତ କରିଛନ୍ତି ତାହା ବୀରତ୍ୱର ପ୍ରକୃତିକୁ ବହୁଗୁଣରେ ବର୍ଦ୍ଧିତ କରିଛି । ନବଯୁବକର ସ୍ୱାଭାବିକ ପ୍ରେମଜୀବନର କାହାଣୀ ପ୍ରାଥମିକ ସ୍ତର ସମସ୍ତ ଭିତର ଘଟଣାବଳୀରେ

ବିଶେଷତଃ ନାୟିକାପ୍ରାପ୍ତି ପ୍ରସଙ୍ଗହିଁ ଏଥିର ମୁଖ୍ୟ ବିଷୟବସ୍ତୁ ଥିବାରୁ ନାୟକର ବୀରତ୍ୱପ୍ରକାଶିତ ଆଖ୍ୟାୟିକା ବିସ୍ତୃତ ଭାବରେ ବର୍ଣ୍ଣନା କରିବା ପ୍ରେମକାବ୍ୟରେ ସେତେ ଆବଶ୍ୟକ ମନେ ହେଉନଥିଲେ ମଧ୍ୟ ସଦାନନ୍ଦ ନାୟକଙ୍କ ଧୀରୋଦାତ୍ତ କରିବା ସଙ୍ଗେ ସଙ୍ଗେ ଚମତ୍କାର ଉପାଖ୍ୟାନ ଅବତାରଣା କରି ତାର ବୀରତ୍ୱ ପ୍ରକାଶ କରିଛନ୍ତି । ନୃପଣ୍ଡଳକ ଯେପରି ଉଚ୍ଚକୁଳ-ସମ୍ଭୂତ, ଉଚ୍ଚଶିକ୍ଷିତ, ଶୀଳବାନ୍, ସୁନ୍ଦର, ସହୃଦୟ ଓ ପ୍ରେମିକ ସେହିପରି ବୀର ମଧ୍ୟ ।

ଏମନ୍ତେ ରସିକ ରାଜ, ସୁନାଶି ଚେଟୀ ସମାଜ,
ସହ ଆରାମେ ମଣ୍ଡଇ ପଦ ସରୋଜ, ଏକାଳେ । ୧୧ ।
ଛନ୍ଦାଛନ୍ଦ କାନ୍ଧେ କରି, ଚାଲନ୍ତି ଧୀରେ ପୟରି,
ଦେଖନ୍ତି ଭୂମି ହରଷେ କୁସୁମାକରି, ଏକାଳେ । ୧୨ । × ×
ମଣ୍ଡପେ ହୋଇ ପ୍ରବେଶ ଗୁନ୍ଥି ଆପେ ସୁମନାସ,
ସ୍ୱହସ୍ତେ ପ୍ରିୟାକୁ କଲା ବିଚିତ୍ର ବେଶ, ଏକାଳେ । ୧୮ ।

ସିଂହ ନଗର ଭିତରେ ପ୍ରବେଶ କରି ହସ୍ତୀକୁ ଆକ୍ରମଣ କରିବାରୁ ବୀର ପ୍ରିୟାଙ୍କୁ ଛାଡ଼ି ସିଂହ ସହିତ ଯୁଦ୍ଧ କରିବାକୁ ନଗରକୁ ଫେରି ଆସିଲା ।

ମୋ ଦେଶରେ କିଛି ଭୟ ହେଲେ ହୋଇଲା ଦୁର୍ନୟ
କି ପ୍ରୟୋଜନ ମୋ ବାହୁବଳ ଉଦୟ, ଏକାଳେ । ୨୩ ।

ନୃପଣ୍ଡଳକ ସିଂହ ସହିତ 'ମଲ୍ଲ ଆକାଶ'ରେ ଭୀଷଣ ଯୁଦ୍ଧ କରି ତାକୁ ପରାସ୍ତ କଲା ।

କବି ସଦାନନ୍ଦଙ୍କ ସମର ବର୍ଣ୍ଣନା ପ୍ରତ୍ୟକ୍ଷଦର୍ଶୀର ବିବରଣ ସଦୃଶ ହୋଇଛି । ସମର-ଉପଯୋଗୀ ଉତ୍ତେଜନାପୂର୍ଣ୍ଣ ଭାବ ଓ ପଦାବଳୀ ବିଶେଷ ନଥିଲେ ମଧ୍ୟ ବର୍ଣ୍ଣନା ସରସ ଓ ଉପଭୋଗ୍ୟ ହୋଇଛି । ନେପାଳ ରାଜା ଓ ମହାନଗରର ଯୁବରାଜ ନୃପଣ୍ଡଳକ ମଧ୍ୟରେ ଘଟିଥିବା ସମରର ବର୍ଣ୍ଣନା

ବୀର, ଭୟାନକ ଓ ବୀଭତ୍ସ ରସ ଉଦ୍ରେକ କରିବାରେ ସମର୍ଥ ହୋଇଛି । ଶବ୍ଦଯୋଜନା ଅନୁପ୍ରାସମଣ୍ଡିତ ଓ କ୍ଲିଷ୍ଟ କଳ୍ପନାବର୍ଜିତ ହୋଇଥିବାରୁ ସହଜ ସରଳ ଭାବରେ ବୋଧଗମ୍ୟ ହୋଇପାରିଛି ଏବଂ ସମର କ୍ଷେତ୍ରର ଭୟାବହ କରୁଣ ଦୃଶ୍ୟର ପ୍ରଭାବରେଖା ମନରେ ଅଙ୍କନ କରିପାରିଛି ।

ଦୁଇବଳ ହେଲେ ମିଶାମିଶି ଯେ, ରଙ୍ଗମାଟି କେ ଅଙ୍ଗେ ଘଷାଘଷି ଯେ
ହୁଁ କାର ନାଦ କେ ଅବା ଘୋଷି କେ ଡେଇଁ ମଧ୍ୟେ ମାରଇ ପଶି
କେ ଭୁଷାଭୁଷି କେ କଷାକଷି କେ ଧରାଧରି ଯେ ।୧।
କେ ଦଶ ବିଂଶ ଶର ପହାରି, ତଦନ୍ତେ ବନ୍ଧି ବଶରେ ହାରି
ଜୀବନ ମାଗି ନେଲା ଜୁହାରି, ଆସେ ବାହାରି ଯେ
କେ ଖଣ୍ଡ ଖଣ୍ଡ କରିଣ ମୁଣ୍ଡ ଭୂଷଣ ହୋଇଅଛି ପ୍ରଚଣ୍ଡ
କେ ବୋଲେ ଭଣ୍ଡ ଏ ଧଗେ ଖଣ୍ଡ, ଗଲା ଓହୋରି ଯେ,
କେ ଘେନ କୁଣ୍ଡ କାଢ଼ଇ ଅନ୍ତ ଯେ,
କେହୁ କାହାର ମାଗିଲା ଦନ୍ତ ଯେ
ଖଣ୍ଡା ଝଲକ ରଖେ ପଲକ
'ରହ ବୋଲି' କେ ପଳାଏ ଏକ
କେ କରେ ଶୋକ କରି ଆଲୋକ ପିତାର ଅନ୍ତେ ଯେ । ୨ ।
(୧୪ଶ ଛାନ୍ଦ, ଲ: ଲୋ:)

ଦୃଶ୍ୟର ବୀଭତ୍ସତା ସଙ୍ଗେ ସଙ୍ଗେ ଏ କରୁଣ ଦୃଶ୍ୟର ଆବିର୍ଭାବ ମନରେ ଗମ୍ଭୀର ଭାବ ଉଦ୍ରେକ କରୁଛି । ସମର କ୍ଷେତ୍ରରେ ପିତାର ମୃତଦେହ ଦେଖି ପୁତ୍ର, ଭ୍ରାତାର ମୃତଦେହ ଦେଖି ଭ୍ରାତା, ବୀର ହେଲେ ମଧ୍ୟ ମୁହ୍ୟମାଣ ହୋଇପଡ଼ି ଶୋକ କରିବା ଦୃଶ୍ୟ ବର୍ଣ୍ଣନା କରିବାକୁ କବି ଭୁଲିନାହାନ୍ତି । ବର୍ଣ୍ଣନା ସତେଜ ଓ ପ୍ରାକୃତିକ ହୋଇଛି ।

ସମରରେ ଧନୁର୍ବାଣ, ଖଡ଼୍ଗ, ଗଦା, ବରଛି, ଶାବେଲୀ, ଗୁରୁଦା ପ୍ରଭୃତି ଅସ୍ତ୍ରଶସ୍ତ୍ର; ରଥ, ଉଷ୍ଟ୍ର, ହସ୍ତୀ, ଘୋଟକ ପ୍ରଭୃତି ବାହନର ବ୍ୟବହାର

କବି ଦେଖାଇଛନ୍ତି । କମାଣ ଓ ବନ୍ଧୁକର ବ୍ୟବହାର ଯୁଦ୍ଧରେ ନାହିଁ । ଏହା ଏକ ଆକସ୍ମିକ ଯୁଦ୍ଧ ହୋଇଥିବାରୁ ଯୁଦ୍ଧଘୋଷଣା ପୂର୍ବର ସମର ଆୟୋଜନ କବି ଦେଇ ନାହାନ୍ତି ବୋଲି ମନେହୁଏ ।

ସଦାନନ୍ଦ ଯୁଦ୍ଧକ୍ଷେତ୍ରକୁ ରକ୍ତନଦୀ ସହିତ ତୁଳନା କରିଛନ୍ତି । ସମସାମୟିକ 'ସମରତରଙ୍ଗ' ରଚୟିତା କବି ବ୍ରଜନାଥ ବଡ଼ଜେନାଙ୍କ ସମରବର୍ଣ୍ଣନାରେ ଆକ୍ରମଣକାରୀ ଯୁଦ୍ଧବାହିନୀକୁ ସମୁଦ୍ର ସଙ୍ଗେ ତୁଳନା କରାଯାଇଛି । କଳ୍ପିତ ବିଷୟବସ୍ତୁ ଉପରେ ନିର୍ଭରକରି କଳ୍ପିତଯୁଦ୍ଧ ବର୍ଣ୍ଣନା ମୁଖ୍ୟପ୍ରସଙ୍ଗର ଅପ୍ରଧାନ ଅଂଶ ରୂପେ ଦେଇଛନ୍ତି । ସଦାନନ୍ଦ ବର୍ଣ୍ଣନାକୁ ସଂକ୍ଷେପ କରିଛନ୍ତି ଏବଂ ଏହି କ୍ଷୁଦ୍ର ପରିସର ଭିତରେ ସାଫଲ୍ୟ ଲାଭ କରିଛନ୍ତି । ପ୍ରକୃତ ଯୁଦ୍ଧ ଅଭିଯାନର ସାମୁହିକ ସତେଜ ଜୀବନ୍ତ ଚିତ୍ର ଦେବାରେ ଓଡ଼ିଶାରେ ବ୍ରଜନାଥଙ୍କୁ ଅନ୍ୟ କେହି ଟପି ଯାଇଛନ୍ତି ବୋଲି ମନେହୁଏ ନାହିଁ । ସଦାନନ୍ଦଙ୍କ ଚିତ୍ରଣ ସ୍ୱଳ୍ପପରିସର ମଧ୍ୟରେ ଅତି ଚମତ୍କାର ହୋଇଛି ଏବଂ ସଂକ୍ଷିପ୍ତ ସୂଚନା ଦ୍ୱାରା ଚିତ୍ର ଫୁଟାଇବାରେ ସେ ବଡ଼ଜେନାଙ୍କ ପରି କୃତିତ୍ୱ ଲାଭ କରିଛନ୍ତି ।

କୁମାର ବଳକୁ କବି ଯମ ସହିତ ସମାନ କରି କହିଛନ୍ତି ଯେ ଘୋର ସଂଗ୍ରାମରେ କ୍ଷଣମାତ୍ରେ ରକ୍ତନଦୀ ବହିଲା । ଭାସି ଆସୁଥିବା ଯୋଦ୍ଧାର ମୁଖ କମଳ, ବାହୁଯୁଗଳ ମୃଣାଳ, କେଶ ଶୈବାଳ, ନେତ୍ର ମୀନ ହେଲା । ପୁଣି ହସ୍ତୀ ମଗର, ହସ୍ତ କମଠ, ଅଶ୍ୱ କୁମ୍ଭୀର, ଖଣ୍ଡାଶାମୁକ, ରଥ ବୋଇତ ହେଲା ।

ମୁଖ କମଳ ବାହୁ ଯୁଗଳ ମୃଣାଳ ପରି ଅତି ମଞ୍ଜୁଳ
କେଶ ଦିଶଇ କି ଶୈବାଳ ନେତ୍ର ମୀନାଦି ଯେ ।
କରି ମଗର ତହିଁ ଭିତର ଯେ ହସ୍ତ କମଠ ଅଶ୍ୱ କୁମ୍ଭୀର ଯେ
ଖଣ୍ଡାଶାମୁକ ପ୍ରାୟେ ଝଲକ ଢାଲ ସାକ୍ଷାତ କି ଚକ୍ରବାକ
ରଥ ବୋହିତ ତହିଁରେ ଯୋକ ଶାବେଲୀ ସାର ଯେ ।

ପରାଜିତ ସୈନ୍ୟର ଅବସ୍ଥା ବିଶେଷତଃ କ୍ଷତବିକ୍ଷତ ଯୋଦ୍ଧାର ପ୍ରାଣଭିକ୍ଷା ଅତ୍ୟନ୍ତ କରୁଣ ହୋଇଛି, ସମଗ୍ର ଦୃଶ୍ୟଟି ଅଳ୍ପ ପଦରେ ବର୍ଣ୍ଣନା କରି ଭାବ ଉଦ୍ରେକ କରିବାରେ ସେ ବିଶେଷ ଭାବରେ ସଫଳ ଲାଭ କରିଛନ୍ତି ।

କେ ପ୍ରାଣ ରଖେ ପଶି ଶରଣ ଯେ,
କେ ଅବା ଦନ୍ତେ ଧରିଲା ତୃଣ ଯେ ।

ଏହି ଭୟାବହ ଯୁଦ୍ଧରେ ବୀରଯୋଦ୍ଧାର ହୃଦୟ କଠିନ ହେବାହିଁ ସ୍ୱାଭାବିକ ହେଲେ ମଧ୍ୟ ପ୍ରକୃତ ବୀରର ଦୟାର୍ଦ୍ର ଚିତ୍ତ ପରାଜିତର କରୁଣସ୍ୱର ଦ୍ୱାରା ଦ୍ରବି ଯାଏ; କାବ୍ୟନାୟକର ଏହି ଦଶାହିଁ ହୋଇଥିଲା ।

ଦେଖି ଏମନ୍ତ ସେ ନୃପ ସୁତ ଦୟାସମୁଦ୍ର ଯେ ପରିହିତ,
ଗୋଡ଼ାଇ ମାରୁଥିଲେ ସମସ୍ତ କରି ନିଷେଧ ଯେ ।

ସଦାନନ୍ଦଙ୍କ ସମୟକୁ ଓଡ଼ିଶାରେ କମାଣ, ବନ୍ଧୁକର ବ୍ୟବହାର ହୋଇ ସାରିଲାଣି । ପୂର୍ବରୁ ମୋଗଲ ଓ ମରହଟ୍ଟାମାନେ ଏହାର ବହୁଳ ବ୍ୟବହାର କରିଥିଲେ । ଓଡ଼ିଶା ଉପକୂଳରେ ପର୍ତ୍ତୁଗୀଜ୍, ଫ୍ରେଞ୍ଚ୍ ଓ ଇଙ୍ଗ୍ଲିଶ ପ୍ରଭୃତି ୟୁରୋପୀୟ ଶକ୍ତିମାନଙ୍କର ଓଡ଼ିଶାର ଘାଟିମାନଙ୍କରେ ଥିବା ସୈନ୍ୟବାହିନୀରେ ଏହି ଶ୍ରେଣୀୟ ଅସ୍ତ୍ରଶସ୍ତ୍ରର ଉନ୍ନତ ବ୍ୟବହାର ହେଉଥିଲା ।

ଯୁଦ୍ଧାବସାନରେ ସନ୍ଧ୍ୟାପରେ ଯୁଦ୍ଧକ୍ଷେତ୍ରରେ ଡାକିଣୀମାନଙ୍କର ବିକଟ ନୃତ୍ୟ ଓ ଚିତ୍କାରର ବର୍ଣ୍ଣନା ମନରେ ଅତି ଭୟାବହ ଚିତ୍ର ଅଙ୍କନ କରି ଦେଉଛି । କବିଙ୍କ ସିଦ୍ଧହସ୍ତର ଏହା ଅନ୍ୟ ଏକ ପ୍ରମାଣ ।

ଯୁଦ୍ଧ ବର୍ଣ୍ଣନା ସ୍ଥଳ (ଚତୁର୍ଦ୍ଦଶ ଛାନ୍ଦ)ରେ 'ଗ୍ରାମ୍ୟଶବ୍ଦ' ପ୍ରୟୋଗ କରିବାକୁ ବାଧ୍ୟ ହୋଇଥିବାରୁ କବି ଦୁଃଖ ପ୍ରକାଶ କରିଥିଲେ ମଧ୍ୟ 'ରସପୁଷ୍ଟି' ଦୃଷ୍ଟିରୁ ଏପରି କରିବା ଦୋଷାବହ ନୁହେଁ ବୋଲି କହି ଏହାର ସମର୍ଥନ କରିଛନ୍ତି । ଏହି 'ଗ୍ରାମ୍ୟଶବ୍ଦ'ର ବହୁଳ ପ୍ରୟୋଗ ଭୟରେ କବି ବର୍ଣ୍ଣନାକୁ ସଂକ୍ଷେପ କରି ଦେଇଥିବା ମନେହୁଏ ।

ଏ ରସ ପୁଷ୍ଟି ସକାଶୁଁ ସ୍ଥିତ ଗ୍ରାମ ଶବଦ ନୋହେ ଦୂଷିତ
ଏ ଛାନ୍ଦ ଏତେକେ ସମାପତ ସୁଜନେ ଶୁଣ ହେ ।
(୧୪ଶ ଛାନ୍ଦ, ଲଃ ଲୋ:)

ଦାମ୍ପତ୍ୟ ଚିତ୍ର —ନାୟକ ମନରେ ନାୟିକା ସହିତ କ୍ରୀଡ଼ା କରିବାର କଳ୍ପନାଚିତ୍ର କବିଙ୍କ ବିଜ୍ଞତାପୂର୍ଣ୍ଣ ମନସ୍ତାତ୍ତ୍ୱିକ ବିଶ୍ଳେଷଣରେ ପରିଚୟ ଦେଉଛି ।

(୧) ଯେତେବେଳେ ଆଖି ଠାରି ହୋଇବି ବିଚାରି
ଚରଣକୁ ଯେ ଛୁଇଁମି ମୁହିଁ,
ସେ ଯେ ଅତ୍ୟନ୍ତ ଚତୁରୀ ହୋଇଣ ଆତୁରୀ
କରୁଣ ହେବ ଏ ଙ୍କିତ ଯହିଁ ।୬।

(୨) ଦେଖି ଚନ୍ଦ୍ରମା ବଦନ ମଦନ କଦନ
ଦଶା ନଉଛୁଳ ହେବ ମୋର,
ତାର ଚଞ୍ଚଳ ଲୋଚନ ଧଇର୍ଯ୍ୟମୋଚନ
ଲବଧ ହେଉ କରିବ ସ୍ଥିର ।୭।

(୩) ଯେବେ କରିବ ବରଣ ପଶିଲି ଶରଣ
ଭୁଜକର ମାଳ ଦେବ କହି,
ତେତେବେଳକୁ ନାସିକା ଫୁଲାଇ ରସିକା
ମନ୍ଦ ହସି ଛୁଇଁ ଯିବ କାହିଁ ।୮।

(୪) ଏହା ଶୁଣି ସେ ହସିବ ଲଜ୍ଜାଟେ ଖୋସିବ
ତୋଳା ଲଜ ଧୈର୍ଯ୍ୟ ସ୍ନେହ ତୁଳ,
ସବୁ ତହିଁକି ବଳିବ ପ୍ରେମ ଉଚ୍ଛୁଳିବ
ପଡ଼ିବ ପରି ମୋ ହୃଦେ ଟଳି ।୧୦।

ଏତେ କଳ୍ପନା କରି ସୁଦ୍ଧା ନାୟକ ନିଜର ଔଚିତ୍ୟଜ୍ଞାନ ହରାଇ ନାହିଁ । ସମ୍ଭାବନା ସମ୍ପର୍କରେ ତାର ମନ ତାକୁ ପୁଣି ସତର୍କ କରାଇ

ଦେଉଛି । ବିଧାତାଙ୍କ ଘଟସୂତ୍ର ହିଁ ପ୍ରଧାନ । ମନୁଷ୍ୟର କଳ୍ପନା କିଛି ନୁହେଁ ।

କଳ୍ପନାରୁ କି ହୋଇବ ଯେମନ୍ତ ଦଇବ
କରିବ ତା ଭଲ ହୋଇବ କି । ୨୪ । (୩୦ଶ ଛାନ୍ଦ, ଲ: ଲୋ:)

(ଝ) ସ୍ୱୟମ୍ବରରେ ଯୋଗ ଦେବାପାଇଁ ନାୟକ ନାୟିକାର ନଗରରେ ପ୍ରବେଶ କରି ରାଜମାର୍ଗରେ ଗହଣରେ ଯାଉଥିଲା ବେଳେ ନାୟିକା ଅଟ୍ଟାଳି ଉପରେ ଉପବେଶନ କରି ବାତାୟନ କକ୍ଷରୁ ଅତି ଉତ୍ସୁକ ମନରେ ମାର୍ଗକୁ ଚାହିଁ ରହିଛି । ଏହି ସମୟରେ ଚାରିଚକ୍ଷୁର ମିଳନ ହୋଇଗଲା ।

ଶୁଣ ରସିକେ ଏଥୁ ଅନନ୍ତରେ,
ନୃପନନ୍ଦନା ଅଟ୍ଟାଳି ଉପରେ ।
ସମସ୍ତ ସଙ୍ଗିନୀ ସଙ୍ଗରେ ରଙ୍ଗରେ,
ବିହାର କରେ ତରଳ ମନରେ ।
ବାତାୟନରେ ନୟନ ନିହାରେ,
କୁମର ରୂପ ଦେଖିବାରେ । ୧ ।

ଘନ ଆଗତକୁ ଯେହ୍ନେ ଚାତକ
କଳାକର ଅବଲୋକନେ କୋକ ।
ସାଧୁ ଦରଶନେ ବିବେକ ଯେମନ୍ତ
ତେମନ୍ତ ବାଳୀ ହୋଇଛି ଉତ୍ସୁକ ।
ପକ୍ଷୀରାଜି ମଧ୍ୟ ସାରିକ ଅଧିକ
ଭ୍ରମେ ମନ ଭାବି ନାୟକ । ୨ । × ×

ମାଳିନୀ କହିଲା ଏ ସମୟରେ
ଏତି ନୃପଶେଖରଙ୍କ ଚାହିଁରେ । × ×
ସଜନୀ ବାଣୀ ଶୁଣି ନେମଦେଇ
କଞ୍ଚୁକ ଚଉରେ ଲାଜ ମିଶାଇ ।

ପଞ୍ଜର ପଞ୍ଜରସ୍ଥ ମଧ୍ୟରେ ଲୋଚନ—
ଖଞ୍ଜନ ଯୁଗଳ ଦେଲା ଖେଳାଇ ।
ଭ୍ରମର ମାନସ ଦେଲା ଭୁଲାଇ
ଚେତନା ଗଲା ଆଗ ହୋଇ । ୫ ।

କଟାକ୍ଷ ବିଶିଖ ପରିତାଳରେ
ବାଜିଲା କେହ୍ନ ହୃଦୟ ଲକ୍ଷରେ ।
ଏ କଥା କବି ବର୍ଣ୍ଣିତ ନ ପାରିବ
ଜାଣିମ ରସିକ ଯେ ସେ ରସରେ ।
ଅନ୍ୟୋ ଅନ୍ୟରେ ହାସ ପ୍ରକାଶରେ
ହେଜିଲା ବୀର ମାନସରେ । ୬ ।
(୩୮ଶ ଛାନ୍ଦ, ଲ: ଲୋ:)

(୭) ସ୍ୱୟମ୍ବର ମଣ୍ଡପରେ ନିପୁଣଛଳକର ଗୁଣ ପ୍ରଶଂସା କରି ସଖୀ ଜେମାକୁ ଚହ୍ଲାଇ ଦେବା ପରେ ଜେମା ନିପୁଣଛଳଙ୍କର ଗଳାରେ ବରଣମାଳା ଲମ୍ବାଇ ଦେଲା । ଏହି ଦୃଶ୍ୟ—

ପ୍ରୀତି ପଥରେ ପଥିକ ଏ ପ୍ରକାରେ ଯି କାଳେ ନୋହେ କଦାଚିତ
ଧୀର ଲଳିତ ନାୟକ ଏ ବିଦିତ ଅନୁକୂଳ ହେବ ପ୍ରତୀତ
ବାଳାରେ, ଏହା ପ୍ରାଣନାଥ ମୋହନ
ଶୁଣି ମୋହନ ହୋଇ ସୁନ୍ଦି ତା ଗଳେ ମଣ୍ଡିଲା ମାଳା ସେ ବହନ । ୩୬ ।

ତାକୁ ଶୁଭିଲା ଆହୁ କେ ନ ଜାଣିଲା ଇଷି ଭ୍ରମିଲା ସୁଷମଣୀ
ଦୁଃଖ ଯାଇ ସୁଖ ପାଇବା ବେଳକୁ ସମସ୍ତେ କହନ୍ତି ଏ ବାଣୀ
ବାଳା ଯେ, କିଛୁ ହାସ କଲା ପ୍ରକାଶ,
ସେହି କାଳରେ ଚନ୍ଦ୍ରାତମ ଘୋଟିଲା ଆନ ଭୂପତିଙ୍କ ଅଦୃଶ୍ୟ । ୩୭ ।
ଦୁଇ ତନୁ ହେମ କମ ଝାଳିବାକୁ ମନ ଟାଙ୍ଗଣା ଲଗାଇଣ ।
କାମ ବଣିକ ଆରମ୍ଭରେ ସେ ଲଜ୍ଜା ଦ୍ୱିଜ ଦୃଷ୍ଟି ହେଲା ସେ କ୍ଷଣ ।

ସଡ଼ିଲେ, ମାଳିକ ମିଶି ନ ଜଡ଼ିଲେ
ପୁଣ ସେ ରୂପେ ହୋଇବ ସ୍ୱପ୍ନରକ୍ତ ବାଲାକୁ ବିକେ କରାଇଲେ । ୬୮ ।
(ଗୁଣ୍ଡିଚା ବିଜେ, ଲଃ ଲେଃ)

ହାସ୍ୟୋଦ୍ଦୀପକ କୌତୁକ ଚିତ୍ର—ସ୍ୱୟମ୍ବର ପରେ ବିବାହୋତ୍ସବର ପ୍ରାରମ୍ଭିକ ଆୟୋଜନ ସାରି ବାଳୀମାନେ ଗନ୍ଧସଣ ବାଧି କରିବା ସମୟରେ ସେମାନଙ୍କ 'ଭାବବିହ୍ୱଳ' ଅବସ୍ଥାର ଚିତ୍ର ସଦାନନ୍ଦ ସୁନ୍ଦର ଭାବରେ ଅଙ୍କନ କରିଛନ୍ତି । ଚିତ୍ରଟି ଆନନ୍ଦଦାୟକ ହେବା ସଙ୍ଗେ ସଙ୍ଗେ ହାସ୍ୟର ଉଦ୍ରେକ କରୁଛି । କବିଙ୍କ ଶ୍ରମସାର୍ଥକ ହୋଇଛି—ଅକ୍ଷରସୃଷ୍ଟି ଅପୂର୍ବ ହୋଇଛି । କୁମର ରୂପରେ ବିହ୍ୱଳ ହୋଇ ସେବାକାରିଣୀ ବାଲାମାନେ କଣ କରୁଛନ୍ତି ଓ କଣ କହୁଛନ୍ତି କିଛି ବୁଝି ପାରୁନାହାନ୍ତି ।

କୁମର ରୂପ, ହୋଇଗଲା ଚୋପ, ସେବା ଜନମନକରି
ପଡ଼ି ରହିଲେ, ଆସି ନୋହିଲେ, ମଦନ ମଦରେ ଘାରି । ୮ ।
ମଣି ଗୁମର, କାହା ଚକୁର ଧରି, କେ ଜାଣି ହସିଲା
ମଣ୍ଡିଣି ଚେଲ, ଭ୍ରମେ ଚଞ୍ଚଳ, କାହାର କେ ଝିଙ୍କୁଥିଲା । ୯ ।
କମଳମଣି, କେ କାହା ପାଣି, ଧରି ଓଟାରଇ ଅଗେ
ଏ ସମ୍ପୁଟକ, ଖାଲି କେ ଟେକ, ଉରଜ ଧଇଲା ବେଗେ । ୧୦ ।
କେ କାହା ବାଣୀ, କର୍ଣ୍ଣରେ ଶୁଣି, ସାଖି ଭ୍ରମେ ପଢ଼ାଇଲା
କେ କରେ ଗଢ଼, ଲେଭେ କା ମଢ଼, ହଂସ ବୋଲି ଗୋଡ଼ାଇଲା।୧୧।
କେ ନିଜ ଛୁଇ, ଗୁହିଁ ବୋଲଇ, 'ଅଇଲି କି ଭଲି କଲି'
ଯେ ଯହିଁ ଲଗ୍ନ, ସେ ତହିଁ ମଗ୍ନ, ମଣ୍ଡିଲେ କରି ଅମୂଲ୍ୟ । ୧୨ ।
(ଗୁଣ୍ଡିଚା ବିଜେ, ଲଃ ଲେଃ)

ସର୍ବପକ୍ଷରେ 'ଯେ ଯହିଁ ଲଗ୍ନ ଯେ ତହିଁ ମଗ୍ନ ।' ମଦନସାଗରରେ ନିମଜ୍ଜନ ପରେ ନିଜର ଛୁଇ ନିଜକୁ ବାସ୍ୟା କରିଛି—'କେ ନିଜ ଛୁଇକି ଗୁହିଁ' ପ୍ରେମିକ ଆସିବା ମନେକରି ତାକୁ ସମ୍ବୋଧନ କରି କହୁଛି—'ଅଇଲି କି ଭଲି କଲି ।'

ଅମୃତ ପଦାବଳୀ—(୧) ଲଳିତଲୋଚନାରେ 'ରତିବାହୁଡ଼ା' ଛାନ୍ଦ (୩୮ଶ)ଟି ଉପମାମଣ୍ଡିତ ପଦାବଳୀରେ ରଚିତ ହୋଇ ଅତି ସୁନ୍ଦର ରୂପର ସୃଷ୍ଟି ହୋଇଛି । ଛାନ୍ଦଟିର କୋଡ଼ିଏଟି ପଦ କବିତ୍ୱପୂର୍ଣ୍ଣ ହୋଇଛି ଏବଂ କାବ୍ୟ ଭିତରେ ଉଚ୍ଚ ସ୍ଥାନ ଅଧିକାର କରିଛି । ଲଳିତଲୋଚନା ଓ ନିପୁଣତିଳକଙ୍କୁ କେଳିପୁରରୁ ବାହୁଡ଼ିବା ସମୟରେ ପ୍ରବୀଣା ସଖୀମାନେ ହାସ୍ୟଚ୍ଛଳରେ ଯେଉଁ ପଦାବଳୀ ବ୍ୟବହାର କରିଛନ୍ତି ତାହା ସଦାନନ୍ଦ-ସାହିତ୍ୟ ରାଜ୍ୟରେ ଅମୂଲ୍ୟରତ୍ନ । ଦୃଶ୍ୟର ରମଣୀୟତା ବର୍ଦ୍ଧନ କରିବା ପାଇଁ କବି କୌଶଳକ୍ରମେ ସଖୀମାନଙ୍କ ବ୍ୟକ୍ତିଗତ ସମ୍ପର୍କର ଅବତାରଣା କରିଛନ୍ତି—ବୟସୀମାନେ ପରିହାସେ ହସି ନବରୂପକୁ ଲକ୍ଷ୍ୟକରି ସଖୀକୁ କହୁଛନ୍ତି—

ନୂଆ ସଙ୍ଗ ପାଇଲୁ କି ଗୋସ୍ୱରେ,
ଦେଇ ପରା ଆମ୍ଭଙ୍କୁ ବିଶୋରିରେ ।

ଲଳିତ ଲୋଚନାର ରତିବାହୁଡ଼ା ଅବସ୍ଥାହିଁ ଏହି ପରିହାସର କାରଣ ।
"ପହଣ୍ଡେ ଚଳି ପହଣ୍ଡେ ଉଷ୍ଣ ହୋଏ ଭରି ହୋଇଲା ଅମ୍ବର ସେ ।"
ତାମ୍ବୁଲବୋଳ ବିନ୍ଦୁରେ ଯା ମଣ୍ଡନ ହୋଇଛି ଗଣ୍ଡ ମଣ୍ଡଳ
ପ୍ରେମଲତା ବଢ଼ି ବାହାରକୁ ମାଡ଼ି ଫଳିଛି କି ରାଗ ଫଳରେ ।
ଆରେ ଜଗବନ୍ଦନା, ହେମ କମେ କସେ ରଙ୍ଗ ମୀନାରେ ।
ବସି ଅଛି କି ମାଣିକ୍ୟ ସୁନାରେ । ୩ ।

(୨)ବସନ୍ତ କାଳରେ ଗୃହେଶ୍ୱ ଖେଳରେ କାମଚନ୍ଦ୍ରକୁ ଚଳି
ଆଡ଼ ଗୁଡ଼େ ଗୁଡ଼ି ଦେଲା ଦୁଇ ପାଶେ ସିନ୍ଦୂରେ ପିଚକା ନଳୀ ରେ ।
ଆରେ ରାମାରତନ, ଏହି ରୂପେ ହୋଏ ଅନୁମାନ ରେ
ଦୃଶ୍ୟ ନୋହୁଛି ଏଣୁ ଲାଞ୍ଛନରେ, ମୃଦ ହୋଇଛି ପଦ୍ମନୟନରେ ।୫।

ନାୟକପ୍ରତି—

ମୁକୁର ଭଳି ପୂରେ ଆଉଁ ଏ ରୂପେ ହୋଇଲା ଧୂଳି ଧୂସର
ବଦନ ନୋହିଲେ କି ଚନ୍ଦ୍ରମା ହୋଇଲା କମ୍ପା ବାହାର,

ଯାଏ ଭ୍ରମର ହେ
ଆହେ ନୃପନନ୍ଦନ, ସବୁ କହୁଛୁ ତୁମ୍ଭ ନୟନ ହେ ।
କି ମାଦକ କରଛ କି ପାନ ହେ,
କଉଁ ରୂପ କରୁଛ ବା ଧ୍ୟାନ ହେ । (୧୭-୨୦)

(୩) ନାୟିକାର ସ୍ୱୟଂବରକୁ ନିମନ୍ତ୍ରଣ ପାଇ ନାୟକର ଉତ୍ସାହ ବୃଦ୍ଧି-ପ୍ରାପ୍ତ ହେବୁ ଅବସ୍ଥା—କୁମାର ନାୟିକାର ଦେଶକୁ ଯଥାଶୀଘ୍ର ପ୍ରସ୍ଥାନ କରିବା ପାଇଁ ମନ କଲା, ବିଳମ୍ବ ଅସହ୍ୟ ବୋଧହେଲା ।

ଏଣେ କୁମର ଉତ୍ସାହ ବାତ ବହିଲା
ସୁମନ ସୁମନଲତା ଲେଉଟାଇ ଦେଲା ।
ଜ୍ଞାନ ତାଙ୍କର, ମଣିରଜନୀକର,
ଉଡ଼ିଲା କି ବୁଡ଼ିଲା ବିଳମ୍ବ ସାଗର । ୩ ।

ମନମାହୁନ୍ତକୁ ତହିଁ ଗମନଗଜ
ଆକାଙ୍କ୍ଷା କରି ରହିଛୁ ଯେଣ୍ଣୁ ଅତ୍ୟାଜ ।
ଧର୍ମର ବାଟ, ତହିଁ ବ୍ରୀଡ଼ା କବାଟ,
ଲଘନକୁଞ୍ଚିକା ପରଂପରାରୁ ତୁଟ । ୪ ।
(୨୯ଶ ଛାନ୍ଦ, ଲ: ଲୋ:)

ଅଳଙ୍କାର : ବିରୋଧାଭାସ—ଜଙ୍ଗମ, ଶିବ, ସ୍ୱାମ ଓ କୃଷ୍ଣ ପ୍ରଭୃତିଙ୍କ ଲୀଳାର ଚିତ୍ର ପ୍ରଦର୍ଶନ କରିବା ବେଳେ ପଣ୍ଡିତରାଜା ବିରୋଧାଭାସରେ ସ୍ତୁତି କରୁଛନ୍ତି—

ସେବା-କାଶୀ ନାମକୁ କନ୍ଧ,
ସେବକ ଜନେ ଦୟାବନ୍ଧ ।
ଅର୍ଜ୍ଜୁନ ନାଶନରେ ଦକ୍ଷ,
ଅର୍ଜ୍ଜୁନଙ୍କର ମହାପକ୍ଷ ।

କୁଟୀଳ କେଶୀର ଆରତ,
କୁଟିଳକେଶୀ ପ୍ରାଣପତ ।
କୁଣ୍ଡଳୀ ଯାହାର ପୂଜକ,
କୁଣ୍ଡଳୀ ଶିରେ ନୃତ୍ୟସଜ ।
(୧ମ ଛାନ୍ଦ, ଲ: ଲୋ:)

ଦଶାବତାର ସ୍ତୋତ୍ର : ଦୁଇ ଅକ୍ଷର ବଶିଷ୍ଟ ପଦରେ—
ମୀନ—ନମୋ ନମ ମୀନ ନାମନ, ମମାନ ମାନ ମାମାନନ ।

କଚ୍ଛ— × × ×

କୂର୍ମ—କୂର୍ମ କର୍ମ କର୍ମି ମର୍ମକ, କ କ କାମ କୁ କୁ କୁ କକ ।
ବରାହ—ଦଂଷ୍ଟ୍ରିଷ୍ଟ ଦୃଷ୍ଟା ଦୃଷ୍ଟ ଦଂଷ୍ଟ୍ରୀ, ଦଷ୍ଟୀଷ୍ଟୀ ଦଷ୍ଟି ଦୃଷ୍ଟି ଦ୍ୟୋଷ୍ଟି ।
ନୃସିଂହ—ହରି ହଂ ହର ହର ହର, ହା ହା ହୁ ହୁ ର ହ୍ର ହା ହର ।
ପର୍ଶୁରାମ—ଜସ୍ଯ ଦ୍ୱିଜ ଯଦ୍ୱାଜ ଦ୍ୱାଜ, ଯଦ୍ୟାଦ ଯଜ୍ଜା ଦ୍ୱଜେ ଯାଜ ।
ରାମ—ପମ ମମ ମା ରାମର ରାମ, ମାର ରମ୍ୟର ମାର ରାମ ।
ବଳରାମ—ବଲ ବାଲ ବଲ୍ଲବ ବଲ, ବବେଲା ବଲୋ ବଲ ବଲ ।
ବୁଦ୍ଧ—ବୁଦ୍ଧି ବୁଧ ବୁଦ୍ଧି ବବୁଦ୍ଧି, ବେଧା ବଧ୍ୱା ବଧ୍ୱ ବା ଧ୍ୱଧୀ ।
କଲ୍କୀ—କଲ କାଲ କ୍ଲୁନ କଲଙ୍କ, କଲା କଲା, କଲ୍କୀକାଲକ ।
(୧ମ ଛାନ୍ଦ, ଲ: ଲୋ:)

ଶ୍ଳେଷପ୍ରଭଶ୍ଳେଷ—(ରାଜାଙ୍କ ସ୍ତୁତି) 'ବନ୍ଧ' ମଧ୍ୟ ଏଥିରେ ଅଛି ।
ମୂରଜା ବନ୍ଧ—ବନଜ ଅକ୍ଷସ୍ରଜ ନବ, ବନମାଲ ମାଲ ମାନବ ।
ବାହୁଟି ବନ୍ଧ—ନମ ନନ୍ଦନନ୍ଦନ ମନ, ନବ ବର ବର ବରନ ।
ନନ୍ଦନ ବର ବର ବନ, ନବର ବରବ ନନ୍ଦନ ।
(୧ମ ଛାନ୍ଦ, ଲ: ଲୋ:)

ଏପରି କୁଣ୍ଡଳୀ ବନ୍ଧ, ବାହୁଟି ବନ୍ଧ, ଖଡ୍‌ଗ ବନ୍ଧ, ହାର ବନ୍ଧ, କଙ୍କଣ ବନ୍ଧ, ଖଡ୍‌ଗ ବନ୍ଧ, ଅଷ୍ଟଦଳପଦ୍ମ ବନ୍ଧ, ଶମ୍ଭୁ ବନ୍ଧ ଇତ୍ୟାଦି ଊନବିଂଶତି ବନ୍ଧର ସୁନ୍ଦର ପାଠ ଦେଇଛନ୍ତି ।

ଏବନା—ପରବର ଶରକର କରଜ ରଦର ହର ।
ଦରବର ଦ୍ୱରଦର ଦରକର ଆରହର ।

× × ×

ଉରଗର ଖର ଶର ଶରଙ୍ଗର ନରବର ।
କରଦ ରସର ପର ପରମ ରମ୍ୟର ଶର ।
(ସୀତ ଚରଣ: ୧୦ମ ଛାନ୍ଦ, ଲ. ଶ୍ଳୋ:)

ଅନ୍ୟାନ୍ୟ—ଦଉଚ୍ୟୁତାକ୍ଷର, ଶୃଙ୍ଖଳା, ଗୋମୂତ୍ରିକା ଓ ମେଷଯୁଦ୍ଧ ପ୍ରଭୃତିର ସଂଜ୍ଞା, ରୂପର ବନ୍ଧ ଉଦାହରଣ କବି ଲଳିତଲୋଚନାର ଦଶମ ଛାନ୍ଦରେ ଦେଇଛନ୍ତି ।

ଛଳଶ୍ଳେଷ ଓ ବନବାଣୀର ପ୍ରଶଂସା—ସଦାନନ୍ଦ କବିତାରେ ଓ ବଙ୍ଗସମାଜରେ ଛଳଶ୍ଳେଷ ଓ ବନବାଣୀର ପ୍ରଶଂସା କରି ବନ ଗୃହାଣୀର ଶୋଭା ସହିତ ତୁଳନା କରିଛନ୍ତି ।

ବନ ଗୃହିବାର ଶୋଭା,
ବନବାଣୀ ମନଲୋଭା ।
ଛଳଶ୍ଳେଷ ବିନା ଗୀର,
ହୁଅଇ କି ମନୋହର ।

ପ୍ରାନ୍ତଯମକ—ଏଣେ ନୃପ-ନନ୍ଦନ ଏମନ୍ତ କରି
ରଖି ନ ପାରେ ମନ ସେ ମଉକଶ୍ରୀ ।
ରହିଥିଲି ସେ ଅତ୍ୟନ୍ତ ଆଟୋପରେ
ପଡ଼ି ନୃପ ଦୁହିତା ସ୍ନେହ ଟୋପରେ । ୧। (୨୭ଶ ଛାନ୍ଦ)

ଅନୁପ୍ରାସ—କବି ଅନୁପ୍ରାସର ବହୁଳ ପ୍ରୟୋଗ କରି କମନୀୟ ପଦାବଳୀ ସୃଷ୍ଟି କରିଛନ୍ତି, କିନ୍ତୁ ବିଶିଷ୍ଟ ପ୍ରୟୋଗ ସ୍ଥଳରେ ପଦଗୁଡ଼ିକ କୌତୁକପ୍ରଦ ହୋଇଛି ।

ଏ ଗଉଡ଼ ଗୃଷ୍ଟ୍ର ନରେଶ ଗରିଷ୍ଠ ଶିଷ୍ଟ-ସ୍ଥାନ ଶିଷ୍ଟ ବଳିଷ୍ଟ
ଶିଷ୍ଟ ନ କରେ ମୁଷ୍ଟ ଅନ୍ନ ଦେବାରେ ବହୁ ଭୂଦେବ କରେ ରୁଷ୍ଟ ।
ବାଳାରେ, ପ୍ରଷ୍ଟବ୍ୟ ଏଯେ ନୋହେ ଦୁଷ୍ଟ
ଯେ ମନକୁ ଆସେ ବମ୍ନୋଷ୍ଠୀ ଏ ବପୁ ପୁଷ୍ଟ ଏହା ରସିକଇଷ୍ଟ ।୩୧।
(୩୪ଶ ଛାନ୍ଦ, ଲ: ଲୋ:)

'ଗୌଡ଼ଗୃଷ୍ଟ୍ର' ଶବ୍ଦକୁ ଧରି 'ଅନୁପ୍ରାସ' ବ୍ୟବହୃତ ହୋଇଛି । ଏହିପରି ମରହଟ୍ଟାରେ 'ଟ', ମଗଧରେ 'ଧ' ର ବ୍ୟବହାର ଶୈଳୀ ପ୍ରଦର୍ଶିତ ହୋଇଛି । କବିଙ୍କ ଶବ୍ଦସାଗର ଜ୍ଞାନହିଁ ଏହା ପ୍ରମାଣ କରୁଛି ।

ମାନସିକ ବିଶ୍ଳେଷଣ—ବିରହ, ମିଳନାଦି ବର୍ଣ୍ଣନାରେ କବି ଯେଉଁ ଉଚ୍ଚକୋଟୀର ସୂକ୍ଷ୍ମ ମାନସିକ ବିଶ୍ଳେଷଣର ପରିଚୟ ଦେଇଛନ୍ତି ତାହା କବି ପକ୍ଷେ ଅତି ସମ୍ମାନଜନକ । କବି ପ୍ରତ୍ୟେକ ସ୍ତରରେ ନିଜର ପାଣ୍ଡିତ୍ୟ ଓ ଉଚ୍ଚ ସଂସ୍କୃତିର ଛାପ ନାୟକନାୟିକାଙ୍କର ବିଭିନ୍ନ ଲୀଳାରେ ବ୍ୟକ୍ତ କରିଛନ୍ତି । ନିପୁଣ୍ଡଳିକ ବିରହ ବେଦନାରେ କାତର ହୋଇ ସ୍ୱପ୍ରିୟା ନିକଟକୁ ଯେଉଁ ବିନୟପତ୍ର ଲେଖିଛି ସେଥିରେ ଯୌବନୋନ୍ମତ୍ତ ପ୍ରେମିକର ବିରହ ଚିନ୍ତାଧାରା ପ୍ରକାଶ ପାଇଛି ମାତ୍ର । ନାୟିକାପ୍ରାପ୍ତି ପୂର୍ବର ଭାବଭଙ୍ଗୀ ନାୟକର ହୃଦୟକୁ ଉଦ୍‌ବେଳିତ କରିଥିଲେ ମଧ୍ୟ ସେ ଉଚ୍ଚଶିକ୍ଷା, ଜ୍ଞାନ, ଓ ସଂସ୍କୃତିବୋଧକୁ ତ୍ୟାଗ କରି ନାହିଁ ।

ଶ୍ରୀମୁଖ ତୋହର ସୁଧା ଦେଖିବାରୁ ରାହୁ ପ୍ରାୟେ ମନ ହେଉଛି
ସବୁ ପ୍ରକାରେ ଲୋଭହିଁ ବଢୁଛି
ସେ ଦେନ ଖଣ୍ଡେ ହେଲେହେଁ ଏ ବେନଙ୍କି
ତହିଁରୁ ସ୍ନେହ ଗୁଡ଼ୁଛିରେ ସୁନ୍ଦରୀ ।

ସୁଖୀ ନ ଜାଣଇ ଦୁଃଖୀ ବେଦନା ସେ ପ୍ରକାରେ ନୋହିବୁଟି ନବୀନା
ସାଧାରଣ ନୁହେଁ ବିରହ କଷଣ, ମୋହ ମନ ସାକ୍ଷୀ ସିନାରେ । ସୁନ୍ଦରୀ ।

ସବୁଛି ଏଠାରୁ ଏ ଜନ୍ମ ମୋହର ସୁମୁଖୀ ରୁ କଲେ ନିରାଶ
ମାରଗାମ୍ନ ନୋହିବୁ ଯେବେ ବଶ,

ସଂସାରେ ଖ୍ୟାତ ନୋହିବ କି, ଏକଥା
ହେବ ପରି ଉପହାସରେ । ସୁନ୍ଦରି ।

ସାନୁରାଗୀତ ମୁଁ ନିନ୍ଦା ପସରି   ସୁହୃଦୟଙ୍କୁ ଦିଶିବ ପରି
ସନ୍ତତରେ ୯ଟେ ଚିତ୍ତରେ ଆଭିଷେ କି ଲେଖିବି ତୁ ତ ଥିରିରେ । ସୁନ୍ଦରି ।

ସମ୍ୟକ ପ୍ରକାରେ କବି ଶ୍ରମ ଯେତେ   ଆନଙ୍କୁ ନୋହିଇ ଗୋଚର
ସମର୍ଥ ସେ ଦୋଷଗ୍ରାହୀ ମାତର

ସୂକ୍ଷ୍ମ ମନରେ ଯେ ବିଚାରିଇ ରସେ
ହୋଇଯାଏ ଜର ଜରରେ । ସୁନ୍ଦରି ।

ସେ ପ୍ରକାରେ ମୋ କ୍ଲେଶକୁ ବିଚାରି   ଶୁଦ୍ଧାଶୁଦ୍ଧ ଦୋଷ ଥିଲେ କିପରି
ସମ୍ଭାଳି ସ୍ୱାର୍ଥକର ତାହା ଘେନ ମୁଁ ବିବେକିନୀ ପ୍ରାଣେଶ୍ୱରୀରେ । ସୁନ୍ଦରି ।

(୩୨ଶ ଛାନ୍ଦ, ଲ: ଲୋ:)

ପ୍ରକୃତି ବର୍ଣ୍ଣନା : ବନ—କାନନର ପ୍ରଧାନ ଉପାଦାନ ବୃକ୍ଷ ଓ ସୁମନ ବର୍ଣ୍ଣନାରେ କବି ନବ ନବ ଶୈଳୀ ବ୍ୟବହାର କରି ଚିତ୍ରଗୁଡ଼ିକୁ ଜୀବନ୍ତ କରିବା ସଙ୍ଗେ ସଙ୍ଗେ ସ୍ୱ କଳ୍ପନା ଶକ୍ତି ଓ ଲିଖନ ଭଙ୍ଗୀର ଗାମ୍ଭୀର୍ଯ୍ୟର ପରିଚୟ ଦେଇଛନ୍ତି । ନିପୁଣ ଉଲକର ମୃଗୟାବନର ଶୋଭାକୁ ଦେଖି କବି ତାହାକୁ କୃଷ୍ଣଲୀଳା ସହିତ ତୁଳନା କରିଛନ୍ତି । ମଥୁରା, ନୀଳାଚଳ, କଇଲାସ ସହିତ ମଧ୍ୟ ତୁଳନା କରି ସ୍ଥଳର ମର୍ଯ୍ୟାଦା ବୃଦ୍ଧି କରିଛନ୍ତି । ମହାଭାରତ, ଭାଗବତ ଓ ରାମାୟଣ ସହିତ ମଧ୍ୟ ସୂକ୍ଷ୍ମ ଭାବରେ ଲକ୍ଷ୍ୟ ଦେଇଛନ୍ତି । ବୃକ୍ଷାଦିର ନାମହିଁ ଉପମାର ଅବଲମ୍ବନ । ମଧୁମଙ୍ଗଳ ତହିଁରେ ଥିବାରୁ କୃଷ୍ଣମୂର୍ତ୍ତି ସଖା ସଙ୍ଗେ ମିଳିଛନ୍ତି । କଂସ ଥିବାରୁ ମଥୁରାପୁରୀ, ସୁଦର୍ଶନ ଥିବାରୁ କ୍ଷେତ୍ରବର ନୀଳାଚଳ ଓ ଅପର୍ଣ୍ଣା ରୁଦ୍ରଜଟା କୁସୁମରେ ଶୋଭା ପାଉଥିବାରୁ କୈଳାସ ପରି ଜଣାଯାଉଛି ।

ଭାଗବତ କେଉଁଠାରେ ସୁଫଳ ଝଡ଼ି,
ହରିବଂଶ ଦେଖିବାରୁ ସଂଶୟ ଛାଡ଼ି ।

ଯାତକାଣ୍ଡ ହୋଇଅଛୁ କେବଣ ତରୁ,
ଗ୍ରାମ ଶବ୍ଦ ଖ୍ୟାତ ତହିଁ ଅତ୍ୟନ୍ତ ଗୁରୁ ।.
(୧୩ଶ ଛାନ୍ଦ, ଲ:ଲୋ:)

କବି ବନକୁ ନାରୀ ଓ ରଥ ସହିତ ମଧ୍ୟ ତୁଳନା କରିଛନ୍ତି । ବନଟି ଉପବନ ସଦୃଶ ନାନା ପୁଷ୍ପରେ ଶୋଭା ପାଉଛି । ଏହା ପାର୍ଶ୍ୱରେ ସୁନ୍ଦର ଗିରି ରମଣୀର ଉଚ୍ଚ କଠିନ ଉରଜ ତୁଲ୍ୟ ଦେଖାଯାଉଛି । "ଯେଣୁ ସେ ରଥାରୂଢ଼, ଲତାମଣ୍ଡଣୀ ଯୁତ, ପତାକା ଉପରେ ଯାହା ପକ୍ଷୀ ଉଡ଼ନ୍ତି ଯେ ।" ରଥର ଆକାର, ମଣ୍ଡଣୀ ଓ ପତାକାକୁ ଏଥିରେ ଲକ୍ଷ୍ୟ କରାଯାଇଛି ।

ବସନ୍ତ ଋତୁରେ ବନବିହାର ପ୍ରସଙ୍ଗରେ ସଦାନନ୍ଦ 'ଲଳିତଲୋଚନା'ରେ ଛୁରିଅନା ପୁଷ୍ପର ଉଲ୍ଲେଖ କରି କହିଛନ୍ତି, ଛୁରିଅନା ନାମ ଶୁଣି ବିରହିଣୀମାନେ ଭୟ ପାଇ ଆରାମ-ଉପବନରେ ଏକାଲରେ ଭ୍ରମଣ କରନ୍ତି ନାହିଁ । ନାମ ଭିତରେ ଥିବା 'ଛୁରି'ହିଁ ବିରହିଣୀ ପକ୍ଷରେ ଭୟର କାରଣ; ଏକେତ ବିରହବ୍ୟଥା ମନଶରୀରକୁ ଅଶେଷ କଷ୍ଟ ଦେଉଛି, ସେଥିରେ ପୁଣି ଛୁରିର ଆବିର୍ଭାବ ଜୀବନକୁ ଶେଷ କରିବ । ଭାବଟି ସୁନ୍ଦର କଳ୍ପନାର ପରିଚୟ ଦେଉଛି । ଦୀନକୃଷ୍ଣ ମଧ୍ୟ ଭାବପ୍ରକାଶକ ସୁନ୍ଦର ପଦାବଳୀ ମଧ୍ୟରେ ବସନ୍ତ ଋତୁରେ ବନବିହାର ପ୍ରସଙ୍ଗର ରଚନା କରିଛନ୍ତି ।

ସଦାନନ୍ଦ—

ଛୁରିଅନା ନାମ ଶୁଣି   ଭୟ ଲଭି ବିରହିଣୀ
ସଖୀ ସଙ୍ଗେ ଆରାମେ ନ କଲେ ଭ୍ରମଣି, ଏକାଳେ । ୭ ।
(୪୩ଶ ଛାନ୍ଦ, ଲ: ଲୋ:)

ଦୀନକୃଷ୍ଣ—

କୁସୁମ ଉତ୍ତମ ବାସ ମନୋରମ ନାମ ମାଦକ ଛୁରିଅନା ।
କର୍ଣ୍ଣେ ପଥେ ଶୁଣି ପ୍ରବାସୀରମଣୀମାନେ ହୁଅନ୍ତି ଷଣ୍ଡମନା ।

ଜଣି ଅଲଙ୍କାରରେ ଲୋକ ବ୍ୟବହାର—ନବପରିଣିତ ନାୟକ ଓ ନାୟିକାର ପ୍ରଥମ ରଜନୀର ଆଗମନରେ ଯେଉଁ ଭାବରାଜି ଉଦ୍ରେକ ହୁଏ ତାହାର ଅନୁକୂଳ ପରିବେଷ୍ଟନୀର ଏକ ଚିତ୍ର କବି ଲଳିତଲୋଚନାରେ (୩୬ଶ ଛାନ୍ଦ) ଦେଇଛନ୍ତି । ଏହି ଜଣିଚଜ ସର୍ବୋତୋଭାବରେ ଅନୁକୂଳ ହେଲେ ମଧ୍ୟ "ଦୂତ ବିଟ ଚେଟ"ଙ୍କ ସମୟୋଚିତ ବ୍ୟବହାର ସହିତ ବିଟ ପୁରୁଷ ଓ ବିଟରମଣୀଙ୍କ ଅବୈଧ ପ୍ରେମର ଚଜଟି ସମର୍ଥନଯୋଗ୍ୟ ନ ହେବା ଆଶଙ୍କାରେ କବି 'ଲୋକ ବ୍ୟବହାର'ର ଆଶ୍ରୟ ନେଇ ଏହାକୁ ସିଦ୍ଧ କରିଛନ୍ତି । ସାମାଜିକ ଦୃଷ୍ଟିରେ ଏହାର ଉଚ୍ଚ ସ୍ଥାନ ନଥିଲେ ମଧ୍ୟ 'ବିଟ' ପ୍ରେମିକ-ପ୍ରେମିକାଙ୍କ ସମାଜ ବହିର୍ଭୂତ ବ୍ୟବହାର 'ପ୍ରେମରାଜ୍ୟ'ର ଏକ ଅପରିହାର୍ଯ୍ୟ ଅଙ୍ଗରୂପେ କବି ପରଂପରା-ଅନୁମୋଦିତ ପନ୍ଥା ଅନୁସରଣ କରି ଚଜଣ କରିଛନ୍ତି । ସମାଜରେ ବିଟପୁରୁଷ ଓ ବିଟରମଣୀଙ୍କ ଅବୈଧ ପ୍ରେମ ଦୋଷସ୍ୱରୂପ ଗୃହୀତ ହୋଇଛି । ଏହାର ବିରୋଧ କାର୍ଯ୍ୟାବଳୀ ବର୍ଣ୍ଣନା କରି ଅବୈଧ ଆଚରଣକୁ କବି ସମର୍ଥନ ଜଣାଇଥିବା ଅନୁମାନ ଠିକ୍ ହେବ ନାହିଁ । କେବଳ ଯାହା ଘଟୁଛି ବା 'ଲୋକ ବ୍ୟବହାର' ଯେପରି ଦିଶୁଛି ତାହାକୁ ହିଁ କବି ଚିତ୍ରିତ କରିଛନ୍ତି ।

ଅନ୍ଧକାର ଜଣି ଘନାଚ୍ଛନ୍ନ ପୁଷ୍ପବତୀ ପରିଚ୍ଛେ ଉକ୍ତ ହୋଇଛି, ନେତ୍ର ଥିଲେ ମଧ୍ୟ ନଥିଲା ପ୍ରାୟେ ବ୍ୟବହାର କରୁଛି । ନେତ୍ରର କଜ୍ଜ୍ୱଳଧ୍ୱଜରେ ଆଦର ହେବାରୁ 'ନିକଟରେ ବ୍ୟକ୍ତି ଅଗୋଚର' ହେଉଛନ୍ତି । ପରିଚୟ ପ୍ରଶ୍ନ କଲେ 'ହଁ' 'ନାଁ' ବ୍ୟତୀତ ଆଉ କିଛି କହୁ ନାହାନ୍ତି ।

ପଚାରିଲେ ନାମ ଗୋପ୍ୟ କଲେ,
ଏକାକ୍ଷର ଆପେ ବୋଲାଇଲେ ।
ମୁଖ ସ୍ୱର କେବା ଅନୁମାନ,
କରି ଚହ୍ନିଲେ ଆପଣା ଜନ ।
ତନୁକାନ୍ତି ଆମୁଧ ଚଞ୍ଚଳ
ହୋଏ ଯେହ୍ନେ ପଟ ନିର୍ମଳ ।

ଦୂତୀମାନେ କଲେ ଚେଷ୍ଟା ଗତ,
ଦୂତି ବିଟ ଚେଟ ଏହି ମତ ।

'ପଥିକ ବଣିକ' ଓ 'ସୁନାରୀ' କଥୋପକଥନ ଅତି କୌତୁକ ସୃଷ୍ଟି କରି ପାରିଛି ।

କାହା ଦ୍ୱାରେ ପଥିକ ବଣିକ
କହେ କିଣିମ ରତ୍ନ ନାୟକ ।
ପଦ୍ମକରେ ମଣ୍ଡିଲେ ଉତ୍ତମ,
ଶୁଣି ପ୍ରବୀଣା ବାଣୀ ଜନମ ।
ସୁନାରୀ କି କହି ଥିବେ କହ କାହିଁ
ଆମ୍ଭେ ତହିଁକି ଗ୍ରାହକ ନୋହୁ ।
ନାରୀକେଲ ବତି ସେ ରସିକା,
ପଛେ ସ୍ୱଚ୍ଛେ ହେଲା ପ୍ରାଣାଧିକା ।

ଏହି 'ସ୍ୱୈରରାଜ୍ୟ'ରେ ଏହି 'ନଷ୍ଟଦୂତୀ'ମାନଙ୍କର ବ୍ୟବହାର ଏହିପରି ବୋଲି କହି କବି 'ଗ୍ରନ୍ଥ ବହୁଳ ଭୟେ' ଅଧିକ ବିସ୍ତାର ନକରି କ୍ଷାନ୍ତ ହେଲେ ।

ଛଦ୍ମବେଶଧାରୀ ସ୍ୱାମୀ ଓ ସ୍ତ୍ରୀଙ୍କ 'ଅବୈଧ ପ୍ରଣୟ' ପ୍ରସଙ୍ଗଟି ହାସ୍ୟୋଦ୍ଦୀପକ ହୋଇଥିଲେ ମଧ୍ୟ ରୁଚିକର ହୋଇନାହିଁ ।

କେଉଁ ନାରୀ ଧରି ପୁଂସ ବେଶ
କରେ ଗମନ ହୋଇ ଆବେଶ ।
ତାର ପତି ନାରୀ ରୂପ ମତେ
ହେଲେ ପ୍ରବେଶ ଏକ ସଙ୍କେତେ ।
ସ୍ୱକୀୟାରେ ପରକୀୟ ରସ
ସମ୍ପାଦରେ ହେଲା ଉପହାସ ।
ଯେ ଯାହାର ପ୍ରୀତି ସଙ୍ଗତରେ,
ହାସ୍ୟରସେ ତାଳ ଦେଇ କରେ ।

ଏହି ଚଉ ପଙ୍‌କ୍ତି 'ଅଙ୍ଗ ଯୁବାନାଶ୍ୱ ବଙ୍ଗ ପ୍ରୌଢ଼ାଙ୍କୁ ଲୁହିନ୍ତ ସରି' ଉପାଖ୍ୟାନଟି ରୁଚିକୁ ଅଧିକ ଗର୍ହିତ କରି ଦେଉଛି । କବି ଯେ ଏହା ରୁଚି-ଗର୍ହିତ ବୋଲି ନଜାଣି ଏପରି ଲେଖିଛନ୍ତି ଏହା କହି ହେବ ନାହିଁ, କେବଳ 'ଲୋକ ବ୍ୟବହାର'ର ଚିତ୍ର ଦେବା ଉଦ୍ଦେଶ୍ୟରେ ଏହା ବର୍ଣ୍ଣନା କରିଛନ୍ତି, ପ୍ରଶ୍ରୟ ଉଦ୍ଦେଶ୍ୟରେ ନୁହେଁ ।

ଏ ରୂପେ ଲୋକ ବ୍ୟବହାର
ଘୋର ତମିର ଘୋଟି ସଂସାର । (୩୬ଶ ଛାନ୍ଦ)

ପ୍ରଭାତ—ସଦାନନ୍ଦ ଏକାଧିକ ସ୍ଥାନରେ ପ୍ରଭାତର ବର୍ଣ୍ଣନା କରିଥିଲେ ମଧ୍ୟ ଲଳିତଲୋଚନାର ଅଷ୍ଟାଦଶ ଛାନ୍ଦର କ୍ଷୁଦ୍ର ବର୍ଣ୍ଣନାଟି କବିତ୍ୱପୂର୍ଣ୍ଣ ହୋଇଛି ଏବଂ ଏହି କେତୋଟି ପଂକ୍ତି ଉପେନ୍ଦ୍ର ଭଞ୍ଜାଦି କବିମାନଙ୍କ ବର୍ଣ୍ଣନାର ପଂକ୍ତିମାନଙ୍କ ସହି ତୁଳନୀୟ ।

ଏମନ୍ତେ ନିଦ୍ରା ଆବେଶ । କ୍ରମେ ହେଲା ନିଶି ଶେଷ ।
ଦିଶିଲା ଦିଶ ଅରୁଣ । ଉଦେ ଅରୁଣ ସ୍ନେହ । ୫୭ ।
କିବା ଚନ୍ଦ୍ର ଦୁଃଖ ଚନ୍ଦ୍ର । ନକ୍ଷଘାତକୁ ଏ ଚନ୍ଦ୍ର ।
ପେଷିଲେ ଆତ ନାଶନ । ରଜତ ବର୍ଣ୍ଣ ସ୍ନେହ । ୫୮ ।
କି ଅବା ସେ ଆଶା ନାଶି । ଏ ସୁବର୍ଣ୍ଣ ସ୍ଥାଳୀ ଧରି ।
ଅବର ପୂରିତ କରି । ଖେଳ ବାହାର ସ୍ନେହ । ୫୯ ।
ଦେଖି ତା କଳିନାୟକ । ହୃଦରେ ରହିଲା ଦକ ।
ପଳାଇ ଲୁଚ ସତ୍ୱରେ । ମେରୁ ପଛରେ ସ୍ନେହ । ୬୦ । × ×
(୧୮ଶ ଛାନ୍ଦ ।)

ପୁଣି ଅନ୍ୟ ସ୍ଥାନରେ ପ୍ରଭାତର ବର୍ଣ୍ଣନା—

ଏକାଳେ ଅରୁଣ ଉଦେ ପ୍ରାଚୀରେ
ସିନ୍ଦୂର କି ଦିଗଙ୍ଗନା ଭାଲରେ ।

ହୋଇଲେ ଯା କୋକ-ମିଥୁନ ସ୍ତନ
ଅମ୍ବର ଝୀନ ଅମ୍ବରେ ଶୋଭନ ।
ପକ୍ଷୀ କଳ କଳ, ନୂପୁର ଝୁଣ୍ଟି ଆଦି ଚହଳ । ୪୫ ।
(୮ମ ଛାନ୍ଦ)

ସନ୍ଧ୍ୟା—ଏମନ୍ତରେ ହେଲା ଦିବସ ଶେଷ,
ହୋଇଲା ନିଶି ଆଦ୍ୟ ପରବେଶ ।
ଏହି ବିଚକ୍ଷଣ ଇଚ୍ଛା ହୋଇଲା,
ଗଙ୍ଗା ତରଙ୍ଗେ କାଳିନ୍ଦୀ ମିଶିଲା ।
ତାରାଗଣ ମାନ, ସୂର୍ଯ୍ୟ କମଠ ଅସ୍ତ କ ମଜ୍ଜନ । ୩୫ ।
(୮ମ ଛାନ୍ଦ, ଲ: ଲୋ:)

କବିଙ୍କ ପ୍ରପଞ୍ଚଜ୍ଞାନ: ଭୌଗୋଳିକ ଜ୍ଞାନ—ସଦାନନ୍ଦ ତାଙ୍କର ରଚନାମାନଙ୍କ ଭିତରେ ଏକାଧିକ ସ୍ଥାନରେ ପ୍ରସଙ୍ଗକ୍ରମେ ଭାରତର ବିଭିନ୍ନ ରାଷ୍ଟ୍ରର ନାମକରଣ କରିଛନ୍ତି । ନାୟିକାର ସ୍ୱୟମ୍ବର, ଭାଟର ଦେଶ ପର୍ଯ୍ୟଟନ, ଜଙ୍ଗମର ଚିତ୍ରପଟ ପ୍ରଦର୍ଶନାର୍ଥେ ବିଭିନ୍ନ ଦେଶଗମନ ପ୍ରଭୃତି ସ୍ଥଳରେ ଏହି ଦେଶଗୁଡ଼ିକର ନାମକରଣ କରିଛନ୍ତି ।

ଓଡ଼ରାଷ୍ଟ୍ର, ଓଡ଼୍ର ରାଷ୍ଟ୍ର, ମଗଧ, କଳିଙ୍ଗ, ଗୁଜରାଜ, ମରହଟ୍ଟ, ମହାନଗ୍ର, ତେଲଙ୍ଗ, ଗଉଡ଼ । (୨୪ଶ ଛାନ୍ଦ, ଲ: ଲୋ:)

ଶକୁନ—ଶାସ୍ତ୍ରାଭ୍ୟାସରୁ ଓ ପର୍ଯ୍ୟବେକ୍ଷଣ ବଳରୁ କବି ସ୍ୱଗ୍ରନ୍ଥରେ ଶୁଭ ଓ ଅଶୁଭ ଶକୁନର ପୂର୍ଣ୍ଣଚିତ୍ର ଏକାଧିକ ସ୍ଥାନରେ ବ୍ୟକ୍ତ କରିଛନ୍ତି । 'ବାମେ ଶିବଶିବା ଗୌରୀ' ଇତ୍ୟାଦି ବାକ୍ୟର ସୂଚନା ସହିତ ଦେଶଜ ରୀତିସମ୍ଭୂତ ବହୁ ସଙ୍କେତର ସେ ଉଲ୍ଲେଖ କରିଛନ୍ତି । ଅନୁକୂଳ ବେଳେ 'ଧୀବରି ମତ୍ସ୍ୟ ଉଚାର', ଗୋପୀମାନଙ୍କର ଦଧି ଦଧି ବାଣୀ, ଦେବାଳୟରେ ଶଙ୍ଖଧ୍ୱନି, ଦକ୍ଷିଣ ପାର୍ଶ୍ୱରେ ମୃଗ, ଗାବ ଓ ବ୍ରାହ୍ମଣଙ୍କ ଗତି, ବାମରେ ଶବ-

ଶିବାକୁଳଙ୍କ ଗତି, ଜଳପୂର୍ଣ୍ଣ କୁମ୍ଭ, ସମ୍ମୁଖରେ ନକୁଳର ଗତି—ଏସବୁ ଶୁଭଶକୁନ । (୯୮ଶ ଛାନ୍ଦ, ୪ର୍ଥ ଶ୍ଳୋ:)

ଯୋଗ ସାଧନା—ସଦାନନ୍ଦ ଧ୍ୟାନସ୍ଥ ଯୋଗୀମାନଙ୍କର ଏକ ଚିତ୍ର ଦେଇଛନ୍ତି । ସେମାନଙ୍କର ବନରେ କଠୋର ସାଧନା ବନାନ୍ତର ଅନୁକୂଳ ବାତାବରଣ ଯୋଗୁଁ ହିଁ ସମ୍ଭବ ହୋଇଛି । ବନର ବୃକ୍ଷରାଜି ତପସ୍ୱୀମାନଙ୍କ ତୁଲ୍ୟ ଦେଖାଯାଉଥିବା ଦୃଶ୍ୟ ବର୍ଣ୍ଣନାରେ କବିକଳ୍ପନାର ବିଶେଷତ୍ୱ ପ୍ରକାଶ ପାଉଛି ।

ଦେବ ଖାତ ସହିତ ମୁନିମାନଙ୍କ ସ୍ଥିତି
ଯୋଗ ସାଧନାରେ ସର୍ବେ ଧ୍ୟାନ ରହନ୍ତି ।

ସେମାନେ ବ୍ରହ୍ମଲୟରେ ପଦ୍ମାସନରେ ବସିଛନ୍ତି । ଅମ୍ବୁପୂର୍ଣ୍ଣ କମଣ୍ଡଳୁ ସମ୍ମୁଖରେ ସ୍ଥାପିତ ହୋଇଛି । ଅଙ୍ଗୁଳି ଛନ୍ଦାଛନ୍ଦି ହୋଇଛି, ଊର୍ଦ୍ଧ୍ୱକୁ ଭୁଜ ଟେକିଛନ୍ତି । କେ ବା ଦୁଇ ପାଦକୁ କାନ୍ଧରେ ରଖିଛନ୍ତି ଏବଂ କେହି ବା ଚକ୍ଷୁକୁ ଊର୍ଦ୍ଧ୍ୱରେ ରଖିଛନ୍ତି । କେ ବା ହସ୍ତକୁ ଧରଣୀ ଉପରେ ନ୍ୟସ୍ତ କରିଛନ୍ତି ଏବଂ ନାଭିକମଳରୁ ପବନ ଉଠାଣି ବହୁଛି । କିଏ ବା ବୃକ୍ଷରେ ପାଦକୁ ବାନ୍ଧି ତଳକୁ ମୁଣ୍ଡ କରିଛନ୍ତି । କେହି କେହି ଗରୁଡ଼ାଦି ନାନା ଆସନ କରି ସମୀର ଧାରଣ କରୁଛନ୍ତି ।

କିନ୍ତୁ 'ନୟନ ମନଗୋଚର ନୋହେ ସମାନ' ହିଁ ବୃକ୍ଷ ଓ ଯୋଗୀଙ୍କ ପ୍ରଭେଦ ପ୍ରକାଶ କରୁଛି । (୧୪ଶ ଛାନ୍ଦ)

ଏହି ଦୃଶ୍ୟ ବନବହୁଳ ଓଡ଼ିଶାରେ ବହୁ ପ୍ରାଚୀନ କାଳରୁ ଦେଖାଯାଉଥିଲା । ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପର୍ବତ କୋଟରମାନଙ୍କରେ ବୈଷ୍ଣବ, ଶୈବ, ଶାକ୍ତ ଓ ବୌଦ୍ଧ ତାନ୍ତ୍ରିକମାନଙ୍କର ସାଧନା ପୀଠ ଥିଲା । କବିଙ୍କର ଏହି ସୂଚନା ସମସାମୟିକ ଘଟଣାର ଫଳ ନ ହେଲେ ମଧ୍ୟ ପ୍ରାଚୀନ ସ୍ମୃତିର ପ୍ରଭାବ ଏଥିରେ ଥିବା ସ୍ୱାଭାବିକ ।

ହିତବାଣୀ: ଗୁଣ—ଗୁଣ ନଥାଇ ଯାହାର, ପଶୁ ହେଲେ ନରାକାର ।
ଯେସନ ମଙ୍ଗଳବାର, ଅମଙ୍ଗଳ ଚେଷ୍ଟା କର ।
ତେସନ ନାମ ମାତର, ଆଣ୍ଠୁ କି କୂଆପଥର ।
ଗୁଣ ପାଇଁ ବନବାସୀ, ପକ୍ଷୀଙ୍କି ଆଦରେ ପୋଷି ।

ସମାଜରେ ଅଗୁଣୀଙ୍କ ସଂଖ୍ୟା ହିଁ ବେଶି ଥିବା କବି ଉପଲବ୍ଧି କରି ଗୁଣ ଓ ଗୁଣୀଙ୍କର ପ୍ରଶଂସା କରିଛନ୍ତି । ଗୁଣହିଁ ମନୁଷ୍ୟର ପ୍ରକୃତ ଶୋଭାର ମାନଦଣ୍ଡ; ମନୁଷ୍ୟ ଆକୃତି ଏକ, ଗୁଣରେ ଊଣା ଅଧିକ । ଗୁଣ୍ୟପ (ଗୁଣୀ)ଙ୍କ ଗୁଣ ଭିତରେ ବିନମ୍ର ସର୍ବଶ୍ରେଷ୍ଠ ଏବଂ ଏହି ବିନମ୍ରତାଦ୍ୱାରା ଗୁଣୀର ଗୌରବ ବୃଦ୍ଧି ହୁଏ । ବିନମ୍ରହିଁ ଗୁଣୀର ଅଳଙ୍କାର । "ନମ୍ର ହୋଇ ସଙ୍ଗରେ, କୋଦଣ୍ଡଟି କାର୍ଯ୍ୟ କରେ ।"

କିନ୍ତୁ ଗୁଣର ଆଦର ଗ୍ରାହକ ଯୋଗୁଁ ହୁଏ । ଗୁଣୀ ଓ ଗ୍ରାହକ ଉଭୟେ ବିଦ୍ୟମାନ ନ ରହିଲେ ଗୁଣର ଆଦର ଓ ମର୍ଯ୍ୟାଦା ରହେ ନାହିଁ । କବି ସୁନ୍ଦର ଭାବରେ ଉଦାହରଣସହ ଏହାକୁ ବୁଝାଇଛନ୍ତି । ଉତ୍ତମ ଜନଙ୍କ ଆଗରେ ଗୁଣ ପ୍ରକାଶ କରିବା ଉଚିତ, ମୂର୍ଖଙ୍କ ଆଗରେ ଗୁଣ ପ୍ରକାଶ କଲେ ଉପହାସ କେବଳ ସାର ।

ସ୍ଥାନେ ନ ରସେ କେ ପୁଣ, ଆନ ସ୍ଥାନେ ବୋଲି ତୃଣ ।
ଦେଖ ଦନ୍ତ ନଖ କେଶ, ସ୍ଥାନ ବିହୀନେ ଅସ୍ପୃଶ୍ୟ ।
ଏଣୁ ଉତ୍ତମ ଆଗରେ, ପ୍ରକାଶି ଗୁଣ ବେଗରେ ।
ପିଶୁନେ କଲେ ପ୍ରକାଶ, ଫଳ ପାଇ ଉପହାସ ।

କବି ଏହି ପିଶୁନଙ୍କ ସମ୍ପର୍କରେ ଗୁଣ ପ୍ରକୃତିର କେତୋଟି ସୁନ୍ଦର ଦୃଷ୍ଟାନ୍ତ ଦେଇଛନ୍ତି । ସାମାଜିକ କ୍ଷେତ୍ରରେ ଏହାର ପ୍ରଭାବ କମ୍ ନୁହେଁ । ସମାଜରେ 'ହାଲକ'ମାନଙ୍କର ସ୍ଥାନ ନ୍ୟୂନ ନ ହେଲେ ମଧ୍ୟ ଗୁଣଗ୍ରାହକତାରେ

ଏମାନଙ୍କର ସୁନାମ ନଥିବା ଏକ ବୋଲି ଦେଶରେ ପ୍ରଚଳିତ ଅଛି । ତାକୁ ଲକ୍ଷ୍ୟକରି କବି ଉଦାହରଣ ଦେଇ ବୁଝେଇଛନ୍ତି—

ହାଲିକ ଗ୍ରାମେ ଯେସନ, ଅଶୋଭି ସୁନ୍ଦର ଜନ ।
ଦେଖିଲେ କୋମଳ ଦେହ, ବୋଲନ୍ତି ତାଙ୍କୁ ବିଗ୍ରହ ।
ନ ହେଲେ ସ୍ଥୂଳ ଅଙ୍ଗ, କହନ୍ତି କାମଳ ରୋଗ ।
ଗୁହିଁଲେ ନୟନ କୋଣେ, ଚୋର ନାମ କହି ଏଣେ ।

(୧୦ମ ଛାନ୍ଦ, ଲ: ଲୋ:)

ଅନୁଚିନ୍ତା—ସଦାନନ୍ଦ ଲଳିତ ଲୋଚନାରେ ନାୟକ ଓ ନାୟିକାର ଅନୁଚିନ୍ତା ଏକାଧିକ ଛାନ୍ଦରେ ଅତି ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି । ନବ ପରିଣିତ ଦମ୍ପତିଙ୍କ ପକ୍ଷରେ ସମ୍ବନ୍ଧର ପ୍ରତ୍ୟେକ ଦିଗ ପ୍ରେମରସାଶ୍ରିତ ଓ ଶୃଙ୍ଗାରପ୍ରଧାନ ହେବା ସ୍ୱାଭାବିକ । କବି ପ୍ରେମିକ ପ୍ରେମିକାଙ୍କର ପ୍ରେମ-ଜୀବନର ବିଭିନ୍ନ ଭାବରାଜିକୁ ଅମର ଅମୃତପଦାବଳୀରେ ବର୍ଣ୍ଣନା କରି ଏକ ଅଭିନବ ସୁନ୍ଦରୀ କାବ୍ୟଲଳନା ସୃଷ୍ଟି କରିପାରିଛନ୍ତି ଓ ତାଙ୍କ ଲେଖନୀ ଧନ୍ୟ ହୋଇଛି ।

ଓଡ଼ିଆ ପ୍ରେମକାବ୍ୟ ଜଗତରେ ସଦାନନ୍ଦଙ୍କର କାବ୍ୟସୃଷ୍ଟି ତାଙ୍କର ନାମକୁ ଅମର କରି ରଖିଛି ଏବଂ ତାଙ୍କୁ ଜଣେ ଶୀର୍ଷଶ୍ରେଣୀସ୍ଥ କବିର ଆସନ ଦେଇଛି ।

ଲଳିତଲୋଚନା ପ୍ରଥମ କାବ୍ୟ—କବି ପ୍ରଥମେ ଛୋଟ ଛୋଟ ବହୁ କବିତା ଲେଖିଥିଲେ । 'ଲଳିତଲୋଚନା'ଟି ତାଙ୍କର ପ୍ରଥମ କାବ୍ୟ ଥିବା ଅନୁମିତ ହୁଏ ।

ମୋହନ କଳ୍ପଲତା କାବ୍ୟର ଶେଷ ଛାନ୍ଦରେ କବି ଯେଉଁ ଗ୍ରନ୍ଥ-ତାଲିକା ଦେଇଛନ୍ତି ସେଥିରେ କାବ୍ୟମାନଙ୍କ ଭିତରେ ପ୍ରଥମରୁ ଲଳିତ ଲୋଚନାର ନାମ ଦେଇଛନ୍ତି । ଏହାପରେ ଯୁଗଳରସାମୃତଲହରୀର ନାମ ଦିଆଯାଇଛି ।

ଉତ୍କଳ ବଙ୍ଗ ଖୁରୁଠା ବିସ୍ତୃତାମାନ
ଏ ପ୍ରକାରେ କହୁ କହୁ କରିଛୁ ବର୍ଣ୍ଣନ । ୨ ।

ଚଉପଦୀ ଚଉତିଶା ବୋଲି ଅଛୁ ଯେତେ
କେଉଁ ଦେଶେ କେଉଁଠାରେ ପ୍ରକାଶ ଜଗତେ । ୩ ।

ଲଳିତଲୋଚନା ଗ୍ରନ୍ଥ ବାଉନ ଛାନ୍ଦରେ
ସମ୍ପୂର୍ଣ୍ଣ ହୋଇଛୁ ଜାଣ କଳ୍ପନା ବେଗ୍ରରେ । ୪ ।

ଶ୍ରୀ ଯୁଗଳ ରସାମୃତ ଲହରୀ ପ୍ରବନ୍ଧ
ରାଧାକୃଷ୍ଣ ପୂର୍ବରାଗ ଅଠାବନ ଛାନ୍ଦ । ୫ ।

ପୁଣି 'ଯୁଗଳରସାମୃତଲହରୀ' କାବ୍ୟର କେତେକ ଛାନ୍ଦର ରାଗ ନିର୍ଦ୍ଦେଶରେ ଲଳିତଲୋଚନାର କେତେକ ଛାନ୍ଦର ପ୍ରଥମ ଚରଣର ଉଲ୍ଲେଖ କରିଛନ୍ତି ।

(୧) ୩୪ଶ ଛାନ୍ଦ—ରାଗ ମୁଖାରି—ଲଳିତଲୋଚନା ନୟନ ମିଳନ ବାଣୀ ।

(୨) ୫୧ଶ ଛାନ୍ଦ—ଲଳିତ ଲୋଚନା ନାୟିକ ଚାଟୁ ବାଣୀରେ ।

ଲଳିତଲୋଚନାର ପ୍ରଥମ ଛାନ୍ଦରେ କବି 'କବିସୂର୍ଯ୍ୟ ବ୍ରହ୍ମା' ଉପାଧି 'ଓଡ଼ିଶା ଗଜପତି' (ବୀରକିଶୋର ଦେବ)ଙ୍କ ଠାରୁ ପ୍ରାପ୍ତ ହୋଇଥିବା ଉଲ୍ଲେଖ କରିଥିବାରୁ ଏ କାବ୍ୟ ରଚନା ପୂର୍ବରୁ ସେ ପଦବୀ ଲାଭ କରିଥିବା ସ୍ପଷ୍ଟ । ଏଥିରୁ ତାଙ୍କର କବିପ୍ରତିଭା ଲଳିତଲୋଚନା ରଚନା ପୂର୍ବରୁ ମଧ୍ୟ ଥିବା ପ୍ରମାଣିତ ହେଉଛି ।

ମୋହନ କଳ୍ପଲତା (ଅପ୍ରକାଶିତ)

କଥାବସ୍ତୁ—କାବ୍ୟଟି ୪୬ଟି ଦୀର୍ଘ ଛାନ୍ଦରେ ଲିଖିତ । ଶ୍ରୀକୃଷ୍ଣ ଦ୍ୱାରକାକୁ ଯିବା ପରେ ଗୋପରେ ଶ୍ରୀରାଧା ଓ ଅନ୍ୟାନ୍ୟ ଗୋପୀମାନେ ତାଙ୍କୁ ଝୁରିବାକୁ ଲାଗିଲେ । ଦିନେ ଯମୁନା କୂଳରେ ଗୋପୀମାନେ ରାଧାଙ୍କୁ

ସଙ୍ଗରେ ଧରି ଶ୍ରୀକୃଷ୍ଣଙ୍କ ଗୁଣ ସ୍ମରି ବିଳାପ କରୁଥିଲେ । ରାଧାଙ୍କ ନେତ୍ରରୁ ଲୋତକ ଧାରା ବହି ଗୋଟିଏ ଗର୍ତ୍ତରେ ପୂର୍ଣ୍ଣ ହୋଇ ରହିଲା । ବୃନ୍ଦା କୌତୂହଳବଶତଃ ସେଠାରୁ ମୃତ୍ତିକା ବାହାର କରି ଗୋଟିଏ ନାରୀ-ପ୍ରତିମା ନିର୍ମାଣ କଲେ । ସେହି ପ୍ରତିମାକୁ ରାଧା ଏକାକ୍ଷର ମନ୍ତ୍ରରେ ନ୍ୟାସ କରିବା ସଙ୍ଗେ ସଙ୍ଗେ ପ୍ରତିମା ଜୀବନ ଲଭକରି ଗୋଟିଏ ଅନିନ୍ଦ୍ୟସୁନ୍ଦରୀ ହୋଇ ଉଭାହେଲା । ଗୋପୀମାନେ ଏହି ସୁନ୍ଦରୀକୁ ଦ୍ୱାରକାକୁ ପଠାଇଲେ । ଏହାକୁ ଦେଖି କୃଷ୍ଣ ଅବା ଗୋପୀମାନଙ୍କୁ ମନେ ପକାଇବେ, ଏହି ଉଦ୍ଦେଶ୍ୟରେ ଏହାକୁ ଦୂତୀ ରୂପରେ ପ୍ରେରଣ କରାଗଲା । ଦ୍ୱାରକାରେ ଏହି ଯୁବତୀ ପ୍ରବେଶ ହୋଇ ଶ୍ରୀକୃଷ୍ଣଙ୍କୁ ରାଧାଙ୍କ ସମ୍ବାଦ ଜଣାଇଲା । ଶ୍ରୀକୃଷ୍ଣ ନିଜ ପାଦର କନିଷ୍ଠାଙ୍ଗୁଳିରୁ ଗୋଟିଏ ପରମ ରୂପବାନ୍ ପୁରୁଷକୁ ଆବିର୍ଭୂତ କରି ଦୁହିଁଙ୍କୁ ସ୍ୱାମୀ ସ୍ତ୍ରୀ ରୂପେ ବନରେ ବିହାର କରି ରହିବାକୁ ଆଦେଶ ଦେଲେ ଏବଂ କହିଲେ ଯେ, ମର୍ତ୍ତ୍ୟଧାମରେ ଜନ୍ମ ଗ୍ରହଣ ନ କଲେ ସୁଖ କଣ, ତାହା ଅନୁଭୂତ ହୁଏ ନାହିଁ; ସେଥିପାଇଁ ସେମାନେ ପୁନର୍ବାର ମର୍ତ୍ତ୍ୟରେ ଜନ୍ମଗ୍ରହଣ କରି ଲୀଳାଶେଷରେ ତାଙ୍କ ଅଙ୍ଗରେ ଲୀନ ହେବେ । କୃଷ୍ଣଙ୍କ ଅଙ୍ଗରୁ ଜାତ ଏହି ପୁରୁଷ କର୍ଣ୍ଣାଟଦେଶ ରାଜା ବୀରବାହୁଙ୍କ ପୁତ୍ର ବିଶ୍ୱବନ୍ଦନ ରୂପରେ ଏବଂ ସେହି ଯୁବତୀ ରତ୍ନାକର କଟକର ଧର୍ମଶୀଳଙ୍କ ଦୁହିତା ମୋହନ କଳ୍ପଲତା ବା ମୋହନଲତା ରୂପରେ ଜନ୍ମଗ୍ରହଣ କଲେ । ଏ ଦୁହିଙ୍କର ଜନ୍ମବୃତ୍ତାନ୍ତ, ଶିଶୁଲୀଳା, ଯୌବନ ପ୍ରାପ୍ତି, ବିବାହ, ବିରହ, ପୁନର୍ମିଳନ ପ୍ରଭୃତି ଏହି ୪୭ଟି ଛାନ୍ଦରେ ବର୍ଣ୍ଣିତ ହୋଇଅଛି ।

୧ମ ଛାନ୍ଦରେ ମଙ୍ଗଳାଚରଣ, ୨ୟ—ନାୟକ ନାୟିକାର ପୂର୍ବଜନ୍ମ ବୃତ୍ତାନ୍ତ ବର୍ଣ୍ଣନ, ୩ୟ—ନାୟକର ଜନ୍ମ, ପୁର ବର୍ଣ୍ଣନା, ୪ର୍ଥ—ନାୟକର ଗୁଣ ବର୍ଣ୍ଣନା, ୫ମ—ମୋହନଲତାର ଜନ୍ମ, ୬ଷ୍ଠ—ନାୟିକାର ବାଲ୍ୟଲୀଳା ବର୍ଣ୍ଣନ, ୭ମ—ପୁଷ୍ପ ଭେଦ, ୮ମ—ଯୌବନ ବର୍ଣ୍ଣନ, ୯ମ—ମୋହନଲତାର ପଟ୍ଟ ଦର୍ଶନ, ୧୦ମ—ନାୟକର ଶିକାର, ୧୧ଶ—ବନ ଭ୍ରମଣ, ଅଷ୍ଟବନ୍ଧମଣି, ୧୨ଶ—ନେତ୍ର ସୁଷ୍ମୋଦୟ, ୧୩ଶ—ମୋହନଲତା ପଟ୍ଟ ଦର୍ଶନ, ୧୪ଶ—ମୋହନ ଲତାର ଶାଗ୍ନି ଆଗମନ, ୧୫ଶ—ନାୟକ ନାୟିକାଙ୍କର କାଳିକା

ପୂଜା, ୧୬ଶ—ମୋହନଲତାର ସ୍ୱପ୍ନଭେଟ, ୧୭ଶ—ମୋହନଲତାର ଇନ୍ଦ୍ରଜାଲ ବିଲୋକନ, ୧୮ଶ—ବର୍ଷାକାଳ ବର୍ଣ୍ଣନା, ୧୯ଶ—ନାୟକ ଚିଟାଉ ଲେଖା, ୨୦ଶ—ଶରତ୍ ଋତୁ ବର୍ଣ୍ଣନା, ୨୧ଶ—ନାୟିକା ଚିଟାଉ, ୨୨ଶ—ନାୟିକା ଚିଟାଉ, ୨୩ଶ—ନାୟିକା ଚିଟାଉ, ୨୪ଶ—ନାୟିକା ଚିଟାଉ, ୨୫ଶ—ନାୟକ ଚିଟାଉ, ୨୬ଶ—ଜେମାର ସ୍ୱୟମ୍ବର ଆୟୋଜନ, ନାୟିକାର ଚିଟାଉ ନାୟକ ଦ୍ୱାରା ପ୍ରାପ୍ତି, ୨୭ଶ—ହିମ ଋତୁ ବର୍ଣ୍ଣନା, ୨୮ଶ—ଦୂତୀ ପ୍ରବେଶ ଓ ଭେଟ, ୨୯ଶ—ସୈନ୍ୟସଜ୍ଜା, ପ୍ରବାସକ, ୩୦ଶ—ନାୟକ ଅନୁକୂଳ, ୩୧ଶ—ନାୟକର ଅଧୈର୍ଯ୍ୟ, ୩୨ଶ—ସ୍ୱୟମ୍ବର, ୩୩ଶ—ନାୟକ ବିରହାବେଶ, ୩୪ଶ—ସାକ୍ଷାତ ଦର୍ଶନ, ୩୫ଶ—ବରଣ, ୩୬ଶ—ବିବାହ, ୩୭ଶ—ବେଶ, ୩୮ଶ—ଅଭିସାର, ୩୯ଶ—ଉପମା ନିନ୍ଦା, ୪୦ଶ—ରତି, ୪୧ଶ—ବାହ୍ୟ ସୁରତ, ୪୨ଶ—ନାୟିକା ସମ୍ଭୋଗ, ୪୩ଶ—ରତିବାହୁଡ଼ା, ୪୪ଶ—ଅଷ୍ଟମଙ୍ଗଳା ବିଚ୍ଛେଦ, ୪୫ଶ—ନାୟକର ସ୍ତ୍ରୀସହ ସ୍ୱଦେଶ ପ୍ରତ୍ୟାଗମନ, ୪୬ଶ—କବିଙ୍କ ଆତ୍ମ ପରିଚୟ ।

ଶେଷ ଛାନ୍ଦରେ କବି କି କି ଗ୍ରନ୍ଥ ଲେଖିଛନ୍ତି, ତାର ଗୋଟିଏ ତାଲିକା ଦେଇଛନ୍ତି ଏବଂ ଓଡ଼ିଆ, ବଙ୍ଗଳା, ଖୁରୁଠି (ହିନ୍ଦି) ଭାଷାମାନଙ୍କରେ ଗ୍ରନ୍ଥ ରଚନା କରିଥିବା କଥା ପ୍ରକାଶ କରିଛନ୍ତି ।

ରଚିତ ଗ୍ରନ୍ଥମାନଙ୍କର ନାମ—ଭିନ୍ନ ଭିନ୍ନ ସ୍ଥାନରେ ବହୁ ଚଉପଦୀ ଚଉତିଶା ରଚିତ ହୋଇଛି । ଏହା ଛଡ଼ା (୧) ଲଳିତଲୋଚନା—୫୨ ଛାନ୍ଦ, କାଳ୍ପନିକ କାବ୍ୟ; (୨) ଯୁଗଳ ରସାମୃତ ଲହରୀ—୫୮ ଛାନ୍ଦ, ରାଧାକୃଷ୍ଣ ପୂର୍ବରାଗ; (୩) ଯୁଗଳ ରସାମୃତ ଭଉଁରୀ—୩୮ ଛାନ୍ଦ; (୪) ପ୍ରେମ ତରଙ୍ଗିଣୀ—୩୬ ଛାନ୍ଦ, ଚମତ୍କାର ରସ; (୫) ପ୍ରେମ କଳ୍ପଲତା—ମଥୁରାଗମନ ବୃତ୍ତାନ୍ତ ୧୮ ଛାନ୍ଦ; (୬) ଚିଟାଉ ଚନ୍ଦ୍ରୋଦୟ—୧୬ ଛାନ୍ଦ, ପ୍ରତିଦିନ ରଚିତ ଗୋଟିଏ ଗୋଟିଏ ଚିଟାଉ; (୭) ନାମ ଚିନ୍ତାମଣି—୧୨ ଛାନ୍ଦ; (୮) ନିଷ୍ଠା ନୀଳମଣି—୧୨ ଛାନ୍ଦ; (୯) ତତ୍ତ୍ୱ ତରଙ୍ଗିଣୀ—୨୨ ଛାନ୍ଦ; (୧୦) ପାଟରତ୍ନାବଳୀ—୧୨ ଛାନ୍ଦ; (୧୧) କୁଞ୍ଜବିହାର—୮ ଛାନ୍ଦ, ଅଷ୍ଟନାୟିକା ଲକ୍ଷଣ; (୧୨) ଗୋବିନ୍ଦଗୁଣ

କୀର୍ତ୍ତିନମାଳା—୨୬ ଗ୍ରନ୍ଥ; (୧୩) ବ୍ରଜଲୀଳାମୃତ—୫୬ଗ୍ରନ୍ଥ, ଶ୍ରୀମତ୍ ରୂପ-ଗୋସ୍ୱାମୀଙ୍କ ରଚିତ ବିଦଗ୍ଧମାଧବ ନାମକ ସଂସ୍କୃତ ନାଟକର ଅନୁବାଦ; (୧୪) ଉଜ୍ଜ୍ୱଳ ନୀଳମଣି—ଗୋସ୍ୱାମୀଙ୍କର ସଂସ୍କୃତ ଗ୍ରନ୍ଥକୁ ବଙ୍ଗଳାରେ ଅନୁବାଦ; (୧୫) ପ୍ରେମଚନ୍ଦ୍ରାମଣି—ବଙ୍ଗଳାରେ ଅନୁବାଦ; (୧୬) ବ୍ରଜ ସୂର୍ଯ୍ୟୋଦୟ—୫ ଅଧ୍ୟାୟ; (୧୭) ହରିଭକ୍ତି କଳ୍ପଲତା, ଭାଗବତ ବୃତ୍ତରେ—୧୦ ଅଧ୍ୟାୟ, (୧୮) ଶ୍ରୀକୃଷ୍ଣ ଚୈତନ୍ୟ ଚରିତାମୃତ ସାର—ଭାଗବତ ବୃତ୍ତରେ ବା ୯ ଅକ୍ଷରୀ ଶ୍ରୀକୃଷ୍ଣ ଦାସ ଗୋସ୍ୱାମୀଙ୍କ ରଚିତ ବଙ୍ଗଭାଷାର ଚୈତନ୍ୟ ଚରିତାମୃତ ଗ୍ରନ୍ଥର ଅନୁବାଦ; (୧୯) ବ୍ରହ୍ମାଣ୍ଡମଙ୍ଗଳ—ଚୈତନ୍ୟ ବାଲ୍ୟଲୀଳା ରାମାୟଣ ରାଗରେ, ଅର୍ଥାତ୍ ୧୪ଅକ୍ଷରୀ ବୃତ୍ତରେ; (୨୦) ବିଶ୍ୱମ୍ଭର ବିହାର—ବ' ଅକ୍ଷର ନିୟମରେ—ଅସମ୍ପୂର୍ଣ୍ଣ; (୨୧) ପ୍ରୀତିଚନ୍ଦ୍ରାମଣି—ଅସମ୍ପୂର୍ଣ୍ଣ; (୨୩) ସଙ୍ଗୀତ ସଦାନନ୍ଦ; (୨୪) ମୋହନଲତା—୪୬ଗ୍ରନ୍ଥ ।

ଭାଷା—କବି ମୋହନ କଳ୍ପଲତାରେ ସରଳ ଓ କ୍ଲିଷ୍ଟ ଉଭୟ ପ୍ରକାର ଭାଷା ବ୍ୟବହାର କରିଛନ୍ତି । କେତେକ ସ୍ଥଳରେ ସଂସ୍କୃତବହୁଳଶବ୍ଦ ପ୍ରୟୋଗ କରିଥିବାରୁ କେବଳ ପଣ୍ଡିତମାନଙ୍କ ପକ୍ଷରେ ଏହାର ଅର୍ଥ ବୁଝିବା ସମ୍ଭବ ହେଉଛି । ଅନ୍ୟମାନଙ୍କ ପକ୍ଷରେ ରସାସ୍ୱାଦନ କରିବାରେ ବ୍ୟାଘାତ ଜନ୍ମାଉଛି ।

ସରଳ—

ଆରକ ବୋଇଲି ତୁମ୍ଭେ ଧନ ଲୋଭୀ ଜାଣି,
ତୁମ୍ଭଠାରେ ବଶ ହେବ ଯେ କାମାତୁରୀଣୀ ହେ । ୩୬ ।
ପ୍ରୀତି ପାଇଁ ପ୍ରାଣ ମାତ୍ର ବ୍ୟୟ କରି ପାରି,
ଦ୍ରବ୍ୟ କଉଁ କଥା ଗୁରୁ ବୁଝିତ ନ ପାରି ହେ । ୩୭ ।
ଏ ବଚନେ ହସି କରତାଳି ଦେଇ କରେ,
ବୋଲେ ତୁମ୍ଭେମାନେ ଭାଗ୍ୟବନ୍ତ ଏ ସଂସାରେ ହେ । ୩୮ ।

ସଂସ୍କୃତ ବହୁଳ—

ରସିକେ ଶୁଣ ଯେ ଗୁରୁରେ ଯେ ଦ୍ରବ୍ୟରସ,
କଣ୍ଠଗତ କରି କାଏ ହୋଇବ ଯେ ରସ ହେ ।୪୧।

ଆତ୍ମାଭୂତ ସୌନ୍ଦର୍ଯ୍ୟ ଧୈର୍ଯ୍ୟ ଗାମ୍ଭୀର୍ଯ୍ୟ ଗୁଣା,
ପ୍ରଚଣ୍ଡ କନକଛବି ପ୍ରସିଦ୍ଧ ପ୍ରବୀଣା ହେ । ୪୨ ।

ପୃଷ୍ଠେନ୍ଦ୍ର-ସୁନ୍ଦରବଦନୀ ପକ୍ୱ ବିମ୍ବାଧରୀ,
ଭୂଷିତର ଭାଗ୍ୟୋଦୟା ଦୟା ସୁବିଳାସୀ ହେ । ୪୩ ।

ସର୍ବଗୁଣାର୍ଣ୍ଣବ ଲାବଣ୍ୟାମ୍ବ ସୁବିଦଗ୍ଧା,
ପରିପକ୍ୱମତି ସବିନୟାଶଯେ ମୁଗ୍ଧା ହେ । ୪୪ ।

ସଙ୍ଗୀତ ସାହିତ୍ୟ ନାଟକାଦି ଗୁଣୋପେତା,
ପ୍ରାଚୀନ ମର୍ଯ୍ୟାଦା ସଦାସ୍ୱର ଅନୁରତା ସେ । ୪୫ ।

ପିଷ୍ଟ ପାକୃଷ୍ଟ ଦୃଷ୍ଟି ସୁପରିପକ୍ୱ ମତି,
ସ୍ରଷ୍ଟା ଶିଳ୍ପୀ ପ୍ରଶଂସନୀୟା ଉପମାକୃତି ହେ । ୪୬ ।

ଏବଂଭୂତା ନୃପାତ୍ମଜା ସେ ମୋହନ-ଲତା,
ମଧ୍ୟାହ୍ନ-ଶୟନା ହୋଇଅଛି ସୁଚରିତା ହେ । ୪୭ ।

(୭ମ ଛାନ୍ଦ)

ବର୍ଣ୍ଣନା ଚାତୁରୀ: ମୃଗୟା ଚିତ୍ର—ମୋହନ କଳ୍ପଲତାରେ ମୃଗୟା ବିନୋଦର ଚିତ୍ର ଲଳିତଲୋଚନା ପରି ସୁନ୍ଦର ହୋଇଛି । ଭାବ ଅନୁରୂପ ଭାଷା ବ୍ୟବହାର କରି କବି ଚିତ୍ରକୁ ଜୀବନ ଦାନ କରିଛନ୍ତି । କବିଙ୍କର ଶିକାରର ପ୍ରତ୍ୟକ୍ଷ ଜ୍ଞାନ ଥିବା ତାଙ୍କ ବର୍ଣ୍ଣନାରୁ ଅନୁମିତ ହେଉଛି ।

× ଅନ୍ୟୋ ଅନ୍ୟରେ ସର୍ବେ ସବଳ ସେ
ସୁର କୋଦଣ୍ଡ ଦ୍ୱିଜେ କେବଳ ସେ
କେ ଲାବେ ତାଙ୍କ ଆଗେ ନବଳ,
ଯେଉଁ ସେ ଜାଲ କଳାକୁ ବଳ—
ଭଦ୍ର ସୁମର ସୁଅନୁକୂଳ ଝରି ସମ୍ବଳ ସେ । ୪ ।

କେ ବାଜ ଗଜ କରେ ଧୂପାଇ, ସେ ହେଁ ହେଁ ରବେ ଦେହ କମ୍ପାଇ
କେ ବକ୍ଷେ ରଙ୍ଗମାଟି ଛପାଇ ଘରମ ପାଇ ସେ,

କେ ପଢେ ମନ୍ତ୍ର ଆଗ ଛପାଇ, ପଛକୁ କୋଟି ଆଜ୍ଞା ଅପାଇ
ମାଗିଲେ ବୋଲେ ଏହା ନପାଇ, ଏ ସବ ଯାଇ ଯେ ।
ଘୋଡ଼ା ଯୋଡ଼ା ଏ କଉଁ ସିପାଇ ଯେ,
କେହୁ ପବନ ବଗଖେ ପାଇ ଯେ,
କେ ହାଁ ହାଁ ନାଦେ ଧାଏ ଝପାଇ,
ଜମ୍ବୁରା ଧରି କେ କହେ ପାଇ-
କଙ୍କୁ ସେ ଆଣ ଦାରୁ ବନ୍ଧୁଛି କରି ମୋ ପାଇଁ ଯେ । ୫ ।

ଏହି ମୃଗୟାବିନୋଦ ନାୟକର ବୀରତ୍ୱ ପ୍ରକାଶ କରି କବି ପରଂପରାରେ ବୀର ରସ ସୃଷ୍ଟି ଦେଖାଇବା ନିମନ୍ତେ ସଦାନନ୍ଦ ଉପମାବର୍ଜିତ ଏହି ବିବରଣମୂଳକ ବର୍ଣ୍ଣନାଟି ଅତି ରମଣୀୟ କରି ପାରିଛନ୍ତି ।

ମୃଗୟାବିନୋଦୀ ବ୍ୟାଧ, ନିଷାଦଙ୍କ ଚିତ୍ର ଲଳିତଲୋଚନା ଚିତ୍ରପରି ଜୀବନ୍ତ ହୋଇଛି ।

ବାଗୁରା ଘେନି ବ୍ୟାଧେ ବାହାର, ଗଜ ବନ୍ଧନୀ କନ୍ଧେ କାହାର ।
କାଣ୍ଡ ବାଉଁଶ ଘେନିଣ କର, କଲେ ଜୁହାର ଜୁହାର ଯେ । × ×
ଚର୍ମ ପାଦୁକାମାନ ମାଡ଼ିଣ, କଟୀରେ କାଛ ପେଟି ଯୋଡ଼ିଣ ।
କେ ନଳ ଅଠାକାଠି ନେଇଣ, ତା ସଜାଡ଼ିଣ ଯେ ।
କେ ଯାଉଁ ଗଡ଼ଯାଏ ପଡ଼ିଣ, କେ ଗର୍ଜେ ତର୍ଜେ ପଥ ଗୁଡ଼ିଣ ।
କେ ନଳୀ ଡାଳ ତାଟି ଅଡ଼ିଣ, ଜନ୍ତୁ ନେଡ଼ିଣ ଯେ ।
ଲଇଁ ଗୁଲିଣ ଗୁଇ ମାଡ଼ିଣ ଯେ ଆଖି ତରାଟି ଦାନ୍ତ ଭିଡ଼ିଣ ଯେ ।
କେ କଣ ବାରବାର ମୋଡ଼ିଣ, ପ୍ରତିଜ୍ଞା କରେ ଫର ଝାଡ଼ିଣ ।
ଖଣ୍ଡା ଝଳକେ ଅଇରି ଧଇର୍ଯ୍ୟ ଯାଏ ଉଡ଼ିଣ ଯେ । ୭ ।

କୁମର ଅଶ୍ୱାରୋହୀ ଚଳଇ, କେ ସହିସ ପାଶେ ମିଳଇ ।
କେ ଆସ ବୋଲି ଆଗେ ବଳଇ, କେ ଓଗାଳଇ ଯେ ।
ଚକ୍ଷୁଣ ଧରି କେହୁ ଖେଳଇ, କେବା ଗଞ୍ଜାଇ କରେ ମଳଇ ।
ହୁଁକାର ଦେଇ ସୁକାରେ ଥରକରେ ଜାଳଇ ଯେ ।

କଉଁ ଫିରିଙ୍ଗ ରକ୍ତ ଗୋଳଇ ଯେ, କେ କଞ୍ଚା ମାଂସ ଯାଉଁ ଗିଳଇ ଯେ ।
କେହୁ ପିଷ୍ଟକେ ସିରି ବୋଳଇ ଯେ, ଖାଉଁ ମା'ଉଁସେ ପଥେ ଚଳଇ ।
କେ ଦେଖି ତରି ମୁଦ୍ରା ପକାଇ ଦେହ କିଳଇ ଯେ । ୮ ।

ବ୍ୟାଧ, ନିଶାଦ, କନ୍ଧ, ଫିରିଙ୍ଗିଙ୍କ ଚିତ୍ର ପୂର୍ବରୁ ଲଳିତଲୋଚନାରେ କବି ବର୍ଣ୍ଣନା କରିଛନ୍ତି, ଏହା କେତେକାଂଶରେ ତାହାର ପରିପୂରକ ।

ବ୍ରାହ୍ମଣମାନେ ମୃଗୟା ପାଇଁ ଶୂର ନୁହନ୍ତି ଏହା କବି ବ୍ୟକ୍ତ କରିଛନ୍ତି । ପରଂପରାରେ ଏହା ସିଦ୍ଧ । ସଇସମାନଙ୍କ ଗଣ୍ଡେରି ଟଣା ଦୃଶ୍ୟ ଅତି ଚମତ୍କାର ହୋଇଛି । ଫିରିଙ୍ଗିଙ୍କ ମାଂସ ଖିଆ, ରକ୍ତଗୋଳା, ପିଠାରେ ସିରି ଗୋଳା ବର୍ଣ୍ଣନା ସେମାନଙ୍କ ସମ୍ବନ୍ଧରେ ଏକ ସଂକ୍ଷିପ୍ତ ଧାରଣା କରାଇବାରେ ସମର୍ଥ ହୋଇଛି ।

ସଦାନନ୍ଦ ଲଳିତଲୋଚନା ଓ ମୋହନ କଳ୍ପଲତାରେ ଶିକାର ଓ ଯୁଦ୍ଧ ବର୍ଣ୍ଣନା ସ୍ଥଳରେ ଫିରିଙ୍ଗିମାନେ ଏଥିରେ ଯୋଗ ଦେଇଥିବା ଲେଖିଛନ୍ତି ଏବଂ ସେମାନଙ୍କର ଜାତୀୟ ଆଚାର ବ୍ୟବହାରର କିଞ୍ଚିତ ଆଭାସ ଦେଇଛନ୍ତି । କଞ୍ଚା ମାଂସ ଖାଇବା, ରକ୍ତଗୋଳିବା ଆଚାରରୁ ସେମାନେ ରୁକ୍ଷ ପ୍ରକୃତିର ଲୋକ ବୋଲି ଧାରଣା ହେବା ସ୍ୱାଭାବିକ । ପିଠାରେ ସିରି ବା ଶର୍କରାରସ ବୋଳିବା ଆଚାରଟି ଖାଦ୍ୟର ନମୁନା । ଓଡ଼ିଶାର ଉପକୂଳ ଅଞ୍ଚଳମାନଙ୍କରେ ସପ୍ତଦଶ ଶତାବ୍ଦୀଠାରୁ ୟୁରୋପୀୟମାନେ ବାଣିଜ୍ୟ କରିବା ପାଇଁ ବସତି ସ୍ଥାପନ କରି ସାରିଥିଲେ । ଗଞ୍ଜାମର ଉପକୂଳରେ ଫରାସୀମାନଙ୍କର ପ୍ରଭାବ ଇଂରେଜମାନେ ଗଞ୍ଜାମ ଦଖଲ କରି ଆସିବା ପର୍ଯ୍ୟନ୍ତ ଥିଲା । ବାଲେଶ୍ୱର ଉପକୂଳରେ ମଧ୍ୟ ଏମାନେ ବାଣିଜ୍ୟଘାଟୀ ସ୍ଥାପନ କରିଥିଲେ । ଓଡ଼ିଶାରେ ଫରାସୀମାନେ ସାଧାରଣତଃ ଫିରିଙ୍ଗି ନାମରେ ପରିଚିତ । ଏହି ଫିରିଙ୍ଗିମାନେ ଗଞ୍ଜାମ ଓ ଗଡ଼ଜାତର ବହୁ ରାଜା ଜମିଦାରଙ୍କ ସହ ବାଣିଜ୍ୟ ସମ୍ପର୍କ ସ୍ଥାପନ କରିଥିଲେ ଏବଂ ବହୁ ସ୍ଥାନରେ ଗୃହଯୁଦ୍ଧରେ ପରାମର୍ଶଦାତା ଓ ଭଡ଼ାଟିଆ ସୈନିକ ହିସାବରେ ପକ୍ଷ ନେଉଥିଲେ । ଏମାନେ ଶିକାରପ୍ରିୟ ଥିବାରୁ ଶିକାରରେ ଅନ୍ୟମାନଙ୍କସହ ଯୋଗ ଦେଇ ଆନନ୍ଦ ଉପଭୋଗ କରୁଥିଲେ ।

ନାୟକଙ୍କ ଗହଣରେ ଏମାନଙ୍କ ଯୋଗଦାନ ରାଜାଙ୍କ ସହିତ ଏମାନଙ୍କର ସମ୍ପର୍କ ଥିବାର ସୂଚନା ଦେଉଛି ।

ଉପବନ—ମୃଗୟାବିନୋଦ ପାଇଁ ନାୟକ ଯେଉଁ ବନକୁ ଯାଇଥିଲେ ତାର ଶୋଭା ବର୍ଣ୍ଣନାରେ କବି ଲଳିତଲୋଚନାର ଶୈଳୀ ଅନୁସରଣ କରିଛନ୍ତି । ଉଭୟ ସ୍ଥଳର ବର୍ଣ୍ଣନାରେ ଭାବ, ଭାଷା, ଉପମା ପ୍ରଭୃତିରେ ବହୁ ସାଦୃଶ୍ୟ ରହିଥିଲେ ମଧ୍ୟ ମୋହନ କଳ୍ପଲତାର ବର୍ଣ୍ଣନା ଅଧିକ ବିସ୍ତୃତ ।

ଉପବନକୁ 'ବନ୍ୟନାଗରୀ କନ୍ୟା' ଓ ରାଜକୁମାରଙ୍କୁ 'ପୁରୁଷବର' ଆଖ୍ୟା ଦେଇ ମନ୍ତ୍ରୀସୁତ ତୁଳନା କରିଛନ୍ତି ଏବଂ ଏହି ତୁଳନାଟି କଳ୍ପନାରେ ନୂତନତ୍ୱର ପ୍ରଭା ପ୍ରକାଶ କରୁଛି ।

'ମନ୍ତ୍ରୀ କ ବୋଲଇ ବିଭୋ ପୁରୁଷ ବର,
ଯେ ବନ୍ୟା ନାଗରୀ କନ୍ୟା ସଙ୍ଗେ ବିହର ।
ଦେଖ ବନ୍ଧୂଲି ଅଧର ପାଉଛି ଶୋଭି,
କୁନ୍ଦ କଳି ଦନ୍ତାବଳି ଅତି ଦୁର୍ଲ୍ଲଭି ।
ଖଞ୍ଜନ ନୟନ ଅତି ଚଞ୍ଚଳ ଗୃହି,
କୋକିଳ ବାଣୀ ବଚନେ କରିଛ ସ୍ନେହ ।
କେତକୀ କାନ୍ତିରେ ହୋଇଅଛି ବିଭ୍ରାଜ,
ତାଳ ଫଳ ସ୍ତନ ତାର ମାନସେ ହେଜ ।
(୧୧ଶ ଛାନ୍ଦ)

ତମାଳ ଚିକୁର, ଶିରୀଷ କୋମଳ ତନୁ, ଶୁକ ନାସା, ରସାଳ ମଞ୍ଜରୀ ବସଣି, ମଲ୍ଲୀକଳି, ଭୃଙ୍ଗଧ୍ୱନି ନୂପୁରଧ୍ୱନି, ସ୍ଥଳପଦ୍ମ ପାଦ, ବଲ୍ଲରୀ ବାହୁ ।

ଦଳ କୁଳ ଦୁକୂଳ ବିହିତ ବର୍ଣ୍ଣରେ,
ପଲ୍ଲବ ପଣନ୍ତ ଉଡ଼େ ପବନ ଭରେ ।
ନାୟକ 'ନରସିଂହକୁ କପୋତ ଛଳେ' ନାୟିକା 'ହୁଙ୍କାର' କରୁଛି ।

ପ୍ରତି ଅଙ୍ଗ ବହୁତ ହୋଇଛୁ ସାଦୃଶ୍ୟ
ଏ ସତ୍ୟ ନୋହଇ ଲବାଢଣସ୍ୱାଭାସ ।

ଉପବନର ଏହି ଉପମା କୁମାରର ମନକୁ ପାଇବାରୁ ସେ ମନ୍ଦହାସ ପ୍ରକାଶ କଲେ ଏବଂ ସେହି ଭାବରେ ତନ୍ମୟ ହୋଇଗଲେ; ରାଜକୁମାର ମିତ୍ର ଦେହ ସହିତ ନୀରକ୍ଷୀର ପରି ମିଶିଗଲେ । ଚତୁର ଶିରୋମଣି ରାଜକୁମାର—

ଶୁଣି ମନ୍ତ୍ରୀଜ ବାଣୀ ପାଲଟ କଲ କି,
କୁମର ଦେଖାଇ ମଲ୍ଲୀ ଫୁଲ ତହିଁକି,
ମନ୍ତ୍ରୀସୁତ ପୁଚ୍ଛେ ପୁଚ୍ଛଇ ମୁଁ ମଲ୍ଲିକ,
କରତାଳ ଦେଇ ସେ ହସିଲା ତହିଁ କି ।

ଚଉଟି ରସାଳ ହୋଇ ମନହରଣ କରିବାରେ ସମର୍ଥ ହୋଇଛୁ ।

ମନୋରମ ଚିତ୍ର—ମୋହନକଳ୍ପଲତା କାବ୍ୟରେ ବହୁ ସୁନ୍ଦର ଦୃଶ୍ୟର ଚିତ୍ର କବି ପ୍ରଦାନ କରିଛନ୍ତି । ଅଳ୍ପ କେତୋଟି ଉଦାହରଣରୁ କବିଙ୍କ କବିତ୍ୱଶକ୍ତିର ଯଥେଷ୍ଟ ପରିଚୟ ମିଳିବ ।

(୧) ନାୟକର ଚପଳ ସଖୀଙ୍କ ମେଳରେ ନାୟିକା ଦେଖିବା ସମୟରେ ନାୟିକାର ମୁଗ୍ଧାବସ୍ଥା ଲକ୍ଷ୍ୟ କରି ମଦାଳସା ନାୟିକାକୁ ପରିହାସ କଲା । ମଦାଳସା ଛଳେ ବଞ୍ଚଣା ଥୋଇ ପ୍ରେମକଳାକୁ ଆଖିଠାରିବା ଓ ନାୟିକା ଈଷିତ ଅନାଇ ସଂକୋଚରେ ରୁନ ହେବା ଦୃଶ୍ୟଟି ଜୀବନ୍ତ ହୋଇଛୁ ।

ନାୟକପ୍ରାପ୍ତି ପରେ ନାୟିକା ସଖୀମାନଙ୍କୁ ଏକାବେଳକେ ପାଶୋରି ଦେବା ଆଶଙ୍କା ପରିହାସରେ ମଦାଳସା ପ୍ରକାଶ କରିଛୁ—

ଦୁଃଖ ଫଳ ଫଳ ଗଲା ଜଣା, ଏତେ କହି ଛଳେ ଥୋଇ ବଞ୍ଚଣା ।
ମଦାଳସାକୁ କନକବଲ୍ଲରୀ, ତାଙ୍କେ ଗୁହିଲା ଅଳ୍ପ ହାସ କରି ।
ପ୍ରେମକଳା ସୁଶୀଳା ଦୁଇସଖୀ, ଠାରାଠାର ହୋଇ ପଛ କରେଖି ।
ନୃପ ନନ୍ଦନା ଈଷିତ ଅନାଇ, ଅଛୁ ସନ୍ତୋଷ ଭାବେ ରୁନ ହୋଇ ।
(ମୋ: କ: ଲତା, ୧୦ମ ଛାନ୍ଦ)

(୬) କୁମାର ବିରହବେଦନାରେ କାତର ହେଉଥିବା ବେଳେ ନାୟିକାର ପତ୍ର ଧରି କନକମଞ୍ଜରୀ କୁମାରଙ୍କୁ ଦେଖାଇବା ନିମନ୍ତେ ରାଜନଗରରେ ପ୍ରବେଶ କଲା । ଏହି ସମ୍ବାଦ ପାଇ ବିରହୀକୁମାର ସଖାମାନଙ୍କୁ ଚାହିଁବା ଭଙ୍ଗୀ ଓ ତାଙ୍କର ହାବଭାବର ଚିତ୍ର ଅଳ୍ପପଦରେ କବି ଚମତ୍କାର ଭାବରେ ଫୁଟାଇଛନ୍ତି ।

ଜନ୍ମ ଅନ୍ଧେ କିବା ନେତ୍ର ପ୍ରଦାନ,
　　　　　　　　ବଧିରେ ହୋଇଲା ଶବଦ ଜ୍ଞାନ ।
ରଙ୍କ ହଜିଲା ଧନ କି ପାଇ,
　　　　　　　　ନରେଶନନ୍ଦନ ତେସନ ହୋଇ ।
ଡାକିଲେ ଚାହିଁଣ ସ୍ନେହି ହୋଇଲେ,
　　　　　　　　ଆସୁ ବୋଲି ଦ୍ୱାରେ ପ୍ରବେଶ କଲେ ।
କୁମର ରମଣୀ ମୁଖକୁ ଚାହେଁ,
　　　　　　　　ହରଷ ବିରସ ବେନି ସନ୍ଦେହେ ।

ଏହି ହରଷ ବିରସ ଭାବ ଚିଠିର ବିଷୟବସ୍ତୁର ଶୁଭାଶୁଭ ବାର୍ତ୍ତା ପ୍ରଭାବରୁ ଜନ୍ମଲାଭ କରିଛି; ଏହି କାରଣରୁ ଶୁଭ ଶକୁନ ଦର୍ଶନ ସତ୍ତ୍ୱେ ଅଶୁଭ ଆଶଙ୍କାରେ ମନରେ ସନ୍ଦେହ ଜନ୍ମିଛି ।

ପ୍ରଥମେ ଶୁଭ ଦେଖି ମନ୍ଦହାସ, ପ୍ରାଣ ପକ୍ଷୀ ପାଇ ଭରସା ଆଶ ।
ଉଡ଼ିବା ଉଦ୍ୟମରୁ ରହିଛି, ହେଲା-ନୋହିଲା ଥିବା-ଯିବା ଇଚ୍ଛି । ୬୫ ।
(୬୬ଶ ଛାନ୍ଦ, ମୋ: କ: ଲ:)

ପ୍ରାଣ-ପକ୍ଷୀ 'ରହିବ କି ଉଡ଼ିଯିବ' ଏହି କଳ୍ପନାଦ୍ୱନ୍ଦ୍ୱ ପତ୍ରର 'ଅସ୍ତି ନାସ୍ତି' ସୂଚନା ମିଳିବା ପର୍ଯ୍ୟନ୍ତ ବିଦ୍ୟମାନ ଥିଲା । ସୁବାର୍ତ୍ତା ପାଇ କୁମର ପତ୍ରର ସୁମନୋରମ ଅକ୍ଷରାବଳୀ ଓ ଲିଖନଚାତୁରୀକୁ ପ୍ରଶଂସା କଲେ ଏବଂ ଆଶ୍ୱସ୍ତ ହୋଇ ନିଶ୍ୱାସ ଛାଡ଼ିଲେ ।

ଏମନ୍ତ ବୋଲି ନିଶ୍ୱାସ ଛାଡ଼ିଲା, ପଦକୁ ପଦ ଦେଖି କମ୍ପ ହେଲା ।
ଅଧରେ ହାସ ନେଇ ଅନ ଅନ, ଆଦ୍ୟନ୍ତ୍ରାନ୍ତେ କରି ନେଇ ପ୍ରଦାନ ।
ରଖୁଛୁ ପୁଣି ନିରେଖୁଛୁ, 'କିଣି ଦାସ କଲେକି' ପୁଚ୍ଛି ।

କୁଳମର୍ଯ୍ୟାଦାଜ୍ଞାନ—ବିବାହ ପୂର୍ବରୁ ରାଜକୁମାରଙ୍କୁ ମୋହନଲତା ଦେଖିବା'ବେଳକୁ ତାଠାରେ ବିକା ହୋଇ ରହିଲା ପରି ଭାବପ୍ରକାଶ କଲା । ପ୍ରଥମ ଦର୍ଶନରେ ନାୟିକା ସ୍ମର ଶରାଘାତରେ ଜର୍ଜରିତ ହୋଇ ପଡ଼ିଲା । ଗୁଣଗ୍ରାହୀ ରସିକା ନାୟିକା ନାସା ଫୁଲାଇ ଲୋଭ ବଶରୁ ପୁନଃପୁନଃ ଦର୍ଶନ ଇଚ୍ଛା କଲା । ଚିତ୍ରଟି ଅତି ମନୋରମ ହୋଇଛୁ ।

ପୁରୁଷରତନ ଚନ୍ଦ୍ର ଆନନ ଅନାଇଁ,!
ନାରୀମଣି ଚିତ୍ତ-ଚନ୍ଦ୍ରମଣି ଦ୍ରବ ହୋଇ ଯେ ।

ପ୍ରେମ ହାବଭାବାଦିରେ ଭୂଷିତ ହେବାରୁ ନାୟିକା ରତିଲାଳସୀ ହୋଇ ବିଭିନ୍ନ ଚେଷ୍ଟା ପ୍ରକାଶ କଲା—

ସ୍ୱୟଂ ଦୂତୀ ବଡ଼ ଚେଷ୍ଟା ହୋଇଲା ପ୍ରକାଶ,
ରହେଁ ନ ରହିଲା ପ୍ରାୟେ ମୁଖେ ମନ୍ଦହାସ ଯେ ।
ହାଇ ମାରି ଅଳସମୋଡ଼ି ହେଲା ଆୟସରେ,
ଭୁଜ ଟେକି ଅଙ୍ଗୁଳି ଫୁଟାଇଲା ସଧୀରେ ଯେ ।
କଣ୍ଡୁକଣ୍ଡୁ ଛଳେ ଦେହେ ରୋମାଞ୍ଚ ବହିଲା,
ପଦ ମୂର୍ଦ୍ଧାଙ୍ଗୁଳିରେ ଧରାକୁ ଗାରି ଦେଲା ଯେ । (୧୭ଶ ଛାନ୍ଦ)

କନ୍ଦର୍ପପୀଡ଼ିତ ଯୋଗୁଁ ପରପୁରୁଷ ସହିତ କ୍ରୀଡ଼ା କରିବା ପାଇଁ ଦେହ ଓ ମନ ରହୁଁଥିଲେ ମଧ୍ୟ ମହାକୁଳପ୍ରସୂତ ଲୌକିକ ପରମ୍ପରା ଲଙ୍ଘନ କରିବା ଅନୁଚିତ । ଏହି ବଧିନିଷେଧ ନାୟିକାକୁ ଏହି ସ୍ଖଳନ ପଥରୁ ନିବୃତ୍ତ କଲା ।

ମହାକୁଳପ୍ରସୂତ ଲୌକିକ ପରମ୍ପରା,
ଲଙ୍ଘନ ତ ଅଶୋଚିତ ଏଣେ ଚିତ୍ତହରା ଯେ । (୧୭ଶ ଛାନ୍ଦ)

ନାୟିକାର କୁଳମର୍ଯ୍ୟାଦା ଓ ପରମ୍ପରା ଜ୍ଞାନ ତାକୁ ଅତି ବହ୍ୱଳାବସ୍ଥାରେ ମଧ୍ୟ ତ୍ୟାଗ କରି ନାହିଁ; ସେ କୂଳ ଲଙ୍ଘି ନାହିଁ । ଏହା ସଦାନନ୍ଦଙ୍କ ସବୁ ନାୟକନାୟିକା, ପାତ୍ରପାତ୍ରୀ ପକ୍ଷେ ପ୍ରଯୁଜ୍ୟ । ଏହି ପରମ୍ପରା ମର୍ଯ୍ୟାଦା ରୂପ ସମାଜର ବନ୍ଧନଜ୍ଞାନ ସେମାନଙ୍କର ଥିବାରୁ ଅସାମାଜିକ ବା ବୈପ୍ଳବିକ କାର୍ଯ୍ୟ କରିବା ବା ସ୍ୱତ୍ୱପ୍ରକାଶ କରିବା ସମ୍ଭବ ହୋଇ ନାହିଁ । ପରମ୍ପରା କ୍ରମେ ପ୍ରଚଳିତ ସାମାଜିକ ନୀତି ଦୃଷ୍ଟିରୁ ଏମାନଙ୍କ ଚରିତ୍ର ଉଜ୍ଜ୍ୱଳ ହୋଇଛି; କିନ୍ତୁ ଅସାମାଜିକ ବା ପରମ୍ପରା ଅନନୁମୋଦିତ କୌଣସି ରୀତିର ପ୍ରଶ୍ରୟ କରି ନାହାନ୍ତି ।

ନାୟିକାଙ୍କ ପ୍ରୀତି ଦର୍ପଣ ପରି ଉଜ୍ଜ୍ୱଳ; ଦୃଷ୍ଟିକୋଣର ପରିସର ଅନୁସାରେ ଏହାର ନିର୍ମଳତ୍ୱ ବିସ୍ତୃତ ହୋଇଥାଏ ।

ଦର୍ପଣ ପ୍ରାୟେ ପ୍ରୀତି ନିର୍ମଳ ଅଟଇ,
ଚାହିଁଲେ ଦିଶଇ ନ ଚାହିଁଲେ ନ ଘଟଇ । (୨୧ଶ ଛାନ୍ଦ)

ନାୟକଠାରୁ ନାୟିକାର ପ୍ରଥମ ଚିଠାଉ ଲେଖନ ସମୟରେ ମଧ୍ୟ ନିର୍ମଳପ୍ରେମଜନିତ ବିରହବ୍ୟଥା ଓ ମର୍ଯ୍ୟାଦା ତାଙ୍କ ମନକୁ ଆନ୍ଦୋଳିତ କରିଛି; ସେ ମର୍ଯ୍ୟାଦା ତ୍ୟାଗ କରି ନାହାନ୍ତି ।

ପୀତବର୍ଣ୍ଣ କାଗଜ ଅଳକ୍ତକ ଶିହାଇ,
ମନ୍ତ୍ରୀସୁତା ବଳାତ୍କାରେ ନେମା କରେ ଦେଇ ଯେ ।
ଲଜ୍ଜଧୈର୍ଯ୍ୟ ବେଦନା ତିନ ତ୍ରିବେଣୀ ହୋଇ,
ନୃପସୁତା ମନ ହେଲା ବୁଡ଼ାଇ ବୁଡ଼ାଇ ଯେ ।
ଉତ୍ଫୁଲ୍ଲ ଲୋଚନ ମାର୍ଗେ ବହେ ପ୍ରେମବାରି,
ନିଜ କାନ୍ତ ଦୁଃଖ ଦୁଇ ମର୍ଯ୍ୟାଦା ବିସ୍ମରି ଯେ । (୨୧ଶ ଛାନ୍ଦ)

ନାୟିକା ସ୍ୱହସ୍ତରେ ପତ୍ରିକି ଲେଖିଥିଲେ ମଧ୍ୟ 'ମର୍ଯ୍ୟାଦା' ଓ 'ଉଚିତ ଅନୁଚିତ' ବ୍ୟବହାର ରକ୍ଷା କରିବା ମାନସରେ ସେ ସଖୀ ନାମରେ ପତ୍ରିକି ଲେଖିଛନ୍ତି । ନାୟକ ଏହି 'ବ୍ୟବହାର' ବା ବିଧାନ ବା ରୀତିର ପ୍ରଶଂସା କରିଛନ୍ତି ଏବଂ ଏହାକୁ 'ଚତୁରୀର ଚାତୁରୀ' ବୋଲି ଆନନ୍ଦ ପ୍ରକାଶ କରିଛନ୍ତି ।

ପୁଣ ବୋଲଇ ଆହେ ପ୍ରାଣ ମିତ୍ର,
　　　　ବୁଝିଲନ ସେ ତରୁଣୀ ଚରିତ୍ର ।
ସଖୀ ନାମରେ ଲେଖିଅଛୁ ଲେଖ,
　　　　ତହିଁ ପ୍ରକାଶିଛୁ ଆପଣା ଦୁଃଖ ।
　　　　　　　　(୨୨ଶ ଗ୍ରନ୍ଥ, ମୋ: କ: ଲ:)

ଆଦିବାସୀ—ବିଭିନ୍ନ ଆଦିବାସୀଙ୍କ ବେଶଭୂଷା, ଅସ୍ତ୍ରଶସ୍ତ୍ର, ଇତ୍ୟାଦି ପ୍ରଭୃତି ଅନୁପ୍ରାସ ଓ ଯମକ ପ୍ରୟୋଗ କରି ସୁନ୍ଦର ଚିତ୍ରଟିଏ ଦେଇଛନ୍ତି । ଉପମାର ବ୍ୟବହାର ସେତେ ନଥିଲେ ମଧ୍ୟ ପଦଯୋଜନାର ପରିପାଟୀ ଯୋଗୁଁ ଏହି ବିବରଣମୂଳକ ବର୍ଣ୍ଣନାଟି ଚମତ୍କାରିତା ଉତ୍ପାଦନ କରିବାରେ କ୍ଷମ ହୋଇଛି ।

ଲଳିତଲୋଚନାରେ କବି ମୃଗୟାବିନୋଦନରେ ଶବରମାନଙ୍କର ବର୍ଣ୍ଣନା ଦେଇ ରସାପ୍ଳୁତ କରି ପାରିଛନ୍ତି । ଏଠାରେ ନିଶାଦ ଚିତ୍ରଟି ସଜୀବ ହୋଇଛି । ଦୁଇଟି କାବ୍ୟରେ ମୃଗୟାବିନୋଦନ ବର୍ଣ୍ଣନା ପ୍ରାୟ ଏକା ପ୍ରକାର ଜଣାଯାଉଛି ।

ଜଙ୍ଗମ—'ମୋହନ କଳ୍ପଲତା'ରେ ଜଙ୍ଗମର ଯେଉଁ ବର୍ଣ୍ଣନା ଦିଆଯାଇଛି ତାହା ଲଳିତଲୋଚନାର ଜଙ୍ଗମ ବର୍ଣ୍ଣନା ଅନୁରୂପ ହୋଇଥିଲେହେଁ ଏଥିରେ ବିଷୟର ଆଧିକ୍ୟ ଅଛି ।

ଲଳିତଲୋଚନାରେ ଜଙ୍ଗମ, ସାହିତ୍ୟର ଅଳଙ୍କାର ବିଷୟରେ ବିଜ୍ଞଥିବା ଲେଖାଅଛି ଏବଂ ସେ ଓ ରାଜା ଆଲଙ୍କାରିକ ରୀତିରେ କଥୋପକଥନ କରିଛନ୍ତି । ଯମକ, ଅନୁପ୍ରାସ, ବନ୍ଧ ପ୍ରଭୃତିର ଦୃଷ୍ଟାନ୍ତ ସେଥିରେ ଦିଆଯାଇଛି । ମୋହନ କଳ୍ପଲତାରେ ସାହିତ୍ୟର ନାୟକ ନାୟିକାଦି ଲକ୍ଷଣ ବିଭାଗ, କାମଶାସ୍ତ୍ର, ଶାଳୀହୋତ୍ର ଶାସ୍ତ୍ର, ଗାରୁଡ଼ି ବିଦ୍ୟା, ଚିତ୍ରଲିଖନ ପ୍ରଭୃତି ବିଷୟରେ ଜଙ୍ଗମ ବ୍ୟାଖ୍ୟାନ ଦେଇଛନ୍ତି । ନାରୀ ଅଙ୍ଗସଙ୍ଗକୁ ପୁରୁଷର ପରମ କାମ୍ୟ ଥିବା ବ୍ୟକ୍ତ କରି ଏ ସୁଖରୁ ବଞ୍ଚିତ ଲୋକକୁ ଅଧମ, ପଶୁ, ନପୁଂସକ ପ୍ରଭୃତି ଆଖ୍ୟା ପ୍ରଦାନ କରି ଉପହାସ କରିଛନ୍ତି ।

ନାରୀ ଅଙ୍ଗ ସଙ୍ଗ ବିନା ଯେ କରେ ଶୟନ,
ତାକୁ କି ମନୁଷ୍ୟ କରି ତୁମ୍ଭେ ମନେ ଘେନ ହେ । (୧୬ଶ ଛାନ୍ଦ)

ଏହାର ସମର୍ଥନରେ କବି ଜଙ୍ଗମ ମୁଖରେ ପ୍ରକାଶ କରିଛନ୍ତି—

ପ୍ରେମ ତ ସଂସାରେ ସାର ବୋଲନ୍ତି ସଜ୍ଜନ,
ସେ ପୁଣି ନାଗରୀ ନାରୀ ସଙ୍ଗେଟି ପ୍ରଧାନ ।
ଏଣୁ ତେଣୁ ଦୁଇ ଦିଗୁ ବଢ଼ଇ ପୀରତି,
ଅଛୁ କି ନାହିଁ ସ୍ୱଦେହ ଏହା ନ ଜାଣନ୍ତି ।

ପାଦ ଧରିବାରୁ ସୁଖ ନାହିଁ ବିଗୁରିବା,
ପିଠି କରି ଶୟନ କାଳରେ ନ ଶୋଇବା ଯେ ।
ହସି ନାଗବଲ୍ଲୀ ବିଣ୍ଡଗେ ଖିରେ ଭକ୍ଷି,
ଅତି ସ୍ନେହେ ଅନ୍ୟୋନେ ତିଳକଲେଖା ଲେଖି ଯେ ।

ଖଣ୍ଡେ ଦୂରୁ ଦେଖି ହସି ପାଶ୍ରେଟି ଯିବାର,
ଅନ୍ତର ହେବା ଭୟରେ ଗଣ୍ଡି ହାରେ ହାର ଯେ ।
ଏ ସ୍ନେହ ସମୁଦ୍ରରେ ବୁଡ଼ିବା ଜନଙ୍କର,
ଅନ୍ୟ ଦୁଃଖ ସୂର୍ଯ୍ୟତାପ କି କରେ ତା ଗୁର ଯେ । (୧୬ଶ ଛାନ୍ଦ)

'ସ୍ନେହସମୁଦ୍ର'ନମଗ୍ନ ପ୍ରେମିକ ପ୍ରେମିକାର ପ୍ରେମଜୀବନ କାହାଣୀକୁ କବି ହୃଦ୍‌ତୁଳିକାରେ ସୁସ୍ପଷ୍ଟ ରଙ୍ଗବିରଙ୍ଗ ଚିତ୍ର ଅଙ୍କନ କରି ଅନାବଶ୍ୟକ ବିସ୍ତୃତ ବର୍ଣ୍ଣନା-ଜନିତ ବିରକ୍ତିକର ଭାବକୁ ବହୁ ପରିମାଣରେ ଦବାଇ ଦେଇ ପାରିଛନ୍ତି । ତାଙ୍କର କବିତ୍ୱମୟ ଚିତ୍ର ବିଷୟଟିକୁ ରସସାଗରରେ ବୁଡ଼ାଇ ରସପୂର୍ଣ୍ଣ କରି ଦେଇଛି ।

ରାତ୍ରି—ସଦାନନ୍ଦ ମୋହନ କଳ୍ପଲତାର ୧୫ଶ ଛାନ୍ଦରେ ରାତ୍ରି-ବର୍ଣ୍ଣନାରେ ଅଷ୍ଟନାୟିକା, ଅଷ୍ଟଦୂତୀ, ସ୍ୱୟଂଦୂତୀର ପ୍ରେମଲୀଳା ଓ ହାବଭାବର ସଂକ୍ଷିପ୍ତ ପରିଚୟ ଦେଇ ବ୍ୟାଖ୍ୟାନ ଶେଷ କରିଛନ୍ତି । ୧୬ଶ ଛାନ୍ଦରେ କବି ଭଞ୍ଜ କବିଙ୍କ ପରି ବର୍ଣ୍ଣନା କରିଥିଲେ ମଧ୍ୟ ଏଥିରେ ବିଶେଷତ୍ୱ ରକ୍ଷା କରିଛନ୍ତି ।

ଶୁଣ ଏମନ୍ତେ ଦିବସ ଅନ୍ତେ ନିଶି ହେଲ ପ୍ରବେଶ
ତାହାର କାନ୍ତି ହୋଇଣ କାନ୍ତ ଅମ୍ବରେ ସୁ ପ୍ରକାଶ । ୧ ।
କି କୋକ ଶୋକ ସିଂହିକେୟକ ଛେଦନେ ସମ୍ବରି
ପେଷିଛୁ ସ୍ମରଚନ୍ଦ୍ର କି ଭ୍ରୁ ପରମାଣ ବିସ୍ତରି । ୨ ।
ମଲ୍ଲୀ କୁସୁମେ ଅଛି ସୁଷମେ ଗନ୍ଧ ରଞ୍ଜିକ କାମେ
କଉଁ ବିବୁଧ କି ବିଷ୍ଣୁପଦ ପୂଜିଛୁ ମନୋରମେ । ୩ ।
ମଦନ ମଲ୍ଲ ଫୁଟିକ ଢାଲ ଆଡ଼ି ରହିଛୁ ଅଡ଼ି
ମୁଁ ବୋଲି ଯୁବା ବୋଇଲେ ଅବା ପଡ଼ିବ ଶିର ଛୁଡ଼ି । ୪ ।
(୧୭ଶ ଛାନ୍ଦ)

ସଂଗୀତ ଜ୍ଞାନ—କବିଙ୍କର ସଙ୍ଗୀତ ଚର୍ଚ୍ଚା ଓ ସଙ୍ଗୀତାଲାପ ସମ୍ବନ୍ଧରେ ଜ୍ଞାନ ଥିବା ସ୍ପଷ୍ଟ ହୁଏ । କବି 'ମୋହନ କଳ୍ପଲତା'ରେ ସ୍ଥାନେ ସ୍ଥାନେ ଚର୍ଚ୍ଚାସହ ବିଦ୍ୟାର ପରିଚୟ ଲିପିବଦ୍ଧକରି ବର୍ଣ୍ଣନାକୁ ମନୋରମ କରିପାରିଛନ୍ତି ଏବଂ ସ୍ୱକୀୟତାର ସୁନ୍ଦର ପରିଚୟ ଦେଇଛନ୍ତି ।

'ମଧ୍ୟାହ୍ନ-ଶୟନା', 'ସଙ୍ଗୀତ ସାହିତ୍ୟ ନାଟକାଦି ଗୁଣୋପେତା' ମୋହକଳ୍ପଲତା ନିଦ୍ରା ତେଜିବାରୁ ତାଙ୍କୁ ବେଶ କରିବା ପାଇଁ ଚନ୍ଦ୍ରଲେଖା, ପ୍ରଭାବତୀ ପ୍ରଭୃତି ସଖୀମାନେ ଅଳଙ୍କାର, ଦର୍ପଣ ପ୍ରଭୃତି ଦ୍ରବ୍ୟ ଆଣିଲେ । ଏହି ସମୟରେ ସଙ୍ଗୀତାଲାପ ହୋଇଥିଲା; ମଦାଳସା, ବିଶାଳଯାତ୍ରା, ପ୍ରେମଶୀଳା ଓ ପରିମଳ ପ୍ରଭୃତି ଏଥିରେ ଅଂଶଗ୍ରହଣ କରିଥିଲେ । ତାଳମାନଲୟ ରକ୍ଷାକରି ଏମାନେ ବୀଣାବାଦନ ଓ ଗୀତଗାୟନ କରି ଏକ ଅପୂର୍ବ ବାୟୁମଣ୍ଡଳ ସୃଷ୍ଟି କରି ପାରିଥିଲେ । କବିଙ୍କର ଏ ବର୍ଣ୍ଣନାଟି ଅତ୍ୟନ୍ତ ମନୋରମ ହୋଇଛି । ସଖୀମାନେ ରାମଚରିତର 'ପ୍ରଥମାବଲୋକନ' ଗୀତ ଗାୟନ କରିଥିଲେ ।

ବିଶାଳନୟନା ବୀଣାବାଦନ କରଇ,
ପରିମଳା ଆଳୀ ଅଳ୍ପ ତାଳକୁ ସୂଚଇ ଯେ ।
ସାରିଗମ ପଧନିସା ସ୍ୱର ମନୋହର,
ସାନିଧ ପମ ଗରିସା ପ୍ରତିଲୋମ ତାର ଯେ ।

ପ୍ରେମଶୀଳା ଆଳପ ସେ କରଇ ଗୁଞ୍ଜରି,
ତା ନା ନା ନା ରି ରି ମିଳି ଅଛୁ ଘରି ଧରି ଯେ ।
ଗାୟନ କଲେ ଶ୍ରୀରାମ-ଜାନକୀ ଚରିତ,
ପ୍ରଥମାବଲୋକନରେ ସେ ବେନି ଯେମନ୍ତ ଯେ ।
ଅନ୍ୟୋନ୍ୟରେ ପ୍ରାପ୍ତିଆଶା ସମୁଦ୍ର ବଢ଼ଇ,
ପରଂପରାରୁ କେ ମାତ୍ର କୂଳ ନ ଲଙ୍ଘଇ ଯେ । (୭ମ ଛାନ୍ଦ)

ସଦାନନ୍ଦ ବାଗ୍ଦେବୀଙ୍କୁ ପ୍ରାର୍ଥନା କରି ସ୍ୱକାବ୍ୟରେ 'ସର୍ବଶୁଭମାନ'ଙ୍କୁ ସମ୍ମିଳିତ କରାଇବାରେ ସାମର୍ଥ୍ୟ ଦେବାପାଇଁ ବର ମାଗିଛନ୍ତି । 'ସର୍ବଶୁଭ'-ମାନେ ସମ୍ମିଳିତ ନ ହେଲେ କାବ୍ୟସୃଷ୍ଟି ଶୁଭଙ୍କର ଓ ମନୋଜ୍ଞ ହେବା ସମ୍ଭବ ନୁହେଁ । କାୟମନୋବାକ୍ୟ ଶୁଭ ଥିଲେ ଚତୁର୍ଦ୍ଦିଗ ମଧ୍ୟ ଶୁଭ ହେବ; ଶୁଭ ବାତାବରଣରେ କାବ୍ୟସାଗର ବା ଶବ୍ଦସାଗର ପାରହେବା ସହଜ । ଶବ୍ଦ ନିର୍ବିଶେଷ ଥିବାରୁ 'ବିଚକ୍ଷଣ-ଇଚ୍ଛା'—ସାଗରସ୍ୱରୂପ । ଏହି ଶବ୍ଦ-ସାଗରରେ ଅଭିଧାନ ଜଳ, ବ୍ୟାକରଣ ତରଙ୍ଗ, ଶାସ୍ତ୍ର ଜଳପତି, ଶ୍ରୁତି ସ୍ମୃତି ଆତ୍ମାସ୍ୱରୂପ । ଏହାର 'ଦ୍ୱାରଶିଳ୍ପୀ' ଶାସ୍ତ୍ର ଦୁଇତଟ । ବିଧି-ଅବିଧି ଏ ନୀତିଶାସ୍ତ୍ର ସବାର । ବୈଦ୍ୟଶାସ୍ତ୍ର ଶୁକ୍ତିମାଳା, ଶାଳିହୋତ୍ର ମଗର, ପିଙ୍ଗଳ ଦାବାନଳ, ପଶୁହଂସା 'ଗର' । ବୈଷ୍ଣବଗ୍ରନ୍ଥ ଏଥିରେ ରାଘବ ମତ୍ସ୍ୟ, ପୁରାଣ ସକଳ ଜଳଚର । ଜ୍ୟୋତିଷ ବୋଇତ ଓ ରାଗମାଳା ଗର୍ଜ୍ଜନ । ସ୍ମରଶାସ୍ତ୍ର ଏ ସମୁଦ୍ରର ଦେବଭୋଗ୍ୟ ଅମୃତ ସଦୃଶ ।

ଏହି 'ଶବ୍ଦସାଗର' ମନ୍ଥନ କରିବାକୁ ଇଚ୍ଛାକରି କବି ବୈଷ୍ଣବମାନଙ୍କର ସାହାଯ୍ୟ ନେଇଛନ୍ତି । କବିମାନସ ଦେବତା ଓ ଅସୁର । ନେତ୍ରଯୁଗ ସୂର୍ଯ୍ୟଚନ୍ଦ୍ର, ନିଶ୍ୱାସ ସମୀର । କବି ବୃହସ୍ପତି, ବୁଦ୍ଧି ବାସୁଦେବ ଓ ଚୈତନ୍ୟ ମେରୁ । ଏହି ଶବ୍ଦସାଗରକୁ ଚୈତନ୍ୟରୂପୀ ମନ୍ଦରଦ୍ୱାରା ମନ୍ଥନ କଲେ ବହୁରତ୍ନ ଜାତ ହେବ ବୋଲି କବି ଆଶାପୋଷଣ କରିଛନ୍ତି ।

(ମୋହନ କଳ୍ପଲତା । ୧ମ ଛାନ୍ଦ)

ସଦାନନ୍ଦ ବହୁ ତତ୍ତ୍ୱ ବୈଷ୍ଣବଗ୍ରନ୍ଥ ମନ୍ଥନ କରି ସାରତତ୍ତ୍ୱ ଓ ରାଧାକୃଷ୍ଣ ଲୀଳା ମାହାତ୍ମ୍ୟ ପ୍ରତିପାଦନାର୍ଥ ମାନବ ଦେହଧାରୀ ନାୟକନାୟିକାର ପ୍ରେମ-

କାହାଣୀକୁ ସୁ ସାର୍ଥକ ଲେଖନୀ ବଳରେ ସୁନ୍ଦର କଳ୍ପଲତାଟିଏ ସୃଷ୍ଟି କରି ପାରିଛନ୍ତି । ଚୈତନ୍ୟଦେବଙ୍କୁ 'ମେରୁ' କରିଥିବାରୁ ଏହି ଶବ୍ଦସାଗର ମନ୍ଥନର ଫଳ ବୈଷ୍ଣବୋଚିତ ରୂପ ଧାରଣ କରିଛି । କାବ୍ୟଟି ନାନା ଅଳଙ୍କାର ଓ ବିଦଗ୍ଧ ଭାବରେ ମଣ୍ଡିତ ହୋଇ ଶୋଭା ପାଉଛି ।

କବିସୂର୍ଯ୍ୟ ବ୍ରହ୍ମାଙ୍କ କାବ୍ୟମାନଙ୍କ ଭିତରେ 'ମୋହନ କଳ୍ପଲତା'ଟି ଉଚ୍ଚତମ ଶ୍ରେଣୀରେ ସ୍ଥାନ ଅଧିକାର କରିଛି । ବ୍ରଣାନ୍ୱେଷୀ ଖଳଦୁର୍ଜ୍ଜନ ମନ-ମକ୍ଷିକା ପକ୍ଷରେ ଏହି ଗ୍ରନ୍ଥଟି ଅଳଙ୍କାର ଚନ୍ଦନରେ ମଣ୍ଡିତ ହୋଇ ତାର ଉଦ୍ୟମକୁ ବିଫଳ କରୁ ବୋଲି ଆଦ୍ୟରୁ କବି ଯେଉଁ ଆଶା କରିଛନ୍ତି ତାହା ପୂର୍ଣ୍ଣ ହୋଇଛି ।

ଦୁର୍ଜ୍ଜନ-ମନ-ମକ୍ଷିକା ଖୋଜୁଥାଇ ବ୍ରଣ,
ହେବ ଗ୍ରନ୍ଥ-ଅଳଙ୍କାର-ଚନ୍ଦନେ ଭୂଷଣ । ୩୦ । (୧ମ ଛାନ୍ଦ)

'ମୋହନ କଳ୍ପଲତା' କାବ୍ୟର ନାମକରଣର ସାର୍ଥକତା ସମ୍ବନ୍ଧରେ କବି କହିଛନ୍ତି—ଶୃଙ୍ଗାର ରସ ଏହି 'ମୋହନଲତା'ର ମୂଳ, ଗାଢ ବକଳ, ଛଳ ଶ୍ଳେଷ ବିରୋଧାଭାସ ଏହାର ଡାଳ, ରୂପକ ଆଲବାଲ । ଏହି ଲତାରେ କୃଷ୍ଣନାମ କୋକିଳ ସ୍ୱରୂପ ବସିଥିବ । ଉତ୍ତମ-ଅକ୍ଷର ସୁନ୍ଦର ପଲ୍ଲବ ଓ ସ୍ତବକ ପରି । ଫଳଯୁଗ (ଅମୃତ ଓ ବିଷ) ସମ୍ଭୋଗ ଓ ବିପ୍ରଲମ୍ଭ । କବିଙ୍କ କଳ୍ପନା ଦିବ୍ୟ 'ମୋହନ କଳ୍ପଲତା'ଟିଏ ସୃଷ୍ଟି କରି ଅମୃତ ଫଳାଇ ପାରିଛି ।

କବି 'ମୋହନ କଳ୍ପଲତା' କାବ୍ୟର ନାମକରଣରେ କାବ୍ୟନାୟିକା 'ମୋହନଲତା'ର ନାମକୁ କବିତ୍ୱ ଅନୁରୋଧରେ ଗ୍ରହଣ କରିଛନ୍ତି । ଏହି କାବ୍ୟର ନାମକୁ ମୋହନକଳ୍ପଲତା ଓ ମୋହନଲତା ବୋଲି ବିଭିନ୍ନ ଛାନ୍ଦରେ ଲେଖିଥିଲେହେଁ ପ୍ରକୃତ ନାମ ମୋହନକଳ୍ପଲତା ଥିବାହିଁ ସ୍ପଷ୍ଟ ।

ଯେ ସିନ୍ଧୁ ମନ୍ଥନରୁ ବହୁତ ଜାତ ରତ୍ନ,
ମୋହନ କଳ୍ପଲତା ଜନ୍ମକୁ ଏବେ ଯତ୍ନ ଯେ । ୨୧ । (୧ମ ଛାନ୍ଦ)

ମୋହନକଳ୍ପଲତା ନାମରେ ଗ୍ରନ୍ଥ ହେବ,
ଯେଣୁ ସମସ୍ତଙ୍କ ମନୋରଥଦା ହୋଇବ ଯେ । ୩୩ । (୧ମ ଛାନ୍ଦ)

ରସିକେ ପଢ଼ିବ ଏ ମୋହନଲତା ଗୀତ ଯେ । ୧୧୪ । (୧୭ଶ ଛାନ୍ଦ)

ଏ ମୋହନ କଳ୍ପଲତା ସୁମଞ୍ଜୁଳ,
ମାକନ୍ଦ ଇବ (?) ଏଥି ଏ ଏକଫଳ । (୨୩ଶ ଛାନ୍ଦ)

ଏ ମୋହନଲତା ତ୍ରୟସ୍ତ୍ରିଂଶ ଛାନ୍ଦ ଶେଷ,
ଆଉ ଅନ୍ୟ ଛାନ୍ଦେ ଗୀତ ଅର୍ଥ କରି ତୋଷ । ୪୨ । (୩୩ଶ ଛାନ୍ଦ) ।

କବି ନାୟିକାର ନାମ ମୋହନଲତା ଓ ମୋହନକଳ୍ପଲତା ଉଭୟ ଗ୍ରହଣ କରିଥିବା ଦେଖାଯାଏ ।

ଏମନ୍ତେ ପଞ୍ଚମ ଛାନ୍ଦ ଏ ଆସି ହୋଇଲା ଶେଷ,
ମୋହନଲତା ବାଲ୍ୟ ଚେଷ୍ଟା ଆର ଛାନ୍ଦେ ପ୍ରକାଶ । ୭୦ । (୫ମ ଛାନ୍ଦ)

ମୋହନ-କଳ୍ପଲତାର କୁସୁମ ବିକାଶ,
ବର୍ଣ୍ଣନାରେ ଏ ଛାନ୍ଦ ହୋଇଲା ଆସି ଶେଷ । ୧୫୫ । (୭ମ ଛାନ୍ଦ)

ମୋହନଲତା ପଠ ବିଲୋକନ, ଏ ନବମ ଛାନ୍ଦ ହେଲା ସମ୍ପୂର୍ଣ୍ଣ ।
୧୨୦ । (୯ମ ଛାନ୍ଦ)

ମୋହନଲତାର ମୁଁ ଶରଣ, ଧରି ବସିବି କି ରଙ୍ଗେ ଚରଣ । ୬ ।
(୨୨ଶ ଛାନ୍ଦ)

ଗ୍ରନ୍ଥର ନାମକରଣ ଓ ନାୟିକାର ନାମକରଣରେ ପ୍ରଭେଦ ଥିବା ପ୍ରତୀତ ହେବା ସମ୍ଭାବନା ଥିଲେ ମଧ ଗ୍ରନ୍ଥ ଓ ନାୟିକାର ନାମ 'ମୋହନ-କଳ୍ପଲତା' ଥିବା ସ୍ପଷ୍ଟ । କବି ସଂକ୍ଷିପ୍ତରେ ଏହି ନାମକୁ ଗ୍ରନ୍ଥର ନାମ ଓ ନାୟିକାର ନାମ କେତେକ ସ୍ଥାନରେ 'ମୋହନଲତା' ଲେଖିଛନ୍ତି ମାତ୍ର ।

କବି 'ମୋହନ କଳ୍ପଲତା' କାବ୍ୟଟିକୁ କୌଣସି ବିଘ୍ନବଶତଃ ସମ୍ପୂର୍ଣ୍ଣ କରିପାରି ନଥିଲେ ବୋଲି ପ୍ରକାଶ କରିଛନ୍ତି, କିନ୍ତୁ ଏହି ବିଘ୍ନର କଥା ଉଲ୍ଲେଖ କରିନାହାନ୍ତି । (୪୫ଶ ଛାନ୍ଦ)

ବହୁଶ୍ରମରେ ଲିଖିତ ଏହି କାବ୍ୟଟି ବିଘ୍ନବଶତଃ ଅସମ୍ପୂର୍ଣ୍ଣ ରହି ଯିବାରୁ ତାଙ୍କ ମନରେ ଅପାର ଦୁଃଖ ଜାତ ହୋଇଥିଲା । ବହୁଶ୍ରମରେ ଲିଖିତ ହୋଇଥିବାରୁ କାବ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ସେ ପୁନର୍ବାର ଚେଷ୍ଟା-କରି ସମ୍ପୂର୍ଣ୍ଣ କରିଥିଲେ ।

କେଉଁ ଛାନ୍ଦରୁ ଅପୂର୍ଣ୍ଣ ରହିଥିଲା ତାହା ଜାଣିବାର ଉପାୟ ନଥିଲେ ମଧ୍ଯ ଶେଷାଂଶର କେତେକ ଛାନ୍ଦର ଆକାରର କୃଶତା ଦୃଷ୍ଟିରେ ଏହା ଅଷ୍ଟବିଂଶ ଛାନ୍ଦଠାରୁ ରହି ଯାଇଥିବା ଅନୁମାନ କରାଯାଇ ପାରେ । ୩୨ଶ ଛାନ୍ଦଠାରୁ ଗ୍ରନ୍ଥର କଳେବର ସ୍ଥୂଳ ହୋଇଯାଇଥିବା ଦେଖାଯାଏ । ଏହା ହୋଇଥିଲେ ମଧ୍ଯ କାବ୍ୟର ଅଙ୍ଗହାନୀ ବା ଘଟଣାପ୍ରବାହରେ ବ୍ୟତିକ୍ରମ ଦେଖାଯାଏ ନାହିଁ ।

କେତେ ଶ୍ରମରେ କରିଥିଲି ଗୀତ, ବିଘ୍ନରୁ ନୋହିଥିଲା ସମାପତ ସେ,
ଏଣୁ କଲି ଯିନା ପୂର୍ଣ୍ଣ ହେ,
ଭଣେ ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା, ମୋ ଶରଣ ଘନବର୍ଣ୍ଣ ହେ ।
(୪୫ଶ ଛାନ୍ଦ)

ଚିତ୍ରସୃଷ୍ଟିର ସଫଳତା—ଚିତ୍ରରେ ରୂପସୃଷ୍ଟିର ସାଫଲ୍ୟ ସମ୍ବନ୍ଧରେ ସଦାନନ୍ଦ ସ୍ୱଗ୍ରନ୍ଥମାନଙ୍କରେ ଏକାଧିକ ସ୍ଥାନରେ ସୁନ୍ଦର ଭାବରେ ବ୍ୟକ୍ତ କରିଛନ୍ତି । ତାଙ୍କର ମାନଦଣ୍ଡ ଅତି ବାସ୍ତବ ।

ନାୟକର ଚିତ୍ରପଟ ଦେଖି ମୁଗ୍ଧା ନାୟିକା ସଖୀମାନଙ୍କୁ କହୁଛନ୍ତି—

ସତ ଶୁକଳ, ମିଛ ବୋଲି କଲା,
ମିଥ୍ୟା ଯେବେ କେହି ଗୋରି ହୋଇଲା ।
ସତ ଯେବେ କମ୍ପା କଥା ନ କହେ,
ଏହି ଲାଗି ହେଲା ଅତି ସନ୍ଦେହେ ।
ଚନ୍ଦ୍ରହାସ ପ୍ରକାଶେ ଯେବେ ଦଶେ,
କ କେ ଚନ୍ଦ୍ରାତମକୁ ଏ ନ ନାଶେ ।
ଚନ୍ଦ୍ରହାସ ଅର୍ଥ ଆନ ବିଧିରେ,
ଜଣାଗଲା ଧରେ ନାଗ୍ର ବଧରେ ।

ଯଉଁ ଦିଗେ ଚାହୁଁଛୁ ଆଉ ଚାହିଁ,
ଯେଣୁ ଚାହିଁଲେ ଚାହିଁଲା ପରାଏ ।
ଚାହୁଁ ନ ଚଳେ କାହିଁକି ପିଛଡ଼ା,
ଏ ସଂଶୟ ତ କଲା ଘରବୁଡ଼ା ।
ପାଦ ଚାଲିଲା ପରାଏ ଦିଶୁଛି,
ଚଳେ ଯେବେ ପଛୁଁ ତ ନ ଆସୁଛି ।

ମୁଗ୍‌ଧା ନାୟିକା ଚିତ୍ରପଟରେ ନାୟକର ମୂର୍ତ୍ତି ଦେଖି ଏକାବେଳକେ ତନ୍ମୟ ହୋଇ ପଡ଼ିଛି—ସତେ ଯେପରି ନାୟକ ତା ଆଡ଼କୁ ଚାହୁଁଛି, ଚାଲୁଛି, ଯେଣିକି ଚାହିଁଲେ ତେଣିକି ଚାହିଁଲା ପରି ଦିଶୁଛି । ମୁଗ୍‌ଧା ମନରେ ସତ କି ମିଛ ସନ୍ଦେହ ଜାତ ହୋଇଛି; ସତ ହେବା କାମନାହିଁ ମନରେ ରହିଛି । ଶେଷରେ ନାୟିକା ସଖୀଙ୍କୁ କହୁଛି—

ଏ ତ ପଟ ନୋହେ ଅଟେ କପଟ,
କାମ ଜାଣଇ କେତେ ନଟକୂଟ ।
ମାତ୍ର ସବୁ କଥାରେ ଏ କଥାଏ,
ଏତ ଛାଇକି କୋଳ କଲା ପ୍ରାଏ ।
(୯ମ ଛାନ୍ଦ, ମୋ: କ: ଲ:)

ଅମୃତପଦାବଳୀ—

ସମାନୁରାଗୀ ମଧ୍ୟରେ ବିଷାମୃତ ବୃଷ୍ଟି କରେ
ଲାଜଗୁମାନ ଧୈର୍ଯ୍ୟ ରସେ ବୁଡ଼ାଇ ଜୀବନ ରହେ କଷ୍ଟରେ ।
ଲୋଭ ଦୁଇ ଦିଗେ ଯେଣୁ ଉଦ୍‌ବେଗ ଉଦୟ ତେଣୁ
ତହିଁରୁ ଯେହ୍ନେ ଆତଯାତ ହୁଅଇ ମେରୁ ମଣେ ପରମାଣୁ ।
ସେ ଦୁଇ ମଧ୍ୟେ ଯାହାର, ଆୟୁତ କିଛି ମାତର
ଉଦ୍ୟମ କଲେ ଲଭିପାରେ ନ କଲେ ତାହାକୁ ବୋଲିବା ଛାର ।
(୨୮ଶ ଛାନ୍ଦ । ମୋ: କ: ଲ:)

ତାହା ବା କହିବା କେତେହେ,
ମୀର କ୍ଷୀର ବଡ଼ ଦମ୍ଭ ଧରିଛ ବଳ ନେଲେ ଏହି ମତେ ହେ,
(ମୋ: କ: ଲ:, ୪୫ଶ ଛାନ୍ଦ)

ସଦାନନ୍ଦଙ୍କ 'ବାଣୀ' ଭିତରେ 'ଅସମ୍ଭବ' ସମ୍ବନ୍ଧୀୟ ପଦାବଳୀ ମନୋଜ୍ଞ ହୋଇଛି; ଏହା ସାଂସାରିକ ବିଷୟରେ ତୀକ୍ଷ୍ଣଦୃଷ୍ଟିର ଫଳ ।

ନାୟିକାର ଚିତ୍ରପଟ ଦେଖି ନାୟକ ଏପରି ଅପୂର୍ବ ଶୋଭାବତୀ ନାରୀକୁ ପାଇବା ତାଙ୍କ ପକ୍ଷରେ ଅସମ୍ଭବ ମନେକରି ସେ କହୁଛନ୍ତି—

"ଗ୍ରୀଇକ କୋଳ ପ୍ରତିବିମ୍ବକୁ ଆଶ୍ଳେଷ କରିବା ଉପହାସର କଥା ସିନା ! ଚନ୍ଦ୍ରଙ୍କୁ ଆଙ୍କୋଡ଼ି ବଢ଼ାଇବା, ବସନରେ ପବନକୁ ବାନ୍ଧିବା, ଖଗକୁ ଖୋଲି ପେଡ଼ିରେ ରଖିବାକୁ ଉଦ୍ୟମ କରିବା ମଧ୍ୟ ଉପହାସର ବିଷୟ । ଏହିସବୁ ବ୍ୟାପାର ଅସମ୍ଭବ ଥିବାରୁ ଏହାକୁ ସମ୍ଭବ କରିବା ପାଇଁ ଉଦ୍ୟମ କରିବା ଉପହାସର ବିଷୟ ।" (୧ମ ଛାନ୍ଦ)

ନାୟିକାର ଯୁଗପତ୍ ଅଲଭ୍ୟ ବସ୍ତୁ ପ୍ରାପ୍ତି ପାଇଁ ଲାଳସା ଓ ପ୍ରାପ୍ତି ଅସମ୍ଭବ ଜାଣି ନୈରାଶ୍ୟ ମନୋଭାବକୁ କବି ସୁନ୍ଦର ଭାବରେ ସୂକ୍ଷ୍ମ ଛଳରେ ବ୍ୟକ୍ତ କରିଛନ୍ତି ।

ସମସାମୟିକ କବିଙ୍କ କାବ୍ୟର ସୂଚନା—ମୋହନକଳ୍ପଲତା କାବ୍ୟରେ କେରୁକା 'ଗାୟଣୀ' ନାୟକ ରାଜକୁମର ବିଶ୍ୱବଦନଙ୍କୁ ଯେଉଁ ଚିତ୍ରପଟ ଗୁଡ଼ିକ ଦେଖାଇ ତାଙ୍କର ମନକୁ ମୁଗ୍ଧ କରିଦେଇଥିଲେ କବିଙ୍କ ସେ ଚିତ୍ରପଟ ଗୁଡ଼ିକର ପରିଚୟରୁ ସ୍ପଷ୍ଟ ହେଉଛି ଯେ କବି ସମସାମୟିକ କବିମାନଙ୍କର କେତୋଟି ଉତ୍କୃଷ୍ଟ କାବ୍ୟ ଓ ସ୍ୱରଚିତ 'ଲଳିତଲୋଚନା' କାବ୍ୟର ସୂଚନା ଦେଇଛନ୍ତି ।

'ସୁଦର୍ଶନ ବିବାହ'ର କବିଙ୍କ ନାମ ଜଣାଯାଉ ନାହିଁ । 'ସର୍ବାଙ୍ଗ ସୁନ୍ଦରୀ' ଲୋକନାଥ ଦାସ (ବିଦ୍ୟାଧର) ଙ୍କ ଦ୍ୱାରା ରଚିତ କାବ୍ୟ । କବି ସଦାନନ୍ଦ 'ଯୁଗଳ ରସାମୃତ ଲହରୀ'ରେ ଏହାଙ୍କ ନାମ ଉଲ୍ଲେଖ କରିଛନ୍ତି । 'କାଞ୍ଚନଲତା' କାହାର କୃତି ଜଣାଯାଉ ନାହିଁ ।

'କନକଲତା' ନାମକ ଏକ କାବ୍ୟ ନିତ୍ରିକମ ଭଞ୍ଜ ରଚନା କରିଛନ୍ତି । 'କନକଲତା'କୁ ଏଠାରେ ଲକ୍ଷ୍ୟ କରାଯାଇଛି କି ? 'କନକଲତା'ର ନାୟକ 'ରସାରଞ୍ଜନ' 'ବସୁଧାବତଂସ' ନାମରେ ସୂଚିତ ହୋଇଥିବା ସମ୍ଭବ । 'ସୁଦର୍ଶନ' ନାୟକର ପିତା । 'ପ୍ରେମଲୀଳା' କାବ୍ୟଟିର କବିଙ୍କ ନାମ ଜଣାଯାଉନାହିଁ । 'ଲୀଳାବତୀ' କାବ୍ୟଟି ବାଣପୁରର ରାଜା ରଘୁନାଥ ହରିଚନ୍ଦନ ରଚନା କରିଛନ୍ତି । ରଘୁନାଥ ଖ୍ରୀ: ୧୬୫୫ରେ ବାଣପୁର ସିଂହାସନ ଆରୋହଣ କରିଥିଲେ । 'ଲଳିତଲୋଚନା' କବିଙ୍କ ନିଜ କାବ୍ୟ ଏବଂ ଏହାର ନାୟକ ଓ ନାୟିକାଙ୍କ ନାମ ଉଲ୍ଲେଖ କରାଯାଇଥିବାରୁ କାବ୍ୟଟି ସ୍ପଷ୍ଟଭାବରେ ସୂଚିତ ହୋଇଛି ।

ରୁକ୍ମଣୀ ଆଦି ଅଷ୍ଟମହିଷୀ, ମିଳନ ହେଲେ ଯେହ୍ନେ ବ୍ରହ୍ମରାଶି ।
ଦେଖି କୁମର କୁତ୍ହଳିତ କର, ନୟନୁ ବହେ ଝର ଝର ନୀର ।
ପୁଣି ତା ରଖିଲା, ବହୁ ରାଜରାଣୀ ପଟ ଫେଡ଼ିଲା । ୧୫ ।

ଚିତ୍ର କଲା ସୁଦର୍ଶନ ବିବାହ, ସର୍ବାଙ୍ଗସୁନ୍ଦରୀ ନାୟକ ସହ ।
ପୁଣି ଦେଖାଇଲା କାଞ୍ଚନଲତା, ବସୁଧାବତଂସ ସଙ୍ଗେ ଶୋଭିତା ।
ତହିଁ ପ୍ରେମଲୀଳା, କୁମାର ସଙ୍ଗେ ମଧୁଶଯ୍ୟା ଲୀଳା । ୧୬ ।

ଏ ଅନ୍ତେ ଦେଖାଇଲା ଲୀଳାବତୀ, ଚନ୍ଦ୍ରପ୍ରିୟ ସଙ୍ଗେ ଯେମନ୍ତ ରତି ।
ହସି ଦେଖାଏ ଲଳିତଲୋଚନା, ବରହେ ଯଉଁ ରୂପେ ଖେଦମନା ।
ନପୁଣତିଳକ, ତାହା ସାଙ୍ଗକୁ ଯେମନ୍ତ ହସ୍ତକ । ୧୭ ।
(ମୋ: କ: ଲ:, ୮ମ ଗ୍ରନ୍ଥ)

ଓଡ଼ିଆ ପ୍ରାଚୀନ କବିମାନଙ୍କ କୃତିରେ ଏପରି କାବ୍ୟମାନଙ୍କର ସୂଚନା ମିଳିବା ଦୃଷ୍ଟାନ୍ତ ବେଶି ନାହିଁ । ଉପେନ୍ଦ୍ର 'କୃପାସିନ୍ଧୁ' ବଳରାମ ଦାସଙ୍କ ରାମାୟଣରେ ନାମୋଲ୍ଲେଖ କରିଛନ୍ତି । ସଦାନନ୍ଦ ସ୍ୱକାବ୍ୟ, ଅନ୍ୟକବିଙ୍କ କାବ୍ୟର ସୂଚନା ଦେଇ ସେଗୁଡ଼ିକର ଉତ୍କର୍ଷ ପ୍ରତିପାଦନ କରିଥିବା ସ୍ପଷ୍ଟ ।

କବି-ପରଂପରା ରକ୍ଷା—ପ୍ରଥମ ଋତୁମତୀ ନାରୀର ପ୍ରଥମଋତୁ-କାଳୀନ ଅବସ୍ଥାକୁ ବର୍ଣ୍ଣନା କରିବା କବି-ପରଂପରାବିରୁଦ୍ଧ ବୋଲି ସଦାନନ୍ଦ

ବ୍ୟକ୍ତିକର ମୋହନକଳ୍ପଲତାର ଏକାଦଶ ସମୟର ବର୍ଣ୍ଣନାରୁ କ୍ଷାନ୍ତ ହୋଇଥିଲେ ।

ବେଶ ବର୍ଣ୍ଣିବାକୁ ଏଥି ବିସ୍ତରିଲି ଚିତ୍ତ,
ଏହୁ କବି-ପରଂପରା ପଥ ନୋହଇ ତ ଯେ ।
ଏଣୁ ନିବର୍ତ୍ତିଲି ଆଗେ ବର୍ଣ୍ଣିବି ପ୍ରତ୍ୟଙ୍ଗ,
ଅଙ୍ଗାଲଙ୍କାରର ଯେଣୁ ଭୂଷଣାନୁସଙ୍ଗ ଯେ । (୭ମ ଛାନ୍ଦ)

ସଦାନନ୍ଦ ଏହାକୁ କବିପରଂପରାର ବିରୋଧାତ୍ମକ କାର୍ଯ୍ୟ ବୋଲି କହିଥିଲେ ମଧ୍ୟ ତାଙ୍କ ପୂର୍ବବର୍ତ୍ତୀ ମହାକବି ଉପେନ୍ଦ୍ର ଏଥିରୁ ନିବୃତ୍ତ ହୋଇ ନାହାନ୍ତି । ସ୍ୱକାବ୍ୟନାୟିକାମାନଙ୍କର ରଜସ୍ୱଳା ସମୟର ଚିତ୍ର ସେ ଉପମାପୂର୍ଣ୍ଣ ପଦାବଳୀରେ ବର୍ଣ୍ଣନା କରିଛନ୍ତି । ସଦାନନ୍ଦଙ୍କ ଉକ୍ତି ଶିଷ୍ଟାଚାର ଦୃଷ୍ଟିରୁ ଗ୍ରହଣୀୟ । ସେ ମଧ୍ୟ 'କବିପରଂପରା'ର ଯୁକ୍ତି ଅବତାରଣା କରିଥିବାରୁ ଭକ୍ତ ପ୍ରଭୃତିଙ୍କର ଏବଂବିଧ ବର୍ଣ୍ଣନାକୁ ସମର୍ଥନ କରିନାହାନ୍ତି ବୋଲି କୁହାଯାଇପାରେ ।

ଯୁଗଳରସାମୃତ ଲହରୀ

ଅନୁକ୍ରମଣିକା — କବି ପ୍ରଥମ ଛାନ୍ଦରେ ମଙ୍ଗଳାଚରଣ କରିଛନ୍ତି । ଦ୍ୱିତୀୟ ଛାନ୍ଦରେ ଗ୍ରନ୍ଥାରମ୍ଭ କରି ରାଧା-ଚନ୍ଦ୍ରାବଳୀ ଆଦି ଗୋପୀମାନଙ୍କ ସହ କୃଷ୍ଣଙ୍କ ପ୍ରେମଲୀଳା ବିଷୟବସ୍ତୁ ଥିବା ନିର୍ଦ୍ଦେଶ କରିଛନ୍ତି । ତୃତୀୟ ଛାନ୍ଦଠାରୁ ୧୬ଶ ଛାନ୍ଦ ପର୍ଯ୍ୟନ୍ତ ଚନ୍ଦ୍ରାବଳୀ-କୃଷ୍ଣ ପ୍ରେମଲୀଳା ଓ ୧୭ଶ ଠାରୁ ଶେଷ ପର୍ଯ୍ୟନ୍ତ ରାଧା-କୃଷ୍ଣ ଲୀଳା ବର୍ଣ୍ଣିତ ହୋଇଛି ।

ଚନ୍ଦ୍ରାବଳୀ-କୃଷ୍ଣ ଲୀଳାପ୍ରସଙ୍ଗ ଅପେକ୍ଷା ରାଧା-କୃଷ୍ଣ ଲୀଳାପ୍ରସଙ୍ଗ ଦୀର୍ଘତର ହୋଇଛି । ଚନ୍ଦ୍ରାବଳୀ ଓ ରାଧାଙ୍କ ଉତ୍କଣ୍ଠା, ବିରହ, ଚାଟୁ ବଚନମୟ, ବିହାର ପ୍ରଭୃତିର ଭାବ ନ୍ୟୂନାଧିକେ ଏକ ଶୈଳୀରେ ରଚିତ ହୋଇଛି । ରାଧା-କୃଷ୍ଣ ଅଂଶଟି ଦୀର୍ଘତର ହୋଇଥିବାରୁ ବିଷୟର ପ୍ରାଧାନ୍ୟ ତୁଳନାରେ ସେଥିରେ ଅଧିକ ଥିବା ସ୍ପଷ୍ଟ ।

ଶ୍ରୀକୃଷ୍ଣଙ୍କ ସହ ଚନ୍ଦ୍ରାବଳୀଙ୍କ ପ୍ରେମ ସମର୍ଥନୀୟ ଥିବା ପୌର୍ଣ୍ଣମାସୀ ବାରମ୍ବାର ଘୋଷଣା କରିଛନ୍ତି । ଶ୍ରୀକୃଷ୍ଣ ଅନନ୍ତ ବ୍ରହ୍ମାଣ୍ଡପତି ଓ ଚନ୍ଦ୍ରାବଳୀ ତାଙ୍କର ଯୁବତୀ, ଏହା ସେ ଚନ୍ଦ୍ରାବଳୀଙ୍କୁ ବୁଝାଇ ହୃଦ୍‌ବୋଧ କରାଇଛନ୍ତି ଏବଂ ଉଭୟଙ୍କ ଭେଟ ପାଇଁ ଉପାୟ କରିଛନ୍ତି ।

ଭଗବତୀ କହେ ସେ କି ଗୋପର, ତୁମ୍ଭେ ତାଙ୍କର ଅଟକି ପର ।
ଶ୍ରୀକୃଷ୍ଣ ଅନନ୍ତ ବ୍ରହ୍ମାଣ୍ଡପତି, ତୁମ୍ଭେ ତାହାଙ୍କର ନିଜ ଯୁବତୀ ।

ପୂର୍ବେ କହିଛୁ ମୁଁ ତୋତେ ଗୋ, ସୁନ୍ଦରୀ
ତାହା କି କେ ନ କରୁ ପ୍ରତେ । ୧୩ । (.୯ମ ଛାନ୍ଦ)

କୃଷ୍ଣଙ୍କୁ ଆକର୍ଷଣ କରିବା ପାଇଁ ଚନ୍ଦ୍ରାବଳୀଙ୍କୁ ଭଗବତୀ ପୌର୍ଣ୍ଣମାସୀ ବଶୀକରଣ ଗାରଡ଼ି ମନ୍ତ୍ରଦେଇ ବଳିୟାନ୍ କରିଥିଲେ । ଚିଠାଉ ପ୍ରେରଣ କରିବାରେ ଶୀଳବକାଢ଼ିଣୀକି ଚନ୍ଦ୍ରାବଳୀ ଦୂତୀସ୍ୱରୂପ ବ୍ୟବହାର କରିଛନ୍ତି ।

ଚିଠାଉ ପ୍ରେରଣ, ପଠନ ପ୍ରଭୃତି ବିଷୟରେ ଉଭୟ ପକ୍ଷ ଗୋପନୀୟତା ଅବଲମ୍ବନ କରିଛନ୍ତି । ଗୋପନ ପ୍ରଣୟହିଁ ଏହାର କାରଣ । ପଞ୍ଚବାହିକାର ପତ୍ର ପ୍ରଦାନ ଏବଂ କୃଷ୍ଣସଖା ଓ ମାତାଙ୍କଠାରୁ ପତ୍ରକୁ ଗୋପନ ରଖିବା ପ୍ରସଙ୍ଗ କବି ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି ।

ଏତେ କହି ସ୍ପୃରୁ ନୂତନ ପାଦୁକା ଯୋଡ଼ି ଫିଟାଇ ଥୋଇଲା,
ସେହି ସମୟରେ କୃଷ୍ଣ ପୟରକୁ ପତ୍ରିକା ପକାଇଦେଲା ।
ଚରଣ ଚୁପି ରଖିଲେ ନରହରି ଦୂରୁ ଦେଖି ସଖାଗଣ,
ଜାଣି ମଧ୍ୟ ଧୀର ହାସ୍ୟ ପ୍ରକାଶିଲା କରତାଳି ଯେ ମାରିଣ । ୬ ।

ପୁଣି —

ଏ କାଳେ ଜନନୀ ଡାକ କର୍ଣ୍ଣେ ଶୁଣି ପତ୍ରିକା ଶୀଘ୍ର ମୁଡ଼ିଲେ
ବନେ ଏକାନ୍ତେ ପଢ଼ିବା କହି ପୀତ ଚେଲାଞ୍ଚଳରେ ବାନ୍ଧିଲେ । ୧୯ ।
(୧୦ମ ଛାନ୍ଦ)

ରାଧାଙ୍କର ଦୂତୀ ରୂପରେ ସଖୀମାନେହିଁ ବ୍ୟବହୃତ ହୋଇଛନ୍ତି ।

ପ୍ରଥମ ଛାନ୍ଦରେ କବି ମଙ୍ଗଳାଚରଣ କରିଛନ୍ତି । ଦ୍ୱିତୀୟରେ ଗ୍ରନ୍ଥାରମ୍ଭ ନିୟମ ପାଳନ କରି କୃଷ୍ଣଚରିତର ସୂଚନା ଦେଇଛନ୍ତି । ଆଦ୍ୟରେ ରାଜା ପରୀକ୍ଷିତ ଶୁକମୁନିଙ୍କଠାରୁ ଭାଗବତ ଶ୍ରବଣ କରି ବୈକୁଣ୍ଠଲାଭ କଲେ । 'ଇତିହାସ'ରେ ଶୁକଦେବ ପରୀକ୍ଷିତଙ୍କୁ ସମ୍ପୂର୍ଣ୍ଣ ରାଧାକୃଷ୍ଣ ଲୀଳା ପ୍ରସଙ୍ଗ କହିବାକୁ ଅସମ୍ମତ ହେଲେ । ଏହାର କାରଣସ୍ୱରୂପ ସେ କହିଲେ ଯେ ପରୀକ୍ଷିତଙ୍କ ମୃତ୍ୟୁ ସମୟ ନିକଟ ହୋଇ ଆସିଥିବାରୁ ଉନ୍ମାଦକ ରାଧାକୃଷ୍ଣ ପ୍ରସଙ୍ଗ ବର୍ଣ୍ଣନା କରିବା ଅସଂଗତ ହେବ । ପରୀକ୍ଷିତ ପରେ ନାରଦଙ୍କଠାରୁ ଏହି ଚରିତ ଶ୍ରବଣ କଲେ ।

ଅବତାର ଯେଣୁ ସେ ଅବତୀର୍ଣ୍ଣ, ସର୍ବାବତାର ବୀଜର ବିକୀର୍ଣ୍ଣ ।
ରସରାଜ ରୂପ କୃଷ୍ଣ ସଂସର୍ଗ, ଲୀଳା କଲେ ଯା ରାଧା ଗୋପୀବର୍ଗ ।
ତାହା ପ୍ରକାଶି କହୁ ଅସମ୍ପୂର୍ଣ୍ଣ, ଶୁଣ ପରୀକ୍ଷିତ ହେ ଦେଇ କର୍ଣ୍ଣ ।
ରାଧା ଚନ୍ଦ୍ରାବଳ୍ୟାଦି ଗୋପୀବର୍ଣ୍ଣ, ବେଶରସ ସମ୍ମିଳ୍ୟାଦି ସଂକୀର୍ଣ୍ଣ ।
(୨ୟ ଛାନ୍ଦ)

ଅବତାରୀ ରସରାଜ ଶ୍ରୀକୃଷ୍ଣଙ୍କ ରାଧା, ଚନ୍ଦ୍ରାବଳୀ ଓ ଗୋପୀଙ୍କ ସହିତ ଲୀଳା ବର୍ଣ୍ଣନା କରି ନାରଦ ଚରିତକୁ ଅସମ୍ପୂର୍ଣ୍ଣ ରଖିଲେ । ପରବର୍ତ୍ତୀ ବ୍ରହ୍ମବୈବର୍ତ୍ତ ପୁରାଣ ପ୍ରଭୃତିରେ ନିତ୍ୟବୈକୁଣ୍ଠ, ନିତ୍ୟରାଧା ନିତ୍ୟକୃଷ୍ଣ ଚରିତ ମର୍ତ୍ତ୍ୟର ରାଧାକୃଷ୍ଣ, ରାଧାକୃଷ୍ଣଲୀଳା ଅପେକ୍ଷା ଉତ୍କୃଷ୍ଟ ଥିବା ପ୍ରତିପାଦିତ ହୋଇଛି । ଏ ବିଷୟ ଏଠାରେ ବର୍ଣ୍ଣିତ ହୋଇ ନ ଥିବାରୁ ଏହା 'ଅସଂପୂର୍ଣ୍ଣ' ରହିଥିବା ଅନୁମାନ କରାଯାଇ ପାରେ । ପୁଣି ଗ୍ରନ୍ଥରେ ରାଧାକୃଷ୍ଣ ଜନ୍ମ, ପ୍ରଭୃତି ବିଷୟ ସହ ବାଲ୍ୟଲୀଳା ବର୍ଣ୍ଣିତ ହୋଇନାହିଁ । କେବଳ ପୌଗଣ୍ଡ ଓ କୈଶୋର ଅବସ୍ଥାର ଲୀଳା ବର୍ଣ୍ଣିତ ହୋଇଛି । ଏହି କାରଣରୁ ବିଷୟ 'ଅସମ୍ପୂର୍ଣ୍ଣ' ବୋଲି କବି କହିଥିବା ସମ୍ଭବ ।

କବି ଶ୍ରୀକୃଷ୍ଣଙ୍କ କୈଶୋର ଅବସ୍ଥାରେ ଚନ୍ଦ୍ରାବଳୀଙ୍କ ସହ ଲୀଳା ତୃତୀୟ ଛାନ୍ଦରେ ଆରମ୍ଭ କରିଛନ୍ତି । ଗୋବିନ୍ଦ ଦିନେ ବନକୁ ଯାଇ ଗୋରୁ ଚରାଇବା ଇଚ୍ଛା ପ୍ରକାଶ କରି ଯଶୋଦାଙ୍କ ଅନୁମତି ମାଗିଲେ—ଏହିଠାରୁ ପ୍ରକୃତରେ ଚରିତ ଆରମ୍ଭ ହୋଇଛି ।

ଦିନେ ଗୋବିନ୍ଦ ହସିଣ ମନ୍ଦ, ଯଶୋଦାଙ୍କୁ ଜଣାଇଲେ ।
ରଖିବି ଗାଈ ବନକୁ ଯାଇ, ଶୁଣି ମାତା ମନାକଲେ । ୬ ।

କୁମାରକୁ ଗାଈ ଜଗାଇବା ପାଇଁ ଅସମ୍ମତ ହେବାରୁ ପୌର୍ଣ୍ଣମାସୀଙ୍କୁ ଶ୍ରୀକୃଷ୍ଣ 'ଠାର ସୂଚିଲେ' ଏବଂ ପୌର୍ଣ୍ଣମାସୀ ଯଶୋଦାଙ୍କୁ କହିଲେ ଗୋଶାସ୍ତ୍ର ଶିକ୍ଷା କରିବା ପାଇଁ ଗୋଶାସ୍ତ୍ରବିତ୍ ଗୋବର୍ଦ୍ଧନ ମଲ୍ଲଙ୍କ ପୁରକୁ ଗଲେ ଭଲ ହେବ । ଗୋବର୍ଦ୍ଧନ କୃଷ୍ଣଙ୍କୁ 'ଭାଇ' ସମ୍ବୋଧନ କରିଛନ୍ତି । କୃଷ୍ଣଙ୍କୁ ସମୁଚିତ ସମ୍ବର୍ଦ୍ଧନା କରିବାକୁ ମଲ୍ଲ ଚନ୍ଦ୍ରାବଳୀଙ୍କୁ କହିଲେ । ଅର୍ଘ୍ୟଥାଳି ବନ୍ଦାପନା ସମୟରେ କୃଷ୍ଣଚନ୍ଦ୍ରାବଳୀଙ୍କ ଶୁଭଚକ୍ଷୁ ଭେଟ ହେଲା । ଉଭୟେ ଅନଙ୍ଗଶରରେ ବିଦ୍ଧ ହେଲେ । ଏହି ଘଟଣାଠାରୁ ଚନ୍ଦ୍ରାବଳୀ-କୃଷ୍ଣଲୀଳା ଆରମ୍ଭ ହେଲା । ଗୋଶାସ୍ତ୍ର ଧରି କୃଷ୍ଣ ଘରକୁ ଫେରିଲେ । ଗୋପାଷ୍ଟମୀ ଦିନ ଗାଈଙ୍କୁ ନେଇ ବନଯାତ୍ରା କରିବା ନିମନ୍ତେ ଯଶୋଦା ସ୍ଥିର କଲେ । ଚତୁର୍ଥ ଦିନର ଗୋପାଷ୍ଟମୀ ଉତ୍ସବର ସୁନ୍ଦର ଚିତ୍ର ଦିଆଯାଇଛି ।

'ଏହି ପ୍ରକାରେ ଦିନକୁ ଦିନ, ଗୋରୁ ରଖନ୍ତି ମନମୋହନ ହେ ।
କେ କାହିଁଛନ୍ତି ବଇରି ମନ, ବାଉଁଲେ ଦିଶେ ନେଇ ନଳିନ ।
ତୋଳି ରଖିଲେ ନାସି ନୟନ, ହୁଦ ସଦନ ହେ । ୧୧ ।

(୫ମ ଛାନ୍ଦ)

ମାତୃଲାଳସା—ନରହରି ଗୋଷ୍ଠରେ ବିଜେ କରିବାରୁ ଯଶୋଦାଙ୍କ ମାତୃସ୍ନେହଜନିତ ମନୋବେଦନା ଉପସ୍ଥିତ ହେଲା, କିନ୍ତୁ କୃଷ୍ଣ ଗୋଷ୍ଠରୁ ଫେରିବାରୁ ମାତାଙ୍କ ମନ ହରଷିତ ହେଲା ।

ଷଷ୍ଠ ଛାନ୍ଦରେ ଚନ୍ଦ୍ରାବଳୀ ସଖୀ ପଦ୍ମା ଅଗରେ କୃଷ୍ଣଙ୍କ ଅପୂର୍ବ ଶୋଭାମୟ ରୂପ ଓ ଗୁଣର ବର୍ଣ୍ଣନା କରି ତାଙ୍କପ୍ରତି ଆକୃଷ୍ଟ ହୋଇଥିବା କହୁଛନ୍ତି ।

ଭଲ ସେ ବିମ୍ବା ଅଧର ଗୋ, ଧରମ କରମ ଭାଙ୍ଗିଲା ମୋର ଗୋ ।
ପରାଣ ସଖି, ପତିବ୍ରତ ବ୍ରତ ଦୂର ଯେ ।

ଏଣେ ନଦୀତଟରେ ଗୋପନରେ କୃଷ୍ଣଙ୍କ ସହିତ ଚନ୍ଦ୍ରାବଳୀ ତାଙ୍କର ପ୍ରୀତିଲୀଳା ବର୍ଣ୍ଣନା କରୁଛନ୍ତି । ଚନ୍ଦ୍ରାବଳୀଙ୍କ ବିରହ ଦିନକୁଦିନ ବୃଦ୍ଧି ପାଇଲା ଏବଂ 'କାହିଁ ମନ ନ ରହିଲା' । ଚନ୍ଦ୍ରାବଳୀ କୃଷ୍ଣଙ୍କ ଭେଟ ପାଇଁ ବ୍ୟାକୁଳ ହେଲେ । "ତୋ ଆଗେ କେଉଁ କପଟ ଗୋ । କି ରୂପେ ହୋଇବ ତାହା ମୋହି ଭେଟ ଗୋ । ପରାଣ ସଖି । ନ ଦିଶଇ ବୁଦ୍ଧି ବାଟ ଗୋ ।" (୭ମ ଛାନ୍ଦ)

ଚନ୍ଦ୍ରାବଳୀଙ୍କ ସହି ଶ୍ରୀକୃଷ୍ଣଙ୍କ ନଦୀତଟରେ ମିଳନ ପ୍ରସଙ୍ଗ କ୍ରମେ ସ୍ପଷ୍ଟ ହୋଇଯିବାରୁ ଚନ୍ଦ୍ରାବଳୀଙ୍କ ସ୍ୱାମୀ ମାତାଙ୍କୁ ଠାରେ ଗୁପ୍ତରେ ଏହା ଜଣାଇ ବୋହୂଙ୍କୁ କେହି ଆଉ ନ ଛାଡିବା ପାଇଁ କହିଲେ । "କଳା ପର୍ବତ ତଳେ, କଳାବତୀକି କୋଳେ କଳା କଳାକୁ ବିସ୍ତାରେଟି । ବୋହୂ କାହିଁ ନ ଯାଉ ବନ୍ଧୁ ବୋଲଣା ନୋହୁ, ବହୁଳା ବନ ଆଦରେଟି ଗୋ, ଜନନୀ ।"

ଅଷ୍ଟମ ଛାନ୍ଦରେ କୃଷ୍ଣଙ୍କ କୈଶୋର ବର୍ଣ୍ଣନା । କୈଶୋର ଅବସ୍ଥାରେ ରସିକ ଚେଷ୍ଟା ଉଦୟ ହେଲା । "ବାଟ ନଦୀଘାଟ କୁଞ୍ଜ କୁଟୀରେ, କୂଟ କପଟେ ଆନ୍ତି ଗୁପତରେ, ହାଟକଅଙ୍ଗୀମାନଙ୍କୁ ଯେ ଭେଟି; ଲୁଟ ଲଗାନ୍ତି କରି ବଟାବଟି ସେ । ବାଟକୁ କାହିଁ ପେଷନ୍ତି ଯେ । ହଟହଟା ଗୋପେ ଯଉବନୀଙ୍କର ବୃନ୍ଦାଏ ସିନା ହସନ୍ତି ଯେ ।"

କୃଷ୍ଣ ବହୁ ଉପାୟ କଲେ ମଧ୍ୟ କେହି 'ସୁରତି ଦାନ'କୁ 'ସନମତ' ହେଉ ନ ଥିବାରୁ ତାଙ୍କର କାମଚେଷ୍ଟା ବୃଦ୍ଧି ପାଇଲା ଏବଂ ସେ ବିପର୍ଯ୍ୟସ୍ତ ମନରେ ରହିଲେ । ପୌର୍ଣ୍ଣମାସୀ ଏହା ଜାଣିପାରି ତାଙ୍କୁ ବଶୀକରଣ ମନ୍ତ୍ର ଦାନକଲେ । "ଡାକ ଯାହାକୁ ତୁମ୍ଭେ ମନେକରି, ତାଙ୍କର ଉଚ୍ଚାରି ଏକ ଅକ୍ଷର ସେ, କଙ୍କଣ ପ୍ରାପ୍ତ ସେବିବ ହେ ।"

ଚନ୍ଦ୍ରାବଳୀ ବିରହରେ କାତର ହେଲେ । ଦିନୁଦିନ ବିରହ ବୃଦ୍ଧି ପାଇଲା । କୃଷ୍ଣଙ୍କର ମୁରଲୀ ଧ୍ୱନି ତାଙ୍କୁ ଅତି 'ଉଦ୍ଦୀପନ' କଲା, ସେ ଅଚେତ ହୋଇଗଲେ । ପୌର୍ଣ୍ଣମାସୀ ତାଙ୍କୁ କୃଷ୍ଣଙ୍କ ବଶ କରିବା ଉଦ୍ଦେଶ୍ୟରେ 'କୃଷ୍ଣ ଭୁଜଙ୍ଗ ମନ୍ତ୍ର' ଦେଲେ ଏବଂ ଶୀଘ୍ର ଚିଠାଉ ଲେଖିବାକୁ ପରାମର୍ଶ ଦେଲେ । ଚନ୍ଦ୍ରାବଳୀଙ୍କ ପତ୍ର ଧରି ଶିଳ୍ପକାରିଣୀ କୃଷ୍ଣଙ୍କ ନିକଟକୁ ଗଲା ।

(୯ମ ଛାନ୍ଦ)

କୃଷ୍ଣ ଦେବାଳୟରୁ ଚୂନ ଗୁନ୍ଦମି ଉପରେ ଏକାନ୍ତରେ ବସିଥିବାବେଳେ ଚନ୍ଦ୍ରକାଶଣୀ ପ୍ରବେଶ କରି ଚନ୍ଦ୍ରାବଳୀ "ଗହଣଗଣ୍ଡାଙ୍କୁ ଯିବେ କାଲି ପୂଜିବାକୁ କାଳୀ ଠାକୁରାଣୀ" ବୋଲି କହି ଚଉପଦି ଦେଲା । କପାଟ କଳା ଚଉପଦି ପଢ଼ିବା ଆୟୋଜନ କରିବା ବେଳେ ସଖାମାନେ ଖେଳ କହିବାକୁ ଯଶୋଦା କୃଷ୍ଣଙ୍କୁ ଡାକଲେ । ଚଠିପାଠ ବନ୍ଦ ହେଲା । ବନରେ ଏକାନ୍ତରେ ପଢ଼ିବା ପାଇଁ ବନକୁ ସଖାଙ୍କ ସଙ୍ଗେ ଧେନୁ ଧରି ଗଲେ ।

(୧୦ମ ଛାନ୍ଦ)

ଚନ୍ଦ୍ରାବଳୀଙ୍କ ଚଉପଦି । ଏ ଚଉପଦିରେ କୃଷ୍ଣ ପରଂବ୍ରହ୍ମ, ବେଦର 'ତତ୍ତ୍ୱମସି' ବୋଲି ଚନ୍ଦ୍ରାବଳୀ ପ୍ରତିପାଦନ କରିଛନ୍ତି ଏବଂ ନିଜର କାମନା ବ୍ୟକ୍ତ କରି ନିଜ ଅବସ୍ଥା ସୂଚାଇଛନ୍ତି । "କୁଳେ କଳଙ୍କୀ ହେଲି ଶୁଛା କଥାକୁ ହଟହଟା ଗୋପନଗରରେ । କ୍ଲେଶ ତପ ଫଳ ମିଳୁ ବେଗରେ ।"

(୧୧ଶ ଛାନ୍ଦ)

ସଖାଙ୍କ ସହ ଚନ୍ଦ୍ରାବଳୀଙ୍କ ଚଉପଦି କୃଷ୍ଣ ପାଠକଲେ । ଶ୍ରୀକୃଷ୍ଣଙ୍କ ଉତ୍ତର ଚଉପଦି । ବିଳାସ ଏହି ଚଉପଦି ନେଇ ଚନ୍ଦ୍ରାବଳୀଙ୍କୁ ଦେଲେ ।

(୧୨ଶ ଛାନ୍ଦ)

ଚନ୍ଦ୍ରାବଳୀଙ୍କୁ ଚଉପଦି । (୧୩ଶ ଛାନ୍ଦ)

ତେର ସମ୍ବତ୍ସରି ବାଳା ଚନ୍ଦ୍ରାବଳୀଙ୍କ ସହ କୃଷ୍ଣଙ୍କ ଭେଟ । (୧୪ଶ ଛାନ୍ଦ)

କାଳୀ ପୂଜିବାକୁ ଚନ୍ଦ୍ରାବଳୀ ସଖୀମାନଙ୍କ ସଙ୍ଗେ ଯିବାକୁ ଆୟୋଜନ କଲେ । ଶାଶୁ ସଖୀମାନଙ୍କୁ ସାବଧାନ କରି କୃଷ୍ଣଙ୍କଠାରୁ ଦୂରରେ ରହିବା ପାଇଁ କହିଲେ । "ତୁମ୍ଭେମାନେ ସଙ୍ଗେ ସଙ୍ଗେ ଥିବ, ଯେବେ କିଛି ତା ଚେଷ୍ଟା ଦେଖିବ, ତାକୁ କୁବାଣୀ ଯେତେ ପାର ବୋଲିବ, ମୋ ଆଗେ ଆସି କହିବ । ମାତ୍ର ଚନ୍ଦ୍ରାବଳୀ ପରିହାସ ପାତ୍ର ଗୋ । ଗୋବର୍ଦ୍ଧନ ତାର ଯେଣୁ ତାର ଭ୍ରାତୃ ଗୋ, ହେଉଥିବ ଅନ୍ୟ ଚିତ୍ତ ସୂତ୍ର ଗୋ ।" ଚନ୍ଦ୍ରାବଳୀ କାଳୀ ପୂଜିବାକୁ ବନକୁ ଯିବା ପରେ କୃଷ୍ଣଙ୍କ ସହିତ ଭେଟ । ଅଭିସାର । "କାଳୀ ପୂଜନ୍ତି କାଳିଆ ଠାରେ, ମତି ଗୁହୁଚନ୍ତି ଏଣେ ତେଣେ ।"

(୧୫ଶ ଛାନ୍ଦ)

ଶ୍ରୀକୃଷ୍ଣ-ଚନ୍ଦ୍ରାବଳୀ ବିହାର । "ଏହି ରୂପେ ଦାଇବେ ବନେ ବନେ, ଚନ୍ଦ୍ରାବଳୀ ସଙ୍ଗରେ କୃଷ୍ଣ ବନେ । ନାନା ଲୀଳା କରିବାରୁ ଗୁପତ, କିଛି କିଛି ସେ ଲୋକେ ହେଲା ଖ୍ୟାତ ।" ଚନ୍ଦ୍ରାବଳୀହିଁ ଶ୍ୟାମା । (୧୬ଶ ଛାନ୍ଦ)

ଚନ୍ଦ୍ରାବଳୀ ସହିତ କୃଷ୍ଣଙ୍କ ଗୋପନ ପ୍ରୀତି କ୍ରମେ ଗୋପରେ ପ୍ରକାଶ ପାଇଲା । 'ଗୁପତେ ସର୍ବେ ଜଣାଜଣି ଠାଉଠାରି ଇଙ୍ଗିତରେ ।' ଦିନେ ଏକ ସ୍ଥାନରେ ରାଧାଙ୍କ ସ୍ୱାମୀ ଅଭିମନ୍ୟୁ (ଅଭିମନ୍ୟୁ) ଓ ଗ୍ରାମବାସୀ କେତେଜଣ ବସି ଏହି କଥା ବିଚାର କରୁ କରୁ ଜଣେ କହିଲେ, "କି ଶୁଣୁଥାଉଁ, ଏ ଗ୍ରାମରେ ସର୍ବଥା ରହି ନ ଯୋଗାଇ ।" "ଶୁଣୁଥାଉଁ କେଉଁ ଗୋପୀମାନଙ୍କୁ ହରିଲା ବନରେ, କାହା ଅମ୍ଭେ କି ବୋଲି ଧରିବା ଘର ତ ଗୋପରେ ।" କୃଷ୍ଣ ଯଶୋଦାଙ୍କ ପୁତ୍ର ନଥିବା କଥା ମଧ୍ୟ ପଡ଼ିଲା । ନନ୍ଦ ଏକଥା ଜାଣିଲେଣି ବୋଲି ଜଣେ କହିଲେ । ଏପରି ବହୁ କୃଷ୍ଣ-ଦୁର୍ଗୁଣ ବ୍ୟାଖ୍ୟାନ ହେଲା । ଅଭିମନ୍ୟୁ କହିଲେ, "ମୋ ସ୍ତ୍ରୀ ଅତି ସୁନ୍ଦରୀ, ମୁଁ ତାର ଯୋଗ୍ୟ ନୁହେଁ ।" ନନ୍ଦ ଯେତେବେଳେ କୃଷ୍ଣଙ୍କୁ ଆକଟ କରୁନାହାନ୍ତି କୃଷ୍ଣ କେତେବେଳେ କଣ କରିବ । "ଯେବେ ତାକୁ ସେ ଦେଖିବ କିଛି ନୋହୁ କହିବ କଥାଏ । ତେବେ ଅପବାଦ ନଶାଣ ଶୁଭିବ ଧ୍ରୁବ ଲୋକ ଯାଏ ।" "ବହୁ ବିଚାର ପରେ "ଯେଝା ଘରେ ଆକଟ କରିବା ଉଚିତ ଅଟଇ" ଏହି ମତ ପ୍ରକାଶ ପାଇବା ମାତ୍ରେ ଅଭିମନ୍ୟୁ ଘରକୁ ଯାଇ ନିଜ ମାତାଙ୍କୁ ଏ ସବୁ ବିଷୟ ବର୍ଣ୍ଣନା କରି କହିଲେ, "ତୁମ୍ଭ ବଧୂ ଯେତେ ସୁନ୍ଦର ତା ଜାଣ ବିଚାର ଏଥିକି ।" ବାହ୍ୟ ପୁରକୁ ବାହାର ନ କରିବ ଅନ୍ୟ ଜନ ଅକ୍ଷ, ଗତି ନୋହିବ ଏହା ନେତ୍ର ଶର ସେ ଆନ ନୋହି ଲକ୍ଷ୍ୟ ।" ବୁଢ଼ୀ 'ସତ୍ୟ' ବୋଲି କହି "ସେ ଦିନୁ ଦେହଳୀ ବଳାଇ ନ ଦେଲେ ।" "ସଂସାର ଜନ ଅଗୋଚରରେ କଶୋଷ୍ଣ ଦିନ ଗୃହେ ଗଲା ।" (୧୬ଶ ଛାନ୍ଦ)

ରାଧା 'ଯେ କାଳୁଁ ସକାଳୁ ଉଠି' କୃଷ୍ଣଙ୍କୁ 'ରାହିଁ ହସିଲା' । "ନାସାକୁ ଧରି ସେ ସ୍ୱପାକୁ ପ୍ରକାଶିଲା ।" ରାଧାଙ୍କ ପ୍ରତି କୃଷ୍ଣଙ୍କର ପ୍ରେମ ବୃଦ୍ଧି ପାଇଲା, ସେ ବିରହରେ କାତର ହେଲେ । ଶ୍ରୀକୃଷ୍ଣଙ୍କ ପ୍ରତି ରାଧା ମଧ୍ୟ ଆକୃଷ୍ଟ ହୋଇ

ପ୍ରେମରେ ବିହ୍ୱଳ ହେଲେ । ଶାଶୁ ନଣନ୍ଦଙ୍କ ଆକଟ ନାୟିକାକୁ ଗୃହ ବନ୍ଦୀଶାଳାରେ ଆବଦ୍ଧ କରି ରଖିଥିବାରୁ ମିଳନ ସମ୍ଭବ ହେଉନାହିଁ । ବିଶାଖା ଶ୍ରୀରାଧାଙ୍କ ଚିତ୍ର ଲେଖାଇ ରଖିଥିଲେ । ଚିତ୍ରପଟ ଦେଖାଇ କୃଷ୍ଣଙ୍କ ଉତ୍କଣ୍ଠାର ପ୍ରକୋପ କିଛି ଊଣା କରିବା ପାଇଁ ସଖୀମାନେ ବିଚାର କଲେ । କୃଷ୍ଣ ଦକ୍ଷିଣ ନାୟକ, ବହୁ ନାୟିକାରେ ଅନୁରାଗୀ । ଚନ୍ଦ୍ରାବଳୀର ପ୍ରେମ ଚିନ୍ତା କରୁକରୁ ରାଧାଙ୍କ ପ୍ରେମ ପାଇଁ ବ୍ୟାକୁଳ ହେଲେ ।

(୧୮ଶ, ୧୯ଶ ଛାନ୍ଦ)

ଦିନେ ସବୁ ଆଲୀ ସଙ୍ଗେ ରାଧା ଫୁଲ ତୋଳିବାକୁ ଉପବନକୁ ଯାଇଥିବା ସମୟରେ କୃଷ୍ଣ ସେଠାରେ ପ୍ରବେଶ କଲେ । କୃଷ୍ଣ ଲୁଚି ରହି ବିଶାଖାଙ୍କୁ ଦେଖି ମୁଗ୍ଧ ହୋଇଗଲେ ଏବଂ ତାଙ୍କୁ କହିଲେ, "ଆସ, କରିଅଛି ଆଶ ମୁଁ ତୋ ଦାସ ପରି ଜୀବଧନ ।" "ଅଧର ପୀୟୂଷ ଅଶନେ ସନ୍ତୋଷ ହେବି ଯେ ଆରେ ନାଗରି ବରି ।" ବିଶାଖାଙ୍କୁ କୃଷ୍ଣ କୋଳକରି ଚୁମ୍ବନ ଦେବାରୁ ସେ ଏହା ପସନ୍ଦ ନକରି କହିଲେ, "ଆମ୍ଭଙ୍କୁ ଦେଖିତ ହେଉଛ ଏମନ୍ତ, ମୁଁ ଅବା କେଉଁ ସୁନ୍ଦରୀ ସାର । ରାଧିକା ଆନନ ଲୋକନେ କି ଜ୍ଞାନ ରହିବ, ହେବ ବାତୁଳବର ।" ରାଧାଙ୍କ ନାମ ଶ୍ରବଣ କରିବାରୁ କୃଷ୍ଣ ତାଙ୍କର ପରିଚୟ ବିଶାଖାଙ୍କୁ ମାଗିଲେ । ବିଶାଖା ରାଧାଙ୍କ ସ୍ୱାମୀ, ଗୃହର ପରିଚୟ ଦେଇ କହିଲେ, "ତାହାର ସୁନ୍ଦରପଣ ତ ସଂସାର କରିଛି ଯେ କହି ନ ପାରିବ, କିବା ହେଲେ କବି କି ବର୍ଣ୍ଣି ତା ଛବି ଭାବି ଭାବି ଜ୍ଞାନ ନାଶ ହେବ ।" ବିଶାଖା ରାଧାଙ୍କ ଅପୂର୍ବ ଶୋଭା ବର୍ଣ୍ଣନା କଲେ । ରାଧାଙ୍କ ପ୍ରତ୍ୟଙ୍ଗ ବର୍ଣ୍ଣନା ।

(୨୦ଶ ଛାନ୍ଦ)

ରାଧା ସହଚରୀଠାରୁ ଶ୍ରୀକୃଷ୍ଣଙ୍କ ପ୍ରତ୍ୟଙ୍ଗ ବର୍ଣ୍ଣନା ଶୁଣିଲେ । ୨୧ଶ ଛାନ୍ଦ। ରାଧାଙ୍କ ଚିତ୍ରପଟ ଧରି ବିଶାଖା ନନ୍ଦୀଶ୍ୱର ଗ୍ରାମକୁ ଆସି ତାଙ୍କ ମାଉଳଙ୍କ ଘରେ ଥିଲେ । ସେ ଗୋପନରେ ମଧୁମଙ୍ଗଳଙ୍କୁ "କୃଷ୍ଣବିଶ୍ୱାସ" ମନେକରି 'ଦେହ ଛୁଆଁଇ ନିୟମ ପକାଇ' 'ଆନେ ଜାଣିଲେ ମୁଁ ମରିବି ବିଷ ଖାଇ' ଇତ୍ୟାଦି ରାଣନିୟମ କରାଇ କେବଳ ଶ୍ରୀକୃଷ୍ଣଙ୍କ ହାତରେ

ଚିତ୍ରପଟଟି ଦେବାପାଇଁ ଅନୁରୋଧ କଲେ । ଚିତ୍ରପଟ ଦେଖି କୃଷ୍ଣ ଓ ସଖାମାନେ ପ୍ରଶଂସା କଲେ । (୨୨ଶ ଛାନ୍ଦ) ବିଶାଖା କୃଷ୍ଣଙ୍କ ଚିତ୍ରପଟ ନେଇ ରାଧାଙ୍କୁ ଦେଲେ । ରାଧା ସଖୀମାନଙ୍କ ସହ ଚିତ୍ରପଟ ଦେଖି ମୁଗ୍ଧ ହୋଇଗଲେ । ରାଧା ପଟରେ କୃଷ୍ଣଙ୍କ ଶୋଭା ଦେଖି ପ୍ରଶଂସା କରିବାରୁ ବିଶାଖା କହିଲେ, "ଯାହାର ପଟ ଏ ଅମୂଲ୍ୟ ରତ୍ନ ସେ ଏ ଗୁଞ୍ଜା ତା ସଙ୍ଗେ ତୁଲା ଯେ ।" ରାଧା କୃଷ୍ଣପ୍ରେମରେ ମୁଗ୍ଧ ହୋଇ ଅଚେତ ହୋଇ ତଳେ ପଡ଼ିଯିବାରୁ ସଖୀମାନେ ଚେତା କରାଇଲେ ସଖୀମାନେ ପ୍ରବୋଧ ଦେଇ ବୋଇଲେ "ଏକି ଚରିତ ଗୋ ପତିବ୍ରତା ହୋଇ ଅଧର୍ମୀ ହେବା କେବେ ନୋହିଲ ଉଚିତ ଗୋ ।" ଧନ୍ୟ ରାଧା ବାହାରେ 'ଧୈର୍ଯ୍ୟବନ୍ତ' ହେଲେ ସିନା ଭିତରେ "ଯେହ୍ନେ ଶଙ୍ଖାର କରତ, ଟିକି ଟିକି କରେ ମରମ ନାମ ।" ଦିନକୁ ଦିନ ଏ ରଙ୍ଗ ବର୍ଷାକାଳରେ ଗିରିନଦୀ ପ୍ରାୟେ ତରଙ୍ଗ ଉଠି ବଢ଼ିଲା । (୨୩ଶ ଛାନ୍ଦ) ଦିନେ ରାତିରେ ଶ୍ରୀକୃଷ୍ଣ ସଖାମାନଙ୍କ ସଙ୍ଗରେ ଶୋଇଥିଲା ବେଳେ ଅର୍ଦ୍ଧରାତ୍ରିରେ ସ୍ୱପ୍ନ ଦେଖିଲେ ଯେ ପୌର୍ଣ୍ଣମାସୀ ଆସି ତାଙ୍କୁ ଅଭିମନ୍ୟୁ ପୁରକୁ ନେଇଗଲେ । ରାଧାଙ୍କ ଶୟନରୂପ ଦେଖିବାକୁ କୃଷ୍ଣଙ୍କୁ କହି ପୌର୍ଣ୍ଣମାସୀ ଅନ୍ତର୍ହିତ ହୋଇଗଲେ । କୃଷ୍ଣ ରାଧାଙ୍କର 'ସମ୍ପୂର୍ଣ୍ଣ ଶୋଭା' ଦେଖି ମୁଗ୍ଧ ହୋଇଗଲେ ଏବଂ ବାଳାକୁ ସ୍ପର୍ଶ କରିବାରୁ ତାଙ୍କର ନିଦ୍ରାଭଙ୍ଗ ହେଲା । ବାଳା ସହିତ ପ୍ରେମାଳାପ କରି ତାର ଗଣ୍ଡରେ ଚୁମ୍ବନ ଦେବାମାତ୍ରେ କୃଷ୍ଣଙ୍କ ନିଦ୍ରାଭଙ୍ଗ ହେଲା, ସ୍ୱପ୍ନ ଭାଙ୍ଗିଗଲା । ସ୍ୱପ୍ନାନ୍ତେ ସେ ସୁଖସ୍ୱପ୍ନର ବୃତ୍ତାନ୍ତ ସ୍ମରଣ କରି ବହୁ ବିଳାପ କଲେ, "ଅରୁଣ ଅଧରୁ ମଧୁ ମଧୁର ଚଖାଇ, ମାରଣା ମର ହାତରେ ସମର୍ପିଲୁ ନେଇ ।" "ତୋ ରୂପ ସ୍ମରଣ କରିଯାଉ ଏ ଜୀବନ ।" (୨୪ଶ ଛାନ୍ଦ) ରାଧାଙ୍କ ସ୍ୱପ୍ନ ବିଳାପ—ରାତିରେ ଶୋଇଥିଲା ବେଳେ କୃଷ୍ଣଙ୍କ ସହିତ ତାଙ୍କର ମିଳନ ହୋଇଥିବା ସ୍ୱପ୍ନ ଦେଖିଲେ । କୃଷ୍ଣ ଚୁମ୍ବନ ଦେବା ବେଳେ ନିଦ୍ରାଭଙ୍ଗ ହେବାରୁ ସ୍ୱପ୍ନର ସୁଖଚରିତ ସ୍ମରଣକରି ବିଳାପ କଲେ । "ମୋ ପାଖେ ମିଳି କଲା ପ୍ରେମାଲିଙ୍ଗନ । ସସ୍ନେହେ କରୁ ମୋର ଅଧର ପାନ ଯେ । ଏହି ସମୟେ ନିଦ୍ରା ହେଲା ଅନ୍ତର ।" ସଖୀମାନେ ହସି ଭାଷିଲେ, "ସେହି ସ୍ୱପ୍ନ କି ସ୍ଥିର ଗୋ ।" ସଲଜ୍ଜେ ରାଧା କିଛି ନ କହି ତୁନିହେଲେ । (୨୫ଶ ଛାନ୍ଦ) ଶ୍ରୀରାଧାଙ୍କ ବିହ୍ୱଳଚେଷ୍ଟା । ବର୍ଷାକାଳରେ ଥରକେ ଦିନେ ରାଧା

ସ୍ୱପ୍ନରେ କୃଷ୍ଣଙ୍କ ବଂଶୀନାଦ ଶୁଣିଲେ ଏବଂ ବଂଶୀରେ ରାଧା ରାଧା ବୋଲି ଡାକୁଥିବା ତାଙ୍କୁ ଜଣାଗଲା । ରାଧା କୃଷ୍ଣଙ୍କ ପ୍ରେମରେ ବିହ୍ୱଳ ହେଲେ ଏବଂ ବିରହରେ କାତର ହୋଇ ପଡ଼ିଲେ । ରାଧାଙ୍କର ତ୍ରୁଟିସ୍ୱ ପୁରୁଷ ଭ୍ରମ ସଂଶୟ ଛେଦନ—ଚିତ୍ରପଟ ପୁରୁଷ, ସ୍ୱପ୍ନ ପୁରୁଷ, ବଂଶୀଧାରୀ ଏସବୁ ଏକ ପୁରୁଷ ବୋଲି ରାଧା ଜାଣିଲେ ।

ରାଧା ବୋଲି ମୋ ନାମ ଜାଣିଲି କି ପ୍ରକାରେ ହେ,
ବସାଇ ନ ଦେଲି ଗୁରୁଜନଙ୍କ ମଧ୍ୟରେ ଯେ ।
ମରିବି ମରିବି ନିଷ୍ଟେ ନାହିଁ ମୋର ଗତି ଯେ ।

ତିନି ପୁରୁଷ ଭ୍ରମ ଦୂରରେ ରାଧାଙ୍କ ମନ ଶାନ୍ତ ହେଲା—

ସଖୀ କହେ ସେ ଯେ ନୁହେଁ ତିନିଜଣ ଗୋ
ଏକା ସେ ନନ୍ଦନନ୍ଦନ ସର୍ବ ଆକର୍ଷଣ ଗୋ । (୨୭ଶ ଛାନ୍ଦ)

ରାଧାକୃଷ୍ଣ ଭେଟ ନୋହିବାରୁ ଯୋଗମାୟା ପୌର୍ଣ୍ଣମାସୀ ଉପାୟ ଚିନ୍ତା କଲେ । ଦୁର୍ବାସାଙ୍କୁ ଅଭିମନ୍ୟୁ ପୁରକୁ ପଠାଇ ଗ୍ରହଶାନ୍ତି ନିମନ୍ତେ ରାଧା ମଧ୍ୟାହ୍ନରେ ବୃନ୍ଦାବନରେ ପ୍ରତିଦିନ ସୂର୍ଯ୍ୟପୂଜାର ବିଧାନ କରିବାକୁ ପ୍ରବର୍ତ୍ତାଇଲେ, ଅଭିମନ୍ୟୁଙ୍କ ମାତାଙ୍କୁ ଋଷି କହିଲେ, "ଅଭିମନ୍ୟୁ ଚନ୍ଦ୍ରଙ୍କ-ଠାରେ ଆଜଠାରୁ ମିଶି ହେଉ, ତାଙ୍କର ନାମ ଚନ୍ଦ୍ରସେଣ ହେଉ, ଏହି ନାମରେହିଁ ସେ ପରିଚିତ ହେବେ ।" 'ସେଣ' ସାଙ୍ଖ୍ୟ । ଅଭିମନ୍ୟୁ ବ୍ରଜରେ ସର୍ବଗୁଣରେ ପରିପୂର୍ଣ୍ଣ ହୋଇଥିଲେ ମଧ୍ୟ ନପୁଂସକ ଥିଲେ । "ଲୀଳା ବଶେ ସେ କୃଷ୍ଣ ସଙ୍ଗେ ସମାନ ।" ପୂର୍ବେ ରାଜା ପ୍ରସିଦ୍ଧ କନ୍ୟାଦାନ କରିବା ମାନସରେ ପର୍ବତ ଓ ନାରଦ ଏ ଦୁଇ ଋଷିଙ୍କୁ ନିମନ୍ତ୍ରଣ କରି ଆଣିଲେ । କିନ୍ତୁ କନ୍ୟା ଭଗବାନଙ୍କୁ ଧ୍ୟାନ କରି ତାଙ୍କୁ ମନେ ମନେ ବରଣ କଲା । ଶ୍ରୀହରି ଗରୁଡ଼ରେ ବସି ରାଜାର ନବରରୁ କନ୍ୟାକୁ ହରଣ କରିନେଲେ । ଋଷି କ୍ରୋଧରେ ବିଷ୍ଣୁଙ୍କୁ ଶାପ ଦେଲେ—"ତୁଅ ନପୁଂସକ, ପ୍ରଭୁ ହୋଇ ଦେଲ ଆମ୍ଭଙ୍କୁ କାମ ସନ୍ତାପ ।" ପ୍ରଭୁ "ପରେଚ୍ଛାୟା ଇଚ୍ଛା ଧରି, ଭକ୍ତ ଶାପ ଅଙ୍ଗୀକାରୀ" ହେଲେ । "ସ୍ୱଲୀଳା ଅର୍ଥରେ ଅଭିମନ୍ୟୁ କୃଷ୍ଣ ଦୁଇ ଲୀଳା ଅବତରି" ସିନା ପ୍ରକୃତରେ ଅଭିମନ୍ୟୁ ଓ କୃଷ୍ଣ ଏକ ପୁରୁଷ । ଲଳିତା ବିଶାଖାଦି ସଖୀମାନଙ୍କ ସଙ୍ଗରେ ରାଧା

ଯିବ ପାଇଁ ଶାଶୁ ଅନୁମତି ଦେଲେ । କୃଷ୍ଣ 'ଉଦ୍ଦଣ୍ଡ' ସ୍ୱଭାବ ଓ ଚନ୍ଦ୍ରାବଳୀ-କୃଷ୍ଣ ଗୋପନ ପ୍ରଣୟ ଅପବାଦହିଁ ଏହାର କାରଣ । ୨୮ଶ—ଶରଦକାଳ—ବୃନ୍ଦାବନରେ ଶୋଭା । ବୃନ୍ଦାବନରେ କୃଷ୍ଣଙ୍କ ଚେଷ୍ଟା । ସଖାମାନଙ୍କୁ "ବୋଲେ ଗୋବିନ୍ଦ ସ୍ୱପନ ମନ୍ଦ ବଡ଼ ହେଲାଟି ମିତ । ସେ ଦିନୁଁ ଦେହ ନୋହେ ମୋ ଦେହ ଚିତ୍ତ ନୋହିଲ ଚିତ୍ତ ।" ଏହି ସମୟରେ ରାଧାଙ୍କ 'ଗତର ବୟସୀ' ସଖୀମାନେ ବନକୁ ସୂର୍ଯ୍ୟପୂଜା ପାଇଁ ଫୁଲ ତୋଳିବାକୁ ଆସିବାରୁ ରାଧାଙ୍କୁ ଦେଖିବା ପାଇଁ 'କୃଷ୍ଣ ସେମାନଙ୍କୁ ଭେଟିଲେ । ସଖୀଙ୍କ ସଙ୍ଗେ କୃଷ୍ଣଙ୍କ ପରିହାସ । କୃଷ୍ଣ ରାଧାଙ୍କ ସହିତ ମିଳନ ନହେବାରୁ ନିରାଶରେ ଫେରିଲେ । ୨୯ଶ ଛାନ୍ଦ—ଶ୍ରୀକୃଷ୍ଣଙ୍କ ବୃନ୍ଦାବନରେ ସ୍ୱ ନିତ୍ୟଲୀଳା ସ୍ଥାନ ଦର୍ଶନ । ନିତ୍ୟସ୍ଥଳର ବର୍ଣ୍ଣନା । ସ୍ୱମାୟାବଶରୁ କୃଷ୍ଣ ନିଜ ନିତ୍ୟସ୍ଥଳର ସୌନ୍ଦର୍ଯ୍ୟ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । 'ହଂସବର୍ଜ୍ଜିତ' ଏହି ନିତ୍ୟ ବୃନ୍ଦାବନରେ ଅଷ୍ଟଦିଗରେ ଅଷ୍ଟକୁଞ୍ଜ । କେତେ ବୈକୁଣ୍ଠ ତାର ରେଣୁ-ପ୍ରକାର । ଏ ଭିତରେ ଷଟ୍‌ଦଶ ସ୍ତମ୍ଭ ବିଶିଷ୍ଟ ରତ୍ନମଣ୍ଡପ । ତହିଁରେ 'ରତ୍ନ ସିଂହାସନ । ସେ ମଧ୍ୟ ନୀଳନଳିନ । ସହସ୍ର ପତ୍ର ସଂଖ୍ୟାରେ ରଚିତ, ଅନ୍ତ୍ୟକରେ ଅଷ୍ଟଦଳ, ପୁଣି କେଶର ମଣ୍ଡଳ ।" ଏହି ଅଷ୍ଟଦଳ ପଦ୍ମରେ କେଶର ମଧ୍ୟରେ ରାଧା ସହିତରେ ଆପେ ତହିଁ ଥିବାପରି କୃଷ୍ଣଙ୍କୁ ପ୍ରତୀତ ହେଲା । କୃଷ୍ଣ ବିହ୍ୱଳ ହୋଇ "ପୁଣି ବାହୁଡ଼ି ରହନ୍ତି ନିଜ ଗାତ୍ରେ ସେ, ଭଲ ଆଶ୍ଚର୍ଯ୍ୟ ହୋଇଲେ ହୃଦଗତେ ସେ ।" ସେଠାରୁ ବାହୁଡ଼ି ଆସିଲେ । କିଛିକ୍ଷଣ ପରେ ରାଧା ସୂର୍ଯ୍ୟପୂଜାକୁ ଆସିବାରୁ କୃଷ୍ଣ ଲୁଚି ରହି ସାକ୍ଷାତ୍ ରାଧାରୂପ ଦେଖି ଚେତନା ହରାଇଲେ ।

୩୦ଶ—ଶ୍ରୀକୃଷ୍ଣଙ୍କ ନବୀନ ଅନୁରାଗ । ସଖାମାନଙ୍କ ସଙ୍ଗରେ ରାଧାଙ୍କ ଠାକୁ ଦୂତୀ ପ୍ରେରଣ ପାଇଁ ବିଚାର । କାମସେନା ଦୂତୀ ହେବା ପ୍ରସ୍ତାବ ହେଲା । କୃଷ୍ଣ ରାଧ ରାଧା ଶ୍ରୀମୁଖରେ ଉଚ୍ଚାରଣ କରି ବିହ୍ୱଳ ହେବାରୁ ସଖାମାନେ ପ୍ରବୋଧ ବାକ୍ୟ ଶୁଣାଇ ନିଦ୍ରା କରାଇଲେ । ୩୧ଶ—ଭ୍ରମରବୃ—ଦିନେ କୃଷ୍ଣ ଅଟ୍ଟାଳି ଉପରେ ଏକାନ୍ତରେ ବସିଥିଲେ । ଚନ୍ଦ୍ରସେଣପୁର ସେଠାରୁ ଦେଖା ଯାଉଥିଲା । କାମସେନା ଦୂତୀକୁ କହିଲେ, "ମୋ ସ୍ନେହରେ ଥରେ

ଯିବୁ ରାଧା ପାଶ, ତା ଚରଣେ ମେଣ୍ଟେ ନେଇ କର ଦାସ ।" ଦୂତୀ ସାନ୍ତ୍ୱନା ଦେଇ କାର୍ଯ୍ୟରେ ଗଲେ । ୩୨ଶ—ଶ୍ରୀରାଧା ଶ୍ରୀକୃଷ୍ଣଙ୍କ ଶୋଭା ବର୍ଣ୍ଣନା କରି ସଖୀମାନଙ୍କୁ ଏହାଙ୍କ ସବିଶେଷ ପରିଚୟ ମାଗିଲେ । କୃଷ୍ଣଙ୍କୁ ଯମୁନା ତୀରରେ ରାଧା ଦେଖି ମୁଗ୍ଧ ହୋଇ ଯାଇଥିଲେ, ଜ୍ଞାନ ରହି ନଥିଲା । ଏହା ପ୍ରକାଶ କରି ସେ ପୁଣି ସଖୀମାନଙ୍କୁ କହୁଛନ୍ତି, "ଉଭା ହୋଇଲେ ତିନବାଙ୍କେ ରହେ, ଥରେ ଥରେ ସେ ଅଙ୍ଗ ଚମକାଏ, ଝଟକି ଝଂକୃତ ନାଦ, ସେ କାଳକୁ ଜ୍ଞାନ ରହେ କି ଉତ୍ତମାର ଗୋ ।" ପୁଣି ପ୍ରତିଜ୍ଞା କଲେ, "ଆଉ ନ ଯିବି ଯମୁନାକୁ ଦିନେ, ଆଜଠାରୁ ସଖି ରହିଲା ମନେ ।" ୩୩ଶ—ଅଭିମନ୍ୟୁଙ୍କ ଜଗତିରେ ଦୂତୀ କାମସେନା ପ୍ରବେଶ ହୋଇ ଗୃହରେ ରାଧାଙ୍କୁ ଭେଟି କୃଷ୍ଣଙ୍କ ସନ୍ଦେଶ ଦେଲେ । ରାଧା ଏଥିରେ ଅସମ୍ମତା ହୋଇ କ୍ରୋଧରେ କହିଲେ, "ବୋଇଲେ ଲେଖା ରେ ମୁଁ ହେଇବି ତାଙ୍କର ମାଇଁ, ପାତିବ୍ରତ୍ୟ ଭାଙ୍ଗି କହୁ ରସନା ଖାଇଲୁ ନାହିଁ । ତର୍ଜନଗର୍ଜନ କରିବାରୁ ଦୂତୀ କୃଷ୍ଣଙ୍କଠାକୁ ଫେରି ଆସି କହିଲେ, "ଦୂତୀରେ ନୋହେ ସେ ଲଭ୍ୟ ଆପଣା ଉପାୟ କର ।" ଗୋବିନ୍ଦ କହିଲେ, "ମୋ ମାଥେ ପକାଇଲା କି ପଥର ।"

୩୪ଶ—ଘଟଘଟ ସାଧନା—ଦିନେ କୃଷ୍ଣ ଯମୁନା ତଟରେ ସମସ୍ତୁ ବୁଝି ରାଧା ସଙ୍ଗେ ଦେଖା କଲେ । ରାଧାଙ୍କ ସଙ୍ଗରେ ଆଉ କେହି ନଥିବା ଦେଖି ବାଟ ଓଗାଳି ଘାଟ ମାଗିଲେ । ରାଧାକୃଷ୍ଣ ବଚନିକ । ରାଧା ଅଗ୍ନି ସମାନ ହୋଇଯିବାରୁ କୃଷ୍ଣ ଡରରେ ପଳେଇଲେ । ୩୫ଶ କିଶୋରୀରତନ ଅଲଭ୍ୟ ହେବାରୁ କୃଷ୍ଣଙ୍କର କ୍ରମେ ବିରହ ବଢ଼ିଲା । ୩୬ଶ—ଦୂତୀକି ପଠାଇ ରାଧାଙ୍କୁ କୃଷ୍ଣଙ୍କ ଦୁଃଖ ଜଣାଇବା ପାଇଁ ପ୍ରସ୍ତାବ କରି ନାନା ଉପାୟରେ ସ୍ୱ ଅଭିଷ୍ଟ ସାଧନ କରିବା ପାଇଁ ସଖାମାନେ କୃଷ୍ଣଙ୍କୁ ପରାମର୍ଶ ଦେଇ ପ୍ରବୋଧ କଲେ । ୩୭ଶ—ଶିଶିର ଋତୁ—ଶିଶିର ଋତୁ ଯସରେ ପ୍ରବେଶ କଲା । ବୃନ୍ଦାବନରେ ସର୍ବଦା ବସନ୍ତ ବହେ । କୃଷ୍ଣଙ୍କୁ ଦିନକୁଦିନ ଅଧିକ ଅନଙ୍ଗପୀଡ଼ା କଲା । କି ଉପାୟରେ ରାଧାଙ୍କ ସଙ୍ଗଲାଭ ହେବ, ଏହି ଚିନ୍ତାରେ ରହିଲେ । ଦିନେ ନନ୍ଦଙ୍କ ସଭାରେ ଜଣେ ଜାଙ୍ଗଳିକ ଉପସ୍ଥିତ ହୋଇ ସାପଖେଳ ଦେଖାଇଲା । କୃଷ୍ଣ ଜାଙ୍ଗଳିକଠାରୁ ସମ୍ମୋହନ ମନ୍ତ୍ର, ଗାରୁଡ଼ି

ମନ୍ତ୍ର ପ୍ରଭୃତି ଶିଖିଲେ । ଏହି ମନ୍ତ୍ର ବଳରେ ଯଦି "ତ୍ରିନେତ୍ରରେ ଚୌର୍ଯ୍ୟ ଅଞ୍ଜନ ରଞ୍ଜିଲେ ।" ଅଦୃଶ୍ୟରେ ଚନ୍ଦ୍ରସେଣ ପୁରରେ ପ୍ରବେଶ କରି ସମସ୍ତଙ୍କୁ ମନ୍ତ୍ରଦ୍ୱାରା ନିଦ୍ରାରେ ଅଚେତନ କରିଦେଲେ । ରାଧାଙ୍କ ପ୍ରକୋଷ୍ଠରେ ଗୋପନରେ ପ୍ରବେଶ କରି ରାଧା ନିଦ୍ରା ବିହ୍ୱଳ ଅବସ୍ଥାରେ ଥିବା ସମୟରେ ତାଙ୍କୁ କୋଳ କରିବାରୁ ରାଧାଙ୍କ ନିଦ ଭାଙ୍ଗିଗଲା । ସେ କୃଷ୍ଣଙ୍କୁ ହାତରେ ପେଲିଦେଲେ । କୃଷ୍ଣ ଭୟରେ ରାଧାଙ୍କ ଗୋଡ଼ତଳେ ପଡ଼ି ମିନତି କଲେ । "'କର-କମଳେ ପେଲି ଦେଲେ ପଳାଇ କୃଷ୍ଣ କହେ ଧରି ଚରଣ ।' କରିକଦଶନା କିଙ୍କର ଜାଣ ନା ମୁଁ ହେଲି ଆଜ ତୋ ଶରଣ ।" ଏହା ଶୁଣି ରାଧାଙ୍କ ହୃଦୟ କରୁଣ ହେଲା । "କରମରେ ଥିଲି' କହି ରାଧା କୃଷ୍ଣଙ୍କୁ ପାଦେ ପ୍ରହାରିଲେ, ଡରେ ପଳାଇଲେ ମୋହନ ।" ରାଧା 'ଚୋର ଚୋର' ବୋଲି ଡାକ ପକାଇବାରୁ "ଘନବିପିନ ଲେଉଟି ନ ଚାହାନ୍ତି ପଳାନ୍ତି ପବନ ବେଗରେ ।" ୩୯ଶ—ଆରଦିନ ମଦନମଦେ ହେଲା କୃଷ୍ଣ ଅଭିମାନ ସମୁଦ୍ରରେ ବୁଡ଼ିଗଲେ । ଗୋପାଳଙ୍କ ସଙ୍ଗେ ଗୋଷ୍ଠ ଧରି ବନକୁ ଗଲେ । ସେ ସଙ୍ଗୀମାନଙ୍କୁ ଛାଡ଼ି ଏକାନ୍ତରେ ବସିଲେ; ମଦନ ବେଦନାରେ ତାଙ୍କର ଉନ୍ମାଦ ସ୍ୱଭାବ ପ୍ରକାଶ ପାଇଲା । କୃଷ୍ଣଙ୍କ ବିହ୍ୱଳ ଅବସ୍ଥା ଦେଖି ବ୍ରହ୍ମା ତାଙ୍କୁ ମୋହନ ମୁରଲୀ ଦେଇ ଅନ୍ତର୍ଦ୍ଧାନ ହୋଇଗଲେ । ଏ ମୁରଲୀର ସଦ୍‌ବ୍ୟବହାର କରିବା ପାଇଁ କୃଷ୍ଣ ସ୍ଥିର କଲେ । ଏହି ସମୟରେ କାମସେନା ଆସି ତାଙ୍କୁ ରାଧାଙ୍କ ପ୍ରସଙ୍ଗ ଜଣାଇଲା । "ବୋଇଲା ଦୂତୀ ଏବେ ଯେ ଭିନ୍ନେ ଭିନ୍ନେ ଗତି, ଜନ୍ମେ ଜନ୍ମେ ଭୃତ୍ୟ ଯେ ଅଟେ ସେ ଯୁବତୀ ।" ଏହା ଶୁଣି ହରି ମନ୍ଦହାସ ପ୍ରକାଶ କଲେ ।

୪୦ଶ—ରାଧା ଗର୍ବ ଖର୍ବ ହୋଇଥିବା ଦୂତୀ କୃଷ୍ଣଙ୍କ ଆଗେ ପ୍ରକାଶ କଲେ । ୪୧ଶ—ଆରଦିନ ଶ୍ରୀକୃଷ୍ଣ କଦମ୍ବଖଣ୍ଡି ବନରେ ଗୋଦୋହନ କରିବା ନିମନ୍ତେ ସଖାମାନଙ୍କ ସଙ୍ଗେ ପ୍ରାତଃକାଳରେ ପ୍ରବେଶ କଲେ । ଗୋଦୋହନ ସାରି କୃଷ୍ଣ ସଖାମାନଙ୍କ ସଙ୍ଗେ ରାଧାଙ୍କ ପ୍ରସଙ୍ଗ ଆଲୋଚନା କଲେ । ଯେବେ ନିଷ୍ଠୁର ବନ୍ଧୁକୁ ଲଭିବି, ଯେ ପେଶିବରଙ୍କୁ ଶତମୁଦ୍ରା ଦେବି । ପଦ ପଦକେ ସେ କେଡ଼େ ମଧୁର, ପରଭୃତ ରବ କଣ୍ଠ ସୁସ୍ୱର ।

ଏହି କାଳେ କୋକିଳ ଭଣି କୁହୁ, କୃଷ୍ଣ ଚମକି ପଡ଼ି ବୋଲେ ଉହୁ ।
୪୨ଶ—କୃଷ୍ଣ ପିକକୁ ସମ୍ବୋଧନ କରି ଉନ୍ମାଦ ବୈର୍ଯ୍ୟ ଉକ୍ତି ପ୍ରକାଶ କରୁଛନ୍ତି । ୪୩ଶ—ଦିନେ ରାଧା କୃଷ୍ଣଙ୍କ ଯମୁନାତଟକୁ ଯାଇଥିଲେ । ସେଠାରେ କଦମ୍ବବୃକ୍ଷ ମୂଳରେ କୃଷ୍ଣଙ୍କୁ ଦେଖି ତାଙ୍କ ଅପୂର୍ବ ଶୋଭାରେ ମୁଗ୍ଧ ହୋଇଗଲେ । ସଖୀଙ୍କ ଆଗରେ ତାଙ୍କ ପ୍ରଶଂସା କରି ତାଙ୍କ ପରିଚୟ ପଚାରିବାରୁ "ଆଲି ନହେ କରତାଳି ମାର, ବାଉଳି ହେଲୁକି କୃଶୋଦରି, ଏ ନନ୍ଦନନ୍ଦନ ଜଗତ ବନ୍ଦନ ଯେ ମନ ଚୋରିନ୍ତି ଆଖିଠାରି ଗୋ । ସେହି ଏହି । ତୁମ୍ଭ ହୃଦୟସରି ଗ୍ରାହକ ସେହି ।"

୪୪ଶ ଛାନ୍ଦ—ଶୁଭଦିନ ଦେଖି ଶ୍ରୀକୃଷ୍ଣ ରାଧାଙ୍କଠାକୁ ମଧୁମଙ୍ଗଳ ହସ୍ତରେ ଚିଠାଉ ପ୍ରେରଣ କଲେ । ରାଧା ଚିଠାଉ ପଢ଼ି ସଖୀମାନଙ୍କୁ ଦେଲେ । ରାଧା ଆନନ୍ଦିତ ହେଲେ । ୪୫ଶ—ଶ୍ରୀକୃଷ୍ଣଙ୍କ ଚିଠାଉର ପାଠ । ୪୬ଶ—ଶ୍ରୀକୃଷ୍ଣଙ୍କ ମୋହନମୁରଲୀ ବାଦନ । ୪୭ଶ—ମୋହନମୁରଲୀ ଧ୍ୱନି ଶୁଣି ଚତୁର୍ଦ୍ଦଶଭୁବନ ଉଚ୍ଛନ୍ନ ହେଲା । ପୁଣି କୃଷ୍ଣମାୟା ଘୋଟିବାରୁ ସମସ୍ତେ ସ୍ତବ୍ଧ ହୋଇଗଲେ । "ଯେ ଯହିଁ ସେ ତହିଁ ରହି ଯେ ।" ରାଧା ମୋହନମୁରଲୀର ରାଧା ରାଧା ଧ୍ୱନି ଶ୍ରବଣ କରି ଅଚେତ ହୋଇଗଲେ । କୁଟିଳା ଏହାକୁ ନବଙ୍ଗୀର ଭଙ୍ଗୀ ବୋଲି କହିଲେ । ଶାଶୁ ମୁରଲୀଧ୍ୱନିରେ ନିଜେ ମୋହିତ ହୋଇଯାଇଥିବା ପ୍ରକାଶ କଲେ । ରାଧା ଚେତନ୍ୟ ଲଭିକରି ଏ ଧ୍ୱନି କଣ ବୋଲି ଲଳିତାକୁ ପଚାରିଲେ । ପୌର୍ଣ୍ଣମାସୀ କୃଷ୍ଣଙ୍କ ବଶ କରିବା ଉଦ୍ଦେଶ୍ୟରେ ରାଧାଙ୍କୁ ବଶୀକରଣ ମନ୍ତ୍ର ପ୍ରଦାନ କଲେ । ୪୮ଶ—ସଖୀ ଲେଖିଲା ପରି ରାଧ ଶ୍ରୀକୃଷ୍ଣଙ୍କ ଚିଠାଉର ଉତ୍ତର ଲେଖି ଦୂତୀ ବୃନ୍ଦାବତୀଙ୍କ ହାତରେ କୃଷ୍ଣଙ୍କଠାକୁ ପଠାଇଲେ ।

୪୯ଶ—ବୃନ୍ଦାବତୀ-କୃଷ୍ଣ ଭେଟ । ଯମୁନାତୀରରେ କଦମ୍ବବୃକ୍ଷକୁ ଆଉଜି ଶ୍ରୀକୃଷ୍ଣ ଛିଡ଼ା ହୋଇଥିବା ବେଳେ ବୃନ୍ଦାବତୀ ରାଧାଙ୍କ ଚିଠାଉ ଦେଲେ । ରାଧାଙ୍କ ବିରହ ବର୍ଣ୍ଣନା କଲେ ଏବଂ ଆଉ ବଂଶୀବାଦନ ନ କରିବାକୁ ଅନୁରୋଧ କଲେ । ରାଧା ତାଙ୍କୁ ପ୍ରାଣ ବିକଛି, ଏହା ପ୍ରସଙ୍ଗକ୍ରମେ

ପ୍ରକାଶ କଲେ । "ଦରହାସ ହେ ତୁମ୍ଭ ପାଦର, ଦରଶନେ ରଖିଛୁ ନଦର (ନଜର ?), ଦରମର୍ମରୁ ଦରଶ କରି ଆଶେ ଅଦୃଶ୍ୟରୁ ସବୁ ଅନାଦର ହେ । ମୋହନ ।" ୫୦ଶ ଛାନ୍ଦ—କୃଷ୍ଣ ରାଧାଙ୍କ ଚଟାଉ ପାଠ କରି "ଗ୍ରାଡ଼ିଲେ ଗୁମାନ ବାଣୀ ଛାଡ଼ିଲେ ଡାହୁଲେ ହେ ।" ୫୧ଶ—ରାଧାଙ୍କ ଚଟାଉ ପାଠ । ୫୨ଶ—ବୃନ୍ଦାବତୀ କୃଷ୍ଣଙ୍କୁ ଚଠିଦେଇ ଫେରିବା ବେଳେ 'ନିଭୃତ ନିକୁଞ୍ଜ'କୁ ମିଳନର ସଙ୍କେତ ସ୍ଥିର କରି କୃଷ୍ଣଙ୍କୁ କହିଲେ । ବାଟରେ ପୌର୍ଣ୍ଣମାସୀଙ୍କୁ ମଧ୍ୟ କଣାଇଲେ । ରାଧାଙ୍କୁ ଏହି କଥା ବ୍ୟକ୍ତ କଲେ । ଗୋପନ ମିଳନର ପରିକଳ୍ପନା ସ୍ଥିର ହେଲା । ୫୩ଶ— ଅଭିସାର । ୫୪ଶ— ଶ୍ରୀରାଧାକୃଷ୍ଣ ଯୁଗଳ ମିଳନ । ରାଧା ଓ କୃଷ୍ଣ କୁଞ୍ଜରେ ପ୍ରବେଶ କରିବାରୁ "ଦୁଇ ଦଗ୍ଧୁଁ ସଖୀ ବଳାତ୍କାରେ ନେଇ ମଧ୍ୟେ କଲେ ମିଳି ମିଳି । ରାଧା ଦେଲେ ଶ୍ୟାମ ଗଳେ ପଦ୍ମମାଳ, ନାଥ ଦେଲେ ମେଘ ମାଳ । ସର୍ବ ବଜବାଳୀ ସେହିକାଳେ ଦେଲେ ହୁଳହୁଳି ।" ସ୍ୱର୍ଗରେ ଦୁନ୍ଦୁଭି ଶୁଭିଲା, ନାନାରଙ୍ଗେ ଅପ୍ସରା ନୃତ୍ୟ କଲେ । "ଯଥାଚିତେ ସାରି ଗନ୍ଧର୍ବ ବିବାହ ରାଧାନାମ ଚାନ୍ଦର୍ବିକା । ମହାରୁହେ ବସି ଦ୍ୱିଜେ ଧ୍ୱନି କଲେ କୃଷ୍ଣ ଶ୍ରୀରାଧାରେ ବିକା ।" କୁଞ୍ଜରେ କ୍ରୀଡ଼ା । ୫୫ଶ—ନିଶାନ୍ତକାଳ ଲୀଳା । ୫୬ଶ—ପଞ୍ଚରସ ବର୍ଣ୍ଣନ । ୫୭ଶ—ଶ୍ରୀରୂପ ମଞ୍ଜରୀ ଶ୍ରୀକୃଷ୍ଣ ଫୁଲବନ ମଣ୍ଡପରେ ମିଳନ । ୫୮ଶ—ଗ୍ରନ୍ଥର ଅନୁକ୍ରମଣି ।

ଯୁଗଳରସାମୃତ ଲହରୀର ରଚନା କାଳ—'ଯୁଗଳ-ରସାମୃତ ଲହରୀ' ଲଳିତଲୋଚନାର ପରେ ରଚିତ ହୋଇଛି । କାରଣ ୩୪ଶ ଛାନ୍ଦ (ନାମ ଘାଟଘଟସାଧନା)ର ରାଗ ମୁଖାରୀ 'ଲଳିତଲୋଚନା ନୟନମିଳନ ବାଣୀରେ' ଗାଇବା ପାଇଁ ନିର୍ଦ୍ଦେଶ ଅଛି । ୫୧ଶ ଛାନ୍ଦରେ 'ନାୟକ ଚଟାଉ ବାଣୀରେ' ବୋଲି ଲେଖା ଅଛି । ପୁଣି ଏହି କାବ୍ୟଟି 'ଚୌର ଚନ୍ଦ୍ରାମଣି' ପୂର୍ବରୁ ରଚିତ ହୋଇଥିବା ମଧ୍ୟ ସ୍ପଷ୍ଟ, କାରଣ ଚୌରଚନ୍ଦ୍ରାମଣି ତୃତୀୟ ଛାନ୍ଦରେ ରାଗ ମୁଖାରୀ ଘାଟଘଟ ଛାନ୍ଦବାଣୀ ବୋଲି ନିର୍ଦ୍ଦେଶ ଅଛି । ଏହି ଘାଟଘଟ ଛାନ୍ଦଟି ଯୁଗଳ ରସାମୃତ ଲହରୀର 'ଘାଟଘଟ ସାଧନା' ଛାନ୍ଦ । (୩୪ଶ ଛାନ୍ଦ) ।

ଏହି ଲହରୀ କାବ୍ୟଟି ବନମାଳୀ ଦାସଙ୍କ 'ରାସ' ପରେ ରଚିତ ହୋଇଛି, କାରଣ ୩୨ଶ ଛାନ୍ଦର ରାଗକୁ 'ବନମାଳୀ ଦାସଙ୍କ ରାସ ବାଣୀ, ନିର୍ଦ୍ଦେଶ ଅଛି ।

'ପ୍ରେମକଳ୍ପଲତା'ର ପୂର୍ବରୁ ଏହି ଲହରୀ ରଚିତ ହୋଇଥିଲି । କାରଣ ଏହି କାବ୍ୟର ପ୍ରଥମ ଛାନ୍ଦରେ 'ଲହରୀ'ର ନାମ ଅଛି ।

ଯା ଦୟାରେ ରଚିଲି ଲୀଳାମୃତ ସାଗର,
ଲହରୀ ଭରିଁରୀ, ବିନ୍ଦୁ ନଦୀ ସେ ସଙ୍ଗର । (୧ମ ଛାନ୍ଦ)

ଯୁଗଳରସାମୃତ ଲହରୀରେ ପ୍ରତ୍ୟେକ ଛାନ୍ଦକୁ କବି ରସାମୃତ ଲହରୀ ରୂପେ କଳ୍ପନା କରିଛନ୍ତି ।

ସପ୍ତଦଶ ଛାନ୍ଦ ସମ୍ପୂର୍ଣ୍ଣ ହୋଇଲା ଏମନ୍ତ ପ୍ରକାରେ
ଖାବୁକା ଶିର କି ଟେକ ବୁଡ଼ିଯିବ ଆହି ଲହରୀରେ ।(୧୭ଶ ଛାନ୍ଦ)

ବର୍ଣ୍ଣନା କୌଶଳ—'ଚତୁରୀ ଶିରୋମଣୀ ପ୍ରେମିକା' ରାଧାଙ୍କ 'ଚେଷ୍ଟାଚରଣ' ସମ୍ବନ୍ଧରେ ପ୍ରେମିକ କୃଷ୍ଣ ପ୍ରେମଉତ୍କଣ୍ଠାପୂର୍ଣ୍ଣ ବାକ୍ୟାବଳୀ ପ୍ରକାଶ କରିଛନ୍ତି ।

କେତେବେଳେ ଭୃଙ୍ଗକୁ ଅନାଇ ହସୁଛି,
ଯମୁନାକୁ କେ ଲ କଲି ପ୍ରାୟ ଦିଶୁଛି ।
ସୂର୍ଯ୍ୟକୁ କୃଷ୍ଣକୁ ଥରେ ଥରେ ଚାହେଁ,
କିନ୍ତୁ ମୋତେ ନ ଚାହିଁ ମୋର ଛାଇକି ଚାହେ ।
ଲେଖି ବସିଲେ ତାର ଭଙ୍ଗୀ ଶେଷ ହେବ ନାହିଁ ।
ପୋଥିଏ କଥା କହିଲା ସେ ନୟନରେ,
ମୋ ବିନା ତାହା ବୁଝିବ କେ ସଂସାରେ ।
ଯାଅ ବୋଲି ଠାରି ଆପେ ଗଲା ନାରୀ,
କୋଟି ଲୋକ ଥିଲେ ଜାଣେ କେ କି କରି (୪୨-୫୨ ।
୨୧ଶ ଛାନ୍ଦ)

(କ) କୃଷ୍ଣ ତାମ୍ବୂଳ ଯୋଗାଣ, କରୁ ସେ ନକଟେ ପୁଣ, .
ଦେଖି ଅଳ୍ପବୟସ୍କ ବାଳା, ଖେଳ'ଇ ଡୋଳା ଏ । ୮ ।

ନାସିକା ପୁଡ଼ା ଫୁଲାଇ, କହଇ ବାଣୀ ଗେହ୍ଲାଇ,
ହେଲଣି ମୋତେ ଉଚ୍ଛୁର, ଯିବି ମୁଁ ଘର ଏ । ୯ ।

ପଦାଙ୍ଗୁଳି ନଖେ ମହୀ, ଲେଖେ ପୁଣି କିଛି କହି,
ପଦକେ ହସଇ ଥରେ, ତାଳ ଦାନ୍ତରେ ଏ । ୧॰ ।

ଦେଖି ନ ଦେଖିଲି ପରି, ଗୁହିଁ ନ ଗୁହିଁଲି ଚରି,
ହରି ହୃଦ ଦଧିଖଣ୍ଡ, ମନ୍ଥନ ଦଣ୍ଡ ଏ । ୧୧ ।

(୧୪ଶ ଛାନ୍ଦ)

(ଖ) ଯଥ ତେବେ ଶୀଘ୍ର ହୋଇ, ପୁଣି ଏ ମେଲଣି ପାଇ,
ଯାଏ ଚଳି ଧୀରେ ଧୀରେ, ହାସ୍ୟ ଅଧରେ ଏ । ୩୮ ।

ପଛକୁ ଲେଉଟି ଗୁହିଁ, ପୁଣି ଯାଉଛନ୍ତି କହି,
ପକାଇ ଥିବଟି ମନେ, ଅଇଲି ଦନେ ଏ । ୩୯ ।

ଲବେମାତ୍ର ଛନ୍ତି ହେଲ, ଅତି ଶୀଘ୍ରେ ଗତି କଲ,
ପ୍ରବେଶ ମନ୍ଦିରେ ପୁଣେ, ହରଷ ମୁଖେ ଏ । ୪॰ ।

(୧୪ଶ ଛାନ୍ଦ)

ଚନ୍ଦ୍ରାବଳୀଙ୍କ ଗୃହ ଦ୍ୱାରଠାରେ କୃଷ୍ଣଙ୍କୁ ଚନ୍ଦ୍ରାବଳୀ ଦେଖି ବହୁଳ ଚଞ୍ଚିରେ କବାଟ ଆଡ଼ରେ ଗୁହିଁ ରହିଲେ । ସେ ବେଳର ଦୃଶ୍ୟ—

(କ) ଶୁଣି ସେ ବାଲୀ ସୁଅର୍ଘ୍ୟ ଥାଳୀ, ଯେନ ପ୍ରବେଶ ହୋଇଲ,
ଦୁର୍ବା ଅକ୍ଷତ ଦେଇଣ ସାତ ଆଳତିରେ ବନ୍ଦାଇଲ । ୨୨ ।

ନୟନ କୋଣ ଅଦ୍ଭୁତ ବାଣ ଭ୍ରୂଲତା କମାଣ ଛନ୍ଦେ,
କଜ୍ଜ୍ୱଳ ଲକ୍ତି ଗୁଣରେ ଶକ୍ତି ବିନ୍ଧିଲ କୃଷ୍ଣ ମରମେ । ୨୩ ।

ବାଙ୍କେ ଶ୍ରୀହରି ନେତ୍ର କଟାକ୍ଷ କଲେ ତହିଁ ପ୍ରତିକାର,
ଦୁଇ ଦ୍ୱିହାସ ସୁଧା ବିଶେଷ ପ୍ରାପେକ୍ଷା ଦୁହିଁଙ୍କର । ୨୪ । x x

ଖସିଲା.ପଦ, ନୂପୁର ନାଦ ଝୁମକଲା ଝୁମଝୁମ,
ଶ୍ରୀକୃଷ୍ଣ ମନ ପିତ ଉଚ୍ଛନ୍ନ ନଶାଲ ବେଲା କ କାମ । ୨୭ ।

ସମ୍ଭାଳି ଗଲା ଘରେ ମିଳିଲା ହର ପଛେ ପଛେ ବଜେ,
ପୌର୍ଣ୍ଣମାସୀର ସଙ୍ଗତେ ପୁର ଦେଖିଲେ ସେ ଲାଜେ ଲାଜେ । ୨୮ ।

(ଜାମ୍ବୁ ଗ୍ରନ୍ଥ)

(ଖ) ମିଷ୍ଟ ପିଷ୍ଟକ ଭୁଞ୍ଜାଇ ପାକ କରିଥିଲା ଦରବରେ,
ଦ୍ୱାର ପାରଣେ ଉଭା ହରଷେ ଅନାଇଁ ସେ ବାରେ ବାରେ । ୨୯ ।

କ କ ପାଞ୍ଚଇ ପୁଣି ଘଞ୍ଚଇ ଝଟକେ ଦେଖାଇ ମୁଖ,
ସେ ଦ୍ୱାର ନଭ ପ୍ରାପ୍ତ ସୁଲଭ ଉଦେ କ ଶୀତ ମୟୂଖ । ୩୦ ।

କୃଷ୍ଣ ନୟନ ଯୁଗ ଖଞ୍ଜନ ଦ୍ୱାର ପଞ୍ଜରାକ ଧାଏଁ,
ଅଧର ବିମ୍ବା ରସ ଖାଇବା ଲୋଭ ଯେଣୁ ଉପୁଜାଏ । ୩୧ ।

ଲଲାଟେ ତୋଳା ଖୋସାଇ ବାଳା କୃଷ୍ଣମାର ମଦେ ଭୋଳା,
ନେଇ ଘୂର୍ଣ୍ଣନ ଶୋଭା ବର୍ଣ୍ଣନ ନୋହେଁ କବି ବାଟ କଳା । ୩୨ ।

(ଜାମ୍ବୁ ଗ୍ରନ୍ଥ)

ବ୍ରଜବାଳକମାନଙ୍କର ବନରେ କୌତୁକକ୍ରୀଡ଼ା ଦୀନକୃଷ୍ଣ ରସକଲ୍ଲୋଳରେ ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି । ସଦାନନ୍ଦ ଅଳ୍ପ ସଂଖ୍ୟକ ପଦରେ ଏହି ବିଷୟକୁ ଅବଲମ୍ବନ କରି ସୁନ୍ଦର ଚିତ୍ରଟିଏ ଦେଇଛନ୍ତି । ଭାଗବତରେ ମଧ୍ୟ ଏହିଭଳି ବର୍ଣ୍ଣନା ଅଛି ।

କେହୁ ମୟୂର ପରିଏ ନାଚେ, କେବା ବାନର ଭାବରେ ଲୁଚେ ।
କେହି ଭେକବତ କରି ଧ୍ୱନି ଜାତ, କେ ପକ୍ଷୀ ପ୍ର ସ୍ଥେ ଉଡ଼ିବା ପାଞ୍ଚେ ।
ସେ ବ୍ରଜବାଳ, କେତେ ରୂପେ ଦେଉଛନ୍ତି କରତାଳି ସେ ।
କେ ଅତି ପ୍ରେମେ କାହାକୁ କରନ୍ତି କୋଳ ସେ ।
କେ ଯେ କାହା ମୁଖରୁ ପୋଛନ୍ତି ଝାଳ ସେ । ୧୬ ।

ଦୀନକୃଷ୍ଣଙ୍କ ଚିତ୍ରଟି ଏହି ଚିତ୍ର ଅପେକ୍ଷା ବେଶି ମନୋରମ ହୋଇଛି ।

ଚନ୍ଦ୍ରାବଳୀ-ଶ୍ରୀକୃଷ୍ଣ ପ୍ରସଙ୍ଗରେ ସଖୀମାନେ ଚନ୍ଦ୍ରାବଳୀର ବୁଢ଼ୀ ଶାଶୂ ଓ ନଣନ୍ଦଙ୍କ କଟାଳକୁ ଭୟ କରୁଥିଲେ । ସ୍ୱୈରପ୍ରୀତିରେ ଦୂତୀମାନଙ୍କର କୌଶଳର ଚିତ୍ର ସଦାନନ୍ଦ ସୁନ୍ଦର ଭାବରେ ଅଙ୍କନ କରିଛନ୍ତି ।

ପଦ୍ମମଳା ବୋଲେ ନିକଟରେ ବୁଢ଼ୀ ଶୁଣିବେଟି କପଟରେ
ମୁଁ ଯେ ସେ ବାଟେ କବାଟ ପଛେ ବସୁଛି
ଭୁଜକର କହିଯିଅ ଖରେ ସେ,
ଆସିବଟି, ମହା ଚତୁରୀ ନଣନ୍ଦ ଯାଇଛୁଟି ସେ
ତାଙ୍କୁ କେହି କିଛି କହି ନପାରେଟି ସେ,
କିଛି ଡକିଲେ ମରିବା, ମହାହଠୀ ସେ । (୧୬ଶ ଛାନ୍ଦ)

ବଳାଇ ଉଭରୀ ଦାସ ଶେଷ, ଫିଟାଉ ଫିଟାଉ କଲ୍ପ ବାସ
ଚିଟାଉ ଦେଇ ଚନ୍ଦ୍ରବଳୀ ହାତକୁ ଅଳପ ହେଇଲ ହସ ହସ ସେ ।
ଏଣେ ତେଣେ ଭଲି ଗୃହୁଁ ଛନ୍ତି ତାର ସଖୀଗଣେ ସେ
ବୁଢ଼ୀ ବସୁଛି ବୁଲୁଛି କ୍ଷଣେ କ୍ଷଣେ ସେ,
ପଦ୍ମପଦ ଫିଙ୍ଗି ଦେଲେ ଜଣେ ଜଣେ ସେ । ୧୯ । (୧୬ଶ ଛାନ୍ଦ)

ପ୍ରାକୃତିକ ବର୍ଣ୍ଣନା : ସନ୍ଧ୍ୟା—ସନ୍ଧ୍ୟାବର୍ଣ୍ଣନରେ କବିମାନେ ପ୍ରକୃତିର ଦୃଶ୍ୟ ସହିତ ନାୟକନାୟିକାଙ୍କ ସମୟୋଚିତ ଉଦ୍‌ବେଗପୂର୍ଣ୍ଣ ମନୋଭାବ, ସ୍ୱୈରିତସ୍କରଙ୍କ ଆନନ୍ଦ ପ୍ରଭୃତିର ଚିତ୍ରଣ କରିଥାଆନ୍ତି । ସଦାନନ୍ଦ ସ୍ୱକାବ୍ୟମାନଙ୍କରେ ଏକାଧିକ ସ୍ଥାନରେ ସନ୍ଧ୍ୟାର ବର୍ଣ୍ଣନା କରିଛନ୍ତି ଏବଂ ଏହି ପ୍ରସଙ୍ଗଗୁଡ଼ିକୁ ମଧ୍ୟ ତ୍ୟାଗକରି ନାହାନ୍ତି । ଯୁଗଳରସାମୃତ ଲହରୀରେ କୈଶୋର ବନ୍ଧୁବର୍ଗ କ୍ରୀଡ଼ାକୌତୁକରେ ସନ୍ଧ୍ୟାକୁ କିପରି ଦେଖନ୍ତି ତାହା କବି ବର୍ଣ୍ଣନା କରି ନୂତନତ୍ୱ ଦେଖାଇ ପାରିଛନ୍ତି ।

କେତେବେଳେ ଅନ୍ତେ ଅସ୍ତ ଗିରି,
ଆଦିତ୍ୟ ଆରକ୍ତ ବର୍ଣ୍ଣ ଧରି ।
ଅର୍ଜୁନ କହେ, ଅମାନାସ୍ତ ଆସିଛୁ ଏ
ସୁବର୍ଣ୍ଣ ଅର୍ଘ୍ୟସ୍ଥାଳୀ ଧରି, ହେ ବଂଶୀଧର,

ତୁମ୍ଭେ ସପ୍ରେମେ ଏହାକୁ କୋଳ କର ହେ,
ହିତବ ନେଜ ପ୍ରୀତିଆ ଏ ନିରନ୍ତର ହେ
ଏ ଲୁଚିଲେ ଏକା ହେବ ଅନ୍ଧକାର ହେ । ୯ ।
କେ ବୋଲେ ଅମ୍ବର ତରୁ ଫଳ, ପାଚି ଆରକ୍ତ ଅଗେ ଧବଳ
ବାନର ଖାଇଲା ତହୁଁ ଛିଟୁରିଲା ଧର ଧର ପଡ଼ଇଛି ତଳ ସେ
ସର୍ବେ ହସି, ହସ୍ତ ପାତେ କେ ମୁଖ ବସ୍ତାରେ ଆସି ସେ
କେହୁ ହାତ ବଢ଼ାଏ ଡେଇଁ ଛିଙ୍କୁସି ସେ
କେ ବା ଆକ୍ଷୋଡ଼ି କାହିଁ ବୋଲଣ ଘୋଷି ସେ । ୧୦ ।
କେ ବୋଇଲା ନଷ୍ଟେ ଘନଗାବୀ, ଏ ବତ୍ସା ସେ ଯାଇଛି ପ୍ରସବି ।
ଏଣୁ ରକ୍ତବର୍ଣ୍ଣ କରି ଅନୁମାନ ହେ ଲେ ବୋଲି ଡାକ ଆସୁ ଭୁବ ସେ
କ୍ଷୀର ଦେଉ, ସଙ୍ଗେ ବାଛୁରୀ ଗୋଡ଼ାଇ ଅଂଶୁ ହେଉ ସେ
ଏତେ ଗାଇ ବତ୍ସବା କାହିଁକି ଆଉ ସେ
କଡ଼ ଗୋବର୍ଦ୍ଧନେ ବୁଲି ଚରୁଆଉ ସେ । ୧୧ । (୧୬ଶ ଛାନ୍ଦ)

ଗୋପରେ ଗୋଷ୍ଠାଷ୍ଟମୀ ଉତ୍ସବର ବର୍ଣ୍ଣନାରେ କବି ଗ୍ରାମ୍ୟ ଉତ୍ସବର ଉପାଦାନର ସମାବେଶ କରିଥିଲେ ମଧ୍ଯ ଗୋପବାଳକ ଓ ସେମାନଙ୍କର ପ୍ରିୟ ଗୋଗୋଷ୍ଠିର ହର୍ଷୋତ୍ପାଦକ ଓ ହର୍ଷଜନିତ ବିଭିନ୍ନ ଭଙ୍ଗୀ ସାଧାରଣ ସମାଜର ହୃଦ୍ୟ ପର ହୋଇଛି ।

ମାତାପିତାଙ୍କ ସସ୍ନେହ ବିଦାୟ—

ଧବଳୀ ଶିଙ୍ଗେ ସୁବର୍ଣ୍ଣ ଖୋଳ, ଘଣ୍ଟି ଘାଗୁଡ଼ି ବାନ୍ଧଣ ଗଳ ।
ପାଟଫୁଲରେ ଚାମର ମେଳ, ଶିରେ ଭୂଷିତ ଯେ ।
ଶାମଳୀ ଆଦି କେଳୀ ଧୂମଳୀ ମୃଦଙ୍ଗମୁଖୀ ଯେ କୁଞ୍ଚିଗଳୀ,
ଏକକୁ ଶୋଭା ଆରକ ବଳି ହୋଇ ଭୂଷିତ ଯେ ।
ଗୋପ-ବାଳକେ ହେଲେ ଆବୃତ ଯେ,
ବଂଶୀ ବଜାଇ ଗାବନ୍ତି ଗୀତ ଯେ
'ହରେହରେର' ବୋଲି ମୋହନ, ତରଇ ଝାଁଉଁ କରି ଗର୍ଜନ
କରନ୍ତି ଧେନୁ ପଛେ ଗମନ, ହସନ୍ତେ ମାତ ଯେ । ୪ ।

ମାତାଙ୍କ ମନର ଦୁର୍ଭାବ ସମସ୍ତଙ୍କ ମନରେ ଫୁଟି ଉଠିଛି । ଗୋପୀମାନେ ଏ ଦୃଶ୍ୟ ଦେଖି ମୁଗ୍‌ଧ ହୋଇଛନ୍ତି । 'କୁଳ ଆଗର' ଦୃଷ୍ଟିରୁ ଏ ଉତ୍ସବ ହେଉଥିଲେ ମଧ୍ୟ କୃଷ୍ଣଙ୍କ ପ୍ରତି ପ୍ରଗାଢ଼ ଅନୁରାଗବଶତଃ ଗୋପୀମାନେ ମାତାପିତାଙ୍କ ସ୍ନେହବୋଲା ଭର୍ତ୍ସନା କରୁଛନ୍ତି ।

କେ ନାରୀ ଗୃହେଁ ଗବାକ୍ଷ ମାର୍ଗେ କେ ବୃକ୍ଷେ ଉଠି ଦେଖେ ସରାଗେ
କେ ଉଠ ବୋଲି ପଥକୁ ମାଗେ କେ ଧାଏଁ ସଙ୍ଗେ ଯେ ।

କେ ଆସେ ଯାଏ ଘରେ ନ ରହେ ଆଉ ନ ଯିବ ବୋଲି କେ ସ୍ନେହେ
କେ କହେ ଏବେ ଗଲଇ ଆହେ ଦଇବ ଯୋଗେ ହେ ।

କ୍ଷୁଧା ନ ଲାଗି ଅନ୍ନ ମାଗେ ହେ, ତାକୁ ଦେଉଛୁ କି ଦୁଃଖ ରାଗେ ହେ
ଧିକ ଫୁଟି ଯା ଆମ୍ଭ ନୟନ, ଏ ରଙ୍କ ପାଦେ ଭୁଲିବ ବନ
କି ହୋଇବଟି ଜନନୀ ମନ ନ ଦେଖି ଆଗେ ହେ । ୫ ।

'କୁଳ ଆଗର' ରକ୍ଷା ନିମନ୍ତେ ଏ 'ଅନୁକୂଳ' ହେଉଥିଲେ ମଧ୍ୟ ମାତାର ହୃଦୟ ଫାଟିଯାଉଛି । ପିତା ରାଜା, କୁଳାଗ୍ରର ରକ୍ଷକ । ପତ୍ନୀକି ପ୍ରବୋଧ ଦେଇ ଦୁଃଖରୁ ନିବର୍ତ୍ତାଉଛନ୍ତି ।

× × ସବୃଦ୍ଧନେ କି ହେବ ଯିବାର ହେ,
ଶୁଣି ମୁକୁନ୍ଦ ହସନ୍ତି ମନ୍ଦ, ଯଶୋଦା ହୁଏ ଯେ କାନ୍ଦ କାନ୍ଦ
କହନ୍ତି ନିବର୍ତ୍ତାଇ ସେ ନନ୍ଦ ଚଳନ୍ତି ଧୀରେ ଯେ । ୫ ।

ମାତା, ପିତା, ପୁତ୍ର, ସଖା ଓ ସ୍ନେହାସ୍ପଦ ଗ୍ରାମବାସୀଙ୍କ ସମବେତ ମନୋଭାବକୁ କବି ଅତି ଚମତ୍କାର ଭାବରେ କ୍ଲିଷ୍ଟହୀନ ପଦାବଳୀରେ ବର୍ଣ୍ଣନା କରି ସହୃଦୟ ପାଠକ ମନରେ ବାତ୍ସଲ୍ୟ ରସର ଲହରୀ ଖେଳାଇ ପା'ରି ଶ୍ରମ-ସାର୍ଥକ କରିଛନ୍ତି ।

କେତେହେଁ ଦୂର ପାଶ୍ଚେଟି ଯାଇ ଯ.ଅ ବୋଇଲେ ଆସନ୍ତି ନାହିଁ
କେତୁ ଅପ୍ରୋଧ ବଳେ ବୁହାଇ, କେ ଆଗେ ବଳି ଯେ
ମା'ତା ଡାକନ୍ତି ଅରେ କହ୍ନାଇ ଶୀଘ୍ର ଆସଟି ଅଛୁ ଅନାଇଁ

ମଠ ହୋଇଲେ ଯିବି ମୁଁ ଧାଇଁ ମୋ ଗଳାମାଳ ରେ
ଅନ୍ଧ ଲଉଡ଼ି ଦୁଃଖୀ ସଙ୍ଗ ଳ, କୃଷ୍ଣପଣେ ଦିନା ଖାଉ ଗାଳରେ
ବାଳକ ସଙ୍ଗେ କରେଟି ଗେଲ, ଆହେ ସୁବଳ ମଧୁ ମଙ୍ଗଳ
ସହିବ ଦେଖ ଏ ଯେ ବିଚାଳ ନୋହିବ ଚଳ ହେ । ୭ ।
ଶୁଣି ଉହାସେ ବଦନ ଚାଳ ବନେ ଚଳିଲେ ଶ୍ରୀବନମାଳୀ
ଅଦୃଶ୍ୟ ହେବାଯାଏ ନଗୋଳ ଆସି ବାହୁଡ଼ି ସେ × × ୮ ।
(୩ୟ ଛାନ୍ଦ)

ସମଗ୍ର ଦୃଶ୍ୟଟି ଆଖି ଆଗରେ ଦିଶି ଯାଉଛି । ଏପରି ବହୁ ପଦ ଗୋଷ୍ଠାଷ୍ଟମୀ ବନଯାତ୍ରା ଛାନ୍ଦରେ ରହି ସମଗ୍ର ଛାନ୍ଦଟିକୁ ଅତି ରମଣୀୟ କରି ପାରିଛି ।

'ଚନ୍ଦ୍ରପଟ'ର ଶିଳ୍ପରୂପ ସମ୍ବନ୍ଧରେ କବିଙ୍କର ଧାରଣା ଅତି ସୂକ୍ଷ୍ମ ଓ ଉଚ୍ଚ ଧରଣର ଥିଲା । 'ସାକ୍ଷାତ୍କାର' ହିଁ ଏହାର ଆଦର୍ଶ, ରଙ୍ଗାଜୀବ ଶିଳ୍ପୀର ଚରମ ଆକାଙ୍କ୍ଷା ।

ବୋଲେ ଧନ୍ୟ ରଙ୍ଗାଜୀବ ତୋ କର,
ଲେଖିଛୁ ଯାହା ସେ ତ ସାକ୍ଷାତ୍କାର ।
ଗୃହିଁବା ହସିବା ଭଷିବା ଖାଳି,
ଏ ଉଣା ଶୋଭା ଦେଖା ନାହିଁ କ୍ଷିତି ଯେ
ଚଳ ବାମେ ବାଙ୍କେ ଭୁଜ ଯେ,
ବାଙ୍କେ ଅଛି ଗ୍ରୀବା, ବାଙ୍କରେ ତା କର,
ବାଙ୍କହିଁ ପଦପଲ୍ଲବ ଯେ । ୪ । (୮ମ ଛାନ୍ଦ)

ଚିତ୍ର ଏ ରୂପେ ସାକ୍ଷାତ୍କାର ମୂରତି
ଦେଖା ନଥିଲି ନୟନ ଗୋ । ୧୬ । (୨୭ଶ ଛାନ୍ଦ)

ସରଳଭାଷାର ପ୍ରୟୋଗ—ସଦାନନ୍ଦ କ୍ଲିଷ୍ଟ ସଂସ୍କୃତବହୁଳ ଶବ୍ଦ ବ୍ୟବହାର କରି ବହୁ ଅଳଙ୍କାରପୂର୍ଣ୍ଣ ସାର୍ଥକ ପଦ ରଚନା କରିଛନ୍ତି ଏବଂ ଏହା ସଙ୍ଗକୁ ଅତି ସରଳ ସାଧାରଣ ଲୋକବୋଧ୍ୟ ଭାଷାରେ ମଧ୍ୟ 'ଅପୂର୍ବ

ଚର୍ଯ୍ୟ ସୃଷ୍ଟି କରିପାରିଛନ୍ତି । 'ମାତୃଲାଳସା' ଛାନ୍ଦଟି ଏହାର ନିଦର୍ଶନ । ଗୋଧନ ବାହୁଡ଼ାରେ ~~ପୁଅକୁ~~ ଦେଖି ମାତାଙ୍କର ଭାବରାଶି ଏଥିରେ ପ୍ରକାଶିତ ହୋଇଛି ।

ପ୍ରଥମରୁ ରାଗ ନିର୍ଦ୍ଦେଶରୁ ଏହି ସରଳ ଲୋକବୋଧ୍ୟ ଭାଷାର ସୂଚନା ମିଳୁଛି; ଛାନ୍ଦଟିକୁ 'କଖାରୁ କାନ୍ତି ବାଣୀରେ ଗାଇବ'—ଏହି ନିର୍ଦ୍ଦେଶରୁ ଏହା ସ୍ପଷ୍ଟ ହେଉଛି ।

ମୋର କଳା କାହ୍ନୁଚି, ଦିଶୁଅଛି କେଡ଼େ ସଞ୍ଜ ଲୋ,
ଲବଣି ମାଗଇ ଲଞ୍ଜ ଲୋ,
ଯଶୋଦା ଉଭା ଦୁଆରେ, ଦେଖନ୍ତି କୁମର ଗାଇ ପଛରେ
ଆସୁଅଛି ଧୀରେ ଧୀରେ ଲୋ ।
ବଦରୀ ଫଳ ଆକାର, ଗୋରୁ ଧୂଳି ପଡ଼ି ଧନୁ ଧୂସର ସେ
ଝଲ କାଳିଆ ସୁନ୍ଦର ଲୋ ।
ଯାଚଲେ ନଖାଇ ସର, ଗୁଡ଼ୁଥିବ ବନ ଫଳ ନିକର ସେ
ବୋଲୁଥିବ 'କି ମଧୁର' ଲୋ ।
(୫ମ ଛାନ୍ଦ)

ଅଳଙ୍କାର —କବି କାବ୍ୟର ବିଭିନ୍ନ ସ୍ଥାନରେ ବିଶେଷ ଅଳଙ୍କାର ପ୍ରୟୋଗ କରିଥିବା ବ୍ୟକ୍ତ କରିଥିବାରୁ ପାଠକ ପକ୍ଷରେ ଏହାର ମାଧୁର୍ଯ୍ୟ ଉପଭୋଗ କରିବା ସୁବିଧାଜନକ ହୋଇଛି ।

ଆଦ୍ୟେ-ବନା ନିୟମ ଏକ ବର୍ଣ୍ଣ, ପୁଣି ସ୍ୱରବଦରେ କିଛି ଉଦ୍‌ଗୀର୍ଣ୍ଣ ।
ରେଫ୍ ଯୁକ୍ତାକ୍ଷେ କେତେ ତାତପର୍ଯ୍ୟ, ଛାନ୍ଦ ଭଣିଲା କବିସୂର୍ଯ୍ୟ ।(୨ୟ ଛାନ୍ଦ)

'ଆଦ୍ୟେ-ବନା' ନିୟମ । ଏକ ବର୍ଣ୍ଣ ପ୍ରଥମ ଛାନ୍ଦର ଅବନା ନିୟମକୁ ଲକ୍ଷ୍ୟ କରିଥିବା ଜଣାଯାଏ ।

ଅବନା—ସଦାନନ୍ଦ ଯୁଗଳରସାମୃତ ଲହରୀର ଅଠର ପଦ ବିଶିଷ୍ଟ ମଙ୍ଗଳାଚରଣ ସମ୍ପୂର୍ଣ୍ଣ ପ୍ରଥମ ଛାନ୍ଦଟି ଅବନା ଅକ୍ଷରରେ ରଚନା କରିଛନ୍ତି । ଭାଷା 'ସାହିତ୍ୟିକ' ଓ ସଂସ୍କୃତବହୁଳ ହେଲେ ମଧ୍ୟ ଅବୋଧ୍ୟ ହୋଇନାହିଁ । ଅନୁପ୍ରାସ ଯୋଗୁଁ ପଦଗୁଡ଼ିକ ମନୋରମ ହୋଇଛି ।

ଜୟ ଜୟ ପରମ ଈଶ ନନ୍ଦ ନନ୍ଦନ,
ସକଳ ମଙ୍ଗଳ ପ୍ରଦ ଜଗତ ବନ୍ଦନ । ୧ ।
ପ୍ରବରନ ନବଘନ ଅଞ୍ଜନ ଗଞ୍ଜନ,
ପନ୍ଦର ବସ୍ତ୍ର ବପୁ ନୟନ ରଞ୍ଜନ । ୨ ।
ମରକତ ଦରପଣ ଝଳ୍କ୍ୱଳ ବଦନ,
ନବ ପଲ୍ଲବ ଅଧର ଆନନ୍ଦ ସଦନ । ୩ ।
ଶଙ୍ଖ ଷଟ୍‌ପଦ ଜନକବତ ବଚନ,
ସରସ ସନ୍ଦର୍ଭ ଗର୍ଭ ସରମ୍ୟ ରଚନ । ୪ ।
ଶତପତ୍ର ଚକ୍ଷୁ ଚଞ୍ଚଳ ଖଞ୍ଜନ,
ଜୟକର ବର ଅକ୍ଷ ଅଞ୍ଜନରଞ୍ଜନ । ୫ । (୧ମ ଛାନ୍ଦ)

ଆଦ୍ୟ ଅନୁପ୍ରାସ—କବି ଲବଣ୍ୟ କାବ୍ୟର ଦ୍ୱିତୀୟ ଛାନ୍ଦରେ ପ୍ରଥମ ୧୨ଟି ପଦ 'କ' ଅନୁପ୍ରାସରେ ଓ ପରବର୍ତ୍ତୀ ପଦଗୁଡ଼ିକ ପ୍ରତ୍ୟେକଟିରେ ଅ, ଆ ପ୍ରଭୃତି ସ୍ୱରବର୍ଣ୍ଣ ଓ କେତେକ ବ୍ୟଞ୍ଜନର ଅନୁପ୍ରାସରେ ରଚିତ ହୋଇଛି ।

ରେଫ୍‌ଯୁକ୍ତାନ୍ତ—ଦ୍ୱିତୀୟ ଛାନ୍ଦର ୨୬ ପଦଠାରୁ ଶେଷ ପଦ ପର୍ଯ୍ୟନ୍ତ ରେଫ୍‌ଯୁକ୍ତାନ୍ତ ପଦର ବ୍ୟବହାର ପଦର ଶେଷରେ ହୋଇଛି ।

ଔଦୁମ୍ବର ଯେସନେ ବଣ୍ଟଗର୍ଭ, ଔଦାର୍ଯ୍ୟରେ ତା ମନେ ଘେନି ସର୍ବ ।୨୬।

ସାରଙ୍ଗ ତରୁତଳେ ସାରଙ୍ଗଧର ହେଲେ
ସାରଙ୍ଗମୁଖୀ ଦେଖଇତି,
ସାରଙ୍ଗ ସାରଙ୍ଗରେ ସାରଙ୍ଗ ସାରଙ୍ଗରେ
ସାରଙ୍ଗ ସାରଙ୍ଗ ଦଅଟି ଗୋ ଜନନୀ । ୭ ।
(୭ମ ଛାନ୍ଦ)

ଅନ୍ତର୍ଲିପି—ଅନ୍ତର୍ଲିପି ବୁଝାଣ ପ୍ରକୃତ ଜ୍ଞାନର ପରିଚୟ ପ୍ରଦାନ କରେ । ସଖାମେଳରେ କିଶୋର ଶ୍ରୀକୃଷ୍ଣଙ୍କୁ ତାଙ୍କର ସମବୟସ୍କ ସଖାମାନଙ୍କ

ସବୁ ଯେଉଁପରି କଥାବାର୍ତ୍ତା କରିଛନ୍ତି ତାହା କାଳୋପଯୋଗୀ ଓ ସମୟୋପଯୋଗୀ ହୋଇଛୁ ।

ଶ୍ରୀଦାମ କୃଷ୍ଣଙ୍କୁ କହିଲେ, "ଠାରି କହିଲେ, ବୁଝିବ କି ? ବୁଝିଲେ କନ୍ଦ ସରପଣା ଖାଇବ, ନ ହେଲେ ମାଟି ଖାଇବ ।"

ଶ୍ରୀଦାମ—"ଖରେ ଇନ୍ଦ୍ରାଣୀ ସବର୍ଣ୍ଣ ମଧ୍ୟରେ ସୁବର୍ଣ୍ଣମାଳ ପ୍ରାନ୍ତରେ,
ଯାହାର ନାମଟି ବାହାର ଏଥିରୁ ଅନ୍ତର୍ଲିପି ବୁଝ ଧୀରେ ।"

କୃଷ୍ଣ—ସେ ବୋଇଲା ଏବେ ଜଣାଯାଇ ପିନା ବ୍ୟାସେ ଭୁଲଟ ସଖୀ ସେ ।
(୧୦ମ ଛାନ୍ଦ)

ଶ୍ଲେମ-ପ୍ରତିଶ୍ଲେମ, ବଶ୍ଲେମ—

ତର ତର ତରଳ ବନ୍ଧୁ ପଥର ଏଥର,
କର କର କର କରଦନା ହୃଦ କାତର । ୫ ।
ଘନ ଘନ ଘନ ରସ ଘନରସ ବରଷି,
ସକଳ ସୁ କଲରବେ ସକଳ ହୋଇ ପ୍ରକାଶୁ ।
ସୁରତରଙ୍ଗିଣୀ ସୁରତରଙ୍ଗିଣୀ ଲେଉଟ,
ତାର ଧାଗ୍ର ଧାଗ୍ର ଧାଗ୍ର ଘୋଷୁ ଏବେ ପାଲଟ । ୭ ।
ପ୍ରମ୍ନନାଦୀ ଚତୁର ଚତୁର ଚତୁର୍ଥୀ କନେ,
ରହ ରହ ରହ ଶହ ପ୍ରତି ଶ୍ଲେମାଦ୍ଧ ମନେ । ୮ । (୪୭ଶ ଛାନ୍ଦ)

ଶବ୍ଦକମ—

ହରିଣାକ୍ଷୀ କହେ ଶୁଣ ହେ ହରି,
କଣ୍ଠ ଉପରେ ରଖିଅଛ ହରି ।
ତା ଉପରେ କଣ୍ଠ, ତା ଉପରେ ହରି,
ତାହା ମଧ୍ୟରେ ହରି ଦୁଇ ଗୃହ ।
ପୁଣି ହରିରୁ ଜାତ କର ହରି,
ଏ ଗୋଲ ବୁଝ କାହା ହାରି । ୧୩। (୩୪ଶ ଛାନ୍ଦ । ଯୁ:ର:ଲ:)

ଏକ ଶବ୍ଦର ପୁନରୁକ୍ତି—ଯୁଗଳରସାମୃତ ଲହରୀରେ କବି କେତେକ ସ୍ଥାନରେ ଏକ ଶବ୍ଦର ପୁନରୁକ୍ତି ପ୍ରୟୋଗ କୌଶଳକୁ ସୁନ୍ଦର

ଭାବରେ ପ୍ରଦର୍ଶନ କରିଛନ୍ତି । ଆଠପଦ ବିଶିଷ୍ଟ ସମଗ୍ର ସପ୍ତମ ଛାନ୍ଦଟି ଏହି ଭାବରେ ଲିଖିତ ।

କଳା ପର୍ବତ ତଳେ କଳାବତୀ କ କୋଳେ କଳା କଳାକୁ ବସୁରେଟି,
ବନ୍ଧୁ କାହିଁ ନ ଯାଉ ବନ୍ଧୁ ବୋଲିଣା ନୋହୁ ବନ୍ଧୁଲା ବନ ଆଦରେଟି,
ଗୋ ଜନନୀ । ୨ ।

ହରି ଦେଖିଲେ ହରି ହରି ନେବେଟି ଧରି ହରିକଣ୍ଠକୀ ମନ କରି,
ହରିସୂତା ନିକଟେ ହରି ସେ ସବୁଘାଟେ ହରି-ବଦନଟି ତାହାର,
ଗୋ ଜନନୀ । ୩ ।

ସାରଙ୍ଗ ତରୁ ତଳେ ସାରଙ୍ଗଧର ହେଲେ ସାରଙ୍ଗମୁଖୀ ଦେଖଇଟି,
ସାରଙ୍ଗ ସାରଙ୍ଗରେ ସାରଙ୍ଗ ସାରଙ୍ଗରେ ସାରଙ୍ଗ ସାରଙ୍ଗ ଢଉଟି,
ଗୋ ଜନନୀ । ୭ ।

ବିଲୋମ—

ପୂର୍ବସ୍ଥାନେ ଅପୂର୍ବ କଲେ ଯା ନାମ ଅଧିକ ଅର୍ଥ ହୁଅଇ,
ତାକୁ ଦେଲେ ମଧ୍ୟ ବିନା ମାସ ପ୍ରାନ୍ତ ବିଲୋମେ ଦଣ୍ଡପୁର ହିଁ ।
ଅନ୍ତକରୁ ବାହୁଡ଼ିଲେ ନାଶ୍ତି ଲକ୍ଷ୍ମଣରୁ ଏକ ମଧ୍ୟ ବୃଦ୍ଧି,
ଏ ନାମ ଯାହାର ତାହାକୁ ଲଭିଲେ ବଇକୁଣ୍ଠେ କେଉଁ ସିଦ୍ଧି ।

ରୂପ ବର୍ଣ୍ଣନା—ରାଧାଙ୍କ ରୂପ ବର୍ଣ୍ଣନାରେ ଓ ଚଉପଦୀମାନଙ୍କରେ ଉଚ୍ଚ କବିପ୍ରତିଭାର ସମ୍ୟକ୍ ପ୍ରକାଶ ହୋଇଛି ।

ରାଧାଙ୍କ ଅଙ୍ଗପ୍ରତ୍ୟଙ୍ଗ ବର୍ଣ୍ଣନା କରିସାରି କବି ସ୍ୱ କବିତ୍ୱ ଶକ୍ତି ଦ୍ୱାରା ଅତି ଚମତ୍କାର ଭାବରେ ସେ ଅପୂର୍ବ ଶୋଭାସମ୍ଭାରର ଚିତ୍ରବର୍ଣ୍ଣନାର ଉପସଂହାର କରିଛନ୍ତି—

ଶିଳା ଯିବ ଦ୍ରବି ହେ ମୁଁ କସ କହିବି,
କବି ସୃଷ୍ଟି କବି ଦୃଷ୍ଟି ହେଲେ ଭାବ ଭାବି,
ସେ ସୁନ୍ଦର ଛବି, ଯୋଗୀ ଧ୍ୟାନ-ଧର ପବି
ରସ ବୋଲେ ମୁଁ ନ ଯିବି, ଭଙ୍ଗୀ ବୋଲେ ସଦା ଥିବି । (୯୧ଶ ଛାନ୍ଦ)

ଛବିରେ ରସ ଓ ଭଙ୍ଗୀର ସ୍ଥାନ କବି ସୁନ୍ଦର ଭାବରେ ସ୍ଥିର କରିଛନ୍ତି ।

ଜାଙ୍ଗଳିକ ଓ ନନ୍ଦରାଜାଙ୍କ ବେଶ ବର୍ଣ୍ଣନା ସୁନ୍ଦର ହୋଇଛି । ଉପମାଦି ଅଳଙ୍କାର ବର୍ଜିତ ହେଲେ ମଧ୍ୟ ସରଳ ପଦାବଳୀର ଏହି ବର୍ଣ୍ଣନା-ଗୁଡ଼ିକ ମାନସପଟରେ ଚିତ୍ର ଉତ୍ପାଦନ କରିବାରେ ସମର୍ଥ ହୋଇଛି । ଜାଙ୍ଗଳିକର ସାପଖେଳା ଓ କୃଷ୍ଣଙ୍କ ପ୍ରମ୍ଭନ ମନ୍ତ୍ରଦାନ ବିଷୟଟି କୌତୁକ-ପୂର୍ଣ୍ଣ ହୋଇଛି ।

ହାସ୍ୟରସ—କବି ଯୁଗଳରସାମୃତ ଲହରୀରେ ହାସ୍ୟରସର ବହୁ ପଦ ଦେଇଛନ୍ତି । ଏ ଭିତରୁ କେତେକ ଘଟଣା ଚକ୍ର, ବିପରୀତଫଳ ଓ କଥୋପକଥନ ପ୍ରଭୃତିରେ ପ୍ରତିଫଳିତ ହୋଇଛି ।

ଚନ୍ଦ୍ରାବଳୀ ଓ ରାଧାଙ୍କୁ ସେମାନଙ୍କ ଶାଶୁନଣନ୍ଦ ଅଟକ କରିବା ସତ୍ତ୍ୱେ କୌଶଳରେ ସେମାନଙ୍କ ସହ କୃଷ୍ଣଙ୍କ ମିଳନ ହାସ୍ୟ ଉତ୍ପାଦନ କରିଛି । ଶାଶୁନଣନ୍ଦଙ୍କ ବୋହୂ ସମ୍ବନ୍ଧରେ ଉଚ୍ଚଧାରଣା, ନିଜ ଆକଟ ମାନିବା ସମ୍ବ-ନ୍ଧରେ ଦୃଢ଼ବିଶ୍ୱାସ, ଯେଉଁ ସଖୀମାନେ ଗୁପ୍ତମିଳନରେ ସହାୟକ ସେମାନଙ୍କୁ ଜଗୁଆଳ କରିବା ପ୍ରଭୃତି ବିଷୟ ବର୍ଣ୍ଣନା ପଢ଼ିଲା ବେଳେ ବିପରୀତ ପରିସ୍ଥିତି ଉଦ୍ଭବ ହେବାର ସମ୍ଭାବନା ମନରେ ହାସ୍ୟ ଉଦ୍ରେକ କରେ ଏବଂ ଶାଶୁନଣନ୍ଦଙ୍କ 'ଅଜ୍ଞତା' ଦେଖି କୌତୂହଳ ଜନ୍ମେ ।

ସଖୀମାନଙ୍କ ମେଳରେ ରାଧାଙ୍କ ଯମୁନା ଯିବା, ବନବିହାର କରିବା ପ୍ରଭୃତି ପ୍ରସଙ୍ଗରେ ସଖୀମାନେ ରାଧାଙ୍କ ପ୍ରେମକାହାଣୀକୁ ବାରମ୍ବାର ଉପଲକ୍ଷ୍ୟ କରି ସସ୍ନେହ କୌତୁକ କଥୋପକଥନ କରିବା ବେଳେ ମନରେ ସ୍ୱତଃ ହାସ୍ୟ ଜାଗ୍ରତ ହୁଏ ।

ସଖାମାନେ ଓ ସଖୀମାନେ ନିଜ ନିଜ ଭିତରେ ଯେଉଁ ବ୍ୟଙ୍ଗ କଥୋପକଥନ କରିଛନ୍ତି ତାହା ମଧ୍ୟ ହାସ୍ୟରସର ସୁନ୍ଦର ଉଦାହରଣ ।

ଶ୍ରୀକୃଷ୍ଣ ନାୟିକା ଭ୍ରମରେ ଦୂତୀ ସହ କ୍ରୀଡ଼ା କରିବା ଘଟଣା ମଧ୍ୟ କୌତୁକପ୍ରଦ ଏବଂ ହାସ୍ୟରସ ଉତ୍ପାଦକ ।

କବି ରସସୃଷ୍ଟି କରିବାରେ ଉପଯୁକ୍ତ ପାତ୍ରର ଆଶ୍ରୟ ନେଇଛନ୍ତି । ସୁଜନ ପାଠକମାନେ ରସ ଉପଭୋଗ କରିବାକୁ ହେଲେ 'ଶ୍ରବେ, ନିଜ ଧ୍ୟାନ ଅନୁଭବେ' ଏହାକୁ ଦେଖିବାକୁ ହେବ ।

"ଶୁଣ ହେ ସୁଜନ ଭାବେ, ନିଜ ଧ୍ୟାନେ ଅନୁଭବେ । × × ।"

(୬୯ଶ ଛାନ୍ଦ)

ତହିଁ ଗୋପଗୋପ ସଙ୍ଗରେ ଶ୍ରୀକୃଷ୍ଣ ବୃନ୍ଦାବନରେ ପ୍ରବେଶ କରି କୌତୁକରେ ନାନା କ୍ରୀଡ଼ା କଲେ ।

ମଧୁ ମଙ୍ଗଳ ଭକ୍ଷି ତାମ୍ବୁଲ ଦେଖାଇ ଜିହ୍ୱାମୂଳ ସେ
ବୋଲେ ତୁମ୍ଭେ କାହୁଁ ପାଇବ ଗୋପାଳ ଯେ,
ଭାଗ୍ୟେ ଦେଖ ଆମ୍ଭ ଓଷ୍ଠ ବିମ୍ବା-ତୁଲ ସେ । ୧ ।

ସଖା ଦାମ ବସୁଦାମ ଏହାର କାରଣ ପଚାରିବାରୁ ମଧୁମଙ୍ଗଳ କୌତୁକରେ ତାଙ୍କ କାନରେ କହିଲେ, ବଣସାରୁ ଗୋଟିବାଇଲେ ଏପରି ହୁଏ ଏବଂ ତାହା କାହାକୁ ନ କହିବା ପାଇଁ ଗୁଣନିସ୍ତମ କଲେ । ସରଳମତି ସଖାଗଣ ବଣସାରୁ ଆଣି ଖାଇବାରୁ ପାଟି କଣ୍ଟେଇ ହେଲା । ମଧୁମଙ୍ଗଳ କୌତୁକ ସଫଳ ହେବାରୁ ଆନନ୍ଦିତ ହେଲେ । କିନ୍ତୁ, ଏହା ଅଶୋଭନୀୟ ହାସ୍ୟରସ ଉତ୍ପାଦନ କରିଛି । ଏହି କାରଣରୁ କୃଷ୍ଣ ଗାଳି ଦେଲେ ଏବଂ ପ୍ରତିଶୋଧ ନେବା ପାଇଁ ମଧୁମଙ୍ଗଳ ହାତରେ ବାଇଡ଼ଙ୍କ ବୋଲି ଦେବାରୁ କଣ୍ଡୁ ହେଲା । ମଧୁମଙ୍ଗଳ ଦୁଇ ହାତ 'ଘଷି କାନ୍ଦି କହେ ମଲି ମଲି ।' ହାସ୍ୟ ଉପଭୋଗର ଚୋଟ ଚାଲିଲା । "ସମସ୍ତେ ହସିଲେ, ମାତ୍ର ଡରେ ତାର ପାଶେ ନ ପଶିଲେ ସେ । କେ ତା ପରି ହସି ଦେହ ଆଉଁସିଲେ ଯେ । କେବା ମଧୁ ପକ୍ଷ କରଣ ବସିଲେ ଯେ ।" (୬୯ଶ ଛାନ୍ଦ)

ସଂଗୀତ ଆଳାପ—ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା 'ଶ୍ରୀକୃଷ୍ଣଙ୍କ ମୁରଲୀ ବଜାଇବା' ଛାନ୍ଦ (୪୬ଶ ଛାନ୍ଦ)ରେ ସଙ୍ଗୀତର ମୌଳିକ ସ୍ୱର-ସ୍ୱରର ସୂଚନା ଦେଇଛନ୍ତି । ଛାନ୍ଦଟିକୁ 'କାମୋଦୀ' ରାଗରେ ଗାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଆରମ୍ଭରୁ ସଙ୍ଗୀତ ସ୍ୱର-ଆଳାପ କରିଛନ୍ତି; ସାତସ୍ୱର ଓ ନାନା ରାଗରେ ରସବର୍ଷା କରାଇଛନ୍ତି ।

ତାନାନା ତାନାରି ଆସ ରାଧିକା ଗୋ,
ମୁଁ ଅଛି କଦମ୍ବ ମୂଳରେ ଏକା ଗୋ । ଘୋଷା ।

ସାରିଗମ ପଧନି ସାନିଧପ ମଗରିସା,
ସାତସ୍ୱର ନାନା ରାଗେ ରସ କରେ ବରଷା । ୧ ।
ତା ଧିକ ତାଧିକ ପ୍ରାଣ ଏ ରସେ ଯେ ନରସେ,
ତାଦ୍ରିକ ତାଦ୍ରିକନ୍ଦରେ ଯା ପୁଂସରେ ଅବଶେ । ୨ ।
ତାଧିନା ତାଧୀନା ହୋଇ ନାହିଁ ଯେଉଁ ରମଣୀ,
ତାଧିକ ତାଧିକ ଗୁଣ ପଶୁରେ ଗଣି । ୩ ।
ତା ଖିତର ଖଟ ହର ସୁରଣେ ବିନାଶେ ଏ,
ଧୋ ତରଖଟ ଚରଣ ଆଦ ବନେ ନିଷ୍ଟସ୍ୱେ । ୪ ।

ସଙ୍ଗୀତସ୍ୱରାଳାପ ସହିତ ଭାବର ସୁଷମ ବିନ୍ୟାସ ରହିଥିବାରୁ ଭାବ ଆଧିକ୍ୟ ପରିଲକ୍ଷିତ ହେଉଥିଲେ ମଧ୍ୟ ସଙ୍ଗୀତାଳାପର ପ୍ରଭାବ ଅତୁଟ ରହିଛି ।

ଚଟାଉ—ସଦାନନ୍ଦଙ୍କ ସାହିତ୍ୟରେ 'ଚଟାଉ'ର ସ୍ଥାନ ବିଶେଷତ୍ୱ ଲାଭ କରିଛି । ପାଠପାଠୀମାନେ ଶିକ୍ଷିତ ଥିବାରୁ 'ଚଟାଉ' ମାଧ୍ୟମରେ ନାୟକ ନାୟିକା ପରସ୍ପରକୁ ଉତ୍ତମ ରୂପେ ଚିହ୍ନିଛନ୍ତି ଏବଂ ସ୍ୱ ସ୍ୱ ଭାବ ପ୍ରକାଶ କରିବାରେ ସୁବିଧା ପାଇଛନ୍ତି । ବିଶ୍ୱସ୍ତ ଲୋକଙ୍କ ଦ୍ୱାରା ଏହି ଚିଠି ପ୍ରେରିତ ହୋଇ ଗୋପନୀୟତା ରକ୍ଷା କରିପାରି ଉଭୟ ପକ୍ଷର ମର୍ଯ୍ୟାଦା ରକ୍ଷା କରିଛି ।

ନାୟକ ପକ୍ଷରେ ପରଂପରା ମର୍ଯ୍ୟାଦା ରକ୍ଷା କରି ମଧ୍ୟ 'ଅତି ସ୍ପଷ୍ଟ ଭାବ' ଲେଖାରେ ପ୍ରକଟିତ ହେବା ସମ୍ଭବ । କିନ୍ତୁ, ନାୟିକା ପକ୍ଷରେ କୁଳମାନ ରକ୍ଷା କରି 'ଯୌବନବିକା' ଭାବ ଗୋପନରେ ବ୍ୟକ୍ତ କରିବା ସେତେ ସହଜ ନୁହେଁ କି ନିରାପଦ ନୁହେଁ । କେବଳ ବିଶ୍ୱସ୍ତ ସଖୀ, ଦୂତୀ ବା ଦୂତ ମାଧ୍ୟମରେହିଁ ଏହା ସମ୍ଭବ । ପତ୍ରବାହକ ଓ ପତ୍ରବାହିକାମାନେ ପଠ ବିନିମୟରେ ମଧ୍ୟ ସାହାଯ୍ୟ କରିଛନ୍ତି । ପତ୍ରର ବିଷୟକୁ ସମର୍ଥନ କରି ନିଜେ ମଧ୍ୟ ମୌଖିକରେ କିଛି କିଛି କହି କାର୍ଯ୍ୟସିଦ୍ଧିରେ ସାହାଯ୍ୟ କରିଛନ୍ତି ।

ପ୍ରେମିକ ନାୟକ ଓ ସମସ୍ତନ ପ୍ରେମିକା ନାୟିକା ଉଭୟେ ଭାଷା ଓ ଭାବରେ ପଠକୁ ଆଦର୍ଶ ସ୍ଥାନୀୟ କରିବା ପାଇଁ ପ୍ରଗାଢ଼ ଯତ୍ନ କରିଛନ୍ତି ।

ନମସ୍କାର, ଆଶୀର୍ବାଦ, କୁଶଳ ସମାଚାର ଓ ଲେଖକର ବିନୟ ପ୍ରଭୃତି ବିଷୟରେ କେହି ମର୍ଯ୍ୟାଦା ଲଙ୍ଘନ କରି ନାହାନ୍ତି ।

ଚଟାଉ ଲିଖନ ଶୈଳୀ ମଧ୍ୟ ଅତି ଉଚ୍ଚଶ୍ରେଣୀ ସାହିତ୍ୟର ପରିପୋଷକ ହୋଇଛି ।

ଲିପି, ଲିଖନଭଙ୍ଗୀ, ମୁଦ୍ରଣ, ସଙ୍କେତର ରୂପ ପ୍ରଭୃତି ଚଟାଉ ଲେଖାର ଏକ ବିଶିଷ୍ଟ ଅଙ୍ଗରୂପେ ଗୃହୀତ ହୋଇଛି ।

ବର୍ଣ୍ଣଶ୍ରେଣୀ ବର୍ତ୍ତୁଳ, ଘନ, ବିରଳ ହେବା ଆଦର୍ଶ ଥିଲା ।

ଶିରେ ଲଗାଇ ପତ୍ରିକା ଆଗେ, ଫିଟାଇ ଲୋଚନ ଦେଲା ରାଗେ ।
ବୋଇଲା ଧନ୍ୟ ଧନ୍ୟ ଏ ବର୍ଣ୍ଣଶ୍ରେଣୀ, ବର୍ତ୍ତୁଳ ଘନ ବିରଳ ସଙ୍ଗେ ସେ ।
(୧୨ଶ ଛାନ୍ଦ)

ରାଧାଙ୍କୁ ସଖୀ ଚଟାଉ ଲେଖା ସମ୍ବନ୍ଧରେ ନିର୍ଦ୍ଦେଶ ଦେଉଛନ୍ତି—

ଲେଖ ତୁମ୍ଭ ଅକ୍ଷର ଆଚ୍ଛା ବିରଳ, ପୁନରୁକ୍ତ ନୋହିବ ମାତ୍ର କେବଳ,
ମାତ୍ରା ଛୁଟିବ ନାହିଁ, ଧାଡ଼ିକ ଧାଡ଼ିକ ଥିବେ ଅଲଗା ହୋଇ ।୧।
ଗାରହିଁ ପୁଣି ସରୁ ମୋଟ ନୋହିବ, ଦଣ୍ଡ ଶାମ ଭେଦହିଁ ଲିପାରେ ଥିବ,
ନିଜ ଦୈନ୍ୟ-ଉନ୍ନତ, ଦୁଇ ମିଶ୍ରିତ ହୋଇ ଥିବଟି ଉକ୍ତ ।୨।
ଆମ୍ଭ ବିଟପୀ ଦୋଷ ଦିଶିବ ନାହିଁ, ତାଙ୍କ ସକାଶୁ ଜଣାଯିବଟି ତହିଁ,
ଅଙ୍ଗୀକାର ହିଁ ଥିବ, ସ୍ୱଦଶା ଲିପାରୁ ଆଶୟ ଆସିବ ।୩।
ପ୍ରୀତି ଅଧୀନତା ହିଁ ଗୋଚର ହେବ, ପାତକ ଭୟ ବଡ଼ ଏ ପ୍ରକାଶିବ,
ଦୃଷ୍ଟାନ୍ତର ଉପମା, ଶବ୍ଦାଳଙ୍କାରର ହୋଇବ ସୀମା ।୪।
ଅତିରିକ୍ତ ବହୁଳ ନୋହିବ କେବେ, ଏକାର ଦେବଭାଷା ଶେଷ ଯେ ଠାବେ,
ତୁମ୍ଭେ ନ ଜାଣ କମ୍ଭା, ଉଚିତ ମାତ୍ରେକ ଆମ୍ଭ କହିବା ।୫।
(୪୮ଶ ଛାନ୍ଦ)

ରାଧା ମର୍ଯ୍ୟାଦା ଜ୍ଞାନରେ ସଖୀ ଲେଖିଲା ପରି ପତ୍ର ଲେଖି ସଖୀ ହସ୍ତରେ ଦେଲେ । ସଖୀ 'ମୁଦ ଉଲ୍ଲେଖ' ଦେଲା; ତଦୁପରି 'ଶ୍ରୀବର୍ଣ୍ଣ ଦୀର୍ଘେ ଲେଖାଇ' 'ଦିବ୍ୟ ଅତର ଅଳପ କରି ଲଗାଇ', 'ରାଧାବର୍ଣ୍ଣ ରୂପ'କୁ ଦେଲା ।

ରାଧାକୃଷ୍ଣପ୍ରେମ ତତ୍ତ୍ୱ—କଠିନଶାସ୍ତ୍ର ଶବ୍ଦାର୍ଥ ବର୍ଜ୍ଜିତ କେତେକ ସରସ ସାର୍ଥକ ପଦରେ କବି ରାଧାକୃଷ୍ଣ ପ୍ରେମତତ୍ତ୍ୱକୁ ରାଧା-ବିଶାଖା କଥୋପକଥନ ଛଳରେ ବୁଝାଇଛନ୍ତି । ବିରହବିଧୁରା ରାଧା କୃଷ୍ଣଙ୍କଠାରୁ ଚିଠାଉ ଲେଖିବା ସମ୍ବନ୍ଧରେ ସଖୀମାନେ ଆଲୋଚନାକରି ରାଧାଙ୍କୁ ଲେଖିବାପାଇଁ କହିଲେ । ରାଧା ଏଥିରେ ଚକିତ ହୋଇପଡ଼ିଲେ । 'ରାଧା କପାଳେ ମାରି, ସଙ୍ଗେ ପରପୁଂସେ ଲେଖନ୍ତି କି କରି !" ପରପୁରୁଷକୁ କୁଳବଧୂ କପରି ବା ପ୍ରେମପତ୍ର ଲେଖିବ ? ସାମାଜିକ ଶାଢନୀତି ଗର୍ହିତ ଏହି କାର୍ଯ୍ୟର ଗୁରୁତ୍ୱ ସେ ଉପଲବ୍ଧି କରିଛନ୍ତି । କିନ୍ତୁ, ବର୍ତ୍ତମାନ ଅବସ୍ଥାରେ ଏହାର ଆଉ ଉପାୟ ନାହିଁ । ସାମାଜିକ ବିଧିବିଧାନର ଶୃଙ୍ଖଳ ଅପେକ୍ଷା ହୃଦୟର ଟାଣ ବେଶି । ନାରୀଜୀବନ ପରପୁରୁଷର ହାତରେ ଦେବାରୁ ପ୍ରାଣର ବ୍ୟାକୁଳତା ପ୍ରକାଶ ପାଇ ଅସ୍ଥିର କରିଦେଉଛି ।

ଧିକ ବିଧାତା ନାରୀ ଜନମ ଦେଲା, ପର ପୁରୁଷଠାରେ ପ୍ରାଣ ରଖିଲା ।
ତାହା ବିନୁ ଏ ଜୀବନ ଯିବ, ନଷ୍ଟେ ନୋହିଲେ ତାକୁ ଭଜିବ । ୫ ।

ବିଶାଖା ଏହାର ସମୁଚିତ ଉତ୍ତରଦେଇ କୃଷ୍ଣଙ୍କଠାରେ ଜୀବନ ଦେବା କୁଳନାରୀ ପକ୍ଷେ ନିନ୍ଦନୀୟ ନୁହେଁ ବୋଲି କହିଛନ୍ତି ଏବଂ ସ୍ୱମତ ସପକ୍ଷରେ ଋଷିଙ୍କ ମୁଖନିସୃତ ବାକ୍ୟକୁ ପ୍ରମାଣରୂପେ ଉପସ୍ଥାପିତ କରିଛନ୍ତି ।

ବିଶାଖା କହେ ଜନ୍ମେ ଜନ୍ମେ ସେ ପଦ,
ସେବିବା ଅମ୍ଭେ ସଖୀ ନକର ଖେଦ ।
ଋଷି ମୁଖୁଁ ଶୁଣିଛୁ, ପତି ଯେ ସେ ଆମ୍ଭର ନୁହନ୍ତି କିଛୁ । ୬ ।
ସେ ଆମ୍ଭ ପ୍ରାଣନାଥ ଅମ୍ଭେଟି ଦାସୀ,
ନୋହିଲେ କି କେ ମନ ସେ ରସେ ରସି ।
ଧର୍ମ ମାର୍ଗହିଁ ଜାଣି, ରଖିଲେ ରଖି ନୋହେ ଧୈର୍ଯ୍ୟ କି ମଣି । ୭ ।
(୬୮ଶ ଛାନ୍ଦ)

ଶ୍ରୀକୃଷ୍ଣ ଅଖିଳବ୍ରହ୍ମାଣ୍ଡର ପ୍ରାଣନାଥ, ପ୍ରଭୁ । ଗୋପୀମାନେ ସବୁକାଳେ ତାଙ୍କର ଦାସୀ । ଏହି ପ୍ରଭୁ-ଦାସୀ ନିତ୍ୟସମ୍ବନ୍ଧ ହିଁ ରାଧାକୃଷ୍ଣ ପ୍ରେମତତ୍ତ୍ୱର ଭିତ୍ତି ।

କୃଷ୍ଣ ପରଂବ୍ରହ୍ମ । ତାଙ୍କର ମାୟା, ଲୀଳା, ରାଧା ଓ ଚନ୍ଦ୍ରାବଳୀଙ୍କ ସହିତ ତାଙ୍କର ପ୍ରେମଲୀଳାର ତତ୍ତ୍ୱ ସେ ଚନ୍ଦ୍ରାବଳୀଙ୍କଠାରୁ ପ୍ରେରଣ କରିଥିବା ପତ୍ରରେ ବୁଝାଇଛନ୍ତି । ଏହି ପତ୍ରଟି ବ୍ରଜବାସୀ ବୈଷ୍ଣବସମ୍ପ୍ରଦାୟର ମୂଳତତ୍ତ୍ୱ ଶାସ୍ତ୍ର ବୋଲିବାକୁ ହେବ । କୃଷ୍ଣ ନିଜ ବିଭୂତି ବର୍ଣ୍ଣନା କରି ଏ ମାୟାଲୀଳାର ତତ୍ତ୍ୱ ବୁଝାଇଛନ୍ତି ।

ଚନ୍ଦ୍ରାବଳୀଙ୍କୁ ଶ୍ରୀକୃଷ୍ଣ ତତ୍ତ୍ୱାର୍ଣ୍ଣବ ଅବଗାହୀ, ମୋର ସ୍ୱଭାବ ଗୁଣଗ୍ରାହୀ, ସର୍ବମୟୀ ସର୍ବେଶ୍ୱରୀ, ସର୍ବେନ୍ଦ୍ରିୟ ଅଧିକାରୀ, ଭକ୍ତିମାର୍ଗାଧିବିଥିକା, ବ୍ରହ୍ମଜନନୀ, ରସାଧିକା ପ୍ରଭୃତି ନାମରେ ସମ୍ବୋଧନ କରି ତାଙ୍କର ପରିଚୟ ଦେଇଛନ୍ତି । ରାଧା ଓ ଚନ୍ଦ୍ରାବଳୀ ଅଭିନ୍ନ, ଉଭୟେ ଶ୍ରୀକୃଷ୍ଣଙ୍କ ଅଙ୍ଗରୁ ଜାତ ।

ଶ୍ରୀକୃଷ୍ଣ କହୁଛନ୍ତି, ମୁଁ ଅନ୍ତର ବାହାର ସବୁଜାଣେ । ମୁଁ ସର୍ବ ଉପରେ ସତ୍ୟ, ସଚ୍ଚିଦାନନ୍ଦ ସ୍ୱରୂପ । କିନ୍ତୁ ମୁଁ ନିର୍ଲେପ । ମୁଁ ଅଣଅକ୍ଷର ବୋଲାଇଲେ ମଧ୍ୟ ଅକ୍ଷରରୂପେ ବିରାଜିତ । ପୁଣି ମନୁଷ୍ୟ ରୂପରେ ମୁଁ ସଚରାଚର ଜାତକରେ । ବୃନ୍ଦାବନ ମୋର ନିତ୍ୟଧାମ । ପୂର୍ବେ ମୁଁ ଏକ ହୋଇଥିଲି । ମହାଯୋଗପୀଠ ଉପରେ ଗୋପବେଶରେ ମୁଁ ବିଜେ କରିଥିଲି । ସ୍ୱ ଅପୂର୍ବ ଶୋଭାମୂର୍ତ୍ତି ଅବଲୋକନ କରି ମୁଁ ସ୍ୱରସରେ ଜର୍ଜ୍ଜରିତ ହୋଇଗଲି । ମୋ ଦେହରେ ପ୍ରେମବାରି ଜାତହୋଇ ଉଚ୍ଛୁଳି ପଡ଼ିବାରୁ ମୋର ଦେହ ବାମଦିଗକୁ ଟଳିପଡ଼ିଲା । ଏଥିରୁ ହିଁ ତ୍ରିଭଙ୍ଗୀରୂପ ହେଲା ।

ମୋ ତନୁ ଘଟେ ପ୍ରେମବାରି, ପୂର୍ଣ୍ଣ ହେବାରୁ ନସମ୍ଭାଳି ।
ଟଳିଲା ମୁଖ ବାମ ଦିଗେ, କଟୀ ସମ୍ଭାଳି ଦକ୍ଷମାର୍ଗେ ।
ଦେହ ବଙ୍କେ ପାଦ ବିଷମେ, ବାମ ପୟର ରଖି ସମେ ।
ଦକ୍ଷିଣାଙ୍ଗ ବାମାଂଶେ ଚିରି, ସେ ଭଙ୍ଗୀ ଏବେ ପରଂପରି ।

ତ୍ରିଭଙ୍ଗରୂପ ଧାରଣ କରିବା ପରେ ନିତ୍ୟକୃଷ୍ଣ ନିଜ ଛବି ଦେଖି ପ୍ରଶଂସା କଲେ ଏବଂ ଭାବିଲେ—

ବିଗ୍ରହ ଧନ୍ୟ ମୋ ଛବି, ଆଉ ଜଣେ ଯେବେ ନୋହିବ ।
ଆସ୍ୱାଦନା ନୋହିବ ତେବେ, ବାମାଙ୍ଗେ ଗ୍ରହିଁଲେ ଏ ଭାବେ ।
ହେଲି ଦ୍ୱିତୀୟ ରୂପ ମୋର, ବାମାଂଶୁ ବାମରୂପ ସାର ।

ସେ କାଳରେ ପୀତାମ୍ବର ଦୃଷ୍ଟିପଥରେ ପଡ଼ିବାରୁ ସେ ବାମା ପୀତବର୍ଣ୍ଣ ରୂପ ଧାରଣ କଲା । ଏହି ବାମା ହିଁ ଶ୍ରୀ ସୌଭାଗ୍ୟମନ୍ତ୍ରସ୍ୱା ।

ସୌଭାଗ୍ୟ ମନ୍ତ୍ରସ୍ୱା ନିତ୍ୟକୃଷ୍ଣଙ୍କ ଅପୂର୍ବଶୋଭା ଦେଖି ମୁଗ୍ଧହୋଇ—

ଧାଇଁ କୁସୁମ ମାଳା କଲା, କଣ୍ଠୋଗ୍ରେ ମୋତେ ସେ ବରିଲା ।
ତେଣୁ ବୋଇଲି ତାକୁ ରାଧା, ତା ମୋହ ପ୍ରାଣ ଅଧା ଅଧା ।
(୧୩ଶ ଛାନ୍ଦ)

ପୁଣି ଏ ବାମା ଅଷ୍ଟମୂର୍ତ୍ତି ହେଲେ । ତହିଁରୁ ବହୁ ଜାତହେଲେ । ଏ ସମସ୍ତେ ତତ୍ତ୍ୱଜ୍ଞାନରେ ଏକ । ଏମାନେ ସମସ୍ତେ ଏକ ରସାସ୍ୱାଦ ନିମନ୍ତେ ଜନ୍ମ ହୋଇଥିବାରୁ ମୋର ହିଂସାଜାତ ହେଲା ନାହିଁ । ତେବେ—

ସହଜେ ଗୁଡ଼ ଯେ ମଧୁର, ବହୁ ଭକ୍ଷଣେ ଅନାଦର ।
ମଧୁର ଆମ୍ବିଲ ମିଶ୍ରିତ, ଭକ୍ଷଣେ କେଡ଼େ ସୁଖ ଜାତ ।
(୧୩ ଶ ଛାନ୍ଦ)

ଏହି ଭାବ ଉଦୟ ହେବାରୁ ନିତ୍ୟକୃଷ୍ଣ ପୁଣି ବାମକୁ ଚାହିଁବାରୁ ଅନ୍ୟ ଏକ ବାମାର ସୃଷ୍ଟି ହେଲା । ଏହାର ନାମହିଁ ଚନ୍ଦ୍ରାବଳୀ ।

କବି ରାଧା ଓ ଚନ୍ଦ୍ରାବଳୀ ଏକ ବୋଲି ପ୍ରତିପାଦନ କରିଛନ୍ତି ଏବଂ ଦୁହିଁଙ୍କ ସହିତ ପ୍ରେମକ୍ରୀଡ଼ା କରିବା ଅର୍ଥ ସ୍ୱ ଅର୍ଦ୍ଧାଙ୍ଗିନୀଙ୍କ ସହିତ କ୍ରୀଡ଼ା କରିବା ସଙ୍ଗେ ସମାନ । ଏହା ସ୍ୱକୀୟାବାଦର ବିଷୟ ହେଲେ ମଧ୍ୟ ବ୍ରଜବାସୀ ବୈଷ୍ଣବମାନେ ତାତ୍ତ୍ୱିକ ବ୍ୟାଖ୍ୟା ଅନୁସାରରେ ପରଂବ୍ରହ୍ମ ଶ୍ରୀକୃଷ୍ଣ ପରକୀୟା ରାଗକୁ ହିଁ ଉତ୍କୃଷ୍ଟ ବିବେଚନା କରିଛନ୍ତି । କବି ମଧ୍ୟ ପରଂବ୍ରହ୍ମ ଅବତାର ଶ୍ରୀକୃଷ୍ଣଙ୍କର ପରକୀୟା ପ୍ରେମକାହାଣୀକୁ ସର୍ବସ୍ୱ ମନେକରି ତାହାର ଉପାସକ ହୋଇଛନ୍ତି ।

ରାଧା ଚନ୍ଦ୍ରାବଳୀ ଦୁଇ, ତାଙ୍କ ମୋହର ଭେଦ ନାହିଁ । (୧୩ଶ ଛାନ୍ଦ)

ଗୋପୀମାନେ ମଧ୍ୟ ପରଂବ୍ରହ୍ମଙ୍କ ଅଂଶରୁ ଜାତ ଥିବା କୃଷ୍ଣ କହିଛନ୍ତି । ରାଧା, ଚନ୍ଦ୍ରାବଳୀ ଓ ଗୋପୀମାନେ ପ୍ରଭୁଙ୍କ ମାୟାବଳରୁ ଅପେ ଆପଣାକୁ ଚିହ୍ନି ନପାରି ବଣା ହେଉଛନ୍ତି । ଏହି ମାୟା ରଚନାର କାରଣସ୍ୱରୂପ

ଶ୍ରୀକୃଷ୍ଣ କହୁଛନ୍ତି ଯେ, ଲୋକରେ ତାଙ୍କର ଲୀଳା ଗୁପ୍ତ ହୋଇଯିବାରୁ ପୁନର୍ବାର ଏହାକୁ ଖ୍ୟାତ କରିବା ପାଇଁ ପୌର୍ଣ୍ଣମାସୀଙ୍କୁ ଲୀଳାଚକ୍ର ରଚନା କରିବା ପାଇଁ ବ୍ରଜକୁ ପଠାଇଲେ । ପୌର୍ଣ୍ଣମାସୀ ବିଧାତାରୂପୀ, ପୌର୍ଣ୍ଣମାସୀ ବିଙ୍କକରି ରସସୃଷ୍ଟି କରୁଛନ୍ତି ।

ପ୍ରଭୁ ପୁଣି ପୂର୍ବ ଆଜ୍ଞାକୁ ଆପେ ମାନି ଯୋଗମାୟା ପ୍ରଭାବରୁ ନିଜେ ନିଜକୁ ଚିହ୍ନି ପାରିଲେ ନାହିଁ, ମାଧୁର୍ଯ୍ୟ ଆସ୍ୱାଦନ ଆଶାରେ ନର ସ୍ୱଭାବରେ ପ୍ରେମଲୀଳାରେ ମଜ୍ଜି ରହିଲେ ।

ସ୍ୱୟଂ ଶ୍ରୀକୃଷ୍ଣଙ୍କ ମୁଖରେ ଏ ତତ୍ତ୍ୱ ବ୍ୟାଖ୍ୟାକରି ନିଜର ବିଭୂତି ବିଷୟ ପ୍ରକାଶ କରିଥିବାରୁ ତାତ୍ତ୍ୱିକ ଭିତ୍ତିକୁ ଦୃଢ଼ କରିବା ପାଇଁ କବି ଏ କୌଶଳ ଅବଲମ୍ବନ କରିଛନ୍ତି । ଏହି ପ୍ରସଙ୍ଗ ସର୍ବଶାସ୍ତ୍ରସମ୍ମତ ଥିବା କବି ପ୍ରକାଶ କରିଛନ୍ତି ।

ଆହେ ଶ୍ରୋତାଗଣେ ଶୁଣ, ଏ ସର୍ବ ଶାସ୍ତ୍ର ପ୍ରମାଣ ।

(୧୪ ଶ ଛାନ୍ଦ)

ଯୁଗଳରସାମୃତ ଲହରୀରେ ସଦାନନ୍ଦ ବୈଷ୍ଣବ ଭେଦାଭେଦ ସିଦ୍ଧାନ୍ତକୁ ଅଳ୍ପସଂଖ୍ୟକ ପଦରେ ଏକାଦଶ ଛାନ୍ଦରେ ବୁଝାଇଛନ୍ତି । ପ୍ରାମାଣିକ ଗ୍ରନ୍ଥମାନଙ୍କରୁ ସମର୍ଥକ ଶ୍ଳୋକ ଉଦ୍ଧାର କରିନଥିଲେ ମଧ୍ୟ ବିଷୟଟିକୁ ବୁଝାଇ-ବାରେ ଅସୁବିଧା ଭୋଗକରି ନାହାନ୍ତି । ପ୍ରଳୟ, ସୃଷ୍ଟି, ବ୍ରହ୍ମା, ଶିବାଦିଙ୍କ ଉତ୍ପତ୍ତି, ବିଭିନ୍ନ ଅବତାର ପରଂବ୍ରହ୍ମ କୃଷ୍ଣଙ୍କଠାରୁ ଜାତହେବା, ତତ୍ତ୍ୱମସି, ନିରାକାର ତତ୍ତ୍ୱ, ସ୍ୱକୀୟାପରକୀୟା ପ୍ରେମ, ଯୁଗଳଭାବ, ଚିନ୍ମୟାନନ୍ଦରୂପ ପ୍ରଭୃତି ପ୍ରସଙ୍ଗ ଠିକଠିକରେ ବର୍ଣ୍ଣିତ ହୋଇଛି ।

ତତ୍ତ୍ୱବୋଧକ ଶବ୍ଦସମ୍ଭାରର ସମୁଚିତ ପ୍ରୟୋଗକରି ପଦାବଳୀର କବିତ୍ୱକୁ ରକ୍ଷା କରିବା ପାଇଁ କବି ଚେଷ୍ଟାକରି ସଫଳକାମ ହୋଇଛନ୍ତି ।

ବର୍ଣ୍ଣନୀୟ ଛାନ୍ଦଟି 'କ' ଅନୁପ୍ରାସରେ ରଚିତ ହୋଇଛି ।

କୃଷ୍ଣସ୍ତୁତିରେ ରମଣୀୟ ଶବ୍ଦଯୋଜନା ଓ ଅନୁପ୍ରାସର ବ୍ୟବହାର ତଥା ସାଧୁ ଓ ସରଳ ଭାଷାର ସୁନ୍ଦର ସମ୍ମିଶ୍ରଣ ପଦଗୁଡ଼ିକୁ କବିତ୍ୱମୟ କରିଛି ।

କନ୍ଦର୍ପ ଦର୍ପ ଭଞ୍ଜନ ଘନାଞ୍ଜନ ଗଞ୍ଜନ ଚନ୍ଦନ କାଳିଆ,
କୁରୁଙ୍ଗଲିଆ ବାଳ ସଙ୍ଗମେଳିଆ କୁଞ୍ଜବିହାରୀ କଦମ୍ବ ମୂଳିଆ
ରୂଳାତନ୍ ପାଟଳିଆ, ହେ ସୁନ୍ଦର ।
କୋମଳ ପଟାବତଂସିଆଳିଆ କୁଞ୍ଜବିହାରୀ କଦମ୍ବ ମୂଳିଆ
କଳାପି କଳାପଚୂଳିଆ କାମିନୀ କଦମ୍ବ ଧୈର୍ଯ୍ୟଟାଳିଆ, ହେ ସୁନ୍ଦର ।୧୨ ।
(୧୧ଶ ଛାନ୍ଦ)

କବି ତତ୍ତ୍ୱବର୍ଣ୍ଣନା ପ୍ରସଙ୍ଗକୁ ବିସ୍ତୃତ ନକରି ଅଳ୍ପପଦରେ ସମାପ୍ତ କରିଥିବା କାରଣ ସ୍ୱରୂପ ଚରିତରିତ ଯୁକ୍ତିକୁ ଉଦ୍ଧାର କରିଥିବାଛନ୍ତି ମନେହୁଏ ।

କାବ୍ୟପୁରାଣମାନଙ୍କେ ଶୁଣାନାହିଁ ଏ ନାମମାନଙ୍କୁ ଯାହାର
କି କି ସୂଚେ ଅର୍ଥ ହେବ କାହାର
କୁକବିମାନେ ଅନୁଧାନେ ଖୋଜନ୍ତି ଶବ୍ଦବ୍ୟାକରଣେ ସାର, ହେ ସୁନ୍ଦର ।
କଣ୍ଟୀଲାକ୍ଷ କାଣ୍ଡେ ଦାଣ୍ଡେ ଭ୍ରମର, ବଡାଇଲେ ମନକୁ ନେଇ ମୋର
କର୍କଶେ ବାଜିଲା ମୁନ କି ଶ୍ଳଜିଲ୍ଲ ବାହାରିବାକୁ ଦୁସ୍ତର, ହେ ସୁନ୍ଦର ।୧୩।

୧୩ଶ ଛାନ୍ଦରେ ଚନ୍ଦ୍ରାବଳୀତତ୍ତ୍ୱ ବିସ୍ତାରକରି ଚନ୍ଦ୍ରାବଳୀ-ଶ୍ରୀକୃଷ୍ଣ ପ୍ରେମକ୍ରୀଡ଼ାକୁ ପରଂପରାକ୍ରମେ ପ୍ରଚଳିତ ପନ୍ଥାରେ କବି ସମର୍ଥନ କରିଛନ୍ତି ।

ଶ୍ରୀକୃଷ୍ଣ-ଚନ୍ଦ୍ରାବଳୀ: ଶ୍ରୀକୃଷ୍ଣ-ରାଧା ଲୀଳା—ଯୁଗଳ ରସାମୃତ ଲହରୀରେ କବି ଶ୍ରୀକୃଷ୍ଣଙ୍କୁ ଦକ୍ଷିଣ ନାୟକ କରିଛନ୍ତି । ମୁଖ୍ୟନାୟିକା ଚନ୍ଦ୍ରାବଳୀ ଓ ରାଧା, ଶ୍ରୀକୃଷ୍ଣଙ୍କ ଜନ୍ମ, ଶିଶୁଲୀଳା ପ୍ରଭୃତିର ବର୍ଣ୍ଣନା କବି କରିନାହାନ୍ତି; କୈଶୋର ଅବସ୍ଥା ଓ ଲୀଳାର ସୂଚନା ଦେଇ କଥାବସ୍ତୁର ଆରମ୍ଭ କରିଛନ୍ତି ।

ଚନ୍ଦ୍ରାବଳୀ-କୃଷ୍ଣ ଲୀଳା ରାଧାକୃଷ୍ଣ ଲୀଳା ଅପେକ୍ଷା ଅଳ୍ପ ସ୍ଥାନ ଅଧିକାର କରିଛି । ଉଭୟ ଲୀଳା ବର୍ଣ୍ଣନାରେ ବହୁ ପ୍ରକାର ସାମ୍ୟ ରହିଛି । କଥାପରିପାଟୀ, ଅଳଙ୍କାର ପ୍ରୟୋଗ ଓ ଘଟଣା ପ୍ରବାହ ପ୍ରଭୃତି ପ୍ରାୟ ଏକପ୍ରକାର ।

ପୂର୍ବରାଗ, ବିରହ ଓ ମିଳନ ପ୍ରଭୃତି ଘଟଣା ଅପରିବର୍ତ୍ତିତ ରହିଛି । ଚନ୍ଦ୍ରାବଳୀ ଲୀଳା ରାଧାଲୀଳାର ଏକ ସଂକ୍ଷିପ୍ତ ସଂସ୍କରଣ । ଉଭୟ ଲୀଳା ଏକପ

କରି ଏକ କାବ୍ୟରେ ସ୍ଥାନ ଦେଇଥିବାରୁ କବି କୃଷ୍ଣଙ୍କ ଲୀଳାକୁ ହିଁ ମୁଖ୍ୟବିଷୟ ରୂପେ ଧରି ନେଇଛନ୍ତି ବୋଲି ବୁଝାଯିବ । ଏହା ନହୋଇ ଏ ଦୁଇଟି ବିଷୟକୁ ଭିନ୍ନ କରିଦେଇ ଦୁଇଟି ସ୍ୱତନ୍ତ୍ର କାବ୍ୟ କରି ଦେଇଥିଲେ, ବିଷୟପ୍ରବାହ ଓ ରଚନାଶୈଳୀରେ ପୁନରାବୃତ୍ତି ଲକ୍ଷଣର ପ୍ରାବଲ୍ୟ ଦେଖାଯାଇ ଥାଆନ୍ତା ସିନା, ବିଷୟ-ସ୍ୱତନ୍ତ୍ରତାରେ ଅନିଷ୍ଟ ହୁଅନ୍ତା ନାହିଁ । ସମବିଷୟର ପୁନରାବୃତ୍ତି ପ୍ରାଚୀନ କବିମାନଙ୍କ କାବ୍ୟମାନଙ୍କରେ ଦେଖା-ଯାଉଥିଲେ ମଧ୍ୟ କାବ୍ୟପରିଚୟରେ ବ୍ୟାଘାତ ଘଟୁନାହିଁ; କେବଳ ତୁଳନାତ୍ମକ ମୂଲ୍ୟନିରୂପଣ କରିବାରେ ଏହା ସାହାଯ୍ୟ କରୁଛି ।

ଯୁଗଳରସାମୃତ ଲହରୀରେ ଚନ୍ଦ୍ରାବଳୀ ଚରିତ ନଦେଇ ରାଧାଙ୍କ ଚରିତ ଦେଇଥିଲେ କବିଙ୍କ କାବ୍ୟରଚନା ଗୌରବରେ କୌଣସି ଆଞ୍ଚ ଲାଗନ୍ତା ନାହିଁ । କେବଳ କୃଷ୍ଣଙ୍କ ମାଧୁର୍ଯ୍ୟଲୀଳା ବର୍ଣ୍ଣନା ଆକାଙ୍‌କ୍ଷାରୁ କବି ଦୁଇଟି ଲୀଳାକୁ ଏକତ୍ର କରିଥିବା ଅନୁମାନ ସ୍ପଷ୍ଟ । ଚନ୍ଦ୍ରାବଳୀ ଓ ରାଧା ଏକ, ଅଭିମନ୍ୟୁ ଓ କୃଷ୍ଣ ଏକ, ଉଭୟ ନାୟିକା ପରଂବ୍ରହ୍ମ ଶ୍ରୀକୃଷ୍ଣଙ୍କ ଅଙ୍ଗରୁ ଜନ୍ମ — ଏହା କବି ପ୍ରତିପାଦନ କରିବା ଉଦ୍ଦେଶ୍ୟରେ ସାହାଯ୍ୟପୂର୍ଣ୍ଣ ଏହି ଉଭୟଲୀଳାକୁ ଏକତ୍ର କରିଛନ୍ତି ।

ଯୁଗଳରସାମୃତ ଭଉଁରୀ

ଅଠରୁଲଶଟି ଛାନ୍ଦରେ ଶ୍ରୀକୃଷ୍ଣଲୀଳା ବର୍ଣ୍ଣିତ ହୋଇଛି। ଗ୍ରନ୍ଥଟି ଶବ୍ଦାଲଙ୍କାର-ବହୁଳ ହୋଇଅଛି । ଯୁଗଳରସାମୃତଲହରୀ ପଢ଼ିବା ପରେ ଏହି ଗ୍ରନ୍ଥଟିକୁ ପଢ଼ିଲେ ଏହାର ଉପାଦେୟତା ପାଠକେ ବୁଝିପାରିବେ ବୋଲି କବି ଲେଖି ଅଛନ୍ତି । ସଦାନନ୍ଦଙ୍କ ମତରେ ଯେଉଁମାନେ ରାଧାକୃଷ୍ଣ-ଯୁଗଳ ଉପାସକ ନୁହନ୍ତି ଏବଂ ଯୁଗଳ ଲୀଳା ସମ୍ବନ୍ଧରେ ଗ୍ରନ୍ଥ ରଚନା କରି ନାହାନ୍ତି, ସେମାନେ ପ୍ରକୃତରେ କବି ନୁହନ୍ତି, ସେମାନଙ୍କର ସମସ୍ତ ପରିଶ୍ରମ ପଣ୍ଡ । ଉପେନ୍ଦ୍ର ଭଞ୍ଜ, ଦୀନକୃଷ୍ଣ, ଲୋକନାଥ ବିଦ୍ୟାଧର ଓ ଭୂପତି ପଣ୍ଡିତ ପ୍ରଭୃତିଙ୍କ ସମ୍ବନ୍ଧରେ ସେ ନିଜର ମତ ପ୍ରକାଶ କରିଛନ୍ତି ।

କବି ମଧୁପୁରରେ ଥିବା ସମୟରେ ଏହି ଗ୍ରନ୍ଥଟି ଲେଖିଅଛନ୍ତି । ପ୍ରେମକଳ୍ପଲତାରେ କବି କହି ଅଛନ୍ତି—

ଯୁଗଳ ରସାମୃତ ଲହରୀ,
ପରେ ଯୁଗଳ ରସାମୃତ ଭଉଁରୀ ।
ଯା ଦୟାରେ ରଚିଲି ଲୀଳାମୃତ ସାଗର,
ଲହରୀ ଭଉଁରୀ ବିନ୍ଦୁ ନଦୀ ସେ ସଙ୍ଗର ।
ପ୍ରେମ କଳ୍ପଲତା ବଢ଼ୁ ଏବେ ଜନମରେ,
ଭବ ଗ୍ରୀଷ୍ମତାପ ନାଶୁ ଛାୟା ବିଶ୍ରାମରେ ।

ଏଥିରୁ ଜଣା ପଡ଼ୁଛି, କବି ପ୍ରଥମେ ଯୁଗଳ ରସାମୃତ ଲହରୀ ଓ ପରେ ଯୁଗଳ ରସାମୃତ ଭଉଁରୀ ରଚନା କରିଥିଲେ । ପରେ ଯୁଗଳ ଲୀଳାମୃତ ସାଗର, ଯୁଗଳ ରସାମୃତ ବିନ୍ଦୁ, ଯୁଗଳ ରସାମୃତ ନଦୀ ଓ ପ୍ରେମକଳ୍ପଲତା ରଚିତ ହୋଇଥିଲା ।

ପ୍ରେମ ତରଙ୍ଗିଣୀ

'ପ୍ରେମତରଙ୍ଗିଣୀ' କାବ୍ୟଟି ଛତିଶଟି ନାତିଦୀର୍ଘ ଛାନ୍ଦରେ ରଚିତ । ପ୍ରଥମ ଛାନ୍ଦରେ କବି ମଙ୍ଗଳାଚରଣ କରି କୃଷ୍ଣ ଓ ରାଧାଙ୍କୁ 'ସର୍ବେଶ୍ୱର ଓ ସର୍ବେଶ୍ୱରୀ' ବୋଲି ଅଭିହିତ କରି 'ରସିକ ରସିକା ଶିରୋମଣି' ଆଖ୍ୟା ଦେଇଛନ୍ତି । ସୃଷ୍ଟିବର୍ଣ୍ଣା କିଶୋରୀ ରାଧା ଓ ନୀଳମଣି କିଶୋର କୃଷ୍ଣ ଉଭୟେ ଅନୁକ୍ଷଣ ମହାପ୍ରେମ ମଦରେ ପ୍ରମତ୍ତ । ଉଭୟେ ପୁଣି ପ୍ରୀତିରଙ୍ଗ ସଂଶୟେ ବିହ୍ୱଳ କ୍ଷଣେକ୍ଷଣେ । 'ବିସାଳସରେ' ଦୁହିଙ୍କ ନୟନ ଘୂର୍ଣ୍ଣାୟମାନ ଏବଂ ପରକୀୟା ରସେ ଅନ୍ୟୋଽନ୍ୟରେ ପ୍ରାପ୍ତି ଲୋଭରେ ଆସକ୍ତ, "ଅପ୍ରାକୃତ ଅନଙ୍ଗରେ ପୀଡ଼ିତ ହୃଦୟ ।" ରାଧା 'ମହାଭାବରୂପା' ଓ ଶ୍ରୀକୃଷ୍ଣ 'ରସରାଜ' ।

ରାଧାକୃଷ୍ଣଙ୍କ ପ୍ରେମ ରସ-ଲୀଳାର ପୁନଃ ପ୍ରଚାର ନିମନ୍ତେ ଶ୍ରୀକୃଷ୍ଣ ଗୌରାଙ୍ଗରୂପରେ ନବଦ୍ୱୀପରେ ଜନ୍ମଗ୍ରହଣ କଲେ । ସ୍ୱରସ ଆସ୍ୱାଦନରେ ସେ ମଜ୍ଜିଥିଲେ । ଭକ୍ତଭାବର ଅଙ୍ଗୀକାରୀ ଥିଲେ । ତାଙ୍କ ଆବିର୍ଭାବ ଫଳରୁ କ୍ରମେ କ୍ରମେ ବ୍ରଜଭାବ ସବୁ ହୃଦୟରେ ବ୍ୟାପିଲା ।

ସେ ପୁଣି—

ରାଧାକୃଷ୍ଣ ରସ ଆସ୍ୱାଦନ ଭୁବ ଭରି,
କେତେହେଁ ନେ ସେ ଲୀଳାକୁ ଗୁପ୍ତକରି ହରି ହେ ।

ଗୌରାଙ୍ଗଙ୍କ ତିରୋଧାନ ପରେ—

ଏବେ ଜ୍ଞାନୀ କର୍ମିରେ ଭୁବନ ଭରିଲା,
ଗୌରାଙ୍ଗ କ ତତ୍ତ୍ୱ ତାହା କେହି ନ ପଚାରିଲା ।

ଗୌରଚନ୍ଦ୍ରଙ୍କୁ ଆଚାର୍ଯ୍ୟ ସର୍ବେଶ୍ୱର ଗୌରକୃଷ୍ଣ ବୋଲି କେହି କେହି କହନ୍ତି । ଏହିପରି କେତେ ପ୍ରକାର କହି ମଧ୍ୟ ତାଙ୍କର ଲୀଳାର ତତ୍ତ୍ୱ କେହି ହୃଦୟଙ୍ଗମ କରି ପାରନ୍ତି ନାହିଁ । କବି ଏହି ବିଷୟକୁ ଏପରି ସରଳ ଭାବରେ ବ୍ୟକ୍ତ କରିଛନ୍ତି—

ଏବେ ଜ୍ଞାନୀ ଏ ଭୁବନ ଭରିଲା,
ଗଉରାଙ୍ଗ କ ତତ୍ତ୍ୱ ତା କେହି ନ ଜାଣିଲା ଯେ ।
କେ ଅବା ମାନନ୍ତି ତାଙ୍କୁ ଆଚାର୍ଯ୍ୟର ପ୍ରାୟେ,
କେ ଜାଣେ ଭକ୍ତି ଦେବାକୁ ଅବତାର ହୋଏ ହେ ।
କେ ଯେବେ ଜାଣନ୍ତି ଗୌରକୃଷ୍ଣ ସର୍ବେଶ୍ୱର,
ସେ ଚେଷ୍ଟା ନ ବୁଝେଁ ମନ ଭ୍ରମ କରନ୍ତିରି ଯେ ।
କେ ବିଚାରି ଏକ ଅଙ୍ଗ ଧରି ରାଧାହରି,
କୃଷ୍ଣ ଚଇତନ୍ୟ ରୂପେ ଭୁବ ଅବତରି ଯେ ।
ଯେବେ ରାଧାକୃଷ୍ଣ ଏକ ଦେହରେ ଭଜିଲେ,
ଆମ୍ଭେ ଐଶ୍ୱର୍ଯ୍ୟ ନ ମାନୁ ମାଧୁର୍ଯ୍ୟ ସେ ବୋଲେ ହେ ।
ଏହା ଶୁଣି ହସ ନ ମଉଡ଼ିବଟି କାହାକୁ
ବ୍ରଜ ପରକୀୟା ରସ ଛୁଇଁ ନାହିଁ ବୁଝୁ ଯେ ।

'ନଟବର ସବୁ ଚେଷ୍ଟା ଅଙ୍ଗୀକାର' କରୁଥିବାରୁ 'ରାଧାକୃଷ୍ଣ ଅଭିମାନ ମାଧୁର୍ଯ୍ୟସାଗର ।' ଏହି କାରଣରୁ 'ରାଧିକା ସଙ୍ଗରେ ବସି କୃଷ୍ଣ ହୁଏ ପ୍ରାପ୍ତି ।' ଗୌରଚନ୍ଦ୍ର ଏହି ରସର ଭକ୍ତ । ରାଧାକୃଷ୍ଣ ପରକୀୟା ପ୍ରୀତି ରସ ଭକ୍ତମାନଙ୍କର ପରମ ଆଦରର ବସ୍ତୁ ।

ରାଧାକୃଷ୍ଣ ପରକୀୟା ପ୍ରୀତି 'ରସ ଅନୁଭବୀ'ମାନଙ୍କୁ ଆସ୍ୱାଦନ କରାଇବା ଲକ୍ଷ୍ୟରେ କବି ଏହି ଗ୍ରନ୍ଥରେ ଏ ରସର ଏକ ଏକ ଦିନର ଘଟଣାକୁ ବିଷୟବସ୍ତୁ ରୂପେ ଗ୍ରହଣ କରିଛନ୍ତି । ରାଧାକୃଷ୍ଣ ପରପୁରୁଷ ଓ ପରବଧୂ । ଏମାନେ ପରସ୍ପର ପ୍ରାପ୍ତି ଲୋଭରେ 'ନିତି ଝୁରି ଝୁରି' ହୁଅନ୍ତି ଏବଂ ବିଧିବଶରେ ଦିନେ ଦିନେ କୌଣସି ସ୍ଥଳରେ ମିଳନ ହେଲେ ଆନନ୍ଦବର୍ଦ୍ଧନ ହୁଏ ।

ଏଣୁ ମୁଁ ଏକ ରଜନୀ ମିଳନ କହିବି,
ଆସ୍ୱାଦନ କରନ୍ତୁ ସେ ରସ ଅନୁଭବୀ ଯେ ।

'ପ୍ରେମ ତରଙ୍ଗିଣୀ' ନାମକ ଏ 'ରସ'ସରରେ 'ମାନସ ହଂସ' ବିହାର କରୁ, ଏହାହିଁ କବିଙ୍କ ଅନୁରୋଧ । ତଟସ୍ଥ ଓ ପଣ୍ଡିତମାନେ ସଙ୍ଗୀତ, ସାହିତ୍ୟ ଓ କାବ୍ୟଗତ ପ୍ରକୃତ ନିରନ୍ତର ଦେଖନ୍ତୁ ଏବଂ ରସିକ ଭକ୍ତମାନେ ଏ ରସରେ ଅବଗାହି କରି 'ନିର୍ମଳରେ ରାଧାକୃଷ୍ଣ ପ୍ରତିବିମ୍ବ' ଲହିଁନ୍ତୁ । ''ଷରୁକଗ୍ରାହକ ଏଥି ପଡ଼ି ବୁଡ଼ିଯାଉ ।'' ତୃଷାରତ ଯୁଗଳଭକ୍ତ ଏ ରସ ସଦା ପାନକରି ସନ୍ତୋଷ ଲାଭକରୁ ।

୩୬ଶ ଛାନ୍ଦରେ କବି କୃଷ୍ଣଙ୍କର ପରକୀୟା ପ୍ରୀତିର ଦିନ ଦିନକର ମଧୁର ମିଳନ ଘଟଣା 'ପ୍ରେମ ତରଙ୍ଗିଣୀ'ରେ ବର୍ଣ୍ଣନା କରିଛନ୍ତି । 'ଅଳପ ରୁଚିର ଭଳି' ବୋଲି ଛାନ୍ଦଗୁଡ଼ିକୁ ନାତିଦୀର୍ଘ କରିବା ପାଇଁ ପ୍ରଥମ ଛାନ୍ଦଠାରୁ କବି ଯତ୍ନବାନ୍ ହୋଇଛନ୍ତି । କବି ୩୬ଶ ଛାନ୍ଦର ବିଷୟକୁ ଦଶଗୋଟି 'ପ୍ରବାହ'ରେ ବିଭକ୍ତ କରିଛନ୍ତି ।

ଷଡ଼୍‌ତ୍ରିଂଶ ଛାନ୍ଦରେ 'ଗୌରାବତାର'ର ବର୍ଣ୍ଣନା ହୋଇଛି । କବି ଏହି ପ୍ରସଙ୍ଗରେ ଚୈତନ୍ୟ ଦେବଙ୍କଠାରୁ ଆରମ୍ଭକରି ସ୍ୱଗୁରୁପରଂପରା ମଧ୍ୟ ବ୍ୟକ୍ତ କରିଛନ୍ତି ।

ଏହି ଗ୍ରନ୍ଥ ଚନ୍ଦ୍ରାବଳୀ-କୃଷ୍ଣ ଓ ରାଧାକୃଷ୍ଣ ମିଳନ ଲୀଳାରେ ଏକାଧିକ ରଜନୀର ଘଟଣା ବର୍ଣ୍ଣିତ ଥିବାରୁ ଯୁଗଳରସାମୃତ ଲହରୀ ଅପେକ୍ଷା ଉପାଖ୍ୟାନର ସଂଖ୍ୟା ଏଥିରେ ବେଶି ଅଛି ।

ଯୁଗଳରସାମୃତ ଲହରୀ ଓ ପ୍ରେମତରଙ୍ଗିଣୀର ଭାଷା ଓ ଭାବରେ ବହୁ ସ୍ଥାନରେ ସାମ୍ୟ ରହିଛି । ବେଶବର୍ଣ୍ଣନା, ରୂପବର୍ଣ୍ଣନାରେ ଯୁଗଳରସାମୃତ ଲହରୀ ଅପେକ୍ଷା ଏଠାରେ କବି ବିସ୍ତୃତ ମନୋରମ ଛବି ଚିତ୍ରଣ କରି ପାରିଛନ୍ତି ।

ଚନେ ଚନ୍ଦ୍ରବଦନୀ ଦୂତୀକୁ କୃଷ୍ଣଙ୍କ ଶୋଭା ଦେଖିଥିବା ବର୍ଣ୍ଣନା କରୁଛି । କବି ଏ ଉପାୟରେ ବିଷୟର ଅବତାରଣା କରି କୃଷ୍ଣଙ୍କ ଅପୂର୍ବ ଶୋଭା ନାୟିକା ଚନ୍ଦ୍ରାନନୀର ମୁଖରେ ବର୍ଣ୍ଣିତ କରି ସେ ଶୋଭାରେ ମୁଗ୍ଧ ଥିବା ଜଣାଇଛନ୍ତି ।

କୃଷ୍ଣ ପ୍ରତ୍ୟଙ୍ଗ କାଣ୍ଡିଆ ହେଲେ କି ସଖୀ,
ଏଣୁ ଆଖିପକ୍ଷୀ ତହିଁ ରହିଲା ଲଖି । (୨ୟ ଛାନ୍ଦ)

ନାୟକ ନାୟିକା ଉଭୟେ—

ସମାନ ବୟଃ ସମାନ ସୁନ୍ଦର, ସମାନ ଗୁଣ ସମାନ ବେଭାର ।
ସମାନ ସ୍ନେହ ଅଧୀନତା ମନ, ଏ ଦୁହିଁଙ୍କ ମଧ୍ୟେ ପ୍ରୀତି ରଜନ ।
ସେ ଯାହା କରିବ, କାଠ କଣ୍ଢେଇ ନାଚିଆ ପରିଏ । (୫ମ ଛାନ୍ଦ,ପ୍ରେ: ତ:)

ପୁଣି 'ବାନ୍ଧ ସର୍ବ ବିଷୟ ବାହିଛି' ଏଥିରେ ଦୁଃଖର କାରଣ ରହିବାର ନ ଥିଲେ ମଧ୍ୟ ନାୟିକା ପରପୁରୁଷ ପ୍ରୀତିକୁ ତ୍ୟାଗକରି ପାରୁ-ନାହିଁ ।

ସର୍ବ ବିଷୟ ବାହିଅଛି ବାଦ୍ଧ, ପ୍ରୀତି ଛାଡ଼ିବାକୁ ଉପାୟ ନାହିଁ
ଲଭ ଏହି ଜାଣ, ପରପୁରୁଷ ଲାଗି ଯିବ ପ୍ରାଣ । (୫ମ ଛାନ୍ଦ, ପ୍ରେ:ତ:)

କବି ଅନୁକୂଳ ନାୟକ କୃଷ୍ଣଙ୍କର ନାୟିକା ସହିତ ପ୍ରୀତିର ପୂର୍ବାନୁରାଗ, ବିରହ ଓ ମିଳନ ଦେଖାଇଛନ୍ତି । ଏଥିରେ ସମ୍ପୂର୍ଣ୍ଣ ସମ୍ଭୋଗାଦି ମଧ୍ୟ ବର୍ଣ୍ଣିତ ହୋଇଛି । ଏହି ସବୁ ପ୍ରସଙ୍ଗରେ କବି ତାଙ୍କ ସ୍ୱକାବ୍ୟମାନଙ୍କରେ ପ୍ରାୟ ଏକ ପ୍ରକାର ରୀତି ବ୍ୟବହାର କରିଥିବାରୁ ଭାବରେ ମଧ୍ୟ ସାମ୍ୟ ଲକ୍ଷିତ ହେଉଛି ।

ପ୍ରାକୃତିକ ବର୍ଣ୍ଣନାରେ ସ୍ୱଶୈଳୀ କବି ବ୍ୟବହାର କରିଥିଲେ ମଧ୍ୟ ପଦବହୁଳତା ସାହାଯ୍ୟରେ କଳ୍ପନାର ବିଳାସ ପ୍ରକାଶ ପାଇଁ ଅଧିକ ସୁବିଧା

ସୃଷ୍ଟି କରିପାରିଛନ୍ତି । ପଞ୍ଚଦଶ ଛାନ୍ଦର ସନ୍ଧ୍ୟା ବର୍ଣ୍ଣନାରେ କବିଙ୍କ ସାମର୍ଥ୍ୟ ପ୍ରକାଶ ପାଇଛି ।

ଏଥିଅନ୍ତେ ଶୁଣ ରସିକ ପ୍ରବୀଣ ଅସ୍ତାଚଳେ ଗତ ଭାନୁ
ଅରକ୍ତ ଆନନ ହୁଏ ଅନୁମାନ ଦେବେ ବାରୁଣୀ ପାନୁଁ ଯେ । ୧ ।
ତରୁଣ ଗୃହିଣୀ କି ରଙ୍ଗ ସାରଣୀ ଘେନ ଖେଳିବାକୁ ଆସେ
କିବା ଶ୍ୟାମା ସଖୀ ହୋଇ ମାନମୁଖୀ ଏଣୁ ଏ ଆରକ୍ତ ଦଶେ ଯେ ।୨।

ଏହି ପ୍ରାକୃତିକ ଅବସ୍ଥାର ପ୍ରଭାବ ପ୍ରାଣୀ ଓ ମାନବଜୀବନ ଉପରେ ପଡ଼ିଥିବା କବି ଦର୍ଶାଇଛନ୍ତି । ପଶୁପକ୍ଷୀଙ୍କ ବ୍ୟବହାର, କଟପୀ, ଚୋର ପ୍ରଭୃତିଙ୍କର ଅନ୍ଧକାର ରଜନୀରେ ଅନୁକୂଳ ଚେଷ୍ଟା କବି ପ୍ରକାଶ କରିଛନ୍ତି । କଟପୀ ନାରୀଙ୍କ ଅନୁକୂଳ ବାତାବରଣ ସୃଷ୍ଟି କରି କବି 'କଟପୀ' ସ୍ତ୍ରୀର ସ୍ୱାମୀ ମନରେ ସ୍ତ୍ରୀର ସତୀତ୍ୱ ସମ୍ବନ୍ଧରେ ସନ୍ଦେହ ଜାଗ୍ରତ କରାଇ ତାର ପରୀକ୍ଷା ପାଇଁ ସ୍ୱାମୀଙ୍କୁ ଉଦ୍ୟୋଗୀ କରାଇଛନ୍ତି । ଚନ୍ଦ୍ରସେନ ରାଧାଙ୍କ ସମ୍ବନ୍ଧରେ ଏହି ବିଚାର କଲେ—

ଏକାଳେ ଏସନ ଯେ ଚନ୍ଦ୍ରସେନ ବିଚାର କଲେ ମନରେ,
ରାଧା ପତିବ୍ରତ ଲୋକେ ହେଲା ଖ୍ୟାତ ଲେଖା ଦେଖି ଏ ପ୍ରକାରେ ।
ଆଜ ତା ବୁଝିବା କୃଷ୍ଣ ବେଶେ ଯିବା ଗୃପ୍ତେ ସଙ୍କେତ ସ୍ଥାନକୁ,
ଏ ଅବଶ୍ୟ ଯିବ ସବୁ ଜଣାଯିବ ଏହା ତାହା ବିଷୟକୁ ।
(୧୫ଶ ଛାନ୍ଦ, ପ୍ରେ: ଚ:)

ଏପରି ଦୃଷ୍ଟାନ୍ତ କବିଙ୍କ ସବୁ କାବ୍ୟରେ ଅଛି । ଋତୁର ପ୍ରଭାବ, ପ୍ରକୃତିର ସୌନ୍ଦର୍ଯ୍ୟ ପ୍ରଭୃତି ବିରହ ଓ ମିଳନରେ ବିପରୀତ ମନୋଭାବ ସୃଷ୍ଟି କରିଥିବା କବି ଦର୍ଶାଇଛନ୍ତି ଏବଂ ଏହା ପରଂପରାସମ୍ମତ ହୋଇଛି ।

କବି ସ୍ଥାନେସ୍ଥାନେ କଠିନଶବ୍ଦାବଳୀ ବ୍ୟବହାର କରିଛନ୍ତି; ଏହା ରସ-ଯ ହିତ୍ୟ-ପଣ୍ଡିତମାନଙ୍କ ପକ୍ଷେ ସହଜ ଓ ସାଧାରଣ ସ୍ୱଳ୍ପ ଓ ଗ୍ରାହକମାନଙ୍କ ପକ୍ଷେ କଷ୍ଟକର ହେଉଛି ଏବଂ 'ସରସ କୋମଳ ପଦାବଳୀ'ର ବିପରୀତ ହୋଇଛି । ଏଥିରେ କେବଳ କବିଙ୍କର ଶବ୍ଦଜ୍ଞାନ ଓ ପାଣ୍ଡିତ୍ୟ ପ୍ରକାଶ

ପାଇଛି ଯିନା କାବ୍ୟନାୟିକାର କୋମଳତା ଅଳ୍ପାଂଶରେ ବାଧାପ୍ରାପ୍ତ ହୋଇଛି । ତତ୍ତ୍ୱବ୍ୟାଖ୍ୟାନର ସୂକ୍ଷ୍ମତା ରକ୍ଷାକରିବା ପାଇଁ କବିଙ୍କ ବ୍ୟାକୁଳତା ହିଁ ଏହାର କାରଣ ।

ଶୁଣ ପୁରୁଷ କାମିନୀ ପୂର୍ଣ୍ଣେନ୍ଦୁ ସୁନ୍ଦରାନନୀ
ଦର୍ପକ ଦର୍ପଧ୍ୱଂସିନୀ ଶ୍ରୀଣାବାଦିନୀ,
ପ୍ରତପ୍ତ କନକ ଛବି ଭୂରିତର ଭାଗ୍ୟଭୁବି
ସୁଦୀପ୍ତ ସାତ୍ତ୍ୱିକ ଅନୁଭବ ମୋହିନୀ,
ଆସ୍ୱାଭୂତ କନକଲତା, ଖଳ ଦୁର୍ଘଟନ ଅବକାଶ ନିରସ୍ତା । ୧ ।
ଦୂରିକୃତା କୃଷ୍ଣବ୍ୟଥା ସମର୍ଥା ରତିସମର୍ଥା
ମଞ୍ଜିଷ୍ଠା ରାଗ ସହିତା ମୃଗଈକ୍ଷଣୀ
ମଦୀୟ ତତ୍ତ୍ୱାବଲମ୍ବା ଦିବ୍ୟୋନ୍ମାଦେ-ସଦା-ମଗ୍ନା
ନାଗର ଶେଖର-ହୃଦ-କୌସ୍ତୁଭମଣି
ମଧୁବ୍ରତ ସତ ତରଳା, ମହାଭାବ ସ୍ୱରୂପିଣୀ ନୀଳଦୁକୂଳା । ୨ ।
(୨୪ଶ ଛାନ୍ଦ)

କବିଙ୍କର ଅନ୍ୟାନ୍ୟ ପୂର୍ବବର୍ତ୍ତୀ କାବ୍ୟମାନଙ୍କର ସବୁ ଲକ୍ଷଣର ବିଦ୍ୟମାନତା ଓ ବିଷୟବସ୍ତୁର ସାରତତ୍ତ୍ୱରେ ସାମ୍ୟ ପ୍ରେମତରଙ୍ଗିଣୀରେ ରକ୍ଷା କରାଯାଇଛି । ଏପରି ସ୍ଥଳେ କବିଙ୍କର ଏ କାବ୍ୟ ରଚନାର ଆବଶ୍ୟକତା ସମ୍ବନ୍ଧରେ ସନ୍ଦେହର ଅବକାଶ ରହିବା ସ୍ୱାଭାବିକ । କିନ୍ତୁ ପ୍ରଥମତଃ କବି ସଦାନନ୍ଦ ପଣ୍ଡିତ, ନୈଷ୍ଠିକ ବ୍ରଜବାସୀ ବୈଷ୍ଣବ ଓ ପ୍ରଚାରକ ଥିବାରୁ କୃଷ୍ଣଙ୍କ ମାଧୁର୍ଯ୍ୟ ରସପୂର୍ଣ୍ଣ ଯୁଗଳପ୍ରେମର ପ୍ରଚାର ଓ ପାଣ୍ଡିତ୍ୟ ପ୍ରଦର୍ଶନ ଉଦ୍ଦେଶ୍ୟରେ ରଚନାର ରୂପଦାନରେ ବିଭିନ୍ନ କୌଶଳପୂର୍ଣ୍ଣ ଉପାୟ ଅବଲମ୍ବନ କରିଛନ୍ତି । ପ୍ରେମତରଙ୍ଗିଣୀ ଏହି ଉଦ୍ଦେଶ୍ୟସାଧନରେ ସାହାଯ୍ୟ କରିଛି । ଦ୍ୱିତୀୟତଃ, ଚନ୍ଦ୍ରାବଳୀ-କୃଷ୍ଣ ଓ ରାଧା-କୃଷ୍ଣ ଯୁଗଳ ଲୀଳାରସ ପ୍ରଧାନ ବିଷୟବସ୍ତୁ ଥିଲେ ମଧ୍ୟ ଏବଂ ଇତିପୂର୍ବରୁ ଯୁଗଳରସାମୃତ ଲହରୀ ପ୍ରଭୃତିରେ ଏହା ବର୍ଣ୍ଣିତ ହୋଇଥିଲେ ମଧ୍ୟ କବି ଏ କାବ୍ୟରେ ନୂତନ କୌଶଳ ଅବଲମ୍ବନ କରି

ନୂତନତ୍ୱ ଦାନ କରିଛନ୍ତି । ପ୍ରେମତରଙ୍ଗିଣୀରେ କବି ସମଗ୍ରଲୀଳା ବର୍ଣ୍ଣନା ନକରି କେବଳ 'ଦାନକ ଚରିତ' ଉପରେ କାବ୍ୟ ରଚନା କରିଛନ୍ତି ।

ଦାନକ ଚରିତ ହେ ରସକାବ୍ୟ ଖ୍ୟାତ
କଲି ସେ କଲେ କେମନ୍ତ ଯେଉଁ ନିତ୍ୟକୃତ୍ୟ ହେ,
ସରଳ ଗୀତ, ଅରି ଛାନ୍ଦେ ସମାପତ ହେ । ୨୩ । (କାଫି ଛାନ୍ଦ)

ପୁଣି କୃଷ୍ଣଙ୍କ ଏହି ଯୁଗଳ ପ୍ରେମରସଲୀଳା ପୁନର୍ବାର ପ୍ରଚାର କରିବା ପାଇଁ ଗୌରାଙ୍ଗାବତାରର ଆବଶ୍ୟକତା ସେ ଏଥିରେ ବୁଝାଇଛନ୍ତି ଏବଂ ଏହାର ସମର୍ଥନ ଓ ତତ୍ତ୍ୱବୋଧ ନିମନ୍ତେ ଗୌରାଙ୍ଗ ଅବତାରର ମାହାତ୍ମ୍ୟ କୀର୍ତ୍ତନ କରି ତାଙ୍କର ସଂକ୍ଷିପ୍ତ ଜୀବନୀ ବର୍ଣ୍ଣନା କରିଛନ୍ତି ।

ପୁଣି ବିଷୟବସ୍ତୁରେ କିଛି ଅଧିକ ନୂତନତ୍ୱ ମଧ୍ୟ ଅଛି—

(୧) କପଟ ଚଟାଳି, (୨) ଅନୁକୂଳ ନାୟକ ଲକ୍ଷଣ, କଳାବୃଷଭ ଚରିତ, (୩) ଗୋପୀମାନଙ୍କର ବୃନ୍ଦାବନ ଗମନ ପ୍ରସଙ୍ଗରେ ଗୋପୀମାନଙ୍କର କପଟ ଆଚରଣ. (୪) ସ୍ୱକୀୟା ଓ ପରକୀୟା ପ୍ରୀତିର ପାର୍ଥକ୍ୟ ଦର୍ଶାଇ ରାଧାଙ୍କ ମୁଖରେ ପୌରାଣିକ ଚରିତମାନଙ୍କରୁ ଦୃଷ୍ଟାନ୍ତ ସହ ସ୍ୱ-ଆଚରଣର ସମର୍ଥନ ବ୍ୟାଖ୍ୟାନ ।

ପ୍ରାଣନାଥଙ୍କୁ ବୋଲୁ ପରପୁରୁଷ,
ଯେଉଁ ବନ୍ଧୁ ଆମ୍ଭର ଧନସର୍ବସ୍ୱ ଲୋ । × ।
କରି ଗ୍ରହଣ ମାତ୍ର ଅଭିମନ୍ୟୁର,
କୃଷ୍ଣ କେବଳ ମୋର ପ୍ରାଣ ଈଶ୍ୱର ଲୋ ।
ପତି ପୁରୁଷ ହେଲେ ଲଗନ୍ତା ଦୋଷ,
କର୍ମ ନିଷେଧ ନପୁଂସକେ ପ୍ରକାଶ ଲୋ ।
କୃଷ୍ଣ ବୋଲନ୍ତି ଚନ୍ଦ୍ରସେନ ମୁଁ ଏକ,
ଦେହ ପ୍ରାଣ ପରସ୍ପେ ମନରେ ତର୍କ ଲୋ ।
ରସ ଆସ୍ୱାଦନକୁ ଦୁଇ ପ୍ରକାର,
ଏ ସତ୍ୟ ଯେବେ ପାପ-ଟିରେ ପସୁର ଲୋ ।

ତଥାପି ଭୂନତାନ ଶୁଣିଛୁ କର୍ଣ୍ଣେ,
କୃଷ୍ଣ ଅବ୍ୟସ୍ଥ ସବକଳା ସମ୍ପୂର୍ଣ୍ଣେ ଲୋ।
ପୁରୁଷ ସେହି ଏକା ସମସ୍ତେ ଶକ୍ତି,
ତେବେ ଉଚିତ ହେଲା ତାରେ ଅଶକ୍ତି ଲୋ ।
(୨୫ଶ ଛାନ୍ଦ)

(୫) ଶ୍ରୀକୃଷ୍ଣଙ୍କ ନାରୀବେଶରେ ନୃତ୍ୟ, (୬) ଶ୍ରୀରାଧାଙ୍କର କୃଷ୍ଣବେଶ, (୭) ରାଧାଙ୍କର ମୁରଲୀବାଦନ ଓ (୮) ବ୍ରଜଧାମ ବର୍ଣ୍ଣନ ପ୍ରଭୃତି ।

ରାଧାକୃଷ୍ଣ ଯୁଗଳ-ପ୍ରେମଲୀଳା ରଚନାର ବିଷୟବସ୍ତୁ ଥିବାରୁ କବି ତାଙ୍କର କୃତିର ମହିମା ଗାନକରି ଏଥିରେ ଅଦ୍‌ଭୁତ ଶକ୍ତିଥିବା ବ୍ୟକ୍ତ କରିଛନ୍ତି । କବିଙ୍କ ଭାବସମ୍ଭାର ଓ ସରସ ପଦାବଳୀ କାବ୍ୟମାନଙ୍କୁ ଉତ୍ତମ କୃତିଶ୍ରେଣୀ ସ୍ଥାନର ଅଧିକାରୀ କରାଉଥିଲେ ମଧ୍ୟ ଯୁଗଳ ଉପାସକ ଓ ଭକ୍ତର ପ୍ରାଣର ଆବେଗ ସେହି ଗୌରବକୁ ବିଷୟବସ୍ତୁର ମାହାତ୍ମ୍ୟ ରୂପେ ଚର୍ଚ୍ଚିତ କରିଛନ୍ତି ।

ପ୍ରେମ ତରଙ୍ଗିଣୀ ଗୀତ ଚତୁର୍ବିଂଶ ଛାନ୍ଦ ଏ ତ
ଚନ୍ଦ୍ରକାନ୍ତ ବତ ହେଲେ କଠିନ ହୃଦ,
ପୂର୍ଣ୍ଣଚନ୍ଦ୍ରମା ପ୍ରକାର ତରଳାଇବ ନକର
ଖଳ ଅକର୍ମଶିଳାକୁ ଏ ବଂଶୀନାଦ ।
ଦଇବେ ସ୍ୱଭାବ କଠିନ, ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା ବଚନ ।
(୨୪ଶ ଛାନ୍ଦ, ପ୍ରେ: ତ:)

ପ୍ରେମ କଳ୍ପଲତା

'ପ୍ରେମ କଳ୍ପଲତା' ଏକ କ୍ଷୁଦ୍ର ରାଧା-କୃଷ୍ଣ ଲୀଳାବିଷୟକ କାବ୍ୟ । ଷୋଳଟି ଶ୍ରେଷ୍ଠ ଶ୍ରେଷ୍ଠ ଛାନ୍ଦରେ କବି ଏହା ରଚନା କରିଛନ୍ତି ଏବଂ ପ୍ରତ୍ୟେକ ଛାନ୍ଦରେ ଷୋଳଟି ଲେଖାଏଁ ପଦ ରଖିଛନ୍ତି ।

କବି ଗ୍ରନ୍ଥାରମ୍ଭରେ ପରମେଶ୍ୱରୀ ରକ୍ଷାକରି ରାସେଶ୍ୱରୀ ଓ ରସରାଜଙ୍କୁ ନମସ୍କାର କରିଛନ୍ତି । ଚିନ୍ତ ବିଷୟର ପ୍ରଶଂସା କରି କହିଛନ୍ତି—ତାଙ୍କ ମନ

'ବିଷୟ-ବିଷ-ଗର୍ତ୍ତିକୁ' ଗମନ କରୁଛି, ଏହି ଆପଦରୁ ରକ୍ଷା କରିବା ପାଇଁ କୃଷ୍ଣଙ୍କୁ ଆରତେ ଡାକୁଛନ୍ତି ।

ହେ କୃଷ୍ଣ ବତ୍ସପାଳକ ବାନ୍ଧୁସି ମୋ ମନ,
ବିଷୟ ବିଷ-ଗର୍ତ୍ତିକି କରୁଛି ଗମନ ।
କୃପା ଯଷ୍ଟିରେ ଏହାକୁ ନିବାରଣ କର,
ତବ ଲୀଳାମୃତାବ୍ଧିକି ନିଅ ଏ କିଙ୍କର ।

ଗ୍ରନ୍ଥ-ସଂଗତ ସମ୍ବନ୍ଧରେ କହୁଛନ୍ତି—

ନିତ୍ୟ ସେ ପୁରାଣ ଗ୍ରାମମାନଙ୍କ ଅନ୍ତରେ,
ବସ୍ତୁ ଅଛି ଅତ୍ୟନ୍ତ ନିର୍ମଳ ଅନନ୍ତରେ ।

ଶ୍ରୀକୃଷ୍ଣ ଲୀଳାମୃତାବ୍ଧି ଚରିତ ବର୍ଣ୍ଣନାରେ ସାଧୁଙ୍କ ମନ ଓ ବୁଦ୍ଧି ଊଣା ହେବ ନାହିଁ । ଖଳଙ୍କର ନିନ୍ଦାକୁ ବା କିଏ ପଚାରେ । ରସିକ ଭକତ ହିଁ ତାଙ୍କର ଆଦରର ପାତ୍ର ।

ସାଧୁଙ୍କର ଊଣା ବୁଦ୍ଧି ନୋହିବ ଏଥିରେ
ମୋ ମନ ରମିବ ଯେଣୁ ତାହାଙ୍କ ବଧିରେ ।
ଖଳ ଖର ବହିଲେ ଶାସ୍ତ୍ର-ଚନ୍ଦନ ଭାର,
ଗ୍ରାହକ ନୁହନ୍ତି ଅସାର ସାର ସଂସାର ।
ଅପ୍ରଚୁର ସଂସ୍କୃତ ଚଣା ଚର୍ବଣ କୃତ,
ନିନ୍ଦିଲେ ବିସ୍ମର ନାହିଁ ସେ ତାଙ୍କ ପ୍ରକୃତ ।

'ପ୍ରେମ କଳ୍ପଲତା' କାବ୍ୟଟି ବ୍ରଜଲୀଳାମୃତ ସମୁଦ୍ର, ଯୁଗଳରସାମୃତ ଲହରୀ, ଯୁଗଳରସାମୃତ ତରଙ୍ଗ, ଯୁଗଳରସାମୃତ ବିନ୍ଦୁ ଓ ଯୁଗଳରସାମୃତ ନଦୀ ପରେ ରଚିତ ହୋଇଥିବା କବି ବ୍ୟକ୍ତ କରିଛନ୍ତି ।

ଯା ଦୟାରେ ରଚିଲି ଲୀଳାମୃତ ସାଗର,
ଲହରୀ ତରଙ୍ଗ ବିନ୍ଦୁ ନଦୀ ସଙ୍ଗର ।
ପ୍ରେମ କଳ୍ପଲତା ବଢ଼ୁ ଏବେ ଜନମରେ,
ଭବ ତ୍ରୀତ୍ରୁତାପ ନାଶୁ ଗୁପ୍ତା ବିଶ୍ରାମରେ । (୧ମ ଛାନ୍ଦ)

ଭକ୍ତିତତ୍ତ୍ୱ ବର୍ଣ୍ଣନା କରି 'ମହାଜନ ଆଜ୍ଞା ଗ୍ରନ୍ଥ' ରୂପେ ଏହା ଗ୍ରହଣ କରିବା ପାଇଁ କବି ସୂଚାଇଛନ୍ତି ।

ଦ୍ୱିତୀୟ ଛାନ୍ଦରୁ କଥାବସ୍ତୁର ସୂଚନା ଦିଆଯାଇ ପରକୀୟା ପ୍ରୀତିର ମାହାତ୍ମ୍ୟ କୀର୍ତ୍ତନ କରାଯାଇଛି ।

କାବ୍ୟଟିର ପ୍ରାୟ ପ୍ରତ୍ୟେକ ଛାନ୍ଦ ଅଳଙ୍କାରରେ ଭୂଷିତ ହୋଇଛି । ବିବିଧ ଅନୁପ୍ରାସ, ଯମକ ଓ ଉପମା ପ୍ରଭୃତି ଶୋଭନ ଭାବରେ ଅଳ୍ପସଂଖ୍ୟକ ପଦରେ ପ୍ରକାଶିତ ହୋଇ କବିଙ୍କ 'ସିଦ୍ଧହସ୍ତ'ର ପ୍ରମାଣ ଦେଉଛି ।

ଭାଷା ମାର୍ଜିତ ଓ ସଂସ୍କୃତ ଶବ୍ଦର ବ୍ୟବହାର ଅଳ୍ପ ନୁହେଁ । ଏହି କାରଣରୁ କାବ୍ୟଟି ଆକାରରେ କ୍ଷୁଦ୍ର ହେଲେ ମଧ୍ୟ ପଣ୍ଡିତ ରସିକ ଗ୍ରାହକମାନଙ୍କ ପକ୍ଷେ ଆନନ୍ଦଦାୟକ ହୋଇଛି । କବିଙ୍କ ଅନ୍ୟାନ୍ୟ କାବ୍ୟର ଲେଖନଶୈଳୀ ଏଠାରେ ପ୍ରକାଶ ପାଇଛି । ଅଳଙ୍କାର ମଣ୍ଡିତ କାବ୍ୟନାୟିକାର ପରମଶୋଭା ପ୍ରଦର୍ଶନ କରିବା ପାଇଁ କବି ଏହି କ୍ଷୁଦ୍ର କାବ୍ୟଟି ରଚନା କରିଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ସଦାନନ୍ଦ ପ୍ରଥମ ଛାନ୍ଦରେ ମଙ୍ଗଳାଚରଣ କରି ଦ୍ୱିତୀୟ ଛାନ୍ଦରେ ରାଧା-କୃଷ୍ଣ ଯୁଗଳ ଲୀଳାର ମାହାତ୍ମ୍ୟ ବର୍ଣ୍ଣନା କରିଛନ୍ତି । ତୃତୀୟ ଛାନ୍ଦରେ କୃଷ୍ଣ-ରାଧା ବ୍ରଜବଧୂ ଭାବାମୃତର ସୂଚନା ଦେଇଛନ୍ତି । ୪ର୍ଥ—ଗୋବିନ୍ଦ ସଙ୍ଗ ଗୋପୀ ପ୍ରସଙ୍ଗରେ ଲୀଳାଧାମର ପ୍ରଶଂସା କରିଛନ୍ତି ଏବଂ "ଯାଜନ ତେଜି ହରି ଶବଦ ବଦ" ବୋଲି ସୁଜନମାନଙ୍କୁ ଅନୁରୋଧ କରିଛନ୍ତି । ୫ମ—କୃଷ୍ଣ ମଥୁରା ଯିବା ସମ୍ବାଦ ବ୍ରଜରେ ରାଷ୍ଟ୍ର ହୋଇଯିବାରୁ ଗୋପୀମାନଙ୍କର ଦୁଃଖ । ୬ଷ୍ଠ—ଗୋପୀ ବିଳାପ । ଗୃହ ଧନ କଷ୍ଟ କରି ମଥୁରାକୁ ଯିବା ପାଇଁ କୃଷ୍ଣ ସ୍ୱୀକୃତ ହେବା ସମ୍ବାଦ ଶୁଣି ଗୋପୀମାନେ କିପରି ଆଶ୍ରୟ ହେଲେ । ୭ମ—ଲୋକମାନଙ୍କର ଖେଦ । ଗୋପୀମାନଙ୍କର ଖେଦ । "ସ୍ୱ ସ୍ୱଭାବ ଅନୁରୂପରେ ସମସ୍ତେ କହି ଏକ ଏକ ପ୍ରକାର" ବିଳାପ କଲେ । ୮ମ—କୃଷ୍ଣଙ୍କ ବିଳାପ ଓ ଗୋପୀମାନଙ୍କୁ ପ୍ରବୋଧ ଦେଇ କହୁଛନ୍ତି—"ଜାଣ ପ୍ରୀତି ଯେ ଯାହାର ଜନ୍ମେ ଜନ୍ମେ ସେ ତାହାର, ତୁମ୍ଭେମାନେ ମୋ ଗଳାର ହାର ଗୋ ।" ରାଧାଙ୍କ କ୍ରନ୍ଦନ ଓ କୃଷ୍ଣଙ୍କ ପ୍ରବୋଧ । "ରସିକ ସେ ରସିକାର,

ଜାଣନ୍ତି ସବୁ ପ୍ରକାର, ଯେତେକେ ବୋଧ ହେଉଁ ନାହିଁକାର" କହି ତାଙ୍କୁ "ହୀହୁଙ୍କାର କରିଛନ୍ତି ବଳାତ୍କାର, ଶିର ଡାଳି କଲେ ସେ ହୁଙ୍କାର ହେ ।" ୯ମ—ରାମ ହରି ରଥରେ ବିଜୟ କଲେ । ରଥ ଦୃଷ୍ଟିପଥରୁ ଅନ୍ତର୍ହିତ ହେବାରୁ ଗୋପୀମାନଙ୍କ ବିଳାପ । ରାଧାଙ୍କ ମୂର୍ଚ୍ଛା ଓ ଚେତନା ଆସିବା ପରେ ବିଳାପ । ୧୦ମ—ମଥୁରାମଙ୍ଗଳ ଶ୍ରୀକୃଷ୍ଣ ପଥରେ ଚଳିଲେ । ମଥୁରା କଟକର ଉପକଣ୍ଠ ଥିବା ଉପବନରେ ଅଟକିଲେ । ଗୋପାଳ ଆସିବାରୁ ରାଜା କଂସଙ୍କ ମନରେ ଚିନ୍ତା ଜାତ ହେଲା । 'ସେବାକୁ ଅଯୋଗ୍ୟ' ଧୋବାକୁ କୃଷ୍ଣ ଏଠାରେ ମାରି ତାଙ୍କୁ ମୁକ୍ତି ଦେଲେ । ତାର ସୁବସନ ଲୁଟି କଲେ । ପୁଣି "ସୁନ୍ଦର କରି ସେ ସୁନ୍ଦରୀ କଲେ କୁବୁଜା କୁଜ ।" ପୁଣି "ମାହୁନ୍ତ ଗଜକୁ ବହୁତ କଉତୁକରେ ମାରି ଧନୁକୁ ଭାଙ୍ଗିଲେ ।" ସବୁ ଜଟିଆଙ୍କୁ ସଂହାର କଲେ । "ମଞ୍ଚାର ଉପର ହଞ୍ଚାର କରି" ମାଲଙ୍କୁ ମାରିଲେ । "ମାମୁଁକୁ କହିଲେ ଗ୍ରାମୁକୁ ଯାଇ ମୋର କି ଦୋଷ, ପାଣରେ ଦେଖନ୍ତେ ହାସରେ ପ୍ରାଣ ତେଜିଲା କଂସ ।" ଉଗ୍ରସେନଙ୍କୁ ମଥୁରା ରାଜା କଲେ । "ଯାଦବ ସବ ବସୁଦେବ ଆଦି ଲଭିଲେ ସୁଖ । ଉଦ୍ଧବ ସଙ୍ଗରେ ମାଧବ ସଖ୍ୟ ପ୍ରୀତି ଆଲକ୍ଷ୍ୟ ।" କିନ୍ତୁ ଏ ଐଶ୍ୱର୍ଯ୍ୟ ଭିତରେ କୃଷ୍ଣ ଗୋପୀମାନଙ୍କ ପ୍ରେମ ସ୍ମରଣ କରି "କେବଳ ବିରହ ପ୍ରବଳ ବ୍ୟାଧି ଘନକୁ ଘନ । ବସନ୍ତ ଏକାନ୍ତେ ଘୋଷନ୍ତି ଏ କାହିଁ ? ବୃନ୍ଦାବନ ।" ୧୧ଶ—"ଘନ ଘନକ ରସମାନଙ୍କୁ" ସୁରଣକରି କୃଷ୍ଣଙ୍କ ବିରହ । ୧୨ଶ—କୃଷ୍ଣ ଉଦ୍ଧବଙ୍କୁ ଡାକି 'ବ୍ରହ୍ମ ଉପଦେଶ' ଦେଇ ଗୋପୀମାନଙ୍କୁ ବୋଧ ଦେବାପାଇଁ ବ୍ରଜକୁ ପଠାଇଲେ । "ବୋଇଲେ ଶୀଘ୍ର ଯାଅ ଗୋପଦେଶେ, ତା ଜାଣି ତାଙ୍କୁ ଜ୍ଞାନ ଉପଦେଶେ । ମୁଁ ବ୍ରହ୍ମ ଅଛି ସବୁ ବିଗ୍ରହରେ, ଗୋପୀଙ୍କୁ ବୁଝାଇବ ଆଗ୍ରହରେ ।" ଉଦ୍ଧବ ଗୋପକୁ ଗମନ କଲେ । ୧୩ଶ—ମାଧବଙ୍କ ସନ୍ଦେଶ ଘେନି ଉଦ୍ଧବ ବ୍ରଜରେ ପ୍ରବେଶ ହେଲେ । ନନ୍ଦଯଶୋଦା, ଗୋପଗୋପୀ ପ୍ରଭୃତି ନିଜ ନିଜ ଦୁଃଖ ଜଣାଇ ଉଦ୍ଧବଙ୍କୁ କୃଷ୍ଣଙ୍କ କୁଶଳବାର୍ତ୍ତା ପଚାରିଲେ । ରାଧାଙ୍କ ଶୋକ । ଉଦ୍ଧବଙ୍କ ଭକ୍ତିଭାବ, ଗୋପୀଙ୍କୁ ନମସ୍କାର । "ସୁରଇ ଏ ତ ଭକ୍ତ-ଶିରୋମଣି, ତରଇ ମନ ଅପରାଧ ଗୁଣି ସେ । ତାର ଇତସ୍ତତଃ ମତି ସେ ।

ବାରଇ ତାଙ୍କ ଜ୍ଞାନ ଭକ୍ତି ବାସନ କବିସୂର୍ଯ୍ୟ କଥିଅଛନ୍ତି ଯେ ।” ୧୩ଶ—ଗୋପୀମାନଙ୍କୁ ଉଦ୍ଧବଙ୍କ କୃଷ୍ଣତତ୍ତ୍ୱ କଥନ । ୧୪ଶ—ଉଦ୍ଧବ ବାଣୀ ଶୁଣି ଗୋପୀମାନେ କୃଷ୍ଣଙ୍କୁ ଫେରାଇ ଆଣିବା ପାଇଁ ଅନୁରୋଧ କଲେ । ଗୋପୀଙ୍କ ଜ୍ଞାନଭକ୍ତିର ତାତ୍ତ୍ୱିକ ବିସ୍ତାର । “ବୋଲି ଯେ ଶାସ୍ତ୍ରେ ଜ୍ଞାନ ଭକ୍ତି ଦୁଇକି ଲେଖିଛି ଏକ କରିବାର । ଗୋପାଳେ ଯେତ୍ନେ ଗୋରସ ସଙ୍ଗେ ଗିଳା ବହିଗ, ଯେ କି ଖାଇବାର । ଉଦ୍ଧବ ।” ଜ୍ଞାନମାର୍ଗକୁ ଗୋପୀମାନେ ଉପହାସ କରି ଉଦ୍ଧବଙ୍କୁ କହିଲେ । କୃଷ୍ଣ ବ୍ରଜଭୋଗବହ୍ନିଲ ହୋଇ ଗୋପୀଙ୍କୁ ପଶେଶ ଦେଇଥିବା ଗୋପୀମାନେ କହିଲେ । ଉଦ୍ଧବ ବହୁତ ବୁଝାଇଲେ, ଗୋପୀ ମନ ମାନିଲା ନାହିଁ । ଉଦ୍ଧବ ମେଲାଣି ହୋଇ ମଥୁରାକୁ ଫେରିଲେ । ୧୫ଶ—ଗୋପୀମାନେ ଜ୍ଞାନମାର୍ଗକୁ ‘କଡ଼ାକରି’ ମୂଲ୍ୟ ନ ଦେଉଥିବା ଉଦ୍ଧବ କୃଷ୍ଣଙ୍କୁ ଜଣାଇଲେ । ରାଧା କଣ କହୁଥିଲେ ବୋଲି କୃଷ୍ଣ ଉଦ୍ଧବଙ୍କୁ ପଚାରିଲେ । ୧୬ଶ—ଉଦ୍ଧବଙ୍କ ସ୍ତବନ ।

କବି ବହୁପ୍ରକାର ଅଳଙ୍କାର ପ୍ରୟୋଗକରି କ୍ଷୁଦ୍ର ଛାନ୍ଦଗୁଡ଼ିକୁ ରମଣୀୟ କରିଛନ୍ତି । କଳେବର କ୍ଷୁଦ୍ର ହେଲେ ମଧ୍ୟ ଅଳଙ୍କାରର ପ୍ରକାରସଂଖ୍ୟା କ୍ଷୁଦ୍ର ନୁହେଁ । ‘ଭାବ’ ଅପେକ୍ଷା ଅଳଙ୍କାରର ପ୍ରାଧାନ୍ୟ ହିଁ ଏ କାବ୍ୟର ବିଶେଷ ଦର୍ଶନୀୟ ବିଷୟ । ଉପମା, ଯମକ, ଅନୁପ୍ରାସ ଓ ବିନ୍ୟାଦି ବହୁ ପ୍ରକାର ଅଳଙ୍କାରରେ କାବ୍ୟଟି ମଣ୍ଡିତ ହୋଇଛି ।

(୧) ସୁଧୀ ସୁଧୀରେ ପିଅ ଶ୍ରୀକୃଷ୍ଣ ରସାୟନ,
ବିଧି ଅବିଧି ଅବଧିକି ତଦର୍ଥେ ନ ଘେନ ଯେ । (୩ୟ ଛାନ୍ଦ)

ଛାନ୍ଦଟିରେ ୧୬ଟି ଯାକ ପଦ ଏହି ଯମକରେ ଲିଖିତ ।

(୨) ଶୁଣ ଏ ଗୀତ ଆହେ ସଙ୍ଗୀତବିଦ୍ୟା ନିପୁଣ ପୁଣ,
ଗେ ବିନ୍ଦ ସଙ୍ଗ ଗୋପୀ ପ୍ରସଙ୍ଗ ଭୃମ୍ଭ ପରାଣ ରଣ । (୪ର୍ଥ ଛାନ୍ଦ)

(୩) ନରେନ୍ଦ୍ର ନନ୍ଦନା କରୀନ୍ଦ୍ର ଗମନା ପାରୀନ୍ଦ୍ର ମଧ୍ୟମା,
ଚନ୍ଦନ ନନ୍ଦନ ବାସନା କୁନ୍ଦନ ପ୍ରତିମା । (୫ମ ଛାନ୍ଦ)

(୪) ସୁଧୀରେ ଶୁଣ ଏ ବିଧିରେ କହି ସୁନ୍ଦ କେବଳ,
ପଥରେ ଚଳିଲେ ରଥରେ ସେ ମଥୁରାମଙ୍ଗଳ । (୧୦ମ ଛାନ୍ଦ)

(୫) ଦେବ ଦୁର୍ଲ୍ଲଭ ଯେ ମାନବୀ ରସ,
ଯାଇ ଚେଜ କୃଷ୍ଣ ମନ ବରସ ।
ଧନକ ଧନକ ରସମାନଙ୍କୁ,
କ ଲକ୍ଷ୍ୟ କରିବେ ତା ସମାନକୁ ।
ତା ସନମାନକୁ, ଓଷ୍ଠ ସୁଧାଢ଼ ଅଗନ ମାନଙ୍କୁ । (୧୧ଶ ଛାନ୍ଦ)

(୬) ଜଳକ୍ରୀଡ଼ା କରୁ ନବୀନା ସରେ,
ବୋଇଲ ରୁ ନୀର ନବୀନା ସରେ ।
ହୃଦି କ୍ଷିପିଲ ଏ ନବୀନା ସରେ,
ମାଗିଲ ବନ୍ଧୁମାନ ବିନାଶରେ ।
କହୁ ବିନା ଶରେ, ବୋଲେ ଯାହା କହ ମାନବୀ ନାଶରେ ।
(୧୧ଶ ଛାନ୍ଦ)

(୭) ୧୭ଶ ଛାନ୍ଦରେ ନିରୋଷ୍ଠକ, ସରୋଷ୍ଠକ, ଅନୁନାସିକା, ସଂଯମକ ପ୍ରଭୃତିର ମଧ୍ୟ ଦୃଷ୍ଟାନ୍ତ ଅଛି ।

ନିରୋଷ୍ଠକ—ସକଳ କାର୍ଯ୍ୟ କାରଣ,
ସଜ୍ଜନ ନନ୍ଦ ନନ୍ଦନ ।
ସରୋଷ୍ଠକ—ଭବେ ବାମା ପ୍ରେମ ଭାବ,
ଶ୍ୟାମ ଭାବ୍ୟ ପ୍ରଭୁ ଭୁବ ।
ଅନୁନାସିକା—ନମୋ ନାନା ନାମ ମାନ,
ନୂନଂ ନମଣି ମନ୍ୟନ ।
ସଂଯମକ—ମୋହନରେ ମୋହନରେ,
ବିରହରେ ବିରହରେ ।
ଏକାକ୍ଷର—ରୁଚ୍ୟ ରୁଚୀ ରୁଚା ରୁଚ,
ରୁଚା ଚୋଚେ ରୁଚା ଚାଚ ।

ଅଷ୍ଟଦଳ ପଦ୍ମବନ୍ଧ, ଷୋଡ଼ଶଦଳ ପଦ୍ମବନ୍ଧ, ଖଡ୍‌ଗ ବନ୍ଧ, ଗଦା ବନ୍ଧ, ଶମ୍ଭୁ ବନ୍ଧର ଦୃଷ୍ଟାନ୍ତ ମଧ୍ୟ ଅଛି ।

ସଦାନନ୍ଦଙ୍କ ଶିଷ୍ୟ ଅଭିମନ୍ୟୁ ସାମନ୍ତସିଂହାରଙ୍କ 'ସୁଲକ୍ଷଣା' କାବ୍ୟଟି ମଧ୍ୟ 'ଷୋଳନସୁମ'ରେ ରଚିତ । ସେଥିରେ ଷୋଳଟି ଛାନ୍ଦ ଓ ପ୍ରତ୍ୟେକ ଛାନ୍ଦରେ ଷୋଳଟି ଲେଖାଏଁ ପଦ ଅଛି । ସୁଲକ୍ଷଣା ଗୋଟିଏ କାଳ୍ପନିକ କାବ୍ୟ ।

ବ୍ରଜଲୀଳାମୃତ ସମୁଦ୍ର

'ବ୍ରଜଲୀଳାମୃତ ସମୁଦ୍ର' ଏକ ଭାବାନୁବାଦ ଗ୍ରନ୍ଥ । ଚୈତନ୍ୟପନ୍ଥୀ ଷଡ଼୍‌ଗୋସ୍ୱାମୀଙ୍କ ମଧ୍ୟରୁ ବିଶିଷ୍ଟ ପଣ୍ଡିତସାଧକ ଶ୍ରୀ ରୂପଗୋସ୍ୱାମୀ ଚୈତନ୍ୟ ଦେବଙ୍କ ସମସାମୟିକ ଓ ସଖା ଥିଲେ । ସେ ଶ୍ରୀରାଧାକୃଷ୍ଣ ଲୀଳାର ନବନବ ବ୍ୟାଖ୍ୟାସମ୍ବଳିତ ବିବିଧ କାବ୍ୟ, ନାଟକ ଓ ଶାସ୍ତ୍ର ସଂସ୍କୃତରେ ରଚନା କରି ଅଚିନ୍ତ୍ୟ ଭେଦାଭେଦ ଦର୍ଶନକୁ ଦୃଢ଼ଭିତ୍ତିରେ ପ୍ରତିଷ୍ଠିତ କରିପାରିଥିଲେ । ତାଙ୍କର ପଦଲାଳିତ୍ୟ, ପାଣ୍ଡିତ୍ୟ ଓ ତନ୍ମୟତା ତାଙ୍କ ଲେଖାବଳୀକୁ ଅମର କରି ରଖିଛି । ରାଧାକୃଷ୍ଣ ମଧୁରଲୀଳା ବା ମଧୁରବ୍ରଜଲୀଳାକୁ ଆଶ୍ରୟ କରି ସେ ସଂସ୍କୃତରେ 'ବିଦଗ୍ଧ ମାଧବ',ନାଟକ ରଚନା କରିଛନ୍ତି । ଗ୍ରନ୍ଥଟି ତତ୍ତ୍ୱ ଓ ଭାଷା ଦିଗରୁ ଏକ ଅମୂଲ୍ୟରତ୍ନ । ବ୍ରଜପନ୍ଥୀ ବୈଷ୍ଣବମାନେ ଏହାକୁ ଅତି ଆଦରରେ ପାଠ କରିଥାଆନ୍ତି । ଏହି ଗ୍ରନ୍ଥଟି ସଦାନନ୍ଦଙ୍କ ପୂର୍ବରୁ ପ୍ରାୟ ଦୁଇଶତ ବର୍ଷ ପୂର୍ବେ ରଚିତ ହୋଇଥିଲା । ଓଡ଼ିଶାର ବ୍ରଜବୈଷ୍ଣବଙ୍କ ପକ୍ଷରେ ଏହାର ପ୍ରଭାବ ଯଥେଷ୍ଟ ଥିଲା । କିନ୍ତୁ ଗ୍ରନ୍ଥ ସଂସ୍କୃତରେ ଲିଖିତ ହୋଇଥିବାରୁ ସର୍ବସାଧାରଣ ଏହାର ମାଧୁରୀ ଉପଭୋଗ କରିବାରୁ ବଞ୍ଚିତ ହୋଇଥିଲେ । କବି ଓ ସାଧକ ସଦାନନ୍ଦ ଅଭାବ ପୂରଣ ଦିଗରେ ଲେଖନୀ ଚାଳନାକରି ବ୍ରଜବାସୀ ବୈଷ୍ଣବଙ୍କ ଧନ୍ୟବାଦର ପାତ୍ର ହୋଇଛନ୍ତି ଏବଂ ଓଡ଼ିଆ ସାହିତ୍ୟକୁ ଏକ ଅପୂର୍ବ ଅନୁବାଦ ଗ୍ରନ୍ଥ ଦାନ କରିଛନ୍ତି ।

'ବିଦଗ୍ଧ ମାଧବ'ର ବଙ୍ଗଳା ଅନୁବାଦ ବଙ୍ଗୀୟ ବୈଷ୍ଣବ କବି ଯଦୁନନ୍ଦନ ଦାସଙ୍କ ଦ୍ୱାରା ଛାନ୍ଦବନ୍ଧରେ ଲିଖିତ ହୋଇଥିବା ଜଣାଯାଏ । ସଦାନନ୍ଦ ଯଦୁନନ୍ଦନଙ୍କ ଅନୁବାଦକୁ ଅବଲମ୍ବନ କରି ଛାନ୍ଦବନ୍ଧରେ 'ବ୍ରଜଲୀଳାମୃତ ସମୁଦ୍ର' ରଚନା କରିଛନ୍ତି ।

ଛାନ୍ଦର ବିଭିନ୍ନତା, ପ୍ରକାଶ ଭଙ୍ଗୀର ମାଦକତା, ଭାଷାଶୈଳୀର ସରସତା ଏହି ଅନୁବାଦ ଗ୍ରନ୍ଥଟିକୁ ଭକ୍ତକୋଟୀର ଏକ ସ୍ୱତନ୍ତ୍ର କାବ୍ୟରୂପ ଦାନ କରିଛି । ଓଡ଼ିଆ ଅନୁବାଦ ସାହିତ୍ୟ ରାଜ୍ୟରେ ଏହି ଗ୍ରନ୍ଥଟି ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଛି । ଗ୍ରନ୍ଥଟି ପାଠ କଲେ ଅନୁବାଦ ବୋଲି ମନେ ହୁଏ ନାହିଁ; ଅନୁବାଦକ ନିଜର ମନର ଭାବଧାରାକୁ ଏଥି ସହିତ ଓତଃପ୍ରୋତ ଭାବରେ ଜଡ଼ିତ କରାଇଥିବାରୁ ରଚନାଟି ଜୀବନ୍ତ ହୋଇପାରିଛି । ଭକ୍ତକୋଟୀର ସାହିତ୍ୟିକ ଓ ତତ୍ତ୍ୱପୂର୍ଣ୍ଣ ସଂସ୍କୃତ ରଚନାରୁ ଓଡ଼ିଆ ଭାଷାରେ ଓଡ଼ିଆତ୍ୱ ରକ୍ଷା କରି ଅନୁବାଦ ହୋଇଥିବା ଉତ୍କୃଷ୍ଟ କାବ୍ୟମାନଙ୍କ ଭିତରେ 'ବ୍ରଜଲୀଳାମୃତ ସମୁଦ୍ର' ପ୍ରଥମ ସ୍ଥାନ ଅଧିକାର କରିଛି ।

ଭକ୍ତକୋଟୀର ୫୮ଟି ଦୀର୍ଘ ଛାନ୍ଦ ବିଶିଷ୍ଟ ଏହି ବୃହତ୍ ଗ୍ରନ୍ଥଟିର ରଚନା କରି ଏକାଦିକ୍ରମେ ଲେଖନୀ ଚାଳନାକରି ମାତ୍ର ଛଅଶି ଦିନ ଭିତରେ ଶେଷ କରି ଆଶ୍ଚର୍ଯ୍ୟ କବିତାରଚନା ଶକ୍ତିର ପରିଚୟ ଦେଇଛନ୍ତି ଏବଂ ସାହିତ୍ୟ-ରାଜ୍ୟରେ ଏକ ସ୍ମରଣୀୟ ଆଦର୍ଶ ସୃଷ୍ଟି କରିଛନ୍ତି ।

ଯଦୁନନ୍ଦନଙ୍କ ଅନୁବାଦର ସାହାଯ୍ୟ ନେଇଥିବା ବିଷୟ କବି ସ୍ୱଗ୍ରନ୍ଥରେ ବ୍ୟକ୍ତ କରିଛନ୍ତି —

(୧) ବିଘ୍ନ ନୋହୁ ତୁମ୍ଭର କୃପାରେ ଏହି ଗ୍ରନ୍ଥରେ,
ବାର ବାର ପ୍ରଣମଇଁ ଶ୍ରୀରୂପ ପଦରେ । ୫୧ ।
ଗୋସାଇଁ ଗ୍ରନ୍ଥ ପୟାର କର୍ତ୍ତା ଯେ ଆପଣ,
ହେ ଯଦୁ-ନନ୍ଦନ ବନ୍ଦ, ତୁମ୍ଭ ଶ୍ରୀଚରଣ ।୫୨। (୨ୟ ଛାନ୍ଦ, ବ୍ର:ଲୀ:ସ:)

(୨) ଶ୍ରୀରୂପ ଗୋସାଇଁ ମୁଖରୁ ଉଦ୍‌ଭବ,
ପ୍ରଥମ ଜନ୍ମେ ଏ ବିଦଗ୍ଧମାଧବ । ୩୭ ।
ପ୍ରାକୃତେ ବଙ୍ଗଳା ଭାଷାରେ ଏ ଦ୍ୱିତୀୟେ,
ରାଧାକୃଷ୍ଣଲୀଳା କଦମ୍ବ ଏ । ୩୮ ।
ଉତ୍କଳୀ ଛନ୍ଦବନ୍ଧ ତୃତୀୟ ଜନ୍ମେ,
ବ୍ରଜଲୀଳାମୃତ ସମୁଦ୍ର ଏ ତେଜନ୍ମେ ।୩୯। (୧୫ଶ ଛାନ୍ଦ)

ସଦାନନ୍ଦ ଶ୍ରୀ ରୂପଗୋସ୍ୱାମୀଙ୍କର 'ବିଦଗ୍ଧମାଧବ' ନାମକ ସଂସ୍କୃତ ନାଟକକୁ 'ଭାଷାନ୍ତରେ ଛାନ୍ଦଗୀତ' କରି ଏକ ସ୍ୱତନ୍ତ୍ର କବିତାମୟୀ ଆକାର ଦାନ କରିଛନ୍ତି । କବି-ସ୍ୱଭାବସୁଲଭ ଦୈନ୍ୟରୁ ସେ ଏହା ଅସ୍ୱୀକାର କରିଛନ୍ତି ମାତ୍ର ।

ଶ୍ରୀରୂପ ଗୋସ୍ୱାମୀ ଅନୁକମ୍ପା ମାନ ହୃଦସ୍ଥ ଭିତରେ ମୋର,
ଜୟୁବିଂଶ ଛାନ୍ଦ ପୂର୍ତ୍ତିକଲି ରାଧାକୃଷ୍ଣ ଦର୍ଶନ ପ୍ରକାର ।
ସୁଜନେ, ମୋ କବିତ୍ୱ ନୁହଇଟି ସେ,
ଇଷ୍ଟକୃତ ଗ୍ରନ୍ଥ କବିଧୂର୍ଯ୍ୟ ବ୍ରହ୍ମା ଭାଷାନ୍ତରେ ଛାନ୍ଦଗୀତ ।୧୮। (୨୩ଶ ଛାନ୍ଦ)

(୩) ସେ ଶ୍ଳୋକ ବୁଝିବାକୁ ମୋର ଶକ୍ତି ନାହିଁ,
ଯଦୁନନ୍ଦନ ଉଚ୍ଛିଷ୍ଟ ଭକ୍ଷଣ କରଇଁ । (୪୧ଶ ଛାନ୍ଦ)

ଉଚ୍ଚକୋଟୀର ସଂସ୍କୃତ ଗ୍ରନ୍ଥର ଭାଷାନ୍ତରରେ ତ୍ରୁଟି ରହିବା ସ୍ୱାଭାବିକ ଏବଂ ମୂଳଗ୍ରନ୍ଥର ସମଗ୍ର ମାଧୁର୍ଯ୍ୟ ଭାଷାନ୍ତର ଗ୍ରନ୍ଥରେ ପ୍ରତିଫଳିତ ହେବା ସମ୍ଭବ ନୁହେଁ, ଏହି ଅଭାବଟି ପ୍ରତି କବି ସଜାଗ ଥିଲେ । ଏହି କାରଣରୁ ସେ 'ନୋହିଲା ହେଲା କରି କହିଲି' ପ୍ରଭୃତି ଭାବ ବ୍ୟକ୍ତ କରିଛନ୍ତି ।

(୧) ଶ୍ରୀ ରୂପ ଗୋସ୍ୱାମୀ ପଦାରବିନ୍ଦ,
ତହିଁରେ ମୋ ମନ ହେଉ ଅଳିନ୍ଦ ।
ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମାର,
ଦୋଷ ନ ଘେନମ ହେ ବିଜ୍ଞ ନର ।
ନୋହିଲା ହେଲା କରି କହିଲି,
ଆପଣା ଚିତ୍ତମାତ୍ର ବୋଧ କଲି । ୪୧ ।
(୩୬ଶ ଛାନ୍ଦ)

(୨) ଉଜ୍ଜ୍ୱଳନୀଳାମୃତ ସମୁଦ୍ର, ବୁଡ଼ି କି ନାଗ ବିପ୍ର ଶୂଦ୍ର ।
ପାଇବ କୃଷ୍ଣ ପ୍ରେମ ରତ୍ନ, ରଖିବ ହୃଦେ କରି ଯତ୍ନ ।
ସମସ୍ତ ଗୋସାଇଁ ମିଳିଲେ, ଦୈନ୍ୟ ଭଣ୍ଡାର ଲୁଟି ନେଲେ ।
ମୋହ ପାଇଁ ତ କିଛି ନାହିଁ, କି ଅବା କହିବଟି ମୁହିଁ ।

ଯେବେ ବୋଲିବ ମୁଁ ପଣ୍ଡିତ, ସେ କଥା ଅଟଇ ତ ସତ ।
ଯେବେ ବୋଲିବ ମୁଁ ମୂରୁଖ, ସେ ଜାଣ ଯାଉଛୁ ପ୍ରତକ୍ଷ୍ୟ ।
ସଂସ୍କୃତଜ୍ଞାନ ମୋର ନାହିଁ, ପରାକୃତ ଗୀତ ବୋଲଇଁ ।
ଯାହା ବୋଲିବି ସେ ଘଟିବ, କି ଦୈନ୍ୟ ମୋର ଯେ ସ୍ୱଭାବ ।
ବିଷ୍ଠା କୃମିରୁ ମୁଁ ଯେ ହୀନ, ପାପୀମାନଙ୍କେ ମୁଁ ରାଜନ ।
କଳାବରନ ବାନା ମୋର, ଝଡ଼ୁ ତ ଅଛୁ ଫରଫର ।
ଏ ସଦାନନ୍ଦ କବିସୂର୍ଯ୍ୟ, ବ୍ରହ୍ମାର ନାହିଁ କେଉଁ କାର୍ଯ୍ୟ ।
(୬୮ଶ ଛନ୍ଦ)

(ଗ) ଶ୍ରୀରୂପ ଗୋସ୍ୱାମୀ ପାଦପଦ୍ମ ରେଣୁ ତଣ,
ଶିରେ ଧରି ଗାଇ ଛନ୍ଦେ କୃଷ୍ଣଲୀଳାଗୁଣ ।
ଅନନ୍ତ ସହସ୍ର ମୁଖେ ଗାଏ ନିରବଧି,
ତଥାପି ସେ ଲୀଳା ଗୁଣ ନ ପାଏ ଅବଧି ।
ମୁଁ ଛାର କି କହିବ ମୋହର ବୁଦ୍ଧି କିସ,
ହୋଇ ନୋହୁ ବୋଧ କରି ଆପଣା ମାନସ ।
ସେ ଶ୍ଲୋକ ବୁଝିବାକୁ ମୋହର ଶକ୍ତି ନାହିଁ,
ଯଦୁନନ୍ଦନ ଉଚ୍ଛିଷ୍ଟ ଭକ୍ଷଣ କରଇଁ ।୧୬୮-୧୭୭। (୪୧ଶ ଛନ୍ଦ)

ବ୍ରଜଲୀଳାମୃତ ଲହରୀ ରଚନାର ସମୟ—ଶ୍ରୀ ରୂପ ଗୋସ୍ୱାମୀଙ୍କର ସଂସ୍କୃତ ନାଟକ 'ବିଦଗ୍ଧ ମାଧବ'ର ବଙ୍ଗୀୟବୈଷ୍ଣବ କବି ଯଦୁନନ୍ଦନ ଦାସଙ୍କ ବଙ୍ଗଳା ଅନୁବାଦର ଅନୁବାଦ ଛନ୍ଦବନ୍ଧରେ ସଦାନନ୍ଦ ଅତି ଅଳ୍ପ ସମୟ ଭିତରେ ଶେଷ କରିଛନ୍ତି । ମାର୍ଗଶୀର କୃଷ୍ଣପକ୍ଷ ଦ୍ୱିତୀୟା ଦିନ ସେ ଗ୍ରନ୍ଥ ଆରମ୍ଭ କରି ମାଘ କୃଷ୍ଣନବମୀରେ ଅର୍ଥାତ୍ ଦୁଇମାସ ସାତଦିନରେ ଶେଷ କରିଛନ୍ତି । ଏହି ଦୁଇମାସ ସାତଦିନ ଭିତରୁ ପୁଣି ଚତୁର୍ଦ୍ଦଶୀ, ଅମାବାସ୍ୟା ଓ ପ୍ରତିପଦା—ଏ ତିନିଦିନ ସେ ଲେଖୁନଥିଲେ; ଅର୍ଥାତ୍ ପ୍ରାୟ ନଅଦିନ ସେ ଲେଖି ନଥିଲେ । ପୂର୍ବରୁ ଦେଶାଚାର ଅନୁସାରେ ଏ ତିନି ଦିନ ବିଦ୍ୟାଶିକ୍ଷା ବନ୍ଦ ରହିବା ନିୟମ ଥିବାରୁ କବି ସେ ନିୟମକୁ ମାନୁଥିଲେ । ପୁଣି କେତେଦିନ ମଧ୍ୟ ଲେଖା ହୋଇ ନଥିଲା । ଏପରି ସ୍ଥଳରେ

ସେ ଏକମାତ୍ର ସମସ୍ତରେ 'ଉଦ୍‌ବେଗ ମନ'ରେ ଗ୍ରନ୍ଥଲେଖା ସମ୍ପୂର୍ଣ୍ଣ କରିଥିବା ବ୍ୟକ୍ତ କରିଛନ୍ତି ।

ଗ୍ରନ୍ଥର ବିରାଟ ଆକାର ଦୀର୍ଘ ଛପନ ଛାନ୍ଦ, ଛାନ୍ଦବନ୍ଧରେ ରଚନା ଦୃଷ୍ଟିରୁ ଏତେ ଅଳ୍ପ ସମୟ ଭିତରେ କୃତିତ୍ୱ ସହକାରେ ଗ୍ରନ୍ଥ ସମ୍ପୂର୍ଣ୍ଣ କରିଥିବା କବିଙ୍କ କାବ୍ୟଲିଖନରେ ସିଦ୍ଧହସ୍ତତା ପ୍ରମାଣିତ କରୁଛି ।

"ନିଜ ମନ ରଖି ନ ଦେବାରୁ" ସଦାନନ୍ଦ ଏହି ବିଖ୍ୟାତ ଗ୍ରନ୍ଥର ଅନୁବାଦ ଆରମ୍ଭ କରି 'ଉଦ୍‌ବେଗ ମନରେ' ଅତି ଅଳ୍ପକାଳ ମଧ୍ୟରେ ସମ୍ପୂର୍ଣ୍ଣ କରିଥିଲେ । ଅନୁବାଦ ଗ୍ରନ୍ଥର ଆଦର ହେବ କି ନାହିଁ ଏ ସମ୍ବନ୍ଧରେ କବିଙ୍କ ମନରେ ସନ୍ଦେହ ଜାତ ହୋଇଥିବା ସ୍ୱାଭାବିକ । ଏହି ଆଶଙ୍କା ହେବାରୁ ସେ କହିଛନ୍ତି କିଏ ଘେନୁ ବା ନଘେନୁ ଏହା ବିଗ୍ଭର ନ କରି ନିଜ ମନକୁ ବୋଧ କରିବା ପାଇଁ ସେ ଲେଖିଲେ । ମନର ପ୍ରବଳ ଆଗ୍ରହ ତାଡ଼ନା ଓ ଆଦେଶ ଏହି ଗ୍ରନ୍ଥଜନ୍ମର ମୂଳ କାରଣ ।

ଶ୍ରୀ ରୂପ ଗୋସ୍ୱାମୀ ପାଦପଙ୍କଜେ ଶରଣ
କହୁ ପ୍ରକାଶିଲା ଦାସ ଏ ସାଧୁଚରଣ,
ମାର୍ଗଶିର କୃଷ୍ଣପକ୍ଷ ଦୁତିଆରେ ଜନ୍ମ,
ମାଘକୃଷ୍ଣ ନବମୀରେ ହୋଇଲା ସମ୍ପୂର୍ଣ୍ଣ ।
ଚତୁର୍ଦ୍ଦଶୀ ଆମାବାସ୍ୟ ତି ଏ ତିନିଦିନ,
ଲେଖିଇ ନାହିଁ ନିଷେଧ ଏ ପୂର୍ବବଚନ ।
ମାସକେ ସମ୍ପୂର୍ଣ୍ଣ କଲି ଉଦ୍‌ବେଗ ମନରେ,
ଦୋଷ ଥିବ ଯେବେ ନ ଘେନିବ ବିଜ୍ଞ ନରେ ।
ଏ ବ୍ରଜ ଲୀଳାମୃତ ହୋଇଲା ସମାପତ,
ଛପନ ଛାନ୍ଦେ ବିଦଗ୍ଧ ମାଧବ ଚରିତ । × ×

କେ ଘେନୁ ନ ଘେନୁ ଏହା ବିଗ୍ଭର ନକଲି,
ନିଜ ମନ ରଖିତ ନ ଦେଲା ବୋଲି ବୋଲି ।
(ଶେଷ ଛାନ୍ଦ)

ନାମ ଚିନ୍ତାମଣି

ହରିନାମ ଚିନ୍ତାମଣି ହିଁ କାବ୍ୟର ବିଷୟ । ନାମ ମାହାତ୍ମ୍ୟ ପ୍ରତିପାଦନ କରି କବି ସଂକ୍ଷେପରେ ବହୁ ବିଷୟର ଅବତାରଣା କରିଛନ୍ତି । କୃଷ୍ଣ ହିଁ ନାମ-ଚିନ୍ତାମଣି । ହରି ନାମ କୀର୍ତ୍ତନକାରୀଙ୍କୁ ଯମଦଣ୍ଡ ନାହିଁ । ଅଜାମିଳ, ଜଗାଇ ମାଧାଇ, କୁମ୍ଭୀର, ପିଙ୍ଗଳା, ଦ୍ରୌପଦୀ, ମିରବାଈ ଓ ହରିଦାସ ପ୍ରଭୃତି ନାମଭକ୍ତଙ୍କ ଦୃଷ୍ଟାନ୍ତ କବି ଦେଇଛନ୍ତି ।

୨ୟ ଛାନ୍ଦରେ କବି ପଦନସାଧନା ଓ ଅଧ୍ୟାତ୍ମ୍ୟ ଯୋଗକୁ ପରିହାର କରିବା ପାଇଁ ଉପଦେଶ ଦେଇଛନ୍ତି । ୩ୟ ଛାନ୍ଦରେ ଚୈତନ୍ୟଙ୍କ ଅଷ୍ଟୋତ୍ତର ନାମ ବର୍ଣ୍ଣିତ ହୋଇଛି । ୪ର୍ଥରେ ଚୈତନ୍ୟଙ୍କୁ ପତିତପାବନ ବୋଲି ସମ୍ବୋଧନ କରି ନିଜକୁ ଗରିଷ୍ଠ ପାପୀ ମନେକରି ତାରିବା ନିମନ୍ତେ ପ୍ରାର୍ଥନା କରିଛନ୍ତି । ୫ମ ଛାନ୍ଦ—ରାଧାଙ୍କ ଅଷ୍ଟୋତ୍ତରଶତ ନାମ । ୬ଷ୍ଠ ଛାନ୍ଦ—ଶ୍ରୀରାଧିକାଙ୍କ ପ୍ରାର୍ଥନା । ୭ମ ଛାନ୍ଦ—ଶ୍ରୀକୃଷ୍ଣଙ୍କ ଅଷ୍ଟୋତ୍ତରଶତ ନାମ । ୮ମ ଛାନ୍ଦ—ଯୁଗଳ ପ୍ରାର୍ଥନା । ୯ମ ଛାନ୍ଦ—ଯୁଗଳ ଅଷ୍ଟୋତ୍ତର ଶତ ନାମ । ୧୦ମ ଛାନ୍ଦ—ଯୁଗଳପ୍ରାର୍ଥନା । ୧୧ଶ ଛାନ୍ଦ—ସଖୀଙ୍କ ପ୍ରାର୍ଥନା । ୧୨ଶ ଛାନ୍ଦ—ଶ୍ରୀବୃନ୍ଦାବନ ଧାମ ବର୍ଣ୍ଣନ ।

ଛାନ୍ଦଗୁଡ଼ିକ ଛୋଟ ଛୋଟ । ଏଥିରେ ଓଡ଼ିଶାର ରାଜା ପ୍ରତାପରୁଦ୍ର ଓ ରାୟମନ୍ତ୍ରୀ ରାମାନନ୍ଦଙ୍କ ନାମର ଉଲ୍ଲେଖ ଅଛି । ଚୈତନ୍ୟ ଓ ତାଙ୍କ ସଖାମାନଙ୍କର ନାମ, ମିରବାଈ, ହରିଦାସ, ଜଗାଇମାଧାଇ ପ୍ରଭୃତିଙ୍କ ନାମ ଲିଖିତ ଅଛି । ଏମାନଙ୍କ ସମ୍ବନ୍ଧରେ ଅତି ଅଳ୍ପ ସୂଚନା ମାତ୍ର ଅଛି । ଏହା ଏ ଗ୍ରନ୍ଥର ଏକ ବିଶେଷତ୍ୱ ।

ପ୍ରତାପରୁଦ୍ରଙ୍କ ସମ୍ବନ୍ଧରେ—"ଅହେ ପ୍ରତାପରୁଦ୍ର, ସଂଘାତା (୩ୟ ଛାନ୍ଦ) ରାୟରାମାନନ୍ଦଙ୍କ ସମ୍ବନ୍ଧରେ—ହେ ରାଏ ରାମାନନ୍ଦଆନନ୍ଦା-ମୃତକନ୍ଦ ଚନ୍ଦନଚର୍ଚ୍ଚିତ ସୁବୁଦ୍ଧି । (୩ୟ ଛାନ୍ଦ)

ଏହି କ୍ଷୁଦ୍ର ଗ୍ରନ୍ଥଟି କୃଷ୍ଣ, ରାଧା ଓ ଗୌରାଙ୍ଗଙ୍କ ନାମମାହାତ୍ମ୍ୟ ପାଇଁ ରଚିତ ହୋଇଛି ।

'ଯୁଗଳରସାମୃତ ଲହରୀ' ପରେ ଏହି ଗ୍ରନ୍ଥଟି ରଚିତ ହୋଇଥିବା ଜଣାଯାଏ । କାରଣ, ୭୨ସ୍ତ ଛାନ୍ଦର ବାଣୀ ନିର୍ଦ୍ଦେଶରେ "ରାଗ ମୁଖାରୀ । ଲହରୀ ଘାଟଘଟ ବାଣୀ" ଲେଖାଅଛି ।

କବିଙ୍କ 'ପ୍ରେମ ତରଙ୍ଗିଣୀ'ର ୬୮ଶ ଛାନ୍ଦର "ଶ୍ରୀକୃଷ୍ଣଙ୍କ ଅଷ୍ଟୋତ୍ତର ଶତ ନାମ" ସହିତ 'ନାମ ଚିନ୍ତାମଣି'ର ସପ୍ତମ ଛାନ୍ଦର ଶ୍ରୀକୃଷ୍ଣ ଅଷ୍ଟୋତ୍ତର ଶତନାମର ଭାବ ଓ ଭାଷାରେ ସାମ୍ୟଥିବା ଦେଖାଯାଏ ।

ନାମ ଚିନ୍ତାମଣି (ସପ୍ତମ ଛାନ୍ଦ । ରାଗ—ଆଷାଢ଼ ଶୁକ୍ଳବାଣୀ)—

ହେ କୃଷ୍ଣ ହେ ବ୍ରଜବନ୍ଧୁ ନାଗର,
ହେ ନଟବର ମୁରଲୀଅଧର ।
ହେ ଘନଶ୍ୟାମ ଘୂର୍ଣ୍ଣିତଲୋଚନ,
ଶରଦ ସମ୍ପୂର୍ଣ୍ଣ ଚନ୍ଦ୍ରବଦନ ।
ନାଶି ଚିତ୍ତଚୋର, ଗୋପାଳ ଗୋବିନ୍ଦ ହେ ପୀତାମ୍ବର ।୧।

ପ୍ରେମତରଙ୍ଗିଣୀ (୬୮ଶ ଛାନ୍ଦ । ରାଗ—କନଡ଼ା)—

ହେ ହରେ ହେ କୃଷ୍ଣ ହେ ଶ୍ୟାମ ହେ ନାଥ
ହେ ବନ୍ଧୁ ହେ ବ୍ରଜନାଗର, ହେ ନଟବର ମୁରଲୀ ଅଧର
ହେ ଘନଶ୍ୟାମ ହେ ମୟୂର ମୁକୁଟ
ଧାରୀ ନାଗରୀଚିତ୍ତ ଚୋର ହେ ସୁନ୍ଦର ।
ହେ ଗୋବିନ୍ଦ ହେ ଗୋପାଳ ବନମାଳି
ହେ ବାସୁଦେବ ମକରକୁଣ୍ଡଳୀ,
ଦାମୋଦର ଆନନ୍ଦକନ୍ଦ ସଦାନନ୍ଦ, ଗୋପୀମୁଖ ପଦ୍ମଅଳି ହେ ସୁନ୍ଦର ।୧।

ବିଷ୍ଣୁନୀଳମଣି

ଓଡ଼ିଶାର ବୈଷ୍ଣବ କାବ୍ୟକବିତାମାନଙ୍କରେ ରାଧାକୃଷ୍ଣ ଲୀଳା ସୁଦୃଢ଼ ଓ ଉଚ୍ଚସ୍ଥାନ ଅଧିକାର କରିଛି । ଚୈତନ୍ୟଦେବଙ୍କ ପୂର୍ବରୁ ଓ ତାଙ୍କ ସମୟରେ ଉତ୍କଳରେ ବହୁ ଭକ୍ତ ଓ କବି ରାଧାକୃଷ୍ଣ ଚରିତର ବର୍ଣ୍ଣନା କରି ଅମର ହୋଇଛନ୍ତି । ପଞ୍ଚସଖାଙ୍କ କୃତିମାନଙ୍କରେ ସମ୍ପ୍ରଦାୟନିଷ୍ଠାମକ

ବିସ୍ତୃତ ତତ୍ତ୍ୱବ୍ୟାଖ୍ୟା ଓ ନିୟମାବଳୀର ସୂଚନା ବିଶେଷ ସ୍ଥାନ ଅଧିକାର କରିନାହିଁ । ସେତେବେଳକୁ ଚୈତନ୍ୟପନ୍ଥୀ ବୈଷ୍ଣବମତ ନିର୍ଦ୍ଦିଷ୍ଟ ଆକାର ଧାରଣ କରିନଥିଲା; ଏହାର ଅବ୍ୟବହିତ ପରେ କ୍ରମେ ଏହାର ସ୍ୱରୂପରେଖ ସ୍ପଷ୍ଟ ହେଲା । 'ବୃନ୍ଦାବନ ଗୋଲୋକଧାମ' ମାର୍ଗୀ, ରୂପସନାତନଜୀବ ପ୍ରଭୃତି ଗୋସ୍ୱାମୀମାନେ ସଂସ୍କୃତରେ ବହୁ ପ୍ରାମାଣିକ ଗ୍ରନ୍ଥ ରଚନା କରି ସମ୍ପ୍ରଦାୟ ମାର୍ଗ ପରିଷ୍କାର କରିଦେଲେ ଏବଂ ପରବର୍ତ୍ତୀ ବହୁ କବି ଏମାନଙ୍କ ପଦାନୁସରଣ କରି ସମ୍ପ୍ରଦାୟସମ୍ମତ କାବ୍ୟକବିତା ଓ ଗ୍ରନ୍ଥ ରଚନା କଲେ । ଅଷ୍ଟାଦଶ ଶତାବ୍ଦୀ ବେଳକୁ ଅର୍ଥାତ୍ ସଦାନନ୍ଦଙ୍କ ଆବିର୍ଭାବ ବେଳକୁ ଓଡ଼ିଶାରେ ବହୁ ବୃନ୍ଦାବନଧାମମାର୍ଗୀ ବୈଷ୍ଣବ ଗ୍ରନ୍ଥ ରଚିତ ହୋଇ ବୈଷ୍ଣବମାନଙ୍କ ମନ ଆନନ୍ଦିତ କରିଥିଲା । ଏହି ସମ୍ପ୍ରଦାୟର ତଥ୍ୟ ଓ ତତ୍ତ୍ୱ ସମ୍ବନ୍ଧରେ ସଦାନନ୍ଦ ଏକାଧିକ ଗ୍ରନ୍ଥ ରଚନା କରି ଜଣେ ପ୍ରଧାନ ସାମ୍ପ୍ରଦାୟିକ ପ୍ରଚାରକର ଆସନ ଅଧିକାର କରି ପାରିଛନ୍ତି । ଶିଷ୍ୟ ଅଭିମନ୍ୟୁ ଗୁରୁଙ୍କ ପଦାଙ୍କ ଅନୁସରଣ କରିଛନ୍ତି । ଉଭୟେ ରାଧାକୃଷ୍ଣ ଲୀଳାକୁ ସମ୍ପ୍ରଦାୟସମ୍ମତ ଭଙ୍ଗିରେ ପ୍ରତିଷ୍ଠିତ କରି ଉତ୍କୃଷ୍ଟ କାବ୍ୟ ରଚନା କରିଛନ୍ତି । ପରବର୍ତ୍ତୀ ବୃନ୍ଦାବନଧାମପନ୍ଥୀ ବୈଷ୍ଣବ କବି ଓ ଲେଖକମାନଙ୍କର କୃତିରେ ଏହି ଉଦ୍ୟମର ଛାୟା ପଡ଼ିଛି । ଏହି ଦୃଷ୍ଟିରୁ ସଦାନନ୍ଦଙ୍କ ଗ୍ରନ୍ଥମାନଙ୍କର ପ୍ରାଧାନ୍ୟ ସ୍ୱୀକାର୍ଯ୍ୟ । ବୃନ୍ଦାବନଧାମପନ୍ଥୀ ବୈଷ୍ଣବକବିମାନଙ୍କର କାବ୍ୟକବିତାର ମାଧୁର୍ଯ୍ୟ ଉପଭୋଗ କରିବାରେ ଏହି ସହଜ ସୁବୋଧ ତତ୍ତ୍ୱଗ୍ରନ୍ଥମାନଙ୍କରେ ବର୍ଣ୍ଣିତ ସାମ୍ପ୍ରଦାୟିକସମ୍ମତ ତତ୍ତ୍ୱ ସାହାଯ୍ୟ କରିବ । ଏହି କାରଣରୁ ସଂକ୍ଷେପରେ ତତ୍ତ୍ୱବିବରଣ ଦିଆଗଲା ।

'ନିସ୍ତ୍ରା ନୀଳମଣି' କାବ୍ୟ ଗ୍ରନ୍ଥଟି ଛୋଟ ଛୋଟ ବାରଟି ଛାନ୍ଦରେ ଶେଷ ହୋଇଛି । ବୈଷ୍ଣବ ଧର୍ମର କେତୋଟି ମୂଳତତ୍ତ୍ୱ ଏଥିରେ ବର୍ଣ୍ଣିତ ଅଛି । ଚୈତନ୍ୟଦେବଙ୍କ ପ୍ରବର୍ତ୍ତିତ ଓ ରୂପସନାତନାଦି ଗୋସ୍ୱାମୀମାନଙ୍କ ଦ୍ୱାରା ବହୁ ଗ୍ରନ୍ଥରେ ପ୍ରତିପାଦିତ ତତ୍ତ୍ୱ ଓ ଆଚରବିଧିର ଅନ୍ତର୍ଭୁକ୍ତ ବିଷୟ କେବଳ ଏଥିରେ ସ୍ଥାନ ପାଇଛି । ଅନ୍ୟ ବୈଷ୍ଣବ ସମ୍ପ୍ରଦାୟମାନଙ୍କ ତତ୍ତ୍ୱ ବିଷୟରେ ବିଶେଷ ଉଲ୍ଲେଖଯୋଗ୍ୟ ବର୍ଣ୍ଣନା ନାହିଁ ।

'ନିସ୍ତାନୀଲମଣି' ରଚନାଟି ପ୍ରଧାନତଃ ଏକ ଶାସ୍ତ୍ରୀୟ ଗ୍ରନ୍ଥ । ଏଥିରେ ସ୍ଥଳବିଶେଷରେ କବିତ୍ୱଚ୍ଛଟାର ନିଦର୍ଶନ ମିଳୁଥିଲେ ମଧ୍ୟ ତାହା ସମଗ୍ର ଗ୍ରନ୍ଥ କଳେବରକୁ ଆଚ୍ଛାଦିତ କରିପାରି ନାହିଁ ।

'ଚିତ୍ତ' ବା ମନକୁ ବୋଧ କରିବା ଢଙ୍ଗରେ କବି ବିଭିନ୍ନ ତତ୍ତ୍ୱ ବୁଝାଇଛନ୍ତି ।

ଶୁଣରେ ଚିତ୍ତ ମୋର   କର ଏହି ବିଚାର
କେବଳ ଈଶ୍ୱର ଏକ ।୧। (୧ମ ଛାନ୍ଦ)

ସବୁ ଇନ୍ଦ୍ରିୟ ମଧ୍ୟରେ ପ୍ରଧାନ ମନ ସେ
ତାହାର ବିଚାର ହେଲା ଏବେ ଏହି ଆଶେ । ୧୨ ।
(୧ମ ଛାନ୍ଦ)

'ନିସ୍ତାନୀଲମଣି' ପ୍ରସିଦ୍ଧ ଉଜ୍ଜ୍ୱଳ ରସ ଅଦ୍ଭୁତ ରଙ୍ଗ ସହିତ ଏଥିରେ ବର୍ଣ୍ଣିତ ହୋଇଛି । ଏଥିରେ 'ଶ୍ରୋତାବକ୍ତା' କେହି ନାହିଁ । କେବଳ କବି ନିଜେ ବର୍ଣ୍ଣନା କରିଛନ୍ତି ଏବଂ ସ୍ଥଳେ ସ୍ଥଳେ 'ମାନସ' 'ଅରେ ମନ' ପ୍ରଭୃତି ଅଳ୍ପ କେତେଟି ସମ୍ବୋଧନ ଅଛି । ଗ୍ରନ୍ଥର ଆକାର ସାମାନ୍ୟ ହେବାର କାରଣ ସମ୍ବନ୍ଧରେ କବି କହିଛନ୍ତି ଯେ କାବ୍ୟ ଅଳ୍ପହୋଇ ରୁଚିର ହୋଇଥିବ, ଏଥିରୁ ଭକ୍ତିତତ୍ତ୍ୱ ବୋଧ ହେଉଥିବ—ଏ ପ୍ରକାର ହେଲେ 'କବିତ୍ୱ ବିଶୁଦ୍ଧ' ହୁଏ । କବି ନିଜର ଦୈନ୍ୟ ପ୍ରକାଶ କରି କହିଛନ୍ତି ଯେ ସେ 'ବାଉଳ ପରାଏ କିଛି ବର୍ଣ୍ଣନା କରିବେ ।' ମଙ୍ଗଳାଚରଣ ଛାନ୍ଦରେ ସାଧୁପ୍ରଶଂସା ଓ ଖଳନିନ୍ଦା କରାଯାଇଛି ।

କେ ଶ୍ରୋତା କେ ବକ୍ତା ଏଥିରେ କିଛି ନ ବର୍ଣ୍ଣିବି,
ବାଉଳ ପରାଏ କିଛି ବର୍ଣ୍ଣନ କରିବି । (୧ମ ଛାନ୍ଦ)

କବି ନମ୍ରତା ସହକାରେ ନିଜ କାବ୍ୟଟିକୁ 'ବାଉଳ ଗୀତ' ବୋଲି ମଧ୍ୟ କହିଛନ୍ତି । କିନ୍ତୁ ପ୍ରକୃତରେ ଏହା ଏକ ଅପୂର୍ବ ଗ୍ରନ୍ଥ । "କବିସୂର୍ଯ୍ୟ ବ୍ରହ୍ମା ରଚିତ ନିସ୍ତାନୀଲମଣି ନାମେ ବାଉଳ ଗୀତ ।" (୮ମ ଛାନ୍ଦ) କବିଙ୍କ ବ୍ୟାକୁଳତା ଦେଖି ଭଗବାନ କୃଷ୍ଣ କୃପା କରିବାରୁ କବି ଏ ଗ୍ରନ୍ଥ ଲେଖିଛନ୍ତି ବୋଲି ବ୍ୟକ୍ତ କରିଛନ୍ତି —

ବାଞ୍ଛାକଳ୍ପତରୁ କୃଷ୍ଣ କହିଲେ କେବଳ,
କବିସୂର୍ଯ୍ୟ ବ୍ରହ୍ମା ଦେଖିଣ ବ୍ୟାକୁଳ । (୧ମ ଛାନ୍ଦ)

ଅନ୍ୟ କେତେକ ସ୍ଥଳରେ କବି ପ୍ରସଙ୍ଗମାନଙ୍କର ସଂକ୍ଷିପ୍ତ ବିବରଣୀ ଓ ନିର୍ଦ୍ଦେଶ ସମ୍ବନ୍ଧରେ କହିଛନ୍ତି ଯେ 'ସମସ୍ତ ଅଭାବ'ରୁ ସେ ବିସ୍ତୃତ ବର୍ଣ୍ଣନା କରିପାରି ନାହାନ୍ତି ।

ଦୁର୍ଗତି ପାଏ ପୂଜିବାର ନିସ୍ଫଳ,
ବିସ୍ତୃତ କହିବାକୁ ନାହିଁ ତ କାଳ ଯେ । (୩ୟ ଛାନ୍ଦ)

ନିସ୍ତାରିକଳମଣିରେ ଭକ୍ତକବି ସଦାନନ୍ଦ ବୈଷ୍ଣବତତ୍ତ୍ୱ ସମ୍ବନ୍ଧରେ ସ୍ୱଗ୍ରନ୍ଥରେ ଯେଉଁସବୁ ବିଷୟର ଚର୍ଚ୍ଚା କରିଛନ୍ତି ତାର ସାରାଂଶ ଏହିପରି—

ବୈଷ୍ଣବ ସ୍ମାର୍ତ୍ତ—ସ୍ଥାବର, ଜଙ୍ଗମ, କୀଟ ଓ ପତଙ୍ଗ—ଏପରି ଚାରି ଭେଦରେ ସମଗ୍ର ସୃଷ୍ଟିକୁ ବିଭକ୍ତ କରାଯାଇଛି । ବ୍ରହ୍ମ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର—ଏ ଚାରି ଆଶ୍ରମ । ବେଦରେ ପ୍ରବୃତ୍ତି ଓ ନିବୃତ୍ତି ଦୁଇ ମାର୍ଗର ଉଲ୍ଲେଖ ଅଛି । ପ୍ରବୃତ୍ତି ମାର୍ଗରେ ସୁଖ ହୁଏ ଓ ନିବୃତ୍ତି ମାର୍ଗରେ ଜନ୍ମମୃତ୍ୟୁ ତୁଟେ । ଶୈବ, ଶାକ୍ତ, ଗାଣପତ୍ୟ ଓ ସୌର—ଏ ଚାରି ସମ୍ପ୍ରଦାୟ ପ୍ରବୃତ୍ତି ଓ ନିବୃତ୍ତି ମାର୍ଗରେ ଚଳନ୍ତି । ବୈଷ୍ଣବମାନେ ଦ୍ୱୈତବାଦୀ ଓ ସ୍ମାର୍ତ୍ତମାନେ ଅଦ୍ୱୈତବାଦୀ ।

ଚାରି ବୈଷ୍ଣବ ସମ୍ପ୍ରଦାୟ : ମତବାଦ—ବୈଷ୍ଣବମାନଙ୍କର ଭଗବାନଙ୍କଠାରେ ସେବ୍ୟସେବକ ସମ୍ପର୍କ; ଭଗବାନ ପ୍ରଭୁ, ମନୁଷ୍ୟ ଦାସ । ଏହି ବୈଷ୍ଣବ ସମ୍ପ୍ରଦାୟ ଶ୍ରୀ, ବ୍ରହ୍ମ, ରୁଦ୍ର ଓ ସନକ—ଏ ଚାରି ପ୍ରକାରରେ ପ୍ରକାଶିତ । ଶ୍ରୀ (ଲକ୍ଷ୍ମୀ) ମତରେ (ସମ୍ପ୍ରଦାୟରେ) ଶ୍ରୀରାମାନୁଜାଚାର୍ଯ୍ୟ, ବ୍ରହ୍ମ ସମ୍ପ୍ରଦାୟରେ ମାଧ୍ୱାଚାର୍ଯ୍ୟ, ସନକସମ୍ପ୍ରଦାୟରେ ଶ୍ରୀନିମ୍ବାର୍କ, ଓ ରୁଦ୍ର ସମ୍ପ୍ରଦାୟରେ ଶ୍ରୀବିଷ୍ଣୁସ୍ୱାମୀ ପ୍ରଧାନ ଆଚାର୍ଯ୍ୟରୂପେ ସ୍ୱୀକୃତ । ବୈଷ୍ଣବମତ ଶିଷ୍ୟାନୁଶିଷ୍ୟ କ୍ରମରେ ଭୁବନରେ ଭରିଗଲା ଏବଂ କ୍ରମେ ଚଳୁଛି । କିନ୍ତୁ ସ୍ମାର୍ତ୍ତମତରେ ଏହିପରି ନାହିଁ । ସମ୍ପ୍ରଦାୟ ବିହୀନ ଲୋକର ସବୁ କର୍ମ

ନିଷ୍ଫଳ ହୁଏ । ଏହି ଗୌଡ଼ ବୈଷ୍ଣବ ସମ୍ପ୍ରଦାୟର ଚାରି ପ୍ରଧାନ ଧାମ—ରାମନାଥ (ରାମେଶ୍ୱର), ବଦ୍ରିକାଶ୍ରମ, ଦ୍ୱାରକା ଓ ପୁରୁଷୋତ୍ତମ । (ଚୈତନ୍ୟପନ୍ଥୀଙ୍କ ମତରେ) ବୃନ୍ଦାବନ ନିତ୍ୟଧାମ । ସାଧାରଣତଃ ବୈଷ୍ଣବମାନେ ମୁକ୍ତିକୁ ଇଚ୍ଛା କରନ୍ତି ନାହିଁ ।

ନାରଦ, ବ୍ୟାସ, ସନକ, ଶୁକ ଓ ବଶିଷ୍ଠ ଆଦି ମୁନିଋଷିମାନଙ୍କର ମତକୁ ଅନୁସରଣ କରି ବୈଷ୍ଣବମାନେ ଚଳନ୍ତି । ବ୍ୟାସଦେବଙ୍କ ପୁରାଣମାନଙ୍କ ମଧ୍ୟରେ ଶ୍ରୀମଦ୍ ଭାଗବତ ହିଁ ମହାପୁରାଣ । ଏହି ଗ୍ରନ୍ଥର ପବିତ୍ର ରସ ସ୍ୱୟଂ କୃଷ୍ଣ ଗୌରରୂପେ ଆସ୍ୱାଦିଥିଲେ । ଶ୍ରୀଚୈତନ୍ୟଙ୍କ କୃପାରୁ ଶ୍ରୀରୂପ ଓ ସନାତନାଦି ବୈଷ୍ଣବମାନେ ଏହି ଗ୍ରନ୍ଥର ତତ୍ତ୍ୱକୁ ନିର୍ଣ୍ଣୟକରି ପ୍ରକାଶ କରିଛନ୍ତି । ବୈଷ୍ଣବମାନେ (ଚୈତନ୍ୟପନ୍ଥୀ) ଶ୍ରୀରୂପ ଗୋସ୍ୱାମୀ ଆଦିଙ୍କର ମତକୁ ବେଦ ବଚନଠାରୁ ଅଧିକ ମଣନ୍ତି ।

ଦୀକ୍ଷା—ଜୀବ ଦୀକ୍ଷାହୀନ ହୋଇ ରହିବା ଉଚିତ ନୁହେଁ । କାରଣ ଦୀକ୍ଷା ବିନା ଶରୀର ଶୁଦ୍ଧ ହୁଏ ନାହିଁ । ସଦ୍‌ଗୁରୁ ଦେଖି ତାଙ୍କଠାରୁ ଦୀକ୍ଷା ନେବା ଉଚିତ । ମହାକୁଳପ୍ରସୂତ, ବହୁ ଯଜ୍ଞଦୀକ୍ଷିତ, ବହୁ ଶାଖା-ବେଦାଧ୍ୟାୟୀ ହେଲେ ମଧ୍ୟ ସେ ଯଦି ଅବୈଷ୍ଣବ ତେବେ ତାଙ୍କଠାରୁ ଦୀକ୍ଷା ନେବା ଉଚିତ ନୁହେଁ । ଶ୍ୱପଚ ଯଦି ଭକ୍ତ ହୋଇଥାଏ ତେବେ ସେ ଗୁରୁ ହେବାପାଇଁ ଯୋଗ୍ୟ । ଅଜ୍ଞତା ବଶରୁ ଯଦି ଅବୈଷ୍ଣବଠାରୁ ଦୀକ୍ଷା ନେଇଥିବ ତାହାହେଲେ ତାଙ୍କୁ ଆଉ ଗୁରୁ ବୋଲି ମାନିବ ନାହିଁ । ସେ ଦେଇଥିବା ମନ୍ତ୍ରକୁ ଲେଖି ଜଳରେ ଭସାଇଦେଲେ ଗୁରୁଶିଷ୍ୟ ସମ୍ପର୍କ ତୁଟିବ । ପୁଣି ସଦ୍‌ଗୁରୁ କରିବ । ଉପଯୁକ୍ତ ପାତ୍ରରେ ଦୀକ୍ଷାଦାନ କରିବା ଗୁରୁଙ୍କ କର୍ତ୍ତବ୍ୟ । ଶିଷ୍ୟ ଆଗେ ଗୁରୁଙ୍କୁ ପୂଜାକରି ପରେ କୃଷ୍ଣଙ୍କୁ ପୂଜିବ । କୃଷ୍ଣଅଭକ୍ତ ଗୁରୁପଦକୁ ଯୋଗ୍ୟ ନୁହନ୍ତି । ଶିଷ୍ୟ ଗୁରୁ-କୃଷ୍ଣ-ବୈଷ୍ଣବଙ୍କୁ ନ ଭଜିଲେ ସେ ଶିଷ୍ୟ ନୁହେଁ । ନାମ, ରୂପ, ବୟସ, ବେଶ, ନିବାସଯୁକ୍ତ, ଗୁଣ-ନିଷ୍ଠା, ସମ୍ବନ୍ଧ, ଯୂଥ, ପାଲି, ଦାସୀ, ନିବାସ—ଏ ଏକାଦଶବିଧ ସାଧନା ।

ବୈଷ୍ଣବ ନିତ୍ୟାଚାର —ବୈଷ୍ଣବଙ୍କ ନିତ୍ୟାଚାର ସମ୍ବନ୍ଧରେ ମଧ୍ୟ ସଦାନନ୍ଦ କହିଛନ୍ତି । ତାଙ୍କ ମତାନୁସାରେ ରାତ୍ରି ଚାରିଦଣ୍ଡ ଥାଉଁ ଉଠିବ, ଶ୍ରୀ ଶ୍ରୀ ଗୁରୁଧ୍ୟାନମାନ କରିବ, ଶ୍ରୀ ଶ୍ରୀ ପ୍ରଣାଳୀ କ୍ରମରେ ଚଳିବ, ମହାପ୍ରଭୁ ପାଦପଦ୍ମରେ ମିଳିବ, ଯାହାର ଯେଉଁ ରସ ତାକୁ ସେ ବିଗ୍ରହରେ ମନରେ ଚିନ୍ତା କରିବ । ରାଧାକୃଷ୍ଣ ନାମ କୀର୍ତ୍ତନ କରୁ କରୁ ଦିନ ହେବ । ଯଥା-ବିଧାନେ ବାହ୍ୟକ୍ରିୟା ଦନ୍ତଧାବନ ସାରି ସ୍ନାନ କରିବ । ରାଧାକୁଣ୍ଡ ମନ୍ତ୍ର ପଢ଼ି ସ୍ନାନ କରିବ । ଗଙ୍ଗା ଯମୁନାଷ୍ଟକାଦି ସ୍ତୋତ୍ର ପାଠକରି ଗୃହରେ ପ୍ରବେଶ ହେବ । ତୁଳସୀ ମୂଳରେ ପାଣି ଦେବ । ନିଜାଭିମତ ବାକ୍ୟ ପଢ଼ି ପ୍ରଦକ୍ଷିଣ କରିବ, ପ୍ରଣାମ କରିବ, ପରେ ବ୍ରଜସାମଗ୍ରୀ ଶ୍ୟାମାଦିନୀ ଓ ନିର୍ମାଲ୍ୟାଦି ପାଇବ । ଶ୍ରୀହରି ମନ୍ଦିର ତିଳକ ଧାରଣ କରି ଦେହେଁ ନାମାକ୍ଷର ଦେଇବ । ଗୋପୀଚନ୍ଦନ ଦେଇ ଏ ସେବା କରିବ । ଗୁଞ୍ଜା, ତୁଳସୀ, ପଦ୍ମ, ଶ୍ୟାମାଦିଣୀ, ଧାତ୍ରୀ ଏହି ପଞ୍ଚମାଳା ଦେଇ ରାଧାକୃଷ୍ଣଙ୍କର ସ୍ତୁତିସ୍ତବ ପାଠ କରିବ । ନାମାକ୍ଷର (ନାମାବଳୀ) ବାସର୍ଓଢ଼ଣ ଦେଇବ । ଶ୍ରୀଗୁରୁ ଚରଣେ ଧ୍ୟାନ କରିବ । ପ୍ରଣାଳୀ ପ୍ରକାରେ ଗୌର ଓ ସର୍ବଭକ୍ତମାନଙ୍କ ଚରଣ ବନ୍ଦିବ । ଶଚୀସୁତ ·ନନ୍ଦନନ୍ଦନଙ୍କୁ ସ୍ତବ ତାଙ୍କ ପ୍ରିୟ ସନ୍ନିଧାନ, ବସ୍ତ୍ର, ବେଶ, ନିବାସାଦି ଏକାଦଶ-ବିଧ ସାଧନା ଅନୁସାରେ ଚିନ୍ତା କରିବ । ସିଦ୍ଧସାଧକ ସ୍ୱରୂପ ଆପଣା ପର୍ଯ୍ୟନ୍ତ ଧ୍ୟାନ କରିବ ଏବଂ ପୁଣି ଲେହଟି ଧ୍ୟାନ କରିବ । ଗୁରୁରୂପା ପଶ୍ଚାତରେ ରଖିବ । ସମସ୍ତ ଅନୁସରି ରହି ଆପଣାର ଯେଉଁ ସେବା ତାକୁ କରିବ । ମନ୍ତ୍ର ଧ୍ୟାନକୁ ମୁଖେ ପଢ଼ିବ, ନିଜ ଅଭିମତ ମନ୍ତ୍ର ଜପିବ । ହରିନାମ, ଦୁଇ ଗୋପାଳ ମନ୍ତ୍ର (ଅଷ୍ଟାଦଶାକ୍ଷର, ଦଶାକ୍ଷର) ତିନି ବା କେ ରାଧାମନ୍ତ୍ର—ଏଥିରୁ ଯାହା ପାଇଥିବ ତାହା ସ୍ମରଣ କରିବ । ପଞ୍ଚନାମ ଯୁଗଳମନ୍ତ୍ର, କୃଷ୍ଣମନ୍ତ୍ର, ଗୌର-ଗୋପାଳ ମନ୍ତ୍ର, ଗଦାଧର ମନ୍ତ୍ର, ଗୌରଯୁଗଳ ମନ୍ତ୍ର, ଚୈତନ୍ୟ ମନ୍ତ୍ର, କୃଷ୍ଣତାରକ ବାସୁଦେବ ମନ୍ତ୍ର—ଏସବୁ ମନ୍ତ୍ରରୁ ଯାହାର ଯାହା ମନ ସେହି ମନ୍ତ୍ର ଜପ କରିବ । ହରିନାମକୁ ପ୍ରବୃତ୍ତି ସାର କରିବ । ସାଧକର ପଞ୍ଚନାମ ମୂଳ । ସିଦ୍ଧର କାମ ଗାୟତ୍ରୀ । ଏହି ତିନି ଜଣଙ୍କର ତିନି ପ୍ରକାର ମନ୍ତ୍ର ।

ଦିନରାତି ଗୌରାଙ୍ଗଙ୍କୁ ଭଜିବ, ମନରେ ଯେଉଁ ପ୍ରକାର ଅନୁରାଗ ବଢ଼ିବ ସେହି ପ୍ରକାର ନାମାକ୍ଷର ବାସ ଓଢ଼ିବ । ସିଦ୍ଧିପ୍ରଣାଳୀ କ୍ରମରେ ଶ୍ରୀରାଧିକାଙ୍କ ସମସ୍ତ ଦଣ୍ଡ କଳ ଶ୍ରୀରୂପ ଆଜ୍ଞାରେ ଗୁରୁରୂପା ଯୁଥ ପାଖରେ ରହି ସେବା କରିବ । ତହୁଁ ଉଠି ଶ୍ରୀମୂର୍ତ୍ତି ଦର୍ଶନ, ସ୍ପର୍ଶନ, ଚରଣାମୃତ ପାନ କରିବ, ବାହ୍ୟରେ ଗୁରୁବୈଷ୍ଣବଙ୍କୁ ଦଣ୍ଡବତ କରିବ, ସ୍ତବରେ ଅଧରାମୃତ ପାଇବ, ପୁଣି ଆପେ ଭୋଜନ କରିବ ।

ଯେବେ ବ୍ୟବସାୟରେ ଧନ ଥିବ ତେବେହେଁ କୃଷ୍ଣଚନ୍ଦ୍ରା ମନରୁ ଛାଡ଼ିବ ନାହିଁ । ସମସ୍ତ ହେଲେ ଚରିତ ପଢ଼ିବ । ସନ୍ଧ୍ୟାକାଳେ ଆରତି ଦର୍ଶନ ସାରି ନାମକୀର୍ତ୍ତନ କରିବ । ପୁଣି ପୂର୍ବାପର କୃଷ୍ଣଙ୍କୁ ଧ୍ୟାନ କରି ଶୟନ କରିବ । ଯେ ହରିନାମ ସଙ୍ଖ୍ୟା କରିଥିବ କାଳବେଳ ନ ବିଚାରି ସଦା ଭଜନ କରିବ । ଏକାଦଶୀ, ଜୟନ୍ତୀ, ଦୋଳଯାତ୍ରାଦି ଉତ୍ସବ କରିବ । ଧନଜନ, ଦାରାଦାସ ଓ ନିଜକୁ କୃଷ୍ଣଙ୍କଠାରେ ସମର୍ପଣ କରିଥିବ । ରାଗାନୁଗା ସାଧନ ଏହି ପ୍ରକାର । କର୍ତ୍ତବ୍ୟ ବେସରରେ ବୈଧୀ ଅଙ୍ଗ । କୃଷ୍ଣଙ୍କ ଅସାକ୍ଷାତରେ ଗୁରୁ ବିଗ୍ରହ ସାକ୍ଷାତ୍କାର । ଏହା ଜାଣି ସେହି ସେବା କରିବ ।

କେବା ବୋଲିବ କୃଷ୍ଣ ଅସାକ୍ଷାତେ,
ପ୍ରୀତି କରିବ କାହାର ସଙ୍ଗତେ ।
ଅଛୁ ଏଥିକୁ ପୁରାଣ ଉତ୍ତର,
ଗୁରୁ ବିଗ୍ରହ ଏତ ସାକ୍ଷାତ୍କାର ।
ଯେବେ ସଂଶୟ ମନେକର ଅବା,
ତାହା ଦୃଷ୍ଟାନ୍ତ ଦେଇଣ କହିବା ।
ପତିବ୍ରତା ସ୍ୱାମୀ ଦୂରେ ମରଣ,
ଜାଣି ତାହା ଚିହ୍ନ କିଛୁ ଘେନିଣ ।
ଖଣ୍ଡା କଠାଉ କଣ୍ଠାଉ କି ମାଳୀ,
ଘେନି ଅଗ୍ନି ଭିତରେ ଯାଏ ଜଳି ।
ଚିହ୍ନ ବିଶ୍ୱାସରୁ ସ୍ୱାମୀ ମିଳଇ,
ଏରୂପେ କହିଲି ମୁହିଁ ବୁଝାଇ ।

ଏଣୁ ଶ୍ରୀଗୁରୁ ଶ୍ରୀମୂର୍ତ୍ତି ସାକ୍ଷାତ,
ସ୍ନେହେ ସେବା କରିବ ଯଥୋଚିତ ।
ଏହା କରିବା ପାଇଁ ମୂଳ ଗୁରୁ,
ଅଟେ ଆପଣା ମନ କଳ୍ପତରୁ ।
ମନଠାରେ ଅଛନ୍ତି ସର୍ବ କାର୍ଯ୍ୟ,
ସର୍ବ ବିଷୟେ ମନ ଅଟେ ନଜ ।
ଆରେ ଚିତ୍ତ ରୁ ମୋତେ କୃପା କର,
ଏହୁ ପଥେ ଗମନ ସଦା କର ।
ରାସେଶ୍ୱରୀ ରସିକର ଚରଣେ,
ସ୍ନେହାନୁବନ୍ଧ କର ଅନୁକ୍ଷଣେ । (୫ମ ଗ୍ରନ୍ଥ, ୬।୩୫)

ସଙ୍ଗନିଷ୍ଠା—ସଙ୍ଗନିଷ୍ଠା ବିଷୟରେ ସଦାନନ୍ଦ କହିଛନ୍ତି ଯେ ଧନବନ୍ତ, ଦାତ୍ୟ, ଜନହିତକାରୀ ହେଲେ ମଧ୍ୟ ଏବଂ ବସାଇ ପୋଷିଲେ ମଧ୍ୟ ଯଦି ଇଷ୍ଟଗୋଷ୍ଠୀ କଥା ଏଥିରେ ବ୍ୟକ୍ତ ଅଛି ତେବେ ସେପରି ସଙ୍ଗରେ ପ୍ରୟୋଜନ ନାହିଁ । କଣ୍ଠରେ ଝୋଲି ଧରି, ଭିକ୍ଷାଟନ କରି, ମୁଖେ 'ରାଧା ପ୍ରାଣେଶ୍ୱର' ସ୍ତୁତି କରୁଥିବ, ସ୍ୱତନ୍ତ୍ରତା ଥିବ, ପରବଶ ହୋଇ ନଥିବ, କେ ଦେଇ କେ ନଦେଇ ଏ ବିଚାର ନଥିବ, ଯେତେବେ କୃଷ୍ଣଙ୍କ ଚିତ୍ତେ (ପଣ୍ଡି, ବସ୍ତ୍ର) ଥିବ, ତାହାହେଲେ ଦେବଯୋଗ୍ୟ ସୁମିଷ୍ଟାନ୍ନ ନିଶ୍ଚୟ ମିଳିବ । ଭଗବାନ କୃଷ୍ଣ ଓ ଚୈତନ୍ୟଙ୍କଠାରେ ଏକାନ୍ତ ଶରଣାଗତ ହୋଇ କେବଳ ବୈଷ୍ଣବ ଭକ୍ତଙ୍କ ସଙ୍ଗେ ଇଷ୍ଟଗୋଷ୍ଠୀ କରିବ । ଯେଉଁ ବୈଷ୍ଣବ ଭକ୍ତ ରାଧାକୃଷ୍ଣ ନାମ ମୁଖରେ ଗାନ କରୁଥିବ, ଧୈର୍ଯ୍ୟ ଦୂରହୋଇ ନେତ୍ରରୁ ଅଶ୍ରୁଧାର ବହୁଥିବ, ଅଙ୍ଗରେ ସାତ୍ତ୍ୱିକ ଚିହ୍ନମାନ ପ୍ରକାଶ ପାଉଥିବ, ଶ୍ରଦ୍ଧାଠାରୁ ପ୍ରେମ ପର୍ଯ୍ୟନ୍ତ ବଡ଼-ଭାଣ୍ଡରେ ଗମନାଗମନ କରୁଥିବେ, ଶାନ୍ତ ଆଦି ଅନୁଭବ ଯାହାର ସଙ୍ଗରେ ଲଭ୍ୟ ହେବ, ଏପରି ପରମ ବୈଷ୍ଣବଙ୍କ ସଙ୍ଗରେ ଇଷ୍ଟଗୋଷ୍ଠୀ କରିବ ।

ଭକ୍ତିନିଷ୍ଠା—ଏକାନ୍ତଭାବେ କୃଷ୍ଣ ଆଶ୍ରୟ ହିଁ ଏକାନ୍ତ ଭକ୍ତିନିଷ୍ଠା । ଚୈତନ୍ୟଚନ୍ଦ୍ର, କୃଷ୍ଣ, ଗଦାଧର ରାଧା—ଏହି ଭାବରେ ଏହି ଯୁଗଳମୂର୍ତ୍ତି ସ୍ମରଣ କରି ସେମାନଙ୍କ ପାଦରେ ଚିତ୍ତ ରଖିବା ମଧ୍ୟ ଏକାନ୍ତ ଭକ୍ତିନିଷ୍ଠା ।

ଗୋଲକ ବୃନ୍ଦାବନ : ନିତ୍ୟବିହାର—କୃଷ୍ଣ ସ୍ୱୟଂ ଭଗବାନ । ସେ ପୁଣି ବ୍ରଜେନ୍ଦ୍ର ନନ୍ଦନ । ତାଙ୍କର ଗୋଲକ ବୃନ୍ଦାବନରେ ନିତ୍ୟ ବିହାର । ଏହିଠାରେ "କାହିଁ ସଦା ଚିହ୍ନା ସ୍ନେହ, ପଲକ ପତନ ନୋହି, କାହିଁ ପରକୀୟା ବ୍ୟାଜେ ବୃଦ୍ଧି ରସର ।" ପରକୀୟା ବ୍ୟାଜରେ ରସବୃଦ୍ଧିର ନିତ୍ୟ ବୃନ୍ଦାବନ ହିଁ ବୈଷ୍ଣବଙ୍କ ପକ୍ଷରେ ପରମ ଧାମ । ଏଠାରେ ଯୋଗମାୟାଙ୍କ ପୂର୍ବ ଆଦେଶ ବିନା କେହି ପ୍ରବେଶ କରି ପାରିବେ ନାହିଁ । ଏହି ସ୍ଥାନପ୍ରାପ୍ତି ସାଧନାଲବ୍ଧ । ଦିବ୍ୟ ବୃନ୍ଦାବନ ଶ୍ରୀକୃଷ୍ଣଙ୍କ ତନୁ ସମାନ । ଏହା ବୈକୁଣ୍ଠ ଅପେକ୍ଷା ଶ୍ରେଷ୍ଠ, କାରଣ ବୈକୁଣ୍ଠାଧିପତି ମହାବିଷ୍ଣୁ କୃଷ୍ଣଙ୍କର କଳା ଅଂଶ ବିଶେଷମାତ୍ର । ଏହି ନିତ୍ୟ ଗୋଲକରେ ଅଧିକାର ପାଇବା କଷ୍ଟସାଧ୍ୟ ଅଟେ । ଶ୍ରୀକୃଷ୍ଣଙ୍କ ସଦାଶକ୍ତି ଭଗବତୀ ଯୋଗମାୟାଙ୍କ ଆଜ୍ଞାରେ ତାଙ୍କର ଅଦୃଷ୍ଟ ବିଧାତା ଏହି ଗୋଲକ ଧାମରେ ଅଧିକାର ଦିଅନ୍ତି । ଏଠାରେ ଶ୍ରୀରାଧାକୃଷ୍ଣ ପଦଯୁଗଳ ଦର୍ଶନ, ବୃନ୍ଦାବନ ଧୂଳିରେ ଅବଗାହନ ବୈଷ୍ଣବର ଏକାନ୍ତ କାମ୍ୟ ।

ଅନ୍ୟ ଦେବଦେବୀ ଆରାଧନା : 'ନ ନିନ୍ଦ ନ ବନ୍ଦ'—କୃଷ୍ଣଛଡ଼ା ଅନ୍ୟାନ୍ୟ ଦେବଦେବୀମାନଙ୍କୁ "ନ ନିନ୍ଦ ନ ବନ୍ଦ ବେଦରେ"ପ୍ରଯୁଜ୍ୟ, କାରଣ ସମସ୍ତଙ୍କଠାରେ ଏକ ଈଶ୍ୱରଙ୍କର ଶକ୍ତି ନ୍ୟୂନାଧିକରେ ଅଛି । କିନ୍ତୁ କେବଳ ସର୍ବାଶ୍ରୟ, ନିତ୍ୟତତ୍ତ୍ୱ ଇଷ୍ଟସ୍ୱ କୃଷ୍ଣଙ୍କୁ ନିରନ୍ତରେ ଭଜିବ । ଗଣେଶଙ୍କୁ ଅଗ୍ରପୂଜ୍ୟ ବୋଲି ସ୍ତୁତି ପୂଜା କରିବ । "ଭକ୍ତିରେ ବିଘ୍ନ ନପଡ଼ୁ" ବୋଲି ପ୍ରାର୍ଥନା କରିବ । ଶିବ ବିଷ୍ଣୁ ଅଭିନ୍ନ । ଶିବ ବୈଷ୍ଣବାଗ୍ରଣୀ । ତାଙ୍କ ଚରଣ ବନ୍ଦନା କରିବ । ପ୍ରକୃତି ଭଗବତୀ ଦେବୀ ଦୁର୍ଗା କୃଷ୍ଣଙ୍କ ତାମସ ଶକ୍ତି । କୃଷ୍ଣଙ୍କ ଆଜ୍ଞାରେ ସେ ସଂହାର କରନ୍ତି । ତାଙ୍କୁ ପୂଜା କରିବ । ଶାକ୍ତମାନେ ଛାଗ, ମହିଷି ବଳି ତାଙ୍କୁ ପୂଜା କଲାଭଳି ପୂଜିବ ନାହିଁ । ବୈଷ୍ଣବଙ୍କର ହରି କେବଳ ପ୍ରଭୁ । ତାଙ୍କର ନିର୍ମାଲ୍ୟ ସେବାକରି ବ୍ରଜେନ୍ଦ୍ର ନନ୍ଦନଙ୍କୁ ପାଇବାହିଁ କାମ୍ୟ । ଚନ୍ଦ୍ର, ସୂର୍ଯ୍ୟ ଈଶ୍ୱର ସନ୍ନିଧି; ସେମାନଙ୍କୁ ଅବହେଳା ନ କରିବ । ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ବ୍ରହ୍ମାଣ୍ଡର ଜନ୍ମ, ପାଳନ, ସଂହାରଣ କର୍ତ୍ତା । ଏମାନେ କୃଷ୍ଣଙ୍କର ଅବତାର, ଏହା ଜାଣି ଆଦର କରିବ । ମହାବୈକୁଣ୍ଠରେ ମହାନାରାୟଣ ଲକ୍ଷ୍ମୀଙ୍କ ସହିତ ବିହାର କରୁଛନ୍ତି । ତାଙ୍କର ଶକ୍ତି କୃଷ୍ଣଙ୍କ ସମାନ ହେଲେ ମଧ୍ୟ

ମହାବୈକୁଣ୍ଠ ଲୀଳାରେ ଗୁଣମାଧୁର୍ଯ୍ୟ ନାହିଁ କି ଗୋପୀମାନଙ୍କ ସହିତ ବ୍ରଜେନ୍ଦ୍ର ନନ୍ଦନଙ୍କ ନିତ୍ୟଧାମ ଗୋଲକପୁର ବୃନ୍ଦାବନରେ ନିତ୍ୟବିହାର ନବନବ ରସ ସେଠାରେ ନାହିଁ । ଦ୍ୱାରକାର ଶ୍ରୀକୃଷ୍ଣ ବେଶ ଓ ସ୍ୱଭାବରେ ବୃନ୍ଦାବନ ଶ୍ରୀକୃଷ୍ଣଙ୍କଠାରୁ ଭିନ୍ନ । ଅତଏବ 'ଦ୍ୱାରକା କୃଷ୍ଣ' ବୈଷ୍ଣବର 'ପ୍ରାଣନାଥ' ନୁହନ୍ତି । ସେ ନିଜେ ମଧ୍ୟ ବ୍ରଜଲୀଳା ଦେଖି ମୁଗ୍ଧ ହୋଇଥିଲେ । ଶ୍ରୀରାଧା ଓ ଗୋପୀମାନଙ୍କସହ କୃଷ୍ଣଙ୍କର ବିହାର ଏହି ବୃନ୍ଦାବନ ଗୋଲକ ଧାମର ମହିମା । ଏଠାରେ ବେଦବିଧି ଗୋଚର ନାହିଁ । ସବୁବେଳେ ସୁଧାକରରୁ ସୁଧାଧାର ଧାର ଧାର ହୋଇ ସ୍ରବୁଛି ।

କୃଷ୍ଣ ମହିମା—କୃଷ୍ଣଙ୍କର ମହିମା ଓ ଗୁଣ ଅଶେଷ । ପୂତନା, ଶକଟା, ତୃଣା, ବକା ପ୍ରଭୃତି ଅସୁରମାନଙ୍କୁ ବିନାଶ କଲେ । ଯାମଳାର୍ଜ୍ଜୁନ ଭଞ୍ଜନ କଲେ । କୋଲକୁ ସୁବର୍ଣ୍ଣ କଲେ । ଅନ୍ଧକୁ 'ତୋ ପୁଅ ମାଇଲା' ବୋଲି କହି ତାକୁ ଚକ୍ଷୁଦାନ କଲେ, ଏସବୁ ପ୍ରଭୁଙ୍କର କରୁଣା । ଇନ୍ଦ୍ର ସାତଦିନ ବୃଷ୍ଟି କଲେ; ଗୋବର୍ଦ୍ଧନ ଗିରିକୁ ଟେକି ଗୋକୁଳର ପ୍ରାଣୀମାନଙ୍କୁ କୃଷ୍ଣ ରକ୍ଷା କଲେ । ଇନ୍ଦ୍ର ଶରଣ ପଶିଲେ । ବ୍ରହ୍ମା ଅପରାଧ କଲେ, କୃଷ୍ଣ ତାଙ୍କୁ କ୍ଷମା କଲେ । ଏ ପ୍ରଭୁଙ୍କର କ୍ଷମା ଗୁଣ । ମଥୁରାରୁ ଦ୍ୱାରକା ଯାଇ ସେଠାରେ ବହୁ ରୂପରେ ଲୀଳା କଲେ । ବହୁ ମହିଷୀ ବିବାହ କଲେ । ରାଜାରୂପରେ ଭୋଗ କଲେ । ପାଣ୍ଡବଙ୍କ ମିତ୍ର ହେଲେ । ଏ ମଧ୍ୟ ପ୍ରଭୁଙ୍କର ଦୟାଳୁ ଗୁଣ । କିନ୍ତୁ ଏସବୁ ଲୀଳା ଶୁଣିଲେ ବୈଷ୍ଣବ ମନରେ ରସ ମାଡ଼େ । "ଏ ମହିମାମାନ କହନ୍ତେ ଜନ । ରସ ମାଡ଼ଇ ମୁଁ ହୋଇ ମଉନ ।" କୋଟି କୋଟି ବ୍ରହ୍ମାଣ୍ଡ ତାଙ୍କ ନିଶ୍ୱାସରୁ ଜାତ । ବ୍ରହ୍ମା, ବିଷ୍ଣୁ ଓ ଶିବ ତାଙ୍କଠାରୁ ଜାତ । ମହାବିଷ୍ଣୁ ଆଦି ତାଙ୍କ କଳାରୁ ଜାତ । କୃଷ୍ଣଙ୍କର ରାଧା ଓ ଗୋପୀମାନଙ୍କର ଲୀଳା ଅଲୌକିକ । କୃଷ୍ଣଙ୍କର ଚିତ୍ତଶକ୍ତି ବଶରୁ ତାଙ୍କ ମନରେ 'ମୁଁ ଈଶ୍ୱର' ଏହି ଭାବ ଜାତ ହୁଏ । ତେବେ ସେ ଇଚ୍ଛା କରିବା ମାତ୍ରେ ସମସ୍ତ କାର୍ଯ୍ୟ ସମ୍ପନ୍ନ ହୋଇଯାଏ । ରସାର୍ଥେ ଭଗବାନ ଜୀବତ୍ୱକୁ ଅଙ୍ଗୀକାର କରିଛନ୍ତି । କିଶୋରୀ ରାଧାଙ୍କ ସହିତ ପ୍ରେମଲୀଳା ତାଙ୍କର ବିଶେଷ ମହିମା । ଏହି ମହିମା ଶୁଣି ବୈଷ୍ଣବମାନଙ୍କର ଅନ୍ୟ କୌଣସି ପ୍ରସଙ୍ଗରେ ମନ ରସେ ନାହିଁ ।

ନୂଆ ଗୃହାଣି ନୂଆ ନୂଆ ବେଶ,
ପୁଣି ନୂଆ ଗୃରୁସ୍ତି ନୂଆ ନୂଆ ହାସ ।
ନୂଆ ଇଙ୍ଗିତ ବଚନ ସେ ବସ୍ତୁର,
ପୁଣି ଶ୍ରୋତବ୍ୟ ଦ୍ରଷ୍ଟବ୍ୟ ଯାର ସେ ଧନ୍ୟ । (୧୦ମ ଛାନ୍ଦ)

ବ୍ରଜଲୀଳା ଦ୍ୱାରକା ଲୀଳାଠାରୁ ଉତ୍କୃଷ୍ଟ—ବ୍ରଜର ଶୃଙ୍ଗାର ରସ ପରମ ଆହ୍ଲାଦଦାୟକ ଓ ସ୍ୱର୍ଗୀୟ । ଅନ୍ୟସ୍ଥାନ ଅପେକ୍ଷା ବ୍ରଜର ଶୃଙ୍ଗାର ରସ ସ୍ୱତନ୍ତ୍ର ଧରଣର । ସଂସାରରେ ଶୃଙ୍ଗାର ରସ ନଥାଇ ପରିବାରହିଁ ନାହିଁ । ବୈକୁଣ୍ଠରେ ଲକ୍ଷ୍ମୀ ଓ ନାରାୟଣଙ୍କ ବିହାର, ଦ୍ୱାରକାରେ କୃଷ୍ଣଙ୍କର ମହିଷୀମାନଙ୍କ ସଙ୍ଗେ ବିହାର, ହରପାର୍ବତୀଙ୍କ ବିହାର, ସୀତାରାମଙ୍କ ବିହାର ଶୃଙ୍ଗାର ରସର ହେଲେ ମଧ୍ୟ ତାହା କେବଳ ସମ୍ଭୋଗ ନାମରେ ଖ୍ୟାତ । କିନ୍ତୁ ବ୍ରଜର ଶୃଙ୍ଗାର ନିଷ୍ଠା ଉଚିତ ଏସବୁ ସମାନ ନୁହେଁ ।

ଅଯୋଧ୍ୟାରେ ସୀତା ରାମର, କେହି ନିଷ୍ଠା ବ୍ରଜେ ଶୃଙ୍ଗାର ।
ତୁମ୍ଭଙ୍କୁ ତା ବୁଝାଇ କହି, ଗୋରସ ସ୍ୱାଦୁ ସର୍ବେ କହି ।
ଅଗ୍ନରେ ସ୍ନିଗ୍ଧ ସେ ଅଧାମ, ସେ ସ୍ୱାଦୁ ହିଁ ମୁଁ ଉତ୍ତମ ।
ଗୋପୀ କୃଷ୍ଣ ମଧ୍ୟରେ ରସ, ପାଇ ବିରହାନଳ ଝାସ ।
ହେଉଥାଇ ନାନା ବିକାର, ପଶ୍ଚାତେ ମିଷ୍ଟତା ଅପାର ।
ଆଉ ଯୁଗଳ ମଧ୍ୟେ ରସ, ହେଲେହେଁ ଅସ୍ନିଗ୍ଧତା ଆଶ ।
ଅନ୍ୟ ସ୍ଥାନେ ଯେତେ ଯୁଗଳ, ତହିଁରେ ସମ୍ଭୋଗ କେବଳ ।
(୧୧ଶ ଛାନ୍ଦ)

ପୁଣି ଏସବୁ ସ୍ଥଳରେ ନାୟକମାନେ ଦକ୍ଷିଣ ନାୟକ । କାମଗ୍ରସ୍ତ ପକ୍ଷରେ 'ବାମ୍ୟତା' ସମ୍ଭବ ନୁହେଁ ।

ନାୟକର ଯେ ନିବାରଣ, ତିଣ ତିଣ ପରମ ବାଣ ।
ସ୍ନେହମୂର୍ତ୍ତି ନିର୍ମଳ କରି, ବାନ ବଢ଼ାଇ ଏ ଗୃରୁସ୍ତି ।
ଏ ରୂପ ଭଙ୍ଗି ଏହି ଛବି, କାହୁଁ ଲଭିବେ ଦେବଦେବୀ ।X X
ଅଷ୍ଟନାୟିକା ରସମାନ, ସେଠାରେ କାହିଁ ଉପାର୍ଜ୍ଜନ । (୧୧ଶ ଛାନ୍ଦ)

ଏହି କାରଣରୁ କୃଷ୍ଣ ଦ୍ୱାରକାରେ ଥିଲବେଳେ ମହିଷୀମାନଙ୍କ ସହିତ ବିହାର କରି ସେମାନଙ୍କର ପ୍ରୀତି ଅନୁଭବ କରୁଥିଲେ ମଧ୍ୟ ସେଥିରେ ତାଙ୍କର ମନବୋଧ ହେଉ ନଥିଲା । ସେହିହେତୁ ସେ ନବବୃନ୍ଦାବନ ରଚନା କରି ସେଠାରେ ରାଧାଙ୍କୁ ସ୍ମରଣା କରି କାତରରେ ରୋଦନ କରୁଥିଲେ । ଗୋପୀ-ପିରତି ଅନୁଭବ ଯୋଗୁଁ କୃଷ୍ଣ ନିତି ବ୍ରଜପ୍ରସଙ୍ଗ ପକାଉଥିବାରୁ ମହିଷୀ-ମାନଙ୍କର ସୌଭାଗ୍ୟଗର୍ବ କ୍ରମେ ନାଶ ପାଇବାକୁ ଲାଗିଲା । ରୁକ୍ମିଣୀ ଏ ଭାବ ବୁଝିପାରି ପ୍ରଭୁଙ୍କୁ ଏହିପରି ପ୍ରବୋଧ କଲେ—

ପରସ୍ତ୍ରୀ ସଙ୍ଗେ ବନ ଯାଇ, ଏଣୁ ସ୍ୱ ନାରୀ ନ ରୁଚଇ ।
ଛାଡ଼ି ନ ପାରିଲେ ଅଭ୍ୟାସ, ଆମ୍ଭେ ହୋଇବୁ ସେହି ଆଶ ।
(୧୧ଶ ଛାନ୍ଦ)

ଏହା କହି ନବବୃନ୍ଦାବନ ରଚନା କରି ସେଠାରେ ମହିଷୀମାନଙ୍କୁ ଗୋପୀ ଭାବରେ ପ୍ରେମ କରିବା ପାଇଁ କୃଷ୍ଣଙ୍କୁ କହିଲେ । କୃଷ୍ଣ ଏମାନଙ୍କର ମନୋଗତ ଈର୍ଷାଭାବ ବୁଝିପାରି ସେମାନଙ୍କର ମନୋଭାବ ଯେ କେତେ ନ୍ୟୂନ ଧରଣର ଏବଂ ସେମାନେ ଯେ ଗୋପୀଙ୍କ ପରି ସ୍ୱଚ୍ଛ ନିର୍ମଳ ପ୍ରେମ ଦାନ କରି ପାରିବେ ନାହିଁ ତାହା ପ୍ରମାଣିତ କରି ସେମାନଙ୍କୁ ଦେଖାଇବା ନିମନ୍ତେ ଏହି ପ୍ରସ୍ତାବରେ ସମ୍ମତ ହେଲେ । ନବବୃନ୍ଦାବନରେ କୃଷ୍ଣ ଉପସ୍ଥିତ ହେଲେ । ପୂର୍ବକଳ୍ପିତମତେ କୃଷ୍ଣ ଲୁଚିରହି ଉଚ୍ଚରେ ବଂଶୀବାଦନ କଲେ । ମହିଷୀ-ମାନେ ସେଠାରେ ଗୋପୀମାନଙ୍କ ସଦୃଶ ଉପସ୍ଥିତ ହୋଇ ଲୁଚି ଲୁଚି କୃଷ୍ଣଙ୍କ ସ୍ଥାନକୁ ଯିବାପାଇଁ ବାହାରିଲେ; କିନ୍ତୁ ବହୁ ବିଘ୍ନ ବାଟରେ ପଡ଼ିଲା । ଲୁଚି ବାହାରି ହେଉଁ ହେଉଁ କାହା ଆଗରେ ଶ୍ୱଶୁର, କାହା ଆଗରେ ଦେବର, ଭାଇ, ଭଣଜା, ସୁତ, ନାତି ଦେଖାଦେଲେ । ମହିଷୀମାନେ ଏହା ଦେଖି ବାହୁଡ଼ିଲେ । କୃଷ୍ଣଙ୍କ ମନ କିନ୍ତୁ ବ୍ରଜଲୀଳା ସ୍ମରଣରେ ତନ୍ମୟ ରହିଲା ।

ସମସ୍ତ ରାତି କୃଷ୍ଣ ତହିଁ, ମୁରଲୀ ବଜାଇ ବଜାଇ ।
ରୋଦନ କରି କରିଥିଲେ, ହା ବ୍ରଜ ! ହା ବ୍ରଜ ! ବୋଇଲେ ।
କପାଳେ ମାରିଣ ଶ୍ରୀକର, ଦୁଃଖେ ମିଳିଲେ ନିଜ ପୁର ।

ଏଥିରେ ମହର୍ଷୀମାନେ ନିଜ ଭ୍ରମ ବୁଝି ପାରିଲେ । ସେମାନେ ପ୍ରକୃତ କନ୍ଦର୍ପ ପୀଡ଼ାରେ ସମ୍ଭୋଗ କରି ବହୁ ସନ୍ତାନ ଲାଭ କରିଛନ୍ତି । କିନ୍ତୁ ବ୍ରଜରେ ପ୍ରାକୃତ କନ୍ଦର୍ପର ଅଧିକାର ନାହିଁ । ସେଠାରେ ସେ ଚିନ୍ମୟ ଅନଙ୍ଗ । ପ୍ରାକୃତ ନରସୁରସୁରମାନେ ଏହା ଜାଣି ପାରିବେ ନାହିଁ । ଏହି ଅପ୍ରାକୃତ ପ୍ରେମରେ ପ୍ରତ୍ୟେକ ପ୍ରତ୍ୟଙ୍ଗ ଲକ୍ଷଣରେ ସହାୟକ ହୁଅନ୍ତି । ନୟନ, ନାସିକା, ଭ୍ରୂଲତା, ଓଷ୍ଠ, ପାଦାଙ୍ଗୁଷ୍ଠି ଏଥିରେ ସହାୟକ ହୁଅନ୍ତି । ଏହି ପ୍ରେମରେ ପ୍ରେମିକ ପ୍ରେମିକାଙ୍କ ଭିତରେ ଯେଉଁ ବିବିଧ ଚେଷ୍ଟା ପ୍ରକାଶିତ ହୁଏ ତାହା ଅନ୍ୟ ସ୍ଥାନରେ ମିଳେନାହିଁ ।

ସହି ପ୍ରତ୍ୟଙ୍ଗ ଜଣେ ଜଣେ, ସହାୟ ହୁଅନ୍ତି ଲକ୍ଷଣେ ।
ନୟନ ଦୃଷ୍ଟିପଣ କରେ, ନାନାବିଧ ଚେଷ୍ଟାକୁ ଆଚରେ ।
କୁଞ୍ଚିତ ଛକିତ ମୁଦ୍ରିତ, ପ୍ରସାରି ଚକିତ ଘୂର୍ଣ୍ଣିତ ।
କେତେବେଳେ ବକ୍ରେ ଚଳନ, ଲଳିଟପଟେ ବା ମିଳନ ।

ସଙ୍କେତ ସ୍ଥାନମାନଙ୍କୁ ହିଁ, କେହି ନ ଯାଉ ଆଗେ ଯାଇ ।
ଦୃଷ୍ଟାନ୍ତର କଥା ବୁଝାଇ, ଅବା ତିରସ୍କାର କରଇ ।
ଯାହାର ଚାକୁ ଦୈନ୍ୟ ନେଇ, ପାଦ ପଙ୍କଜେ ପ୍ରଣମାଇ ।
ଆଣ ଯେଉଁ ପ୍ରିୟ ଜନରେ, ମିଳାଇ ଅଙ୍ଗ ସଙ୍ଗତରେ ।

ନାସିକା ଫୁଲି ଉଠୁଥାଇ, ଗାମ୍ଭୀର୍ଯ୍ୟ ଜନ ପ୍ରାୟ ହୋଇ ।
ଭ୍ରୂଲତା ଥାଇ ତାର ସଙ୍ଗେ, ଆନନ୍ଦେ ନାଚେ ନବରଙ୍ଗେ ।
ଅନୁରାଗ ଚେଷ୍ଟା ପ୍ରସଙ୍ଗେ, ଶ୍ରବଣ ଝୁଲେ ଶିର ସଙ୍ଗେ ।
ଓଷ୍ଠର ଏହି ଉପାସନ, ହାହା ମନ୍ତ୍ର ସଦା ପଠନ ।

ଚମକି ଉଠୁଥାଇ ହୃଦ, ପର ଦୁଃଖେ ପାଇ ବିଷାଦ ।
କରକଣ୍ଠ କୁଣ୍ଡଳ ପରି, ହେଉଥାଇ କେତେ ଗୁରୁଷି ।
ପାଦାଙ୍ଗୁଷ୍ଠି ଲେଖନକାରି, କି ଗତି ଜାଣୁଥାନ୍ତି ତାରି ।
ଏ ଅପରୂପ ଚେଷ୍ଟାମାନ, କେହି (କାହିଁ) ମିଳିବ ଅନ୍ୟ ସ୍ଥାନ ।

(୧୧ଶ ଛନ୍ଦ)

ବ୍ରଜର ବେଶ ଓ ଚିହ୍ନମାନ ଅନୁଭବୀ ବିନା ଅନ୍ୟ କେହି ବୁଝି ପାରିବ ନାହିଁ । ଖଗୁକ ବୈଷ୍ଣବ କବି ଅତି ମନୋରମ ପଦାବଳିରେ କହିଛନ୍ତି—

ସ୍ଥଳକମଳ କେବେ କାହିଁ, ଶିଖୀ ଚନ୍ଦ୍ରିକ ନ୍ଦେଇଥାଇ ।
ପୁଣି ନୀଳନଳିନ ନୀର, ମୃଣାଳେ ବନ୍ଧା ବନ୍ଦୀସାର ।
ପୁଣି ହରି ସଙ୍ଗରେ ହରି, ପ୍ରଗାତ ଯେଉଁଷ୍ଠେ ଖୀରିବାରି ।
ଘନ ଯେବେ ଘୋଟି ରହଇ, ବିଜୁଳି ଚହଟି ଉଠଇ ।

ପଙ୍କଜ ପାଇଣ ଭ୍ରମର, କରେ ନାନା ବିଧାନେ ସ୍ୱର ।
କାହା ଖିଲେ ଊନବିଂଶତି, ପ୍ରକାର ଯାବକ ଆକୃତି ।

ନାଗବଲ୍ଲୀ ରସ କପାଳେ, ଗଣ୍ଡେ କାହାର ଆଇ ହେଲେ ।
ଅନେକ ଉଙ୍ଗ ଚନ୍ଦ୍ର ଗୁହିଁ, ବହୁ ଚକୋର ସୁଖ ପାଇ ।
ପରବାସେ ଆଦର କରି, ବୋଲି କେତେ କୋକିଳ ସ୍ୱର ।

"ମୋ କଣ୍ଠ ଏମନ୍ତ ହୋଇବ, ଏ ବାଣୀ ସଙ୍ଗେ କି ମିଶିବ ।" ପ୍ରତ୍ୟେକ ବୈଷ୍ଣବର ହୃଦୟରେ ଏହି ଆଶାର ସଞ୍ଚାର ହୋଇଥାଏ ।

ଗଣ ନିର୍ଣ୍ଣୟ—ଗଣନିଷ୍ଠା ଗ୍ରନ୍ଥରେ (୧୬ଶ ଛାନ୍ଦ) କବି କହିଛନ୍ତି—ଗୋପୀ, ମହିଷୀ ଓ ଲକ୍ଷ୍ମୀଗଣ—ଏ ତିନି ପ୍ରକାର କୃଷ୍ଣଙ୍କର ପ୍ରିୟଗଣ । ଏମାନେ ପୁଣି ଦେବକନ୍ୟା, ବେଦକନ୍ୟା ଓ ମୁନିକନ୍ୟା ଭେଦରେ ମଧ୍ୟ ତିନି ପ୍ରକାର । ଏମାନେ ସମସ୍ତେ ସାଧନାଦ୍ୱାରା ସାଧନସିଦ୍ଧା । କିନ୍ତୁ ଗୋପୀକନ୍ୟାମାନେ ନିତ୍ୟସିଦ୍ଧା । କୃଷ୍ଣ ଆପେ ସଖାସଖୀ ହୋଇ ପ୍ରକଟାପ୍ରକଟରେ ବ୍ରଜରେ ଲୀଳା କରନ୍ତି । କୃଷ୍ଣ ଗୋପୀମାନଙ୍କୁ ଭକ୍ତଶିରୋମଣି ବୋଲି କହିଛନ୍ତି । କୃଷ୍ଣଙ୍କ ମାୟାରେ ସମସ୍ତେ ମୋହିତ, କିନ୍ତୁ ଗୋପୀ-ମାୟାରେ କୃଷ୍ଣଙ୍କ ଚିତ୍ତଗ୍ରସ୍ତ । ସେ ଗୋପୀମାନଙ୍କର ପ୍ରେମକୁ ସୁଝି ନପାରି ନିଜେ ସେମାନଙ୍କଠାରେ ବିକ୍ରୀତ ହୋଇପଡ଼ିଲେ । ଏହି ଗୋପୀମାନଙ୍କ ଭିତରେ ଅଷ୍ଟଯୂଥେଶ୍ୱରୀ ଶ୍ରେଷ୍ଠ । ଏମାନଙ୍କ ଭିତରେ ଚନ୍ଦ୍ରାବଳୀ ଓ ରାଧା

ସର୍ବଶ୍ରେଷ୍ଠ । ଏମାନଙ୍କ ମଧ୍ୟରେ ରାଧା କୃଷ୍ଣଙ୍କର ପ୍ରାଣାଧିକା ଓ ତାଙ୍କ ପ୍ରେମରେ କୃଷ୍ଣ ବନ୍ଦୀ । ରାଧାଙ୍କଠାରେ ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ, ସୌଭାଗ୍ୟ ଓ ବୈଦୁର୍ଯ୍ୟ—ଏ ଚତୁର୍ବିଧ ମାଧୁର୍ଯ୍ୟ ବିଦ୍ୟମାନ । ତାଙ୍କର ନେତ୍ରାନ୍ତପାତ ଇଚ୍ଛାକରି କୃଷ୍ଣ ଚତୁର୍ଦ୍ଦିଗରେ ଭ୍ରମଣ କରୁଛନ୍ତି । ତାଙ୍କର ବିରହ ଜ୍ୱରରେ ଦେହକୁ ପର୍ବତରୁ ଖରକର ଭୂମିରେ ଲୋଟୁଛନ୍ତି । ରାଧା ସଦାନୁଭାବ ସାତ୍ତ୍ୱିକ ରସରେ ପୂର୍ଣ୍ଣ । ଲଳିତାଦି ସଖୀମାନେ ଧର୍ମ ସମସ୍ତ ଅନୁରୂପରେ ରାଧାକୃଷ୍ଣଙ୍କର ମାନଭଞ୍ଜନ କରାନ୍ତି, ମିଳନର ସହାୟକ ହୁଅନ୍ତି । କୁଞ୍ଜରେ ସମ୍ଭୋଗବେଳେ ଦୁହିଁଙ୍କ ତୃପ୍ତି ହୁଏନାହିଁ । ଉଭୟଙ୍କର ନାସାସ୍ପର୍ଶ ମନ୍ତ୍ର ପାସୋର ହୋଇଯାଏ ।

ରାଧିକାଙ୍କର ସଖୀଗଣ ପାଞ୍ଚ ପ୍ରକାର । ଏମାନଙ୍କ ମଧ୍ୟରେ କନିଷ୍ଠ ଯେ ରୂପମଞ୍ଜରୀ ଯାହାକୁ କୃପା କରିବେ ତାହା ହାତମୁଠାରେ କୃଷ୍ଣ ଅଛନ୍ତି, ଏହା ନିଶ୍ଚିତ । "ପ୍ରଣାଳୀଗଣ ପଛରେ ଗୁରୁରୂପା ଆଜ୍ଞା କାର୍ଯ୍ୟ କରିଥିବ ।"

ଚୌରଚନ୍ଦ୍ରାମଣି

ଚବିଶଟି ଛାନ୍ଦରେ ସଦାନନ୍ଦ 'ଚୌରଚନ୍ଦ୍ରାମଣି' କାବ୍ୟଟି ରଚନା କରିଛନ୍ତି । ଛାନ୍ଦଗୁଡ଼ିକ ଶ୍ରେଷ୍ଠ ନୁହେଁ, କେତୋଟି ଛାନ୍ଦରେ ଶତାଧିକ ପଦ ଥିବା ଦେଖାଯାଏ । କବି ଗ୍ରନ୍ଥାରମ୍ଭରେ ପରମକାରଣ ନନ୍ଦନନ୍ଦନଙ୍କୁ ବନ୍ଦନା କରି ରାଧିକା ତାଙ୍କ ନିଜ ଶକ୍ତି ଥିବା କହିଛନ୍ତି । ନିଜଶକ୍ତି ରାଧିକାଙ୍କ ସହ ତାଙ୍କର ଲୀଳାକୁ ଏହି ଭାବରେ କବି ସୁଝାଇଛନ୍ତି ।

ଆଶ୍ରୟାଲମ୍ବନ ରାଧା ବିଷୟାଲମ୍ବନ,
ପଞ୍ଚ ମାଧୁର୍ଯ୍ୟେ ରାଧା ପଞ୍ଚେନ୍ଦ୍ରିୟ ଲୋଭନ ।
ରୂପ ଶବ୍ଦ ରସ ସ୍ପର୍ଶ ଗନ୍ଧ ଏ ବିଷୟେ,
ରାଧା ନେତ୍ର କର୍ଣ୍ଣ ଜିହ୍ୱା ବକ୍ଷ ନାସାଶ୍ରୟେ ।

'ତଦନୁଗତ' ମାନଙ୍କର ଏହିପରି ଚେଷ୍ଟା ହୁଏ । ଏହିହେତୁ କୃଷ୍ଣରାଧା ଲୀଳା ତଦନୁଗତମାନଙ୍କ ଆନନ୍ଦ ବୃଦ୍ଧି କରେ । ତହିଁରୁ କିଛି ପ୍ରକାଶିବା ପାଇଁ ମନକରି କବି ଏ ଗ୍ରନ୍ଥ ରଚନା ଆରମ୍ଭ କରିଛନ୍ତି ।

କାବ୍ୟର ନାମ ଓ ଗ୍ରନ୍ଥଗତ ସମ୍ପର୍କରେ କବି କହିଛନ୍ତି ଯେ ପ୍ରତ୍ୟେକ ଗ୍ରନ୍ଥରେ ରୂପ, ବେଶ, ଅନୁରାଗବାଣୀ, ଦୂତୀ, ଅଭିସାର ଓ ମିଳନ ରହିଛି । ପ୍ରତିଷ୍ଠାନ୍ୱିତ କବି ଓ ଶକ୍ତିଶାଳୀ କବି ମଧ୍ୟରେ ବିଦ୍ୟମାନ ଥିବା ପ୍ରତିଭଦକ୍ଷ କବି ବର୍ଣ୍ଣନା କରି ନିଜକୁ ପ୍ରଥମ ଶ୍ରେଣୀରେ ଅନ୍ତର୍ଭୁକ୍ତ କରିଥିବାର ଅନୁମାନ କରାଯାଏ । ସମସାମୟିକ ପ୍ରତିଷ୍ଠାନ କବିମାନେ ସଦାନନ୍ଦଙ୍କ "କବିତା-ଚେଷ୍ଟା ଚୋରିକରି, କେତେ ମୋତେ ଶୁଣାନ୍ତି ସଙ୍କୋଚ ଗ୍ରାସ କରି ।" କବି ଏହି ପ୍ରତିଷ୍ଠାନ 'ଚୋର କବି'ଙ୍କୁ ଗୁଣହୀନ ଗ୍ରାହକ ଙ୍କ ସହିତ ସମାନ କରିଛନ୍ତି । ଏହି କାରଣରୁ ତାଙ୍କ ମନରେ 'କ୍ରୋଧ' ଜାତ ହେବାରୁ 'ସେ ଚୋରଚିନ୍ତାମଣି' ରଚନା କଲେ । ସେ କହିଛନ୍ତି—

ସୁରସ ଚୌର୍ଯ୍ୟ ଲକ୍ଷଣ ଘେନନ୍ତେ ସମତା,
ବୁଝିଲେ ସେ ଯାହା ମୁଁ ଆଚରିବି ତେବେ ତା ।
ବିସୃରିଲ୍ ମହାଜନ ଘରେ ବହୁ ଧନ,
ତାହା ଚୋର କଲେ ସିନା ସୁଖେ ନେବ ଜନ ।

ପୂର୍ବରୁ ଚଣ୍ଡୀଦାସ, ବିଦ୍ୟାପତି, ରାୟ ରାମାନନ୍ଦ, ଜୟଦେବ, ମନୋହର ଦାସ, ଗୋବିନ୍ଦ ଦାସ, ଅନନ୍ତ ଦାସ ଓ ଜ୍ଞାନ ଦାସ ଆଦି ଭକ୍ତକବିମାନେ 'ପ୍ରୀତି ଚିନ୍ତାମଣି' ପାଇଛନ୍ତି । କୃଷ୍ଣ "ଏକ, ସେ ଅନନ୍ତ ଚେଷ୍ଟା ଧରିଛନ୍ତି ।" ଏସବୁ ଗୌରଚନ୍ଦ୍ର 'ଆସ୍ୱାଦନ' କରିଛନ୍ତି ।

ନାମ ଚିନ୍ତାମଣି ରୂପେ ପ୍ରୀତି ଚିନ୍ତାମଣି,
ଆପଣା ରସ ଆପଣେ ଆସ୍ୱାଦିଲେ ପୁଣି । (୧ମ ଗ୍ରନ୍ଥ)

କବି ନାମଚିନ୍ତାମଣି ନାମକ ଗ୍ରନ୍ଥ ଓ ପ୍ରୀତିଚିନ୍ତାମଣି ନାମକ ଚଉତିଶା ରଚନା କରି ଏହି ନାମର ସ୍ଥାୟିତ୍ୱ ଦିଗରେ ଉଦ୍ୟମ କରିଛନ୍ତି । ବର୍ତ୍ତମାନ ଚୌରଙ୍କ ସୁରସ-ଆସ୍ୱାଦନ ସମ୍ବଳିତ ଏହି 'ଚୌରଚିନ୍ତାମଣି' ଗ୍ରନ୍ଥ ରଚନା କରିଛନ୍ତି ।

କବିଙ୍କ ମନରେ ସନ୍ଦେହ ହୋଇଛି ଯେ ଅରସିକ ଗ୍ରାହକ ଓ ଅବୁଝ-ପଣ୍ଡିତମାନେ ଏହାର ମର୍ମକୁ ସମ୍ୟକ୍ ଭାବରେ ଗ୍ରହଣ ନ କରି ଉପହାସ କରିବେ ।

କିନ୍ତୁ 'ଗୁରୁଦତ୍ତ ସିଦ୍ଧ ଦେହ' ରସିକ ପକ୍ଷରେ ଏହା ହୃଦୟଙ୍ଗମ କରିବା ସହଜ । ଭବିଷ୍ୟତ ଉପହାସ ଓ ଅସଦ୍‌ବ୍ୟବହାରର ଆଶଙ୍କା କରି କବି ବ୍ରଜପନ୍ଥୀଙ୍କ ବିନା ଅନ୍ୟ କାହାକୁ ଏ ଗ୍ରନ୍ଥ ନ ଦେଖାଇବା ପାଇଁ ନିଷେଧ କରିଛନ୍ତି ।

ଗୁରୁଦତ୍ତ ସିଦ୍ଧ ଦେହ ଆରୋପଣେ ରସି,
ଶ୍ରବଣ କର ଏ ଗ୍ରନ୍ଥ ହୋଇ ବ୍ରଜବାସୀ ।
ବ୍ରଜ ଉପାସକ ବିନା ନ ଶୁଣିବେ ଆନ,
ଏ ବିଷୟେ ସର୍ବଦା ହୋଇବ ସାବଧାନ । (୯ମ ଛାନ୍ଦ)

ଇଷ୍ଟଗୋଷ୍ଠୀରେ ଗୌରଚନ୍ଦ୍ର ଓ ଗଦାଧର କୃଷ୍ଣ-ରାଧା ମାଧୁର୍ଯ୍ୟର ଲୀଳାରସ ଆସ୍ୱାଦନ କରି ନିଜେ କିପରି ତନ୍ମୟ ହୋଇ ଯାଉଥିଲେ ଏବଂ ଚୈତନ୍ୟଙ୍କ ଦେହରେ ଯୁଗଳ ପ୍ରେମ ଚେଷ୍ଟା କିପରି ଜାଗ୍ରତ ହେଉଥିଲା ତାହା ବର୍ଣ୍ଣନା କରିଛନ୍ତି ।

କବି ଗୌରାଙ୍ଗ-ଗଦାଧର-ପ୍ରେମଚେଷ୍ଟା ବର୍ଣ୍ଣନା କରି ଅତି ଉଚ୍ଚତାତ୍ତ୍ୱିକ ବ୍ୟାଖ୍ୟା କରିଥିଲେ ମଧ୍ୟ ଅନ୍ୟମାନଙ୍କ ପକ୍ଷେ ତାହା ସମ୍ୟକ୍ ହୃଦୟଙ୍ଗମ ହେବାର ସମ୍ଭାବନା ନାହିଁ । କବିଙ୍କ ସନ୍ଦେହ ଓ ସାବଧାନ ବାଣୀ ଯଥାର୍ଥ ହୋଇଛି; କେବଳ ଇଷ୍ଟଗୋଷ୍ଠୀ ନିମନ୍ତେ ଏହା ଉଦ୍ଦିଷ୍ଟ । ଶାକ୍ତମାନଙ୍କ 'ଭୈରବଚକ୍ର' ସହିତ ଏହା ତୁଳନୀୟ ।

ଉପସଂହାର—ସଦାନନ୍ଦ ନିଜ ନାମରେ ଓ ବେନାମୀରେ ବହୁ କାବ୍ୟ ଓ କବିତା ଲେଖିଥିଲେ । ପୃଷ୍ଠପୋଷକମାନଙ୍କ ନାମରେ 'ପେଟବିକଳି' ସଦାନନ୍ଦ କାବ୍ୟ କବିତାଦି ରଚନା କରି ପେଟ ପୋଷିଥିବା ସ୍ପଷ୍ଟ । ତାଙ୍କର ଜୀବନକାଳରେ 'ଚୌର ଚନ୍ଦ୍ରାମଣି' ଲେଖା ସମସ୍ତଙ୍କୁ ତାଙ୍କ ବେନାମୀ ରଚନାଗୁଡ଼ିକ 'ବେନାମଦାର' ମାନେ ତାଙ୍କ ଅଗରେ ପାଠକରି ତାଙ୍କଠାରୁ ପ୍ରଶଂସା ପାଇବା ପାଇଁ ଚେଷ୍ଟା କରୁଥିବା ପ୍ରସଙ୍ଗ କବି ସ୍ପଷ୍ଟଭାବରେ ଚୌର ଚନ୍ଦ୍ରାମଣିରେ ପ୍ରକାଶ କରିଛନ୍ତି ।

ସଦାନନ୍ଦଙ୍କ ରଚନାଗୁଡ଼ିକୁ ବିଷୟବସ୍ତୁ ଭିତ୍ତିରେ ଏହି ପ୍ରକାର ବିଭାଗ କରାଯାଇ ପାରେ ।

(୧) ପ୍ରେମ କାବ୍ୟ—(କ) କାଳ୍ପନିକ କାବ୍ୟ, (ଖ) ପୌରାଣିକ
(୨) ସାମ୍ପ୍ରଦାୟିକ ଦର୍ଶନ ଶାସ୍ତ୍ର
(୩) କ୍ଷୁଦ୍ର ରଚନାବଳୀ

ସଦାନନ୍ଦଙ୍କ କାଳ୍ପନିକ ଓ କୃଷ୍ଣଲୀଳା ବିଷୟକ କାବ୍ୟମାନ ପରଂପରା ପ୍ରଚଳିତ କଥାବସ୍ତୁ ପ୍ରଣାଳୀକୁ ଅନୁସରଣ କରିଛନ୍ତି । ନାୟକ-ନାୟିକାଙ୍କ ପୂର୍ବଜନ୍ମ ବୃତ୍ତାନ୍ତ, ରାଜକୁଟୁମ୍ବରେ ଜନ୍ମ, ସୌନ୍ଦର୍ଯ୍ୟର ପ୍ରଶଂସା ଶ୍ରବଣ କରି ଓ ଚିତ୍ରପଟରେ ସୁନ୍ଦର ରୂପ ଦେଖି ପରସ୍ପର ପ୍ରତି ଆକୃଷ୍ଟ ହେବା, ପୂର୍ବରାଗ, ବିରହ, ମିଳନ ପ୍ରଭୃତି ସ୍ଥୂଳଧାରା କବି ରକ୍ଷା କରିଛନ୍ତି । କାଳ୍ପନିକ କାବ୍ୟରେ ସ୍ୱୟମ୍ବରର ବ୍ୟବସ୍ଥା ମଧ୍ୟ କରିଛନ୍ତି । କବି ଅଳଙ୍କାର ଶାସ୍ତ୍ରାନୁମୋଦିତ ବହୁ ଅଳଙ୍କାରର ବ୍ୟବହାର କରିଛନ୍ତି ଏବଂ ସ୍ଥାନେ ସ୍ଥାନେ କେତେକ ଅଳଙ୍କାରର ଲକ୍ଷଣ ନିର୍ଦ୍ଦେଶ କରି ବିଷୟାନୁକୂଳ ଦୃଷ୍ଟାନ୍ତ ମଧ୍ୟ ଦେଇଛନ୍ତି ।

କବି ମୁଖ୍ୟତଃ ରାଧାକୃଷ୍ଣଙ୍କ ମାଧୁର୍ଯ୍ୟଲୀଳାର ପ୍ରଚାରକ ଓ ଏକାନ୍ତ ଭକ୍ତ ଥିବାରୁ କାଳ୍ପନିକ କାବ୍ୟମାନଙ୍କୁ ମଧ୍ୟ ରାଧାକୃଷ୍ଣ ପ୍ରଭାବରୁ ମୁକ୍ତ କରି ନାହାନ୍ତି । ସମ୍ପୂର୍ଣ୍ଣ ପ୍ରାସଙ୍ଗିକ ନ ହେଲେ ମଧ୍ୟ ଲୀଳାଚେତନା ଓ ପ୍ରେମକଳ୍ପନାରେ ନାୟକ ଓ ନାୟିକାମାନଙ୍କ ପୂର୍ବଜନ୍ମ ବୃତ୍ତାନ୍ତରେ ରାଧା-କୃଷ୍ଣଙ୍କ ସମ୍ପର୍କ ଦେଖାଇଛନ୍ତି ଏବଂ କାବ୍ୟର ନାୟକନାୟିକାଙ୍କ ପିତାମାତା ଓ ଅନ୍ୟାନ୍ୟ କେତେକ ପାତ୍ରଙ୍କୁ ପରମ ବୈଷ୍ଣବ ଥିବା ଉଲ୍ଲେଖ କରିଛନ୍ତି । ଜଣେ ରାଜାଙ୍କୁ ବୃଦ୍ଧାବସ୍ଥା ଉପଗତ ହୁଅନ୍ତେ ସସ୍ତ୍ରୀକ ବୃନ୍ଦାବନ ବାସ କରାଇଛନ୍ତି ।

ରାଧାକୃଷ୍ଣ ଲୀଳା—କାବ୍ୟମାନଙ୍କରେ କବି ପ୍ରସଙ୍ଗାନୁକୂଳ ଲୀଳାତତ୍ତ୍ୱ ବ୍ୟାଖ୍ୟାକରି ସେଥିପ୍ରତି ରସଗ୍ରାହକ ପାଠକମାନଙ୍କ ମନ ଆକର୍ଷଣ କରିଛନ୍ତି । ଓଡ଼ିଶାରେ ରସତତ୍ତ୍ୱ ବା ମାଧୁର୍ଯ୍ୟଲୀଳାତତ୍ତ୍ୱପନ୍ଥୀ କବିମାନଙ୍କ ଭିତରେ ସଦାନନ୍ଦ ଅଗ୍ରଣୀ ।

ସବୁ କାବ୍ୟ ଆଦିରସାପ୍ଲୁତ ଥିବାରୁ କବି ନାୟକନାୟିକାମାନଙ୍କର ଯୌବନାବସ୍ଥାର କାର୍ଯ୍ୟକଳାପକୁ ବିଶିଷ୍ଟ ସ୍ଥାନ ଦେଇଛନ୍ତି । କୈଶୋର ଓ ଯୌବନାବସ୍ଥାର ଅଳ୍ପ କେତେକ ବର୍ଷର ପ୍ରେମକାହାଣୀହିଁ ବିବୃତ ହୋଇଛି । କାରଣ, 'ପ୍ରେମୋନ୍ମତ୍ତ' ଅବସ୍ଥା ଏହି ଅଳ୍ପ ସମୟ ମଧ୍ୟରେ ମାନବଜୀବନରେ ସାଧାରଣତଃ ଦେଖାଯାଇଥାଏ; ପରେ ଜୀବନ ଜଞ୍ଜାଳ ପ୍ରେମିକପ୍ରେମିକାଙ୍କୁ ବାସ୍ତବ ଭୂମି ଉପରେ ଦଣ୍ଡାୟମାନ ହେବାକୁ ହୁଏ; ସାଂସାରିକ ଜୀବନଯାପନ କରି ଉପଯୁକ୍ତ ଗୃହସ୍ଥ ହେବାକୁ ହୁଏ ।

ଓଡ଼ିଶାର ପୂର୍ବବର୍ତ୍ତୀ ରାଧା-କୃଷ୍ଣ ଲୀଳା ରଚୟିତାମାନଙ୍କ ଠାରୁ ସଦାନନ୍ଦ କିଛି 'ଭାବ' ସଂଗ୍ରହ କରିଥିବା ଜଣା ଯାଉ ନଥିଲେ ମଧ୍ୟ ଅଳଙ୍କାର ପ୍ରୟୋଗ ପ୍ରଭୃତି କେତେକ ବିଷୟରେ ଦୀନକୃଷ୍ଣ, ଉପେନ୍ଦ୍ରଙ୍କ କୃତିମାନଙ୍କୁ ଆଦର୍ଶ କରି ଗ୍ରହଣ କରିଥିବା ଜଣାଯାଏ; ଅଳଙ୍କାର ପ୍ରୟୋଗର ଦୃଷ୍ଟାନ୍ତରେ ଭାଷା ଓ ଭାବଗତ ସାମ୍ୟର ଅବସ୍ଥିତି ହିଁ ଏହାର ପ୍ରମାଣ ।

ସଦାନନ୍ଦଙ୍କ ରଚନାମାନଙ୍କୁ ବିଷୟବସ୍ତୁ ଅନୁସାରେ ସ୍ଥୂଳତଃ ଏପରି ଭାବରେ ବିଭକ୍ତ କରାଯାଇ ପାରେ—

(୧) ଶୃଙ୍ଗାର ରସାଶ୍ରିତ; ଯଥା:—ଲଳିତଲୋଚନା, ଯୁଗଳ ରସାମୃତ ଲହରୀ, ପ୍ରେମ କଳ୍ପଲତା, ପ୍ରେମତରଙ୍ଗିଣୀ ପ୍ରଭୃତି ।

(୨) ତତ୍ତ୍ୱବୋଧକ; ଯଥା:—ନିଷ୍ଠାନୀଳମଣି, ନାମ ଚିନ୍ତାମଣି ପ୍ରଭୃତି ।

(୩) ଜୀବନୀ; ଯଥା :—ବିଶ୍ୱମ୍ଭର ବିହାର, ଚୌର ଚିନ୍ତାମଣି ।

(୪) ଅନୁବାଦ ଗ୍ରନ୍ଥ—ବ୍ରଜଲୀଳାମୃତ ସମୁଦ୍ର (ବଙ୍ଗଳାରୁ) ।

ପୁଣି ଶୃଙ୍ଗାର ରସାଶ୍ରିତ ରଚନାକୁ (କ) କୃଷ୍ଣଲୀଳା ସମ୍ବନ୍ଧୀୟ ଯୁଗଳ ପ୍ରେମରସାଶ୍ରିତ (ଖ) କାଳ୍ପନିକ—ଏପରି ବିଭାଗ କରାଯାଇପାରେ ।

ଶୃଙ୍ଗାର ରସର କାଳ୍ପନିକ କାବ୍ୟ ଭିତରେ 'ଲଳିତଲୋଚନା' ଓ 'ମୋହନ କଳ୍ପଲତା' ପ୍ରଧାନ । ଶ୍ରୀକୃଷ୍ଣ ଲୀଳା ବିଷୟକ ମାଧୁର୍ଯ୍ୟରସର କାବ୍ୟମାନଙ୍କ ଭିତରେ 'ଯୁଗଳରସାମୃତ ଲହରୀ' ପ୍ରଧାନ ।

କବିଙ୍କର ମୁଦ୍ରିତ ଓ ଅମୁଦ୍ରିତ ବହୁ ଗ୍ରନ୍ଥ ବର୍ତ୍ତମାନ ଦୁଷ୍ପ୍ରାପ୍ୟ ହୋଇ-ଥିବାରୁ ଆଲୋଚନାରେ ବହୁ ଅସୁବିଧା ଉପୁଜୁଛି । କବିପ୍ରଦତ୍ତ ଗ୍ରନ୍ଥସୂଚୀରୁ ଅନେକ ରଚନା ମୁଁ (ଲେଖକ) ବହୁ ଚେଷ୍ଟାକରି ମଧ୍ୟ ଦେଖି ନାହିଁ । ବହୁ ବର୍ଷ ତଳେ କେତୋଟି ଅପ୍ରକାଶିତ ଗ୍ରନ୍ଥ ପୋଥି ଆକାରରେ ଦେଖିଥିଲି ଏବଂ ସେଗୁଡ଼ିକର ପରିଚୟ ତତ୍କାଳୀନ ମାସିକ ପତ୍ରିକା 'ସହକାର' ଓ 'ନବଭାରତ'ରେ ପ୍ରକାଶ କରିଥିଲି । ବର୍ତ୍ତମାନ ଏ ନିବନ୍ଧରେ ସେଗୁଡ଼ିକର ସାହାଯ୍ୟ ନେଉଛି । 'ଲଳିତଲୋଚନା' ଓ 'ମୋହନ କଳ୍ପଲତା' କାବ୍ୟ ପାଣ୍ଡୁଲିପିର ସାହାଯ୍ୟ ନେଉଛି । ଯୁଗଳ ରସାମୃତ ଲହରୀ, ପ୍ରେମତରଙ୍ଗିଣୀ, ଚୌର ଚିନ୍ତାମଣି, ନାମ ଚିନ୍ତାମଣି, ନିଷ୍କାମାଳମଣି, ପ୍ରେମ କଳ୍ପଲତା, ପ୍ରେମ-ଚିନ୍ତାମଣି ଚୌତିଶା ପ୍ରଭୃତି କେତୋଟି ମୁଦ୍ରିତ ଗ୍ରନ୍ଥ ନିବନ୍ଧରେ ବ୍ୟବହୃତ ହୋଇଛି ।

ସଦାନନ୍ଦଙ୍କ ରଚନାଶୈଳୀରେ ବିଶେଷତ୍ୱ—ସଦାନନ୍ଦ ପାଠକମାନଙ୍କ ଉପରେ ବିଶ୍ୱାସ ସ୍ଥାପନକରି ଆପଣାର କରି ନେଇଛନ୍ତି ଏବଂ ରସ-ଅନୁଭବୀ କରି ପାରିଛନ୍ତି । ପାଠକଙ୍କ ମନକୁ ରସନ୍ମୁଖୀ କରିବା ପାଇଁ ରସିକଗ୍ରାହକ, ରସିକ, ରସିକବର, ପଣ୍ଡିତ, ସୁଜନ, ଉଜ୍ଜ୍ୱଳରସ ଗ୍ରାହକ, ସୁବୁଦ୍ଧି, କବି, ସାଧୁଜନ, ଚତୁର, ବିଦୂଷ, କୋବିଦ, ଧୀର ପ୍ରଭୃତି ସମ୍ମାନସୂଚକ ପଦ ବ୍ୟବହାର କରିଛନ୍ତି । ପାଠକମାନଙ୍କୁ ରସାନୁଭବୀ ଜ୍ଞାନକରି 'ନିଜ ଧ୍ୟାନ ଅନୁଭବ'କୁ ଉଦ୍‌ବୋଧନ କରିଛନ୍ତି । କବିଙ୍କର ଲେଖାର ମାଧୁର୍ଯ୍ୟ ପାଠକକୁ ମୁଗ୍ଧ କରି ଦେଉଛି । ପାଠକ ରସାସ୍ୱାଦନ କରି ତନ୍ମୟ ହୋଇ ଯାଉଛି ।

ମୁଖ୍ୟତଃ ପ୍ରୀତିରସ ବା ଆଦିରସର ରାଧାକୃଷ୍ଣ ମିଳନ ଓ କ୍ରୀଡ଼ା କବିଙ୍କ ଲକ୍ଷ୍ୟ ଥିଲେ ମଧ୍ୟ ଅନ୍ୟ ରସର ବହୁ ବିଷୟ ସେ ଅବତାରଣା କରିଛନ୍ତି ।

ବର୍ଣ୍ଣନାରେ ବାହୁଲ୍ୟର ପ୍ରକାଶ ଥିଲେ ମଧ୍ୟ ମନରେ ବିରକ୍ତି ବା 'ଚିନ୍ତା' ଜାଗ୍ରତ ହେଉନାହିଁ; କବି ଏ ବିଷୟରେ ସବୁବେଳେ ସଚେତନ ଅଛନ୍ତି । ରତିକ୍ରୀଡ଼ା, ବିରହ ଭାବନା, ଚିନ୍ତାଦି ପ୍ରଭୃତିରେ ନାୟକ-ନାୟିକାଙ୍କର ବାହ୍ୟ ଓ ଅନ୍ତରର ଦଶାର ଅଭିବ୍ୟକ୍ତିରେ ପୁନରାବୃତ୍ତି ଓ ଅତିଶୟ ବାହୁଲ୍ୟ ଦେଖାଯାଉଛି । କିନ୍ତୁ ରଚନାର କୌଶଳ, ସୁମଧୁର ପଦଯୋଜନା, ଗମ୍ଭୀର ଭାବତରଙ୍ଗର ଅଭିବ୍ୟକ୍ତି ଦୋଷକୁ ଘୋଡ଼ାଇ ଦେଉଛି ।

ଘଟଣା ପ୍ରବାହରେ ନାଟକୀୟ ଛଟା ଓ ଆଳାପରେ ବା ଉକ୍ତି-ପ୍ରତ୍ୟୁକ୍ତିରେ ବକ୍ରୋକ୍ତିର ଶୋଭନ ପ୍ରୟୋଗ କରି କବି ରଚନାକୁ ଜୀବନ୍ତ କରିଛନ୍ତି ।

ପ୍ରତ୍ୟେକ କାବ୍ୟରେ ଶତାଧିକ ଜୀବନ ଚିତ୍ରର ସମାବେଶ କରି କବି ଉତ୍କଳ ସାହିତ୍ୟରେ ବିଶିଷ୍ଟ ସ୍ଥାନ ଅଧିକାର କରି ପାରିଛନ୍ତି । ବୀର, ବୀଭତ୍ସ, କରୁଣ, ଶୃଙ୍ଗାର, ବାତ୍ସଲ୍ୟ ଓ ହାସ୍ୟ ପ୍ରଭୃତି ରସସୃଷ୍ଟି କରିବାରେ କବି ଉଚ୍ଚକୋଟୀର ପ୍ରତିଭା ପ୍ରକାଶ କରିଛନ୍ତି । ଯୁଦ୍ଧ, ଶିକାର, ରତିକ୍ରୀଡ଼ା, ଅନୁଚିନ୍ତା, ପୁତ୍ରସ୍ନେହ, ସଖାସଖୀଙ୍କ ପ୍ରମୋଦବିହାର, କଥୋପକଥନ ଓ ସମବେଦନା ପ୍ରଭୃତିର ଶତାଧିକ ଜୀବନ୍ତ ଚିତ୍ର କବିଙ୍କ କାବ୍ୟମାନଙ୍କରେ ପ୍ରକଟିତ ହୋଇଛି ।

କବି ତତ୍ସମ, ତଦ୍ଭବ, ଦେଶଜ ଓ ବୈଦେଶିକ ଶବ୍ଦାବଳୀ ଶୋଭନ ଭାବରେ ବ୍ୟବହାର କରିଛନ୍ତି । ଅଳଙ୍କାର, ତତ୍ତ୍ୱବ୍ୟାଖ୍ୟାନ ଓ ଉଚ୍ଚକୋଟୀର ଭାବରାଜିର ପ୍ରକାଶରେ କବି ସଂସ୍କୃତ ଓ 'ଦେଶୀ' ଭାଷାର ଶବ୍ଦଭଣ୍ଡାରର ଆଶ୍ରୟ ନେଇ ଗମ୍ଭୀର ପାଣ୍ଡିତ୍ୟର ପରିଚୟ ଦେଇଛନ୍ତି । ହାସ୍ୟ, ବାତ୍ସଲ୍ୟ, ବୀଭତ୍ସ ପ୍ରଭୃତି ବିଷୟ ବର୍ଣ୍ଣନାରେ କବି ଅପେକ୍ଷାକୃତ ସରଳ ଭାଷା ବ୍ୟବହାର କରି ଚିତ୍ରଗୁଡ଼ିକୁ ମନୋରମ କରିପାରିଛନ୍ତି ।

କବିଙ୍କ ଭୌଗୋଳିକ ଜ୍ଞାନ ପୌରାଣିକ ବର୍ଣ୍ଣନା ପ୍ରଣାଳୀ ଅତିକ୍ରମ କରିନାହିଁ । ମଗଧ, ମହାରାଷ୍ଟ୍ର, ଗୌଡ଼, ଗୁର୍ଜ୍ଜର ଓ କଳିଙ୍ଗ ପ୍ରଭୃତି ବର୍ଣ୍ଣନାରେ ଭୌଗୋଳିକ ଅବସ୍ଥିତିର କ୍ରମ ରକ୍ଷିତ ହୋଇନାହିଁ । ଦେଶର ନାମ ଓ

ସିଦ୍ଧ ମୁଖ୍ୟତଃ ପୂର୍ବାଚାର୍ଯ୍ୟମାନଙ୍କର ଅଳଙ୍କାର ପ୍ରୟୋଗ ନିବନ୍ଧ-ମାନଙ୍କରୁ ଗୃହୀତ ହୋଇଛି । କୁନ୍ତଳ, ମଗଧ ପ୍ରଭୃତି ରାଜ୍ୟର ଲୋକଙ୍କ ଯେଉଁ ଯେଉଁ ଅଙ୍ଗ ଓ ବେଶଭୂଷା ପ୍ରସିଦ୍ଧି ଲାଭ କରିଛି ତାକୁ ହିଁ କବି ଅବଲମ୍ବନ କରି 'ପନ୍ଥା'ତ୍ୟାଗ କରିନାହାନ୍ତି । କଳ୍ପନା ହିଁ କବିତା ରଚନାର ମୁଖ୍ୟ ଲକ୍ଷ୍ୟ ଥିବାରୁ କବି ଭୌଗୋଳିକ ଅବସ୍ଥିତି ବିଷୟରେ ନିର୍ଦ୍ଦିଷ୍ଟ ବିବରଣ ଦେଇ ନାହାନ୍ତି ବୋଲି ବୁଝାଯାଇ ପାରେ । କବି ଉତ୍କଳର ଦକ୍ଷିଣାଞ୍ଚଳ ଓ ଉପକୂଳ ଅଞ୍ଚଳର କେତେକ ସ୍ଥାନ ପରିଦର୍ଶନ କରିଥିଲେ; କିନ୍ତୁ ଉତ୍କଳ ବାହାରେ ଅନ୍ୟ ରାଜ୍ୟକୁ ତୀର୍ଥ କିମ୍ବା ଭ୍ରମଣ ଉଦ୍ଦେଶ୍ୟରେ ଯାଇଥିଲେ କି ନାହିଁ ତାହା ଜଣାଯାଉ ନାହିଁ ।

'ପରମଗୁରୁ' ରଚନାକରି କବି କାଳ୍ପନିକ ଓ ରାଧାକୃଷ୍ଣ ଲୀଳା କାବ୍ୟ ମାନଙ୍କରେ 'ଦୈବୀ' ଶକ୍ତିର ଅବତାରଣା କରି ଜଟିଳ ସମସ୍ୟାକୁ ସମାଧାନ କରିଛନ୍ତି ଏବଂ ଅସମ୍ଭବକୁ ସମ୍ଭବ କରିଛନ୍ତି । ଦୈବବାଣୀ, ଦେବତାଙ୍କ ବର, ଋଷିମାନଙ୍କ ଆବିର୍ଭାବ ଓ ଭବିଷ୍ୟତବାଣୀ କଥନ, ତାନ୍ତ୍ରିକ ଜଙ୍ଗମ ଓ ପୌର୍ଣ୍ଣମାସ୍ୟାଦଙ୍କ ମନ୍ତ୍ରଯନ୍ତ୍ର, ଗାରୁଡ଼ ବିଦ୍ୟା ଏହି କାର୍ଯ୍ୟରେ ବ୍ୟବହୃତ ହୋଇଛି । ନାୟକନାୟିକା ମିଳନରେ ଏହି ଦୈବୀଶକ୍ତି ଏକ ପ୍ରଧାନ ଉପାୟରୂପେ ଗୃହୀତ ହୋଇଛି । ପରଂବ୍ରହ୍ମ ଶ୍ରୀକୃଷ୍ଣଙ୍କ ପ୍ରେମଲୀଳାରେ ମଧ୍ୟ ସାଧାରଣ ମନୁଷ୍ୟସୁଲଭ ଗୁଣିଗାରେଡ଼ି ମନ୍ତ୍ରଯନ୍ତ୍ରର ସାହାଯ୍ୟ କବି ନେଇଛନ୍ତି ଏବଂ ଶ୍ରୀକୃଷ୍ଣଙ୍କୁ ପରିବନ୍ତି ଏହି ବିଦ୍ୟାରେ ଭୂଷିତ କରାଇ (ଶ୍ରୀକୃଷ୍ଣଙ୍କ) ସ୍ୱକାର୍ଯ୍ୟ ସାଧନର ଉପାୟ ରୂପେ ବ୍ୟବହାର କରାଇଛନ୍ତି । ଭଗବାନଙ୍କ 'ମାୟା' ଓ 'ଲୀଳାବିଳାସ ସ୍ପୃହା'ହିଁ ଏହାର ଏକମାତ୍ର ଯୁକ୍ତି ।

ଅଶ୍ୱଶାସ୍ତ୍ର, ଗୋଶାସ୍ତ୍ର, ସଙ୍ଗୀତଶାସ୍ତ୍ର, ଜ୍ୟୋତିଷ ଶାସ୍ତ୍ର, ବୈଦ୍ୟଶାସ୍ତ୍ର ପ୍ରଭୃତି ଶାସ୍ତ୍ର ସମ୍ପର୍କିତ ବହୁ ବିଷୟ କବି ପ୍ରସଙ୍ଗକ୍ରମେ ବର୍ଣ୍ଣନା କରିଛନ୍ତି । ବିଭିନ୍ନ ଅଶ୍ୱମାନଙ୍କର ପ୍ରକାରଭେଦ ଓ ନାମର ସୂଚୀରୁ କବିଙ୍କର ଏ.ବିଷୟରେ ଗଭୀର ଜ୍ଞାନ ଥିବା ସ୍ପଷ୍ଟ ହେଉଛି ।

କବି ସାମାଜିକ ରୀତିନୀତି ପ୍ରଭୃତି ବିଷୟରେ 'ମର୍ଯ୍ୟାଦା'ର ସ୍ଥାନକୁ ନ୍ୟୂନ କରିନାହାନ୍ତି । ପ୍ରେମୋନ୍ମତ୍ତ ନାୟକନାୟିକାଙ୍କ ବ୍ୟବହାରରେ ମଧ୍ୟ ଏହି ମର୍ଯ୍ୟାଦାଜ୍ଞାନ ପ୍ରାଧାନ୍ୟ ଲାଭକରିଛି । ନିଜେ ନାୟକନାୟିକା ଓ ଅନ୍ୟ ପାତ୍ରୀମାନେ ସମୟୋପଯୋଗୀ ମର୍ଯ୍ୟାଦାରକ୍ଷା କରିବା କର୍ତ୍ତବ୍ୟ ଥିବା ସ୍ୱମୁଖରେ ବ୍ୟକ୍ତ କରିଛନ୍ତି ଏବଂ ଏହି ରୀତି ରକ୍ଷିତ ହୋଇଥିବା ସ୍ଥଳରେ ପାର୍ଶ୍ୱପାତ୍ରୀମାନେ ପ୍ରଶଂସା ମଧ୍ୟ କରିଛନ୍ତି ।

କାବ୍ୟକବିତା ରଚନା ସମ୍ବନ୍ଧରେ କବିଙ୍କ ମତ—ସଦାନନ୍ଦ କବି ଓ କବିତ୍ୱ ସମ୍ବନ୍ଧରେ ସ୍ୱକୃତିମାନଙ୍କରେ ବହୁ ସ୍ଥଳରେ ମତ ବ୍ୟକ୍ତ କରିଅଛନ୍ତି ।

ପ୍ରତିଭାନ୍ୱିତ କବୀଶ୍ୱର ସ୍ୱସାମର୍ଥ୍ୟ ବଳରେ ନାନାଭାବେ କଳ୍ପନା କରି କାବ୍ୟକବିତା ସୃଷ୍ଟି କରୁଛନ୍ତି । ଏମାନେ ସଂସ୍କୃତ ଅବା, ପ୍ରାକୃତ ଭାଷାରେ, ଅବା ମିଶ୍ରିତ ଭାଷାରେ, ଅବା 'ବେଦବାଣୀ ନାନା ଦେଶ ବାଣୀ' ସୁରଲୀଳା, ନରଲୀଳା ବା କୃଷ୍ଣଲୀଳାର ବିଷୟରୁ ବିଶେଷ ସାମଗ୍ରୀ ସଂଗ୍ରହ କରି ଗ୍ରନ୍ଥ ରଚନା କରନ୍ତି ଏବଂ ଏହା ଆସ୍ୱାଦନକୁ ମଧୁର ହୋଇଥାଏ ।

କିନ୍ତୁ ଶକ୍ତିହୀନମାନେ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ସହିତ କୁମ୍ଭକାର ବାଦ କରିବା ପ୍ରାୟ ନାନା ଉପାୟରେ ଗ୍ରନ୍ଥ କରନ୍ତି । ପୁଣି ଅନ୍ୟ କେତେ ଶକ୍ତିହୀନ ପ୍ରତିଭାନ୍ୱିତ କବିମାନଙ୍କର ଉପମା କୃଷ୍ଣଆଶ୍ରୟରସ ଚୋରିକରି ବର୍ଣ୍ଣନାରେ ନିଜକୁ ନିୟୋଜିତ କରି ହରଷ ହୁଅନ୍ତି । ଏହି ଉଭୟ କବି—ଶକ୍ତିହୀନ ଓ ଚୌର୍ଯ୍ୟଭାଗୀ—ଗୁଣହୀନ ଗ୍ରାହକ ସଙ୍ଗେ ସମାନ ।

ସଦାନନ୍ଦ ଅପେକ୍ଷାକୃତ ସଂକ୍ଷିପ୍ତ ରଚନାକୁ ପସନ୍ଦ କରୁଥିଲେ । ରଚନା ଦୀର୍ଘ ହେଲେ ପାଠକର ମନରେ 'ଚିଟା' ବା ବିରକ୍ତିଭାବ ଜାତ ହୁଏ ଏବଂ ଏହାଦ୍ୱାରା କାବ୍ୟରସ-ଆସ୍ୱାଦନରେ ବିଘ୍ନ ଘଟେ ।

ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମାର ଉକ୍ତି,
ଛାନ୍ଦ ବଡ଼ ବୋଲି ଚିଟା ନପାଅ ଭକ୍ତି ।

(୧୭ଶ ଛାନ୍ଦ, ଚୌ: ଚି:)

ଶ୍ଲୋକ ନିବନ୍ଧ ରୁଚିର ହୋଇ ଭକ୍ତିତତ୍ତ୍ୱ-ବୋଧ କରିବା କବିଙ୍କ ଇଚ୍ଛା । ପ୍ରସିଦ୍ଧ ଉଜ୍ଜ୍ୱଳ ରସଯୁକ୍ତ ହୋଇ ଅଦ୍‌ଭୁତ ରଙ୍ଗ ସୃଷ୍ଟି କରି ପାରିଲେ ଶ୍ରବଣ ନୟନ ମନକୁ ବିଚିତ୍ର ଭାବରେ ସୁଖଦ ହେବ ।

ଲସ୍ୟା ନୀଳମଣି ଗ୍ରନ୍ଥ ଅଳପେ ଘଟନା,
କରିବାକୁ ହେଉଅଛି ମୋହର କାମନା । ୮ ।

ପ୍ରସିଦ୍ଧ ଉଜ୍ଜ୍ୱଳ ରସ ସହିତ ଅଟଇ,
ଅଦ୍‌ଭୁତ ରଙ୍ଗ ଯେ ସୁବର୍ଣ୍ଣେ ଗ୍ରଥିତ ହୋଇ । ୯ ।

ବିଦଗ୍ଧ ସୁନାଗ୍ର ଚିତ୍ତି ପାରିବେଟି ମାତ୍ର,
ଶ୍ରବଣ ନୟନ ମନ ସୁଖଦ ବିଚିତ୍ର । ୧୦ । × ×

ଅଳପ ହୋଇ ରୁଚିର ଭକ୍ତିତତ୍ତ୍ୱ ବୋଧ,
ଏମନ୍ତ ପ୍ରକାର ହେଲେ କବିତ୍ୱ ବିଶୁଦ୍ଧ । ୧୭ । (ଚୌ: ଚ:)

ସକଳ ଅଳପ ହେଲେ ହୁଅଇ ରୁଚିର,
ଏ ଘେନ ଏ ଗ୍ରନ୍ଥ ପୂର୍ଣ୍ଣ କଲିଁ ଏଥର । ୪୭ ।
(୧ମ ଛନ୍ଦ, ତ୍ରୁ: ଲୀ: ମୁ: ସ:)

ଷଷ୍ଠ ଛନ୍ଦ ଏଠାରେ ସମାପତ
ବହୁତ ହେଲେ ପୀୟୂଷ ନ ରୁଚଇ
ଏ ଘେନ ଶ୍ଲୋକକର ଖ୍ୟାତ । (୬ଷ୍ଠ ଛନ୍ଦ, ଲ: ଲୋ:)

ବହୁତ ହେଲେ ଅମୃତ ନରୁଚଇ ହୋଏ ଅନାଦର,
ଏ ଘେନ ଅଳପ ପଦରେ ଛନ୍ଦକୁ କହୁ ମନେକର । ୨୧ ।
(୨୨ଶ ଛନ୍ଦ, ଲ: ଲୋ:)

କବି ନିଜର କୃତିକୁ ଗୂଢ଼ାର୍ଥ, ଶବ୍ଦ, ଭାବ ଓ ଅଳଙ୍କାର ମଣ୍ଡିତ କରିଥିବାରୁ ତାଙ୍କର ଆଶଙ୍କା ହୋଇଛି ଯେ ତାଙ୍କର କୃତିର ମାଧୁର୍ଯ୍ୟ ଉପଭୋଗ କରିବା ସମସ୍ତଙ୍କ ପକ୍ଷରେ ସହଜ ନୁହେଁ । ପାଠକମାନଙ୍କ ଭିତରେ ରସିକଚୂଡ଼ାମଣି, ଅରସିକ ଓ ଅଜ୍ଞ ଏପରି ତିନିସ୍ତରରେ ବିଭକ୍ତ କରି ରସିକ-

ଗ୍ରାହକଙ୍କୁ ପ୍ରଶଂସା କରିଛନ୍ତି ଏବଂ ଅରସିକ ଜନଙ୍କୁ ଏ ଗ୍ରନ୍ଥ ଶୁଣାଇବାକୁ ମନା କରିଛନ୍ତି; କିନ୍ତୁ 'ନ ବୁଝିବା ଲୋକଙ୍କୁ ବୁଝାଇବାକୁ' ଅନୁରୋଧ କରିଛନ୍ତି । ଅବଶ୍ୟ ତାଙ୍କର ବିଶ୍ୱାସ ହୋଇଥିବ ଯେ ବିଜ୍ଞ ରସିକଗ୍ରାହକମାନେ ଅଜ୍ଞ ଲୋକଙ୍କୁ ରଚନାର ତତ୍ତ୍ୱ ବୁଝାଇଲେ ସେମାନେ ବୁଝି ରସ ଗ୍ରହଣ କରି ଆନନ୍ଦ ଉପଭୋଗ କରିବେ । ଅର୍ଥକୁ ନବୁଝି ବିଗ୍ଚାର ନ କରି ଦୋଷଦେଲେ କବିଙ୍କୁ କେତେ ନ ବାଧିବ !

ଏ ଛାନ୍ଦ ହୋଇଲା ଏହିଠାରୁ ସମାପତ,
ରସିକେ ପଢ଼ିବ ଏ ମୋହନଲତା ଗୀତ ଯେ । ୧୧୪ ।

କରଯୋଡ଼ି ଏତେମାତ୍ର ମାଗୁଛି ତୁମ୍ଭଙ୍କୁ,
ନିନ୍ଦା ନ କରିବ ନ ବିଗ୍ଚାରିଣ ଅର୍ଥକୁ ଯେ । ୧୧୫ ।

ଅରସିକେ ଶୁଣାଇବ ନାହିଁ କଦାଚିତେ,
ନ ବୁଝିବା ଲୋକଙ୍କୁ ବୁଝାଇବ ଗୁଣତେଯେ । ୧୧୬ ।

(୧୬ଶ ଛାନ୍ଦ, ମୋ: କ: ଲ:)

କବି ପ୍ରକୃତିମାନଙ୍କରେ ଛାନ୍ଦଗୁଡ଼ିକୁ ନାତିଦୀର୍ଘ କରିବା ପାଇଁ ଯତ୍‌ପରୋନାସ୍ତି ଚେଷ୍ଟା କରୁଥିଲେ । ଅଯଥା ଦୀର୍ଘ ହେଲେ ପାଠକ ମନରେ 'ଛିଟା' ଜନ୍ମାଇ ରସାସ୍ୱାଦନରେ ବ୍ୟାଘାତ ଘଟାଏ, ତାଙ୍କର ଧାରଣା ଥିବାରୁ ସେ ଛାନ୍ଦ ରଚନା କଲାବେଳେ ଛାନ୍ଦର କଳେବର ବା ଆକାର ପ୍ରତି ଦୃଷ୍ଟି ରଖିଥିଲେ ଏବଂ ଡର ଡରରେ ଲେଖୁଥିଲେ, କାଳେ ଅଯଥା ଦୀର୍ଘ ହୋଇଯିବ ।

ରସିକେ ନପାଇବ ଖେଦ ଡରି କହୁଁ କହୁ ଏତେ ବଢ଼ିଲା ପଦ । ୪୪ ।

(୫୬ଶ ଛାନ୍ଦ, ମୋ: କ: ଲ:)

କବିମାନେ ପଦଶବ୍ଦାଦି ଅନୁସନ୍ଧାନକରି ସାର୍ଥକ ପଦ ଗ୍ରହଣ କରି ରଚନାରେ ସ୍ଥାନ ଦିଅନ୍ତି; ଅଳଙ୍କାରାଦି ପ୍ରୟୋଗରେ ମଧ୍ୟ ଏହି ଅନୁସନ୍ଧାନ ଦେଖାଯାଏ । କବି ଯାହା ମନକୁ ଆସିଲା ତାହା ରଚନାରେ ସ୍ଥାନ ଦେବା

ପକ୍ଷରେ ନଥିଲେ । ଉତ୍ତମ କବିର ଉତ୍ତମ ସାଧନା ଆବଶ୍ୟକ ଥିବା ସେ ଅନୁଭବ କରୁଥିବା ସ୍ପଷ୍ଟ ହେଉଛି । ଦୀନକୃଷ୍ଣ ଦାସ ମଧ୍ୟ ଏହି ମତ ପୋଷଣ କରୁଥିଲେ । ମୋହନ କଳ୍ପଲତା'ର ନାୟିକା କେଳିପୁରକୁ ପ୍ରଥମ ଗମନ କରିବା ସମୟରେ ଯେଉଁ ମାନସିକ ପ୍ରତିକ୍ରିୟାର ସମ୍ମୁଖୀନ ହୋଇଥିଲେ ତାହା କବି ସୁନ୍ଦର ଭାବରେ ବ୍ୟକ୍ତ କରି କବିର ଅବସ୍ଥା ସହିତ ତୁଳନା କରିଛନ୍ତି ।

ପୁର ପିଶୁଳାକୁ ଭ୍ରମେ କରେ ଆଲିଙ୍ଗନ,
ପୁଣି କପାଟ ପାଖେ ରହି ପାତେ କର୍ଣ୍ଣ ଯେ । ୧୧ ।
କବି ପ୍ରାୟେ ପଦଶବଦ ଅନୁସନ୍ଧାନେ,
ରୂପାଳଙ୍କାର ଲକ୍ଷଣ ଖୋଜୁଅଛି ମନେ ଯେ । ୧୨ ।
(୩୮ଶ ଛାନ୍ଦ, ମୋ: କ: ଲ:)

କବି ମୁଖ୍ୟଭାବରେ 'ଅନୁଭବୀ'ଙ୍କ ଉପରେ ହିଁ ରସାସ୍ୱାଦନ ବିଷୟରେ ନିର୍ଭର କରିଛନ୍ତି; 'ଗୁମାନୀ ପଣ୍ଡିତ' ଉପରେ ତାଙ୍କର ଭରସା ନାହିଁ । ଚନ୍ଦ୍ରକାନ୍ତମଣି ଚନ୍ଦ୍ର କିରଣରେ ତରଳି ଯାଏ, ସ୍ୱଗୁଣରେ କରକା ଦ୍ରବେ । ରସିକ-ଗ୍ରାହକ-ଚିତ୍ତ ଚନ୍ଦ୍ରକାନ୍ତମଣି ସଦୃଶ, ଅରସିକ ଅକର୍ମଶୀଳା ପରି ।

ଶୁଣ ଏ ଛାନ୍ଦ ଅନୁଭବୀମାନେ, ପଣ୍ଡିତ ପଛେ ନଶୁଣୁ ଗୁମାନେ ।
ଚନ୍ଦ୍ରକାନ୍ତ ଚନ୍ଦ୍ରକରେ ତରଳ, ସ୍ୱଗୁଣେ ଦ୍ରବଇ କି ବର୍ଷୋପଳ ।
ତେମନ୍ତ ସତ ରସିକ ଚିତ୍ତ, ଅଗ୍ରାହକ ଅକର୍ମଶିଳାବତ । ୧ ।
(୨୨ଶ ଛାନ୍ଦ, ମୋ: କ: ଲ:)

ସଦାନନ୍ଦ ସ୍ୱଚ୍ଛନ୍ଦମାନଙ୍କର ଏକାଧିକ ସ୍ଥାନରେ ଶୃଙ୍ଗାରରସାତ୍ମକ ଭାବର ମାଧୁରୀକୁ ପୂର୍ଣ୍ଣ ଉପଭୋଗ କରିବା 'ଅନୁଭବୀ' ପକ୍ଷରେ କେବଳ ସମ୍ଭବ ବୋଲି କହିଛନ୍ତି, ଅନନୁଭବୀ ପକ୍ଷରେ ନୁହେଁ । ମୋହନ କଳ୍ପଲତାରେ କବି କହିଛନ୍ତି—

ଏ ଛାନ୍ଦ ହୋଇଲା ଶେଷ, ଅନୁଭବ ବିନା କେ ଜାଣେ ରସ ଯେ ।
କେ ହୋଇନାହିଁ ସୁନ୍ଦର-ଦାସ, ସୁଜନେ ହେ ।

ମୋ ମାଗୁଣି ରସିକଙ୍କୁ, ଅର୍ଥବଦ ବୋଲ ଅରସଙ୍କଙ୍କୁ ଯେ
ନ ଶୁଣାଇବ ମୋ ଗୀତକୁ, ସୁଜନେ ହେ ।
କବିସୂର୍ଯ୍ୟବ୍ରହ୍ମା କହି, ପାଶୋର ଦେଲିଣି ସେମାନ ମୁହିଁ ଯେ
ଏବେ ଚନ୍ଦ୍ରେଇ କହି, ସୁଜନେ ହେ । ୧୯ । (୧୭ଶ ଛାନ୍ଦ)

ସଦାନନ୍ଦ ଗୃହସ୍ଥାଶ୍ରମ କରିବା ପରେ ଏହି ବନ୍ଧନରୁ ମୁକ୍ତ ହୋଇ 'ସାଧୁ' ହୋଇଥିଲେ ବୋଲି ଏହି ପଦରୁ ଅନୁମିତ ହୁଏ । କିନ୍ତୁ ଯୁଗଳରସାମୃତ ଲହରୀ କାବ୍ୟରେ ମଧୁପୁର ଅବସ୍ଥାନ କାଳରେ ସେ ବ୍ରହ୍ମଚର୍ଯ୍ୟାଶ୍ରମରେ ଥିବା ଲେଖିଛନ୍ତି । ଯୁଗଳରସାମୃତଲହରୀ ପରେ ମୋହନ କଳ୍ପଲତା ରଚିତ ହୋଇଥିବାରୁ 'ପାଶୋର ଦେଲିଣି ସେମାନ ମୁହିଁ', 'ଏବେ ଚନ୍ଦ୍ରେଇ କହି' ଏହି ଉକ୍ତିମାନଙ୍କରୁ କବି 'ଅନୁଭବୀ' ଥିବା ଅନୁମାନ ଯୁକ୍ତିଯୁକ୍ତ ହେଉଛି । ତେବେ 'ଲହରୀ'ର 'ବ୍ରହ୍ମଚର୍ଯ୍ୟାଶ୍ରମ' ସୂଚନା ବୈରାଗ୍ୟର ପ୍ରଥମ ସୋପାନ ସ୍ୱରୂପ ଗ୍ରହଣ କଲେ ଭ୍ରମ ହେବ ନାହିଁ ।

କିନ୍ତୁ ଏହି ସମ୍ପର୍କରେ କବି 'ଜାଣି ନଜାଣି' ବହୁତ କଥା ରଚନାରେ ବର୍ଣ୍ଣନା କରିଥିବା ସ୍ୱୀକାର କରିଛନ୍ତି । କବି ମଧୁମକ୍ଷିକା ପରି ସବୁପୁଷ୍ପରୁ ମଧୁ ସଂଗ୍ରହ କରି ଏକତ୍ର କଲା ପ୍ରାୟେ କାବ୍ୟରଚନା କରିଛନ୍ତି । ଏଥିରୁ ଯଦି 'ଅନୁଭବ' 'ଅଜ୍ଞାତ' (ନଜାଣି) ପର୍ଯ୍ୟାୟର ଅନ୍ତର୍ଭୁକ୍ତ ହୁଏ ତାହାହେଲେ କବି 'ଅନୁଭବୀ' ରଙ୍ଗରେ ଚିତ୍ରିତ ହେବାରୁ ବଞ୍ଚିତ ହୋଇପାରନ୍ତି । କିନ୍ତୁ ସ୍ପଷ୍ଟୋକ୍ତି ସ୍ଥଳେ ଏହି ଅନୁମାନ ନିଷ୍ପ୍ରଭ ହୋଇଯାଉଛି ।

କବିସୂର୍ଯ୍ୟ ବ୍ରହ୍ମା ଭଣି, କହିଲୁ ଜାଣି ନ ଜାଣି
ମଧୁମକ୍ଷି ଯେସନ୍ତେ ସବୁ ପୁଷ୍ପ ମଧୁ ଏକତ୍ର କରଇ ଆଣି । ୪୦ ।
(୨୮ଶ ଛାନ୍ଦ, ମୋ: କ: ଲ:)

ସଦାନନ୍ଦ ନାୟକନାୟିକାଙ୍କ ବିବାହ ବର୍ଣ୍ଣନା କରିସାରିବା ପରେ ମୋହନକଲ୍ପଲତାର ଛବିଶ ଛାନ୍ଦ ଶେଷରେ 'ହରସୁଖ ବର୍ଣ୍ଣନା' ହେବ, ଏହା ଜଣାଇ ଶିବଙ୍କ ଅନୁଗ୍ରହ ହେଲେ ଏହା ସମ୍ୟକ୍ ବର୍ଣ୍ଣନା କରି ପାରିବେ

ବୋଲି କହିଛନ୍ତି । କବି 'ପ୍ରଭାତ'କୁ ଉଦ୍‌ବୋଧନ କରି 'ଅନ୍ୟ ଜନ୍ମ ଅନୁଭବ'କୁ ଟଟ୍ଟେଇ ପ୍ରକାଶ କର ବୋଲି ପ୍ରାର୍ଥନା କରିଛନ୍ତି । ଏଥିରୁ ସନ୍ଦେହ ହୋଇପାରେ, କବି ଏ ଜନ୍ମରେ ସାଂସାରିକ ସ୍ୱାମୀ-ସ୍ତ୍ରୀ ପ୍ରେମଲୀଳା ସମ୍ବନ୍ଧରେ ଅଭିଜ୍ଞ ନ ଥିଲେ । ଯଦି 'ଅନ୍ୟଜନ୍ମ'କୁ 'ଆଶ୍ରମ' ସ୍ୱରୂପ ଗ୍ରହଣ କରାଯାଏ, ତାହାହେଲେ କବି 'ଗୃହସ୍ଥାଶ୍ରମ'କୁ 'ଅନ୍ୟଜନ୍ମ' ବୋଲି କହିଥିବା ମଧ୍ୟ ସମ୍ଭବ ।

ଛତିଶ ଗ୍ରନ୍ଥେ ବିବାହ କ୍ରମରେ କଲି ନିର୍ବାହ
ଆଉ ଏଣିକି ସଙ୍ଗସୁଖ ବର୍ଣ୍ଣିବି ଶିବ କଲେ ଅନୁଗ୍ରହ ।
କବିସୂର୍ଯ୍ୟ ବ୍ରହ୍ମା କହି, ଏବେ ସେ ମୋ ମନେ ନାହିଁ
ଆରେ ମୋ ପ୍ରଭାତ! ଅନ୍ୟ ଜନ୍ମ ଅନୁଭବ ପ୍ରକାଶ ଟଟ୍ଟେଇ ।୩୬।
(୩୭ଶ ଛାନ୍ଦ, ମୋ: କ: ଲ.)

କେବଳ 'କବି-ସ୍ୱଭାବ'ରୁ ଅନୁଭବ ବିନା ରତିରଙ୍ଗ ବର୍ଣ୍ଣନା କରି ପାରିଥିବା ସଦାନନ୍ଦ ସ୍ପଷ୍ଟ ଭାବରେ ପ୍ରକାଶ କରିଛନ୍ତି ।

ରସେଶ୍ୱରୀ-ରସିକଙ୍କ ଶରଣ ମୋହର
କବିସ୍ୱଭାବରୁ କହି ସମସ୍ତ ପ୍ରକାର ଯେ ।
କବିସୂର୍ଯ୍ୟ ବ୍ରହ୍ମା ବିକି ହୋଇଅଛି ଦାସ
ରାଧାକୃଷ୍ଣ ମିଳନ ମୋ ପ୍ରକୃଷ୍ଟ ଲାଳସ ଯେ ।୭୫।
(୩୮ଶ ଛାନ୍ଦ, ମୋ: କ: ଲ:)

'କବି ରାଧାକୃଷ୍ଣଲୀଳା ବର୍ଣ୍ଣନାକୁ ଜୀବନର ବ୍ରତ କରିଥିବାରୁ ଲୀଳା-ଇତର ପୁରୁଷସ୍ତ୍ରୀଙ୍କ ରତିରଙ୍ଗ ବର୍ଣ୍ଣନା କରିବା ଉଚିତ ମନେକରି ନାହାନ୍ତି । ଏହି କାରଣରୁ ସେ 'ମୋହନ କଳ୍ପଲତା'ର ନାୟକ ଓ ନାୟିକାଙ୍କୁ ରାଧାକୃଷ୍ଣଙ୍କ ଇଚ୍ଛାରୁ ଉତ୍ପତ୍ତି କରାଇଛନ୍ତି । ଏ ଦୃଷ୍ଟିରେ ସେ ଦୋଷୀ ନଥିବା ପ୍ରତୀୟମାନ ହେବା ସ୍ୱାଭାବିକ ।

କବି ନିଜର ଏହି କାର୍ଯ୍ୟକୁ ସୁନ୍ଦର ଭାବରେ ବୁଝାଇଛନ୍ତି—ରାଧାକୃଷ୍ଣ ବିନା ପ୍ରୀତି ଜାଣିବା ଲୋକ ଅନ୍ୟ କିଏ ଅଛି ? କେବଳ ନାମ ଭେଦ

ବ୍ୟାଜରେ ଏହା ସେ ବର୍ଣ୍ଣନା କରୁଛନ୍ତି । ନାୟିକନାୟିକାର ରତିରଙ୍ଗ ବର୍ଣ୍ଣନା ସମୟରେ କବିମାନସରେ ରାଧାକୃଷ୍ଣଙ୍କ କେଳିପ୍ରସଙ୍ଗ ହିଁ ଧ୍ୟାନ କରି ଅକ୍ଷରରେ ରୂପଦାନ କରୁଛନ୍ତି ।

ରମ୍ଭବନା ପ୍ରୀତି ଜାଣେଇ କେ ରୁଚିର ହେ,
ନାମଭେଦ ବ୍ୟାଜେ କହୁଛୁ ମାତର ହେ । ୧୪ ।
(୪୦ଶ ଛାନ୍ଦ, ମୋ: କ: ଲ:)

ସଦାନନ୍ଦ ରତିକେଳି ବର୍ଣ୍ଣନରେ ନିଃଶଙ୍କଚିତ୍ତ ଥିବା ଜଣା ଯାଉନାହିଁ । ପିଶୁନମାନଙ୍କୁ ତାଙ୍କର 'ଡର' ଥିଲି । ରତିରଙ୍ଗ ବର୍ଣ୍ଣନା ସହଜ ନୁହେଁ, ବର୍ଣ୍ଣନା କରି ସମସ୍ତଙ୍କ ମନରେ ସମାନ ଭାବରେ ଆନନ୍ଦ ଜନ୍ମାଇବା ମଧ୍ୟ ସହଜ ନୁହେଁ । ଅନୁଭବର ତାରତମ୍ୟ ଉପରେ ଆନନ୍ଦୋପଭୋଗ ନିର୍ଭର କରୁଥିବାରୁ ଏହା ସମ୍ଭବ ନୁହେଁ । ବିଶେଷତଃ ଏହି କ୍ରୀଡ଼ାରେ 'ଅନଙ୍ଗ ଭୂତ' ଲାଗେ ଏବଂ ଏହି କାରଣରୁ ବିସ୍ମୃତିଶୂନ୍ୟ ଅବସ୍ଥା ଉପସ୍ଥିତ ହୁଏ । କବିର କଳ୍ପନାଶକ୍ତି ଏଠାରେ ପରାହତ ଥିବା ସଦାନନ୍ଦ ବ୍ୟକ୍ତ କରିଛନ୍ତି । ପାଠକବର୍ଗଙ୍କୁ ସମ୍ପୂର୍ଣ୍ଣ ସମ୍ୟକ୍ ବର୍ଣ୍ଣନା ଦାନକରି ସେମାନଙ୍କ ମନରେ ପ୍ରଭୂତ ଆନନ୍ଦ ଜନ୍ମାଇବା ଅସମ୍ଭବ କାର୍ଯ୍ୟ । ପିଶୁନମାନେ 'ବୃଦ୍ଧଲେ' ମଧ୍ୟ ନିନ୍ଦା କରନ୍ତି, କାରଣ ସେମାନଙ୍କ ସମ୍ଭୋଗ ପଶୁ-ସମ୍ଭୋଗ ସମାନ । ଏହି କାରଣରୁ କବି ଡରି ଡରି ରତିକେଳି ବର୍ଣ୍ଣନା କରିବାରେ ଉଦ୍ୟମୀ ହୋଇଛନ୍ତି ଏବଂ 'ବର୍ଣ୍ଣନ ପରିପାଟୀ' ରକ୍ଷା ନିମନ୍ତେ 'କଥିତ'ରେ ବର୍ଣ୍ଣନା କରିଛନ୍ତି ।

ପୁଣି ହିଁ ଅନଙ୍ଗ ଭୂତ ଲାଗିଲା,
ଦଇବେ ଏଣୁ ଅଜ୍ଞାନ ହୋଇଲା ।
ଚେଷ୍ଟା କଲା ଯାହା ଯେତେ ପ୍ରକାରେ,
କେ ବର୍ଣ୍ଣି ପାରିବ କେଉଁ ବିଧିରେ ସେ ।
ଅନୁଭବ କଲା ଜନେ ଯେ ।
ଜାଣନ୍ତି ମାତ୍ରକ କବି ପଣ୍ଡିତ କେ, କହିବ କେଉଁ ବିଧାନେ ଯେ । ୮ ।

କହି ନୋହଇ ସମ୍ପୂର୍ଣ୍ଣରେ ଯାହା,
କହିଲେ କେ ବୁଝି ନପାରେ ତାହା ।
ବୁଝିଲେ ନିନ୍ଦା କରନ୍ତି ପିଶୁନେ,
ତାହାଙ୍କ ସମ୍ଭୋଗ ପଶୁ ସମାନେ ସେ ।
ଏହି ସକାଶୁଁ ମୁଁ ଡରି ହେ
ତଥାପି ବର୍ଣ୍ଣନ ପରିପାଟୀ ଘେନ, କହିବା କହିତ କରି ହେ । ୯ ।
(୪୯ଶ ଛାନ୍ଦ, ମୋ: କ: ଲ:)

କବି ବୈରାଗୀ ଅବସ୍ଥାରେ ରତିକେଳି ବର୍ଣ୍ଣନା କରିଥିବାରୁ ଅନୁମାନ ଉପରେ ଏହା ନିର୍ଭର କରିଥିବା ସ୍ପଷ୍ଟ ଭାବରେ ପ୍ରକାଶ କରିଛନ୍ତି ।

କଲ୍ୟାଣ ଛାନ୍ଦେ ଏ ମଧ୍ୟଶଯ୍ୟା ଶୃଙ୍ଗାର ରସ,
ସକଥା ନୋହିବ ଭକତମାନଙ୍କର ବିଶ୍ୱାସ । × ×
ଅନୁମାନ କରି କହିଲି ଏବେ ମୁଁ ବଇରାଗୀ,
ସଦାନନ୍ଦ କବିରବିର ଗତି କୃଷ୍ଣାନୁରାଗୀ । ୫୩ ।
(୪୨ଶ ଛାନ୍ଦ, ମୋ: କ: ଲ:)

ସ୍ୱଭାବ କେବେହେଁ ତ ଛାଡ଼ି ନ ଯାଇ,
ବୈରାଗୀ ହୋଇ ମୁ ଏହା ବର୍ଣ୍ଣିଲି ଯେ ।
(୧୪ଶ ଛାନ୍ଦ, ମୋ: କ: ଲ:)

ସଦାନନ୍ଦ କବିତା ରଚନାକୁ ଏକ ବୃତ୍ତି ସଙ୍ଗେ ତୁଳନା କରିଛନ୍ତି, ବିଶେଷତଃ ଏହାକୁ ବାଣିଜ୍ୟ ବୃତ୍ତି ସଙ୍ଗେ ତୁଳନା କରିଛନ୍ତି । ବଣିକର ପସରାରେ ଯେପରି ନାନାବିଧ ରସ ଓ ବିଷ ସମ୍ପର୍କୀୟ ପଦାର୍ଥ ଥାଏ କବିର କୁଢ଼ିବା ପସରାରେ ସେପରି ରସବିଷ (ବା ଅମୃତ ବିଷ) ଭାବ ସମ୍ଭୋଗ ଓ ବିପ୍ରଲମ୍ଭ ରୂପରେ ଥାଏ । ସମ୍ଭୋଗ ପୀୟୂଷ ପର ଓ ବିପ୍ରଲମ୍ଭ ବିଷାମୃତ ମିଳନ ପର । ଗ୍ରାହକମାନେ ଯେ ଯାହାର ଆଦର ଅନୁସାରେ ଦ୍ରବ୍ୟ କିଣି ଭୋଗ କରିବେ ।

ଶୁଣ ହେ ଗାହକେ ଏ ବାଣିଜ୍ୟ ବୃତ୍ତି ମୋର,
ପଦ୍ୟରେ ରସବିଷ ଯେ ଯାହାର ଆଦର । ୧ ।
ସମ୍ଭୋଗ ପୀୟୂଷବତ ପରମ ମଧୁର,
ବିପ୍ରଲମ୍ଭ ବିଷାମୃତ ମିଳନ ପ୍ରକାର । ୨ ।

(୨୧ଶ ଛାନ୍ଦ, ମୋ: କ: ଲ:)

ରସୋପଯୋଗୀ ଶବ୍ଦଯୋଜନାକୁ ସଦାନନ୍ଦ ପସନ୍ଦ କରୁଥିଲେ ଏବଂ ଏହାର ସଥୋଚିତ ବ୍ୟବହାର କରି ରସସୃଷ୍ଟି କରି ପାରୁଥିଲେ । ସମର ଓ ସମରାବସାନରେ ସମରକ୍ଷେତ୍ରର ଭୟାବହ ଦୃଶ୍ୟ ବର୍ଣ୍ଣନା କରିବାରେ କବି ଗ୍ରାମ୍ୟ' ଶବ୍ଦ ବ୍ୟବହାର କରିଥିବା ନିଜେ ଉଲ୍ଲେଖକରି ତାର ସମର୍ଥନ କରିଛନ୍ତି ଏବଂ ଏହା ଦୋଷାବହ ନଥିବା କହିଛନ୍ତି ।

ଏ ରସ ପୃଷ୍ଟ ସକାଶୁଁ ସ୍ଥିତ   ଗ୍ରାମ ଶବଦ ନୋହେ ଦୂଷିତ
ଏ ଛାନ୍ଦ ଏତେକେ ସମାପତ ସୁଜନେ ଶୁଣ ହେ । (ଲ: ଲେ:)

ଭକ୍ତାଦି କବିମାନଙ୍କ ସମ୍ବନ୍ଧରେ ସଦାନନ୍ଦଙ୍କ ମତ—ସଦାନନ୍ଦ ଉତ୍କଟ ସାମ୍ପ୍ରଦାୟିକ ବୈଷ୍ଣବ ଥିବାରୁ ସବୁ ବିଷୟରେ ସାମ୍ପ୍ରଦାୟିକ ମାନଦଣ୍ଡ ପ୍ରୟୋଗ କରି ଭଲମନ୍ଦ ବିଚାର କରିଛନ୍ତି । ରାଧାକୃଷ୍ଣ ପ୍ରେମଲୀଳା ବା ବ୍ରଜଲୀଳା ତାଙ୍କ ପକ୍ଷରେ ଅମୂଲ୍ୟ ସମ୍ପଦ; ବ୍ରଜଲୀଳାରସ ବ୍ୟତୀତ ଅନ୍ୟ କୌଣସି ରସକୁ ସେ ପସନ୍ଦ କରିନାହାନ୍ତି । ଯେଉଁ କବିମାନେ ଏହି ରସକୁ ସର୍ବୋଚ୍ଚ ସତ୍କୃତିରେ ସ୍ଥାନ ଦେଇନାହାନ୍ତି ସେମାନଙ୍କୁ ସଦାନନ୍ଦ ପୂର୍ଣ୍ଣସମ୍ମାନ ଦେଇ ନାହାନ୍ତି—ତାଙ୍କର ମାନପତ୍ର ଖଣ୍ଡିତ ।

'ଯୁଗଳ ରସାମୃତ ଭକ୍ତିଶ୍ରୀ' କାବ୍ୟ (ଅପ୍ରକାଶିତ)ରେ ସଦାନନ୍ଦ ଉପେନ୍ଦ୍ର ଭଞ୍ଜ, ଲୋକନାଥ ବିଦ୍ୟାଧର, କୃଷ୍ଣ ଦାସ, ଭୂପତି ପଣ୍ଡିତ, ଦୀନବନ୍ଧୁ ରାଜଙ୍କ ସମ୍ବନ୍ଧରେ ମତବ୍ୟକ୍ତକରି ଅନ୍ୟ କବିମାନଙ୍କୁ ଆଉ ସ୍ୱୀକାର କରି ନାହାନ୍ତି । ଉପେନ୍ଦ୍ରାଦି କବିମାନେ ଏହାଙ୍କ ଅଳ୍ପ ପୂର୍ବବର୍ତ୍ତୀ ।

ଉପେନ୍ଦ୍ର 'କୃଷ୍ଣ ଉପାସକ' ହୋଇ ନଥିବାରୁ ତାଙ୍କୁ ସଦାନନ୍ଦ ପସନ୍ଦ କରିନାହାନ୍ତି । ଲୋକନାଥ ବିଦ୍ୟାଧରଙ୍କୁ 'ସମ୍ଭୃତ ଚୋର' ଉପାଧି ଦେଇ

ତାଚ୍ଛଲ୍ୟ କରିଛନ୍ତି । କୃଷ୍ଣଦାସ 'ଭଲ କବି' ହେଲେ ମଧ୍ୟ 'କୃଷ୍ଣରସ' ନଜାଣି ଥିବାରୁ ସମ୍ମାନ ଲାଭ କଲେ ନାହିଁ । ଭୂପତି ରସ-ଆକରରେ ଭ୍ରମର ପରି; ଉପରୁ ବୁଲୁଛନ୍ତି, ଭିତରେ ମଜ୍ଜି ନାହାନ୍ତି । 'ବ୍ରଜେନ୍ଦ୍ରକୁମାର ଗିରି' 'ହୃଦୟରେ ଦାଗ' ସ୍ୱରୂପ ଲାଗିଥିବାରୁ ଦୀନବନ୍ଧୁ ରାଜ (ରାଜା)ଙ୍କୁ ସେ 'ମୂଳକବି ଗୁଣରତନ' ବୋଲି ଆଖ୍ୟା ପ୍ରଦାନ କରିଛନ୍ତି । ଅନ୍ୟ କବିମାନଙ୍କୁ ସେ ଆଦୌ ପସନ୍ଦ କରି ନାହାନ୍ତି; ଏମାନେ 'ଯୋଡ଼ାଯୋଡ଼ି' କରି ପଦ ରଚନା କରିଛନ୍ତି । ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ହାତରେ କୁମ୍ଭାର ବାଦ କଲା ପରି ଏମାନଙ୍କର ଅବସ୍ଥା ।

ଉପେନ୍ଦ୍ର କୃଷ୍ଣ ଉପାସକ ନୁହନ୍ତି କହିବା ଠିକ୍ ନୁହେଁ; କାରଣ ସେ କୃଷ୍ଣରସ ସମ୍ପର୍କୀୟ 'କଳା କଉତୁକ' ଏବଂ ଦ୍ୱାରକା ଲୀଳାର 'ସୁଭଦ୍ରା' ନାମକ ଉଚ୍ଚକୋଟୀର କାବ୍ୟ ରଚନା କରି ଅମର ହୋଇଛନ୍ତି । ବୈଷ୍ଣବ ଚରିତ ରାମ ଚରିତକୁ 'ବୈଦେହୀଶ-ବିଳାସ'ରେ ଅତି ଶ୍ରଦ୍ଧା ସହିତ ରଚନା କରିଛନ୍ତି ଏବଂ ସେ ନିଜେ ରାମଙ୍କର ମଧ୍ୟ ଜଣେ ପ୍ରଧାନ ଉପାସକ । ସେ ଅନ୍ୟ ଦେବ ଦେବୀଙ୍କର ମଧ୍ୟ ଉପାସକ ଥିଲେ ଏବଂ ତାଙ୍କର ସବୁ ରଚନା କୃଷ୍ଣରସ ବିଷୟକ ହୋଇ ନଥିବାରୁ ଉପେନ୍ଦ୍ର 'ସୁକବି' ହେଲେ ମଧ୍ୟ ତାଙ୍କ ଶ୍ରମ ନିଷ୍ଫଳ, ଏଥିରେ କିଛି 'କାର୍ଯ୍ୟ' ନାହିଁ ।

ଲୋକନାଥ ବିଦ୍ୟାଧର ଉପେନ୍ଦ୍ର-ଯୁଗର ଜଣେ ପ୍ରଧାନ କବି । ତାଙ୍କର କାବ୍ୟମାନଙ୍କ ଭିତରେ 'ନୀଳାଦ୍ରି ମହୋତ୍ସବ' ଏକ ସମ୍ମାନାସ୍ପଦ କାବ୍ୟ । ନୀଳାଦ୍ରିନାଥ ଶ୍ରୀଜଗନ୍ନାଥଙ୍କ ଦ୍ୱାଦଶ ଯାତ୍ରା ଏଥିର ବର୍ଣ୍ଣିତ ବିଷୟ । କିନ୍ତୁ 'କୃଷ୍ଣରସ' କାବ୍ୟ ହୋଇ ନଥିବାରୁ କବି ହିସାବରେ ତାଙ୍କୁ ଗଣିଥିଲେ ମଧ୍ୟ ଉଚ୍ଚସମ୍ମାନ ଦେଇ ନାହାନ୍ତି । 'ପଦ୍ମାବତୀ ପରିଣୟ', 'ଚିତ୍ରକଳା' ଓ 'ରସକଳା' ପ୍ରଭୃତି କାବ୍ୟ ବିବିଧ ଅଳଙ୍କାରମଣ୍ଡିତ ହୋଇଛନ୍ତି । ଏହିସବୁ ବିଷୟରେ ସଂସ୍କୃତ କବି ଓ ଅଳଙ୍କାରିକମାନଙ୍କ ଛାପ ପଡ଼ିଥିବା ସ୍ୱାଭାବିକ । କିନ୍ତୁ ସେ 'ସଂସ୍କୃତ ଘେଷର' କପରି ହେଲେ ଜଣାଗଲା ନାହିଁ । ବିଦ୍ୟାଧରଙ୍କ କେତେକ ଗ୍ରନ୍ଥ ଅପ୍ରକାଶିତ ରହିଛି ଏବଂ ସଦାନନ୍ଦ ଏହି ଭିତରେ କୌଣସି କୌଣସି କୃତିକୁ ଲକ୍ଷ୍ୟ କରିଥିବା ମଧ୍ୟ ସମ୍ଭବ ।

କୃଷ୍ଣଦାସ ବା ଦୀନକୃଷ୍ଣଙ୍କୁ ସଦାନନ୍ଦ ସମ୍ମାନଜନକ ସ୍ଥାନ ଦେଇ କବି ଭଲ ବୋଲି କହିଥିଲେ ମଧ୍ୟ 'କୃଷ୍ଣରସ' ଜାଣନ୍ତି ନାହିଁ ବୋଲି କହିଛନ୍ତି । ଦୀନକୃଷ୍ଣଙ୍କ ଅଧିକାଂଶ କାବ୍ୟକବିତା 'କୃଷ୍ଣଚରିତ' ବିଷୟକ; ସେ ଜଣେ କୃଷ୍ଣ ଉପାସକ । କିନ୍ତୁ, ତାଙ୍କର ଗ୍ରନ୍ଥମାନଙ୍କରେ ଜଗନ୍ନାଥଙ୍କୁ 'ଅବତାରୀ' ବା ଗୋଲକାଧିପତି, ନୀଳାଚଳକୁ ନିତ୍ୟ ରାସସ୍ଥଳୀ ଗୋଲକଧାମ ବୋଲି ସେ ବହୁବାର ସ୍ପଷ୍ଟ ଭାବରେ ଲେଖିଥିବାରୁ ସଦାନନ୍ଦଙ୍କ 'ସାମ୍ପ୍ରଦାୟିକ' ମତ-ସମନ୍ୱିତ ବୃନ୍ଦାବନ ନିତ୍ୟଧାମ, କୃଷ୍ଣସ୍ତୁ ଭଗବାନ୍ ସ୍ୱୟଂ ପ୍ରଭୃତି ଚିନ୍ତାଧାରାରୁ ଅଳ୍ପ ବିଚ୍ୟୁତି ଘଟିଛି । ଦୀନକୃଷ୍ଣଙ୍କ 'ରସକଲ୍ଲୋଳ' ଓ 'ଜଗମୋହନ ଛାନ୍ଦ' ଉତ୍କୃଷ୍ଟ କାବ୍ୟଗ୍ରନ୍ଥ । ସଦାନନ୍ଦ ରସକଲ୍ଲୋଳକୁ ପସନ୍ଦ କରିଥିବେ । କିନ୍ତୁ 'ଜଗମୋହନ ଛାନ୍ଦ'ରେ ଜଗନ୍ନାଥଙ୍କ ମାହାତ୍ମ୍ୟ ବର୍ଣ୍ଣିତ ଥିବାରୁ ଦୀନକୃଷ୍ଣଙ୍କ ଚିନ୍ତାଧାରାକୁ ସେ ପସନ୍ଦ କରି ନଥିବେ । ଏହି କାରଣରୁ ଦୀନକୃଷ୍ଣଙ୍କୁ ସେ 'ଭଲ କବି' ବୋଲି କହିଥିଲେ ମଧ୍ୟ 'ନ ଜାଣଇ କୃଷ୍ଣରସ' ବୋଲି କହିଛନ୍ତି । ବୃନ୍ଦାବନଧାମପନ୍ଥୀ କୃଷ୍ଣଭକ୍ତିର ଧାରା ହିଁ ଏକମାତ୍ର ଧାରା ବୋଲି, ସାମ୍ପ୍ରଦାୟିକ ଦୃଷ୍ଟିକୋଣରୁ, ସଦାନନ୍ଦଙ୍କର ମତ ଥିବାରୁ ସେ ଦୀନକୃଷ୍ଣ କୃଷ୍ଣରସ ଜାଣନ୍ତି ନାହିଁ ବୋଲି କହିଛନ୍ତି । କିନ୍ତୁ ଏହା ଏକଦେଶଦର୍ଶୀ ମତ । ନିରପେକ୍ଷ ବିଚାରଦୃଷ୍ଟିରେ ସମର୍ଥନଯୋଗ୍ୟ ନୁହେଁ ।

ଭୂପତି ପଣ୍ଡିତ 'ପ୍ରେମପଞ୍ଚାମୃତ'ରେ ଦ୍ୱାରକାଲୀଳା ଅପେକ୍ଷା ବ୍ରଜ-ଲୀଳା ଶ୍ରେଷ୍ଠ ଥିବା ପ୍ରତିପାଦିତ କରିଥିବାରୁ ସଦାନନ୍ଦ ତାଙ୍କୁ ପସନ୍ଦ କରିଥିବା ଅନୁମାନ କରାଯାଏ । ଭୂପତିଙ୍କ କାବ୍ୟଟି ମଧ୍ୟ ଉଚ୍ଚକୋଟୀର ରଚନା । ଭୂପତି 'କୃଷ୍ଣଉପାସକ' ଥିବା ପ୍ରମାଣ ସଦାନନ୍ଦ ପାଇ ନ ଥିବେ, ଏହି କାରଣରୁ ତାଙ୍କୁ କେବଳ 'ଭ୍ରମର' ଶ୍ରେଣୀରେ ରଖିଲେ ।

ଦୀନବନ୍ଧୁ ରାଜଙ୍କ କୃତିଗୁଡ଼ିକ ଅପ୍ରକାଶିତ ଓ ଲୋକଲୋଚନ ଅନ୍ତରାଳରେ ଥିବାରୁ ତାଙ୍କର ଜୀବନୀ ଓ ସାହିତ୍ୟ ସମ୍ବନ୍ଧରେ ଧାରଣା ହୋଇନାହିଁ । 'ବ୍ରଜେନ୍ଦ୍ରକୁମାର ରାସ' ତାଙ୍କ 'ହୃଦେ ଦାଗ' ହୋଇଥିବାରୁ ସଦାନନ୍ଦ ତାଙ୍କୁ ବିଶେଷ ସମ୍ମାନ ଦେଇଛନ୍ତି । ତାଙ୍କୁ ସୁକବି ବୋଲି

କହିଥିବା ଯୋଗୁଁ ଏବଂ ଉପେନ୍ଦ୍ରାଦି କବିମାନଙ୍କ ସହିତ ତାଙ୍କର ନାମୋଲ୍ଲେଖ କରିଥିବାରୁ ସେ ଜଣେ ଉଚ୍ଚକୋଟୀର 'କୃଷ୍ଣରସ'ର ଭକ୍ତ ବୋଲି ଅନୁମାନ କରାଯାଏ । ତାଙ୍କୁ 'ଗୁଣରଞ୍ଜନ' ବୋଲି ମଧ୍ୟ କହିଥିବାରୁ ସେ ଜଣେ ସଜ୍ଜନ, ବୈଷ୍ଣବପ୍ରେମୀ ଓ କବିମାନଙ୍କର ପୃଷ୍ଠପୋଷକ ଥିଲେ ବୋଲି ବୁଝାଯାଇପାରେ । ସଦାନନ୍ଦ ତାଙ୍କ ପୃଷ୍ଠପୋଷକମାନଙ୍କୁ ସମ୍ମାନିତ ସଜ୍ଜନ ବ୍ୟକ୍ତି ଥିବା ଗ୍ରନ୍ଥମାନଙ୍କରେ ବ୍ୟକ୍ତ କରିଥିବାରୁ ଏହି ଅନୁମାନ ମିଥ୍ୟା ବୋଲି କହିହେବ ନାହିଁ । ସ୍ୱର୍ଗତ ତାରିଣୀଚରଣ ରଥ ଦୀନବନ୍ଧୁ ରାୟଙ୍କର ପରିଚୟରେ ଲେଖିଛନ୍ତି—"ଏ ଜଣେ କୌଣସି ଗଡ଼ଜାତର ରାଜା ଥିଲେ । ରାଧାପ୍ରେମ ବିଷୟକ 'ରାଧାବିଳାସ' ନାମକ ଗୋଟିଏ ଗ୍ରନ୍ଥ ଲେଖିଅଛନ୍ତି ।" (ଉତ୍କଳ ସାହିତ୍ୟର ଇତିହାସ: ପୃ:୬୦) । ଦୀନବନ୍ଧୁ ରାୟ ଦୀନବନ୍ଧୁ ରାଜ ହେବା ସମ୍ଭବ ।

ସଦାନନ୍ଦ ପୂର୍ବ ଓ ସମସାମୟିକ ଓଡ଼ିଆ କବିମାନଙ୍କ କବିଗୌରବ ସମ୍ବନ୍ଧରେ ନିର୍ଭୀକ ଭାବରେ ମତ ପ୍ରକାଶ କରିଥିବା ଓଡ଼ିଆ ପ୍ରାଚୀନ କବିମାନଙ୍କ ଭିତରେ ଉଲ୍ଲେଖଯୋଗ୍ୟ ଏବଂ ସେ ଏ କ୍ଷେତ୍ରରେ ସର୍ବପ୍ରଥମ ବୋଲି ମନେ ହୁଏ ।

'ଯୁଗଳରସାମୃତ ଭଞ୍ଜିକା'ର ଚତୁର୍ଥପର୍ବରେ ପଦଗୁଡ଼ିକ ଏପରି—

ଉପଇନ୍ଦ୍ର ସୁକବି ନାଟ୍ୟରସ ଅନୁଭବୀ
କୃଷ୍ଣ ଉପାସକ ନୋହି କି ଭାର୍ଯ୍ୟ ଏହି ଯେ । ୫୪ ।
କୁଞ୍ଜବନ ଆଦି ଠିକ ଦେବୀଦେବ ଉପାସକ
ଲୋକନାଥ ବିଦ୍ୟାଧର ସଂସ୍କୃତଶ୍ଳୋକ ସେ । ୫୫ ।
କବି ଭଲି କୃଷ୍ଣଦାସ ନଜାଣଇ କୃଷ୍ଣରସ
ଭୂପତି ରସ ଆକର ମାତ୍ର ଭ୍ରମର ସେ । ୫୬ ।
ସୁକବି ଗୁଣରଞ୍ଜନ ଦୀନବନ୍ଧୁ ରାଜ ଧନ୍ୟ
ବ୍ରଜେନ୍ଦ୍ରକୁମାର ରାଗ ଯା ହୃଦେ ଦାଗ ଯେ । ୫୭ ।

ଆଉ ଯେ ଯେତେ ଅଛନ୍ତି ଯୋଡ଼ାଯୋଡ଼ି କରିଥାନ୍ତି
ବ୍ରହ୍ମା ସଙ୍ଗରେ କୁମାର ବାଦ ପ୍ରକାର ଯେ । ୫ । (ଶେଷ ଛାନ୍ଦ)

'ଯୋଡ଼ାଯୋଡ଼ି' କରି ପଦରଚନା କରିଥିବାରୁ ଅନ୍ୟମାନ (ଆଉମାନେ ଯେ ଅଛନ୍ତି)ଙ୍କୁ ସଦାନନ୍ଦ କବିଶ୍ରେଣୀରେ ନେଇ ନାହାନ୍ତି । ତାଙ୍କର ଦୃଷ୍ଟିକୋଣର ସଂକୀର୍ଣ୍ଣତା ଏଥିରେ ପ୍ରକାଶ ପାଉଥିବାର ଆଶଙ୍କା ହେଲେ ମଧ୍ୟ ତତ୍କାଳୀନ କବିମାନଙ୍କ ମଧ୍ୟରେ ଶ୍ରେଷ୍ଠକବିମାନଙ୍କ ନାମୋଲ୍ଲେଖ କରି 'ସୁକବି' ଆଖ୍ୟା ଦେଇଥିବାରୁ ସେ ଅନ୍ୟ କବିମାନଙ୍କ ସମ୍ବନ୍ଧରେ ଅନବହିତ ଥିଲେ ବୋଲି କୁହାଯାଇ ନ ପାରେ । 'ଯୁଗଳ ରସାମୃତ ଭଞ୍ଜିଏ' ରଚନା ସମୟକୁ ଅଭିମନ୍ୟୁ ସାମନ୍ତସିଂହାରଙ୍କ 'ବିଦଗ୍ଧ ଚିନ୍ତାମଣି' ରଚିତ ନ ହୋଇ ଥିବା ହିଁ ସମ୍ଭବ; ହୋଇଥିଲେ ସଦାନନ୍ଦ ଏହାଙ୍କ ନାମୋଲ୍ଲେଖ କରିବାକୁ ଭୁଲି ନ ଥାନ୍ତେ ।

କୃଷ୍ଣବିଷୟକ ରଚନାକୁ ସଦାନନ୍ଦ ଉଚ୍ଚ ସ୍ଥାନ ଦେଇଥିବା ବହୁ ସ୍ଥାନରେ ବ୍ୟକ୍ତ କରିଛନ୍ତି ଏବଂ 'କୃଷ୍ଣପସ୍ତାର' ରଚନା କରିଥିବା କବିମାନଙ୍କୁ ଅଧିକ ସମ୍ମାନ ଦେଖାଇବା ଉଦ୍ଦେଶ୍ୟରେ ତାଙ୍କୁ ନମସ୍କାର କରୁଥିବା ଜଣାଇ ଅଛନ୍ତି ।

× × କବି ଯେ ଭଣେ କୃଷ୍ଣ ପସ୍ତାର ତାଙ୍କୁ କବିସୂର୍ଯ୍ୟ ନମସ୍କାର । ×
(୨°ଶ ଛାନ୍ଦ, ପ୍ରେ:ତ:)

ରାଧାକୃଷ୍ଣଭକ୍ତଙ୍କ ବ୍ୟତୀତ ଅନ୍ୟ କେହି କବି 'ରସ' ଗ୍ରାହକ ହୋଇ ନ ପାରନ୍ତି, ତେଣୁ ସେମାନଙ୍କ ରଚନା ରସାଳ ନୁହେଁ । କବି ସଦାନନ୍ଦ କହିଛନ୍ତି—ଏହି କବିମାନଙ୍କ ମଧ୍ୟରୁ କେହି କେହି ମାନ୍ତ୍ରିକ ହୋଇ ଥାଆନ୍ତି ଏବଂ ସେମାନେ ଦେବତାଙ୍କ ବରପ୍ରସାଦରୁ ଶବ୍ଦକାବ୍ୟ ରଚନା କରିବା ଶକ୍ତି ପ୍ରାପ୍ତହୋଇ ଥାଆନ୍ତି, କିନ୍ତୁ ରସଗ୍ରାହକ ହୋଇ ପାରନ୍ତି ନାହିଁ ।

କେବଳ ଅଂଶ ଅବତାର ରସିକେ, ଜାଣିବ ଏଥିର ଆଶୟ,
ଖଳ ଛାର ଛାଡ଼ ଅନ୍ୟମାନଙ୍କର, କାହିଁରୁ ଏଥି ବ୍ୟବସାୟ ।

ଯେଣୁ ସେ ହୋଇଥାନ୍ତି କେହୁ ମାନ୍ତିକେ,
ଦେବତା ବରେ ଶବଦ କାବ୍ୟ ହୃଦେ ରସରେ ନୋହନ୍ତି ଗ୍ରାହକେ । —
(୬ଷ୍ଠ ଛାନ୍ଦ, ଲ: ଲୋ:)

ସଦାନନ୍ଦ କବିତାଗ୍ରାହକମାନଙ୍କୁ 'ରସିକ' ଓ 'ଲୌକିକ' (ବା ସାଧାରଣ ଲୋକ) ଭେଦରେ ଗ୍ରାହକତାର ତୁଳନା କରିଛନ୍ତି । ସରସ ହେଲେ ମିଥ୍ୟା କଥାବସ୍ତୁକୁ ରସିକମାନେ ସତ୍ୟରୂପେ ମାନନ୍ତି ଏବଂ ପୁରାଣ କଥା ସତ୍ୟ ହେଲେ ମଧ୍ୟ ତାହା ଯଦି ବିରସ ବା ରସହୀନ ହୁଏ ତାହାକୁ ଘେନନ୍ତି ନାହିଁ । କିନ୍ତୁ ଲୌକିକେ ମାନନ୍ତି । 'ସରସ' କଥାବସ୍ତୁ ଓ ବର୍ଣ୍ଣନାର ଗୌରବ ଏଠାରେ କବି ବ୍ୟକ୍ତକରିଛନ୍ତି ।

ସରସ ଯେବେ ମିଥ୍ୟା ହେଲେ ତା ହେବେ ସତ୍ୟ ମାନନ୍ତି ରସିକେ
ପୁରାଣ ହେଉ ବିରସ ଯେବେ ନ ଘେନନ୍ତି ମାନନ୍ତି । × ×
(୨୦ଶ ଛାନ୍ଦ, ପ୍ରେ: ତ:)

ଗୀତ ଗ୍ରାହକ—ସଦାନନ୍ଦ ନରଭିମାନ ଗୀତଗ୍ରାହକମାନଙ୍କୁ ଅତି ଆଦର କରି ସ୍ଥାନ ପ୍ରଦାନ କରିଛନ୍ତି ।

ଶୁଣ ହେ ଗୀତ ଗ୍ରାହକମାନେ, ଉପମା ତୁମ୍ଭେ ତୁମ୍ଭ ସମାନେ,
ଗଣନା ହେଲେ ସବଦ୍ୟମାନେ, ସେ ପଣ୍ଡିତ ମୋ ଅନୁମାନେ,
ଯେ ବଶ ସଦା ପ୍ରେମ-ବ୍ରମାନେ (ପ୍ରେମାଭିମାନେ ?) ସେ ପୁଣି ମାନେ ଯେ ।
ସହଜେ ଆଉ ନରଭିମାନେ ଧନ ତାହାଙ୍କୁ ଦେହୁ ନ ମାନେ
ତୁମ୍ଭଙ୍କୁ ନ ମାନନ୍ତି ଗୁମାନେ, ଆନୁ ସେମାନେ ଯେ ।
ଭୁତ ଭବିଷ୍ୟ ବରତମାନେ କୁଶଳ ତବ ସୁସ୍ୱନମାନେ
ଶୁଣେ ନୃପଜ କଥା ସାମାନ୍ୟ ପ୍ରକ୍ରମାନେ ଯେ । ୧ ।
(୧୦ମ ଛାନ୍ଦ, ମୋ: କ: ଲ:)

କ୍ଲିଷ୍ଟ, ଦୁର୍ବୋଧ ଓ କଳ୍ପନାଶୂନ୍ୟ ରଚନା ସମସ୍ତଙ୍କ ଯୋଗ୍ୟ ହେବ ନାହିଁ ବୋଲି ସେ ସ୍ପଷ୍ଟ ସ୍ୱରରେ କହିଛନ୍ତି । ଏହି କାରଣରୁ ନାନା ଜାତିର ଲୋକଙ୍କ

ନିମନ୍ତେ ଯେ ଯେପରି ରସିକ ସେହିପରି ରସରେ ନାନାଜାତିର କବିତା ଲେଖିବା ଉଚିତ ମନେକରି ବାସ୍ତବ ଆଦର୍ଶର ପ୍ରତିଷ୍ଠା କରିଛନ୍ତି ।

ଶୁଣ ସୁବୁଦ୍ଧି ନିସ୍ପୃମାବଧି, କଳ୍ପନା ଛାଡ଼ିଲି ମନ,
କ୍ଲିଷ୍ଟ ହୋଇବ ବୁଝି ନୋହିବ ନ ଘେନିବେ ସର୍ବଜନ ।୧।
ଯହିଁ ଯେପରି, ରସ ବିସ୍ତରି ନାନା ଜାତିରେ କହିବା,
ଯାର ଯେମନ୍ତ ସ୍ୱଭାବ ମତ, ସେ ରଙ୍ଗେ ମନ ହରିବା ।୨।
(ଅଷ୍ଟ ଛାନ୍ଦ, ଯୁଃ ରଃ ଲଃ)

ସ୍ୱ ସ୍ୱଭାବାନୁଯାୟୀ ପାଠକ କବିତାର ରସ ଗ୍ରହଣ କରେ । ସଦାନନ୍ଦଙ୍କ ଏହି ଉକ୍ତି ବାସ୍ତବ ।

ଶ୍ରୀ ଚୈତନ୍ୟ ଦେବଙ୍କ ଅବିର୍ଭାବ ଓ କାର୍ଯ୍ୟକଳାପ ଲୋକଙ୍କ ଭିତରେ 'ଅବତାରୀ' କୃଷ୍ଣଙ୍କ ବ୍ରଜଲୀଳାର ମାଧୁରୀ ବୁଝାଇବା ସହଜ ହୋଇ ପଡ଼ିଥିଲା । ଚୈତନ୍ୟଦେବଙ୍କ ଭକ୍ତମାନେ ଓ ସେମାନଙ୍କର ଶିଷ୍ୟ-ଅନୁଶିଷ୍ୟମାନେ ଶ୍ରୀକୃଷ୍ଣ ମାଧୁର୍ଯ୍ୟ ଲୀଳା ପ୍ରଚାର କରିବାରେ ହେଳା କରି ନ ଥିଲେ । ଭାରତର ବିଭିନ୍ନ ବୈଷ୍ଣବ ତୀର୍ଥ କ୍ଷେତ୍ରରେ ବିଶେଷତଃ ବୃନ୍ଦାବନ, ନବଦ୍ୱୀପ ଓ ପୁରୁଷୋତ୍ତମରେ ମଠ ଓ ପ୍ରଚାର କେନ୍ଦ୍ର ସ୍ଥାପନ କରି ନିଷ୍ଠା ସହକାରେ ପ୍ରଚାର କରି ବହୁଲୋକଙ୍କୁ ଦୀକ୍ଷା ଦେଇଥିଲେ । ରୂପସନାତନଜୀବ ଗୋସ୍ୱାମୀମାନେ ସଂସ୍କୃତରେ ବହୁ ପ୍ରାମାଣିକ ଗ୍ରନ୍ଥ ରଚନା କରି ଅଚିନ୍ତ୍ୟ-ଭେଦାଭେଦ ମାର୍ଗକୁ ସୁପ୍ରତିଷ୍ଠିତ କରି ପାରିଥିଲେ । ସ୍ଥଳବିଶେଷରେ ରାଜକୀୟ ପୃଷ୍ଠପୋଷକତା ଏହି ପନ୍ଥାର ପ୍ରଚାର ଓ ପ୍ରସାରରେ ବହୁ ସାହାଯ୍ୟ ମଧ୍ୟ କରିଥିଲା । ଓଡ଼ିଶାରେ ଶ୍ରୀଚୈତନ୍ୟଦେବଙ୍କ ସମସାମୟିକ ମହାରାଜା ପ୍ରତାପରୁଦ୍ରଦେବ ଓ ତାଙ୍କ ମନ୍ତ୍ରୀ ବୈଷ୍ଣବ ରାୟରାମାନନ୍ଦ ଜଣେ ପ୍ରଧାନ ପୃଷ୍ଠପୋଷକ ଥିବାରୁ ଓଡିଶାରେ ଚୈତନ୍ୟ ପନ୍ଥାର ସଂଘଶକ୍ତି ବର୍ଦ୍ଧିତ ହୋଇଥିଲା । ଚୈତନ୍ୟ ଓ ଗୋସ୍ୱାମୀମାନଙ୍କର ତିରୋଧାନ ପରେ ଏହି ପନ୍ଥାର ବାହ୍ୟ ଆକର୍ଷଣଶକ୍ତି କ୍ରମେ ହ୍ରାସ ପାଇବାକୁ ଲାଗିଲା । ମୋଗଲ ରାଜତ୍ୱରେ କେନ୍ଦ୍ର ଓ ପ୍ରାଦେଶିକ ଶାସକମାନଙ୍କର ଯଥୋଚିତ ପୃଷ୍ଠପୋଷକତା

ଅଭାବରୁ ଓ ସ୍ଥଳବିଶେଷରେ ପ୍ରତ୍ୟକ୍ଷ ପ୍ରବଳ ବିରୋଧ ହେତୁ ଚୈତନ୍ୟପନ୍ଥା ଅନ୍ୟାନ୍ୟ ଧାର୍ମିକ ପନ୍ଥାପରି କିଛିକାଳ ନିଷ୍ପ୍ରଭ ହୋଇ ପଡ଼ିଥିଲା ।

ମୋଗଲ ରାଜତ୍ୱରେ ଓ ମରହଟ୍ଟା ରାଜତ୍ୱରେ ଓଡ଼ିଶାର ବହୁ ପଣ୍ଡିତ ବ୍ରଜଲୀଳା ସମ୍ପର୍କରେ ସଂସ୍କୃତ ଓ ଓଡ଼ିଆ ଭାଷାରେ ଗ୍ରନ୍ଥ ରଚନା କରିଥିଲେ ମଧ୍ୟ ତାହା ଯଥେଷ୍ଟ ନଥିଲା । ଲୋକେ କ୍ରମେ ବାହ୍ୟ ଆଚରଣରେ ମଜ୍ଜି ରହିବାକୁ ସୁଖ ପାଉଥିଲେ । ପ୍ରକୃତ ରସାସ୍ୱାଦନ କରିବା ପାଇଁ ଯେଉଁ ଜ୍ଞାନର ଆବଶ୍ୟକ ହୁଏ ତାହା ଉପଯୁକ୍ତ ପରିମାଣରେ ଲାଭ ହେଉନଥିବାରୁ କ୍ରମେ ବ୍ରଜଲୀଳା ମାଧୁରୀର ପ୍ରକୃତ ଗ୍ରାହକ ଓ ଭକ୍ତଙ୍କର ସଂଖ୍ୟା ହ୍ରାସ ପାଇବାକୁ ଲାଗିଲା । ବହୁ ପୀଠ ଓ ପ୍ରଚାରକମାନେ 'ବ୍ରଜବୈଷ୍ଣବ' ବୋଲି ନିଜକୁ ପରିଚୟ ଦେଉଥିଲେ ମଧ୍ୟ କେବଳ ବାହ୍ୟ ଆଚରଣରୁ ଏହା ଜଣାଯାଉଥିଲା ।

ଚୈତନ୍ୟଙ୍କ ସମୟରୁ ଓଡ଼ିଶାରେ ବ୍ରଜ ପନ୍ଥାର ତତ୍ତ୍ୱ ବିଶେଷ ଭାବରେ ପ୍ରଚାର ଲାଭ କରିଥିଲେ ମଧ୍ୟ ଯଜ୍ଞାଦି ତ୍ୟାଗ କରି ଜ୍ଞାନଯୋଗ ଅପେକ୍ଷା ଭକ୍ତିଯୋଗ ପ୍ରତି ଆଦର କ୍ରମେ ହ୍ରାସ ପାଇବାକୁ ଲାଗିଲା । ସ୍ୱାମୀମାନଙ୍କ ସଂଖ୍ୟା ନଗଣ୍ୟ ନଥିବାରୁ ସେମାନଙ୍କର ଜ୍ଞାନମାର୍ଗର ପ୍ରଭାବ ବାହ୍ୟାଚରଣ ପନ୍ଥୀ ବ୍ରଜବୈଷ୍ଣବମାନଙ୍କ ଉପରେ ପଡ଼ିଥିବା ସ୍ପଷ୍ଟ ।

ମରହଟ୍ଟା ରାଜତ୍ୱ ପୂର୍ବରୁ ମୋଗଲ ରାଜତ୍ୱର ଶେଷାବସ୍ଥାରେ ଏହି ପ୍ରଭାବ ବିଶେଷ ଭାବରେ ଅନୁଭୂତ ହେଉଥିବାରୁ ସଦାନନ୍ଦଙ୍କ ଗୁରୁ ବ୍ୟଥିତ ହୋଇ ସଦାନନ୍ଦଙ୍କୁ ବ୍ରଜପନ୍ଥୀ ହେବା ପାଇଁ ପ୍ରବର୍ତ୍ତାଇଛନ୍ତି । ସଦାନନ୍ଦ ନିଜେ ସୁପଣ୍ଡିତ, କବିତ୍ୱ ଶକ୍ତିସମ୍ପନ୍ନ ହୋଇଥିବାରୁ ସେ ପ୍ରକୃତ ବ୍ରଜଲୀଳା ତତ୍ତ୍ୱର ପ୍ରଚାର କରିବା ପାଇଁ ଦୃଢ଼ ପଦକ୍ଷେପ କରିପାରିଛନ୍ତି । ନିଜେ ମଠ ପ୍ରତିଷ୍ଠା କରି ପ୍ରଚାର କରିବା ସଙ୍ଗେ ସଙ୍ଗେ ଓଡ଼ିଶାର ବିଭିନ୍ନ ଅଞ୍ଚଳର କେତେକ ରାଜା ଓ ଜମିଦାରମାନଙ୍କ ପୃଷ୍ଠପୋଷକତା ଲାଭ କରି ସମ୍ମାନ ମଧ୍ୟ ଲାଭ କରିଛନ୍ତି । ଘୁମୁସର ରାଜା ଧନଞ୍ଜୟ ଭଞ୍ଜ, ବିକ୍ରମ ଭଞ୍ଜ, ନୀଳକଣ୍ଠ ଭଞ୍ଜ, ଘନ ଭଞ୍ଜ ପ୍ରଭୃତି ରାଜାମାନଙ୍କର ଓ ପାରଳାଖେମୁଣ୍ଡିର ବିଖ୍ୟାତ କବି, ସଙ୍ଗୀତ ଶାସ୍ତ୍ରବିତ୍

ପ୍ରତାପୀ ରାଜା ନାରାୟଣ ଦେବଙ୍କ ବ୍ରଜଲୀଳାତତ୍ତ୍ୱ ମାହାତ୍ମ୍ୟ କୀର୍ତ୍ତନ ସଦାନନ୍ଦଙ୍କ ଅଳ୍ପ ପୂର୍ବରୁ ପଥ ପ୍ରଶସ୍ତ କରି ଦେଇଥିଲେ । ନାରାୟଣ ଦେବଙ୍କ ପରି ଖୋର୍ଦ୍ଧା ରାଜା ରାଜା ଦିବ୍ୟସିଂହ ଦେବଙ୍କ ସାହିତ୍ୟ ଓ ବୈଷ୍ଣବତତ୍ତ୍ୱ ପ୍ରଚାରର ଆଦର ମଧ୍ୟ ତାଙ୍କୁ ବିଶେଷ ଭାବରେ ସାହାଯ୍ୟ କରିଥିଲା । ଏହା ସତ୍ତ୍ୱେ ସେ ସମସାମୟିକ ଅବସ୍ଥାର ପ୍ରଭାବ ଯଥେଷ୍ଟ ନଥିବା ଏବଂ ପ୍ରକୃତ ବ୍ରଜପନ୍ଥାର ପ୍ରଭାବ ହ୍ରାସ ପାଉଥିବା ଲକ୍ଷ୍ୟ କରିଥିଲେ । ବ୍ରଜପନ୍ଥୀମାନଙ୍କର କୃତ୍ରିମତା, ଅଜ୍ଞତା ଓ ନିଷ୍ଠାଶୂନ୍ୟତା ଗୌରାଙ୍ଗଙ୍କ ପ୍ରତି ବିଶେଷ ଆଦରର ଅଭାବ ଓ ଦେଶରେ ଜ୍ଞାନମାର୍ଗର ବହୁଳ ପ୍ରଚାରର କାରଣ ବୋଲି ସଦାନନ୍ଦ ସ୍ଥିର କରିଥିଲେ । ଏହି ହେତୁ ସେ ଦୁଃଖିତ ହୋଇ କହିଥିଲେ—

ଏବେ ଜ୍ଞାନୀ କର୍ମୀରେ ଭୁବନ ଭରିଲା
ଗଉରାଙ୍ଗ କି ତତ୍ତ୍ୱ ତା କେ ନ ପଚାରିଲା ଯେ ।
କେ ଅବା ମାନନ୍ତି ତାଙ୍କ ଆଚାର୍ଯ୍ୟର ପ୍ରାୟେ
କେ ଜାଣେ ଭକ୍ତି ଦେବାକୁ ଅବତାର ହୋଏ ଯେ ।
କେ ଯେବେ ଜାଣନ୍ତି ଗୌର କୃଷ୍ଣ ସର୍ବେଶ୍ୱର
ସେ ଚେଷ୍ଟା ନ ବୁଝେଁ ମନ ଭ୍ରମ ନିରନ୍ତର ଯେ ।
କେ ବିଚାରେ ରାଧା ଅଙ୍ଗ ଧରି ରାଧା ହରି
କୃଷ୍ଣ ଚଇତନ୍ୟ ରୂପେ ଭାବ ଅବତରି ଯେ ।
ଯେବେ ରାଧାକୃଷ୍ଣ ଏକା ଦେହରେ ଭଜିଲେ
ଆମ୍ଭେ ଐଶ୍ୱର୍ଯ୍ୟ ନ ମାନୁଁ ମାଧୁର୍ଯ୍ୟ ବୋଲେ ହେ ।
ଏହା ଶୁଣି ହସ ନମାଇବ କାହାକୁ
ବ୍ରଜ ପରକୀୟା ରସ ଛୁଇଁ ନାହିଁ ତୁକୁ ଯେ ।

(୧ମ ଛାନ୍ଦ, ପ୍ରେଃ ତଃ)

'କପଟୀ' ବୈଷ୍ଣବମାନଙ୍କ ସମ୍ବନ୍ଧରେ କବି ନିତ୍ୟାନନ୍ଦମଣିରେ କଠୋର ସମାଲୋଚନା କରିଥିବାରୁ ସମସାମୟିକ ବୈଷ୍ଣବମାନଙ୍କର ଜୀବନର କେତେକ ଦିଗର ଚିତ୍ର ଏଥିରୁ ମିଳୁଛି ।

କବି ଗୌରାଙ୍ଗଙ୍କ ତତ୍ତ୍ୱକୁ ପ୍ରଚାର କରିବା ପାଇଁ ନାମଚିନ୍ତାମଣି, ଚୌରଚନ୍ଦ୍ରାମଣି, ବିଶ୍ୱମ୍ଭର ବିହାର ରଚନା କରିଛନ୍ତି ଏବଂ ଅନ୍ୟ ଗ୍ରନ୍ଥମାନଙ୍କରେ ସ୍ଥଳବିଶେଷରେ ଓ ଭଣିତାରେ ବ୍ରଜ ପନ୍ଥା ଓ ଚୈତନ୍ୟଙ୍କ ମାହାତ୍ମ୍ୟ କୀର୍ତ୍ତନ କରିଛନ୍ତି ।

ଉପେନ୍ଦ୍ର ଭଞ୍ଜ ପରି ଯୁଗରେ ସଦାନନ୍ଦଙ୍କ ପରି ଏତେ ଗୁଡ଼ିଏ ସ୍ୱରଗର୍ଭକ ଚାଳୁନିକ ଓ ବ୍ରଜଲୀଳା ବିଷୟକ କାବ୍ୟ ଓ କବିତା ଆଉ କେହି ଲେଖି ନାହାନ୍ତି ।

ଗ୍ରନ୍ଥ ସଂଖ୍ୟାରେ ଦୀନକୃଷ୍ଣ ଓ ଉପେନ୍ଦ୍ର ଭଞ୍ଜଙ୍କ ସହ ସଦାନନ୍ଦ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଅତି ଉଚ୍ଚ ଆସନ ଲାଭ କରିଛନ୍ତି । ଦୀନକୃଷ୍ଣଙ୍କର ରସକଲ୍ଲୋଳ ଓ ଜଗମୋହନ ଛାନ୍ଦ ତାଙ୍କ ଗ୍ରନ୍ଥମାନଙ୍କ ଭିତରେ ପ୍ରାଧାନ୍ୟ ଲାଭ କରିଛି । ରସକଲ୍ଲୋଳରେ ଦୀନକୃଷ୍ଣ ଯେଉଁ ପାଣ୍ଡିତ୍ୟ ପ୍ରକାଶ କରିଛନ୍ତି ତାହା ଅଳଙ୍କାର ଭଣ୍ଡାରର ସବୁ ବିଷୟକୁ ସ୍ପର୍ଶ କରିନାହିଁ । କିନ୍ତୁ ସଦାନନ୍ଦଙ୍କ ସବୁ କାବ୍ୟ ପାଣ୍ଡିତ୍ୟପୂର୍ଣ୍ଣ ଶବ୍ଦ ସମ୍ଭାର, ଲଳିତପଦାବଳୀ ଓ ସ୍ୱରଗାମ୍ଭୀର୍ଯ୍ୟ ପ୍ରଭୃତି ପାଇଁ ସମ୍ମାନ ଲାଭ କରିଛି ।

ଅଳଙ୍କାର ସମଣ୍ଡିତ କାବ୍ୟ ରଚନା କବିଙ୍କ ଲକ୍ଷ୍ୟ ଥିବାରୁ ବହୁ ସ୍ଥାନରେ ଲଳିତପଦାବଳୀର ସଂଖ୍ୟା ହ୍ରାସ ପାଇ କବିତାକୁ ନୀରସ କରିଦେଇଛି । ରସକଲ୍ଲୋଳର ସମକକ୍ଷ କାବ୍ୟ ସଦାନନ୍ଦ ରଚନା କରିପାରି ନ ଥିଲେ ମଧ୍ୟ ଲଳିତଲୋଚନା, ମୋହନ କଳ୍ପଲତା, ଯୁଗଳ ରସାମୃତ-ଲହରୀ କମ ପ୍ରତିଦ୍ୱନ୍ଦ୍ୱୀ ନୁହନ୍ତି ।

ଉପେନ୍ଦ୍ର ଓଡ଼ିଆ ସାହିତ୍ୟ ରାଜ୍ୟର ମୁକୁଟମଣି; ଏହାଙ୍କ ସଙ୍ଗେ ସଦାନନ୍ଦ ସର୍ବବିଷୟରେ ତୁଳନୀୟ ହେବା ପାଇଁ ଅଯୋଗ୍ୟ ନୁହନ୍ତି ।

ବ୍ରଜଲୀଳା ସମ୍ବନ୍ଧରେ ଓଡ଼ିଆ ବୈଷ୍ଣବ କବିମାନଙ୍କ ଭିତରେ ତାତ୍ତ୍ୱିକ ଓ ଭକ୍ତିପୂର୍ଣ୍ଣ ବିଷୟ ବର୍ଣ୍ଣନା କ୍ଷେତ୍ରରେ ଶ୍ରେଷ୍ଠ । ପରବର୍ତ୍ତୀ ବ୍ରଜପନ୍ଥୀମାନେ ସଦାନନ୍ଦଙ୍କ କାବ୍ୟ ପାଠକରି ଉତ୍ସାହିତ ହୋଇଥିବେ ଏଥିରେ ସନ୍ଦେହ ନାହିଁ । ତାଙ୍କ ଶିଷ୍ୟ ଅଭିମନ୍ୟୁ ଏହାର ଏକ ନିଦର୍ଶନ ।

ଚତୁର୍ଥ ପରିଚ୍ଛେଦ

ବୈଷ୍ଣବକବି ଦାଶରଥି ଦାସ

ବୈଷ୍ଣବ କବି ଦାଶରଥି ଦାସଙ୍କ 'ବ୍ରଜବିହାର' କାବ୍ୟଟି ଅଷ୍ଟାଦଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ରଚିତ । ଏହାର ଅଳ୍ପ ପୂର୍ବରୁ ଦୀନକୃଷ୍ଣ, ଧନଞ୍ଜୟ, ଉପେନ୍ଦ୍ର ଓ ଲୋକନାଥ ପ୍ରଭୃତି ବିଖ୍ୟାତ କବିମାନେ ସ୍ୱ ସ୍ୱ କୃତିଦ୍ୱାରା ଓଡ଼ିଆ ସାହିତ୍ୟକୁ ଗୌରବ-ସ୍ଥାନର ଅଧିକାରୀ କରି ସାରିଲେଣି । କବିଙ୍କ ସମୟରେ ବନମାଳୀ, ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା, ରଘୁନାଥ ଭଞ୍ଜ ପ୍ରଭୃତି କବିମାନେ ମଧ୍ୟ ଉଚ୍ଚକୋଟୀର କାବ୍ୟକବିତା ଲେଖି ଓଡ଼ିଆ ସାହିତ୍ୟର ଅଭିବୃଦ୍ଧି ସାଧନ କରିଛନ୍ତି ।

କବିଙ୍କ ଅଳ୍ପ ପୂର୍ବରୁ ବୃନ୍ଦାବତୀ ଦାସୀ, ଶ୍ୟାମ ଦାସ ପ୍ରଭୃତି କବିମାନେ ବ୍ରଜପନ୍ଥୀ ପ୍ରେମଭକ୍ତି ସମ୍ପର୍କୀୟ ପଦ୍ୟଗ୍ରନ୍ଥ ଲେଖି ଓଡ଼ିଆ ଭକ୍ତିସାହିତ୍ୟର ଧାରାକୁ ସତେଜ ରଖିଛନ୍ତି ।

ଦିବ୍ୟସିଂହଙ୍କ ପୃଷ୍ଠପୋଷକତାରେ ଜଗନ୍ନାଥମାହାତ୍ମ୍ୟର ପ୍ରସାର ପାଇଁ ବହୁ କାବ୍ୟକବିତା କବିମାନେ ରଚନାକରି ଯଶ ଅର୍ଜନ କରିଛନ୍ତି । ପୁଣି ଭକ୍ତିମୂଳକ କାବ୍ୟକବିତା ରଚନା କରିବା ପଥ ପୂର୍ବରୁ ନିର୍ମାଣ ହୋଇ-ସାରିଥିଲା । ରାଧାକୃଷ୍ଣ ପ୍ରେମ କାହାଣୀକୁ ରୀତିକାବ୍ୟର କଥାବସ୍ତୁ ରୂପେ ଗ୍ରହଣ କରି ଆଲଙ୍କାରିକ ଛଟାରେ ରୂପଦେବା ଗୌରବ ଦୀନକୃଷ୍ଣ ଉପେନ୍ଦ୍ରାଦି କବିମାନେ ଲାଭକରି ସାରିଥିଲେ । ପୁଣି, ପ୍ରାଚୀନ ଭକ୍ତକବିମାନଙ୍କ ମଧ୍ୟରେ ଜୟଦେବ ସଂସ୍କୃତରେ ଗୀତଗୋବିନ୍ଦ ରଚନାକରି ସ୍ୱ ମାତୃଭୂମି ଓଡ଼ିଶାର ମୁଖ ଉଜ୍ଜ୍ୱଳ କରିଛନ୍ତି । ତାଙ୍କ ପ୍ରଦର୍ଶିତ ମାର୍ଗ ଚୈତନ୍ୟ ଓ ତାଙ୍କ ଭକ୍ତମାନଙ୍କୁ ବିଶେଷ ଭାବରେ ପ୍ରଭାବିତ କରିଛି । ସନାତନ ଗୋସ୍ୱାମୀ, ରୂପ ଗୋସ୍ୱାମୀ

ପ୍ରଭୃତି ବ୍ରଜପନ୍ଥୀ ବୈଷ୍ଣବ ଓ ପଣ୍ଡିତମାନେ ରାଧାକୃଷ୍ଣଲୀଳାକୁ ଅଳଙ୍କାର-ଶାସ୍ତ୍ରସମ୍ମତ ବିଧିବିଧାନ ଉପଯୋଗୀ କରିଦେଇ ଏହି ପନ୍ଥାର ପରବର୍ତ୍ତୀ କବିମାନଙ୍କ ପଥକୁ ସୁଗମ କରି ଦେଇଛନ୍ତି । ଦାଶରଥି ଦାସ ଏହି ସୂତ୍ରକୁ ଅନୁସରଣକରି 'ବ୍ରଜବିହାର' ନାମକ ରତ୍ନମାଳାକୁ ହେମସୂତ୍ରରେ ଗୁନ୍ଥିଛନ୍ତି; କବି ଏଥିରେ କବି-ଗୌରବର ଅଧିକାରୀ ହୋଇ ପାରିଛନ୍ତି ।

ସପ୍ତଦଶ ଶତାବ୍ଦୀର ଶେଷାର୍ଦ୍ଧଠାରୁ ଅଷ୍ଟାଦଶ ଶତାବ୍ଦୀର ଶେଷାର୍ଦ୍ଧ ପର୍ଯ୍ୟନ୍ତ ସମସ୍ତଟି ଉତ୍କଳ ସାହିତ୍ୟ କ୍ଷେତ୍ରରେ ପ୍ରକୃତରେ ସ୍ୱର୍ଣ୍ଣଯୁଗ । ଦୀନକୃଷ୍ଣ, ଧନଞ୍ଜୟ, ଉପେନ୍ଦ୍ର, ଲୋକନାଥ, ସଦାନନ୍ଦ ପ୍ରଭୃତି ଏ ଯୁଗର ପ୍ରଧାନ ପ୍ରଧାନ ସାହିତ୍ୟସେବୀ । ଦାଶରଥି ଏହି ସ୍ୱର୍ଣ୍ଣଯୁଗର ଭକ୍ତିସାହିତ୍ୟ ଭଣ୍ଡାରକୁ 'ବ୍ରଜବିହାର' କାବ୍ୟଟି ଦାନ କରିଛନ୍ତି । ରସକଲ୍ଲୋଳ, ବୈଦେହୀଶ-ବିଳାସ ଶ୍ରେଣୀର କାବ୍ୟର ଉତ୍କୃଷ୍ଟ ଲକ୍ଷଣଗୁଡ଼ିକ ବିଶେଷ ଭାବରେ 'ବ୍ରଜବିହାର'ରେ ନାହିଁ । ଭାଷା, ବର୍ଣ୍ଣନା ଓ ତତ୍ତ୍ୱବ୍ୟାଖ୍ୟା ପ୍ରଣାଳୀର କୌଶଳ ଏହାକୁ ମର୍ଯ୍ୟାଦା ଦାନ କରିଛି ।

କବିଙ୍କ ରଚନା—କବି ସ୍ୱ କାବ୍ୟର ଶେଷ ବୋଲି (ଦଶମ ବୋଲି)ର ଶେଷାଂଶରେ ନିଜର ପରିଚୟ, ସମ୍ପ୍ରଦାୟର ସଂକ୍ଷିପ୍ତ ବିବରଣ ଦେଇଛନ୍ତି ।

ଶ୍ରୀ ବ୍ରଜବିହାର ଦଶମ ବୋଲି,
ଶ୍ରୀଗୁରୁ କୃପାରୁ ସମ୍ପୂର୍ଣ୍ଣ କଲି ।
ଶ୍ରୀଭଗବତ ସର୍ବରସ ତୂଳ,
ଭକତଜନ ଭାବ ଯହିଁ ମୂଳ ।
ସେ ରସ ଶୁକ ମୁଖରେ ଶ୍ରବିଲେ,
ପାନ କରନ୍ତେ ସକଳେ ଦ୍ରବିଲେ ।
ମଧୁର ରସା-ସ୍ୱାଦ ଆଶା ଯେବେ,
ଏ ବୋଲି ଶୁଣିଲେ ଜାଣିବ ତେବେ ।

ସର୍ବରସର ଆକର ବ୍ୟାସଦେବଙ୍କ କୃତ ଶ୍ରୀମଦ୍ ଭାଗବତ ଭକ୍ତଜନମାନଙ୍କର ପରମ ଆଦରଣୀୟ ଗ୍ରନ୍ଥ । ମଧୁର ରସ ଏଥିର ପ୍ରଧାନ ପ୍ରତିପାଦିତ ରସ । ଏହା ଭକ୍ତମାନଙ୍କ ଭାବର ମୂଳ । କବି ଶ୍ରୀଗୁରୁଙ୍କ କୃପାରୁ 'ବ୍ରଜବିହାର' କାବ୍ୟଟି ରଚନା କରିଥିବା ପ୍ରକାଶ କରିଛନ୍ତି ।

ଗ୍ରନ୍ଥ ଶେଷର ସମୟ ସମ୍ବନ୍ଧରେ କବି ଏପରି ଲେଖିଛନ୍ତି—

ଚାରି ସହସ୍ର ଆଠଶ ବତିଶ,
କଳିଯୁଗ ଭୋଗ ହେଲେ ବରଷ ।
ଶକାବ୍ଦ ଜାଣ ଷୋଳଶ ତେପନ,
ରାମଚନ୍ଦ୍ର ଦେବ ମହାରାଜନ ।
ଆଠ ଅଙ୍କ କୁମାରପୂର୍ଣ୍ଣିମାରେ,
ବ୍ରଜବିହାର ଗ୍ରନ୍ଥ ସମ୍ପୂର୍ଣ୍ଣରେ ।

କଳିଯୁଗାବ୍ଦ ୪୮୩୨ ବା ଶକାବ୍ଦ ୧୬୫୩ ବା ଖ୍ରୀ:୧୭୩୧ରେ କବି ବ୍ରଜବିହାର ରଚନା ଶେଷ କରିଥିଲେ । ସେତେବେଳକୁ ଖୋର୍ଦ୍ଧାରାଜା ରାମଚନ୍ଦ୍ର ଦେବଙ୍କ ଆଠ ଅଙ୍କ କୁମାରପୂର୍ଣ୍ଣିମା । (ଏ ଅନୁସାରେ ଦେଖିଲେ ରାମଚନ୍ଦ୍ର ଦେବ ଖ୍ରୀ: ୧୭୨୫–୨୬ରେ ରାଜା ହୋଇଥିଲେ ।)

ଗ୍ରନ୍ଥ ରଚନା ଶେଷ ବେଳକୁ କବି ଶ୍ରୀପୁରୁଷୋତ୍ତମ କ୍ଷେତ୍ର ବା ପୁରୀରେ ଜଗନ୍ନାଥଙ୍କ ଦର୍ଶନ କରିବା ପାଇଁ ବିଶ୍ରାମ କରୁଥିଲେ । ରଣପୁର ମଣ୍ଡଳ ତାଙ୍କର ବାସସ୍ଥାନ ।

କ୍ଷେତ୍ରବର ରାଜ ପୁରୁଷୋତ୍ତମ,
ଜଗନ୍ନାଥ ଚରଣେ ବିଶ୍ରାମ ।
ରଣପୁର ମଣ୍ଡଳେ ମୋର ବାସ,
ନାମ ବିଦିତ ଦାଶରଥି ଦାସ ।
(୧୦ମ ବୋଲି)

ଦାଶରଥି ଦାସ 'ବ୍ରଜବିହାର'ର ୩ୟ ବୋଲରୁ ରାଜା ଗୋପୀନାଥ ଦେବଙ୍କ ୩ୟ ଅଙ୍କ ବା ଖ୍ରୀ: ୧୭୨୬-୨୭ରେ ଶେଷ କରିଥିବା ଜଣାଯାଏ । ସେହି ସମୟରେ ଭଗବାନ ଭ୍ରମରବର ତାଙ୍କର ପାତ୍ର ଥିଲେ । ହରିଭକ୍ତ ପାତ୍ରଙ୍କର ପୃଷ୍ଠପୋଷକତା ଲାଭକରି କବି ଗ୍ରନ୍ଥରଚନା କରିଥିବା ଅନୁମାନ କରାଯାଏ ।

ଗୋପୀନାଥ ଦେବ ଅଙ୍କତି ମାର୍ଗଶିର,
ପାତ୍ର ଭଗବାନ ପଦ ଭ୍ରମରବର ।
ସଦାବର୍ତ୍ତୀ ସଦାନନ୍ଦ ହରିଭକତ,
ଲୋକ ପଢନ୍ତି ଶୁଣନ୍ତି ମେ ହନ କୀର୍ତ୍ତି ।
ଏହି ସମୟେ ଏ ବୋଲ ହେଲା ସମ୍ପୂର୍ଣ୍ଣ,
ଦାଶରଥି ଦାସ ସେବେ ପଦଚରଣ । (୩ୟ ବୋଲ)

ମାଦଳା ପାଞ୍ଜିରେ ଲେଖା ଅଛି, ଏହି ପାତ୍ର ଭଗବାନ ଭ୍ରମରବର ରାଜା ଗୋପୀନାଥ ଦେବଙ୍କ ପିତା ହରେକୃଷ୍ଣ ଦେବଙ୍କ ସମୟରେ "ଲୋକ ଆସିବାକୁ ଶେଷ ଅଟେ ଭିତର ବେଢ଼ା ଦୁଆର ଜଗମୋହନ ପାବଛୁ ସରକ ଅଠକ୍ରା ପହଣ୍ଡ ଗଢ଼ାଇ ପ୍ରତିଷ୍ଠା କଲେ ।" ଭଗବାନ ଭ୍ରମରବର ଓ ତାଙ୍କ ପିତା ରାମଚନ୍ଦ୍ର ପଟ୍ଟନାୟକ, ପିତାମହ ପରମାନନ୍ଦ ପଟ୍ଟନାୟକ, ପୁଣି ଗୋପୀନାଥ ବିଦ୍ୟାଧର ମହାପାତ୍ର ଖେଙ୍କ ରାଜାମାନଙ୍କର ପାତ୍ର ଥିଲେ । ଏମାନେ ପ୍ରସିଦ୍ଧ-କବି ଲୋକନାଥ ବିଦ୍ୟାଧରଙ୍କ ସମ୍ପର୍କୀୟ ଲୋକ ।

ସଦ୍‌ଗୁରୁ ଶ୍ରୀ କଣ୍ଠୁ ଦାସ ଗୋସାଇଁଙ୍କ ଚରଣ ପ୍ରସାଦରୁ କବି ରାଧାକୃଷ୍ଣ-ପ୍ରେମରସ ଆସ୍ୱାଦନ କରିପାରିଥିଲେ । କବି କୃତଜ୍ଞତା ସହକାରେ ଗୁରୁ କଣ୍ଠୁଦାସ ଗୋସ୍ୱାମୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଗ୍ରନ୍ଥରଚନାର ସେ ମୂଳକାରଣ ବୋଲି ଛନ୍ଦୋବଦ୍ଧରେ କହିଛନ୍ତି ।

ଭଲ ସମାଧାନ କରଣ ମୁଖର ଗଲେ ପୁରେ,
ରାଧାକୃଷ୍ଣ ପ୍ରୀତି ଦନୁ ବର୍ଣ୍ଣ କଢ଼େ ଏ ପ୍ରକାରେ ।

ସେହି ବେନଜନ ପଦ ଅରବିନ୍ଦ ମକରନ୍ଦେ,
ଦାଶରଥି ଦାସ ମାନସ ମଧୁର ସଦାନନ୍ଦେ ।
ଶ୍ରୀଗୁରୁ କଣ୍ଠଦାସ ଗୋସାଇଁ ଚରଣ ପ୍ରସାଦୁଁ,
ଏହୁ ପ୍ରେମଲତା ବିସ୍ତାର ହରି ହୃଦୟ କନ୍ଦୁ ।
ଦୟାକରି ମୋତେ କଣ୍ଠିରନ୍ଧ୍ରେ ହୃଦୟ ସ୍ଥଳରେ,
କୃଷ୍ଣନାମ ବୀଜ ରୋପି ଯତ୍ନେ କରୁଣା ଜଳରେ ।
ସାଧୁଜନ ଶ୍ରୀଚରଣ ଅବଲମ୍ବନ କରଇ,
ବ୍ରଜବିହାର ଚରିତ ପ୍ରେମଲତା ଅଙ୍କୁରଇ ।
(୭ମ ବୋଲି)

ରାଧାକୃଷ୍ଣ ପ୍ରେମଲୀଳା ବା ବ୍ରଜଲୀଳା ଗୁପ୍ତ ବିଷୟ; କେବଳ ଭକ୍ତକୁ ଏହା ପ୍ରତ୍ୟକ୍ଷ । ସଖୀଭାବରେ ଯେ ରସିକ ସେ କେବଳ ଏ ରସକୁ ଆଶ୍ରୟ କରି ବଞ୍ଚଇ । ବ୍ରଜ ସଖୀପନ୍ଥୀ ବୈଷ୍ଣବମାନେ କେବଳ ଏହାର ଆଦର କରି ପାରିବେ, ଅନ୍ୟମାନେ ଏହାକୁ ଘୃଣା କରିବେ—ଏହି ଆଶଙ୍କାରେ ଭକ୍ତକବି ରାଣନୟମ ଦେଇ ଅତି ବିନୟରେ କହିଛନ୍ତି—"ଏହିଗ୍ରନ୍ଥକୁ ନ ଦେବ ସଖୀଭାବ ବିନୁ ଆନ ।" ସଖୀଭାବ ଭକ୍ତ ପକ୍ଷରେ 'ସର୍ବ ଶାସ୍ତ୍ରେ ଏହି ବ୍ରଜଲୀଳା ସାର' ବୋଲି ବିଶ୍ୱାସ କରିବା ଓ କହିବା ଅସ୍ୱାଭାବିକ ନୁହେଁ । ଏହି ରସର ଉତ୍କର୍ଷକୁ କବି ସ୍ପଷ୍ଟ ଭାବରେ ବ୍ୟକ୍ତ କରିଛନ୍ତି ଏବଂ 'ଅନ୍ୟ ଉପାସକ ଜନେ ଏ ଆସ୍ୱାଦନକୁ ନ ଜାଣି' ବୋଲି ମଧ୍ୟ କହିଛନ୍ତି । ବ୍ରଜପନ୍ଥୀ ବହୁ ବୈଷ୍ଣବ ଅନୁରୂପ ମତ ବ୍ୟକ୍ତ କରିଥିବା ଜଣାଯାଏ । ସଦାନନ୍ଦ କବିସୂର୍ଯ୍ୟବ୍ରହ୍ମା ସ୍ୱ-କାବ୍ୟ ଓ ଶାସ୍ତ୍ରଗ୍ରନ୍ଥମାନଙ୍କରେ ଏକାଧିକ ସ୍ଥାନରେ ଏପରି କହିଛନ୍ତି । ଦାଶରଥିଙ୍କ ଆଶଙ୍କା ଓ ରାଣନୟମ ପନ୍ଥାରେ ତାଙ୍କର ପ୍ରଗାଢ଼ ଭକ୍ତି ଓ ତନ୍ମୟତା ପ୍ରକାଶ ପାଉଥିଲେ ହେଁ ଅନ୍ୟ ଉପାସକମାନଙ୍କ ପ୍ରତି ତାଙ୍କ ମନୋଭାବ ଉଦାର ନୁହେଁ ।

ସାଧୁଜନ ଶ୍ରୀଚରଣେ ଅବଲମ୍ବନ କରଇ,
ବ୍ରଜବିହାର ଚରିତ ପ୍ରେମଲତା ଅଙ୍କୁରଇ ।

ଶ୍ରଦ୍ଧା ବଳେ ସୁବାସନା ଫୁଲେ ଭକ୍ତିଫଳ ମିଳେ,
ହରି ଯାହାଙ୍କୁ କରୁଣା ତାଙ୍କୁ ଏହୁ ଫଳ ମିଳେ ।

ସେହିଜନ ସେ ଜାଣଇ ଏହୁ ଫଳରସାସ୍ୱାଦ,
ବ୍ରଜେ ରାଧାକୃଷ୍ଣ ଉପାସନେ ଯେ ଜନ ପ୍ରମୋଦ ।

ଅନ୍ୟ ଉପାସକ ଜନେ ଏ ଆସ୍ୱାଦକୁ ନ ଜାଣି,
ଓଷ୍ଠ ଦାକ୍ଷା ଭକ୍ଷିଲେ କଣ୍ଟାଫଳ ବୋଲି ମାନି ।

କ୍ଷୁଦ୍ର ବାଞ୍ଛା ଜନ ମାତ୍ର ପ୍ରାପ୍ତ ସୁଗନ୍ଧ ତେଜଇ,
ପୂର୍ବ ଦୁର୍ବାସନା ବଳେ ଯାଇ ଦୁର୍ଗନ୍ଧେ ମଜ୍ଜଇ ।

ଏଣୁକରି ସାଧୁଜନେ ଏଥି ଯତନ କରିବା,
ଏହୁ ରସ ଯେହୁ ଜାଣଇ ତାହାଙ୍କୁ ପଚ୍ଚରିବା ।

ଯାବେ ପଡ଼ିଣ ମାଗୁଅଛୁ ମୋର ଯେନ ନିବେଦନ,
ଏହି ଛନ୍ଦକୁ ନ ଦେବ ସଖୀସ୍ୱାଦ ବିନୁ ଆନ ।

ରତ୍ନଜନ ଗୁଣୀ ରତ୍ନଜନ କହିଲେ ଜାଣଇ,
ଲୌହକାର ତାର ଶ୍ରମ ଗୁଣ କିଛୁ ନ ଜାଣଇ ।

ସେହି ରୂପେ ସର୍ବଶାସ୍ତ୍ରେ ଏହି ବ୍ରଜଲୀଳା ସାର,
ଅନ୍ୟ ପୁରାଣେ ଭାବ୍ୟ ନାହିଁକେ ନୁହଇ ଗୋଚର ।

ସଖୀ ରସେ ଯେ ରସିକ ସେହୁ ଏ ରସେ ବସଇ,
ସେହୁ ଅମୃତ ଭୁଞ୍ଜଇ ସେହୁ ସକଳ ତେଜଇ ।

କୃଷ୍ଣ ଚରଣଯୁଗେ ଶରଣ ଦାଶରଥି ଦାସ,
ଏହୁ ରସ ଅପ୍ୟାନରେ ନ ରୁଚଇ ଆନ ରସ ।

(ଚମ୍ପୁ ବୋଲି)

କବିଙ୍କର ଏହି ଶେଷପଦର ସ୍ୱର ତାଙ୍କର ବୈରାଗ୍ୟର ସ୍ପଷ୍ଟ ସୂଚନା ଦେଉଥିଲେ ମଧ୍ୟ ସେ ବୈରାଗୀ ହୋଇଥିବାର ପ୍ରମାଣ ମିଳୁନାହିଁ ।

ଦାଶରଥି ନିଜ ବଂଶ ସମ୍ବନ୍ଧରେ ୯ମ ବୋଲିରେ ଲେଖିଛନ୍ତି—

ଏ ବ୍ରଜବିହାର ଚରିତ, ନବମ ବୋଲି ସମାପତ ।
କୋମଳ ବଚନ ପଦରେ, ସହସ୍ର ଦଳ ଆସ୍ୱାଦରେ ।
ମତ୍ତ ମଧୁପ ମକରନ୍ଦ, ପିବ ସୁଜନେ ପଦ ପଦ ।
କାଶ୍ୟପ ଗୋତ୍ରେ ହୋଇ ଜାତ, ସିଠି କରଣ କୁଳେ ଖ୍ୟାତ ।
କହଇ ଦୀନ ଦାଶରଥି, ଶ୍ରୀକୃଷ୍ଣ ପାଦେ ଶିର ଲଥି ।
(୯ମ ବୋଲି)

କବି ଜାତିରେ ସିଠି କରଣ, ବା ଶିଷ୍ଟି କରଣ । ଗୋତ୍ର କାଶ୍ୟପ । ଶିଷ୍ଟି କରଣର ଅନ୍ୟନାମ ଶିସ୍ତ କରଣ । ଦକ୍ଷିଣ ଓଡ଼ିଶାରେ ଏମାନଙ୍କର ସଂଖ୍ୟା ବେଶି ।

ବିଷୟବସ୍ତୁ—କୃଷ୍ଣଙ୍କ ଜନ୍ମ, ପୂତନାଦି ବଧ, ଗୋପ ବୃନ୍ଦାବନରେ ବାଲଲୀଳା (୧ମ ବୋଲି) । ଗୋବତ୍ସ ଚାରଣ, ବକାଦି ଅସୁର ବଧ, ଚନ୍ଦ୍ରାବଳୀ ସହିତ ପ୍ରେମ ଓ ବିରହଦଶା (୨ୟ ବୋଲି) । କୃଷ୍ଣ-ଚନ୍ଦ୍ରାବଳୀ ପ୍ରେମଚରିତ (୩ୟ ବୋଲି) । ରାଧାଙ୍କ ଜନ୍ମ, ବାଲ୍ୟଲୀଳା, ଯୌବନ, କୃଷ୍ଣଙ୍କ ପ୍ରତି ଅନୁରାଗ, ପୂର୍ବରାଗ, ବିରହ, ଶ୍ୟାମକୁଣ୍ଡଠାରେ ରାଧାକୃଷ୍ଣ ଭେଟ, କୃଷ୍ଣଙ୍କ ବିରହ, ରାଧାଙ୍କ ବିରହ, ପ୍ରେମିକପ୍ରେମିକା ମଧ୍ୟରେ ପତ୍ର ଆଦାନପ୍ରଦାନ, ରାଧାଙ୍କର ଜଳକେଳି, ରାଧାକୃଷ୍ଣ ମିଳନ, ମିଳନ ପରେ ବିରହ, ବ୍ରହ୍ମାଙ୍କ ଗୋପବାଳକ ଓ ଗୋବତ୍ସ ହରଣ ଓ କୃଷ୍ଣଙ୍କ ଦ୍ୱାରା ଉଦ୍ଧାର ଏବଂ ବନଭୋଜ (୪ର୍ଥ ବୋଲି) । ପ୍ରଲମ୍ବ ଓ ଧେନୁକାଦି ଅସୁର ବଧ, ରାତ୍ରରେ ରାଧା-କୃଷ୍ଣ ମିଳନ ଓ ଅଭିସାର (୫ମ ବୋଲି) । ଚୈତନ୍ୟାବତାର, ତାଙ୍କ ଲୀଳାର ସଂକ୍ଷିପ୍ତ ପରିଚୟ, ବିଭିନ୍ନ ଗୋଷ୍ଠୀ ପରିବାରର ପରିଚୟ, କୃଷ୍ଣଙ୍କ ଏକାଦଶମେ ରାତ୍ରି ଜାଗର, ଶଙ୍ଖରେ ଅଭ୍ୟାସ, ମାତା ଯଶୋଦାଙ୍କ ଦୁଃଖ, ରାଧା କୃଷ୍ଣଙ୍କ ଉଚ୍ଛିଷ୍ଟାନ ଭୋଜନ କଲେ, ରାତ୍ରିରେ ବନବିହାର, କାଳୀୟଦଳନାଦି ପ୍ରସଙ୍ଗ (୬ଷ୍ଠ ବୋଲି) । ଶରଦ ରାସ, ଚନ୍ଦ୍ରାବଳୀଙ୍କ ଈର୍ଷା, ଗୋପକନ୍ୟାଙ୍କ ସହ କୃଷ୍ଣଙ୍କ ପଶାଖେଳ, ଯମୁନାରେ ବସ୍ତ୍ରହରଣ ଲୀଳା ଓ ରାଧା-କୃଷ୍ଣ କ୍ରୀଡ଼ା (୭ମ ବୋଲି) ।

ବସନ୍ତ ରାସ, ଗୋପୀଙ୍କ ସହ କୃଷ୍ଣଙ୍କ ଫଗୁ ଖେଳ, ରାଧାଙ୍କ ମାନ, ଶଙ୍ଖଚୂଡ଼ ବଧ, ରାଧା ଓ କୃଷ୍ଣଙ୍କ ବିରହ, ଚନ୍ଦ୍ରାବଳୀ ସହ କୃଷ୍ଣଙ୍କ କ୍ରୀଡ଼ା, ରାଧାଙ୍କ ମାନ ଭଞ୍ଜନ, ରାଧାଙ୍କ ପୁରରେ ରାଧାକୃଷ୍ଣ ମିଳନ, ରାଧାଙ୍କ କୋପ, ବୃନ୍ଦାବନରେ ରାଧା-କୃଷ୍ଣ ମିଳନ, କୃଷ୍ଣ ରାଧାଙ୍କ ପାଦ ବନ୍ଦନା କଲେ, ରାଧାଙ୍କ ମାନଭଞ୍ଜନ, ରାଧାକୃଷ୍ଣ କ୍ରୀଡ଼ା, ଗ୍ରୀଷ୍ମଋତୁକାଳୀନ ବନବିହାର, ବନରେ ବ୍ରାହ୍ମଣମାନଙ୍କ ଯଜ୍ଞ, ବ୍ରାହ୍ମଣୀମାନେ ଗୋପବାଳକମାନଙ୍କୁ ଅନ୍ନ ଦେବା, କୃଷ୍ଣଙ୍କ ପ୍ରତି ବ୍ରାହ୍ମଣୀମାନଙ୍କ ଅନାଦର ଭାବ ଓ ଆଦର (୮ମ ବୋଲି)। ବର୍ଷାଋତୁ, ରାଧା-କୃଷ୍ଣ ମିଳନର ଉପାୟ ସଖୀମାନେ ସ୍ଥିର କରିବା, ଗୋବର୍ଦ୍ଧନରେ ସ୍ୱର୍ଣ୍ଣଶିଳାଙ୍କ ପୂଜା ପାଇଁ ରାଧା ସଖୀମାନଙ୍କ ସହ ଯିବା, ଗିରିରେ ରାଧାକୃଷ୍ଣ ମିଳନ, ଷଣ୍‌ସୁର ବଧ, ବରୁଣପୁରରୁ ନନ୍ଦଙ୍କୁ ଉଦ୍ଧାର, ଇନ୍ଦ୍ର-ଉତ୍ସବ ପାଳନ ବିରୁଦ୍ଧରେ ମତ, ଇନ୍ଦ୍ରଙ୍କ କୋପ, ଇନ୍ଦ୍ରଙ୍କ ଗର୍ବଗଞ୍ଜନ (୯ମ ବୋଲି)। ଶରତଋତୁ ବର୍ଣ୍ଣନା, ବନବିହାର, ରାଧାଙ୍କ ଗର୍ବ ଓ ତାଙ୍କ ଗର୍ବଗଞ୍ଜନ, ରାଧା-କୃଷ୍ଣ ମିଳନ, ଜଳକ୍ରୀଡ଼ା, କୃଷ୍ଣଙ୍କ ମଥୁରା ଓ ଦ୍ୱାରକା ଲୀଳାର ସଂକ୍ଷିପ୍ତ ବର୍ଣ୍ଣନା (୧୦ମ ବୋଲି)।

ଦାଶରଥି ଦାସ ଶ୍ରୀଭାଗବତ, ବ୍ରହ୍ମବୈବର୍ତ୍ତ ପୁରାଣ, ଗୀତଗୋବିନ୍ଦ ପ୍ରଭୃତିର ନାମୋଲ୍ଲେଖ କରି ପ୍ରସଙ୍ଗର ପ୍ରାମାଣିକତା ପ୍ରତିପାଦନ କରିଛନ୍ତି। ଜୟଦେବଙ୍କ ଗୀତଗୋବିନ୍ଦ, ଜଗନ୍ନାଥ ଦାସଙ୍କ ଭାଗବତ, ସନାତନ ରୂପ-ଗୋସ୍ୱାମୀମାନଙ୍କର ସଂସ୍କୃତ ରାଧାକୃଷ୍ଣଲୀଳା-ରସ ବିଷୟକ ଗ୍ରନ୍ଥରାଜିରୁ କବି ବହୁ ତଥ୍ୟ ସଂଗ୍ରହ କରିଛନ୍ତି। ଗୀତଗୋବିନ୍ଦର ବିଷୟବସ୍ତୁ ସମାବେଶ, ପ୍ରକାଶଭଙ୍ଗୀ, ଭାଷାଶୈଳୀ କବିଙ୍କୁ ବିଶେଷ ଭାବରେ ପ୍ରଭାବିତ କରିଛି। କବି ଏକାଧିକ ସ୍ଥଳରେ ଗୀତଗୋବିନ୍ଦର ନାମୋଲ୍ଲେଖ କରିଛନ୍ତି ଏବଂ ସେଥିରୁ ଅନେକ ଶ୍ଳୋକ ମଧ୍ୟ ଉଦ୍ଧାର କରିଛନ୍ତି।

(୧) ଗୀତଗୋବିନ୍ଦେ ପ୍ରଥମ ଶ୍ଳୋକେ ଜୟଦେବ କହେ,
ଏହି ଘନ ନନ୍ଦ ରାଧା ସଙ୍ଗେ କୃଷ୍ଣ ପେଷେ ଗୃହେ। × ×

ଏହି ସୂତ୍ର ଅନୁକ୍ରମେ ଗୀତ ହୋଇବ ବିସ୍ତାର,
ଯେ ଶୁଣିବ ଏହି ରସ ସେହି ହୋଇବ ନିସ୍ତାର ।
(୬ଷ୍ଠ ବୋଲି)

ଗୀତଗୋବିଂଦ ଚରିତ ଭେଦ,
ବିପ୍ରର ଜନେ କର ଆସ୍ୱାଦ । (୮ମ ବୋଲି)

(୧) ବ୍ରଜବିହାର ଷଷ୍ଠ ବୋଲି ଯେ ମଧୁର ଲଳିତ,
ଷୋଡ଼ଶାକ୍ଷରରେ ଭାଗବତର ଦଶମ ଚରିତ । (୬ଷ୍ଠ ବୋଲି)

କବି ବୋଲି, ସ୍କନ୍ଧ, ଛାଂଦ ଏକ ଅର୍ଥରେ ବ୍ୟବହାର କରିଛନ୍ତି —

ଦାଶରଥି ଦାସ ନିତ୍ୟ ବଂଦେ,
ବ୍ରଜବିହାର ଅଷ୍ଟମ ଛାଂଦେ । (୮ମ ବୋଲି)
ଅଷ୍ଟମ ସ୍କନ୍ଧ ଯୁଗଳ ଛଂଦ
ପ୍ରଥମେ ଏକ ବିଂଶାକ୍ଷର ପଦ । (୮ମ ବୋଲି)

କବି ପ୍ରତ୍ୟେକ ଛାଂଦକୁ ‘ବୋଲି’ ନାମରେ କାବ୍ୟରେ ଅଭିହିତ କରିଛନ୍ତି । କେତେକ ବୋଲି ଭିତରେ ସ୍ୱରଚିତ ହିନ୍ଦି ଓ ଓଡ଼ିଆ ଭାଷାର କ୍ଷୁଦ୍ର ଗୀତ ମଧ୍ୟ ଦେଇଛନ୍ତି । ଏକ ସ୍ଥାନରେ ଏକ ମନ୍ତ୍ରର (ନବମ ବୋଲି) ଉଲ୍ଲେଖ ମଧ୍ୟ କରିଛନ୍ତି ।

କବି ବ୍ରଜବିହାର ବୋଲି ବା ଛାନ୍ଦଭିତରେ ପ୍ରଥମ ଭାଗ, ଦ୍ୱିତୀୟ ଭାଗ, କିମ୍ବା ଉତ୍ତର ଭାଗ ଏପରି ବିଭାଗ ନିର୍ଣ୍ଣୟ କରି ଦେଇଛନ୍ତି । ପ୍ରତ୍ୟେକର ଚରିତର ନିର୍ଦ୍ଦେଶ କରିଛନ୍ତି । ଏପରି ବିଭାଗ କରି ସେ ‘ବୋଲିର’ ‘ପଦ-ବିଶେଷ’ ଲକ୍ଷଣଜନିତ ଭ୍ରାନ୍ତିକୁ ଅଳ୍ପ ଦୂର କରିବା ପାଇଁ ଚେଷ୍ଟା କରିଛନ୍ତି । ଛାନ୍ଦଗୁଡ଼ିକ ଅତିଦୀର୍ଘ ହୋଇଥିବାରୁ ପ୍ରତ୍ୟେକରେ ଏକାଧିକ ବିଷୟ ସ୍ଥାନ ପାଇଛି; ଫଳରେ ପାଠକ ମନରେ କ୍ଲାନ୍ତି ବୋଧ ହେବା ସ୍ୱାଭାବିକ । ତେବେ, ଏହି ଦୋଷ ଯୋଗୁଁ ପଦ ନୀରସବୋଧ ହେବାର

କାରଣ ନାହିଁ । ଅମୃତକୋମଳପଦାବଳି ଓ ବର୍ଣ୍ଣନା ବୈଚିତ୍ର୍ୟ, ପାଠକଙ୍କୁ ଆନନ୍ଦସାଗରରେ ନିମଜ୍ଜନ କରାଏ । ପ୍ରତ୍ୟେକ ବୋଲରେ ଏକ ସହସ୍ର ସଂଖ୍ୟକ ପଦ ଥିବା ଜଣାଯାଉଛି । କବି ସହସ୍ରଦଳ ପଦ୍ମ କଳ୍ପନା କରି ଗୀତ ରଚନା କରିଛନ୍ତି ।

ଏ ବ୍ରଜ ବିହାର ଅମୃତ ଭଣ୍ଡାର ସପତ ଛନ୍ଦର ଦ୍ଵାର,
ଅଗ୍ନିକାରଣ କଦ୍ୟାବସ୍ତ ହରଣ ସମ୍ପୂର୍ଣ୍ଣ ହେଲ ବିସ୍ତାର ।
ସହସ୍ର ପଦ ସହସ୍ର ଦଳ ପଦ୍ମମକରନ୍ଦ ଭଳିଅଛି,
ଏଣୁ ମୁଁ ବୋଲଇ ରସଜ୍ଞ ହୋଇ ପାନ ଦାସ ମଧୁମାଛି ।
ମୋ ମୂର୍ଖ ବାଣୀର ଦୋଷକୁ ନ ଧର ମଧୁ ହେଉଥିରେ ପଡ଼ଇ,
ଗୋବିନ୍ଦ ଚରିତ ମଙ୍ଗଳଜଗତ ମୋ ଗୁରୁ କଥିତ ମାତ ।

(୭ମ ବୋଲି)

କବି ବୈଷ୍ଣବୋଚିତ ଦୈନ୍ୟ ପ୍ରକାଶ କରି ନିଜର ମହତ୍ତ୍ୱ ବୃଦ୍ଧି କରିଛନ୍ତି । କାବ୍ୟଟିକୁ 'ଅମୃତଭଣ୍ଡାର' କରିପାରି କବି ନିଜର କବି ପ୍ରତିଭାର ପରିଚୟ ପ୍ରଦାନ କରିଛନ୍ତି ।

କବି ଶ୍ରୀମଦ୍ ଭାଗବତକୁ ମୂଳ ପ୍ରେମସୂତ୍ର ଏବଂ ଏହି ପ୍ରେମସୂତ୍ରରେ ବହୁ ଗ୍ରନ୍ଥି ଛନ୍ଦମାଳା ରଚନା କରିଛନ୍ତି । ରୂପ ଗୋସ୍ୱାମୀକୃତ ବୈଷ୍ଣବଗ୍ରନ୍ଥ ଲୀଳାମୃତରୁ ବହୁ ସଙ୍ଗୃହିତ ହୋଇଛି । ଗୁରୁ କୃଷ୍ଣଦାସ ଗୋସାଇଁ ଜଗକାରଣ ପାଇଁ ଦେଶୀ ଭାଷାରେ ଏହି ମହାରସ ସମ୍ବଳିତ କାବ୍ୟ ରଚନା କରିବାକୁ କବି ଶିଷ୍ୟଙ୍କୁ ଉତ୍ସାହିତ କରିଥିଲେ ।

ଜଗକାରଣ ଶ୍ରୀକୃଷ୍ଣ ଦାସ ଗୋସାଇଁ,
ମହାରସ ଦେଶଭାଷା ଦେଲେ କହାଇ ।
ଭାଗବତ ଦଶମ ମୂଳ ପ୍ରେମ ସୂତ୍ର,
ବହୁ ରୂପକୃତ ଲୀଳାମୃତ ଚରିତ ।
ମୋର ମନ ସୂତ କରି ଗୁନ୍ଥଇ ବାଛି,
ଜାଣେ ବହି ଭବ ବ୍ୟାଧି ନ ବାଧେ କାହିଁ । (୬ଷ୍ଠ ବୋଲି)

ପୂର୍ବ କବିମାନଙ୍କ ବାଣୀ ନିର୍ଦ୍ଦେଶ—

ଷଷ୍ଠ ବୋଲି—ଗୋବିନ୍ଦଚନ୍ଦ୍ର ବାଣୀ ।

ସପ୍ତମ ବୋଲି—ଗୋପକେଳୀ ଦ୍ୱିତୀୟ ବୋଲି ବାଣୀ ।

ଅଷ୍ଟମ ବୋଲି—ଗୁଣ ସାଗର ବୋଲି । କୁଞ୍ଚିତକେଶୀ ବାଣୀ । ଯଜ୍ଞାବାଣୀ (୨ୟ ଭାଗ)

ଦଶମ ବୋଲି—ରସ ସାଗର ବୋଲି ।

ଏଥିରୁ ସ୍ପଷ୍ଟ ହେଉଛି ଯେ ଏହି ବାଣୀମାନଙ୍କର କବିମାନେ ବ୍ରଜବିହାର ରଚନା ସମୟରୁ ବା ତାହା ପୂର୍ବରୁ ଜୀବିତ ଥିଲେ । କବି ନିଜ ସମୟର ଉଲ୍ଲେଖ କରିଥିବାରୁ ଅନ୍ୟମାନଙ୍କର ସମୟ ନିର୍ଣ୍ଣୟରେ ଏହା ସହାୟକ ହେବ । 'ଗୁଣସାଗର' ଦୀନକୃଷ୍ଣ ଦାସଙ୍କ ଦ୍ୱାରା ରଚିତ । ଅନ୍ୟ କବିମାନଙ୍କ ସ୍ପଷ୍ଟ ପରିଚୟ ମିଳୁନାହିଁ ।

ବର୍ଣ୍ଣନା ବୈଚିତ୍ର୍ୟ—

ବନ କୃଷ୍ଣଙ୍କୁ ସମ୍ବର୍ଦ୍ଧନା-ପୂଜା କରିବା ଦୃଶ୍ୟ—

ପ୍ରବେଶ ହେଲେ ବୃନ୍ଦାବନ ମଧ୍ୟେ, ପକ୍ଷୀ କୋଳାହଳ ମହା ଆନନ୍ଦେ ।
ଦେଖିଲେ ମାଧବ କାନନ ଶୋଭା, ଉତ୍ଫୁଲ୍ଲ ରଜନୀ ମଦନ ଲୋଭା ।

ନବୀନ ତରୁଲତା କୁସୁମିତ, ଫଳ ଭରେ କୃଷ୍ଣପାଦେ ଲମ୍ବିତ ।
ଦର୍ଶନ ଲଭି ତ୍ରିଭୁବଣ ବନ୍ଦିଲେ, ମଧୁ ଧାରାରେ ଚରଣ ଧୋଇଲେ ।

ମଳୟ ଚନ୍ଦନ ଗନ୍ଧ ସେବିଲ, ଗମନେ ପୁଷ୍ପ ବରଷି ଭରିଲ ।
ନବ ପଲ୍ଲବ ଆଳଟ ପକାଇ, ପ୍ରବାଳ ଲତା ଛତ୍ରକୁ ଟେକାଇ ।

ନବ ବକୁଳ ଚାମର ପକାଇ, ପରାଗେ ଗମନ ମାର୍ଗ ରୁନ୍ଧାଇ ।
ଭୃଙ୍ଗ ରନ୍ଧ୍ରେ ପକ୍ଷି ସୁସ୍ୱର ଧ୍ୱନି, ସାତ ମୂର୍ତ୍ତିରେ ଗୀତ ସେବା ଘେନି ।
ଚନ୍ଦ୍ର କିରଣ ଚନ୍ଦ୍ର ଦୀପ ଧରେ, ବନ ତାପ ହରେ ଆହ୍ଲାଦରେ ।

(୧୦ମ ବୋଲି)

କୃଷ୍ଣଙ୍କ ବିବିଧ ସେବାରେ ପ୍ରକୃତି ସନ୍ତୁଷ୍ଟ କରିବା ପାଇଁ ଅପେକ୍ଷା କରିଥିବା ପ୍ରସଙ୍ଗଟି ଅତି ରସାଳ ହୋଇଛି । କୃଷ୍ଣ ଦର୍ଶନ ଓ ମୁରଲୀ ନିନାଦରେ ସମସ୍ତ ପ୍ରକୃତି ଓ ଜୀବଜଗତ 'ହଠାତରେ ଧାଇଁଲେ' । କୁଳସ୍ତ୍ରୀମାନଙ୍କର ବିଭ୍ରମର ବର୍ଣ୍ଣନା ମଧ୍ୟ ଚମତ୍କାର ହୋଇଛି—

ପ୍ରଫୁଲ୍ଲ କୁସୁମେ ଭୃଙ୍ଗ ପ୍ରମତ୍ତ, ଯୁବତୀ ପ୍ରେମେ ନାୟକ ଯେମନ୍ତ ।
କୂଜିତ ଧ୍ୱନି ପକ୍ଷୀଙ୍କ ସଞ୍ଚାର, ରତି କାମ କି ଗୃପତ କିଙ୍କର ।
(୧୦ମ ବୋଲି)

କୃଷ୍ଣଙ୍କୁ ଗୋପୀମାନେ ବନରୂପରେ ଦେଖିବା କଳ୍ପନା ମନୋମୁଗ୍ଧକର ହୋଇଛି—

ଏମନ୍ତେ ବନେ ଗମନ୍ତେ ଯୁବତୀ, ହରି ରୂପ ଶୋଭା ଦେଖି ସ୍ତବନ୍ତେ ।
ବସନ୍ତ ପ୍ରେତ୍ତ ଯେଣେ ବୃକ୍ଷେ ସ୍ଥିରୁ, ଶାମଳ ମଞ୍ଜୁଳ ତମାଳ ତରୁ ।
ପକ୍ଷୀ କୋଳାହଳ ମୁରଲୀ ନାଦ, ମଳୟ ସମୀର ଅଙ୍ଗ ସୁଗନ୍ଧ ।
ଶ୍ରବଣ ଅବତଂଶ କର୍ଣ୍ଣିକାର, ପରାଗ ପୀତବସନ ପ୍ରକାର ।
ଚଞ୍ଚଳ ନେତ୍ର କି ଖଞ୍ଜନ ପକ୍ଷୀ, କେଶ ନେଇ ପୁଚ୍ଛ ଚୂଳ କି ଅଛି ।
ମଞ୍ଜୀ କଢ଼ି ନାସା ଗଜମୋତିକ, ଜବାପୁଷ୍ପ ବନ୍ଧୁଳର ଜ୍ୟୋତିକ ।
(୧୦ମ ବୋଲି)

ପାଟପାଟୀମାନଙ୍କ ଶୋଭା; ବେଶ ପ୍ରଭୃତି ବର୍ଣ୍ଣନା ମଧ୍ୟ ରମଣୀୟ ହୋଇଛି । ପ୍ରତ୍ୟେକ ବିଷୟରେ ତାଙ୍କର ନୈପୁଣ୍ୟ ଓ ପାଣ୍ଡିତ୍ୟ ପ୍ରକାଶ ପାଇଛି ଏବଂ ଉଚ୍ଛ୍ୱସିତ ଭାବକୁ ଯଥାଯଥ ଭାବରେ କବିତ୍ୱପୂର୍ଣ୍ଣ କୋମଳ ପଦାବଳୀରେ ଜୀବନ୍ତ ଚିତ୍ର ସୃଷ୍ଟି କରିଛନ୍ତି ।

ଷଡ଼ ଋତୁର ବର୍ଣ୍ଣନାରେ ବିସ୍ତୃତ ବିଶେଷ ଭାବରେ ସ୍ଥାନ ପାଇଛି । ବର୍ଣ୍ଣନା ମାଧୁରୀ ଶ୍ରେଷ୍ଠ ପଦାବଳୀ ଦ୍ୱାରା ପ୍ରକାଶ ଲାଭ କରିଛି । ଭାବ, ଭାଷା ଓ ଛନ୍ଦ ଭଙ୍ଗୀ ଉଚ୍ଚସ୍ତରରେ ହୋଇଥିବାରୁ ଅପୂର୍ବ କବିତା ସୃଷ୍ଟ ହୋଇଛି ।

ବର୍ଷା—ଏମନ୍ତେ ଗ୍ରୀଷମର ଶେଷ, ନବ ବରଷା ପରବେଶ ।
ଗଗନେ ଘନ ଉଦେ ହୋଇ, ତପନ ଶଶୀଙ୍କି ଘୋଡ଼ାଇ ।
ନଦିଶେ ନକ୍ଷତ୍ର ନକର, ରଜନୀ ଘୋର ଅନ୍ଧକାର ।
ମେଘ ଗର୍ଜ୍ଜନ ଘଡ଼ଘଡ଼ି, ଝଟକେ ଜଳଧାର ପଡ଼ି ।

ଏ ବର୍ଷା ଋତୁରେ ଗୋପମନ୍ଥ ଅଷ୍ଟସାତ୍ତ୍ୱିକ ଭାବେ ପ୍ରକାଶମାନ ହେଲା । ଏ ଚଉତି ରସପୂର୍ଣ୍ଣ ହୋଇଛି—

ଅଷ୍ଟ ସାତ୍ତ୍ୱିକ ଭାବେ ମଣ୍ଡି, ଲୋତକ ବଢ଼ି ନଦୀ ବହି ।
ସ୍ୱରଭଙ୍ଗ ଏ ଗଦଗଦ, ପ୍ରବାହ ଝରଝର ସ୍ୱେଦ ।

ସନ୍ଧ୍ୟା—ଏମନ୍ତେ ହୋଇଲେ ଦିବସ ଶେଷ,
ରବି ଅସ୍ତାଚଳେ ସନ୍ଧ୍ୟା ପ୍ରବେଶ ।
ଅରୁଣ ରଙ୍ଗ ଅନୁରାଗ ଜାଣି,
ଦେଖନ୍ତେ ଯାଇ ଅନଙ୍ଗ ବାହୁଣୀ ।
ଦିନମଣି ଯହୁଁ ବାରୁଣୀ ଭଜି,
ଶୋଣିତ ନିଜ ତେଜ ତେଜି ।
ଚଟୁଳ ବର୍ତ୍ତୁଳ ସୁରଙ୍ଗ ନେତ୍ର,
ବାରୁଣୀ ତରୁଣୀ ସିନ୍ଦୂର ଛତ୍ର ।
ଅନଙ୍ଗ ରଜନ ବନେ ଜାଣିକି,
ବନ୍ଦାଇ ଅଳତା ଥାଳି ଘେନି କି ।
(୧୦ମ ବୋଲି)

କୁମାରପୂର୍ଣ୍ଣିମା ରଜନୀ—

ପ୍ରଦୋଷ ପ୍ରବେଶ ତାର ଆକାଶେ,
ପ୍ରାଚୀ କୋଳେ ପୂର୍ଣ୍ଣଚନ୍ଦ୍ର ପ୍ରକାଶେ ।
ସନ୍ଧ୍ୟା ବାଳୀକି ଦେଇ ମିତ ଗଲେ,
ରଙ୍ଗେ ପ୍ରିୟା ଘେନି ବିହାର କଲେ ।

ରମଣୀ କୁଚ କୁଙ୍କୁମେ ରଞ୍ଜନ,
ମୃଗମଦ ପତ୍ରାବଳୀ ଲଞ୍ଛନ ।
ଲଜ୍ଜାରେ ଅଙ୍ଗ କୁଙ୍କୁମ ଛଡ଼ାଇ,
ରଜନୀ ପ୍ରିୟାରେ କର ବଢ଼ାଇ ।

ଅଙ୍ଗେ ଲଗାଇ ଗାଢ଼େ ଅଞ୍ଜନ,
ଦଶ୍ଚି ମିଶି କୁହେଁ ଲଞ୍ଛନ ।
ତାରକା ନିକର ବେଢ଼ିଣ ପାଶେ,
ତନୁ ତନୁରେ କୃତ୍ତିକା ମିଶେ ।

ଅନଙ୍ଗ-ଶୋଷରସ ନ ଦିଶେ ଦୂଷା,
ଘୂମ୍ବ ମଣାଇ ସେହୁଣୀ ପରଜା ।
ଭୁବନେ ରହୁ ନିଦ୍ରାରେ ଲଳନା,
ଜର ଭଙ୍ଗାଇଣ ମନ-ମଳିନା ।

କୁମୁଦ ପ୍ରମୋଦ ଆହ୍ଲାଦରେ,
ଚକୋର ଚଞ୍ଚୁ ନିଛନ ଆଦରେ ।
ମରଷ ତରୁ ତୃଣ ଲତାକୁଳ,
ସୂଚନ୍ତି ଜନକେ ଚନ୍ଦ୍ର ଫୁଲ ।

ମିତ୍ର ସାହ୍ୟା ଯେହ କୁସୁମ ଧନୁ,
ହୃତ୍କୂଳ ରସରେ ରସାଇ ତନୁ ।
ସମୁଦ୍ର ହୁକୁଳ ନଦୀ ଜଳଣି,
ଭାନ୍ତ ଦକ ସ୍ଥାନେ ଅଛି ସୁଜାଣି ।

ଦେବୀ ଷୀରୋଧି କହୁଳ କ ସେ,
ଚମ୍ପକ ଚନ୍ଦ୍ରଲ ହୃତ୍କୂଳ ଦିଶେ ।
ଦେଖୁଁ ଦେଖୁଁ ଚନ୍ଦ୍ର ଯେତେ ଅସ୍ତଇ,
ବିଯୋଗୀ ଧଇର୍ଯ୍ୟ ତେତେ ଛୁଟଇ ।

ଚନ୍ଦ୍ର ଉଦୟେ ସକଳ ସାନନ୍ଦ,
ଅଭିସାରିକା ପଦ୍ମିନୀ ବିରୋଧ ।
(୧୦ମ ବୋଲି)

ବସନ୍ତ ରାସ ପୂର୍ଣ୍ଣିମା ରାତି ଉପଲକ୍ଷେ 'ନଗ୍ରମଣ୍ଡନ'ର ଶୋଭା—

(୧) କାଳିନ୍ଦୀ—

ଭୁବନ ଭୁବନ ମନ ସାଜିଲେ, ମନୋହର ପରିମଳେ ରଞ୍ଜିଲେ ।
କାଳିନ୍ଦୀ ନଦୀ ଆଦି ତୀର୍ଥ ଯେତେ, ଯେ ଯାହାମତେ ସ୍ଥିରୁ ଶୁଚିମନ୍ତେ ।
ମଳିନ ବଦନ କୁମୁଦ ହାସ, ନୀଳ ଇନ୍ଦୀବର ନେତ୍ର ସଦୃଶ ।
କୋକନଦରେ ଅଧର ରଙ୍ଗିମା, ମୃଣାଳ ଭୁଜ ତରଳ ଭଙ୍ଗିମା ।
ଭ୍ରମର ଗୁଞ୍ଜିବା ପ୍ରାୟ ଦଶନ୍ତି, ହଂସାବଳୀ ଧୀରେ ଧୀରେ ଭାସନ୍ତି ।
ଫୁଲ୍ଲଚଢ଼ି ଶାଢ଼ୀ ଧଡ଼ି କି ଶୋହ, ପରିହରନ୍ତି ସର୍ବମନ ମୋହ ।
ଉଚ୍ଚ କୁଚ ଚକ୍ରବାକ ଦମ୍ପତି, ଶୀତଳ ସୁଗନ୍ଧ ନିର୍ମଳ କାନ୍ତି ।
ସହସ୍ର ନାମ ଦ୍ୱିଜ ମନ୍ତ୍ରଣରେ, କୃଷ୍ଣ ଆଗମ କୁଳ ଅନୁସରେ ।

(୨) ବନ—

ବୃନ୍ଦା ଦେବୀ ସଙ୍ଗେ ବନ ଗାମିନୀ, ବନ ପରିମଳ କରେ ଯାମିନୀ ।
ବସନ୍ତ ବାତ ବହି ଝରକାଇ, ମକରନ୍ଦ ଗନ୍ଧ ରାଗ ପକାଇ ।
ବିଷମ ମାର୍ଗ ଭୁଲାଇ ପଥରେ, ଫୁଲ ପାଖୁଡ଼ା ସିଞ୍ଚି ଚହଟରେ ।
ତରୁ ତରୁରେ ଲତା ଛନ୍ଦାଛନ୍ଦି, ମାଧବୀ ମାଳତୀ ତୋରଣ ବାନ୍ଧି ।
କୁସୁମ ବିକସିତ ମାଳ ମାଳ, ରମ୍ଭାତରୁ ପଦ୍ମଃପେଷି ଶ୍ରୀଫଳ ।
କ୍ରୀଡ଼ନ୍ତି ପକ୍ଷୀ ବୀଣାସ୍ୱର ଜିଣି, ଚନ୍ଦ୍ରଯାମିନୀ ଦିବା ପରମାଣି ।
ମଲ୍ଲିକଢ଼ି ପଡ଼େ ଅଳି ଝଙ୍କାରେ, ସମସ୍ତ ଜାଣି କି ଶଙ୍ଖ ଫୁଙ୍କାରେ ।

ଆକାଶର ମଣ୍ଡନ—ଦେବର୍ଷିମାନେ ଏ ଉପଲକ୍ଷେ ଆକାଶକୁ ଉପଯୁକ୍ତ ସ୍ୱବଟରେ ମଣ୍ଡନ କଲେ—

ଚନ୍ଦ୍ରିକା ଜାଲ ପଟଳ ବେଢ଼ାଇ, ତାରକୁଳ ଫେନ ଫୁଲ ମଣ୍ଡାଇ ।
ଛୀନ ଘନ ସେ ଭ୍ରମର ଗହଳ, ଧୀର ପବନେ ଉଠେ ମାଳ ମାଳ ।
ପୂର୍ବ ଦିଗରେ ଚହଟ ବିନ୍ଦୁଆ, ମଘବାନ ଶିରେ ବନ୍ଧ ସିନ୍ଦୂରା ।
ଅଗସ୍ତି ପ୍ରସ୍ଥାଦରେ ଥୋପା ଥୋପା, ସୁର ମଙ୍ଗଳ ହେମରତ୍ନ ଝୁମ୍ପା ।
ମଣ୍ଡଳ ମଣ୍ଡନରେ ଅନୁରୂପ, ମଧ୍ୟରେ ଚନ୍ଦ୍ର ସ୍ୱରୁ ଚନ୍ଦ୍ରାତପ ।
ଧ୍ରୁବମଣ୍ଡଳ ଦଣ୍ଡେ ପ୍ରମ୍ଭାଇ, ଶିଶୁମାର ମଦ ଭର ଲମ୍ବାଇ ।
ତ୍ରିକୋଣ ଅଷ୍ଟକୋଣ ଷଟ୍‌କୋଣ, ଯୋଡ଼ ସେ ଉଡ଼ୁ ଧାଡ଼ି ଧାଡ଼ି ବଦେଣ ।
କୁମୁଦ ଥୋପ ଗ୍ରାସ୍ୱ ଶ୍ୱେତ ଶୋଭା, ବକଚ ପଦ୍ମ ପତ୍ର ପତ୍ର ଶୋଭା ।
ସିନ୍ଧୁ ଉଚ୍ଛୁଳ କୁମୁଦ ରଙ୍ଗିଣୀ, ଏମନ୍ତେ ଶରଦ ନିଶି ମଣ୍ଡନ ।

(୧୦ମ ବୋଲି)

ଜଗନ୍ନାଥ ତତ୍ତ୍ୱ : ବୃନ୍ଦାବନ ନିତ୍ୟଧାମ—ନୀଳଗିରି ଓ ଜଗନ୍ନାଥଙ୍କ ସମ୍ବନ୍ଧରେ କବି ଏକ ଅଭିନବ ତତ୍ତ୍ୱ ପ୍ରକାଶ କରିଛନ୍ତି । କବି ବୃନ୍ଦାବନକୁ ନିତ୍ୟ ରାସସ୍ଥଳ ବୋଲି ପ୍ରତିପାଦନ କରିବା ସଙ୍ଗେ ସଙ୍ଗେ ନୀଳଗିରି ବା ପୁରୁଷୋତ୍ତମ କ୍ଷେତ୍ରକୁ ଯେଉଁ ବୈଷ୍ଣବ ଓ କବିମାନେ ନିତ୍ୟ-ବୈକୁଣ୍ଠ ବୋଲି ପ୍ରତିପାଦନ କରିଛନ୍ତି ସେମାନଙ୍କର ମତଗୌରବର ନ୍ୟୂନତା ପ୍ରଦର୍ଶନ କରିବା ଉଦ୍ଦେଶ୍ୟରେ ସ୍ୱକାବ୍ୟରେ ନୀଳଗିରି ପ୍ରସଙ୍ଗ ଅବତାରଣା କରିଛନ୍ତି । ଏ ପ୍ରସଙ୍ଗ ଭାଗବତରେ ନ ଥିଲେ ମଧ୍ୟ କବି ସ୍ୱ କଳ୍ପନାବଳରେ ଏହାକୁ ବର୍ଣ୍ଣନା କରିଛନ୍ତି ।

ଗୋବର୍ଦ୍ଧନ ଶିଖରରେ ରାଧା-ସଖୀମେଳରେ ସୁଦର୍ଶାବର୍ତ୍ତ ବନ ସିଦ୍ଧଶିଳାକୁ ପୂଜା କରିବାକୁ ଯିବା ବେଳେ ବନ ମଧ୍ୟରେ ଏକ ଶବର ପଲ୍ଲୀରେ ପ୍ରବେଶ ହେଲେ । ସେଠାରେ ସୁନ୍ଦର ଦୁହିତା ଭୃଙ୍ଗି ଓ ମଲ୍ଲିକାଙ୍କୁ ଦେଖିଲେ । ସେମାନେ ନଗରରେ ବାସ ନକରି ବନରେ ବାସ କରୁଥିବା କାରଣ ପଚାରିବାରୁ ସେମାନେ ପିତାମହଙ୍କଠାରୁ ଶୁଣିଥିବା କିମ୍ବଦନ୍ତୀ ବ୍ୟକ୍ତ କଲେ । ସିଦ୍ଧଶିଳା ପ୍ରସଙ୍ଗ ମାହାତ୍ମ୍ୟ କହି ଭୃଙ୍ଗି ଓ ମଲ୍ଲିକା କହୁଛନ୍ତି—

ଆମ୍ଭର ବଂଶ ଅନୁସାରେ, ବନ କନ୍ଦର ଆଶ୍ରା କରେ ।
ସିଦ୍ଧଶିଳାଙ୍କ ପରସାଦେ, ଗହ୍ୱନେ ବଞ୍ଚୁ ଅପ୍ରମାଦେ । × ×
ଏ ବୃଷଭାନୁର ଝିଅକୁ, ଦର୍ଶନ କରାଅ ତାଅଙ୍କୁ ।
ବୋଲନ୍ତି ଭ୍ରୁ ଭଙ୍ଗି ମଲ୍ଲିକା, କାହାର ନୁହନ୍ତି ସେ ଏକା ।
ବ୍ରହ୍ମାଦି ସ୍ତବନ୍ତି ଯାହାଙ୍କୁ, ଦର୍ଶନ ନ ଦିଏ କାହାଙ୍କୁ ।
ଭାବରେ ଦେଖା ଯେ ଦିଅନ୍ତି, ଅଭାବେ ଦୃଶ୍ୟ ସେ ନୁହନ୍ତି ।

ଏହା ପରେ ସେମାନେ ବିଶ୍ୱାବସୁ ଚରିତ୍ର ବର୍ଣ୍ଣନା କରନ୍ତି—

ଆମ୍ଭର ପିତାମହ ପୂର୍ବେ, ଯା କହୁଛନ୍ତି ଶୁଣ ଏବେ ।
ଶବର ବିଶ୍ୱାବସୁ ନାମ, ସର ଦ୍ୱୀପରେ ତାର ଧାମ ।
ନୀଳମାଧବ ନୀଳଗିରି, ପୂଜିଣ ସୁଖଭୋଗ କରି ।
ଏକ ବିପ୍ରଙ୍କୁ ପ୍ରୀତିପଣେ, ଦେଖାନ୍ତେ ଗୁପ୍ତ ତତକ୍ଷଣେ ।
ଏହି ପର୍ବତେ ଆସି ରହି, ଲୋଡ଼ନ୍ତେ ଭେଟ ଏଥେ ପାଇ ।
ଆମ୍ଭର କୌଳିକ ଦେବରେ, ପୂଜା କରୁଛୁଁ ଗିରିବରେ ।
ନନ୍ଦନନ୍ଦନ ଏବେ ଆସି, ଶିଳ ର ପଗ୍ର ମଣି ବସି ।
ଏ କୃଷ୍ଣ ରୂପେ ଶୋଭା ପାଇ, ଏତେ ଦେବତା ହେଲେ ମୋହି ।
ଗୁପତେ ରହେ ସଖୀଭାବେ, ତାଙ୍କୁ ଭେଟିବ କାହିଁ ଏବେ ।
ପ୍ରସନ୍ନ ହେଲେ ନନ୍ଦବାଳା, ଦର୍ଶନ ଦେବେ ସିଦ୍ଧଶିଳା ।

(୯ମ ବୋଲି)

ନୀଳଗିରିର ନୀଳମାଧବ ମୂର୍ତ୍ତିଙ୍କୁ ବିଶ୍ୱାବସୁ ଶବର ଇନ୍ଦ୍ରଦ୍ୟୁମ୍ନଙ୍କ ପୁରୋହିତ ବିଦ୍ୟାପତିଙ୍କୁ ଦର୍ଶନ କରାଇବା ପରେ ମୂର୍ତ୍ତି ଅନ୍ତର୍ଦ୍ଧାନ ହୋଇଯାଇଥିବା ପ୍ରସଙ୍ଗ ପୁରାଣମାନଙ୍କରେ ଅଛି; ଭାଗବତରେ ନାହିଁ । ଏହି ନୀଳମାଧବ ମୂର୍ତ୍ତି ମଣିମୟ ମୂର୍ତ୍ତିଥିବା ସ୍କନ୍ଦପୁରାଣାଦିରେ ବର୍ଣ୍ଣିତ ଅଛି । ପ୍ରବଳ ବାତ୍ୟାରେ ନୀଳମାଧବ ପୋତି ହୋଇ ଯାଇଥିଲେ । ନୀଳମାଧବଙ୍କ ଏ ଅନ୍ତର୍ଦ୍ଧାନ ପ୍ରସଙ୍ଗକୁ ଦାଶରଥି ଦାସ କୌଶଳ କ୍ରମେ ଗୋବର୍ଦ୍ଧନରେ ସିଦ୍ଧଶିଳାରେ ଚିତ୍ରିତ କରିଥା'ନ୍ତି । ସିଦ୍ଧଶିଳା ହିଁ ନୀଳଗିରିର ନୀଳମାଧବ,

ଏ ପୁଣି ସ୍ୱୟଂ ଶ୍ରୀକୃଷ୍ଣ । ଅତ୍ୟେବେ କୃଷ୍ଣ ନୀଳଗିରି ଗୋବର୍ଦ୍ଧନ ଗିରିରେ ଓ ନୀଳମାଧବ ବା ଜଗନ୍ନାଥ ସିଦ୍ଧଶିଳାରେ ପରିଣତ ହୋଇଥିବା କବିଙ୍କ ଲେଖାରୁ ସ୍ପଷ୍ଟ ହେଉଛି । ନୀଳମାଧବ ଜଗନ୍ନାଥ ରୂପରେ ଅବତୀର୍ଣ୍ଣ ହୋଇଥିବା ପ୍ରସଙ୍ଗର ଉଲ୍ଲେଖ ନ ଥିବାରୁ କବି ନୀଳଚକ୍ରରେ ନୀଳମାଧବ ଅନ୍ତର୍ଦ୍ଧାନ ହେବା ପରେ ନୀଳଗିରି ଓ ନୀଳମାଧବଙ୍କ ମହାତ୍ମ୍ୟ ଗୋବର୍ଦ୍ଧନ ଗିରି ଓ ସିଦ୍ଧଶିଳାଙ୍କଠାରେ ଆରୋପ କରିଛନ୍ତି । ବ୍ରଜକନ୍ୟାମାନଙ୍କ ସିଦ୍ଧଶିଳା ସେବାପୂଜା ଏହାର ଅନ୍ୟ ଏକ ନିଦର୍ଶନ ।

ଜଗନ୍ନାଥାଦି ପଞ୍ଚସଖା, ଦୀନକୃଷ୍ଣାଦି କବିମାନେ ନୀଳଗିରି ମାହାତ୍ମ୍ୟର ପୁନରୁତ୍‌ଥାନ କରିଥିବାରୁ ଭକ୍ତମାନଙ୍କ ମନରେ ଶ୍ରୀକ୍ଷେତ୍ର ନିତ୍ୟଧାମ ଥିବା ଧାରଣା ହେବା ସ୍ୱାଭାବିକ । ବ୍ରଜପଲ୍ଲୀ କବି ଗୋବର୍ଦ୍ଧନ ଓ ବୃନ୍ଦାବନର ମାହାତ୍ମ୍ୟ ବୃଦ୍ଧି କରିବା ମାନସରେ ଏହି ଅଭିନବ ପ୍ରସଙ୍ଗ ଉତ୍‌ଥାପନ କରିଛନ୍ତି । କିନ୍ତୁ, ଜଗନ୍ନାଥଙ୍କ ମାହାତ୍ମ୍ୟ ପ୍ରତି ତାଙ୍କର ଭକ୍ତି ନ୍ୟୁନ ଥିବା ଜଣାଯାଏ ନାହିଁ, କାରଣ ସେ କାବ୍ୟଲେଖା ସମୟକୁ ପୁରୁଷୋତ୍ତମ କ୍ଷେତ୍ରରେ ବାସ କରୁଥିଲେ ।

କୃପାସିନ୍ଧୁ ଦାସ 'ବ୍ରଜବିହାର' ନାମରେ ଅନ୍ୟ ଏକ କାବ୍ୟ ଦାଶରଥି ଦାସଙ୍କ ବ୍ରଜବିହାର ରଚନା ପରେ ଲେଖିଥିଲେ । କୃପାସିନ୍ଧୁଙ୍କ କାବ୍ୟଟି ଖ୍ରୀ: ୧୭୪୮ ରେ (ବୀରକେଶରୀ ଦେବଙ୍କ ଖ୍ରୀ:୧୭୩୭ରୁ ୫୨ଙ୍କ—ତେର ଅଙ୍କ) କନ୍ୟା ମାସ ଗୁରୁବାର ପଞ୍ଚମୀରେ ସମାପ୍ତ ହୋଇଥିବା ଜଣାଯାଏ । ତାଙ୍କ ଘର କଟକ ଜିଲ୍ଲାନ୍ତର୍ଗତ ତାଳଯୋଡ଼ା ଗ୍ରାମ । ପିତାଙ୍କ ନାମ ଭଗୀରଥି ।

ପଞ୍ଚମ ପରିଚ୍ଛେଦ

ରଘୁନାଥ ଭଞ୍ଜ

ମୟୂରଭଞ୍ଜର ସୂର୍ଯ୍ୟବଂଶୀୟ ରାଜା ରଘୁନାଥ ଭଞ୍ଜଙ୍କର 'ରସଲହରୀ' କାବ୍ୟଟି ଏକ କାଳ୍ପନିକ ଅଳଙ୍କାରମଣ୍ଡିତ ରୀତିକାବ୍ୟ । ରାଜା ରଘୁନାଥ ଭଞ୍ଜ ଉପେନ୍ଦ୍ରଙ୍କ ସମସାମୟିକ କିମ୍ବା ଅଳ୍ପ ପରବର୍ତ୍ତୀ । ଏହି କାରଣରୁ 'ରୀତି'ର ପ୍ରଭାବ ତାଙ୍କ ଉପରେ ପଡ଼ିଥିବା ସ୍ୱାଭାବିକ । ପଣ୍ଡିତ-କବିମାନଙ୍କର କୃତିକୁ ବିବୁଧମଣ୍ଡଳୀ ବେଶି ଆଦର କରୁଥିବାରୁ କବିମାନେ ପାଣ୍ଡିତ୍ୟ ଓ ଚମତ୍କାରପୂର୍ଣ୍ଣ କାବ୍ୟ ଲେଖିବା ପାଇଁ ମନ ବଳାଇ ଥିଲେ । ଓଡ଼ିଶାର ବହୁ ରାଜାଙ୍କ ରାଜଦରବାରରେ କବି ଓ ପଣ୍ଡିତମାନେ ସମ୍ମାନିତ ହେଉଥିଲେ; ରାଜସଭାରେ ପଣ୍ଡିତ ଓ କବିଙ୍କ ସଂଖ୍ୟା ଅନୁସାରେ ରାଜାଙ୍କ ସମ୍ମାନ ନିର୍ଣ୍ଣୀତ ହେଉଥିଲା । ରାଜା ବିଜ୍ଞ, ବିଦ୍ୟୋତ୍ସାହୀ, ପଣ୍ଡିତ କବି ହୋଇଥିଲେ ତାଙ୍କୁ ସର୍ବଗୁଣରେ ଆଦର୍ଶସ୍ଥାନୀୟ ବୋଲି ସୁଧୀସମାଜ ମତ ବ୍ୟକ୍ତ କରୁଥିଲେ । ମୟୂରଭଞ୍ଜର ରାଜସଭା (ରଘୁନାଥଙ୍କ ରାଜସଭା) କେଉଁ କେଉଁ ପଣ୍ଡିତ-କବିମାନଙ୍କ ଦ୍ୱାରା ମଣ୍ଡିତ ହୋଇଥିଲା ତାହା ଜଣାଯାଉ ନ ଥିଲେ ମଧ୍ୟ ରାଜକବିଙ୍କ ଉଚ୍ଚକୋଟୀର ରୀତି-କାବ୍ୟ ରଚନା ସ୍ପୃହା ଯେ ଉଚ୍ଚକୋଟୀର ରାଜସଭାଦ୍ୱାରା ଜାଗ୍ରତ ହୋଇଥିବ ଏହା ସହଜରେ ଅନୁମାନ କରାଯାଇପାରେ । ରାଜକବି ରଘୁନାଥ ଭଞ୍ଜ 'ରସଲହରୀ'ରେ ଉଚ୍ଚକୋଟୀ ପ୍ରତିଭାର ପରିଚୟ ଦେଇଛନ୍ତି ।

ପୂର୍ବେ ମୟୂରଭଞ୍ଜ ହରିହରପୁର ରାଜ୍ୟରୂପେ ପରିଚିତ ଥିଲା । ଭଞ୍ଜ ରାଜାମାନେ ସୂର୍ଯ୍ୟବଂଶୀୟ । ଘୁମୁସର ରାଜାମାନେ ଭଞ୍ଜବଂଶୀୟ । ବର୍ତ୍ତମାନର ରାଜଧାନୀ ବାରିପଦାଠାରୁ ଏହି ହରିହରପୁର ଗଡ଼ ଦକ୍ଷିଣ ପୂର୍ବକୁ ପ୍ରାୟ ଦଶ ମାଇଲ ଦୂରରେ । ହରିହରପୁର ଗଡ଼ ବର୍ତ୍ତମାନ ଭଗ୍ନାବସ୍ଥାରେ ଅଛି ।

ତବ ନିଜ ରାଜ୍ୟକୁ ହରିହରପୁର ରାଜ୍ୟ ନାମରେ ପରିଚିତ କରାଇ ଥିବାରୁ କବିଙ୍କ ସମୟକୁ ଏହି ରାଜ୍ୟଟି ହରିପୁର ରାଜ୍ୟ ନାମରେ ଖ୍ୟାତ ଥିଲା । ରାଜ୍ୟଟି ରାଜଧାନୀର ନାମରେ ନାମିତ ଥିଲା ।

ମହାରାଜା ରଘୁନାଥ ଭଞ୍ଜ ଖ୍ରୀ: ୧୭୨୮ ଠାରୁ ଖ୍ରୀ: ୧୭୫୦ ଭିତରେ ରାଜତ୍ୱ କରିଥିବା ଜଣାଯାଏ । ଏହାଙ୍କର ପିତାଙ୍କ ନାମ ବୀରବିକ୍ରମ ଭଞ୍ଜ (ଖ୍ରୀ: ୧୭୧୧-୧୭୨୮), ପିତାମହ ସର୍ବେଶ୍ୱର ଭଞ୍ଜ (ଖ୍ରୀ: ୧୬୮୮-୧୭୧୧), ପ୍ରପିତାମହ ମହାରାଜା ତ୍ରିବିକ୍ରମ ଭଞ୍ଜ (ଖ୍ରୀ: ୧୬୬୦ରୁ ଖ୍ରୀ: ୧୬୮୮) । ବୃଦ୍ଧପ୍ରପିତାମହ କୃଷ୍ଣ ଭଞ୍ଜ ଖ୍ରୀ: ୧୬୬୦ରେ ପରଲୋକ ଗମନ କରିଥିବା ଜଣାଯାଏ ।

'ରସଲହରୀ'ର ଶେଷ ଛାନ୍ଦରେ କବି ସ୍ୱ ବଂଶପରିଚୟ ଏହିପରି ଭାବରେ ପ୍ରଦାନ କରିଛନ୍ତି—

ଉତ୍କଳ ମଧ୍ୟଦେଶର ହରିହରପୁରବର,
ମଧ୍ୟରେ ଅବନୀଶ୍ୱର ସେ ଭଞ୍ଜବର ଏ । ୭୯ ।
କୃଷ୍ଣଭଞ୍ଜ ନୃପ ନାମ ତାଙ୍କ ସୁତ ତ୍ରିବିକ୍ରମ,
ପରାକ୍ରମେ ତ୍ରିବିକ୍ରମ ସେ ଅନୁପମ ଏ । ୮୦ ।
ତାଙ୍କ ସୁତ ସର୍ବେଶ୍ୱର ବିଷ୍ଣୁଭକ୍ତ ମଧ୍ୟେ ସାର,
ସେ ବୀର ବିକ୍ରମ ତାତ ତାହାଙ୍କ ସୁତ ଏ । ୮୧ ।
ସ୍ୱରୂ ଅଙ୍ଗେ ଶୋଭିତ ଜାନକୀକାନ୍ତ ପୂଜିତ,
ସତୀରତ୍ନମାରେ ସଂଯୁତ ଅତି ସୁଜତ ଏ । ୮୨ ।
ରାମକୃଷ୍ଣ ପଦେ ରତ ସୁତ ରଘୁନାଥ ଭଞ୍ଜ,
ନୃପ ଛାନ୍ଦ ତ୍ରୟୋଦଶ କଲେକ ଶେଷ ଏ । ୮୩ । (୧୩ଶ ଛାନ୍ଦ)

ମହାରାଜା ଗଦାଧର ଭଞ୍ଜ (ଖ୍ରୀ: ୧୭୫୦—ଖ୍ରୀ:୧୭୭୦) ରଘୁନାଥଙ୍କର ପୁତ୍ର । କେହି କେହି ଅନୁମାନ କରନ୍ତି, ରଘୁନାଥ ଭଞ୍ଜଙ୍କ ପ୍ରପିତାମହ ରାଜା ତ୍ରିବିକ୍ରମ ଭଞ୍ଜ 'କନକଲତା'ର ଲେଖକ । ସେ ଖ୍ରୀ: ୧୬୬୦ ଠାରୁ ୧୬୮୮ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ ।

ମୋଗଲରାଜତ୍ୱ ସମୟରେ ମଧ୍ୟ ମୟୂରଭଞ୍ଜ ହରିହରପୁର ରାଜ୍ୟ ନାମରେ ପରିଚିତ ଥିବା ଜଣାଯାଏ । ଷୋଡ଼ଶ ଶତାବ୍ଦୀରେ ଚୈତନ୍ୟଦେବଙ୍କ ଓଡ଼ିଶା ଆଗମନ ବେଳେ ଏହି ରାଜ୍ୟଟି ହରିହରପୁର ନାମରେ ନାମିତ ହେଉଥିଲା । ପୁରୀ କ୍ଷେତ୍ରକୁ ଯିବା ବାଟରେ ଚୈତନ୍ୟ ଦେବ ହରିହରପୁରରେ କିଛିସମୟ ଅବସ୍ଥାନ କରି କୀର୍ତ୍ତନ କରିଥିଲେ । ସେ ହରିହରପୁରଠାରୁ ବାଲେଶ୍ୱର ଓ ସେଠାରୁ ନୀଳଗିରି ଯାଇଥିଲେ । ଏହି ପଥଟି ପୂର୍ବେ ଯାତ୍ରୀ-ପଥ ଥିଲା । ଉତ୍ତର ଭାରତ ଓ ପୂର୍ବ ଭାରତର ରାଜକର୍ମଚାରୀ, ତୀର୍ଥଯାତ୍ରୀ ଓ ବ୍ୟବସାୟୀମାନଙ୍କ ଏହା ଏକ ସୁଗମ ପଥ ଥିଲା । ଏହି କାରଣରୁ ବହୁ ମହାତ୍ମା, ଉଚ୍ଚପଦସ୍ଥ ରାଜକର୍ମଚାରୀ, ତୀର୍ଥଯାତ୍ରୀ, କବି, ପଣ୍ଡିତ, ଦାର୍ଶନିକ ହରିହରପୁର ବାଟେ ଗମନାଗମନ କରୁଥିଲେ । ଫଳରେ, ହରିହରପୁର ସୁଧୀବର୍ଗଙ୍କର ଏକ ସୁପରିଚିତ ଲୀଳାସ୍ଥଳ ଥିଲା । ବହୁ ପ୍ରାଚୀନ କାଳରୁ, ଏହି କାରଣରୁ, ହରିହରପୁର ଉଚ୍ଚ ସଂସ୍କୃତିର ଏକ ପ୍ରଧାନ ପୀଠ ହୋଇ ଆସୁଥିଲା । ମୟୂରଭଞ୍ଜର ଉଚ୍ଚଧରଣର ପ୍ରସ୍ତର ଶିଳ୍ପ, ଅସଂଖ୍ୟ ଦେବମନ୍ଦିର, ମୂର୍ତ୍ତିଗଠନରେ ଉଚ୍ଚଶୈଳୀ ଏହାର ପରିଚୟ ଦେଉଛି । ରଘୁନାଥ ଭଞ୍ଜ ଏହି ଉଚ୍ଚ ସଂସ୍କୃତିର ଅଧିକାରୀ ଥିଲେ ।

ଚୈତନ୍ୟଦେବଙ୍କ ହରିହରପୁରରେ ଭାବାବେଶ ସହଯାତ୍ରୀ ଗୋବିନ୍ଦ ଦାସଙ୍କ କଡ଼ଚା (ବଙ୍ଗଳା) ରେ ଏପରି ଭାବରେ ବର୍ଣ୍ଣିତ ଅଛି—

ପରଦିନ ସୁବର୍ଣ୍ଣରେଖାର ଧାରେ ଟିୟା,
ପୁଲକିତ ରଘୁନାଥ ଡାସେର ଦେଖିୟା ।
ଅନନ୍ତର ହରିହରପୁରେ ମୋରା ଯାଇ,
ହେଥା ଗିୟା ହରିନାମେ ମାତିଲ ଗମାଇ ।
ନାଚିତେ ନାଚିତେ ପ୍ରଭୁ ଅଜ୍ଞାନ ହଇଲ,
ଆଛାଡ଼ ଖାଇୟା ତବେ ଭୂମିତେ ପଡ଼ିଲ ।
ଏଇରୂପେ ସେଇ ଦିନ ଅନ୍ତ ହଇଲ,
ଆନନ୍ଦେ ମାତିୟା ପ୍ରଭୁ କାନ୍ଦିତେ ଲାଗିଲ ।

ଖ୍ରୀ: ୧୬୨୦ରେ ଗୋପୀଜନବଲ୍ଲଭଙ୍କ ଦ୍ୱାରା ଲିଖିତ 'ରସିକ ମଙ୍ଗଳ' (ବଙ୍ଗଳା) ରୁ ସେ ସମୟର ମୟୂରଭଞ୍ଜ ରାଜସଭାରେ 'ଶତ ଶତ ସୁପଣ୍ଡିତ' ଥିବା ଜଣାଯାଏ । ଚୈତନ୍ୟପନ୍ଥୀ ବୈଷ୍ଣବପ୍ରବର ରସିକାନନ୍ଦଙ୍କ ଆଦେଶାନୁସାରେ ତାଙ୍କ ଶିଷ୍ୟ ଶ୍ୟାମାନନ୍ଦ ଗ୍ରନ୍ଥ 'କୃଷ୍ଣପ୍ରେମତତ୍ତ୍ୱ'ର ପ୍ରଚାର କରିବା ପାଇଁ ବଙ୍ଗରୁ ଉତ୍କଳକୁ ଆସିଥିଲେ । ମୟୂରଭଞ୍ଜରେ ସେହି ସମୟରେ ମହାରାଜା ବୀରବିକ୍ରମ ରାଜତ୍ୱ କରୁଥିଲେ । ହରିହରପୁର ନିକଟସ୍ଥ ରାଜଦ୍ୱା-ଠାରେ ଶ୍ୟାମାନନ୍ଦଙ୍କୁ ରାଜା ବୈଦ୍ୟନାଥ ଭେଟିଥିଲେ ବୋଲି ସେହି ଗ୍ରନ୍ଥରେ ଲେଖାଅଛି । 'ରସିକମଙ୍ଗଳ'ରେ ନିଜେ ରାଜା ରଘୁନାଥ ତାଙ୍କ ପିତା ପିତାମହ ପ୍ରଭୃତି ମହନଙ୍କ ନାମୋଲ୍ଲେଖ କରିଛନ୍ତି, ଏହାହିଁ ଉଲ୍ଲେଖଯୋଗ୍ୟ । ରସିକ ମଙ୍ଗଳରେ ଲିଖିତ ହୋଇଥିବା ରାଜା ବୈଦ୍ୟନାଥ ରଘୁନାଥଙ୍କର ପୂର୍ବପୁରୁଷ । ସେ ଆକବରଙ୍କ ସମସାମୟିକ । ଗୌଡ଼ଦେଶର ପଠାଣ ରାଜା ଦାଉଦ ଖାଁଙ୍କ ବିରୁଦ୍ଧରେ ସମ୍ରାଟ ଅକବର ବାରମ୍ବାର ଭୀଷଣ ଅଭିଯାନ ଚଳାଇଥିଲେ । ଏଥିରୁ ରକ୍ଷା ପାଇବା ପାଇଁ ଦାଉଦ ହରିହରପୁରରେ ରାଜା ବୈଦ୍ୟନାଥଙ୍କ ଆଶ୍ରୟ ନେଇଥିଲେ । ଏହା ପ୍ରାୟ ଖ୍ରୀ. ୧୫୭୫ ବେଳର ଘଟଣା । ଦାଉଦଙ୍କ ପରାଜୟ ପରେ ଓଡ଼ିଶାରେ ମୋଗଲରାଜତ୍ୱ ପୂର୍ଣ୍ଣରୂପରେ ପ୍ରତିଷ୍ଠିତ ହୋଇଥିଲା । ବୈଦ୍ୟନାଥଙ୍କ ସମୟରେ ତାଙ୍କ ସଭାରେ ଶତ ଶତ ସୁପଣ୍ଡିତ ଥିବା 'ରସିକମଙ୍ଗଳ' ଲେଖାରୁ ଜଣାପଡୁଛି ।

ଅଙ୍କ ପାଇୟା ରସିକେନ୍ଦ୍ର କରିଲ ଗମନ,
ରାଜଗଡ଼ ହୁନେ ଗିୟା ହୈଲ ଉପସନ ।
ବୈଦ୍ୟନାଥ ଭଞ୍ଜ ରାଜା ଶ୍ରେଷ୍ଠରାଜ୍ୟ ହେନ,
ରାହୁତା ଅନୁଜା ତାର ଧନ ଭାଗ୍ୟବାନ ।
ମହାଦେବ୍ର ଟନସିଲ ବଡ଼ଇ ପ୍ରତାପୀ,
ଶୃଙ୍ଗ ଶୁକ୍ଳବେଶେ କାତ ବଡ଼ଲ ପ୍ରତାପୀ ।
ଶତ ଶତ ସୁପଣ୍ଡିତ ଥାକେନ ସଭାୟ । (ର: ମ:)

ଷୋଡ଼ଶ ଶତାବ୍ଦୀର ଶେଷ ଭାଗରେ ମୟୂରଭଞ୍ଜ ରାଜସଭାର ଏ ଖ୍ୟାତି ପରବର୍ତ୍ତୀ ସମୟରେ ମଧ୍ୟ ଅକ୍ଷୁଣ୍ଣ ଭାବରେ ବିଦ୍ୟମାନ ଥିବା ଜଣାଯାଏ ।

ରଘୁନାଥଙ୍କ ଅମଳରେ ବଙ୍ଗର ନବାବ ଆଲିବର୍ଦ୍ଦି ଖାଁ ଓଡ଼ିଶା ଆକ୍ରମଣ କରି ସ୍ୱଶାସନାଧୀନ କରିଥିଲେ । ଆଲିବର୍ଦ୍ଦିଙ୍କ ଶତ୍ରୁ ଓଡ଼ିଶାର ନାଇବ ସୁବାଦାର ମୁରସିଦ୍‌କୁଲି ଖାଁଙ୍କୁ ମୟୂରଭଞ୍ଜ ରାଜା ସମର୍ଥନ କରୁଥିବାରୁ ଆଲିବର୍ଦ୍ଦି ଖାଁ ଖ୍ରୀ: ୧୭୪୨ ରେ ମୟୂରଭଞ୍ଜ ଭିତରେ ପଶି ଲୁଣ୍ଠନ ଓ ଅତ୍ୟାଚାର କରିଥିଲେ । ବହୁ ଘରଦ୍ୱାର ଜାଳି ଦେଇଥିଲେ ଓ ଶତ ଶତ ଲୋକଙ୍କୁ ହତ୍ୟା କରିଥିଲେ । ଖଣ୍ଡାଇତ ଓ ବ୍ରାହ୍ମଣମାନଙ୍କ ସ୍ତ୍ରୀ ପିଲାଙ୍କୁ ଧରିନେଇଥିଲେ । ଆଲିବର୍ଦ୍ଦି ଖାଁ ଖ୍ରୀ: ୧୭୪୨ ଠାରୁ ଖ୍ରୀ: ୧୭୫୧ ପର୍ଯ୍ୟନ୍ତ ଆଉ ମୟୂରଭଞ୍ଜ ଉପରକୁ ଦୃଷ୍ଟି ଦେଇପାରି ନାହାନ୍ତି । ଖ୍ରୀ: ୧୭୫୧ରେ ଓଡ଼ିଶାରେ ମରହଟ୍ଟା ରାଜତ୍ୱ ପ୍ରତିଷ୍ଠା ହେବା ପରେ ଅବସ୍ଥାର ପରିବର୍ତ୍ତନ ହୋଇଗଲା । ସେ ସମୟକୁ ରଘୁନାଥଙ୍କ ଦେହାନ୍ତ ହୋଇଯାଇଥିବାରୁ ତାଙ୍କ ଖୁଲ୍ଲତାତ ଚକ୍ରଧର ଭଞ୍ଜ ରାଜା ହେଲେ । ରଘୁନାଥ ମୁରସିଦ୍‌କୁଲି ଖାଁଙ୍କ ସହିତ ସଦ୍‌ଭାବ ରଖିଥିଲେ ଏବଂ ଏହି କାରଣରୁ ତାଙ୍କୁ ଶେଷକାଳରେ ନିର୍ଯାତନା ମଧ୍ୟ ସହ୍ୟ କରିବାକୁ ପଡ଼ିଥିଲା । କବିଙ୍କ ସୁଖ-ଦୁଃଖ ମିଶ୍ରିତ ରାଜତ୍ୱ ତାଙ୍କ ସାହିତ୍ୟଜୀବନ ଉପରେ କେତେଦୂର ପ୍ରଭାବ ବିସ୍ତାର କରିଥିଲା ତାହା ନିର୍ଦ୍ଦିଷ୍ଟ ଭାବରେ କୁହାଯାଇ ନ ପାରିଲେ ମଧ୍ୟ ସାହିତ୍ୟଚେତନା ଯେ ବିଦ୍ୟମାନ ଥିଲା ତାହା 'ରସଲହରୀ' ପ୍ରମାଣିତ କରୁଛି ।

କଥାବସ୍ତୁ—ପୂର୍ବକଥା । ନିଷଧ ରାଜ୍ୟରେ ଚନ୍ଦ୍ରବର୍ମା ନାମକ କେହି ଜଣେ ରାଜା ଥିଲେ । ସେ ପୁତ୍ରକାମନାରେ ଯାଗ କଲେ । ବିଷ୍ଣୁ ସନ୍ତୁଷ୍ଟ ହୋଇ 'ବହୁଗୁଣେ ପୁତ୍ର ଦେବି ତୋହର' ବୋଲି ସ୍ୱପ୍ନରେ ବାଣୀ ଶୁଣାଇଲେ । ଦୈବବାଣୀ ଅନୁଯାରେ ରାଣୀ ଗର୍ଭବତୀ ହେଲେ; ଉତ୍ତମ କୁମର ଜନ୍ମଲାଭ କଲା । କୁମରର ନାମ ପୁଷ୍ପତିଳକ ହେଲା । ପୁତ୍ର କ୍ରମେ ବୃଦ୍ଧି ଲଭିଲା, କୁମର ପୂର୍ଣ୍ଣଯୌବନ ପ୍ରାପ୍ତ ହେବାରୁ ରାଜା ତାଙ୍କ ହସ୍ତରେ ରାଜ୍ୟ ସମର୍ପଣକରି ନିଜେ ବନକୁ ଗମନ କରି ସେଠାରେ ବାସକଲେ । ପୁଷ୍ପତିଳକ ଉତ୍ତମରୂପେ ରାଜ୍ୟପାଳନ କଲେ । ବହୁ ରାଜା ତାଙ୍କର ବଶ୍ୟତା ସ୍ୱୀକାର କରିବାରୁ ସେ ରାଜଚକ୍ରବର୍ତ୍ତୀ ମଧ୍ୟ ବୋଲାଇଲେ । ପୁଷ୍ପତିଳକଙ୍କ

ସୁଗୁଣାବଳୀ ଶୁଣି କାମ୍ବଦେଶର ରାଜଜେମା ରସଲହସା ତାଙ୍କୁ ମନରେ ବରରୂପେ ବରଣ କଲେ । ରାଜା ପୁଷ୍ପତିଳକ ରାଜକୁମାରୀ ରସଲହସାଙ୍କ ଅପୂର୍ବ ସୌନ୍ଦର୍ଯ୍ୟ ଓ ଗୁଣ ସମ୍ବନ୍ଧରେ ଶୁଣି ବିରହରେ କାତର ହେଲେ ।

(୧ମ ଛାନ୍ଦ)

ମଧୁର ମଧୁଋତୁ ଉପସ୍ଥିତ ହୁଅନ୍ତେ ଧରଣୀ, ବନ ଓ ଉପବନର ଶୋଭା । ରାଜା ପୁଷ୍ପତିଳକଙ୍କ ମୃଗୟା ଉଦ୍ଦେଶ୍ୟରେ ବନବିହାର । ରାଜା କୌତୁକରେ ଏକ ହଂସକୁ ଧଇଲେ । ସେହି ହଂସ ରାଜାଙ୍କୁ କାମ୍ବରାଜଜେମା ରସଲହସାର ସମ୍ବାଦ ଦେଇ ତାହାର ପ୍ରଶଂସା କଲା । ୨ୟ ଛାନ୍ଦ)

ପୁଷ୍ପତିଳକ ଆଗରେ ହଂସକର୍ତ୍ତୃକ ରସଲହସାର ଶୋଭାବର୍ଣ୍ଣନା । ପୁଷ୍ପତିଳକ ରସଲହସାର ଉପଯୁକ୍ତ ବର ବୋଲି ହଂସ କହିଲା ଏବଂ ସେ ସମ୍ମତ ହେଲେ ନ ସ୍ଥିତାଙ୍କୁ ଏ ସମ୍ବାଦ ଦେବ ବୋଲି ମଧ କହିଲା । ପୁଷ୍ପତିଳକଙ୍କର ସମ୍ମତି ଜଣାଇବାକୁ ହଂସ କାମ୍ବପୁରକୁ ଗମନ କଲା । (୩ୟ ଛାନ୍ଦ)

କାମ୍ବ ନଗରର ଶୋଭା ଦେଖି ହଂସ ମୁଗ୍ଧ ହୋଇଗଲା । ଜେମାକୁ ଭେଟିବା ଆଶାରେ ରାଜନଗର ମଧ୍ୟସ୍ଥ ସରୋବରରେ ଅନ୍ୟ ହଂସମାନଙ୍କ ସହ ରହିଲା । (୪ର୍ଥ ଛାନ୍ଦ)

ରସଲହସା ସଖୀମାନଙ୍କ ସହ ବସନ୍ତଋତୁରେ ସ୍ୱ ଉପବନରେ ବିହାର କଲା ଓ ସଖୀମାନଙ୍କ ସହିତ ନାନା କୌତୁକ କଥୋପକଥନ କଲା ।

(୫ମ ଛାନ୍ଦ)

ରସଲହସା ସଖୀମାନଙ୍କସହ ଉପବନସ୍ଥ ସରୋବରରେ ସ୍ନାନକଲା । ସ୍ନାନ ସାରି ସୁବେଶ ହେବା ପରେ ତାଙ୍କର ଅପୂର୍ବ ସୌନ୍ଦର୍ଯ୍ୟକୁ ଦେଖି ହେମରୂପୀ ହଂସ ଆନନ୍ଦିତ ହେଲା ଏବଂ ନୃପଶ୍ରେଷ୍ଠ ପୁଷ୍ପତିଳକଙ୍କର ଏ ଉପଯୁକ୍ତ ସ୍ତ୍ରୀ ହେବ ବୋଲି ମନରେ ସ୍ଥିର କଲା । ରସଲହସା ହେମ-ହଂସକୁ ଦେଖି ତାକୁ ଧରିବା ପାଇଁ ତାହାର ପଛରେ ଗୋଡ଼ାଇ କିଛି ଦୂର ଗଲା । ହଂସ ଏକ ବୃକ୍ଷ ଉପରେ ବସିଯିବାରୁ ଜେମା ବିଫଳ-ମନୋରଥ

ହୋଇ ବିରସ ମନରେ ରହିଲା । ହଂସ ଏ ଅବସରରେ ତାଙ୍କ ସହିତ କଥାବାର୍ତ୍ତା କଲା ଏବଂ ନିଜର ପରିଚୟ ଦେଲା । ପୁଷ୍ପତିଲକ ବୀର ଓ ସୁନ୍ଦର ଥିବା ବର୍ଣ୍ଣନା କରି ରସଲହରୀର ଉପଯୁକ୍ତ ବରପାତ୍ର ବୋଲି ହଂସ କହିଲା । ହେମାଙ୍କ ମନ ପୁଷ୍ପତିଲକଙ୍କ ପ୍ରତି ଆକୃଷ୍ଟ ହେଲା ଏବଂ ହଂସର ଅନୁରୋଧକ୍ରମେ ତାଙ୍କୁ ବରିବା ପାଇଁ ସତ୍ୟ କଲା । ହଂସ ଏହା ଶୁଣି ସେଠାରୁ ପୁଷ୍ପତିଲକଙ୍କ ନିକଟକୁ ଉଡ଼ିଗଲା । (୬ଷ୍ଠ ଛାନ୍ଦ)

ଅନ୍ଧକାର ମାଡ଼ି ଆସିବାରୁ ହେମା ଓ ସଖୀମାନେ ଚନ୍ଦ୍ରୋଦୟ ପର୍ଯ୍ୟନ୍ତ ସରୋବର ତଟରେ ଅପେକ୍ଷା କରି ରହିଲେ । ଚନ୍ଦ୍ରୋଦୟ ହେବାରୁ ହାସ-ପରିହାସପୂର୍ଣ୍ଣ ଆଳାପ କରି ଗୃହକୁ ପ୍ରତ୍ୟାବର୍ତ୍ତନ କଲେ । ରସଲହରୀ ଭୋଜନାନ୍ତେ ଶୟନ କଲା । ହଂସକଥିତ ରାଜା ପୁଷ୍ପତିଲକଙ୍କ କଥା ମନେ ମନେ ଚିନ୍ତାକରି ନିଦ୍ରା ଗଲା । ସ୍ୱପ୍ନରେ ପୁଷ୍ପତିଲକ ତାକୁ ଆଲିଙ୍ଗନ କରୁଥିବା ବେଳେ ତାର ନିଦ୍ରାଭଙ୍ଗ ହେଲା । ନାୟକକୁ ନଦେଖି ନାୟିକା ବିରହରେ ବିକଳ ହେଲା । (୭ମ ଛାନ୍ଦ)

ରସଲହରୀର ବିରହବେଦନା ବୃଦ୍ଧି ପାଇବାରୁ ରାଜା ଏହାର କାରଣ ଅନୁସନ୍ଧାନ କରାଇଲେ ଏବଂ ସ୍ୱୟମ୍ବର ଏହାର ଔଷଧ ବୋଲି ବିଚାରି ସ୍ୱୟମ୍ବରର ବ୍ୟବସ୍ଥା କଲେ । ବିଭିନ୍ନ ଦେଶକୁ ଦୂତ ଗଲେ । ଦୂତ ମୁଖରୁ ରସଲହରୀର ସ୍ୱୟମ୍ବର ବାର୍ତ୍ତା ଶୁଣି ପୁଷ୍ପତିଲକ ପ୍ରସ୍ଥାନରେ ଉଦ୍‌ଯୋଗ କଲେ । (୮ମ ଛାନ୍ଦ) ପୁଷ୍ପତିଲକଙ୍କ ସସୈନ୍ୟ କାଞ୍ଚିନଗରକୁ ଯାତ୍ରା । ସମୁଦ୍ର, ବନ, ନଦୀ, ପର୍ବତ ପ୍ରଭୃତି ଅତିକ୍ରମ କରି କାଞ୍ଚିରେ ପ୍ରବେଶ । କାଞ୍ଚିରାଜାଙ୍କ ନିମନ୍ତ୍ରିତ ରାଜାମାନଙ୍କ ସମ୍ବର୍ଦ୍ଧନା; ପୁଷ୍ପତିଲକର କାଞ୍ଚିନଗରରେ ପ୍ରବେଶ ଓ ଅବସ୍ଥାନ । (୯ମ ଛାନ୍ଦ) ରାଜମାନେ ସ୍ୱୟମ୍ବର ସଭାରେ ଉପସ୍ଥିତ ହେଲେ । ରାଜାଙ୍କ ଆଜ୍ଞାରେ ସଖୀମାନେ ରସଲହରୀକୁ ବସ୍ତ୍ର-ବେଶ କରାଇ ସଭାସ୍ଥଳକୁ ଆଣିଲେ । ରାଜାମାନେ ହେମାର ଅପୂର୍ବ ଶୋଭା ଦେଖି କିଏ କିପରି କଳ୍ପନା କରି ଚିନ୍ତା କଲେ ଏବଂ ମନେ ମନେ ଅଶେଷ ପ୍ରଶଂସା କଲେ । (୧୦ମ ଛାନ୍ଦ)

ସ୍ୱୟମ୍ବର । ବିଭିନ୍ନ ଦେଶର ରାଜାମାନଙ୍କ ପରିଚୟ । ରସଲହରୀ ପୁଷ୍ପତିଳକ ଗଳାରେ ବରଣମାଳା ଦେଲ । ଯଥାରୀତି ବିବାହ-ଉତ୍ସବ ସମାହିତ ହେଲ (୧୧ଶ ଛାନ୍ଦ) । ନବବିବାହିତ ଦମ୍ପତିଙ୍କ କେଳି (୧୨ଶ ଛାନ୍ଦ) । କନ୍ୟାକୁ ସଙ୍ଗରେ ଧରି ପୁଷ୍ପକେତୁଙ୍କ ସ୍ୱଦେଶ ପ୍ରତ୍ୟାଗମନ । ବିଭିନ୍ନ ଋତୁରେ ଦମ୍ପତିଙ୍କ ଲୀଳା (୧୩ଶ ଛାନ୍ଦ) ।

କାବ୍ୟର ନାମକରଣ—କାବ୍ୟଟିକୁ ରସଲହରୀ ନାମ ଦେଇଥିବା ବିଷୟ ଉତ୍ଥାପନ କରି କବି ଏହାର ଯୁକ୍ତିଯୁକ୍ତତା ସମ୍ବନ୍ଧରେ କହୁଛନ୍ତି— ରାଜା ପୁଷ୍ପତିଳକ ଜଣେ ଆଦର୍ଶ ନରପତି ଥିବାରୁ ତାଙ୍କର ଗୁଣାବଳୀରେ ନିଜେ ରାଜ-କବି ମୁଗ୍ଧ ହୋଇଛନ୍ତି । ପୁଷ୍ପତିଳକଙ୍କ ଗୁଣାବଳୀ ତାଙ୍କୁ ଅନାୟାସରେ ନିରତେ ଆକର୍ଷଣ କରୁଛନ୍ତି ।

କାହିଁ ନୃପତି ସୁତା ରସଲହରୀ,
ତାର ଗୁଣ ବୃଜନ ଶୁଣିକରି ।
ଏହି ଅବସର ପାଇ ମଦନ,
ନିଜ ବଶ କଲା ତାଙ୍କୁ ବହନ ।

ଏଥି ଅନ୍ତେ ରାଜା କଥାସାଗର,
ନ ତରନ୍ତି କବି ବାକ୍ୟ ବାହାର ।
ତଥାପି ହିଁ ସେ କଥା ସମୁଦ୍ରକୁ,
ଏହି ହେତୁ ଭରସା ତରିବାକୁ ।

ଯାହା ଗୁଣ ଅନାୟାସରେ ମୋତେ,
ଆକର୍ଷଣ କରୁଛନ୍ତି ନିରତେ ।

ଏଥିରୁ ଅନୁମାନ କରାଯାଇପାରେ, କବି ନାୟକ ଆଦର୍ଶ ରାଜା ଗୁଣବନ୍ତ ପୁଷ୍ପତିଳକଙ୍କ ନାମ ଯୁକ୍ତକରି କାବ୍ୟର ନାମକରଣ କରିବାକୁ ପସନ୍ଦ କରୁଥିଲେ; କିନ୍ତୁ ଯଦବସାନ୍ତିତ କାବ୍ୟ-ବିଧିବିଧାନ ଏଥିର ଅନ୍ତରାୟ ହେଲା ।

ଯେଣୁ ରସରେ ପ୍ରଧାନ ଘୋଷିତ,
ତାର ନାମେ ଏ ଗୀତ ହେବ ଖ୍ୟାତ । (୧ମ ଛାନ୍ଦ)

ଏହା ହିଁ 'ରସଲହରୀ' ନାମକରଣର ସାର୍ଥକତା । ଏଥିରେ କବି ପରଂପରାକୁ ଅନୁସରଣ କରିଛନ୍ତି ମାତ୍ର । ନିଜର ମନୋଭାବ ଓ ଆସକ୍ତି ବ୍ୟକ୍ତ କରି କବି ସ୍ୱାଧୀନ ଚିନ୍ତାର ପରିଚୟ ପ୍ରଦାନ କରିଛନ୍ତି ଏବଂ ପାଠକଙ୍କ ସହିତ ଘନିଷ୍ଠତା ଅର୍ଜ୍ଜନ କରିଛନ୍ତି ।

ସଂକ୍ଷିପ୍ତ ବର୍ଣ୍ଣନାର ରୂପ—ବିସ୍ତୃତ ବର୍ଣ୍ଣନା ଓ କ୍ଷୁଦ୍ରବର୍ଣ୍ଣନା ଉଭୟ ବିଭାଗରେ କବି ସିଦ୍ଧହସ୍ତ । ସଂକ୍ଷିପ୍ତ ବର୍ଣ୍ଣନାରେ କବି କେବଳ ସୂଚନାରେ ବହୁ ବିଷୟର ଉଲ୍ଲେଖ କରିପାରିଛନ୍ତି । ଗୋଟିଏ ଉଦାହରଣ—

ନୃପ ମନ୍ତ୍ରୀ ବନ୍ଧୁ ଯେଣି ଅନେକ,
ପୁତ୍ର ନାମ କଲେ ପୃଥ୍ୱୀତିଳକ ।
କ୍ରମେ ବୃଦ୍ଧି କି ଲଭିଲା କୁମର,
ଇନ୍ଦୁକଳା ପାଇ ଯେସନ୍ତେ ସାଗର ।

ଅଷ୍ଟାଦଶ ବିଦ୍ୟାର ସହିତରେ
ନୃପ ଦେଖି ପୂର୍ଣ୍ଣ ଯଉବନରେ ।
ନିଜ ରାଜ୍ୟ ମନୋରମା ପୁରରେ,
ଅଭିଷେକ କଲେ ବିଧିମତରେ ।

ରାଜଶିରୀ ସୁତେ କରି ପ୍ରଦାନ,
ବନେ ଅଶ୍ରିତ ହୋଇଲେ ରାଜନ । (୧ମ ଛାନ୍ଦ)

ଏହି ଅଳ୍ପ କେତୋଟି ପଦରେ ନାୟକର ବାଲ୍ୟ, କୈଶୋର, ଯୌବନର ଅବସ୍ଥା, ଉଚ୍ଚ ବିଦ୍ୟାଶିକ୍ଷା ଓ ପିତାଙ୍କଠାରୁ ରାଜସିଂହାସନ ପ୍ରାପ୍ତି ପ୍ରଭୃତି ବିଷୟର ଏକ ଚିତ୍ର ସଂକ୍ଷେପରେ ଦେଇପାରିଛନ୍ତି ।

ଆଦର୍ଶ ରାଜା : ଶାସନ—ପୃଥ୍ୱୀତିଳକ ନୃପତି ଜଣେ ଆଦର୍ଶ ରାଜା ଥିଲେ । ରାଜା ପ୍ରଜାମାନଙ୍କୁ ପୁତ୍ରତୁଲ୍ୟ ଜ୍ଞାନକରି ପିତାତୁଲ୍ୟ ଶାସନ

କରିବ, ଏହାହିଁ ଆଦର୍ଶଶାସନ ରୂପେ ପ୍ରଚଳିତ ଥିଲା । ରାଜା ଓ ରାଜ୍ୟର କେନ୍ଦ୍ର ଶତ୍ରୁ ନଥିଲେ ଶାସନର ଗୌରବ ବିଶେଷ ଭାବରେ ବୃଦ୍ଧି ପାଏ । ସୁଶାସନ ସଙ୍ଗେ ସଙ୍ଗେ ରାଜା ଓ ରାଜ୍ୟ ଗୁଣୀମାନଙ୍କୁ ଆଦର କରିବା ଅନ୍ୟ ଏକ ଗୌରବ; ଗୁଣୀମାନଙ୍କ ବିଚାରରେ ଦେଶବିଦେଶର ପକ୍ଷପାତିତ୍ୱ-ଶୂନ୍ୟତା ସୁଶାସନର ଏକ ବିଶିଷ୍ଟ ଲକ୍ଷଣ । ରାଜା ପୁଣି ଧନରେ କୁବେର ହେବେ ଏବଂ ଦାନରେ ଶିବିରାଜା ପରି ହେବେ । ନିଃସ୍ୱାର୍ଥପର ହୋଇ ପରପାଇଁ ନିଜ ଜୀବନକୁ ଅନନ୍ଦରେ ଉତ୍ସର୍ଗ କରିବା ଅଦର୍ଶ କାଳେ କାଳେ ସମାଜରେ ଅଦ୍ଭୁତ ହୋଇ ଅସୁଛି । ରାଜ୍ୟ ଶାସକ ଯେପରି ଛତ୍ରକୋଟୀର ବିଦ୍ୱାନ୍, ସୁଶାସକ ହେବେ ସେହିପରି ବଳବାନ୍, ଯୋଦ୍ଧା, ଗୁଣୀ ଓ ସୁନ୍ଦର ହେବେ । ଏସବୁ ସୁଲକ୍ଷଣ ରାଜା ଓ ରାଜ୍ୟଶାସନକୁ ଆଦର୍ଶ ସ୍ଥାନ ପ୍ରଦାନ କରେ ।

ପୁଷ୍ପଢଳକ ନୃପତ ଏ ଅଲ୍ପେ,
ପ୍ରଜା ପାଳିଲେ ପୁତ୍ର ପ୍ରାୟେ ତହେ ।
ଆସମୁଦ୍ର ମେଦନୀ ମଣ୍ଡଳର,
ଚକ୍ରବର୍ତ୍ତୀ ହୋଇଲେ ନୃପବର ।

ଅରି ହୋଇ ଯେ ତାଙ୍କର ବୋଧିଲେ,
ଭୃତ୍ୟ ପରାୟେ ନୃପ ସେବା କଲେ ।
ନାନା ଦେଶରୁ ବିପ୍ର ଗୁଣୀଜନ,
ସ୍ୱଦେଶରେ ନେଲେ ଅନେକ ଧନ ।

ଶିବି ରାଜା ପରାଏ ଦାତା ହେଲେ,
ବଳେ ବଳରାମ ବଳ ଲଙ୍ଘିଲେ ।
ଧନୁଶାସ୍ତ୍ରେ ରାମଚନ୍ଦ୍ର ଉପମ,
ଚିତ୍ରରଥ ଗନ୍ଧର୍ବ ଗୁଣେ ସମ ।

ରୂପେ କାମିନୀ କାମେ ହେଲେ ବାମ,
ସର୍ବ ଗୁଣେ ହୋଇଲେ ବିଷ୍ଣୁ ସମ ।

ସୁଧାକର ପରାଏ ଯାହା କାନ୍ତି,
ବରଦାନରେ ଯୁତ କଲେ କ୍ଷିତି । (୧ମ ଛାନ୍ଦ)

ଅଳଙ୍କାର ପ୍ରୟୋଗ—କବି କାବ୍ୟଟିରେ ଯମକ, ଅନୁପ୍ରାସ, ଉପମା, ଶ୍ଳେଷ ଓ ଉତ୍ପ୍ରେକ୍ଷା ପ୍ରଭୃତି ଅଳଙ୍କାର ସୁଷମ ଭାବରେ ପ୍ରୟୋଗକରି କାବ୍ୟର ଗୌରବ ବୃଦ୍ଧି କରିଛନ୍ତି; ଏଥିରେ କ୍ଳିଷ୍ଟ କଳ୍ପନାର ବହୁଳତା କାବ୍ୟର ଗୌରବକୁ ନଷ୍ଟ କରିନାହିଁ ।

ଯମକ—

ଏଥିଅନ୍ତେ କାମ ସଙ୍ଗତେ କାମପୂର୍ତ୍ତି କରନ୍ତେ ଜନେ,
ବିରହୀଜନ ମନମନ୍ଥନ ମଧୁ ପ୍ରବେଶ ବନେ ।
ପାଦପେ ନବେ ରୁଚି ପଲ୍ଲବେ ହେଲେ କୁସୁମେଶ୍ୱର,
କୋକିଳ ଗୀର କଲା ଯୋଗୀର ମନ କାମେ କାତର । ୧ ।
(୨ୟ ଛାନ୍ଦ)

ଯମକ-ଅନୁପ୍ରାସ—

ହରଷେ ସରସୀ ରସରେ ପ୍ରବେଶ ସାରସ ଆନନ୍ୟ ହେଲେ,
ମାନସରୋବରେ ସୁରନାରୀଙ୍କର ପରାଏ ଶୋଭା ବହିଲେ । ୨୪ ।
(୬ଷ୍ଠ ଛାନ୍ଦ)

ଦ୍ୱିଅର୍ଥବୋଧକ ସ୍ତୁତି—ଛନ୍ଦାରମ୍ଭରେ କବି ହରି ଓ ହରଙ୍କୁ ଦ୍ୱିଅର୍ଥବୋଧକ ଶବ୍ଦ ପ୍ରୟୋଗକରି ସ୍ତୁତି କରିଛନ୍ତି । କବିଙ୍କ ରାଜ୍ୟର ରାଜଧାନୀର ନାମ 'ହରିହରପୁର' ଥିବାରୁ ଏହି 'ହରିହର' ସ୍ତୁତି ଅଧିକ ଚିତ୍ତାକର୍ଷକ ହୋଇଛି ।

ସିତତନୁ-ଜିତ ପଞ୍ଚଶାୟକ, ମିତ୍ରନୟନ ଆନନ୍ଦଦାୟକ । ୧ ।
ଶରଦରକର ପରଶୁଧର, କରେ ଶୋଭିତ କମଳ ଯାହାର । ୨ ।
ଜନ ନରକ ଦାରୁଣେ ଉଦ୍ଧାର, ସେ ଅଜ୍ଞାନ ଅନ୍ଧକ କ୍ଷୟକର । ୩ ।

କବି ନିଜେ ଏହି ସ୍ତୁତିଲକ୍ଷଣର ସୂଚନା ଦେଇଛନ୍ତି—

ଏହୁ ତଳପଦ ଜାଣ ସୁମତି, କର୍ତ୍ତିଅଛୁ ଶ୍ରୀହରିହର ମୂର୍ତ୍ତି ।

(୧ମ ଛାନ୍ଦ)

ହରି ଅର୍ଥରେ—ସିତତନୁ-କୃଷ୍ଣ । ଜନପଞ୍ଚଶାସକ—ମଦନମୋହନ (ନାମ) । ମିତ୍ର—କୃଷ୍ଣଙ୍କ ସୁଦାମା ପ୍ରଭୃତି ମିତ୍ରଗଣ ।

ହର ଅର୍ଥରେ—ସିତତନୁ—ଶିବ । ଜନପଞ୍ଚଶାସକ—କନ୍ଦର୍ପ-ଧ୍ୱଂସକ, (ଶିବ) । ମିତ୍ର—କୁବେର ।

ଏପରି ସ୍ତୁତି ଓଡ଼ିଶାର ବହୁ ଉଚ୍ଚକୋଟୀର ପ୍ରାଚୀନ କାବ୍ୟମାନଙ୍କରେ ଦେଖାଯାଏ ।

ନାୟିକାର ଶୋଭା—ନାୟିକା ରସଲହରୀର ଶୋଭା ବର୍ଣ୍ଣନାରେ କବି ଅତି ଚମତ୍କାର ପଦାବଳୀ ରଚନା କରିଛନ୍ତି । ଅଳ୍ପପଦରେ ହଂସମୃଷ୍ଟରେ ଆଦର୍ଶ ସୁନ୍ଦରୀ କେମାର ସୌନ୍ଦର୍ଯ୍ୟ ଚିତ୍ର ପ୍ରଦାନ କରିଛନ୍ତି ।

ତାଙ୍କ କୁମାରୀ ସେ ସୁକୁମାରୀ ନାମ ରସଲହରୀ,
ଅତି ଯତନ ବାମାରତନ ବିଧି ବା ଅଛି କରି ।
ଯାହା ରୂପର ସମାନ ପର-ଦେବତା ନାରାୟଣ,
ନୁହନ୍ତି ସମ ଅତି ସୂକ୍ଷ୍ମ-ନିଧାନ ହେଲେ ଜାଣ ।
ସକଳ ଗୁଣ-ନିଧାନ ଗୁଣ କହିବା ଅବା କେତେ,
କହିଲେ ଶେଷ ନୋହିବ ଶେଷ-ଗୁରୁ କବି ସହିତେ ।

ହଂସର ସୁରସବାଣୀ ସୌନ୍ଦର୍ଯ୍ୟର ସମକକ୍ଷ ହୋଇଛି, ଅସୁନ୍ଦରକୁ ସୁନ୍ଦର କରିନାହିଁ, କି ସୁନ୍ଦରର ସୌନ୍ଦର୍ଯ୍ୟକୁ କ୍ଷୁଣ୍ଣ କରିନାହିଁ । ବିବିଧ-ଅଳଙ୍କାର ବିମଣ୍ଡିତ ଏହି ସୌନ୍ଦର୍ଯ୍ୟବର୍ଣ୍ଣନାଟି ନାୟିକା ପରି ସୁଷମ ନିଧାନ ହୋଇଛି । ଉପମା, ଉପମାନନ୍ଦା, ଉତ୍ପ୍ରେକ୍ଷା ବର୍ଣ୍ଣନାଟିକୁ ଅତି ଚମତ୍କାର ରୂପ ଦେଇପାରି କବିଙ୍କ ଗଭୀର କଳ୍ପନାଶକ୍ତିର ପରିଚୟ ପ୍ରଦାନ କରୁଛି ।

ସୁନ୍ଦରୀର ଚିକୁରର କୃଷ୍ଣବର୍ଣ୍ଣ ସହିତ ମେଘ ସମାନ ହୋଇ ନପାରି ଅସୁନ୍ଦରତାସୂଚକ ଧୂମଜାତ ନାମକୁ ବହନ କରୁଛି । ଭୂତଳର ନୀଳ କମଳ ଯେବେ ନିର୍ଗନ୍ଧ ହେବ ଏବଂ କେବେ ମଳିନ ନହେବ ତାହାହେଲେ ସେ ରମାର କେଶପାଶ ସଙ୍ଗେ ତୁଳନୀୟ ହେବ । ନବକିଶୋରୀର ମୁଖଶୋଭାକୁ ଦେଖି ମନେ ହେଉଛି, ସତେ ଯେପରି କନ୍ଦର୍ପ ପଞ୍ଚଶାୟକ ହସ୍ତରେ ଧରି ତ୍ରିଭୁବନ ଜୟ କରିବାକୁ ବାହାରିଛି । (ଜୟ ଛନ୍ଦ)

ନିଶ୍ଚୟ ତାର ଲପନେ ପରାଜୟ ପାଇଣ,
ସରସିଜ ପଳାଇ ହୋଇଲା ଜଳେ ଶରଣ ।
ଯେଣୁ ତାହାର, ଆନନ ସମାନ ଇନ୍ଦୁକୁ,
ଦେଖନ୍ତେ ଭଜଇ ନିଶାକାଳରେ ମୁଦ୍ରିତକୁ ।

ତାହାର ମୁଖସରସିଜକୁ ଦେଖି ପରାଜୟ ଲଭି ପଦ୍ମ ଜଳରେ ଶରଣ ପଶିଲା । ପୁଣି ତାହାର ଚନ୍ଦ୍ରସମାନ ମୁଖକୁ ଦେଖି ଲଜ୍ଜାରେ ରାତିରେ ମୁଦ୍ରିତ ହୋଇଯାଉଛି । ତାହାର ଲଲାଟ ହେମ-ପଟ୍ଟିମର ସୌନ୍ଦର୍ଯ୍ୟ ପରି ଆସୁଛି—

ବଧୂ ମୁଦର ମୁଖେଁ ଅର୍ଦ୍ଧପ୍ରକାଶମାନ,
ହୋଇଅଛି କିବା ଶଶି ଲଞ୍ଛନ ।

ତାହାର ନେତ୍ରର ଶୋଭା ଅତୁଳନୀୟ—

ଯୋଗେଶ୍ୱର ପରାଜୟ କଲେ ମୋତେ ନୟନେ,
ଏକ୍ଷଣ ମଦନ ନିଶ୍ଚୟ କଲା ତା ମନେ ।
କିବା ତା ନେତ୍ର-ଇନ୍ଦୀବର ଅସ୍ତ୍ର ରଚିଲା,
ଜିଣିବି ମୁଁ ଏବେ ହର ବୋଲି ଧନୁ ଧଇଲା । ୯ ।

ଶୁଣ ହେ ନୃପ ଈଶ୍ୱର ସୁଧାକର ଚମୂରେ,
ଚଞ୍ଚଳ ମୀନଯୁଗଳ ଖେଳୁଛନ୍ତି ତହିଁରେ ।

କବା କାନ୍ତି ସେ, ଅପୂର୍ବ ଘଟଣା ବିଧାନ,
ଭରଅଛୁ ମଦନ କବା ଯୁବା ମନମୋହନ । ୧୦ ।

ଯାହାର ଲୋଚନଟେକ ହୋଇ ମୃଗଶାବକ,
ଜଣିବ ବୋଲି ଅଶ୍ରୁ ଜଳ ନଶାଶାପ୍ତକ ।
ତେବେ ତା ନେତ୍ର, ରୁଚିର ନ ଲଭିଲ ଯେଣୁ,
ଅନନ ଶୋକରେ ଜଡ ହୋଇଅଛୁ ସେ ତେଣୁ । ୧୧ ।

ବଚନର ରମଣୀୟତା ଅପୂର୍ବ । ତାହାର ଅମୃତ ବଚନ ପରଂପରା-ସମ୍ମତ ଉପମାକୁ ପରାଜୟ କରଇ ॥

ଶୁଣିଲେ ତାର ମଧୁର ମନୋହର ବଚନ,
ପିକ ବେଣୁ ବୀଣାସ୍ୱନ ନୋହେ ମନୋରଞ୍ଜନ ।
ସେହୁ ଅମୃତ, ହୋଇଥିଲେ କରେ ପ୍ରାପତ,
ଭଜର ରସରେ କେବେ ନ କଲଇ ନା ତର । ୧୨ ।

କବି ଗଣ୍ଡ, ହର, ନାସିକା, ଦନ୍ତ, ଅଧର, କଣ୍ଠ, କୁଚ, ବାହୁଯୁଗଳ, ରୋମରାଜି, ତ୍ରିବଳୀ, କଟି, ନିତମ୍ବାଦିର ବର୍ଣ୍ଣନା ମଧ୍ୟ ଏହିପରି ସ୍ୱରୁଚିପୂର୍ଣ୍ଣ ପଦାବଳୀରେ ପ୍ରଦାନ କରିଛନ୍ତି । ତାହାର ଅଧରର ଶୋଭା ଅତୁଳନୀୟ—

ଦୃଶ୍ୟ ମଧୁପାନ ତାର ବିଦ୍ରୁମ ଅଧରରେ,
ଶୋଭିତ ବିନ୍ଦୁ ଦ୍ୱିଜ ଜରେଟିଲେ ନେତ୍ରରେ ।
ନବ ପଲ୍ଲବେ, ରଞ୍ଜିତ ତୁଷାର ଯୁକ୍ତରେ,
ଭ୍ରମନ୍ତି ନୋହିବ ସବଜନଙ୍କ ମନରେ । ୧୩ ।

ସବଜନଙ୍କ ମନରେ ଭ୍ରମ ହେବା ସ୍ୱାଭାବିକ । ଏ ଅଭୂତପୂର୍ବ ସୁଷମା-ନିଧାନ ରାଜକୁମାରୀ ସର୍ବସୌନ୍ଦର୍ଯ୍ୟ ଉପାସକ ଯୁବକ ରାଜା ସୁନ୍ଦରଲଳଙ୍କ ମନକୁ ମୁଗ୍ଧ କରିଦେଇଛନ୍ତି । ଏହି ଅପୂର୍ବ ସୌନ୍ଦର୍ଯ୍ୟ ପ୍ରଶଂସା ଅନ୍ୟମୁଖରେ ଶୁଣି କୁମାର ମୋହିତ ହୋଇଛନ୍ତି; ରୂପଦର୍ଶନାକାଙ୍କ୍ଷା ପ୍ରବଳ ହେବା ସ୍ୱାଭାବିକ, ତାହା ହିଁ ହୋଇଛି ।

ଶୁଣି ହଂସବର ଗୀର ଅବନୀର ଈଶ୍ୱର,
ହରଷରେ ହୋଇଲା ଯା ସ୍ମିତମୁଖ ତାଙ୍କର ।
ଜାଣି ତା ବାଣୀ, ଅମୃତ ପାନକୁ ଯା କଲେ,
ହୃଦସ୍ଥରେ ପୂର୍ଣ୍ଣ ହୋଇ ବାହାରକୁ ଦଶିଲେ । ୩୬ ।

ସୁନ୍ଦର ନାୟକକୁ ସୁନ୍ଦରୀ ନାୟିକା, ପୁଣି ଉଭୟେ ସର୍ବସଦ୍‌ଗୁଣାବଳୀରେ ପରିପୂର୍ଣ୍ଣ । ହଂସ ଏହି ହେତୁ ଯଥାର୍ଥ କହିଛନ୍ତି—

ତୁମ୍ଭ ଅନୁରୂପ ପ୍ରିୟା ତାହାକୁ ମୁଁ ମଣଇ,
ଦୁହିଁଙ୍କ ସଂଯୋଗ ବିନା ରୂପ ବ୍ୟର୍ଥ ଅଟଇ ।
ଯେହ୍ନେ ରଜନୀ, ସୁଧାକର ବିହୀନେ ରହି,
ସୁନ୍ଦର ନ ଦିଶେ, ପୁଣି ରାତ୍ର ବିନୁ ସେ ନୋହି । ୩୭ ।

ରମଣୀୟ କାନ୍ତିନଗର—କାଞ୍ଚନଗର ବର୍ଣ୍ଣନାରେ କବି ବିଶେଷ ପଟୁତା ପ୍ରଦର୍ଶନ କରିଛନ୍ତି । କଳ୍ପନାବିଳାସ ସୁନ୍ଦର ଚିତ୍ର ଅଙ୍କନ କରିପାରିଛି । ପରଂପରାଗତ ଭାବରେ ନଗରର ବିଭିନ୍ନ ଅଂଶ, ପ୍ରାସାଦମାନଙ୍କର ବର୍ଣ୍ଣନା, ଲୋକଙ୍କ ଉଚ୍ଚ ଆର୍ଥିକ-ଅବସ୍ଥା ପ୍ରଭୃତିକୁ କବି ବର୍ଣ୍ଣନା କରିଥିଲେ ମଧ୍ୟ କେତେକ ସ୍ଥଳରେ ମାନବିକ ଚିତ୍ତବୃତ୍ତିକୁ ଅବତାରଣା କରି କବିତ୍ୱପୂର୍ଣ୍ଣ ଚିତ୍ର ଅଙ୍କନ କରିଛନ୍ତି ଏବଂ ସୁଧୀବର୍ଗଙ୍କ ମନକୁ ମୋହିତ କରିପାରିଛନ୍ତି ।

(୪ର୍ଥ ଛାନ୍ଦ)

ହଂସ ରାଜଧାନୀରେ ଭ୍ରମଣ କରି ଦେଖିଥିବା କେତେକ ଚିତ୍ର—

ଯେବଣ ପୁର ମଧ୍ୟରେ ଚତୁର ନାଗର ଜନେ
କରିଛନ୍ତି କପୋତ ଅପୂର୍ବ ଘଟନ,
କେ ଏକ ଚରଣେ ରହି ଆପଣା ପକ୍ଷ ଝୁମାଇ
କେହି ପ୍ରିୟାମୁଖେ ମୁଖ କରେ ନିଧାନ ।
ପବନରେ କରନ୍ତି ଗତି,
ସତ୍ୟ ଏହିମାନେ ହଂସ କଲି ଭ୍ରାନ୍ତି । ୭ ।

ଯହିଁ ଭିତ୍ତିରେ ଯୋଟିତ   ନୀଳମଣିରେ ଘଟିତ
ଭୂମିରେ ପ୍ରତିବିମ୍ବିତ ତାରମାନଙ୍କୁ,
ସୁଗନ୍ଧ କୁସୁମ ଅଣେ   ବଢ଼ାନ୍ତେ କର ହରଷେ
ଜାଣିଣ ସଜନୀ ହାସେ ନିଜ ଭ୍ରମକୁ ।
ଅତ ଚପଳମତୀ ନରରେ,
ଅଧିକୁ ଲପନ କର ତୁଡ଼ନ୍ତି ଏରେ । ୯ ।

ଯହିଁ ନାସ୍ୱକେ ବୋଧିତ   ହୋଇଣ ନବ ଯୋଷିତ
କ୍ରୀଡ଼ା ଭଙ୍ଗିରେ ନୃତ୍ୟତ ତ୍ରିଦ୍ୱ ସଙ୍ଗରେ,
ପ୍ରବେଶ ହୋଇ ଦ୍ୱାରରେ   ମଣି ନିର୍ମିତ ସ୍ତମ୍ଭରେ
ନିଜ ପ୍ରତିବିମ୍ବ ଏରେ ଦେଖି ଡରିରେ ।
ଦ୍ୱେଷରେ କୁଟିଳ ସବୁକୁ,
ଭଜନ୍ତି ବ୍ୟସ୍ତ କରନ୍ତି ପ୍ରିୟତମକୁ । ୧୦ ।

ଯହିଁ ବରହୁଣୀ ନାରୀ   ଶଶଧର ଉତ୍ପଳ
ବ୍ୟାପିତ ନକ୍ଷତ୍ରପଥ ରତ୍ନ ମଠରେ,
ପ୍ରବେଶ ହୁଅନ୍ତେ ମଣି-   ନିର୍ମିତ ସଦନେ ପୁଣି
ତାହାଙ୍କ ସ୍ୱରୂ ଲପନ ପ୍ରତିବିମ୍ବରେ ।
ଚନ୍ଦ୍ର ଭ୍ରମ କରି ହେଳରେ,
ମୂର୍ଚ୍ଛିତ ହୋଇ ପଡ଼ନ୍ତି ତହିଁ ସତରେ । ୧୧ ।

ପୁଣି, ଦ୍ୱାର ସନ୍ନିହିତ ରମଣୀର ତୁଳନା ସୁନ୍ଦର ହୋଇଛି—

ନଭେ ମଣ୍ଡଳ ମଣି   ଏ ଦ୍ୱାର ଦର୍ପଣ ରମଣୀ
କଳଶ କୁଚ ଚକୋର ନେତେ ସୁହାଇ,
ନୀଳମଣି କେଶ ଶୋଭା   ପଦ୍ମରାଗ ମୁଖ ଆଭା
ତୋରଣ ବାହୁ ବିଦ୍ରୁମ ଅଧରେ ଶୋହି ।
ଅନୁରାଗ କରେ ଭାଗ୍ୟରେ,
ତୁଟିଲ ଭେରଣ ହାଟ ଶୋଭା ଦ୍ୱାରରେ । ୧୨ । (୪ର୍ଥ ଛାନ୍ଦ)

ଉପବନ ବିହାର—ବସନ୍ତ ଋତୁରେ ନାୟିକାର ସଖୀମେଳରେ ଉପବନ ବିହାର ପ୍ରସଙ୍ଗଟି ମନୋମୁଗ୍ଧକର ହୋଇଛି । ଉତ୍ତମ କଳ୍ପନାଶକ୍ତି ବଳରେ କବି ଉପମା, ଉତ୍ପ୍ରେକ୍ଷା, ଛେକୋକ୍ତି, ବକ୍ରୋକ୍ତି ପ୍ରଭୃତି ପ୍ରୟୋଗକରି ନାନା କୌତୁକ କଥୋପକଥନଗୁଡ଼ିକୁ ଚାତୁର୍ଯ୍ୟପୂର୍ଣ୍ଣ କରି ପାରିଛନ୍ତି । ଭାଷାର ଲାଳିତ୍ୟ ବର୍ଣ୍ଣନାକୁ ଜୀବନ୍ତ କରିଛି । (୫ମ ଛାନ୍ଦ)

(୧) ସଖୀମାନେ ବେଢ଼ିଯିବାରୁ ନାୟିକା—

ତାହାଙ୍କୁ ବେଢ଼ି ଯାଆନ୍ତେ ସେ ପଥରେ,
ଦିଶିଲେ ଯେସନେ ଇନ୍ଦୁ ପ୍ରତିବିମ୍ବ କଇରବ ବୃନ୍ଦ ମଧ୍ୟରେ । ୨ ।

(୨) କଉତୁକମାନ କରନ୍ତେ ଗମନ କରି ଉପବନ ପାଶରେ,
ଦେଖିଲେ ସୁଷମ କେତକୀ କୁସୁମ ଅଳିବୃନ୍ଦ ଧ୍ୱନି ଉଚ୍ଚରେ ।
କରନ୍ତି, ତାକୁ ମଣିଲେ ସେ ମନରେ,
କିବା କରେ ଘୋଷ ତଡ଼ିତେ ପ୍ରକାଶ ନବଘନ ଆସି ମହୀରେ । ୪ ।

(୩) ଅସତୀ ନାରୀ ସହିତ ବନର ତୁଳନା—

ପୁଣି ସେ ଯୋଷିତ ତୋଟା ମଧ୍ୟଗତ ହୋଇଣ ବୋଲନ୍ତି ଏ ବନ,
ଅସତୀ ନାରୀର ପରାୟେ ଶରୀର କେଉଁ ଦେଶରେ ବାସସ୍ଥାନ ।
ଅଙ୍କୁର, ପୁଷ୍ପ, ଚନ୍ଦ୍ର ସରେ ଏ ବିଦିତ,
ଭୃଙ୍ଗମାନଙ୍କରେ ବିଳାସକୁ ଧରେ ଦ୍ୱିଜ କ୍ଷତେ ହୋଇ ମଣ୍ଡିତ । ୬ ।

ସଖୀମାନେ ଉଚ୍ଚଶିକ୍ଷିତା ଓ ସମ୍ଭ୍ରାନ୍ତ ପରିବାରର କନ୍ୟା । ପୁଣି ରୂପରେ, ସ୍ୱଭାବରେ ଓ ଗୁଣରେ ଉତ୍କୃଷ୍ଟ ଓ ଜେମାର ସମବୟସୀ । ସମସ୍ତେ 'ନବୀନ ବୟସୀ' ଓ 'ସୁକୁଟିଳକେଶୀ' । ଏମାନେ 'ସ୍ମିତହାସ'ରେ ଚାତୁର୍ଯ୍ୟ ପ୍ରକାଶ କରନ୍ତେ—

ଅମୃତ ସେଚନ ତୁଲିତ ବଚନ କହିଲ ସୁଖକୁ ବଢ଼ାନ୍ତେ ।

ଉପବନକୁ ବାରତରୁଣୀ, ସର, ସଜ୍ଜା, ରଣ ପ୍ରାଙ୍ଗଣ, ରସବତୀ, ବିରହିଣୀ ନାରୀ, କୁପିତା ନାରୀ ସହିତ ତୁଳନା କରି କବି ଗମ୍ଭୀରଚିନ୍ତା ଓ

ଲଳିତପଦାବଳୀ ରଚନାଶକ୍ତିର ପରିଚୟ ପ୍ରଦାନ କରିଛନ୍ତି । ଏଗୁଡ଼ିକ ଛନ୍ଦ-ଚୋଟୀର କବିତ୍ୱପୂର୍ଣ୍ଣ ପଦାବଳୀ ଆସନର ଅଧିକାରୀ ହୋଇପାରିଛି । ଏ ଚଉ ଓଡ଼ିଆ କବିତା ସାହିତ୍ୟଭଣ୍ଡାରରେ ଅମୂଲ୍ୟରତ୍ନ ହୋଇ ରହିଛି ।

ନବକିଂଶୁକ ମୁକୁଳ, ନବକୁସୁମିତା ମାଧବୀଲତା, ନବକଦମ୍ବ, କୁରୁବକ, ରଙ୍ଗଣୀଲତା ପ୍ରଭୃତି କୁସୁମମାନଙ୍କୁ ଲକ୍ଷ୍ୟ କରି କବି ଅପୂର୍ବ କଥୋପକଥନ ସୃଷ୍ଟି କରିଛନ୍ତି । ନାନା କୁସୁମରୁ ମଧୁପାନ କରୁଥିବା ଭ୍ରମରକୁ ଲକ୍ଷ୍ୟକରି ଜଣେ ସଖୀ କୌତୁକରେ କହୁଛି—

ଦେଖରେ ହାଟକଗାତ୍ରୀ ଚମ୍ପକ ନାନା କୁସୁମମାନଙ୍କର,
ମଧୁକର ପାନ କରିଲ ହୋଇଣ ଅତି ଅଶୁଚିର ଆକର ।
ହେଲେହେଁ, କେତକୀ ଦଳରେ ପଡ଼ୁଛି,
କି ଅବା ତୋହର ଲଭିଲ ଗୁଣର ପାଇବା ପାଇଁକି ମୃଗାକ୍ଷି । ୧୪ ।

ରଙ୍ଗିଣୀଲତାକୁ ଲକ୍ଷ୍ୟକରି ସଖୀଏ କହୁଛି—ଏ ଲତା ବଡ଼ ସୁଖୀ ହୋଇଛି; କାରଣ, ସେ ନିକଟରେ ରସାଳ ବିଟପର ମେଳ ପାଇ ପୁଲକସ୍ପୃଷ୍ଟା ହୋଇଛି । ତାର ପଲ୍ଲବ-ଅଧର କମ୍ପୁଥିବାରୁ ମନେ ହେଉଛି—

ବାଳାରେ, ପଲ୍ଲବ ଅଧର କମ୍ପାଇ,
କହି ନ ପାରଇ ବଚନକୁ ସହି ସୁମନେ ଅନୁରାଗ ବହି । ୧୮ ।
(୭ମ ଛାନ୍ଦ)

ଏହିପରି ବହୁ ଅମୃତ ପଦାବଳୀ ଉପବନ ବିହାର ପ୍ରସଙ୍ଗରେ କବି ରଚନା କରିଛନ୍ତି ।

ପୂର୍ବରୁ ଉପବନ ବିହାର ପ୍ରସଙ୍ଗରେ ଦୀନକୃଷ୍ଣ, ଉପେନ୍ଦ୍ର, ଲୋକନାଥ ଅତି ରସପୂର୍ଣ୍ଣ ପଦ-ସାଗର ରଚନା କରିଛନ୍ତି । ବିଶେଷତଃ ଉପେନ୍ଦ୍ର କୋଟୀ-ବ୍ରହ୍ମାଣ୍ଡସୁନ୍ଦରୀ ଓ ଲାବଣ୍ୟବତୀରେ ଉପବନ ବିହାରର ଅପୂର୍ବ, ଜୀବନ୍ତ ଚିତ୍ର ପ୍ରଦାନ କରିଛନ୍ତି । କବି ରଘୁନାଥ ସେହି ଶୈଳୀ ଅନୁସରଣ କରିଥିଲେ ମଧ୍ୟ ନିଜର ଅସ୍ତିତ୍ୱ ଏକାବେଳକେ ଲୋପ କରିଦେଇ ନାହାନ୍ତି । ଉତ୍ପ୍ରେକ୍ଷା,

ଶ୍ଳେଷାଦିରେ ସେ ନିଜତ୍ୱ ରକ୍ଷାକରି ଅମର ଲଳିତ ପଦାବଳୀ ସୃଷ୍ଟି କରିଛନ୍ତି ।

ସରୋବର : ସ୍ନାନକେଳି—ସରୋବରରେ ଜେମା ଓ ସଖୀମାନଙ୍କର ଜଳକେଳି ପ୍ରସଙ୍ଗଟି ଅତି ରମଣୀୟ ହୋଇଛି । କବି ସରୋବରକୁ ବୃକ୍ଷ, ଚନ୍ଦ୍ର, ମଦନରଥ, ସ୍ୱର୍ଗ, ରତ୍ନାକର ନାରୀ, ସର୍ପ, କୁବେର ସଦନ, ମେଘ, ରବି, ବନିତା ପ୍ରଭୃତି ସହ ତୁଳନାକରି କବିତ୍ୱପୂର୍ଣ୍ଣ ପଦ ସୃଷ୍ଟି କରିଛନ୍ତି । ଏଥିରେ କବିଙ୍କର ଗଭୀର ଚିନ୍ତା ଶକ୍ତିର ପରିଚୟ ମିଳୁଛି । ନବ ଯୁବତୀମାନେ ସରୋବରରେ ପଶିବାକୁ କବି ଉତ୍ପ୍ରେକ୍ଷା କରୁଛନ୍ତି ।

ସୁନ୍ଦରୀମାନେ ନିଜ ପ୍ରତିବିମ୍ବକୁ, ନିଧାନ କଲେ ଜଳରେ,
ଜାଣି କି ରସିକ ଅନୁରାଗ କରି, ଧଇଲା ନିଜ କୋଳରେ । ୨୩ ।
(୭ମ ଛାନ୍ଦ)

ସରୋବରରେ ସ୍ନାନକାଳୀନ ଶୋଭାର ଉପମା ଓ ଉପମାନିନ୍ଦା ପ୍ରୟୋଗ କରି କବି ଚିତ୍ରଟିକୁ ରସାଳ କରିଛନ୍ତି ।

ହରଷେ ସରସୀ, ସରେ ପ୍ରବେଶ ସାରଙ୍ଗଆନନା ହେଲେ,
ମାନସରୋବରେ ସୁରନାରୀଙ୍କର ପରାଏ ଶୋଭା ବହିଲେ । ୨୪ ।
ଅନ୍ତରରେ ଶୂନ୍ୟ, ଦେଖି ତାଙ୍କ ନେତ୍ର-ମାନଙ୍କ ପଦ୍ମ ନିକର,
ଜାଣି ପରାଭବ ଭୟରୁ ସେ ଜଳ ମଧ୍ୟେ ବୁଡ଼ିଲେ ସତ୍ୱର । ୩୧ ।
ଉତ୍ସନ ହୋଇ ଜଳରେ ପଶି କ୍ରୀଡ଼ା କରନ୍ତେ ରମଣୀମାନେ,
ସୁବର୍ଣ୍ଣ-ପଙ୍କଜ-କୋରକ ଭ୍ରମକୁ କରାଇଲେ ନିଜ ସ୍ତନେ । ୩୨ ।
ନବକେଶୋଳି ମୁକୁଳ କବରେ ପୂର୍ଣ୍ଣକରି ସରସୀକି,
ମନୋହର ଶୈବାଳ ଭ୍ରମ ତାକୁ ନ କରାଇଲା ସେହି କି । ୩୩ ।
କାହା କରୁ ମୁକ୍ତ ହୋଇଣ ସବଳ ପଡ଼ି କାହା ହୃଦୟରେ,
ଚୂର୍ଣ୍ଣ ହୋଇ ବନ୍ଦି-ନିକର ମୁକୁତା-ଶୋଭା ଲଭିଲେ ଜଳରେ । ୩୪ ।

ନବ ଟେକି ଉର ପ୍ରବେଶେ ତାଙ୍କର କେଶରୁ ଜଳ ଖସିଣ,
ଦଶିଲା ଗଗନ ମଧ୍ୟରୁ ସୁମନ-ପତନ ଶୋଭା ଯେସନ । ୪୦ ।

ସନ୍ଧ୍ୟା : ଚନ୍ଦ୍ରୋଦୟ—ସନ୍ଧ୍ୟା, ରାତ୍ରି ଓ ସନ୍ଧ୍ୟା ପରେ ଚନ୍ଦ୍ରୋଦୟର ବର୍ଣ୍ଣନା ଉପମା, ଉତ୍ପ୍ରେକ୍ଷା, ଅନୁପ୍ରାସାଦ ଅଳଙ୍କାର ଓ କୋମଳ ସରସ ପଦାବଳୀ ଦ୍ୱାରା ଚିତ୍ତାକର୍ଷକ ହୋଇଛି; ବର୍ଣ୍ଣନା ଯେ ଉଚ୍ଚକୋଟୀର ହୋଇଛି ଏଥିରେ ସନ୍ଦେହ ନାହିଁ ।

ଏଥି ଅନ୍ତେ ପୁଣ ଶୁଣ ନିପୁଣ,
ଏହୁ ସମୟେ ପଦ୍ମିନୀରମଣ ।
ଅସ୍ତ କରନ୍ତେ ଚରମଗିରି,
ଦେଖି କି କୋପକରେ ଆଶା-ନାରୀ ।
ତରସଙ୍ଗଭଙ୍ଗ, କରୁଛନ୍ତି ବୋଲି ହୋଏ ସୁରଙ୍ଗ । ୧ ।

ନବଳ କୁଙ୍କୁମ ରଙ୍ଗ ଅମ୍ବରେ,
ଭୂଷିତ ହୋଇଛନ୍ତି ପୟୋଧରେ ।
ତାହା ଦେଖି କବା ଅନୁରାଗରେ,
ଉଦ୍ଭ ଧଳ କର ବଢ଼ାଇଣରେ ।
ପରଶ କରନ୍ତେ, ଅନନ୍ଦ କରୁଅଛନ୍ତି ଏ ତବେ । ୨ ।

କବା ବଧୂଷୀ ପଦ୍ମ ସୁନସ୍ତ,
ଦେଖି ତାଙ୍କୁ ଅନୁରାଗୀ କଲ ।
ସଙ୍କୁଚିତ ହୋଇ ତାଙ୍କ ପ୍ରତେ,
ଏହିଠି ବିକାଶ ହାସ କରନ୍ତେ ।
ମଣ୍ଡଳରେ ସ୍ଥିତ, ହୋଇଣ ଚନ୍ଦ୍ର କରେ ବର୍ଷିତ । ୩ ।

ମନ୍ଦ ଶୀତଳ ସୁଗନ୍ଧ ପବନ,
ପ୍ରବୃତ୍ତ ହେଲେ ମଳୟ ବହନ ।

ନାୟକ ବାରୁଣୀ ଭଜିବା ଜାଣି,
ନବବିକାଶ ପଦ୍ମିନୀ ତରୁଣୀ ।
କି ଅବା ଦୁଃଖରୁ, ଶ୍ୱାସ ତେଜିଲା ମୃଗାଙ୍କ-ଉଦୟରୁ । ୪ ।

ଏଥୁ ଅନ୍ତରେ ସହସ କରଣ,
ପ୍ରତୀଚୀ ପ୍ରନକ୍ଷତ୍ରକୁ ଧାରଣ ।
କ୍ଷଣେ କରଣ ଜଳକୁ ଭଜନ୍ତେ,
ପଦ୍ମିନୀ-ନାସ୍ୱ ଦେଖିଣ ଗୁରତେ ।
ଭ୍ରମରର ବରେ, ରୋଦନ କଲା କି ଅତି ହରେ । ୫ ।

କି ଅବା ରବି ନିଜ ତନୁତାପ
ମକାଶୁଁ ଲଭନ୍ତେ ଅତି ସନ୍ତାପ ।
ଜଳ ପ୍ରବେଶ ବିସ୍ମୃତ ମନରେ,
ସାଗର ନିକଟେ ହେଲେ ସତ୍ୱରେ ।
ଚରମଗିରିରେ, କର ଅବଲମ୍ବ କଲେ ତହିଁରେ । ୬ ।
(୭ମ ଛାନ୍ଦ)

ଉପମା, ଉତ୍ପ୍ରେକ୍ଷା ଗୁଡ଼ିକ ଅତି ଚମତ୍କାର ହୋଇଛି; ଗଣ୍ଭୀର କଳ୍ପନା ଚିତ୍ରକୁ ରସାଳ ଓ ବୈଚିତ୍ର୍ୟପୂର୍ଣ୍ଣ କରିପାରିଛି ।

ଏଥୁ ଅନ୍ତେ ସନ୍ଧ୍ୟାଗ୍ରେ ଅରୁଣ,
କୁମୁଦଗୀର ଆନନ୍ଦକାରଣ ।
ହୋଇଲେ ଅର୍ଦ୍ଧବିମ୍ବ ନିଶାକର,
ହୃଦଭେଦନୁ ବିଯୋଗୀ ନାଗର ।
ଲୋହିତ ବରଣ, କଣ୍ଠିସ୍ଥ ଶୋଷ୍ଟ ବହିଲେ ବଦନ । ୧୧ ।

ତମମୁକ୍ତ ହୋଇ ନକ୍ଷତ୍ରମାନେ,
ଇନ୍ଦୁ ସଙ୍ଗରେ ଦିଶିଲେ ତେସନେ ।
ଯେସନ ମାନରେ କଳୁଷ ହୋଇ,

ଆଉ ନାଗ୍ର ମନ ନସ୍ୱନେ ସେହୁ ।
ବୋଧିତ ହୋଇଣ, ପ୍ରକାଶ ମୁଖେ ବଶଇ ଶୋଭନ । ୨୩ ।
(୭ମ ଛାନ୍ଦ)

ଅନେକ ପ୍ରକୃତର ବର୍ଣ୍ଣନାରେ ମାନବକ ଚରିବୃତ୍ତିର ପ୍ରକାଶ ରଚନାକୁ ରସାପ୍ଲୁତକର ମନକୁ ଚକ୍ରାସ୍ତାଙ୍କୁ ଦେଖିବା ସଙ୍ଗେ ସଙ୍ଗେ ମନରେ ପରମ ଆନନ୍ଦ ଜାତ କରୁଛି ।

ସନ୍ଧ୍ୟା, ରାତ୍ରି ଓ ଚନ୍ଦ୍ରୋଦୟର ବର୍ଣ୍ଣନାରେ ଧନକୃଷ୍ଣ, ଉପେନ୍ଦ୍ର ପ୍ରଭୃତ ପୂର୍ବକବମାନେ ପ୍ରଭୂତ ଯଶ ଅର୍ଜନ କରିଛନ୍ତି; ରଘୁନାଥଙ୍କ ଏ ବର୍ଣ୍ଣନା ସମଶ୍ରେଣୀର ।

ଭାଷା—କବିଙ୍କ ଭାଷା ମାର୍ଜିତ । ଯମକ ଅନୁପ୍ରାସାଦ ଅଳଙ୍କାରମଣ୍ଡିତ ପଦଗୁଡ଼ିକ ସରସ ହୋଇଛି । କ୍ଲିଷ୍ଟ ଓ କଷ୍ଟ ଶବ୍ଦଯୋଜନା କବିଙ୍କ ପାଣ୍ଡିତ୍ୟ ଓ ଚକ୍ରାବନ୍ଧରଚନାର ପରିଚୟ ଦେଉଛି ।

(୧) ନଳ ନଳିନ ରଞ୍ଜନନୟନୀ ଏ କନକାଶନର ସମାନ,
ଧନଞ୍ଜୟ ମିଥ ତେଜଯୁତ ଉଗ୍ରସେନ-ସପତ୍ନ-ବିନାଶନ । ୨୧ ।
(୧୧ଶ ଛାନ୍ଦ)

(୨) କୋମଳ କନକ-କେତକୀ
ପ୍ରାପ୍ତେକ କାନ୍ତି ଯାର ଦର୍ପଦାୟିନୀ । ୨୪ ।
(୧୧ଶ ଛାନ୍ଦ)

(୩) ଚଞ୍ଚଳ ଚମ୍ପକୁ ସ୍ୱରୁ ଚଞ୍ଚକ
ଚକୋର ଧଞ୍ଜତ ଲୋଚନୀ । ୩୧ ।
(୧୧ଶ ଛାନ୍ଦ)

କୋମଳ ପଦାବଳୀ—ଶତଶତ କୋମଳ ପଦାବଳୀ କାବ୍ୟଟିକୁ ମଧୁରତର କରିଛି ।

(୧) ଧୂଳିର ମାଳକମଳ ଯେବେ ହେବ ଏସନ,
ନ ଲୁଣ୍ଡିବ ସୁଗନ୍ଧ ନୋହିବ କେତେ ମଳିନ ।
(୩ୟ ଛାନ୍ଦ)

(୨) ସୁଗନ୍ଧ କୁସୁମ ଆଣେ ବଢ଼ାନ୍ତେ କର ହରଷେ,
ଜାଣିଣ ସଜନୀହାସେ ନିଜ ଭ୍ରମକୁ । (୪ର୍ଥ ଛାନ୍ଦ)

(୩) ନୀଳମଣିର ମାଳତୀ ସ୍ୱୈରିଧ୍ୱଜ କୁନ୍ତଳିତା,
ପ୍ରିୟକୁ ଗୁପ୍ତ କରନ୍ତେ ପଥିକ ନର । (୮ର୍ଥ ଛାନ୍ଦ)

ଚରିତ୍ର ଚିତ୍ରଣ—ଚରିତ୍ର ଚିତ୍ରଣରେ ନୂତନତ୍ୱ ଅନୁସନ୍ଧାନ କରିବା ଅନୁଚିତ; କାରଣ, କବି ତାଙ୍କର ପାତ୍ରପାତ୍ରୀମାନଙ୍କୁ ଅଲଙ୍କାରଶାସ୍ତ୍ରମୋଦିତ ଗୁଣାବଳୀରେ ଭୂଷିତ କରିଛନ୍ତି । କାବ୍ୟଟିର କଳେବର କ୍ଷୁଦ୍ର ହୋଇଥିବା ଯୋଗୁଁ ଘଟଣାବହୁଳତାର ଅଭାବ ସ୍ପଷ୍ଟ ହେଉଛି ।

କବି ରଘୁନାଥ ଭଞ୍ଜ ଏହି କାବ୍ୟଟିରେ ଆଦିରସକୁ ବିଶେଷ ଭାବରେ ସ୍ଥାନ ଦେଇଛନ୍ତି । ରତିକ୍ରୀଡ଼ାଦି ପ୍ରସଙ୍ଗକୁ ଅତିମାତ୍ରାରେ ବର୍ଣ୍ଣନା କରିଥିବା ଯୋଗୁଁ ଶ୍ଳୀଳତା ଦୃଷ୍ଟିରେ ଅତିରିକ୍ତ ହୋଇଛି ବୋଲି କୁହାଯିବ । ତେବେ, ପରମ୍ପରା ତାଙ୍କୁ ରକ୍ଷାକବଚ ଦାନ କରିଛି ।

ନାୟକନାୟିକାଙ୍କ ବିରହବର୍ଣ୍ଣନା କାବ୍ୟରେ ଗୌରବର ସ୍ଥାନ ଅଧିକାର କରିନାହିଁ । ବିଭିନ୍ନ ଋତୁରେ ଓ ଅନ୍ୟ ସମୟରେ ପ୍ରଣୟୀ-ପ୍ରଣୟିନୀଙ୍କ ବିରହ ବେଦନା କବି ସୂଚନାରେ ରୂପ ଦେଇଥିଲେ ମଧ୍ୟ ପ୍ରାଚୀନ ପ୍ରେମକାବ୍ୟରେ ଏହି ପ୍ରସଙ୍ଗର ବୈଶିଷ୍ଟ୍ୟତାକୁ ଏକାବେଳକେ ପାସୋର ଦେଇଛନ୍ତି । ରଘୁନାଥଙ୍କ ପରି ଛତକୋଟୀର କବିଙ୍କ ପକ୍ଷରେ ଏହି ପ୍ରସଙ୍ଗଗୁଡ଼ିକ ସୁନ୍ଦରରୂପ ଧାରଣକରି କାବ୍ୟର ଗୌରବ ବୃଦ୍ଧି କରିଆଅନ୍ତା ।

କାବ୍ୟଟିରେ ନାୟକନାୟିକାଙ୍କ ବିରହାଦି ପ୍ରସଙ୍ଗ, ନଗର ବର୍ଣ୍ଣନା, ଉପବନ ବିହାର ଓ ସୈନ୍ୟଗ୍ଳାନି ପ୍ରଭୃତି ପ୍ରସଙ୍ଗ ତୁଳନାରେ ଅଳ୍ପ ସ୍ଥାନ

ଅଧିକାର କରିଛି । ବିଭିନ୍ନ ସାମାଜିକ ରୀତି ଓ ବିଧିବିଧାନ ମଧ୍ୟ ଅଳ୍ପ ସ୍ଥାନ ଅଧିକାର କରିଛି ।

କଥାବସ୍ତୁର ପ୍ରବାହ ସ୍ୱଚ୍ଛନ୍ଦ ଗତିରେ ଗ୍ରଳିଛି । ଅତିମାନୁଷିକ ଉପାଦାନ ଭିତରେ ଏକମାତ୍ର ସୁବର୍ଣ୍ଣ ହଂସ ହିଁ ସୃଷ୍ଟ ହୋଇଛି । ନାୟକନାୟିକାଙ୍କ ରୂପଗୁଣାଦିର ପରିଚୟ ପରସ୍ପରଙ୍କୁ ଦେଇ 'ଉପଯୁକ୍ତ ବରକନ୍ୟା'ର ସନ୍ଧି-ବନ୍ଧନ ତାଙ୍କଦ୍ୱାରା ସମ୍ପାଦିତ ହୋଇଛି ।

ନାୟକନାୟିକାଙ୍କ ପୂର୍ବଜନ୍ମ ବୃତ୍ତାନ୍ତ, ନରଦେହ ଧାରଣର କାରଣ ପ୍ରଭୃତି ପ୍ରାଚୀନ ରୀତିପ୍ରସଙ୍ଗ ଏହି କାବ୍ୟରେ ନାହିଁ । କବି ସ୍ୱାଭାବିକ ଓ ସରଳ ଭାବରେ ମାନବଜୀବନରୁ କଥା ସଂଗ୍ରହ କରିଛନ୍ତି । ଏହା ଶ୍ରେଣୀବହିର୍ଭୂତ ହୋଇଥିଲେହେଁ କାବ୍ୟରସ ସୃଷ୍ଟିରେ କୌଣସି ବ୍ୟାଘାତ ଘଟାଇ ପାରିନାହିଁ ।

କବି କାବ୍ୟଟିକୁ ବିବିଧ ଅଲଙ୍କାରରେ ମଣ୍ଡିତ କରିଛନ୍ତି । ଉପମା, ଉତ୍ପ୍ରେକ୍ଷା, ଛେକୋକ୍ତି ଓ ବକ୍ରୋକ୍ତି ପ୍ରଭୃତିର କୌଶଳପୂର୍ଣ୍ଣ ପ୍ରୟୋଗ ଦ୍ୱାରା ନାଟକୀୟ ଛଟା ସୃଷ୍ଟି କରି ପାରିଛନ୍ତି ଏବଂ କଥୋପକଥନଗୁଡ଼ିକୁ ଅତି ରମଣୀୟ ଓ ଜୀବନ୍ତ କରିପାରିଛନ୍ତି । ନାୟିକାର ସଖୀମାନଙ୍କସହ ଉପବନ ବିହାର, ସରୋବରରେ ସ୍ନାନ ପ୍ରଭୃତି ପ୍ରସଙ୍ଗରେ ଆଳାପଗୁଡ଼ିକ ଯେକୌଣସି ସାହିତ୍ୟରେ ଉଚ୍ଚସ୍ଥାନ ଅଧିକାର କରିବ । ଏଠାରେ କବିଙ୍କ ରଚନା ଶୈଳୀ, କଳ୍ପନାର ଗମ୍ଭୀରତା ପ୍ରଭୃତି ଅତି ଉଚ୍ଚକୋଟୀର ହୋଇ ଅପୂର୍ବ ଚିତ୍ରଗୁଡ଼ିଏ ସୃଷ୍ଟି କରିଛି ।

ନାୟକନାୟିକାଙ୍କ ବଂଶପରିଚୟ, ଜନ୍ମ ଓ ବାଲ୍ୟଶିକ୍ଷା ପ୍ରଭୃତି ପ୍ରସଙ୍ଗର ବିସ୍ତୃତ ବର୍ଣ୍ଣନା କବି ଦେଇନାହାନ୍ତି । ପୂର୍ଣ୍ଣଯୌବନ ପ୍ରାପ୍ତ ହେବା ପରେ ନାୟକନାୟିକାଙ୍କ ବୟସସୁଲଭ ଆଦରସାତ୍ମକ ଚିନ୍ତା ଅଳ୍ପପଦରେ ପ୍ରକାଶ ଲାଭ କରିଛି । ବିଭିନ୍ନ ଉପାୟରେ ସୁନ୍ଦର ଚିତ୍ର ସୃଷ୍ଟି କରିବା ସୁଯୋଗ କବି ନେଇ ନାହାନ୍ତି ।

ନୃପ ମନ୍ତ୍ରୀ ବନ୍ଧୁ ଯେତେ ଅନେକ,
ପୁତ୍ର ନାମ କଲେ ପୁଷ୍ପତିଳକ ।
କ୍ରମେ ବୃଦ୍ଧି କି ଲଭିଲା କୁମାର,
ଇନ୍ଦୁକଳା ପାଇ ଯେସନେ ସାଗର ।

ଅଷ୍ଟାଦଶ ବିଦ୍ୟାର ସହିତରେ,
ନୃପ ଦେଖି ପୂର୍ଣ୍ଣଯୌବନରେ ।
ନିଜ ରାଜ୍ୟ ମନୋରମା ପୁତ୍ରରେ,
ଅଭିଷେକ କଲେ ବିଧି ମତରେ ।
(୧ମ ଛାନ୍ଦ)

ଏହିପରି ନାୟିକାର ବାଲ୍ୟଲୀଳା, ଶିକ୍ଷା ଓ କୈଶୋର ପ୍ରଭୃତିର ବିଶଦ ବର୍ଣ୍ଣନା ନକରି କବି କେବଳ ଯୌବନାବସ୍ଥାର ରୂପ ଓ ହାବଭାବାଦି ବର୍ଣ୍ଣନା କରିଛନ୍ତି । ନାୟିକାର ବାଲ୍ୟ ଓ କୈଶୋରକାଳୀନ ସୁଷମାର ବର୍ଣ୍ଣନାରେ କବିତ୍ୱପୂର୍ଣ୍ଣ ଚିନ୍ତାର ଅନ୍ତର୍ଦ୍ଧାନ ଏ ପ୍ରସଙ୍ଗ ଗୌରବକୁ ଅଳ୍ପ କ୍ଷୁନ୍ନ କରିଛି ।

କବିଙ୍କ 'ରସଲହରୀ' ଉଦ୍ଦାମ ଯୌବନାବସ୍ଥାର ପ୍ରେମକାହାଣୀ । ପ୍ରେମ, ପ୍ରେମର ସହକାରୀ ଓ ଆନୁସଙ୍ଗିକ ପ୍ରସଙ୍ଗ ଏଥିରେ ପ୍ରଧାନ ସ୍ଥାନ ଅଧିକାର କରିଛି । ବିଂଶତିବର୍ଷ ବୟସର ପୂର୍ଣ୍ଣଯୌବନାବସ୍ଥାପ୍ରାପ୍ତ ରାଜା ଯୁବକ ଓ ଷୋଡ଼ଶୀ ରାଜକୁମାରୀର ପୂର୍ବରାଗ, ବିରହ ଓ ମିଳନ ପ୍ରସଙ୍ଗ ହିଁ କାବ୍ୟର ମୁଖ୍ୟ କଥାବସ୍ତୁ । ପ୍ରେମିକ ପ୍ରେମିକା ମାତାପିତା ହେବା ପରେ ଯେଉଁ ଜୀବନ-ଯାପନ କରିଥାଆନ୍ତି ସେଥି ବର୍ଣ୍ଣନାର ବା ସୂଚନାର ପ୍ରାଧାନ୍ୟ ନାହିଁ । ଅତଏବ ପ୍ରେମିକ ସ୍ୱାମୀ ଓ ପ୍ରେମିକା ସ୍ତ୍ରୀଙ୍କ ପୂର୍ବରାଗ, ବିବାହ, ମିଳନାଦି ପ୍ରସଙ୍ଗ ଅଳ୍ପକାଳ ଅଧିକାର କରିଛି । ଏହି ସଂକୀର୍ଣ୍ଣ ସମୟ ଭିତରେ ଜୀବନର ଅନ୍ୟାନ୍ୟ ବିଭବର ପୂର୍ଣ୍ଣବିକାଶର ଅବକାଶ ନାହିଁ । ଏହା କାବ୍ୟରଚନାରେ ଦୋଷ ନୁହେଁ, ସମ୍ୟକ୍ ବିଷୟକୁ ଉପଯୁକ୍ତ କରି କବି ଉଚ୍ଚକୋଟୀର କବିତ୍ୱ ଶକ୍ତି ପ୍ରଦାନ କରିଥିବାରୁ ଓଡ଼ିଆ ସାହିତ୍ୟରେ ଏହାର ସ୍ଥାନ ନ୍ୟୂନ ନୁହେଁ ।

ଏହି ଭାବରେ ବହୁ ବିଷୟର ବର୍ଣ୍ଣନାରେ ପୂର୍ବକବିମାନଙ୍କ ପଦ ଓ ସ୍ୱରର ସାମ୍ୟ ପରିଲକ୍ଷିତ ହେଉଥିବା ଦେଖାଯାଉଛି; ଏହାକୁ କେବଳ ସ୍ୱର-ସାମ୍ୟହିଁ କହିବା ଉଚିତ; କାରଣ, କାବ୍ୟମାନଙ୍କର ବିଷୟମାନଙ୍କରେ ଭାବସ୍ୱବାଦର ସାମ୍ୟ ରହିବା ସ୍ୱାଭାବିକ । ଚର୍ଯ୍ୟା, ବର୍ଣ୍ଣନାଶୈଳୀ, ପଦଯୋଜନା ପ୍ରଭୃତି ବିଷୟରେ କବିମାନେ ପରଂପରା ରକ୍ଷାକରି ଆସୁଥିବାରୁ ଏ ରୂପସାମ୍ୟ ନିଶ୍ଚୟ ଦେଖାଯିବ । ସାମ୍ୟ ବାହାରେ କବିଙ୍କର ସ୍ୱାତନ୍ତ୍ର୍ୟ ବର୍ଣ୍ଣନାସ୍ୱରୂପ ଓ ଭାବ ପ୍ରକାଶ ଭଙ୍ଗୀରେ ପ୍ରତିଫଳିତ ହେବା ଛଡ଼ା ଅନ୍ୟ ଉପାୟ ନାହିଁ । ରଘୁନାଥ ଏ କ୍ଷେତ୍ରରେ ସୀମିତ ପରିସର ମଧ୍ୟରେ କୃତିତ୍ୱ ଅର୍ଜନ କରିଛନ୍ତି । ଋତୁବର୍ଣ୍ଣନା, ଉପବନ ବିହାର, ସରୋବର ସ୍ନାନ, ନାୟିକାରୂପ ବର୍ଣ୍ଣନା ପ୍ରଭୃତି ପ୍ରସଙ୍ଗରେ କବି ଉଚ୍ଚଧରଣର ପ୍ରତିଭା ପ୍ରକାଶ କରିଛନ୍ତି ।

କବି କଳ୍ପନାରେ, ଅଳ୍ପ ପରିସର ମଧ୍ୟରେ ରଘୁନାଥ, ଦୀନକୃଷ୍ଣ, ଧନଞ୍ଜୟ, ଉପେନ୍ଦ୍ର, ସଦାନନ୍ଦଙ୍କ ସହିତ ତୁଳନୀୟ ହେବେ ।

ଷଷ୍ଠ ପରିଚ୍ଛେଦ

ରାଜା ପଦ୍ମନାଭ ଶ୍ରୀଚନ୍ଦନ

ପଦ୍ମନାଭ ଶ୍ରୀଚନ୍ଦନଙ୍କ ରଚିତ 'ଶଶିରେଖା' ଏକ ଉଚ୍ଚକୋଟୀର କାବ୍ୟ । ଭଞ୍ଜଙ୍କ କୋଟିବ୍ରହ୍ମାଣ୍ଡସୁନ୍ଦରୀ ଓ ଲାବଣ୍ୟବତୀ ପ୍ରଭୃତି ପ୍ରଥମ ଶ୍ରେଣୀର କାବ୍ୟ ସହିତ ସମକକ୍ଷ ନ ହେଲେ ମଧ୍ୟ ଦ୍ୱିତୀୟ ଶ୍ରେଣୀରେ ସ୍ଥାନ ପାଇବା ଯୋଗ୍ୟ । ଶଶିରେଖା ଏକ କାଳ୍ପନିକ ଓ ଆଦିରସାତ୍ମକ ପ୍ରେମକାବ୍ୟ । କାଳ୍ପନିକ ଖଣ୍ଡକାବ୍ୟର ଯାବତୀୟ ଲକ୍ଷଣ ଏଥିରେ ଅଛି । ନାୟକନାୟିକାଙ୍କ ପୂର୍ବଜନ୍ମ ବୃତ୍ତାନ୍ତ; ଦେବଶାପରେ ମର୍ତ୍ତ୍ୟରେ ରାଜକୁମାର ଓ ରାଜକୁମାରୀଙ୍କର ଜନ୍ମ; ଉଭୟଙ୍କ ପ୍ରେମକାହାଣୀ, ବିରହ, ବିଚ୍ଛେଦ, ମିଳନ ଓ ବିବାହାଦି ପ୍ରସଙ୍ଗ ଅଳଙ୍କାର ଶାସ୍ତ୍ର ଓ ପୂର୍ବପରଂପରା ନିର୍ଦ୍ଦିଷ୍ଟ ପ୍ରଣାଳୀ ଅନୁସରଣ କରି ଲିଖିତ ହୋଇଛି । ଉପେନ୍ଦ୍ର ଭଞ୍ଜଙ୍କ 'ଲାବଣ୍ୟବତୀ'ର କେତେକ ଛାୟା ଏଥିରେ ପଡ଼ିଥିବା ଦେଖାଯାଏ । 'ଲାବଣ୍ୟବତୀ'ର କଥାବସ୍ତୁର ରୂପ ସହିତ ଶଶିକଳା କାବ୍ୟରୂପର ସାମ୍ୟ ଥିବା ଦେଖାଯାଉଥିଲେ ମଧ୍ୟ ସେ ସମ୍ପୂର୍ଣ୍ଣ ଓ ସର୍ବତୋ-ଭାବରେ ରୂପ ଅନୁସରଣ କରିଥିବା ଜଣାଯାଏ ନାହିଁ । ଭଞ୍ଜଙ୍କ ପୂର୍ବରୁ ଅନ୍ୟ ବିଶିଷ୍ଟ କବିମାନେ ମଧ୍ୟ ଏହିପରି ବହୁ କାଳ୍ପନିକ କାବ୍ୟ ରଚନା କରି ଏକ ସ୍ପଷ୍ଟ ଓ ବଳିଷ୍ଠ ପରଂପରା ସୃଷ୍ଟି କରିଯାଇଛନ୍ତି; କବି ଏମାନଙ୍କ ପଥର ପାଠକ ପଥିକ ମାତ୍ର ।

ପଦ୍ମନାଭ ଶ୍ରୀଚନ୍ଦନ କଟକ ଜିଲ୍ଲା ଅନ୍ତର୍ଗତ ବାଙ୍କୀ ରାଜ୍ୟରେ ଖ୍ରୀ: ୧୭୩୫–୧୭୫୭ ପର୍ଯ୍ୟନ୍ତ ରାଜତ୍ୱ କରୁଥିଲେ । ତାଙ୍କ ସମୟରୁ ଓଡ଼ିଶାରେ ମୁସଲମାନ ରାଜତ୍ୱ ଚାଲୁଥିଲା ଏବଂ ତାଙ୍କ ରାଜତ୍ୱର ଅଳ୍ପ କେତେ ବର୍ଷ ପୂର୍ବରୁ ମୁସଲମାନ ରାଜତ୍ୱ ଲୋପ ହୋଇ ମରହଟ୍ଟା ରାଜ୍ୟ ପ୍ରତିଷ୍ଠିତ ହୋଇଥିଲା ।

ବାଙ୍କୀ ଓଡ଼ିଶା ଶାସନ ଅଧୀନରେ ଏକ କରଦ ରାଜ୍ୟରୂପେ ଥିଲା । ପଦ୍ମନାଭ ଶ୍ରୀଚନ୍ଦନଙ୍କ ବଂଶାବଳୀ ବାଙ୍କୀ ଇତିହାସରେ ଏପରି ଦିଆଯାଇଛି—

ପାଠ ଶ୍ରୀଚନ୍ଦନ (ଖ୍ରୀ: ୧୬୫୩-୧୬୭୦), ତାଙ୍କ ପୁତ୍ର ମଧୁସୂଦନ (ଖ୍ରୀ: ୧୬୭୦-୯୧), କ୍ରମରେ ଦମାଇ (ଖ୍ରୀ: ୧୬୯୧-୧୭୦୨), ଧନଞ୍ଜୟ (ଖ୍ରୀ: ୧୭୦୨-୧୭୧୬), ଦୟାନିଧି (ଖ୍ରୀ: ୧୭୧୬-୧୭୩୫), ପଦ୍ମନାଭ (ଖ୍ରୀ: ୧୭୩୫-୧୭୫୭), ଶଙ୍କର (ଖ୍ରୀ: ୧୭୫୭-୧୭୮୬), ବୃନ୍ଦାବନଦାସ (ଖ୍ରୀ: ୧୭୮୬-୧୮୧୩), ପୀତାମ୍ବର (ଖ୍ରୀ: ୧୮୧୩-୧୮୨୮), ଜଗନ୍ନାଥ (ଖ୍ରୀ: ୧୮୨୮-୧୮୪୦) ଓ ଗନବନ୍ଧୁ ।

ପଦ୍ମନାଭ ଶ୍ରୀଚନ୍ଦନ ଖୋର୍ଦ୍ଧା ରାଜବଂଶର ଦିବ୍ୟସିଂହ ୧ମ, ହରେକୃଷ୍ଣ, ଗୋପୀନାଥ, ରାମଚନ୍ଦ୍ର ୨ୟ ଓ ବୀରକେଶରୀ—ଏ ପାଞ୍ଚ ପୁରୁଷଙ୍କ ରାଜତ୍ୱ ଦେଖିଥିବା ସମ୍ଭବ । ତେବେ, ତାଙ୍କ ରାଜତ୍ୱ ଭିତରେ ରାମଚନ୍ଦ୍ର ୨ୟ ଓ ବୀରକେଶରୀଙ୍କ ସେ ସମସାମୟିକ ।

ଖୋର୍ଦ୍ଧାରଜା ବା ପୁରୀ ରାଜାଙ୍କ ପରି ଉପାଧି 'ଶ୍ରୀଚନ୍ଦନ' ବାଙ୍କୀ ରାଜାମାନେ ବ୍ୟବହାର କରିଆସୁଛନ୍ତି । ବାଙ୍କୀ ଓ ଖୋର୍ଦ୍ଧା ରାଜବଂଶ ବହୁ କାଳରୁ ବନ୍ଧୁତା ସୂତ୍ରରେ ଆବଦ୍ଧ ଥିଲେ । ବହୁ ପ୍ରାଚୀନ କାଳରେ ବାଙ୍କୀ ଏକ ସମୃଦ୍ଧିଶାଳୀ ରାଜ୍ୟ ଥିବା ଜଣାଯାଏ । ସ୍କନ୍ଦପୁରାଣାନ୍ତର୍ଗତ ଉତ୍କଳ ଖଣ୍ଡ ବା ପୁରୁଷୋତ୍ତମ ମାହାତ୍ମ୍ୟରେ ବାଙ୍କୀଠାରେ ମହାରାଜା ଇନ୍ଦ୍ରଦ୍ୟୁମ୍ନ ଅବନ୍ତୀଠାରୁ ନୀଳଗିରି ଯାତ୍ରା ପଥରେ ବିଶ୍ରାମ ନେଇଥିଲେ ଏବଂ ଏହି ଅଞ୍ଚଳରେ ପଣ୍ଡିତ ସଭା ବସାଇଥିଲେ । ବାଙ୍କୀର ଇଷ୍ଟଦେବୀ ଚର୍ଚ୍ଚିକା ଠାକୁରାଣୀ । ମହାନଦୀର ଦକ୍ଷିଣ କୂଳରେ ଠାକୁରାଣୀଙ୍କ ମନ୍ଦିର ଅଛି ।

ବର୍ତ୍ତମାନ ବିହାର ପ୍ରଦେଶାନ୍ତର୍ଗତ, କିନ୍ତୁ ପ୍ରାଚୀନ କାଳରେ ଉତ୍କଳାନ୍ତର୍ଗତ, ଧଳଭୂମିର ବଳଭଦ୍ର ଧଳ ନାମକ ଜଣେ ରାଜକୁମାର ଆସି ପ୍ରଥମେ ବାଙ୍କୀରେ ରାଜା ହୋଇଥିବା ଶୁଣାଯାଏ । ବଳଭଦ୍ରଙ୍କୁ ମିଶାଇ

ଏଗାର ଜଣ ରଜା ବାଙ୍କୀରେ ରାଜତ୍ୱ କରିବା ପରେ ଧଳବଂଶର ରାଜତ୍ୱ ଲୋପ ହେଲା ଏବଂ ଶ୍ରୀଚନ୍ଦନ ବଂଶର ରାଜତ୍ୱର ଅଭ୍ୟୁଦୟ ହେଲା । ଏହି ଶ୍ରୀଚନ୍ଦନ ବଂଶର ଆଦି ପୁରୁଷ ପାର୍ଥ ଶ୍ରୀଚନ୍ଦନ (ଖ୍ରୀ: ୧୬୫୩-୧୬୭୦) । ପଦ୍ମନାଭଙ୍କ ପିତାମହ ଧନଞ୍ଜୟ (ଖ୍ରୀ: ୧୭୦୨-୧୭୧୬)ଙ୍କ ସମୟରେ ଖୋର୍ଦ୍ଧା ରାଜା ଦିବ୍ୟସିଂହ ଦେବଙ୍କର ସୀମା ବିବାଦ ହୋଇଥିଲା ଏବଂ ଏହା କ୍ରମେ ଯୁଦ୍ଧରେ ପରିଣତ ହୋଇଥିଲା । ଯୁଦ୍ଧରେ ଧନଞ୍ଜୟଙ୍କ ମୃତ୍ୟୁ ହୋଇଯିବାରୁ ତାଙ୍କ ରାଣୀ ଶୁକଦେବୀ ସେନାପତି ହୋଇ ଯୁଦ୍ଧ ଚଳାଇଥିଲେ ଏବଂ ଖୋର୍ଦ୍ଧା ସୈନ୍ୟ ହଟିଯାଇଥିଲେ । ସେତେବେଳକୁ ପଦ୍ମନାଭଙ୍କ ପିତା ଦୟାନିଧି ବାଳକ ଥିଲେ । ବୀରନାରୀ ଶୁକଦେବୀଙ୍କ ବୀରତ୍ୱ କାହାଣୀ ଓଡ଼ିଶା ଇତିହାସରେ ଏକ ଚିରସ୍ମରଣୀୟ ପ୍ରସଙ୍ଗ ।

ବାଙ୍କୀ ବକଦୁର୍ଗ ନାମରେ ମଧ୍ୟ ପରିଚିତ । କାବ୍ୟରେ ଉଭୟ ନାମ ବ୍ୟବହୃତ ହୋଇଛି । ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଇଂରେଜ ଶାସନ ଅମଳରେ ବାଙ୍କୀ ଖାସ୍ ହେଲା ।

ରାଜା ପଦ୍ମନାଭ ଶ୍ରୀଚନ୍ଦନ ପଦ୍ମନାଭପୁର ଶାସନ ବସାଇଥିଲେ । ଏହାଙ୍କ ସମୟରେ ଡମ୍ପଡ଼ା ରାଜାଙ୍କ ସହିତ ସୀମାସରହଦ ନେଇ ସଂଘର୍ଷ ହୋଇଥିଲା । ରାଜା ଖୁବ୍ କ୍ରୀଡ଼ାପରାୟଣ ଥିବା ଶୁଣାଯାଏ । ସେ ପଶାଖେଳରେ ସନ୍ତୁଷ୍ଟ ହୋଇ ଜଣେ ବ୍ରାହ୍ମଣଙ୍କୁ ଦଶମାଣ ଜମି ଦାନ କରିଥିବା ଶୁଣାଯାଏ ।

ପଦ୍ମନାଭ ନିଜେ କବି ଥିବାରୁ ଶାସ୍ତ୍ର ଓ କାବ୍ୟ ଆଲୋଚନାରେ ଆନନ୍ଦ ଉପଭୋଗ କରୁଥିଲେ ।

କଥାବସ୍ତୁ—୧ମ ଛାନ୍ଦ—ମଙ୍ଗଳାଚରଣ ଓ ଜଗନ୍ନାଥ ବନ୍ଦନା । ଜଗନ୍ନାଥଙ୍କ ଗୁଣ୍ଡିଚା ଯାତ୍ରାର ବାହୁଡ଼ା ବିଜେ ପରେ ଲକ୍ଷ୍ମୀନାରାୟଣ ଭେଟ । ଭେଟ ପରେ ମନ୍ଦିରରେ ବନ୍ଦାପନା । ଏହି ସମୟରେ କବି ପଦ୍ମନାଭ ଶ୍ରୀଚନ୍ଦନ ପ୍ରଭୁ ଜଗନ୍ନାଥଙ୍କୁ ପ୍ରାର୍ଥନା କଲେ—

ଯିରେ କର ଦେଇ ପୃଥ୍ୱୀ ଏମନ୍ତ ଜଣାଇ,
ଅହେ ପ୍ରଭୁ ଜଗନ୍ନାଥ ବ୍ରହ୍ମାଣ୍ଡ ଗୋସାଇଁ ହେ । ୩୧ ।

ମନୋରଥ କରିଛୁ ମୁଁ ପ୍ରବନ୍ଧ ରଚନା,
ନୋହଇ ସେ ସିଦ୍ଧି ତବ ଅନୁଗ୍ରହ ବିନା ହେ । ୩୨ ।

ଜଣାଉଛୁ କରଯୋଡ଼ି ଏହା ଆଜ୍ଞା ଦେବ,
ଶଶିରେଖା ପ୍ରବନ୍ଧ କରନ୍ତି ଧନ୍ୟ ହେବ ହେ । ୩୩ ।

ଏତେ କହି ସ୍ତୁତି ଭକ୍ତି ପାଦେ ପଡ଼ି ଶୋଇ,
ପୁନଃପୁନଃ କର ଯୋଡ଼ି ଅଗ୍ରେ ଛିଡ଼ା ହୋଇ ହେ । ୩୪ ।

ପ୍ରଭୁ ପ୍ରସନ୍ନରୁ ବାକ୍ୟ ହେଲା ସ୍ୱୀକାର,
ଦେଖୁଅଛୁ ଜନେ ଶୁଣ ଏବେ ଉପଚାର ହେ । ୩୫ । (୧ମ ଛାନ୍ଦ)

ଜଗନ୍ନାଥ ପ୍ରସନ୍ନ ହୋଇ ଆଜ୍ଞା ଦେବାରୁ କବି 'ଶଶିରେଖା' କାବ୍ୟ ଆରମ୍ଭ କଲେ ।

୨ୟ ଛାନ୍ଦ—ଅନୁକ୍ରମଣି । ଦିନେ ହରଗୌରୀ ଜଳକେଳି କରୁଥିବା ସମୟରେ ଗୌରୀଙ୍କ ଚନ୍ଦ୍ରୋପମ-ଚର୍ମ ମଳ ଦେଖିରୁ ସଂଗ୍ରହ କରି ଶିବ ଏକ ପୁରୁଷ ସୃଷ୍ଟି କଲେ । ଗୌରୀ ମଧ୍ୟ ଅନୁରୂପ ଏକ କନ୍ୟା ନିର୍ମାଣ କଲେ । ଦୁହିଁଙ୍କୁ ଜଳନ୍ୟାସ କଣ୍ଠ ଏକ ତଟରେ ଛିଡ଼ା କରାଇଲେ । ହରପାର୍ବତୀ ପୁରୁଷର ନାମ କନ୍ଦ୍ରାନନ ଓ ଲଳନାର ନାମ ଚନ୍ଦ୍ରକାନ୍ତି ଦେଲେ । କେତେକ ସମୟ ପରେ କନ୍ଦ୍ରାନନ ଓ ଚନ୍ଦ୍ରକାନ୍ତି ପରସ୍ପର ଶୋଭାରେ ମୁଗ୍ଧ ହେଲେ । ଉଭୟଙ୍କ ମିଳନ ଇଚ୍ଛା ପ୍ରବଳ ହେଲା । ଶିବ ପାର୍ବତୀ ଏହା ଜାଣି ପାରିଲେ । ଶିବ କହିଲେ, "ତୁମ୍ଭେ ଦୁହେଁ ଆମ୍ଭ ଦୁହିଁଙ୍କ ଅଂଶରୁ ଜନ୍ମ ହୋଇଥିବାରୁ ଏ ଜନ୍ମରେ ତୁମ୍ଭ ଦୁହିଁଙ୍କର ମନୋରଥ ପୂର୍ଣ୍ଣ ହେବ ନାହିଁ । ମର୍ତ୍ତ୍ୟରେ ତୁମ୍ଭେ ଦୁହେଁ ଜନ୍ମହେବ । ଦ୍ରବିଡ଼ ଦେଶର ରାଜକୁମାର ହୋଇ କନ୍ଦ୍ରାନନ ଜନ୍ମିବ ।" ପାର୍ବତୀ କହିଲେ, "କୁମୁଦାକର ଦେଶରେ ଇନ୍ଦ୍ରବତୀ ନଗରରେ ଚନ୍ଦ୍ରକାନ୍ତି ରାଜକୁମାରୀରୂପେ ଜନ୍ମ

ହେବ । ମର୍ତ୍ତ୍ୟରେ ଉଭୟେ ପତିପତ୍ନୀ ହେବ ।" ହରପାର୍ବତୀଙ୍କ ଆଜ୍ଞାନୁସାରେ ଏମାନେ ମର୍ତ୍ତ୍ୟରେ ଜନ୍ମ ହେଲେ ।

୩ୟ ଛାନ୍ଦ—ପୁଷ୍କର ଦେଶର ପଦ୍ମକର ନଗରର ପ୍ରତାପୀ ଓ ବଳି ରାଜା ବସ୍ତୁସାଗର 'ପୁତ୍ରବନ୍ତ ନୋହିବାରୁ' ଚିନ୍ତିତ ହେଲେ । ତାଙ୍କର ତିନିଶହ ଷାଠିଏ ରାଣୀ ପୁତ୍ର କାମନାରେ ଶିବଙ୍କୁ ଉପାସନା କଲେ । ଶିବ ବରଦ ହେବାରୁ ପାଟରାଣୀଙ୍କ ଗର୍ଭରୁ ପୁତ୍ର ଜନ୍ମ ହେଲା । କୁମାରର ନାମ ପଦ୍ମଧ୍ୱଜ ଦିଆଗଲା ।

୪ର୍ଥ ଛାନ୍ଦ—ରାଜକୁମାର ପଦ୍ମଧ୍ୱଜର ବାଲ୍ୟ, ପୌଗଣ୍ଡ ଓ ଯୌବନାବସ୍ଥାର ଶୋଭା । ବିଦ୍ୟାଶିକ୍ଷା । ଶିବଚତୁର୍ଦ୍ଦଶୀ ଦିନ ସଖାମାନଙ୍କ ସଙ୍ଗେ ବନବିହାର । ବସନ୍ତକାଳୀନ ବନର ଶୋଭା ଦେଖି କୁମାରର ପ୍ରଥମ କାମବିକାର ଉଦ୍ରେକ ହେଲା । କାମପୀଡ଼ା । କୁମାରର ପୀଡ଼ା ଦେଖି ଶିବଙ୍କ ଆବିର୍ଭାବ ଓ ବରଦାନ । ଚନ୍ଦ୍ରକାନ୍ତି ମର୍ତ୍ତ୍ୟରେ ଜନ୍ମ ହୋଇଥିବା ଓ ତାକୁ କୁମାର କିପରି ପାଇବ ତାହା ଶିବ କହିଲେ । ଏଥିରେ ସାହାଯ୍ୟ କରିବା ପାଇଁ ଏକ ରୁଦ୍ରାକ୍ଷ ମାଳ ଦେଇ କହିଲେ, ଏ ମାଳା ଧରି "ପଞ୍ଚାକ୍ଷର ମନ୍ତ୍ର ଜପ କଲେ ରୁଦ୍ର ଓ ଗଙ୍ଗାଧର ନାମକ ଦୁଇ ଦାସ ଆବିର୍ଭାବ ହେବେ ଏବଂ ଏହି ସିଦ୍ଧବଟୁ ଦୁହେଁ କନ୍ୟାଲାଭରେ ସାହାଯ୍ୟ କରିବେ ।" ୫ମ ଛାନ୍ଦ—ଦିନେ କୁମାର ମାଳାଧରି ଜପ କରିବାରୁ ସିଦ୍ଧବଟୁଙ୍କ ଆବିର୍ଭାବ ହେଲା । ତାଙ୍କୁ କୁମାର କହିଲା, "କେଉଁ ରୂପେ କନ୍ୟାରତନ ପାଇବା ଯତନ ଏଥିର କର ।" ସିଦ୍ଧବଟୁ ଦୁହେଁ ଶଶିରେଖାର ପରିଚୟ ଦେଲେ ଏବଂ ତାହାର ଅପୂର୍ବ ଶୋଭା ବର୍ଣ୍ଣନା କଲେ । କୁମାର ମୁଗ୍ଧ ହେଲା ଏବଂ ତାର କୁମାରୀ ପ୍ରାପ୍ତି ଇଚ୍ଛା ପ୍ରବଳ ହେଲା । ବଟୁ ଦୁହେଁ କୁମାରର ଚିତ୍ରପଟ ଲେଖିଲେ ଏବଂ କୁମାରକୁ କହିଲେ, "ରାତିରେ ସ୍ୱପ୍ନରେ କୁମାରୀ ସଙ୍ଗେ ତାର ଦେଖାହେବ । ଚୁମ୍ବନ ଦେବ । ରତିକ୍ରୀଡ଼ା ଆରମ୍ଭ ହେବା ପୂର୍ବରୁ ସେ ଅନ୍ତର୍ଦ୍ଧାନ ହୋଇଯିବ । କିନ୍ତୁ ଶିବଙ୍କ ବର ଅନୁସାରେ ସେହି କନ୍ୟା ନିଶ୍ଚୟ ତୁମ୍ଭର ହେବ ।"

୬ଷ୍ଠ ଛାନ୍ଦ—ଇନ୍ଦ୍ରବନ୍ତ ପୁରର ଶୋଭା । କନ୍ୟାଲାଭ ପାଇଁ ରାଜାରାଣୀଙ୍କ ଶିବଜୀଙ୍କ ପୂଜା । ଶିବଜୀଙ୍କ ବରପ୍ରସାଦରୁ କନ୍ୟାଲାଭ । କନ୍ୟାର ନାମ ଦେଲେ ଶଶିରେଖା । ୭ମ ଛାନ୍ଦ—ନାୟିକାର ବୟଃ ବୃଦ୍ଧି । ଯୌବନାବସ୍ଥାର ଶୋଭା । ବସନ୍ତ । ୮ମ ଛାନ୍ଦ—ନାୟିକାର ବେଶ ବର୍ଣ୍ଣନା । ବେଶ ପରେ ସୂର୍ଯ୍ୟ ପୂଜା । ୯ମ ଛାନ୍ଦ—କୁମାରୀର ବିବାହ ନିମନ୍ତେ ରାଜାଙ୍କ ପ୍ରସ୍ତାବ । ବର ଅନ୍ୱେଷଣ । ପଦ୍ମାକରର ଚିତ୍ରପଟ ନେଇ ଦୂତ ନଗରକୁ ଫେରିବା । ଚିତ୍ରପଟରେ କୁମାରର ଶୋଭା ଦେଖି ସମସ୍ତେ ମୁଗ୍ଧ । ସ୍ୱୟମ୍ବର ସଙ୍କଳ୍ପ ଓ ଆୟୋଜନ । ୧୦ମ ଛାନ୍ଦ—ବସନ୍ତ ଋତୁ । ନାୟକ ନାୟିକାଙ୍କ କାମ ଉଦ୍ଦୀପନ ଭାବ ।

୧୧ଶ ଛାନ୍ଦ—ସ୍ୱପ୍ନାନ୍ତେ କୁମାରର ବିଳାପ । ୧୨ଶ—ବସନ୍ତ ଋତୁରେ କାନନ ଭ୍ରମଣ । ବଟୁଦ୍ୱାରା ନାୟିକା ନାୟକର ପରିଚୟ ପ୍ରାପ୍ତି । ନାୟକଠାରୁ ନାୟିକାଠାକୁ ପତ୍ର ଆଣିବା ପାଇଁ ବଟୁର ପ୍ରସ୍ଥାନ । ୧୩ଶ—କୁମାରର ସ୍ୱପ୍ନାନ୍ତେ ବିଳାପ । ନାୟିକାଠାକୁ ଚିଠାଉ ଲେଖିବା ନିମନ୍ତେ ବଟୁର ପରାମର୍ଶ । ୧୪ଶ—ବଟୁ ନାୟକର ପତ୍ର ନାୟିକାକୁ ଦେଲା । ୧୫ଶ—ନାୟିକାର ଉତ୍ତର ବଟୁ ନାୟକକୁ ଦେଲେ ।

୧୬ଶ ଛାନ୍ଦ—ସ୍ୱୟଂବରର ନିମନ୍ତ୍ରଣ । ଦେଶ ପୁତ୍ରକୁ ସଙ୍ଗରେ ଧରି ଯାତ୍ରା । ୧୭ଶ—ରାଜାଙ୍କ ପ୍ରସ୍ଥାନ । ପଥ ମଧ୍ୟରେ ମହେନ୍ଦ୍ର ଗିରିରେ ଯୁବରାଜର ମୃଗୟା ବିନୋଦ । ୧୮ଶ—ବନ ମଧ୍ୟରେ ବନରକ୍ଷକ ଅସୁର ସହ ଯୁବରାଜର ଯୁଦ୍ଧ । ଅସୁର ବଳ ନିଧନ । ପ୍ରେତମାନଙ୍କ ଶବଭକ୍ଷଣରେ ବିକଟ ଦୃଶ୍ୟ । ୧୯ଶ—ନାୟକର ମହୋଦୟ କନ୍ୟାପୁରରେ ପ୍ରବେଶ । ନାୟିକାଠାକୁ ନାୟକର ଚିଠି । ନାୟିକାର ଅନୁକୂଳ ଉତ୍ତର । ୨୦ଶ—ସ୍ୱୟମ୍ବର ସଭା । ଯୋଗିନୀ ଶଶିରେଖାକୁ ସଙ୍ଗରେ ନେଇ ସମସ୍ତ ରାଜାମାନଙ୍କୁ ଜଣ ଜଣ କରି ଚିହ୍ନାଇଲେ । ପଦ୍ମାକରକୁ ନାୟିକା ବରଣ କଲେ ।

୨୧ଶ ଛାନ୍ଦ—ବିବାହ । ୨୨ଶ—ମଧୁଶଯ୍ୟା । ୨୩ଶ—ଦାମ୍ପତ୍ୟ କ୍ରୀଡ଼ା । ୨୪ଶ—କନ୍ୟାକୁ ଧରି ବରର ସ୍ୱପୁରକୁ ପ୍ରତ୍ୟାଗମନ । ୨୫ଶ—ନାୟିକାର ମାନ—ନାୟକର ବିନୟ । ମାନଭଙ୍ଗ ।

୨୬ଶ ଛାନ୍ଦ—ପିତାଙ୍କ ନଗରରେ ଇନ୍ଦ୍ରଉତ୍ସବ ଦେଖିବା ପାଇଁ ଶଶିରେଖାର ଗମନ । କାନ୍ତାକାନ୍ତ ବିଚ୍ଛେଦ, ବିରହ । ୨୭ଶ—କାନ୍ତର ବିରହ । ୨୮ଶ— କାନ୍ତକାନ୍ତାଙ୍କ ବିରହ । ହିମ ଋତୁରେ ବିରହ । ୨୯ଶ—ଶିଶିର । କାନ୍ତ କାନ୍ତାଙ୍କ ବିରହ । ୩୦ଶ—ବସନ୍ତ । କାନ୍ତକାନ୍ତାଙ୍କ ବିରହ ।

୩୧ଶ ଛାନ୍ଦ—ଗ୍ରୀଷ୍ମ । କାନ୍ତକାନ୍ତାଙ୍କ ବିରହ । ୩୨ଶ—ବର୍ଷା । କାନ୍ତ-କାନ୍ତାଙ୍କ ବିରହ । ୩୩ଶ—ଶରତ । କାନ୍ତକାନ୍ତାଙ୍କ ବିରହ । ୩୪ଶ—ଶରତ—ବିରହ । କାନ୍ତା ଦିନ ଗଣ୍ଡି କରିଥିଲା । ଗଣ୍ଡି ପୂରିଯିବାରୁ କାନ୍ତର କାତରୋକ୍ତି, ପ୍ରାଣନାଶର ଧମକ । ୩୫ଶ—କାନ୍ତର କାନ୍ତାଠାକୁ ଚିଠାଉ । କାନ୍ତାର କାନ୍ତପୁରକୁ ପ୍ରତ୍ୟାଗମନ । ୩୬ଶ—ସ୍ୱାମୀ ସ୍ତ୍ରୀଙ୍କ ସୁଖାଲାପ ।

ରୀତିକାବ୍ୟର ନିୟମାନୁଯାୟୀ ପଦ୍ମନାଭ ଶଶିରେଖାକୁ ରଚନା କରିଛନ୍ତି । କାଳ୍ପନିକ କଥାବସ୍ତୁରେ ଶିବପାର୍ବତୀଙ୍କ ଆବିର୍ଭାବ, ଶିବପୁରାଣରେ ପାଠ, ଶିବଦୂତ ପ୍ରଭୃତି ପ୍ରସଙ୍ଗ ପୌରାଣିକ ଆଖ୍ୟାନର ଲକ୍ଷଣ ଦାନ କରିଛି । ବିଧିପାଳନ ପାଇଁ କବି ଏହା କରିଥିଲେ ମଧ୍ୟ ମୂଳ କଥାବସ୍ତୁ କବିଙ୍କର ସ୍ୱକଳ୍ପନାପ୍ରସୂତ ।

ଆଦିରସହିଁ ଏ କାବ୍ୟର ମୁଖ୍ୟରସ । କବି ପ୍ରସଙ୍ଗ କ୍ରମେ ବାତ୍ସଲ୍ୟ, ରୌଦ୍ର, ବିଭତ୍ସ, କରୁଣ ରସର ଅବତାରଣା କରି କାବ୍ୟଟିକୁ ମନୋହର କରିଛନ୍ତି । ମୃଗୟା, ଯୁଦ୍ଧ, ବିରହ ପ୍ରସଙ୍ଗ ଗୁଡ଼ିକରେ ଭାବ, ଭାଷା ଓ ପ୍ରକାଶଶୈଳୀ ଉଚ୍ଚଶ୍ରେଣୀର ହୋଇଛି । ଚିନ୍ତାଧାରା, କାର୍ଯ୍ୟକ୍ରମ ପ୍ରଭୃତି ପରମ୍ପରାକୁ ଅନୁସରଣ କରିଥିଲେ ମଧ୍ୟ କବି ରଚନା କୌଶଳଦ୍ୱାରା ଏହାକୁ ନୂତନ ରୂପ ଦାନ କରିଥିବା ଭାବନା ମନରେ ଜାତ ହେଉଛି ।

ଚରିତ୍ର ଚିତ୍ରଣରେ ପରଂପରାବର୍ଜିତ କୌଣସି ବିଶିଷ୍ଟ ତଥ୍ୟ ନାହିଁ । ନାୟକ, ନାୟିକା, ସଖା, ସଖୀ, ଦୂତ ପ୍ରଭୃତି ଓ ନାୟକ ନାୟିକାଙ୍କ ପୂର୍ବଜନ୍ମ ବୃତ୍ତାନ୍ତ ଓ ମର୍ତ୍ତ୍ୟ ମିଳନରେ ନୂତନତ୍ୱ ନଥିଲେ ମଧ୍ୟ ଭାବର ପ୍ରାଚୁର୍ଯ୍ୟ କବିତାର ଗୌରବ ବୃଦ୍ଧି କରିଛି । ନାୟକ ରାଜକୁମାର ନାୟିକା

ରାଜକୁମାରୀ । ଉଭୟଙ୍କ ଯୌବନାବସ୍ଥାର ପ୍ରେମକାହାଣୀ କାବ୍ୟର ମୂଳବସ୍ତୁ ଥିବାରୁ ଯୌବନୋତ୍ତର ପର୍ଯ୍ୟାୟ ଉଲ୍ଲେଖ ହୋଇ ନାହିଁ । ନାୟକ ଉଚ୍ଚକୁଳସମ୍ଭୂତ, ଅପୂର୍ବ ସୁନ୍ଦର, ପଣ୍ଡିତ, ତେଜସ୍ୱୀ, ବୀର, ରସିକ, ସହୃଦ ଓ ଗୁଣଗ୍ରାହୀ । ନାୟିକା ମଧ୍ୟ ଉଚ୍ଚକୁଳସମ୍ଭୂତା, ଅତି ସୁନ୍ଦରୀ, ଯାବତୀୟ ସଦ୍‌ଗୁଣାବଳୀର ଅଧିକାରିଣୀ । ଉଭୟେ ସ୍ୱାମୀ-ସ୍ତ୍ରୀ ହେବା ଯୋଗ୍ୟ ।

ବିଚ୍ଛେଦ, ମିଳନ ପ୍ରଭୃତିରେ ଦୈବଶକ୍ତି ପ୍ରଧାନ କାର୍ଯ୍ୟ କରିଛି । ଶିବପାର୍ବତୀଙ୍କ ନାୟକ ଓ ନାୟିକାର ସୃଷ୍ଟି, ମର୍ତ୍ତ୍ୟଲୋକର ନିର୍ଦ୍ଦେଶ, ସିଦ୍ଧବଟୁଙ୍କ କାର୍ଯ୍ୟକଳାପ ଅସମ୍ଭବକୁ ସମ୍ଭବ କରିଛି, ମନ ହେବା ମାତ୍ରେ କାର୍ଯ୍ୟ ସିଦ୍ଧି କରିଛି ।

ବର୍ଣ୍ଣନାରେ କବି ପରମ୍ପରା ସମର୍ଥିତ ପନ୍ଥା ଅବଲମ୍ବନ କରିଛନ୍ତି । ନାୟକ, ନାୟିକାଙ୍କୁ ଅପୂର୍ବ ସୌନ୍ଦର୍ଯ୍ୟର ଅଧିକାରୀ କରିଛନ୍ତି । ଏମାନଙ୍କର ରୂପ, ବେଶ ଓ ଗୁଣ ବର୍ଣ୍ଣନା ପରମ୍ପରାନୁସାରେ ହୋଇଛି । ପ୍ରାକୃତିକ ବର୍ଣ୍ଣନା ମଧ୍ୟ ପରମ୍ପରା ଶୈଳୀକୁ ଅନୁସରଣ କରିଛି ।

ରମଣୀୟ, କୌତୁକପୂର୍ଣ୍ଣ ଆଳାପ ରଚନାର ସୌନ୍ଦର୍ଯ୍ୟ ବୃଦ୍ଧିରେ ସାହାଯ୍ୟ କରିଛି ।

ଭାଷା ସରଳ, ମାର୍ଜିତ । ଯମକ ଓ ଅନୁପ୍ରାସ ଭାଷାକୁ ମଧୁର କରିଛି । କବିଙ୍କ ଲେଖାରେ ଉପେନ୍ଦ୍ରଙ୍କ ପ୍ରଭାବ ଦେଖାଯାଏ ।

ପୂର୍ବ କବିମାନଙ୍କ ବାଣୀ—ଶଶିରେଖାରେ କବି ପୂର୍ବ କବିମାନଙ୍କର କେତୋଟି ବାଣୀର ଉଲ୍ଲେଖ କରିଛନ୍ତି । ପଞ୍ଚବିଂଶ ଛାନ୍ଦଟି ଏକ ଚଉତିଶା । ରାଗ—ବସନ୍ତ ।

ଦଶମ ଛାନ୍ଦ—ରାଗ ଭୈରବୀ । ଦୀପକ ଚେଟେଇ ବାଣୀ ।

ଷୋଡଶ ଛାନ୍ଦ—ରାଗ ଚିନ୍ତା ଦେଶାକ୍ଷ । ଦଳମ ତଅର ବାଣୀ ।

ଦ୍ୱାବିଂଶ ଛାନ୍ଦ—ରାଗ ବଙ୍ଗଳାଶ୍ରୀ । ଯଥା—ପଢ଼ିଲ ବଚନ ଲୁଚେ ଏ ବାଣୀ

ଊନତ୍ରିଂଶ ଛାନ୍ଦ—ରାଗ ଦୂତାଇ ବାରମାସୀ ବାଣୀ ।

'ଊଷା' ପ୍ରସିଦ୍ଧ ଊଷାଭିଳାଷ କାବ୍ୟ ।

ସାଧୁଜନଙ୍କୁ କବିଙ୍କ ଅନୁରୋଧ—କବି ପ୍ରଥମ ଛାନ୍ଦରେ ଖଳ ଲୋକଙ୍କ ସ୍ୱଭାବକୁ ନିନ୍ଦା କରି ସାଧୁବର୍ଗଙ୍କୁ କାବ୍ୟର ରସ ଆସ୍ୱାଦନ କରିବା ପାଇଁ ନିବେଦନ କରିଛନ୍ତି । କବିଙ୍କ ଦୋଷ ଥିବା ଦୃଷ୍ଟିକି ଆସିଲେ ତାହାକୁ 'ରସ ବର୍ଣ୍ଣ' ଆଦରି ନେବାକୁ ମଧ୍ୟ ପ୍ରାର୍ଥନା କରିଛନ୍ତି, ପୁଣି କହିଛନ୍ତି, "ଗୁଣ ଯେନ ଦୋଷ ଥିଲେ ମନେ ତା ନ କର ହେ ।" ରସିକ, ପଣ୍ଡିତ, ଅନୁଭବୀ, କବି ହୋଇଥିଲେ ପାଠକ ଏ ଗୀତର ଅର୍ଥ ହୃଦୟଙ୍ଗମ କରିପାରିବ, ଅନ୍ୟ ପକ୍ଷରେ ଏହା ସମ୍ଭବ ନୁହେଁ, କବି ଏହା ସ୍ପଷ୍ଟ ଭାବରେ ବ୍ୟକ୍ତ କରିଛନ୍ତି । ବିଭିନ୍ନ ଅଳଙ୍କାରର ପ୍ରୟୋଗରେ ବାହୁଲ୍ୟ ନଥିବାରୁ ସହଜେ 'ଦୋଷ' ରହିବା ପାଇଁ ଅବସର ମିଳିବ ନାହିଁ । ପଦ୍ମନାଭଙ୍କ ପରି ବିଶିଷ୍ଟ କବି ପଣ୍ଡିତ ପକ୍ଷରେ ଦୋଷମାତ୍ରା ଦୃଶ୍ୟ ନ ହେବା ସ୍ୱାଭାବିକ ।

ବର୍ଣ୍ଣନା ଚାତୁରୀ

ପ୍ରାକୃତିକ ବର୍ଣ୍ଣନା : ନଦୀ—ମହେନ୍ଦ୍ର ଗିରିକୁ ମୃଗୟା ଉପଲକ୍ଷେ ରାଜକୁମାର ଗଲାବେଳେ ଗିରିକୋଟରୁ ପ୍ରବାହିତ ହେଉଥିବା ଏକ ନଦୀକୁ ଦେଖିଲ ।

ସେ ଗିରିକୋଟ ପ୍ରକଟରେ ଭେଦି, ବହଇ ମନୋହର ଏକ ନଦୀ ।
ଅତି ଶୀତଳ ସୁବାସ ସଲିଳ, ଫୁଟି ଅଛନ୍ତି କୁମୁଦ କମଳ ।
ଜଳପକ୍ଷୀମାନେ, ବିହାର କରନ୍ତି ହରଷମନେ । ୨୨ ।

ରାଜହଂସ ହଂସ ରାଜ ଖଞ୍ଜନ, ବକଦଳ ପିମ୍ପି କୋକ ମିଥୁନ ।
କାରଣ୍ଡବ ମାଛରଙ୍କା ସାରସ, ଜଳକୁକ୍କୁଟ କାମ କୁଜୀ ହଂସ ।
କାଣ୍ଡି ପାଣି କୁଆ, କାଦୁଆ ଖୁମ୍ପି ବୁଡ଼ ଗେଣ୍ଡାଳିଆ । ୨୩ ।

(୧୭ଶ ଛାନ୍ଦ)

ଏଥିରେ ଭାଷାର ମାଧୁର୍ଯ୍ୟ ଅଛି, କିନ୍ତୁ କଳ୍ପନା ନାହିଁ । ଉପମାଦି ଅଳଙ୍କାରବର୍ଜିତ ହୋଇଥିବାରୁ ବର୍ଣ୍ଣନାଟି ନିଃସ୍ୱ ବିବରଣୀ ସଦୃଶ ହୋଇଛି । ଅବଶ୍ୟ ଏଥିରେ କବିଙ୍କ ପ୍ରକୃତି ପର୍ଯ୍ୟବେକ୍ଷଣ ପ୍ରମାଣିତ ହେଉଛି ।

ବସନ୍ତ ଋତୁ—ଚୈତ୍ରମାସ ପ୍ରବେଶ ହୁଅନ୍ତେ ମନ୍ଦ ମଳୟ ମାରୁତ ଧୀର ଧୀର ହୋଇ ମନ୍ଦରେ ପ୍ରସରିଲା । ପ୍ରଥମେ, ସହକାର ତରୁ ବହଳିଲା । ମନେ ହେଲା, କାନ୍ତ-ବସନ୍ତର ପ୍ରବେଶ ଜାଣି ବନ-କାନ୍ତା ମହୁଲି ମଞ୍ଜରିଲା କି ।

ମଦନରାଜା ବିଜୟ ଅବସରରେ ସଖା-ଦୂତ ସମସ୍ତ ଗୋପ୍ୟ ରାଜୋପସ୍କର ଅଗ୍ରରୁ ବାହାର କଲା । କୁହୁଧ୍ୱନି ଛତ୍ର ଟେକିଲା, ପଲ୍ଲବ ତୋରଣ ହେଲା, କୁବେଲି ଭ୍ରମର ହାଣିଲା । କୋକିଳ ମଙ୍ଗଳ ଆଳାପ କଲା । ସୁକୁଟରେ ଉତ୍ଫୁଲ୍ଲ ହୋଇ ମଲ୍ଲିକା କି ସ୍ମିତଫୁଲ୍ଲ ହସ ହସ ମୁଖ ଦେଖାଇ ପଥ ସମୀପରେ ଛିଡ଼ା ହେଲା । କମୁଦବାଳା ପୂର୍ଣ୍ଣ ସୁଧାକରରୂପୀ ଦର୍ପଣକୁ ଧରି ଛିଡ଼ା ହେଲା କି !

ଏହି ମଦନ ମହାରାଜାର ଗୁଞ୍ଜଝଙ୍କାରରୂପୀ ଭ୍ରମର ଝଙ୍କାର ବିରହୀମାନଙ୍କୁ ଚମକାଇ ଦେଲା । ଭୟରେ ବିରହୀମାନେ "ଡକିଲେ ଅବଶେ ଭଜିଲେ ମଦନେ ଚଳିଲେ ଘରକୁ ନକହି ।"

ବସନ୍ତ ଋତୁରେ ମଦନ ରାଜାର ସକଳ ରାଜୋପକରଣସହ ଆଗମନ ପ୍ରସଙ୍ଗଟି କବି ଚିତ୍ରଣ କରି ସୁନ୍ଦର ପ୍ରଚ୍ଛଦପଟ ଦେଇଛନ୍ତି; ପାଠକର ମନ ମଧ୍ୟ ଏଥିରେ ଆବେଶ ହୋଇଛି ।

ବସନ୍ତ ଋତୁରେ ମଦନ ରାଜାର ଆବିର୍ଭାବ ପ୍ରସଙ୍ଗ ପୂର୍ବରୁ କବିମାନେ ବର୍ଣ୍ଣନା କରିଛନ୍ତି । ଏମାନଙ୍କ ଭିତରେ ଉପେନ୍ଦ୍ର ହିଁ ସର୍ବଶ୍ରେଷ୍ଠ କଳ୍ପନା-ବିହାରୀ । ପଦ୍ମନାଭ ସେହି ପଥରେ ଅନୁସରଣ କରି ପୂ. କବିଙ୍କୁ ଶତ୍ରୁ ଦଳରେ ଏହି ଏକ ପ୍ରସଙ୍ଗକୁ ଭିନ୍ନ ରୂପ ଦେଇ ରମଣୀୟ ଚିତ୍ର ସୃଷ୍ଟି କରିଛନ୍ତି । କବିଙ୍କ କଳ୍ପନା ସୁନ୍ଦର ଉପମା ସୃଷ୍ଟି କରିଛି । ଭାବ ଓ ଉପଯୋଗୀ ଭାଷା ଚିତ୍ରର ସୌନ୍ଦର୍ଯ୍ୟକୁ ବର୍ଦ୍ଧିତ କରିଛି ।

× × କ୍ରମଶେ ଫୁଟିଲେ ସକଳ ପ୍ରସୂନ,
ତରୁଲତା ଶୋଭା ଦିଶିଲା ବାଳିକା ଲଭି ଯେସନ ଯଉବନ । ୫ ।

ଲାଗି ଯା ସ୍ପରଶ ପୁଷ୍ପତରୁବଂଶ ଭଜିଲେ ପଲ୍ଲବ ଭାବକୁ,
ଅନୁରାଗ ନବ ଯାହାର ସମ୍ଭବ ନରଖିବ କି ସେହୁ ଜନକୁ ।
କୋକିଳ, କଳରବ କାଳ ଗରଳ,
କରିବାକୁ ପାନ କର୍ଣ୍ଣେ କାମୀଜନ ଲଭିଲେ ମୋହକୁ ସକଳ । ୬ ।

ଏମନ୍ତ ବସନ୍ତ ସମୟେ ନିରେଖି ପ୍ରିୟ ସଖୀ କହେ ବାଳାକୁ,
ଅତି ମଧୁର ମଧୁଋତୁ ପ୍ରବେଶ ଆଣି ନାହୁଁ ପରା ମନକୁ ।
ସଙ୍ଗାତ, ଦେଖିବା ଚାଲ ଉପବନ,
ଯହିଁରେ ସାକ୍ଷାତ ରତି ଘେନି ସଙ୍ଗେ ବିହାର କରୁଛି ମଦନ । ୭ ।

ଉପଯୁକ୍ତ ସମୟରେ ଉପଯୁକ୍ତ ଭାବ ଉପଯୁକ୍ତ ପାତ୍ରରେ ଉଦୟ ହୋଇଛି । ପ୍ରକୃତିର ପ୍ରଭାବ ନବବାଳାର ମନକୁ ଉଚାଟ କରିଛି । ମଦନରାଜାର ରାଜୋପଚାରମଣ୍ଡିତ ପଟୁଆର ଦେଖିବା ପାଇଁ ବନ ବିହାର ଭାବନା ଉପଯୁକ୍ତ ହୋଇଛି ।

କବି ପ୍ରକୃତିର ରୂପ ବର୍ଣ୍ଣନାରେ ତାକୁ ଜୀବନ ଦାନ କରିଛନ୍ତି ଏବଂ ମାନବ ହୃଦୟ ଉପରେ ଏହାର ସମୁଚିତ ପ୍ରଭାବ କବିତ୍ୱପୂର୍ଣ୍ଣ ପଦାବଳୀ ସାହାଯ୍ୟରେ ରୂପ ଦେଇଛନ୍ତି । କବିଙ୍କ ଅନ୍ୟାନ୍ୟ ଋତୁ ବର୍ଣ୍ଣନା ଓ ଋତୁକାଳୀନ ଭାବନା ମଧ୍ୟ ସୁନ୍ଦର ହୋଇଛି ।

ଆରାମ-ବିହାର—ବସନ୍ତଋତୁକାଳୀନ ଆରାମ ବିହାର ପ୍ରସଙ୍ଗରେ କବି ଆରାମର ଏକ ରସପୂର୍ଣ୍ଣ ଚିତ୍ର ଦେଇଛନ୍ତି ।

କବି ଆରାମକୁ ଅବଳା ସହିତ ତୁଳନା କରିଛନ୍ତି । ଶ୍ରୀଫଳକୁ କୁଚ, ମନ୍ଦାର ଫୁଲକୁ ଅଧର, ପ୍ରସ୍ଫୁଟିତ ମଲ୍ଲିକାକୁ ହାସ, କରବୁ କୋରକ, କୁନ୍ଦ ଫୁଲକୁ ଦାନ୍ତ, ସୁନୟନକୁ ନୀଳ ଉତ୍ପଳ, ଚମ୍ପକ କଳିକାକୁ ଅଙ୍ଗୁଳି ପ୍ରଭୃତି ପ୍ରକାରେ ଉପମା ଦେଇଛନ୍ତି ।

ପୁଣି, ଏହାକୁ ଲଙ୍କାପୁରୀ, ଅଳକା, ମୁନି ଆଶ୍ରମ ସହିତ ତୁଳନା କରିଛନ୍ତି । ଅପୂର୍ବ ନାଗରୀ ନବବଧୂ ସହିତ ତୁଳନାଟି ରସାଳ ହୋଇଛି ।

ଦେଖ ଦେଖ ସଖି ଏ ସୁରୁ କବରୀ ମଧ୍ୟରୁ ଅପୂର୍ବ ନାଗରୀ,
ନବ ବଧୂମାନେ ଉଠିଛନ୍ତି ଦେଖ ପଲ୍ଲବ ରାଗ ଅନୁସରି ।
କେ ବୋଲେ, ପ୍ରମାଣ ଅଟଇ ଏ କଥା,
ନୋହିଲେ, ତରୁଣ କରନ୍ତେ ଅଙ୍କିତ ହୃଦୟ ବୁଝାଇ ସର୍ବଥା । ୧୭ ।
(୧୨ଶ ଛାନ୍ଦ)

ସୁରୁ—ଜାଫରାନା କେଶର ଗଛ, କବରୀ—ନାଲି ଫୁଲଗଛ, ବଧୂ—ବଧୂଲି, ତରୁଣ—ଜଡ଼ାଗଛ, କରଜ—କରଞ୍ଜ; ଏପରି ସାମ୍ୟ ପ୍ରଦର୍ଶନ କରି ବନକୁ ନାଗରୀ ନବବଧୂ ସହିତ ତୁଳନା କରିଛନ୍ତି । କଳ୍ପନା କୌଶଳ ଚମତ୍କାର ଭାବରେ ରସ ସୃଷ୍ଟି କରିଛି ।

ଆଶ୍ରମସ୍ଥିତ ବିବିଧ ପୁଷ୍ପ ଓ ଫଳ ବୃକ୍ଷର ବର୍ଣ୍ଣନାରେ କବିଙ୍କ କଳ୍ପନା ମାଧୁରୀ କୋମଳ ପଦାବଳୀରେ ଜୀବନ୍ତ ରୂପ ଲାଭ କରିଛି ।

କେ ବୋଲେ, ଦେଖରେ ନବୀନ ବାଳକା,
ବିଟପେ ବେଷ୍ଟିତ ହୋଇଛି ବନିତା ପରି ନବ ନବ ମାଳିକା । ୧୮ ।
ହୋଇଛି, ଅଶୋକୀ ତାରେ ଅନୁରାଗୀ,
ଯାର ଭ୍ରମର ଭ୍ରମି ରସ ନ ପାଇ ନିବୃତେ ଯାଉଛନ୍ତି ଭାଗି । ୧୯ ।
ସଙ୍ଗତ, ଜାତି ଯଦ୍ଧବନ ସମସ୍ତ,
କାନ୍ତାଙ୍କୁ କାନ୍ତ ଯେସନେ ନ ତେଜନ୍ତି ପ୍ରକାଶି ଅଦ୍ଭୁତ ବନସ୍ତ । ୨୦ ।
(୧୨ଶ ଛାନ୍ଦ)

ଏପରି 'ଅନେକ ରସ କଦମ୍ବ' ହୋଇ 'ଅତି ମନୋରମ ଆଶ୍ରମ ମଧ୍ୟରେ ରମ୍ଭାନେତ୍ରୀ ଯାଇ ପଶିଲେ ।' ଚରିତ୍ର ଆଖି ଆଗରେ ଖେଳିଯାଉଛି; କବିଙ୍କ ଲେଖନୀ ଏଠାରେ ସାର୍ଥକ ହୋଇଛି । ପାଠକ ଆହୁରି ରମ୍ଭାନେତ୍ରୀଙ୍କ

ଏ ବିହାର କଥୋପକଥନର ପ୍ରତ୍ୟକ୍ଷଦର୍ଶୀ ହୋଇଥିଲା ପରି ମନେ କରୁଛୁ, ତାର ମନ ଅତି ମନୋରମ ଆଶ୍ରମ ବିହାରରେ ଭ୍ରମଣ କରୁଛି ।

ମୃଗୟା—ରାଜକୁମାରଙ୍କ ବୀରରସର ମୃଗୟା ବର୍ଣ୍ଣନାଟି ଭାଷା ଓ ପ୍ରକାଶଭଙ୍ଗୀ ଯୋଗୁଁ ରମଣୀୟ ହୋଇଛି । ଯମକ, ଅନୁପ୍ରାସ ବ୍ୟବହାର କରି କବି ପଦଗୁଡ଼ିକୁ ରସାଳ କରିଛନ୍ତି, ପ୍ରାଣ ଦାନ କରିଛନ୍ତି; ଚିତ୍ରଟି ମଧ୍ୟ ଜୀବନ୍ତ ହୋଇଛି । ଶିକାର ଚିତ୍ରରେ ବ୍ୟବହୃତ ଶବ୍ଦାବଳୀର ଚମତ୍କାର ପ୍ରୟୋଗ ଚିତ୍ରଟିକୁ ରସାପ୍ଳୁତ ଓ ରମଣୀୟ କରିଛି । କବି ନିଜେ ରାଜା ଥିଲେ ଏବଂ ଶିକାର ପ୍ରସଙ୍ଗ ତାଙ୍କର ଅନୁଭବପ୍ରସୂତ ଥିବା ଅସମ୍ଭବ ନୁହେଁ । (୧୭ଶ ଛାନ୍ଦ)

ଝମକ ନିଶାଣ ରଡ଼ି ଘାତରେ, ଚମକ ପଡ଼ିଲା ଗିରି ଶିଖରରେ
ଗଡ଼ିଲେ ଯିବ ଯେ ଥିଲେ ତଳକୁ, ଛାଡ଼ିଲେ ଉଦ୍ୟେ ବିଷମ ରବକୁ ।
ତା ଦେଖି ସତ୍ୱରେ, ବନ୍ଧିଲେ ବୁଦ୍ଧି ତାର ଧାଡିକାରେ । ୨୫ ।

ଛୁରିକାରେ କେହୁ ଫୋଡ଼ିକୋ ଶୁଣ୍ଡ, ମୋଡ଼ି ପକାଇଲା କେ କାହା ମୁଣ୍ଡ ।
ଧରି କେ କାହାକୁ କଣ୍ଠ ବଳେ, ଫରି ଠେସରେ ବିନାଶିଲେ ହେଳେ ।
ନରି ଆଦି ଯିବ, କଷି ସନ୍ଧିରେ ବନ୍ଦୀ କଲେ ସବ । ୨୬ ।

ପକ୍ଷୀ ଶିକାରର ଦୃଶ୍ୟ ମଧ୍ୟ ମନୋହର ହୋଇଛି ।

ଶ୍ୟେନ ପାଶଧରେ ରୂଅ କେ ହୋଇ, ଉନମନ ତରୁ ଶିଖରେ ଦେଇ ।
ପକ୍ଷୀ ସମୂହରେ ଅକ୍ଷି ନିବେଶି, ଛୁଟାଇବା ଆଶେ ଫିଟାଇ ଫାଶୀ ।
ଧରଣ ମୂଠାରେ, ଫିଙ୍ଗନ୍ତେ ଲଗେ ସେ ଯେହ୍ନେ ଅଠାରେ । ୩୪ ।

ବାଜକୁ କଲା କେ ସଜ ସତ୍ୱରେ, ଖୁଣ୍ଟିଲା ସହୁଁ ସେ ଖୁଣ୍ଟିଲା ଖରେ ।
ଗୋଡ଼ାଇ ବହୁତ ଚଢ଼ାଇ ନାଶେ, ଲଢ଼ାଇରେ ତାର ବଢ଼ାଇ ହଶେ ।
ତରୁ ମୋହିତଯ୍ୟ, ଦୂରୁ ମୋଡ଼ିଗଲେ ବହୁତ ବୟ । ୩୫ ।
(୧୭ଶ ଛାନ୍ଦ)

ଯୁଦ୍ଧ—ଅସୁରବଳ ସହିତ ନାୟକର ଯୁଦ୍ଧ ଚିତ୍ରଟି ନାୟକର ବୀରତ୍ୱର ପରିଚାୟକ, ବୀରରସ ସୃଷ୍ଟି ହିଁ ଏହି ରଚନାର ଲକ୍ଷ୍ୟ । ବର୍ଣ୍ଣନାଟି ସଂକ୍ଷିପ୍ତ ହେଲେ ମଧ୍ୟ ରସାପ୍ଳୁତ ହୋଇଛି ।

ଏତେ କହି ସିଂହରଢ଼ ଦୈତ୍ୟମାରେ କୋପେ,
ଅଗୁସାର ହୋଇ ଯେଷ୍ଠା ମତେ ବାହାରନ୍ତେ । ୮ ।

ଶାଳଶିଳ ଯେନ କେତୁ ଅଜଗର ହେଲ,
ଝଡ଼ଗ କେ ହମଭାଇ ଘୋର ରଣ ଦେଲ ଯେ । ୯ ।

ଦୈତ୍ୟବଳ ସକଳ ହେ ଭଲେ ଏକକୁଣ୍ଡ,
କେତୁ ପଥର ପକାଇ ଫାଟେ ଅସ୍ଥି ମୁଣ୍ଡ । ୧୦ ।

ପଞ୍ଚାଶ କୋଟି ପଚଶ ଲକ୍ଷ ବଳ ସାଜି,
ଦୈତ୍ୟେଶ୍ୱର ବେଗେ ଭଲ ଚଢ଼ି ମହାବାଜୀ ଯେ । ୧୧ ।

କାଳଦଣ୍ଡ କରବାଳ କରେ ଘେନ ଭଣ,
ବାମ କରେ ମେରୁ ସମ ଧନୁ ଏକ ଧର ଯେ । ୧୨ ।

ଭେସ ତୂର ବାଦନାଦ୍ୟମ ନକ୍ରି ବଜାଇ,
କୋଳାହଳ ଶବଦରେ ମେଦନୀ କମ୍ପାଇ ଯେ । ୧୩ ।

(୧୮ଶ ଛାନ୍ଦ)

ଏହି ପଦଙ୍କରେ ଯୁଦ୍ଧଭୂମିରେ ରକ୍ତ ମହାନଦୀର ବର୍ଣ୍ଣନା ସଂକ୍ଷିପ୍ତ ହେଲେ ମଧ୍ୟ ଭୟାନକ ରସ ସୃଷ୍ଟି କରି ପାରିଛି । ଉପମା ପ୍ରୟୋଗଦ୍ୱାରା ଚିତ୍ରଟିର ସ୍ପଷ୍ଟତା ବୃଦ୍ଧି ପାଇଛି ।

ଏହି ରୂପେ ଭଲ୍ଲୁପ ପଣ ବଜାଇଲ,
ଘଡ଼କେ ଶୋଣିତ ମହାନଦୀ ବୁହାଇଲ ଯେ । ୨୦ ।

ଘୋଡ଼ା ହସ୍ତୀ ମଡ଼ା ନକ୍ର ମକର ଆକୃତ,
ଭଟ୍ଟରଥମାନେ ମଧ୍ୟେ ନଉକା ବନ୍ଧତ ଯେ । ୨୧ ।

ଘରପିଣ୍ଡ ମୁଣ୍ଡ କୁଣ୍ଡ ହୋଇ ଭାସିବାର,
ଭୁକେତୁଏ ଜବା ମଚ୍ଛ କଚ୍ଛପ ଦିଶାର ଯେ । ୨୨ ।

ଖଣ୍ଡ ଖଣ୍ଡ ନାଳ ନାଳ ଜଳ-ବ୍ୟାଳ ପଥେଁ ରନ୍ତି,
ଅନ୍ତ୍ରପିଣ୍ଡ ପଙ୍କ ପରି ଯହିଁ ଆଭାସନ୍ତି ଯେ । ୨୩ ।

ଶିରୋରୁହ ଶଇବାଳ ପାଗ ଫେନବତ,
ପୁଷ୍ପମାନେ ଭାସିବାରୁ ହୋଇଛୁ ପୂଜିତ ଯେ । ୨୪ ।

(୧୮ଶ ଛାନ୍ଦ)

ଯୁଦ୍ଧଭୂମିରେ ପ୍ରେତମାନଙ୍କର ବିକଟ ଲୀଳା ବିଭତ୍ସ ରସ ସୃଷ୍ଟି କରିଛି ।

ନଗର ବର୍ଣ୍ଣନା—ପୁଷ୍କର ଦେଶର ରାଜଧାନୀ ପଦ୍ମକର ନଗରର ଶୋଭା ବର୍ଣ୍ଣନାରେ କବି ବାସ୍ତବତା ପ୍ରତି ବିଶେଷ ଦୃଷ୍ଟି ଦେଇନାହାନ୍ତି । ତାଙ୍କର କଳ୍ପନା ଅବାସ୍ତବ ରାଜ୍ୟରେ ବିଚରଣ କରି ଅବାସ୍ତବ ନଗର ସୃଷ୍ଟି କରିଥିଲେ ମଧ୍ୟ ଏହା ନଗର । ଏ ପ୍ରସଙ୍ଗରେ କବିଙ୍କ ଉପମା, ଉତ୍ପ୍ରେକ୍ଷା ଚୟକୁ କବିତ୍ୱପୂର୍ଣ୍ଣ କରିଛି ।

ପୁଷ୍କର ରାଜଧାନୀ ପଦ୍ମକର ଅଳକା ଅବଳା-ବଦନ-ମଣ୍ଡଳ ପରି ଅତି ମନୋହର ଦିଶୁଛି । ସକଳ ଲୋକ-ନେତ୍ର ଭୃଙ୍ଗ-ମାନସ ପରି ହୋଇଛି । ଜଣାଯାଉଛି, ଯେତେ ଯେପରି ଏହି ନଗର-ଦର୍ପଣରେ ବିଶ୍ୱକର୍ମା-କର-ଶିଳ୍ପ-କୁଶଳତା ପ୍ରତିବିମ୍ବିତ ହୋଇଛି ।

ପରିଧି ଜଳଧି ମଧ୍ୟରେ ଉନ୍ନତ କନକ ପ୍ରାକାରର ସୁଷମା ଶତଧନୁ ଯୁକ୍ତ ବଳନଳୟରୁ ଦ୍ୱାରାବତୀପୁର ସଦୃଶ ଦେଖା ଯାଉଛି । କିବା ପ୍ରାକାର ପରିଧି ପ୍ରକାର କଳଙ୍କରହିତ ପୂର୍ଣ୍ଣଚନ୍ଦ୍ର ପରି ପୁରବରକୁ ଉଜ୍ଜ୍ୱଳ କରୁଛି । ପୁର ଦ୍ୱାରର ତୋରଣ ଇନ୍ଦ୍ରଧନୁର ଶୋଭାକୁ ଖଣ୍ଡିତ କରୁଛି । ପଥର ଉଭୟ ପାର୍ଶ୍ୱରେ ପ୍ରୋତ୍‌ଥିତ ଶତ ଶତ ପାଦପ ଶାଖାବଳୀ ହୋଇ ସୁନ୍ଦର ଦିଶୁଛି । ରତନ ବନ୍ଧୁଣୀକୁ ଦେଖିଲେ ମନେ ହେଉଛି, ଏଠାର ଲୋକେ ଅଳକା ସମ୍ପତ୍ତିକୁ ତୁଚ୍ଛ ମଣନ୍ତି ଏବଂ ଏହାକୁ ଗଣନାରେ ଶୁଣି ଆଣନ୍ତି ନାହିଁ । ସାତପୁର ବିଶିଷ୍ଟ ରାଜପ୍ରାସାଦକୁ ଦେଖି ମିଁ ଦର୍ପଣରେ ଆକାଶର ସପ୍ତର୍ଷିମଣ୍ଡଳ ଏହାର ଶିରରେ ପାଦ ଦେଇ ଥିଲା ପରି ମନେ ହେଉଛି ।

ହୀରକ-ମାଣିକ୍ୟ ସମନ୍ୱିତରେ ଯେଉଁ ପ୍ରାସାଦମାନ ନିର୍ମିତ ହୋଇଛି ତା'ହାର ପ୍ରଭା ନିଶିରେ ଚନ୍ଦ୍ର ଓ ଦିବସରେ ସୂର୍ଯ୍ୟ ପରି ଦିଶୁଛି । ନୀଳମଣିରେ ନିର୍ମିତ କଳସ ଉପରେ ପୀତ ପତାକା ଦେଖି ମନେହେଉଛି, ଘନ କୋଳରେ ଚିରପ୍ରଭା ବିଜୁଳି କମ୍ପିତ ବା ହେଉଛି ।

ଏହି ପୁରକୁ ସ୍ୱର୍ଗପୁରୀ, ମଥୁରାପୁର, ବୃନ୍ଦାବନ ପଦ୍ଧତି ସହ ତୁଳନା କରିଛନ୍ତି ।

ସରୋବରର ବର୍ଣ୍ଣନା ଉପମାବହୁଳ ବିବରଣାତ୍ମକ ହୋଇଛି ।

ନଗର ମଧ୍ୟରେ କେଉଁ ଅଟଳରେ ଜଳଯନ୍ତ୍ରମାନ ଅଛି । ହାଟରେ ବିପଣୀ ଶ୍ରେଣୀର ଶୋଭା ଅତୁଳନୀୟ । "କାହିଁ କେତେ ରୂପେ ଦିଶେ ଶୋଭନ ।" ବିପଣୀରେ ବିଭିନ୍ନ ରଙ୍ଗର ଲୁଗା ରହିଛି, ଏଗୁଡ଼ିକ ବର୍ଣ୍ଣ ତୁଳନାରେ ମେଘ ଧନୁଶ ଦେଖାଯାଉଛି । କେଉଁଠି ଦୃଷ୍ଟି ଅବଳା ବିଦ୍ରୂପ ଦେଖାଯାଉଛି । "କୂଳ ସମ୍ପୁଟକ ତାରକର ମୋତି ହାରରେ ମଣ୍ଡିତ ହୋଇଛି ।"

ଏପରି ପୁରର ଐଶ୍ୱର୍ଯ୍ୟ, ରାଜା, ରାଜା-ପ୍ରଜା, ପଟ୍ଟମହିଷୀ ପ୍ରଭୃତିଙ୍କ ପରିଚୟ ଅସାଧାରଣ ହୋଇଛି ।

ଅସମୁଦ୍ରାନ୍ତ ଅଜେୟଙ୍କରେ ସେ ଅଟନ୍ତି ଏକ ଚକ୍ରବର୍ତ୍ତୀ,
ଯଥା ପ୍ରତି ଅଶା ପୂର୍ଣ୍ଣହୋଇ ପ୍ରବଳଯେ ମିଳଇ ଯେଉଁ କୀର୍ତ୍ତି ।
ତହିଁରେ, ସ୍ଥାନ ନ ଦେଖି ତାକୁ ନୋହିଲା,
ଏ ଯେବେ ଘଣ ରସିକୁ ଅଂଶମାନ ନାନାରୂପେ ଖ୍ୟାତ ହୋଇଲା ।୨୨।

ଚନ୍ଦ୍ରହୋଇ ଶାନ୍ତ, ତମ ନାଶି କେତେ ଅବାଣମଣ୍ଡଳ ମଣ୍ଡିଲା
ପୂର୍ଣ୍ଣିମା ଛଳେ ସକଳ ଜେତପାପ ମଧ୍ୟରେ ପ୍ରବେଶ କଣ୍ଡିଲା ।
ଯୋତାସ୍ୱେ, ତଇଳାସ ନାମେ ପ୍ରକାଶ,
ବଣେଇ ବେଣ୍ଡ ଜଗ ରୂପରେ ପାତାଳରେ କଲା ନିବାସ । ୨୩ ।

(ଶମ୍ଭୁ ଛନ୍ଦ)

ଏହିପରି ଉପମାପୂର୍ଣ୍ଣ ପଦାବଳୀ ନଗର ବର୍ଣ୍ଣନାକୁ ରସାଳ ଓ ମନୋମୁଗ୍ଧକର କରିପାରିଛି ।

ନାରୀ ରୂପ ବର୍ଣ୍ଣନା—କବି ଦୁଇଟି ପଦରେ ସୁନ୍ଦର ଭାବରେ ଉପମା ଯୁକ୍ତ ସରସ ପଦାବଳୀରେ ଚନ୍ଦ୍ରକାନ୍ତର ରୂପବର୍ଣ୍ଣନା କରି ସିଦ୍ଧହସ୍ତତାର ପରିଚୟ ଦେଇଛନ୍ତି ।

ସେହି ସମୟରେ ଚନ୍ଦ୍ରକାନ୍ତ ଘେନି ବଢ଼ିଆ ମୁଣି,
ସୁବର୍ଣ୍ଣ ଝାରିରେ ପୂରେଇ ଚନ୍ଦ୍ର ସୁବାସ ପାଣି । ୨୨ ।
ପାଟଣି ଗମନ ପଥକୁ ଅନୁସରଣ କରି,
ଚଳଇ ଚଞ୍ଚଳା ଅଚଳା ତଳେ ଖେଳିଲି ପରି । ୨୩ ।
ନଳିନୀ ଦଳେ କଳହଂସୀ ପ୍ରାୟେ କରଇ ଗତି,
ପ୍ରମଦା ପ୍ରପଦ ସ୍ଖଳନ୍ତେ ମୋଦ କରଇ ମତି । ୨୪ । (୨ୟ ଛାନ୍ଦ)

ନାୟକର ରୂପ ଓ ଗୁଣ—ଶିଶୁ ପଦ୍ମଧ୍ୱଜ ଦ୍ୱିତୀୟା ଚନ୍ଦ୍ର କ୍ରମେ ଦିନକୁ ଦିନ ଯେଉଁ ରୂପରେ ବୃଦ୍ଧିପାଏ ସେପରି ବଢ଼ିଲା ଏବଂ ପୂର୍ଣ୍ଣଚନ୍ଦ୍ର ପରି ଦିଶିଲା । ତାକୁ ଦେଖି ମନେହେଲା ନୂତନ ମଦନ ଆବିର୍ଭୁତ ହୋଇଛି କି ! ସେ ଜନମାନସ ନୟନ ନନ୍ଦନ ହେଲା ।

କ୍ଷଣକୁ କ୍ଷଣ ଆନ ଦିଶେ, ଉପମା ଦେବା ମନକୁ ନ ଆସେ ।
ସଂସାର ସାର ଶୋଭା ବୃନ୍ଦି ଭୂତ, ରସାବତାର ସେ କେଳି ଆଗତ ।
ସେହି ବିନା ମ'ନସେ, ଆନ ଉପମା ନ ଦିଶଇ ଲେଶେ । ୨ ।
(୮ର୍ଥ ଛାନ୍ଦ)

ଖଡ଼ିଛୁଆଁ ପରେ ବିଦ୍ୟାଶିକ୍ଷା ଆରମ୍ଭ ହେଲା । କ୍ରମେ ବ୍ୟାକରଣ ପଢ଼ିଲେ । ମେଧାକୁ ଗ୍ରହି "ଗୁରୁମୁଖୁଁ ଯାହା, ଥରେ ଶୁଣିଲା ମାତେ ଆସେ ତାହା ।" ନ୍ୟାୟ ମୀମାଂସାଦି ଶାସ୍ତ୍ର, କାବ୍ୟ, ନାଟକ, ଅଳଙ୍କାର ପଢ଼ିଲେ, "ଦେଖିଲାକ୍ଷଣି ଆସିଲା ଗୁରିତେ ।"

କୁମାର ରୂପବିଦ୍ୟା ମଧ୍ୟ ଶିକ୍ଷା କଲେ । ଜ୍ୟୋତିଷ, ଛନ୍ଦ, ପିଙ୍ଗଳ ପଢ଼ିଲେ । ଏହାକୁ ବିଦ୍ୟା ଅଙ୍ଗ ।

ଅଙ୍ଗୀର୍ଣ୍ଣ ହୋଇ ଅନାୟାସେ ହେଲା, ଭୂତଭବିଷ୍ୟ ନୋହିବ ନ ଥିଲା ।
କି କହିବା ଶୁଣ, ସକଳ ଶାସ୍ତ୍ରେ ହୋଇଲେ ନିପୁଣ ।

ଚିତ୍ର ବିଦ୍ୟା, ଲୁଣ୍ଡ ବିଦ୍ୟା, ମଲ୍ଲବିଦ୍ୟା, କୋଦଣ୍ଡ ବିଦ୍ୟା ମଧ୍ୟ ଶିଖିଲେ । ଅଶ୍ୱଶାସ୍ତ୍ର ମଧ୍ୟ ପଢ଼ି ସବୁ ତତ୍ତ୍ୱ ବୁଝିଲେ ଏବଂ ନାନା ଅଶ୍ୱଚାଳନା ମଧ୍ୟ କଲେ ।

ବାହୁକର ଅନୁମାନ ଅପାର, ଗୁଣ ଦୋଷ ତତ୍ତ୍ୱ ଚଢ଼ିବା ପାଇଁ ।
କୃଷ୍ଣ ଚାନ୍ଦ୍ରାୟନ ଦନ୍ତ ମୁଷଳୀ, ତେଜନ୍ତ ଏ ଅଷ୍ଟ ଦୋଷ କରାଳ ।
ବାହୁ ତାଙ୍କ ବାଜି, ଭୁରୁକ କହୁ ଚଢ଼ୁଥାନ୍ତି ସାଜି । ୧୩ । (୪ର୍ଥ ଛାନ୍ଦ)

ଏପରି ବିଦ୍ୟା ଶିକ୍ଷା କରି ସକଳ ବିଦ୍ୟାରେ ନିପୁଣ ହେଲେ ।

ନିର୍ଜିତ ହୋଇଲେ ବିଦ୍ୟା ନଗରେ, ବର୍ଜିତ କରି ଦୋଷଚୟ ଦୂରେ ।
ସର୍ଜିତ କରି କଳ୍ପବୃକ୍ଷ ଯଶ, ଅର୍ଜିଲ ମହା ପ୍ରତାପ ଲକ୍ଷଣ ।
ହେଲା ବଳାକାରେ, ଜନ୍ମ ପୂରଣ ପ୍ରସର ବଶରେ । ୧୪ । (୪ର୍ଥ ଛାନ୍ଦ)

କୁମାରଙ୍କ ଶୈଶବରୂପ ମନ୍ଦରେ ଅଦ୍ଭୁତରେ ମୂର୍ତ୍ତିମନ୍ତ ହୋଇ ପ୍ରକାଶ ହେଲା । ମୁଖମଣ୍ଡଳ କଳଙ୍କହୀନ ଚନ୍ଦ୍ର ପରି ଦେଖାଗଲା; ନଖି ଦର୍ପଣରେ ଅମ୍ଳାନ ଦିଶିଲା । ଆଉ ଅଙ୍ଗରେ ଅସ୍ତ୍ର ଧାରଣ କଲେ, ଏହାଙ୍କ ଶୋଭା ନଖି ଦର୍ପଣରେ ସମାନ ରହିଲା ।

ତନୁ ତନୁ ଗତଗୁଣେ ସୁନ୍ଦର, ହେଲା ରମଣୀ ନେତ୍ର ମନୋହର
ନୟନ ରଞ୍ଜନ, ପାଣ ହୋଇଲା ନରେଶ ନନ୍ଦନ । ୧୭ ।

ନାୟକ ଏହିପରି ଅପୂର୍ବ ଶୈଶବନ୍ତ ଯୁବକ । କବି ଅଳ୍ପ ପଦରେ ଏ ଚିତ୍ରଟିକୁ ଜୀବନ୍ତ କରି ପାରିଛନ୍ତି । ସବୁ ଦୃଷ୍ଟିରେ ନାୟକ ଆଦର୍ଶ ସ୍ଥାନୀୟ

ହୋଇଛି । ଏହାହିଁ କବିଙ୍କ ଲକ୍ଷ୍ୟ, ତାଙ୍କର ଲେଖନୀ ଏଥିରେ ସାର୍ଥକ ହୋଇଛି ।

ଏହି ନାୟକ ବଳୀ, ରସିକ, ପ୍ରେମିକ ଓ ବୀର ମଧ୍ୟ । ଏ ଯାବତୀୟ ସଦ୍‌ଗୁଣାବଳୀରେ ବିଭୂଷିତ ।

ନାୟିକାର ରୂପ, ଗୁଣ—ନାୟିକାର ଶୋଭା ବର୍ଣ୍ଣନାରେ ମଧ୍ୟ ସବୁ ସର୍ବୋତ୍କୃଷ୍ଟ ଉପମା ସଂଗ୍ରହ କରି ରୂପକୁ ନିର୍ମାଣ କରିଛନ୍ତି । ପ୍ରକୃତରେ କବିଙ୍କ ନାୟିକା ରୂପଟି ଏତେ ସୁନ୍ଦର ହୋଇଛି ଯେ—

ଯାହାକୁ ନୟନେ ଦେଖି ନ ରହିବ ମାନ ବରି ମାନବର,
ତାହାକୁ ମହୀରେ ସମାନ ଅଛି କେ ବରି ବର-ବରନାରୀ । ୯ ।

ଯହିଁରେ କୃଶ ସୁନ୍ଦରି ତହିଁ କାହିଁ ଅମ୍ବରର ଅବକାଶ,
ମନ୍ଦ ଅମନ୍ଦ ଭ୍ରୂବିକୁ ଭଜେ ଯହୁଁ କୁଟିଳ ଶୋଭା ବିଶେଷ । ୧୦ ।

ଚନ୍ଦ୍ରବଦନୀ ନାୟିକାର ଶୋଭାବଳୀ ଅତୁଳନୀୟ । "ଲଳିତ କେଶ ତା ବଳିତ ଦେଲନି ଦଳିତ ଅଞ୍ଜନ ରାଶି ।" ତାର ଭ୍ରୂରୁକୁ ଦୂରରୁ ଦେଖିଲେ କନ୍ଦର୍ପର କୁସୁମଧନୁ ସଦୃଶ୍ୟ ଦେଖାଯାଉଛି । ଅକଳଙ୍କ ଚନ୍ଦ୍ର ତାର ମୁଖର ଉପମାକୁ ଯୋଗ୍ୟ । ତାର ବଦନ, ନୟନ, ଶ୍ରୁତି ଓ କୁଚର ଶୋଭା ମଧ୍ୟ ଅତୁଳନୀୟ । କୁରଙ୍ଗ ନୟନ, ମଧୁର ବିମ୍ବ ଅଧର, ବଳିତ ମୃଣାଳ ବାହୁ, ସବୁ ସୁନ୍ଦର । ଉପମା ବା କିଏ କବି ଦେବ !

ପ୍ରତି ପ୍ରତୀକକୁ ପ୍ରତି ପ୍ରତିବିଧି ଉପମାନ ମାନ କଲେ,
ଦଶ ପାଞ୍ଚ ଛାନ୍ଦେ ଶେଷ ନ କରିବେ ଶେଷ ବସି ବସ୍ତୁରିଲେ । ୨୧ ।
(୫ମ ଛାନ୍ଦ)

କବି କୌଶଳରେ ବର୍ଣ୍ଣନା ସ୍ରୋତକୁ ଅତି ଦୂରକୁ ନ ନେଇ ଏଥିରୁ ନିରସ୍ତ ହୋଇଛନ୍ତି । ଏପରି କୌଶଳ ରଘୁନାଥ ଭଞ୍ଜ, ଦିନକୃଷ୍ଣ ଭଞ୍ଜାଦି କବିମାନେ ମଧ୍ୟ କରିଛନ୍ତି । ସଂକ୍ଷିପ୍ତ-ବର୍ଣ୍ଣନାକୁ କାବ୍ୟପଦ୍ଧତିକଳ୍ପନା ଭିତରେ ଅନ୍ତର୍ଭୁକ୍ତ କରିଥିବା ଯୋଗୁଁ କବି ଏପରି କରିଥିବା ଅନୁମିତ ହୁଏ ।

ଏପରି ଅପୂର୍ବ ସୌନ୍ଦର୍ଯ୍ୟ ସାଗରକୁ ଦେଖି ନାୟକ ମୋହିତ ନ ହୋଇ କପରି ବା ରହିବ ? ବନ୍ଧୁର ନାୟିକା ସୌନ୍ଦର୍ଯ୍ୟ ପ୍ରଶଂସା ଶୁଣି —

ସୁନ୍ଦରୀ-ପ୍ରଶଂସା-ସାର-ଚନ୍ଦ୍ରକରେ ଅନଙ୍ଗ-ସିନ୍ଧୁ ଉଚ୍ଛୁଳ,
ବନ୍ଧୁ ବଚନ ତରଣି ତାପେ ପୁଂସ ମନଲବଣୀ ତରଳ । ୨୫ ।
(୫ମ ଛାନ୍ଦ)

ନାୟିକାର ବାଲ୍ୟଶିକ୍ଷା ଉଚ୍ଚଧରଣର ଥିଲା । ଅଭିଧାନ, ବ୍ୟାକରଣ, କାବ୍ୟ, ନାଟକ ଓ ଅଳଙ୍କାର ଶିକ୍ଷାର ପ୍ରଧାନ ଅଙ୍ଗ ଥିଲା । ପୁତ୍ର, କନ୍ୟା ଉଭୟେ ଏହି ଉଚ୍ଚ ଶିକ୍ଷା ପାଉଥିଲେ ।

ଯୌବନୋଦ୍‌ଗମରେ ଲଳନାର ବେଶଭୂଷା, ରୁଚି, ଭାବନା, ବ୍ୟବହାର ଓ ସ୍ୱଭାବ ପ୍ରଭୃତିର ପରିବର୍ତ୍ତନର ଚିତ୍ର କବି ସୁନ୍ଦର ଭାବରେ ଅଙ୍କନ କରିଛନ୍ତି । ଯୌବନାବସ୍ଥା ପ୍ରାପ୍ତ ହେଲେ ଅବିବେକ ଅପସରି ଯାଏ, ବିବେକ ବନ୍ଦୀ ହୋଇ ରହେ ।

ବାଲ୍ୟ ଦଶାର ଅତ୍ୟନ୍ତ ଶୋଭନ,
ସ୍ନେହୁ ଘଟ ହୋଇଲା ଆନ ଆନ । ୩୭ ।
କେତେବେଳେ ଛାତିକୁ ଚାହିଁ ଥାଇ,
ଧୂଳି ଲଗିବା ସହି ନ ପାରଇ । ୩୮ ।
ବାସ ମଳିନ ହେଲେ ନ ପିନ୍ଧଇ,
ଘନ ବସନ ଅଣି ପିନ୍ଧୁଥାଇ । ୩୯ ।
ଅଙ୍ଗେ ଲଟିକର ଦର୍ବୀ ମୁକୁର,
ଚାହିଁ ଥାଇ ବଦନ ନିଶାକର । ୪୦ ।
ଫୁଲ ଲେଖା କରି ଗୁନ୍ଥୁ ଥାଇ,
ଭୁଜ କଟି ଜଙ୍ଘମାନେ ଲଗାଇ । ୪୧ ।
ଚାହିଁଥାଏ ସେ ଶବ୍ଦ ଝଙ୍କ,
କେତେ ରୂପେ ହେଉଥାଇ ଛଇ ଭ । ୪୨ ।

ଘେନୁଥାଇ ସେ ଅଙ୍ଗେ ଅଳଙ୍କାର,
ଲଗି ଅଳଙ୍କାର ଦିଶେ ସୁନ୍ଦର । ୪୩ । (୭ମ ଛାନ୍ଦ)

ନାୟିକାର ବାଲ୍ୟ ଓ ଯୌବନୋଦ୍‌ଗମ ସମୟର ମନ ଓ ଶରୀରର ଚମତ୍କାର ବିବରଣ ଏଠାରେ କବି ପ୍ରଦାନ କରିଛନ୍ତି । ତାଙ୍କର ତୀକ୍ଷ୍ଣ ଦୃଷ୍ଟିର ପରିଚୟ ଏଥିରୁ ମିଳୁଛି ।

ନାୟିକା ପୁଷ୍ପବତୀ ହେବା ସମୟରେ ଗୁହ୍ୟ ଅଙ୍ଗାଦିର ବର୍ଣ୍ଣନା ଅଶ୍ଳୀଳ ହୋଇଛି । କବି ପରଂପରା ଦୃଷ୍ଟିରେ ଏହାକୁ କରିଛନ୍ତି, ନଚେ କବି ଦୃଷ୍ଟିରେ ଏହାକୁ ଅଶ୍ଳୀଳ ବୋଲି ଭାବି ନାହାନ୍ତି । ଏପରି ବର୍ଣ୍ଣନା ପ୍ରାୟ ସବୁ ପ୍ରାଚୀନ ପ୍ରେମକବି ଦେଇଛନ୍ତି ।

ପୁଷ୍ପବତୀ ହେବା ପରେ ନାୟିକାର ବେଶବର୍ଣ୍ଣନା ଜୀବନ୍ତ ହୋଇଛି । ସଖୀମାନଙ୍କର ପ୍ରସ୍ତୁତି, ବେଶବିନ୍ୟାସ ପ୍ରସଙ୍ଗଟି ଉପମା, ଉତ୍ପ୍ରେକ୍ଷାଦି ଦ୍ଵାରା ସୁନ୍ଦର ରୂପ ଧାରଣ କରିଛି ।

ତମଘନ ଭ୍ରମର କେଶଗୁଚ୍ଛ , କାଳିନ୍ଦୀ ଗ୍ରନ୍ଥି କି ସମକଚ୍ଛ ।
କରିବା ଏ ଆଦି କାହିଁକି ହେବେ, ଏନିକ ଯୁବାମାନସ ମୋହିବେ ଯେ ।
ଏଣୁ ଏହାଙ୍କୁ ଦେଖିବା ଯେ,
ବହନ କୁଟିଳ ଚିକୁରଚୟକୁ ଭୂତଳେ କାହିଁ ଘୋଷିତା ଯେ । ୪ ।

ସଖୀମାନେ କୁନ୍ତଳରେ ସୁବାସିତ ତୈଳ ଲଗାଇ କେଶକୁ କେତେ ପ୍ରକାରେ ସଜାଇଲେ । କେଶକୁ କୋମଳ କରି ଏକମେଳ କଲେ, ପାଟସୂତା ଭିଡ଼ି ଭିଡ଼ି କରି ବାନ୍ଧିଲେ । ରଙ୍ଗ ଭଙ୍ଗି ଭରି ବାହାର କଲେ । କେତେ କି ଜାତିରେ କେତକୀ ଫୁଲ ଓ ଜାତି ଫୁଲର ପାଖୁଡ଼ା ଖୋସିଲେ । ତହିଁରେ ବାଙ୍କ ତରିଅଁା ବାନ୍ଧିଲେ, ଗୋଟି କଅଁପତ୍ରୀ ନେଇ ଭିଡ଼ିଲେ, ମଥାଜାଲି ଝିଲିମିଲି ମାଳ, ଇନ୍ଦ୍ରନୀଳିକ ଝଟକିଲେ । ଇନ୍ଦ୍ର ନୀଳି କର୍ଣ୍ଣିକାରୁ ମନେ ହେଲା, ଯଥା—

କେଶ-ଚନ୍ଦ୍ର-ଶୋଭ୍ୟ ନାର ଯେ
ପାନ କରି ହେଉ ଅଛନ୍ତି ଚପଳ
ନାଚି ନାଚି ଚଳନ୍ତର ଯେ । ୭ । (୮ମ ଛାନ୍ଦ)

କନକ ଦୁବ ତା ଉପରେ ଖୋସିବେ, ଏହାକୁ ଦେଖି କବି ମନେ କରୁଛନ୍ତି—

ଝଟକୁ ଅଛୁ କିବା ବନ୍ଧୂକତା, ଅଳକା ପୁଞ୍ଜମାଳା ଶୋଭିତା ଯେ ।
ଉଦ୍ଭିଜ ମାର ମାରଣେ ଯୁବାଚୟ, ପାଇଁ ଯତ୍ନେ ଅଛୁ ରଖି ଯେ । ୭ ।

ଏପରି ଧାର୍ଯ୍ୟ କଠଣିଟି ପଟରେ ବେଶବନ୍ଧୋତ୍ସବ ଶେଷ କରି ଦେଉଛନ୍ତି । ସୁବେଶ ସାର ସଖୀ ବାଳାକୁ ନୀଳ କଳାମେଘୀ ଶାଢ଼ୀ ଅପରେ ଉଷ୍ଣ କୃଷ୍ଣ ପିନ୍ଧାଇ ଦେବେ । ଏ ପିନ୍ଧାଇବା ଛବି ବର୍ଣ୍ଣନାତୀତ ।

କନକ କୃଷ୍ଣରେ ତମାଳ ଲତା,
କେଉଁକି ହେଲ କା ପରଶେ ଶୋଭିତା ।
ସୃଷ୍ଟି ସର୍ଜନା କଲ ବେଳେ ବିଧି,
ଲୁବ୍ଧୀ ହୋଇଛୁ ଏହା ବେଶ ବୁଦ୍ଧି ଯେ ।
ଦୃଷ୍ଟି ଏଣୁ ନ ବସିଲ ଯେ,
ମୋହିତ ହେବାରୁ ସ୍ୱଷ୍ଟ ତନୁକୁ ସେ ଉପମା ଅନ୍ୟ ନ କଲ ଯେ । ୩୮ ।
(୮ମ ଛାନ୍ଦ)

ସୁବେଶ ପରେ ବାଳାର ଗତି—

କଳହଂସୀ କି ଗର୍ଜନର ହୋଇ,
କମଳ ଦଳେ ସ୍ପର୍ଶିବେ ସୁଲଭ ।
ଶତାଙ୍ଗ ପଥ୍ୟେ ମନ୍ଥର ଚାଲି,
ଚତୁରୁ ଅଚ ଦଶନ ଦ୍ୱନ୍ଦ୍ୱର ଯେ ।
କବା ମଣ୍ଡନଟ ଗତି ଯେ,
ମଣ ଦ୍ୱିରଦ-ଦମ୍ଭନା ମଣ୍ଡି, ଅଛୁ କ ଗଗନେ ବସୁମତୀ ଯେ । ୩୯

ପୁଣି ପାନ ଖାଇବା ଚିତ୍ରଟି ଅତି ଜୀବନ୍ତ ହୋଇଛି । ନାଟକୀୟ ଛଟା ଚିତ୍ରଟିକୁ ସୁନ୍ଦରତର କରିଛି ।

ଏହି କହୁରୁକେ ବାଳାକୁ ବେଗେ,
ମନ୍ଦିରୁ ବାହାର କରନ୍ତେ ଯୋଗେ ।
ପଛେ ଯାଚନ୍ତି ପାନ ଚନ୍ଦ୍ରକଳା,
ଶ୍ରୀମୁଖ ମୋଡ଼ି ଗ୍ରହିଲେ ସୁଶୀଳା ସେ ।
କି ମନ୍ଦବାତେ କମଳ ଯେ,
ଟଳିଲା ପରେ କେଡ଼େ ଶୋଭା ଦିଶିଲା ତାର ନୟନ ଯୁଗଳ ଯେ । ୪୦ ।

କି ଅବା ନୀଳା-କମଳୁ ଭ୍ରମର,
ମଧୁପାନେ ମତ୍ତ ହୋଇ ଚଞ୍ଚଳ;
କରନ୍ତି ଆନନ୍ଦ ହୋଇଣ ଲୀଳା,
ଡୋଳା ଖେଳାଇବା ଭଙ୍ଗୀରୁ ବାଳା ସେ ।
ଦିଶିଲା ଏହି ପ୍ରକାରେ ଯେ,
ହସିଲେ ତୋଷିଲେ ସଖୀଙ୍କ ମାନସ ଖସିଲେ କହୁରୁକରେ ଯେ । ୪୧ ।

(୮ମ ଛାନ୍ଦ)

ନାୟିକା କେବଳ ଯେ ସଖୀମାନଙ୍କୁ ତୋଷିଲେ ଓ କହୁରୁକଙ୍କର ଖସିଲେ ଏତିକି ନୁହେଁ, ସୁହୃଦ ଗ୍ରାହକଙ୍କୁ ମଧ୍ୟ ସଖୀଙ୍କ ସଙ୍ଗେ ଆନନ୍ଦ ଦାନ କଲେ । କବିଙ୍କ ଏ ଚିତ୍ର ସାହିତ୍ୟ ରାଜ୍ୟରେ ଅମୂଲ୍ୟ ହୋଇ ରହିଥିବ ।

ଗର୍ଭିଣୀର ଦଶା—ଶଶିରେଖା ଜନ୍ମ ହେବା ପୂର୍ବରୁ ତାହାର ମାତାର ଗର୍ଭୋଦସ୍ଥ ଅବସ୍ଥାର ବର୍ଣ୍ଣନାଟି ଚମତ୍କାର ହୋଇଛି । ଏହା ହିଁ ସବୁ ଗର୍ଭିଣୀର ଅବସ୍ଥା । କବିଙ୍କ ଗଭୀର ପ୍ରତ୍ୟକ୍ଷଜ୍ଞାନ ଏଥିରୁ ପ୍ରମାଣିତ ହେଉଛି । ବର୍ଣ୍ଣନାଟି ଭାବ ଓ ଭାଷା ଉଭୟ ଦିଗରୁ ରୋଚକ ହୋଇଛି ।

ସରସୀ ଯେସନ ସରସିଜରେ ଦନର,
ସର୍ବାଙ୍ଗୀ ତନ୍ୱେ ଦେହେ ହେମନ୍ତ ପ୍ରଭାର ଯେ । ୧୩ ।

ଶଶିମୁଖୀ ସିତପକ୍ଷ କଳାକର ପର,
ଦନ୍ତକୁନ୍ଦ ଦାଡ଼ିମ୍ବ ଚେତନ ଚୋର ଯେ । ୧୪ ।

ଫୁଲ୍ଲ ଫଳ ଭରେ ଯଥା ତରୁ ଲତା ଶୋହେ,
ତରୁଣୀ ରଞ୍ଜନ ଦେହ ରୂପେ ମନ ମୋହେ ଯେ । ୧୫ ।

ତହ ସଙ୍ଗକାଳୀନ ସାତ୍ତ୍ୱିକ ବିକାର ଓ ରୂତର ବର୍ଣ୍ଣନା ଯଥାଯଥ ଭାବରେ କରିଛନ୍ତି । ଅରୁଚିତ, ଜୃମ୍ଭା, ବମନ ପ୍ରଭୃତି ଲକ୍ଷଣର ବର୍ଣ୍ଣନା କରିଛନ୍ତି ।

ଗର୍ଭବତୀର ଅଙ୍ଗପ୍ରତ୍ୟଙ୍ଗର ନବ ନବ ରୂପ କବି ମନୋଜ୍ଞ ଭାବରେ ଚିତ୍ରଣ କରିଛନ୍ତି ।

ବମନ କରଇ, ଗତି ଅତି ମନ୍ଦ ହେଲା,
ଝଣ୍ଟି ଶଶିରଶ୍ମି ଦେଖୁ ପାଣ୍ଡୁର ବରଣ ଯେ । ୧୯ ।

ନୟନରୁ ଚଞ୍ଚଳତା କିଛି ଊଣା ହେଲା,
ଶୟନ ସୁଖର ଏକା ଅବଶରେ ଭଲ ଯେ । ୨୦ ।

କୁଚଳକୁ ଅଚଳକୁ ଅଧିକ ମର୍ଦ୍ଦିଲା,
ଦାର ସ୍ୱେଦପତ୍ର ତାକୁ ଅନ୍ତରର ହେଲା ଯେ । ୨୧ ।

ଅଧରୁ ଅରୁଣତା ଜଳଦ କିଛି ହେଲା,
ମୃତ୍ତିକା ଭକ୍ଷଣେ ମତି ମତିମନ୍ତ ଭଲ ଯେ । ୨୨ ।

(୭ମ ଛାନ୍ଦ)

ବାତ୍ସଲ୍ୟରସର ବର୍ଣ୍ଣନା—ନାୟିକାର ବାଲ୍ୟଲୀଳାର ସୁନ୍ଦର ଚିତ୍ରଟିଏ କବି ଦେଇଛନ୍ତି ।

ସ୍ୱେଦ ପ୍ରଭାରେ ଲେଟେଇନ ଖଗ,
ଦୁଗ୍ଧ ରୁଚି ଲୁଚିବାର ଜାଣିଲା

କହୁଥିଲେ ଖେଳଇ ଏହି ମତେ,
ଧୂଳି ଘର କରୁଥାଇ ନିରତେ
ତୋଳି ଦେବାକୁ ଗୋଳ କରୁଥାଇ,
ଭାଙ୍ଗି ଦେଲେ କେବେ ନ ପଶ୍ଚରଇ ।
ରେଣୁ ଲାଗିକରି ଅଙ୍ଗେ ତାହାର,
ଯଥା କେତକୀ ପତ୍ରେ ସୁନ୍ଦର ।
ପକ୍ୱ ରସାଳ ପଡ଼ି କି ତଳର,
ଧୂଳି ଲାଗିବାରେ ସେହି ପ୍ରକାର ।
ପୁଚି ଖେଳିବା ଲୁଚିଯାଇ କି ନା,
ମିଛେ କାନ୍ଦି ହୁଅଇ କେତେ ଅନା ।
କରିରଦ କନକରେ କୁଣ୍ଢାଇ,
ମନ୍ତ୍ରୀସୁତା ଯେନ ଖେଳୁଥାଇ ।
ପୁଅ ଝିଅ କରି ତା ବିଭା କରି,
ସେହି ପ୍ରକାରେ ନରେଶ କୁମାରୀ ।
(୭ମ ଛାନ୍ଦ)

ହସିବା, ରୁଷିବା, ଲୁଚିବା, ଧୂଳିଖେଳ, ପୁଚିଖେଳ, କୁଣ୍ଢାଇ ବିଭା ପ୍ରଭୃତି ବିଷୟ ପ୍ରତ୍ୟେକ କୁଟୁମ୍ବରେ ଦେଖାଯାଏ । କବି ଏହି ଗାର୍ହସ୍ଥ ଓ ସାମାଜିକ ବ୍ୟବହାରଗୁଡ଼ିକ ଅତି ସରଳ ମୃଦୁ ଭାଷାରେ ବର୍ଣ୍ଣନା କରି ବାଲ୍ୟଜୀବନର ଏହି ଚରିତ୍ରକୁ ରମଣୀୟ କରିଛନ୍ତି ।

ବିରହ—ରାଜକବି ପଦ୍ମନାଭ ବିରହ ବର୍ଣ୍ଣନାରେ କବିମଣ୍ଡଳୀରେ ଉଚ୍ଚସ୍ଥାନ ଅଧିକାର କରିଛନ୍ତି । ଭାଷା, ଭାବ, ପ୍ରକାଶଭଙ୍ଗୀ ବିରହ ଓ ବର୍ଣ୍ଣନାକୁ ଅତି କରୁଣ କରି ସମୁଚିତ ରସ ସୃଷ୍ଟି କରିଛନ୍ତି ।

ପ୍ରଭୁଙ୍କଠାରୁ ସ୍ନେହବଚନପୂର୍ଣ୍ଣ ପତ୍ର ପାଇବା ପରେ ସଖୀଙ୍କ ନାମରେ ନାୟିକା ଯେଉଁ ପ୍ରତ୍ୟୁତ୍ତର ଦେଇଛି ତାହାର ଭାଷା ଓ ଭାବ ପ୍ରତିଛତ୍ରକୁ ରସାଳ କରିଛି।

ଅମ୍ବୁ ସଖୀ ଦେଖିଲ ବନକୁ, ଲୁଟେଇଲି ସବୁ କଥା,
କହନ୍ତୁ ତାହାକୁ କେ ଦେଇ ବନସ୍ତ, ରତ୍ନାକର ମନ ବ୍ୟଥା । ୩ ।
ଦେଖ କୁମୁଦବନ୍ଧୁର ଏତେ ଚନ୍ଦ୍ର ଦର୍ପ ନାହିଁ ଅନେକ ମତ,
କୋଟି କୋଟି ହୋଇ ଭୃଙ୍ଗଙ୍କ ମିଳନେ ଅମ୍ବୁ ସଖୀର କେ ଗତି । ୪ ।
(୧୫ଶ ଛାନ୍ଦ)

ନଳିନୀ କୁମୁଦବନ୍ଧୁରୁ ଏକ ଚନ୍ଦ୍ର । କୁମୁଦବନ୍ଧୁର ଏକ ପତି ଚନ୍ଦ୍ର । ଚନ୍ଦ୍ରଙ୍କ କୋଟି କୋଟି କୁମୁଦ ସ୍ତ୍ରୀ ରୂପେ ମିଳୁଛନ୍ତି । କିନ୍ତୁ, କୁମୁଦକୁ ଏକମାତ୍ର ପତି ଚନ୍ଦ୍ର ଛଡ଼ା ଅନ୍ୟ ଗତି ନାହିଁ । ନାୟକର ବହୁ ପତ୍ନୀ ବା ବହୁ ନାୟିକା ଥିବା କଳ୍ପନା କରୁଛୁ ଏବଂ ଏହି କଥାରୁ ଦୁଃଖ ମଧ୍ୟ ଜାଣିପାରୁ । ପତିବ୍ରତାର ପତିବ୍ରତାର ସୂଚନା କବି ସୁନ୍ଦର ଭାବରେ ବ୍ୟକ୍ତ କରିଛନ୍ତି । ପୁଣି—

ଭୃଙ୍ଗ ନାନା ଜାତି କୁସୁମରେ ମାତି କେଳି ଅନେକ କରଇ,
କୁସୁମ ଭ୍ରମର ବିହୁନେ ମନରେ ଆନ କେବେ ନ ଇଚ୍ଛଇ । ୫ ।

ପୁରୁଷକୁ ଭୃଙ୍ଗ ଓ ସ୍ତ୍ରୀକୁ କୁସୁମ ସଙ୍ଗେ ସମାନ କରି କବି ସେଠି ସବୁ ନାୟିକା ଶିରୋମଣି ମୁଖରେ (ସଖୀ ମୁଖରେ ଲକ୍ଷଣରେ) ପ୍ରକାଶ କରିଛନ୍ତି, ତାହା ପରମ ସାଧ୍ୱୀ, ଧୀରା, ବୁଦ୍ଧିମତୀ, ଜଗଜ୍ଜନନୀ ସୀତାଙ୍କ ମୁଖରେ କବିମାନେ ପ୍ରକାଶ କରିଛନ୍ତି । ନାରୀ ଜାତିର ଦୟନୀୟ ଅବସ୍ଥା ଏଥିରେ ସୂଚିତ ହୋଇଛି ଓ ମାନବର ସହଜାତ ପ୍ରବୃତ୍ତିର ବିଶ୍ଳେଷଣ ଏହାକୁ ସମର୍ଥନ କରୁଛି ।

ନାୟକର କାମ୍ୟ କଳ୍ପନାର ନାୟିକା'ର ମନସ୍ତତ୍ତ୍ୱ ଫୁଟି ଉଠିଛି । ଏହି ସବୁଠାରୁ ନାୟକ ନିର୍ଗୁଣ କଲେ ମଧ୍ୟ ସେ ତୃପ୍ତ ପାଉ ନାହିଁ । ତେବେ ଏ ଭାବ ଅଦ୍ଭୁତ ଭାବରେ ପାରିବାରିକ ସମ୍ପର୍କର ସୂଚନା ମଧ୍ୟ ଦେଉଛି ।

ନବଦେ କୃଷ୍ଣ ଚରଣେ ଦାସୀ ହୋଇ, ଦେବା ଲକ୍ଷ୍ମୀଙ୍କୁ ମନ,
ଅନବରତରେ ଅମ୍ବୁ ସଖୀ ଏହି, ତତ୍ତ୍ୱ କରୁଅଛି ଧ୍ୟାନ । ୧୫ ।
(୧୫ଶ ଛାନ୍ଦ)

ନାୟିକା ବିରହ କାତର ହେବାରୁ ତାହାର ଦେହ ଉପରେ ମଧ୍ୟ ମାନସିକ ଅବସ୍ଥାର ପ୍ରଭାବ ପଡ଼ିଲା । କବି ଦେହ-ମନର ଏ ଚିତ୍ରଟିକୁ କରୁଣ କରି ଅଙ୍କନ କରିଛନ୍ତି ।

ଜୀବମାନେ ତାର ଯିବେ ବୋଲି ଆସି ରହିଲେକ ନୟନରେ,
ନିଦ୍ରା ତାହାକୁ କେବେହେଁ ନ ଆସଇ ମତି ଛିଡ଼ି ଶୟନରେ । ୧୮ ।

ବେଳେବେଳେ ବୋଲେ ପ୍ରାଣ ସଖୀମାନେ ମୂରୁଛ ମୋତେ ଏଥର,
ଏ ଜନମେ ତ ତାହାଙ୍କୁ ନ ପାଇବି ମରିବା କଲି ନିକର । ୧୯ । × ×

କେବଳ ମାତ୍ର ତୁମ୍ଭଙ୍କୁ ନ ପାଇବି ପାଇବି ସକଳ କଥା,
ଏଥିକୁ ମୋହର ଅନୁଭବରତରେ ହୋଇଅଛି ବଡ଼ ବ୍ୟଥା । ୨୨ ।

କବି ନାୟିକା ମୁଖରେ ଦାର୍ଶନିକତତ୍ତ୍ୱ ବ୍ୟାଖ୍ୟା କରିଛନ୍ତି ।

ତାଙ୍କ ନାମ ଧରି ଝାସିବି ଅନଳେ ପାଇବାକୁ ଇଚ୍ଛା କରି,
ମରଣେ ଅବଶ୍ୟ ଯାହା ଭାବିଥାଇ ହୁଅନ୍ତି ସେ କଥା ହରି । ୨୩ ।

(୧୫ଶ ଛାନ୍ଦ)

ଶ୍ରୀମଦ୍ ଭଗବତ୍ ଗୀତା ମଧ୍ୟ ଏହି ଭାବର ସମର୍ଥକ ।

ଅନ୍ତକାଳେ ଚ ମାମେବ ସ୍ମରନ୍ ମୁକ୍ତ୍ୱା କଳେବରମ୍
ଯଃ ପ୍ରୟାତି ସମଦ୍ଭାବଂ ଯାତି ନାସ୍ତ୍ୟତ୍ର ସଂଶୟଃ । ୫ ।

(ଭଗବତ୍ ଗୀତା । ୮ମ ଅଧ୍ୟାୟ)

ମରଣ କାଳରେ ମୋତେ ସ୍ମରଣ କରୁ କରୁ ଯେ ଦେହତ୍ୟାଗ କରେ ସେ ମୋର ଭାବକୁ ପ୍ରାପ୍ତ ହୁଏ । ଏଥିରେ କୌଣସି ସଂଶୟ ନାହିଁ ।

ନାୟକର ବିରହ-ଭାବଗୁଡ଼ିକ ମଧ୍ୟ ଯଥୋଚିତ ହୋଇଛି । ସେ ନାୟିକାର ଅନୁକୂଳ ନାୟକ, ସେ ମଧ୍ୟ ନାୟିକାର ଲାବଣ୍ୟଜଳଧିରେ ଶଫରୀ ପରି ବୁଡ଼ି ରହିଛି ।

ନାୟକ ନାୟିକା ଉଭୟଙ୍କ ବିରହାନୁଚିନ୍ତାରେ କପଟତାର ଲେଶମାତ୍ର ଚିହ୍ନ ନାହିଁ ।

ଅଳଙ୍କାର ପ୍ରୟୋଗ—ଅନୁପ୍ରାସ, ଯମକ, ଉପମା, ଉତ୍ପ୍ରେକ୍ଷାଦ ଅଲଙ୍କାର ପ୍ରୟୋଗ କରି କବି ପଦାବଳୀକୁ ରମଣୀୟ ଓ ରସାଳ କରିଛନ୍ତି । ଶତ ଶତ ଦୃଷ୍ଟାନ୍ତ ଭିତରୁ କେତୋଟି ଏଠାରେ ଉଦ୍ଧୃତ ହେଲା ।

ଅନୁପ୍ରାସ—ମତଙ୍ଗ ଅଙ୍କୁଳ ଶୁଣ୍ଡେକ ଉପମା ଶୁଣ୍ଡରେ ଯାଇ ନଥିବ,
ଅଲି ନୁହଇ ପଳ ପରି ଦେହ କଳପଙ୍କେ ନ ଚଢ଼ିବ । ୧୨ ।
କୁରଙ୍ଗ ନୟନ ତରଙ୍ଗ ମଦନ ଭୃଙ୍ଗ ପଶିବ ନାହିଁ,
ଖଞ୍ଜନ କି ଚେତେ ରଞ୍ଜନ ହୋଇବ ଅଞ୍ଜନରେ ଶୋଭା ବହି ।୧୮।
(୫ମ ଛାନ୍ଦ)

ଯମକ—(୧) ହରଷ ରୂପ ସେ କରଣ ଚହଦ ପରଶ କଳନ ଅସି,
ଲଳିତ କେଶ ତା ଦଳିତ ଦେଲକ ଦଳିତ ଅଞ୍ଜନ ରାଶି । ୧୨ ।
(୫ମ ଛାନ୍ଦ)

(୨) ଯାହାଙ୍କୁ ନୟନେ ଦେଖି ନ ରହିବ ମାନବର ମାନବର,
ତାହାଙ୍କୁ ମନରେ ସମାନ ଅଛି କେ ବର ବର ବରନାର ।
(୫ମ ଛାନ୍ଦ)

(୩) ଦର୍ପିତ ହୋଇଲେ ଝଡ଼ଶା ଝଳରେ, ବର୍ଜିତ କର ଦୋଷଚୟ ଦୂରେ,
ସର୍ଜିତ କରି ଉଦ୍ଧୃତ ଯତ, ଅର୍ଜିତ ମହା ପ୍ରତାପ ଭରତ,
ହେଲା ବଳାତ୍କାରେ, ଚଳି ଭୂପତି ପ୍ରହର ଦଣ୍ଡରେ । ୧୪ ।
(୪ର୍ଥ ଛାନ୍ଦ)

ଅନ୍ତର୍ଲିପି—(କେତେ କେଟିକେ ସେ ପ୍ରତ ଦ୍ୱାର,
କେଉଁଠାରେ ସେହି ଦେଶ ଭିତର ।)
ଅନ୍ତରୀପେ ସ୍ୱର୍ଗ ମାର୍ଗ ରୁନ୍ଧର,
ତାହା ନ ଦରଶ ହୋଇବାକୁ ତେ ।
ରହୁଁ ପ୍ରତ ଅଶା ଭବ କରେ,
ଯମ୍ଭ ନୟନ ମୂର୍ଚ୍ଛ ନ ରହେ ।

ରକ୍ତ ନେତ୍ରୀ ସୁଖୀ ନୋହେ ନମିତେ,
ଜୀବ ରହିଲା ତୁମ୍ଭ ପ୍ରତି ଆସେ ।
କର ଗତି ହେଲା ଜାଣ ତୁମ୍ଭର,
ଭାବ ଘେନ କହୁଛୁ ସମାଦର ।

(ପ୍ରତିପାଦ ଦ୍ୱିତୀୟ ବର୍ଣ୍ଣେ ବୋଧ,
ହୋଇ ଚେତିବ ଲେଖ ଅପରାଧ ।) (୧୯ଶ ଛାନ୍ଦ)

ଉପମା : ଉପମା ନିନ୍ଦା—

କଣ୍ଠ ସରସିରୁହ ନାଳଦର,
ଉପମା ଦେବାକୁ ମଣୁଛୁ ଡର ।
ସେ ଦେବାଳୟେ ସମ ହେବା ପାଇଁ,
ପ୍ରାତଃ ସନ୍ଧ୍ୟାରେ ନିରତେ ସେବଇ ।

କନକ ମୃଣାଳ ଚମ୍ପକ ଦାମ,
ସୁବାହୁଙ୍କ ତାର ନୁହନ୍ତି ସମ ।
ଏ ବର୍ଣ୍ଣନାରେ ଅଛଇ ଦୂଷଣ,
ଭ୍ରମର ଦ୍ରୋହୀ ତାହା ଅବଗୁଣ ।

ଉପମା ଉତ୍ପ୍ରେକ୍ଷା—

କନକ ବୃକ୍ଷରେ ତମାଳ ଲତା,
ବେଷ୍ଟିତ ହେଲା କି ଦିଶେ ଶୋଭିତା ।

କନକ ଜରି ଓଢଣୀରେ ବାଳା,
ଆଚ୍ଛାଦିତ କଲେ ମୃଣାଳା ।
ଶ୍ୟାମା କୋଳେ କିବା ନବୀନ ଘନ,
ଦିଶିଲା ସେହି ପ୍ରକାରେ ଶୋଭନ ଗୋ । (୮ମ ଛାନ୍ଦ)

ଉପେନ୍ଦ୍ରଙ୍କ ପ୍ରଭାବ—ଉପେନ୍ଦ୍ରଙ୍କ 'ଲାବଣ୍ୟବତୀ'ର ପ୍ରଭାବ 'ଶଶିରେଖା'ରେ ପଡ଼ିଥିବା ଦେଖାଯାଏ । ତାହାଙ୍କ ଲାବଣ୍ୟବତୀ ପରେ ରଚିତ ହୋଇଥିବା ଗ୍ରନ୍ଥ ଏବଂ ସେ ଲାବଣ୍ୟବତୀ ତାହାଙ୍କୁ କଥାବସ୍ତୁର ଯୋଜନା ଦୃଷ୍ଟିରେ ଅନୁରୂପ ସୃଜନ କରିଥିବା ମଧ୍ୟ ସ୍ପଷ୍ଟ ଦେଖାଯାଏ । ପୂର୍ବରାଗ ଦୂତୀଗଲ୍ପ, ସ୍ୱୟଂବର, ଋତୁ ବର୍ଣ୍ଣନା, ଚନ୍ଦ୍ରୋଦୟ, ସ୍ୱପ୍ନରେ ବିଳାପ, ମିଳନ, ନାୟିକା ଚିତ୍ରଣ, ବିରହାନୁଚିନ୍ତା ପ୍ରଭୃତି ବହୁ ସ୍ଥଳର ଶୈଳୀରେ ଶଶିରେଖା ଲାବଣ୍ୟବତୀର ଅନୁକରଣ ।

(୧) ସ୍ୱପ୍ନାନ୍ତେ ନାୟିକାର ବିଳାପ—

ପଦ୍ମନାଭ—

ଚେତ ସ୍ୱପନ ଶୟନ ତେଜି ଉଠି,
ଦେଖିଲା ପଲଙ୍କେ ନାହିଁ ପ୍ରାଣପତି । ୧ ।
ହୃଦୟରେ କର ମାରି କରେ ତାଡ଼ନ,
ବୋଲଇ ଦଇବ ତୁହି ଏଡ଼େ ଦାରୁଣ । ୨ ।
କ୍ଷୁଧାର୍ତ୍ତ ଜନକୁ ପରଶିଣ ଅମୃତ,
କାଢ଼ିବା ବେଳକୁ କଲୁ କୃପଣ ଘାତ । (୧୧ଶ ଛାନ୍ଦ, ଶ: ରେ:)

ଉପେନ୍ଦ୍ର—

ଚେତ ଚତୁର ସ୍ୱପ୍ନେ ଜଣି ନାଶେ ପଶେ ନାହିଁ ତତ୍ୱ ନରୁଣ,
ମାର ହୃଦେ ହାତ ନାଥ ନାଥ ବୋଲି ଅତି ଶୋକେ ଏକ ଦାରୁଣ ।
[illegible]
[illegible] । ୧ ।
ପୁଣି ବୋଲଇ ହେ ମୁଁ ଜାଣି ନଥିବ ଦଇବ ତୁ ଏଡ଼େ ଦାରୁଣ,
କ୍ଷୁଧାତୁରକୁ ସୁଧା ଭୁଞ୍ଜ ଭୋଜନ ପରଶିଲୁ ଦେଇ ଆଦର,
ଲୋଭି ବସିବା, ବେଳେ କୃପଣ ବୁଦ୍ଧି କଲୁ,
ଯେବେ ଦଲୁ, ତେବେ ପରସ୍ତ ନ ନେଲୁ, ଏଡ଼େ ବାତୁଳ କାହିଁ କଲୁ । ୨ ।
(୧୨ଶ ଛାନ୍ଦ, ଲା: ବ:)

(୨) ଆଶ୍ରମ ବିହାର—

ପଦ୍ମନାଭ—ଏମନ୍ତ ବସନ୍ତ ସମୟ ନିରେଖି ପ୍ରିୟ ସଖୀ କହେ ବାଳାକୁ,
ଅତି ମଧୁର ମଧୁରିରୁ ପ୍ରବେଶ ଆଣିନାହୁଁ ପରି ମନକୁ ।
ସଂଘାତ, ଦେଖିବା ଚାଲ ଉପବନ,
ଯହିଁରେ ସାକ୍ଷାତ ରତି ସେନ ସଙ୍ଗେ ବିହାର କରୁଛି ମଦନ ।୨।
(୧୨ଶ ଛାନ୍ଦ, ଶଃ ରେ:)

ଉପେନ୍ଦ୍ର—ଏହି ସମୟରେ ସୁନ୍ଦରୀ ଗ୍ରୀମୁରେ ପ୍ରିୟ ମଞ୍ଜୁଳା ଜଣାଇଲା,
ଅତି ମଧୁର ମଧୁରିରୁ ପ୍ରବେଶ କଚ୍ଛୁଦନ ହେଲା ହୋଇଲା ।
ଶ୍ରବଣ, କରନାହୁଁ ନବକାମିନୀ,
ପିକ ବଚନେ ପୁନଃପୁନଃ ପ୍ରକାଶ କଲାନ ଅନାଦି ଯାମିନୀ । ୧ ।
(୫ମ ଛାନ୍ଦ । ଲାଃବ:)

ଏପରି କେତୋଟି ପଦରେ ଭାବ, ଭାଷା ଓ ପ୍ରକାଶ ଭଙ୍ଗୀରେ ସାମ୍ୟ ଦେଖା ଯାଉଥିଲେ ମଧ୍ୟ ସମଗ୍ର ବର୍ଣ୍ଣନା କବିଙ୍କ ନିଜସ୍ୱ ।

ଆଦରସାଣ୍ଟିତ କାଳ୍ପନିକ ପ୍ରେମକାବ୍ୟ ଭିତରେ 'ସରଳ' ଓ 'କଠିନ' ଭେଦରେ ଦୁଇ ଶ୍ରେଣୀର କାବ୍ୟ ଦେଖାଯାଏ । ଶବ୍ଦକାଠିନ୍ୟ ଓ ଅଳଙ୍କାର ପ୍ରୟୋଗରେ କ୍ଳିଷ୍ଟତା କାବ୍ୟକୁ 'କଠିନ କାବ୍ୟ' ନାମରେ ଅଭିହିତ କରାଇଥାଏ; କିନ୍ତୁ ସୁଧୀବର୍ଗଙ୍କ ପକ୍ଷରେ କାବ୍ୟର ରସାସ୍ୱାଦ କରିବାରେ ବିଶେଷ କଷ୍ଟ ହୋଇ ନଥାଏ । 'ସରଳ' କାବ୍ୟରେ ଭାଷା ଓ ଅଳଙ୍କାର ପ୍ରୟୋଗରେ ସରଳତା ସୁଧୀବର୍ଗଙ୍କୁ କାବ୍ୟରସାସ୍ୱାଦନରେ କୌଣସି ପ୍ରତିବନ୍ଧକ ହୁଏ ନାହିଁ । ଉଭୟ ବିଭାଗରେ କବିଙ୍କ ପାଣ୍ଡିତ୍ୟ ଓ ସିଦ୍ଧହସ୍ତତା ପ୍ରକାଶ ପାଇଥାଏ । କୋଟି-ବ୍ରହ୍ମାଣ୍ଡ ସୁନ୍ଦରୀ, ଲାବଣ୍ୟବତୀ ପରି କାଳ୍ପନିକ କାବ୍ୟରେ ଉପେନ୍ଦ୍ର ଭଞ୍ଜ ଶବ୍ଦ ପାଣ୍ଡିତ୍ୟ ଯୋଗୁଁ ଯେପରି ଅଭିନନ୍ଦିତ ହୋଇଛନ୍ତି, କଳ୍ପନାର ଗମ୍ଭୀରତା ଓ ରଚନାଭଙ୍ଗୀ ଯୋଗୁଁ ସେହିପରି ଅଭିନନ୍ଦିତ ହୋଇଛନ୍ତି । ଶଶିରେଖା କାବ୍ୟଟି 'ସରଳ' ଶ୍ରେଣୀର ହେଲେ ମଧ୍ୟ ରସ-କାବ୍ୟ ହିସାବରେ ଏହାର

ସ୍ଥାନ ନ୍ୟୂନ ନୁହେଁ । ଆଲଙ୍କାରିକ ଛନ୍ଦ କାବ୍ୟର ଯାବତୀୟ ରୂପ, ପ୍ରାଣର ମାଧୁର୍ଯ୍ୟ ଏଥିରେ ନିହିତ ଥିବାରୁ ବହୁ ରସଜ୍ଞ ପାଠକ ଏଥିରୁ ରସାସ୍ୱାଦନ କରି ଆନନ୍ଦ ଉପଭୋଗ କରି ଆସନ୍ତି ।

ଶିଶିରବେଳେ ନାରିକେଳ ଫଳ ବାହ୍ୟ କଠିନ ଓ ଅନ୍ତର ରସାଳ ହୋଇଥିବା ଭାବ୍ୟ ନୁହେଁ; ସରଳ ସହଜ ଭାବରେ ନାରିକେଳ ରସ ପାନ କରିବା ଭଳି ବ୍ୟବସ୍ଥା ଏଥିରେ ଅଛି । ରାଜକବି ପଦ୍ମନାଭ ଶ୍ରୀଚନ୍ଦନ ଛତିଶ ଗ୍ରନ୍ଥ ବିଶିଷ୍ଟ ଏହି ବରିଷ୍ଠ କାବ୍ୟଟି ରଚନା କରି ରସପ୍ରେମୀମାନଙ୍କର କୃତଜ୍ଞତାର ଭାଜନ ହୋଇଛନ୍ତି । ସରଳ ସହଜ ଭାଷାରେ ଯାବତୀୟ ଭାବ ଓ ଛନ୍ଦକୁ ସେ ବିସ୍ତୃତ ଅଥଚ ଚମତ୍କାରପୂର୍ଣ୍ଣ ଭାବରେ ବ୍ୟକ୍ତ କରି ବୈଚିତ୍ର୍ୟପୂର୍ଣ୍ଣ ରୂପ ସୃଷ୍ଟି କରି ପାରିଛନ୍ତି । ଏ କ୍ଷେତ୍ରରେ ପଦ୍ମନାଭ ଶ୍ରୀଚନ୍ଦନଙ୍କ ସ୍ଥାନ ଅତି ଉଚ୍ଚ । ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା ମଧ୍ୟ ଏହି ଶ୍ରେଣୀର ବହୁ ଆଲଙ୍କାରିକ କାବ୍ୟ ରଚନା କରି ଓଡ଼ିଆ ସାହିତ୍ୟର ସମୃଦ୍ଧି ସାଧନ କରିଛନ୍ତି ।

ସପ୍ତମ ପରିଚ୍ଛେଦ

ରାଜା ତ୍ରିବିକ୍ରମ ଭଞ୍ଜ

ରାଜା ତ୍ରିବିକ୍ରମ ଭଞ୍ଜଙ୍କ ରଚିତ 'କନକଲତା' କାବ୍ୟଟି ଅଳଙ୍କାର ପ୍ରୟୋଗ ଦୃଷ୍ଟିରୁ ସାହିତ୍ୟରେ ବିଶିଷ୍ଟ ସ୍ଥାନ ଅଧିକାର କରିଅଛି । ଉପେନ୍ଦ୍ର ଭଞ୍ଜ ସ୍ୱ କ୍ଷୁଦ୍ର କାବ୍ୟ ସୁଭଦ୍ରା ପରିଣୟ, ପ୍ରେମସୁଧାନିଧି, ରସିକହାରାବଳୀରେ ଯେପରି ବିବିଧ ଅଳଙ୍କାରର ପ୍ରୟୋଗ କରିଛନ୍ତି, ତ୍ରିବିକ୍ରମ ସେହିପରି 'କନକଲତା'ରେ ମଧ୍ୟ କରିଛନ୍ତି । ଉଭୟ କବିଙ୍କ ଅଳଙ୍କାର ପ୍ରୟୋଗ ଶାସ୍ତ୍ରସମ୍ମତ ଓ ପାଣ୍ଡିତ୍ୟପୂର୍ଣ୍ଣ ହୋଇଛି ।

ତ୍ରିବିକ୍ରମ ଭଞ୍ଜ ନିଜର ପରିଚୟ ସମ୍ବନ୍ଧରେ ନାମ, ଉପାଧି ଓ ବଂଶ ବ୍ୟତୀତ ଅନ୍ୟ ବିଶେଷ ତଥ୍ୟ କାବ୍ୟରେ ଦେଇ ନାହାନ୍ତି । ସେ ବିଭିନ୍ନ ଛାନ୍ଦରେ ତ୍ରିବିକ୍ରମ, ଭଞ୍ଜରାଜ, ବିକ୍ରମ ଭଞ୍ଜ ନୃପ, ନରପତି ବିକ୍ରମ ଭଞ୍ଜ, କ୍ଷତ୍ରିବର ନରଈଶ ଲେଖିଛନ୍ତି । 'କ୍ଷତ୍ରିବର' ବଂଶ ଉପାଧି ଥିବା ଜଣାଯାଉଛି—

ସେ କୃପା ପାଦସାରସେ, ଚିତ୍ତ ଦେଇ ଅହର୍ନିଶେ ।
କ୍ଷତ୍ରିବର ନରଈଶ ହେଲେ ହରଷ ଏ । ୭୪ । (୯ମ ଛାନ୍ଦ)

ସେବି ଶ୍ରୀକୃଷ୍ଣ ପାଦସାରସ　　　କ୍ଷତ୍ରିସ୍ୱବର ମାନସ ତୋଷ
କରି ବର୍ଣ୍ଣିଦ ଏରି ଛାନ୍ଦରେ ଶ୍ରୀଶଙ୍କ ଯଶ ଯେ । ୧୩ ।
(୧୬ଶ ଛାନ୍ଦ)

ହରିହରଙ୍କ ପଦ୍ମର, କ୍ଷତ୍ରିବର ଶିରେପର । ୫୩ । (୨୨ଶ ଛାନ୍ଦ)

କ୍ଷତ୍ରିବର ଶ୍ରୀବିକ୍ରମ ଭଞ୍ଜ ନରପତି,
ଦଳିତେ ନନ୍ଦ ଦଳିତ ଚରଣେ ଚିନ୍ତନ୍ତି । (୨୩ଶ ଛାନ୍ଦ)

କବି ସୂର୍ଯ୍ୟବଂଶୀୟ ବୋଲି ଦାବି କରିଛନ୍ତି । ଅନୁରୂପ ପ୍ରୟୋଗ କରି କବି କହୁଛନ୍ତି—

> ଯାହା ପାଦୁ ଜାତ ନର ବେଢୁ ଧରିଅଛୁ ଶିର,
> ରବିବଂଶଜାତ ଜନ୍ମ କରୁଅଛୁ ତାଙ୍କ ପାଦେ ନମସ୍କାର । ୧୭ ।
> (୧୦ମ ଛାନ୍ଦ)।

ସୂର୍ଯ୍ୟବଂଶୀୟ ଭଞ୍ଜରାଜାମାନେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ରାଜତ୍ୱ କରୁଥିବା ଜଣାଯାଏ । ମୟୂରଭଞ୍ଜ, କେନ୍ଦୁଝର, ଘୁମୁସର ରାଜ୍ୟର ରାଜା କେତେକ ପ୍ରାଚୀନ କାବ୍ୟକବିତା ଲେଖି ଅମର ହୋଇଛନ୍ତି ।

ତ୍ରିବିକ୍ରମ ନାମରେ ମୟୂରଭଞ୍ଜ ଓ ଘୁମୁସର ରାଜବଂଶାବଳୀରେ କେତେଜଣ ରାଜତ୍ୱ କରିଥିବା ଜଣାଯାଏ ।

ମୟୂରଭଞ୍ଜ ରାଜବଂଶରେ ତ୍ରିବିକ୍ରମ ଭଞ୍ଜ ନାମକ ଜଣେ ରାଜା 'ରସଲହରୀ' କାବ୍ୟର ବିଖ୍ୟାତ କବି ରଘୁନାଥ ଭଞ୍ଜଙ୍କ ପ୍ରପିତାମହ । ମୟୂରଭଞ୍ଜ ଇତିହାସରୁ ଜଣାଯାଏ—

ମହାରାଜା କୃଷ୍ଣ ଭଞ୍ଜ (ଖ୍ରୀ: ୧୬୬୦ରେ ରାଜତ୍ୱ ଶେଷ)
|
ମହାରାଜା ତ୍ରିବିକ୍ରମ ଭଞ୍ଜ (ଖ୍ରୀ. ୧୬୬୦—୧୬୮୮)
|
ମହାରାଜା ସର୍ବେଶ୍ୱର ଭଞ୍ଜ (ଖ୍ରୀ: ୧୬୮୮—୧୭୧୧)
|
ମହାରାଜା ବୀର ବିକ୍ରମ ଭଞ୍ଜ (ଖ୍ରୀ: ୧୭୧୧—୧୭୨୮)
|
ମହାରାଜା ରଘୁନାଥ ଭଞ୍ଜ (ଖ୍ରୀ: ୧୭୨୮—୧୭୫୦)

ମୟୂରଭଞ୍ଜ ରାଜାମାନେ ଛତିଶୂର ଉପାଧି ବ୍ୟବହାର କରୁଥିବା ଜଣାଯାଏ ନାହିଁ । କାବ୍ୟରେ କ୍ଷତ୍ରିବର କ୍ଷତ୍ରିୟ ଶ୍ରେଷ୍ଠ ଅର୍ଥରେ ବ୍ୟବହୃତ

ହେଉଥିବା ଅନୁମାନ କଲେ ତ୍ରିବିକ୍ରମ ଭଞ୍ଜ ମୟୂରଭଞ୍ଜର ରାଜା ହୋଇପାରନ୍ତି। ପୁଣି, ଏ ସପକ୍ଷରେ 'ହରିହର' ପ୍ରାର୍ଥନା ଅନ୍ୟ ଏକ ପ୍ରମାଣ। କବି ଏକାଧିକ ସ୍ଥାନରେ ହରିହରଙ୍କୁ ପ୍ରାର୍ଥନା କରିଛନ୍ତି—

ହରିହର ପଦକଞ୍ଜ ସେବି ତ୍ରିବିକ୍ରମ ଭଞ୍ଜ।
ନୃପ ରଚିଲେ ପ୍ରବନ୍ଧ, ତୃତୀୟ ଛାନ୍ଦ ଏ। ୨୪। (୩ୟ ଛାନ୍ଦ)
ବଧି ଶ୍ରୀଧାରଣ ମାରକତ ତମହର,
ଭଞ୍ଜରାଜାକୁ ରଖ ମାର ଉମାବର ଯେ। ୪୨। (୧୧ଶ ଛାନ୍ଦ)
ହରିହରଙ୍କ ପୟର, ଷଟି ବର ଶିର ପର। ୫୩। (୨୨ଶ ଛାନ୍ଦ)

ମୟୂରଭଞ୍ଜର ପ୍ରାଚୀନ ରାଜଧାନୀର ନାମ ହରିହରପୁର। କବି ରଘୁନାଥ ଭଞ୍ଜ 'ରସଲହରୀ'ରେ ମଧ୍ୟ 'ହରିହର'ଙ୍କୁ ବନ୍ଦନା କରିଛନ୍ତି।

ଘୁମୁସରର ଭଞ୍ଜରାଜା ବଂଶରେ ଦୁଇଜଣ ତ୍ରିବିକ୍ରମ ଭଞ୍ଜ ଥିବା ଜଣାଯାଏ।

ନଳନାକ୍ଷ ଭଞ୍ଜଙ୍କ ପୁତ୍ର ତ୍ରିବିକ୍ରମ ଭଞ୍ଜ (ଖ୍ରୀ: ୧୫୪୮—୫୮), ତାଙ୍କ ପୁତ୍ର ଗୋବିନ୍ଦ ଭଞ୍ଜ, ତାଙ୍କ ପୁତ୍ର ଗୋପାଳ ଭଞ୍ଜ, ତାଙ୍କ ପୁତ୍ର ଗୋପୀନାଥ ଭଞ୍ଜ, ଗୋପୀନାଥଙ୍କ ପୁତ୍ର ଧନଞ୍ଜୟ ଭଞ୍ଜ (୧୬୩୨—୧୭୦୧)।



ଏ ଦୁଇଜଣଙ୍କ ଭିତରୁ କେହି ଜଣେମଧ୍ୟ କବିକଳ୍ପଲତାର କବି ହୋଇପାରନ୍ତି । ପ୍ରଥମ ବିକ୍ରମଙ୍କ ସମ୍ବନ୍ଧରେ କିଛି ତଥ୍ୟ ମିଳୁନାହିଁ । ସେ ଜଗନ୍ନାଥ ଦାସାଦି ଭକ୍ତମାନଙ୍କର ସମସାମୟିକ ଥିବା ଜଣାଯାଏ । ଦ୍ୱିତୀୟ ବିକ୍ରମ ଜଣେ ଉଗ୍ର ପ୍ରକୃତିର ରାଜାଥିବା ଶୁଣାଯାଏ । ଏହାଙ୍କ ସମୟକୁ ଗଞ୍ଜାମଜିଲ୍ଲା ଇଂରେଜମାନଙ୍କ ଶାସନର ଅଧୀନ ହୋଇସାରିଥିଲା । ତାଙ୍କୁ ପଦଚ୍ୟୁତ କରାଯାଇଥିଲା । ଏହାଙ୍କ ଜୀବନ କାହାଣୀ ରୋମାଞ୍ଚକର ।

ଧନଞ୍ଜୟଙ୍କ ମୃତ୍ୟୁପରେ ନୀଳକଣ୍ଠ ଦୁଇଟିବର୍ଷ ରାଜତ୍ୱ କଲେ । ତାଙ୍କୁ ପଦଚ୍ୟୁତ କରି ଘନ ଭଞ୍ଜ ରାଜା ହେଲେ । ଘନ ଭଞ୍ଜ ଖୋର୍ଦ୍ଧା ରାଜା ରାମଚନ୍ଦ୍ର ଦେବଙ୍କୁ ଯୁଦ୍ଧରେ ସାହାଯ୍ୟ କରିଥିବାରୁ ଖୋର୍ଦ୍ଧା ରାଜା ପ୍ରୀତ ହୋଇ ତାଙ୍କୁ 'କ୍ଷତ୍ରିବର' ଉପାଧି ପ୍ରଦାନ କରିଥିଲେ । ଘନଙ୍କ ବଂଶଧରମାନେ ଏହି ଉପାଧି ଗ୍ରହଣ କରୁଥିଲେ । ଘୁମୁସର ରାଜାମାନେ ମଧ୍ୟ 'ହରିହର' ଉକ୍ତି; ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟମାନଙ୍କରେ ଏହାର ସୂଚନା ମିଳୁଛି ।

ଘୁମୁସର ରାଜ୍ୟରେ ଖ୍ରୀ: ୧୫୫୯ଠାରୁ ୧୫୭୯ ପର୍ଯ୍ୟନ୍ତ ରାଜତ୍ୱ କରିଥିବା ବିକ୍ରମ ଭଞ୍ଜ ଯଦି କବିକଳ୍ପଲତାର କବି ହୋଇଥାଆନ୍ତି ତାହାହେଲେ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ସେ ଏକ ବିଶିଷ୍ଟ ସ୍ଥାନ ଅଧିକାର କରନ୍ତି, ଏଥିରେ ସନ୍ଦେହ ନାହିଁ । ବିକ୍ରମଙ୍କ କବିକଳ୍ପଲତା କାବ୍ୟ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଏକ ନୂତନ ଯୁଗର ଅଗ୍ରଦୂତ ସ୍ୱରୂପ ହେବ । କାରଣ, ବିକ୍ରମଙ୍କ ପୂର୍ବରୁ ସାରଳା ଦାସ ଅବଧି ଓଡ଼ିଆ ସାହିତ୍ୟରେ ଲୌକିକ ବା ସାମାଜିକ ଉପାଖ୍ୟାନକୁ ଅବଲମ୍ବନକରି ଅଳଙ୍କାରଶୋଭିତ କାବ୍ୟ ଛନ୍ଦବନ୍ଧରେ କୌଣସି କବି ରଚନା କରିଥିବା ଜଣାଯାଇନାହିଁ । ବିକ୍ରମ ବଂଶରେ ପ୍ରାୟ ଏକଶତ ବର୍ଷ ପରେ ଧନଞ୍ଜୟ ଭଞ୍ଜ ଓ ତାଙ୍କପରେ ଉପେନ୍ଦ୍ର ଭଞ୍ଜ ଅଳଙ୍କାରମଣ୍ଡିତ ଲୌକିକ କାବ୍ୟ ରଚନାକରି ଯଶ ଅର୍ଜନ କରିଛନ୍ତି ଏବଂ ଓଡ଼ିଆ ସାହିତ୍ୟକୁ ଅମର କରିଛନ୍ତି । ଏହି ସାହିତ୍ୟଧାରା ବିକ୍ରମଙ୍କଠାରୁ ଆରମ୍ଭ ହୋଇ ମୃତପ୍ରାୟ ରହିଥିଲା; କବିକଳ୍ପଲତା ଏହି 'ଲୌକିକ କାବ୍ୟ' ଧାରାର ଉତ୍ସ ସ୍ୱରୂପ । ଖ୍ରୀ: ୧୭୭୫–୮୨ ପର୍ଯ୍ୟନ୍ତ ରାଜତ୍ୱ କରୁଥିବା ବିକ୍ରମ ଭଞ୍ଜ ଯଦି

କନକଲତାର କବି ହୋଇଥିବେ ତାହାହେଲେ ତାଙ୍କର ସ୍ଥାନର ବିଶେଷତ୍ୱ କେତେକାଂଶରେ ହ୍ରାସ ପାଇବ । କାରଣ, ତାଙ୍କ ପୂର୍ବରୁ ତାଙ୍କ ନିଜ ପୂର୍ବପୁରୁଷମାନେ ଓ ଓଡ଼ିଶାର ବହୁ କବି କନକଲତାଠାରୁ ଉତ୍କୃଷ୍ଟ କାବ୍ୟ ରଚନା କରିଛନ୍ତି; 'ଲୌକିକ କାବ୍ୟ' ଧାରାର ସୃଷ୍ଟିକାରୀ ଏକ ଉପାଧି । ମାତ୍ର ।

କନକଲତାର କବିଙ୍କୁ ଘୁମୁସର ଭଞ୍ଜବଂଶର ଦ୍ୱିତୀୟବିକ୍ରମ ବୋଲି କହିବା ସପକ୍ଷରେ ଏହି କେତେକ ଯୁକ୍ତି ଅବତାରଣା କରିହେବ ।

(୧) କନକଲତାର ଶୈଳୀ ଧନଞ୍ଜୟ-ଉପେନ୍ଦ୍ର ପ୍ରବର୍ତ୍ତିତ ଶୈଳୀର ଅନୁରୂପ ।

(୨) କନକଲତାରେ ବିକ୍ରମଙ୍କ ପୂର୍ବପୁରୁଷ ଧନଞ୍ଜୟଙ୍କ ମୃତ୍ୟୁ ଓ ନୀଳକଣ୍ଠଙ୍କ ସିଂହାସନାରୋହଣ ପ୍ରସଙ୍ଗର ସୂଚନା ଥିବା ଅନୁମାନ କରାଯାଇ-ପାରେ । ଉପେନ୍ଦ୍ରଙ୍କ ପିତା ନୀଳକଣ୍ଠଙ୍କୁ ସିଂହାସନରୁ ତଡ଼ି ବିକ୍ରମଙ୍କ ପୂର୍ବପୁରୁଷ ପିତାମହ ଘନ ଭଞ୍ଜ ରାଜା ହୋଇଥିଲେ । ଧନଞ୍ଜୟଙ୍କୁ ନୀଳକଣ୍ଠଙ୍କ ମାତା ଷଡ଼ଯନ୍ତ୍ର କରି ବିଷ ପ୍ରୟୋଗ କରିଥିବା କିମ୍ବଦନ୍ତୀ ଅଛି । ଧନଞ୍ଜୟ ଅତି ବୃଦ୍ଧାବସ୍ଥା ପର୍ଯ୍ୟନ୍ତ ଜୀବିତ ଥାଇ ରାଜ୍ୟ ଶାସନ କରୁଥିବାରୁ ତାଙ୍କ ପୁତ୍ର ବୃଦ୍ଧାବସ୍ଥାପ୍ରାପ୍ତ ହୋଇ ମଧ୍ୟ ରାଜା ହେବା ସମ୍ଭାବନା ନଦେଖି ଏପରି ଘୃଣ୍ୟକାର୍ଯ୍ୟ କରିଥିବା କିମ୍ବଦନ୍ତୀରୁ ଜଣାଯାଏ । ନୀଳକଣ୍ଠ ଦୁଇ ତିନି ବର୍ଷ ରାଜା ହେବାପରେ ଘନଭଞ୍ଜଙ୍କ ନେତୃତ୍ୱରେ ଘଟିଥିବା ବିଦ୍ରୋହ ଯୋଗୁଁ ସିଂହାସନ ତ୍ୟାଗ କରିଥିଲେ ଏବଂ ରାଜ୍ୟରୁ ନିର୍ବାସିତ ହୋଇଥିଲେ । ଏହି ପ୍ରସଙ୍ଗର ସୂଚନା 'କନକଲତା'ରେ ମିଳୁଥିବା ଅନୁମାନ କରାଯାଏ । ବର୍ଷା ଋତୁର ବର୍ଣ୍ଣନାରେ—

ଘନ ଘନ କରି ତାକର ଘନ, ଦନ ଦାନ କରି ଚିକ୍କଣ ଘନ । ୨ ।

ଏଥିରେ ଘନଭଞ୍ଜଙ୍କ ସୂଚନା ଥିବା ଅନୁମିତ ହୁଏ ।

ନୀଳକଣ୍ଠ ଚିହ୍ନଣେ କଲେ ନୃତ୍ୟ, କଲେ ଅମୃତ ଧନଞ୍ଜୟ ହତ । ୨୦ ।

(୧୮ଶ ଛାନ୍ଦ)

ଏଠାରେ ଅମୃତ ଯେ ଅମର ଧନନ୍ତ୍ରୟ ଙ୍କ ଅଲେଖ୍ୟ ରାଜା ଧନନ୍ତ୍ରୟୀ ସୂଚିତହେବେ । ନୀଳକଣ୍ଠ ଭଞ୍ଜ ଦେଓ ଙ୍କ ପଟ୍ଟମାଳରେ ବିଚରଣ କଲେ । କବେର୍ଧାସ୍ୱରର ଉଦାହରଣ ସ୍ୱରୂପ ଏହି ପଦଟି କବି ରଚନା କରିଛନ୍ତି । ନୀଳକଣ୍ଠ ଯେ ମୟୂର ସେମାନେ ରତ୍ନଶୈଳ ଙ୍କ ଉଚ୍ଚ ପର୍ବତ ଶିଖରରେ ନୃତ୍ୟ କଲେ । ଧନନ୍ତ୍ରୟ ଯେ ଅଗ୍ନି ଅମୃତ ଙ୍କ ଜଳ ତାହାକୁ ହତ କଲେ ଓ ଶୁଷ୍କ କଲେ ।

ତାତ୍ପର୍ଯ୍ୟରେ ବସ୍ତୁ ଛନ୍ଦରେ ବସ୍ତୁ ଛଳରେ ଧନନ୍ତ୍ରୟ ଶବ୍ଦ ବାରମ୍ବାର, ଅନେକ ବିଷୟ ଅର୍ଥରେ ବ୍ୟବହୃତ ହୋଇଥିବାରୁ ଧନନ୍ତ୍ରୟ ଭଞ୍ଜଙ୍କ ନାମର ସୂଚନା ଥାଇପାରେ, ଏହିପରି ଅନୁମାନ ମଧ୍ୟ କରାଯାଏ ।

ଅନ୍ତେ ବଧୂମା ଧନନ୍ତ୍ରୟ ତ୍ରିବିଧ ଭସ୍ତ୍ରକ ର ଦାଣ ତାପତ୍ରୟ । ୧୩ ।
(୧୩ଶ ଛନ୍ଦ, ଶେଷ ପଦ)

ପୁଣି, କବି 'କୃଷ୍ଣ'ଙ୍କ ପ୍ରାର୍ଥନା କରି ଗ୍ରନ୍ଥ ଆରମ୍ଭ କରିଛନ୍ତି ଏବଂ ଶେଷ ଛନ୍ଦରେ ଓ ମଧ୍ୟରେ ବସ୍ତୁ ଛନ୍ଦରେ କୃଷ୍ଣଙ୍କୁ ସ୍ମରଣ କରିଛନ୍ତି । ଏଥିରୁ କବି ତ୍ରିବିକ୍ରମଙ୍କ ପିତା କୃଷ୍ଣ ଭଞ୍ଜଙ୍କ ନାମର ସୂଚନା ଥିବା ମଧ୍ୟ ଅନୁମାନ କରାଯାଏ । ମୟୂରଭଞ୍ଜ ରାଜା ତ୍ରିବିକ୍ରମ ଭଞ୍ଜଙ୍କ ପିତା ମଧ୍ୟ କୃଷ୍ଣ ଭଞ୍ଜ ଥିବାରୁ ଏହି ଅନୁମାନ ତାଙ୍କ ପ୍ରତି ମଧ୍ୟ ପ୍ରଯୁଜ୍ୟ ହୋଇପାରେ ।

ଏଥିରୁ ସ୍ପଷ୍ଟ ସତ୍ତ୍ୱେ କନକଲତାର କବି ଦୁର୍ଗଭଞ୍ଜୀୟ ରାଜା ତ୍ରିବିକ୍ରମ ଭଞ୍ଜଙ୍କ ସ୍ଥାନ ଓ ସମୟ ସମ୍ବନ୍ଧରେ ନିର୍ଦ୍ଦିଷ୍ଟ ସିଦ୍ଧାନ୍ତ ହୋଇ ପାରୁନାହିଁ । ତେବେ, ଉପେନ୍ଦ୍ରଙ୍କ ପରବର୍ତ୍ତୀ ତାଙ୍କ ବଂଶର ରାଜା ତ୍ରିବିକ୍ରମ ଭଞ୍ଜ କନକଲତାର କବି ବୋଲି କେତେକ କହନ୍ତି ।

କବି ତ୍ରିବିକ୍ରମ ଦେବଙ୍କର କନକଲତା କୋଟିଏ ଅଦ୍ଭୁତରସଶ୍ରିତ ଉତ୍କୃଷ୍ଟ କାବ୍ୟ । କାବ୍ୟଟି ଆକାରରେ ଶ୍ରେଷ୍ଠ ହେଲେ ମଧ୍ୟ ପାଣ୍ଡିତ୍ୟରେ ପୂର୍ଣ୍ଣ । କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କର କାବ୍ୟମାନଙ୍କ ସହିତ ଏହାର

ବହୁତ ସାଦୃଶ୍ୟ ଅଛି । ଭାଷା ତେତେ କଠିନ ନହେଲେ ମଧ୍ୟ ଅଳଂକାରରେ ବନ୍ଧା ହୋଇ ରହିଅଛି । କବି ନିଜର ଗୀତ ସମ୍ବନ୍ଧରେ ଲେଖି ଅଛନ୍ତି—

ଏ ଗୀତ ନୋହେ ଆନ ଗୀତ ପରି,
ନାନା ଲକ୍ଷଣମାନ ଅଛି ପୂରି ।
ଶୃଙ୍ଗାର ବୀର ଆଦି ନାନା ରସ,
ଛଳ ଶ୍ଳେଷ ଭଙ୍ଗି ବିରୋଧାଭାଷ ।
ନାନା ବନ୍ଧମାନ, ରୂପକ ବଚ ଉକତି ବିଧାନ ।

ଏକ ଦୁଇ ତିନ ଚତୁରାକ୍ଷର,
ଏପରି କବିତ୍ୱ ଅଛି ଅପାର ।
ଅନ୍ତଲର୍ପିକା ଯେ ବହିର୍ଲପିକା,
ଦତ୍ତ ଚ୍ୟୁତାକ୍ଷର ଯେ ଗୋମୂତ୍ରିକା ।
ବିଲୋମାନୁଲୋମ, ଯମକ ମହାଯମକ ନିୟମ ।
(ଶେଷ ଛାନ୍ଦ)

ଅନେକ ରକମର ଚଉ ଓ ପ୍ରବନ୍ଧ ଏଥିରେ ରହିଅଛି ଏବଂ ଖୁବ୍ କୃତିତ୍ୱ ସହିକାରେ ସେ ସେଗୁଡ଼ିକ ରଚନା କରି ପାରିଛନ୍ତି ।

ପ୍ରାକୃତିକ ବର୍ଣ୍ଣନାରେ ଦକ୍ଷତା ପରିଲକ୍ଷିତ ହେଉଥିଲେ ମଧ୍ୟ ଚରିତ୍ରଗତ ପ୍ରଥାକୁ କବି ଛାଡ଼ି ନାହାନ୍ତି । ଷଡ଼ଋତୁ ବର୍ଣ୍ଣନା, ବିରହ ବର୍ଣ୍ଣନା, ନାୟକନାୟିକାଙ୍କର ଅଙ୍ଗପ୍ରତ୍ୟଙ୍ଗ ବର୍ଣ୍ଣନାରେ ସମ୍ପୂର୍ଣ୍ଣ କାବ୍ୟମାନଙ୍କର ବହୁତ ଛାୟା ପଡ଼ିଥିବାର ଦେଖାଯାଏ ।

କାବ୍ୟଟି ଅଣତିରିଶଟି ଶ୍ରେଷ୍ଠ ଶ୍ରେଷ୍ଠ ଛାନ୍ଦରେ ରଚିତ । ଛାନ୍ଦଗୁଡ଼ିକ ଅବଶ୍ୟ ଖୁବ୍ ଶ୍ରେଷ୍ଠ ନୁହେଁ । ଏପରି ଲେଖିବାର ଉଦ୍ଦେଶ୍ୟ କବି ଦେଇ ଅଛନ୍ତି ।

ଯଦି ହୋଇବେ ବିଶେଷ, ହୋଏ ନିରସ ଏ ।୨୩।
(୩ୟ ଛନ୍ଦ)

ଜନଦୃଷ୍ଟି ଓ ଯକ୍ଷ ନନ୍ଦନା ଶାପ ବଳରୁ ମର୍ତ୍ତ୍ୟରେ ଜନ୍ମଗ୍ରହଣ କଲେ । ଶ୍ରୀନଗରର ରାଜା ସୁଦର୍ଶନଙ୍କ ସ୍ତ୍ରୀ ଚନ୍ଦ୍ରକଳାର ଗର୍ଭରୁ ଜନଦୃଷ୍ଟି ଜନ୍ମ ହେଲେ ଏବଂ ବିଶାଳପୁରର ନରପତିଙ୍କ ଦୁହିତାସ୍ୱରୂପ ଯକ୍ଷ ନନ୍ଦନା ଅବତୀର୍ଣ୍ଣ ହେଲେ । ଏ ଦୁହିଁଙ୍କର ବାଲ୍ୟାବସ୍ଥା, ଯୌବନାବସ୍ଥା, ବିବାହ, ବିରହ ଓ ମିଳନ ବର୍ଣ୍ଣନା ଏହି ଛନ୍ଦରେ ହୋଇଅଛି । ନାୟିକାର ନାମ ଅନୁସାରେ କାବ୍ୟର ନାମ 'କନକଲତା' ହୋଇଛି ।

ଶ୍ଲେଷ, ଛଳ, ଉପମା, ରୂପକ, ଯମକ, ମହାଯମକ, ବ୍ରହ୍ମଯମକ, ଅନ୍ତର୍ଲିପିକା, ବହେଧାକ୍ଷର, ପାଦନାଶ ବନ୍ଧ, ଚକ୍ରବେଗ, ଯଦାକ୍ଷର, ଦ୍ୱ୍ୟକ୍ଷର ପ୍ରଭୃତିର ଏକାଧିକ ସୁନ୍ଦର ପାଣ୍ଡିତ୍ୟପୂର୍ଣ୍ଣ ଉଦାହରଣ କାବ୍ୟଟିରେ ଅଛି । ଶ୍ଲେଷର ବହୁଳ ପ୍ରୟୋଗ କାବ୍ୟର ରମଣୀୟତାକୁ ବୃଦ୍ଧି କରିଛି ।

କବି ଏହି ସବୁ ଅଳଙ୍କାର ପ୍ରୟୋଗ କରି କାବ୍ୟଟିକୁ ସଫଳ କରିଛନ୍ତି । ତାଙ୍କର ପଦ ସୁଫଳ, ଉଦାହରଣ ସରଳ, ବୃତ୍ତି ପଦ ଅଳଙ୍କାରରେ ଅଳଂକୃତ । ଏହି କାରଣରୁ ଏହି ପଦାବଳୀ 'ରସିକ' ପ୍ରକାଶ କରି ଜନ ଚିତ୍ତକୁ ହରଣ କରିବ, ଏହି ଆଶା କବି ରଖିଛନ୍ତି । କବିଙ୍କ କବିତା ପ୍ରକୃତରେ 'ବରବନିତା' ସଦୃଶ ହୋଇ ଜନମନରଞ୍ଜନ କରୁଛି । କବିଙ୍କ ଭାଷାରେ ତାଙ୍କର ଏହି କବିତା—

ଦୋଷହୀନ ଗୁଣ ଅଳଙ୍କୃତ ହୋଇଥିବ,
ବକ୍ର ଭଙ୍ଗୀରେ ରସିକମାନଙ୍କୁ ମୋହିବ ।୮। (୧ମ ଛନ୍ଦ)

କବିଙ୍କ ଆଶା ସଫଳ ହୋଇନାହିଁ । କାବ୍ୟଟିର ଆକାର କ୍ଷୁଦ୍ର ହେଲେ ମଧ୍ୟ ବିବିଧ ଅଳଙ୍କାର ପ୍ରୟୋଗ ଓ ସୁସରଳ କୋମଳ ପଦରଚନା ଦ୍ୱାରା ଏହାକୁ ସୌନ୍ଦର୍ଯ୍ୟପୂର୍ଣ୍ଣ ରୂପ ଦାନ କରିବାରେ ସମର୍ଥ ହୋଇଛନ୍ତି । କବିଙ୍କ ପାଣ୍ଡିତ୍ୟ ଓ ପ୍ରଶଂସନୀୟ କବିତ୍ୱ ଶକ୍ତିର ପରିଚୟ ଏଥିରୁ ମିଳୁଛି ।

ଅଳଙ୍କାର ପ୍ରୟୋଗର ଉଦାହରଣ—

ମହାଯମକ—ପୂର୍ଣ୍ଣଜନ ମୁଖରେ ପୂରିଲା ଦରରବ,
ପୂର୍ଣ୍ଣଜନ ମୁଖରେ ପୂରିଲା ଦରରବ । ୫୧ । (୨୦ଶ ଛାନ୍ଦ)

ବୃନ୍ଦଯମକ—ଧନଞ୍ଜୟ ପରି ଶର ତୂଣରୁ କାଢ଼ିଲେ,
ଧନଞ୍ଜୟ ପରି ଶତ୍ରୁ ହରକୁ ବଧିଲେ । ୨୨ ।
ଧନଞ୍ଜୟ ମିତ୍ର ପରି ଇଷ୍ଟ ଆଶୁ ଗଲେ,
ଧନଞ୍ଜୟ କୁମାରବରର ବସ୍ତ୍ରାଶିଲେ । ୨୩ ।
ଅସୁରଙ୍କ ଅଶୁରଙ୍କ ପରି ପାନ କଲେ,
ସୁର ପରି ତେଜ ସେ ଶୂରରେ ବଢ଼ାଇଲେ । ୨୪ ।
(୨୦ଶ ଛାନ୍ଦ)

ପାଦନାଶ ବନ୍ଧ, କଙ୍କଣ ବନ୍ଧ, ପଦାକ୍ଷର, ଦ୍ୱ୍ୟକ୍ଷର ବନ୍ଧ ପଦ—

ଉରବାର ଖର ବରବାର ବାର ହର ବରବରଧର,
ଧରବର କର ଘୋରଦର ତର ହରଯୁବ ଦର ବର ।
(ଶେଷ ପଦ । ୯୮ଶ ଛାନ୍ଦ)

ବହିର୍ଲପିକା—କାହାକୁ ବୋଲି ବ୍ରହ୍ମାନନ୍ଦ ସମ, (ରମା)
କାହାର ସାମ୍ୟକ ଅଟେ ଅସମ, (ମାର)
କପର୍ଦ୍ଦୀ ସେବିଲେ ନର କ ପାଇ,(ବର)
କେଉଁ ସଦା ବସୁ ଦାନ ଦଅଇ । [(ମାର) ରମାବର]

ଶ୍ଳେଷଅର୍ଥ—ଭବାମ୍ବୁଜ ରକ୍ଷ ରକ୍ଷ ନାଶନେ ସୁଦକ୍ଷ
ଭକ୍ତ ରାଜାର ଶରଣ ହୁଅ ଅପରାକ୍ଷ । (ଶେଷପଦ, ୨୦ଶ ଛାନ୍ଦ).
ଅନୁଲୋମ, ବିଲୋମ—ବର୍ଷି ହର ମାନଦବ, ବଦନ ମାର ହର୍ଷିବ । ୨୮ ।
(୨୨ଶ ଛାନ୍ଦ)

ରଙ୍ଗଣ ପୁଙ୍ଖ ଶର, ରସ କ୍ଷତ ପୁଷ୍ପରେ । ୧୯ ।
(୨୨ଶ ଛାନ୍ଦ)

ଗୋମୂତ୍ରିକା, ଅଶ୍ୱପ୍ଲୁତ, ପଦ୍ମବନ୍ଧ—ମୋର ଦୁଃଖ କର ଘୋର,
ନର ମାର ଦର ଭର । ୨୫ ।
(୨୨ଶ ଛାନ୍ଦ)

ଅଥବା—ଜୟ ଜୟ ଶଂକଟହର ଭକ୍ତବର,
ଜୟ ଘନଚୟ ଅଙ୍ଗ ଜନଭୟ ହର । ୧ ।
ଜୟ ଭକ୍ତପଦ ସଦ ଅନନ୍ତ ଶୟନ,
କନକ ସମ ବସନ ନରଙ୍କ ଅୟନ । ୨ ।
(୧ମ ଛାନ୍ଦ)

'ଭ' ଅନ୍ତ୍ୟାନୁପ୍ରାସ ଛାନ୍ଦ—ଦମନ୍ତ ୧୯ଶ ଛାନ୍ଦଟି 'ଭ' ଅନ୍ତ୍ୟାନୁପ୍ରାସରେ ରଚିତ । ଏହି ଛାନ୍ଦରେ ଚବଶଟି ପଦ ଅଛି ।

ଭରିବାକୁ ଯାତ୍ରା ଦେବଙ୍କ ସଭେ, ଭଙ୍ଗୀରେ ଭବେ ଦ୍ୱାମାନେ ଭଭେ ।
ଭମ୍ଭ ମର୍ଦ୍ଦଳ ଆଦ ବାଦ୍ୟମାନ, ଭାଡ଼ାକ ଘଣ୍ଟା ବାଜେ ଘନ ଘନ ।
କୋଟି ଶଙ୍ଖ ଘଣ୍ଟ ହୁଦା ଯେ,
ଭହି ଭ ହେବ ଯେତେ ଯନ୍ତ୍ର ବାଜଇ, ଶୁଣି ନଶବେ ମଘବା ଯେ । ୧ ।
(୧୯ଶ ଛାନ୍ଦ)

ଶ୍ଳେଷ ଦ—ଭଣ ଶ୍ଳେଷର ଛଳ, ରୂପକ ଅଶେଷ ପ୍ରୟୋଗ ଇତ୍ୟାଦ କରିଛନ୍ତି । ଏହା ଭତ୍ୟାର ଗୌରବକୁ ବୃଦ୍ଧି କରୁଛି । କେତୋଟି ଉଦାହରଣ—

ଛଳ—ମୂର୍ଖ ମୁଖର ବେଦକୁ ହେଉଛି ମୋ ସ୍ମୃତି,
ଦଇବେ ତ ସୁ-ବର୍ଣ୍ଣେ ପୂରୁଛି ଏତୁ ଭାଁତ । ୧୩ । (୧ମ ଛାନ୍ଦ)

ରୂପକ—ଅଜ୍ଞାନ-ଘନରେ ଜ୍ଞାନ-ଧନ ମାନ ହେଲା,
ଅଶ୍ରୁ-ଅନ୍ଧାରରେ ସ୍ନେହ ସଳିତ ବଢ଼ିଲା ।
ଉତ୍ସାହ ସ୍ରୋତରେ ଧୈର୍ଯ୍ୟବନ୍ଧ ଭଙ୍ଗିଲା,
ଚିନ୍ତା ମନ୍ଦିରେ ଯେ ବେମନତା ଉପୁଜିଲା । (୧ମ ଛାନ୍ଦ)

ଶ୍ଳେଷ—ଏତେ ଭଲି ଚରଣେ ପଡ଼ି କରଇ ସ୍ତୁତି,
ଜୟ ଗ୍ରମ-ଇକ୍ଷଣ ଅନଙ୍ଗ ଶୁଭ୍ରାକୃତି ।
ଜୟ ଚଣ୍ଡ ଅସୁର ମୁଣ୍ଡ ନାଶନେ ଦକ୍ଷ,
ଜୟ ପଞ୍ଚାସ୍ୟପ୍ରିୟ ଚନ୍ଦ୍ରଭାଲ ଅଲକ୍ଷ୍ୟ । (୧ମ ଛାନ୍ଦ)

କବି ଖଳମାନଙ୍କୁ ସମ୍ବୋଧନ କରି କହୁଛନ୍ତି—

ଫଣିରୂପୀ ଖଳଙ୍କୁ ମୁଁ କହୁଛି ବଚନ,
ଲତା ଦଶ କବିତା କଷ୍ଟରେ ଉତପନ୍ନ । ୧୪ ।
ସାଧୁ ବଚନ ଅମୃତେ ହୁଅଇ ବର୍ଦ୍ଧନ,
ତୁମ୍ଭ ମୁଖ ସ୍ପରଶେ ନ କର ଏହାକୁ ଶୀର୍ଣ୍ଣ । ୧୫ ।
ରସାଳ ପରି ରସାଳ ହେବ ଏହୁ ଗୀତ,
ଦୁଷ୍ଟ କରିଭ ଗଳକୁ ଅନଳ ସଙ୍ଘାତ । ୧୬ । (୧ମ ଛାନ୍ଦ)

କବି ଏହି ଭାବରେ କବି ଓ ପଣ୍ଡିତମାନଙ୍କୁ ଗୀତ ଶୁଣିବା ପାଇଁ ଅନୁରୋଧ କରିଛନ୍ତି । କବିଙ୍କ ମନୋଭାବ ଯେ ପ୍ରତ୍ୟେକ କବି ଓ କାବ୍ୟାନୁମୋଦୀଙ୍କ ପକ୍ଷରେ କେତେକ ସତ୍ୟ ଏଥିରେ ସନ୍ଦେହ ନାହିଁ ।

'କଥାସାର—୧ମ ଛାନ୍ଦ—ମଙ୍ଗଳାଚରଣ । କବି ବିଷ୍ଣୁ ଓ କୃଷ୍ଣଙ୍କୁ ପ୍ରାର୍ଥନା କରିଛନ୍ତି । ସାଧୁ ସ୍ତୁତି, ଖଳନିନ୍ଦା, କଥାରମ୍ଭ । ଶ୍ରୀନଗରର ରାଜା ସୁଦର୍ଶନ । ତାଙ୍କ ପଟ୍ଟମହିଷୀ ବିଶଦକଳାଙ୍କ ଗର୍ଭରେ ରସାନ୍ତନର ଜନ୍ମ । ଉଜ୍ଜୟିନୀ ଦେଶର ବିଶାଳ ନାମକ ନଗରର ରାଜା ଶିବପ୍ରିୟ । ତାଙ୍କ ପଟ୍ଟମହିଷୀ ସୁଶୀଳାଙ୍କ ଗର୍ଭରେ କନକଲତାର ଜନ୍ମ । ରସାନ୍ତନ ଓ କନକଲତାର ପୂର୍ବଜନ୍ମ କଥନ । ଥରେ ମୁନିମାନେ ଶିବଙ୍କ ଦର୍ଶନ ନିମିତ୍ତ କୈଳାସ ପର୍ବତକୁ ଆସିଥିଲେ । ପର୍ବତର ପାଦଦେଶରେ ସିଦ୍ଧବନ । ଏଠାରେ ଭଦ୍ରତୋୟା ନଦୀ ପ୍ରବାହିତ । ନଦୀରେ ଯକ୍ଷନନ୍ଦିନୀ ସୁଲୋଚନା ସ୍ନାନ କରୁଥିଲା । ତାହାର ସୌନ୍ଦର୍ଯ୍ୟ ଦେଖି ଋଷିପୁତ୍ର ତପୀବର କାମରେ ପୀଡ଼ିତ ହେଲେ । ଯକ୍ଷକୁମାରୀ ସହିତ ଋଷିପୁତ୍ରର କାମକେଳି । ଏହି ସମୟରେ ଶିବ, ଶିବଗଣ,

ଭଗବତୀ ଓ ଶିବାଗଣ ଉପସ୍ଥିତ ହୋଇଥିବାରୁ ଦୁହେଁ ଲଜ୍ଜିତ ହେଲେ । ମୁନି ଶିବଙ୍କ ପାଦତଳେ ପଡ଼ି ସ୍ତୁତି କଲେ । ଶିବପାର୍ବତୀ ସନ୍ତୁଷ୍ଟ ହୋଇ ବର ଦେଲେ ଯେ ଶ୍ରୀନଗରର ରାଜକୁମାର ରୂପେ ଜନପ୍ରସ୍ଥ ଓ ବର୍ଦ୍ଧନପୁରର ରାଜନନ୍ଦନୀରୂପେ ସୁଲୋଚନା ଜନ୍ମହେବେ, ଦୁହିଁଙ୍କ ବିବାହ ହେବ, ମର୍ତ୍ତ୍ୟରେ ଦାମ୍ପତ୍ୟସୁଖ ଭୋଗ କରିସାରିବା ପରେ ପୁନର୍ବାର କୈଳାସକୁ ସେମାନେ ଫେରିବେ । ଶିବପାର୍ବତୀଙ୍କର ବର ସଫଳହେଲା ।

୨ୟ ଛାନ୍ଦ—ତପୀବର ଜନପ୍ରସ୍ଥ ଚନ୍ଦ୍ରକଳା ଗର୍ଭରେ ଜନ୍ମ ହେଲେ । କେତେ ସମୟ ପରେ ସହନନ୍ଦନର ଜନ୍ମ । କନକଲତାର ନାମକରଣ । କୁମାର ଓ କୁମାରୀଙ୍କ ବୟସ ବୃଦ୍ଧି ସଙ୍ଗେ ସୌନ୍ଦର୍ଯ୍ୟର ବୃଦ୍ଧି । ୩ୟ ଛାନ୍ଦ—କନକଲତାର ଯୌବନାବସ୍ଥାର ଅପୂର୍ବ ଶୋଭା ବର୍ଣ୍ଣନା । କନ୍ୟା ବୟସ୍ତବତୀ ହେଲା । ୪ର୍ଥ ଛାନ୍ଦ—କୁମାରୀ ଯୁବତୀ ହୋଇ ଥିବାରୁ "ବର ବର ବର" ବୋଲି ରାଜା ମନ୍ତ୍ରୀଙ୍କୁ ଆଜ୍ଞା ଦେଲେ । ଚିତ୍ରପଟ ରୂପରେଖା ଶୋଭା ଅନୁରୂପରେ ବର ସ୍ଥିର କରିବା ମନସ୍ଥ କଲେ । କୁମାରୀ ଚିତ୍ରପଟ ଧରି କାଳସନ୍ଧି ନାମକ ଏକ ଯୋଗୀଙ୍କୁ ଦେଇ ଦେଶ ବିଦେଶ ବୁଲିଲେ । ୫ମ ଛାନ୍ଦ—ଅବଧୂତ କୁମାରୀ ଚିତ୍ରପଟ ଧରି ଦେଶ ଦେଶାନ୍ତର ଭ୍ରମଣ କରୁ କରୁ ଦୈବବଶରେ ଶ୍ରୀନଗରରେ ପହଞ୍ଚି କୁମାରଙ୍କ ସଙ୍ଗେ ଦେଖା କଲେ । ସେ ସମୟରେ ବସନ୍ତ ଋତୁର ଆଗମନ ହେବାରୁ କୁମାର ଅବଧୂତ ଓ ସଙ୍ଗୀ-ମାନଙ୍କ ସହ ଉଦ୍ୟାନ ବିହାର କଲେ । ବେଣା ନୃତ୍ୟ ହେଲା । କୁମାରର ବେଣା ପ୍ରତି ଉତ୍କଣ୍ଠା ଏବଂ ଦୋଷ ପାଇଲା । ଏହା ଦେଖି ଅବଧୂତ ଏ ପ୍ରସଙ୍ଗକୁ ନାପସନ୍ଦ କଲେ । କନକଲତା ଯୋଗ୍ୟ କନ୍ୟା ଏବଂ ପ୍ରମାଣ କରି ଅବଧୂତ ଚିତ୍ରପଟ ଦେଖାଇବାରୁ କୁମାର ମଦନ ଜ୍ୱରରେ ପୀଡ଼ିତ ହେଲା । କନ୍ୟାପ୍ରାପ୍ତିର ଆଶା ଅବଧୂତ ଦେବାରୁ କୁମାର "ତୃଷିତ ଚାତକ ଜଳଦ ଦର୍ଶନ ପରି ତାକୁ ମନେ ମଣିଲା ।"

୬ଷ୍ଠ ଛାନ୍ଦ—ଅବଧୂତଙ୍କଠାରୁ କୁମାର କନକଲତାପାଇଁ ବର ଯାଚନ ପ୍ରସଙ୍ଗ ଶ୍ରବଣ କଲା । ଏକ ଶୁଆକୁ ସବର୍ଣ୍ଣିତ ମନ୍ତ୍ରରେ ମନ୍ତ୍ରିତ କରି ଅବଧୂତ କୁମାରଙ୍କୁ ଦେଲେ । ଏହି ମନ୍ତ୍ର ବଳରେ ଶୁକ ସର୍ବଜ୍ଞ ହେଲା । ଏହି ସର୍ବଜ୍ଞ

ଶୁକ ସାହାଯ୍ୟରେ କୁମାର କେମାକୁ ପାଇବା ନିଶ୍ଚିତ ବୋଲି ଅବଧୂତ କହିଲେ । ଅବଧୂତ ବିଦାୟ ନେଲେ । ୭ମ—ସର୍ବାଙ୍ଗ ଜ୍ୱରର ନାମ ପ୍ରସ୍ୱସ୍ତୀ । କୁମାରୀ ନିକଟକୁ କୁମାରର ଆଦେଶରେ ଶୁକ ବିଶାଳପୁରକୁ ଗମନ କଲା । ବିଶାଳପୁର ବର୍ଣ୍ଣନା । କୁମାରୀକୁ ଦେଖିବା ପାଇଁ ଶୁକ କେଳୀଆରାମରେ ଲୁଚି ରହିଲା । ୮ମ—ବସନ୍ତ ଋତୁ । କେମାର ଚୋଟା ବିହାର । ବନର ଶୋଭା । ମାଧବୀଲତା ତଳେ ରତ୍ନବେଦୀ ଉପରେ ସଖୀମାନେ କେମାଙ୍କୁ ବସାଇଲେ; ମୀନକେତନ ପୂଜା କଲେ । ୯ମ—ଶୁକ କେମାକୁ ଭେଟିବା ପାଇଁ ମାଧବୀଲତା ଉପରେ ବସିଲା । ଶୁକକୁ ଦେଖି କେମା ଧରିବାକୁ ଏକାକୀ ଗଲା । ସଖୀମାନେ ଅନ୍ତର ହେବାରୁ ଶୁକ କେମାଙ୍କ ସହିତ ରହସ୍ୟପୂର୍ଣ୍ଣ ବାକ୍ୟାଳାପ କରି ଏ ଯୁବାବୟସରେ କେମା ଅବିବାହିତା ରହିବା ଅନୁଚିତ ବୋଲି ମତ ଦେଲା । କେମା ଏ ପ୍ରସଙ୍ଗର ଅନୁକୂଳ ମନୋଭାବ ବ୍ୟକ୍ତ କରିବାରୁ ଶ୍ରୀନଗର ରାଜକୁମାର ବସନ୍ତଙ୍କ ପ୍ରସଙ୍ଗ ଉତ୍ଥାପନ କଲା । ଶୁକଠାରୁ କୁମାରର ଶୋଭା ବର୍ଣ୍ଣନ ପ୍ରସଙ୍ଗ ଶୁଣି କେମା ମୁଗ୍ଧ ହୋଇଗଲା; କାମବିକାର ପ୍ରକାଶ ପାଇଲା । ମକର ଯାତ୍ରା ଉତ୍ସବରେ କୁମାରଙ୍କୁ ଯୋଗ ଦେବାପାଇଁ ପ୍ରସ୍ତାବ ଦେଲା । ଶୁକ କୁମାର ନିକଟକୁ ଫେରିଗଲା । ୧୦ମ—ଶୁକ ଯିବାପରେ କୁମାରର ବିରହବେଦନା । ଶୁକର ପ୍ରତ୍ୟାଗମନ ।

୧୧ଶ ଛାନ୍ଦ—କୁମାର ଶୁକ ମୁଖରୁ କେମା ସହିତ ତା'ର ଆଳାପ ପ୍ରସଙ୍ଗ ଶୁଣି ଆନନ୍ଦିତ ହେଲା । ଶୁକ କେମାର ଶୋଭା ବର୍ଣ୍ଣନା କଲା । କୁମାର କୁମାରୀ ଭାବନାରେ ଅହର୍ନିଶ କାଳଯାପନ କଲା । ୧୨ଶ—ବାଳାର ଅନଙ୍ଗପୀଡ଼ା, ବିରହବେଦନା । ବସନ୍ତ ଓ ଗ୍ରୀଷ୍ମ ଋତୁରେ ବିରହ । ୧୩ଶ—ବର୍ଷାଋତୁ । କୁମାରର ବିରହ । କୁମାରୀର ବିରହ । ୧୪ଶ—ଶରଦ ଋତୁ, କୁମାରକୁମାରୀଙ୍କ ବିରହ । ୧୫ଶ—ହିମ ଋତୁ । କୁମାରକୁମାରୀଙ୍କ ବିରହ । ବିଶାଳ ପୁରରେ ମକର ଯାତ୍ରା ଦେଖିବା ପାଇଁ ପିତାଙ୍କଠାରୁ ଅନୁମତି ଆଣି ରାଜକୁମାରର ସସୈନ୍ୟ ପ୍ରସ୍ଥାନ । ପ୍ରଦୋଷ, ରାତ୍ରି ଓ ସନ୍ଧ୍ୟା ବର୍ଣ୍ଣନା ।

୧୬ଶ ଛାନ୍ଦ—ରସାନ୍ତକଙ୍କ ସୈନ୍ୟଯାତ୍ରା ବର୍ଣ୍ଣନା । କର୍ଣ୍ଣାଟପୁରରେ ପ୍ରବେଶ । ପୁର ଓ ପୁରବାସୀଙ୍କ ବର୍ଣ୍ଣନା । ୧୭ଶ—କର୍ଣ୍ଣାଟପୁରରେ ରସାନ୍ତକଙ୍କ ପ୍ରବେଶ । ନଗରବାସୀଙ୍କ ଉତ୍କଣ୍ଠା । କୁମାରଙ୍କ ଶୋଭା ଦର୍ଶନରେ ପୁରନାରୀଙ୍କ କାମବିକାର । ଅନ୍ୟ ଦେଶର ରାଜାଙ୍କ ପ୍ରବେଶ । ଶୁକ କୁମାରଙ୍କ ଆଦେଶରେ କୁମାରୀଙ୍କ ସ୍ୱପ୍ନ ଦେଖା କରି ମଦନ ଯାତ୍ରା ଦେଖିବାକୁ କୁମାରୀ ଉତ୍କଣ୍ଠିତା କରାଇଲା । ୧୮ଶ—ମଦନ ଯାତ୍ରାର ବର୍ଣ୍ଣନା ।

୧୯ଶ ଛାନ୍ଦ—ମଦନ ଯାତ୍ରା । କୁମାରୀ କୁମାରଙ୍କୁ ଦୂତକୁ ପେଷିଲା । ଯାତ୍ରାରେ ସମବେତ ରାଜାମାନଙ୍କୁ ଛବି ପ୍ରେମାକୁ ଚହଲାଇ ଦେଲା । ପ୍ରେମା ରସାନ୍ତକର ଶୋଭା ଦେଖିଲା । ଦୁହିଁ ଚାରି ମିଳନ ହେଲା । କନକଲତାର କାମବିକାର । ୨୦ଶ—ମଦନ ଯାତ୍ରା ବେଳେ ରାଜପ୍ରେମାକୁ ଦେଖିବା ପାଇଁ ଦେବଦଳନପୁରର ଅନୁରୂପ ରାଜପୁତ୍ର ବେଶରେ ପ୍ରବେଶ ହେଲା । ସେ କୁତ୍ସିତ କରିବାରୁ ଯୁଦ୍ଧ ହେଲା । ଉପସ୍ଥିତ ରାଜାମାନେ ପରାସ୍ତ ହେଲେ । ରସାନ୍ତକ ଯୁଦ୍ଧ କରି ରାଜାକୁ ପରାସ୍ତ କଲେ । ଯୀବସିଂହ ଶେଷ ସନ୍ତୋଷ ଲାଭ କଲେ ଏବଂ ରସାନ୍ତକଙ୍କୁ ସ୍ୱପୁରକୁ ନେଇ ବହୁ ସମ୍ମାନ କଲେ । ରାଜା ସନ୍ତୁଷ୍ଟ ହୋଇ ରସାନ୍ତକଙ୍କୁ କନ୍ୟାଦାନ କରିବା ପ୍ରସ୍ତାବ କଲେ । ବିବାହ ଆୟୋଜନ ।

୨୧ଶ ଛାନ୍ଦ—କନକଲତାର ଆନନ୍ଦ । ୨୨ଶ—ପ୍ରେମିକ ପ୍ରେମିକାଙ୍କ ପ୍ରେମ ବିଚାର । ବିବାହର ଆୟୋଜନ । ୨୩ଶ—ବିବାହ ବିଧାନ । ୨୪ଶ—ମଧୁଶଯ୍ୟା । ୨୫ଶ—କନକଲତା ସୁରତ ବିଧାନ । ୨୬ଶ—ରତାନ୍ତ ବିଧାନ । ୨୭ଶ—ବରକନ୍ୟାଙ୍କ ସ୍ୱନଗର ଯାତ୍ରା ବର୍ଣ୍ଣନା । ୨୮ଶ—ଶ୍ରୀପଞ୍ଚମୀ ଦିନ ଶ୍ରୀନଗରରେ ବରକନ୍ୟାଙ୍କ ପ୍ରବେଶ । ୨୯ଶ—ରାଜା ରାଣୀ ପୁତ୍ର ଓ ବଧୂଙ୍କୁ ଦେଖି ପରମ ଆନନ୍ଦ ଲାଭ କଲେ । ଦମ୍ପତୀଙ୍କ ପ୍ରେମ ଜୀବନ ।

ସଂକ୍ଷିପ୍ତ ଅଥଚ ସାର୍ଥକ ବର୍ଣ୍ଣନାର କେତେକ ଉଦାହରଣ

ସନ୍ଧ୍ୟା ସମୟରେ ତିମିର ଶୋଭା—

ତରୁମାଳ ମୂଳେ କେଡ଼େ ଛବି,
ଏଣୁ କରି ମାନସ ଏମନ୍ତ ଭାବ ଯେ ।

କିବା ଦିଶାଇ ତହିଁ କାମଦହନ,
ବିରହୀତୃଣ ଦହିବାକୁ ବହ୍ନ ଯେ । ୬ ।

ଗିରିନୋହେ ସେ କିବା ନବବନୀତା,
ଯେନଛି ମସ୍ତକରେ ସିନ୍ଦୂର ଟିକା ଯେ । ୭ ।

ବିରହୀ ନାଶିବାକୁ ଉତ୍ପାତ କି ସେ,
ଗିରିଶିଖରେ କୋକନଦ ବିକଶେ ଯେ । ୮ ।

କି ଅବା ଅନୁରାଗ କୋକନଦର,
ଧାତା ରଖିଛି ନେଇ ଗିରି ଶିଖର । ୯ ।

ଦିଗ ନାଗରୀ ଦେଖି ନାୟକ ଦୋଷ,
ମାଣ୍ଡି ଦେଇଛି ଅବା କରୁଣ ରୋଷ ଯେ । ୧୦ ।

ଗିରି ତରୁରେ କିବା ସୁରଙ୍ଗ ଫଳ,
କି ଅବା କୁପିତ ମର୍କଟ କପୋଳ ଯେ । ୧୧ ।

ବାରୁଣୀ ଭଜି ରବି ହେଲେ ଅତେଜ,
ବିଷାଦରେ ମଜ୍ଜିଲେ କଞ୍ଜ ସମାଜ ଯେ । ୧୨ ।

ତା ଦେଖି ଦିନଶୋଭା ଅତି ବିରସେ,
କର ପ୍ରହାର କଲା ହୃଦସ୍ଥ ଦେଶେ ଯେ । ୧୩ ।

ତହିଁରୁ କି କୁଙ୍କୁମ ରଜ ଉଡ଼ିଲା,
ସନ୍ଧ୍ୟା ଛଳେ ସେ ଦିଗ ଆଚ୍ଛାଦ ଦେଲା ଯେ । ୧୪ ।

କିବା ସେ ଦିଗନାରୀ ଲଜ୍ଜାକୁ ପାଇ,
ବଦନ ରଙ୍ଗବାସେ ଅଛି ଘୋଡ଼ାଇ ଯେ । ୧୫ ।
(୨୮ଶ ଛାନ୍ଦ)

ଚଫରେ କେମାର ଶୋଭା : ଅବଧୂତ କୁମାରର ବିଶେଷ ଅନୁରୋଧରେ ଚିତ୍ରପଟ ଦେଖାଇଲା—

କୁମାର ସ୍ୱର ଦେଖି ଯଥା ବୋଲନ୍ତି ଦେଖିବାକୁ ତା ଜପ ଅଛୁ,
କେବଳ କହୁଛୁ ରାମା ପର ନୋହେ ଅଦ୍ଭୁତ କହିଲ ହୋଇଛୁ ।
ଏତେକ, ଶହୁ ଭାବିଲେ ଚିତ୍ରପଟ,
ଦେଖିଲେ ରୂପଚିତ୍ର ଯାହା କେଲି ସେ ତାହା ଭରତ ପ୍ରକଟ । ୧୯ ।

ପଟ ଫେଡ଼ିଲେ ରାମାମୂର୍ତ୍ତି ଝଟକ ନେତ୍ର ମଟକ ଅଟକିଲ,
ଲମ୍ପଟ ହୋଇ ହାଟକରୋଷ ଭେଟ ହେଲ କହିଲେ ବସୁରକ ।
ଜ ଅବା, ମିଥ୍ୟା ମୁଁ ଦେଖୁଛୁ ସ୍ୱପନ,
ସ୍ୱପନ ହେବ ମୁଁ ଜ କର ବୋଲିବ ନିଦ୍ରାତ ନାହିଁ ମୋ ନୟନ ।
୨୦ । × ×

ପ୍ରଭୀଙ୍କ ଦେଖିକ ନୟନ ପୁରିଲ ବସୁର ସ୍ତମ୍ଭିତ ହରେଷି,
ଯେଉଁ ଅଙ୍ଗରେ ଅକ୍ଷି ଯାଇ ପଡ଼ିଲ ସେହି ଠାବରେ ରହେ ଲସି ।
ତହିଁ, ମନ୍ତ୍ରେ ସେହି ଅଙ୍ଗ ଶୋଭାରେ,
ମିଳିବୁ ଶ୍ୱାସଲ ଏହା ପର ଦେହ ଏବ ନନ ଏଥୁ ଉପାରେ । ୨୩ ।
(୫ମ ଛାନ୍ଦ)

ଆଶ୍ରମର ସୌନ୍ଦର୍ଯ୍ୟ—

ଏତେକ ଶୁଣ ତର ପକ୍ଷୀଗଣ, ହେଲ କ୍ରୀଡ଼ା ଉଦ୍ୟାନରେ ପ୍ରବେଶ ।
ଫଳ ବୃକ୍ଷରେ ହୋଇଛୁ ଶୋଭନ, ଝୁଲୁଛୁ ଭ୍ରମର କୋକିଳ ପୁନ ସେ ।
ଅତ ରମଣୀୟ ସ୍ଥାନ ସେ,
ସରସୀର ସରସିଜ ଫୁଟିଅଛୁ, ଚରିନ୍ତି ହଂସ ମିଥୁନ ସେ । ୧୧ ।

ସ୍ଫଟିକ ଘଟିତ ତହିଁ ପାବଚ୍ଛ, ମାଧବୀ ଲତା ଅଛୁ ଖାର କଚ୍ଛୁ ।
ଅଛୁ କେତକୀ ତହିଁ ମୂଳେ ଶୋହେ, ବୁଦ୍ଧିରେ ଜନନେତ୍ର ମନ ମୋହେ ସେ
ଦେଖି ତର ତାହା ଦ୍ୱିଜ ସେ,
ବସିଲ ସେହିଠାବରେ ଗୋପନରେ ଦେଖିବାକୁ ନାୟ ରାଜସେ । ୧୨ ।
(୬ମ ଛାନ୍ଦ)

ଏହିପରି ବନବିହାର ଓ କେତେକ ଋତୁ ଆଦିର ବର୍ଣ୍ଣନା ସଂକ୍ଷେପରେ କରାଯାଇଛି । ବନବିହାରରେ ସଖୀମାନଙ୍କସହ ନାୟିକାର କୌତୁକ ପୂର୍ଣ୍ଣ ଆଳାପ ସଂକ୍ଷିପ୍ତ ଓ ସରଳ ହୋଇଥିବାରୁ ଦୀନକୃଷ୍ଣ, ଉପେନ୍ଦ୍ର, ସଦାନନ୍ଦ ଓ ପଦ୍ମନାଭ ଶ୍ରୀଚନ୍ଦନ ପ୍ରଭୃତି କବିମାନଙ୍କ ବନବିହାର ବର୍ଣ୍ଣନା ପରି ସେତେ ରମଣୀୟ ହୋଇନାହିଁ ।

କବି ରାଜା ନିତ୍ୟାନନ୍ଦ ଭଞ୍ଜ କାଳ୍ପନିକ ପ୍ରେମକାବ୍ୟର ଅଳଙ୍କାରଶାସ୍ତ୍ର-ସମ୍ମତ ଯାବତୀୟ ଲକ୍ଷଣ କନକଲତାରେ ସନ୍ନିବେଶ କରିଛନ୍ତି । କଳ୍ପନାନୁ-ସାରୀ କାବ୍ୟଟିର କଳେବର କ୍ଷୁଦ୍ର ହୋଇଥିବାରୁ କବି ଯାବତୀୟ ପ୍ରସଙ୍ଗକୁ ଠିକେ ଠିକେ ବର୍ଣ୍ଣନା କରିଥିଲେହେଁ ପ୍ରତ୍ୟେକ ବର୍ଣ୍ଣନା ପାଣ୍ଡିତ୍ୟପୂର୍ଣ୍ଣ ହୋଇଛି । ନଗର, ନାୟକ, ନାୟିକା, ଋତୁ, ଗିରି, ଆଗମ, ସନ୍ଧ୍ୟା, ପ୍ରଭାତ, ରାତି, ସୈନ୍ୟ ଯାତ୍ରା, ଯୁଦ୍ଧ, ବିବାହ ବିଧାନ ଓ ବିରହାଦି ପ୍ରଭୃତି ପ୍ରସଙ୍ଗର ବର୍ଣ୍ଣନାଶୈଳୀ ଉପେନ୍ଦ୍ରାଦି କବିମାନଙ୍କ ବର୍ଣ୍ଣନାଶୈଳୀ ସହିତ ତୁଳନୀୟ । ତେବେ, ଉପେନ୍ଦ୍ରାଦି କବିମାନଙ୍କ ବର୍ଣ୍ଣନାବାହୁଲ୍ୟ, ଚମତ୍କାରିତା, ଅମୂଲ୍ୟ ପଦାବଳୀ କନକଲତାରେ ନ ଥିଲେ ମଧ୍ୟ କାବ୍ୟ-ବନିତାଟି ସୁନ୍ଦରୀ ହୋଇଛି । କବିଙ୍କ ପାଣ୍ଡିତ୍ୟ ପ୍ରତ୍ୟେକ ଛାନ୍ଦରେ ଓ ପ୍ରତ୍ୟେକ ପ୍ରସଙ୍ଗରେ ପ୍ରକାଶ ପାଇଛି; ପ୍ରସଙ୍ଗବର୍ଣ୍ଣନା ସଂକ୍ଷିପ୍ତ ହେଲେ ମଧ୍ୟ ସାରତତ୍ତ୍ୱ ନିର୍ଦ୍ଦେଶ କରିବାରେ କବି ଯଥେଷ୍ଟ ଶକ୍ତି ପ୍ରଦର୍ଶନ କରିଛନ୍ତି । ଅଳଙ୍କାର ପ୍ରୟୋଗ-ସମ୍ଭାର ପ୍ରଦର୍ଶନ କବିଙ୍କ ମୁଖ୍ୟ ଲକ୍ଷ୍ୟ ଥିବାରୁ କାବ୍ୟ-କଥାବସ୍ତୁକୁ କବି ଗୌଣଭାବରେ ଗ୍ରହଣ କରିଥିବା ସ୍ପଷ୍ଟ ହେଉଛି । ଅଳଙ୍କାର ପ୍ରୟୋଗ ଦୃଷ୍ଟାନ୍ତ ଗ୍ରନ୍ଥ ରୂପେ କନକଲତା କାବ୍ୟଟି ଓଡ଼ିଆ ସାହିତ୍ୟରେ ବିଶିଷ୍ଟ ସ୍ଥାନ ଅଧିକାର କରିଛି ।

ଅଷ୍ଟମ ପରିଚ୍ଛେଦ

କୃପାସିନ୍ଧୁ ଦାସାଦ୍ଧ କେତେକ କବି

କୃପାସିନ୍ଧୁ ଦାସ

'ବ୍ରଜ ବିହାର' ଓଡ଼ିଆରେ ଗୋଟିଏ ସଙ୍ଗୀତକାବ୍ୟ ଅଟେ । ପ୍ରାଚୀନ ସାହିତ୍ୟପ୍ରେମୀମାନଙ୍କ ପକ୍ଷେ ଏହା ଏକ ଉପାଦେୟ ଅଟେ । ବ୍ରଜ ବିହାରର ବର୍ଣ୍ଣନାଭଙ୍ଗୀ ଓ ଭାଷାର ମାଧୁର୍ଯ୍ୟ ମନୋମୁଗ୍ଧକର । ରାସକଲ୍ଲୋଳ, ବିଦଗ୍ଧ ଚିନ୍ତାମଣି, ମଥୁରାମଙ୍ଗଳ ପ୍ରଭୃତି କାବ୍ୟଗ୍ରନ୍ଥ ପରି ବ୍ରଜ ବିହାର ମଧ୍ୟ ଲୋକସାଧାରଣଙ୍କ ଅତି ସୁପରିଚିତ ।

ବ୍ରଜ ବିହାରର ପ୍ରଣେତା କୃପାସିନ୍ଧୁ ଦାସ ନିଜର ବଂଶ ପରିଚୟ ସମ୍ବନ୍ଧରେ ଶେଷ ଛାନ୍ଦରେ ଲେଖିଛନ୍ତି—

ଶ୍ରୀ ବରଦେଶ୍ୱର ନାମ ଗଜପତି ନୃପୋତ୍ତମ,
ନେଇ ଅଙ୍କ ତନୀ ମାସ ବୃନ୍ଦାରେ ପଞ୍ଚମୀରେ ପୂର୍ତ୍ତିକାମ ।
ଗ ଣ ଯୋଡ଼ା ସ୍ଥଳେ ଜାତ ପିତା ଭଗୀରଥ ଖ୍ୟାତ,
ଦେବତା ବ୍ରାହ୍ମଣ ବୈଷ୍ଣବ ସେବାରେ ଯାହାର ନିମଗ୍ନ ଚିତ୍ତ ।

ଲକ୍ଷେ ନାମ ଜପ କଲ୍ପାରେ ହେତୁ ତୁଷ୍ଟ,
ତେଣୁ ବଡ଼ ମହାପ୍ରଭୁ କ୍ଷେତ୍ର ରଟିଦେବେ ଦଳଭୂରେ ଭେଟ ।
ଏହି ପୁଧା ଭୁଜ ନନ୍ଦ ଏକମଣି ପୁଧା ଭବ,
ବାସୁଦେବ ଗୋପୀନାଥ ଶ୍ରୀଚରଣ ଶରଣ କମଳାଧବ ।

ଭୃଙ୍ଗର ଶୋଠ କରଣ ଦେଇ ସୁରଭିପୁର,
ଦେଇ ମହାପ୍ରଭୁ ଦାରମାସୀ ଯାତ୍ରା କାର୍ଯ୍ୟରେ କଲେ ନିପୁଣ ।

ଏହିଠାରେ କୃପା ଲେଶ କରିଦେଲେ କ୍ଷେତ୍ରବାସ,
ବୋଲେ କୃପାସିନ୍ଧୁ ଦୀନବନ୍ଧୁ ନାମ ମୋଠାରେ କଲେ ପ୍ରକାଶ ।

ଏହି କୋଠ କରଣ କୃପାସିନ୍ଧୁଙ୍କ ବଂଶରେ ଆହୁରି କେତେ ଜଣ କବି ଥିବା ଶୁଣାଯାଏ । ସେମାନଙ୍କ ନାମ ଆଜିପର୍ଯ୍ୟନ୍ତ ମିଳିନାହିଁ ।

କବି ବୀରକିଶୋର ଦେବ (୧ମ)ଙ୍କ (ଖ୍ରୀ: ୧୭୩୭-୧୭୯୨) ୧୩ ଅଙ୍କ ଅର୍ଥାତ୍ ଖ୍ରୀ: ୧୭୪୮ ରେ ଏହି ଗ୍ରନ୍ଥଟି ସମ୍ପୂର୍ଣ୍ଣ କରିଥିଲେ ।

ବ୍ରଜ ବିହାର ବିଭିନ୍ନ ରାଗରେ ଏକୋଇଶଟି ଛାନ୍ଦରେ ରଚିତ । ଶ୍ରୀକୃଷ୍ଣଙ୍କ ବାଲ୍ୟକାଳରୁ କୈଶୋର ଅବସ୍ଥା ପର୍ଯ୍ୟନ୍ତ ଗୋପପୁର ଲୀଳା ଚରାଚରିତ ଆଦି-ରସାଶ୍ରିତ କାବ୍ୟ ଶୈଳୀରେ ପ୍ରକାଶ ପାଇଛି । ରାଧା ଓ ଶ୍ରୀକୃଷ୍ଣଙ୍କ ପ୍ରେମ କାହାଣୀ ଅତି ମଧୁର ଭାବରେ ବର୍ଣ୍ଣିତ ହୋଇଅଛି । ନାୟିକା ଭେଦରେ ରାଧାଙ୍କ ଅବସ୍ଥା ବର୍ଣ୍ଣନା କରାଯାଇଛି । ସମଗ୍ର ଗ୍ରନ୍ଥଟି ଆଦିରସର ଉତ୍କଟ ପ୍ରକାଶରେ ପୂର୍ଣ୍ଣ ।

ନିଜର କବିତା କି କି ଲକ୍ଷଣ ଯୁକ୍ତ ହେବ କବି ତାର କଳ୍ପନା ପ୍ରଥମ ଛାନ୍ଦରେ ଦେଇଅଛନ୍ତି ।

ହେବ ଏ ବନିତା ନିତାନ୍ତରେ ମୋ କବିତା,
ନାନାଲଙ୍କାର କାରଣରେ ସୁମଣ୍ଡିତା ।
ଧ୍ୱନିବନ୍ତ ପଦ ପଦକରେ ହୋଇଥିବ,
ସନ୍ତତ ଇଙ୍ଗିତ ରୀତି ରସେ ପ୍ରମୋଦିବ ।

ସମସ୍ତ ଲକ୍ଷଣା-କ୍ଷଣାତ୍ମକ ହେବ ନାହିଁ,
ହାବଭାବ ବସି ବଶୀକୃତ ଶୁଣ କହି ।
ଗୁଣରେ ପ୍ରକଟ କଟକାଦି ଅଲଙ୍କାର,
କଣା ଟଣ୍ଡ ପରି ପରସ୍ପରେ ଦୋଷକାର ।

ଉପାଦେୟ ତାର ତାରତମ ଏଥି କରି,
ବିଶେଷ ବିଧିରେ ଧୀରେ ନେବ ତା ବିଗ୍ରହ ।

ଉଚ୍ଚାଟ ବାସନା ସନାତନ ଆନ୍ତାପ୍ରାନ୍ତେ,
ଭାବୀ ଉଦେ ଆଉଁ ସ୍ଥାୟୀହିବେ ଶୋକ ପାଏ ।
ଜୁଠାପନା ସ୍ତବ କଲ୍ପନା କୋଳସ,
ସଦାପି ବନ୍ଧତ ଦୃଢ ଭାବୀରୁ ନରସ । (୧ମ ଛାନ୍ଦ)

ଉକ୍ତଙ୍କ ପଦ ଅଳଙ୍କାର ବହୁଳ ସ୍ଥଳରେ ବ୍ୟବହାର କରି ନ ଥିଲେ ମଧ୍ୟ ଯେଉଁ ଅଳ୍ପ ପଦମାନରେ ହୋଇଅଛି, ସେଥିରେ କୃତିତ୍ୱ ରହିଛି । ସନ୍ଧ୍ୟା ବର୍ଣ୍ଣନାବେଳେ ବହ୍ନାସ୍ତ ପଥିକ ଓ ପ୍ରୋଷିତ ଭାର୍ଯ୍ୟାଙ୍କ କଥୋପକଥନ, ରସଗର୍ଭିତ ବସ୍ତୁର ବର୍ଣ୍ଣନା କରିବାରେ ଉଚ୍ଚ ଦୌଶେଷ ବୁଣ୍ୟବୋଧ କରି ନାହାନ୍ତି । ତାଙ୍କ ପୂର୍ବରୁ ଉପେନ୍ଦ୍ର ଭଞ୍ଜ, ଦେବନାଥ କଦାଧରାଦ କବିମାନେ ସନ୍ଧ୍ୟା ବର୍ଣ୍ଣନାବେଳେ ବିଦେଶୀ ପୁରୁଷ ଓ ବିରହୀ ସ୍ତ୍ରୀଙ୍କ ବିଳାପ କଥନ ସେମାନଙ୍କର କାବ୍ୟରେ ଲେଖିଛନ୍ତି । କବି ସେମାନଙ୍କୁ ଅନୁସରଣ କରିଥିବା ଅସମ୍ଭବ ନୁହେଁ । ତେବେ, ରାଧା-କୃଷ୍ଣ ଲୀଳା ପ୍ରସଙ୍ଗରେ ଏହାର ଅବତାରଣା ରୁଚି ବିରୁଦ୍ଧ ମନେ ହେଲେ ମଧ୍ୟ ପରଂପରା ଏହାକୁ ସମର୍ଥନ କରୁଛି ।

କଲହାନ୍ତରିତା ରାଧା ଓ ବିରହୋତ୍କଣ୍ଠିତା ରାଧାଙ୍କର ଅବସ୍ଥା ବର୍ଣ୍ଣନା ବଡ଼ ସୁନ୍ଦର ହୋଇଅଛି । ବିରହ କାଳରେ ରାଧାଙ୍କଠାରୁ ପତ୍ର ନେଇ ଶ୍ରୀକୃଷ୍ଣଙ୍କଠାରେ ଦୂତୀ ଯେଉଁ କରୁଣ ସ୍ୱରରେ ରାଧାଙ୍କ କରୁଣ ଅବସ୍ଥା ବର୍ଣ୍ଣନା କରି ମାନ ପରିତ୍ୟାଗ କରିବା ନିମନ୍ତେ ପ୍ରାର୍ଥନା କରୁଛି ସେହି ଅଂଶଟି ସମଗ୍ର କାବ୍ୟଟିରେ ଉତ୍କୃଷ୍ଟ ସ୍ଥାନ ଅଧିକାର କରିବ ।

କହିବାରେ ଅଛି ଅଛୁ କି ସେ ରମା
ରହିବାରେ ନାହିଁ ଜୀବନ,
ସହିବାରେ ନାହିଁ ଚନ୍ଦନ ପବନ
କହିବାରେ ନାହିଁ ଲଜ୍ଜନ,
କୃଷ୍ଣ ହେ, ଅହିବାରେ ସମ ମନ୍ଥରୁ,

ସହିବ'ରେ ତୁମ୍ଭ ଦର୍ଶନ-ବଶରୁ
ଦହିବାରେ କାମ ଲଗିଛୁ । (୭ମ ଛାନ୍ଦ)

ସମଗ୍ର ସପ୍ତମ ଛାନ୍ଦଟି ଖୁବ୍ ସୁନ୍ଦର ହୋଇଛି ।

କୃପାସିନ୍ଧୁଙ୍କର 'ସଖୀଗୁରୁଙ୍କ ଚଉତିଶା' ଓ 'ଚରୁର୍ଦ୍ଧା ମୂର୍ତ୍ତି ବର୍ଣ୍ଣନା' ନାମକ ଆଉ ଦୁଇଟି ରଚନା ଥିବାର ଜଣାଯାଏ ।

ଏହି କବିଙ୍କ ସମ୍ବନ୍ଧରେ 'ଓଡ଼ିଆ ସାହିତ୍ୟର ଇତିହାସ'. ନାମକ ପୁସ୍ତକରେ ପଣ୍ଡିତ ବିନାୟକ ମିଶ୍ର ଅନୁମାନ କରିଛନ୍ତି ଯେ ପୂର୍ଣ୍ଣତମ ଚନ୍ଦ୍ରୋଦୟ ପ୍ରଣେତ୍ରୀ ବୃନ୍ଦାବତୀଙ୍କର ବ୍ରଜ ବିହାର ପ୍ରଣେତା ନାଥ ଏବଂ ଦାଢ୍ୟତାଭକ୍ତିରେ ଯେଉଁ କୃପାସିନ୍ଧୁ ଦାସଙ୍କ ଚରିତ ବର୍ଣ୍ଣିତ ଅଛି, ତାହା ଏହି କୃପାସିନ୍ଧୁଙ୍କ ବିବରଣ । ଏହା ଠିକ୍ ନୁହେଁ । ବୃନ୍ଦାବତୀ ଦାସୀଙ୍କ ପୁତ୍ର ନାମ ଶ୍ରୀମ ଦାସ, ଘର ମଲପଡ଼ା ; କିନ୍ତୁ ଏହି କୃପାସିନ୍ଧୁଙ୍କ ପିତାଙ୍କ ନାମ ଭଗୀରଥୀ, ଘର ତାଳଯୋଡ଼ା । ଏ ଜାତିରେ କରଣ । ଦାଢ୍ୟତାଭକ୍ତିର କୃପାସିନ୍ଧୁ ବ୍ରାହ୍ମଣ ଏବଂ ତାଙ୍କର ଘର ଓଡ଼ିଶା ନୁହେଁ, ପଶ୍ଚିମ ଦେଶରେ ।

ରାଜା ପୁରୁଷୋତ୍ତମ ମାନ୍ଧାତା

'ଶୋଭାବତୀ' କାବ୍ୟର କବି ପୁରୁଷୋତ୍ତମ ମାନ୍ଧାତା ନୟାଗଡ଼ର ରାଜା ଥିଲେ । ସେ କେଉଁ ବର୍ଷଠାରୁ କେଉଁ ବର୍ଷ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ ତାହା ଜାଣିବାର ଉପାୟ ନାହିଁ । ଶୁଣାଯାଏ କବି ବିନାୟକ ସିଂହଙ୍କର ପିତାମହ ଥିଲେ । ବିନାୟକ ସିଂହ ୧୮ଶ ଶତାବ୍ଦୀର ଶେଷ ଭାଗରେ ନୟାଗଡ଼ରେ ରାଜତ୍ୱ କରୁଥିଲେ । ଅତଏବ ପୁରୁଷୋତ୍ତମ ୧୮ଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ରାଜତ୍ୱ କରୁଥିବା ସମ୍ଭବପର । ହୃଦେନ୍ଦ୍ର ଭଞ୍ଜଙ୍କ ସମସ ମୟିକ ଥିବା ମଧ୍ୟ ଅସମ୍ଭବ ନୁହେଁ । କେତେକ କହନ୍ତି, ଭଞ୍ଜ ଏହାଙ୍କ ସମୟରେ ନୟାଗଡ଼ରେ କେତେକାଳ ରହିଥିଲେ ।

ରାଜା ପୁରୁଷୋତ୍ତମଙ୍କ 'ଶୋଭାବତୀ' ଗୋଟିଏ କାଳ୍ପନିକ କାବ୍ୟ। ନଦୋର ରାଜା ଜୟସେନଙ୍କ ମଣେଶାମନ୍ତ୍ରୀ କୁମାରୀ ଶୋଭାବତୀ ଓ କାଶ୍ମୀର ରାଜା ପଦ୍ମଧ୍ୱଜଙ୍କ କୁମାରଙ୍କ ପ୍ରଣୟ କଳହ, ପୁନର୍ମିଳନ ପ୍ରଭୃତି କାହାଣୀ ଦଶଟି ଶ୍ରେଷ୍ଠ ଶ୍ରେଷ୍ଠ ଛାନ୍ଦରେ ବର୍ଣ୍ଣିତ ହୋଇଅଛି। କାବ୍ୟଟିରେ କଠିନ ଶବ୍ଦର ବହୁଳ ପ୍ରୟୋଗ ନାହିଁ। ଅଳଙ୍କାର ପ୍ରୟୋଗର ବହୁଳତା ମଧ୍ୟ ଦେଖାଯାଏ ନାହିଁ। କାବ୍ୟଟି ପ୍ରାଚୀନ ପ୍ରେମକାବ୍ୟପଦ୍ଧତିରେ ରଚିତ।

ଭକ୍ତ ଲକ୍ଷ୍ମଣ

ଭକ୍ତ ଲକ୍ଷ୍ମଣଙ୍କ 'ଶ୍ରୀକୃଷ୍ଣଲୀଳାମୃତ' ଏକ ସର୍ବଜନାଦୃତ ବୈଷ୍ଣବ କାବ୍ୟ। ଶ୍ରୀ ବୀରକେଶରୀ ଦେବଙ୍କ [illegible] ଅଙ୍କ ତୁଳ ମାସରେ ଅର୍ଥାତ୍ ୧୭୮୦ ଖ୍ରୀଷ୍ଟାବ୍ଦରେ ସମ୍ପୂର୍ଣ୍ଣ କରିଥିଲେ। ଭକ୍ତ ଲକ୍ଷ୍ମଣଙ୍କ ଜନ୍ମସ୍ଥାନ ସମ୍ବନ୍ଧରେ କିଛି ଜଣାପଡ଼ୁନାହିଁ। ୧୯୦୬ ସାଲରେ ଶ୍ରୀଯୁକ୍ତ ମଧୁସୂଦନ ଦାସ ଏହି କାବ୍ୟର ଭୂମିକାରେ ଲେଖିଥିଲେ—"ଜନରବ ଅଛି ଯେ ଭକ୍ତ କବି ପୁରୀ ଜିଲ୍ଲାର ବୀରପୁର ଶାସନବାସୀ ଜଣେ ବ୍ରାହ୍ମଣ ପଣ୍ଡିତ ଥିଲେ ଏବଂ ତାହାଙ୍କର ପୂର୍ଣ୍ଣ ନାମ ଲକ୍ଷ୍ମଣ ମିଶ୍ର ଥିଲା। ସେ ଅଳ୍ପ ବୟସରେ ବୈଷ୍ଣବ ଧର୍ମ ଗ୍ରହଣ କରିଥିଲେ ଏବଂ ତତ୍କାଳୀନ ବୃନ୍ଦାବନ ପ୍ରଣୋଦିତ ହୋଇ ରାଧାକୃଷ୍ଣ-ଲୀଳା ସମ୍ବନ୍ଧୀୟ କେତେଗୁଡ଼ିଏ ପଦରସଘଟିତ କବିତା ଲେଖିଥିଲେ। ଗ୍ରନ୍ଥଟି ବାଉଣଟି ଛାନ୍ଦରେ ସାତଶ ବାସ୍ତବ ପଦରେ ସଂପୂର୍ଣ୍ଣ।

ଗ୍ରନ୍ଥଟି ଶ୍ରୀରାଧାକୃଷ୍ଣ ଲୀଳା ସମ୍ବନ୍ଧରେ ରଚିତ। ଭାଷା ସଂସ୍କୃତ ବହୁଳ। ସମସ୍ତ ଗ୍ରନ୍ଥଟି ଅଳଙ୍କାରରେ ଭରା। ଏହି ଗୀତ ସମ୍ବନ୍ଧରେ କବି କହନ୍ତି—

ଧବ ଅଙ୍ଗେର ନୟନ, ଗମନ କୁରୁଙ୍ଗ,
ଘଡ଼ ପଡ଼ଲରେ ଶବ ଭଗାଙ୍କ ଦୂର।
ମୋହନ ଅଣ୍ଡ ବ୍ୟଥ ମୋହନ ପ୍ରକାଶ,
ମହାଭାଗ୍ୟ ପୁର ନାହିଁ ଜରଳ ଶବ୍ଦ। (୧ମ ଛାନ୍ଦ)

କବି ଅନେକ ସ୍ଥଳରେ ଏହିସବୁ ନିୟମ ରକ୍ଷା କରିବାରେ ସମର୍ଥ ହୋଇ ପାରିଛନ୍ତି । ୧ମ ଛାନ୍ଦ—ଶ୍ରୀକୃଷ୍ଣଙ୍କ ସ୍ତୁତି । ୨ୟ—ବାସକସଜ୍ଜା । ୩ୟ—ଖଣ୍ଡିତା । ୪ର୍ଥ—କଳହାନ୍ତରିତା, ଗୋପୀମାନଙ୍କର ବର୍ଣ୍ଣନା । ୫ମ—ରାଧାଙ୍କ ବିରହ ବର୍ଣ୍ଣନା । ୬ଷ୍ଠ—ରାଧାଙ୍କ ସ୍ୱପ୍ନ ଦର୍ଶନ ଓ ବିଳାପ । ୭ମ—ରାଧାଙ୍କ ବିପ୍ରଲବ୍ଧା ଅବସ୍ଥା । ୮ମ—କାମ କାତରରେ ବିଳାପ । ଏହି ଛାନ୍ଦଟି ଚଉତିଶା ଧରଣରେ ଲିଖିତ । ୯ମ—ବନ ବର୍ଣ୍ଣନା । ୧୦ମ—ଗୋପୀମାନଙ୍କର ବନଭ୍ରମଣ ବର୍ଣ୍ଣନା । ୧୧ଶ—ଯମୁନା ବର୍ଣ୍ଣନା ଓ ଯମୁନା ତଟରେ ରାଧାଙ୍କ ପହଣ୍ଡ ମଣାଇଁ । ୧୨ଶ—ରାଧାଙ୍କ ଶୋଭା ପ୍ରଶଂସା । ୧୩ଶ—ଶ୍ରୀକୃଷ୍ଣଙ୍କ ବିରହ । ୧୪ଶ—ଦୂତୀଦ୍ୱାରା ରାଧାଙ୍କଠାରୁ କୃଷ୍ଣଙ୍କ ସନ୍ଦେଶ ପ୍ରେରଣ । ୧୫ଶ—ଶ୍ରୀକୃଷ୍ଣଙ୍କ ଆଗରେ ରାଧାଙ୍କ ବିରହ ଦୂତୀ ବର୍ଣ୍ଣନା କରିବା । ୧୬ଶ—ରାଧାଙ୍କ ଗୁଣ ସୁମରି ଶ୍ରୀକୃଷ୍ଣଙ୍କ ମୂର୍ଚ୍ଛା । ୧୭ଶ—ରାଧାଙ୍କ ପାଖରୁ କୃଷ୍ଣଙ୍କ ସ୍ନେହ ପତ୍ରିକା ପ୍ରେରଣ । ୧୮ଶ—ରାଧାଙ୍କ ଅଭିସାରିକା ବେଶ ବଢ଼ାଇବା । ୧୯ଶ—ରାଧାକୃଷ୍ଣଙ୍କ ଅଭିସାର । ୨୦ଶ—ଶ୍ରୀକୃଷ୍ଣଙ୍କ ସ୍ନେହାକାଂକ୍ଷା । ୨୧ଶ—ଦୂତୀ ପ୍ରିୟା ସନ୍ଦେଶ ଦେଇ କୃଷ୍ଣଙ୍କ ମନ ହରଷ କରିବା ଓ ରତି କେଳି ବର୍ଣ୍ଣନା । ୨୨ଶ—କେଳିପୁରରୁ ରାଧାଙ୍କ ମେଲାଣି ।

ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟମାନଙ୍କର ପ୍ରଭାବ ଏ କାବ୍ୟରେ ଦେଖାଯାଏ ।

ତ୍ରିପୁରାରି ଦାସ

ତ୍ରିପୁରାରିଙ୍କ 'ରାମକୃଷ୍ଣ କେଳି କଲ୍ଲୋଳ' ଗୋଟିଏ ଛାନ୍ଦଧରଣର କାବ୍ୟ ।

ତ୍ରିପୁରାରି ଦାସଙ୍କ ସମ୍ବନ୍ଧରେ ବେଶୀ କିଛି ବିଷୟ ମିଳୁନାହିଁ । 'ରାମକୃଷ୍ଣ କେଳି କଲ୍ଲୋଳ'ରେ କବି ନିଜେ ଜାତିରେ କରଣ ବୋଲି ଲେଖିଛନ୍ତି । କବିଙ୍କ ଜନ୍ମସ୍ଥାନ କଟକ ଜିଲ୍ଲା ଅନ୍ତର୍ଗତ ଓମ୍ପଡ଼ା ଜମିଦାରୀର କୁସୁନ୍ଦା ଗ୍ରାମ ବୋଲି କେହି କେହି କହନ୍ତି ।

(୧) ନାଥ ଏ ସାଥକ ଡର ସବ ଆଶା ଦୂର କର,
ଚରଣ ଦାସ ସେ ଶରଣ ମାଗୁଛୁ
କରଣ ତ୍ରିପୁର ଅର । (୪ର୍ଥ ଛାନ୍ଦ)

(୨) ବେଶିତ ଶ୍ରୀମୂର୍ତ୍ତି ତାଙ୍କର
କରଣ ନିପୁର ଅର ମୋକ୍ଷ ଆକର । (୧୭ଶ ଛାନ୍ଦ)

କବି କେଉଁଠାରେ କେଉଁ ସମୟରେ ଏବଂ କାହା ଘରେ ଜନ୍ମ ଗ୍ରହଣ କରିଥିଲେ, ତାହା ଜାଣିବାର ଉପାୟ ନାହିଁ ।

କାବ୍ୟଟି ଅଠେଇଶଟି ଛାନ୍ଦରେ ସମ୍ପୂର୍ଣ୍ଣ । ରାମ ଓ କୃଷ୍ଣଙ୍କର ବାଲ୍ୟଲୀଳା, ଗୋପଲୀଳା, ମଥୁରା ଲୀଳା ପ୍ରଭୃତି ଏଥିରେ ବର୍ଣ୍ଣିତ ହୋଇଅଛି । କାବ୍ୟଟିରେ ଅନେକ ପ୍ରକାର ଅଳଙ୍କାର ବ୍ୟବହୃତ ହୋଇଅଛି । ଋତୁମାନଙ୍କର ବର୍ଣ୍ଣନା ସୁନ୍ଦର ହୋଇଥିଲେ ସୁଦ୍ଧା ରସକଲ୍ଲୋଳ, ବିଦଗ୍ଧଚିନ୍ତାମଣି, ମଥୁରା ମଙ୍ଗଳର ବର୍ଣ୍ଣନା ପରି ରମଣୀୟ ହୋଇନାହିଁ । ଗ୍ରନ୍ଥଟିର ପ୍ରତ୍ୟେକ ଛାନ୍ଦ ଓ ପ୍ରତ୍ୟେକ ଚରଣ ପାଣ୍ଡିତ୍ୟ ପୂର୍ଣ୍ଣ ହୋଇଅଛି । ଗୋଟିଏ ଛାନ୍ଦରେ ଦୁଇଟି ବିଷୟର ବର୍ଣ୍ଣନା ବଡ଼ ଚମତ୍କାର ଭାବରେ ହୋଇଅଛି । ୧୭ଶ ଛାନ୍ଦରେ ବସନ୍ତ ଓ ଗ୍ରୀଷ୍ମ ବର୍ଣ୍ଣନା, ୧୮ଶ ଛାନ୍ଦରେ ପ୍ରଭାତ ଓ ସନ୍ଧ୍ୟା ବର୍ଣ୍ଣନା, ୧୯ଶ ଛାନ୍ଦରେ ବର୍ଷା ଓ ଶରତ ବର୍ଣ୍ଣନା ଏବଂ ୨୦ଶ ଛାନ୍ଦରେ ହିମ ଓ ଶିଶିର ବର୍ଣ୍ଣନା କରାଯାଇଛି ।

ଏହି ଗ୍ରନ୍ଥର ଗୋଟିଏ ପ୍ରଧାନ ବିଶେଷତ୍ୱ ଏହି ଯେ ପ୍ରତ୍ୟେକ ଛାନ୍ଦର ପ୍ରତ୍ୟେକ ଚରଣରେ ଉପଧା ମିଳନ ସୁନ୍ଦର ଭାବରେ ରଖା ଯାଇଛି । ଆଜି ପର୍ଯ୍ୟନ୍ତ ଓଡ଼ିଆ ଭାଷାରେ ଯେତେଗୁଡ଼ିଏ କାବ୍ୟର ସନ୍ଧାନ ମିଳିଛି ବା ପ୍ରକାଶିତ ହୋଇଛି, କୌଣସିଠାରେ ସମଗ୍ର ଗ୍ରନ୍ଥଟିରେ ଉପଧା ମିଳନ ରଖା ଯାଇଥିବା ଦେଖାଯାଇ ନାହିଁ । କେହି କେହି ଗୋଟିଏ ଗୋଟିଏ ଛାନ୍ଦରେ ରଖି ପାରିଛନ୍ତି, କିନ୍ତୁ ନିପୁରାଣ ୨୮ଟି ଯାକ ଛାନ୍ଦରେ ଉପଧା ମିଳନ ରଖି ପାରିଛନ୍ତି । ଉପଧା ମିଳନ ରଖି ମଧ୍ୟ ସେ ବିଷୟକୁ ଦୁର୍ବୋଧ କରି ନାହାନ୍ତି । ସେ ବଡ଼ କୃତିତ୍ୱ ସହକାରେ ଏହି କଷ୍ଟସାଧ୍ୟ ବିଷୟକୁ ଆୟତ୍ତ କରିପାରିଛନ୍ତି ।

ନିମ୍ନରେ କେତୋଟି ପଦ ଦିଆଗଲା । କବି ଯମକ ଓ ଉପଧା ମିଳନ ଶୋଭନ ଭାବରେ ପ୍ରୟୋଗ କରିଥିବା ଜଣାଯାଉଛି—

(୧) ଛିତି ନାୟକ, ପ୍ରୀତି ଦାୟକ, ପଞ୍ଚସାୟକ ଛବି ।
ଶ୍ୟାମ ବିଗ୍ରହ, କାମ ନିଗ୍ରହ, ଗୋକୁଳାମ୍ବୁଜ ରବି ।
(୨) ଦୀନବାନ୍ଧବ, ସିନ୍ଧୁଜା-ଧବ, ଭବ ବିଭବ ରସେ,
ଲୀଳା ରଚନା, ଏ ବିବେଚନା, ଭଗତ ଭାବ ବଶେ ।
(୩) ଶୋଭିତ ବନେ, ଲୋଭିତ ମନେ, ବିହରି ପ୍ରିୟା ସଙ୍ଗେ ।
ରସ ଭୂଷିତ, ଭାଷନ୍ତି ସ୍ମିତ, ହାସ ଦେଖାଇ ରଙ୍ଗେ ।
(୪) ହେ ଭାବବତି, ନବ ଯୁବତି, ତୁ ମୋ ହରିଜ ହାର ।
ଶ୍ୟାମ ସୁନ୍ଦର, ନୁହଁତ ହର, କିମ୍ପା ଏ ଅଧାହାର ।
(୫) ତୁ ମୋର ଶିର, ସୁମନା ଧୀର, ଗମନା ନୃପ ବାଳୀ ।
ଏହା ନିସର୍ଗ, ନୁହଇ ସ୍ୱର୍ଗ, ବୃଥା ଭାଷିଲ ଭାଳି । (୧୯ଶ ଛାନ୍ଦ)

ରତ୍ନାକର ଦାସ

'ସାରସ୍ୱତ ଗୀତା' ଯୋଗଶାସ୍ତ୍ର ସମ୍ବନ୍ଧରେ ପ୍ରାକୃତ ଭାଷାରେ ଗୋଟିଏ ବହୁଜନାଦୃତ ଗ୍ରନ୍ଥ । ରତ୍ନାକର ଦାସ ଧର୍ମତତ୍ତ୍ୱ-ସମ୍ବନ୍ଧୀୟ ନିଗୂଢ଼ ବିଷୟ ବଡ଼ ସରଳ ଭାଷାରେ ସାଧାରଣ ଲୋକେ ବୁଝିପାରିବା ଭଳି ବ୍ୟକ୍ତ କରି ଯାଇଛନ୍ତି । ସାହିତ୍ୟିକ ବିଚାରରେ ଏହାର ବିଶେଷ ସ୍ଥାନ ନାହିଁ । ଯୋଗତତ୍ତ୍ୱ ସମ୍ପର୍କୀୟ ଗ୍ରନ୍ଥମାନଙ୍କ ଭିତରେ କବିଙ୍କ ଗ୍ରନ୍ଥଟି ବିଶିଷ୍ଟ ସ୍ଥାନ ଅଧିକାର କରୁଛି ।

କବିଙ୍କ ସମୟ ଜାଣିବାର ଉପାୟ ନାହିଁ । ସେ ନିଜର ବଂଶ ପରିଚୟ ସମ୍ବନ୍ଧରେ ଯାହା ଲେଖିଅଛନ୍ତି, ତାହା ନିମ୍ନରେ ଉଦ୍ଧୃତ ହେଲା—

ଶ୍ୟାମସୁନ୍ଦର ପୁତ୍ର ମୁହିଁ, ସ୍ୱନ ରତ୍ନଦାସ ବୋଲଇ ।
ମାତାଙ୍କ ନାମ ଅପଦାସୀ, ଶ୍ରୀହରି ପାଦେ ଦାସ ଦାସୀ ।
ତାହାଙ୍କ ଗର୍ଭେ ଜାତ ମୁହିଁ, ଜାତିରେ ଭୂଲିଆ ଅଟଇ ।

ଗଙ୍ଗା ଗୟାରେ ପିଣ୍ଡ ଦାନ ନ କଲି ଗୁରୁ ସେବା ଧର୍ମ ।
ସେ ପିତା ମାତାଙ୍କ ମୋହର, ସେବା ମୁଁ ନ କଲି ପାମର ।
ମୁଁ ଗ୍ରହ ଜାତି ଲୁଗା ବୁଣା, ସୂତା ରମ୍ଭରେ ତନମନା ।
ଅଷ୍ଟାଙ୍ଗ ଯାକ ରଙ୍ଗ ମଧ୍ୟେ, କେବଳ ଶ୍ରୀହରି ସୁଦସ୍ଥେ ।

(୧୪ଶ ଅଧ୍ୟାୟ)

କହଇ ସ୍ୱାନ ଚନ୍ଦ୍ର ଦାସ, ଶ୍ୟାମ ଦାସର ଜ୍ୟେଷ୍ଠ ଶିଷ୍ୟ ।

(୧୮ଶ ଅଧ୍ୟାୟ)

ସେ ଜାତିରେ ଭୁଲିଆ (ତନ୍ତୀ) । ଓଡ଼ିଶାର ସମ୍ବଲପୁର ଅଞ୍ଚଳରେ ଏବଂ ଉତ୍ତର ଓ ପଶ୍ଚିମ ଓଡ଼ିଶାରେ ବହୁ ସଂଖ୍ୟକ ଭୁଲିଆ କୁଟୁମ୍ବ ଦେଖାଯାନ୍ତି । ସମ୍ବଲପୁର କିମ୍ବା ପଶ୍ଚିମ ଓ ଉତ୍ତର ଓଡ଼ିଶାରେ ଏହାଙ୍କ ବାସସ୍ଥାନ ଥିବା ସମ୍ଭବ । କବିଙ୍କ ପିତାଙ୍କ ନାମ ଶ୍ୟାମସୁନ୍ଦର ଦାସ, ମାତାଙ୍କ ନାମ ଅପଦାସୀ । କବି ଶ୍ୟାମସୁନ୍ଦରଙ୍କ ଜ୍ୟେଷ୍ଠ ପୁତ୍ର । କବି ସ୍ୱକୁଳ ବ୍ୟବସାୟରେ ଲିପ୍ତ ରହି ସୁଦ୍ଧା ସେ ଏତେ ସୁନ୍ଦର ତାତ୍ତ୍ୱିକ ଗ୍ରନ୍ଥ ଲେଖି ପାରିଥିଲେ ।

ଚନ୍ଦ୍ରମଣି ଦାସ

ଚନ୍ଦ୍ରମଣି ଦାସ 'ସୁଧାସାର ଗୀତା'ର ପ୍ରଥମ ଅଧ୍ୟାୟରେ ଲେଖିଛନ୍ତି ଯେ ସେ ଦିନେ ନିଦ୍ରା ଯାଇଥିଲେ, "ସୁସୁପ୍ତି ଭେଦରେ ବସି ସ୍ୱପନ ଦେଖୁଥିଲେ ।" ଏପରି ସମୟରେ ଶୂନ୍ୟରୁ ଗୋଟିଏ ଶବ୍ଦ ଶୁଭିଲା ଏବଂ ସଙ୍ଗେ ସଙ୍ଗେ ମହାଜ୍ୟୋତି ରୂପ ଦେଖାଗଲା । ସେ ମହାଜ୍ୟୋତି ରୂପକୁ ବନ୍ଦନା କରି କବିତା ଲେଖିବାକୁ ମନ ବଳାଇଲେ । ସ୍ୱୟଂ ଲକ୍ଷ୍ମୀନାରାୟଣ ତାଙ୍କୁ ଆଶୀର୍ବାଦ କରି ଭକତଙ୍କ ସଙ୍ଗେ ମିଳା କରିଣ ବୈଷ୍ଣବ ଦୀକ୍ଷା ଦେଲେ ଏବଂ ଆନନ୍ଦ ଭାବରେ ସୁଧାସାର ଗୀତା ରଚନା କରିବାକୁ କହିଲେ । ତାଙ୍କର ଆଜ୍ଞାରେ କବି ଗୁରୁ ଶିଷ୍ୟ ସମ୍ବାଦରେ କଠିନ ଯୋଗଶାସ୍ତ୍ର ଜ୍ଞାନମିଶା ଭକ୍ତିକୁ ଅତି ପ୍ରାଞ୍ଜଳ ଭାଷାରେ ୧୮ଟି ଅଧ୍ୟାୟରେ ରଚନା କରି ଅଛନ୍ତି । ସମାଧି ଯୋଗରେ ବସି ଚୈତନ୍ୟ ଗୁରୁ ମନକୁ ସବୁ ତତ୍ତ୍ୱ ବ୍ୟକ୍ତ କରୁଅଛନ୍ତି ।

ବହିଟିରେ ଲକ୍ଷ୍ମୀନାରାୟଣ ପ୍ରସନ୍ନ, ମନ ଚୈତନ୍ୟ ବୋଧନ, ଆତ୍ମଜ୍ଞାନ ତତ୍ତ୍ୱ ନିରୂପଣ, ବୈରାଟ ବର୍ଣ୍ଣନା, ଗୋଲହାଟ ଉପାଖ୍ୟାନ, ତତ୍ତ୍ୱସାର ଜ୍ଞାନ ବିଚାର, ମାତୃଗର୍ଭ ଅତ୍ମଜ୍ଞାନ ନିରୂପଣ, ଭଜନ ତତ୍ତ୍ୱସାର ଜ୍ଞାନ ଉତ୍ପନ୍ନ, ଜ୍ଞାନ ପ୍ରବନ୍ଧ ବିଚାର, ଷଡ଼ଚକ୍ର ଭେଦ, ଅଥର୍ବ ବେଦ ତତ୍ତ୍ୱସାର, ବ୍ରହ୍ମଜ୍ଞାନ ନିରୂପଣ, ଷଡ଼ଚକ୍ର ଭେଦ ବ୍ରହ୍ମସାର ନିରୂପଣ, ଭକ୍ତିଯୋଗ ନିରୂପଣ, ସପ୍ତାଙ୍ଗ ସାଧନ, ଭକ୍ତି ଯୋଗାସନ, ଧ୍ୟାନଯୋଗ ବିଚାର, ବ୍ରହ୍ମ ପ୍ରଳୟୋପାଖ୍ୟାନ, ବ୍ରହ୍ମଜ୍ଞାନ ସାର ନିର୍ଣ୍ଣୟ, ସଦ୍‌ଗୁରୁ ଦୀକ୍ଷା ପ୍ରାପ୍ତି ପ୍ରଭୃତି ବିଷୟ ଗୁଡ଼ିକ ଅଧ୍ୟାୟ କ୍ରମରେ ବର୍ଣ୍ଣିତ ହୋଇଅଛି ।

ଚୈତନ୍ୟ ଦାସ

ନିର୍ଗୁଣ ମହିମା ସମ୍ବନ୍ଧରେ ଓଡ଼ିଶାରେ ଯେତେ କବି ଲେଖି ଯାଇଛନ୍ତି, ସେମାନଙ୍କ ଭିତରୁ ଚୈତନ୍ୟ ଦାସ ଜଣେ ପ୍ରଧାନ ଲେଖକ । ଚୈତନ୍ୟଙ୍କର 'ବିଷ୍ଣୁଗର୍ଭ ପୁରାଣ'ଓ 'ନିର୍ଗୁଣମାହାତ୍ମ୍ୟ' ବହି ଦୁଇଖଣ୍ଡ ଓଡ଼ିଶାରେ ଖୁବ୍ ଆଦର ଲାଭକରିଛି । ମହିମାଧର୍ମାବଲମ୍ବୀମାନେ ଏହି ଗ୍ରନ୍ଥ ଦୁଇଟିକୁ ବଡ଼ ଶ୍ରଦ୍ଧା ଓ ଭକ୍ତିରେ ପାଠ କରନ୍ତି । ନିର୍ଗୁଣ ବ୍ରହ୍ମଙ୍କ ସମ୍ବନ୍ଧରେ ଚୈତନ୍ୟ ଦାସ ବଡ଼ ସୁନ୍ଦର ଭାବରେ ଲେଖି ଅଛନ୍ତି ।

ସେ ଖଡ଼ିଆଳର ରାଜା ପ୍ରତାପରୁଦ୍ରଙ୍କ ସମସାମୟିକ ଥିବାର ଜଣାଯାଏ ।

ଏ ଗୀତ ଉକତ ଯହିଁରେ,	ନାମ ବଡ଼ ମୂଳ ଗ୍ରାମରେ ।
ଭାଗୀରଥୀ ବାବୁଙ୍କ ଦେଶ,	ତହିଁରେ ମୋର ଗୃହ ବାସ ।
ରଖିଲେ ମୋତେ ଶ୍ରଦ୍ଧା ପାଇ,	ପାଞ୍ଚବାଟି ଯେ ଭୂମି ଦେଇ ।
କହିବି ରାଜ୍ୟର ଭାବନା,	ନାମ ତା କାଉଁଶ ପାଟଣା ।
ପ୍ରତାପରୁଦ୍ର ରାଜ୍ୟ ଦେଶ,	ନଗ୍ର ଖଡ଼ିଆଳ ବିଶେଷ ।
ନିର୍ଗୁଣ ମାହାତ୍ମ୍ୟ ପୁସ୍ତକ,	ସେ ରାଜ୍ୟେ ହୋଇଲା ଉଦିତ ।

(୧୬ଶ ଅଧ୍ୟାୟ, ନିର୍ଗୁଣ ମାହାତ୍ମ୍ୟ)

ଖଇରଆଲ (ଖଡ଼ିଆଲ) ନଗରରେ ଥାଇ ସେ ଗ୍ରନ୍ଥଟିକୁ ରଚନା କରିଥିଲେ । ବଡ଼ମୂଲ ଗ୍ରାମ ତାଙ୍କର ବାସସ୍ଥାନ ଥିଲା । ତାଙ୍କର ପ୍ରତିଭା ଦେଖି ସେଠାର ଜମିଦାର ଭଗୀରଥୀ ବାବୁ ତାଙ୍କୁ ପାଞ୍ଚବାଟି ଜମି ଦାନ କରିଥିଲେ । କବିଙ୍କର ପିତାଙ୍କ ନାମ ବୃନ୍ଦେଶ୍ୱର, ମାତାଙ୍କ ନାମ ମେଘାବତୀ, ଦାଦଙ୍କ ନାମ ଧର୍ମେଶ୍ୱର ଓ ଗୁରୁଙ୍କ ନାମ ଧ୍ୟାନ ଦାସ । ଚୈତନ୍ୟ ଦାସ ନାମଟି ଗୁରୁଦତ୍ତ ନାମ, ପିତାମାତାଙ୍କ ଦେବା ନାମ ଜଣାଯାଉ ନାହିଁ ।

ଧ୍ୟାନ ଦାସ ଚୈତନ୍ୟଙ୍କୁ ମନ୍ତ୍ର ଉପଦେଶ ଦେବା ସମୟରୁ ସେ ଛଅ ମାସ ସମୟ ତାଙ୍କ ପାଖରେ ରହି ବ୍ରହ୍ମଜ୍ଞାନ ସମ୍ବନ୍ଧରେ ମଧ୍ୟ ଶିକ୍ଷାଲାଭ କରିଥିଲେ ।

ଦାଦଙ୍କ ନାମ ଧର୍ମେଶ୍ୱର, ପିତାଙ୍କ ନାମ ବୃନ୍ଦେଶ୍ୱର ।
ମାତାଙ୍କ ନାମ ମେଘାବତୀ, ସେ ମୋତେ ଜନ୍ମ କଲେ କ୍ଷିତି ।
ଗୁରୁଙ୍କ ନାମ ଧ୍ୟାନ ଦାସ, ସେ ଦେଲେ ଜ୍ଞାନ ଉପଦେଶ ।
ମୋ କର୍ଣ୍ଣଗୁରୁ ସେ ଗୋସାଇଁ, ବ୍ରହ୍ମ ବିଦ୍ୟାହିଁ ଦେଲେ କହି ।
(୧୬ଶ ଅଧ୍ୟାୟ)

ମୋ କର୍ଣ୍ଣେ ଉପଦେଶ ଦେଇ, ମୋ ନାମ ଦେଲେ ଚଇତନ୍ୟ ।
(୧୬ଶ ଅଧ୍ୟାୟ)

କବି ଜାତିରେ ମାଳାକାର ଥିଲେ—

ଶୂଦ୍ରକୁଳେ ମୋ ଅବତାର, ଜାତି ମୋହର ମାଳାକାର ।
(୧୬ଶ ଅଧ୍ୟାୟ, ନି: ମା:)

ବିଷ୍ଣୁଗର୍ଭ ପୁରାଣରେ ନିଷାଦ ବୋଲି ସେ ଲେଖିଅଛନ୍ତି; କିନ୍ତୁ ଏହାକୁ ତାଙ୍କର ଦୈନ୍ୟର ସୂଚନା ବ୍ୟତୀତ ଜାତି ପରିଚୟ ବୋଲି ଗ୍ରହଣ କରାଯାଇ ନ ପାରେ । 'ନିଷାଦ' ଅନୁନ୍ନତ ବୁଝାଇବା ପାଇଁ ବ୍ୟବହୃତ ହୋଇଛି ।

ସ୍ତୁତି ବର୍ଣ୍ଣିନା ତୁମ୍ଭଙ୍କୁ କରି ନ ପାରଇ ଦେବ,
ମୋ ଛାର ନିଷାଦ କାହୁଁ ଜାଣିବ ତୁମ୍ଭ ଭାବ ।

କବି କେଉଁ ସାଲରେ ଜନ୍ମଗ୍ରହଣ କରିଥିଲେ ଏବଂ କେଉଁ ସାଲରେ ଗ୍ରନ୍ଥ ରଚନା କରିଥିଲେ ତାର କୌଣସି ପ୍ରମାଣ ନିର୍ଗୁଣ ମାହାତ୍ମ୍ୟ କିମ୍ବା ବିଷ୍ଣୁଗର୍ଭ ପୁରାଣରେ ମିଳୁନାହିଁ ।

ଶ୍ରୀଯୁକ୍ତ ନଗେନ୍ଦ୍ରନାଥ ବସୁଙ୍କ ମତରେ ଚୈତନ୍ୟ ଦାସ ପ୍ରତାପରୁଦ୍ର ଦେବଙ୍କ ରାଜତ୍ୱର ଶେଷ ସମୟକୁ ଓ ପଞ୍ଚସଖାଙ୍କ ପରେ ଆବିର୍ଭୂତ ହୋଇ-ଥିଲେ । ତାଙ୍କ ଲେଖାର ସାରତତ୍ତ୍ୱ ହେଉଛି—

ପଞ୍ଚସଖାଙ୍କ ନାମ ଓଡ଼ିଶାର ଘରେ ଘରେ ପରିଚିତ । ଚୈତନ୍ୟ ଦାସ ମଧ୍ୟ ଏମାନଙ୍କ ପରି ବଡ଼ ଲୋକପ୍ରିୟ । ଅଚ୍ୟୁତାନନ୍ଦ ତାଙ୍କ ଗ୍ରନ୍ଥ-ମାନଙ୍କରେ ଜଗନ୍ନାଥ, ବଳରାମ, ଯଶୋବନ୍ତ ଓ ଅନନ୍ତ ତାଙ୍କର ସମସାମୟିକ ବୋଲି ଲେଖିଛନ୍ତି, କିନ୍ତୁ ଚୈତନ୍ୟଙ୍କ ନାମ କୌଣସିଠାରେ ହେଲେ ଉଲ୍ଲେଖ କରି ନାହାନ୍ତି । ଏହା ସହିତ ନିଜେ ଚୈତନ୍ୟ ଦାସ ମଧ୍ୟ ତାଙ୍କ ଗ୍ରନ୍ଥ ନିର୍ଗୁଣ ମାହାତ୍ମ୍ୟରେ ନିଜ ସମ୍ବନ୍ଧରେ ଯାହା ଲେଖି ଯାଇଛନ୍ତି ତାହା ଆଲୋଚନା କଲେ ଏହାହିଁ ବୁଝାଯିବ ଯେ ଚୈତନ୍ୟ ଦାସ ପଞ୍ଚସଖାଙ୍କ ସମସାମୟିକ ଏବଂ ପ୍ରତାପରୁଦ୍ରଦେବଙ୍କ ରାଜତ୍ୱର ଶେଷ ସମୟର ଲୋକ ହୋଇ ପାରନ୍ତି ।

ଶ୍ରୀ ଆର୍ତ୍ତବଲ୍ଲଭ ମହାନ୍ତି ନିର୍ଗୁଣମାହାତ୍ମ୍ୟର ମୁଖବନ୍ଧରେ ଲେଖିଛନ୍ତି ଯେ ଚୈତନ୍ୟ ଦାସ ଅଚ୍ୟୁତାନନ୍ଦଙ୍କ ପୂର୍ବବର୍ତ୍ତୀ ଓ ଚୈତନ୍ୟଚନ୍ଦ୍ରଙ୍କର ଉତ୍କଳ ଆଗମନର ମଧ୍ୟ ପୂର୍ବବର୍ତ୍ତୀ ।

ଶ୍ରୀ ନଗେନ୍ଦ୍ରନାଥ ବସୁ ଓ ଶ୍ରୀ ଆର୍ତ୍ତବଲ୍ଲଭ ମହାନ୍ତି ଉଭୟଙ୍କର ମତକୁ ଗ୍ରହଣ କରାଯାଇ ପାରିବ ନାହିଁ । ଚୈତନ୍ୟ ଦାସ ନିଜର ସମୟ ଲେଖି ନାହାନ୍ତି । କେବଳ ଖଡ଼ିଆଲର ରାଜା ପ୍ରତାପରୁଦ୍ରଦେବଙ୍କ ରାଜତ୍ୱ କାଳରେ ସେ ଗ୍ରନ୍ଥ ରଚନା କରିଥିଲେ ବୋଲି ସୂଚନା ଦେଇଛନ୍ତି ମାତ୍ର ।

ପ୍ରତାପରୁଦ୍ରଦେବଙ୍କ ନାମ ଚୈତନ୍ୟ ଦାସ ଲେଖିଥିବାରୁ ତାଙ୍କୁ ସୂର୍ଯ୍ୟବଂଶୀୟ ପ୍ରତାପରୁଦ୍ର ବୋଲି ଧରି ନେଇ ଆର୍ତ୍ତବାବୁ ଲେଖିଛନ୍ତି ଯେ,

"ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତର ପ୍ରଚାର ପୂର୍ବରୁ ଚୈତନ୍ୟ ଦାସଙ୍କ ନିର୍ଗୁଣ ମାହାତ୍ମ୍ୟ ଲେଖା ଶେଷ ହେବା ଜଣା ପଡ଼ୁଅଛି । କାରଣ, ଚୈତନ୍ୟ ଦାସ କର୍ଦ୍ଦମ ଓ ଦେବହୂତି ଉଭୟଙ୍କୁ କପିଳଙ୍କ ମୁଖରୁ ତତ୍ତ୍ୱ ଶୁଣାଇ ଅଛନ୍ତି ଓ ପିତାମାତାଙ୍କ ଅନୁରୋଧରେ କପିଳଙ୍କୁ ଗୃହସ୍ଥ କରାଇ ଅବଧୂତଙ୍କୁ ତାଙ୍କ ପୁତ୍ର ରୂପରେ ବର୍ଣ୍ଣାଇ ଅଛନ୍ତି । କପିଳ ମାତାଙ୍କୁ ତତ୍ତ୍ୱ ଉପଦେଶ ଦେବା ସମୟରେ କର୍ଦ୍ଦମ ସନ୍ନ୍ୟାସ ଅବଲମ୍ବନ କରି ଗୃହ ଛାଡ଼ି ଯାଇଥିଲେ, ଏହା ଭାଗବତରେ ଅଛି । କପିଳଙ୍କ ବିବାହ ଓ ଅବଧୂତଙ୍କୁ ପୁତ୍ର ରୂପେ ପ୍ରାପ୍ତ ହେବା ଭାଗବତରେ ନାହିଁ । ଜଗନ୍ନାଥ ଦାସଙ୍କ ଭାଗବତ ପାଠ କରିଥିଲେ ସେ ଏପରି କହି ନଥାନ୍ତେ ।" ଅଧ୍ୟାପକ ମହାନ୍ତି ନିର୍ଗୁଣ ମାହାତ୍ମ୍ୟ ଜଗନ୍ନାଥଙ୍କ ଭାଗବତ ଲେଖା ପୂର୍ବରୁ ଲେଖା ହୋଇଥିଲା ବୋଲି ଯାହା କହିଛନ୍ତି, ସେଥିରେ ଏକମତ ହେବା ପାଇଁ ବିଶେଷ କିଛି କାରଣ ନାହିଁ । ଜଗନ୍ନାଥ ଦାସଙ୍କ ଭାଗବତ ରଚିତ ହୋଇ ସାରିଥିଲେ ମଧ୍ୟ ଚୈତନ୍ୟ ଦାସ ଏପରି ଲେଖି ନଥାନ୍ତେ ବୋଲି କାହିଁକି କୁହାଯିବ ? ପୁଣି ଜଗନ୍ନାଥ ଦାସଙ୍କ ଭାଗବତ ଲେଖା ହେଉ ହେଉ ଚୈତନ୍ୟ ଦାସ ଯେ ନିଶ୍ଚୟ ପଢ଼ିଥିବେ ଏହା କେହି କହି ପାରିବ ନାହିଁ । ଚୈତନ୍ୟ ଦାସ ପୁରୀ ଯାଇଥିବାର କୌଣସି ପ୍ରମାଣ ମିଳିନାହିଁ; ପୁରୀ ଯାଇଥିଲେ ବା ସଦ୍ୟଲିଖିତ ଭାଗବତକୁ ପଢ଼ିଥିବା ସୁବିଧା ପାଇଥିବେ ବୋଲି କହିବା ପାଇଁ କିଛି କାରଣ ଥାଆନ୍ତା । ଚୈତନ୍ୟ ଦାସ ଝଡ଼ିଆଳର ରାଜା ପ୍ରତାପରୁଦ୍ର ଦେବଙ୍କ ରାଜତ୍ୱ କାଳର ଲୋକ ଥିଲେ ବୋଲି କେବଳ ତାଙ୍କ ଗ୍ରନ୍ଥରୁ ଜଣା ପଡ଼ୁଛି । ଏହି ରାଜାଙ୍କ ରାଜତ୍ୱ ସମୟ ଜଣାଯାଉ ନ ଥିବାରୁ ତାଙ୍କର ଆବିର୍ଭାବ ଓ ତିରୋଧାନର ସମୟ ଜଣା ପଡ଼ୁନାହିଁ । ତେବେ ଏ ରାଜା ପ୍ରାୟ ଏକଶହ ବର୍ଷ ପୂର୍ବେ ଜୀବିତ ଥିବା ଶୁଣାଯାଏ ।

ବିଷ୍ଣୁଗର୍ଭ ପୁରାଣ—ବିଷ୍ଣୁଗର୍ଭ ପୁରାଣ ଗୋଟିଏ ପ୍ରକାଣ୍ଡ ଗ୍ରନ୍ଥ । ଏଥିରେ ତେରଟି ଅଧ୍ୟାୟ ଅଛି । ପ୍ରଥମେ ସରସ୍ୱତୀ ଓ ଗଣେଶଙ୍କୁ ସ୍ତୁତି କରି କବି ଗ୍ରନ୍ଥାରମ୍ଭ କରିଛନ୍ତି । ଶୌନକ ଓ ସନକାଦିଙ୍କ ପ୍ରଶ୍ନ-ଉତ୍ତର ଛଳରେ ଅଲେଖ ମହିମା, ଅଲେଖଙ୍କଠାରୁ ସୃଷ୍ଟି ନିମିତ୍ତ ଆଦେଶ ଓ ସୃଷ୍ଟି ବିଧାନ,

ଅଲେଖଙ୍କ ସ୍ୱରୂପ ଓ ଅବସ୍ଥାନ, ଚଉରାଅଶୀ ବ୍ରହ୍ମାଣ୍ଡର ଉତ୍ପତ୍ତି ବିବରଣ, ବିଷ୍ଣୁଙ୍କ ଅବତାର; କର୍ମ ଫଳର ବିଚାର, ବିବିଧ ବିଷ୍ଣୁ ଭକ୍ତି, ବ୍ରହ୍ମ ମାହାତ୍ମ୍ୟ, ଯୋଗ ସାଧନ, ଦେବ ଓ ବ୍ରହ୍ମର ସମ୍ବନ୍ଧ ପ୍ରଭୃତି ବିଷୟ ଅତି ସରଳ ଭାବରେ କବି ବର୍ଣ୍ଣନା କରିଅଛନ୍ତି ।

ଶୌନକ ପ୍ରଶ୍ନ କଲେ—

ଅନେକ ବିଷ୍ଣୁ ରୂପ ଯେ ମଞ୍ଚରେ ହୋନ୍ତି ଜାତ,
କହି ତୁମ୍ଭେ ଏହାଙ୍କର ଆଦି ମଧ୍ୟ ଅନ୍ତ ।
ଦେହ ହୋଇ ଜାତ ହୋଇଲେ ବହୁତ କଷ୍ଟ ପାଇ,
ଦେହ ବନ୍ଧନରୁ କଷ୍ଟ ଆଉ କେହି ନାହିଁ ।

ଲୋଭ ମୋହ କ୍ଷୁଧା ତୃଷା କାମ୍ୟ କର୍ମମାନ,
ଚଉଷଠି ବ୍ୟାଧି ଦେହେ ଭିଅନ୍ତି କଷଣ ।
କ୍ରୋଧ ଭୟ ଅପମାନ ରହନ୍ତି ଦେହେ ଆସି,
ଜନ୍ମ ମୃତ୍ୟୁ ସଙ୍ଗେ ଘେନି ରହିଇ କାଳ ଫାଶି ।

ଏ ଦେହ ରହିବାର କିସ ପ୍ରୟୋଜନ,
ବିଷ୍ଣୁ ହୋଇ କରି କାୟା ଧରଇ ଜାତ କର୍ମ ।
ଜାଣି ନଜାଣି ବିଧାତା ସର୍ଜିଲା ସଂସାର,
ଗୁରିଖାନି ଭିଆଇଲା ଜୀବଜନ୍ତୁ ନର ।

ମୋ ମନରେ ରହିଲା ଏ ସଂଶୟ ବିଚାର,
ସନ୍ଦେହ ଫେଡ଼ି ମୋତେ କହିବା ମୁନିବର ।
ମୃତ୍ୟୁ ଦେହ କାୟା ଯେ ଧଇଲା ବିଷ୍ଣୁ ହୋଇ,
ଗୁରିଖାନି ସମସ୍ତେ ଅଛନ୍ତି ମୃତ୍ୟୁ ଦେହୀ ।

ଏହାଙ୍କର ତୁଲେ କାୟା ବହିଲା ସେହୁ ଅଙ୍ଗ,
ବଡ଼ ଲୋକ କାୟା ହେଲା ସାନଲୋକ ସଙ୍ଗ । (୧ମ ଅଧ୍ୟାୟ)

ପ୍ରଶ୍ନ ଯେପରି ସୁନ୍ଦର ସରଳ ଭାଷାରେ ଲିଖିତ ତାର ଉତ୍ତର ମଧ୍ୟ ସେହିପରି ଭାବରେ ଦିଆଯାଇଛି । ସନକାଦି ଉତ୍ତର ଦେଲେ—

ବିଧାତା ସ୍ୱରୂପ ଯେତେ ରଖିଅଛି ଯାହା,
ବିଧି ନିଷେଧ ଏ ଅଲେଖର ମାୟା ।
ଅଲେଖ ପୁରୁଷ ବୋଲି ଏକଇ ବଡ଼ ଜନ,
ତାର ତନୁଁ ଧରଇ ବିକାର କଳ୍ପମାନ ।
ବଡ଼ ସାନ ହୋଇ ଯେତେ ସବୁ ତା ବିକାର,
ବିକାର ଧରଇ ସେ ଯେ ନୁହଇ ଆକାର ।
ବିଧାତା ସ୍ୱରୂପ ହୋଇ ସୃଷ୍ଟି କରଇ ଉପଗତ,
ପରମ ସଙ୍ଗତେ ମିଶି ଜୀବକୁ କରେ ଜାତ ।
ବିଷ୍ଣୁ ସ୍ୱରୂପ ଧରି ସେ ଧର୍ମ କରେ ଉଦେ,
ପୁଣ୍ୟ ଅର୍ଜିଣ ଅଧର୍ମକୁ ରଖଇ ଧର୍ମ ମଧେ ।
ଜୀବ ରକ୍ଷା ପ୍ରାପ୍ତ ପରିପାଳନ ନିମନ୍ତେ,
ଧର୍ମ ସ୍ୱରୂପ ହୋଇ ଆସି ରହିଲି ଜଗତେ । (୬ଷ୍ଠ ଅଧ୍ୟାୟ)

ଚୈତନ୍ୟ ଦାସ ବିଷ୍ଣୁଙ୍କ ଦଶାବତାରକୁ ସ୍ୱୀକାର କରି ବେଦ ପୁରାଣ ପ୍ରଭୃତିରେ ପରଂବ୍ରହ୍ମଙ୍କ ସତ୍ତା ଓ ଲୀଳା ସମ୍ବନ୍ଧରେ ଯାହା ବର୍ଣ୍ଣିତ ହୋଇଛି ସେ ସବୁର ସାର କଥା ମଧ ସ୍ଥଳ ବିଶେଷରେ ଏ ଗ୍ରନ୍ଥରେ ଲିପିବଦ୍ଧ କରି ଯାଇଅଛନ୍ତି । ମର୍ତ୍ତ୍ୟରେ ଅନେକ ବିଷ୍ଣୁ ଜନ୍ମଗ୍ରହଣ କରନ୍ତି ଏବଂ ଏହାହିଁ ବିଷ୍ଣୁଗର୍ଭର ଉଦ୍ଦେଶ୍ୟ । ଅଲେଖଙ୍କଠାରୁ ସବୁ ସୃଷ୍ଟିର ଆରମ୍ଭ । ଏହି ଅଲେଖ ବିଧାତା, ବିଷ୍ଣୁ, ଧର୍ମ ପ୍ରଭୃତି ଅନେକ ରୂପ ଧାରଣ କରନ୍ତି ।

ଅଲେଖ ପୁରୁଷ ବୋଲି ଏକଇ ବଡ଼ ଜନ,
ତାର ତନୁଁ ଧରଇ ବିକାର କଳ୍ପମାନ ।
ବିଧାତା ସ୍ୱରୂପ ହୋଇ ସୃଷ୍ଟି କରଇ ଉପଗତ,
ପରମ ସଙ୍ଗତେ ମିଶି ଜୀବକୁ କରେ ଜାତ ।
ବିଷ୍ଣୁ ସ୍ୱରୂପ ଧରି ସେ ଧର୍ମ କରେ ଉଦେ,
ପଣ୍ୟ ଅର୍ଜିଣ ଅଧର୍ମକୁ ରଖଇ ଧର୍ମ ମଧେ ।
ଜୀବ ରକ୍ଷା ପ୍ରାପ୍ତ ପରିପାଳକ ନିମନ୍ତେ,
ଧର୍ମ ସ୍ୱରୂପ ହୋଇ ଆସି ରହିଲି ଜଗତେ ।

ଧର୍ମ ସ୍ୱରୂପ ସାକ୍ଷାତେ ଯେ ବିଷ୍ଣୁର ସ୍ୱରୂପୀ,
ଧର୍ମହିଁ ସେ ତାରଣ ଜଗତେ ଅଛି ବ୍ୟାପୀ । (୨ୟ ଅଧ୍ୟାୟ)

ଅଲେଖ ବିଷ୍ଣୁ ଅନେକ ଆକାର ଧାରଣ କଲେ ସୁଦ୍ଧା ସେ ପ୍ରକୃତରେ ନିରାକାର । ଅଲେଖଙ୍କଠାରୁ 'ବିକାର କଳ୍ପମାନ' ଜାତ ହେଲେ ମଧ୍ୟ ସେ 'ଆକାର ନୁହନ୍ତି' ।

ଅଲେଖ ପୁରୁଷ ବୋଲି ଏକଇ ବଡ଼ ଜନ,
ତାର ତହୁଁ ଧରଇ ବିକାର କଳ୍ପମାନ ।
ବଡ଼ ସାନ ହୋଇ ଯେତେ ସବୁ ତା ବିକାର,
ବିକାର ଧରଇ ସେ ଯେ ନୁହଇ ଆକାର । (୨ୟ ଅଧ୍ୟାୟ)

ଅଲେଖଙ୍କଠାରୁ ସୃଷ୍ଟିର କ୍ରମ ଚୈତନ୍ୟ ଦାସ ସୁନ୍ଦର ଭାବରେ ବର୍ଣ୍ଣନା କରିଅଛନ୍ତି । ପ୍ରଥମେ ଅଲେଖ 'ବିକାର ମନ କଲି' ଏବଂ ସେହି ହେତୁ ନାନା ରୂପ ଧାରଣ କଲେ । ପ୍ରଥମେ ଶ୍ୱେତ, ପୀତ, କୁଙ୍କୁମ, ଲୋହିତ ଗୁରିବର୍ଣ୍ଣର ଦେହ ଅଲେଖ ଧାରଣ କଲେ । କିନ୍ତୁ ଅଲେଖଙ୍କର ବହୁ ରୂପ ଅଛି ।

ପ୍ରଥମ ଆକାରରେ ବିଷ୍ଣୁ ରୂପ ଧାରଣ କଲେ,
ବିଷ୍ଣୁଙ୍କଠାରୁ ନିରାକାର ଜାତ ହେଲେ ।
ଅଲେଖ ପୁରୁଷ ଯେ ବିକାର ମନ କଲି,
ଅଦଭୁତ ହୋଇ ନାନା ମୂରତି ଧଇଲି ।
ବିକାର ବୋଲଣ ସେ ଯେ ଯାହାକୁଟି କହି,
ବର୍ଣ୍ଣ ନାନା ବିକାଶିଲି ପ୍ରକାଶ ହେଲେ ଦେହୀ ।
ଶ୍ୱେତ, ପୀତ, କୁଙ୍କୁମ, ଲୋହିତ ଗୁରିବର୍ଣ୍ଣ,
ଅନେକ ରୂପ ଅଲେଖ ଅଟନ୍ତି ଅକଳନ ।
ପ୍ରଥମେ ଆକାରକେ ଧଇଲି ବିଷ୍ଣୁ କଳ୍ପ,
ତହୁଁ ଜାତ ହୋଇଲି ଯେ ନିରାକାର ରୂପ । (୨ୟ ଅଧ୍ୟାୟ)

ନିରାକାର ରୂପ ଧାରଣ କରିବା କ୍ଷଣି ଅଲେଖ ଅଦୃଶ୍ୟ ହୋଇଗଲେ ଏବଂ ନିରାକାର ବିଷ୍ଣୁ ତାଙ୍କୁ ଖୋଜିବାକୁ ଲାଗିଲେ ।

ଯେଉଁ ରୂପେ ମୂଳ ଦୀପରୁ ଦୀପେକ ଜଳଇ,
ପବନ ଘାତେ ଯେସନ୍ତେ ସେ ମୂଳ ଦୀପ ଲିଭଇ ।
ସେହିରୂପେ ଅଲେଖ ଅଦୃଶ୍ୟ ହୋଇଲା,
ନିରାକାର ବିଷ୍ଣୁ ତାଙ୍କୁ ଲେଉଟି ଖୋଜିଲା । (୨ୟ ଅଧ୍ୟାୟ)

ଅଦୃଶ୍ୟ ଅଲେଖଙ୍କୁ ନିରାକାର ବିଷ୍ଣୁ ବ୍ରହ୍ମ କଳ୍ପ, ବିଷ୍ଣୁ କଳ୍ପ, ଶିବ କଳ୍ପ ପର୍ଯ୍ୟନ୍ତ ଖୋଜି ଖୋଜି ତାଙ୍କର କୌଣସି ଠିକଣା ପାଇଲେ ନାହିଁ । ନିଜେ ଅଲେଖ ଅଦୃଶ୍ୟ ହୋଇଥିବାରୁ ତାଙ୍କର ଚିହ୍ନବର୍ଣ୍ଣ କିଛି ରହିଲା ନାହିଁ ।

ବ୍ରହ୍ମକଳ୍ପ ଶିବକଳ୍ପ ବିଷ୍ଣୁ କଳ୍ପ ପରଯନ୍ତେ,
ଖୋଜି ନ ପାଇଲେ ନିରାକାର ଅଲେଖ ଆଦି ଅନ୍ତେ ।
ତପକୁ ଆପେ ସେ ଯେ ଅଦୃଶ୍ୟ ହୋଇଲା,
ଚିହ୍ନ ବର୍ଣ୍ଣ ଆଉ ତାର ନ ଦିଶିଲା ମେଲା ।
ଶୂନ୍ୟ ସଙ୍ଗତରେ ସେ ହୋଇଲା ମହାଶୂନ୍ୟ,
ଦୀପ ଲିଭିଲେ ଯେସନେକ ନ ଦିଶେ ଚିହ୍ନବର୍ଣ୍ଣ । (୨ୟ ଅଧ୍ୟାୟ)

ତୀର୍ଥ ଯାତ୍ରା କର୍ମ ସୃଷ୍ଟିର ଚିହ୍ନ ବୋଲି ଚୈତନ୍ୟ ଦାସ ଦ୍ୱିତୀୟ ଅଧ୍ୟାୟରେ କହିଅଛନ୍ତି—

ବିଷ୍ଣୁର ମହିମା ଯେ ଅନ୍ତ କରି ନୋହେ,
କାର୍ଯ୍ୟ ଅନୁସାରେ ସେ ଅନେକ ଦେହ ବହେ ।
ସୃଷ୍ଟିରେ ଜାତ ହୋଇ ସେ ରଖଇ ଚିହ୍ନ ବର୍ଣ୍ଣ,
ସେହି ଚିହ୍ନ ବର୍ଣ୍ଣ ହୋଏ ତୀର୍ଥଯାତ୍ରା କର୍ମ ।

ନିରାକାର ଅଲେଖଙ୍କୁ ଖୋଜି ଖୋଜି ନ ପାଇବାରୁ ଦୁଃଖରେ ତାଙ୍କର ଚକ୍ଷୁରୁ ଲୋତକ ବହିଲା ଏବଂ ସେ ଲୋତକ ସପ୍ତସିନ୍ଧୁ ହେଲା । ଏହି ସପ୍ତସିନ୍ଧୁ ଉପରେ ବ୍ରହ୍ମା ସୃଷ୍ଟି ଭିଆଣ କଲେ ।

ସେତେବେଳେ ଶୂନ୍ୟ ଛଡ଼ା ଆଉ କିଛି ନଥିଲା । ଶୂନ୍ୟ ଉପରେ କିପରି ବ୍ରହ୍ମା ସୃଷ୍ଟି ରଖିଲେ ?

ବନାଇଥିଲେ ସେ ଜଳ କେମନ୍ତେ ରହିଲା,
ମହାଶୂନ୍ୟେ କେମନ୍ତେ ଓହିଲ ପଡ଼ିଲା । (୨ୟ ଅଧ୍ୟାୟ)

ଏହାର ଉତ୍ତରରେ ଚୈତନ୍ୟ ଦାସ ଲେଖିଛନ୍ତି ଯେ ନିରାକାର ନିଜ ମନରୁ ମନୁ ନାମକ ଜଣେ ପୁରୁଷଙ୍କୁ ଜାତ କଲେ ଏବଂ 'ମେଘ ତେଲାହୁଣି' ଗୋଟିଏ ଉଆଣ କଲେ । ଏହି 'ତେଲାହୁଣି' ଉପରେ ଏହି ଜଳକୁ ରଖିଲେ । ମନୁଙ୍କ ପାଇଁ 'ଉଡ଼ଙ୍ଗ ସ୍ଥିର ପାଦୁକା' ଦୁଇଟି ନିର୍ମାଣ କଲେ ଏବଂ ମନୁ ତା ଉପରେ ଛିଡ଼ା ହେଲେ । ମନୁଙ୍କର ଶୂନ୍ୟମଣ୍ଡଳରେ ଆଶ୍ରମ ହେଲା । ଶୂନ୍ୟ ମଣ୍ଡଳରେ ତାଙ୍କୁ ଛିଡ଼ା କରାଇ ତାଙ୍କ ଶିର ଉପରେ ଜଳ ତେଲାହୁଣିକୁ ରଖିଲେ । ତା ଉପରେ ବ୍ରହ୍ମା ସୃଷ୍ଟି ସର୍ଜନା କଲେ ।

ଏମନ୍ତେ ଅଚଳ ହୋଇଲା ମହାଜଳ,
ସେ ତେଲାହୁଣି ଉପରେ ବ୍ରହ୍ମା କଲା ଯେ ସୃଷ୍ଟି ସ୍ଥଳ ।(୨ୟ ଅଧ୍ୟାୟ)

ବ୍ରହ୍ମାଙ୍କ ଜନ୍ମ ପ୍ରସଙ୍ଗରେ ଚୈତନ୍ୟ ଦାସ ଲେଖିଛନ୍ତି ଯେ ଅଲେଖ ଆକାର ଧାରଣ କରି ନିରାକାର ନାମ ଧାରଣ କରିବା ପରେ ନିରାକାର ଅଲେଖଙ୍କ ସନ୍ଧାନ ପାଇବା ପାଇଁ ଯୋଗନିଦ୍ରା ଗଲେ । ନିରାକାର ନିଦ୍ରା ଯିବାରୁ କାଳ ପୁରୁଷ ଜାତ ହେଲେ । ସେ କାଳପୁରୁଷ କମଳ ରୂପ ଧାରଣ କଲା ଏବଂ ନିରାକାର ବିଷ୍ଣୁଙ୍କ ନାଭି ଦେଶରେ ଶୋଭା ପାଇଲା । ସେ କମଳର କେଶରରୁ ବ୍ରହ୍ମା ଜାତ ହେଲେ । ବ୍ରହ୍ମା ଅନେକ ଯୁଗ ଧ୍ୟାନ କରିବା ପରେ ଅଲେଖ ପୁରୁଷ ଶୂନ୍ୟରେ ଶବ୍ଦ ଶୁଣାଇ ବିଧାତାଙ୍କୁ ଜଳ ଉପରେ ସୃଷ୍ଟି କରିବାକୁ ଆଦେଶ ଦେଲେ । ବ୍ରହ୍ମା ପଦ୍ମରନ୍ଧ୍ର ଭିତରକୁ ପ୍ରବେଶ କରିବାରୁ ତା ଭିତରେ ବ୍ରହ୍ମାଣ୍ଡକୁ ଦେଖିଲେ । ତାପରେ ସେ ସୃଷ୍ଟିକୁ ରଚନା କଲେ । ଏହି ସୃଷ୍ଟି ତତ୍ତ୍ୱରେ ଆଗେ କାଳପୁରୁଷ ତା ପରେ ବ୍ରହ୍ମାଙ୍କ ଜନ୍ମ । ଯେଉଁଠାରେ ସୃଷ୍ଟି ସେହିଠାରେ କାଳ ।

ଆଗେ ହୋଇଲା କାଳ ଯେ ପଛେ ବେଦବର,
ତାର ପଛେ ହୋଇଲା ଏକୋଇଶ ପୁର । (୨ୟ ଅଧ୍ୟାୟ)

ଅଲେଖ ପୁରୁଷର ସ୍ୱରୂପ କବି ଏପରି ବର୍ଣ୍ଣନା କରିଅଛନ୍ତି—

କହନ୍ତି ସନକାଦି ଶୌନକ ଆଗର,
ଅଲେଖର ଆଦି ଅନ୍ତ ନୁହଇ ଗୋଚର ।
ଅଗୋଚର ପୁରୁଷ ଯେ ନାହିଁ ରୂପ ବର୍ଣ୍ଣ,
ଅଏ ଥିତ ନାହିଁ ତାର ଅଟଇ ମହାଶୂନ୍ୟ ।
ରୂପବନ୍ତ ନୁହଇ ସେ ଅରୂପ ତାର ଦେହୀ,
ଶୂନ୍ୟ ସଙ୍ଗତରେ ସେ ଶୂନ୍ୟ ହୋଇଥାଇ ।
ଦେହବନ୍ତ ହୋଇ କେ ତା କହିବ ରୂପ ଭେଦ,
ଯାହାର ମହିମା ବଖାଣି ନ ପାରଇ ବେଦ ।
ଅରୂପ ଅଭେଦ ସେ ଲକ୍ଷ୍ୟ ଦେବାକୁ ନାହିଁ ନା ଉପମା,
ଚଉଦ ବ୍ରହ୍ମାଣ୍ଡେ ଖୋଜିଲେ ନ ଦିଶେ ପ୍ରତି ସୀମା ।
ପ୍ରତିରୂପୀ ଲକ୍ଷ୍ୟକୁ ନ ଆସିଲେ କେହି,
ଏମନ୍ତ ମହିମା ସେ ଅଲେଖର ଦେହୀ ।
ଶୂନ୍ୟ ସଙ୍ଗତେ ଶୂନ୍ୟ ସେ ଶୂନ୍ୟେ ଶୂନ୍ୟରୂପୀ,
ଶୂନ୍ୟ ସଙ୍ଗତେ ମିଶିଅଛି ସକଳ ସ୍ଥାନେ ବ୍ୟାପି ।
ଶୂନ୍ୟ ସେ ତାହାର ଅଟଇ ନିଜ ଘର,
ଶୂନ୍ୟରେ ଥାଇ ଶୂନ୍ୟେ କରଇ ବିହାର । (୬ଷ୍ଠ ଅଧ୍ୟାୟ)

ଏହି ଅଲେଖ ଓ ଶୂନ୍ୟ ଭିତରେ କୌଣସି ପ୍ରଭେଦ ନାହିଁ—

ଶୂନ୍ୟ ଗର୍ଭେ ଅଲେଖ ଅଲେଖ ଗର୍ଭେ ଶୂନ୍ୟ,
ଅଲେଖ ପୁରୁଷ ଶୂନ୍ୟ ଦୁହେଁ ଏକଇ ସମାନ । (୬ଷ୍ଠ ଅଧ୍ୟାୟ)

ରୂପବର୍ଣ୍ଣବିହୀନ ପୁରୁଷ କିପରି ବା ରୂପ ବିଶିଷ୍ଟ ଜଗତ ସୃଷ୍ଟି କଲେ? ଅଲେଖ ନିଜ ଇଚ୍ଛାବଳରେ ଏ ସବୁ କରି ଅଛନ୍ତି—

ଇଚ୍ଛା ସୁଖେ ତାହାର ମହିମା ବିକାଶଇ,
ଅରୂପ ହୋଇ କରି ସ୍ୱରୂପ ପ୍ରକାଶଇ ।

ଇଚ୍ଛା ହୋଇଲେ ଏକ ରୂପ ଅନ୍ୟ ରୂପ ଧରେ,
ଇଚ୍ଛା ହୋଇଲେ ମନେ ତାର ଅନେକ ରୂପ କରେ ।
ଇଚ୍ଛା ସୁଖେ ଖେଳଇ ସେ ଇଚ୍ଛା ସୁଖେ ରହେ,
ଇଚ୍ଛା ହେଲେ ଅନେକ ରୂପମାନ ବହେ । (୩ୟ ଅଧ୍ୟାୟ)

ଅଲେଖଙ୍କ ଅବର୍ଣ୍ଣ ଅଙ୍ଗରୁ ବର୍ଣ୍ଣ ପ୍ରକାଶ ହେଲା । ଶ୍ୱେତ, ପୀତ, କୁଙ୍କୁମ, ଲୋହିତ, ଜଳଧର, ନିର୍ଝର ଏହି ଷଡ଼ବର୍ଣ୍ଣରୁ ଷଡ଼ବିଷ୍ଣୁ ଜାତ ହେଲେ ।

ଅବର୍ଣ୍ଣ ଅଙ୍ଗରୁ ତାର ବର୍ଣ୍ଣ ପ୍ରକାଶିଲା,
ଶ୍ୱେତ, ପୀତ, କୁଙ୍କୁମ, ଲୋହିତ ଚାରି କଳା ।
ଜଳଧର ନିର୍ଝର ଏମନ୍ତେ ଛଅବର୍ଣ୍ଣ,
ଏ ଛଡ଼ ବର୍ଣ୍ଣରୁ ଛଡ଼ ବିଷ୍ଣୁ ହେଲେ ଜନ୍ମ । (୩ୟ ଅଧ୍ୟାୟ)

ଏହି ଷଡ଼ବିଷ୍ଣୁ ସୃଷ୍ଟି ରଚନା କଲେ । ସୃଷ୍ଟି ରଚନା ପରେ ସୃଷ୍ଟିକୁ ବେନି ଖଣ୍ଡ କଲେ । ଖଣ୍ଡେ ଶୂନ୍ୟରେ ମିଶିଗଲା ଏବଂ ପରମ ସଙ୍ଗତେ ମିଶି ପରମ ବ୍ରହ୍ମ ବୋଲାଇଲା । ଆଉ ଖଣ୍ଡକ ଜୀବ ଆତ୍ମା ସଙ୍ଗେ ରହିଲା । ଯେଉଁଠାରେ ଜୀବଆତ୍ମା ସେଠାରେ ପରମ ପୁରୁଷ ।

ଯହିଁ ଜୀବ ଆତ୍ମା ତହିଁ ପରମ ପୁରୁଷ,
ଯହିଁ ପରମ ପୁରୁଷ ତହିଁ ଜୀବ ଆତ୍ମା ବାସ । (୩ୟ ଅଧ୍ୟାୟ)

ଏହି ଅଲେଖ ପୁରୁଷଙ୍କ ବହୁନାମ ଅଛି ।

ନିର୍ଗୁଣ ମାହାତ୍ମ୍ୟ—ସୂତ-ଶୌନକ ସମ୍ବାଦରେ ନିର୍ଗୁଣ ମାହାତ୍ମ୍ୟ ଲିଖିତ । ଶୌନକାଦି ମୁନିମାନେ କର୍ମ କରିବାପାଇଁ ନୈମିଷା ଅରଣ୍ୟରେ ପ୍ରବେଶ ହୋଇ ସୂତ ପୁରାଣିକଙ୍କୁ ଆତ୍ମଧ୍ୟାନରେ ନିରତ ଥିବାର ଦେଖିଲେ । ସୂତଙ୍କୁ ଶୌନକ ପଚାରିଲେ—

କି ତପ ଅଛି ତୁମ୍ଭ ମନେ,	କହିବା ମୋର ସନ୍ନିଧାନେ ।
ଆମ୍ଭେ ସକଳ ମୁନିବୃନ୍ଦ,	ଅନେକ କଲୁ କର୍ମ ସାଧ ।
ତୁମ୍ଭେ ଆମ୍ଭର ସଙ୍ଗେ ଆଇ,	କି ସାଧ କରୁଅଛ ଧ୍ୟାୟି ।
ବାହାରେ ନ ଦିଶେ ତୋ କର୍ମ,	ଭିତରେ କିବା ଅନୁମାନ ।
ତୋହର ବିପରୀତ କର୍ମ,	ଶୁଣି ତୁଟିବ ମୋର ଭ୍ରମ ।

ସୂତ ଉତ୍ତର ଦେଲେ—

ଶୁଣ ଏ ବେଦର ବଚନ, ଅଛଇ ଭିନ୍ନ ଭିନ୍ନ କର୍ମ ।
କର୍ମର ହେତୁ ଫଳ ଫଳେ, ଭୁଞ୍ଜଇ ଏ ମହୀମଣ୍ଡଳେ ।
କର୍ମର ଫଳ ଭୋଗ କରି, ନଚ୍ଚ୍ୟେ ଭ୍ରମଇ ବସୁନ୍ଧରୀ ।
ତେଣୁ ମୁଁ କର୍ମ ନ କରଇ, କର୍ମେ ମୋ ପ୍ରୟୋଜନ ନାହିଁ ।
ସମ୍ବାଦ କଲେ ନାନାକର୍ମ, କର୍ମେ ନ ତୁଟେ ନାନା ଭ୍ରମ ।
ଜୀବର ମୋକ୍ଷ ଧର୍ମ ସାର, ଆତ୍ମା ଦର୍ଶନେ ମନ ସ୍ଥିର ।

କର୍ମହିଁ ଜୀବର ବନ୍ଧନ; ସକଳ କର୍ମକୁ ତ୍ୟାଗ କରିବାହିଁ ମୋକ୍ଷ । ଆତ୍ମଜ୍ଞାନରେ ଏହି ମୋକ୍ଷ ସମ୍ଭବ । ଏହି ତତ୍ତ୍ୱପୂର୍ଣ୍ଣ ମୁନିମାନଙ୍କ ବହୁ ଯୁକ୍ତିର ଅବତାରଣା କରି ବୁଝାଇ ଅଛନ୍ତି । ଭଗବାନ ଶୂନ୍ୟରେ ଠୂଳ ରୂପ ଧରି ଏ ସୃଷ୍ଟି ସର୍ଜନା କରିଛନ୍ତି । କର୍ମର ଫଳ ଭୋଗ ନିମିତ୍ତ ଜୀବ ସଂସାରରେ ଜନ୍ମଲାଭ କରି ମାୟା ମୋହରେ ପଡ଼ି ରହୁଛି । କର୍ମ କରି ମୁକ୍ତି ପାଇବା ଅସମ୍ଭବ, ସକଳ କର୍ମ ତ୍ୟାଗ କରି ଆତ୍ମାରେ ବ୍ରହ୍ମ ଦର୍ଶନ କଲେ ମୁକ୍ତି ସମ୍ଭବ । ବେଦର ପ୍ରକୃତ ଅର୍ଥ ବୁଝି ନପାରି ଲୋକେ କର୍ମରେ ଲିପ୍ତ ରହୁଛନ୍ତି । ବେଦରେ ନିର୍ଗୁଣ ଭକ୍ତିର ନିର୍ଦ୍ଦେଶ ଅଛି । ଏ ନିର୍ଗୁଣ ଭକ୍ତିଦ୍ୱାରା ବ୍ରହ୍ମଜ୍ଞାନ ସମ୍ଭବ । ଜ୍ଞାନଯୋଗ ସମର୍ଥିତ ପନ୍ଥାକୁ ଚୈତନ୍ୟ ଦାସ ବଡ଼ ସୁନ୍ଦର ଭାବରେ ଏ ଗ୍ରନ୍ଥରେ ପ୍ରତିପାଦନ କରିଅଛନ୍ତି । ଜ୍ଞାନାଗ୍ନି ଦ୍ୱାରା ସକଳ କର୍ମ, ସକଳ ପାପ ଦଗ୍ଧ ହୋଇଯାଏ ଓ ଜୀବ ଆତ୍ମଜ୍ଞାନ ଲାଭ ଯୋଗୁଁ ମୁକ୍ତି ପ୍ରାପ୍ତ ହୁଏ, ଏହି ତତ୍ତ୍ୱଟିକୁ ବାରମ୍ବାର ବିଭିନ୍ନ ଅଧ୍ୟାୟରେ ବୁଝାଇଛନ୍ତି ।

ଅନେକ ପାପ ଅର୍ଜିଥିଲେ, ହରଇ ଆତ୍ମ ଧ୍ୟାନ କଲେ ।
ନାନା ପାତକ ଅର୍ଜି ପ୍ରାଣୀ, ଯେବେ ହୁଅଇ ବ୍ରହ୍ମଜ୍ଞାନୀ ।
ଜ୍ଞାନ ଅନଳେ ପାପ ଦହେ, ପାପରାଶି ଅଙ୍ଗେ ନ ରହେ ।

(୧୪ଶ ଅଧ୍ୟାୟ)

ଭଗବତ୍ ଗୀତାର ଜ୍ଞାନଯୋଗର ସାରତତ୍ତ୍ୱ ସହିତ ନିର୍ଗୁଣ ମାହାତ୍ମ୍ୟର ମୂଳତତ୍ତ୍ୱର ସାମଞ୍ଜସ୍ୟ ଅଛି ।

ଷୋଳଟି ଶ୍ରେଷ୍ଠ ଶ୍ରେଷ୍ଠ ଅଧ୍ୟାୟରେ କବି କର୍ମ, କର୍ମଫଳ, ଆତ୍ମଜ୍ଞାନ, ନିର୍ଗୁଣ ବ୍ରହ୍ମ, ବ୍ରହ୍ମଙ୍କ ସୃଷ୍ଟି ସର୍ଜ୍ଜନା, ଧ୍ୟାନ, ନିର୍ଗୁଣ ଭକ୍ତି ପ୍ରଭୃତି ବହୁ ବିଷୟ ସୁନ୍ଦର ଭାବରେ ବ୍ୟକ୍ତ କରିଛନ୍ତି । ନିଅ ଅକ୍ଷରୀ ବୃତ୍ତରେ ଗ୍ରନ୍ଥଟି ଲେଖା ।

ଭାଷା ଅତି ସହଜ ଓ ସରଳ । ଅତି ଜଟିଳ ତତ୍ତ୍ୱକୁ ଅତି ସହଜ ଭାବରେ ଚୈତନ୍ୟ ଦାସ ବୁଝାଇ ପାରିଛନ୍ତି ।

(୧) ସକଳ ଭୂତେ ବିଷ୍ଣୁ ଥାନ୍ତି, ତା ଭାବ କେହି ନଜାଣନ୍ତି । (୧ମ ଅଃ)

(୨) ଜନ୍ମ ମରଣେ ଭୟ ନାହିଁ, ଆତ୍ମାର ତତ୍ତ୍ୱ ଯେ ଜାଣଇ । (୧ମ ଅଃ)

(୩) ଗୋବିନ୍ଦ ହୃଦେ କର ଘର, କେବେହେଁ ନୋହିଇ ବାହାର । (୧ମ ଅଃ)

(୪) କର୍ମ ଗୁଡ଼ାଇ କର୍ମ କରେ, ଆନନ୍ଦେ ଜଗତ ବିହରେ । (୨ୟ ଅଃ)

(୫) ତାର ନକଳ ନୋହେ କେହି, ତା ବିନୁ ଅନ୍ୟ କେହି ନାହିଁ । (୨ୟ ଅଃ)

(୬) ନିର୍ଗୁଣ ପୁରୁଷ ମୁରାରି, ଖେଳଇ ତ୍ରିଗୁଣ ଆବୋରି ।
ଉତ୍ପତ୍ତି ସ୍ଥିତି ପ୍ରଳେ ଯେହି, ସେ ହାଦେ ବିଗୁଣ ବୋଲାଇ ।
କର୍ମ ଆବୋରି ଏ ସଂସାରେ, ନିର୍ଗୁଣ ବନ୍ଧୁ କେବା ତରେ ? (୨ୟ ଅଃ)

(୭) କର୍ମର ଫଳ ଭୁଞ୍ଜିବାକୁ, ତେଣୁ ସମ୍ଭିଲ ଜନ୍ମ ମୃତ୍ୟୁ । (୨ୟ ଅଃ)

(୮) ସକଳ କର୍ମ ବେଗେ ତେଜ, ନିଶ୍ଚଳ ମନେ ବ୍ରହ୍ମ ଖୋଜ । (୩ୟ ଅଃ)

(୯) ଆତ୍ମା ଜ୍ଞାନରେ ତାକୁ ପାଇ, ଆନ ଭାବରେ ଭେଟ ନାହିଁ । (୩ୟ ଅଃ)

(୧୦) ମୋତେ ଭେଟିଲେ ଜନ୍ମ ନାହିଁ ଯେ ପାରେ ନୟନରେ ଚାହିଁ ।
ଚାହିଁବା ଛଟକର ଭାବ, କରି ପାରିବ ଯେବେ ଠାବ । (୪ର୍ଥ ଅଃ)

(୧୧) ସକଳ କର୍ମ ବିଷ୍ଣୁ ପାଶେ, ସମର୍ପି ରହିବ ହରଷେ । (୫ମ ଅଃ)

(୧୨) ଯେ କଥା ଭକ୍ତି ଯୋଗ କଲେ, ଅବଶ୍ୟ ଫଳେ ଚିନକାଳେ । (୬ମ ଅଃ)

(୧୩) ଦେଖିଲେ ମୋ ସ୍ୱରୂପ ଭିନ୍ନ, ଅନ୍ତେ ମୋ ଅଙ୍ଗେ ଥିବୁ ରହି । (୭ମ ଅଃ)

(୧୪) ନବ ପୃଥିବୀ ନବ ଦ୍ୱାର, ଏ କାୟା ବ୍ରହ୍ମାଣ୍ଡ ସଞ୍ଚାର । (୮ମ ଅଃ)

(୧୫) ଦୃଶ୍ୟ ହୋଇଲେ ଜ୍ଞାନ ବାଟ, ଅନାଦି ବ୍ରହ୍ମ ହୋଏ ଭେଟ । (୧୬ଶ ଅଃ)

କବି 'ଜ୍ଞାନ କବାଟ' ନାମକ ଏକ ଶ୍ରେଷ୍ଠ ତତ୍ତ୍ୱ ଗ୍ରନ୍ଥ ଲେଖିଥିବା ଜଣାଯାଏ ।

କବି ଗ୍ରନ୍ଥଦ୍ୱୟର ଭାଷାକୁ ସରଳକରି ଜଟିଳ ତତ୍ତ୍ୱ ବିଷୟ ସହଜରେ ବୁଝିବା ଦିଗରେ ବହୁତ ସାହାଯ୍ୟ କରିଛନ୍ତି । ତାଙ୍କର ସରଳ ଭାଷା, ଲିଖନ ଭଙ୍ଗୀ, କଥୋପକଥନ ଛଳରେ ତତ୍ତ୍ୱ ବ୍ୟାଖ୍ୟା ପାଠକର ମନକୁ ଆକର୍ଷଣ କରିପାରିଛି । ଏହି ବିଶେଷତ୍ୱ ଯୋଗୁଁ କବି ନିରାକାର ନିର୍ଗୁଣତତ୍ତ୍ୱକୁ ଓଡ଼ିଶାର ଅପେକ୍ଷାକୃତ ଅଳ୍ପଶିକ୍ଷିତ ଲୋକଙ୍କ ସମ୍ମୁଖରେ ସ୍ୱଚ୍ଛଚିତ୍ର ଉପସ୍ଥାପିତ କରିପାରି ତତ୍ତ୍ୱପ୍ରଗ୍ରୃତିରେ ବହୁ ସାହାଯ୍ୟ କରିଛନ୍ତି । ଏହି କାରଣରୁ ନିର୍ଗୁଣ ନିରାକାର ପନ୍ଥୀ ଓ ମହିମାପନ୍ଥୀମାନେ ଚୈତନ୍ୟଦାସଙ୍କ ଗ୍ରନ୍ଥକୁ ଏକ ପ୍ରାମାଣିକ ଗ୍ରନ୍ଥରୂପେ ଗ୍ରହଣ କରିଛନ୍ତି ଏବଂ ଏହି ଗ୍ରନ୍ଥପ୍ରଗ୍ରୃତିତ ତତ୍ତ୍ୱ ବହୁକବିଙ୍କୁ ଉଚ୍ଚକୋଟିର କବିତା ରଚନା କରି ଓଡ଼ିଆ ସାହିତ୍ୟର କବିତାଭଣ୍ଡାରକୁ ସମୃଦ୍ଧ କରିବାରେ ସାହାଯ୍ୟ କରିଛି ।

ନବମ ପରିଚ୍ଛେଦ

ରାଜା ନାରାୟଣ ଦେବ

ସାଧାରଣ ମନୁଷ୍ୟର ଜୀବନରେ ଯେପରି, ଗୋଟିଏ ଜାତିର ଜୀବନରେ ମଧ୍ୟ ସେହିପରି ଅନେକ ପ୍ରକାରର ଉତ୍‌ଥାନ ଓ ପତନ ଦେଖାଯାଏ । ଆଜି ଯେ'ଅମିର କାଲି ସେ ଫକୀର ଓ କାଲି ଯେ ଫକୀର ଆଜି ସେ ଅମିର ହେଉଛି । ଆଜି ଯେଉଁ ଜାତି ଧନରେ, ମାନରେ ଓ ବଳରେ ଜଗତରେ ଶୀର୍ଷସ୍ଥାନ ଅଧିକାର କରିଅଛି, କାଲି ହୁଏତ ସେ ଦରିଦ୍ର, ପରପଦ ଦଳିତ ଲାଞ୍ଛିତ ହୋଇ ପଡ଼ୁଛି ।

ଏ ସବୁ ଉତ୍‌ଥାନ ପତନ ସତ୍ତ୍ୱେ ଜାତି ବଞ୍ଚିରହେ । ଅନେକ ସମୟରେ ଶାରୀରିକ ଭାବରେ ଜାତିର ମୃତ୍ୟୁ ଘଟିଥାଇ ପାରେ; କିନ୍ତୁ ମାନସିକ ରାଜ୍ୟରେ, ଚିନ୍ତାରାଜ୍ୟରେ ସେ ଅମର ହୋଇ ରହିଥାଏ । ଏହା ସମ୍ଭବପର ହୋଇଥାଏ ଜାତିର କାର୍ଯ୍ୟକଳାପଦ୍ୱାରା ଜଗତକୁ ତାର ଚିରନ୍ତନ ଦାନଦ୍ୱାରା ।

ଆଜି ଯଦି କେହି ପଚାରେ ଯେ, ଓଡ଼ିଆ ଜାତି ଏହି ସହସ୍ର ସହସ୍ର ବର୍ଷ ବ୍ୟାପି କପରି ଭାବରେ କାହାଦ୍ୱାରା ବଞ୍ଚି ରହିଛି, ତେବେ ଯେ କୌଣସି ଲୋକ ଅନାୟାସରେ ଉତ୍ତର ଦେବ—"ଓଡ଼ିଆ ଜାତି ବଞ୍ଚି ରହିଛି, ତାର ଶିଳ୍ପକଳା ଗୃତୁଖି ଓ ତାର ଅମର ସାହିତ୍ୟଦ୍ୱାରା ।"

ଭୁବନେଶ୍ୱର, ଜଗନ୍ନାଥ, କୋଣାର୍କ ମନ୍ଦିର; ଖଣ୍ଡଗିରି, ଉଦୟଗିରିର ଗୁମ୍ଫା; ସାହିତ୍ୟ ଦର୍ପଣ, ଗୀତଗୋବିନ୍ଦ, ସଙ୍ଗୀତ ନାରାୟଣ, ଅଳଙ୍କାର ଚନ୍ଦ୍ରିକା, ସିଦ୍ଧାନ୍ତ ଦର୍ପଣ ଓ ଜଗନ୍ନାଥ, ଲୋକନାଥ, ଉପେନ୍ଦ୍ର, ଦୀନକୃଷ୍ଣ, ଅଭିମନ୍ୟୁ, ସଦାନନ୍ଦ ଓ ବଳଦେବ ପ୍ରଭୃତିଙ୍କ କାବ୍ୟରାଜି ଓଡ଼ିଆ ଜାତିକୁ ଅମର କରି ରଖିଛି । ଯେଉଁ ମାହାତ୍ମାମାନେ ଜଗତ ସମ୍ମୁଖରେ ଓଡ଼ିଆ ଜାତିର ମାନମର୍ଯ୍ୟାଦା ବୃଦ୍ଧି କରିଛନ୍ତି, ସେମାନଙ୍କ ମଧ୍ୟରୁ ପାରଳାଧୀଶ ଗଜପତି ଶ୍ରୀ ନାରାୟଣ ଦେବ ଜଣେ ।

ନାରାୟଣ ଦେବ ବୀର, ଯୋଦ୍ଧା, ବୈଷ୍ଣବ, ଦାନୀ, କବି, ସଙ୍ଗୀତଜ୍ଞ ଓ ଆଲଙ୍କାରିକ ଥିଲେ ।

୧୮ଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ପାରଳାଖେମୁଣ୍ଡି ଅଧିପତି ଶ୍ରୀ ନାରାୟଣ ଦେବ ଜନ୍ମଗ୍ରହଣ କରିଥିଲେ । ସେ ଗଜପତି ଜଗନ୍ନାଥ ନାରାୟଣ ଦେବ ନାମରେ ମଧ୍ୟ ପରିଚିତ ଥିଲେ । ରାଜା ଶ୍ରୀ ଅନନ୍ତ ପଦ୍ମନାଭ ଦେବ ଅପୁତ୍ରକ ଥିବାରୁ ଜଗନ୍ନାଥ ନାରାୟଣଙ୍କୁ ପୋଷ୍ୟପୁତ୍ର କରିଥିଲେ । ପାରଳା ବଂଶର ଯେଉଁ ସଂକ୍ଷିପ୍ତ ଇତିହାସ ଏକ ପୁରୁଣା ତାଳପତ୍ର ପୋଥିରୁ ମିଳେ, ସେଥିରେ ନାରାୟଣ (ଜଗନ୍ନାଥ ନାରାୟଣ) ଦେବଙ୍କ ସମ୍ବନ୍ଧରେ ଲେଖାଅଛି—

"ଏହି ଜଗନ୍ନାଥନାରାୟଣ ଦେବ ରାଜତ୍ୱକଲେ ବର୍ଷ ୪୦ ମାସ ୫ ଦିନ । ଏହି ରାଜା ବଳବନ୍ତ ହେବାରୁ ଗୋଦାବରୀଠାରୁ ଛତ୍ରଗଡ଼ ପର୍ଯ୍ୟନ୍ତ ଅଖଣ୍ଡିତ ଅଧିକାର କଲେ । ଅନେକ ଶାସନ, ଧର୍ମ କୀର୍ତ୍ତିମାନ କଲେ । ଏ ମଧ୍ୟରେ ଯାଫିର ଖାଁ ବୋଲି ନବାବ ଆସିଥିଲା । ଚିକାକୋଲଠାରେ ତକତ୍କରି ମନ୍ଦର, ଆଠଗଡ଼, ଟେକଟି, ବଡ଼ଗଡ଼—ଏ ଚାରି ଜମିଦାରଙ୍କୁ ଖଇଦକରି ଘେନି ଯାଉଥିଲା । ସେ ସମୟରେ ଗଞ୍ଜାମ ଗଡ଼ଠାରେ ଯୁଦ୍ଧ ହେଉଥିଲା । ମୁଷାହାବାଦାମ୍ ବୋଲି ନବାବ ଥିଲା । ତାଙ୍କ ସଙ୍ଗେ ଯୁଦ୍ଧ ଥିଲେ । ସେ ସମୟରେ ଶୁଣିଲେ ଯାଫିର ଖାଁ ନବାବ ଏ ଚାରି ଜମିଦାରଙ୍କୁ ଜାତିଭ୍ରଷ୍ଟ କରି ବନ୍ଦୀ ନେଉଛି । ଏହାଶୁଣି ହରିଶ୍ଚନ୍ଦ୍ର ପାତ୍ରଙ୍କୁ ଗଞ୍ଜାମରେ ରଖି ଫୌଜ ସମସ୍ତ ରଖି ତାଙ୍କୁ ରାଜଚିହ୍ନାଦି ଦେଇ ସେଠାରୁ ଜଗନ୍ନାଥନାରାୟଣଙ୍କୁଦେବ ମହାରାଜା ବଦେନଗରଠାରେ ନବାବଙ୍କୁ ବନ୍ଦୀକରି ଏ ଜମିଦାରମାନଙ୍କୁ ଛଡ଼ାଇ ଆଣିଲେ । ସମସ୍ତ ଜମିଦାରମାନଙ୍କୁ ଡକାଇଆଣି ଅଠର ଜମିଦାରଙ୍କୁ ଏକତ୍ର ପଙ୍କ୍ତିଭୋଜନ କରାଇଲେ । ଯାଫିର ଖାଁ ନବାବଠାରୁ କୃଷ୍ଣଚନ୍ଦ୍ରହାତୀ, ମହାମରମତ ବାନା, ନମା ହସ୍ତିନୀ, ଡାକାନୋବତ୍—ଏ ସମସ୍ତ ଛଡ଼ାଇ ଆଣିଲେ । ପୁଣି ଗଞ୍ଜାମ ଆସି ମୁଷାହାକାମ୍ ନବାବକୁ ମାରି ଗଞ୍ଜାମଗଡ଼ରେ ରହି ନବାବଗିରି କଲେ । ଅଠରଗଡ଼ ଜମିଦାରଙ୍କୁ ପାଦତଳେ ଖଟାଇଲେ । ପୁନରପି ଫୌଜବନ୍ଦୀକରି ଓଡ଼ିଶା ଦେଶକୁ କଟକାଇ କଲେ । ଛତ୍ରଗଡ଼ଦ୍ୱାର ଘଡ଼ିକେ ଘେନିଲେ । ବାଣପୁରଠାରେ ଠଣାକଲେ । କପିଳେଶ୍ୱର

ମହାଦେବଙ୍କୁ ସ୍ଥାପନ କଲେ । ଭଗବତୀଙ୍କ ଦେଉଳ ତୋଲାଇଲେ । ଘେର ବନ୍ଧାଇଲେ । ଶ୍ରୀ ବୀରକେଶରୀ ଦେବଙ୍କୁ ଲଢ଼ାଇକରି ଜିଣି ଓଡ଼ିଶା ଦେଶରେ ରାଜତ୍ୱ କଲେ ବର୍ଷ ମାଂସ ଦଂନ । ଏ ଭିତରେ କଟକ ଗଡ଼କୁ ଫୌଜବନ୍ଦୀ କଲେ । କଟକରେ ଶିବଭଟ୍ଟ ବୋଲି ନବାବ (ମରହଟ୍ଟା ଶାସନକର୍ତ୍ତା) ଥିଲା । ସେ ନବାବ ଜିଣି ରାଜାଙ୍କୁ ବନ୍ଦୀ କଲେ । ବନ୍ଦୀରୁ କୃତ୍ୟମରେ ଫିଟି କୁଜଙ୍ଗପଣ୍ଟକୁ ସାଧିକଲେ । କେତେ ଦିନ ମୈରଭଞ୍ଜ (ମୟୂରଭଞ୍ଜ) ଦେଶରେ ରହି ସେଠାରେ ବୃଦ୍ଧହେଲେ । ଶ୍ରୀବୃନ୍ଦାବନ ଯାତ୍ରା କଲେ । ବୈଷ୍ଣବ ହୋଇ କଣ୍ଠି ଧାରଣା କଲେ । ପୁନରପି ପାରଲା ଆସି ଅନେକ ଲୋକ ତୋପରେ ଉଡ଼ାଇଲେ । ମାଡ଼ଗୁଳଠାରେ ଦେହ ଛାଡ଼ିଲେ ।"

ବଂଶାବଳୀରେ ଯେଉଁସବୁ ଘଟଣା ଲେଖା ହୋଇଛି, ସେଥିରୁ ଅଧିକାଂଶ ଇତିହାସ ଦ୍ୱାରା ପ୍ରମାଣିତ । ନାରାୟଣ ଦେବ (ଜଗନ୍ନାଥ ନାରାୟଣ ଦେବ) ଶେଷ ଜୀବନରେ ବୃନ୍ଦାବନ ଯାତ୍ରାକରି ବୈଷ୍ଣବ ଦୀକ୍ଷା ନେବା କଥା ସେ ନିଜେ ତାଙ୍କର 'ବୃନ୍ଦାବନଚନ୍ଦ୍ର ବିହାର' କାବ୍ୟରେ ଲେଖିଅଛନ୍ତି ।

ଖ୍ରୀ: ୧୭୫୭ ରେ ଶିବଭଟ୍ଟ ସାମନ୍ତରାୟ ଓଡ଼ିଶାରେ ଶାସନ କର୍ତ୍ତା ନିଯୁକ୍ତ ହୋଇ ୮ବର୍ଷ ପର୍ଯ୍ୟନ୍ତ ରାଜତ୍ୱ ଚଳାଇଥିଲେ । ସେତେବେଳେ ଖୋରଧାରେ ବୀର କେଶରୀ ଦେବ ରାଜତ୍ୱ କରୁଥିଲେ । ଏହି ସମୟରେ ନାରାୟଣ ଦେବ ଖୋରଧା ଆକ୍ରମଣ କରିଥିଲେ । ବୀର କେଶରୀ ଦେବ ଶିବଭଟ୍ଟଙ୍କ ସାହାଯ୍ୟରେ ୧୭୬୦ ଖ୍ରୀଷ୍ଟାବ୍ଦରେ ନାରାୟଣ ଦେବଙ୍କୁ ପରାସ୍ତ କରିଥିଲେ ।

ବଂଶାବଳୀରେ ବୀରପ୍ରତାପରୁଦ୍ର ଅପୁତ୍ରକ ହେବାରୁ ଜଗନ୍ନାଥନାରାୟଣ ଦେବଙ୍କୁ ଦତ୍ତପୁତ୍ର କରିଥିଲେ ବୋଲି ଲେଖାଅଛି । ଏହା ଠିକ୍ ନୁହେଁ । ଅନନ୍ତ ପଦ୍ମନାଭ ଦେବ ଅପୁତ୍ରକ ହେବାରୁ ଜଗନ୍ନାଥଙ୍କୁ ପୋଷ୍ୟପୁତ୍ର କରିଥିଲେ । ବୋଧହୁଏ ଜଗନ୍ନାଥଙ୍କ ନାବାଳକ ଅବସ୍ଥାରେ ପଦ୍ମନାଭ ମରିଯିବାରୁ ଜଗନ୍ନାଥ ରାଜ୍ୟଶାସନ କରିବା ଭଳି ବୟସକୁ ଆସିବା ପର୍ଯ୍ୟନ୍ତ ପ୍ରତାପରୁଦ୍ର ଦେବ ରାଜ୍ୟର ପରିଚାଳନା ଭାର ନେଇଥିଲେ ।

ନାରାୟଣ ଦେବଙ୍କ ରାଜତ୍ୱ ସବୁବେଳେ ଅଶାନ୍ତିମୟ ଥିଲା । ଅଧିକାଂଶ ସମସ୍ତ ଯୁଦ୍ଧ ଓ ଯୁଦ୍ଧ-ସଂକ୍ରାନ୍ତ ମନ୍ତ୍ରଣାରେ ଅତିବାହିତ ହେଉଥିଲା । ଲୋକର ଅନ୍ତର୍ନିହିତ ପ୍ରବଳ ଶକ୍ତି ନ ଥିଲେ ଏତେ କାର୍ଯ୍ୟ-ଜଞ୍ଜାଳ ଭିତରେ ଏତେ ମୂଲ୍ୟବାନ୍ ଓ ପରିଶ୍ରମସାପେକ୍ଷ ଗ୍ରନ୍ଥ ଲେଖିବା ସହଜ ନୁହେଁ । ଜଗନ୍ନାଥ-ନାରାୟଣ ଦେବଙ୍କର ସେପରି ଶକ୍ତି ଥିଲା ବୋଲି 'ବୃନ୍ଦାବନଚନ୍ଦ୍ର ବିହାର', 'ସଙ୍ଗୀତ ନାରାୟଣ', 'ଅଳଙ୍କାର ଚନ୍ଦ୍ରିକା' 'ସଂଗୀତ କୌମୁଦୀ' ପରି ଉତ୍କୃଷ୍ଟ ଗ୍ରନ୍ଥ ଲେଖି ପାରିଥିଲେ । ସଂଗୀତ ନାରାୟଣ, ସଂଗୀତ କୌମୁଦୀ, ଅଳଙ୍କାର ଚନ୍ଦ୍ରିକା ସଂସ୍କୃତରେ ରଚିତ ହୋଇଛି ।

ଲେଖକଙ୍କର 'ସଙ୍ଗୀତ ନାରାୟଣ'ର କେତେକ ଅଂଶ ପ୍ରକାଶିତ ହୋଇଛି ଓ 'ବୃନ୍ଦାବନ ବିହାର' ପୋଥି ଆକାରରେ ଅଛି । କିନ୍ତୁ 'ଅଳଙ୍କାର ଚନ୍ଦ୍ରିକା' ଗ୍ରନ୍ଥଟିର ଆଜି ପର୍ଯ୍ୟନ୍ତ ସନ୍ଧାନ ମିଳିନାହିଁ ।

'ସଙ୍ଗୀତ ନାରାୟଣ'—ଗ୍ରନ୍ଥଟି ଚାରୋଟି ପରିଚ୍ଛେଦରେ ବିଭକ୍ତ ।

ପ୍ରଥମ ପରିଚ୍ଛେଦରେ ମଙ୍ଗଳାଚରଣ ପରେ ପ୍ରସିଦ୍ଧ ଗଙ୍ଗ ବଂଶର ପ୍ରଶସ୍ତି ଦେଇ ସଙ୍ଗୀତର ଉତ୍ପତ୍ତି ନିର୍ଣ୍ଣୟ କରିଅଛନ୍ତି । ସଙ୍ଗୀତ ପଞ୍ଚମ ବେଦ—ଏହାର ଅଭ୍ୟାସରେ ମନୁଷ୍ୟ ଧର୍ମ, ଅର୍ଥ, କାମ, ମୋକ୍ଷ ପାଏ । ଗୀତ, ବାଦ୍ୟ, ନୃତ୍ୟ ଏତିକ ମିଶିଲେ ସଙ୍ଗୀତ ହୁଏ ଏବଂ କେତେକଙ୍କ ମତରେ ଗୀତ ବାଦ୍ୟ ଏ ଦୁହେଁ ମିଶିଲେ ମଧ୍ୟ ସଙ୍ଗୀତ ହୁଏ । ସଙ୍ଗୀତ ଦୁଇ ପ୍ରକାର—ମାର୍ଗ ଓ ଦେଶୀ । ନାଦ ନ ଥିଲେ ସଙ୍ଗୀତ ହୁଏ ନାହିଁ । ନାଦ ବ୍ୟବହାରରେ ତିନିପ୍ରକାର ଦେଖାଯାଏ—ମନ୍ଦ୍ର, ମଧ୍ୟ, ତାର । ରଞ୍ଜକ ହୋଇଥିବା ଧାତୁ ଓ ମାତୁ ଏ ଦୁହେଁ ମିଶିଲେ ଗୀତ ହୁଏ । ଶ୍ରୁତି ନାଦରୁ ହୁଏ, ଶ୍ରୁତିରୁ ସ୍ୱର, ସ୍ୱରରୁ ମୂର୍ଚ୍ଛନା, ମୂର୍ଚ୍ଛନାରୁ ତାଳ, ତାଳରୁ ତାନ, ତାନରୁ ଗ୍ରାମ ପ୍ରଭୃତି ଜାତହୁଏ । ଆରୋହ ଅବରୋହ ଭେଦରେ ଶ୍ରୁତି ବାଇଶ ପ୍ରକାର । ସ୍ୱର ସାତ ପ୍ରକାର । ସ୍ୱର ଉଚ୍ଚାରଣ ବେଳେ ବାଦି, ସମ୍ବାଦି, ବିବାଦୀ, ଅନୁବାଦୀ ଚାରିପ୍ରକାର ହୁଏ । ସ୍ୱର ପୁଣି ଗ୍ରାମ, ସଂଯୋଗ, ସଂସ୍ଥାନ ଏ ତିନି ପ୍ରକାର ହୁଏ । ଏହାର ତିନି ପ୍ରକାର ନାମ—ଷଡ଼୍‌ଜ, ମଧ୍ୟମ, ଗାନ୍ଧାର । ଏମାନଙ୍କର କାହାର କେତେ

ମୂର୍ଚ୍ଛନା ଏବଂ ମୂର୍ଚ୍ଛନାର ଲକ୍ଷଣ ଦିଆଯିବାପରେ ତାନ କେତେ ପ୍ରକାର ତାହା ବର୍ଣ୍ଣନା କରାଯାଇଛି । ତାନର ସଂଖ୍ୟା ୫୦୩୩ ବୋଲି ଲେଖକ ଜଣାଇଛନ୍ତି । ସ୍ଥାୟୀ, ଆରୋହୀ, ଅବରୋହୀ, ସଞ୍ଚାରୀ ଏପରି ଚାରି ପ୍ରକାର ବର୍ଣ୍ଣ । ଏମାନେ ଅଳଙ୍କାର ହେଲେ ସ୍ଥାୟୀ ୨୬, ଆରୋହୀ ୧୨, ଅବରୋହୀ ୧୨, ସଂସ୍କୃତ ୧୨, ଏପରି ୬୨ ଅଳଙ୍କାର ହୁଏ । ଏହି ଅଳଙ୍କାର ବିଷୟରେ ବିସ୍ତୃତଭାବରେ ଲେଖକଙ୍କର ଅନ୍ୟଗ୍ରନ୍ଥ 'ଅଳଙ୍କାର ଚନ୍ଦ୍ରିକା'ରେ ଆଲୋଚିତ ହୋଇଥିବାରୁ ସେ ସବୁ ଏହି ଗ୍ରନ୍ଥରେ ପୁନରାବୃତ୍ତି କରି ନାହାନ୍ତି ବୋଲି ସେ ଲେଖିଛନ୍ତି । ତା ପରେ ଗ୍ରହ ସ୍ୱର, ଅଂଶ ସ୍ୱର, ନ୍ୟାସ ସ୍ୱରର ଲକ୍ଷଣ କହିବା ପରେ ସ୍ୱରର ଜାତି-ଶୁଦ୍ଧ, ବିକୃତ, ଶଙ୍କର ସମ୍ବନ୍ଧରେ ବର୍ଣ୍ଣନା କରା ଯାଇଛି । ଶୁଦ୍ଧ ଜାତି ୭, ବିକୃତ ୧୧—ଏହି ଅଠରଟି ରାଗମାନଙ୍କର ମାତା । '୬ ସହସ୍ର ଗୋପନାରୀଙ୍କ ଗୀତରୁ ୧୬ ସହସ୍ର ରାଗ ଜାତହେଲା । ସେଥିରୁ କେବଳ ୩୬ଟି ଖ୍ୟାତ ହୋଇ ରହିଲେ । ଏହି ରାଗମାନଙ୍କ ମଧ୍ୟରୁ କେତେକ ପୁରୁଷ ଓ କେତେକ ସ୍ତ୍ରୀ । ୬ ରାଗ ଓ ୩୦ ରାଗିଣୀ । ଦେଶ ଭେଦରେ ମଧ୍ୟ ବିଭିନ୍ନ ରାଗ ନିର୍ଣ୍ଣୟ ଥିବା ଗ୍ରନ୍ଥକାର ଲେଖିଅଛନ୍ତି । କେଉଁ ରାଗ ଗାଇଲେ କି ପୁଣ୍ୟ, କେଉଁ ରାଗର କି ଆକୃତି, ଲକ୍ଷଣ ଓ କେଉଁ ସମୟରେ କେଉଁ ରାଗ ଗାଇବ, ତାହା ବର୍ଣ୍ଣିତ ହୋଇଛି । ଗୀତ ଦୁଇ ପ୍ରକାର—ନିବଦ୍ଧ, ଅନିବଦ୍ଧ । ନିବଦ୍ଧରେ ତିନି ପ୍ରକାର—ଶୁଦ୍ଧ, ଛାୟା ଓ କ୍ଷୁଦ୍ର । ଅନ୍ୟମତରେ ପ୍ରବନ୍ଧ, ବସ୍ତୁ, ରୂପକ । ପଦ ବା ଧାରୁ ଚାରି ପ୍ରକାର । —ଉଦ୍ଗ୍ରାହକ, ମେଲାପକ, ଆଭୋଗ ଓ ଧ୍ରୁବ । ଗୀତର ପାଞ୍ଚ ପ୍ରକାର ଜାତି—ମେଦନୀ, ବାଦନୀ, ପାବନୀ, ତାରାବଳୀ । ଏମାନଙ୍କର ଲକ୍ଷଣ ଓ ଭେଦ ବିସ୍ତୃତ ଭାବରେ ଦିଆଯାଇଛି । ତାଲ ଓ ତାର ପ୍ରତିଭାଷା, ଗୀତର ଗୁଣ ଓ ତାଳମାନଙ୍କର ଉଦାହରଣ ଉଲ୍ଲେଖ ହୋଇଛି । ତାଳପରେ ଲୟ ସମ୍ବନ୍ଧରେ ଲେଖି 'ଗୀତ ନିର୍ଣ୍ଣୟ' ନାମକ ପ୍ରଥମ ପରିଚ୍ଛେଦ ସମାପ୍ତ କରିଛନ୍ତି ।

ଦ୍ୱିତୀୟ ପରିଚ୍ଛେଦରେ ବାଦ୍ୟ ପ୍ରସଙ୍ଗ କୁହା ଯାଇଛି । ବାଦ୍ୟ ଚାରି ପ୍ରକାର—ତତ, ଆନଦ୍ଧ, ସୁଷିର, ଘନ । ଅନେକପ୍ରକାର ବାଦ୍ୟଯନ୍ତ୍ର ଥିଲେ

ସୂଚ୍ଚା ଏହି ଗ୍ରନ୍ଥରେ ନିମ୍ନଲିଖିତ କେତୋଟି ଯନ୍ତ୍ରର ଗଠନପ୍ରଣାଳୀ ଦିଆ-ଯାଇଛି; ଯଥା: —ଆଳାବଣୀ, କଚ୍ଛପୀ ବୀଣା ବା ରୂପବତୀ, ସାରଙ୍ଗୀ; ରୁଦ୍ରବୀଣା, କିବଳାସିକା (ବା ଆଡ଼ବୀଣା), ମର୍ଦ୍ଦଳ (ମର୍ଦ୍ଦଳ ବଜାଇବା ପ୍ରଣାଳୀ ଦିଆଯାଇଛି) ଓ ବଂଶୀ । ଏହି ପରିଚ୍ଛେଦର ନାମ 'ବାଦ୍ୟ-ନିର୍ଣ୍ଣୟ' । ଏଥିରେ ବାଦ୍ୟ କିପରି ବଜେଇବାକୁ ହେବ, ତାହା ମଧ୍ୟ ଲେଖା ହୋଇଛି ।

ତୃତୀୟ ପରିଚ୍ଛେଦରେ ନୃତ୍ୟ ସମ୍ବନ୍ଧରେ ଲେଖା ଯାଇଛି । ନାଟ୍ୟର ଉତ୍ପତ୍ତି ବର୍ଣ୍ଣିବା ପରେ ନର୍ତ୍ତନ ତିନି ପ୍ରକାର ବୋଲି ଉଲ୍ଲେଖ କରି ଅଛନ୍ତି; ଯଥା:—ନୃତ୍ୟ, ନାଟ୍ୟ, ନୃତ୍ତ । ଏମାନଙ୍କର ଭେଦ ଓ ଲକ୍ଷଣ ଦିଆ ଯାଇଛି । ନୃତ୍ୟ ଓ ନୃତ୍ତ ଦୁଇ ପ୍ରକାର; ଯଥା—ଲାସ୍ୟ ଓ ତାଣ୍ଡବ । ତାଣ୍ଡବ ଦୁଇ ପ୍ରକାର; ଯଥା:—ପ୍ରେରଣୀ ତାଣ୍ଡବ ଓ ବହୁରୂପ ତାଣ୍ଡବ । ଲାସ୍ୟ ଦୁଇ ପ୍ରକାର—ସ୍ଫୁରିତ ଓ ଯୌବତ । ଲାସ୍ୟ ଭେଦରେ ମଧ୍ୟ ନୃତ୍ୟ ବହୁପ୍ରକାର । ନୃତ୍ତ ତିନି ପ୍ରକାର—ବିଷମ, ବିକଟ ଓ ଲଘୁ । ନୃତ୍ୟ—କାଷ୍ଠାନୃତ୍ୟ, ଢାକଢ଼ୀ (ଦେଶୀ), ଶାବର ନୃତ୍ୟ, କୁରଙ୍ଗୀନୃତ୍ୟ, ମଣ୍ଡଳୀ । ନାଟ୍ୟଶାଳା କିପରି ନିର୍ମାଣ କରିବାକୁ ହେବ ତାହା କୁହାଯାଇଛି । କିପରି ନାଟ୍ୟ ସଭା ହେବ, କିଏ କେଉଁଠାରେ ବସିବେ ତାର ବର୍ଣ୍ଣନା ଦିଆଯାଇଅଛି । ନାଚିବା ଲୋକ ବା ପାତ୍ରର ଗୁରୁର ଲକ୍ଷଣ, ଶାଢ଼ୀ ଅଭିନୟ ପ୍ରଭୃତିର ଲକ୍ଷଣ, ମସୀ ବିଧାନ, ବେଶ ବିଧାନ, ଦାଢ଼ି ଲକ୍ଷଣ, ଆୟୁଧ ପ୍ରକରଣ, ପ୍ରତିମୁଖ ପ୍ରସଙ୍ଗ, ନେପଥ୍ୟ ଲକ୍ଷଣ, ପୁଷ୍ପ ଓ ମାଲ୍ୟ ପ୍ରସଙ୍ଗ, ଅଳଙ୍କାର ପ୍ରସଙ୍ଗ, ସ୍ତ୍ରୀଭୂଷଣ, ଅଙ୍ଗ ବିବର୍ତ୍ତନ, ଭାଷା ବିଭାଗ, ନାଟ୍ୟୋକ୍ତି, ପାତ୍ରର ନାମ, ରଥର ନାମ, ନାଟ୍ୟର ଶୋଭା, ନାଟ୍ୟ ସମସ୍ତ, ନାଟ୍ୟ ପ୍ରଶଂସା ପ୍ରଭୃତି ଦିଆଯାଇଛି । ଅଙ୍ଗପ୍ରତ୍ୟଙ୍ଗଚାଳନ " ପ୍ରକାର ଭେଦରେ କଣ ହୁଏ, କି ଭାବ ପ୍ରକାଶ କରେ, ତାହା ବିସ୍ତୃତଭାବରେ ବୁଝାଇଛନ୍ତି । ଏ ପରିଚ୍ଛେଦର ନାମ 'ନାଟ୍ୟ ନିର୍ଣ୍ଣୟ' ।

ଚତୁର୍ଥ ପରିଚ୍ଛେଦ—ଏହି ଭାଗରେ ବିଭିନ୍ନ ଗୀତମାନଙ୍କର ଉଦାହରଣ ଦିଆଯାଇଛି । କେତୋଟି ପ୍ରସିଦ୍ଧ ସଂସ୍କୃତ ଗ୍ରନ୍ଥକାରମାନଙ୍କର ଏବଂ କେତୋଟି

ଗ୍ରନ୍ଥକାରଙ୍କ ନିଜର ଗୀତ ଉଦାହରଣସ୍ୱରୂପ ଦିଆଯାଇଛି । ଏ ପରିଚ୍ଛେଦର ନାମ 'ଶୁଦ୍ଧ ପ୍ରବନ୍ଧୋଦାହରଣ' ।

'ସଙ୍ଗୀତ ନାରାୟଣ'ରେ ବର୍ଣ୍ଣିତ ବିଷୟଗୁଡ଼ିକ ଖୁବ୍ ସୁନ୍ଦର ଭାବରେ ପ୍ରକାଶ ପାଇଛି । ଗ୍ରନ୍ଥକାର ଅନ୍ୟାନ୍ୟ ଶାସ୍ତ୍ରକାରମାନଙ୍କର ମତ ଉଦ୍ଧାର କରିବା ସଙ୍ଗେ ସଙ୍ଗେ ନିଜର ମତ ପରିଷ୍କାର ଭାବରେ ବ୍ୟକ୍ତ କରିଛନ୍ତି । ଏହି ହେତୁରୁ ଗ୍ରନ୍ଥର ମର୍ଯ୍ୟାଦା ବିଶେଷଭାବରେ ବୃଦ୍ଧି ପାଇଛି । ଏହି ଗ୍ରନ୍ଥରେ ଭରତ, କୋହଲ, ବାଚସ୍ପତି ପ୍ରଭୃତିଙ୍କ ସଙ୍ଗୀତ ଗ୍ରନ୍ଥ, ହରିନାୟକଙ୍କ ସଙ୍ଗୀତ ରତ୍ନମାଳା, ସଙ୍ଗୀତ କୌମୁଦୀ, ସଙ୍ଗୀତ ସାର, ସଙ୍ଗୀତ କଳ୍ପତରୁ, ନାଟ୍ୟ ଦର୍ପଣ, ସଙ୍ଗୀତ ପ୍ରକାଶ, ସଙ୍ଗୀତ କଳାଙ୍କୁର, ନାରଦ ସଂହିତା, ସଙ୍ଗୀତ ଦାମୋଦର, ସଙ୍ଗୀତ ଚନ୍ଦ୍ରିକା, ସଙ୍ଗୀତ ଶିରୋମଣି, ଜୟନ୍ତି ପୁରୁଷୋତ୍ତମ ମିଶ୍ରଙ୍କ ତାଳ ସଂଗ୍ରହ ପ୍ରଭୃତି ଅନେକ ଗ୍ରନ୍ଥର ମତ ଉଦ୍ଧୃତ ହୋଇଛି। ବିଶେଷତଃ ରାଜସଭାର ସଙ୍ଗୀତାଚାର୍ଯ୍ୟ କବିରତ୍ନ ଶ୍ରୀ ପୁରୁଷୋତ୍ତମ ମିଶ୍ରଙ୍କଠାରୁ ଜଗନ୍ନାଥ-ନାରାୟଣ ସଙ୍ଗୀତ ସମ୍ବନ୍ଧରେ ଯାହା ଶିଖିଛନ୍ତି, ସେଥିଉପରେ ବେଶି ନିର୍ଭର କରିଛନ୍ତି ବୋଲି ସେ ନିଜେ ଉଲ୍ଲେଖ କରିଛନ୍ତି । ପୁରୁଷୋତ୍ତମ ମିଶ୍ରଙ୍କ ତାଳ ସଂଗ୍ରହ ଓ ହରିନାୟକଙ୍କ 'ସଙ୍ଗୀତ ରତ୍ନମାଳା' ଏ ଦୁଇଟି ଗ୍ରନ୍ଥର ସନ୍ଧାନ ଆଜି ପର୍ଯ୍ୟନ୍ତ ମିଳିନାହିଁ ।

'ବୃନ୍ଦାବନଚନ୍ଦ୍ର ବିହାର'—ଏହି ଗ୍ରନ୍ଥଟିରେ ଅଳକାପୁରରେ ନାରଦ ଭଗବାନ୍ ଶ୍ରୀକୃଷ୍ଣଙ୍କର ଲୀଳା ବର୍ଣ୍ଣନା କରୁଅଛନ୍ତି । ସ୍ୱୟଂ ମାହେଶ୍ୱରୀ ଦିନେ ରାତିରେ ହଳଧରଙ୍କୁ ଆଣି ରୋହିଣୀଙ୍କ କୋଳରେ ଥୋଇଦେଇ ସ୍ୱପ୍ନରେ କହିଲେ "ହଳଧରଙ୍କୁ ଦେଇଗଲି । ଏକ ବର୍ଷ ସାତ ଦିନ ପରେ ଯଶୋଦା ଶ୍ରୀକୃଷ୍ଣଙ୍କୁ କୁମରରୂପେ ପାଇବେ ।" ତାଙ୍କ ବାଣୀ ଅନୁସାରେ ବସୁଦେବଙ୍କ ସ୍ତ୍ରୀ ଦେବକୀଙ୍କ ଗର୍ଭରେ ଶ୍ରୀକୃଷ୍ଣ ଜନ୍ମହେଲେ ଏବଂ ସ୍ୱୟଂ ମାହେଶ୍ୱରୀ ଯଶୋଦାଙ୍କ ଗର୍ଭରେ ଜନ୍ମହେଲେ । ବସୁଦେବ ପୁତ୍ର ଜନ୍ମ ହେବା ହେବା ରାତି ସମୟରେ ଯଶୋଦା ନିଦ୍ରାଯାଇଥିବା ବେଳେ ଦୁହିତାର ସ୍ଥାନରେ ଶ୍ରୀକୃଷ୍ଣଙ୍କୁ ରଖିଦେଇ ନିଜେ ଦୁହିତାକୁ ନେଇ ପଳାଇଲେ । ଶ୍ରୀକୃଷ୍ଣ ଓ ବଳରାମ ଗୋପ ନଗରରେ

ବର୍ଦ୍ଧିତ ହେବାକୁ ଲାଗିଲେ । ଏଣେ କଂସ ରାଜାର ଷଡ଼ଯନ୍ତ୍ରରେ ଅନେକ ଅସୁର ଆସି ଶ୍ରୀକୃଷ୍ଣଙ୍କୁ ମାରିବାକୁ ଯତ୍ନ କଲେ । ପ୍ରଥମେ ପୂତନା ଅସୁରୀ କ୍ଷୀରପାନ କରାଇବା ବାହାନାରେ ଆସି ଶ୍ରୀକୃଷ୍ଣଙ୍କ ହାତରେ ପ୍ରାଣ ହରାଇଲା । ପରେ ଶକଟାସୁର, ତୃଣା, ବକା ପଭୃତିଙ୍କୁ ଶ୍ରୀକୃଷ୍ଣ ନିଧନ କଲେ; ଯାମଳାର୍ଜ୍ଜୁନ ଭଞ୍ଜନ କଲେ; ଗୋପରେ ନାନା ରଙ୍ଗରେ ବାଲ୍ୟଲୀଳା ଦେଖାଇଥିଲେ । ଗୋପରେ ଜନ୍ମାବଧି ୧୧ ବର୍ଷ ୬ ମାସ, ମଥୁରାରେ ୧୩ ବର୍ଷ ୬ ମାସ, ଦ୍ୱାରକାରେ ୧୦୦ ବର୍ଷ ଲୀଳା ବିସ୍ତାର କରିଥିଲେ । ଶ୍ରୀକୃଷ୍ଣଙ୍କ ଗୋପ ଓ ମଥୁରାଲୀଳା ୧୦ଟି ଦୀର୍ଘ ଛାନ୍ଦରେ ସମ୍ପୂର୍ଣ୍ଣ ହୋଇଛି ।

କବି ଖୋରଧା ଅଭିଯାନ ପ୍ରଭୃତି ଶେଷକରି ଜୀବନର ଶେଷ ଭାଗରେ ବୈଷ୍ଣବ ଦୀକ୍ଷା ଗ୍ରହଣ କରିଥିଲେ । ତୀର୍ଥ କରିବା ଉଦ୍ଦେଶ୍ୟରେ ବୃନ୍ଦାବନ ମଧ୍ୟ ଯାଇଥିଲେ । ବୃନ୍ଦାବନରୁ ଫେରିବା ପରେ 'ବୃନ୍ଦାବନଚନ୍ଦ୍ର ବିହାର' ଗ୍ରନ୍ଥ ୧୬୮୯ ବା ୧୭୬୭ରେ ଲେଖା ହୋଇଥିଲା ।

ଶର୍କରା ସ୍ୱାଦୁ ଶୂକର ନ ଜାଣିଲା
ପରାପ୍ତେ ନ ରୁଚେ ଖଳକୁ
ଏହି ପୀରତି ସଞ୍ଚେ ସୁଜନକୁ,
ବ୍ରଜ ପର୍ଯ୍ୟଟନ ସାଧୁଙ୍କ ମୁଁ ଯେ
ହୋଇଲି ଏଥି ଯୋଗ୍ୟକୁ, ହେ ସୁଜନେ ।
କଲି ଗୁର ସହସ୍ର ଆଠ ଶତ,
ଶତଷଠୀ ବରଷ ସମାପତ ।
ଶକାବ୍ଦ ଷୋଳଶ ଅଣନବ୍ଦ
ସମ୍ବତ୍ସର ନାମ ସର୍ବଜିତ, ହେ ସୁଜନେ ।
କାର୍ତ୍ତିକ ଶୁକ୍ଳ ପଞ୍ଚମୀରେ ଆରମ୍ଭ
କଲୁ ଏହୁ ଗ୍ରନ୍ଥ ବିଧାନ,
ମାଘ ବସନ୍ତପଞ୍ଚମୀରେ ପୂର୍ଣ୍ଣ,
ମଙ୍ଗଳବାର ଦ୍ୱାଦଶ ଦଣ୍ଡ ।
ଭୋଗ ବଢିଶ ଲତା ପ୍ରମାଣ, ହେ ସୁଜନେ ।

ବସି ଶ୍ରୀରାମ ସ୍ୱାମୀଙ୍କ ଗ୍ରାମରେ
ଅତି ତୋଷ ଖିମୁଣ୍ଡି ପାଟଣାରେ ।
ଗଙ୍ଗ ବଂଶୋତ୍ପତ୍ତି ଜଗନ୍ନାଥ
ନାରାୟଣ ଦେବ ସୁଚରିତରେ, ହେ ସୁଜନେ ।
ବୃନ୍ଦାବନରେ ରାଧା କୁଣ୍ଡ ଶ୍ୟାମ କୁଣ୍ଡ
ପ୍ରତି କୁଞ୍ଜ କଲି ଦର୍ଶନ,
ପୁଣି ଯେତେ ସଂକେତ ସ୍ଥଳମାନ
ରାଜସ୍ଥଳୀ ଧୂଳି ସେବି ପରକମା ।
କରି ଗିରି ଗୋବର୍ଦ୍ଧନ, ହେ ସୁଜନେ ।
କରି ସେବନ ଲୋକନ ସମୂହ
ବିହି ଯମୁନା ଜଳେ ଅବଗାହି
ପୁଣି ବୃନ୍ଦାଦେବୀ କୃପାରୁ କର୍ତ୍ତିଲି
ଚେନ ସୁଜନ ନିବହି, ହେ ଏ ରାସ । (୧ମ ପ୍ରକାଶ ଛାନ୍ଦ)

କବି ଏହି କାବ୍ୟଟିରେ ବେଶି କିଛି କୃତିତ୍ୱ ଦେଖାଇ ପାରି ନାହାନ୍ତି । ମୌଳିକତା ମଧ୍ୟ ବିଶେଷଭାବରେ ଦେଖାଯାଏ ନାହିଁ । ଗୋସ୍ୱାମୀ ଗ୍ରନ୍ଥମାନଙ୍କର ପ୍ରଭାବ ସ୍ପଷ୍ଟଭାବରେ ପରିଲକ୍ଷିତ ହୁଏ । ଭାଷା ଖୁବ୍ ସରଳ ହୋଇଛି ।

ଜଗନ୍ନାଥ ନାରାୟଣ ଦେବ ଜଣେ ମହାରାଜା, ଯୋଦ୍ଧା । ସେ ଯେ କିପରି ପଣ୍ଡିତ, ସଙ୍ଗୀତଜ୍ଞ, କବି, ଆଲଙ୍କାରିକ ହୋଇପାରିଲେ, ଏହାହିଁ ଦେଖିବାର କଥା । ଏପରି ମଧୁର ସମାବେଶ ଯେ କୌଣସି ଜାତି ପକ୍ଷରେ ଗୌରବର ବିଷୟ ।

ଦଶମ ପରିଚ୍ଛେଦ

ପୀତାମ୍ବର ଦାଶ

ମହାକବି ପୀତାମ୍ବର ଦାଶଙ୍କ 'ନୃସିଂହପୁରାଣ' ଏକ ଜନପ୍ରିୟ ପୁରାଣ । ନୃସିଂହଙ୍କ ଚରିତକୁ ବୈଷ୍ଣବ କବି ଚମତ୍କାର ଭାଷା ଓ ଭଙ୍ଗୀରେ ପ୍ରକାଶ କରିଥିବାରୁ ସର୍ବଶ୍ରେଣୀର ଲୋକେ ଏହାକୁ ଆଦର କରିଥାନ୍ତି । ଚରିତ ସାଙ୍ଗକୁ ବହୁବିଧ ଉପଦେଶ, ସାମାଜିକ ବ୍ୟବହାର, ରୀତିନୀତି ଆଦି ଏଥିରେ ବାସ୍ତବଦୃଷ୍ଟିରୁ ବ୍ୟକ୍ତ ହୋଇଥିବାରୁ ଲୋକେ ସମ୍ମାନ ସହକାରେ ଏହାକୁ ପାଠ କରିଥାଆନ୍ତି ।

କବିଙ୍କ ସମୟ ସରଳ ଓଡ଼ିଆ ଭାଷାରେ ବହୁ ପୁରାଣ ରଚିତ ହୋଇ ଲୋକଙ୍କ ଭିତରେ ପ୍ରଚଳିତ ହୋଇ ସାରିଥିଲା । ସାରଳା ଦାସଙ୍କ ମହାଭାରତ, ବିଲଙ୍କା ରାମାୟଣ, ଚଣ୍ଡୀ ପୁରାଣ, ବଳରାମ ଦାସଙ୍କ ଜଗମୋହନ ରାମାୟଣ, ଜଗନ୍ନାଥ ଦାସଙ୍କ ଭାଗବତ, ଅଚ୍ୟୁତାନନ୍ଦଙ୍କ ପଦ୍ମପୁରାଣ, ନାରାୟଣ ଦାଶଙ୍କ ହରିବଂଶ, ମହାଦେବ ଦାସଙ୍କ ବିଷ୍ଣୁକେଶରୀ ପୁରାଣ ପ୍ରଭୃତି ପୀତାମ୍ବରଙ୍କ ପୂର୍ବରୁ ଲୋକଙ୍କ ଉପରେ ପ୍ରଗାଢ଼ ପ୍ରଭାବ ବିସ୍ତାର କରିବାରେ ଏବଂ ଧାର୍ମିକ, ନୈତିକ ଓ ସାମାଜିକ ମାନଦଣ୍ଡକୁ ଦୃଢ଼ ରଖିବାରେ ସମର୍ଥ ହୋଇ ପାରିଥିଲେ । ଚରିତ ବର୍ଣ୍ଣନାରେ ଚତୁର୍ଦ୍ଦଶାକ୍ଷର ବୃତ୍ତକୁ ସାରଳା ଦାସ ଯେଉଁ ଗୌରବ ଦାନ କରିଗଲେ ତା ଫଳରେ ପରବର୍ତ୍ତୀ ବହୁ ପୁରାଣଲେଖକ ଏହି ବୃତ୍ତକୁ ଗ୍ରହଣ କରିଛନ୍ତି । ପୀତାମ୍ବର ଏହି ଶ୍ରେଣୀର ପଥିକ । ଓଡ଼ିଶାରେ ଏହି ଧାରା ଶୁଷ୍କ ହୋଇନାହିଁ ।

କବିଙ୍କ ସମୟ—ଦ୍ୱିତୀୟ ରତ୍ନାକର ପ୍ରାରମ୍ଭାଂଶରେ କବି କହିଛନ୍ତି—

ମୁହିଁ ଶିଶୁ ବୁଦ୍ଧି ପୁଣି ଅଟେ ଅପଣ୍ଡିତ,
ଏହି ଗ୍ରନ୍ଥ ଲେଖିବାକୁ ମୁହିଁ କିବା ଶକ୍ତ । (୧ମ ରତ୍ନାକର)

ଏଥିରୁ ଅଳ୍ପବୟସରେ କବି ଏ ଗ୍ରନ୍ଥ ରଚନା କରିଥିବା ପ୍ରସଙ୍ଗକୁ ଲକ୍ଷ୍ୟ କରିଥିବା ଅନୁମାନ କରାଯାଇ ନ ପାରେ । ଯୌବନାବସ୍ଥାରେ କବି ରଚନା କରିଥିଲେ 'ଶିଶୁବୁଦ୍ଧି'ର ଅର୍ଥ ଅଳ୍ପ ବୁଦ୍ଧି । ନମ୍ରତାବଶରୁ କବି ଏପରି ଲେଖିଛନ୍ତି ।

ପୁଣି ସପ୍ତମ ଜନ୍ମ ପ୍ରସଙ୍ଗରେ କବି ଲେଖିଛନ୍ତି—

ସପ୍ତମ ଜନ୍ମ ଶୁଣିମା ମୋର ସାଧୁଜନେ,
ଗୋବିନ୍ଦ ସଞ୍ଜିଲେ ଆଣି ମୋତେ ବଡ଼ ସ୍ଥାନେ ।× × ।
ଜନ୍ମରୁ ବାଳୁତ ଭାବେ ବୁଦ୍ଧି ମୋର ଗଲା,
ବୟସ ଲେଖନ୍ତେ ଦୁଇ ଅଙ୍କେ ସାତ ହେଲା ।
ଏ ସମୟେ ବଳଭଦ୍ର ଆଜ୍ଞା ଦେଲେ ମୋତେ,
ବୋଇଲେ ପୁର୍ବକଥା କିବା ପାସୋରିଲୁ ଚିତ୍ତେ ।
ଯେଉଁ ଜନ୍ମେ ଯେଉଁ ଆଜ୍ଞା ଦେଲେ ମୋତେ ଜାଣ,
ଏବେ ଆଜ୍ଞା ଦେଇ କର ନୃସିଂହ ପୁରାଣ ।

ଏଥିରୁ ଜଣାଯାଉଛି ଯେ କବିଙ୍କୁ ଏ ସମୟକୁ ଅର୍ଥାତ୍ ଦ୍ୱିତୀୟ ରତ୍ନାକରର ପ୍ରଥମାଂଶ ଲେଖନ ସମୟକୁ କବିଙ୍କୁ 'ଦୁଇଅଙ୍କେ ସାତ' ଅର୍ଥାତ୍ ୧୭ ବର୍ଷ ବୟସ ହୋଇଥିଲା; ଏହା କବିଙ୍କ ପୂର୍ଣ୍ଣଯୌବନାବସ୍ଥା ।

କବି ପ୍ରଥମ ରତ୍ନାକରରେ ଲେଖିଛନ୍ତି, ସେ ବୀରକିଶୋର(ବୀରକେଶରୀ) ଦେବଙ୍କ ୩୨ (ବତିଶ) ଅଙ୍କରେ ବା ଖ୍ରୀ: ୧୭୬୧ ରେ ସ୍ୱପ୍ନରେ ଶାରଦା ଗ୍ରନ୍ଥ ରଚନା କରିବାକୁ କବିଙ୍କୁ ଆଦେଶ ଦେଇଥିବା ଲେଖିଛନ୍ତି । ଖ୍ରୀ' ୧୭୬୧ ବେଳକୁ ଅର୍ଥାତ୍ ପ୍ରଥମ ରତ୍ନାକର ରଚନା କରିବା ସମୟକୁ କବିଙ୍କର ବୟସ ୧୭ ବର୍ଷରୁ ଊଣା ହୋଇଥିଲା । ଏଥିରୁ ଅନୁମିତ ହେଉଛି, କବି ଖ୍ରୀ:୧୭୩୫ର ଅଳ୍ପ ପରେ ଜନ୍ମଗ୍ରହଣ କରିଥିଲେ ।

ଦ୍ୱିତୀୟ ରତ୍ନାକର ଶେଷ ବେଳକୁ କବିଙ୍କୁ ବତିଶ ବର୍ଷ ବୟସ ହୋଇଥିଲା ।

କହୁଁ କହୁଁ କାଳ ମୋର ଆସି ଶେଷ
ପୂରିଣ ବେଳକୁ ମୋତେ ବୟସ ବତିଶ । (୨ୟ ରତ୍ନାକର)

ଦ୍ୱିତୀୟ ରତ୍ନାକର ଶେଷ କରିବାକୁ କବିଙ୍କୁ ପାଞ୍ଚବର୍ଷ ଲାଗିଥିବା ଏଥିରୁ ଜଣାପାଉଛି; କାରଣ ଏହି ପ୍ରକରଣର ପ୍ରାରମ୍ଭାଂଶରେ ସ୍ୱ ପୂର୍ବଜନ୍ମ ବର୍ଣ୍ଣନା ପ୍ରସଙ୍ଗରେ କବି ନିଜର ବୟସ ୨୭ (ସତାଇଶି) ହୋଇଥିବା ବ୍ୟକ୍ତ କରିଛନ୍ତି ।

କବିଙ୍କ ଦୁଃଖମୟ ଜୀବନ : ଅନ୍ନକଷ୍ଟ—କବି ପଡ଼ିଆ ଭୂମିରେ ଘର ଖଣ୍ଡିଏ କରି ରହୁଥିଲେ, ଅନ୍ୟ ଆଶ୍ରୟ କିଛି ନ ଥିଲା, ଘରେ ବରତନ କିଛି ଖଣ୍ଡା ନଥିବାରୁ ସେ ଅତି କଷ୍ଟରେ ଜୀବନଯାପନ କରୁଥିଲେ । ବାରଦ୍ୱାରେ ଭିକ୍ଷା କରି ସେ ଚଳୁଥିବା କଥା ସ୍ପଷ୍ଟ ବ୍ୟକ୍ତ କରିଛନ୍ତି । ଏ ଦୁଃଖ-କଷ୍ଟରେ ଉଦରଜ୍ୱାଳା ସହ୍ୟ କରି ବିରାଟ ପୁରାଣ ଗ୍ରନ୍ଥ ଲେଖି ଯାଇଛନ୍ତି; ଏ ଆଦର୍ଶ ସାହିତ୍ୟ କ୍ଷେତ୍ରରେ କ୍ୱଚିତ୍ ଦେଖାଯାଏ । ସର୍ବଭୂତ ହିତୈଷିତା ଏହି ଦୀନଦୁଃଖୀ ସାହିତ୍ୟ ଓ ଧର୍ମସାଧକଙ୍କ କର୍ମମୟ ଜୀବନ ଆଦର୍ଶ ହୋଇ ରହିଥିବ । କବି ମନୋଦୁଃଖରେ ନିଜର ଦୁଃଖକାହାଣୀ ଭଗବାନଙ୍କୁ ଜଣାଇଛନ୍ତି ।

ଜୟ ଜୟ ନୃସିଂହ ହେ କର୍ମୀ କର୍ମଦାତା,
ତୁମ୍ଭଙ୍କୁ ଲାଗଇ ସିନା ସଂସାରର ଚିନ୍ତା ।
ତୁମ୍ଭେ ଲେ ତୁମ୍ଭ ପୃଥ୍ୱୀ କେ ପାରେ ଅନ୍ତ କରି,
ପଞ୍ଚାଶ କୋଟି ଯୋଜନ ଅଟଇ ବସୁନ୍ଧରୀ ।
ଏଡ଼େ ପୃଥିବୀରେ ପ୍ରଭୁ ହୋଇ ମହାରାଜା,
କେଉଁଠେ ହେଲେ ପଡ଼ି ନଥିଲା ମୋତେ ଖଣ୍ଡା ।
ତବ ପଡ଼ିଆ ଭୂମିରେ ଥିଲି ଖଣ୍ଡେ ସ୍ଥିତି,
ତହିଁରେ ମୁହିଁ ଅଛଇ କରିଣ ବସତି ।

ଭିତିବରତନ ପଢ଼ ଖଣ୍ଡା ନ ଥିବାରୁ,
ପୃଥ୍ୱୀଯାକ ଭ୍ରମି ବୁଲି ଆଣେ ଦାଣ୍ଡାଠାରୁ ।
ବାରଦ୍ୱାର ବୁଲି ମୋତେ ମିଳେ ଅବା ଯାହା,
ଭାର୍ଯ୍ୟାକୁ ଆଦର ମୁହିଁ ଭୁଞ୍ଜେ ନିତି ତାହା ।
ମୋହଠାରୁ ହୀନଦୁଃଖୀ ସଂସାରେ କେ ନାହିଁ,
ସବୁଙ୍କର ଆଶ୍ରା ତୁମ୍ଭେ ଅଛ ଭବଗ୍ରାହୀ ।
ବ୍ରାହ୍ମଣ କୁଳେ ମୋହର ହେବାରୁ ଜନମ,
ଏତିକମାତ୍ର ସାର ଅଟେ ମୋର କର୍ମ ।

(ସପ୍ତମ ରତ୍ନାକର । ପ୍ରାରମ୍ଭ)

କବି କର୍ମକୁ ଆଦରି ଦୁଃଖସହି କାଳଯାପନ କରୁଥିଲେ । କେବଳ ବ୍ରାହ୍ମଣକୁଳରେ ଜନ୍ମିଥିବାରୁ ଏହା ତାଙ୍କର ପୂର୍ବାର୍ଜ୍ଜିତ କର୍ମର ଫଳ ବୋଲି ଆଶ୍ୱାସନା ପାଉଥିଲେ ଏବଂ ଏତିକି କେବଳ ସାର ବୋଲି ଭାବୁଥିଲେ ।

କବି ନିଜର ଦୁଃଖ କାହାଣୀକୁ ପୁଣି ଥରେ କରୁଣ ଭାଷାରେ ବ୍ୟକ୍ତ କରିଛନ୍ତି । ପ୍ରଭୁ ଭକ୍ତମାନଙ୍କୁ ଚର୍ଚ୍ଚା କରୁ କରୁ କବିଙ୍କୁ ପାସୋରି ଦେଇଛନ୍ତି। କବିଙ୍କ ଛିଣ୍ଡାକନା ଅସଙ୍ଗୋଲାର କାରଣ, ଦ୍ରବ୍ୟବନ୍ତ ଭକ୍ତଙ୍କ କଥା ବୁଝୁ ବୁଝୁ ପ୍ରଭୁଙ୍କୁ ବେଳ ମିଳୁନାହିଁ । ଗରିବ ଭକ୍ତକୁ ପଚାରିବାକୁ ବେଳ ପାଉ ନାହାନ୍ତି ।

ଭକ୍ତ ଦୁଃଖଭରା କଣ୍ଠରେ ପ୍ରଭୁଙ୍କୁ ବ୍ୟାଜ ସ୍ତୁତିରେ କହୁଛନ୍ତି—

ପ୍ରଭୁ ତୁହି ବଡ଼ ହୋଇ ଜଣେ ଯେବେ ଆଛ,
ତେବେ ମୁଁ ଗୁହାରି କରି ଜଣାନ୍ତି ଏକାନ୍ତେ ।
ଭକ୍ତମାନେ ଦ୍ରବ୍ୟବନ୍ତ ସଂସାରେ ହେବାରୁ,
ତେଣୁ ଆଦର କରନ୍ତି ପ୍ରଭୁ ମହାମେରୁ ।
ମୁହିଁ ଛିଣ୍ଡା ନେକଡ଼ା ଦୋପଡ଼ା ଆଏ ଧରି,
ତେଣୁ ଅସଙ୍ଗୁଲା ମୋତେ କରନ୍ତି ଦୈତ୍ୟାରି । × × ।

(୭ମ ରତ୍ନାକର)

ମନର ଦୃଢ଼ତା ଭକ୍ତକୁ ଅସୀମ ସାହସ ଦେଇଛୁ । ସେ କହୁଛନ୍ତି—

ପ୍ରଭୁଙ୍କୁ କେତେ ଲୋକର ଚିନ୍ତା ଥିଲା ଲାଗି,
ମୋହର ଚିନ୍ତା ଏକା ସେ ପାସୋରନ୍ତି ବେଗି ।
ସେ ପାସୋରି ଦେଲେ ମୁହିଁ ପାଦ ଝିଙ୍କୁଥାଇ,
ତେଣୁ ବସନ୍ତି ଶ୍ରୀପ୍ରଭୁ ହୃଦେ ଚେତା ପାଇ । (୭ମ ରତ୍ନାକର)

ହରିକୀର୍ତ୍ତନ ଓ ବିପ୍ରଙ୍କ ପଦ ସେବାକୁ କବି ନିଜର କର୍ତ୍ତବ୍ୟ ବୋଲି ମନେକରି ସେଥିରେ ତନ୍ମୟ ହୋଇଛନ୍ତି, ଏହାକୁ 'ସଂସାର ମଧ୍ୟରୁ ତରିବାକୁ' ଶ୍ରେଷ୍ଠ ଉପାୟ ବୋଲି ମଧ୍ୟ ଭାବିଛନ୍ତି ।

ହରି କୀର୍ତ୍ତନ ବିପ୍ରଙ୍କ ଚରଣ ସେବାକୁ
ଧ୍ୟାନ କରୁଛି ସଂସାର ମଧ୍ୟରୁ ତରିବାକୁ । (୭ମ ରତ୍ନାକର)

କବି ନୀଳଗିରି ମାହାତ୍ମ୍ୟ ପ୍ରସଙ୍ଗରେ କ୍ଷେତ୍ରବାସ କରିବା ମନ କରି ଜଗନ୍ନାଥଙ୍କୁ ଜଣାଇଛନ୍ତି—

ହରିକୀର୍ତ୍ତନ ବ୍ରାହ୍ମଣ ଚରଣ ମୋ ସେବା,
ବିପ୍ର ପୀତାମ୍ବରକୁ ଯେ କ୍ଷେତ୍ରେ ବାସ ଦେବା । (୭ମ ରତ୍ନାକର)

ସାଧୁ ସୁପଣ୍ଡିତ ସୁଜନଙ୍କ ସେବାକୁ କବି ସବୁବେଳେ କାମନା କରୁଥିଲେ ।

ସାଧୁ ସୁପଣ୍ଡିତ ସୁଜନଙ୍କ ପାଦତଳେ
ସର୍ବଦା ସେବା ମୋହର ବନ୍ଧୁ ଅବହେଳେ । (୭ମ ରତ୍ନାକର)

କବି ଦୁଃଖଦାରିଦ୍ର୍ୟ ଭିତରେ ଜୀବନଯାପନ କରି ମଧ୍ୟ ବାଣୀସେବାରୁ ବିରତ ହୋଇ ନଥିଲେ । ଦାରିଦ୍ର୍ୟର କଷାଘାତ କବି କରୁଣ ଭାବରେ ବର୍ଣ୍ଣନା କରିଛନ୍ତି । ରଚନା ଉପରେ କବି ଏ ଅଭାବର କୁପ୍ରଭାବକୁ ଶଙ୍କାକରି ପାଠକଙ୍କଠାରେ କ୍ଷମା ମାଗିଛନ୍ତି ।

ବିପ୍ରକୁଳେ ଜନ୍ମ ମୁହିଁ ହେଲି ଅତି ଦୁଃଖୀ,
ଋଷିକୁଲ୍ୟା ନଦୀଜଳ ଖାଇ ହୁଏ ସୁଖୀ ।
ଗୃହ ଖଣ୍ଡେ ବାନ୍ଧିମାତ୍ର ନଦୀକୂଳେ ଅଛି,
କୁଟୁମ୍ବ ପୋଷେ ଦାତାଏ ଦେଲେ ନିତ୍ୟେ ଯାଚି ।

ପୃଥିବୀଯାକ ଭ୍ରମଣ ଦାତାଦ୍ୱାରୁ ଆଣି,
ଭୋଜନ କରି ପିଅଇ ଋଷିକୁଲ୍ୟା ପାଣି ।
ଏଣୁକରି ସୁଜନେ ମୋ ଦୋଷ କ୍ଷମାକର,
ବାଲୁଙ୍କେଶ୍ୱର ଶିଷ୍ୟ ମୁହିଁ ବିପ୍ର ପୀତାମ୍ବର । (୪ର୍ଥ ରତ୍ନାକର)

ଏ ଦୁଃଖରେ ଜୀବନଯାପନ କରି ମଧ୍ୟ କବି ସ୍ୱ ରୁଚି ସଂସ୍କୃତିକୁ ଭୁଲି ନାହାନ୍ତି । ସୁଜନମାନଙ୍କଠାରେ ସୁଭକ୍ତି, ଜ୍ଞାନ, ଧ୍ୟାନ—ଏ ତିନିଭିକ୍ଷା ମାଗିଛନ୍ତି ।

ସୁଭକ୍ତି ଜ୍ଞାନ ଧ୍ୟାନ ଏ ତିନି ମୋତେ ଦେବା
ଆନ ଭିକ୍ଷାରେ ଗର୍ଭ ନପୁରେ ମୋର ବାବା । (୪ର୍ଥ ରତ୍ନାକର)

କବିଙ୍କ ପୂର୍ବପୁରୁଷଙ୍କ ସଂସ୍କୃତି—କବି ପ୍ରଥମ ରତ୍ନାକରର ଆରମ୍ଭରେ ସ୍ୱ ପୂର୍ବପୁରୁଷ ପିତାମହ ପିତାଙ୍କ ସଂସ୍କୃତିର ସଂକ୍ଷିପ୍ତ ପରିଚୟ ଦେଇଛନ୍ତି ।

ପିତାମହ ଲକ୍ଷ୍ମୀଧର ଦାଶ—"ବିଷ୍ଣୁଙ୍କର ପଦାମ୍ବୁଜେ ବହୁତ ବିଶ୍ୱାସ" । "ଜାଣନ୍ତି ସଦ୍‌ଗୁରୁ ପାଦ ସେବି ବେଦତନ୍ତ୍ର" । ସେ ଯଜୁର୍ବେଦୀ ଥିଲେ ଏବଂ "ସର୍ବଶାସ୍ତ୍ରରେ ପରିପୂର୍ଣ୍ଣ" ଥିଲେ, କାଣ୍ୱଶାଖା ତାଙ୍କର ଶାଖା । "ପରମହଂସ ଦୀକ୍ଷା ଯେ ତାଙ୍କର ପ୍ରଗ୍ଭର", ସେ "ବ୍ରହ୍ମାଣ୍ଡର ଜପଣ" ଥିଲେ ।

ପିତା ବାଲୁଙ୍କେଶ୍ୱର, ଲକ୍ଷ୍ମୀଧରଙ୍କ ଜ୍ୟେଷ୍ଠପୁତ୍ର । ସେ "ଜାଣନ୍ତି ସଦ୍‌ଗୁରୁ ପାଦ ସେବି ବେଦତନ୍ତ୍ର" ।

ସେହି ପୁଣି ବିଷ୍ଣୁଙ୍କର ଅତ୍ୟନ୍ତ ଭକତ,
ପ୍ରଭୁଙ୍କ ପାଦରେ ସେବା ଦେଇଥାନ୍ତି ନିତ ।

ବେଦଶାସ୍ତ୍ର ପୁରାଣରେ ବହୁ ଶ୍ରମ କରି,
ଦିନକାଳ କାଟିଲେ ସେ ବିଷ୍ଣୁ ନାମ ସ୍ମରି । (୧ମ ରତ୍ନାକର)

ଏହି ଉଚ୍ଚ ସଂସ୍କୃତସମ୍ପନ୍ନ ପରିବାରର ଦାୟାଦ ରୂପେ ପୀତାମ୍ବର ନିଜର ପିତା ଓ ପିତାମହଙ୍କ ପ୍ରଦର୍ଶିତ ମାର୍ଗରେ ନିଜ ଜୀବନକୁ ନିୟନ୍ତ୍ରିତ କରିଥିଲେ ଏବଂ ନୃସିଂହପୁରାଣ ରଚନା ଏହାର ଫଳ ।

ସଂସ୍କୃତ ଶିକ୍ଷା—କବି ନିଜର ସଂସ୍କୃତ ଭାଷାରେ ଶିକ୍ଷା ନଥିବା ବ୍ୟକ୍ତ କରିଛନ୍ତି । ଏହି ପ୍ରସଙ୍ଗରେ କବି ନିଜ ଜୀବନର କେତେକ ଦୁଃଖ ବର୍ଣ୍ଣନା କରିଛନ୍ତି—

ଏଥିରୁ ପାର କରିବେ ମୋତେ ନାରାୟଣ,
କହିବି ଅର୍ଥ ସଙ୍ଗତେ ନୃସିଂହ ପୁରାଣ ।
ସୁଜନ ପଣ୍ଡିତମାନେ ଶୁଣ ମନଦେଇ,
ପୁରାଣରେ ଗାନ (ଜ୍ଞାନ) କଲେ କହି ନ ପାରଇ ।

ବୁଝିଲେ ଅଜ୍ଞାନ ମୁହିଁ ଅଟଇ ଯୁକତେ,
ତେଣୁ କେହି ଆଖପାଖ ନ କରଇ ମୋତେ ।
ସ୍ୱଭାବେ ତ ସଦା ମୂର୍ଖ ଅଟଇ ମୁଁ ଜଣେ,
ଦିନେ ମୁହିଁ ବସି ନାହିଁ ସାଧୁ ବିହରଣେ ।

ସଂସ୍କୃତ ବିଦ୍ୟା ମୋହର କେବେ ନାହିଁ ପଢ଼ା,
କେବଳ ପରାକୃତରେ କରେ ପଦ ଯୋଡ଼ା ।
(୧ମ ରତ୍ନାକର)

ରଚନା ସ୍ଥାନ—ପ୍ରଥମ ରତ୍ନାକରର ଶେଷରେ କବି ଏହି ଅଂଶକୁ ଋଷିକୁଲ୍ୟା ତଟରେ ଲେଖିଥିବା ପ୍ରକାଶ କରିଛନ୍ତି ।

ପ୍ରଥମ ସାଗର ନାମ ଏ ପୁସ୍ତକ ଅଟେ,
ଲେଖିଲି ମୁଁ ଏହି ଗ୍ରନ୍ଥ ଋଷିକୁଲ୍ୟା ତଟେ ।

ଜାତିସ୍ମର—କବି ନିଜର ପୂର୍ବଜନ୍ମ ବୃତ୍ତାନ୍ତ ଦ୍ୱିତୀୟ ତରଙ୍ଗରେ ବର୍ଣ୍ଣନା କରିଛନ୍ତି । ବିଷ୍ଣୁଙ୍କ ଦ୍ୱାରୀଦ୍ୱୟ ଜୟ ବିଜୟ ମନୁ ମହର୍ଷିଙ୍କୁ ବୈକୁଣ୍ଠପୁରର ଦ୍ୱାର ଦେଶରେ ଅଟକାଇ ଦେବାରୁ ଋଷି ସେମାନଙ୍କୁ ମର୍ତ୍ତ୍ୟରେ ଦୈତ୍ୟ ହୋଇ ଜନ୍ମ ହେବେ ବୋଲି ଶାପ ଦେଲେ । ଏମାନେ ଚାରିଥର ମର୍ତ୍ତ୍ୟରେ ଜନ୍ମ ହେବେ, ପ୍ରଥମେ ମୁର ଦାରୁଣ, ଦ୍ୱିତୀୟରେ ହିରଣ୍ୟ ହିରଣାକ୍ଷ, ତୃତୀୟରେ ରାବଣ କୁମ୍ଭକର୍ଣ୍ଣ, ଚତୁର୍ଥରେ ଦମଘୋଷଙ୍କ ପୁତ୍ର । ଏହି ଚାରି ଜନ୍ମପରେ ବୈକୁଣ୍ଠକୁ ସେମାନେ ଫେରିବେ । ଏହି ଶାପ ଓ ଶାପମୁକ୍ତିବାଣୀ ମନୁ କହିଲେ । ବିଷ୍ଣୁ ଏ ସମ୍ବାଦ ଶ୍ରବଣ କରି ଯତ୍‌ପରୋନାସ୍ତି ଦୁଃଖିତ ହେଲେ ଏବଂ ଋଷିଙ୍କୁ କହିଲେ—

> ସେ କଥା ଜାଣି ପୁଚ୍ଛିଲେ ପ୍ରଭୁ ନାରାୟଣ,
> ବୋଇଲେ ଦ୍ୱାରୀଙ୍କୁ ମୋର କଲ ଅକଲ୍ୟାଣ ।
> ସେ ଯେବେ ଜନ୍ମିବେ ଦୈତ୍ୟ ହୋଇ ମର୍ତ୍ତ୍ୟେ ଯାଇ,
> ଆମ୍ଭଙ୍କୁ ସିନା ଜଞ୍ଜାଳ କରାଇଲ ତହିଁ ।
>
> ମୁଁ ଯେବେ ତାହାଙ୍କୁ ମାରି ଜନ୍ମିବି ସଂସାରେ,
> ତେବେ ତୁମ୍ଭେ ଯାଇ ପ୍ରଜାକର ମର୍ତ୍ତ୍ୟପୁରେ ।
> ମୁଁ ତାହାଙ୍କୁ ଯେତେଥର ମାରୁଥିବି ଯାଇ,
> ତୁମ୍ଭେ ତାହା ଲେଖୁଥିବ ମହାକବି ହୋଇ ।
>
> ନର ରୂପେ ଅବତରି ବାନ୍ଧି ତାହା ଗ୍ରନ୍ଥ,
> ସେ ଗ୍ରନ୍ଥକୁ ଲୋକେ ଶୁଣି ହୁଅନ୍ତୁ କୃତାର୍ଥ ।

ଏ ସମ୍ବନ୍ଧରେ କବି କହିଛନ୍ତି ଯେ ମୁନି ଅଂଶ ନଥିଲେ କବି ହେବା ସମ୍ଭବ ନୁହେଁ । ମନୁଋଷିଙ୍କ ମର୍ତ୍ତ୍ୟ ଅବତାର ରୂପେ କବି ଜନ୍ମିଥିଲେ—

> ମୁନି ଅଂଶ ନଥିଲେ ଯେ କବିତା ନକରି,
> ବିଷ୍ଣୁର ଅଂଶ ନଥିଲେ ନୁହେ ଦଣ୍ଡଧାରୀ ।
> ଏ ଘେନି ବିଷ୍ଣୁ ଆଜ୍ଞାରେ ହେଲି ମୁଁ ମନୁଷ୍ୟ,
> ଆଦି ଜନ୍ମେ ବୋଲାଇଲି ନାମ କାଳିଦାସ ।

ସେ ଜନ୍ମେ ପ୍ରସନ୍ନ ମୋତେ ହେଲେ ବାକ୍ୟ ଦେବୀ,
ମହାକାବ୍ୟ ଲେଖି କରି ରଖିଗଲେ ଭୁବି ।
ଦ୍ୱିତୀୟ ଜନ୍ମ ହୋଇଲି ଜଗନ୍ନାଥ ଦାସ,
ଶ୍ରୀ ଭାଗବତ ଗ୍ରନ୍ଥ ମୁଁ କଲଇ ପ୍ରକାଶ ।

ତୃତୀୟ ଜନ୍ମରେ ବଳରାମ ଦାସ ହେଲି,
ରାମାୟଣ ଗ୍ରନ୍ଥ ମୋର ହୃଦୁଁ ପ୍ରକାଶିଲି ।
ଚତୁର୍ଥ ଜନ୍ମରେ ହେଲି ନାରାୟଣ ଦାସ,
ବାନ୍ଧିଲି ପୁରାଣ ହରିବଂଶ ଗୀତ ରସ ।

ତହିଁ ଉତ୍ତାରୁ ପଞ୍ଚମ ଜନ୍ମେ ଯାଇ ପୁଣ,
ଶ୍ରୀ ସାରଳା ଦାସ କବି ହେଲି ଜଗତେଣ ।
ଶ୍ରୀ ମହାଭାରତଯାକ ବାନ୍ଧିଲି ପ୍ରାକୃତେ,
ଅଠରଖଣ୍ଡ ହୋଇଣ ରହିଲା ଜଗତେ ।

ତହୁଁ ଉତ୍ତାରେ ବାନ୍ଧିଲି ଚଣ୍ଡିକା ପୁରାଣ,
ତଦନ୍ତେ କଲି ବିଲଙ୍କା ନାମେ ରାମାୟଣ ।
ଷଷ୍ଠ ଜନ୍ମେ ମହାଦେବ ଦାସ ହେଲି ମୁହିଁ,
ବିଷ୍ଣୁକେଶରୀ ଯେ ବିଷ୍ଣୁପୁରାଣକୁ କହି ।

ଏ ଅନ୍ତେ ପଦ୍ମପୁରାଣ କରିଣ କହିଲି,
ଶ୍ରୀ ଗୋବିନ୍ଦ କୃପାରୁ ମୁଁ ପଦ ନିର୍ମିକଲି ।
ସପ୍ତମ ଜନ୍ମ ଶୁଣିମା ମୋର ସାଧୁଜନେ,
ଗୋବିନ୍ଦ ସନ୍ଥିଲେ ଆଣି ମୋତେ ବଡ଼ ସ୍ଥାନେ ।

(ପ୍ରେମ ରତ୍ନାକର)

ଏହାପରେ କବି ନିଜ ଜନ୍ମପ୍ରସଙ୍ଗ ବର୍ଣ୍ଣନା କରିଛନ୍ତି—

ପ୍ରଥମ ଜନ୍ମରେ କାଳିଦାସ ରୂପେ 'ରଘୁବଂଶ' ସଂସ୍କୃତରେ ଲେଖି ବିଷ୍ଣୁଙ୍କ ମହିମା ଗାନ କରିଛନ୍ତି । ଦ୍ୱିତୀୟ ଜନ୍ମରେ ଜଗନ୍ନାଥ ଦାସ ରୂପେ ଓଡ଼ିଆରେ 'ଭାଗବତ' ଲେଖିଛନ୍ତି । ତୃତୀୟ ଜନ୍ମରେ ବଳରାମ ଦାସ

ରୂପେ 'ଜଗମୋହନ ରାମାୟଣ' ଓଡ଼ିଆରେ ରଚନା କରିଛନ୍ତି । ଚତୁର୍ଥ ଜନ୍ମରେ ବିପ୍ର ନାରାୟଣ ଦାଶ ରୂପେ ଖଣ୍ଡିଆ 'ହରିବଂଶ' ଓଡ଼ିଆରେ ଲେଖିଛନ୍ତି । ପଞ୍ଚମ ଜନ୍ମରେ ସାରଳା ଦାସ ରୂପେ ମହାଭାରତ ଓ ବିଲଙ୍କା ରାମାୟଣ ଓଡ଼ିଆରେ ଲେଖିଛନ୍ତି । ଷଷ୍ଠଜନ୍ମରେ ମହାଦେବ ଦାସ ରୂପେ ଓଡ଼ିଅରେ 'ବିଷ୍ଣୁକେଶରୀ ପୁରାଣ' ଓ 'ପଦ୍ମ ପୁରାଣ' ରଚନା କରିଛନ୍ତି । ମହାଦେବ ଦାସଙ୍କ ପଦ୍ମପୁରାଣ ବର୍ତ୍ତମାନ ଦୁଷ୍ପ୍ରାପ୍ୟ । ସପ୍ତମ ଜନ୍ମରେ କବି 'ନୃସିଂହ ପୁରାଣ' ରଚନା କରିଛନ୍ତି ।

କାଳିଦାସଙ୍କ ସମୟ ନିର୍ଦ୍ଦିଷ୍ଟ ରୂପେ କହି ହେଉ ନାହିଁ । ବିଭିନ୍ନ ପଣ୍ଡିତ ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀଠାରୁ ଆରମ୍ଭ କରି ଷଷ୍ଠ, ସପ୍ତମ ଶତାବ୍ଦୀ ପର୍ଯ୍ୟନ୍ତ ସମୟ ନିର୍ଣ୍ଣୟ କରୁଛନ୍ତି । କେବଳ ପ୍ରଥମ ଜନ୍ମରେ କାଳିଦାସ ସଂସ୍କୃତ ଭାଷାରେ ବିଷ୍ଣୁ ମହିମା ଗାନ କରିଛନ୍ତି । ଅନ୍ୟ ଜନ୍ମରେ ଓଡ଼ିଆ ଭାଷ‌ରେ ଗ୍ରନ୍ଥ ରଚନା କରିଛନ୍ତି । ଜଗନ୍ନାଥ ଦାସ, ବଳରାମ ଦାସ ଓ ନାରାୟଣ ଦାସଙ୍କ ଜନ୍ମ ପରେ ସାରଳା ଦାସ ଆବିର୍ଭାବ ହୋଇଥିବା କବିଙ୍କ ଉକ୍ତି ଯଥାର୍ଥ ନୁହେଁ । ସାରଳା ଦାସ ଏମାନଙ୍କ ପୂର୍ବରୁ ଜନ୍ମ ଗ୍ରହଣ କରିଥିଲେ । ଏଥିରୁ ଜଣାଯାଉଛି, କବି ସମୟସୂଚୀକୁ ଭ୍ରମଶୂନ୍ୟ କରି ନାହାନ୍ତି ।

ଏହି ଜନ୍ମାନ୍ତର ପ୍ରସଙ୍ଗରୁ ନାରାୟଣ ଦାଶ ଓ ମହାଦେବ ଦାସ କବିଙ୍କ ପୂର୍ବବର୍ତ୍ତୀ ଥିବା ସ୍ପଷ୍ଟ ହେଉଛି, କାରଣ ଏ ଦୁହିଁଙ୍କର ସମୟ ନିର୍ଦ୍ଦିଷ୍ଟ ଭାବରେ ଜଣାଯାଇ ନାହିଁ । ଏହି ଉକ୍ତିଟି ଏମାନଙ୍କ ସମୟ ଜାଣିବା ନିମନ୍ତେ ଏକ ପ୍ରାମାଣିକ ଉପାଦାନ ରୂପେ ପ୍ରକାଶ ପାଉଛି ।

ସାତ ଜନ୍ମ ମଧ୍ୟରୁ ଜଗନ୍ନାଥ ଦାଶ, ନାରାୟଣ ଦାଶ ଓ କବି ନିଜେ ବ୍ରାହ୍ମଣ ଥିଲେ । ଓଡ଼ିଶାର ଅନ୍ୟମାନେ ଅବ୍ରାହ୍ମଣ ହେଲେ ମଧ୍ୟ କବି ଏମାନଙ୍କୁ ଉଚ୍ଚ ଆସନ ଦେଇ ଉଦାର ମନୋଭାବର ପରିଚୟ ଦେଇଛନ୍ତି ।

ଗ୍ରନ୍ଥଲେଖାର ପରିଶ୍ରମ—ଗ୍ରନ୍ଥ ଲେଖକ, ନକଲକାର ଓ ପୁରାଣ ପଣ୍ଡା ଏ ତିନିଜଣଙ୍କୁ ଉପଯୁକ୍ତ ଭାବେ ପୁରସ୍କାର ବା ଦକ୍ଷିଣା ଦେବା ଧର୍ମ ବୋଲି ପୀତାମ୍ବର କହିଛନ୍ତି ।

ସଂକଳ୍ପ କରି ପୁରାଣ ଯେହୁ ଶୁଣୁଥିବ,
ଯାହା ସେହୁ ମନାସିବ ତା ନିଶ୍ଚେ ପାଇବ ।
କୋଟି ତୀର୍ଥର ଯେ ଫଳ ଲଭିବ ସେ ଜନ,
ପୌରାଣିକଙ୍କୁ ସନ୍ତୋଷେ ଦେବ ପୁଣି ଦାନ ।

ନାନା ଦୁଃଖ ସହି ଯେହୁ ଗ୍ରନ୍ଥ ଲେଖିଥିବ,
ମନପୂର୍ଣ୍ଣ କରି ତାକୁ ଦକ୍ଷିଣା ଯେ ଦେବ ।
ତାହାଙ୍କର ଦୁଃଖ ଯେହ୍ନେ ଅଟେ ଗର୍ଭଧାରୀ,
ସହଇ ଲେଖକ ସେହୁ ରୂପେ ଦୁଃଖ ଭରି ।

ତାହାଙ୍କୁ କେବେହେଁ ମନେ ନ କରିବ ଊଣା,
ଦେଇଥିବ ତାଙ୍କୁ ମନ କରିଣ ଖୁଲଣା ।
ତାଙ୍କୁ ଦେଇଥିବା ଫଳ ଅବଶ୍ୟ ଲଭଇ,
କୋଟିଏ ଗୋଦାନ ଫଳ ଦେଲା ଜନ ପାଇ । (୭ମ ରତ୍ନାକର)

ନୃସିଂହ ପୁରାଣ ଲେଖିବା କାରଣ—

ଶ୍ରୀ ନୃସିଂହ ପୁରାଣ ଏ ଅଟେ ଗ୍ରନ୍ଥ ସାର,
ସାତ ରତ୍ନାକରେ କହିଲେ ଯେ ବେଦବର ।
ବ୍ରହ୍ମା ଯେ କହିବା ପରି କେବଳ ସମଥ
ପନ୍ଦର ସହସ୍ର ଶ୍ଳୋକ ଅଟଇ ଏ ଗ୍ରନ୍ଥ ।

ନାରଦ ଋଷି ପୂର୍ଣ୍ଣରୂପେ ଏହି ଗ୍ରନ୍ଥଟି ଶୁଣିଥିଲେ ଏବଂ ଏହି କାରଣରୁ ଦକ୍ଷିଣା ସ୍ୱରୂପ ବହୁ ଧନଦ୍ରବ୍ୟ ବେଦବରଙ୍କୁ ଦେଇଥିଲେ । ବ୍ରହ୍ମା ଏ ଦକ୍ଷିଣାକୁ ବ୍ରାହ୍ମଣମାନଙ୍କୁ ଦାନ କରିଦେଇଥିଲେ । ଗ୍ରନ୍ଥସାର ନୃସିଂହ ପୁରାଣ ବ୍ରହ୍ମବୋଧ ସଙ୍ଗେ ସମାନ ଏବଂ ଏହି ପୁରାଣ ବିଷ୍ଣୁଙ୍କ ଆତ୍ମା ସ୍ୱରୂପ ।

ନୃସିଂହ ପୁରାଣ ଏହି ବିଷ୍ଣୁ ଆତ୍ମା ଅଟେ,
ଶ୍ରୀ ନୃସିଂହ ଯେଣୁ ବରିଛନ୍ତି ସର୍ବ ଘଟେ ।

ଆଉ ପୁରାଣ ଅଛଇ ଯେତେ ବିସ୍ତୁ ପଦ,
ନୃସିଂହ ପୁରାଣ ଏକା ଅଟେ ବ୍ରହ୍ମବୋଧ ।
ଯାବତ ପୁଣ୍ୟଯାକ ଏ ଗ୍ରନ୍ଥେ ଅଛୁ ପୂରି,
ଶୁଣିଣ ତୋଷ ହେଲେ ନାରଦ ବ୍ରହ୍ମଋଷି । (୭ମ ରତ୍ନାକର)

ଶାରଦାଙ୍କ ଆଜ୍ଞାରୁ ପୁରାଣ ଲେଖନ—ପୀତାମ୍ବର ଶାରଦାଙ୍କ କୃପାରୁ ନୃସିଂହ ପୁରାଣ ଲେଖିଥିବା ଗ୍ରନ୍ଥର ବହୁ ସ୍ଥାନରେ ବ୍ୟକ୍ତ କରିଛନ୍ତି । ପ୍ରଭୁ ନାରାୟଣଙ୍କ ଆଦେଶରେ ଶାରଦା ତାଙ୍କୁ ଏ ଗ୍ରନ୍ଥ ଲେଖିବା ପାଇଁ ସ୍ୱପ୍ନରେ ଆଦେଶ ଦେଇଥିବା କବି କହିଛନ୍ତି ।

ବୀରକେଶରୀ ନୃପତି ରାଜୁତିର କାଳେ,
ଶାରଦାଙ୍କୁ ପଠାଇଲେ ପ୍ରଭୁ ଆଦିମୂଳେ ।
ବୋଇଲେକ ଋଷିକୁଲ୍ୟା ନଦୀ ତୀରେ ଯାଅ,
ବିପ୍ର ପୀତାମ୍ବର ତହିଁ କରିଅଛୁ ଗୃହ ।

ତାକୁ ତୁମ୍ଭେ ଶୀଘ୍ରେ ଯାଇ ବର ଦେଇ ଆସ,
ନୃସିଂହ ପୁରାଣ ସେହି କରିବ ପ୍ରକାଶ ।
ଏହା ଶୁଣି ସରସ୍ୱତୀ ଆଜ୍ଞା ପରମାଣେ,
ସ୍ୱପନରେ ଆସି ମୋତେ କହିଲେ ତକ୍ଷଣେ ।

ବୋଇଲେରେ ବାବୁ ବେଗେ ନିଦ୍ରା ପରିହରି,
ନୃସିଂହ ପୁରାଣ ଲେଖ କହିଲେ ଶ୍ରୀହରି ।
ତକ୍ଷଣେ ବୋଇଲି ମାଗୋ ନ ଜାଣଇ ତାହା,
ଶାରଦା ବୋଇଲେ ଆମ୍ଭେ ହେବୁ ତୋତେ ସାହା ।

ସୁଲଳିତ ପଦ ଲେଖ ବାବୁ ହେତୁ ଦେଇ,
ଆମ୍ଭ ଆଜ୍ଞାରେ ତୋ ମୁଖୁଁ ବାକ୍ୟ ସ୍ଫୁରିବଇଁ ।

ଶାରଦାଙ୍କ ଏ ଆଜ୍ଞା ପରେ ପୀତାମ୍ବର ମୂର୍ଖଙ୍କ ନିନ୍ଦା ଆଶଙ୍କା ଜଣାଇବାରୁ ଶାରଦା ତାଙ୍କୁ ଅଭୟ ଦାନ କରିଥିଲେ ।

ଶୁଣି ବାକ୍‌ଦେବୀ କହିଲେ ଲେଖ ତୁମ୍ଭେ ଗ୍ରନ୍ଥ,
ନାହିବ ଲୋକଙ୍କ କଥା ଜାଣିବେ ଅଚ୍ୟୁତ ।
ମୂର୍ଖ ଲୋକକୁ ପଣ୍ଡିତ କରଇ ଯେ ଏକା,
ସେ ପ୍ରଭୁ ବୁଝିବେ ତାହା ମନୁ ଛାଡ଼ ଶଂକା । (୭ମ ରତ୍ନାକର)

କବି ଏ ପ୍ରସଙ୍ଗକୁ ପୁଣି ସ୍ମରଣ କରାଇ ଦେଇ ଭାରତ ଯୁଦ୍ଧ ବର୍ଣ୍ଣନା କରିବା ପୂର୍ବରୁ ନିଜକୁ ଶାରଦାପୁତ୍ର ବୋଲି କହିଛନ୍ତି ।

ଲେଖେ ମୁଁ ଶାରଦା ପୁତ୍ର ହୋଇଣ ଜନମ,
ତେଣୁ ସେହି ମାତା ମୋତେ ହୋଇଲେ ପ୍ରସନ୍ନ ।
ଯେଣୁ ସେ ଦେବୀର ମୋତେ ହୋଇଲା କରୁଣା,
ତେଣୁ ଏ ଗ୍ରନ୍ଥ ଲେଖେ ମୁଁ ନ ହୋଇଣ ବଣା । (୭ମ ରତ୍ନାକର)

ନୃସିଂହଙ୍କ ବୈକୁଣ୍ଠପୁର ଗମନ ପରେ ଗ୍ରନ୍ଥ ଶେଷ କରିବା ପାଇଁ କବି ମନସ୍ଥ କରିଥିବା ଅନୁମିତ ହୁଏ । ଏହାପରେ ବର୍ଣ୍ଣିତ ହୋଇଥିବା ଚରିତର ନୃସିଂହ ଚରିତ ସହିତ ପ୍ରତ୍ୟକ୍ଷ ସମ୍ବନ୍ଧ ନାହିଁ । କେବଳ ପୁରାଣର କୌଣସି ନିର୍ଦ୍ଦିଷ୍ଟ ଯୋଜନା ଅନୁସରଣ କରିବାର ଆବଶ୍ୟକତା ବିଶେଷ ଭାବରେ ଅନୁଭୂତ ହେଉ ନ ଥିବାରୁ କବି ସ୍ୱ ଇଚ୍ଛାନୁସାରେ ନିଜର ପାଣ୍ଡିତ୍ୟ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଜନକଲ୍ୟାଣ କରିବା କାମନାରେ ବିବିଧ ତତ୍ତ୍ୱ ଓ ଚରିତ ବର୍ଣ୍ଣନା କରିଛନ୍ତି । ସ୍ୱ କାର୍ଯ୍ୟର ସମର୍ଥନ ଉଦ୍ଦେଶ୍ୟରେ ଦୈବବାଣୀର ଆଶ୍ରା ନେଇଛନ୍ତି । ଏଠାରେ ସ୍ୱୟଂ ଆଦିମୂଳ ବିଷ୍ଣୁ କବିଙ୍କୁ ନୃସିଂହପୁରାଣର ରଚନା ବନ୍ଦ ନ କରିବାକୁ ସ୍ୱପ୍ନରେ ଆଦେଶ ଓ ଅଭୟ ପ୍ରଦାନ କଲେ । କବି ଏହାକୁ ଶିରୋଧାର୍ଯ୍ୟ କରି ରାମାୟଣ, ମହାଭାରତାଦି ବହୁ ପ୍ରସଙ୍ଗ ରଚନା କରି ଶେଷ ରତ୍ନାକରରେ ସ୍ଥାନ ଦେଇଛନ୍ତି ।

ଶ୍ରୀନୃସିଂହ ମହାପ୍ରଭୁ ବୈକୁଣ୍ଠକୁ ଯାନ୍ତେ,
ମହାଭୟ କରି ମୁହିଁ ଭାଳିଲି ହୃଦଗତେ ।
ନୃସିଂହ ଗିବାରୁ ମୁହିଁ ହୁଅନ୍ତେ ଆକୁଳ,
ସ୍ୱପନେ କହିଲେ ଆସି ମୋତେ ଆଦିମୂଳ ।

ବୋଇଲେ ନୃସିଂହପୁରାଣ ତୁ ପ୍ରକାଶ କର,
ଅମ୍ଭେ ଆଜ୍ଞା ଦେଲୁ ଲେଖ ନ ହୋଇ କାତର ।
ଦଶ ଅବତାରରେ ମୋର ଯେତେକ ମହିମା,
ଲେଖ ନୃସିଂହପୁରାଣ ସମସ୍ତେ ଶୁଣିମା ।
ଏ କଥାକୁ ହାସ୍ୟ କରି ନିନ୍ଦିବେ ଯେ ତୋତେ,
ତାହାଙ୍କୁ ଜଡ଼ କରିବି ମୁହିଁ ଏ ଜଗତେ ।
ମହାପୁରୁଷ ଜଣେ ତୁ ବୋଲି ଚହ୍ଲାଇବି,
ଏଥକୁ ନକର ଭୟ ଲେଖ ମନେ ଭାବି ।
ସୁପଣ୍ଡିତମାନେ ଶୁଣି ହେଲେ ମନେ ତୋଷ,
ମୂର୍ଖଲୋକେ ନ ମାନ କରିବେ ତୋର ଯଶ ।
ଅନ୍ଧ ବୋଲଇ ସଂସାରେ ଚନ୍ଦ୍ର ସୂର୍ଯ୍ୟ ନାହିଁ,
ଏତେ କି ଚନ୍ଦ୍ର ସୂର୍ଯ୍ୟ ଗଲେ ସାନ ହୋଇ ।
(୭ମ ରତ୍ନାକର)

କବି ଗ୍ରନ୍ଥର ଆରମ୍ଭରେ ଶାରଦାଙ୍କ ସ୍ୱପ୍ନାଦେଶ କଥା ବ୍ୟକ୍ତ କରିଥିଲେ । ଏବେ ସ୍ୱୟଂ ବିଷ୍ଣୁଙ୍କ ସ୍ୱପ୍ନାଦେଶ ପାଇଲେ । ଭକ୍ତକବିଙ୍କ ଈଶ୍ୱରବିଶ୍ୱାସ ଯେ ତାଙ୍କ ମନରେ ବିଶେଷ ଶକ୍ତି ଦାନ କରିଛି ଏଥିରେ ସନ୍ଦେହ ନାହିଁ ।

ଗ୍ରନ୍ଥରଚନାର କାରଣ ସମ୍ପର୍କରେ କବି ଶାରଦା ଓ ସ୍ୱୟଂ ବିଷ୍ଣୁଙ୍କ ସ୍ୱପ୍ନ-ଆଦେଶ କଥା ଯାହା ବ୍ୟକ୍ତ କରିଛନ୍ତି ଭକ୍ତ ଜୀବନରେ ଏପରି ଘଟଣାର ସତ୍ୟତା ସମ୍ବନ୍ଧରେ ଆଲୋଚନା କରିବା ସ୍ପୃହଣୀୟ ନୁହେଁ । ଏହାହିଁ ଭକ୍ତମାନଙ୍କ ମତ । ତନ୍ମୟତା ହିଁ ଏହାର କାରଣ । ଏ ଘୋର କଳିକାଳର ମାୟାଅନ୍ଧାରରୁ ରକ୍ଷା ପାଇବାକୁ ହେଲେ ଗୋବିନ୍ଦଲୀଳା କୀର୍ତ୍ତନ ବିନୁ ଅନ୍ୟ ପନ୍ଥା ନାହିଁ ବୋଲି କବି ଉପଲବ୍ଧି କଲେ ।

କେଉଁପରି ଗତିମୁକ୍ତ ହେବ କଳେବର,
ଗୋବିନ୍ଦଲୀଳା ବିନୁ ମୋ ନାହିଁ ପ୍ରତିକାର ।

ଭରସା କଲି ଏମନ୍ତ ପାଞ୍ଚି ମୁହିଁ ଚିତ୍ତେ,
ସେ ବିଷ୍ଣୁ ଲୀଳାକୁ କିଛି ବଖାଣିବି ଗୀତେ ।

କବି ଏପରି ବିଚାର କରି 'ପଦ୍ମନାଭ'ଙ୍କୁ ଆଶ୍ରୟ କରିବା ସ୍ଥିର କଲେ ।

ଏପରି କବି ଆକୁଳ ହୋଇ ମନେ ମନେ ଧ୍ୟାନ କରନ୍ତେ ରାତିରେ ବାକ୍ୟ ଦେବୀ ପ୍ରସନ୍ନ ହୋଇ ନୃସିଂହ ପୁରାଣ ରଚନା କରିବାକୁ ସ୍ୱପ୍ନରେ ତାଙ୍କୁ ଆଦେଶ ଦେଲେ ।

ଏହି ଘଟଣା ବୀରକିଶୋର (ବୀରକେଶରୀ) ଦେବ ୧ମଙ୍କ ୩୨ ଅଙ୍କ ଅର୍ଥାତ୍ ଖ୍ରୀ: ୧୭୭୨ ସିଂହ ଶୁକ୍ଳପକ୍ଷ ପଞ୍ଚମୀ ସୋମବାର ଦିନ ରାତିରେ ଘଟିଲା । ଖୋର୍ଦ୍ଧା ରାଜା ଗୋପୀନାଥ ଦେବଙ୍କ ନାତି, ରାଜା ରାମଚନ୍ଦ୍ର ଦେବଙ୍କ ପୁତ୍ର ବୀରକେଶରୀ ଦେବ (ଖ୍ରୀ: ୧୭୩୬-୧୭୯୩)ଙ୍କ ରାଜତ୍ୱ ସମୟର ଏ ଘଟଣା ।

ବୀରକିଶୋର ଦେବଙ୍କ ବତିଶ ଅଙ୍କରେ,
ସିଂହମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ।
ସୋମବାର ହୋଇଥିଲା ଅର୍ଣିଣ ସେ ଦିନ,
ମୋ ଆଗରେ ଛିଡ଼ା ହୋଇ ବୋଇଲେ ଏସନ ।

ନୃସିଂହ ପୁରାଣ ଗ୍ରନ୍ଥ କର ତୁହି ଏବେ
ଶୁଣି ପଢ଼ି ସର୍ବଜନେ ପାପୁଁ ମୁକ୍ତ ହେବେ ।
(୧ମ ରତ୍ନାକର ମଙ୍ଗଳାଚରଣ)

ଏଥିରୁ ନୃସିଂହ ପୁରାଣର ରଚନା ଆରମ୍ଭ ସମୟ ଜଣାପଡ଼ୁଛି ଏବଂ କବି ବୀରକେଶରୀ ଦେବ ୧ମଙ୍କ ସମସାମୟିକ ଥିବାର ସ୍ପଷ୍ଟ ହେଉଛି ।

ସାତ ରତ୍ନାକର ଲେଖା ସଙ୍କଳ୍ପ—ନୃସିଂହ ପୁରାଣକୁ ସାତଖଣ୍ଡ ବା ସାତ ରତ୍ନାକରରେ ସମ୍ପୂର୍ଣ୍ଣ କରିବା ପାଇଁ କବି ସଙ୍କଳ୍ପ କରିଥିବା ତୃତୀୟ ରତ୍ନାକରର ଭଣିତା ଅଂଶରୁ ଜଣାଯାଏ ।

ଏବେ ଆସି ପ୍ରଥମ ଦ୍ୱିତୀୟ ତୃତୀୟକୁ,
ସମ୍ପୂର୍ଣ୍ଣ କରି ଲକ୍ଷ୍ମୀ ଋଖିଲ ସଂସାରକୁ ।
ଚତୁର୍ଥ ଖଣ୍ଡ କରିବ ଏବେ ମୋତେ ଆଜ୍ଞା,
ତେବେ ମୁଁ ପାରିବି ଲେଖି ନୃସିଂହଙ୍କ ପ୍ରଜ୍ଞା ।
ସପ୍ତରତ୍ନ କର ଯାଏ ଅଛି ମନ କରି,
ସେ ଅର୍ଥ ଜଣାଇ ମୋତେ ଦେବ ନରହରି । (୩ୟ ଖଣ୍ଡ)

ଗ୍ରନ୍ଥ ଓ ଗ୍ରନ୍ଥସୂଚୀ: ୧ମ ରତ୍ନାକର—ନୃସିଂହଙ୍କ ବନ୍ଦନା, ରାଜା ପରୀକ୍ଷିତଙ୍କୁ ବ୍ରହ୍ମଶାପ, ପରୀକ୍ଷିତଙ୍କ ହରିନାମ କୀର୍ତ୍ତନ, ପାର୍ବତୀଙ୍କୁ ଈଶ୍ୱରଙ୍କ ବ୍ରହ୍ମଜ୍ଞାନ କଥନ, ଶୁକଦେବଙ୍କ ଜନ୍ମ, ତପସ୍ୟା, ମନ୍ତ୍ର ଗ୍ରହଣ, ମାତାଙ୍କୁ ଶୁକଙ୍କ ଜ୍ଞାନମାର୍ଗ କଥନ, ପରୀକ୍ଷିତଙ୍କ ପୁରାଣ ଶ୍ରବଣ, ନାରଦଙ୍କ ବ୍ରହ୍ମଶାପ ମୋଚନ, ନୃସିଂହ ପୁରାଣ ମାହାତ୍ମ୍ୟ, ପ୍ରଳୟ, ସୃଷ୍ଟି ବର୍ଣ୍ଣନା, ଶଚୀଦେବୀଙ୍କ ଜନ୍ମ, ବିବାହ, ଲକ୍ଷ୍ମୀଙ୍କ ଜନ୍ମ, କୌସ୍ତୁଭ ମଣିର ଜନ୍ମ ବୃତ୍ତାନ୍ତ, ଗୁରି ସମ୍ପ୍ରଦାୟ ଜନ୍ମ ବୃତ୍ତାନ୍ତ, ଶ୍ୟାମାନନ୍ଦୀ ଦୀକ୍ଷା, ବ୍ରହ୍ମସମ୍ପ୍ରଦାୟ ପ୍ରଶଂସା, ପାର୍ବତୀ ବିବାହ, ଧନୁ ଓ ବଂଶୀର ଜନ୍ମବୃତ୍ତାନ୍ତ, କନ୍ଦର୍ପ ବିବାହ, ମୁର ଦାରୁଣ ଦୈତ୍ୟ ଜନ୍ମ ବୃତ୍ତାନ୍ତ, ମୁରର ପୂର୍ବଜନ୍ମ ବୃତ୍ତାନ୍ତ ।

୨ୟ—ଦ୍ୱାରପାଳ ଜୟ ବିଜୟଙ୍କ ଶାପ ବିବରଣ, ସାଧୁ ମନୁଙ୍କ କଥା, ନୃସିଂହ କବଚ, ସାଧୁ ମନୁଙ୍କ ଗୃହକୁ ବିଷ୍ଣୁ ବିପ୍ର ରୂପରେ ଯିବା, ସାଧୁ ମନୁଙ୍କ ମୋକ୍ଷ, ଦୁର୍ବାସାଙ୍କ କ୍ରୋଧ, କ୍ରୋଧ ଶାନ୍ତ ନିମିତ୍ତ ବିଷ୍ଣୁଙ୍କ ଉଦ୍ୟମ, ମୁର ଦାରୁଣଙ୍କ ବାଲ୍ୟଲୀଳା, ରାଜା ଭରତଙ୍କ ଚରିତ, ଜୈବଂଶୀ ପୁତ୍ରଙ୍କୁ ଜ୍ଞାନମାର୍ଗ କଥନ, ମୁରାସୁର ଓ ଚନ୍ଦ୍ରସେନର ପଶାଖେଳ, ଜବଙ୍କ ପୂର୍ବଜନ୍ମ ବୃତ୍ତାନ୍ତ, ମୁର ଦାରୁଣଙ୍କ ତପସ୍ୟା, ଭୂମିକମ୍ପର କାରଣ, ମୁର ଦାରୁଣଙ୍କ ଦିଗ୍‌ବିଜୟ, କର୍ଣ୍ଣାଟେଶ୍ୱର ରାଜାଙ୍କଠାରୁ ମୁରର ପତ୍ର, କର୍ଣ୍ଣାଟେଶ୍ୱର ସହିତ ମୁରର ଯୁଦ୍ଧ, ମୁରର ବିଜୟ, କର୍ଣ୍ଣାଟେଶ୍ୱରଙ୍କ ପଳାୟନ, ମୁରାସୁରର ରାଜ୍ୟପ୍ରାପ୍ତି, ବ୍ରହ୍ମାଙ୍କର ମୁରକୁ ନୀତିଶିକ୍ଷା ଦାନ, ମୁରର ସପ୍ତଦ୍ୱୀପ ଭ୍ରମଣ, କଣ୍ଠବିକଣ୍ଠଙ୍କ ସହିତ ମିତ୍ରତା, ମୁରାସୁରର ଶାଲ୍ମଳୀଦ୍ୱୀପ ଯାତ୍ରା, ମଦନାବତୀ ସ୍ୱୟମ୍ବର, ମଦନାବତୀ ବିବାହ, ମୁରାସୁରର ବିଷ୍ଣୁ ମାୟି ରାଜ୍ୟରେ ପ୍ରବେଶ, ସୂର୍ଯ୍ୟାବର୍ତ୍ତିକ ମଣି ବୃତ୍ତାନ୍ତ;

ଇନ୍ଦ୍ରନୀଳମଣି ବୃତ୍ତାନ୍ତ, ମୁରାସୁର-ଇନ୍ଦ୍ର ଯୁଦ୍ଧ, ମୁରର ସ୍ୱର୍ଗପୁର ବିଜୟ, ମୁର ଦ୍ୱାରୁଣଙ୍କ ପଦ୍ମାବତୀ ଓ ଚନ୍ଦ୍ରାବତୀ କନ୍ୟା ବିବାହ, ମୁରାସୁରର ସ୍ୱପୁରକୁ ପ୍ରତ୍ୟାଗମନ, ମୁରବଧ ନିମନ୍ତେ ବିଷ୍ଣୁଙ୍କୁ ଦେବତାମାନଙ୍କ ପ୍ରାର୍ଥନା ।

୩ୟ—ମୁର ବିବାହ, ବିଷ୍ଣୁଙ୍କୁ ଦେବତାମାନଙ୍କ ଜଣାଣ, ଭଗବତୀଙ୍କ ଜନ୍ମ, ମେରୁପର୍ବତରେ ଦେବତାମାନଂକ ସଭା, ମୁରର ମେରୁପର୍ବତ ଉତ୍ପାଟନ କରିବା, ମୁରକୁ ଶୁକ୍ରଙ୍କ ଉପଦେଶ, ମେରୁର ପୁନଃ ସଂସ୍ଥାପନ, ଭଗବତୀ ବିବାହ, ଶେଷ ନୃସିଂହ ଜନ୍ମ, ନାମକରଣାଦି, ବାଲ୍ୟଲୀଳା, ରାସଯାତ୍ରା, ଗୁରୁସେବା, ଭଗବତୀଂକ ଶାଳଗ୍ରାମ ପୂଜା, ନୃସିଂହ ବ୍ରତବନ୍ଧ, ବ୍ରହ୍ମାଂକଠାରୁ ଶେଷ ନୃସିଂହଙ୍କ ବିଦ୍ୟାଶିକ୍ଷା, ନୃସିଂହଂକ ବଦରିକାଶ୍ରମରେ ପ୍ରବେଶ, ନୃସିଂହଂକ ଯୌବରାଜ୍ୟାଭିଷେକ, ଶ୍ରୀବତ୍ସ ବିପ୍ର କଥା, କର୍ଣ୍ଣାଟେଶ୍ୱର ରାଜାଂକ ଶେଷ ନୃସିଂହଂକଠାରେ ଶରଣ ପଶିବା, ବ୍ରହ୍ମାଂକ ରାଜନୀତି କଥନ, ଲକ୍ଷ୍ମୀଂକ ସ୍ୱୟଂବର, ଶେଷ ନୃସିଂହଂକ ସହ ଇଲା କମଳାଂକ ବିବାହ ।

୪ର୍ଥ—ଅଲକ୍ଷ୍ମୀ ବିବାହ, ମୁର ନିକଟରେ ନାରଦଂକ ନୃସିଂହ ଜନ୍ମ ବୃତ୍ତାନ୍ତ କଥନ, ମୁରର ଚିନ୍ତା, ଅଶୀଳର ବଦରିକାଶ୍ରମରେ ପ୍ରବେଶ, ବିଷ୍ଣୁ ବଲ୍ଲଭଂକୁ ମୁରର ପତ୍ର, ବିଦ୍ୟାଧ୍ୟୟନ ପାଇଁ ଶେଷ ଓ ନୃସିଂହଂକ କନକାବତୀ ପୁରକୁ ଯାତ୍ରା, ନୃସିଂହଂକୁ ମାରିବା ପାଇଁ ମୁର ଓ ମଦନବତୀଂକ ବିଚାର, ନୃସିଂହଂକ-ଠାରୁ ମୁର ପୁତ୍ରର ବିଦ୍ୟାଧ୍ୟୟନ ବ୍ୟବସ୍ଥା, ମୁରର ଷଡ଼ଯନ୍ତ୍ର, ମହାକର୍ଣ୍ଣର ମାୟା, ନୃସିଂହ ବଧ, ମୁର ପୁତ୍ରର ନିଧନ, ମୁର ଓ ମୁରପତ୍ନୀଂକ ଶୋକ, ମୁରସହ ବ୍ରହ୍ମାଂକ ଯମପୁରରେ ପ୍ରବେଶ ଓ ଅମୋହମାଳା ପ୍ରଦାନ, କାଂକୋଳାସୁର ବଧ, ଶରଜିତ ଓ ଚନ୍ଦ୍ର ମାଳୀ ଝଡ଼ିକା, ହିରଣ୍ୟକେଶୀ, କୁନ୍ତକେଶୀ, ବୀରବାହୁ, କାଳକେତୁ ଓ ସୌଦାଶ ପ୍ରଭୃତିଂକ ଯୁଦ୍ଧ ଓ ମୃତ୍ୟୁ, ଅମୃତମଣି ଚରିତ, ବୀରଘଣ୍ଟାଦି ଅସୁରଂକ ଯୁଦ୍ଧ ଓ ମୃତ୍ୟୁ, ବୃକାସୁରର ଯୁଦ୍ଧ ଓ ମୃତ୍ୟୁ, ବଳିବାମନ ଚରିତ, ଦାରୁଣର ଯୁଦ୍ଧ ଓ ମୃତ୍ୟୁ, ଚନ୍ଦ୍ର କଳା ସ୍ଥାନ ନିର୍ଣ୍ଣୟ, ସ୍ତ୍ରୀପୁରୁଷ-ଲକ୍ଷଣ ।

୫ମ—ଭକ୍ତ ମାହାତ୍ମ୍ୟ । ଲକ୍ଷ୍ମୀଙ୍କ ଦର୍ପଦଳନ । ମୁରାସୁରର ଯୁଦ୍ଧ ଆୟୋଜନ ଓ ଯୁଦ୍ଧ, ବିଜୟାଶ୍ୱରଥ ଚରିତ, ପ୍ରତାପସିଂହ ସହ ମୁରାସୁରର

ବଦରିକା ଆକ୍ରମଣ, କୃଷ୍ଣବଲ୍ଲଭ ରାଜା ବନ୍ଦୀ, ନୃସିଂହଙ୍କ ସେନାଙ୍କ ଯୁଦ୍ଧ, କୃଷ୍ଣବଲ୍ଲଭଙ୍କ ମୁକ୍ତି, ପ୍ରତାପ ସିଂହର ଯୁଦ୍ଧ ଓ ମୃତ୍ୟୁ, କଳ୍ପାସୁର ଚରିତ । ମୁର ଆନନ୍ଦବନକୁ ତାଡ଼ି ସମୁଦ୍ରରେ ନିକ୍ଷେପ କରିବା । ଆନନ୍ଦବନର ମାହାତ୍ମ୍ୟ । ଜୀବପରମ ବିଗ୍ରହ, ବାସବଙ୍କ ନନ୍ଦନବନ ଭ୍ରମଣ, ଶ୍ୱେତରାଜାଙ୍କ ଯଜ୍ଞ, ଅଗ୍ନିଙ୍କ ଲୁତୁବୁତୁ ବ୍ୟାଧି ଜାତ, ଧନ୍ୱନ୍ତରୀଙ୍କ ଜନ୍ମ, ଅଗ୍ନି ଇନ୍ଦ୍ରଙ୍କୁ ଖାଣ୍ଡବବନ ପ୍ରାର୍ଥନା କଲେ, ନନ୍ଦନବନସ୍ଥ ଦେବତାମାନଙ୍କୁ ନୃସିଂହଙ୍କ ଆଶ୍ୱାସନା, ଦେବ ସୈନ୍ୟସହ ନୃସିଂହଙ୍କ ବଦରିକାରେ ପ୍ରବେଶ ।

୬ଷ୍ଠ—ସୁବ୍ରଙ୍କ ମନ୍ତ୍ରୀର ପ୍ରାଣତ୍ୟାଗ, ମୁରସୁରର ଯୁଦ୍ଧଯାତ୍ରା, ନୃସିଂହଙ୍କ ଯୁଦ୍ଧ ଆୟୋଜନ । ପ୍ରଲମ୍ବାଦି ଅସୁରଙ୍କ ଯୁଦ୍ଧ ଭୂମିରେ ମୃତ୍ୟୁ, ମୁର ଓ ନୃସିଂହ ଯୁଦ୍ଧ, ମୁରସୁରବଧ । କର୍ଣ୍ଣାଟେଶ୍ୱର, କନକାବତୀ ପୁରରେ ରାଜା କରିବା ।

୭ମ—ନୃସିଂହଙ୍କ ମହାଲକ୍ଷ୍ମୀ ମନ୍ଦିରରେ ପ୍ରବେଶ, ମଳଗିରି ମାହାତ୍ମ୍ୟ, ମହାଲକ୍ଷ୍ମୀଙ୍କ ରତ୍ନପୃଷ୍ଠ ଜନ୍ମ, ମଳଗିରିର ଚନ୍ଦନଯାତ୍ରା, ନୃସିଂହଙ୍କ ଦେହତ୍ୟାଗ, ନାରଦଙ୍କୁ ବ୍ରହ୍ମାଙ୍କ ଭାଗବତ କଥନ, ହିରଣ୍ୟକଶିପୁଙ୍କ ତପସ୍ୟା, ପ୍ରହ୍ଲାଦ ଚରିତ, ନୃସିଂହାବତାର ଓ ହିରଣ୍ୟକଶିପୁ ବଧ, ପ୍ରହ୍ଲାଦଙ୍କ ରାଜ୍ୟାଭିଷେକ, ସଂକ୍ଷିପ୍ତ ରାମାୟଣ ଚରିତ, ବଂଶାନୁଚରିତ, ଶ୍ରୀକୃଷ୍ଣଙ୍କ ଲୀଳା, କଂସ ବଧ, କୃଷ୍ଣଙ୍କ ଦେହତ୍ୟାଗ, ପରୀକ୍ଷିତଙ୍କ ଚରିତ, ଜନ୍ମେଜୟଙ୍କ ଚରିତ ।

ନୃସିଂହ ପୁରାଣ ସତ୍ୟଯୁଗର ଚରିତ, ଏହା ସାମବେଦରୁ ସମ୍ଭୂତ । ପ୍ରଥମେ ନାରଦଙ୍କୁ ବ୍ରହ୍ମା ଏହି ଚରିତ କହିଥିଲେ । ପରେ ଦ୍ୱାପର ଯୁଗରେ ଶୁକଙ୍କ ମୁଖରୁ ପରୀକ୍ଷିତ ଏହା ଶୁଣିଲେ ।

ନୃସିଂହ ଓ ଶେଷଦେବ ଦୁଇଭାଇ, ନୃସିଂହ ଜ୍ୟେଷ୍ଠ, ଶେଷ କନିଷ୍ଠ । ବଙ୍ଗଦେଶର ରାଜା କୃଷ୍ଣବଲ୍ଲଭଙ୍କ ରାଣୀ ଭଗବତୀଙ୍କ ଗର୍ଭରୁ ଏ ଦୁହିଁଙ୍କର ଜନ୍ମ । ନୃସିଂହ ଓ ଶେଷଦେବଙ୍କ ଲୀଳା ହିଁ ଏହି ପୁରାଣର ମୁଖ୍ୟ ବିଷୟବସ୍ତୁ ।

ପ୍ରସଙ୍ଗକ୍ରମେ କବି ବିଭିନ୍ନ ପୌରାଣିକ ଆଖ୍ୟାୟିକା ତତ୍ତ୍ୱ, ଉପଦେଶ ପ୍ରଭୃତିକୁ ସ୍ଥାନ ଦେଇଛନ୍ତି ।

କବି ପରୀକ୍ଷିତଙ୍କୁ ଆଦର୍ଶ ନରପତି ରୂପେ ଚିତ୍ରଣ କରିଛନ୍ତି । ପରୀକ୍ଷିତ ସୁନ୍ଦର ପଣରେ କାମର ଗର୍ବଗଞ୍ଜନ କରୁଥିଲେ । ବୀରତ୍ୱର ପଣରେ ଇନ୍ଦ୍ରଙ୍କ ସମ, ପଣ୍ଡିତ ପଣରେ ବୃହସ୍ପତି, ବାଣୀ ଗମ୍ଭୀର ବସନ୍ତ କୋକିଳ, ଦୟାଳୁ ପଣରେ ରାମଚନ୍ଦ୍ର, ଚନ୍ଦ୍ରମା ପ୍ରାୟ ଆହ୍ଲାଦ, ଧୈର୍ଯ୍ୟ ପଣରେ ମେରୁ, କ୍ଷମା ଶାନ୍ତ ଲକ୍ଷଣରେ ବାରିଧି, ରାଜେଶ୍ୱର ପଣରେ ଯୁଧିଷ୍ଠିର, ଧନବନ୍ତ ପଣରେ ଧନେଶ୍ୱର, ବାଣୀର ଶୀଳତର୍ପଣ ଗଙ୍ଗା ନୀର ସମାନ । ପୁଣି, ଅଷ୍ଟାବଧାନରେ ରାମଙ୍କ ସମାନ, ତେଜଗୁଣରେ ତପନ, ଉଜ୍ଜ୍ୱଳ ପଣରେ ଶରଚ୍ଚନ୍ଦ୍ର ସମାନ । ସେ ବୈରିକୁଳର ବଜ୍ରଦଣ୍ଡ ସଦୃଶ ଥିଲେ । ସେ ବତିଶ ଲକ୍ଷଣଯୁକ୍ତ ହୋଇ ଜନ୍ମଗ୍ରହଣ କରିଥିଲେ । "ଗର୍ଭରେ ମରି ଜୀଅନ୍ତେ ପରୀକ୍ଷିତ ନାମ ।" ଏହି ରାଜା ରାଜନୀତି କୁଶଳ ଥିଲେ ।

ସୋମବଂଶ ଉଦ୍ଧାରଣ ଅଟଇ ସେ ବୀର,
ଜମ୍ବୁଦ୍ୱୀପନାୟକ ଜୟ କଲେ ଶତେବାର ।
ବଂଶାନୁଚରିତମାନ ଶୁଣି ନରନାଥ,
ରାଜନୀତିରେ ବଢ଼ିଣ ସାଧି କ୍ଷତ୍ରିବୃନ୍ଦ ।

ରାଜ୍ୟର ନ୍ୟାୟ ଅନ୍ୟାୟ ଧର୍ମାଧର୍ମ ଯେତେ,
ବିପ୍ର ମୁଖରୁ ଏହା ଶୁଣି ଶାସ୍ତ୍ରମତେ ।
ସ୍ୱଦେଶ ପରଦେଶରେ ଶୁଣନ୍ତି ଗୁହାରି,
ପ୍ରଜାକୁଳ ପାଳନ୍ତି ସେ ପୁତ୍ରସମ କରି ।

ପ୍ରାତଃକାଳେ ଘୃତ ଦେଇ ଅଗ୍ନିଙ୍କୁ ସେ ତୋଷି,
ଅନ୍ନଦାନ ଦିଅନ୍ତି ସେ ଦେଖି ଭୋକା ଶୋଷୀ ।
ନିତ୍ୟ ଗୁରୁ ବୈଷ୍ଣବ ଚରଣ ସେବନ୍ତି,
ବିଷ୍ଣୁଙ୍କର ସେବା ପୂଜା ପ୍ରତ୍ୟହ କରନ୍ତି ।

ଅତିଥି ଯେ ଅଭ୍ୟାଗତ ଭିକ୍ଷାଶୀ ସନ୍ନ୍ୟାସୀ,
ଏମାନଙ୍କୁ ରାଜା ଅନ୍ନବସ୍ତ୍ର ଦେଇ ତୋଷି ।
ସୁଜନ ପ୍ରତିପାଳନ ଦୁର୍ଜନ ନପାତି,
ଉତ୍ତମ ବିପ୍ର ଦେଖିଣ ଚରଣେ ସେବନ୍ତି ।
ଏହିରୂପେ ପ୍ରତିଦିନ ଚର୍ଚ୍ଚାମାନ କରି,
ଜନମୁଖେ ଶୁଭେ ଧନ୍ୟ ଧନ୍ୟ ଦଣ୍ଡଧାରି ।
(୧ମ ରତ୍ନାକର । ପ୍ରଥମାଂଶ)

ଏଥିରୁ ବିବିଧ ଶାସ୍ତ୍ର, ପୁରାଣ, ଆଗ୍ନିର ବ୍ୟବହାର ପ୍ରଭୃତି ବିଷୟରେ କବିଙ୍କର ଜ୍ଞାନ ଥିବା ପ୍ରମାଣିତ ହେଉଛି ।

କବି ଜଣେ ପ୍ରଧାନ ବୈଷ୍ଣବ ଥିବାରୁ ବ୍ରହ୍ମର୍ଷି ବଶିଷ୍ଠଙ୍କ ମୁଖରେ ଶ୍ରୀହରି ନାମକୀର୍ତ୍ତନର ମହିମା ଗାନ କରାଇ ଥିଲେ ।

କେବଳ ଶ୍ରୀହରି ନାମ ସଂସାରକୁ ମୂଳ,
ଆଉ ଯେତେ କଥାମାନ ସବୁହିଁ ବିଫଳ ।

ନୃସିଂହ ପୁରାଣ ମାହାତ୍ମ୍ୟ ପ୍ରସଙ୍ଗରେ ଏହି ପୁରାଣର ଜନ୍ମ ବୃତ୍ତାନ୍ତ ବ୍ରହ୍ମା ନାରଦଙ୍କୁ କହିଥିଲେ ଯେ –

× × ×

ବ୍ୟାସ ଆସୁ ଆସୁ ଗର୍ଭୁ ଉଚ୍ଚାରିଲେ ଏହା ।
ନୃସିଂହ ମହିମାଯାକ ପୁରାଣ ବାନ୍ଧିଲେ,
ପ୍ରଥମରୁ ମୂଳବାର୍ଣ୍ଣ ସେ ଗ୍ରନ୍ଥ ହୋଇଲେ ।
ଭୂମିରେ ପଡ଼ନ୍ତେ ପୁଣି ବାନ୍ଧିଲେ ସେ ଗ୍ରନ୍ଥ,
ଶୁଣ ତୁମ୍ଭେ ବ୍ୟାସଙ୍କର ଏଡ଼େ କରାମତି ।
(୧ମ ରତ୍ନାକର)

କବି ନୃସିଂହ ପୁରାଣକୁ ପୁରାଣମାନଙ୍କର ରାଜା କରି ଅନ୍ୟ ପୁରାଣମାନଙ୍କୁ ପାତ୍ର ମନ୍ତ୍ରୀ ପ୍ରଭୃତି ରାଜସେବକ କରିଛନ୍ତି । ନୃସିଂହ ପୁରାଣ ରାଜା, ବ୍ରହ୍ମ-

ପୁରାଣ ପାତ୍ର, ମାର୍କଣ୍ଡ ପୁରାଣ ମନ୍ତ୍ରୀ, ବଶିଷ୍ଠ ପୁରାଣ ପୁରୋହିତ, ମତ୍ସ୍ୟପୁରାଣ ବେହେରା ମହାପାତ୍ର, କୂର୍ମ ପୁରାଣ ସେନାପତି, ବରାହ ପୁରାଣ ସର୍ବଅଧିକାରୀ, ବାମନ ପୁରାଣ ପରିଚ୍ଛା, ବାକ୍‌ଦେବୀ ପୁରାଣ ଝାଣା, ଲକ୍ଷ୍ମୀ ପୁରାଣ ରାଣୀ, ପଦ୍ମ ପୁରାଣ ସେବାକାରୀ, ବ୍ରହ୍ମାଣ୍ଡ ପୁରାଣ ସଭା ପଢ଼ିହାରୀ । ଅନ୍ୟସବୁ ପୁରାଣ ରାଜାଙ୍କ ପାଦସେବକ ହେଲେ ।

ପୁଣି ଏହି ନୃସିଂହ ପୁରାଣକୁ ବ୍ୟାସଦେବ କହନ୍ତି ଗଣେଶ ଲେଖନ୍ତି । ଏହି ପୁରାଣର ଷାଠିଏ ଲକ୍ଷ ଗ୍ରନ୍ଥ ହୋଇଥିଲା । ଦେବତାମାନଙ୍କୁ ବିଂଶ ଲକ୍ଷ, ନାଗଲୋକକୁ ବିଂଶ ଲକ୍ଷ ଦେଲେ । ଅବଶିଷ୍ଟ ବିଂଶ ଲକ୍ଷରୁ କିଞ୍ଚିତ ନେଇ ଭାଗବତ, ଭାରତ ରଚନା କଲେ । ବାଲ୍ମୀକ ଏଥିରୁ କିଞ୍ଚିତ ନେଇ ରାମାୟଣ କଲେ । କବିଙ୍କର ଏହି କଳ୍ପନା ମହାଭାରତ ଗ୍ରନ୍ଥର ଜନ୍ମ ସଦୃଶ ହୋଇଛି ।

କବି ସ୍ୱ କଳ୍ପନା ବଳରେ ଏତେ ବଡ଼ ପ୍ରକାଣ୍ଡ ଗ୍ରନ୍ଥ ପଦ୍ୟରେ ରଚନା କରି ଅମର ହୋଇଛନ୍ତି । କଳ୍ପନାର ଗମ୍ଭୀରତା, ବର୍ଣ୍ଣନା ଚାତୁରୀ, ବିଷୟ ବିନ୍ୟାସରେ ବିଶେଷ ପ୍ରତିଭା ପ୍ରକଟିତ ହୋଇ ନ ଥିଲେ ମଧ୍ୟ କଥାପ୍ରସଙ୍ଗ ଓ ତତ୍ତ୍ୱ ବ୍ୟାଖ୍ୟାନକୁ ରମଣୀୟ କରିବାରେ କବି କ୍ଷମ ହୋଇଛନ୍ତି । ପୁରାଣ ସାଧାରଣତଃ ଜ୍ଞାନଭଣ୍ଡାର ରୂପେ ଗୃହୀତ ହେଉଥିବାରୁ କବି ଅପ୍ରାସଙ୍ଗିକ ବହୁ ବିଷୟ ଏଥିରେ ସଂଲଗ୍ନ କରିଛନ୍ତି । ଏଥିରେ କବିଙ୍କ ପାଣ୍ଡିତ୍ୟ ପ୍ରକାଶ ପାଇଛି ।

କବି କୌଣସି ସଂସ୍କୃତ ପୁରାଣରୁ ନୃସିଂହ ପୁରାଣ ଅନୁବାଦ କରି ନାହାନ୍ତି । ସଂସ୍କୃତରେ 'ନୃସିଂହ ପୁରାଣ' ଥିବା କବି ବ୍ୟକ୍ତ କରିଛନ୍ତି ଏବଂ ଏହି ପୁରାଣକୁ ସେ ସାଧୁଙ୍କର ମୁଖରେ ଶୁଣି ଲେଖିଥିବା ମଧ୍ୟ ପ୍ରକାଶ କରିଛନ୍ତି । 'ବଂଶୀ' ଉତ୍ପତ୍ତି ପ୍ରସଙ୍ଗରେ କବି କହିଛନ୍ତି—

ଏ ରୂପେ ଧନ୍ୟ ସେ ବଂଶୀ ବ୍ରହ୍ମା କଲେ ଜାତ,
ନୃସିଂହ ପୁରାଣେ ଏହା ହୋଇଛି ଲିଖିତ ।
ବିପ୍ର ପିତାମ୍ବର ଦାଶ ସାଧୁଙ୍କର ମୁଖେ,
ଏ ଗ୍ରନ୍ଥର ଅର୍ଥ ଶୁଣି ପଦରେ ତା ଲେଖେ ।

ସତ୍ୟଯୁଗର ଏ ଚରିତ ବେଦବ୍ୟାସକୃତ,
ଅଷ୍ଟାଦଶ ପୁରାଣେ ଏ ଗ୍ରନ୍ଥ ଅଟଇ ଉକ୍ତ ।

ସଂସ୍କୃତ ଭାଷାରେ ରଚିତ ନୃସିଂହ ପୁରାଣ ସତ୍ୟଯୁଗର ପୁରାଣ ଏବଂ ଏହା ଅଷ୍ଟାଦଶ ପୁରାଣାନ୍ତର୍ଗତ ବୋଲି କବି କହିଛନ୍ତି । (୧ମ ରତ୍ନାକର)

ପୁଣି ସୃଷ୍ଟି ସର୍ଜନା ପ୍ରସଙ୍ଗରେ—

ପ୍ରଥମ ସାଗର ସୃଷ୍ଟି ସର୍ଜନା ବୃତ୍ତାନ୍ତ,
ଏ ନୃସିଂହ ପୁରାଣରେ ହୋଇଛି ଉକତ,
ଯେତେକ ଦୃଶ୍ୟ ହେଲା ମୁଁ ଲେଖିଲି ତେତେକ
କେ ଆନ କରି ପାରିବ ଶାରଦାଙ୍କ ବାକ୍ୟ ।
(୧ମ ରତ୍ନାକର)

କବିଙ୍କ ଆଶା ଓ ଆକାଂକ୍ଷା—କବି 'ସାଧୁଜନ ମୁଖାଗ୍ରତେ' ନୃସିଂହପୁରାଣ ଶୁଣି ରଚନା କରିଥିଲେ । କବି 'କୋଟିଏ ଗ୍ରନ୍ଥ ବାଛି' ପୁରାଣ ଲେଖିଥିବା ସ୍ୱୀକାର କରିଛନ୍ତି । ବିଶେଷ, ତତ୍ତ୍ୱାଦି 'ସତ୍ୟ ହେଉ ବା ଅସତ୍ୟ' ହେଉ କବି 'ଲେଖିବା ସତ୍ୟ' ବୋଲି ବ୍ୟକ୍ତ କରିଛନ୍ତି । ଜନ୍ମବାସନା କାଳରୁ ତାଙ୍କ 'ସତ୍ୟ ଦୀକ୍ଷା' । ସଂସାରକୁ ରକ୍ଷା କରିବା ପାଇଁ ସେ ଏହି ଗ୍ରନ୍ଥ ରଚନା କରିଥିଲେ ।

ଶ୍ରୀ ନୃସିଂହ ଜନ୍ମ ସତ୍ୟଯୁଗର ଏ ଗ୍ରନ୍ଥ,
କୋଟିଏ ଗ୍ରନ୍ଥ ବାଛିଣ ଲେଖିଲି କଳ୍ପିତ ।
ଏଣୁ ଏ ଗ୍ରନ୍ଥର ପୁଣ୍ୟ ସଂସାରେ ମୋ ରହୁ,
ଯେଣୁ ମୋତେ ଦୟାକଲେ କମଳାର ସାଇଁ ।

ଏତେ ଲଭ ଗୁଢ଼ କରିବାର କେଉଁ ଯଶ,
ଦେହ ଅନ୍ତେ ବୈକୁଣ୍ଠରେ ହେବ ବିଷ୍ଣୁ ଦାସ ।
ଶ୍ରୀନୃସିଂହ ସଙ୍ଗତରେ ରହିବ ମୋ ନାମ,
ଭୃତ୍ୟ ରୂପେ ସଂସାରେ ମୁଁ ପାଇବ ଜନମ । (୫ମ ରତ୍ନାକର)

ଭକ୍ତଙ୍କୁ ଏହି 'ନୃସିଂହ ନାମେ ଗ୍ରନ୍ଥ' ପୀୟୂଷ ସ୍ୱରୂପ ଥିବାରୁ କବି 'ଅମୂଲ୍ୟ ପଦ ପୀୟୂଷ' ଦାନ କରିଛନ୍ତି । କବି ଅତି ସୁନ୍ଦର ସରଳ ଭାବରେ ନିଜ ହୃଦୟର ଭାବ ଓ ଆକାଙ୍କ୍ଷା ବ୍ୟକ୍ତ କରିଛନ୍ତି ।

ଭକ୍ତକବି 'ଅପ୍ରକଟ' ନୃସିଂହପୁରାଣକୁ ବିଷ୍ଣୁଙ୍କ ଆଜ୍ଞାରେ ପ୍ରାକୃତ ବନ୍ଧରେ ଲେଖିଲେ । ଜନ୍ମରୁ ତାଙ୍କ କଲି 'ବିଷ୍ଣୁ ପୁରାଣ'ରେ ଥିବାରୁ ବିଷ୍ଣୁଭାବ ତାଙ୍କ ହୃଦୟରୁ ସ୍ୱତଃ ସ୍ଫୁରିତ ହେଉଥିଲା । ସେ ଏହି ଭାବକୁ ପ୍ରକାଶ କରି ଅକ୍ଷୟ କୀର୍ତ୍ତି ଅର୍ଜନ କରିବା ସଙ୍ଗେ ସଙ୍ଗେ ଅନନ୍ତ ପୁଣ୍ୟର ଅଧିକାରୀ ହୋଇ ପାରିଛନ୍ତି । କବି ଅଳ୍ପ ପଦରେ ନିଜର 'ଭାବ'କୁ ସୁନ୍ଦର ଭାବରେ ଏପରି ପ୍ରକାଶ କରିଛନ୍ତି—

ବାଲି ବିଦାରିଲେ ଯେହ୍ନେ ଉପୁଜଇ ଜଳ,
ସେହ୍ନେ ମତି ପଦ ମୋର ହୃଦେ ହୁଏ ଠୁଳ ।
ଠୁଳହେଲେ ଗର୍ଭରେ ନପାରେ ମୁଁ ରଖି,
ପୁସ୍ତକରେ ଆଣି ତାହା ଦେଉଥାଏ ଲେଖି ।

ଏହା ଶୃଙ୍ଖଳଚନ୍ଦ୍ରାର ପରିପୂରକ ନହେଲେ ମଧ୍ୟ ଭକ୍ତକବିଙ୍କ ପୁରାଣ ରଚନା ପକ୍ଷରେ ଏହା ଶୃଙ୍ଖଳସମନ୍ୱିତ ହୋଇଛି ।

କବି ଏହି କାରଣରୁ ଆଶଙ୍କା କରି ପାଠକମାନଙ୍କୁ ପ୍ରାର୍ଥନାରେ କହିଛନ୍ତି—

କେବଳ ଏତିକ ମୁହିଁ କହୁଛି ତୁମ୍ଭଙ୍କୁ,
ଯେତେବେଳେ ବସି ଶୁଣିବ ଏ ପୁରାଣକୁ ।
ତୁମ୍ଭର ସ୍ଥାମୁରେ ଏକା ମୋତେ ବସାଇବ
ଗ୍ରନ୍ଥ ଶୁଣିଣ ଅନ୍ତର କେବେହେଁ ନ କରିବ ।

ଅର୍ଥ ବୁଝି ନ ପାରିଲେ ଶୁଣୁଥିବ ବସି,
ଅକଳନା ଅଟନ୍ତି ତ ବିଷ୍ଣୁ ବ୍ରହ୍ମ-ରାଶି ।

ତୁମ୍ଭ ସଙ୍ଗତରେ ମୋତେ ଥିବ ଜଣେ କରି,
ଏତିକ ମାଗୁଛି ସମସ୍ତଙ୍କୁ ଅନୁସରି । (୫ମ ରତ୍ନାକର)

କବିଙ୍କ ଭଜନ—କବି ବୈଷ୍ଣବ ବ୍ରହ୍ମସମ୍ପ୍ରଦାୟ ଅନ୍ତର୍ଭୁକ୍ତ ହେଲେ ମଧ୍ଯ ସେ ସାମ୍ୟଭାବରେ ଚତୁଃ ସମ୍ପ୍ରଦାୟ ଗାୟତ୍ରୀ ମନ୍ତ୍ର ନିତ୍ୟ "ଏକୋଇଶ ସହସ୍ର ଛଅଶତ" ଭଜନା କରୁଥିଲେ । ଋଷିକୁଲ୍ୟା ନଦୀ ତଟରେ ତାଙ୍କ ମଠ । ସେଠାରେ ତାଙ୍କର ପିତୃପିତାମହ ସାତପାଟ ବାସ କଲେଣି । କବି ଚତୁଃ-ସମ୍ପ୍ରଦାୟ ଗାୟତ୍ରୀ ଭଜନ କରି ଦାତା ଦେବା ଦ୍ରବ୍ୟରେ ଅନ୍ନବ୍ୟଞ୍ଜନାଦି ପ୍ରସ୍ତୁତ କରି ସ୍ୱ ଇଷ୍ଟଦେବଙ୍କୁ ଭୋଗ କରୁଥିଲେ ।

ଦାତା ଦେଲ ଅନ୍ନ ମୁହିଁ କରେ ଗ୍ରାସ ନିତ୍ୟେ,
ଜୀବକୁ ଭୁଞ୍ଜାଇ ଭୁଞ୍ଜୁଥାଇ ଅନୁବ୍ରତେ । (୪ର୍ଥ ରତ୍ନାକର)

ପୀତାମ୍ବର ଦାଶ ସଂକୀର୍ଣ୍ଣ ବାଦବିବାଦକୁ ପରିହାର କରିଛନ୍ତି, ଏହା ତାଙ୍କର ଏକାଗ୍ରତାର ସହାୟକ ହୋଇଛି ।

ଲେଖଇ ନୃସିଂହ ଗ୍ରନ୍ଥ କହେ ପ୍ରଭୁ ମୋତେ,
ବାଦ ବିବାଦ ମୁଁ କରି ନାହିଁ କଦାଚିତେ ।
ବୁଝିଲେ ଲୋଭ କହିଲେ ମୋର ନ ସରଇ,
ଭକ୍ତିରେ ମୁଁ ବୁଡ଼ିଅଛି ପାଦପଦ୍ମ ଧ୍ୟାୟି । (୪ର୍ଥ ରତ୍ନାକର)

କବି ସାହୁର ଖାତକ କିମ୍ବା ରାଜାର ପ୍ରଜା ନୁହନ୍ତି ବୋଲି କହିଛନ୍ତି; ଉଭୟ ଶ୍ରେଣୀ ମନୁଷ୍ୟ ଜୀବନର ଉନ୍ନତି ପଥର କଣ୍ଟକ ବୋଲି ସେ ମନେ କରିଥିବାରୁ ଏପରି ଲେଖିଥିବା ସମ୍ଭବ । କବିଙ୍କ ସମୟକୁ ଗଞ୍ଜାମ ଜିଲ୍ଲା ବିଦେଶୀଶାସନାଧୀନ ଥିଲା; ତାଙ୍କର ଜନ୍ମସ୍ଥାନ କୌଣସି ଜମିଦାରୀ ଅନ୍ତର୍ଗତ ନଥାଇ ଖାସ୍ ସରକାରଙ୍କ ଅଧୀନରେ ଥିଲା । ଏହି କାରଣରୁ କବି 'ରାଜାର ପ୍ରଜା ନୁହେଁ' ବୋଲି କହିଥିବା ସମ୍ଭବ; ତେବେ, କବି ରାଜାର ରାଜ୍ୟଶାସନକୁ ଗ୍ରନ୍ଥରେ କୌଣସିଠାରେ ଅସ୍ୱୀକାର କରି ନାହାନ୍ତି କି ଆବଶ୍ୟକ ନୁହେଁ ବୋଲି କହି ନାହାନ୍ତି; ବହୁ ସ୍ଥଳରେ ଆଦର୍ଶ ରାଜା ଓ ରାଜ୍ୟଶାସନର ସଫଳ

ରୂପ ଚିତ୍ରଣ କରିଛନ୍ତି । କେବଳ ରାଜାର ଅତ୍ୟାଚାର ଓ ଅତ୍ୟଧିକ ଅଧିକାର ପ୍ରୟୋଗର ବିରୋଧ କରିଥିବା ଏଥିରୁ ସୂଚିତ ହେଉଛି । କବି ଭୂମିହୀନ ଓ ଭିକ୍ଷାଜୀବୀ ଥିବାରୁ ସାହୁ ଓ ରାଜାଙ୍କ କବଳର ବାହାରେ ଥିବା କଥା ତାଙ୍କ ଉକ୍ତିରୁ ଅନୁମାନ କରାଯାଇପାରେ ।

ବିପ୍ର କୁଳେ ଜନ୍ମ ମୋତେ କଲି ନିରାକାର
ପୂରାଣେ ଗଲା ମୋ ଦିନ ଚୌରାଶୀ ବତ୍ସର ।
ଦେହ ବହ୍ନିଲଠ'ରୁ ମୁଁ କରେ ବିଷ୍ଣୁ ପୂଜା
ସାହୁର ଖାତକ ନୁହେଁ ରାଜାର ମୁଁ ପ୍ରଜା ।
ହରିବାଣୀ ବ୍ୟତୀତ ନ ଜାଣେ ଆନ ମୁହିଁ
ଜ୍ଞାନ ଅମୃତକୁ ଭୁଞ୍ଜି ଗୃହେ ବସିଥାଇ ।

କବି ଏଠାରେ 'ଚୌରାଶୀ ବତ୍ସର' ଲେଖିଥିବାରୁ ଏଥିରେ ତାଙ୍କର ବୟସର ସୂଚନା ଥିବା ଅନୁମାନ କରାଯାଇପାରେ । ତେବେ ତୃତୀୟ ରତ୍ନାକର ଲେଖିବା ବେଳକୁ କବିଙ୍କୁ ବତିଶ ବର୍ଷ ହୋଇଥିଲା; ଚତୁର୍ଥ ରତ୍ନାକର ଲେଖା ସମୟକୁ ଚୌରାଶୀ ବର୍ଷ ହୋଇଥିବା ସନ୍ଦେହ ହୋଇପାରେ; 'ଚୌତ୍ରିଶି' ସ୍ଥାନରେ 'ଚୌରାଶୀ' ଲେଖନକାର ପ୍ରମାଦରୁ ହୋଇଥିବା ସମ୍ଭବ ।

କବି ଭଗବାନ, ଭକ୍ତ, ପାଠକ ଓ ସୁଜନ ସମସ୍ତଙ୍କଠାରେ ନିଜର ସ୍ୱଭାବସୁଲଭ ଦୈନ୍ୟ ପ୍ରକାଶ କରି ନିର୍ମଳ ମନର ପରିଚୟ ଦେଇଛନ୍ତି । ସଂସାରର ସବୁ ମାନବଙ୍କ ସେ କନିଷ୍ଠ ପୁତ୍ର, ଅତଏବ ସେମାନଙ୍କର ଦୟାର ପାତ୍ର ବୋଲି ଏକ ସ୍ଥଳରେ ବ୍ୟକ୍ତ କରିଛନ୍ତି—

ଯେତେ ମାନବ ଅଛନ୍ତି ଏ ସଂସାରେ ପୂରି
ତାହାଙ୍କ ସଙ୍ଗେ ମୁଁ ଅଟେ ଜଣେ ଦେହ-ଧାରୀ ।
ସବୁ ମନରୁ ମୋ ମନ ଅଟଇ କି ବଡ଼
ଏଣୁ ଗ୍ରନ୍ଥ ଲେଖିବାକୁ ଲାଗେ ମୋତେ ଗୂଢ଼ ।

ସଭ୍ଭୁର ମନ ନେଇ ମୋ ମନ ରଖିବାରୁ
ତେଣୁ ମୁହିଁ ପଦ ବାନ୍ଧେ ସଭ୍ଭୁର କୃପାରୁ ।
ମର୍ତ୍ତ୍ୟରେ ମାନବ ଯେବେ ଅଛନ୍ତି ଗଣିତା
ମୁଁ ତାଙ୍କ କନିଷ୍ଠ ପୁତ୍ର ଅଟେ କୁଳଙ୍ଗାତା ।
ପିତାର ଦୟା କନିଷ୍ଠପୁତ୍ର ଠାରେ ଥାଇ
ରଖିବେ ପୀତାମ୍ବରକୁ ପ୍ରଭୁ ଲକ୍ଷ୍ମୀ ସାଇଁ । (ତତ୍ତ୍ୱ ରତ୍ନାକର)

ପୁଣି, ଲକ୍ଷ୍ମୀନୃସିଂହଙ୍କ ଭୋଜନ ପରେ ଚୌଷଠୀ ସହସ୍ର କନ୍ୟା ଭୁଞ୍ଜିଲେ । କର୍ଣ୍ଣାଟେଶ୍ୱର, ଗରୁଡ଼ ଆଦି ଯେତେ ଥିଲେ ସମସ୍ତେ ଭୋଜନ ଶେଷ କଲେ ।

ଏମାନେ ଯେ ଭୁଞ୍ଜିବାରୁ ଉଚ୍ଛିଷ୍ଟ ଯେ ଥିଲା
ତାହା ପୀତାମ୍ବର ଦାଣ ମାଗିଣ ଭୁଞ୍ଜିଲା । (ତତ୍ତ୍ୱ ରତ୍ନାକର)

ଭକ୍ତପ୍ରାଣ କବିଙ୍କ ଏ ଉକ୍ତି ତାଙ୍କର ସ୍ୱଭାବ ଓ ଚରିତ୍ର ନିର୍ମଳ ଥିବା ପ୍ରମାଣିତ କରୁଛି ।

କବିଙ୍କ ସାମ-ଭାବ: ସମନ୍ୱୟ ପନ୍ଥା:—ପୀତାମ୍ବର ଚାରି ବୈଷ୍ଣବ ସମ୍ପ୍ରଦା (ସମ୍ପ୍ରଦାୟ) ସମ୍ବନ୍ଧରେ କହିଛନ୍ତି—ଶ୍ରୀସମ୍ପ୍ରଦାର ଗୁରୁ ରାମାନନ୍ଦ, ବ୍ରହ୍ମସମ୍ପ୍ରଦାର ଗୁରୁ ମାଧବାନନ୍ଦ, ସନକ ସମ୍ପ୍ରଦାର ଗୁରୁ ନିମାନନ୍ଦ, ରୁଦ୍ର ସମ୍ପ୍ରଦାର ଗୁରୁ ଶ୍ୟାମାନନ୍ଦ । ଭିନ୍ନ ଭିନ୍ନ ସମ୍ପ୍ରଦାର ଗୁରୁ ନିର୍ଗୁଣ ଶାଖାଗୁଡ଼ିକୁ କେବଳ ଏଠାରେ ବୁଝାଇଛନ୍ତି । ସମ୍ପ୍ରଦା ଓ ସମ୍ପ୍ରଦାୟ ଭିତରେ ଭେଦଭାବର ଅବକାଶ ନ ଥିବ ନାରାୟଣଙ୍କ ମୁଖରେ ଧ୍ରୁବଙ୍କୁ ଉପଦେଶ ଛନ୍ଦରେ ପୀତାମ୍ବର ବୁଝାଇଛନ୍ତି ।

ଏ ଚାରି ପଣ୍ଡିତେ ଚାରି ସମ୍ପ୍ରଦା ଅଧିକାରୀ, ଏମାନେ ନାମବ୍ରହ୍ମ ମହାମନ୍ତ୍ରକୁ ପ୍ରଚାର କରିବେ । ଚାରିହେଁ ବୈକୁଣ୍ଠର ଚାରିଦ୍ୱାରକୁ ଅଗୋରି ରହିବେ ।

ଏ ଯୁଗ ପଣ୍ଡିତେ ଯୁଗଦ୍ୱାରକୁ ଧାରଣା,
କହନ୍ତି ଏକା ବସ୍ତୁର ଭକ୍ତି ଅକଳନା ।
ଯୁଗ ସମ୍ପ୍ରଦାଙ୍କ ନଥାଇ ହୃଦେ ଛନ୍ଦ,
ନ ଜାଣିଣ ପାପୀମାନେ କରୁଥାନ୍ତି ଦ୍ୱନ୍ଦ ।

ଶ୍ରୀ ବୈକୁଣ୍ଠ ମୋହର ଯୁଗଦ୍ୱାର ସତ,
ଯେ ଯେଉଁ ଦ୍ୱାରେ ସେବିଲେ ଏକା ନରହରି ।
ଘର ଏକ ଘର-ଦ୍ୱାର ସିନା ଭିନ୍ନ ଭିନ୍ନ,
ଏକଥା ପାଶ୍ଚାତ୍ୟମନେ ସୁପଣ୍ଡିତଜନ ।

ପଶି ଯୁଗଦ୍ୱାରେ ଜଗମୋହନକୁ ଗଲେ,
ଏକ ଜଗନ୍ନାଥ ସେବା କରି ସିନା ଭଲେ ।
ସେହିରୂପେ ଅଟେ ଯୁଗ ସମ୍ପ୍ରଦା ଧାରଣା,
ଭିନ୍ନ ନାମ କହି କଳିଯୁଗେ ହେବ ଜଣା । (୯ମ ରତ୍ନାକର)

କବି ପୀତାମ୍ବର ଦାଶ ବ୍ରହ୍ମସମ୍ପ୍ରଦା ଅନ୍ତର୍ଭୁକ୍ତ ଥିବା ଜଣାଯାଏ ।

ସେହି ସାଧୁମାନଙ୍କର ଚରଣ ସେବାରୁ,
ମୁହିଁ ଶିଷ୍ୟ ହୋଇଅଛି ବ୍ରହ୍ମସମ୍ପ୍ରଦାରୁ ।
ମାଧବାନନ୍ଦୀ ଯେ ବ୍ରହ୍ମସମ୍ପ୍ରଦାରୁ ସିନା,
ଜଗତ ମୋହନ ଧର୍ମ ନୃସିଂହୋପାସନା ।
ଛଳକପଟ ମନ୍ଦର ନାସୁଁ କେଶଯାଏ,
ଶରଣ ପଶଇ ପୀତାମ୍ବର ପଦ୍ମପାୟେ । (୯ମ ରତ୍ନାକର)

ଏହି ବ୍ରହ୍ମସମ୍ପ୍ରଦା ସମ୍ବନ୍ଧରେ କବି କହିଛନ୍ତି— ଏହାର ଧାମ ଶ୍ୱେତଦ୍ୱୀପ, ଧର୍ମଶାଳା, ବଦରିକା; କ୍ଷେତ୍ର ଶ୍ରୀପୁରୁଷୋତ୍ତମ ନୃସିଂହପୀଠ; ବେଦ ଋକ୍‌ବେଦ ଇତ୍ୟାଦି । କବି ଏହାର ବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି । ବାଦ ପ୍ରତିବାଦକୁ କବି ଘୃଣା କରିଛନ୍ତି । ନାରାୟଣଙ୍କ ମୁଖରେ ସେ କୁହାଇଛନ୍ତି—

ସର୍ବଭୂତେ ନାରାୟଣ ଏ ଧର୍ମର ହେତୁ
ହୋ ନଜାଣି ମରନ୍ତି ଧରି ବାଦ କେତୁ ।

ସମ୍ପ୍ରଦା ନ ଚହ୍ନି ବାଦ ଲଗାନ୍ତି ଅଜ୍ଞାନେ
ବୈଷ୍ଣବ ଧର୍ମ ନିନ୍ଦନ୍ତି ମୂର୍ଖେ ମୂଢ଼ ପଣେ ।
ଆପେ ଧର୍ମମୂଳ ବୋଲି ଆପେ ହୋନ୍ତି ବଡ଼
ନ ବୋଲନ୍ତି ଏହାସିନା ବିଷ୍ଣୁଙ୍କର ଖେଡ ।
ଯେ ଯେଉଁ ଭାବରେ ଭଜିଲେ ଏକ ନରହରି
ଏହା ନ ପାଞ୍ଚି ବସନ୍ତି ମନେ ବାଦ ଧରି ।

କବି ସ୍ୱ ସମ୍ପ୍ରଦାର ଉପାସ୍ୟଦେବ ନୃସିଂହଙ୍କ ଚରିତ ବର୍ଣ୍ଣନା କରି ନୃସିଂହପୁରାଣ ରଚନା କରିଥିବା ସ୍ୱାଭାବିକ । ଧର୍ମପ୍ରେରଣାହିଁ ଏହି ଗ୍ରନ୍ଥରଚନାର ମୂଳକାରଣ ।

ଯୋଗିନୀମାନଙ୍କ ନାମ—କବିଙ୍କ ଯୋଗିନୀମାନଙ୍କର ନାମ-ପ୍ରକରଣରେ ଲୋକପ୍ରଚଳିତ ବହୁ ନାମ ସ୍ଥାନ ପାଇଛି । ଚଉଷଠୀ ଯୋଗିନୀଙ୍କ ନାମ ସଂସ୍କୃତ ପୁରାଣ ଓ ତନ୍ତ୍ରରେ ଦେଖାଯାଏ । ଉତ୍କଳରେ ତନ୍ତ୍ରପୀଠର ସଂଖ୍ୟା ବହୁତ ଥିବାରୁ ବିଭିନ୍ନ ସ୍ଥାନରେ ବିଭିନ୍ନନାମ ମଧ୍ୟ ଦେଖାଯାଏ । କବିଙ୍କ ବାସସ୍ଥାନ ନିକଟରେ ପ୍ରସିଦ୍ଧ ତାରାତାରିଣୀ ଦେବୀ ପୀଠ । ଏହି ଅଞ୍ଚଳରେ ଦେବୀ ଆରାଧନା ଓ ତନ୍ତ୍ରର ବହୁଳତା ବହୁ ପ୍ରାଚୀନ କାଳରୁ ବିଦ୍ୟମାନ ଅଛି । କବିଙ୍କ ଚଉଷଠୀ ଯୋଗିନୀଙ୍କ ସବୁନାମ ଶାସ୍ତ୍ରୋକ୍ତ ନାମ ସହିତ ମେଳ ହେଉନାହିଁ ।

ଶାକମ୍ବରୀ, ଘଟୋଦରୀ, ଦୁର୍ଗେଶ୍ୱରୀ, କାଳୀ, ଭଗବତୀ, ରାମଚଣ୍ଡୀ, କୁଠାରୁ, ବାସେଳୀ, ଚାମୁଣ୍ଡା, ହାଡ଼ବାଇ, ବ୍ରାହ୍ମଣୀ, ରୁଦ୍ରାଣୀ, ସାବିତ୍ରୀ, ଉଗ୍ରଚଣ୍ଡୀ, ସାରଳା, ଡାକିନୀ, ଚମ୍ପାଇ, ଗୁରୁକାଇ, ରୂପାଇ, ପିଙ୍ଗଳା, ସାରକମା, ମାରକମା, ବାହୁଡ଼, ହିଙ୍ଗୁଳା, କାଳିଜାଇ, କାଳରାତ୍ରୀ, କାଳିକା, ବାଳିକା, ସିଦ୍ଧେଶ୍ୱରୀ, କାଳମୁଖୀ, ପାଟେଳୀ, ଚଣ୍ଡିକା, ବିଜୟା, କଲ୍ୟାଇ, ଜୟା, ମାୟା, କଲ୍ୟାଣୀ, କଞ୍ଚାଖାଇ, ବଜ୍ରଦନ୍ତୀ, ପିଶାଚୀ, ଶୋଷିଣୀ, ଜାଗୁଳା, ମୋହିନୀ, ସର୍ପମୁଖୀ, କଣ୍ଟାଖାଇ, ସମ୍ବାରୀ, ତାରା, ହିଙ୍ଗୁଳା,

ବନ୍ଧ୍ୟାହଙ୍ଗୁଲାଇ, ସ୍ୱରୂପାଇ, ଜାଗୁଲାଇ, ଜୟା, ପ୍ରେମଲ୍ଲିଲା, କାତ୍ୟାୟିନୀ, କାମଚଣ୍ଡୀ, ତାରଣୀ, ପିଙ୍ଗଳା ।

ଉପଦେଶାଦ—କବି ପ୍ରସଙ୍ଗକ୍ରମେ ନିଜର ଦୋଷ ଥିଲେ କ୍ଷମା କରିବାକୁ ସୁପଣ୍ଡିତମାନଙ୍କୁ ନିବେଦନ କରି ଯେଉଁ 'ଦୋଷ' ପ୍ରକରଣଟି ବ୍ୟକ୍ତ କରିଛନ୍ତି ସେଥିରେ ସାମାଜିକ ପାରିବାରିକ ଜୀବନର ଏକ ସଂରଚନା ପ୍ରକାଶ ପାଇଛି ।

ମାତ ପିତା ଶ୍ରୀଗୁରୁ ଯେ ଦେବତା ବ୍ରାହ୍ମଣ
ଏହାଙ୍କୁ ଦଣ୍ଡିବ ନାହିଁ ଦୋଷ କଲେ ଜାଣ ।

ଭୃତ୍ୟ, ପୋଇଲି, ବନ୍ଧୁ, ଭାଇ, ଭାରିଯା, ଦୁହିତା, ଶାଳକ, ପଡ଼ିଶା, ପୁତ୍ର, ପରିଦା, ଜନନୀ, ଜ୍ଞାତିଲୋକ, ଶ୍ୱଶୁର, ପାତ୍ର, କୁଳବଧୂ, ସମ୍ବନ୍ଧୀ, ସୁଆର, କରଣ (ଗୁମାସ୍ତା), ମିତ୍ର, ମହାଉଣା, ମାତୁଳ, ଭଣ୍ଡାରି, ତନ୍ତ୍ରୀ, ଧୀବର, ବାଳକ ପ୍ରଭୃତିଙ୍କ ଦୋଷର ଦଣ୍ଡବିଧାନ କବି ସୁନ୍ଦରଭାବରେ ବ୍ୟକ୍ତ କରିଛନ୍ତି । ସାମାଜିକ ଜୀବନଯାତ୍ରାରେ ଏହି ଦୋଷ ଓ ଦଣ୍ଡ ପ୍ରତ୍ୟେକ ପରିବାରର ଦୈନନ୍ଦିନ ଜୀବନରେ ଘଟୁଛି । କବିଙ୍କ ସାମାଜିକ ଦୃଷ୍ଟିଭଙ୍ଗୀ ଏଥିରୁ ସ୍ପଷ୍ଟ ହେଉଛି । ସୁସ୍ଥ ସମ୍ପ୍ରଦାୟଯୁକ୍ତ ସମାଜ ଓ ପରିବାର ତାଙ୍କର ଲକ୍ଷ୍ୟ ।

ଭୃତ୍ୟ ଲୋକେ ଦୋଷ ଯେବେ କରିବ ନ ଜାଣି
ନୀଚ ଲୋକ ହାତେ ଦଣ୍ଡ ଦେବ ତାକୁ ଆଣି ।

ପୋଇଲି ଦୋଷ କରିଲେ କାଟିବ ତା ବାଳ
ବନ୍ଧୁ ଦୋଷକଲେ ବାକ୍ୟ ନ ଦେବ କେବଳ ।

ଭାଇ ଯଦି ଦୋଷକରେ ଭିନ୍ନ କରିଦେବ
ଭାରିଯା ଦୋଷ କରିଲେ ନ ଚାହିଁବ ମୁଖ । ଇତ୍ୟାଦି ।

ଏହି ପ୍ରସଙ୍ଗରେ ପୀତାମ୍ବର ନିଜର ଦୋଷକୁ 'କବି'ର ଦୋଷ ବୋଲି ଭାବି ବିହିତ ଦଣ୍ଡ ବିଧାନକରିବାକୁ ସୁପଣ୍ଡିତମାନଙ୍କୁ ପ୍ରାର୍ଥନା କରିଛନ୍ତି ।

କବିର ଦୋଷକୁ ଦଣ୍ଡ 'ନ ହେଲ' ବୋଲି କହିବ । ଏହି ଦଣ୍ଡ ଅପେକ୍ଷା ଅଧିକ କଠୋର ଦଣ୍ଡ ଆଉ କିଛି ହୋଇ ନ ପାରେ ।

କବି ଯଦି ଦୋଷ କରେ କହିବ ନ ଚଳି
'ନ ହେଲ' ବୋଲି କହିଲେ ବସଇ ସେ ଜଳି । (୧ମ ରତ୍ନାକର)

ଉପମାରେ ନୂତନତ୍ୱ—କବି ବିଷ୍ଣୁନାମକୁ ପାଶୁପତ ଅସ୍ତ୍ର, ଫରିଖଣ୍ଡା, ନଳି ସହିତ ତୁଳନାକରି ଏ କ୍ଷେତ୍ରରେ ନୂତନତ୍ୱ ଦେଖାଇଛନ୍ତି ।

ଶ୍ରୀମଧୁସୂଦନ ନାମ କରି ପାଶୁପତ
ଶତ୍ରୁକୁ ଜୟ କରଣ ନାଶିବ ତା ଗୋତ ।
ମନକୁ ଧନୁ କରଣ ଆଗ ଥୋଇଥିବ
ଗୋବିନ୍ଦ କୀର୍ତ୍ତନ କରି ସଲଖି ବିନ୍ଧିବ । × ×

ଶ୍ରୀନୃସିଂହ ନାମ ଗୋଟି ମନେ ସୁଖ ରଖ
କରିଥିବ ଫରିଖଣ୍ଡା ହରି ପଦ୍ମମୁଖ ।
ଅଭୟ ପଞ୍ଜରବାନା ଅଙ୍ଗେ ଥିବ ଢାଙ୍କି
ମଥାକୁ ଟୋପର ଜାଣ ଅନନ୍ତ ପଦ୍ମାକ୍ଷୀ ।

ଗୁରୁଜନର ବସ୍ତ୍ର ଗଣ୍ଠିର ଆଗ୍ରେ କରି
ଶ୍ରୀମହାବାହୁ ନଳକୁ କରେ ଥିବ ଧରି ।
ଶ୍ରୀଚକ୍ରଧର ଗୋଟକୁ ପକାଇବ ଆଗେ,
ଶ୍ରୀନାରାୟଣ ଖୋଳକୁ ପକା ନଳବାଟେ ।

ଶ୍ରୀବାସୁଦେବ ନାମ ରଞ୍ଜକ କରି ତୁଲେ
କରିବ ଶ୍ରୀ-ପୀତବାସ ବଳିତା ଅନଳେ ।
ଦୈତ୍ୟାରି ଝଣାରେ ଲକ୍ଷ୍ୟ ସଲଖି ବନ୍ଧିବ
ଜାଣଥିବେ ଶତ୍ରୁମାନେ ଏ କଥା ଟି ଧ୍ରୁବ । (୪ର୍ଥ ରତ୍ନାକର)

ଶ୍ରୀଜଗନ୍ନାଥ ଓ ନୀଳଗିରି—ପୀତାମ୍ବର ଦାସ ସ୍ଥଳରେ ବହୁ ସ୍ଥାନରେ ନୀଳଗିରି ବିହାରୀ ଜଗନ୍ନାଥଙ୍କୁ ସ୍ତୁତି କରିଛନ୍ତି ।

କବି ପୁରୁଷୋତ୍ତମ କ୍ଷେତ୍ର (ପୁରୀକ୍ଷେତ୍ର, ନୀଳଗିରି)କୁ ସ୍ୱ ସମ୍ପ୍ରଦାୟ (ସମ୍ପ୍ରଦା) ବ୍ରହ୍ମସମ୍ପ୍ରଦାୟର ଧାମ ଓ କ୍ଷେତ୍ର ମଧ୍ୟରେ ଥିବା ବ୍ୟକ୍ତ କରିଛନ୍ତି । ଏ ସମ୍ପ୍ରଦାୟର କ୍ଷେତ୍ର ପୁରୁଷୋତ୍ତମ ଏବଂ ଏ କ୍ଷେତ୍ରରେ ଅଧିଷ୍ଠିତ ନୃସିଂହ ଏମାନଙ୍କର ଦେବତା ।

ଚୈତନ୍ୟ ରତ୍ନାକରରେ ବିଷ୍ଣୁଙ୍କର ବିବିଧ ଅବତାର ପ୍ରସଙ୍ଗରେ କବି କହିଛନ୍ତି ଯେ କୃଷ୍ଣାବତାର ପରେ ବିଷ୍ଣୁ କଳିଯୁଗରେ ବୌଦ୍ଧରୂପେ ନୀଳଗିରିରେ ଅବତୀର୍ଣ୍ଣ ହେବେ ।

ତହିଁ ଉତ୍ତାରୁ ଯେ ଆମ୍ଭେ କଳିଯୁଗେ ଯାଇ
ବସିବୁ ନୀଳଗିରିରେ ବୌଦ୍ଧରୂପ ହୋଇ ।
ଏଥିରୁ ଅଠସ୍ତ୍ର କନ୍ୟା ତୁମ୍ଭେ ଯିବ
ଶ୍ରୀପୁରୁଷୋତ୍ତମ କ୍ଷେତ୍ରେ ଆମ୍ଭଙ୍କୁ ସେବିବ ।
ପଣ୍ଡା ପଡ଼ିଆରି ପଶୁପାଳ ଦୈତ୍ୟପତି ।

(ଚୈତନ୍ୟ ରତ୍ନାକର-ପୃ:୪୬୭—ସ୍ୱ.ର.ପୁ)

ପୁଣି, କଳିଯୁଗର ଆଦ୍ୟରେ ନୀଳଗିରିରେ ବୌଦ୍ଧାବତାରର ଆବିର୍ଭାବ ହେବ ।

ଆବର ମହିମା ମୋର ଶୁଣ ଗୋ ସୁନ୍ଦରି
ତହିଁ ଉତ୍ତାରୁ ବସିବୁ ଆମ୍ଭେ ନୀଳଗିରି ।
କଳିଯୁଗ ଆଦ୍ୟେ ହେବୁ ବୌଦ୍ଧ ଅବତାର
ଦାରୁବ୍ରହ୍ମରୂପେ ହୋଇ ପାଳିବୁ ସଂସାର ।

(ଚୈତନ୍ୟ ରତ୍ନାକର-ପୃ:୪୬୩)

ଦ୍ୱାପର ଯୁଗର ଚୌଷଠି ସହସ୍ର ଗୋପବାଳା ନୀଳଗିରିରେ ଜନ୍ମହୋଇ ପଣ୍ଡା ପଡ଼ିଆରି, ମୁଦିରଥ, ଦୈତାପତି, ଶୃଙ୍ଗାରମେକାପ, ପଶୁପାଳକ, ଦ୍ୱାରପାଳ, ସ୍ୱୈପଦାର, ରକ୍ଷୁଆ ପ୍ରଭୃତି ସେବକରୂପେ ଦାରୁବ୍ରହ୍ମଙ୍କୁ ସେବା କରିବେ ।

ନୃସିଂହଙ୍କ ବିବାହପରେ ନୃସିଂହ ଲକ୍ଷ୍ମୀଙ୍କ ସହ ଗରୁଡ଼ ପିଠିରେ ବସି ନୀଳଗିରିବାଟେ ସ୍ୱଦେଶକୁ ଫେରିଥିଲେ । ଏଠାରେ ନୃସିଂହ ଗରୁଡ଼ଙ୍କୁ କହୁଛନ୍ତି ଯେ ସୃଷ୍ଟିସର୍ଜନା କାଳରୁ ନୀଳଗିରି ଅଛି ଏବଂ ଆଗରୁ ସେ ଜଗନ୍ନାଥ ରୂପ ହୋଇଥିଲେ । ଅନ୍ୟ ଅବତାରମାନେ ପଛେ ହେଲେ ।

ସୃଷ୍ଟି ସର୍ଜନା କାଳୁ ତ ଅଛି ନୀଳଗିରି
ବଳଭଦ୍ର ଜଗନ୍ନାଥ ମହିମା ବିସ୍ତାରି ।
ଆଜନ୍ମରୁ ବାରକୋଟି ହେଲଣି ତ ଯୁଗ
ତାହାଙ୍କୁ ଦର୍ଶନ କଲେ ହେବ ଆମ୍ଭ ଭାଗ୍ୟ ।

ନୃସିଂହ ବୋଇଲେ ଶୁଣ ହେ କଶ୍ୟପ ବଂଶି
ଶ୍ରୀଜଗନ୍ନାଥ ରୂପ ମୁଁ ଆଗରୁ ହୋଇଛି ।
ଆଉ ଅବତାର ଯାକ ପଛେ ଯାଇ ହେଲି
ବୁଝିଲେ ସେ ଜଗନ୍ନାଥ ମୁହିଁ ଏକା ବୋଲି । (ଆସ୍ତ ର.ପୃ:୫୭)

କାଳେ ଜଗନ୍ନାଥଙ୍କ ହୃଦସ୍ଥରୁ ନୃସିଂହ ଜନ୍ମି ହିରଣ୍ୟ ଦୈତ୍ୟକୁ ବଧ କରିବେ ବୋଲି ଜଗନ୍ନାଥ ଦର୍ଶନବେଳେ ନୃସିଂହ ଜଗନ୍ନାଥଙ୍କୁ କହିଥିଲେ । ସ୍ତମ୍ଭରୁ ବାହାର ହେବା ପ୍ରସଙ୍ଗ ସହିତ ସୁଦର୍ଶନର ଆକାର, ଜଗନ୍ନାଥ ମୂର୍ତ୍ତିର ଆକାରର କିଛି ସାମ୍ୟ ଥିବା ଲକ୍ଷ୍ୟ କରିଯାଇପାରେ ।

ନୀଳଗିରି, ଅକ୍ଷୟବଟ, ଗରୁଡ଼, ପଞ୍ଚତୀର୍ଥ, କୋଇଲିବୈକୁଣ୍ଠ, ବଡ଼ଦାଣ୍ଡ, ଆଡ଼ପମଣ୍ଡପ ପ୍ରଭୃତିର ମାହାତ୍ମ୍ୟର ସଂକ୍ଷେପରେ କବି ବର୍ଣ୍ଣନା କରି ନୀଳଗିରିର ଗୌରବ ବୃଦ୍ଧି କରିଛନ୍ତି । ଯଜ୍ଞବେଦୀ ବା ଆଡ଼ପମଣ୍ଡପ ବଦ୍ରିକାଶ୍ରମ ବୋଲି କହିଛନ୍ତି । ନୀଳଗିରି ହିଁ ଏ ମର୍ତ୍ତ୍ୟମଣ୍ଡଳରେ ନିତ୍ୟସ୍ଥଳ —

ଏ ମର୍ତ୍ତ୍ୟମଣ୍ଡଳକୁ ଏ ଅଟେ ନିତ୍ୟସ୍ଥଳ
ସେ ନିତ୍ୟସ୍ଥଳେ ଅଛନ୍ତି ସେ ଆଦିମୂଳ ।
ଜଗନ୍ନାଥ ଅବତାର ପରେ ସର୍ବମୂର୍ତ୍ତି
କଳେବର ଧରି ପ୍ରଭୁ ଜନ୍ମୁଥାନ୍ତି ଖିତି । (ଆସ୍ତ ର.-ପୃ: ୫୭୩)

ଏଠାରେ ନୃସିଂହଙ୍କ ବିବାହ ଉତ୍ସବ ସମ୍ପର୍କୀୟ ଚଉଠୀ, ସପ୍ତମଙ୍ଗଳାଦି କାର୍ଯ୍ୟ ସମାହିତ ହୋଇଥିଲା । ଏହାର ସ୍ମୃତି ସ୍ୱରୂପ ବର୍ତ୍ତମାନ ସୁଦ୍ଧା କେହି କେହି ବୈଷ୍ଣବ ଗୁଣ୍ଡିଚ୍ଚା ସମୟରେ ଏ ବିଧି ପାଳି ଥାଆନ୍ତି ।

ସପ୍ତମ ରତ୍ନାକରର ପ୍ରାରମ୍ଭାଂଶରେ 'ନୀଳଗିରି ମହାତ୍ମ୍ୟ' ନାମକ ସ୍ୱତନ୍ତ୍ର ପରିଚ୍ଛେଦ ଅଛି । ଜଗନ୍ନାଥ, ମହାପ୍ରସାଦ, ଦ୍ୱାଦଶଯାତ୍ରା ପ୍ରଭୃତିର ମାହାତ୍ମ୍ୟ କୀର୍ତ୍ତିତ ହୋଇଛି । ହରକୀର୍ତ୍ତିନ ବିପ୍ରର ଉପାଖ୍ୟାନ ଏହି ମାହାତ୍ମ୍ୟ ପ୍ରକଟ କରୁଛି ।

କବି ଜଗନ୍ନାଥଙ୍କୁ ଆଦିମୂଳ, କ୍ଷେତ୍ରକୁ ନିତ୍ୟସ୍ଥଳ ବୋଲି କହିଛନ୍ତି । ବ୍ରଜପନ୍ଥୀ ବୈଷ୍ଣବମତରେ ବୃନ୍ଦାବନ ହିଁ ନିତ୍ୟ ସ୍ଥଳ ।

କବି ପୁରୁଷୋତ୍ତମ କ୍ଷେତ୍ର ଲକ୍ଷ୍ମୀନାରାୟଣଙ୍କ ରାସସ୍ଥଳୀ ବୋଲି ମଧ୍ୟ କହିଛନ୍ତି । ନୃସିଂହ ଲକ୍ଷ୍ମୀଙ୍କୁ କହୁଛନ୍ତି—

ଏ ପୃଥ୍ୱୀର ଭାର ଆମ୍ଭେ ନାଶିବାର ପାଇଁ
ତୁମ୍ଭେ ଆମ୍ଭେ ବେନି ମିଶି ଅବତାର ହୋଇ ।
ଚଉଦ ଭୁବନରେଟି ଆମ୍ଭେ ଏକା ମୂଳ
ସତ୍ୟ ଯୁଗରେ ଜନ୍ମିଲୁଁ ଦୁହେଁ ହୋଇ ମେଳ ।

ନୃସିଂହ ବାମନ ରାମକୃଷ୍ଣ ବଳରାମ
ଏ ଚାରି ଜନ୍ମେ ଆମ୍ଭର ତୁମ୍ଭ ସଙ୍ଗେ ପ୍ରେମ ।
ନିତ୍ୟସ୍ଥଳ ରାସରେ ଯେ ତୁମ୍ଭେ ଏକା ମୂଳ
ତୁମ୍ଭ ଘେନି ଆମ୍ଭର ଏ ଅଟେ ନିତ୍ୟସ୍ଥଳ ।

ଅଷ୍ଟ ସଖୀ ଚଉଷଠୀ ସହସ୍ର ଯେ କନ୍ୟା
ଏହାଙ୍କୁ ଘେନି ଆମ୍ଭର ସଦା ଜନ୍ମ ସିନା ।
ଏହି ଚାରି ଜନ୍ମ ଅନ୍ତେ ବୌଦ୍ଧ ରୂପ ଧରି
ରାସ କରିବା ଯେ କଳିଯୁଗେ ନୀଳଗିରି । (୭ମ ରତ୍ନାକର)

ବଂଶପରିଚୟ—

ଜାତିରେ ବ୍ରାହ୍ମଣ ମୁହିଁ ଅଟେ ଯଜୁର୍ବେଦୀ
କଣ୍ୱଶାଖା ଗୋତ୍ର ମୋର କୌଣ୍ଡିନ୍ୟ ପ୍ରସିଦ୍ଧି ।
କୌଣ୍ଡିନସ୍ୟ ସଗୋତ୍ରେ ମୋତେ କରି ପ୍ରଭୁ ଜାତ
ବୋଇଲେ କରି ନୃସିଂହ ପୁରାଣରୁ ଗୀତ । (୭ମ ଚନ୍ଦ୍ରକର)

ମୋ ପ୍ରପିତାମହ ବିପ୍ର ନୀଳାମ୍ବର ଦାଶ
ମୋର ପିତାମହ ବିପ୍ର ଲକ୍ଷ୍ମୀଧର ଦାଶ ।
ବାଲୁଙ୍କେଶ୍ୱର ତାହାଙ୍କ ଜ୍ୟେଷ୍ଠପୁତ୍ର ଖ୍ୟାତ
ସେ ମୋର ପିଅର ମୁହିଁ ଅଟେ ତାଙ୍କ ସୁତ । (୭ମ ରତ୍ନାକର)

କବିଙ୍କ ଘର ଋଷିକୁଲ୍ୟା ତଟ (ଗଞ୍ଜାମ ଜିଲ୍ଲା) ରେ । ସେ ଜାତିରେ ବ୍ରାହ୍ମଣ; ଯଜୁର୍ବେଦୀ, କାଣ୍ୱ ଶାଖା, କୌଣ୍ଡିନ୍ୟ ଗୋତ୍ର । ପ୍ରପିତାମହ ନୀଳାମ୍ବର ଦାଶ, ପିତାମହ ଲକ୍ଷ୍ମୀଧର ଦାଶ, ପିତା ବାଲୁଙ୍କେଶ୍ୱର ଦାଶ ।

ଯୁବକ କବିଙ୍କର ବଳଭଦ୍ର ନାମକ ଏକ ପୁତ୍ର ଜନ୍ମ ହୋଇଥିବା କବି ପ୍ରକାଶ କରିଛନ୍ତି । ସ୍ୱୟଂ ବଳଭଦ୍ରଙ୍କ ବରପ୍ରସାଦରୁ ଏ ପୁତ୍ର ଜନ୍ମ ହୋଇ-ଥିବାରୁ କବି ଏହାର ସ୍ମୃତିସ୍ୱରୂପ ବଡ଼ ଠାକୁର ବଳଭଦ୍ରଙ୍କ ଆଜ୍ଞାନୁସାରେ ପୁତ୍ରର ନାମ ବଳଭଦ୍ର ଦେଇଥିଲେ ।

ଏ ପ୍ରସଙ୍ଗରେ କବି ଲେଖିଛନ୍ତି ଯେ କବି ସପ୍ତମ ଜନ୍ମ ଅର୍ଥାତ୍ ନୃସିଂହ-ପୁରାଣ ଲେଖକ ପୀତାମ୍ବରଙ୍କ ଜନ୍ମ ଏ ମର୍ତ୍ତ୍ୟରେ ତାଙ୍କର ଶେଷ ଜନ୍ମ; ଏହାପରେ ସେ ସ୍ୱର୍ଗକୁ ଫେରି ଯିବେ । ସ୍ୱପ୍ନରେ ବଳଦେବ କବିଙ୍କୁ ଏହି ପ୍ରସଙ୍ଗ କହି ନୃସିଂହପୁରାଣ ରଚନା କରିବାକୁ ଆଦେଶ ଦେଇଥିଲେ । ଏହା ତାଙ୍କର ଶେଷଜନ୍ମ ବୋଲି ବଡ଼ ଠାକୁର ବଳଭଦ୍ରଙ୍କଠାରୁ ଶୁଣି କବି ସଚେତ ହୋଇ ତାଙ୍କୁ ଜଣାଇଲେ—

ଶେଷଜନ୍ମ ବୋଲିଣ ଯେ ଆଜ୍ଞା ଦେଲ ମୋତେ
ପୁତ୍ରଦାନ ଦେବା ମୋତେ ରହିବ ଜଗତେ ।

ବଡ଼ଠାକୁର ବୋଇଲେ ଶୁଣ ହେଇ ହେଇ
ପ୍ରଥମ ଗର୍ଭ ବାଳକ ହୋଇ ତୋର ରହୁ ।
ଆମ୍ଭର ନାମଟି ଏକା ଦେବୁ ତାର ନାମ
ଏମନ୍ତ ବୋଲିଣ ଆଜ୍ଞା ଦେଲେ ବଳରାମ ।

ଏ ରୂପେ ଯେ ମହାପ୍ରଭୁ ଆଜ୍ଞା ଦେଲେ ମୋତେ
ପ୍ରତ୍ୟକ୍ଷେ ପୁତ୍ର ଜନମ ହୋଇଲା ଜଗତେ ।
ସେ ପୁତ୍ରର ନାମ ଦେଲି ବଳଭଦ୍ର ବୋଲି
ପ୍ରଭୁ ବାକ୍ୟ ପାଳି ଏହା ପୁରାଣେ କହିଲି । (୧ମ ରତ୍ନାକର)

କବିଙ୍କ ପୌତ୍ର ଗୌରାଙ୍ଗ ଦାଶ 'ଦାମୋଦର ପୁରାଣ' ନାମକ ବିରାଟ ପୁରାଣ ଗ୍ରନ୍ଥ ରଚନାରେ ଲେଖିଛନ୍ତି । ଏହା ବର୍ତ୍ତମାନ ପର୍ଯ୍ୟନ୍ତ ଅପ୍ରକାଶିତ ରହିଛି । ସେଥିରେ କବି ନିଜର ବଂଶ ପରିଚୟ ଏହିପରି ଭାବରେ ଦେଇଛନ୍ତି—

ଜମ୍ବୁଦ୍ୱୀପ ଭରତଖଣ୍ଡ ସାରସ୍ୱତ ଭୂମି
ମଧ୍ୟ କଳିଙ୍ଗ ଦେଶ ଦକ୍ଷିଣ ପ୍ରସ୍ଥାମି ।
ଉତ୍କଳ ଦେଶ ସୀମା ଅଳପ ଅନ୍ତ
କଳିଙ୍ଗ ଦେଶର ସେ ଉତ୍ତର ପ୍ରଶସ୍ତ ।

ନୀଳାଚଳକୁ ପଥ ଦ୍ୱାଦଶ ଯୁଗ ଛଡ଼ା
ଋଷିକୁଲ୍ୟା ନଦୀ ତଟେ ଆଶ୍ରମ ମୋର ଉଡ଼ା ।
ପୂର୍ବ ଖଣ୍ଡ ପରଗଣା ଡଅର ବୋଲି ଗ୍ରାମ
ପିତୃ ପିତାଙ୍କ କାଳୁଁ ମୋ ତହିଁରେ ଆଶ୍ରମ । (୫ମ ଖଣ୍ଡ)

ଡଅର ବା ଡହର ଗ୍ରାମଟି ବର୍ତ୍ତମାନ ଗଞ୍ଜାମଜିଲ୍ଲା ଅନ୍ତର୍ଗତ ପିତ୍ତଳ ଥାନାର ଅଧିକାର ଅନ୍ତର୍ଭୁକ୍ତ । ଗ୍ରାମଟି ପ୍ରସିଦ୍ଧ ପିତ୍ତଳ ଗ୍ରାମର ପଡ଼ୋଶୀ ଗ୍ରାମ, ପୂର୍ବଦିଗରେ ଅବସ୍ଥିତ । ସୀମାକୁ ସୀମା ଲାଗିଛି । ବର୍ତ୍ତମାନ ସୁଦ୍ଧା ସେହି ଗ୍ରାମରେ କେତେକ ପ୍ରାଚୀନ ପ୍ରସ୍ତର ଦେବଦେବୀ ମୂର୍ତ୍ତି ମିଳୁଥିବା ଶୁଣାଯାଏ । କବିଙ୍କ ବଂଶଧରମାନେ ବର୍ତ୍ତମାନ ସୁଦ୍ଧା ଜୀବିତ ଥିବା ଜଣାଯାଏ ।

ଗୌରାଙ୍ଗ ପ୍ରଦତ୍ତ ବଂଶାବଳୀ—ଉଦ୍ଧବ, ମାଧବ, ମୁକୁନ୍ଦ, ଲକ୍ଷ୍ମୀଧର, ବାଲୁଙ୍କେଶ୍ୱର, ପୀତାମ୍ବର, ଶ୍ରୀନିବାସ, ଗୌରାଙ୍ଗ । ପୀତାମ୍ବର ତାଙ୍କର ବଳଭଦ୍ର ନାମରେ ଏକ ପୁତ୍ର ଥିବା ପୁରାଣରେ ଲେଖିଛନ୍ତି । ଶ୍ରୀନିବାସ ପୀତାମ୍ବରଙ୍କର କନିଷ୍ଠ ପୁତ୍ର ଥିବା ଗୌରାଙ୍ଗ ଲେଖିଛନ୍ତି ।

ଗୌରାଙ୍ଗ ପ୍ରଦତ୍ତ ବିବରଣୀରୁ ଜଣାଯାଏ, ଲକ୍ଷ୍ମୀଧର ଦାଶ ପ୍ରାକୃତ ବନ୍ଧରେ ନବାକ୍ଷରୀ ବୃତ୍ତରେ 'ସହସ୍ର ନାମ' ଗୀତ ରଚନା କରିଥିଲେ । 'ପ୍ରଣବ ବ୍ୟାହୃତି ଗୀତା' ନାମକ ଏକ ଗ୍ରନ୍ଥ ସଂସ୍କୃତ ପଦ୍ଧତିରେ ବାର ଅଧ୍ୟାୟ ଷୋଡ଼ଶାକ୍ଷର ବୃତ୍ତରେ ରଚନା କରିଥିଲେ । ବାଲୁଙ୍କେଶ୍ୱର ଦାଶ ବିଷ୍ଣୁଲୀଳା ରସର 'ବସନବିକା' ନାମକ ଗୀତ ଏକାଦଶାକ୍ଷର ବୃତ୍ତରେ, 'ଦୂତୀରମଣୀ' ନାମକ ଅନ୍ୟ ଏକ ଗୀତ ଶାରଦା ଅଙ୍କରେ ଲେଖିଥିଲେ । ପୀତାମ୍ବର ନୃସିଂହ ପୁରାଣ ବ୍ୟତୀତ ଅନ୍ୟ କୌଣସି ଗ୍ରନ୍ଥ ରଚନା କରିଥିବା ଗୌରାଙ୍ଗ ଲେଖିନାହାନ୍ତି ।

ଏକାଦଶ ପରିଚ୍ଛେଦ

ରାଜକବି କୃଷ୍ଣଚନ୍ଦ୍ର ସିଂହ

ମହାଭାରତ ରଚୟିତା ରାଜା କୃଷ୍ଣ ସିଂହ ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଧାରାକୋଟ ଜମିଦାରୀର ରାଜା । ସେ ଖ୍ରୀ: ୧୭୩୯ରେ ଜନ୍ମ ଗ୍ରହଣ କରିଥିବା ଜଣାଯାଏ ।

କବିଙ୍କ ପିତାମହ ରାଜା ରାମଚନ୍ଦ୍ର ସିଂହ 'ଅର୍ଜିଲେ ସୁବଳ ଦେଖାଇ ପରମହାଁ' ବୋଲି ଲେଖିଛନ୍ତି । ଏଥିରୁ ଅନୁମାନ ହେଉଛି ସେ ପଡ଼ୋଶୀ ରାଜାମାନଙ୍କ ସହ ଯୁଦ୍ଧବିଗ୍ରହାଦିରେ ଲିପ୍ତ ଥିଲେ ଏବଂ ଏମାନଙ୍କ ଭିତରୁ କେତେକଙ୍କୁ ପରାସ୍ତ କରି କିଛି ରାଜ୍ୟ କରାୟତ୍ତ କରିଥିଲେ । ଶତ୍ରୁମାନେ ଏହାଙ୍କୁ ଭୟ କରୁଥିଲେ ଏବଂ ସ୍ୱଜନ ଅର୍ଥାତ୍ ପ୍ରଜାମାନେ ଏହାଙ୍କୁ ଆଦର କରୁଥିଲେ । ସେ ପରମ ବୈଷ୍ଣବ କୃଷ୍ଣଭକ୍ତ ଥିଲେ ।

ଶୂର ପଣେ ତାଙ୍କ ସମାନ ଏକ ସେହି,
ଅର୍ଜିଲେ ସୁବଳ ଦେଖାଇ ପରମହାଁ ।
ଭଜିଲେ ତାଙ୍କ ପାଦେ ବହୁ ଶତ୍ରୁଜନ,
ରଞ୍ଜିଲେ ସୁଗୁଣରେ ନିଜ ଜନମାନ ।
ଶ୍ରୀଗୁରୁ-ଦେବଙ୍କର ପାଦାଶ୍ରୟ ଧରି,
ଦେଲେ ଥିଲା ପାତକ ଦେହୁଁ ଦୂର କରି ।
(ଆଦିପର୍ବ । ଶେଷାଂଶ)

ଶ୍ରୀବୃନ୍ଦାବନ ଚନ୍ଦ୍ର ପାଦପଦ୍ମ ଦେଶେ,
ମନ-ଭୃଙ୍ଗଙ୍କୁ ସେହୁ ରଖାଇଲେ ତୋଷେ ।
ଏ ମହୀରେ ସେ ଏକା ବୈଷ୍ଣବ ବୋଲାଇଲେ,
ସମସ୍ତ ଜନଙ୍କର ପ୍ରଶଂସିତ ହେଲେ ।

ରାମଚନ୍ଦ୍ର ସାଂସାରିକ ଜଞ୍ଜାଳରେ ଅତୃପ୍ତ ହୋଇ ରାଜ୍ୟଭାର ପୁତ୍ରଙ୍କୁ ଅର୍ପଣକରି ଗୁରୁଙ୍କ ସଙ୍ଗେ ତୀର୍ଥଯାତ୍ରା କଲେ ଏବଂ ଧାର୍ମିକ ଅସଙ୍ଗ ଜୀବନ ଯାପନ କଲେ ।

ବତିଶ ବରଷରେ ଛାଡ଼ି ରାଜ୍ୟଭାର,
ଦେଖିଲେ ସେତୁବନ୍ଧ ରାମେଶ୍ୱର ।
ଗୁରୁଙ୍କୁ ସେହୁ ନିଜ ସଙ୍ଗତେ ଘେନିଲେ,
ପୁରୁଷୋତ୍ତମ କ୍ଷେତ୍ରେ ପ୍ରବେଶ ହୋଇଲେ ।

ରାମଚନ୍ଦ୍ର ପୁରୁଷୋତ୍ତମରେ କିଛିଦିନ ଅବସ୍ଥାନ କରିବା ପରେ ଗୁରୁଙ୍କ ସଙ୍ଗେ ବୃନ୍ଦାବନ ଯାତ୍ରା କରିଥିଲେ । ସେଠାରେ ପ୍ରତିଦିନ ଯମୁନାରେ ସ୍ନାନ କରି ରାଧାକୁଣ୍ଡ ଶ୍ୟାମକୁଣ୍ଡରେ ବୁଡ଼ୁଥିଲେ ଏବଂ ବୈଷ୍ଣବ ବନ୍ଦନା କରୁଥିଲେ । ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା । ରାମଚନ୍ଦ୍ର ସ୍ୱନାମରେ ଏକ ଶାସନ ସ୍ଥାପନ କରିଥିଲେ ।

ରାମଚନ୍ଦ୍ର ସିଂହଙ୍କ ମୃତ୍ୟୁପରେ ତାଙ୍କ ଜ୍ୟେଷ୍ଠପୁତ୍ର ଜମ୍ବୁ ସିଂହ ରାଜା ହେଲେ । ଏ ପିତାଙ୍କ ତୁଲ୍ୟ ରାଜ୍ୟ ଶାସନ କରି ବହୁ ଖ୍ୟାତି ଲାଭ କଲେ । କେତେବର୍ଷ ରାଜତ୍ୱ କରିବାରେ ଏହାଙ୍କର ମୃତ୍ୟୁ ହେବାରୁ ଏହାଙ୍କ କନିଷ୍ଠଭ୍ରାତା ରାଜେନ୍ଦ୍ର ସିଂହ ରାଜା ହେଲେ ।

ଧର୍ମରେ ସେ ଅବନୀ ମଣ୍ଡଳ ପାଳିଲେ,
ଗୁରୁଦେବ ବ୍ରାହ୍ମଣ ପାଦରେ ବନ୍ଦିଲେ ।
ଦେଇଣ ସଙ୍ଗରେ ଭାରିଯା ପୁତ୍ରଙ୍କୁ,
ବାହାରିଲେ ଗୋବିନ୍ଦ ଦ୍ୱାଦଶୀ ସ୍ନାନକୁ ।

ଗୋବିନ୍ଦ ଦ୍ୱାଦଶୀ ପରେ ପୁରୀ କ୍ଷେତ୍ରରେ କିଛିଦିନ ଅବସ୍ଥାନ କରି ଭକ୍ତିରେ ସମସ୍ତ ଅତିବାହିତ କଲେ । ସେଠାରେ ତାଙ୍କର ମୃତ୍ୟୁ ହେଲା ।

ରାଜେନ୍ଦ୍ର ସିଂହଙ୍କ ମୃତ୍ୟୁ ପୂର୍ବରୁ ତାଙ୍କ କନିଷ୍ଠଭ୍ରାତା ନୀଳାଦ୍ରି ସିଂହ ସିଂହାସନାରୋହଣ କରିଥିଲେ ଏବଂ ତାଙ୍କ ଜୀବିତାବସ୍ଥାରେ ତାଙ୍କର ଦୁଇ

ଜ୍ୟେଷ୍ଠ ପୁତ୍ରଙ୍କର ମଧ୍ୟ ମୃତ୍ୟୁ ହୋଇ ଯାଇଥିଲା । କୃଷ୍ଣ ସିଂହ ମାଲାଦ୍ର ସିଂହଙ୍କ ମଧ୍ୟମ ପୁତ୍ର ଏବଂ ସେ ରାଜେନ୍ଦ୍ର ସିଂହଙ୍କ ଉତ୍ତରାଧିକାରୀ ହୋଇ ରାଜା ହେଲେ । କୃଷ୍ଣସିଂହ ବୟାଳିଶ ବର୍ଷ ବୟସରେ ଖ୍ରୀ: ୧୭୮୧ରେ ରାଜା ହୋଇଥିଲେ ।

ରାମଚନ୍ଦ୍ର ସିଂହଙ୍କ ପିତାଙ୍କ ନାମ ପୁରୁଷୋତ୍ତମ ସିଂହ । ପିତାମହଙ୍କ ନାମ ନାରାୟଣ ସିଂହ ।

ନାରାୟଣ ସିଂହ ନରପତିଙ୍କ ସୁତ,
ପୁରୁଷୋତ୍ତମ ସିଂହ ନୃପତି ବିଖ୍ୟାତ ।
ତାହାଙ୍କ ଜ୍ୟେଷ୍ଠ ସୁତ ରାମଚନ୍ଦ୍ର ସିଂହ,
ରାଜପଦ୍ଧତିରେ ନ ବଳାଇଣ ମୋହ ।

(ଉଦ୍‌ଯୋଗ ପର୍ବ । ଶେଷାଂଶ)

ମାଲାଦ୍ର ସିଂହ ନାମେ କନିଷ୍ଠ ତାଙ୍କର,
ଆଗୁଁ ତ ପରଲୋକେ କରିଥିଲେ ଘର ।
ତାହାଙ୍କ ଆଉଁ ତାଙ୍କ ଜ୍ୟେଷ୍ଠ ସୁତ ଦୁଇ,
ମର୍ତ୍ତ୍ୟ ଲୋକଙ୍କର ଧର୍ମକୁ ଥିଲେ ପାଇ ।
ମୁଁ ତାଙ୍କର ହୁଅଇ ମଧ୍ୟମ କୁମର,
ଏଣୁ ଧରାକୋଟେ ହୋଇଲି ନରବର ।

(ଆଦିପର୍ବ । କଟକ ପ୍ରେଣ୍ଡିଂ କମ୍ପାନୀ ସଂ-ପୃ:୪୧୮-୪୧୯)

କୃଷ୍ଣ ସିଂହଙ୍କର ରାଜ୍ୟପ୍ରାପ୍ତି ସମ୍ବନ୍ଧରେ ଶ୍ୟାମସୁନ୍ଦର ରାଜଗୁରୁ (ପ୍ରବନ୍ଧାବଳୀ, ପୃ: ୯୦-୯୬) ଲେଖିଛନ୍ତି— "ବନ୍ଧୁମାନଙ୍କ ସହିତ ଅପଡ଼ ହେବାରୁ କବି ବାଲ୍ୟ ସମୟରେ ପିତାଙ୍କ ସଙ୍ଗେ ଯାଇଁ ନୂଆଗଡ଼ରେ ରହିଥିଲେ । କବିଙ୍କ ପିତା ମାଲାଦ୍ର ସିଂହ ଏହିଠାରେ ପରଲୋକ ପ୍ରାପ୍ତ ହେଲେ । ଯେତେବେଳେ ଏହାଙ୍କ ଜ୍ୟେଷ୍ଠ ପିତା ରାଜେନ୍ଦ୍ର ସିଂହ ପୁରୁଷୋତ୍ତମ କ୍ଷେତ୍ରରେ କାଳକବଳରେ ପତିତ ହେଲେ ଧରାକୋଟର ପ୍ରଜାମାନେ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ଉତ୍ତରାଧିକାରୀ ରୂପେ ନିଯୁକ୍ତ କରିବାର

ଚେଷ୍ଟା କରୁଥିଲେ । ଏହି ବାର୍ତ୍ତା ଶୁଣିପାରି କୃଷ୍ଣ ସିଂହ ଏକାକୀ ନୂଆଗଡ଼ଠାରୁ ଧରାକୋଟ ଆସି ସେଠାର ସାମନ୍ତମାନଙ୍କୁ ଆସ୍ତ କରି ସେମାନଙ୍କ ସାହାଯ୍ୟରେ ଖ୍ରୀ: ୧୬୮୧ରେ ରାଜ୍ୟାଭିଷିକ୍ତ ହେଲେ ।"

କୃଷ୍ଣ ସିଂହ ସାତ ବର୍ଷ ରାଜତ୍ବ କରି ଖ୍ରୀ: ୧୬୮୮ରେ ପରଲୋକ ପ୍ରାପ୍ତ ହୋଇଥିଲେ ବୋଲି ଶୁଣାଯାଏ; କିନ୍ତୁ ଖ୍ରୀ: ୧୮୬୮ରେ ତାଙ୍କର ମହାଭାରତର ଶେଷାଂଶ ଶେଷ ହୋଇଥିବା ଜଣାଯାଏ । ତେବେ ସେତେବେଳକୁ କବି ଜୀବିତ ଥିଲେ ବୋଲି ଅନୁମାନ କରିବା ଉଚିତ ହେବ । ସେତେବେଳକୁ ତାଙ୍କୁ ପ୍ରାୟ ଅଣାନବେ ବର୍ଷ ବୟସ ହୋଇଥିଲା । କୃଷ୍ଣ ସିଂହଙ୍କୁ ରାଜଗାଦି ପ୍ରାପ୍ତି ବୟାଳିଶ ବର୍ଷ ବୟସରେ ହୋଇଥିବା ତଥ୍ୟ ସ୍ୱର୍ଗତ ଶ୍ୟାମସୁନ୍ଦର ରାଜଗୁରୁ ପ୍ରବନ୍ଧାବଳୀରେ ଦେଇଛନ୍ତି ।

ଗ୍ରନ୍ଥ ରଚନା—ମହାଭାରତର ଅନୁବାଦ ଛଡ଼ାରୁ ଜଣାପଡ଼େ ଯେ କବି ଜଣେ ଉଚ୍ଚକୋଟୀର ପଣ୍ଡିତ ଥିଲେ । ସେ ସଂସ୍କୃତ ଭାଷାକୁ ଉତ୍ତମ ରୂପେ ଆୟତ୍ତ କରିଥିଲେ । ଖ୍ରୀ: ୧୮୮୧ ରେ ସେ ସିଂହାସନ ପାଇଥିଲେ ଏବଂ ଶକାବ୍ଦ ୧୭୦୪ ବା ଖ୍ରୀ: ୧୭୮୨ର ଫାଲ୍‌ଗୁନ କୃଷ୍ଣପକ୍ଷ ପଞ୍ଚମୀ ଦିନ ଆଦିପର୍ବର ଅନୁବାଦ ଶେଷ ହୋଇଥିଲା ।

ଏ କାଳକୁ ଶକାବ୍ଦ ସତରଶ ଚାରି,
କହିଲି କାଳ ସଂଖ୍ୟା ଜାଣିବ ବିଚାରି ।
ଫାଲ୍‌ଗୁନ ମାସ କୃଷ୍ଣପକ୍ଷ ପଞ୍ଚମୀରେ,
ଭୃଗୁବାରେ ଚିତ୍ରା ନାମକ ନକ୍ଷତ୍ରରେ ।
କୋଡ଼ିଏ ଦଣ୍ଡ ଦିନ ଭୋଗର ଅନ୍ତରେ,
ଆଦିପର୍ବ ପୁସ୍ତକ ସାରିଲି ଗୀତରେ । (ଆଦିପର୍ବ, ପୃ: ୪୬୦)

କୃଷ୍ଣ ସିଂହ ମହାଭାରତ ଅନୁବାଦ କରିବା ପୂର୍ବରୁ ତାଙ୍କର ଜ୍ୟେଷ୍ଠତାତ ଜୟ ସିଂହ ଦ୍ରୋଣପର୍ବ ଅନୁବାଦ କରିଥିଲେ । ଜ୍ୟେଷ୍ଠତାତ ଅନୁବାଦ କରିଥିବାରୁ ଦ୍ରୋଣପର୍ବ ଛଡ଼ା ଅନ୍ୟ ସବୁ ପର୍ବର ଅନୁବାଦ

କୃଷ୍ଣ ସିଂହ କରି ଯାଇଥିଲେ । ଏତିକରେ ଶେଷ କରିବାକୁ ମନରେ ଭାବିଥିଲେ । କିନ୍ତୁ ପୂର୍ଣ୍ଣ ମହାଭାରତ ଲେଖାର ଫଳର ସେ ପୂର୍ଣ୍ଣ ଅଧିକାରୀ ହୋଇ ପାରିବେ ନାହିଁ, ଏହି କାରଣରୁ ବନ୍ଧୁମାନଙ୍କ ପରାମର୍ଶରେ ମହାଭାରତ ଅନୁବାଦ ଶେଷ ହେବାପରେ ଦ୍ରୋଣପର୍ବର ସ୍ୱତନ୍ତ୍ର ଅନୁବାଦ କଲେ ।

ପୁରୁଷୋତ୍ତମ ସିଂହ ନୃପ ପଟନାଥ,
ରାମଚନ୍ଦ୍ର ସିଂହ ରାଜାଙ୍କ ମୁହିଁ ନାତି ।
ଜୟସିଂହ ରାଜା ମୋହର ଜ୍ୟେଷ୍ଠ ତାତ,
କରିଥିଲେ ପୂର୍ବେ ସେ ଦ୍ରୋଣ ପର୍ବ ଗୀତ ।

ଏହା ଜାଣି ଯେ ଆଦିପର୍ବ ହରିବଂଶ-
ଯାଏ ଗୀତ କରିଣ କରିଲି ମୁହିଁ ଶେଷ ।
ଦ୍ରୋଣ ପର୍ବ ଗୀତକୁ ନ ବର୍ଣ୍ଣିଲି ଗୀତେ,
ବୋଲିଛନ୍ତି ଜ୍ୟେଷ୍ଠ ପିତା ଭାବି ଚିତ୍ତେ ।

ଲକ୍ଷେ ଗ୍ରନ୍ଥପୂର୍ଣ୍ଣ ନୋହିଲା ବୋଲି କରି,
ମୋ ମନେ କଲେ ପ୍ରିୟ ଜନକୁ ପଚାରି ।
ସଭିଏଁ ସନମତେ ଭାରତ ଗୀତପ୍ରାନ୍ତେ,
ଦ୍ରୋଣପର୍ବ ଗୀତ ବର୍ଣ୍ଣିଲିଟି ଗୀତେ ।

ଏ ସରିକ ଶକାବ୍ଦ ସତରଶ ଦଶ,
ବରଷ ହୋଇଛି ଉତ୍ତମ ହୋଇ ଶେଷ ।
ପୌଷ ଶୁକ୍ଳ ଦ୍ୱିତୀୟା ଚନ୍ଦ୍ରମା ବାସରେ,
ସରିଲା ଏହି ଗୀତ ବ୍ୟାସଙ୍କ ତୋଷରେ ।

(ଦ୍ରୋଣପର୍ବ, ପୃ: ୬୧୨)

କବି କର୍ଣ୍ଣ ପର୍ବରେ ଏହାର ସୂଚନା ଦେଇଥିଲେ—

ମୋ ଜ୍ୟେଷ୍ଠ ପିତା ଜୟସିଂହ ନରମଣି,
ଦ୍ରୋଣପର୍ବକୁ ଗୀତ କରିବାର ଶୁଣି ।

ଦ୍ରୋଣପର୍ବକୁ ମୁଁ ଶୀତରେ ନ କହିଲି,
କର୍ଣ୍ଣପର୍ବ ଗ୍ରନ୍ଥ ବସି ଯେ ଆରମ୍ଭିଲି ।
ଏହାକୁ ସାଧୁଜନେ ମନରେ ଘେନିବ,
ନ କଲି ଦ୍ରୋଣପର୍ବ ବୋଲି ନ ବୋଲିବ ।
(କର୍ଣ୍ଣପର୍ବ, ମଙ୍ଗଳାଚରଣ)

୧୭୦୪ ଶକାବ୍ଦରେ ଆଦିପର୍ବର ଓ ୧୭୧୦ରେ ଦ୍ରୋଣ ପର୍ବର ଅନୁବାଦ ଶେଷ ହୋଇଥିଲା । ପ୍ରାୟ ସାତ ବର୍ଷ ଭିତରେ ମହାଭାରତ ଓ ହରିବଂଶର ଅନୁବାଦ ଶେଷ କରିଥିବା ବଡ଼ ଗୌରବର ବିଷୟ ।

ମହାଭାରତ—ଓଡ଼ିଶାର ପ୍ରାଚୀନ କବିମାନଙ୍କ ଭିତରେ କୃଷ୍ଣସିଂହଙ୍କ ଛଡ଼ା ଅନ୍ୟ କେହି ସଂସ୍କୃତ ମହାଭାରତକୁ ଓଡ଼ିଆରେ ଅନୁବାଦ କରିଥିବାର ଜଣାଯାଇ ନାହିଁ । ସାରଳା ଦାସଙ୍କ ମହାଭାରତ ମୂଳ ମହାଭାରତର ଅନୁବାଦ ନୁହେଁ । ସାରଳା ଦାସ କଳେ ତାହାର ସ୍ରଷ୍ଟା ବୋଲି କହିଲେ ଅଯୁକ୍ତ ହେବ ନାହିଁ । ସେହି ଗ୍ରନ୍ଥରୁ ମୂଳ ମହାଭାରତର ରସାସ୍ୱାଦନ କରିବା ସମ୍ଭବ ନୁହେଁ । କିନ୍ତୁ ତାହା ସତ୍ତ୍ୱେ ସେ ଗ୍ରନ୍ଥଟି ବଡ଼ ଆଦର ପାଇଛି । ସଂସ୍କୃତ ମହାଭାରତର ଅନୁବାଦ ଅପେକ୍ଷା ସାରଳା ଦାସଙ୍କ ମହାଭାରତକୁ ହିଁ ଲୋକେ ବହୁ ଯତ୍ନରେ ଓ ଆଗ୍ରହ ସହକାରେ ପାଠ କରୁଅଛନ୍ତି । ଯେଉଁମାନେ ମୂଳଗ୍ରନ୍ଥର ବିଷୟ ବୁଝି ରସ ଆସ୍ୱାଦନ କରିବାକୁ ଚାହାନ୍ତି ସେମାନେ କେବଳ କୃଷ୍ଣସିଂହ ମହାଭାରତ ପାଠ କରନ୍ତି ।

କୃଷ୍ଣସିଂହ ମହାଭାରତରେ ଅକ୍ଷରସଂଖ୍ୟା ସର୍ବତ୍ର ସମାନ ରଖି ନାହାନ୍ତି । ବର୍ତ୍ତମାନ ଯେଉଁ ଛାପା ପୁସ୍ତକ ମିଳୁଛି ସେଥିରେ ସବୁ ତେର ଅକ୍ଷର କରାଇ ଦିଆଯାଇଛି । ୰ ଶ୍ୟାମସୁନ୍ଦର ରାଜଗୁରୁ 'ପ୍ରବନ୍ଧାବଳୀ'ରେ ଏହି ମହାଭାରତରେ ବାର, ତେର, ଚଉଦ ଏପରି ଅକ୍ଷର ଥିବା କେତେକ ଚରଣ ଉଦ୍ଧାର କରିଅଛନ୍ତି । ତାହା ନିମ୍ନରେ ଦିଆଗଲା—

ଯଉବନ ଆସି ହୁଅନ୍ତେ ପ୍ରାପତ, (୧୨)
ହୋଇଲେ ସେ ଶର୍ମିଷ୍ଠା ନାରୀ ରୂପମତୀ । (୧୩)

ଋତୁ ଦେଖି ମନରେ ଏହି ଚିନ୍ତା ହେଲା, (୧୩)
ପତି ବିନା ଋତୁ ବ୍ୟର୍ଥ ମୋର ହେଲା । (୧୨)

ସେ ରାଜା ମୋତେ ପୁତ୍ର ପ୍ରାପତ କରାଇବେ, (୧୪)
ଏକା ହୋଇ କେବେ ପଡ଼ିବେ ମୋର ଯେବେ । (୧୩)

ଦଶମାସ ଆସି ହୁଅନ୍ତେ ସମାପତି, (୧୩)
କଲେ ଅତି ସୁନ୍ଦର କୁମାର ଉତପତି । (୧୪)

ସମାନ ଅକ୍ଷର ଥିବା ପଦ ମଧ୍ୟ ଏକ ଛନ୍ଦରେ ରଚିତ ନୁହେଁ । କେଉଁଠାରେ ବାର, କେଉଁଠାରେ ତେର, କେଉଁଠାରେ ବା ଚଉଦ ଅକ୍ଷର ଦେଖାଯାଏ ।

ପୁତ୍ର ଯାତ ହେଲା ଦେବଯାନିଙ୍କର,
ବୃଥା ଯଉବନ ହୋଇଲା ମୋହର । (୧୨)

ରୂପ କୁଳ ଶୀଳରେ ଅଟଇ ମୁଁ ଯୁକ୍ତ,
ପ୍ରସନ୍ନ ହୁଅ ମତେ ନହୁଷଙ୍କ ସୁତ । (୧୩)

ଧାଇବେ ସେ କାଳରେ ଯଯାତି ମହୀପତି,
ପ୍ରବେଶ ହେଲେ ଆସି ଅଶୋକବନ କତି । (୧୪)

କୃଷ୍ଣ ସିଂହଙ୍କ ରଚନାରେ ସଂସ୍କୃତ ଶବ୍ଦର ବହୁଳ ବ୍ୟବହାର ଦେଖାଯାଏ ।

ମୂଳ ସଂସ୍କୃତ ଗ୍ରନ୍ଥର ଅଧିକାଂଶ ଅଂଶ ଆକ୍ଷରିକ ଅନୁବାଦ ହୋଇଛି । ସ୍ଥଳ ବିଶେଷରେ ଅନୁବାଦରେ ସ୍ୱାତନ୍ତ୍ର୍ୟ ମଧ୍ୟ କୃଷ୍ଣସିଂହ ଦେଖାଇ ଥିବାର ପରିଲକ୍ଷିତ ହୁଏ । କିନ୍ତୁ କୌଣସିଠାରେ ମୂଳ ବିଷୟକୁ ଅଦଳବଦଳ କରିଥିବାର ଜଣାଯାଏ ନାହିଁ । ଦ୍ରୌପଦୀଙ୍କ ବେଶବର୍ଣ୍ଣନା ସଂସ୍କୃତ ଗ୍ରନ୍ଥ ଅନୁଯାୟୀ କୃଷ୍ଣସିଂହ କରି ନାହାନ୍ତି । ଆମ ଦେଶର ଲୋକମାନଙ୍କ ହୃଦୟସ୍ପର୍ଶୀ ହେଲା ଭଳି ଏକ ଚିତ୍ର ଦେଇଛନ୍ତି । ଏହି ଅଂଶ ଟିକକ ପଢିଲେ

ବେଳେ ମନେହୁଏ ସତେ ଯେପରି ଗୋଟିଏ ଓଡ଼ିଆ ଲଳନା ଆଖି ଆଗରେ ଠିଆ ହୋଇଛି । ଚୂଡ଼ୀ, ପାହୁଡ଼, ନାକଚଣା, କଆପତ୍ରୀ, ତାଡ଼, ଜୁଡ଼ା, ସୁନାଚମ୍ପା, କାନଫୁଲ, ଘାଗୁଡ଼ିଲଗା ବଳା, ଝୁଣ୍ଟିଆ ଇତ୍ୟାଦି ଖାଣ୍ଟି ଓଡ଼ିଆ ଅଲଙ୍କାରରେ ଦ୍ରୌପଦୀଙ୍କୁ କୃଷ୍ଣସିଂହ ସଜେଇ ଦେଇଛନ୍ତି ।

ମହାଭାରତ ଛଡ଼ା କୃଷ୍ଣସିଂହ ହରିବଂଶର ଅନୁବାଦ ମଧ୍ୟ କରିଥିଲେ ।

ରଚନା ସମୟ—କବି ମହାଭାରତର କେତେକ ପର୍ବର ରଚନା ସମୟ ବ୍ୟକ୍ତ କରିଥିବାରୁ ସମଗ୍ର ଗ୍ରନ୍ଥର ଅନୁବାଦ ସମୟ ଜାଣିବା ପାଇଁ ସୁବିଧା ହେଉଛି ।

ଆଦିପର୍ବ—ଶକାବ୍ଦ ୧୭୦୪ ବା ଖ୍ରୀ: ୧୭୮୨ ।

> ଏକାଳକୁ ଶକାବ୍ଦ ସତରଶ ଚୁରି,
> କହିଲି କାଳ ସଂଖ୍ୟା ଜାଣିବ ବିଚାରି । (ଆଦିପର୍ବ, ଶେଷାଂଶ)

ବନପର୍ବ—ଶକାବ୍ଦ ୧୭୫୦ ବା ଖ୍ରୀ: ୧୮୨୮ ।

> ସତରଶ ପଞ୍ଚାଶ ଶକାବ୍ଦ ଏ କାଳକୁ,
> ହୋଇଛି ଯେ ଗଣିବ ଜାଣିବ ବନକୁ । (ବନପର୍ବ, ଶେଷାଂଶ)

ଭୀଷ୍ମପର୍ବ—ଶକାବ୍ଦ ୧୭୦୬ ବା ଖ୍ରୀ: ୧୭୮୪ ।

> ସତରଶ ଛଅ ଶକାବ୍ଦ ଏକାଳକୁ,
> ଗଣି ଅଣି ଅଛନ୍ତି ଗଣକେ ମନକୁ । (ଭୀ: ପ:, ଶେଷାଂଶ)

ଦ୍ରୋଣପର୍ବ—ଶକାବ୍ଦ ୧୭୧୦ ବା ଖ୍ରୀ: ୧୭୮୮ ।

> ଏ ସରିକି ଶକାବ୍ଦ ସତରଶ ଦଶ,
> ବରଷ ହୋଇଛି ଉତ୍ତମ ହୋଇ ଶେଷ ।
> (ଦ୍ରୋ: ପ:, ଶେଷାଂଶ)

କର୍ଣ୍ଣପର୍ବ—ଶକାବ୍ଦ ୧୭୦୬ ବା ଖ୍ରୀ: ୧୭୮୪ ।

> ଏ କାଳକୁ ଶକାବ୍ଦ ଛଅ ସତରଶ,
> ଗଣକମାନେ କରୁଅଛନ୍ତି ପ୍ରକାଶ । (କ: ପ:, ଶେଷାଂଶ)

ଉଦ୍‌ଯୋଗ ପର୍ବ—ଶକାବ୍ଦ ୧୭୫୦ ବା ଖ୍ରୀ: ୧୮୨୮ ।

ସତରଶ ପଞ୍ଚାଶ ଶକାବ୍ଦ ପ୍ରାପତ,
ଏ କାଳରେ ପୋଥି ହୋଇଲା ସମାପତ ।

(ଉ: ପ:, ଶେଷାଂଶ)

ବିରାଟ ପର୍ବ—ଶକାବ୍ଦ ୧୭୦୫ ବା ଖ୍ରୀ: ୧୭୮୩ ।

ଏ କାଳକୁ ପାଞ୍ଚ ଊଣର ସତରଶ,
ଗଣିବାରେ ଶକାବ୍ଦ ହୋଇଅଛି ଶେଷ । (ବି: ପ:, ଶେଷାଂଶ)

ସ୍ତ୍ରୀ ପର୍ବ—ଶକାବ୍ଦ ୧୭୦୬ ବା ଖ୍ରୀ: ୧୭୮୪

ଏ କାଳକୁ ଲେଖାରେ ହୋଇଛି ପ୍ରକାଶ,
ଶକଅବ୍ଦ ଛଅ ଊଣର ସତରଶ । (ସ୍ତ୍ରୀ: ପ:, ଶେଷାଂଶ)

ଅନୁଶାସନ ପର୍ବ—ଶକାବ୍ଦ ୧୭୦୭ ବା ଖ୍ରୀ: ୧୭୮୫

ଏ କାଳକୁ ଶକାବ୍ଦ ସତରଶ ସାତ,
ହୋଇଅଛି ବୋଲନ୍ତି ପଣ୍ଡିତଙ୍କ ମତ । (ଅନୁ:ପ:, ଶେଷାଂଶ)

ସ୍ୱର୍ଗାରୋହଣ ପର୍ବ—(ଅଶ୍ୱମେଧାଦି ପଞ୍ଚପର୍ବ) ଶକାବ୍ଦ ୧୭୦୭ ବା ଖ୍ରୀ: ୧୭୮୫ ।

ଏ କାଳରେ ଶକାବ୍ଦ ସତରଶ ସାତ,
ହୋଇଅଛି ବୋଲି କରି ଗଣକଙ୍କ ମତ ।

(ସ୍ୱର୍ଗ ପ:, ଶେଷାଂଶ)

ଅଶ୍ୱମେଧାଦି ପାଞ୍ଚ ପର୍ବ ଲେଖିବା ପାଇଁ ତିନିବର୍ଷ ଲାଗିଥିବା କବି କହିଛନ୍ତି । କବି ଅଶ୍ୱମେଧାଦି ପାଞ୍ଚ ପର୍ବକୁ କ୍ରମରେ ଲେଖିଥିଲେ—ଅଶ୍ୱମେଧ, ଆଶ୍ରମବାସ ପର୍ବ, ମୌଷଳେ ପର୍ବ, ଯାନ ପର୍ବ, ସ୍ୱର୍ଗାରୋହଣ ପର୍ବ ।

ଚୈତ୍ର ଶୁକଳ ରବିବାର ନବମୀରେ,
ଗୀତ ପୂର୍ଣ୍ଣ ହେଲା ଶ୍ରୀକୃଷ୍ଣ କୃପାରେ ।

ଆରମ୍ଭଠାରୁ ସମାପତିକି ବରଷ
ତିନି ହୋଇଅଛି ସୁଜନେ ଜାଣ ଶେଷ । (ସ୍ୱର୍ଗ ପ:, ଶେଷାଂଶ)

କବିଙ୍କ ସମସ୍ତ ସୂଚନା ଅନୁସାରେ ପର୍ବଲେଖାର କ୍ରମ ଏପରି ଜଣାଯାଉଛି ।—

ଆଦି—୧୭୦୪ ଶକାବ୍ଦ	ଅନୁଶାସନ—୧୭୦୭ ଶକାବ୍ଦ
ବିରାଟ—୧୭୦୫ ,,	ସ୍ୱର୍ଗାରୋହଣାଦି—୧୭୦୭ ,,
ଭୀଷ୍ମ - ୧୭ ୬ ,,	ଦ୍ରୋଣ—୧୭୧୦ ,,
କର୍ଣ୍ଣ—୧୭୦୬ ,,	ବନ—୧୭୫୦ ,,
ସ୍ତ୍ରୀ—୧୭୦୬ ,,	ଉଦ୍ୟୋଗ—୧୭୫୦ ,,

କବି କର୍ଣ୍ଣ ପର୍ବର ଆରମ୍ଭରେ 'ଦ୍ରୋଣପର୍ବ' ନ ଲେଖିବାର କାରଣ ଦେଇଛନ୍ତି । କର୍ଣ୍ଣ ପର୍ବ ଶକାବ୍ଦ ୧୭୦୬ ରେ ଶେଷ ହୋଇଛି । ଏହି ସମୟ ପର୍ଯ୍ୟନ୍ତ ଦ୍ରୋଣ ପର୍ବ ଲେଖା ହୋଇନଥିଲା । ସତର ପର୍ବ ପୂର୍ଣ୍ଣ କରି ସାରିବା ପରେ ଦ୍ରୋଣ ପର୍ବ ଲେଖା ଆରମ୍ଭ ହୋଇଛି । ଏଥିରୁ ଜଣାଯାଉଛି ଯେ ସ୍ୱର୍ଗାରୋହଣ ପର୍ବ ରଚନା ଶେଷ ସମୟ ୧୭୦୭ ଶକାବ୍ଦ ବେଳକୁ ଅନ୍ୟ ସବୁ ପର୍ବ ଲେଖା ସରିଥିଲା । ବନପର୍ବ ୧୭୫୦ ଶକାବ୍ଦ ଓ ଉଦ୍‌ଯୋଗ ପର୍ବ ମଧ୍ୟ ସେହି ବର୍ଷ ରଚିତ ହୋଇଥିବା ସେହି ପର୍ବମାନଙ୍କ ଶେଷାଂଶରେ ବ୍ୟକ୍ତ ହୋଇଛି ।

ଆଦି ସଭା ବନ ପର୍ବକୁ ଗୀତ କଲି,
ବିରାଟ ପର୍ବ ପାଇଁ ବସିଅଛି ଭାଳି ।
(ବିରାଟ ପର୍ବ, ମଙ୍ଗଳାଚରଣ)

ଉଦ୍‌ଯୋଗ ପର୍ବେ ଯାଏ କଲି ଗୀତ,
ଭାଳୁଛି ଭୀଷ୍ମପର୍ବକୁ ମୋ ଏବେ ଚିତ୍ତ ।
(ଭୀଷ୍ମ ପର୍ବ, ମଙ୍ଗଳାଚରଣ)

ଦ୍ରୋଣ ପର୍ବ ସର୍ବଶେଷରେ ଲେଖା ହୋଇଥିଲା ଏବଂ ଏହାର ରଚନା ଶେଷ କାଳ ଶ: ୧୭୧୦ ବୋଲି କବି କହିଛନ୍ତି । ଏଥିରୁ ମଧ୍ୟ ଜଣାଯାଉଛି ଯେ

ଶ: ୧୭୧୦ ବେଳକୁ ଅର୍ଦ୍ଧ୍ୟ ସବୁ ପର୍ବ ଲେଖା ସରିଥିଲା । ଏହି କାରଣରୁ ମନେ ହେଉଛି, ବନ ଓ ଉଦ ଯୋଗ ପର୍ବରେ ଯେଉଁ ସମସ୍ତ ଉଆଯଇଛ ତାହା ଲେଖନକାରର ଦୋଷ ହେବା ସମ୍ଭବ । ନରୁବା ପରବର୍ତ୍ତୀ ସମୟରେ ଅନ୍ୟ କେହି କେତେକ ଅଂଶକୁ ବୃଦ୍ଧି କରିଥିବେ ଏବଂ ଏହି ସମସ୍ତ ବ୍ୟକ୍ତ କରିଥିବେ । ଯଦି କବି ନିଜେ ଏହି ଦୁଇଟି ପର୍ବର ଅଭିବୃଦ୍ଧି ସାଧନ କରିଥିବେ କିମ୍ବା ନୂତନ ସଂସ୍କରଣ କରିଥିବେ ତାହାହେଲେ ଏହି ସମସ୍ତ ମଧ୍ୟ ସେ ବ୍ୟକ୍ତ କରିଥିବା ଅସମ୍ଭବ ନୁହେଁ । ଶ: ୧୭୫୦କୁ ଗ୍ରହଣ କଲେ କବିଙ୍କ ଜୀବିତାବସ୍ଥାର କାଲ ନିର୍ଣ୍ଣୟରେ ପରିବର୍ତ୍ତନ ଆବଶ୍ୟକ ହେଉଛି । ସ୍ୱର୍ଗୀୟ ଶ୍ୟାମସୁନ୍ଦର ରାଜଗୁରୁ ଲେଖିଛନ୍ତି ଯେ କବି ଖ୍ରୀ: ୧୭୨୯ ରେ ଜନ୍ମଗ୍ରହଣ କରି ଖ୍ରୀ: ୧୭୮୮ ରେ ମାନବଲୀଳା ସମ୍ବରଣ କରିଥିଲେ । ପୁଣି ସେ ଲେଖିଛନ୍ତି ଯେ ବୟାଳିଶି ବର୍ଷ ବୟସରେ ଗାଦିରେ ବସି ସାତ ବର୍ଷ ମାତ୍ର ରାଜତ୍ୱ କରିଥିଲେ । ଏ ତଥ୍ୟ ଅନୁସାରେ ଦେଖିଲେ, କବିଙ୍କ ଜନ୍ମ ବର୍ଷ ଖ୍ରୀ: ୧୭୩୧ ହେବ । ବନ ଓ ଉଦ୍‌ଯୋଗ ପର୍ବର ସମୟକୁ (ଶ: ୧୭୫୦ ବା ଖ୍ରୀ: ୧୮୨୮) କବି ନିଜେ ବ୍ୟକ୍ତ କରିଥିବା ଧରିନେଲେ ସେ ସମୟକୁ ସେ ଜୀବିତ ଥିଲେ ବୋଲି କହିବାକୁ ହେବ । ଅର୍ଥାତ୍ ଖ୍ରୀ:୧୮୨୮ ବେଳକୁ କବି ଜୀବିତ ଥିଲେ ଏବଂ ସେତେବେଳକୁ ତାଙ୍କର ବୟସ ଅଣାନବେ ବର୍ଷ । ସ୍ୱର୍ଗତ ରାଜଗୁରୁ ଲେଖିଛନ୍ତି ଯେ କବି ଅଣତିରିଶ ବର୍ଷ ବୟସରେ ଧରାଧାମରୁ ଅନ୍ତର୍ହିତ ହେଲେ । ରାଜଗୁରୁଙ୍କ ତଥ୍ୟ ଗ୍ରହଣଯୋଗ୍ୟ ।

କବି ରାଜା ହେବାର ବର୍ଷକ ପରେ ମହାଭାରତ ରଚନା ଆରମ୍ଭ କରିଥିଲେ ଏବଂ ସାତ ଆଠ ବର୍ଷ ମଧ୍ୟରେ ପ୍ରାୟ ଶେଷ କରିଥିଲେ । ଏହି ଅଳ୍ପ ସମୟ ମଧ୍ୟରେ ଏତେ ବଡ଼ ଗ୍ରନ୍ଥ ରଚନା ତାଙ୍କର ପ୍ରଗାଢ଼ ନିଷ୍ଠା, ଏକାଗ୍ରତା ଓ ଅଧ୍ୟବସାୟର ପରିଚୟ ଦେଉଛି ।

"କଥିତ ଅଛି, କେତେକାଳ ହରିହର ଭ୍ରମରୁ ପଟ୍ଟନାୟକ ଓ କେତେକାଳ ଜୟ ଦେବତ୍ତୀଙ୍କ ହସ୍ତରେ ରାଜ୍ୟଭାର ଅର୍ପଣ କରି ଦେଇ ପାଞ୍ଚଜଣ ପଣ୍ଡିତଙ୍କୁ ପାଖରେ ରଖି ତାଙ୍କର ପ୍ରାୟ ସମସ୍ତ କାଳ ଏଥିରେ

ବିନିଯୋଗ କରିଥିଲେ ।" (ପ୍ରବନ୍ଧାବଳୀ) କବି ଯେ ମହାଭାରତ ଲେଖାରେ ତନ୍ମୟ ଥିଲେ, ଏଥିରେ ସନ୍ଦେହ ନାହିଁ । ସେ ଭକ୍ତଜନୋଚିତ ସୌଜନ୍ୟ ପ୍ରକାଶ କରି ନିଜର ଅକ୍ଷମତା ଓ ଚରିତହୀନତା ପ୍ରଭୃତି ବ୍ୟକ୍ତ କରିଛନ୍ତି । ତାହା ଜୀବନର ସତ୍ୟ ଘଟଣା ନୁହେଁ । କବି ପ୍ରାୟ ପ୍ରତ୍ୟେକ ପର୍ବରେ ନିଜର 'ଅକ୍ଷମତା' ପ୍ରକାଶ କରିଛନ୍ତି ଏବଂ ଭଗବାନ ଓ ସାଧୁଜନଙ୍କୁ କ୍ଷମା ମାଗିଛନ୍ତି । ବ୍ୟାସକୃତ ସଂସ୍କୃତ ମହାଭାରତକୁ ଓଡ଼ିଆ ଭାଷାରେ ପ୍ରବନ୍ଧ ରଚନା କରିବା ନିମନ୍ତେ ତାଙ୍କର ସାମର୍ଥ୍ୟ ନଥିବା ସେ ସୌଜନ୍ୟ ଦୃଷ୍ଟିରୁ କେବଳ କହିଛନ୍ତି । ତାଙ୍କର ଉଚ୍ଚକୋଟୀର ରଚନା ତାଙ୍କ ସାମର୍ଥ୍ୟର ଯଥେଷ୍ଟ ପ୍ରମାଣ ଦେଉଛି; ସେ ଜଣେ ଉପଯୁକ୍ତ ଅନୁବାଦକ ।

କବି ସୁଜନସୁଲଭ ଦୈନ୍ୟ ପ୍ରକାଶ କରି ନିଜର ଅକ୍ଷମତା ପ୍ରକାଶ କରିଥିଲେ ମଧ୍ୟ ପ୍ରକୃତରେ ସେ ନିଜର ସାମର୍ଥ୍ୟ ହିଁ ପ୍ରକାଶ କରିଛନ୍ତି ।

ସୂଚୀ ମୁନେ କି ଗିରିବର ହୁଏ ଟାଳି,
ପଣ୍ଡିତେ ଏ କଥା ଘେନିବ ମନେ ଭାଳି ।
ମୂର୍ଖମାନଙ୍କରେ ମୁଁ ଅତି ହିଁ ମୂରୁଖ,
ମୋ ଗୀତ ଶୁଣି କର୍ଣ୍ଣେ ନୋହିବ ବିମୁଖ ।

ଗଙ୍ଗାଙ୍କ ଜଳ ସମ ବ୍ୟାସଙ୍କର ବାଣୀ,
ଗୀତେ ମୁହିଁ ଯାହା ହୋଇଲି ବଖାଣି ।
ଏଥିରୁ ଅପରାଧ ହୋଇକରି କଥା,
ଥିବା ପରି ଲେଖି ନଥିବି ଜାଣ ପୋଥା ।

ଏ କଥା ଜାଣି ମୁଁ କହୁଛି ପଣ୍ଡିତଙ୍କୁ,
ମୋ ବୁଦ୍ଧି ଯୋଗ୍ୟ କି ଭାରତ କରିବାକୁ ।
ଯାହା କଲି ଭାରତ ଗୀତ—ପ୍ରବନ୍ଧରେ,
ଲେଖି ଗଲି ମୁହିଁଟି ମନୁଷ୍ୟ ମନ୍ଦରେ ।

କେବଳ ଏ ଗୀତରେ ନର ନାରାୟଣ,
ମହିମା ପୂର୍ଣ୍ଣ ହୋଇ ହୋଇଛି ବଖାଣ ।

ଏହି ସକାଶରୁ ଆଦର କରିବାର,
ଉଚିତ ଅଟେ ହେ ପଣ୍ଡିତେ ମନେ କର ।

ଚଣ୍ଡାଳ ହୋଇ ବିଷ୍ଣୁ ଅର୍ଚ୍ଚା ଯେବେ କରେ,
ତାହାକୁ ସର୍ବେ ପୂଜା କରନ୍ତି ସଭାରେ ।
ଆଉ କହିବା ପାଇଁ କଥା ନାହିଁ କିଛି,
ମୋର କରିବାର ନ ଘେନ ମୁଁ ବୋଲୁଛି । ×

(ସ୍ୱର୍ଗାରୋହଣ ପର୍ବ, ଶେଷାଂଶ)

ଧରିକୋଟ ମଣ୍ଡଳେ ହୋଇଣ ମୁଁ ରାଜା,
ଅଧରମ କଥାରେ ବଳାଇଲି ମଜ୍ଜା ।
ହିତ ହୋଇବେ ବୋଲି ରଖି ଅସାଧୁଙ୍କୁ,
ଛାଡ଼ି ଦେଲି ମୁଁ ସାଧୁସଙ୍ଗମ ମାର୍ଗକୁ ।

ହରି କଥା ଧ୍ୟାନେଟି ନ କଲି କୀର୍ତ୍ତନ,
ବଳାଇଲି ନର୍ତ୍ତନ ଗୀତ ବାଦ୍ୟେ ମନ ।
ଧନ ଜନ ନନ୍ଦନ ଭାରିଯାରେ ପ୍ରୀତି,
କରି ହରି ନେଲି ବସିଣ ଅହୋରାତ୍ରି ।

ଦୁଷ୍କୃତ କର୍ମମାନଙ୍କୁ ଆଦରିଲି,
ସୁଚରିତ କି ରୂପେ ସ୍ୱପ୍ନେ ନ ଦେଖିଲି ।
ମୋ ମତରେ ମୁହିଁ ହୋଇଣ ଜାଣିବାର,
କହିଟି ସବୁ ପାପକଥାକୁ ମୋହର ।

ଏ ବାହାରେ ପଣ୍ଡିତ ପଣେ ଗର୍ବ ବହି,
ଶ୍ରୀ ମହାଭାରତକୁ ଗୀତରେ କହିଇ ।
ବିଚାରିଲେ ଏ କଥା ବଡ଼ ଉପହାସ,
ମୂର୍ଖ ପଣେ ମୋହର ବଳାଛି ସାହସ ।

ବେଲୁଅଛୁ ତ ପ୍ରତିଦିନ ଅବିରତ,
ଲକ୍ଷେ ଗ୍ରନ୍ଥ ଯାକଲୁ କରିବ ମୁଁ ଗୀତ ।

ବାଲି ଫାଙ୍ଗି ହାତରେ ବଢ଼ିବା ନଦୀକି,
ବସିଲେ ବାନ୍ଧି ବନ୍ଧା ସେ ହୋଇ ଯାଏ କି ।
ସେହିରୂପେ ମୋହର ବୋଲିବା ବଚନ,
ଭାବନା କର ଆହେ ବସି ବିଜ୍ଞ ଜନ ।
(ଭୀଷ୍ମପର୍ବ, ଶେଷାଂଶ)

ଧନଚନ୍ଦ୍ର ଦେଖିଣ ମୋ ହୃଦ କୁମୁଦ,
କରିଇଲି ଯେ ଅତିଶୟରେ ପ୍ରମୋଦ ।
ପୂର୍ବଜନମାନଙ୍କ ଉପବାଦ କଥା,
ଅହର୍ନିଶି ବସି ବାଢ଼ିଲି କରି ପେଥା ।

ଭଲ ମନ୍ଦ ଦୁଇଟି କଥା ନ ଜାଣିଲି,
ମୁଁ ବଡ଼ ବୋଲି ସବୁ ଜନେ ଡରିଇଲି ।
ଦଇବରେ ତ ପିଇଅଛୁ ରାଜ୍ୟମଦ,
ଏଣୁ ସବୁଟବଲେ ହୋଇଅଛୁ ଉନ୍ମାଦ । ଇତ୍ୟାଦି ।
(ବିରାଟ ପର୍ବ, ଶେଷାଂଶ)

ଭକ୍ତକବି ନିଜକୁ ଧିକ୍କାର ଥିଲେ ମଧ୍ୟ ବିଜ୍ଞଜନଚକ୍ଷୁ ପକ୍ଷେ ତାହା ପ୍ରଶଂସା । ସେ ମୂର୍ଖ ନୁହନ୍ତି, ଦୁଷ୍ଟରହି ନୁହନ୍ତି; ସେ କବି, ଅସାଧ୍ୟ ସାଧନରେ ସଫଳ ହୋଇଛନ୍ତି; ବଢ଼ିବା ନଦୀକି ସେ ହାତରେ ବାଲି ଫାଙ୍ଗି ବନ୍ଧ ବାନ୍ଧିଛନ୍ତି ।

ମହାଭାରତର ଭାଷା ସାଧୁଭାଷା, ପଣ୍ଡିତ ଭାଷା । ତତ୍ତ୍ୱାର୍ଥ ପ୍ରକାଶ ପାଇଁ ଏହା ଉପଯୋଗୀ ହୋଇଛି । କବି ଲୌକିକ ଭାଷାର ବ୍ୟବହାର ମଧ୍ୟ କରିଛନ୍ତି । ଅନୁବାଦରେ ଓଡ଼ିଆ ଭାଷାର ବିଶିଷ୍ଟତା ରକ୍ଷା କରିଛନ୍ତି । ଓଡ଼ିଆ ସମାଜର ଆଚାର ବ୍ୟବହାର ପ୍ରଭୃତିକୁ ସ୍ଥାନ ମଧ୍ୟ ଦେଇଛନ୍ତି ।

କବି ଭୀଷ୍ମପର୍ବ ଅନ୍ତର୍ଗତ ଶ୍ରୀମଦ୍ଭଗବଦ୍ଗୀତାର କ୍ଷେତ୍ରକ୍ଷେତ୍ରଜ୍ଞ ବିଭାଗ ଯୋଗ ଅଧ୍ୟାୟଟି ତତ୍ତ୍ୱବ୍ୟାଖ୍ୟା ଉପଯୋଗୀ ଭାଷାରେ ଅନୁବାଦ କରିଛନ୍ତି ।

(୧) ଏଥୁ ଅନ୍ତେ କୃଷ୍ଣ ବୋଇଲେ ଅରଜୁନ,
ଶରୀରର କ୍ଷେତ୍ରଟି ହୋଇ ଅଭିଧାନ ।
ଶରୀରକୁ ତ ଯେଉଁ ଲୋକଟି ଜାଣଇ,
କ୍ଷେତ୍ରଜ୍ଞ ବୋଲି କରି ତାହାକୁଟି କହି ।

ସବୁ କ୍ଷେତ୍ରମାନଙ୍କରେ ମୁହିଁ ପାର୍ଥଗତ,
କ୍ଷେତ୍ରଜ୍ଞ ବୋଲି ମୋତେ ଜାଣ କୁନ୍ତୀସୁତ ।
କ୍ଷେତ୍ରକ୍ଷେତ୍ରଜ୍ଞ ଏ ଯହିଁରୁ ହୋଇଛନ୍ତି,
ସଂକ୍ଷେପରେ କହିବା ଶୁଣ ଦେଇ ମତି ।

ମୂଳ ସଂସ୍କୃତ—ଅର୍ଜ୍ଜୁନ ଉବାଚ

ପ୍ରକୃତିଂ ପୁରୁଷଞ୍ଚୈବ କ୍ଷେତ୍ରଂ କ୍ଷେତ୍ରଜ୍ଞମେବ ଚ,
ଏତଦ୍ ବେଦିତୁମିଚ୍ଛାମି ଜ୍ଞାନଂ ଜ୍ଞେୟଂ ଚ କେଶବ ।
ଶ୍ରୀ ଭଗବାନ୍ ଉବାଚ
ଇଦଂ ଶରୀରଂ କୌନ୍ତେୟ ! କ୍ଷେତ୍ରମିତ୍ୟଭିଧୀୟତେ
ଏତଦ୍ ଯୋ ବେତ୍ତିତଂ ପ୍ରାହୁଃ କ୍ଷେତ୍ରଜ୍ଞ ଇତି ତଦ୍ ବିଦଃ ॥ ୧ ॥

କ୍ଷେତ୍ରଜ୍ଞଞ୍ଚାପି ମାଂ ବିଦ୍ଧି ସର୍ବକ୍ଷେତ୍ରେଷୁ ଭାରତ !
କ୍ଷେତ୍ର କ୍ଷେତ୍ରଜ୍ଞୟୋର୍ଜ୍ଞାନଂ ଯତ୍ତଜ୍ଜ୍ଞାନଂ ମତଂ ମମ ॥ ୨ ॥

ତତ୍ କ୍ଷେତ୍ରଂଯଚ୍ଚ ଯାଦୃକ୍ ଚ ଯଦ୍ ବିକାରି ଯତଶ୍ଚଯତ୍
ସ ଚ ଯୋ ଯତ୍ ପ୍ରଭାବଶ୍ଚ ତତ୍ ସମାସେନ ମେ ଶୃଣୁ ॥ ୩ ॥

(ଭ:ଗୀ:, ୧୩ଶ ଅଧ୍ୟାୟ)

(୨) ଏ କାଳେ ଯୁଧିଷ୍ଠିର ବିରାଟ କଲ୍ୟାଣ,
ବାଞ୍ଛା କରି କହିଲେ ଶୁଣ ନରପାଣ ।
ସର୍ବସ୍ୱ ମୋର ବାଟୁଁ ଖଣ୍ଡି ପିଟି ନେଲେ,
ତୁମ୍ଭଠାକୁ ଆସିଅଛୁ ରହିବାକୁ ଭଲେ ।

ରଜା ବନା ଆନକୁ ଅନୁସର ନରେ,
ଭଲ ହୋଇ ନ ପାରନ୍ତି ଏ ସଂସାରେ ।

ତୁମ୍ଭେ ତ ରଜସିଂହ ମୋ ଦୁଃଖ କଷ୍ଟକ,
ବଦାଣ୍ଡି ପାରବାକୁ ସମର୍ଥ ନୁହ କ ? ।

ବର୍ବ୍ବଟ ବୋଇଲେ ମୁଁ ଖେଳ ତ ପାରଇଁ,
ଆଜ୍ଞା ହେଲା ତୁମ୍ଭଙ୍କୁ ରଖିବଇଁ ମୁହିଁ । × ×

ବର୍ବ୍ବଟ ବୋଇଲେ ହେ ସଭ ଲୋକେ ଶୁଣ,
କଙ୍କଠାରେ ଆଚରବ ଯେ ଅବଗୁଣ ।

ଦ୍ୱିଜ ବୋଇଲେ ତାକୁ ଖେଦଡ଼ାଇ ଦେବ,
ଆନକୁ ମୁଣ୍ଡ କାଟି ଶୂଳ ଦଆଇବ । (ବ: ପ:)

(ଗ) କୃଷ୍ଣ-ଯୁଧିଷ୍ଠିର ପରାମର୍ଶ—

ଯୁଧିଷ୍ଠିର ବୋଇଲେ କହୁଛ ଯା ହରି,
ଏ କଥା ନୋହେ ବୋଲି ଆମ୍ଭେ ବୋଲି ପାରି ।

ଆପଣ ଯେବେ ରକ୍ଷା କରିଥିବ ମୋତେ,
ଭୀଷ୍ମଙ୍କ ଜୀବନ ମୁଁ ଯେନମି ତୁରିତେ ।

ପୂର୍ବରୁ ତ ତୁମ୍ଭେ କହିଛ ନ ଯୁଝିବ,
ତା ଜାଣି କି ରୂପେ ତୁମ୍ଭଙ୍କୁ ଯୁଝାଇବ ।

ଏବେ ମୁଁ କହୁଅଛୁ ନ ଯୁଝି ଗୋବିନ୍ଦ,
ବଢ଼ାଅ ଯୁଦ୍ଧଦାଣ୍ଡେ ମୋହର ଆନନ୍ଦ ।

ଭୀଷ୍ମ ତ କହିଛନ୍ତି ତୁମ୍ଭ ପାଇଁ ପ୍ରାଣ,
ଛାଡ଼ିବ ମୁଁ ଯୁଝିଲେ ହେଲେ ନାରାୟଣ ।

ଏବେ ଚାଲ ହେ ତୁମ୍ଭେ ଆମ୍ଭେ ମିଶି ଯିବା,
କି ରୂପେ ମରିବେ ଭୀଷ୍ମଙ୍କୁ ପଚାରିବା । × ×

ବାରୁ ମରଗଲେ ଆମ୍ଭେମାନେ ତ ପିଲା,
ହୋଇଥିଲୁ ହେଲୁ ଯା ଯେଜନ ଅଲଥିଲା ।

ସେ ଭୀଷ୍ମଙ୍କ ସକାଶୁଁ ଆହେ ନାରାୟଣ,
ମୋ କହିବାରୁ ଏବେ ଭଲ କର ଜାଣ ।

ତାହାଙ୍କୁ ଯାହା ଏବେ ମାରିବା ଭାବୁଥାଇ,
ଏଥିରୁ ଅଧରମ ହୋଇ କଥା ନାହିଁ । (ଭୀଷ୍ମପର୍ବ)

ଦ୍ୱାଦଶ ପରିଚ୍ଛେଦ

ନାରାୟଣ ଦାଶ : ମହାଦେବ ଦାସ : ରାମ ଦାଶାଦି କବି

ନାରାୟଣ ଦାଶ

ଓଡ଼ିଆ ପୁରାଣମାନଙ୍କ ଭିତରେ ନାରାୟଣ ଦାଶଙ୍କ 'ହରିବଂଶ'ର ସ୍ଥାନ ନଗଣ୍ୟ ନୁହେଁ । ସାରଳା ଦାସଙ୍କ ମହାଭାରତ, ଜଗନ୍ନାଥ ଦାସଙ୍କ ଭାଗବତ, ବଳରାମ ଦାସଙ୍କ ଜଗମୋହନ ରାମାୟଣ ପରି ଖ୍ୟାତିସମ୍ପନ୍ନ ନ ହେଲେ ମଧ୍ୟ ବୈଷ୍ଣବ ପୁରାଣ ରୂପରେ ଏହାର ଆଦର ରହିଛି । ହରିବଂଶ ଚରିତ ନାରାୟଣଙ୍କ ପୂର୍ବରୁ ଆଉ କେହି ସଂକ୍ଷିପ୍ତ ଅଥଚ ମାହାତ୍ମ୍ୟପୂର୍ଣ୍ଣ ଭାବରେ ଲେଖିଥିବା ଜଣାଯାଏ ନାହିଁ । ନାରାୟଣଙ୍କ ପୂର୍ବରୁ ଭକ୍ତକବି ଅଚ୍ୟୁତାନନ୍ଦ ହରିବଂଶଚରିତକୁ ବିସ୍ତୃତ ଭାବରେ ସାତ ଖଣ୍ଡରେ ଲେଖିଛନ୍ତି; ନାରାୟଣଙ୍କ ପରେ ମହାଭାରତ ରଚୟିତା କୃଷ୍ଣସିଂହ ହରିବଂଶର ଅନୁବାଦ କରିଛନ୍ତି । କିନ୍ତୁ ସଂକ୍ଷିପ୍ତ ହରିବଂଶ ଚରିତ ଅନୁସନ୍ଧିତ୍ସୁମାନଙ୍କ ପକ୍ଷରେ ନାରାୟଣଙ୍କ ହରିବଂଶ ହିଁ ଆଦୃତ ହୋଇଥାଏ । ସଂକ୍ଷିପ୍ତ କଳେବର ଯୋଗୁଁ ନାରାୟଣଙ୍କ ହରିବଂଶ 'ଖଣ୍ଡିକିଆ ହରିବଂଶ' ନାମରେ ପରିଚିତ । ଅଚ୍ୟୁତାନନ୍ଦଙ୍କ ହରିବଂଶ ସାଧାରଣତଃ 'ସାତଖଣ୍ଡିଆ ହରିବଂଶ' ନାମରେ ପରିଚିତ ।

କବିଙ୍କ ସମୟ ନିର୍ଦ୍ଦିଷ୍ଟ ଭାବରେ ଜଣାଯାଉନଥିଲେ ମଧ୍ୟ ସେ ନୃସିଂହପୁରାଣ ଲେଖକ ପୀତାମ୍ବର ଦାଶଙ୍କ ପୂର୍ବବର୍ତ୍ତୀ ଥିଲେ । ପୀତାମ୍ବରଙ୍କ ସାତଜନ୍ମ ଭିତରୁ ନାରାୟଣ ଦାଶ ଚତୁର୍ଥ ଜନ୍ମ । ଏଥିରୁ ଜଣାଯାଉଛି ଯେ ପୀତାମ୍ବରଙ୍କ ଜନ୍ମ ପୂର୍ବରୁ ନାରାୟଣଙ୍କ ସ୍ୱର୍ଗପ୍ରାପ୍ତି ହୋଇଥିଲା । ପୀତାମ୍ବର ଅଷ୍ଟାଦଶ ଶତାବ୍ଦୀର ଶେଷାର୍ଦ୍ଧରେ ନୃସିଂହପୁରାଣ ରଚନା କରିଥିଲେ ।

ଖ୍ରୀ: ୧୭୭୮ରେ ନୃସିଂହପୁରାଣର ପ୍ରଥମ ରତ୍ନାକର ରଚିତ ହୋଇଥିଲା । କବି ପ୍ରାୟ ଖ୍ରୀ: ୧୭୩୫ ଏ ଅର୍ଥାତ୍ ତାହାର ପାଖାପାଖି କୋଡ଼ିଏ ବର୍ଷ ଜନ୍ମଗ୍ରହଣ କରିଥିଲେ । କବିଙ୍କ ଜୀବନୀ ସମ୍ବନ୍ଧରେ ଅନ୍ୟ କିଛି ଉପାଦାନ ମିଳୁନାହିଁ ।

ଚତୁର୍ଥ ଜନ୍ମରେ ହେଲି ନାରାୟଣ ଦାଶ
ବାନ୍ଧିଲି ପୁରାଣ ହରିବଂଶ ଗୀତରସ ।
(୨ୟ ରତ୍ନାକର, ନୃ: ପୁ: ୨୩୫. (ସ୍ତ: ର. ପ୍ରେସ)

କବି ଚତୁର୍ଦ୍ଦଶାକ୍ଷରୀ ବୃତ୍ତରେ ହରିବଂଶଟି ରଚନା କରିଛନ୍ତି । ଆଦି ମହାକବି ସାରଳା ଦାସଙ୍କ ପ୍ରଦର୍ଶିତ ମାର୍ଗ ଅନୁସରଣ କରି ନାରାୟଣ ସ୍ୱଚ୍ଛନ୍ଦ ଭାବରେ ବିଷୟବସ୍ତୁ ସଂଗ୍ରହ କରି ପୁରାଣ ରଚନା କରିଛନ୍ତି । କବି ଗ୍ରନ୍ଥାଦ୍ୟରେ ଗଣନାଥଙ୍କ ବନ୍ଦନାରେ 'ସ୍ୱପ୍ନଚର୍ଯ୍ୟା' ଦେଇ ନିଜର ଅଭିଳାଷ ଜ୍ଞାପନ କରିଛନ୍ତି । କବି ବିଷ୍ଣୁଙ୍କ ଆଜ୍ଞାରେ ହରିବଂଶ ରଚନା କରିଥିବା ବ୍ୟକ୍ତ କରିଛନ୍ତି ।

ହରିବଂଶ କରିବାକୁ ବୋଇଲେ ଶ୍ରୀଧର
ମୋର ପ୍ରଶ୍ନରେ କିବା ହେବ ଗ୍ରନ୍ଥସାର ।
ଶ୍ରୀକୃଷ୍ଣର ଦୟା ଯେବେ ହେବ ମୋହଠାରେ
ହରିବଂଶ ପ୍ରଚୁର ମୁଁ କରିବି ସଂସାରେ ।
ଆଦେଶ ଯାହା ହୋଇବ ତାହା ମୁଁ ଲେଖିବି
ହରିବଂଶ ଚରିତ ଯେ ପ୍ରକାଶ କରିବି ।
ହରିବଂଶ ଶ୍ରୀକୃଷ୍ଣ ମୁଖରୁ ବାହାର
ବୁଦ୍ଧି ଯେବେ ପ୍ରସନ୍ନ ହେବୁ ଗଣେଶ୍ୱର ।
ତେବେ ସେହି ହରିବଂଶ କରିବି ଉକତ
ହରିବଂଶ ପୁରାଣ କି କହି ଗଣନାଥ ।

ଭାଗବତ ଚରିତକୁ ସଂକ୍ଷିପ୍ତ କରି ହରିବଂଶ ରଚିତ ହୋଇଥିବା କବି ବ୍ୟକ୍ତ କରିଛନ୍ତି ।

ଭାଗବତ ସଂକ୍ଷେପିଣ କରି ହରିବଂଶ
ଶ୍ରୀହରି ଚରଣେ ନମେ ନାରାୟଣ ଦାଶ ।

ଶୁକମୁନି ପରୀକ୍ଷିତଙ୍କୁ ଏହି ହରିବଂଶଚରିତ କହିଥିବାରୁ ଶୁକ-ପରୀକ୍ଷିତ ସମ୍ବାଦରେ ଗ୍ରନ୍ଥଟି ରଚିତ ହୋଇଛି ।

ବୈକୁଣ୍ଠବର୍ଣ୍ଣନା, ସୃଷ୍ଟି ସର୍ଜନା, ସମୁଦ୍ର ମନ୍ଥନ, କଂସ ଜନ୍ମ, ଦେବକୀ-ବସୁଦେବ ବିବାହ, କୃଷ୍ଣବଳରାମଙ୍କ, ଜନ୍ମ, କୃଷ୍ଣବଳରାମଙ୍କ ଗୋପଲୀଳା, ମଥୁରାଲୀଳା, ଦ୍ୱାରକା ଲୀଳା, କୃଷ୍ଣଙ୍କ ଦେହତ୍ୟାଗ । ନୀଳଗିରିରେ କୃଷ୍ଣ ଜଗନ୍ନାଥ ରୂପେ ଆବିର୍ଭାବ ଇତ୍ୟାଦି ଚରିତ ଏଥିରେ ବର୍ଣ୍ଣିତ ହୋଇଛି ।

ନାରାୟଣ ଦାଶଙ୍କୁ ସ୍ୱୟଂ ବିଷ୍ଣୁ ଲେଖନଟିଏ ଦେଇ ଗ୍ରନ୍ଥରଚନା କରିବା ନିମନ୍ତେ ସ୍ୱପ୍ନରେ ଆଦେଶ ଦେଇଥିବା କବି ପ୍ରକାଶ କରିଛନ୍ତି । ଦେବଦେବୀମାନଙ୍କ ସ୍ୱପ୍ନାଦେଶ, ସାକ୍ଷାତ୍ ଆଦେଶ ଓଡ଼ିଶାର ବହୁ କବିଙ୍କ ଭାଗ୍ୟରେ ଘଟିଥିବା ସେମାନଙ୍କ ଗ୍ରନ୍ଥମାନଙ୍କରୁ ଜଣାଯାଏ । ସାରଳା ଦାସ, ବଳରାମ ଦାସ ପ୍ରଭୃତି କବିମାନେ ଏହିପରି ପ୍ରସଙ୍ଗ ସ୍ୱଜୀବନଚରିତ ପଦ-ମାନଙ୍କରେ ବ୍ୟକ୍ତ କରିଛନ୍ତି । ଭକ୍ତ ପକ୍ଷରେ ଏହା ସ୍ୱାଭାବିକ ମନେ ହେଲେ ମଧ୍ୟ ଶୁଦ୍ଧାଶୁଦ୍ଧ ଦୋଷରୁ ମୁକ୍ତି ପାଇବାର ଏହା ଏକ ଉପାୟ ମଧ୍ୟ । ଭକ୍ତକବି ନାରାୟଣ ଲେଖିଛନ୍ତି—

ଶ୍ରୀକୃଷ୍ଣ ନାମ ଧରନ୍ତେ ଅନୁଗ୍ରହ କଲେ
ଲେଖନ ଗୋଟିଏ ମୋତେ ନିଶାକାଳେ ଦେଲେ ।
ଏହି ସେ ଆଦେଶ ଦେଲେ ଚକ୍ରଧର
ତୁ ଯହା ଲେଖିବୁ ତାହା ହରିବଂଶ ସାର ।
(ପୃ: ୭୩ ଓ: ଜ: କମ୍ପାନୀ)

କବି ବେଦାଧ୍ୟାୟୀ ଥିଲେ । ସମ୍ପୂର୍ଣ୍ଣ ଯଜୁର୍ବେଦଟି ସେ ଅଧ୍ୟୟନ କରିଥିବା ସେ କହିଛନ୍ତି ।

ଶ୍ରୀକୃଷ୍ଣ ଚରିତ ଏହି ଅପାରୁ ଅପାର
ବେଦାଧ୍ୟାୟୀ ହେତୁ ସୁପ୍ରସନ୍ନ ଚକ୍ରଧର ।
ଯଜୁର୍ବେଦ ଗୋଟିକ ଯେ ମୋର ଅଧ୍ୟୟନ
ଶ୍ରୀକୃଷ୍ଣ ଆଜ୍ଞାରେ ମୁହିଁ କଲଇ ରଚନ ।

ହରିବଂଶ ବୋଇଲେ ଯେଣୁ ଜନାର୍ଦ୍ଦନ
ତେଣୁ ମୁଁ କୃତାର୍ଥ ହେଲି ତାହାଙ୍କ ସ୍ମରଣେ ।
ଶ୍ରୀହରି ଚରିତ ମୋର ନିତ୍ୟ ହିଁ ଅଭ୍ୟାସ
ହରିନାମ ସୁମରଇ ନାରାୟଣ ଦାଶ । (ପୃଃ ୭୬)

କବି ଗ୍ରନ୍ଥର ସ୍ଥାନେ ସ୍ଥାନେ ନିଜକୁ "ଜନମରୁ ମୂର୍ଖ ମୁହିଁ ଅଟେ ବିପ୍ର ଜାତି" ବୋଲି ପରିଚିତ କରାଇଥିଲେ ମଧ୍ୟ ଏହା ତାଙ୍କର ବୈଷ୍ଣବୋଚିତ ଦୈନ୍ୟ ଛଡ଼ା ଅନ୍ୟ କିଛି ନୁହେଁ । ସେ ପ୍ରକୃତରେ ଉଚ୍ଚଶିକ୍ଷିତ, ଶାସ୍ତ୍ରଦର୍ଶୀ, ବୈଷ୍ଣବ, ସାଧୁସନ୍ଥ ସେବକ ଓ ହରିଚରଣ ଆଲୋଚକ ।

ଶ୍ରୀକୃଷ୍ଣଙ୍କ ଲୀଳାମାନ ଅଟେ ଦିବ୍ୟରସ
ଚରଣେ ଶରଣ ମାଗେ ନାରାୟଣ ଦାଶ ।
ବିପ୍ରକୁଳେ ଜନ୍ମ ମୋର ନ ଜାଣଇ କିଛି
ସର୍ବଜନ ମୁଖରୁ ଯାହା ମୁଁ ଶୁଣିଛି ।

କୃପାନିଧି କୃପାକରି ଯେବେ କରି ଥାଅ
ତେବେ ଆପଣଙ୍କ କଥା ମୁହିଁ ଲେଖିବଇଁ । (ପୃଃ ୯୧)

କବି ଉଦ୍‌ଭଟ-କଳ୍ପନା-ବିଳାସୀ ନୁହନ୍ତି ; ସେ ବେଦାଧ୍ୟାୟୀ ଥିବାରୁ ବେଦାଦିଶାସ୍ତ୍ରସମ୍ମତ ବିଷୟର ଚର୍ଚ୍ଚା କରିଛନ୍ତି ।

ବେଦାଦି ଶାସ୍ତ୍ର ମତରେ କରୁଛୁ ଉକତ
ଅପରାଧ କ୍ଷମା ମୋର କର ଜଗନ୍ନାଥ । (ପୃଃ ୮୧)

ଶ୍ରୀମଦ୍‌ଭାଗବତ ବର୍ଣ୍ଣିତ କଥା ଓ ତତ୍ତ୍ୱକୁ କବି ସ୍ୱ ଇଚ୍ଛାନୁସାରେ ନିର୍ବାଚନ କରି ଏହି ପୁରାଣରେ ସ୍ଥାନ ଦେଇଛନ୍ତି ।

କବିଙ୍କ ବର୍ଣ୍ଣନାଗୁଡ଼ିକ ବିବରଣାତ୍ମକ । କବିତ୍ୱପୂର୍ଣ୍ଣ ଚିନ୍ତା ଏଥିରେ ସ୍ଥାନ ପାଇନାହିଁ କହିଲେ ଚଳେ । ଭାଷା ମାର୍ଜିତ ।

ନୀଳଗିରିରେ ଶ୍ରୀକୃଷ୍ଣଙ୍କ ଆବିର୍ଭାବ ପ୍ରସଙ୍ଗ ଓଡ଼ିଶାର ଚହ୍ଲୁ କବି ବର୍ଣ୍ଣନା କରିଛନ୍ତି । ଶ୍ରୀକୃଷ୍ଣଙ୍କ ମୃତଶରୀରକୁ ପାଣ୍ଡବମାନେ ଦ୍ୱାରକାର ସମୁଦ୍ରକୂଳରେ ଦାହ କରୁଥିବା ବେଳେ ସେମାନଙ୍କୁ ଦୈବୀବାଣୀ ଶୁଣାଗଲା ବୋଲି କବି ନାରାୟଣ କହିଛନ୍ତି ଏବଂ ଏହି ଦୈବବାଣୀ ଅନୁସାରେ ପାଣ୍ଡବମାନେ କାର୍ଯ୍ୟକାରୀ ହୋଇଥିଲେ । ଅଗ୍ନି ସଂଯୋଗକରି ଘୃତାଦି ଦେବା ପରେ ସାତ ଦିନ ସାତ ରାତି ଗତ ହୋଇଥିଲେ ମଧ୍ୟ ଶ୍ରୀକୃଷ୍ଣଙ୍କ ମୃତ ଦେହରୁ ରୋମଟିଏ ହେଲେ ଟଳିଲା ନାହିଁ । ଏହା ଦେଖି ପାଣ୍ଡବମାନେ ରୋଦନ କରିବାରୁ ଦୈବୀବାଣୀ ହେଲା—

ଅକ୍ଷୟ ଶରୀର ତୁମ୍ଭେ ଦହନକୁ ଲୋଡ଼
କେଉଁ ଜ୍ଞାନ ପାଇ ତୁମ୍ଭେ ନାରାୟଣେ ପୋଡ଼ ।
ଏବେ ଅଗ୍ନିରୁ କାଢ଼ିଣ ସମୁଦ୍ରରେ ମେଲ
ଜଳନ୍ତା ନଗରକୁ ଯେ ବେଗ ହୋଇ ଚଲ ।

ଭବିଷ୍ୟତ ବକ୍ତା ସହଦେବ, ଧର୍ମଦେବ ଯୁଧିଷ୍ଠିରଙ୍କୁ କହିଲେ—

ସହଦେବ ତାହା ଶୁଣି ଧର୍ମଙ୍କୁ କହିଲା
ଦ୍ୱାପର ଶେଷରେ କଳି ଉଦ୍ଭ୍ୟମ ହୋଇଲା ।
ହୋଇଲେ ବଉଦ୍ଧ ରୂପ ଚତୁର୍ଦ୍ଧାବତାର
ବିଜୟ କରିବେ ଯାଇ ଶ୍ରୀନୀଳକନ୍ଦର । (ଶେଷାଂଶ)

କବି ଦଶାବତାର ବନ୍ଦନାରେ ମଧ୍ୟ ଜଗନ୍ନାଥଙ୍କୁ ବୌଦ୍ଧାବତାର ବୋଲି କହିଛନ୍ତି ।

ବଉଦ୍ଧ ରୂପରେ କରି ଚତୁର୍ଦ୍ଧାବତାର
ବିଜୟ କଲ ଯାଇଣ ଶ୍ରୀନୀଳକନ୍ଦର । (ଶେଷାଂଶ)

ସୃଷ୍ଟି ସର୍ଜନା କାଳରେ ନୀଳଗିରି ଜଗନ୍ନାଥଙ୍କ ଆସ୍ଥାନ ଥିବା କବି ଗ୍ରନ୍ଥାଦ୍ୟରେ ବର୍ଣ୍ଣନା କରିଛନ୍ତି ।

ମହାଦେବ ଦାସ

ମହାଦେବ ଦାସ ବିଷ୍ଣୁକେଶରୀ ପୁରାଣ, ମାର୍କଣ୍ଡେୟ ପୁରାଣ, କାର୍ତ୍ତିକ ମାହାତ୍ମ୍ୟ, ନୀଳାଦ୍ରି ମହୋଦୟ ପ୍ରଭୃତି କେତେକ ପୁରାଣ ରଚନା କରିଥିବା ଜଣାଯାଏ । ଓଡ଼ିଆ ପୁରାଣ ସାହିତ୍ୟକୁ ଭକ୍ତକବି ମହାଦେବ ଦାସ ଯଥେଷ୍ଟ ସମୃଦ୍ଧିଶାଳୀ କରିଛନ୍ତି । ସେ ଜଣେ ମହାକବି । ସାରଳା ଦାସଙ୍କ ମହାଭାରତ, ବଳରାମ ଦାସଙ୍କ ରାମାୟଣ, ପୀତାମ୍ବରଙ୍କ ନୃସିଂହପୁରାଣ ପ୍ରଭୃତି ପ୍ରସିଦ୍ଧ ପୁରାଣମାନଙ୍କ ପରି ବିଷ୍ଣୁକେଶରୀ ପୁରାଣ ଏକ ମହାକାବ୍ୟ ।

କବିଙ୍କ ଭାଷା ସରଳ ଓ ମାର୍ଜିତ । କବିଙ୍କ ଗ୍ରନ୍ଥମାନଙ୍କ ଭିତରେ ବିଷ୍ଣୁକେଶରୀ ପୁରାଣ, କାର୍ତ୍ତିକ ମାହାତ୍ମ୍ୟ, ମାର୍କଣ୍ଡେୟ ପୁରାଣ, ଭାଗବତ ୧୨ଶ ଓ ୧୩ଶ ସ୍କନ୍ଧ ବହୁଜନାଦୃତ ପୁରାଣ ।

କବି ଶୂଦ୍ରକୁଳରେ ଜନ୍ମ ଗ୍ରହଣ କରିଥିବା କଥା ନିଜେ ସ୍ୱ ଗ୍ରନ୍ଥମାନଙ୍କର ବହୁ ସ୍ଥାନରେ ବ୍ୟକ୍ତ କରିଛନ୍ତି । ମହାଦେବଙ୍କ ପିତାଙ୍କ ନାମ ଲକ୍ଷ୍ମଣ ।

> ସେ ଶୂଦ୍ର କୁଳେ ଲକ୍ଷ୍ମଣ ଦାସ ଉତପତ୍ତି
> ମହାଦେବ ଦାସ ମୁଁ ଯେ ତାହାଙ୍କ ସନ୍ତତି । (ଶେଷ ପୃଷ୍ଠା)

ଶୂଦ୍ର ଜାତିରେ ଜନ୍ମ ଗ୍ରହଣ କରିଥିଲେ ବୋଲି ମହାଦେବଙ୍କ ମନରେ ହେୟଜ୍ଞାନର ଛାୟା ପଡ଼ିନଥିଲା; ସେ ବରଂ ଗୌରବ ଅନୁଭବ କରୁଥିଲେ । ଶୂଦ୍ର ଜାତି ବ୍ରହ୍ମାଙ୍କ ପାଦରୁ ସମ୍ଭୂତ ଥିବାରୁ କବି ଏ ଜାତିର ମହିମା କୀର୍ତ୍ତନ କରି ପ୍ରତ୍ୟେକ ଜାତିର ପାର୍ଥକ୍ୟ ଥିବା ବ୍ୟକ୍ତ କରିଛନ୍ତି; କେହି ଯେପରି ଶୂଦ୍ରକୁଳରେ ଜନ୍ମ ହେଲେ ବୋଲି ନିଜକୁ ହେୟ ମନେ ନକରନ୍ତି, ଏହାହିଁ କବିଙ୍କ ଲକ୍ଷ୍ୟ । ଏହାଦ୍ୱାରା ସେ ସାମାଜିକ ସମତା ଦର୍ଶାଇ ସମାଜର ସମୂହ କଲ୍ୟାଣ କରିଛନ୍ତି ।

ପାଦପଦ୍ମ ଶୂଦ୍ର ସହୁଁ ହୋଇଲକ ଜାତ
ପାଦପଦ୍ମ ମହିମା ସେ ଜାଣିଲେ କଣ୍ଠିତ । (ମାଃ ପୁଃ, ଶେଷାଂଶ)

ବିଷ୍ଣୁକେଶରୀ ପୁରାଣରେ ମଧ୍ଯ ସେ ଅନୁରୂପ ଭାବ ବ୍ୟକ୍ତ କରିଛନ୍ତି ।

ସେ ସ୍ଥଳ ବିଶେଷରେ ନିଜକୁ "ମୁହିଁ ସ୍ୱଭାବେ ଯେ ଶୂଦ୍ର ଜାତି ଅପଣ୍ଡିତ" ବୋଲି ପରିଚିତ କରାଇଥିଲେ ମଧ୍ଯ ଏହା ତାଙ୍କର ସଂସ୍କୃତି-ସମୃଦ୍ଧ ଚିତ୍ତ ନିର୍ମଳତା ଓ ସୌଜନ୍ୟଜନିତ ଦୈନ୍ୟ ଉକ୍ତି ମାତ୍ର ।

କବି ବିଷ୍ଣୁକେଶରୀ ପୁରାଣ ରଚନା ସମୟ ·ଭିତରେ ପୁରୀରେ ଅବସ୍ଥାନ କରିଥିବାର ସୂଚନା ତୃତୀୟ ସର୍ଗରେ ଜଗନ୍ନାଥ ବନ୍ଦନାଦି ପ୍ରସଙ୍ଗରୁ ଜଣାଯାଏ । ମାର୍କଣ୍ଡେୟ ପୁରାଣରେ ମଧ୍ଯ କବି ପୁରୀବାସର ସୂଚନା ଦେଇଛନ୍ତି ।

ଜଗନ୍ନାଥ ସ୍ୱାମୀ ନୀଳକନ୍ଦର ନିବାସ
ତାହାଙ୍କ ସେବକ ମୁହିଁ ମହାଦେବ ଦାସ ।
ତେଣୁ ସରସ୍ୱତୀ ଦେବୀ ଦୟା କଲେ ମୋତେ
ପବିତ୍ର ପୁରାଣ ମୋର ପ୍ରସରିଲା ଚିତ୍ତେ । (ମଙ୍ଗଳାଚରଣ ଅଂଶ)

ମହାଦେବ ଦାସ ନୃସିଂହ ପୁରାଣ ରଚୟିତା ପୀତାମ୍ବର ଦାଶଙ୍କ ପୂର୍ବବର୍ତ୍ତୀ ଥିବା ସ୍ପଷ୍ଟ । କାରଣ, ପୀତାମ୍ବର ଦାଶ ନୃସିଂହ ପୁରାଣରେ ନିଜର ପୂର୍ବଜନ୍ମ ବର୍ଣ୍ଣନା ପ୍ରସଙ୍ଗରେ ସେ ଷଷ୍ଠ ଜନ୍ମରେ ମହାଦେବ ଦାସ ଥିଲେ ଏବଂ ବିଷ୍ଣୁକେଶରୀ ପୁରାଣ ରଚନା କରିଥିଲେ ବୋଲି ଲେଖିଛନ୍ତି ।

ଷଷ୍ଠ ଜନ୍ମେ ମହାଦେବ ଦାସ ହେଲି ମୁହିଁ
ବିଷ୍ଣୁକେଶରୀ ଯେ ବିଷ୍ଣୁ ପୁରାଣକୁ କହି ।
(୧ମ ରତ୍ନାକରଃ ନୃ: ପୁ: : ପୃ. ୨୩୫ – ରା. ର. ପୁସ୍ତକାଳୟ)

ବିଷ୍ଣୁକେଶରୀ ପୁରାଣ—ବିଷ୍ଣୁ ସିଂହ ବା କେଶରୀ ଅବତାର ହୋଇଥିବାରୁ ଏହି ପୁରାଣକୁ 'ବିଷ୍ଣୁକେଶରୀ ପୁରାଣ' ବୋଲି ମହାଦେବ ନାମ ଦେଲେ ।

ଶୁଣ ଆହେ ସାଧୁଜନେ ଏ ଦିବ୍ୟ ପୁରାଣ
ଶ୍ରୀ ବିଷ୍ଣୁ କେଶରୀ ବୋଲି ବିଦିତ ଭୁବନ ।
ବିଷ୍ଣୁ ସିଂହ ଅବତାର ହୋଇଥିଲେ ଯେଣୁ
ବିଷ୍ଣୁକେଶରୀ ପୁରାଣ ନାମ ଅଟେ ତେଣୁ ।

(୧ମ ସର୍ଗ—ପୃ: ୫, ଦାଶରଥି ପୁସ୍ତକାଳୟ)

କବି ଗ୍ରନ୍ଥାରମ୍ଭରେ ନୈମିଷାରଣ୍ୟରେ ବ୍ୟାସଦେବ ଓ ମୁନିମାନଙ୍କର କଥୋପକଥନ ପ୍ରସଙ୍ଗରେ କହିଛନ୍ତି ଯେ କଳିକାଳ ନିକଟ ହୋଇ ଆସୁଥିବାରୁ ସମସ୍ତଙ୍କର ଚିତ୍ତ ବଳେ ଧ୍ୱଂସ ହେବ ଏବଂ ଧର୍ମ ଛାଡ଼ି ଅଧର୍ମରେ ଲୋକେ ରତ ହେବେ । ଏଥିରେ ଭୀତହୋଇ ମୁନିମାନେ ନୈମିଷାରଣ୍ୟରୁ ପଳାଇଗଲେ । ଏହି ଭୟରୁ ପରିତ୍ରାଣ ପାଇବା ନିମନ୍ତେ ସେମାନେ ଏକ ଯଜ୍ଞର ଅନୁଷ୍ଠାନ କରିବାକୁ ସ୍ଥିରକରି ବ୍ୟାସଦେବଙ୍କୁ କହିଲେ ।

ଯଜ୍ଞ ଆରମ୍ଭିଲେ ଦିନ ଲାଗିବ ବହୁତ
କେତେଦିନ ନ ଲାଗିବ ଯେହ୍ନେ କଳି ଭୟ ।

ଏଥକୁ ଉପାୟ କରିବା ପାଇଁ ମୁନିମାନେ ବ୍ୟାସଦେବଙ୍କୁ ଅନୁରୋଧ କଲେ । ବ୍ୟାସ ମୁନିମାନଙ୍କୁ କହିଲେ—"ପ୍ରାଣିଙ୍କର ହିତେ ରତ ଯେଣୁ ତୁମ୍ଭେ ଅଛ" ତୁମ୍ଭଙ୍କୁ ଅଚ୍ୟୁତ ନିଶ୍ଚୟ ଦୟା କରିବେ । ଏହିଠାରେ ବସି ଋଷିମାନେ "ହରିକଥା କୁହାକୋହି ହୁଅ ଦିବା ନିଶି ।" ବ୍ୟାସଙ୍କ ଆଦେଶରେ ମୁନିମାନଙ୍କ ଅନୁରୋଧକ୍ରମେ ସୂତ ମୁନି ବିଷ୍ଣୁଙ୍କ ମହିମା ଓ ପ୍ରହ୍ଲାଦଙ୍କ ଭକ୍ତି ପ୍ରସଙ୍ଗ ବର୍ଣ୍ଣନା କଲେ । ଏହା ହିଁ ବିଷ୍ଣୁକେଶରୀ ପୁରାଣରେ ମୁଖ୍ୟ ବିଷୟବସ୍ତୁ ।

ବାସୁଦେବଙ୍କ ମହିମା ପ୍ରହ୍ଲାଦ ଭକ୍ତି
ଧର୍ମମାନଙ୍କ ଉପରେ ଯେବା ପୁଣ୍ୟ କୀର୍ତ୍ତି ।
ସେ କଥା ବିସ୍ତରି ଆମ୍ଭ ଆଗେ ଏବେ କହ
ଅଶେଷ ଜନ୍ମ ଦୁରିତମାନଙ୍କୁ ଯେ ଦହ । (୧ମ ସର୍ଗ)

ମହାଦେବ ଦାସ ପାଞ୍ଚଟି ଦୀର୍ଘ ସର୍ଗରେ ପୁରାଣଟି ଚତୁର୍ଦ୍ଦଶାକ୍ଷର ବୃତ୍ତରେ ରଚନା କରିଛନ୍ତି । ବର୍ଣ୍ଣନାଗୁଡ଼ିକ ବିବରଣାତ୍ମକ । ତଥାପି ବିବରଣ ସରଳ ହୋଇଛି ।

ପ୍ରଥମ ସର୍ଗ—ମାନଧାତା ଉପାଖ୍ୟାନ, ମଧୁକାସୁର ଉପାଖ୍ୟାନ, ସୃଷ୍ଟି ସର୍ଜନା, ବ୍ରହ୍ମା ଓ ଶିବ ପ୍ରଭୃତିଙ୍କ ଆବିର୍ଭାବ, ଜୟ ବିଜୟଙ୍କୁ ଲକ୍ଷ୍ମୀଙ୍କର ଅଭିଶାପ ପ୍ରଦାନ, ହିରଣ୍ୟକଶିପୁ ଓ ହିରଣାକ୍ଷଙ୍କ ଜନ୍ମ, ବିଦ୍ୟାଶିକ୍ଷା, ତପସ୍ୟା, ବିବାହ, ଦିଗ୍‌ବିଜୟ । ହିରଣାକ୍ଷର ମୃତ୍ୟୁ ।

ଦ୍ୱିତୀୟ ସର୍ଗ—ସ୍ୱର୍ଗପୁରକୁ ବୃତ୍ରାସୁରର ଯୁଦ୍ଧଯାତ୍ରା, ଦେବାସୁର ଯୁଦ୍ଧ, ଦେବତାମାନଙ୍କର ବିଷ୍ଣୁଙ୍କଠାରେ ଗୁହାରି, ବିଷ୍ଣୁଙ୍କ ବର, ଦଧିଚୀଙ୍କ ଅସ୍ଥି ପ୍ରଦାନ, ଇନ୍ଦ୍ରଙ୍କ ବଜ୍ରନିର୍ମାଣ, ବୃତ୍ରାସୁରର ମୃତ୍ୟୁ, ହିରଣ୍ୟ-ଇନ୍ଦ୍ର ଯୁଦ୍ଧ ଓ ଇନ୍ଦ୍ରଙ୍କ ପରାଜୟ, ଦେବତାମାନଙ୍କ ସହ ହିରଣ୍ୟର ପୁନର୍ବାର ଯୁଦ୍ଧ ଓ ଜୟ, ପ୍ରହ୍ଲାଦର ଜନ୍ମ ଓ ବାଲ୍ୟଚରିତ, ଦେବତାମାନଙ୍କର ପୁନର୍ବାର ଅଧିକାର ପ୍ରାପ୍ତି, ପ୍ରହ୍ଲାଦଙ୍କ ବିଦ୍ୟାଧ୍ୟୟନ, ପ୍ରହ୍ଲାଦର ତତ୍ତ୍ୱଜ୍ଞାନ କଥନ, ହିରଣ୍ୟର ପ୍ରହ୍ଲାଦକୁ ରାଜନୀତି ଶିକ୍ଷା ପ୍ରଦାନ, ପ୍ରହ୍ଲାଦ ଉପରେ ହିରଣ୍ୟର କୋପ, ପ୍ରହ୍ଲାଦଙ୍କ ଉପରେ ମହାଗିରି ସ୍ଥାପନ ଓ ସମୁଦ୍ରରେ କ୍ଷେପଣ ।

ତୃତୀୟ ସର୍ଗ—ହିରଣ୍ୟର ମୃତ୍ୟୁ, ପ୍ରହ୍ଲାଦଙ୍କ ବିବାହ, ରାଜ୍ୟ ଶାସନ, ବୈରାଗ୍ୟ, ବର୍ଣ୍ଣାଶ୍ରମ ଗ୍ରହଣ ଓ ସ୍ୱର୍ଗ ପ୍ରାପ୍ତି ।

ଚତୁର୍ଥ ସର୍ଗ—ହିରଣ୍ୟର ନାତି ଓ ପ୍ରହ୍ଲାଦଙ୍କ ପୁତ୍ର ବୈରୋଚନ ସହିତ ଦେବତାମାନଙ୍କ ଯୁଦ୍ଧ । ମୟ ଦୈତ୍ୟର ମାୟା, ପୁନର୍ବାର ଯୁଦ୍ଧ । ବିଷ୍ଣୁଙ୍କ ଅମୃତ ହରଣ । ବୈରୋଚନର ମୃତ୍ୟୁ ।

ପଞ୍ଚମ ସର୍ଗ—ସମୁଦ୍ର ମନ୍ଥନ, ଲକ୍ଷ୍ମୀ ଅମୃତାଦିର ଉତ୍ପତ୍ତି, ବିଷ୍ଣୁଙ୍କ ଅମୃତ ହରଣ, ଦେବ-ଅସୁର ଯୁଦ୍ଧ, ଦେବତାମାନଙ୍କ ପରାଜୟ, ବଳିର ଯଜ୍ଞ, ବାମନ ଜନ୍ମ, ବଳିକୁ ବାମନଙ୍କ ଦାନ ଭିକ୍ଷା, ବଳିର ପାତାଳପୁରରେ ଅବସ୍ଥାନ ।

ବିଷ୍ଣୁଙ୍କ ନୃସିଂହାବତାରରେ ବିଷ୍ଣୁ ନୃସିଂହ ରୂପେ ସ୍ତମ୍ଭରୁ ଆବିର୍ଭୂତ ହୋଇ ଦୁଷ୍ଟ ହିରଣାକ୍ଷକୁ ବଧ କରିଥିଲେ । ଏହି ପ୍ରସଙ୍ଗଟି କେବଳ ନୃସିଂହାବତାର ଚରିତ ପୁରାଣର ମୁଖ୍ୟ ବିଷୟ । କବି ଏହା ବ୍ୟତୀତ ବରାହ, ବାମନ ଅବତାରର ସଂକ୍ଷିପ୍ତ ଚରିତ ମଧ୍ୟ ପୁରାଣରେ ଦେଇଛନ୍ତି । ପ୍ରଥମର ଅଧେ, ଦ୍ୱିତୀୟ ଓ ତୃତୀୟ ସର୍ଗର କେତୋକାଂଶ ହିରଣ୍ୟ-ପ୍ରହ୍ଲାଦ ଚରିତ ଅଧିକାର କରିଛି । ସୃଷ୍ଟି ସଜନା ପ୍ରକରଣ, ବିଭିନ୍ନ ଉପାଖ୍ୟାନ, ବରାହ ଓ ବାମନ ଚରିତ, ବିଭିନ୍ନ ତତ୍ତ୍ୱ ଉପଦେଶାଦି ବର୍ଣ୍ଣନ ଅବଶିଷ୍ଟ ସ୍ଥାନ ଅଧିକାର କରିଛି ।

କବି ସରଳ ମାର୍ଜିତ ଭାଷାରେ ପୁରାଣଟିକୁ ଲେଖିଛନ୍ତି ଏବଂ ଏହି କାରଣରୁ ଏହାର ପ୍ରଭାବ ବୈଷ୍ଣବ, ଭକ୍ତଙ୍କ ଉପରେ ପଡ଼ିଛି ।

ପରବର୍ତ୍ତୀ ସମୟରେ ପୀତାମ୍ବର ଦାସ ନୃସିଂହ ପୁରାଣ ଲେଖି ନୃସିଂହଙ୍କ ମାହାତ୍ମ୍ୟ ମୁଖ୍ୟ ଭାବରେ କୀର୍ତ୍ତନ କରିଛନ୍ତି । ପୀତାମ୍ବରଙ୍କ ପୁରାଣରେ ନୃସିଂହ, ଶେଷ, ଲକ୍ଷ୍ମୀ ପ୍ରଭୃତିଙ୍କ ଜନ୍ମ, ବାଲ୍ୟଜୀବନ, ବିଦ୍ୟାଧ୍ୟୟନ, ବିବାହ, ଯୁଦ୍ଧ ପ୍ରଭୃତି ପ୍ରସଙ୍ଗ ବର୍ଣ୍ଣିତ ହୋଇଥିବାରୁ ଏଥିପ୍ରତି ଭକ୍ତ ପାଠକଙ୍କ ବିଶେଷ ଆଗ୍ରହ ଦେଖାଯାଏ । ବିଷ୍ଣୁକେଶରୀ ପୁରାଣରେ ମହାଦେବ କଳ୍ପନାକୁ ସଂଯତ କରି ଶାସ୍ତ୍ରୋକ୍ତ ପ୍ରସଙ୍ଗାଦି ବର୍ଣ୍ଣନା କରିଛନ୍ତି । କିନ୍ତୁ, ପୀତାମ୍ବର ଏ କ୍ଷେତ୍ରରେ ଟିକିଏ ସ୍ୱାଧୀନ । ମହାଦେବ ବିଷ୍ଣୁଙ୍କ ବରାହ, ବାମନ ଓ ନୃସିଂହ ଅବତାର ଚରିତ ବର୍ଣ୍ଣନା କରିଛନ୍ତି । ପୀତାମ୍ବର ମତ୍ସ୍ୟ, ବରାହ, ବାମନ ଓ ନୃସିଂହ ଏ ଚାରି ଅବତାର ଚରିତ ବର୍ଣ୍ଣନା କରିଛନ୍ତି । ବିଷ୍ଣୁକେଶରୀ ପୁରାଣରେ ହିରଣ୍ୟ ଓ ତାହାର ଭ୍ରାତା ହିରଣାକ୍ଷ ନୃସିଂହଙ୍କ ପ୍ରତିଦ୍ୱନ୍ଦ୍ୱୀ । ନୃସିଂହ ପୁରାଣରେ ମୁର ଓ ଦାରୁଣ ପ୍ରତିଦ୍ୱନ୍ଦ୍ୱୀ ।

ମହାଦେବ ଦାସ ଜଣେ ବହୁପୁରାଣ ଲେଖକ ରୂପେ ଓଡ଼ିଶାରେ ବିଶିଷ୍ଟ ସ୍ଥାନ ଅଧିକାର କରିଛନ୍ତି । ବୈଷ୍ଣବତତ୍ତ୍ୱ ପ୍ରଚାରରେ ମହାକବି ମହାଦେବଙ୍କ ପୁରାଣଗୁଡ଼ିକ ବିଶେଷ ସାହାଯ୍ୟ କରିଛି । ତାଙ୍କ ବିବିଧ

ଉପଦେଶାତ୍ମକ ତତ୍ତ୍ୱକଥନ ଓ ଉପାଖ୍ୟାନ ସାମାଜିକ ଜୀବନରେ ପ୍ରଭାବ ବିସ୍ତାର କରିଛି । ଏହାଙ୍କ ପୁରାଣ ବିଶେଷ ଆଦର ଲାଭ କରିଥିବା ଯୋଗୁଁ ପୀତାମ୍ବର ଦାଶ ନୃସିଂହଚରିତ ସମ୍ବଳିତ ବିରାଟ ନୃସିଂହ ପୁରାଣ ରଚନା କରିଛନ୍ତି ଏବଂ ନିଜେ ପୂର୍ବଜନ୍ମରେ ମହାଦେବ ଦାସ ଥିଲେ ବୋଲି ମୁକ୍ତ କଣ୍ଠରେ ସ୍ୱୀକାର କରିଛନ୍ତି ।

ପାପପୁଣ୍ୟ, ଧର୍ମାଧର୍ମ, ସୃଷ୍ଟି, ଉତ୍ପତ୍ତି, ରାଜ୍ୟଶାସନ ନୀତି, ରାଜା-ପ୍ରଜା ସମ୍ପର୍କ, ଅହିଂସା ଧର୍ମ, ଜୀବବଧ ପାତକ, ଯଜ୍ଞରେ ଜୀବବଧରୁ ନିନ୍ଦା, ଦେବୀପୂଜାର ବିରୋଧ, ନରକ ବିଧାନ, କର୍ମଫଳ ଆଶାମୁକ୍ତ, ତପସ୍ୱୀଙ୍କର ତପସ୍ୟାର କଠୋରତା, ପରହିତ, ଆସୁରଧର୍ମ ପ୍ରଭୃତି ବିଷୟ ମହାଦେବ ଅତି ସରଳ ଅଥଚ ଦୃଢ଼ ଭାବରେ ବ୍ୟକ୍ତକରି ସମାଜର ଅଶେଷ କଲ୍ୟାଣ ସାଧନ କରିଛନ୍ତି ।

କାର୍ତ୍ତିକ ମାହାତ୍ମ୍ୟ—କାର୍ତ୍ତିକରେ ଦାମୋଦର ପୂଜା ହୁଏ, ନିତ୍ୟ କାର୍ତ୍ତିକ ମାହାତ୍ମ୍ୟ ପାରାୟଣ ହୁଏ । ବିଷ୍ଣୁଚରିତ ହିଁ ଏହି ମାହାତ୍ମ୍ୟର ମୁଖ୍ୟ ବିଷୟବସ୍ତୁ ।

ପଦ୍ମପୁରାଣ ଉତ୍ତରଖଣ୍ଡର ତତ୍ତତ ଠିକେ ଠିକେ ଏଥିରେ ବର୍ଣ୍ଣିତ ହୋଇଛି । ସୂତ, ନାରଦ, ପୃଥୁ ପ୍ରଭୃତିଙ୍କ କଥନ ଛଳରେ ଗ୍ରନ୍ଥଟି ରଚିତ ହୋଇଛି । ପ୍ରସିଦ୍ଧ ଭାଗବତ ବୃତ୍ତ ବା ନବାକ୍ଷରୀ ବୃତ୍ତରେ କବି ଲେଖିଛନ୍ତି । ଦ୍ୱାତ୍ରିଂଶ ଅଧ୍ୟାୟ ବିଶିଷ୍ଟ ଏହି ମାହାତ୍ମ୍ୟ ବା ପୁରାଣଟି ଓଡ଼ିଶାର ସର୍ବତ୍ର ପଠିତ ହୁଏ ।

କୃଷ୍ଣଚରଣ ଓ କୃଷ୍ଣ ଗୁଣଗାନ କରି ମୁକ୍ତି ପାଇବା କାମନାରେ କବି ଏହି ଗ୍ରନ୍ଥ ରଚନା କରିଥିବା ବ୍ୟକ୍ତ କରିଛନ୍ତି । ଉପାଖ୍ୟାନ ଗୁଡ଼ିକ ସରଳ ଭାଷାରେ ଲିଖିତ ହୋଇଥିବାରୁ ହୃଦ୍ୟ ହୋଇଛି ।

ଏଥିରେ ଦେବଶର୍ମାଙ୍କ ମୋକ୍ଷ (୧ମ), ସତ୍ୟଭାମାଙ୍କ ପୂର୍ବଜନ୍ମ (୨ୟ), ଶଙ୍ଖାସୁର ବେଦ ହରଣ (୩ୟ), ଶଙ୍ଖାସୁର ବଧ (୪ର୍ଥ),

କାର୍ତ୍ତିକବ୍ରତ ସଂକଳ୍ପ (୫ମ), କାର୍ତ୍ତିକ ଉଦ୍ୟାପନ ଧର୍ମ (୬ଷ୍ଠ), ଜଳନ୍ଧର ଉତ୍ପତ୍ତି (୭ମ), ଦେବଲୋକ ଗୋପନ (୮ମ), ବିଷ୍ଣୁ ଜଳନ୍ଧର ସଂଗ୍ରାମ (୯ମ), ରାହୁ ପ୍ରବେଶେ କୀର୍ତ୍ତିମୁଖ ମହିମା (୧୦ମ), ଜଳନ୍ଧର ସଂଗ୍ରାମ (୧୧ଶ), ଜଳନ୍ଧର ମାୟାବିଧାନ (୧୨ଶ), ବିଷ୍ଣୁଙ୍କ ବୃନ୍ଦାବତୀ ହରଣ (୧୩ଶ), ଜଳନ୍ଧର ବଧ (୧୪ଶ), ତୁଳସୀ ମହିମା (୧୫ଶ), କଳହାଗତ ଜନ୍ମ (୧୬ଶ), ବିଷ୍ଣୁଦୂତ-ଧର୍ମଦୂତ ସମ୍ବାଦ (୧୭ଶ), ଶୈଳରାଜ ବିଷ୍ଣୁଦାସ ସମ୍ବାଦ (୧୮ଶ), ଅତଶୀଳ ସୁଶୀଳଚରିତ (୧୯ଶ), ଜୟ ବିଜୟ କଥନ (୨୦ଶ), କୃଷ୍ଣବେଣୀ ଚରିତ (୨୧ଶ), ସଙ୍ଗଗୁଣେ କର୍ମ (୨୨ଶ), ଧନେଶ୍ୱର ବିପ୍ରଚରିତ (୨୩ଶ), ଧନେଶ୍ୱର ବିପ୍ର ନର୍କ ନିସ୍ତାରଣ (୨୪ଶ), ଧନେଶ୍ୱର ବିପ୍ର ମୋକ୍ଷଣ (୨୫ଶ), କାର୍ତ୍ତିକ ବିହିତ କର୍ମ (୬ଶ), ନିସ୍ତୋଦେବ ସ୍ଥାବର କଥନ ('୭ଶ); ତ୍ରିଦେବ ସ୍ଥାବର ଚରିତ (୨୮ଶ), ବଧ ପିପ୍‌ପଳ ମହିମା (୨୯ଶ), ବିଷ୍ଣୁଙ୍କ ଉଦ୍ଦାଳକ ଆଶ୍ରମ ପ୍ରବେଶ (୩୦ଶ), ଅଲକ୍ଷ୍ମୀ ବନ ନିବାସ (୩୧ଶ), ଅଲକ୍ଷ୍ମୀ ସ୍ଥାନ ନିରୂପଣ, ଦ୍ରବ୍ୟଗୁଣ ଦୋଷ ବର୍ଣ୍ଣନା (୩୨ଶ) ।

ମହାଦେବ ଅତି ସରଳ ଓ ହୃଦ୍ୟ ଭାଷାରେ ସହଜବୃତ୍ତରେ ଗ୍ରନ୍ଥଟି ଲେଖିଥିବାରୁ ଆବାଳବୃଦ୍ଧବନିତା ଏହାକୁ ପାଠକରି ଧର୍ମାର୍ଜ୍ଜନର ଆନନ୍ଦ ଲାଭ କରିଥାଆନ୍ତି ଏବଂ ବହୁ ହିତବାଣୀ-ପଦ ମୁଖସ୍ଥ କରିଥାଆନ୍ତି ।

ମାର୍କଣ୍ଡେୟ ପୁରାଣ—ମହାଦେବ ଦାସ ମାର୍କଣ୍ଡେୟ ପୁରାଣଟି ଚତୁର୍ଦ୍ଦଶାକ୍ଷରୀ ବୃତ୍ତରେ ସରଳ ସାଧୁଭାଷାରେ ରଚନା କରିଛନ୍ତି । ଏହି ପୁରାଣଟି ସଂସ୍କୃତ ପୁରାଣର ଅନୁବାଦ ନୁହେଁ । ଏହି ସବୁ ଚରିତ ଓ ପ୍ରସଙ୍ଗ ଏ ପୁରାଣରେ ବର୍ଣ୍ଣିତ ହୋଇଛି । ସୁରଥ ରାଜା ଚରିତ, ଜୟଦ୍ରଥ ଜନ୍ମ ଓ ପିତୃବଧ ମନ୍ତ୍ରଣା, ସୁରଥ ରାଜାଙ୍କ ବନଗମନ, ସିଦ୍ଧେଶ୍ୱରୀ ଦେବୀଙ୍କ ସହ ସାକ୍ଷାତ, ମାର୍କଣ୍ଡ ଋଷିଙ୍କ ସହ ସୁରଥଙ୍କ ସାକ୍ଷାତ, ସୁରଥଙ୍କ ପୂର୍ବଜନ୍ମ ବୃତ୍ତାନ୍ତ, ଜୟଦ୍ରଥଙ୍କ ରାଜ୍ୟାଭିଷେକ, ରାଣୀ ଜୟନ୍ତୀଙ୍କ ପ୍ରାଣତ୍ୟାଗ, ସୁରଥଙ୍କ ତପସ୍ୟା ଓ ଜୟଦ୍ରଥର ବିନାଶ, ଯମ ଓ ଯମପୁର ବର୍ଣ୍ଣନା, ଇକ୍ଷୁ ସମୁଦ୍ର, କୁଶ, କରଞ୍ଜ, ଶାକଳ୍ୟ, ଶାଲ୍ମଳୀ ପ୍ରଭୃତି ସପ୍ତସମୁଦ୍ର ଓ ସପ୍ତଦ୍ୱୀପ, ଅଷ୍ଟକୁଳାଚଳର

ବର୍ଣ୍ଣନା, କାଳାନ୍ତକ ବଟ, ଯମପୁରରେ ଯମଦଣ୍ଡ, ସୁଖଦୁଃଖର କାରଣ, ଯମରାଜା ଓ ମାର୍କଣ୍ଡେୟଙ୍କ ଭେଟ । ମୁକ୍ତିବିଗ୍ରହ, କର୍ମବିପାକ, ଗଣେଶଙ୍କ ମୂଷିକବାହନ ହେବା କାରଣ ।

ଦେବୀପୁରାଣ ମାହାତ୍ମ୍ୟ । ପ୍ରଳୟ, ସୃଷ୍ଟି ପ୍ରକ୍ରିୟା । ବ୍ରହ୍ମା, ବିଷ୍ଣୁ ଓ ମହେଶ୍ବରଙ୍କ ଜନ୍ମ, ମଧୁକୈଟଭ ଅସୁର ବଧ, ମେଦିନୀ ନିର୍ମାଣ, ଅକ୍ଷୟ ଶିଳା ପ୍ରସଙ୍ଗ ।

ଦକ୍ଷପ୍ରଜାପତି, ନାରଦ, କାମଦେବ, ପାର୍ବତୀ, ସରସ୍ୱତୀ, ସାବିତ୍ରୀ, ଚତୁର୍ମୁଖ ବ୍ରହ୍ମା । ମାର୍କଣ୍ଡେୟଙ୍କ ଜନ୍ମ ଓ ପାର୍ବତୀ, ସରସ୍ୱତୀ, ସାବିତ୍ରୀଙ୍କ ବିବାହ; ବିଷ୍ଣୁ ମାହାତ୍ମ୍ୟ, ପିଣ୍ଡବ୍ରହ୍ମାଣ୍ଡ, ଜୀବସୃଷ୍ଟି, ଜଳନ୍ଧର ଦୈତ୍ୟ ବଧ, ଦକ୍ଷଯଜ୍ଞ ଚରିତ, ଯଜ୍ଞକୁ ପାର୍ବତୀଙ୍କ ଅନିମନ୍ତ୍ରିତ ଭାବେ ଆଗମନ, ଯଜ୍ଞକୁଣ୍ଡରେ ପାର୍ବତୀଙ୍କ ପ୍ରବେଶ ଓ ନିଧନ, ଶିବଙ୍କ କୋପ, ଦକ୍ଷଯଜ୍ଞ ଭଙ୍ଗ, ଶିବଙ୍କ ତପସ୍ୟା, ନାରଦଙ୍କ ଶାପମୋଚନ ।

ଜଗନ୍ନାଥଙ୍କ ଆଜ୍ଞାରେ କବି ଏ ପୁରାଣ ଲେଖିଥିବା ଗ୍ରନ୍ଥାଦ୍ୟରେ ବ୍ୟକ୍ତ କରିଛନ୍ତି । କବି ନୀଳାଚଳାଧିପତି ଜଗନ୍ନାଥଙ୍କୁ ସେବା କରିବାରୁ ସରସ୍ୱତୀ ତାଙ୍କ ପ୍ରତି ଦୟା କଲେ, ଫଳରେ ତାଙ୍କ ହୃଦୟରେ ପବିତ୍ର ପୁରାଣ ପ୍ରସରିଲା ।

ଜଗନ୍ନାଥ ସ୍ୱାମୀ ନୀଳକନ୍ଦର ନିବାସ,
ତାହାଙ୍କୁ ସେବିଲି ମୁହିଁ ମହାଦେବ ଦାସ ।
ତେଣୁ ସରସ୍ୱତୀ ଦେବୀ ଦୟାକଲେ ମୋତେ,
ପବିତ୍ର ପୁରାଣ ମୋର ପ୍ରସରିଲା ଚିତ୍ତେ ।
ଜଗନ୍ନାଥଙ୍କ ଆଜ୍ଞାରେ କହିବି ଯା ମୁହିଁ, × ×

ଦୈତ୍ୟକୁଳ ସଂହାର କରି ପୃଥ୍ୱୀର ଭାର ନାଶ କରିବା ନିମନ୍ତେ ଦୁର୍ଗାଦେବୀ ମର୍ତ୍ତ୍ୟରେ ଜନ୍ମଗ୍ରହଣ କରିଥିଲେ ।

ଦାନବ ବିନାଶ କଲେ ମୂର୍ତ୍ତିମନ୍ତ ହୋଇ,
ଖଣ୍ଡିଲେ ପୃଥ୍ୱୀର ଭାର ଦେବଙ୍କୁ ନସ୍ତାଇ,
ପୁନରପି ବିଜେ କଲେ ବୈକୁଣ୍ଠ ପୁରୀ ।

ମହର୍ଷି ମାର୍କଣ୍ଡ ଦୁର୍ଗାଙ୍କ ଦୈତ୍ୟସଂହାର ଚରିତକୁ ପୁରାଣ ଆକାରରେ ରଚନା କଲେ । ମାର୍କଣ୍ଡ ଋଷି ରଚିତ ଏହି ପୁରାଣର ନାମ ମାର୍କଣ୍ଡେୟ ପୁରାଣ । ଚଣ୍ଡୀପୁରାଣର ବିଷୟବସ୍ତୁ ଏଥିରେ ସନ୍ନିବେଶିତ ହୋଇଥିବାରୁ କବି ମହାଦେବ ଏହା 'ଚଣ୍ଡୀପୁରାଣ'ର ଚରିତ ବୋଲି ମଧ୍ୟ କହିଛନ୍ତି । ଦୁର୍ଗାଙ୍କ ମହିମାକୁ ଗୀତରେ କବି ମହାଦେବ ବିଖ୍ୟାତ କରିଛନ୍ତି ।

ଗୋମାତା କପିଳାଙ୍କ ନନ୍ଦିନୀ ଶିବଙ୍କ କୁଶ ଖାଇଯିବାରୁ ବିଶ୍ୱାବସୁ ଗନ୍ଧର୍ବ ଶିବଙ୍କୁ ଏ ସମ୍ବାଦ ଦେଲେ । ଶିବ କ୍ରୋଧରେ ନନ୍ଦିନୀକୁ ହତ୍ୟାକଲେ । କପିଳା ବିଶ୍ୱାବସୁଙ୍କ ପ୍ରତି କ୍ରୋଧ ପ୍ରକାଶ କଲେ ଏବଂ ଶାପ ଦେଲେ । ଏହି ଶାପ ଫଳରେ ଦ୍ୱାପର ପରେ ବିଶ୍ୱାବସୁ ମର୍ତ୍ତ୍ୟରେ ବୈଶ୍ୟ ରାଜା ସୁରଥରୂପେ ଜନ୍ମଗ୍ରହଣ କଲେ । ସୁରଥ ଚକ୍ରବର୍ତ୍ତୀ ହେଲେ । ବୃଦ୍ଧ ବୟସରେ ତାଙ୍କର ଜୟଦ୍ରଥ ନାମରେ ଏକ ପୁତ୍ର ଜନ୍ମ ହେଲା । ସେ ପୁତ୍ର ବଡ଼ ଦୁଷ୍ଟ ସ୍ୱଭାବର । ସେ ପିତାଙ୍କୁ ଘଉଡ଼ାଇ ଦେଇ ନିଜେ ରାଜ୍ୟରେ ରାଜା ହେଲା । ସୁରଥ ବନକୁ ପଳାୟନ କଲେ । ବନରେ ସିଦ୍ଧେଶ୍ୱରୀ ଠାକୁରାଣୀଙ୍କୁ ସେବା କରିବାରୁ ଦେବୀ ପ୍ରସନ୍ନ ହେଲେ ଏବଂ ମାର୍କଣ୍ଡ ଋଷିଙ୍କୁ ତାମ୍ରଗିରିରେ ଦର୍ଶନ କରିବା ପାଇଁ କହିଲେ । ସୁରଥ ଋଷିଙ୍କୁ ଦେଖା କଲେ । ଋଷି ରାଜା ସୁରଥଙ୍କୁ ତାଙ୍କ ପୂର୍ବଜନ୍ମ ବୃତ୍ତାନ୍ତ କହିଲେ । ସ୍ୱପୂର୍ବଜନ୍ମ ବୃତ୍ତାନ୍ତ ଋଷି ମାର୍କଣ୍ଡଙ୍କ ମୁଖରୁ ଶୁଣିବାରୁ ସୁରଥଙ୍କ ଗୋହତ୍ୟା ପାପ ମୋଚନ ହେଲା । ସେ ସ୍ୱର୍ଗକୁ ପ୍ରତ୍ୟାବର୍ତ୍ତନ କଲେ ।

ବକ୍ତା ଋଷି ମାର୍କଣ୍ଡଙ୍କ ନାମାନୁସାରେ ଏହି ପୁରାଣର ନାମ ମାର୍କଣ୍ଡେୟ ପୁରାଣ ହୋଇଛି । ମାର୍କଣ୍ଡ ଋଷି ବକ୍ତା ଏବଂ ସୁରଥ ଶ୍ରୋତା ।

ଶ୍ରୀ ନୀଳଗିରି ନିବାସୀ ଜଗନ୍ନାଥଙ୍କୁ ଦର୍ଶନ କରିବାରୁ ସୁରଥଙ୍କ ଗୋହତ୍ୟା ପାପ ଦୂର ହୋଇଥିବା କଥା ମଧ୍ୟ କବି କହିଛନ୍ତି । ଏହାଦ୍ୱାରା

ନୀଳଗିରି ଓ ଜଗନ୍ନାଥଙ୍କ ମାହାତ୍ମ୍ୟ ବୃଦ୍ଧି ପାଇଛି । କବିଙ୍କ ସ୍ୱଦେଶପ୍ରେମିକତାର ଏହା ଏକ ପ୍ରମାଣ ।

ନୀଳାଦ୍ରି ମହୋଦୟ—ସଂସ୍କୃତ ଭାଷାରେ ଲିଖିତ ପ୍ରସିଦ୍ଧ ମାହାତ୍ମ୍ୟ ଗ୍ରନ୍ଥ 'ନୀଳାଦ୍ରି ମହୋଦୟ' ନୀଳାଚଳ ଓ ଜଗନ୍ନାଥଙ୍କ ଚରିତ, ବିଧିବିଧାନାଦି ସମ୍ବନ୍ଧରେ ଏକ ପ୍ରାମାଣିକ ଗ୍ରନ୍ଥରୂପେ ଶ୍ରୀ ଜଗନ୍ନାଥ ମନ୍ଦିରରେ ଗୃହୀତ ହୋଇ ଆସୁଅଛି । କବି ଏହି ଗ୍ରନ୍ଥର ଆକ୍ଷରିକ ଅନୁବାଦ କରି ନଥିଲେ ମଧ୍ୟ ବହୁ ବିଷୟବସ୍ତୁ ଗ୍ରହଣ କରିଛନ୍ତି । ସ୍କନ୍ଦ ପୁରାଣାନ୍ତର୍ଗତ ଉତ୍କଳଖଣ୍ଡର ନୀଳାଦ୍ରି ମାହାତ୍ମ୍ୟ ବା ପୁରୁଷୋତ୍ତମ ମହାତ୍ମ୍ୟର ପ୍ରଭାବ ମଧ୍ୟ ଏଥିରେ ପଡ଼ିଛି । କବି ସରଳ ନବାକ୍ଷରୀ ପଦ୍ୟରେ ଗ୍ରନ୍ଥଟି ରଚନା କରିଛନ୍ତି । ଜଗନ୍ନାଥଙ୍କ ମାହାତ୍ମ୍ୟର ପ୍ରଚାର ଓ ଓଡ଼ିଶାର ଧାର୍ମିକ-ଗୌରବ ବୃଦ୍ଧିରେ ଏହି ଗ୍ରନ୍ଥଟିର ଦାନ ରହିଛି । କବି ଅତି ସରଳ ଭାଷାରେ ଗ୍ରନ୍ଥଟି ଲେଖିଥିବାରୁ ଭକ୍ତ ଓ ଅନୁସନ୍ଧିତ୍ସୁମାନଙ୍କ ପକ୍ଷରେ ଜଗନ୍ନାଥ ମାହାତ୍ମ୍ୟ ଓ ଚରିତ ବୁଝିବା ଦିଗରେ ଏହା ବିଶେଷ ସାହାଯ୍ୟ କରିଛି ଓ ଉତ୍ସାହ ମଧ୍ୟ ବୃଦ୍ଧି କରିଛି ।

ଜଗନ୍ନାଥ-ସାହିତ୍ୟରେ ନୀଳାଦ୍ରି ମହୋଦୟର ସ୍ଥାନ ଅତି ଅଛି । ଶାସ୍ତ୍ରୋକ୍ତ ପ୍ରମାଣ ଏଥିରେ ନିହିତ ଥିବାରୁ ଭକ୍ତ ଓ ଅନୁସନ୍ଧିତ୍ସୁମାନଙ୍କ ପକ୍ଷେ ଏହା ଅତି ଆଦରଣୀୟ ଗ୍ରନ୍ଥ ହୋଇଥିବା ସ୍ୱାଭାବିକ ।

ଭାଗବତ ୧୨ଶ ଓ ୧୩ଶ ସ୍କନ୍ଧ ରଚନା—ଜଗନ୍ନାଥ ଦାସ ଭାଗବତର ଏକାଦଶ ସ୍କନ୍ଧ ପର୍ଯ୍ୟନ୍ତ ମୋଟରେ ୩୨୯ ଅଧ୍ୟାୟ ଲେଖିଥିଲେ । ସେ ସମଗ୍ର ଭାଗବତ ଶେଷ କରି ପାରିନଥିଲେ । ଜଗନ୍ନାଥ ଦାସଙ୍କ ଭାଗବତର ବହୁଳ ଆଦର ଓ ପ୍ରଭାବ ଦେଖି ପୁରାଣ ଲେଖକ ବୈଷ୍ଣବ କବି ମହାଦେବ ଦାସ ଏହି ଗ୍ରନ୍ଥଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ଦ୍ୱାଦଶ ସ୍କନ୍ଧ ଓ ତ୍ରୟୋଦଶ ସ୍କନ୍ଧ ନବାକ୍ଷରୀ ବୃତ୍ତରେ ରଚନା କରିଥିଲେ ଏବଂ ଜଗନ୍ନାଥ ଦାସ 'ମହନ୍ତ ମହାଜନ' ଥିବାରୁ ଭଣିତାରେ ଜଗନ୍ନାଥ ଦାସ ନାମ ହିଁ ରଖିଥିଲେ । କବି କହିଛନ୍ତି—

ଜଗନ୍ନାଥ ଦାସଙ୍କ ଗୀତ, ନାମ ତା ଶିଶୁ ଭାଗବତ ।
ଦନଶତ ଊନତରଶ, ଏକାଦଶ ଯାଏ ପ୍ରକାଶ ।

ଅଧ୍ୟା ନାମେଣ ସେ ବିଶେଷ, ଶ୍ରୀ ଭାଗବତ ଗୀତ ରସ ।
ଗାଇଲେ ଶୁଣିଲେ ଶ୍ରବଣେ, ମୁକ୍ତ ଲଭନ୍ତି ତତକ୍ଷଣେ ।

ଯେବେ ସେ ସେ ପାଦ ପାଇବ, ତେବେ ସେ ଆନନ୍ଦ ହୋଇବ ।
ଏଣୁ ଚଉ ବୋଧିବା ଅର୍ଥେ, ଦ୍ୱାଦଶ ସ୍କନ୍ଧ ଗ୍ରନ୍ଥ ପଥେ ।

ବିପ୍ରଙ୍କଠାରୁ ଶୁଣି ମନେ, ଚରିତ୍ରେ କରିଲି ଲେଖନେ ।
ଏଣୁ ସେ ଗୀତରେ ବିଶୁଦ୍ଧ, ଜଗନ୍ନାଥ ନାମରେ ପ୍ରସିଦ୍ଧ ।

ତେଣୁ ତାଙ୍କ ନାମ ବଖାଣ, ସେ ଯେ ମହନ୍ତ ମହାଜନ ।
ସେ ବିପ୍ର ଜାଣି କୃଷ୍ଣରସ, ପୂର୍ଣ୍ଣ ରସରେ ପ୍ରକାଶ ।

ଜଗତ ଉଦ୍ଧାର ନିମନ୍ତେ, ରଚିଲେ ଶିଶୁ ଭାଗବତେ ।
ତେଣୁ ତାଙ୍କ ଚରଣେ ମନ, ଶରଣ ମହାଦେବ ହୀନ ।

(୧୨ଶ ସ୍କନ୍ଧ : ୧୬ଶ ଅଧ୍ୟାୟ)

ମହାଦେବ ଦାସ ଜଗନ୍ନାଥ ଦାସଙ୍କ ଭାଷା ଓ ଭାବକୁ ଛଡ଼ାଇ ନେଇଛନ୍ତି କହିଲେ ଚଳେ । ଉଭୟଙ୍କ ଭାଷା ଶୈଳୀ ଭିତରେ ପାର୍ଥକ୍ୟ ଥିବା ଜଣା ପଡ଼ୁନାହିଁ । ସାଧାରଣରେ ଲୋକେ ମହାଦେବ ଦାସ ଅନୁବାଦିତ ଦ୍ୱାଦଶ ଓ ତ୍ରୟୋଦଶ ସ୍କନ୍ଧକୁ ମଧ୍ୟ ଜଗନ୍ନାଥ ଦାସଙ୍କ ରଚନା ସ୍ୱରୂପ ଗ୍ରହଣ କରିଛନ୍ତି । ଏହା କବିଙ୍କ କୃତିତ୍ୱର ଏକ ଜ୍ୱଳନ୍ତ ଉଦାହରଣ ।

ଜଗନ୍ନାଥ ଦାସଙ୍କ ଅମୂଲ୍ୟ ଅସମ୍ପୂର୍ଣ୍ଣ କୃତିକୁ ମହାଦେବ ସମ୍ପୂର୍ଣ୍ଣ କରି ଓଡ଼ିଆ ସାହିତ୍ୟ ଓ ଓଡ଼ିଶାର ଧାର୍ମିକ ଓ ସାମାଜିକ ଜୀବନର ସମୃଦ୍ଧି ସାଧନ କରିଛନ୍ତି; ଅକ୍ଷୟ କୀର୍ତ୍ତି ରଖି ଯାଇଛନ୍ତି ।

ରାମ ଦାଶ

'ଦାର୍ଢ୍ୟତାଭକ୍ତି' ବା 'ଦାର୍ଢ୍ୟତାଭକ୍ତି ରସାମୃତ' ନାମକ ବିଖ୍ୟାତ ଭକ୍ତଜୀବନୀ ଗ୍ରନ୍ଥର ପ୍ରଣେତା ରାମ-ଦାଶ ଅଷ୍ଟାଦଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଜନ୍ମଗ୍ରହଣ କରିଥିଲେ ଏବଂ ଦ୍ୱିତୀୟାର୍ଦ୍ଧରେ ଗ୍ରନ୍ଥଟି ରଚନା କରିଥିଲେ । ଜୀବନୀ ଗ୍ରନ୍ଥ ହିସାବରେ ଦାର୍ଢ୍ୟତାଭକ୍ତି ରସାମୃତ ଓଡ଼ିଶାରେ ବିଶିଷ୍ଟ ସ୍ଥାନ ଅଧିକାର କରିଛି । ରାମ ଦାଶ ପ୍ରାୟ ପଞ୍ଚାଶ ଜଣ ଭକ୍ତଙ୍କ ଜୀବନର ବିଶିଷ୍ଟ ଘଟଣା ଏଥିରେ ବର୍ଣ୍ଣନା କରିଛନ୍ତି; ଭକ୍ତ ଜୀବନରେ ଭଗବାନଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରଭାବ ଦର୍ଶାଇବା ଏହି ଜୀବନୀମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ । ଦୃଢ଼ଭକ୍ତି ଭଗବାନଙ୍କୁ ବଶ କରାଏ; ଭକ୍ତ ଭଗବାନଙ୍କ ଠାରେ ଭରସା ରଖି ମହାବିପଦର ସମ୍ମୁଖୀନ ହୋଇ ସେଥିରୁ ଉଦ୍ଧାର ଲାଭ କରିଥିବା ବିଷୟ କବି ବର୍ଣ୍ଣନା କରିଛନ୍ତି ।

'ଦାର୍ଢ୍ୟତାଭକ୍ତି ରସାମୃତ'ରେ ରାମ ଦାଶ ବହୁ ଐତିହାସିକ ଭକ୍ତ ଓ ଶାସକଙ୍କ ବିଷୟ ଲିପିବଦ୍ଧ କରିଛନ୍ତି । ଐତିହାସିକ ଯୁଗର କେତେକ ଭକ୍ତ, କବି, ରାଜା ଓ ମନ୍ତ୍ରୀ ପ୍ରଭୃତିଙ୍କ ସମ୍ବନ୍ଧରେ କେତେକ ବିଶିଷ୍ଟ ତଥ୍ୟ କବି ପରିବେଷଣ କରି ଜାତୀୟ ଇତିହାସ କ୍ଷେତ୍ରକୁ ଅମର ଦାନ କରି ଯାଇଛନ୍ତି ।

ରାମ ଦାଶଙ୍କ ପୂର୍ବରୁ ପୁରାଣମାନଙ୍କରେ ପୌରାଣିକ ଯୁଗର ବହୁ ଭକ୍ତଙ୍କ ଚରିତ ଦେଖାଯାଏ । ଓଡ଼ିଆ ଭାଷାରେ ପଞ୍ଚସଖାଙ୍କ ସାହିତ୍ୟ, ଦିବାକର ଦାଶଙ୍କ ଜଗନ୍ନାଥ ଚରିତାମୃତ, ଈଶ୍ୱର ଦାସଙ୍କ ଚୈତନ୍ୟ ଭାଗବତ ପ୍ରଭୃତି 'ଜୀବନୀ' ନାମନ୍ତେ ପ୍ରସିଦ୍ଧ । ଏକ ଗ୍ରନ୍ଥରେ ପଞ୍ଚାଶ ଭକ୍ତଙ୍କ ଜୀବନୀ ସ୍ଥାନ ପାଇଥିବା କ୍ୱଚିତ୍ ଦେଖାଯାଏ । ଏ କ୍ଷେତ୍ରରେ ରାମ ଦାଶ ଅଭିନବ ଆଦର୍ଶ ସୃଷ୍ଟି କରି ଯାଇଛନ୍ତି ।

ଭକ୍ତ ଜୀବନୀରେ ଓଡ଼ିଶାର ଐତିହାସିକ ଯୁଗର ବହୁ ଭକ୍ତଙ୍କ ଜୀବନୀ ସ୍ଥାନ ପାଇଛି । ଏଥି ଭିତରେ ବହୁ କବି-ଭକ୍ତ ଅଛନ୍ତି । ବଳରାମ ଦାସ,

ଜଗନ୍ନାଥ ଦାସ, କୃଷ୍ଣ ଦାସ, ସାଲବେଗ, ଜୟଦେବଙ୍କ ଜୀବନୀ ଏଥିରେ ଅଛୁ ।

ପ୍ରାଚୀନ କାଳର ଭକ୍ତ; ଯଥା—ବଳିରାଜା, ହରିଶ୍ଚନ୍ଦ୍ର ରାଜା, କର୍ଣ୍ଣ ରାଜାଂକ ଚରିତ ଏଥିରେ ଅଛି ।

ଓଡ଼ିଶା ବାହାରେ ଭାରତର ବହୁ ବିଶିଷ୍ଟ ଭକ୍ତଙ୍କ ଜୀବନୀ; ଯଥା— ମାଧବାଚାର୍ଯ୍ୟ, କବୀର, ଅଙ୍ଗନା ମାଧାନା, ଗଣପତିଭଟ୍ଟ, ତୁଳସୀ ଦାସ, ରାମଦାସ, ମିରା ବାଈ ପ୍ରଭୃତିଙ୍କ ଜୀବନୀ କବି ଦେଇଛନ୍ତି ।

ଏହି ଜୀବନୀ ଭିତରେ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ଓ ଶ୍ରୀଜଗନ୍ନାଥଙ୍କ ସହିତ ସମ୍ପର୍କ ଥିବା ପ୍ରସଙ୍ଗ ମଧ୍ୟ ଅଛି ।

କବି ରାଜା କପିଳେନ୍ଦ୍ର ଦେବ, ପୁରୁଷୋତ୍ତମ ଦେବ, ପ୍ରତାପରୁଦ୍ର ଦେବ ପ୍ରଭୃତି କେତେଜଣ ଐତିହାସିକ ରାଜାଙ୍କର ଜୀବନର କେତେକ ଦିଗ ଚିତ୍ରଣ କରିଛନ୍ତି । ରାଜା ଭକ୍ତଙ୍କୁ ପ୍ରଥମେ ଚିହ୍ନି ନପାରି ତାଙ୍କ ପ୍ରତି ଅନୁଚିତ ବ୍ୟବହାର କରିବା ଓ ଦଣ୍ଡ ଦେବା, ଭକ୍ତଙ୍କୁ ଭଗବାନ ସହାୟ ହୋଇ ବିପଦରୁ ଉଦ୍ଧାର କରିବା, ରାଜା ଅନୁତାପ କରି ଭକ୍ତଙ୍କୁ ବହୁ ମାନ୍ୟ କରିବା କେତେକ ଭକ୍ତ-ଜୀବନୀର ମୁଖ୍ୟ ରୂପରେଖ । ଭକ୍ତର ଦୃଢ଼ଭକ୍ତି ପରୀକ୍ଷା ଓ ଭଗବାନଙ୍କ ସହାୟତାରେ ଭକ୍ତର ଉତ୍ତୀର୍ଣ୍ଣ ବିଷୟ କବି ଉତ୍ତମ ଭାବରେ ଅତି ସରଳ ସୁବୋଧ ଭାଷା ବ୍ୟବହାର କରି ବୁଝାଇଛନ୍ତି ଏବଂ ପାଠକ ମନରେ ପ୍ରଭାବ ପକାଇବାରେ ସମର୍ଥ ହୋଇ ପାରିଛନ୍ତି । ଏଥିରେ ଧର୍ମତତ୍ତ୍ୱର ସୂକ୍ଷ୍ମ ବିଚାର ସ୍ଥାନ ପାଇନାହିଁ ।

କବି କିମ୍ବଦନ୍ତୀ ଉପରେ ନିର୍ଭର କରି ଓଡ଼ିଶା ଓ ଓଡ଼ିଶା ବାହାରର ବହୁ ଭକ୍ତଙ୍କ ଜୀବନୀ ଲିପିବଦ୍ଧ କରିଛନ୍ତି । ଭକ୍ତଙ୍କ ପ୍ରତି ଅତ୍ୟାଚାରର ମାତ୍ରା ଅତ୍ୟଧିକ ଥିବା ଦର୍ଶାଇ ତାଙ୍କର ମନୋବଳ ଓ ଭକ୍ତି ସେହି ଅନୁପାତରେ ଦୃଢ଼ ଥିବା ଚିତ୍ରଣ କରିବା ଉଦ୍ଦେଶ୍ୟରେ କବି ଶାସକମାନଙ୍କ ନିଷ୍ଠୁରତା ଓ ମୂର୍ଖତା ମଧ୍ୟ ଚିତ୍ରଣ କରିଛନ୍ତି । କିନ୍ତୁ ଏହା ସବୁ ଇତିହାସ ସମର୍ଥିତ ବୋଲି

କୁହାଯାଇ ପାରିବ ନାହିଁ । ଏଥିରେ କବି ଅପେକ୍ଷା କିମ୍ବଦନ୍ତୀ ବିଶେଷ ପରିମାଣରେ ଦାୟୀ । ମହାରାଜା ପୁରୁଷୋତ୍ତମ ଦେବ ପ୍ରତାପରୁଦ୍ରଙ୍କ ସମ୍ବନ୍ଧରେ କବି ଜୀବନୀମାନଙ୍କ ଭିତରେ ଯେଉଁସବୁ ତଥ୍ୟ ପରିବେଷଣ କରିଛନ୍ତି ସେ ସବୁ କିମ୍ବଦନ୍ତୀଦ୍ୱାରା ସମର୍ଥିତ ହେଲେ ମଧ୍ୟ ଇତିହାସ ଦ୍ୱାରା ସମର୍ଥିତ ନୁହେଁ ।

ପୁରୁଷୋତ୍ତମ ଦେବ କପିଳେନ୍ଦ୍ରଙ୍କ 'ଅନ୍ତିର ପୁଅ'—ଏହି କିମ୍ବଦନ୍ତୀ ଥିଲେ ମଧ୍ୟ ଇତିହାସର ସମର୍ଥନ ମିଳୁନାହିଁ । ବଳରାମ ଦାସ ଓ ଜଗନ୍ନାଥ ଦାସଙ୍କ ପ୍ରତି ପ୍ରତାପରୁଦ୍ର କରିଥିବା ଅତ୍ୟାଚାର ତାଙ୍କ ଚରିତ ସମର୍ଥନ କରୁନାହିଁ । ଏଗୁଡ଼ିକ କେବଳ କିମ୍ବଦନ୍ତୀ । ତେବେ, ଭାରତର ବହୁ ଭକ୍ତଙ୍କ ମାହାତ୍ମ୍ୟ ବର୍ଦ୍ଧନ ନିମନ୍ତେ ଏପରି ବହୁ ନିର୍ଦ୍ଦୋଷ ଶାସକ ଘୃଣ୍ୟରୂପେ ଚର୍ଚ୍ଚିତ ହୋଇଥିବା ଜଣାଯାଏ ।

କବି ନବାକ୍ଷରୀ ବୃତ୍ତରେ ଏକ ଏକ ଅଧ୍ୟାୟରେ ଏକ ଏକ ଜୀବନୀ ଦେଇଛନ୍ତି । ଅଳ୍ପ କେତେ ଜଣଙ୍କ ଜୀବନୀ ଦୁଇ ଅଧ୍ୟାୟ ଅଧିକାର କରିଛି ।

କବି ଭକ୍ତ ରାମ ଦାଶଙ୍କ ବାସସ୍ଥାନ ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ବ୍ରହ୍ମପୁର ଓ ଗୋପାଳପୁର ମଧ୍ୟରେ ଥିବା ପ୍ରସିଦ୍ଧ ଡୁରା ଗ୍ରାମ । ପୂର୍ବେ ଏହି ଗ୍ରାମଟି ମହୁରୀ ରାଜ୍ୟର ଅନ୍ତର୍ଭୁକ୍ତ ଥିଲା ।

"ମହୁରୀ ରାଜ୍ୟ ଡୁରା ଗ୍ରାମ । ସେ ଗ୍ରାମେ ଅଟେ ମୋ ବିଶ୍ରାମ ।"

ଏହି ମହୁରୀ ଗ୍ରାମରେ ତାଙ୍କର ବଂଶଧରମାନେ ବର୍ତ୍ତମାନ ସୁଦ୍ଧା ଜୀବିତ ଅଛନ୍ତି । ସ୍ୱର୍ଗତ ଶ୍ୟାମସୁନ୍ଦର ରାଜଗୁରୁ ଏହି ଗ୍ରାମ ଓ ରାମ ଦାଶଙ୍କ ବଂଶଧର-ମାନଙ୍କ ସମ୍ବନ୍ଧରେ କେତେକ ତଥ୍ୟ ପ୍ରକାଶ କରିଛନ୍ତି । "ଡୁରା ଖଣ୍ଡିଏ ପଲ୍ଲୀ ଗ୍ରାମ । ଏଠାରେ ଅନେକ ହଳୁଆ ବ୍ରାହ୍ମଣ ବାସ କରନ୍ତି; ଗୋଟିଏ ଦେବାଳୟ ମଧ୍ୟ ଅଛି । ରାମ ଦାଶ ଏହି ଦେବାଳୟର ଅଧିକାରୀ ଓ ଏହି ବ୍ରାହ୍ମଣମାନଙ୍କର ଗୋସାଇଁ, ଅର୍ଥାତ୍ ଦୀକ୍ଷାଗୁରୁ ଥିଲେ । ଏହି ଜିଲ୍ଲାର ଉତ୍ତର ପ୍ରଦେଶରେ ଅନେକଠାରେ ଦେଖାଯାଏ କି, ଯେଉଁ ଗ୍ରାମରେ ଏକ ଶ୍ରେଣୀର

ବ୍ରାହ୍ମଣମାନେ ବେଶି ସଂଖ୍ୟାରେ ନିବାସ କରନ୍ତି, ସେହିଠାରେ ସେମାନେ ଗୋଟିଏ ଦେବାଳୟ ତୋଳାଇ ସେମାନଙ୍କ ଭିତରୁ ଜଣକୁ ବଛି ତାହାକୁ ସେହି ମଠର ଅଧିକାରୀ କରି ଗୋସ୍ୱାମୀ ଉପାଧି ଦେଇ ତାହାଠାରୁ ମନ୍ତ୍ର ଗ୍ରହଣ କରନ୍ତି । ଏହି ଗୋସ୍ୱାମୀମାନେ ବାନପ୍ରସ୍ଥାଶ୍ରମ ଅବଲମ୍ବନ କରନ୍ତି ନାହିଁ । ଗୃହସ୍ଥାଶ୍ରମରେ ଥାଇ ନିଜ ନିଜର କର୍ତ୍ତବ୍ୟ କର୍ମମାନ ଚଳାଇ ନିଅନ୍ତି । ରାମ ଦାଶ ଏହି ଶ୍ରେଣୀର ଗୋସାଇଁ ଜଣେ । ଏ ଜାତିରେ ହଳୁଆ ବ୍ରାହ୍ମଣ । ବଳରାମ ଗୋତ୍ରୀ ଓ ଯଜୁର୍ବେଦୀ । ଏହାଙ୍କ ପିତାଙ୍କ ନାମ ଲଛମନ ଦାଶ । "ପିତା ମୋ ଲଛମନ ଦାଶ, ମୁହିଁ ଅଟଇ ତାଙ୍କ ଶିଷ୍ୟ । ପୁଅଙ୍କ ନାମ ମଧୁସୂଦନ ଦାଶ । ରାମ ଦାଶଙ୍କ ବଂଶାବଳୀ ଏହିପରି—କୃଷ୍ଣ ଦାଶଙ୍କ ପୁତ୍ର ଲଛମନ, ଏହାଙ୍କ ପୁଅ ରାମ ଦାଶ । ରାମ ଦାଶଙ୍କ ପୁଅ ମଧୁସୂଦନ, ତାଙ୍କ ପୁଅ ଅର୍ତ୍ତି, ତାଙ୍କ ପୁତ୍ର ଶ୍ରୀଧର, ତାଙ୍କ ପୁଅ ପରଶୁରାମ ।"

(ପ୍ରବନ୍ଧାବଳୀ—ପୃ: ୧୧୩-୧୧୪)

ପ୍ରାୟ ଅର୍ଦ୍ଧଶତାବ୍ଦୀ ପୂର୍ବରୁ ଶ୍ୟାମସୁନ୍ଦର ରାଜଗୁରୁ ଏହି ତଥ୍ୟ କବିଙ୍କ ବଂଶଧରମାନଙ୍କଠାରୁ ସଂଗ୍ରହ କରିଥିଲେ ।

କବିଙ୍କ ଗୁରୁଙ୍କ ନାମ ଶ୍ରୀଗଦାଧର ଦାଶ ଥିବା କବି ନିଜେ ବ୍ୟକ୍ତ କରିଛନ୍ତି । ଗଦାଧର ଜଣେ ସଂସ୍କୃତ ପଣ୍ଡିତ ଥିଲେ ଏବଂ ତୁରି ଗ୍ରାମରେ ଏକ ଟୋଲ୍ ସ୍ଥାପନ କରି କେତେକ ଛାତ୍ରଙ୍କୁ ସଂସ୍କୃତ ଶିକ୍ଷା ଦେଉଥିଲେ ।

ରାମ ଦାଶ ମଠ ଅଧିକାର କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ଗ୍ରାମର କାର୍ଯ୍ୟ ବା ସରକାରୀ ଗ୍ରାମ ଗୁମାସ୍ତାକାର୍ଯ୍ୟ କରୁଥିଲେ । କବିଙ୍କ ପିତା ମଧ୍ୟ କାର୍ଯ୍ୟୀ ଥିଲେ । ପରଶୁରାମ ଦାଶ କାର୍ଯ୍ୟୀ ଥିବା ତାଙ୍କର ସମସାମୟିକ ପ୍ରବନ୍ଧାବଳୀ ଲେଖକ ଲେଖିଛନ୍ତି ।

କବି 'ଦାର୍ଢ୍ୟତାଭକ୍ତି ରସାମୃତ'ର ପ୍ରଥମଭାଗକୁ ଖୋର୍ଦ୍ଧା ରାଜା ବୀର-କେଶରୀ ଦେବ (ଖ୍ରୀ: ୧୭୩୬-୧୭୯୩)ଙ୍କ ରାଜତ୍ୱର ବୟାଳିଶ ଅଙ୍କରେ ଅର୍ଥାତ୍

ଖ୍ରୀ: ୧୬୬୦ରେ ସମ୍ପୂର୍ଣ୍ଣ କରିଥିଲେ । ସେଦିନ ତୁଳମାସ ଶୁକ୍ଳ ଏକାଦଶୀ ରବିବାର ହୋଇଥିଲା ।

ଏ ଦାର୍ଢ୍ୟତାଭକ୍ତି କଥାମାନ, ପଚିଶ ଅଧ୍ୟାରେ ସମ୍ପୂର୍ଣ୍ଣ ।
ଶ୍ରୀ ବୀରକେଶରୀ ଦେବଙ୍କ, ସମ୍ପୂର୍ଣ୍ଣ ବୟାଳିଶ ଅଙ୍କ ।
ଯେ ତୁଳା ପଞ୍ଚମୀ ଦିବସେ, ଶୁଦ୍ଧ ଶୁକଳ ହରିବାସେ ।
ଚିତ୍ରା ନକ୍ଷତ୍ର ରବିବାରେ, ତୈତିଲ ନ ମକରଣରେ ।

ଶୁଭେ ନାମରେ ଯେଉଁ ଯୋଗ, ପଞ୍ଚାଶ ଦଣ୍ଡ ଥିଲ ଭୋଗ ।
ଏମନ୍ତ ଶୁଭ ଅନୁକୂଳେ, ପ୍ରାଣିଙ୍କ ଶ୍ରବଣ ମଙ୍ଗଳେ ।
ସମ୍ପୂର୍ଣ୍ଣ ହେଲା ଏ ଚରିତ, କହଇ ଲକ୍ଷ୍ମଣ ସୁତ । (୨୫ଶ ଅଧ୍ୟାୟ)

ଏହି ଗ୍ରନ୍ଥର ଦ୍ୱିତୀୟ ଭାଗ ଖୋର୍ଦ୍ଧା ରାଜା ବୀରକେଶରୀ ଦେବଙ୍କ ପରେ ଦିବ୍ୟସିଂହ ଦେବଙ୍କ ରାଜତ୍ୱର ତେଇଶି ଅଙ୍କରେ ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ଶ୍ରୀ ଶୁକ୍ଳେଶ୍ୱର ମହାଦେବଙ୍କ ପାଶରେ ସମ୍ପୂର୍ଣ୍ଣ ହୋଇଥିଲା ।

ଶ୍ରୀ ଦିବ୍ୟସିଂହ ଦେବଙ୍କର, ସମ୍ପୂର୍ଣ୍ଣ ତେଇଶି ଅଙ୍କର । ×
ମଧୁର ରାଜେ ଡ଼ିଗ ଗ୍ରାମ, ସେ ଗ୍ରାମେ ମୋହର ଆଶ୍ରମ ।
ଶ୍ରୀଗୁରୁ ଗଦାଧର ଦାସ, ସେ ପାଦପଦ୍ମେ ମୋର ଆଶ ।
ପିତା ମୋ ଲକ୍ଷ୍ମଣ ଦାଶ, ମୁହିଁ ଅଟଇ ତାଙ୍କ ଶିଷ୍ୟ ।

ନାହିଁ ମୋହର ବାକ୍ୟବୃତ୍ତି, ଭରସା ଲକ୍ଷ୍ମୀଦେବୀ ପତି । × ×
ପ୍ରଥମ ପ୍ରବନ୍ଧ ପଚିଶ, ଅଧ୍ୟାରେ ହୋଇଥିଲା ଶେଷ ।
ତହୁଁ ବତିଶ ସମ୍ବତ୍ସର, ହରିଗୁରୁ ସାଧୁମାନଙ୍କର ।
କୃପାରୁ ପୂର୍ଣ୍ଣ ପଞ୍ଚବିଂଶ, ଅଧ୍ୟାୟରେ ଦାର୍ଢ୍ୟଭକ୍ତି ରସ ।
ଦୁଇ ପ୍ରବନ୍ଧ ମିଶିବାରେ, ସମ୍ପୂର୍ଣ୍ଣ ପଞ୍ଚାଶ ଅଧ୍ୟାରେ । (୫୦ଶ ଅଧ୍ୟାୟ)

କବି ପ୍ରଥମ ଭାଗ ଶେଷ ହେବାର ବତିଶ ବର୍ଷ ପରେ ଦ୍ୱିତୀୟ ଭାଗକୁ ଶେଷ କଲେ । ବୀରକେଶରୀ ଦେବ ଓ ଦିବ୍ୟସିଂହ ଦେବଙ୍କ ରାଜତ୍ୱର ସମୟ

ବିଭିନ୍ନ ଐତିହାସିକ ବିଭିନ୍ନ ପ୍ରକାର ଦେଇଥିବାରୁ ଅଙ୍କ ଅନୁସାରେ ଗଣିକଲେ ବିଭ୍ରାଟ ଦେଖାଯାଉଛି; ୩୨ ବର୍ଷ ପ୍ରଭେଦ ସ୍ଥଳେ ୨୯ ବର୍ଷ ହେଉଛି । କବିଙ୍କ ଗଣନା ଅଙ୍କରେ ପ୍ରମାଦ ଥିବା ମନେହୁଏ ନାହିଁ । ଐତିହାସିକମାନଙ୍କ ଦ୍ୱାରା ରାଜତ୍ୱ ସମୟର ସମୁଦାୟ ବର୍ଷ ନିର୍ଣ୍ଣୟରେ ପ୍ରମାଦ ଥିବା ଜଣାଯାଏ । କେତେକଙ୍କ ମତରେ ବୀରକେଶରୀ ଦେବ ଖ୍ରୀ: ୧୭୩୬ଠାରୁ ୧୭୮୦ ଓ ଦିବ୍ୟସିଂହ ଦେବ ଖ୍ରୀ: ୧୭୮୦ରୁ ରାଜତ୍ୱ କରୁଥିଲେ । ଦିବ୍ୟସିଂହ ଦେବଙ୍କ ୨୩ ଅଙ୍କ ବା ଖ୍ରୀ: ୧୭୯୯ରେ କବି ଦ୍ୱିତୀୟ ଭାଗ ଶେଷ କରିଥିଲେ ।

ବର୍ତ୍ତମାନ କେତେକ ମୁଦ୍ରିତ ସଂସ୍କରଣରେ ଦ୍ୱିତୀୟ ଭାଗରେ ପଞ୍ଚାବନଟି ଅଧ୍ୟାୟ ଥିବା ଦେଖାଯାଉଛି । ଗରିବ ଦାସ ଚରିତ, ଚନ୍ଦ୍ରଧ୍ୱଜ ଚରିତ, ବଡ଼ ବିପ୍ର ସାନବିପ୍ର ଚରିତ, ବିଲ୍ୱମଙ୍ଗଳ ଚରିତ, ଜୟଦେବ ଚରିତ—ଏପରି ପାଞ୍ଚଟି ଅଧ୍ୟାୟ ଅଧିକ ଅଛି । ଏ ଅଧ୍ୟାୟମାନଙ୍କର ଭଣିତାରେ ବିପ୍ର ରାମ, ବିପ୍ର ରାମ ଦାସ, ରାମ ଦାସ ପ୍ରଭୃତି ଅଛି । ଅନୁମାନ ହେଉଛି, କବି ପଞ୍ଚାଶଟି ଅଧ୍ୟାୟ ଲେଖି ଗ୍ରନ୍ଥ ସମ୍ପୂର୍ଣ୍ଣ କରିବା ପରେ ପୁଣି ଏହି ପାଞ୍ଚଟି ଅଧ୍ୟାୟ ଲେଖି ଯୋଡ଼ିଛନ୍ତି, କିମ୍ବା, ଅନ୍ୟ କେହି ଭକ୍ତ ଏହି ପାଞ୍ଚ ଅଧ୍ୟାୟକୁ ରାମଦାସଙ୍କ ନାମରେ ଭଣିତା କରି ଏଥିରେ ଯୋଡ଼ି ଦେଇଛନ୍ତି । ଭାଷା ଓ ଲେଖାଶୈଳୀରୁ ଏଗୁଡ଼ିକ ପ୍ରକ୍ଷିପ୍ତ ବୋଲି ମନେ ହେବ ନାହିଁ; ତେବେ ନିଶ୍ଚିତ ଭାବରେ ଏହା ତାଙ୍କର ଲେଖା କି ନୁହେଁ କହି ହେଉନାହିଁ ।

ଚୈତନ୍ୟଙ୍କ 'ମନ' ସମ୍ବୋଧନରେ ଏହି ଭକ୍ତଚରିତ ଅଧ୍ୟାୟଗୁଡ଼ିକ ରଚିତ ହୋଇଛି ।

ମନ ଚୈତନ୍ୟଙ୍କୁ ପ୍ରଶ୍ନ କରୁଛନ୍ତି—

କେଉଁ କର୍ମ କଲେ ପ୍ରାଣୀ, ଯାତନା ନ ବାଧିବ ପୁଣି ।
ଗୋବିନ୍ଦେ ଭକତି ଲଭିବେ, ଜନ୍ମ ମରଣ ପାଶୋରିବେ ।

ଚୈତନ୍ୟ କହୁଛନ୍ତି—

ବ୍ରତ ତୀର୍ଥାଦି କର୍ମ ଯେତେ, ଯଜ୍ଞାଦି ତପସ୍ୟା ସହିତେ ।
ସକଳ କର୍ମ ମଧ୍ୟେ ସାର, କେବଳ ନାମ ଭଜିବାର । × ×

ଏ ବେନି କଥା ମଧ୍ୟେ ସାର, ଦୃଢ଼ତା ମୂଳଟି ଜୀବର ।
ଦୃଢ଼ ନଥାଇ କର୍ମ ଯେତେ, ଫଳ ନ ଫଳେ କଦାଚିତେ ।

ଏହା ଶୁଣି ମନ ପଚାରୁଛନ୍ତି—

ଏ ମୃତ୍ୟୁପୁରେ ଦେହଧରି, କେ ଅବା ଦୃଢ଼ ପଣ କରି ।
ତରିଣ ଯାଇଛନ୍ତି କହ, ଶୁଣି ତା ଫିଟ ମୋ ସନ୍ଦେହ । (୧ମ ଅ:)

ସତ୍ୟ, ତ୍ରେତା, ଦ୍ୱାପର, କଳିରେ ଯେତିକି ଯେତେ ଭକ୍ତ ତରି ଅଛନ୍ତି ସେମାନଙ୍କ ଭିତରୁ ଜଣ ଜଣ କରି କେତେ ଜଣଙ୍କ ଚରିତ କହିବା ପାଇଁ ଚୈତନ୍ୟ ଇଚ୍ଛା ପ୍ରକାଶ କରି କହିଲେ । ଏହାହିଁ ଦାଢ୍ୟତାଭକ୍ତି ରସାମୃତର ଭୂମିକା ।

କବି ଏହି ଭକ୍ତଚରିତରେ ବହୁ ଅଲୌକିକ ଘଟଣା ବର୍ଣ୍ଣନା କରିଛନ୍ତି, ତାଙ୍କର ମଧ୍ୟ ଆଶଙ୍କା ହୋଇଛି ଯେ ଲୋକେ ସାଧାରଣରେ ଏହାକୁ ବିଶ୍ୱାସ କରିବେ କି ନାହିଁ । ଏଥି ଯୋଗୁ କବି କହିଛନ୍ତି--

"ମୂର୍ଖ ଲୋକଙ୍କୁ ଏହା ମିଛ । ସାଧୁଙ୍କୁ ଅଟଇ ପ୍ରତ୍ୟକ୍ଷ ।"

(ବିଶ୍ୱମ୍ଭର ଦାସ ଚରିତ)

ଓଡ଼ିଶାର କେତେକ ଭକ୍ତଚରିତ ଏଥିରେ ସ୍ଥାନପାଇଛି—

(୧) ବିଶ୍ୱମ୍ଭର ଦାସ—ଭଡ଼ଖଣ୍ଡି, ମଚ୍ଛଦେଶ, ଢେଙ୍କାନାଳ, ଜାତିରେ ବଣିଆ କରଣ, ଭାର୍ଯ୍ୟା ନାମ ରେବତୀ, ପୁତ୍ରନାମ ରଘୁନାଥ ।

(୨) ରଘୁ ଅରକ୍ଷିତ—ବଙ୍ଗଦେଶ, ହରିପୁର, ରାଜା କୃଷ୍ଣ ମହାପାତ୍ରଙ୍କ ପୁତ୍ର ରଘୁନାଥ, ମାତା—କମଳା । ଶ୍ରୀକ୍ଷେତ୍ର ପୁରୁଷୋତ୍ତମ ସହିତ ସମ୍ପର୍କ ।

(୩) ରଘୁ ବେହେରା—ପୁରୀ ନିକଟସ୍ଥ ପିପିଲି ଗ୍ରାମ । ଶ୍ରୀକ୍ଷେତ୍ର ପୁରୁଷୋତ୍ତମ ସମ୍ପର୍କ ।

(୪) ଗଙ୍ଗାଧର—ବଣିଆ, ଗୋବିନ୍ଦପୁର, ପୁରୀ, ପ୍ରତାପରୁଦ୍ରଙ୍କ ରାଜତ୍ୱର ଘଟଣା ।

(୫) ବଳ୍ଚ ମହାନ୍ତି—ଯାଜପୁର, କଟକ ଜିଲ୍ଲା, କରଣ, ପ୍ରତାପରୁଦ୍ରଙ୍କ ସମସ୍ତ, ରାଜା ଘଟଣାରେ ସଂପୃକ୍ତ ।

(୬) ବଳରାମ ଦାସ—ପିତା – ମହନ୍ତ ସୋମନାଥ, ପୁରୁଷୋତ୍ତମରେ ଘର, ପ୍ରତାପରୁଦ୍ର ଏଥିରେ ସଂପୃକ୍ତ ।

(୭) ଜଗନ୍ନାଥ ଦାସ—ପୁରୁଷୋତ୍ତମ କ୍ଷେତ୍ରବାସ, ବ୍ରାହ୍ମଣ, ପ୍ରତାପରୁଦ୍ର ରାଜା ସଂପୃକ୍ତ ।

(୮) ମଣିଦାସ– ପୁରୁଷୋତ୍ତମରେ ଘର, ମାଳାକାର, ମହାରାଜା ସଂପୃକ୍ତ ।

(୯) କୃଷ୍ଣଦାସ – ପୁରୁଷୋତ୍ତମରେ ବାସ, କରଣ, ରାଜା ଦିବ୍ୟସିଂହ ଦେବ ସଂପୃକ୍ତ ।

(୧୦) ଢଲିଛ ମହାପାତ୍ର – ପୁରୁଷୋତ୍ତମରେ ଘର, ବିପ୍ର, ପ୍ରତାପରୁଦ୍ର ସଂପୃକ୍ତ ।

ଏପରି ବହୁ ଭକ୍ତଙ୍କ ପୁରୁଷୋତ୍ତମ କ୍ଷେତ୍ର ଓ ଜଗନ୍ନାଥଙ୍କ ମାହାତ୍ମ୍ୟ ସହିତ ସମ୍ପର୍କ ଥିବା କବି ବର୍ଣ୍ଣନା କରିଛନ୍ତି ।

ନୀଳାମ୍ବର ଦାଶ

ଓଡ଼ିଶାରେ ପୁରାଣ ଲେଖକମାନଙ୍କ ଭିତରେ ନୀଳାମ୍ବର ଦାଶ ଏକାଧିକ ପୁରାଣ ଲେଖି ସମ୍ମାନର ସ୍ଥାନ ଅଧିକାର କରିଛନ୍ତି । ସେ ପଦ୍ମପୁରାଣ, ଜୈମିନି ଭାରତ, ଦେଉଳତୋଳା ପ୍ରଭୃତି ଲେଖିଥିବାର ଜଣାଯାଏ । ସଂସ୍କୃତ ପଦ୍ମପୁରାଣର କ୍ରିୟାଯୋଗସାର ଖଣ୍ଡର ବିଷୟ ସଂକ୍ଷେପରେ ଓଡ଼ିଆ ଭାଷାରେ ପଦ୍ୟରେ ପୁରାଣ ଆକାରରେ ଲେଖିଛନ୍ତି । 'ଜୈମିନି ଭାରତ' ମହାଭାରତର କଥାସାର କହିଲେ ଚଳେ । ଦେଉଳତୋଳାରେ ପୁରୀ କ୍ଷେତ୍ରରେ ପ୍ରାଚୀନ

କାବ୍ୟରେ ଇନ୍ଦ୍ରଦ୍ୟୁମ୍ନ ମହାରାଜାଙ୍କ ଶ୍ରୀକ୍ଷେତ୍ରରେ ଜଗନ୍ନାଥାଦି ମୂର୍ତ୍ତି ଚତୁଷ୍ଟୟ ପ୍ରତିଷ୍ଠା ଓ ଦେବାଳୟ ପ୍ରଭୃତି ନିର୍ମାଣ ପ୍ରସଙ୍ଗ ପଦ୍ୟରେ ସଂକ୍ଷେପରେ ବର୍ଣ୍ଣିତ ହୋଇଛି ।

କବି ସ୍ୱଗ୍ରନ୍ଥମାନଙ୍କର ନିଜ ସମ୍ବନ୍ଧରେ କିଛି ଲେଖିନାହାନ୍ତି । ଭଣିତା ସ୍ଥଳମାନଙ୍କରେ ନିଜକୁ 'ବିପ୍ର ନୀଳାମ୍ବର ଦାଶ' ବୋଲି ପରିଚୟ ଦେଇଛନ୍ତି । କବିଙ୍କ ସମୟ ଜଣାପଡ଼ୁନାହିଁ ।

ବିଷୟ ଉପରେ ସଂକ୍ଷିପ୍ତ ବିବରଣ ଦେବା ଲକ୍ଷ୍ୟ ଥିବାରୁ କବି ବର୍ଣ୍ଣନା-ବାହୁଲ୍ୟ, ଜ୍ଞାନ-ତତ୍ତ୍ୱ, ଉପଦେଶ, ପ୍ରଭୃତି ଉପରେ ଧ୍ୟାନ ଦେଇନାହାନ୍ତି ।

କବିଙ୍କ ଭାଷା ସୁବୋଧ ଓ ମାର୍ଜିତ ।

Printed by Jayaram Mahapatro, B. Com.,
Grantha Prakasini, Cuttack-1, 1966.